# Step-by-step guide for users to access e-resources linked to QR Codes

The coded box placed on the top corner of every chapter is called Quick Response (QR) Code. It will help you access e-resources, such as audios, videos, multimedia, texts, etc., related to the themes given in the chapter. The first QR code is to access the complete e-textbook. The subsequent QR codes will help you access the relevant e-resources linked to each chapter. This will help you enhance your learning in a joyful manner.

Follow the steps given below and access he e- resources through you smart phone or tablet.




## For accessing the e-resources on a computer or laptop follow the steps stated below.

1. Open the web browser Firefox ( ), Chrome ( ) etc.

2. Go to the ePathshala website (http://ePathshala.nic.in)

3. Click on the menu 'access e- resources'

4. Type the alphanumeric code given under the QR code ( )

5. Search for the e-resources from the links that have appeared.

# ନିଷ୍ଠା

## ବିଦ୍ୟାଳୟ ମୁଖ୍ୟ ଓ ଶିକ୍ଷକମାନଙ୍କ ସାମଗ୍ରିକ ବିକାଶ ନିମିତ୍ତ ଜାତୀୟ ପ୍ରଚେଷ୍ଟା

## ପ୍ରଶିକ୍ଷଣ ପେଟିକା

UN55

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ

**First Edition**
August 2019 Shravana 1941

**PD 10T SU**

**(c) National Council of Educational Research and Training, 2019**

**Printed on 80 GSM Paper**

***Published at the Publication Division by the Secretary, National council of Educational Research and training, Sri Aurobindo Marg, New Delhi 110 016 and printed at SPA Printers (P) Ltd., B 17/3, Okhla Industrial Area, Phase-II, New Delhi - 110020***

**ISBN 978-93-5292-158-4**

**ALL RIGHTS RESERVED**

- ***No part of this publication may be reproduced, stored in a retrieval system or transmitted, in any form or by any means, electronic, mechanical, photocopying, recording or otherwise without the prior permission of the publisher.***
- ***This book is sold subject to the condition that it shall not, by way of trade, be lent, re-sold, hired out or otherwise disposed of without the publisher's consent, in any form of binding or cover other than that in which it is published.***
- ***The correct price of this publication is the price printed on this page, any revised price indicated by a rubber stamp or by a sticker or by any other means is incorrect and should by unacceptable.***

**OFFICES OF THE PUBLICATION DIVISION, NCERT**

NCERT Campus
Sri Aurobindo Mart
**New Delhi 110016** **Phone : 011–265627708**

108, 100 Feet road
**Hosdakere Halli Extension**
Banashankari III Stage
**Bangaluru 560 085** **Phone : 080 – 26725740**

CWF Campus
OPP dhankal Bus Stop
Panihati
**Kolkata 700 114** **Phone : 033 – 25530454**

CWC Complex
Maligaon
**Guwahati 781 021** **Phone : 0361 – 2674869**

**Publication Team**

| | |
|---|---|
| Head, Publication Division | : M. Siraj Anwar |
| Chief Editor | : Shveta Uppal |
| Chief Production Officer | : Arun Chitkara |
| Chief Business Manager | : Bibash Kumar Das |
| Assistant Production Officer | : Atul Saxena |

**Cover and Layout**
**DTP Cell, PD**

# ମୁଖବନ୍ଧ

ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା, ସେମାନଙ୍କ ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ ଲକ୍ଷ୍ୟ ରଖିଥାଏ । ପିଲାମାନଙ୍କୁ ନିଜର ତଥା ଅନ୍ୟମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଏହା ସମ୍ବେଦନଶୀଳ କରାଏ ଏବଂ ଏକ ନମନୀୟ ଓ ସୃଜନଶୀଳ ଉପାୟରେ ନୂଆ ପରିସ୍ଥିତିରେ ପ୍ରତିକ୍ରିୟା ପ୍ରକାଶ କରିବାର ସାମର୍ଥ୍ୟ ସେମାନଙ୍କ ଭିତରେ ବିକଶିତ କରେ । ଏହି ଲକ୍ଷ୍ୟ ସବୁ ହାସଲ କରିବାରେ ଶିକ୍ଷକମାନେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାନ୍ତି । ଏହି ଦିଗରେ, ଶିକ୍ଷକମାନଙ୍କୁ ପରିଚିତ କରିବା ତଥା ସେମାନଙ୍କ ମଧ୍ୟରେ ଦକ୍ଷତାର ଅଭିବୃଦ୍ଧି କରିବା ଉପରେ ପ୍ରାକ୍-ସେବାକାଳୀନ ଶିକ୍ଷକ-ଶିକ୍ଷା କାର୍ଯ୍ୟକ୍ରମ ଗୁରୁତ୍ୱ ଆରୋପ କରିଥାଏ । ତେବେ, ପ୍ରାକ୍-ସେବାକାଳୀନ ଶିକ୍ଷକ-ଶିକ୍ଷା କାର୍ଯ୍ୟକ୍ରମରେ ଯାହା ପଢ଼ାଯାଏ ଏବଂ ବିଦ୍ୟାଳୟରେ ଯାହା କାର୍ଯ୍ୟକାରୀ ହୁଏ ତାହା ମଧ୍ୟରେ ଥିବା ବ୍ୟବଧାନକୁ ଜଣେ ପର୍ଯ୍ୟବେକ୍ଷଣ କରିପାରିବ । ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା କରାଯାଇଥିବା ଶ୍ରେଣୀ ଗୃହ କାର୍ଯ୍ୟଧାରା ସଂପର୍କିତ ଅଧ୍ୟୟନଗୁଡ଼ିକରୁ ଏହା ସୂଚୀତ ହୁଏ ଯେ ଅଧିକାଂଶ ବିଦ୍ୟାଳୟମାନଙ୍କରେ ଏବେ ବି ପାଠ୍ୟପୁସ୍ତକ ପ୍ରଧାନ ଶିକ୍ଷାଦାନ-ଶିକ୍ଷଣ ସଂସ୍କୃତି ପ୍ରଚଳିତ ଅଛି । ଶିକ୍ଷାର୍ଥୀ କେନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଦକ୍ଷତା ଆଧାରିତ ଶିକ୍ଷାଦାନ-ଶିକ୍ଷଣ ତଥା ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଇତ୍ୟାଦିକୁ ବୁଝିବା ଓ କାର୍ଯ୍ୟକାରୀ କରିବାରେ ଶିକ୍ଷକମାନେ ସହାୟତା ଆବଶ୍ୟକ କରିଥାନ୍ତି । ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀଗୁଡ଼ିକ ପାଇଁ ୨୦୧୭ ମସିହାରେ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା କରାଯାଇଥିବା ଜାତୀୟ ଉପଲବ୍ଧି ସର୍ବେକ୍ଷଣରୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ହ୍ରାସମାନ ଉପଲବ୍ଧି ସ୍ତର ସ୍ପଷ୍ଟ ରୂପେ ଏହା ସୂଚୀତ କରେ ଯାହା, ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଦକ୍ଷତାଗୁଡ଼ିକର ଚିତ୍ରଣ ଉପରେ ଗୁରୁତ୍ୱ ଦେଇଥାଏ ।

ଶିକ୍ଷକମାନଙ୍କର ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଦିଗ ରୂପେ ଦେଖାଯାଇଥାଏ । ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ବିଷୟ ଓ ଶୈକ୍ଷିକ ଶାସ୍ତ୍ର ଉପରେ ଶିକ୍ଷକମାନଙ୍କୁ ଅଧୁନାତନ କରିବା ସହିତ ନୂଆ ଅଗ୍ରାଧିକାରିତା ଓ ପ୍ରଚେଷ୍ଟାଗୁଡ଼ିକ ବିଷୟରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅନେକ ସମୟରେ ଆଶା କରାଯାଏ । କିନ୍ତୁ ବର୍ତ୍ତମାନର ସେବାକାଳୀନ ଶିକ୍ଷକ-ଶିକ୍ଷା ଅନେକାଂଶରେ ଗୋଟିଏ ଘଟଣା ଆଧାରିତ ଯାହା, କେବଳ ବିଷୟ ପ୍ରଶିକ୍ଷଣ ଉପରେ ମୁଖ୍ୟତଃ ଗୁରୁତ୍ୱ ଆରୋପ କରେ । ସର୍ବୋପରି, ଅନେକ ସ୍ତର ଆଧାରିତ ପ୍ରଚଳିତ ପର୍ଯ୍ୟାୟକ୍ରମିକ ପ୍ରଶିକ୍ଷଣ ନମୁନା ଶିକ୍ଷକମାନଙ୍କ ପାଖରେ ପହଞ୍ଚିବା ବେଳକୁ ଉଚ୍ଚତର ଆନୁପାତିକ ସୂଚନା କ୍ଷୟରେ ପରିଣତ ହୋଇଥାଏ । ଫଳତଃ, ବିଦ୍ୟାଳୟ କାର୍ଯ୍ୟ ସଂପାଦନରେ ଅଭିବୃଦ୍ଧି ଆଣିବା ନିମିତ୍ତ ପ୍ରଚେଷ୍ଟା ନେବାରେ ଶିକ୍ଷକମାନେ ସମର୍ଥ ହୋଇନଥାନ୍ତି । ପୁନଶ୍ଚ ଏହା ସୂଚୀତ କରାଯାଇପାରେ ଯେ ବିଦ୍ୟାଳୟ ସମ୍ବନ୍ଧିତ ପ୍ରଚେଷ୍ଟାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକଙ୍କ ଭଳି ଅନ୍ୟକର୍ମକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ସହାୟତା ଦେଇଥାନ୍ତି । ଏହି କଥାକୁ ଉପେକ୍ଷା କରି ସେମାନଙ୍କ ତୁଳନାରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଅନେକ ସମୟରେ ଏହା ବିଦ୍ୟାଳୟ କର୍ମକର୍ତ୍ତାଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରେ ।

ତେଣୁ, ରାଜ୍ୟସ୍ତରୀୟ ଶିକ୍ଷା ଅଧିକାରୀଙ୍କ ସହଭାଗିତାରେ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣଶାସ୍ତ୍ର, ଶିକ୍ଷଣ ଫଳାଫଳ, ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଏବଂ ବିଷୟ ନିର୍ଦ୍ଦିଷ୍ଟ ଶୈକ୍ଷିକ ଶାସ୍ତ୍ରଗୁଡ଼ିକ ଭଳି ବିଦ୍ୟାଳୟ ଶିକ୍ଷାରେ ସାଂପ୍ରତିକ କେତେକ ବିଷୟ ଉପରେ ପ୍ରତ୍ୟେକ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କର ସାମର୍ଥ୍ୟ ବିକାଶ କରିବାର ଆବଶ୍ୟକତା ଅନୁଭୂତ ହୋଇଥିଲା। ଏହି ପ୍ରଦର୍ଶିକାଟି ସଫଳ ଭାବେ ତ୍ରିପୁରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲା ଏବଂ ସମଗ୍ର ଦେଶରେ ଏହାର କାର୍ଯ୍ୟକାରିତା ପାଇଁ ବହୁଳ ବ୍ୟବସ୍ଥା କରିବାର ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିଲା। ମାନବସମ୍ବଳ ବିକାଶ ମନ୍ତ୍ରଣାଳୟରେ ସମଗ୍ର ଶିକ୍ଷାର ପ୍ରକଳ୍ପ ପରାମର୍ଶଦାତା ପରିଷଦ ୨୦୧୯-୨୦ ମସିହା ପାଇଁ ଏହି ପ୍ରସ୍ତାବକୁ ଅନୁମୋଦନ କଲା। ସମଗ୍ର ଦେଶରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କ ମାନବସମ୍ବଳ ମନ୍ତ୍ରଣାଳୟ ଏହି ବର୍ଦ୍ଧିତ ପ୍ରସ୍ତାବକୁ ଗ୍ରହଣ କଲା। ଏନ.ସି.ଇ.ଆର.ଟି. ଏବଂ ଏନ.ଆଇ.ଇ.ପି.ଏ ମାଧ୍ୟମରେ ପ୍ରାରମ୍ଭିକ ସ୍ତରରେ ୪୨ ଲକ୍ଷ ଶିକ୍ଷକ ଏବଂ ବିଦ୍ୟାଳୟ ମୁଖ୍ୟଙ୍କ ପ୍ରଶିକ୍ଷଣ NISHATHA (ବିଦ୍ୟାଳୟ ମୁଖ୍ୟ ଓ ଶିକ୍ଷକମାନଙ୍କ ସାମଗ୍ରିକ ବିକାଶ ନିମିତ୍ତ ଜାତୀୟ ପ୍ରଚେଷ୍ଟା) ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ପ୍ରଶଂସନୀୟ ଉଦ୍ୟମ। ବିଷୟ ଓ ଶୈକ୍ଷିକଶାସ୍ତ୍ରଗୁଡ଼ିକର ସମନ୍ୱୟ, ସାମାଜିକ ପ୍ରସଙ୍ଗ, ନେତୃତ୍ୱ ଗୁଣାବଳୀ ଭଳି ଅଦ୍ୱିତୀୟ ବୈଶିଷ୍ଟ୍ୟମାନ ଏହି ପ୍ରଦର୍ଶିକାର ରହିଛି। ଶିକ୍ଷକ, ବିଦ୍ୟାଳୟ ମୁଖ୍ୟ, ଶୈକ୍ଷିକ କର୍ମକର୍ତ୍ତାଙ୍କ ଭଳି ନିର୍ଦ୍ଧାରିତ ଦଳ, ଯେଉଁମାନେ କି ଅନଲାଇନ୍ ପୋର୍ଟାଲ ସହିତ ପରବର୍ତ୍ତୀ ସ୍ତରରେ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ମାଧ୍ୟମରେ ଏବଂ ଏନ.ସି.ଇ.ଆର.ଟି., ଏନ.ଆଇ.ଇ.ପିଏ, କେ.ଭି.ଏସ୍, ଏନ.ଭି.ଏସ. ସି.ବି.ଏସ.ଇ. ଇତ୍ୟାଦି ମଧ୍ୟରେ ସହଭାଗିତା ଦ୍ୱାରା ସେହିଭଳି ପ୍ରଶିକ୍ଷଣ ପରବର୍ତ୍ତୀ କାର୍ଯ୍ୟକ୍ରମ ଏବଂ ସହାୟତା ବିନିମୟ କରିବେ।

ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଅନ୍ତର୍ନିବେଶୀ ଶିକ୍ଷା, ବ୍ୟକ୍ତିଗତ ସାମାଜିକ ଗୁଣାବଳୀ, ନିରାପଦ ଓ ସୁରକ୍ଷିତ ବିଦ୍ୟାଳୟ ପରିବେଶ, ସ୍ୱାସ୍ଥ୍ୟ ଓ ସୁସ୍ଥତା। କଳା ସମନ୍ୱିତ ଶିକ୍ଷା, ଶିକ୍ଷାଦାନ - ଶିକ୍ଷଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ, ଉଚ୍ଚତର ଚିନ୍ତନ ଦକ୍ଷତା, ବହୁଭାଷୀୟତା, ଭାଷା, ଗଣିତ, ବିଜ୍ଞାନ, ପରିବେଶ ଅଧ୍ୟୟନ ଏବଂ ସାମାଜିକ ବିଜ୍ଞାନ ବିଷୟର ଶୈକ୍ଷିକ ଶାସ୍ତ୍ର ଭଳି ୧୨ଟି ପ୍ରଦର୍ଶିକା ଆଧାରିତ ଏକ ପେଟିକା ଏନ.ସି.ଇ.ଆର.ଟି ପ୍ରସ୍ତୁତ କରିଛି। ଏନ.ସି.ଇ.ଆର.ଟି.ର ସହଯୋଗୀ ଅନୁଷ୍ଠାନ-ଜାତୀୟ ଶିକ୍ଷା ପ୍ରତିଷ୍ଠାନ, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ପଣ୍ଡିତ ସୁନ୍ଦରଲାଲ ଶର୍ମା କେନ୍ଦ୍ରୀୟ ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନ, କେନ୍ଦ୍ରିୟ ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନରେ କାର୍ଯ୍ୟରତ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ପ୍ରସଙ୍ଗ ଓ ବିଷୟବସ୍ତୁ ମଧ୍ୟର ସଂପର୍କ ଆଧାରରେ ଏକ ସଂପୂର୍ଣ୍ଣ ପ୍ରଶିକ୍ଷଣ ପେଟିକାରେ ସଂକଳିତ ହୋଇଛି। ଏହି ପେଟିକାର ଏପରି ପରିକଳ୍ପନା କରାଯାଇଛି ଯାହା ସାଧନକର୍ମୀ ତଥା ଶିକ୍ଷକମାନଙ୍କ ଦ୍ୱାରା ଫଳପ୍ରଦ ଭାବେ ବ୍ୟବହାର ହୋଇପାରିବ। ପ୍ରଦର୍ଶିକାରେ କେବଳ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇନାହିଁ ବରଂ ସ୍ୱଶିକ୍ଷଣ ପ୍ରସଙ୍ଗ ତଥା କାର୍ଯ୍ୟଗୁଡ଼ିକୁ ସଂଶ୍ଳିଷ୍ଟ କରି ଏକବିଂଶ ଶତାବ୍ଦୀ ଦକ୍ଷତା ସମୂହର ବିକାଶ ପାଇଁ ଶୈକ୍ଷିକଶାସ୍ତ୍ର ଉପରେ ଗୁରୁତ୍ୱ ଦିଆଯାଇଛି ଯାହା, ଉଭୟ ସାଧନକର୍ମୀ ଏବଂ ଶିକ୍ଷକମାନଙ୍କୁ ସେମାନଙ୍କ ଅଧିବେଶନ ଓ ଶ୍ରେଣୀ ପରିଚାଳନା ନିମିତ୍ତ ଯୋଜନା କରିବାରେ ମାର୍ଗଦର୍ଶନ କରିବ।

ମୁଁ ଆଶା କରେ ଏହି ପ୍ରଶିକ୍ଷଣ ପେଟିକା ଶିକ୍ଷକ ଓ ବିଦ୍ୟାଳୟ ମୁଖ୍ୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଜ୍ଞାନର ଅଭିବୃଦ୍ଧି କରିବା ଏବଂ ଦକ୍ଷତାର ବିକାଶ କରିବାରେ ସହାୟକ ହେବ। ଏହାର ଅଭିବୃଦ୍ଧି ନିମିତ୍ତ କୌଣସି ମନ୍ତବ୍ୟ ବା ପରାମର୍ଶ ଥିଲେ **director.ncert@nic.in** କୁ ପଠାଇ ପାରିବେ।

ନୂଆଦିଲ୍ଲୀ — ହୃଷୀକେଶ ସେନାପତି, ନିର୍ଦ୍ଦେଶକ
ଅଗଷ୍ଟ, ୨୦୧୯ — ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ

# ପ୍ରଶିକ୍ଷଣ ପେଟିକାକୁ କିପରି ବ୍ୟବହାର କରିବେ

ଏହି ପ୍ରଶିକ୍ଷଣ ପେଟିକା ଉଭୟ ମୁଖ୍ୟ ସାଧନକର୍ମୀ ଏବଂ ଶିକ୍ଷକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏସ୍.ସି.ଇ.ଆର.ଟି, ଡି.ଆଇ.ଇ.ଟି, ଆଇ.ଏ.ଏସ୍.ଇ, ସି.ଟି.ଇ., ବି.ଆର.ସି., ସି.ଆର.ସି. ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରୁ ଆସିଥିବା ବ୍ୟକ୍ତିମାନଙ୍କୁ ଏହା ଅନ୍ତର୍ଭୁକ୍ତ କରିଥାଏ। NISHATHA କାର୍ଯ୍ୟକ୍ରମରେ ଥିବା ମୁଖ୍ୟ ସାଧନକର୍ମୀମାନେ ପ୍ରତ୍ୟକ୍ଷ ଭାବରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରୁଥିବାରୁ, ସେମାନେ ଏଥିରେ ଅତିଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି।

ଏହି ପେଟିକାର ଉଦ୍ଦେଶ୍ୟଗୁଡ଼ିକ ହେଲା -

- ମୁଖ୍ୟ ସାଧନକର୍ମୀ / ଶିକ୍ଷକମାନଙ୍କୁ ଉତ୍ତମ ବୁଝାମଣା ଏବଂ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଫଳାଫଳର ଅଭିବୃଦ୍ଧି ପାଇଁ ନୂତନ ଶୈକ୍ଷିକ ଦୃଷ୍ଟିଭଙ୍ଗୀ ଉପରେ ସମର୍ଥ କରିବା।
- ବିଦ୍ୟାଳୟମାନଙ୍କରେ ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣକୁ କାର୍ଯ୍ୟକାରୀ କରିବାରେ ଶିକ୍ଷକମାନଙ୍କୁ ସମର୍ଥ କରିବା।
- ମୁଖ୍ୟ ବିଷୟ କ୍ଷେତ୍ରଗୁଡ଼ିକରେ ପ୍ରତ୍ୟେକ ଶ୍ରେଣୀ ପାଇଁ ନିର୍ଦ୍ଧାରିତ ଶିକ୍ଷଣ ଫଳାଫଳଗୁଡ଼ିକୁ ହାସଲ କରିବା ଉପରେ ଶିକ୍ଷକମାନଙ୍କ ସାମର୍ଥ୍ୟ ବିକାଶ କରିବା।
- ବିଦ୍ୟାଳୟ ସ୍ତରରେ ସହାୟତା ସହିତ ଶିକ୍ଷଣ ଫଳାଫଳ, ଜାତୀୟ ଉପଲବ୍ଧି ସର୍ବେକ୍ଷଣକୁ କାର୍ଯ୍ୟକାରୀ କରିବାରେ ଅଧକ୍ଷ ଏବଂ ରାଜ୍ୟ ପଦାଧିକାରୀଙ୍କୁ ସମର୍ଥ କରିବା।

ଏହି ପ୍ରଶିକ୍ଷଣ ପେଟିକା ଦୁଇଟି ଭାଗରେ ଉପସ୍ଥାପିତ ହୋଇଛି। ପ୍ରଥମ ଭାଗ ମୌଳିକ ପ୍ରକୃତିର ଏବଂ ଏଥିରେ ୭ଟି ପ୍ରଦର୍ଶିକା ଅନ୍ତର୍ଭୁକ୍ତ ହୋଇଛି। ୨ୟ ଭାଗଟି ବିଷୟ ନିର୍ଦ୍ଦିଷ୍ଟ ଶୈକ୍ଷିକଶାସ୍ତ୍ର ସଂପର୍କିତ ଅଟେ ଏବଂ ୫ଟି ବିଷୟ ଆଧାରିତ ପ୍ରଦର୍ଶିକାକୁ ଏହା ଅନ୍ତର୍ଭୁକ୍ତ କରିଥାଏ। ପାଠ୍ୟକ୍ରମ ଓ ଶିକ୍ଷଣ ଫଳାଫଳ, ଅନ୍ତର୍ନିବେଶୀ ଶିକ୍ଷା, ବ୍ୟକ୍ତିଗତ ସାମାଜିକ ଗୁଣାବଳୀ, କଳା-ସମନ୍ୱିତ ଶିକ୍ଷା, ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ, ସ୍ୱାସ୍ଥ୍ୟ ଓ ସୁସ୍ଥତା ଏବଂ ସମଗ୍ର ଶିକ୍ଷା ଅଧିନରେ ବିଦ୍ୟାଳୟ ଶିକ୍ଷାରେ ପ୍ରଚେଷ୍ଟା ସଂପର୍କିତ ପର୍ଯ୍ୟାପ୍ତ ବୁଝାମଣା ଓ ସଚେତନତା ସୃଷ୍ଟି କରିବା ନିମିତ୍ତ ମୌଳିକ ପ୍ରଦର୍ଶିକାଗୁଡ଼ିକୁ ପରିକଳ୍ପନା କରାଯାଇଛି। ଦ୍ୱିତୀୟ ଭାଗରେ ଥିବା ସମସ୍ତ ପ୍ରଦର୍ଶିକାରେ ପୁନଶ୍ଚ ଏହି ମୌଳିକ ବିଷୟଗୁଡ଼ିକର ଏକ ସମନ୍ୱୟ ପ୍ରତିଫଳିତ ହୋଇଛି ଯାହା, ପରିବେଶ ଅଧ୍ୟୟନ, ଗଣିତ, ଭାଷା, ସାମାଜିକ ବିଜ୍ଞାନ ଏବଂ ବିଜ୍ଞାନ ଭଳି ବିଷୟଗୁଡ଼ିକର ଶୈକ୍ଷିକ ଶାସ୍ତ୍ରକୁ ଅନ୍ତର୍ଭୁକ୍ତ କରିଥାଏ।

ରାଜ୍ୟ / କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ପ୍ରାସଙ୍ଗିକ ବିବିଧତାକୁ ଦୃଷ୍ଟିରେ ପ୍ରଦର୍ଶିକାର ପରିଚାଳନା ନିମିତ୍ତ କାର୍ଯ୍ୟଯୋଜନା ପ୍ରତି ପ୍ରଦର୍ଶିକା ସହିତ ଦିଆଯାଇ ନାହିଁ। ଏଗୁଡ଼ିକ ପରାମର୍ଶ ଯୋଗ୍ୟ ଅଟେ। ତେବେ, ଏହା ଉତ୍ସାହିତ କରାଯାଏ ଯେ ପ୍ରତ୍ୟେକ ମୁଖ୍ୟ ସାଧନକର୍ମୀ ପ୍ରତ୍ୟେକ ପ୍ରଦର୍ଶିକା ଭିତରକୁ ପ୍ରବେଶ କରନ୍ତୁ ଏବଂ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳର ପ୍ରାସଙ୍ଗିକତାକୁ ଖାପଖୁଆଇଲା ଭଳି ବିବିଧ କାର୍ଯ୍ୟସବୁର ପରିଚାଳନା ନିମିତ୍ତ ନିଜସ୍ୱ ଯୋଜନା ପ୍ରସ୍ତୁତ କରନ୍ତୁ।

ରାଜ୍ୟ / କେନ୍ଦ୍ରଶାସିତ ଅଂଚଳ ସ୍ତରରେ ଏନ.ସି.ଇ.ଆର.ଟି ଦ୍ୱାରା ଗଠିତ ଜାତୀୟ ସମ୍ବଳ ଗୋଷ୍ଠୀ ମାଧ୍ୟମରେ ମୁଖ୍ୟ ସାଧନ କର୍ମୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳର ବ୍ଲକ ସ୍ତରରେ ଏହି ମୁଖ୍ୟ ସାଧନକର୍ମୀମାନେ ପ୍ରଶିକ୍ଷଣ କାର୍ଯ୍ୟ ପରିଚାଳନା କରିବା ଆଶା କରାଯାଏ। ରାଜ୍ୟ ସ୍ତରରେ ମୁଖ୍ୟ ସାଧନକର୍ମୀଙ୍କ ପ୍ରଶିକ୍ଷଣ ପାଇଁ ଆବଶ୍ୟକୀୟ ଦକ୍ଷତା ଓ ସମସ୍ୟା ସଂପର୍କରେ ଏକ ବୁଝାମଣାର ବିକାଶ ନିମିତ୍ତ ମୌଳିକ ପ୍ରଦର୍ଶିକାର ଅଧିବେଶନଗୁଡ଼ିକ ପୃଥକଭାବେ ପରିଚାଳିତ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବିଷୟ

କ୍ଷେତ୍ର ସାରା ଏହି ପ୍ରସଙ୍ଗଗୁଡ଼ିକୁ ସମନ୍ୱୟ କରି ପରିଚାଳନା କରାଯିବ। ତେବେ, ବ୍ଲକ ସ୍ତରରେ ମୁଖ୍ୟ ସାଧନକର୍ମୀମାନେ ବିଷୟଭିତ୍ତିକ ଅଧିବେଶନରେ ମୌଳିକ ପ୍ରସଙ୍ଗଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇ ଶୈକ୍ଷିକ ପ୍ରଦର୍ଶିକା ଉପରେ ଅଧିକ ଗୁରୁତ୍ୱ ଦେବେ। ବିଭିନ୍ନ କାର୍ଯ୍ୟଗୁଡ଼ିକ ପାଇଁ ଶିକ୍ଷକମାନଙ୍କୁ ଅଧିକ ସୁଯୋଗ ଦେବା ଲକ୍ଷ୍ୟରେ ବ୍ଲକ ସ୍ତରରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ଏବଂ ବ୍ୟକ୍ତିଗତ ସାମାଜିକ ଗୁଣାବଳୀ ଉପରେ ଅଧିବେଶନଗୁଡ଼ିକୁ ପୃଥକ ଭାବେ ପରିଚାଳନା କରାଯାଇପାରେ।

ସ୍ପଷ୍ଟତା ନିମିତ୍ତ ଏହା ସୂଚୀତ କରାଯାଇପାରେ ଯେ ଶିକ୍ଷକମାନଙ୍କ ସହ ବିଜ୍ଞାନ ସମ୍ବନ୍ଧିତ କାର୍ଯ୍ୟ ପରିଚାଳନା କରିବା ସମୟରେ ମୁଖ୍ୟ ସାଧନକର୍ମୀ ଦଳଗତ କାର୍ଯ୍ୟ, କାର୍ଯ୍ୟପରିଚାଳିତ ହେଉଥିବା ସ୍ଥାନର ପରିଚ୍ଛନତା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ ସହାୟତା, ସ୍ୱାସ୍ଥ୍ୟ ବିଷୟ ଆଦି ପ୍ରତିଗୁରୁତ୍ୱ ଉପସ୍ଥାପିତ କରିପାରନ୍ତି। ସେହିପରି ଗଣିତ, ସାମାଜିକ ବିଜ୍ଞାନ ଭଳି ବିଷୟମାନଙ୍କ ସହିତ କେତେକ କାର୍ଯ୍ୟରେ ସେମାନେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ କରିପାରନ୍ତି ଏବଂ ଉଚ୍ଚତର ଚିନ୍ତନ ଆଧାରିତ ପ୍ରଶ୍ନମାନ ମଧ୍ୟ ପଚାରି ପାରନ୍ତି। ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈଳୀରେ କାର୍ଯ୍ୟଗୁଡ଼ିକର ଯୋଜନା ଓ ପରିଚାଳନା କରିବା ଏବଂ ଏକ ସମୟରେ ଶିକ୍ଷାର୍ଥୀମାନଙ୍କ ସହ ସ୍ୱାସ୍ଥ୍ୟ ଓ ସୁସ୍ଥତା, ଅନ୍ତର୍ନିବେଶୀ ବିଷୟକୁ ସାମନା କରିବାରେ ଏହା ଶିକ୍ଷକଙ୍କୁ ସାହାଯ୍ୟ କରିବ। ପ୍ରଦର୍ଶିକାରେ ଦିଆଯାଇଥିବା ବହୁବିଧ ସହାୟକ ଉପାଦାନଗୁଡ଼ିକୁ ମୁଖ୍ୟସାଧନ କର୍ମୀ ଶିକ୍ଷକମାନଙ୍କ ସହ ବିନିମୟ କରିବା ଏବଂ ଧାରାବାହିକ ଶିକ୍ଷଣ ନିମିତ୍ତ ଏହି ସହାୟକ ଉପାଦାନ ଗୁଡ଼ିକ ବିଦ୍ୟାଳୟ କେଉଁସ୍ଥାନରୁ ସଂଗ୍ରହ କରିବ ବା ୱେବସାଇଟ୍‌ରେ ଚିହ୍ନଟ କରିବ ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିବା ଆଶା କରାଯାଏ।

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ବ୍ୟକ୍ତିଗତ ସାମାଜିକ ଗୁଣାବଳୀ ଏବଂ ଶିକ୍ଷଣ ଫଳାଫଳରେ ସ୍ପଷ୍ଟ ଅଭିବୃଦ୍ଧି ପାଇଁ ଶ୍ରେଣୀଗୃହ ପ୍ରକ୍ରିୟାରେ ବିକାଶ ନିମିତ୍ତ ସେମାନଙ୍କ ନିଜସ୍ୱ ପ୍ରାସଙ୍ଗିକ ଯୋଜନା କରିବା, ସଂପର୍କିତ ବିଷୟ କ୍ଷେତ୍ରଗୁଡ଼ିକରେ ସେମାନଙ୍କ ଜ୍ଞାନ ଓ ଦକ୍ଷତାର ଅଭିବୃଦ୍ଧି କରିବାରେ ସମସ୍ତ ଶିକ୍ଷକ ଏହି ପ୍ରଦର୍ଶିକାଗୁଡ଼ିକୁ ବ୍ୟବହାର କରିବା ଆଶା କରାଯାଏ।

ପ୍ରଶିକ୍ଷଣ ପେଟିକାରେ ପ୍ରତ୍ୟେକ ପ୍ରଦର୍ଶିକାର ନିମ୍ନୋକ୍ତ ଢ଼ାଞ୍ଚା ରହିଛି:

œ ଶିକ୍ଷଣ ଉଦ୍ଦେଶ୍ୟ

œ ବିଷୟ ପରିସର ସଂପର୍କିତ ସଂକ୍ଷିପ୍ତ ଉପକ୍ରମ

œ ବିଷୟ କ୍ଷେତ୍ରରେ ଶ୍ରେଣୀ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ - ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ

œ ଶିକ୍ଷଣଫଳାଗୁଡ଼ିକୁ ହାସଲ କରିବା ପାଇଁ ଶୈକ୍ଷିକ ଶାସ୍ତ୍ର ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା

œ ଗୋଟିଏ ପୂରା ଅଧ୍ୟାୟ ବା ଗୋଟିଏ ବିଷୟବସ୍ତୁର (ଏନ.ସି.ଇ.ଆର.ଟି. ପାଠ୍ୟପୁସ୍ତକରୁ) ଉଦାହରଣ - ନିମ୍ନୋକ୍ତ ଦିଗ ଉପରେ ଗୁରୁତ୍ୱ ଦେଇ ପରିଚାଳନା ପ୍ରଣାଳୀ

(କ) ଗୋଟିଏ ଅଧ୍ୟାୟ ବା ବିଷୟ ବସ୍ତୁର ପରିଚିତ - ବିଷୟବସ୍ତୁ ସହିତ ଶିକ୍ଷାର୍ଥୀର ଦୈନନ୍ଦିନ ଅଭିଜ୍ଞତାକୁ ସଂଯୋଜିତ କରିବା।

(ଖ) ଅଧ୍ୟାୟ ବା ବିଷୟବସ୍ତୁ ମାଧ୍ୟମରେ ଶିକ୍ଷଣ ଫଳାଫଳ ହାସଲ କରିବା (ଶିକ୍ଷଣ ଫଳାଫଳ ହାସଲ ପାଇଁ ଶୈକ୍ଷିକ ଶାସ୍ତ୍ର ଚୟନ)

(ଗ) ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ଅବଲମ୍ବନ କରି ଅନ୍ତର୍ନିହିତ କାର୍ଯ୍ୟଗୁଡ଼ିକୁ ପରିଚାଳନା କରିବା।

(ଘ) ଏକ ଅନ୍ତର୍ନିହିତ ମୂଲ୍ୟାୟନର ପରିପ୍ରେକ୍ଷଣ

(ଙ) ଉଦାହରଣ, ଯାହା ଉପଯୋଗୀ ହେଉଥିବା ସ୍ଥାନରେ ସାଧାରଣ ପ୍ରସଙ୍ଗ (ବିବିଧତା, ମୂଲ୍ୟବୋଧ ଇତ୍ୟାଦି) ଗୁଡ଼ିକର ସମନ୍ୱୟକୁ ପ୍ରଦର୍ଶିତ କରେ।

(ଚ) ଅନୁଶିଳନୀ - ବିଭିନ୍ନ ପ୍ରକାର ପ୍ରଶ୍ନଗୁଡ଼ିକୁ ଲେଖ - କେତେକ ମୁକ୍ତ ଓ ବିକ୍ଷିପ୍ତ ଉତ୍ତରମୂଳକ।

(ଛ) ଅଧିବେଶନ ବା ଶ୍ରେଣୀରେ କିପରି ବହୁଭାଷୀୟ ସମସ୍ୟାକୁ ସାମନା କରିବା ?

œ ମୁଖ୍ୟ ସାଧନକର୍ମୀ ଓ ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟ

œ ମାନନିର୍ଦ୍ଧାରଣ ପ୍ରଶ୍ନାବଳୀ

# ଭାଗ-୧ : ବିବିଧ ପ୍ରସଙ୍ଗ (ମୌଳିକ)

ଏଥିରେ ସାତୋଟି ପ୍ରଦର୍ଶିକା ସମ୍ମିଳିତ କରାଯାଇଛି । ଏହାର ସବିଶେଷ ବିବରଣୀ ନିମ୍ନରେ ଦିଆଯାଇଛି ।

## ପ୍ରଦର୍ଶିକା-୧ : ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଶିକ୍ଷଣ ଫଳାଫଳ ଏବଂ ଅନ୍ତର୍ନିବେଶୀ ଶିକ୍ଷା

ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଚିନ୍ତା କରିବା ଓ ଧ୍ୟାନ ଦେବା ପାଇଁ ଶିକ୍ଷକମାନଙ୍କୁ ଅଭିପ୍ରେରିତ ଓ ସଶକ୍ତ କରିବା ଦିଗରେ ଗୁରୁତ୍ୱ ଦେଇ ଏହି ପ୍ରଦର୍ଶିକା ବିଷୟବସ୍ତୁ ଏବଂ ପ୍ରସଙ୍ଗକୁ ପରିଚାଳନା କରେ ।

- ପିଲାମାନେ କିପରି ଶିଖନ୍ତି ଏବଂ ସେମାନଙ୍କ ପ୍ରସଙ୍ଗଗୁଡ଼ିକ (ସାମାଜିକ ଆର୍ଥିକ ପୃଷ୍ଠଭୂମି ଏବଂ ଆବେଗସମୂହ) ସେମାନଙ୍କ ଶିକ୍ଷଣ ଉପରେ କିପରି ପ୍ରଭାବ ପକାଇଥାଏ ? ପିଲାମାନଙ୍କର ଶିକ୍ଷଣ ଅଭିବୃଦ୍ଧି ପାଇଁ ଶିକ୍ଷକ କ'ଣ ଭୂମିକା ନିର୍ବାହ କରିପାରିବେ ?
- ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାମାନଙ୍କର ଶିକ୍ଷଣର ବିକାଶରେ ପାଠ୍ୟକ୍ରମ, ପାଠ୍ୟଖସଡ଼ା, ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳଗୁଡ଼ିକର ଭୂମିକା କ'ଣ ?
- ଅନ୍ତର୍ନିବେଶୀ ଶ୍ରେଣୀଗୃହରେ ପ୍ରତି ପିଲାଙ୍କ ଆବଶ୍ୟକତାଗୁଡ଼ିକୁ କିପରି ଧ୍ୟାନ ଦିଆଯିବ ?
- ଶିକ୍ଷକଙ୍କ ଦ୍ୱାରା ପିଲାମାନଙ୍କର ଶିକ୍ଷଣ ଅଗ୍ରଗତିକୁ କିପରି ଚିହ୍ନଟ କରାଯାଇପାରିବ ? ପ୍ରତ୍ୟେକ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ଇପସିତ୍ ଶିକ୍ଷଣ ଫଳାଫଳ ହାସଲକୁ ବିଦ୍ୟାଳୟ କିପରି ନିଶ୍ଚିତ କରିବ ?

## ପ୍ରଦର୍ଶିକା-୨ : ଏକ ନିରାପଦ ଓ ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବା ନିମିତ୍ତ ବ୍ୟକ୍ତିଗତ ସାମାଜିକ ଗୁଣାବଳୀର ବିକାଶ କରିବା ।

ଏହି ପ୍ରଦର୍ଶିକା ନିମ୍ନୋକ୍ତ ପ୍ରସଙ୍ଗୁଡ଼ିକୁ ପରିଚାଳିତ କରିଥାଏ ।

- ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶ ପାଇଁ ସେମାନଙ୍କ ଭିତରେ କ'ଣ ସବୁ ବ୍ୟକ୍ତିଗତ - ସାମାଜିକ ଗୁଣାବଳୀର ବିକାଶ ହେବା ଆବଶ୍ୟକ ?
- ବିଦ୍ୟାଳୟ ଓ ଶ୍ରେଣୀ ଗୃହରେ ଶିଶୁ ପ୍ରିୟ ଓ ଅନ୍ତର୍ନିବେଶୀ ପରିବେଶରେ ଶିକ୍ଷାର୍ଥୀମାନଙ୍କ ଭିତରେ ଏହିଗୁଣଗୁଡ଼ିକର ବିକାଶ ନିମିତ୍ତ ଶିକ୍ଷକମାନେ କ'ଣ ପଦକ୍ଷେପ ସବୁ ନେବା ଆବଶ୍ୟକ ?
- ପିଲାମାନଙ୍କୁ ଆବେଗିକ ସହାୟତା ପ୍ରଦାନ କରିବା ନିମିତ୍ତ ଶିକ୍ଷକମାନେ କ'ଣ ସବୁ ଦକ୍ଷତା ଏବଂ ଗୁଣର ବିକାଶ ଆବଶ୍ୟକ କରନ୍ତି ?
- ନିରାପଦ ଓ ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବା ନିମିତ୍ତ ବିଦ୍ୟାଳୟରେ କ'ଣ ସବୁ କାର୍ଯ୍ୟ ହାତକୁ ନିଆଯାଇପାରିବ ?
- ଶିକ୍ଷାର୍ଥୀମାନଙ୍କ ଭିତରେ ଜୀବନ କୌଶଳ ଏବଂ ମୂଲ୍ୟବୋଧର ବିକାଶ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଦ୍ୟାଳୟ କିପରି ନିଶ୍ଚିତ କରିବ ?

## ପ୍ରଦର୍ଶିକା-୩ : କଳା ସମନ୍ୱିତ ଶିକ୍ଷଣ

ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକୁ ଏହି ପ୍ରଦର୍ଶିକା ପରିଚାଳିତ କରିଥାଏ ।

- କଳା ସମନ୍ୱୟ ଶିକ୍ଷଣ କ'ଣ ?

æ ସମସ୍ତ ବିଷୟ କ୍ଷେତ୍ରଗୁଡ଼ିକର ଶିକ୍ଷାଦାନ ନିମିତ୍ତ ଏହାକୁ କିପରି ଶୈକ୍ଷିକ ଶାସ୍ତ୍ରରୂପେ ବ୍ୟବହାର କରାଯାଇପାରିବ ?

æ ଶ୍ରେଣୀ ପରିଚାଳନାରେ କଳାର ସମନ୍ୱୟ ପାଇଁ ଶିକ୍ଷକମାନେ କ'ଣ ସବୁ କାର୍ଯ୍ୟକୁ ହାତକୁ ନେଇପାରିବେ ?

æ ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶ ଦିଗରେ ସେମାନଙ୍କ ଦ୍ୱାରା କରାଯାଉଥିବା ଆନନ୍ଦଦାୟକ ଶିକ୍ଷଣରେ କଳାସମନ୍ୱିତ ଶିକ୍ଷଣ କିପରି ସାହାଯ୍ୟ କରିବ ?

## ପ୍ରଦର୍ଶିକା - ୪ : ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ

ଏହି ପ୍ରଦର୍ଶିକା ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକୁ ସାମିଲ କରିଥାଏ-

æ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣର ଅବଧାରଣା ଓ ଅର୍ଥ

æ ବ୍ୟକ୍ତିତ୍ୱର ସମସ୍ତ ଦିଗର ଯତ୍ନ ନେଇ ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶରେ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ କିପରି ସାହାଯ୍ୟ କରେ ?

æ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣର ପଦ୍ଧତି

æ ବିଭିନ୍ନ ବିଷୟ କ୍ଷେତ୍ରଗୁଡ଼ିକରେ ମାନନିର୍ଦ୍ଧାରଣ

æ ଶିକ୍ଷଣଫଳାଫଳ ଆଧାରରେ କାର୍ଯ୍ୟ ଏବଂ ପ୍ରଶ୍ନଗୁଡ଼ିକୁ କିପରି ବିକଶିତ କରିବା ?

æ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣକୁ ବିଦ୍ୟାଳୟରେ କିପରି କାର୍ଯ୍ୟକାରୀ କରିବା ?

## ପ୍ରଦର୍ଶିକା - ୫ : ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା

ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବାରୁ, ଏହି ପ୍ରଦର୍ଶିକା ନିମ୍ନୋକ୍ତ ଦିଗ ଉପରେ ବିଶଦ ଆଲୋଚନା କରିଛି ।

æ ବିଦ୍ୟାଳୟ ନିମିତ୍ତ ସ୍ୱାସ୍ଥ୍ୟ ଓ ସୁସ୍ଥତାର ଗୁରୁତ୍ୱ

æ ବିଦ୍ୟାଳୟ ଯାଉଥିବା ପିଲାମାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ସୁସ୍ଥତା ସଂପର୍କିତ ଦିଗ ।

æ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବିକାଶରେ ଅଭ୍ୟାସ ସମୂହ ।

## ପ୍ରଦର୍ଶିକା - ୬ : ଶିକ୍ଷାଦାନ, ଶିକ୍ଷଣ ଏବଂ ମାନନିର୍ଦ୍ଧାରଣରେ ସୂଚନା ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ ।

ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକ ଏହି ପ୍ରଦର୍ଶିକାରେ ସ୍ଥାନିତ କରାଯାଇଛି ।

æ ବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ

æ ଶିକ୍ଷାଦାନ - ଶିକ୍ଷଣ ଏବଂ ମାନନିର୍ଦ୍ଧାରଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ

## ପ୍ରଦର୍ଶିକା - ୭ : ବିଦ୍ୟାଳୟ ଶିକ୍ଷାରେ ପ୍ରଚେଷ୍ଟା ସମୂହ

ଏହା ଏକ ସୂଚନା ଭିତ୍ତିକ ପ୍ରଦର୍ଶିକା ଯାହା ଶିକ୍ଷକ ଓ ବିଦ୍ୟାଳୟ ମୁଖ୍ୟମାନଙ୍କୁ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକ ସହ ସଚେତନ ହେବା ନିମିତ୍ତ ଲକ୍ଷ୍ୟ ରଖିଥାଏ ।

æ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ସମଗ୍ର ଶିକ୍ଷା, ପ୍ରଚେଷ୍ଟା ସମୂହ ଏବଂ ଏଥିରେ କରାଯାଇଥିବା ବ୍ୟବସ୍ଥା

æ ରଙ୍ଗୋତ୍ସବ, ପାଠାଗାର, ଖେଳ, ଆତ୍ମରକ୍ଷା, ବିଦ୍ୟାଳୟ ନିରାପତ୍ତା, ପ୍ରାକ୍ ବିଦ୍ୟାଳୟ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଆଦି ସମଗ୍ର ଶିକ୍ଷା ସଂପର୍କିତ ବ୍ୟବସ୍ଥା

æ UDISE+, PGI, Shugun Repository

æ ବିଦ୍ୟାଳୟର କାର୍ଯ୍ୟ ପ୍ରଣାଳୀରେ ଅଭିବୃଦ୍ଧି ନିମିତ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳର ସର୍ବୋତ୍ତମ କାର୍ଯ୍ୟ ପ୍ରଣାଳୀଗୁଡ଼ିକୁ ପ୍ରତିଫଳିତ ଏବଂ ଅନ୍ତର୍ଭୁକ୍ତ କରାଯାଇପାରିବ ।

# ଭାଗ-୨ : ଶୈକ୍ଷିକ ବିଷୟ ସମୂହ

ନିମ୍ନୋକ୍ତ ୫ଟି ପ୍ରଦର୍ଶିକାକୁ ଏହି ଭାଗଟି ଅନ୍ତର୍ଭୁକ୍ତ କରିଥାଏ ଯାହା ପରିବେଶ ଅଧ୍ୟୟନ, ଗଣିତ, ବିଜ୍ଞାନ, ଭାଷା ଏବଂ ସାମାଜିକ ବିଜ୍ଞାନ ଭଳି ବିଷୟଗୁଡ଼ିକର ଶୈକ୍ଷିକ ପ୍ରସଙ୍ଗଗୁଡ଼ିକୁ ବିସ୍ତାରିତ କରିଥାଏ ।

## ପ୍ରଦର୍ଶିକା- ୮ : ପରିବେଶ ଅଧ୍ୟୟନର ଶୈକ୍ଷିକ ଶାସ୍ତ୍ର

(ପ୍ରାଥମିକ ସ୍ତର)

æ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକୁ ଏହି ପ୍ରଦର୍ଶିକା ଅନ୍ତର୍ଭୁକ୍ତ କରିଥାଏ ।

æ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ପ୍ରକୃତି କ'ଣ ?

æ ପରିବେଶ ଅଧ୍ୟୟନର ଶିକ୍ଷଣ ଫଳାଫଳ ଓ ଶୈକ୍ଷିକ କାର୍ଯ୍ୟଧାରା କ'ଣ ?

æ ପରିବେଶ ଅଧ୍ୟୟନର ବିଭିନ୍ନ ବିଷୟ ବସ୍ତୁ ଉପରେ ଗଭୀର ଅନ୍ତର୍ଦୃଷ୍ଟି ବିକାଶ ନିମିତ୍ତ କ'ଣ ସବୁ କାର୍ଯ୍ୟ କରାଯାଇ ପାରିବ ?

æ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହ କିପରି ମାନନିର୍ଦ୍ଧାରଣକୁ ସମନ୍ୱିତ କରାଯାଇପାରିବ ?

## ପ୍ରଦର୍ଶିକା - ୯ : ଗଣିତର ଶୈକ୍ଷିକ ଶାସ୍ତ୍ର

ଏହି ପ୍ରଦର୍ଶିକା ଗଣିତକୁ ଏପରି ଏକ ଢ଼ଙ୍ଗରେ ଉପସ୍ଥାପିତ କରେ ଯାହା ପ୍ରତ୍ୟେକଙ୍କ ପାଇଁ ଆନନ୍ଦଦାୟକ ହୋଇଥାଏ । ଆହ୍ୱାନ ପୂର୍ଣ୍ଣ ଓ ଆଗ୍ରହୋଦ୍ଦୀପକ କାର୍ଯ୍ୟ ଓ ପ୍ରଶ୍ନଗୁଡ଼ିକ ଏହି ପ୍ରଦର୍ଶିକାର ଅଦ୍ୱିତୀୟ ବୈଶିଷ୍ଟ୍ୟ । ଏହାଛଡ଼ା, ଏହି ପ୍ରଦର୍ଶିକା ନିମ୍ନ ପ୍ରସଙ୍ଗଗୁଡ଼ିକୁ ପରିଚାଳିତ କରିଥାଏ ।

æ ଗଣିତର ପ୍ରକୃତି କ'ଣ ?

æ ଗଣିତର ଶିକ୍ଷଣ ଫଳାଫଳ ଏବଂ ଶୈକ୍ଷିକ କାର୍ଯ୍ୟଧାରା କ'ଣ ?

æ ଗଣିତର ବିଭିନ୍ନ ଅଂଶ ଉପରେ ଗଭୀର ଅନ୍ତର୍ଦୃଷ୍ଟି ବିକାଶ କରିବା ନିମିତ୍ତ କ'ଣ ସବୁ କାର୍ଯ୍ୟ କରାଯାଇପାରିବ ?

æ ଗଣିତରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହିତ ମାନନିର୍ଦ୍ଧାରଣକୁ କିପରି ସମନ୍ୱିତ କରାଯାଇପାରିବ ?

## ପ୍ରଦର୍ଶିକା-୧୦ : ଭାଷାର ଶୈକ୍ଷିକ ଶାସ୍ତ୍ର

ପ୍ରାଥମିକରୁ ଉଚ୍ଚପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ଭାଷା ଶିକ୍ଷାଦାନ ସଂପର୍କିତ ପାରସ୍ପରିକ କାର୍ଯ୍ୟଗୁଡ଼ିକ ପାଇଁ ଦିଶାନିର୍ଦ୍ଦେଶ ପ୍ରଦାନ କରିବା ସହିତ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକୁ ଏହି ପ୍ରଦର୍ଶିକା ବର୍ଣ୍ଣନା କରିଥାଏ ।

æ ଶିକ୍ଷଣରେ ଭାଷାର କେନ୍ଦ୍ରିୟତା

æ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ବିଦେଶୀ ଭାଷା ରୂପେ ଭାଷା ଶିକ୍ଷାଦାନ

æ ଭାଷା ଶିକ୍ଷାଦାନର ଉଦ୍ଦେଶ୍ୟ ଏବଂ ଶିକ୍ଷଣ ଫଳାଫଳ ହାସଲ କରିବା

æ ଭାଷାରେ ଜାତୀୟ ଏବଂ ଶୈକ୍ଷିକ ପ୍ରସଙ୍ଗଗୁଡ଼ିକୁ ଧ୍ୟାନ ଦେବା

æ ଭାଷା ମାନନିର୍ଦ୍ଧାରଣ ଏବଂ ଏହାର ପ୍ରକ୍ରିୟା

## ପ୍ରଦର୍ଶିକା - ୧୧: ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର (ଉଚ୍ଚ ପ୍ରାଥମିକ ସ୍ତର)

ବିଜ୍ଞାନର ନିଜସ୍ୱ ଶୈକ୍ଷିକଶାସ୍ତ୍ର ରହିଛି ଯାହା ସକ୍ରିୟ ଅଂଶଗ୍ରହଣ ଆଧାରିତ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇଥାଏ। କାର୍ଯ୍ୟ ଦ୍ୱାରା ବିଜ୍ଞାନ ଶିଖିବାରେ ପିଲାଙ୍କୁ ସାହାଯ୍ୟ କରିବା ନିମିତ୍ତ ଶିକ୍ଷକମାନଙ୍କ ପାଇଁ ଏହି ପ୍ରଦର୍ଶିକା ସୁଯୋଗ ପ୍ରଦାନ କରେ। ଏଥିରେ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକ ସ୍ଥାନିତ ହୋଇଛି।

æ ବିଜ୍ଞାନ କ'ଣ ?

æ ଉଚ୍ଚପ୍ରାଥମିକ ସ୍ତରରେ ବିଜ୍ଞାନରେ ଶିକ୍ଷଣ ପଳାଫଳ ଏବଂ ଶୈକ୍ଷିକ କାର୍ଯ୍ୟଧାରା ସବୁ କ'ଣ ?

æ ବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ଗଭୀର ଅନ୍ତର୍ଦୃଷ୍ଟି ବିକାଶ ନିମିତ୍ତ କ'ଣ ସବୁ କାର୍ଯ୍ୟ କରାଯାଇପାରିବ ?

æ ବିଜ୍ଞାନରେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସହିତ ମାନନିର୍ଦ୍ଧାରଣକୁ କିପରି ସମନ୍ୱିତ କରାଯାଇପାରିବ ?

## ପ୍ରଦର୍ଶିକ-୧୨: ସାମାଜିକ ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର ( ଉଚ୍ଚ ପ୍ରାଥମିକ ସ୍ତର)

ସମନ୍ୱିତ ଭାବରେ ଇତିହାସ, ଭୂଗୋଳ ଏବଂ ରାଜନୀତି ବିଜ୍ଞାନ ବିଷୟକୁ ଏହି ପ୍ରଦର୍ଶିକା ପରିଚାଳିତ କରିଥାଏ। ନିମ୍ନୋକ୍ତ ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ ଏଥିରେ ଧ୍ୟାନ ଦିଆଯାଇଛି।

æ ସାମାଜିକ ବିଜ୍ଞାନର ପ୍ରକୃତି କ'ଣ ?

æ ସାମାଜିକ ବିଜ୍ଞାନର ଶିକ୍ଷଣ ଫଳାଫଳ ଏବଂ ଶୈକ୍ଷିକ କାର୍ଯ୍ୟଧାରା ସବୁ କ'ଣ ?

æ ସାମାଜିକ ବିଜ୍ଞାନର ବିଭିନ୍ନ ଉପାଦାନ ଉପରେ ଗଭୀର ଅନ୍ତର୍ଦୃଷ୍ଟି ବିକାଶ ନିମିତ୍ତ କ'ଣ ସବୁ କାର୍ଯ୍ୟ କରାଯାଇପାରିବ ?

æ ସାମାଜିକ ବିଜ୍ଞାନରେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସହିତ ମାନନିର୍ଦ୍ଧାରଣକୁ କିପରି ସମନ୍ୱିତ କରାଯାଇପାରିବ ?

ସମସ୍ତ ପ୍ରଦର୍ଶିକାର QRCode ରହିଛି ଯାହା ରାଜ୍ୟ ଓ ବ୍ଲକ ସ୍ତରରେ ଅଧିବେଶନ ପରିଚାଳନା କରିବା ପାଇଁ ଉପଯୋଗୀ ଇ-ସମ୍ବଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ। ଏହାଛଡ଼ା, URL-www.nistha@nic.in ସହିତ ଏକ ଶିକ୍ଷଣ ପରିଚାଳନା ପୋର୍ଟାଲ ସୃଷ୍ଟି କରାଯାଇଛି ଯାହା, ଅନେକ ଶିକ୍ଷାଦାନ-ଶିକ୍ଷଣ ସମ୍ବଳ ପାଇଁ ସୁଯୋଗ ମଧ୍ୟ ପ୍ରଦାନ କରେ।

## DEVELOPMENT TEAM

**ADVISOR**

Hrushikesh Senapaty, Director, NCERT

**CHAIRPERSON**

A.K. Srivastva, Dean (Research)

**MEMBER**

A.P. Behera, Professor, CIET

A.D. Tewari, Professor, PMD, NIE

A.K. Rajput, Pro0fessor, DEE, NIE

A.K. Wazalwar, Professor, DEK, NIE

Abhay Kumar, Assistant Professor, CIET, NCERT

Angel Ratna Bai, Assistant Professor, CIET

Anita Julka, Professor, Professor, DEGSN, NIE

Anita Nuna, Professor, DCS

Anjni Koul, Professor, DESM, NIE

Anjum Sibia, Professor, DER, NIE

Anupam Ahuja, Professor, DEGSN, NIE

Aparna Pandey, Professor, DESS, NIE

Arnab Sen, Assistant Professor, NERIE shilling

Ashita Ravindran, Associate Professor, PMD, NIe

Ashwini Kumar, Associate Professor, RIE Bhopal

Ayushman goswami, Associate Professor, RIE ajmer

Bijaya K. Malik, Professor, DESS, NIE

C.V. Shimrey, Associate Professor, DESM, NIE

Dinesh Kumar, Professor, DESM, NIE

Gouri Srivastava, Professor, DESS, NIE

Gowramma IP, Associate Professor, RIE Bhubaneswar

Indrani Bhaduri, Professor, ESD, NIE

Indu Kumar, Professor, CIET

Jatindra Mohan Mishra, Professor, DEL, NIE

Jyotsana Tiwari, Professor, DEAA, NIE

K. Vijayan, Associate Professor, DTE, NIE

K.V. Sridevi, Assistant Professor, DCS, NIE

Kavita Sharma, Professor, DEE, NIE

Kirti Kapur, Professor, DEL, NIE

Lakshmidhar Behera, Professor, RLE, Bhubaneswar

M. Farooq Ansari, Professor, DeL, NIE

M. Srinivasan, Associate Professor, DESS, NIE

Manasi Goswami, Professor, RIE, Bhubaneswar

Mili Roy Anand, Professor, DGS, NIE

Mohd Mamur Ali, Associate Professor, CIET

Mona Yadav, Professor, DGS, NIE

Neel Kanth, Associate professor, DEL, NIE

P.D. Subhash, Associate Professor, PMD, NIE

Padma Yadav, Associate Professor, DEE, NIE

Patanjali Sharma, Assistant Professor, RIE Ajmer

Pawan Sudhir, Professor, DEAA, NIE

Pinki Khanna, Professor, PSSIV Bhopal

Prabhat K. Misha, Professor, DEPFE, NIE

Pramila Tanwar, Associate Professor, DESM, NIE

R. Meganathan, Professor, DEL, NIE

R.K Nimesh, Associate Professor, CIET

R.K Pathak, Professor, PSSCIVE Bhopal

R.R. Koirent, Associate Professor, DCS, NIE

Rachna Garg, Professor, DESM, NIE

Raj Rani, Professor, DTE, NIE

Ratanamala Arya, Professor, RIE Bhopal

Rejaul Barbhuiya, Assistant Professor, DESM, NIE

Romila Soni, Associate Professor, DEE, NIE

Ruchi Verma, Professor, DESM, NIE

Sandhya Singh, Professor, DEL, NIE

Sarbari Banerjee, Professor, DEAA, NIE

Saroj Yadav, Professor and Dean (Academic), NERT

Satrupa Palit, professor, NERIE Shillong

Satya Bhushan, Associate Professor, ESD, NIe

Seema S. Ojha, Professor, DESS, NIE

Sharad Sinha, Professor, DTE, NIE

Shashi Prabha, Professor, DESM, NIe

Shradha Dhiwal, Associate Professor, DEPFE, NIE

Sridhar Srivastava, Professor and Dean (C), NCERT

Suniti Sanwal, Professor, DEE

Suresh Makwana, Associate Professor, RIE Bhopal

Sushmita Chakraborthy, Assistant Professor, DEPFE, NIE

Tannu Malik, Associate Professor, DESS, NIE

Usha Sharma, AProfessor, DEE, NIE

V. Tangpu,  Assistant Professor, RIE Mysore

V.P Singh, Professor, RIE Ajmer

V.S. Mehrotra, Professor, PSSCIVE Bhopal

V.S. Prasad, Assistant Professor, RIE Mysore

Vanthanpui Khobung, Assistant Professor, RIE Bhopal

Varada M. Nikalje, Professor, DEE, NIE

Y. Srikanth, Professor, RIE Mysore

**CONVENOR**

Ranjana Arora, Professor, DCS, NIE

# କୃତଜ୍ଞତା

ସାରା ଦେଶରେ ସମଗ୍ର ଶିକ୍ଷା ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷାରେ ପ୍ରଚେଷ୍ଟା ଗୁଡ଼ିକର ବିନିମୟ ଓ ସହାୟତା ପାଇଁ ରୀନା ରାୟ, ସଚିବ ଏମ୍.ଏଚ୍. ଆର.ଡ଼ି., ମହେଶ ଗର୍ଗ, ଯୁଗ୍ମ ସଚିବ, ଡି.ଏସ୍.ଇ.ଏଲ, ଏମ୍.ଏଚ.ଆର.ଡ଼ି, ରାଣୀ ଶର୍ମା, ନିର୍ଦ୍ଦେଶକ ଡି.ଏସ.ଇ.ଏଲ., ଏମ୍.ଏଚ. ଆରଡ଼ି, ତାରା ନାଓରେମ, ମୁଖ୍ୟ ପରାମର୍ଶଦାତ୍ତା, ଡି.ଏସ୍.ଇ.ଏଲ, ପୁରବି ପଟ୍ଟନାୟକ, ବରିଷ୍ଠ ପରାମର୍ଶଦାତା, ଡି.ଏସ.ଇ.ଏଲ., ଏମ.ଏଚ.ଆର.ଡ଼ି ଏବଂ ପ୍ରଜ୍ଞାଶର୍ମା, ତରୁଣ ବୃତ୍ତିଧାରୀ, ଡି.ଏସ.ଇ.ଏଲ, ଏମ.ଏଚ.ଆର.ଡ଼ି ଆଦିଙ୍କୁ ବିଶେଷ ଧନ୍ୟବାଦ ସହ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପ୍ରତି କୃତଜ୍ଞ।

ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ, କେନ୍ଦ୍ରିୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସଂଗଠନ, କେନ୍ଦ୍ରିୟ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ସଂସ୍କୃତ ବିଦ୍ୟାଳୟ, ଦିଲ୍ଲୀ ପବ୍ଲିକ ସ୍କୁଲ, ମଦର୍ସ ଆନ୍ତର୍ଜାତୀୟ ବିଦ୍ୟାଳୟ ଭଳି କେତେକ ବେସରକାରୀ ବିଦ୍ୟାଳୟ, ତଥା ଅଜିମ୍ ପ୍ରେମଜୀ ଫାଉଣ୍ଡେସନ, କୈବଲ୍ୟ ଏଡୁକେଶନାଲ ଫାଉଣ୍ଡେଡସନ, ଟାଟା ଟ୍ରଷ୍ଟ ଏବଂ ଆରୋବିନ୍ଦ ସୋସାଇଟ୍ ଭଳି କେତେକ ବେସରକାରୀ ସଂଗଠନ ଠାରୁ ମିଳିଥିବା ପ୍ରତିପୁଷ୍ଟି ଓ ପରାମର୍ଶଗୁଡ଼ିକର ପରିଷଦ ପ୍ରାପ୍ତି ସ୍ୱୀକାର କରେ। ପ୍ରଦର୍ଶିକାରେ ଅଭିବୃଦ୍ଧି ଆଣିବା ନିମିତ୍ତ ସେମାନଙ୍କ ପରାମର୍ଶ ଏନ.ସି.ଇ.ଆର.ଟିକୁ ସାହାଯ୍ୟ କରିଛି। ବିଭିନ୍ନ ପ୍ରଦର୍ଶିକା ଉପରେ ସେମାନଙ୍କ ପରାମର୍ଶଗୁଡ଼ିକ ପାଇଁ ମହମଦ୍ ଅଖତାର ସିଦ୍ଧିକ୍, ଅବସର ପ୍ରାପ୍ତ ପ୍ରଫେସର ଶିକ୍ଷା, ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ଓ ପୂର୍ବତନ ଚେୟାର ପରସନ, ଏନ.ସି.ଟି.ଇ, ହୁକମ୍ ସିଂହ, ଅବସର ପ୍ରାପ୍ତ ପ୍ରଫେସର, ଏନ.ସି.ଇ.ଆର.ଟି ଏବଂ ବିକ୍ରମ ସିଂହ, ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା (ଖେଳ କାର୍ଯ୍ୟାଳୟ), ଜବାହାରଲାଲ ବିଶ୍ୱବିଦ୍ୟାଳୟ ମଧ୍ୟ ଧନ୍ୟବାଦର ପାତ୍ର।

ସୌମା ଚନ୍ଦ୍ର, ସହକାରୀ ସମ୍ପାଦକ (ଚୁକ୍ତିଭିତ୍ତିକ) ଏବଂ ସୁରେନ୍ଦର କୁମାର, ଡ଼ିଟିପି, ସଞ୍ଜୁ ଶର୍ମା, ଡ଼ିଟିପି (ଚୁକ୍ତିଭିତିକ) ଧନ୍ୟବାଦର ପାତ୍ର କାରଣ ଯାହାଙ୍କ ଅବଦାନ ବ୍ୟତୀତ ପ୍ରଶିକ୍ଷଣ ପେଟିକାଟି ଏହି ରୂପ ନେଇ ପାରିନଥାନ୍ତା।

ପରିଷଦ ମଧ୍ୟ ଏହାର ପ୍ରକାଶନ ବିଭାଗ ଏବଂ ସଚିବାଳୟ କର୍ମଚାରୀଙ୍କ ସହାୟତା ପାଇଁ ସେମାନଙ୍କ ନିକଟରେ କୃତଜ୍ଞ।

# ଅନୁବାଦ

## ସମୀକ୍ଷକ

ଡଃ ଲକ୍ଷ୍ମୀଧର ବେହେରା
ଡଃ ଦୁର୍ଯ୍ୟୋଧନ ଦାଶ

## ସମ୍ପାଦନା:

æଅନୀତା ବେହେରା
æ:ଡଃ ସୁଦର୍ଶନ ସାନ୍ତାରା
æବିଣାପାଣୀ ପାଢ଼ୀ
æଲିପିକା ସାହୁ
æସଚ୍ଚିଦାନନ୍ଦ ମିଶ୍ର
æଭବାନି ଶଙ୍କର ଦାଶ
æ ଦେବସ୍ମିତା ଚକ୍ର
æ ଚନ୍ଦ୍ରୀକା ନାୟକ
æ ଡଃ ବାମଦେବ ତ୍ରିପାଠୀ
æ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା
æ ଡ଼ଃ ତାପସ କୁମାର ନାୟକ
æ ନିରୁପମା ରାଉତ
æ ସ୍ନେହପ୍ରଭା ମହାପାତ୍ର

## ପ୍ରଶାସନିକ ପରାମର୍ଶଦାତା

ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ (ଭା.ପ୍ର.ସେ)
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

## ଶୈକ୍ଷିକ ପରାମର୍ଶଦାତା

ସୂର୍ଯ୍ୟ ନାରାୟଣ ମିଶ୍ର, (ଓ.ଶି.ସେ)
ଅତିରିକ୍ତ ନିର୍ଦ୍ଦେଶକ, ଶିକ୍ଷକ ପ୍ରଶିକ୍ଷଣ

## ସହାୟତା

æ:ମିତାଲୀ ପାତ୍ର
æ:ସୁମିତ୍ କୁମାର ଦାଶ
æ:ଲଲାଟ ଚନ୍ଦ୍ର ବେହେରା

## ବୈଷୟିକ ସହାୟତା

æ:ଭବାନୀ ପ୍ରଧାନ
æ:ପୁଷ୍ପାଞ୍ଜଳୀ ପୃଷ୍ଟି

# ସୂଚୀପତ୍ର


| | | | ପୃଷ୍ଠା |
|---|---|---|---|
| **ମୁଖବନ୍ଧ** | | | ଗ - ଘ |
| **ପ୍ରଶିକ୍ଷଣପେଟିକାକୁ କିପରି ବ୍ୟବହାର କରିବେ** | | | ଙ - ଚ |
| **ଭାଗ-୧ : ବିବିଧ ପ୍ରସଙ୍ଗ (ମୌଳିକ)** | | | ଛ - ଞ |
| ପ୍ରଦର୍ଶିକା- ୧ | : | ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଶିକ୍ଷଣ ଫଳାଫଳ ଏବଂ ଅନ୍ତର୍ନିବେଶୀ ଶିକ୍ଷା | ୧ - ୨୪ |
| ପ୍ରଦର୍ଶିକା- ୨ | : | ଏକ ନିରାପଦ ଓ ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବା ନିମିତ୍ତ ବ୍ୟକ୍ତିଗତ – ସାମାଜିକ ଗୁଣାବଳୀର ବିକାଶ କରିବା । | ୨୫ - ୫୪ |
| ପ୍ରଦର୍ଶିକା - ୩ | : | କଳା ସମନ୍ୱିତ ଶିକ୍ଷଣ | ୫୫ - ୯୭ |
| ପ୍ରଦର୍ଶିକା - ୪ | : | ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ | ୯୮ - ୧୮୪ |
| ପ୍ରଦର୍ଶିକା - ୫ | : | ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା | ୧୮୫ - ୨୨୭ |
| ପ୍ରଦର୍ଶିକା-୬ | : | ଶିକ୍ଷାଦାନ, ଶିକ୍ଷଣ ଏବଂ ମାନନିର୍ଦ୍ଧାରଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ | ୨୨୮ - ୨୫୩ |
| ପ୍ରଦର୍ଶିକା-୭ | : | ବିଦ୍ୟାଳୟ ଶିକ୍ଷାରେ ପ୍ରଚେଷ୍ଟା ସମୂହ | ୨୫୪ - ୩୦୨ |
| ଭାଗ - ୨ | : | ଶୈକ୍ଷିକ ବିଷୟ ସମୂହ | |
| ପ୍ରଦର୍ଶିକା - ୮ | : | ପରିବେଶ ଅଧ୍ୟୟନର ଶୈକ୍ଷିକଶାସ୍ତ୍ର | ୩୦୩ - ୩୩୫ |
| ପ୍ରଦର୍ଶିକା - ୯ | : | ଗଣିତର ଶୈକ୍ଷିକ ଶାସ୍ତ୍ର | ୩୩୬ - ୩୮୪ |
| ପ୍ରଦର୍ଶିକା - ୧୦ | : | ଭାଷାର ଶୈକ୍ଷିକ ଶାସ୍ତ୍ର | ୩୮୫ - ୪୫୮ |
| ପ୍ରଦର୍ଶିକା - ୧୧ | : | ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର (ଉଚ୍ଚ ପ୍ରାଥମିକ ସ୍ତର) | ୪୫୯ - ୪୯୬ |
| ପ୍ରଦର୍ଶିକା - ୧୨ | : | ସାମାଜିକ ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର (ଉଚ୍ଚ ପ୍ରାଥମିକ ସ୍ତର) | ୪୯୭ - ୫୩୪ |



No matter, how much we grow in life, a teacher's contribution never dimineshes. We tend to admire and respect them more when we begin struggling in life.

– Dr. S. Radhakrishnan

# ଭାଗ-୧
# ବିବିଧ ପ୍ରସଙ୍ଗ (ମୌଳିକ)

ପ୍ରଦର୍ଶିକା-୧ : ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଶିକ୍ଷଣ ଫଳାଫଳ ଏବଂ ଅନ୍ତର୍ନିବେଶୀ ଶିକ୍ଷା

ପ୍ରଦର୍ଶିକା-୨ : ଏକ ନିରାପଦ ଓ ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବା ନିମିତ୍ତ ବ୍ୟକ୍ତିଗତ - ସାମାଜିକ ଗୁଣାବଳୀର ବିକାଶ କରିବା ।

ପ୍ରଦର୍ଶିକା - ୩ : କଳା ସମନ୍ୱିତ ଶିକ୍ଷଣ

ପ୍ରଦର୍ଶିକା - ୪ : ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ

ପ୍ରଦର୍ଶିକା - ୫ : ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା

ପ୍ରଦର୍ଶିକା-୬ : ଶିକ୍ଷାଦାନ, ଶିକ୍ଷଣ ଏବଂ ମାନନିର୍ଦ୍ଧାରଣରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ

ପ୍ରଦର୍ଶିକା-୭ : ବିଦ୍ୟାଳୟ ଶିକ୍ଷାରେ ପ୍ରଚେଷ୍ଟା ସମୂହ



A teacher can never truly teach unless he is still learning himself. A lamp can never light another lamp unless it continues to burn its own flame. the teacher who has come to the end of his subject, who has no living raffic with his knowledge but merely repeats his lesson to his students, can only load their minds, he cannot quicken them.

*Rabindranath Tagore (1994), The English writing of Rabindranath Tagore : A miscellany', p. 64, Sahitya Academy*

# ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଶିକ୍ଷଣ ଫଳାଫଳ ଓ ଅନ୍ତର୍ନିବେଶୀ ଶିକ୍ଷା

# NISHTHA

## MODULE-1

Module
1



ଯେ ପର୍ଯ୍ୟନ୍ତ ଜଣେ ନିଜେ ନ ଶିଖନ୍ତି, ସେ ପର୍ଯ୍ୟନ୍ତ ବାସ୍ତବରେ ସେ କଦାପି ଶିକ୍ଷାଦାନ କରିପାରିବେ ନାହିଁ। ସେହିପରି ଯେ ପର୍ଯ୍ୟନ୍ତ ଗୋଟିଏ ପ୍ରଦୀପ ନିଜର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରିନାହିଁ, ସେ ପର୍ଯ୍ୟନ୍ତ ତାହା ଅନ୍ୟ ପ୍ରଦୀପକୁ ପ୍ରଜ୍ୱଳିତ କରିପାରିବ ନାହିଁ। ଯେଉଁ ଶିକ୍ଷକ ନିଜ ଜ୍ଞାନର ଅଭିବୃଦ୍ଧି ନକରି କେବଳ ପିଲାଙ୍କ ଶିକ୍ଷଣ ନିମନ୍ତେ ପାଠର ପୁନରାବୃତ୍ତି କରି ବିଷୟବସ୍ତୁ ସମାପ୍ତ କରିଥାନ୍ତି, ସେ ଶିକ୍ଷାର୍ଥୀଙ୍କ ଶିକ୍ଷଣର ଅଭିବୃଦ୍ଧି କରିବା ପରିବର୍ତ୍ତେ ସେମାନଙ୍କ ମସ୍ତିଷ୍କକୁ ଭାରାକ୍ରାନ୍ତ କରିଥାନ୍ତି।

ରବିନ୍ଦ୍ରନାଥ ଟାଗୋର (୧୯୯୪) ରବିନ୍ଦ୍ରନାଥ ଟାଗୋରଙ୍କର
ଇଂରାଜୀ ଲେଖା: ଏ ମିସେଲାରୀ'। ପୃ-୬୪, ସାହିତ୍ୟ ଏକାଡେମୀ।

# ପାଠ୍ୟକ୍ରମ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର, ଶିକ୍ଷଣ ଫଳାଫଳ ଓ ଅନ୍ତର୍ନିବେଶୀ ଶିକ୍ଷା

**Module 1**

## ସାମଗ୍ରିକ ଦୃଷ୍ଟିକୋଣ:

ଶିକ୍ଷା ଅଧିକାର ଅଧିନିୟମ ୨୦୦୯ (RTE Act 2009) ଓ ଆମର ଶିକ୍ଷାନୀତିର ଫଳସ୍ୱରୂପ, ସମୟାନୁକ୍ରମେ ଆମର ଶ୍ରେଣୀଗୃହ କାର୍ଯ୍ୟସମୂହରେ ନାଟକୀୟ ଭାବରେ ପରିବର୍ତ୍ତନ ଆସିଛି। ଶିକ୍ଷକ ଓ ଶିକ୍ଷକ ପ୍ରଶିକ୍ଷକ ଭାବରେ ଆପଣ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ବିବିଧତାକୁ ନିଶ୍ଚିତ ପରିଲକ୍ଷିତ କରିଥିବେ। ଯାହାଦ୍ୱାରା ଆପଣ ହୃଦୟଙ୍ଗମ କରିଥିବେ, ଯେ ଆପଣ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଏକ ଶୈଳୀରେ, ଶିକ୍ଷାଦାନ କରିପାରିବେ ନାହିଁ କି ଏହା କରାଯାଇପାରିବ ନାହିଁ। ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ପୂର୍ବାପେକ୍ଷା ଅଧିକ ସଫଳତା ଅନୁଭବ କରାଇବା ପାଇଁ ଆବଶ୍ୟକ ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟଧାରା ଗ୍ରହଣ କରିବା ଆବଶ୍ୟକ।

"ଯଦି କିଛି ପିଲା ଆମ୍ଭେ ଶିକ୍ଷାଦାନ କରୁଥିବା ପନ୍ଥା ଦ୍ୱାରା ଶିକ୍ଷାଗ୍ରହଣ କରିପାରୁନାହାନ୍ତି ତେବେ ଆମକୁ ସେମାନେ ଶିକ୍ଷାକରି ପାରୁଥିବା ଶିକ୍ଷଣ ପନ୍ଥା ଦ୍ୱାରା ଶିକ୍ଷାଦାନ କରିବା ଉଚିତ୍...'

**-ଇଗ୍ନସିଓ ଇଟ୍ରାଡା**

ଆପଣଙ୍କ ଭଳି ଶିକ୍ଷକ ଓ ଶିକ୍ଷକ ପ୍ରଶିକ୍ଷକମାନଙ୍କୁ ପୁର୍ନବାର ଶ୍ରେଣୀ ଗୃହରେ ଥିବା ବିବିଧତାକୁ ଉପଲବ୍ଧି କରାଇବା ସହ ଶିକ୍ଷଣ ଶିକ୍ଷାଦାନକୁ ଅନ୍ତର୍ନିବେଶୀ କରିବା ନିମନ୍ତେ ଉପଯୁକ୍ତ ଶୈକ୍ଷିକ ଧାରାକୁ ଅନୁଧ୍ୟାନ କରିବା, ପ୍ରସ୍ତାବିତ ବିଷୟଗୁଡ଼ିକ ବିଚାରକୁ ନେବାରେ ସହାୟତା କରିବା ଏହି ପ୍ରଦର୍ଶିକାର ଉଦ୍ଦେଶ୍ୟ ଅଟେ। ଗବେଷଣା ଓ ଅନୁଭୂତିରୁ ସଂଗୃହୀତ ଏବଂ ଏହା ଆପଣଙ୍କୁ ଗୋଟିଏ ଶ୍ରେଣୀରେ ଥିବା ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଏହି ପ୍ରସଙ୍ଗ ମଧ୍ୟ ଜାତୀୟ ଶିକ୍ଷାନୀତି, ପାଠ୍ୟକ୍ରମ, ପାଠ୍ୟଖସଡ଼ା, ପାଠ୍ୟପୁସ୍ତକ, ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଏବଂ ନୂତନ ଭାବରେ ପ୍ରସ୍ତୁତ ଶିକ୍ଷଣ ଫଳାପଳ (ଶୈକ୍ଷିକ ପ୍ରତ୍ୟାଶା ଓ ଶୈକ୍ଷିକ କାର୍ଯ୍ୟଧାରା ସହିତ ସଂପର୍କ ସ୍ଥାପନ କରିବା)ଉପରେ ଦୃଷ୍ଟିନିକ୍ଷେପ କରିବା ପାଇଁ ସୁଯୋଗ ପ୍ରଦାନ କରୁଅଛି।

**ମୁଖ୍ୟ ଟିପ୍ପଣୀ :** ଶିକ୍ଷକ ପ୍ରଶିକ୍ଷକ ଏବଂ ମୁଖ୍ୟ ସାଧନକର୍ମୀ ପ୍ରଶିକ୍ଷଣ ସମୟରେ ଯୋଡ଼ି ଓ ଦଳରେ କାର୍ଯ୍ୟ କରୁଥିବା ସମୟରେ ମାନସିକ ଆଲୋଡ଼ନ ଓ କ୍ରିୟା ପ୍ରତିକ୍ରିୟାର ଅନ୍ୟାନ୍ୟ ଉପଯୁକ୍ତ ପଦ୍ଧତି ବ୍ୟବହାର ଅଂଶ ଗ୍ରହଣକାରୀମାନଙ୍କୁ ପ୍ରଶିକ୍ଷଣ ତଥା ଆଲୋଚନା କାଳରେ ନିୟୋଜିତ କରିବା ଆଶା କରାଯାଏ। ପ୍ରସଙ୍ଗରେ ସ୍ଥାନିତ ଚର୍ଚ୍ଚାବିନ୍ଦୁଗୁଡ଼ିକୁ ବ୍ୟବହାର କରାଯାଇପାରିବ।

*ଭାରତ ଏକ ଆଞ୍ଚଳିକ ଓ ସ୍ଥାନୀୟ ସଂସ୍କୃତି ସମ୍ବଳିତ ବହୁ ସଂସ୍କୃତି ବିଶିଷ୍ଟ ମାନ ଅଟେ। ଲୋକ ମାନଙ୍କର ଧର୍ମୀୟ ବିଶ୍ୱାସ, ଜୀବନ ଶୈଳୀ, ସାମାଜିକ ସଂପର୍କ ସଂପର୍କିତ ଦୃଷ୍ଟିଭଙ୍ଗୀ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ। ସମସ୍ତ ବର୍ଗକୁ ବଂଚିବା ପାଇଁ, ସମୃଦ୍ଧ ହେବା ପାଇଁ ସମାନ ଅଧିକାର ଦିଆଯାଇଅଛି ଏବଂ ଆମ ସମାଜରେ ଥିବା ସଂସ୍କୃତିକ ଭିନ୍ନତା ପ୍ରତି ଶିକ୍ଷାବ୍ୟବସ୍ଥା ପ୍ରତିକ୍ରିୟାଶୀଳ ହେବା ଆବଶ୍ୟକ। (ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୫)*

Module 1

## ଶିକ୍ଷଣ ଉଦ୍ଦେଶ୍ୟ ସମୂହ :

ଏହି ପ୍ରଦର୍ଶିକା ଶିକ୍ଷକଙ୍କୁ ସାହାଯ୍ୟ କରିବ;

- ଶୈକ୍ଷିକ ନୀତି ସମୂହ, ଜାତୀୟ ପାଠ୍ୟକ୍ରମ ଆଧାରର ବିକାଶ, ଅଭିଳକ୍ଷିତ ସମ୍ପାଦିତ ଓ ନିର୍ଦ୍ଧାରିତ ପାଠ୍ୟକ୍ରମ ମଧ୍ୟରେ କାର୍ଯ୍ୟ ଓ ସଂପର୍କକୁ ବର୍ଣ୍ଣନା କରିବାରେ।
- ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ର ଦୃଷ୍ଟିକୋଣ ଓ ପାଠ୍ୟପୁସ୍ତକ ଏବଂ ପାଠ୍ୟ ଖସଡ଼ାରେ ଏହାର ରୂପାନ୍ତରଣକୁ ବର୍ଣ୍ଣନା କରିବାରେ।
- ବିବିଧତାର ବୃହତ୍ତର ବୁଝାମଣା ବିକାଶ କରିବା ଏବଂ ଅନ୍ତର୍ନିବେଶୀ ଶିକ୍ଷାର ପ୍ରସାର ପାଇଁ ମନୋବୃତ୍ତି ହାସଲ କରିବାରେ।
- ଉପଯୁକ୍ତ ଶୈକ୍ଷିକ ଧାରାର ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ପାଇଁ ବିଦିତ (ପ୍ରଚଳିତ) କୌଶଳକୁ ଦୃଢ଼ିଭୂତ କରିବାରେ।
- ଲିଙ୍ଗଗତ ସମ୍ବେଦନଶୀଳ ଶ୍ରେଣୀ ପରିବେଶକୁ ସମୃଦ୍ଧି କରିବା ପାଇଁ ଉପଯୁକ୍ତ ଶିକ୍ଷଣ କାର୍ଯ୍ୟ ଗ୍ରହଣ ଓ ବ୍ୟବହାର କରିବାରେ।

## ବିଷୟବସ୍ତୁ ସଂପର୍କରେ
## ଶବ୍ଦାବଳୀ, ନୀତି ଓ ରୂପରେଖ ବୁଝିବା

ଉପରୋକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆସନ୍ତୁ ପ୍ରଥମେ ଜାତୀୟ ଶିକ୍ଷାନୀତି ଓ ଜାତୀୟ ପାଠ୍ୟକ୍ରମ ଆଧାର ଉପରେ ପୁଙ୍ଖାନୁପୁଙ୍ଖ ଦୃଷ୍ଟିପାତ କରିବା ଏବଂ ପାଠ୍ୟକ୍ରମ, ପାଠ୍ୟଖସଡା, ପାଠ୍ୟପୁସ୍ତକ ଓ ଶିକ୍ଷଣ ଫଳାଫଳ ସଂପର୍କରେ ଆମର ବୋଧଗମ୍ୟତାକୁ ସମୃଦ୍ଧ କରିବା।

### ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି
↓
ଜାତୀୟ ପାଠ୍ୟକ୍ରମ ଆଧାର
ପାଠ୍ୟକ୍ରମ
ପାଠ୍ୟ ଖସଡା
ପାଠ୍ୟ ପୁସ୍ତକ
ଶିକ୍ଷକ ସହାୟକ ସାମଗ୍ରୀ
ଶିକ୍ଷଣ ଫଳାଫଳ

ବର୍ତ୍ତମାନ ଭାରତ ଜାତୀୟ ଶିକ୍ଷାନୀତି ୨୦୧୯ର ଚିଠା ସର୍ବସାଧାରଣରେ ଉପସ୍ଥାପନ କରିଅଛି, ଯାହା ଶିକ୍ଷାର ବିଭିନ୍ନ ପରିସରକୁ ଅର୍ନ୍ତଭୁକ୍ତ କରୁଅଛି। ଦେଶବ୍ୟାପୀ ଗ୍ରହଣୀୟତା ଉପରେ ଆଲୋଚନା କରାଯାଉଅଛି। (www.mygovt.in) ସମସ୍ତ ଉପଭକ୍ତାଙ୍କ ମଧ୍ୟରୁ ଶିକ୍ଷକଙ୍କ ମତାମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ପୂର୍ବରୁ ଦୁଇଟି ଜାତୀୟ ଶିକ୍ଷାନୀତି ୧୯୬୮ ଓ ୧୯୮୬ରେ ପ୍ରଣୟନ କରାଯାଇଥିଲା। ଜାତୀୟ ଶିକ୍ଷାନୀତି ୧୯୮୬ ଜାତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରେ। ଯାହା ଜାତି, ଧର୍ମ, ସ୍ଥାନ ଓ ଲିଙ୍ଗ ନିର୍ବିଶେଷରେ ଏକ ନିର୍ଦ୍ଧାରିତ ସ୍ତର ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀଙ୍କୁ ଏକ ତୁଳନୀୟ ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନ କରେ। ଏହି ନୀତି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ

Module
1

ପରିଷଦ (NCERT) କୁ ସଂପୃକ୍ତ ଅନୁଷ୍ଠାନର ସହଭାଗିତାରେ ଜାତୀୟ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରିବା ନିମନ୍ତେ ବିଧିବଧ ଆଦେଶ ପ୍ରଦାନ କରିଥିଲା । ନୀତିର ଦସ୍ତବିଜକୁ ପଢ଼ିବା ପାଇଁ ଏହି ଲିଙ୍କ୍‌କୁ ଯାଆନ୍ତୁ । linkhttp:// www.ncert.nic.in/new Policy html ଓ

ଜାତୀୟ ଶିକ୍ଷାନୀତି, ଜାତୀୟ ଶୈକ୍ଷିକ ଆଧାର ଉପରେ ପର୍ଯ୍ୟବେସିତ ଅଟେ ଯାହା ନିମନୀୟ ପାଠ୍ୟାଂଶ ସହ ସାଧାରଣ କୈନ୍ଦ୍ରିକ ପାଠକୁ ଅର୍ନ୍ତଭୁକ୍ତ କରେ । ସାଧାରଣ କୈନ୍ଦ୍ରିକ ପାଠରେ ଭାରତୀୟ ସଂଗ୍ରାମର ଇତିହାସ, ସାମ୍ବିଧାନିକ କର୍ତ୍ତବ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରସଙ୍ଗକୁ ସ୍ଥାନ ଦିଆଯାଇଅଛି । ଯାହା ଜାତୀୟତା ଭାବର ଶିକ୍ଷାଦେବ । ଭାରତର ସାଂସ୍କୃତିକ ପରମ୍ପରା, ସମତାବାଦ, ସାଧାରଣତନ୍ତ୍ର / ଗଣତନ୍ତ୍ର, ଧର୍ମନିରପକ୍ଷେତା, ଲିଙ୍ଗଗତ ସମାନତା, ପରିବେଶ ସୁରକ୍ଷା, ସାମାଜିକ ପ୍ରତିବନ୍ଧକଗୁଡ଼ିକର, ଦୂରୀକରଣ ଛୋଟ ପରିବାର ପ୍ରତିପାଳନ ଏବଂ ବୈଜ୍ଞାନିକ ମନୋଭାବର ଦୃଢ଼ିକରଣ ଆଦି ମୂଲ୍ୟବୋଧ ଗୁଡ଼ିକର ବିକାଶ ପାଇଁ ବିଷୟବସ୍ତୁରେ ବର୍ଣ୍ଣିତ ହୋଇଅଛି । ସମସ୍ତ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଧର୍ମ ନିରପକ୍ଷେତା ମୂଲ୍ୟବୋଧକୁ ଆଧାର କରି ଦୃଢ଼ଭାବରେ ପାଳନ କରିବା ପାଇଁ କାର୍ଯ୍ୟକାରୀ କରାଯିବ ।

### ଆଲୋଚନା ବିନ୍ଦୁ

ନିୟମ / ନୀତିଗୁଡ଼ିକ ସମୟ ଅନୁସାରେ ପରିବର୍ତ୍ତନ ହୁଏ ଏବଂ ଆମେ ଜାତୀୟ ଶିକ୍ଷାନୀତି ୧୯୮୬ ରୁ ଚିଠା ଜାତୀୟ ଶିକ୍ଷାନୀତି ୨୦୧୯ ଶିକ୍ଷାରେ ପହଞ୍ଚିବା ଏହି ପରିବର୍ତ୍ତନର ପ୍ରମାଣ ଅଟେ । ଉଦାହରଣସ୍ୱରୂପ, ବିଦ୍ୟାଳୟ ଶିକ୍ଷା ସଂରଚନା / ପ୍ରଣାଳୀ ଜାତୀୟ ଶିକ୍ଷା ନୀତି ୧୯୮୬ ପ୍ରସ୍ତାବ ଅନୁସାରେ ୧୦ + ୨ + ୩ ଅଛି । ତଥାପି ଚିଠା ଜାତୀୟ ଶିକ୍ଷାନୀତି ୨୦୧୯ ୫ + ୩ + ୩ + ୪ କରିବା ପାଇଁ ପ୍ରସ୍ତାବ ପ୍ରଦାନ କରିଅଛି ।

ନିଜ ସାଥୀଙ୍କ ସହ ନୂତନ ବିଦ୍ୟାଳୟ ଶିକ୍ଷା ସଂରଚନା ବିଷୟରେ ଯାହା ବୁଝିଲେ ଆଲୋଚନା କରନ୍ତୁ । ଦୁଇଟି ନୀତିରେ ପରିଲକ୍ଷିତ ପ୍ରଭେଦ ବିଷୟରେ ମଧ୍ୟ ଆଲୋଚନା କରନ୍ତୁ ।

## ଜାତୀୟ ପାଠ୍ୟକ୍ରମ ଆଧାର : ଐତିହାସିକ ପରିପ୍ରେକ୍ଷୀ / ପୃଷ୍ଠିଭୂମି / ପରିପ୍ରେକ୍ଷଣ

ଜାତୀୟ ପାଠ୍ୟକ୍ରମ ଆଧାର ଏକ ବଳିଷ୍ଠ ଦସ୍ତାବିଜ ଶ୍ରେଣୀ କକ୍ଷରେ ବିଶଦ ଭାବରେ ପ୍ରଣୟନ ପୂର୍ବରୁ ଏହାର ବିଭିନ୍ନ ନୀତି ଓ ରୂପରେଖଗୁଡ଼ିକର ଏକ ଐତିହାସିକ ଦୃଷ୍ଟିଭଙ୍ଗିକୁ ଜାଣିବା ଆବଶ୍ୟକ । ଶୈକ୍ଷିକ ସାମଗ୍ରୀର ବିକାଶକୁ ମୁଖ୍ୟ ଆଧାର କରି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍.ସି.ଇ.ଆର.ଟି) ୧୯୬୧ ମସିହାରେ ଗଠନ କରାଯାଇଥିଲା । ଏବଂ ୧୯୭୫ ମସିହାରେ ପ୍ରଥମ ଜାତୀୟ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରାଯାଇଥିଲା । ୧୯୮୮ ମସିହାରେ ଜାତୀୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ (ଏନ୍.ସି.ଇ.ଆର.ଟି) ଅନ୍ୟ ଏକ

### ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ମାର୍ଗଦର୍ଶୀ ନୀତି

- ବିଦ୍ୟାଳୟ ବାହାରର ଜୀବନ ସହ ଜ୍ଞାନକୁ ଯୋଡ଼ିବା ।
- ଶିକ୍ଷଣ ଘୋଷାପଦ୍ଧତିରୁ ମୁକ୍ତ ବୋଲି ନିଶ୍ଚିତ କରିବା ।
- ପିଲାମାନଙ୍କୁ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରଖି ସେମାନଙ୍କର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦେବା ।
- ମୂଲ୍ୟାୟନ ପଦ୍ଧତିକୁ ଅଧିକ ନମନୀୟ କରିବା ଏବଂ ଏହାକୁ ଦୈନନ୍ଦିନ ଶ୍ରେଣୀ କାର୍ଯ୍ୟ ସହ ସମ୍ପନ୍ଵିତ କରିବା ।
- ଦେଶର ଗଣତାନ୍ତ୍ରିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ପିଲାମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସହାୟତା ପ୍ରଦାନ କରିବା ।

Module
1

ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରିଥିଲା । ଯାହାର ନାମ "ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ – ଏକ ରୂପରେଖା ।"




ଏହା ଜାତୀୟ ଶିକ୍ଷାନୀତି ୧୯୮୬ରେ ପ୍ରସ୍ତାବିତ କେନ୍ଦ୍ରିକ ନିୟମଗୁଡ଼ିକୁ ଆଲୋକପାତ କରିଥିଲା । ୨୦୦୦ ମସିହାରେ, ବିଦ୍ୟାଳୟ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୦ ପ୍ରସ୍ତୁତ କରାଯାଇଥିଲା । ଏହି ପାଠ୍ୟକ୍ରମର ମୁଖ୍ୟ ସାରାଂଶ ଶିକ୍ଷଣ ଉପରେ ପର୍ଯ୍ୟବେଶିତ ଯାହା ଅସମାନତା ଦୂରୀକରଣର ଶିକ୍ଷା ଦିଏ ଏବଂ ଶିକ୍ଷାର୍ଥୀମାନଙ୍କର ସାମାଜିକ ସାଂସ୍କୃତିକ, ଆବେଗିକ ଓ ଅର୍ଥନୈତିକ ଆବଶ୍ୟକତାକୁ ପୂରଣ କରେ ।

## ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୫ : ଏକ ସଂକ୍ଷିପ୍ତ ବିବରଣୀ

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ୨୦୦୫ ମସିହାରେ ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୫ ସହ ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ଦିଗ ସଂପର୍କିତ ୨୧ ଟି ପ୍ରସ୍ତାବିତ ପତ୍ର ଆଗତ କରିଥିଲା । ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ର ପ୍ରଣୟନ ପାଇଁ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ରେ ସ୍ପଷ୍ଟ ଉଲ୍ଲେଖ କରିବା ସହ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଅଛି । ଯଦ୍ୱାରା ଶିକ୍ଷାର୍ଥୀମାନେ ଚିନ୍ତାଶୂନ୍ୟ ହୋଇ ଶିକ୍ଷା ଗ୍ରହଣ କରିବେ । ଅଧିକ ଜାଣିବା ପାଇଁ http://mhrd.gov..in.rte ରେ click କରନ୍ତୁ ।

ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ହେତୁ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଶିକ୍ଷାର ନିମ୍ନୋକ୍ତ ଲକ୍ଷ୍ୟ ନିର୍ଦ୍ଧାରଣ କରିଅଛି ।

- ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନ ଭାବରେ ଚିନ୍ତା ଓ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କରିବା ଏବଂ ଅନ୍ୟର ଆବେଗ ଓ ସୁସ୍ଥତା ପାଇଁ ସମ୍ବେଦନଶୀଳ ହେବା ।
- ଶିକ୍ଷାର୍ଥୀମାନଙ୍କୁ ନମନୀୟ ଓ ସୃଜନାତ୍ମକ ଶୈଳୀରେ ନୂତନ ପରିସ୍ଥିତି ସହ ନିଜକୁ ପରିବର୍ତ୍ତନ କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସଶକ୍ତ କରିବା ।
- ଅର୍ଥନୈତିକ ପ୍ରକ୍ରିୟା ଓ ସାମାଜିକ ପରିବର୍ତ୍ତନ ଦିଗରେ କାର୍ଯ୍ୟକରିବା ଓ ଅବଦାନ ରହିବା ନିମିତ୍ତ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ସାମର୍ଥ୍ୟର ବିକାଶ କରିବା ।

ଏହି ସବୁ ଲକ୍ଷ୍ୟ ହାସଲ ନିମନ୍ତେ ବିଦ୍ୟାଳୟଗୁଡ଼ିକ ସମାନତା, ଗୁଣାତ୍ମକ ଓ ନମନୀୟତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଦେଶ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ବିବିଧତା ପ୍ରସଙ୍ଗକୁ ଶ୍ରେଣୀକକ୍ଷକୁ ନେବା ଆବଶ୍ୟକ ଅଟେ । ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫,

Module
1

ଶିକ୍ଷକଙ୍କର ପାଠ୍ୟପୁସ୍ତକ ବାହାରକୁ ଯିବା ଉପରେ ଗୁରୁତ୍ୱ ପ୍ରଦାନ କରୁଅଛି । ଯଦ୍ୱାରା ଶିକ୍ଷାର୍ଥୀମାନେ ନିଜ ଅଭିଜ୍ଞତାରୁ ଚରିତ୍ର ଚିତ୍ରଣ, ଚିତ୍ରାଙ୍କନ, ରଙ୍ଗଦେବା କାର୍ଯ୍ୟ, ନାଟକଭିନୟ, କ୍ଷେତ୍ର ପରିଭ୍ରମଣ ଓ ପରୀକ୍ଷଣ ମାଧ୍ୟମରେ ଶିକ୍ଷାଗ୍ରହଣ କରିପାରିବେ ।

ଜାତୀୟ ପାଠ୍ୟକ୍ରମ ଆଧାରରେ ଶିକ୍ଷଣ ପାଇଁ ମୂଲ୍ୟାୟନର ଆବଶ୍ୟକତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଅଛି ଏବଂ ଶ୍ରେଣୀକାର୍ଯ୍ୟ ପ୍ରକ୍ରିୟାରେ ଏହା ସ୍ଥାନିତ ହୋଇଅଛି । ଏଥିପାଇଁ ଶିକ୍ଷକ ପରୀକ୍ଷା ଫଳାଫଳକୁ ଅପେକ୍ଷା କରିବା ଏବଂ ଏହାର ଲିପିବଦ୍ଧ ଓ ବିବରଣୀ ପ୍ରଦାନରେ ସମୟ ନଷ୍ଟ ନ କରି ଶିକ୍ଷାର୍ଥୀମାନଙ୍କୁ ତତ୍‌କ୍ଷଣାତ୍ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ନିଜ ଶୈଳୀରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ କରିବା ଆବଶ୍ୟକ । ଏହା କେବଳ ଗଣିତ, ଭାଷା, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଶିକ୍ଷଣ ଉପରେ ଗୁରୁତ୍ୱ ଦିଏ ନାହିଁ ବରଂ ଜୀବନ କୌଶଳ, ସାମାଜିକ, ବ୍ୟକ୍ତିଗତ, ଆବେଗିକ ଓ କ୍ରିୟାତ୍ମକ କୌଶଳ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫ ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ରକୁ ପ୍ରାଧାନ୍ୟ ଦିଏ । ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ପାଠ୍ୟଖସଡ଼ା, ପାଠ୍ୟପୁସ୍ତକ ଏବଂ ଶ୍ରେଣୀ କାର୍ଯ୍ୟ ପ୍ରସ୍ତୁତି ସମୟରେ ଶିକ୍ଷାର୍ଥୀ କେନ୍ଦ୍ରବିନ୍ଦୁ ହେବ । ଉଦାହରଣସ୍ୱରୂପ, ଯଦି ଆମେ ପ୍ରାଥମିକ ସ୍ତରରେ ଗଛ ବିଷୟରେ ବର୍ଣ୍ଣନା କରିବାକୁ ଚାହୁଁଛୁ ତେବେ ପାଠ୍ୟଖସଡ଼ା ଏପରି ଗଛ ଉପରେ ପ୍ରାଧାନ୍ୟ ଦେବା ଉଚିତ୍, ଯାହା ଶିକ୍ଷାର୍ଥୀ ଦେଖି ପାରୁଥିବେ, ଛୁଇଁ ପାରୁଥିବେ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନରେ ସେ ସଂପର୍କରେ କଥା ହୋଇପାରୁଥିବ । ପାଠ୍ୟ ପୁସ୍ତକ ମଧ୍ୟ ଠିକ୍ ସେ ବିଷୟରେ ବର୍ଣ୍ଣନା କରିବା ଦରକାର । ଶିକ୍ଷକମାନେ ଏପରି ସୁଯୋଗ ସୃଷ୍ଟି କରିବେ ଯେଉଁଥିରେ ଶିକ୍ଷାର୍ଥୀମାନେ ସେମାନଙ୍କ ଘରେ, ପଡୋଶୀଙ୍କ ଘରେ, ବିଦ୍ୟାଳୟରେ ଦେଖିଥିବା ଗଛ ସଂପର୍କରେ ଆଲୋଚନା କରିପାରିବେ ଏବଂ ବିଜ୍ଞାପନ ପତ୍ର ପ୍ରସ୍ତୁତ କରିପାରିବେ ।

## ଆଲୋଚନା ବିନ୍ଦୁ

ଜଣେ ଶିକ୍ଷକଙ୍କର ଏକ ପ୍ରତିକାତ୍ମକ ବିଦ୍ୟାଳୟ ଦିବସ ଉପରେ ଦୃଷ୍ଟି ନିକ୍ଷେପ କରନ୍ତୁ ଏବଂ ଯୋଡ଼ିରେ କାର୍ଯ୍ୟ କରନ୍ତୁ । ଦୈନନ୍ଦିନ ଶିକ୍ଷାଦାନରେ ଯଦି ଉପର ବର୍ଣ୍ଣିତ ଶିକ୍ଷା ଲକ୍ଷ୍ୟଗୁଡ଼ିକର କୌଣସି ଅନୁଭୂତ ହେଉଥାଏ ତାହା ଉପରେ ଚିନ୍ତା କରନ୍ତୁ । ଆପଣ, ଆପଣଙ୍କ ଦିବସ କିପରି ପରିଚାଳନା କରନ୍ତି ।

## ବିଦ୍ୟାଳୟ ପାଠ୍ୟ ବିଷୟ ଓ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫

ଆସନ୍ତୁ, ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଓ ଶିକ୍ଷାଦାନ କରାଯାଉଥିବା ବିଭିନ୍ନ ବିଷୟ ଉପରେ ଏକ ଗଭୀର ଦୃଷ୍ଟି ନିକ୍ଷେପ କରିବା । ଏଥିରେ ଭାଷା ଶିକ୍ଷାଦାନ ସମୟରେ ବହୁଭାଷୀ ନିପୁଣତା ହାସଲ ପାଇଁ ଭାଷାକୁ ଏକ ସମ୍ବଳ ରୂପେ ବ୍ୟବହାର କରିବା ଉଚିତ୍ ବୋଲି ଦର୍ଶାଯାଇଅଛି । ଯେହେତୁ, ଭାଷା ସଂପୂର୍ଣ୍ଣ ପାଠ୍ୟକ୍ରମକୁ ପରିବ୍ୟାପ୍ତ, ତେଣୁ ସମସ୍ତ ବିଷୟରେ ଆହରଣ କରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ଶ୍ରବଣ, କଥନ, ପଠନ, ଲିଖନ ଶିକ୍ଷାର୍ଥୀକୁ ସମସ୍ତ ଶୈକ୍ଷିକ ବିଷୟରେ ଅଗ୍ରସର ହେବା ପାଇଁ ସହାୟତା ପ୍ରଦାନ କରେ ଏବଂ ପାଠ୍ୟକ୍ରମ ସଂରଚନା ଦୃଷ୍ଟିରୁ ମଧ୍ୟ ଏହା ଅନିବାର୍ଯ୍ୟ ଅଟେ । ଗଣିତ ବିଷୟ ଏପରି

Module
1

ଶିଖାଇବା ଉଚିତ୍ ଯେପରି ଚିନ୍ତନ, ଯୁକ୍ତି, କଳ୍ପନା, ସଂକ୍ଷିପ୍ତ ବିବରଣୀର ବ୍ୟବହାର, ସୂତ୍ର ପ୍ରକାଶ କରିବା ଓ ସମସ୍ୟା ସମାଧାନ କରିବାର ସାମର୍ଥ୍ୟ ବୃଦ୍ଧି ହୋଇପାରିବ। ବିଜ୍ଞାନ ଶିକ୍ଷାଦାନ ଏପରି କରିବା ଯେପରି ତାହା ଶିକ୍ଷାର୍ଥୀଙ୍କୁ ପରୀକ୍ଷଣ ଓ ପ୍ରତିଦିନର ଅନୁଭୂତିକୁ ସମୀକ୍ଷା କରିବାର ସାମର୍ଥ୍ୟକୁ ବୃଦ୍ଧି କରିବ। ପରିବେଶର ଗୁରୁତ୍ୱକୁ ସମସ୍ତ ବିଷୟରେ ପ୍ରାଧାନ୍ୟ ଦିଆଯିବା ଉଚିତ୍ ଏବଂ ଏଥିପାଇଁ ବହୁ ଭାବରେ ବାହ୍ୟପ୍ରକଳ୍ପ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ଉଚିତ୍।

ଦଳିତ ଗୋଷ୍ଠିଗୁଡ଼ିକର ଦୃଷ୍ଟିକୋଣ ସମନ୍ୱୟ ଉପରେ ଗୁରୁତ୍ୱ ଦେବା ସମୟରେ ସମାଜ ବିଜ୍ଞାନ ଶିକ୍ଷଣ ଶୃଙ୍ଖଳା ସମ୍ବନ୍ଧୀୟ ସଂକେତଗୁଡ଼ିକୁ ଚିହ୍ନିବା ପାଇଁ ସ୍ଥିର କରିଥାଏ। ଲିଙ୍ଗ, ନ୍ୟାୟ ଏବଂ ସମ୍ବେଦନଶୀଳତା ଦିଗରେ ଅନ୍ତର୍ଭୁକ୍ତ ଦଳିତ ଗୋଷ୍ଠୀର ପିଲା ଏବଂ ସଂଖ୍ୟାଲଘୁ କର୍ମକର୍ତ୍ତା ବିଷୟରେ ସମାଜ ବିଜ୍ଞାନର ସମସ୍ତ ପରିସର ନିଶ୍ଚିତ ସୂଚୀତ କରିବା ଆବଶ୍ୟକ। ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫, କର୍ମ, କଳା ଓ ହସ୍ତଶିଳ୍ପ ପରମ୍ପରା, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ଏବଂ ଶାନ୍ତି ଶିକ୍ଷା ଆଦି ପାଠ ବିଷୟ ପ୍ରତି ମଧ୍ୟ ଧ୍ୟାନ ଆକର୍ଷିତ କରିଥାଏ। ଏହି ବିଷୟଗୁଡ଼ିକୁ ଶୈକ୍ଷିକ ବିଷୟବସ୍ତୁ ପରିସରଭୁକ୍ତ କରିବା ପାଇଁ ଏହା ସୁପାରିଶ କରିଅଛି। ଯେହେତୁ, କର୍ମ ଜ୍ଞାନକୁ ଅନୁଭୂତିରେ ରୂପାନ୍ତରିତ କରେ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଓ ସାମାଜିକ ମୂଲ୍ୟବୋଧ ଯଥା, ଆତ୍ମନିର୍ଭରଶୀଳତା, ସୃଜନଶୀଳତା ଓ ସହଭାଗିତା ସୃଷ୍ଟି କରେ, ସେହି ଦୃଷ୍ଟିକୋଣରୁ ପ୍ରାଥମିକ ସ୍ତରରୁ ଶିକ୍ଷଣକୁ କର୍ମ ସହ ସଂପୃକ୍ତ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଗ୍ରହଣ କରିବା ନିମିତ୍ତ ଅନୁମୋଦନ କରାଯାଇଅଛି। ନାଚ, ଗୀତ ଦୃଶ୍ୟକଳା ଓ ନାଟ୍ୟକଳା ଭଳି ସମସ୍ତ ଚାରୋଟି ଦିଗକୁ ଅନ୍ତର୍ଭୁକ୍ତ କରିବା ସହ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ପନ୍ଥାକୁ ଗୁରୁତ୍ୱ ଦେଇ କଳାକୁ ସବୁସ୍ତରରେ ଏକ ବିଷୟ ରୂପେ ସୁପାରିଶ କରାଯାଇଛି।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ର ଏକ ଅନୁଧ୍ୟାନସ୍ୱରୂପ ଏହା ଜଣାଯାଏ ଯେ ଏକ ଅନ୍ତର୍ନିବେଶୀ ପରିସ୍ଥିତିର ସମସ୍ତ ବିଷୟ ପାଇଁ ପ୍ରସ୍ତୁତ ପାଠ୍ୟ ଖସଡା ଓ ପାଠ୍ୟପୁସ୍ତକ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ରର ଦୃଷ୍ଟିଭଙ୍ଗୀକୁ ରୂପାନ୍ତରିତ କରିବା ପାଇଁ ଚେଷ୍ଟିତ ଅଟନ୍ତି। ଯଦିଓ, ପରିବେଶ, ପରିସ୍ଥିତି, ସାମଗ୍ରୀର ଉପଯୁକ୍ତତା ଶିକ୍ଷଣକୁ ଚିତାକର୍ଷକ କରିଥାଏ, ତଥାପି ଆମକୁ ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ଶଖିବା ପାଇଁ ଦକ୍ଷତା ଅଛି ବୋଲି ଦୃଢ଼ ବିଶ୍ୱାସ ରଖିବାକୁ ହେବ। ସେଥିପାଇଁ ଯେତେବେଳେ ଆମେ କୌଣସି ପାଠ୍ୟପୁସ୍ତକକୁ ପରିଚାଳନା କରୁ, ସେ ସେତେବେଳେ, ଆମକୁ ଉଦ୍ଦେଶ୍ୟ ଓ ସମସ୍ତ ଶିକ୍ଷାର୍ଥୀ ତଥା ଭିନ୍ନକ୍ଷମ ଓ ଅନ୍ୟାନ୍ୟ ସାମାଜିକ ସୁଯୋଗରୁ ବଞ୍ଚିତ ଶିକ୍ଷାର୍ଥୀଙ୍କ ପାଇଁ ଏହା କିପରି ବ୍ୟବହାର କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

> ପାଠ୍ୟକ୍ରମ କହିଲେ ଶିକ୍ଷାର ଲକ୍ଷ୍ୟ / ଲକ୍ଷ୍ୟ ସମୂହ ସାଧନ ନିମିତ୍ତ ଏକ ଯୋଜନାବଦ୍ଧ କାର୍ଯ୍ୟକୁ ବୁଝାଯାଏ। ଏବଂ ସେଥିରେ ଶିକ୍ଷାର୍ଥୀଙ୍କୁ କ'ଣ ପଢ଼ାଯିବ ଓ ଶିକ୍ଷାର୍ଥୀ ମଧ୍ୟରେ ବିକଶିତ ହେବାକୁ ଥିବା ଜ୍ଞାନ, ଦକ୍ଷତା ଓ ମନୋବୃତ୍ତି ଅନ୍ତର୍ଭୁକ୍ତ ଅଟେ। ପାଠ୍ୟଖସଡା, ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷଣ ସାମଗ୍ରୀ, ଶୈକ୍ଷିକ ଶାସ୍ତ୍ର, ମାନନିର୍ଦ୍ଧାରଣ ସହ ପ୍ରସଙ୍ଗ ଚୟନର ବିଶେଷତ୍ୱ ଏବଂ ପଦ୍ଧତିର ଚୟନ, ଉପକରଣ ଏବଂ ମୂଲ୍ୟାୟନ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ। ଅଧିକ ଜାଣିବା ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ.ସି.ଇ.ଆର.ଟି) ଦ୍ୱାରା ପ୍ରକାଶିତ Curriculum, Syllabus and Textbooks ସନ୍ଦର୍ଭଟିକୁ ପଢ଼ନ୍ତୁ।

## ଆଲୋଚନା ବିନ୍ଦୁ

- ଶିକ୍ଷାର୍ଥୀ କୈନ୍ଦ୍ରିକ, ଶୈକ୍ଷିକ ଶାସ୍ତ୍ର ଅଧିକ ପିଲାଥିବା ଶ୍ରେଣୀରେ ବ୍ୟବହାର କରାଯାଇପାରିବ କି ?
- ସମସ୍ତ ବିଷୟରେ, ଶିକ୍ଷାର୍ଥୀକୈନ୍ଦ୍ରିକ ଶୈକ୍ଷିକ ଶାସ୍ତ୍ର ସାହାଯ୍ୟରେ ଯୋଜନା କରାଯାଇପାରିବ କି ?

## ପାଠ୍ୟକ୍ରମ

Module
1

ପାଠ୍ୟକ୍ରମ କହିଲେ ଶିକ୍ଷାର ଲକ୍ଷ୍ୟ / ଲକ୍ଷ୍ୟ ସମୂହ ସାଧନ ନିମିତ୍ତ ଏକ ଯୋଜନାବଦ୍ଧ କାର୍ଯ୍ୟ ବୁଝାଯାଏ । ଏବଂ ସେଥିରେ ଶିକ୍ଷାର୍ଥୀଙ୍କୁ କ'ଣ ପଢ଼ାଯିବ ଓ ଶିକ୍ଷାର୍ଥୀ ମଧ୍ୟରେ ବିକଶିତ ହେବାକୁ ଥିବା ଜ୍ଞାନ, ଦକ୍ଷତା ଓ ମନୋବୃତ୍ତି ଅନ୍ତର୍ଭୁକ୍ତ ଅଟେ । ପାଠ୍ୟଖସଡା, ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷଣ ସାମଗ୍ରୀ, ଶୈକ୍ଷିକ ଶାସ୍ତ୍ର, ମାନନିର୍ଦ୍ଧାରଣ ସହ ପ୍ରସଙ୍ଗ ଚୟନର ବିଶେଷତ୍ୱ ଏବଂ ପଦ୍ଧତିର ଚୟନ, ଉପକରଣ ଏବଂ ମୂଲ୍ୟାୟନ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ । ଅଧିକ ଜାଣିବା ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ.ସି.ଇ.ଆର.ଟି) ଦ୍ୱାରା ପ୍ରକାଶିତ Curriculum, Syllabus and Textbooks ସନ୍ଦର୍ଭଟିକୁ ପଢ଼ନ୍ତୁ ।

ଆମେ ସମସ୍ତେ ବିଦ୍ୟାଳୟ କାର୍ଯ୍ୟ ପ୍ରକ୍ରିୟା ସହ ସଂପୃକ୍ତ । ଆମେ ଜାଣିଛୁ, ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟରେ ସଂଗଠିତ ହେଉଥିବା ସମସ୍ତ କାର୍ଯ୍ୟ ପାଠ୍ୟକ୍ରମ କେନ୍ଦ୍ରୀଭୂତ ଅଟେ । ପାଠ୍ୟକ୍ରମ ବୁଝିବା ଓ ଏହାର ପରିଚାଳନା କରିବା ପାଠ୍ୟପୁସ୍ତକର ପ୍ରସଙ୍ଗ ସହ ସଂପର୍କିତ କରିବା । ଜ୍ଞାନାତ୍ମକ ଓ ମାନବିକ ମୂଲ୍ୟବୋଧର ବିକାଶ କରିବା, ଲିଙ୍ଗଗତ ସଂପୃକ୍ତ ସମସ୍ତଙ୍କୁ ସମନ୍ୱିତ କରିବା ଏବଂ ଶିକ୍ଷଣ ପ୍ରକ୍ରିୟାରେ ସମସ୍ତ ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବାରେ ଏହା ସମସ୍ତ ଉପଭୋକ୍ତାଙ୍କୁ ସାହାଯ୍ୟ କରେ ।

ପାଠ୍ୟକ୍ରମକୁ ନିର୍ଦ୍ଧାରଣ କରୁଥିବା ମୌଳିକ ଉପାଦାନଗୁଡ଼ିକ ହେଲା ପ୍ରକୃତି ଶିକ୍ଷଣ, ତତ୍ତ୍ୱଗୃହିତ ମାନବ ବିକାଶ ସଂପର୍କିତ ଜ୍ଞାନ ଏବଂ ସାମାଜିକ ପ୍ରଭାବ । ଏହା ସହିତ ଅଧିକ ଭାବରେ ସମାଜର ଆବଶ୍ୟକତା ଓ ଅଭିଳାଷ ପାଠ୍ୟକ୍ରମର ସ୍ୱରୂପ, ବିଷୟ ଏବଂ ସେଗୁଡ଼ିକରେ ପରିଚାଳନାକୁ ନିର୍ଦ୍ଧାରିତ କରିଥାଏ । ପାଠ୍ୟକ୍ରମର ମଧ୍ୟ ଏକ ରୂପାନ୍ତରିତ ଭୂମିକା ରହିଛି ।

ଶିକ୍ଷକ ଓ ଶିକ୍ଷକ ପ୍ରଶିକ୍ଷକ ହିସାବରେ ଆମେ ଜାଣୁ ଯେ, କେତେକ ବିଷୟ ଅନୈପଚାରିକ ଭାବରେ ବିଦ୍ୟାଳୟରେ ପଢ଼ାଯାଏ ଯାହା ପ୍ରଚ୍ଛଦିତ ପାଠ୍ୟକ୍ରମକୁ ସୂଚୀତ କରେ ।

ପ୍ରଚ୍ଛଦିତ ପାଠ୍ୟକ୍ରମର ବ୍ୟବହାର, ପରିପ୍ରେକ୍ଷଣ ଏବଂ ମନୋବୃତ୍ତିକୁ ଅର୍ନ୍ତଭୁକ୍ତ କରିଥାଏ । ଯାହା ଶିକ୍ଷାର୍ଥୀମାନେ ବିଦ୍ୟାଳୟ କାର୍ଯ୍ୟକ୍ରମ ସମୟରେ ଆହରଣ କରିଥାନ୍ତି । ଏହା ହୃଦୟଙ୍ଗମ କରିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଚ୍ଛଦିତ ପାଠ୍ୟକ୍ରମ ଯାହାକୁ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ଆପଣେଇଥାନ୍ତି । ଏହା ଔପଚାରିକ ପାଠ୍ୟକ୍ରମର ଏକ ଅଂଶ ହୋଇପାରେ ବା ନ ହୋଇପାରେ ।

## ପାଠ୍ୟଖସଡ଼ା

ପାଠ୍ୟଖସଡ଼ା, ଶ୍ରେଣୀଭିତ୍ତିକ ଓ ବିଷୟଭିତ୍ତିକ ପ୍ରସଙ୍ଗର ତାଲିକା ପ୍ରଦାନ କରେ । ଏହା ପ୍ରସଙ୍ଗ ସମାପ୍ତ କରିବାର ସମୟ ଓ ମାନିର୍ଦ୍ଧାରଣର ଆଧାର ମଧ୍ୟ ଯୋଗାଇଥାଏ । ପାଠ୍ୟଖସଡ଼ା ଏକ ଦସ୍ତାବିଜ୍ ଯାହା ବିଷୟ ସଂପର୍କରେ ସୂଚନା ପ୍ରଦାନ କରେ ଏବଂ ପ୍ରତ୍ୟାଶିତ ଫଳାଫଳ ଓ ଦାୟିତ୍ୱର ସଂଜ୍ଞା ପ୍ରଦାନ କରେ । ଏହା ଶିକ୍ଷାଦାନ ନିମନ୍ତେ ଏକ ପ୍ରୟୋଜନୀୟ ଦସ୍ତାବିଜ୍ ଯାହା ପାଠର ମୌଳିକ ଭାଗଗୁଡ଼ିକର ପ୍ରାଥମିକ ଚିଠା ପ୍ରସ୍ତୁତ କରିବାରେ ସହାୟକ ହୁଏ ଯେପରି କେଉଁ ପ୍ରସଙ୍ଗ ପଢ଼ାଯିବ, ସାପ୍ତାହିକ କାର୍ଯ୍ୟସୂଚୀ, ପରୀକ୍ଷା ଓ ନ୍ୟସ୍ତ କାର୍ଯ୍ୟର ତାଲିକା ଏବଂ

**Module 1**

ସଂଶ୍ଳିଷ୍ଟ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ସୂଚନା ପ୍ରଦାନ କରେ। ପାଠ୍ୟଖସଡ଼ା, ଶିକ୍ଷଣ ଫଳାଫଳ, ମାନ ନିର୍ଦ୍ଧାରଣ, ପ୍ରସଙ୍ଗ ଓ ଶୈକ୍ଷିକ କାର୍ଯ୍ୟାଧାରା ମଧ୍ୟରେ ଥିବା ସଂପର୍କ ବିଷୟରେ ସ୍ୱଷ୍ଟ ଭାବରେ ବ୍ୟକ୍ତ କରେ। ଏହା ଗଠନମୂଳକ ଭାବରେ ସଜ୍ଜିତ ପନ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରେ ଯାହା ଶିକ୍ଷାର୍ଥୀଙ୍କୁ ଶିକ୍ଷଣର ପଥ ପ୍ରଦର୍ଶନ କରେ। ପାଠ ସମ୍ବନ୍ଧୀୟ ପାଠ୍ୟ ଖସଡ଼ାର ଚାରୋଟି ମୁଖ୍ୟ ଅଂଶ ରହିଛି। ସେଗୁଡ଼ିକ ହେଲା ପ୍ରସଙ୍ଗ ଓ ପ୍ରଶ୍ନ, ଉଦ୍ଦେଶ୍ୟ, ପ୍ରସ୍ତାବିତ କାର୍ଯ୍ୟ, ସମ୍ବଳ ଓ ଶିକ୍ଷକଙ୍କ ପାଇଁ ଟିପ୍ପଣୀ।

## ପାଠ୍ୟପୁସ୍ତକ

ଆମେ ଖାଉଥିବା ଖାଦ୍ୟ




ପାଠ୍ୟପୁସ୍ତକ, ପାଠ୍ୟଖସଡ଼ାରେ ଦିଆଯାଇଥିବା ପ୍ରସଙ୍ଗ /ବିଷୟବସ୍ତୁ ଉପରେ ପାଠ ଯୋଗାଇଥାଏ। ପାଠ୍ୟପୁସ୍ତକ ଶିକ୍ଷାର୍ଥୀଙ୍କ ପାଇଁ ଏକ ମୁଦ୍ରିତ ଶିକ୍ଷଣ ସମ୍ବଳ ଅଟେ। ସେଗୁଡ଼ିକ ଶିକ୍ଷାର୍ଥୀ ପ୍ରିୟ ଏବଂ ଜାତୀୟ ପାଠ୍ୟକ୍ରମ ଆଧାର ପରିପ୍ରେକ୍ଷଣର ପ୍ରତିଫଳନ ହେବା ଆବଶ୍ୟକ।

## ଶିକ୍ଷାର୍ଥୀ କୈନ୍ଦ୍ରିକ ପାଠ୍ୟପୁସ୍ତକର ବୈଶିଷ୍ଟ୍ୟ

- କମ୍ ସୂଚନା ଓ ବହୁତ କାର୍ଯ୍ୟ ବିଶିଷ୍ଟ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ଭିତ୍ତିକ ହୋଇଥିବ।
- ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବା ଏବଂ ସେମାନଙ୍କ ଜ୍ଞାନ ସଂଗଠନ କରିବା ପାଇଁ ସୁଯୋଗ ପ୍ରଦାନ କରିବ।
- ଦେଶରେ ଥିବା ବିବିଧତାକୁ ଅନ୍ତର୍ଭୁକ୍ତ କରିବା।
- ସାମ୍ବିଧାନିକ ମୂଲ୍ୟବୋଧର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା।
- ଲିଙ୍ଗ, ଅନ୍ତର୍ନିବେଶ ଭଳି ସାମାଜିକ ବିଚାରଗୁଡ଼ିକ ପ୍ରତି ସମ୍ବେଦନଶୀଳ ହେବାରେ ସୁଯୋଗ ପ୍ରଦାନ କରିବା।
- କାର୍ଯ୍ୟକରିବା ପାଇଁ ସୁଯୋଗ ପ୍ରଦାନ ନିମିତ୍ତ ପ୍ରଚେଷ୍ଟା।
- ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାଇଁ ସୁଯୋଗ ପ୍ରଦାନ ନିମିତ୍ତ ପ୍ରଚେଷ୍ଟା।
- ଅନ୍ତର୍ନିହିତ ମୂଲ୍ୟାୟନ ପାଇଁ ସୁଯୋଗ।
- ସରଳ ଭାଷାରେ ପ୍ରସଙ୍ଗ ଉପସ୍ଥାପନ କରିବା।
- କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷାକୁ ସମନ୍ୱିତ କରିବା।

## ବିଦ୍ୟାଳୟରେ ପାଠାଗାରର ଭୂମିକା

Module 1

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ବିଦ୍ୟାଳୟରେ ପାଠାଗାର ପାଇଁ ସହମତି ପ୍ରଦାନ କରେ। ଏହି ଯୁକ୍ତି ରେ କି 'ପାଠ୍ୟଗାର ଏକ ବୌଦ୍ଧିକ ସ୍ଥାନ ରୂପେ ଗ୍ରହଣୀୟ ହେବା ଉଚିତ୍। ଯେଉଁଠାରେ ଶିକ୍ଷକ, ଶିକ୍ଷାର୍ଥୀ ଓ ଗୋଷ୍ଠୀରେ ବ୍ୟକ୍ତି ବିଶେଷ ସେମାନଙ୍କ ଜ୍ଞାନ ଓ କଳ୍ପନାକୁ ଗଭୀର କରିବାର ଉପାୟ ପାଇପାରିବେ।' ବିଦ୍ୟାଳୟ ପାଠାଗାର ସମସ୍ତ ଶୈକ୍ଷିକ ବିଷୟ ପାଇଁ ଏକାଭିମୁଖିତାର କେନ୍ଦ୍ର ହୋଇପାରେ। ସାକ୍ଷରତା ଉପରେ କରାଯାଇଥିବା ଗବେଷଣା ପ୍ରମାଣ କରିଛି, ଯାହା ପ୍ରଶିକ୍ଷକ ମାନେ ବହୁ ବର୍ଷ କାଳରୁ ଜାଣିଛନ୍ତି, ଯେ ଯେଉଁ ପିଲାର ପୁସ୍ତକ ସହ ଅଧିକତର ସଂପର୍କ ରହିଛ, ସେ ଭଲ ପାଠକ ହୋଇ ପାରିବ। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରତିଦିନ ପଠନ ଏବଂ ପାଠାଗାରର ସଂପ୍ରସାରିତ ବ୍ୟବହାର ମାଧ୍ୟମରେ ପୁସ୍ତକ ସହ ନିବିଡ଼ତା ସ୍ଥାପନ କରି, ଶିକ୍ଷକ ପଠନର ଅଭିବୃଦ୍ଧି ପାଇଁ ପ୍ରୋତ୍ସାହିତ କରିପାରିବେ। ସେମାନେ ପିଲାମାନଙ୍କୁ ପାଠ୍ୟପୁସ୍ତକ ବାହାରେ ଜ୍ଞାନର ଉତ୍ସକୁ ଅନୁସନ୍ଧାନ କରିବା ପାଇଁ ସମ୍ଭାବନା ପ୍ରଦାନ କରନ୍ତୁ। ସଂପ୍ରତିକ ପରିସ୍ଥିତିରେ ପିଲାମାନଙ୍କ ପାଠାଗାର ପାଇଁ ସାହିତ୍ୟର ମାନେ କେବଳ ଗଳ୍ପନୁହେଁ ବରଂ କାଳ୍ପନିକ ଓ ବାସ୍ତବିକ ରଚିତ ପୁସ୍ତକ ଓ ପଦ୍ୟାବଳୀ ମଧ୍ୟ ଅନ୍ତର୍ଭୁକ୍ତ ଅଟେ। ପାଠାଗାର ପ୍ରାଥମିକ ସ୍ତରର ବିଦ୍ୟାର୍ଥୀଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ସମସ୍ତଙ୍କୁ ଶିକ୍ଷଣରେ ସହାୟତା ପ୍ରଦାନ କରିବ ଏବଂ ଶିକ୍ଷକଙ୍କ ପାଇଁ ମଧ୍ୟ ଏକ ଭଣ୍ଡାର ସ୍ୱରୂପ ହୋଇପାରିବ। ବିଦ୍ୟାଳୟ ପରିସରରେ ପାଠାଗାର କୌଣସି ଏକ ସ୍ୱତନ୍ତ୍ର କକ୍ଷ କିମ୍ବା ଶ୍ରେଣୀ ଗୃହରେ କାର୍ଯ୍ୟକାରୀ କରାଯାଇପାରିବ ଯେପରି ଶିକ୍ଷାର୍ଥୀ ମାନଙ୍କର ପୁସ୍ତଗୁଡ଼ିକ ସହ ସଂପର୍କ ସ୍ଥାପନ ସମ୍ଭବ ହୋଇପାରୁଥିବ। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ/ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ପୃଷ୍ଠଭୂମି ଅନୁସାରେ ବିଦ୍ୟାଳୟ ଅଧକ୍ଷ, ଶିକ୍ଷକ, ପାଠାଗାର ପରିଚାଳକଙ୍କ ଦ୍ୱାରା ବିଦ୍ୟାଳୟରେ ଏକ ପାଠାଗାର ସ୍ଥାପନ ଓ ପରିଚାଳନା କରିବା ନିମିତ୍ତ କେତେକ ଅତ୍ୟାବଶ୍ୟକ ମାଗଦର୍ଶିକା ପ୍ରଦାନ କରିବା ପାଇଁ ଏକ ପାଠାଗାର ପ୍ରଶିକ୍ଷଣ ପ୍ରସ୍ତୁତ କରିବାର ପରାମର୍ଶ ଦିଆଯାଉଛି।

## ଆଲୋଚନା ବିନ୍ଦୁ

- ଆପଣ ଶ୍ରେଣୀ କକ୍ଷରେ ପାଠ୍ୟପୁସ୍ତକ ବାହାରକୁ ଯିବାର କୌଣସି ଏକ ଶିକ୍ଷଣ ଅନୁଭୂତିକୁ ବାଣ୍ଟନ୍ତୁ। ସେହି ଅନୁଭୂତିରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ଏବଂ ଶିକ୍ଷଣ ଉପରେ ଆପଣଙ୍କ ମତାମତ କ'ଣ ?
- ପାଠାଗାର ବିଦ୍ୟାଳୟର ଏକ ମୁଖ୍ୟ ଅଂଶ କିନ୍ତୁ ଅଧିକ ଭାବେ ଏହାକୁ ଏକ ପୁସ୍ତକଭରା ଜାଗା ରୂପେ ବିବେଚନା କରାଯାଏ। ପାଠାଗାରକୁ ଅଧିକ୍ ଜୀବନ୍ତ ଓ ସଞ୍ଜୀବିତ ସ୍ଥାନ କିପରି କରାଯାଇପାରିବ ସେ ସଂପର୍କରେ ଆପଣଙ୍କ ମତାମତ ପ୍ରଦାନ କରେନ୍ତୁ।

Module
1

## ଶିକ୍ଷଣ ଫଳାଫଳ

ସମ୍ପ୍ରତି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏମ୍.ସି.ଇ.ଆର.ଟି) ଶିକ୍ଷଣ ଫଳାଫଳ ପ୍ରସ୍ତୁତ କରିଅଛି ଯାହା ପ୍ରସଙ୍ଗର ଘୋଷାପଦ୍ଧତିମୂଳକ ମାନନିର୍ଦ୍ଧାରଣ ପ୍ରକ୍ରିୟାରୁ ନିବୃତ୍ତ ରହିବାର ଏକ ମାଧ୍ୟମ ଅଟେ। ଶିକ୍ଷାର୍ଥୀ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବର୍ଷତମାମ କେଉଁ ଜ୍ଞାନ ଆହରଣ କରିବ, କେଉଁ ଦକ୍ଷତା ହାସଲ କରିବ ଏବଂ ସାମାଜିକ ଓ ବ୍ୟକ୍ତିଗତଗୁଣ ଓ ମନୋବୃତ୍ତିରେ କେଉଁସବୁ ପରିବର୍ତ୍ତନ ହେବ ତାହା ବୁଝିବା ନିମନ୍ତେ ଶିକ୍ଷକଙ୍କ ସହାୟତା ପାଇଁ ଦକ୍ଷତା (ଶିକ୍ଷଣ ଫଳାଫଳ) ଭିତ୍ତିକ ମାନ ନିର୍ଦ୍ଧାରଣକୁ ଗୁରୁତ୍ୱ ପ୍ରଦାନ କେରାଯାଇଅଛି।

ଶିକ୍ଷଣ ଫଳାଫଳ କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ସମାପ୍ତ ମଧ୍ୟରେ ଶିକ୍ଷାର୍ଥୀ ଗ୍ରହଣ କରିବାକୁ ଥିବା ଜ୍ଞାନ ଓ ଦକ୍ଷତାର ବାକ୍ୟରେ ପ୍ରକାଶିତ ବିବରଣ ଅଟେ। ଏବଂ ଏହା ଶୈକ୍ଷିକ ଶାସ୍ତ୍ର ଦ୍ୱାରା ସମର୍ଥିତ ଯାହାକୁ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ଉକ୍ତିଗୁଡ଼ିକ ପ୍ରକ୍ରିୟା ଭିତ୍ତିକ ଏବଂ ଏହା ତନଖି ଏକକ ପ୍ରଦାନ କରିଥାଏ ଯାହା ସାହାଯ୍ୟରେ ଶିକ୍ଷାର୍ଥୀର ସାମଗ୍ରିକ ବିକାଶକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଭାବରେ ପରିମାପନ କରାଯାଇପାରିବ। ପରିବେଶ ଅଧ୍ୟୟନର ଦୁଇଟି ଶିକ୍ଷଣ ଫଳାଫଳ ନିମ୍ନରେ ଦିଆଯାଇଅଛି।

- ଶିକ୍ଷାର୍ଥୀ ଭିନ୍ନଭିନ୍ନ ବୟସର ବ୍ୟକ୍ତି, ପଶୁ ଓ ପକ୍ଷୀମାନଙ୍କର ଖାଦ୍ୟର ଆବଶ୍ୟକତା, ଖାଦ୍ୟ ସୁଲଭତା, ଏବଂ ଜଳ ଓ ପରିପାର୍ଶ୍ୱରେ ଜଳର ବ୍ୟବହାର ବର୍ଣ୍ଣନା କରିବ।
- ଶିକ୍ଷାର୍ଥୀ ପରିବାରରେ ସଦସ୍ୟମାନଙ୍କର ଭୂମିକା, ପରିବାରର ପ୍ରଭାବ (ବିଶେଷତା / ବୈଶିଷ୍ଟ୍ୟ / ଅଭ୍ୟାସ / ପ୍ରଥା), ଏକତ୍ର ରହିବାର ଆବଶ୍ୟକତା ଲିଖିତ/ ମୌଖିକ / ଅନ୍ୟ ମାଧ୍ୟମରେ ବର୍ଣ୍ଣନା କରିବ।

ଉପରୋକ୍ତ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ, ଶିକ୍ଷାର୍ଥୀମାନଙ୍କୁ ଯୋଡ଼ି କାର୍ଯ୍ୟ, ଦଳଗତ କାର୍ଯ୍ୟ, ବ୍ୟକ୍ତିଗତ ଭାବରେ କରିବାକୁ ସୁଯୋଗ ଦିଆଯିବ ଏବଂ ପରିପାର୍ଶ୍ୱକୁ ପର୍ଯ୍ୟବେକ୍ଷଣ ଦ୍ୱାରା ଅନୁଦାନ କରି ଲିପିବଦ୍ଧ କରିବା ପାଇଁ ଏବଂ ମୌଖିକ / ଲିଖିତ / ଚିତ୍ରାଙ୍କନ / ଅଙ୍ଗଭଙ୍ଗୀ ମାଧ୍ୟମରେ ପରିପ୍ରକାଶ କରିବା ପାଇଁ ଉତ୍ସାହିତ କରାଯିବ। ଶିକ୍ଷାର୍ଥୀଙ୍କୁ ବୟସବ୍ୟକ୍ତିଙ୍କ ସହିତ ଆଲୋଚନା ଓ ବିଭିନ୍ନ ସ୍ଥାନର ପରିଦର୍ଶନ କରିବା ସହ ସେମାନଙ୍କ ଠାରୁ ନିଜ ପସନ୍ଦର ପ୍ରସଙ୍ଗରେ ତଥ୍ୟ ସଂଗ୍ରହ ତଥା ଦଳରେ ସେଗୁଡ଼ିକର ଆଲୋଚନା କରିବା ପାଇଁ ଅନୁମତି ପ୍ରଦାନ କରାଯିବା ଆବଶ୍ୟକ।

ପ୍ରାଥମିକ ସ୍ତରରେ ଶିକ୍ଷଣ ଫଳାଫଳର ଅର୍ଥ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଏବଂ ସୁଯୋଗରୁ ବଂଚିତ ଶିକ୍ଷାର୍ଥୀଙ୍କ ସହ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷଣ ସୁଯୋଗ ଯୋଗାଇଦେବା। ଏଗୁଡ଼ିକ ବିଭିନ୍ନ ଶୈକ୍ଷିକ ପାଠ୍ୟବିଷୟ ପାଇଁ ପ୍ରସ୍ତୁତ କରାଯାଇଅଛି। ଶିକ୍ଷଣ ଫଳାଫଳଗୁଡ଼ିକର ଶୈକ୍ଷିକ ପ୍ରତ୍ୟାଶା ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ସହ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଶୈକ୍ଷିକ ଶାସ୍ତ୍ର ସହ ସଂପର୍କ ସ୍ଥାପନ କରାଯାଇଅଛି। ସାଧାରଣ ସୁବିଧା ସୁଯୋଗରୁ ବଂଚିତ ଶିକ୍ଷାର୍ଥୀମାନଙ୍କ ପାଇଁ ନିମ୍ନଲିଖିତ ସୁଯୋଗମାନ ପ୍ରଦାନ କରାଯାଇଅଛି।

- ଶିକ୍ଷଣ ପ୍ରକ୍ରିୟାରେ ସେମାନଙ୍କର ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଅନ୍ୟ ଶିକ୍ଷାର୍ଥୀଙ୍କ ଭଳି ସେମାନଙ୍କ ଅଗ୍ରସରରେ ସହାୟତା ପ୍ରଦାନ କରିବା । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ତୁଳନା କରିବା କାର୍ଯ୍ୟଠାରୁ ନିବୃତ ରହିବା ।
- ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକୁ ସୁହାଇଲା ଭଳି ପାଠ୍ୟକ୍ରମ ଓ ଶିକ୍ଷଣ ପରିବେଶକୁ ପରିବର୍ତ୍ତନ କରିବା ।
- ବୟସ ଓ ଶ୍ରେଣୀ ଅନୁଯାୟୀ ଗ୍ରହଣୀୟ ଶିକ୍ଷଣ ସାମଗ୍ରୀ ଓ ପାଠ୍ୟପୁସ୍ତକର ସହଜ ଉପଲବ୍ଧି ।
- ଉପଯୁକ୍ତ ଶ୍ରେଣୀଗୃହ ପରିଚାଳନା, ଉଦାହରଣ ସ୍ୱରୂପ; କୋଳାହଳ ଓ ପ୍ରଖର ଆଲୋକର ପରିଚାଳନା ଇତ୍ୟାଦି ।
- ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (ICT), ଭିଡିଓ ବା ଡିଜିଟାଲ ଫର୍ଦ୍ଦ ବ୍ୟବହାର କରି ଅତିରିକ୍ତ ସହାୟତାର ବ୍ୟବସ୍ଥା କରିବା ।
- ଗତିଶୀଳତା ନିମନ୍ତେ ସହାୟକ ସମାଗ୍ରୀ (ଚକଲଗା ଚୌକି, ଆଶାବାଡି, ଧଳାବାଡ଼ି) ଶ୍ରବଣରେ ସାହାଯ୍ୟ କରୁଥିବା ସାମଗ୍ରୀ, ଦୃଷ୍ଟି ଓ ସ୍ୱଳ୍ପଦୃଷ୍ଟି ବିଶିଷ୍ଟ ସାହାଯ୍ୟକାରୀ ସାମଗ୍ରୀ, ଶିକ୍ଷଣ ସାମଗ୍ରୀ (ଟେଲର ଫ୍ରେମ, ଆବାକସ୍ ଇତ୍ୟାଦି)ର ବ୍ୟବସ୍ଥା କରିବା ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ସାମର୍ଥ୍ୟ ଓ ଦୁର୍ବଳତା ସଂପର୍କରେ ଅନ୍ୟ ପିଲାମାନଙ୍କୁ ସମ୍ବେଦନଶୀଳ କରାଇବା ।
- ସଫଳତାର ସହ ମାନ ନିର୍ଦ୍ଧାରଣର ସମାପ୍ତି ନିମନ୍ତେ ଅତିରିକ୍ତ ସମୟ ଓ ଆବଶ୍ୟକୀୟ ପନ୍ଥାର ଚୟନ କରିବା ।
- ଘରେ ବ୍ୟବହାର କରୁଥିବା ଭାଷାକୁ ସାମାଜିକ ଓ ସାଂସ୍କୃତିକ ପରିବେଷ୍ଟନୀ (ଉଦାହରଣ ପ୍ରଥା ଓ ପରମ୍ପରା) ସହ ସଂପୃକ୍ତ କରିବା ।

**Module 1**

ଦକ୍ଷତା କହିଲେ ସଂଶ୍ଳିଷ୍ଟ ସାମର୍ଥ୍ୟ ସକ୍ଷମତା, ଜ୍ଞାନ ଓ କୌଶଳର ସମାହାର ଅଟେ ଯାହା ବ୍ୟକ୍ତିକୁ କୌଣସି ଏକ ପରିସ୍ଥିତିରେ କାର୍ଯ୍ୟ କରିବାକୁ ସମର୍ଥ କରେ । ଦକ୍ଷତା, ଜ୍ଞାନ ଓ କୌଶଳର ପ୍ରାଚୁର୍ଯ୍ୟତାକୁ ସୂଚାଏ ଯାହା ଜଣଙ୍କୁ ବିଭିନ୍ନ ପରିସ୍ଥିତିରେ କାର୍ଯ୍ୟ କରିବା ପାଇଁ ସମର୍ଥ କରେ ।

### *ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷଣ ଫଳାଫଳ ହାସଲ କରିବା ନିମିତ୍ତ ଶୈକ୍ଷିକ ଶାସ୍ତ୍ର ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ଶିକ୍ଷକଙ୍କ ଭୂମିକା*

ଯଦିଓ, ଅନ୍ତର୍ନିବେଶୀ ଶିକ୍ଷା ସଂପ୍ରତିକ ସ୍ଥିତିରେ ବ୍ୟବସ୍ଥିତ, ତଥାପି ବାଧିତ ଓ ସାମାଜିକ ସେବାରୁ ବଂଚିତ ଶିକ୍ଷାର୍ଥୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି, ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଅସଫଳ ହେବାର କାରଣ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ସମସ୍ତ ଭିନ୍ନତାକୁ ନିଶ୍ଚିହ୍ନ କରିବା ସମସ୍ୟା ନୁହେଁ ବରଂ ସମସ୍ତ ଭିନ୍ନତାକୁ କିପରି ଅତୁଟ ଭାବରେ ଏକତ୍ର କରିବା ସମସ୍ୟା ଅଟେ ।

**- ରବିନ୍ଦ୍ର ନାଥ ଟାଗୋର**

Module
1

ଏହା, ପ୍ରଚଳିତ ସ୍ଥାନୀୟ ପ୍ରସଙ୍ଗରେ ନୂତନ କାର୍ଯ୍ୟଧାର ଚିହ୍ନଟ ଏବଂ ପ୍ରବେଶ ଅଂଶଗ୍ରହଣ ଓ ଶିକ୍ଷଣରେ ଥିବା ପ୍ରତିବନ୍ଧକଗୁଡ଼ିକର ପରୀକ୍ଷଣ ବିଷୟରେ ମଧ୍ୟ ପ୍ରଶ୍ନ କରେ। 'ଜୀବଜନ୍ତୁଙ୍କ ବିଦ୍ୟାଳୟ' ଗଳ୍ପଥିବା ଫର୍ଦ୍ଦଟିକୁ ବ୍ୟକ୍ତିଗତ ଭାବରେ ପଢ଼ନ୍ତୁ। ଗଳ୍ପ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂପର୍କରେ ଶ୍ରେଣୀରେ ନିଜର ମତାମତକୁ ଉପସ୍ଥାପନ କରନ୍ତୁ। ଶିକ୍ଷକଙ୍କୁ ମନେରଖିବାକୁ ହେବ ଯେ ଫଳପ୍ରଦ ଓ ଅନ୍ତର୍ନିବେଶୀ ଶିକ୍ଷା ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ। ଏହା ଶିକ୍ଷାର୍ଥୀମାନଙ୍କର ଅସାଧାରଣ ସାମର୍ଥ୍ୟ ଓ ଦୁର୍ବଳତା ଏବଂ ସେମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଗୁରୁତ୍ୱ ଦେବା ନିମନ୍ତେ ସାହାଯ୍ୟ ପ୍ରଦାନ କରେ। ସମସ୍ତ ଶିକ୍ଷାର୍ଥୀଙ୍କୁ ଫଳପ୍ରଦ ଶିକ୍ଷଣ ସୁଯୋଗ ପ୍ରଦାନ କରି ଶିକ୍ଷଣ ଫଳାଫଳକୁ ଉପଲବ୍ଧ କରିବା ନିମନ୍ତେ ସ୍ୱତନ୍ତ୍ରତାର ସମୂହତାକୁ ଏକ ନାଟକୀୟ ପରିବର୍ତ୍ତନ ହେବା ଏକାନ୍ତ ଆବଶ୍ୟକ। ଯଦି ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟରେ ଭଲ ପଢ଼ିବାକୁ ତଥା ସଫଳତା ହାସଲ କରିବାକୁ ହେବ ତେବେ ଆମେ କେବଳ ଯେ ସାଂସ୍କୃତିକ ବିବିଧତାକୁ ଗୁରୁତ୍ୱ ଦେବା ତାହା ନୁହେଁ ବରଂ ଶିକ୍ଷାର୍ଥୀମାନଙ୍କର ସାମାଜିକ, ଅର୍ଥନୈତିକ ପୃଷ୍ଠଭୂମି, ଶାରୀରିକ ବିବିଧତାକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।

### ଜୀବଜନ୍ତୁଙ୍କ ବିଦ୍ୟାଳୟ : ବିଶ୍ଳେଷଣ ପାଇଁ ଏକ ଗଳ୍ପ

ଏକଦା ଜୀବଜନ୍ତୁମାନେ ନୂଆ ପୃଥିବୀର ସମସ୍ୟାକୁ ଦୂର କରିବା ନିମିତ୍ତ କିଛି ସାହସିକତାର କାର୍ଯ୍ୟ କରିବା ପାଇଁ ଚିନ୍ତା କଲେ। ତେଣୁ ସେମାନେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଲେ।

- ସେମାନେ ଏକ କାର୍ଯ୍ୟଭିତ୍ତିକ ପାଠ୍ୟକ୍ରମ ଗ୍ରହଣ କଲେ ଯେଉଁଥିରେ ଦୌଡ଼ିବା, ଚଢ଼ିବା, ପହଁରିବା ଏବଂ ଉଡ଼ିବା ବିଷୟ ଅର୍ନ୍ତଭୁକ୍ତ ଥିଲା।
- ପାଠ୍ୟକ୍ରମର ସୁପରିଚାଳନା ପାଇଁ ସମସ୍ତ ଜୀବଜନ୍ତୁ ସବୁ ବିଷୟ ନେଲେ।
- ବତକ ପହଁରିବାରେ ସର୍ବୋତ୍କୃଷ୍ଟ। ତା'ର ପ୍ରଶିକ୍ଷକଙ୍କ ଠାରୁ ମଧ୍ୟ ଉତ୍କୃଷ୍ଟ ଅଟେ। କିନ୍ତୁ ସେ ଉଡ଼ିବାରେ ପାସ ନମ୍ବର ରଖିଲା ଏବଂ ଦୌଡ଼ରେ ଖୁବ୍ ଦୁର୍ବଳ ଥିଲା। ଯେହେତୁ ସେ ଦୌଡ଼ରେ ମନ୍ଥର ଥିଲା। ତେଣୁ ତାକୁ ସମୟ ସରିଲା ପରେ ମଧ୍ୟ ବିଦ୍ୟାଳୟରେ ରହିବାକୁ ପଡୁଥିଲା ଏବଂ ଦୋଡ଼ ଅଭ୍ୟାସ ପାଇଁ ମଧ୍ୟ ପହଁରିବା ଛାଡିଦେଲା।
- ତା'ର ଜାଲି ପାଦର ଚର୍ମ ନଷ୍ଟ ନହେବା ପର୍ଯ୍ୟନ୍ତ ଏହିପରି ଚାଲିଲା ଏବଂ ସେ ପହଁରିବାରେ ସାଧାରଣ ସ୍ତରରେ ପହଂଚିଗଲା। କିନ୍ତୁ ବିଦ୍ୟାଳୟରେ ସାଧାରଣ ସ୍ତର ଗ୍ରହଣଯୋଗ୍ୟ ଥିଲା ତେଣୁ କେବଳ ବତକକୁ ଛାଡିଦେଲେ ଅନ୍ୟ କେହି ସେଥିପ୍ରତି ବିବ୍ରତ ନଥିଲେ।
- ଠେକୁଆ ଦୌଡ଼ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଲା କିନ୍ତୁ ସେ ମଧ୍ୟ ଭୟଭୀତ ଥିଲା କାରଣ ତାକୁ ପହଁରିବା ପାଇଁ ବହୁତ ଅଭ୍ୟାସ କରିବାକୁ ପଡୁଥିଲା।
- ଗୁଣ୍ଡିଚିମୂଷା ଚଢ଼ିବାରେ ପାରଙ୍ଗମ ଥିଲା ଯେ ପର୍ଯ୍ୟନ୍ତ ତା'ର ଶିକ୍ଷକ ଚଢ଼ିବା ପରିବର୍ତ୍ତେ ଗଛରୁ ଓହ୍ଲାଇବାକୁ ବାଧ୍ୟ କରିବା ଦ୍ୱାରା ତା'ର ଆଗ୍ରହ ସମାପ୍ତ ହୋଇନଥିଲା। ସେ ବହୁମାତ୍ରାରେ ଅଭ୍ୟାସ ରତ ହୋଇପଡ଼ିଲା ଆଉ ତା'ପରେ ଚଢ଼ିବାରେ 'ଖ' ଓ ଦୌଡ଼ରେ 'ଘ' ଗ୍ରେଡ଼ ପାଇଲା।

Module 1

- ଇଗଲ ଏକ ସମସ୍ୟାପୂର୍ଣ୍ଣ ଶିକ୍ଷାର୍ଥୀ ଓ ଅତିମାତ୍ରାରେ ଶୃଙ୍ଖଳିତ। ଚଢ଼ିବା ଶ୍ରେଣୀରେ ସେ ସମସ୍ତଙ୍କୁ ମାତ୍ ଦେଇ ଗଛର ବହୁ ଉପରକୁ ଚଢ଼ିଥିଲା କିନ୍ତୁ ତାକୁ କେହି ଭଲ ପାଉନଥିଲେ କାରଣ ସେ ନିଜ ଉପାୟରେ ସେଠାରେ ପହଂଚିଥିଲା।
- ବର୍ଷ ଶେଷରେ, ସର୍ପାକୃତି ଇଲ ମାଛ ପହଁରିବାରେ ଭଲ କଲା ଏବଂ ଦୌଡ଼, ଚଢ଼ିବା ଏବଂ ଉଡିବାରେ ଉଭେଇ ସ୍ଥାନ ଅଧିକାର କରି ବିଜେତା ହେଲା।
- ପେରୀ ଅଞ୍ଚଳରେ କୁକୁରମାନେ ବିଦ୍ୟାଳୟ ବାହାରେ ରହିଲେ ଏବଂ ଖନନ ଓ ଗାତ ଖୋଳିବାକୁ ପଠ୍ୟକ୍ରମରେ ସ୍ଥାନିତ କରାଯାଇନଥିବାରୁ ପ୍ରଶାସନ ବିରୋଧରେ ସେମାନେ ସଂଗ୍ରାମ କଲେ।

## କାର୍ଯ୍ୟପର୍ଦ୍ଧ

### ନିମ୍ନୋକ୍ତ ଉପରେ ମତାମତ ବିନିମୟ କରନ୍ତୁ:

- ଜୀବଜନ୍ତୁମାନେ କାହିଁକି ଏକାପରି ବିଷୟ ଗ୍ରହଣ କଲେ ? ସମସ୍ତେ ଉପକୃତ ହୋଇଥିଲେ କି ?
- ସମସ୍ତ ବିଷୟରେ ମଧ୍ୟମ ସ୍ଥାନ ପାଇବା ବିଦ୍ୟାଳୟରେ ଗ୍ରହଣୀୟ ଥିଲା। ସମସ୍ତ ଜୀବଜନ୍ତୁଙ୍କ ପାଇଁ ଏହା ଗ୍ରହଣୀୟ ଥିଲା କି ?
- ଗୁଣ୍ଡିଚି ମୂଷାକୁ କାହିଁକି ଗଛ ଉପରୁ ତଳକୁ ଖସିବା ପାଇଁ ଅନୁମତି ଦିଆଯାଇନଥିଲା ?
- ଇଗଲକୁ କାହିଁକି ଏକ ସମସ୍ୟାପୂର୍ଣ୍ଣ ଶିକ୍ଷାର୍ଥୀ ରୂପେ ଦେଖାଯାଉଥିଲା ?
- ପ୍ରେରୀ ଅଞ୍ଚଳର କୁକୁର ଖନନ ଓ ଗାତ ଖୋଳିବାକୁ ପାଠ୍ୟକ୍ରମରେ କାହିଁକି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଥିଲା ? ଆପଣ କ'ଣ ଚିନ୍ତା କରୁଛନ୍ତି ?

ବିଦ୍ୟାଳୟରେ ପକ୍ଷପାତିତା, ଶାରୀରିକ ଦଣ୍ଡ, ଅପବ୍ୟବହାର ଓ ଚିଡ଼େଇବା ଭୟ ରହିବା ଉଚିତ୍ ନୁହେଁ। ଶିକ୍ଷକମାନେ ମଧ୍ୟ ସେମାନଙ୍କ ଶୈକ୍ଷିକ କାର୍ଯ୍ୟଧାରା ଓ ଶିକ୍ଷଣ କାର୍ଯ୍ୟ ଏପରି ପ୍ରସ୍ତୁତ କରିବେ ଯେପରି ସମସ୍ତ ଶିକ୍ଷାର୍ଥୀ ଶିକ୍ଷଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିପାରିବେ। ଶ୍ରେଣୀ କକ୍ଷର ପରିବେଶ ଏପରି ହେବା ଉଚିତ୍ ଯେଉଁଠାରେ ସମସ୍ତ ଶିକ୍ଷାର୍ଥୀ, କ୍ଲାନ୍ତ, ଭୟଭୀତ ଓ ଏକାକୀ ଅନୁଭବ କରିବା ପରିବର୍ତ୍ତେ ଖୁସି ଓ ଆରାମ ଅନୁଭବ କରିବେ। ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ଅଧିକାରଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବା, ସୁରକ୍ଷିତ ଓ ଅନ୍ତର୍ନିବେଶୀ ପରିବେଶ ସୃଷ୍ଟି କରିବା କଷ୍ଟସାଧ।

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ନିଜ ଅଂଚଳରେ ଥିବା ବିଦ୍ୟାଳୟକୁ ଯିବା, ଅଭ୍ୟର୍ଥନା ପାଇବା ଏବଂ ଶିକ୍ଷକ ଓ ସହପାଠୀଙ୍କ ସହ ମିଶିବାର ସମାନ ଅଧିକାର ରହିଛି। ଗବେଷଣାରୁ ଜଣାପଡ଼େ, ପୃଥକ ବିଦ୍ୟାଳୟ ଅପେକ୍ଷା, ଅନ୍ତର୍ନିବେଶୀକରଣ ଅର୍ଥନୈତିକ ଦୃଷ୍ଟିରୁ ଲାଭପ୍ରଦ ଶୈକ୍ଷିକ କାର୍ଯ୍ୟ ଓ ସାମାଜିକ ପରିପ୍ରେକ୍ଷୀ ଦୃଷ୍ଟିରୁ ଫଳପ୍ରଦ ଅଟେ। ଯେତେବେଳେ ସମସ୍ତ ଶିକ୍ଷାର୍ଥୀ, ସେମାନଙ୍କର ପୃଷ୍ଠଭୂମି ଓ ଶିକ୍ଷଣ ଆବଶ୍ୟକତା ପ୍ରତି ଉଦାସୀନ ହୋଇ ଏକତ୍ର ଶିକ୍ଷା ଗ୍ରହଣ କରନ୍ତି, ସେତେବେଳେ ସମସ୍ତ ଶିକ୍ଷାର୍ଥୀ ଲାଭବାନ ହୁଅନ୍ତି। ଏହା ଅନ୍ତର୍ନିବେଶୀ ଶିକ୍ଷାର ଭିତ୍ତିପ୍ରସ୍ତର ଅଟେ। ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷଣ ଯୋଗାଇ

Module
1

ଦେବା ପାଇଁ ଦୃଢ଼ ଭାବରେ ଦାୟିତ୍ୱ ବହନ କରିବେ । ଯେତେବେଳେ ଉଦ୍ଦେଶ୍ୟ ସାଧିତ ନ ହେବାର ସ୍ୱଷ୍ଟୀକରଣ ଦିଆଯାଉଅଛି, ମନେରଖିବାକୁ ହେବ ଯେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ଥିବା ଦୁର୍ବଳତା ଅପେକ୍ଷା ଶିକ୍ଷଣ, ଶିକ୍ଷାଦାନ ପରିସ୍ଥିତିରେ ଥିବା ଦୁର୍ବଳତା ସଂପର୍କରେ ବିଚାର କରିବା ଆବଶ୍ୟକ ଅଟେ । ଶିକ୍ଷାର ସମସ୍ତ ପ୍ରସଙ୍ଗ କେବଳ ଅନ୍ତର୍ନିବେଶୀ ବିଦ୍ୟାଳୟ ନିର୍ମାଣ କରିବା ନୁହେଁ ବରଂ ଅନ୍ତର୍ନିବେଶୀ ସମାଜଟିଏ ସୃଷ୍ଟି କରିବା ଏହା ଆମେ ସମସ୍ତେ ନିଶ୍ଚିତ ବୁଝିବା ଆବଶ୍ୟକ ଅଟେ ।

## ଆଲୋଚନା ବିନ୍ଦୁ

- ସମସ୍ତ ଶିକ୍ଷାର୍ଥୀ କାହିଁକି ସାଧାରଣ ବିଦ୍ୟାଳୟରେ ଉପସ୍ଥିତ ରୁହନ୍ତି ? ଏହାର ଅନ୍ୟାନ୍ୟ କାରଣଗୁଡ଼ିକୁ ଚିନ୍ତା କରିପାରିବେ କି ?
- ସମସ୍ତ ଶିକ୍ଷାର୍ଥୀଙ୍କୁ ଏକତ୍ର ଶିକ୍ଷା ଦେବା କିପରି ଅନ୍ତର୍ନିବେଶୀ ସମାଜ ଗଠନ କରିବାରେ ସାହାଯ୍ୟ କରେ ? ଛୋଟ ଦଳରେ ଆଲୋଚନା କରନ୍ତୁ ।

ଉଭୟ ଔପଚାରିକ ଓ ଅନୌପଚାରକ ଭାବେ ସେମାନଙ୍କ ନିଜ ସାମାଜିକ ପାରସ୍ପରିକ କ୍ରିୟାର ଫଳସ୍ୱରୂପ ଶିକ୍ଷକ ଅନିଚ୍ଛାକୃତ ଭାବରେ ଲିଙ୍ଗଗତ ମନୋଭାବକୁ ପ୍ରବର୍ତ୍ତାଉଛନ୍ତି ସେଥିପାଇଁ ସମସ୍ତ ଶିକ୍ଷକ ଶ୍ରେଣୀକକ୍ଷକୁ ଯିବା ପୂର୍ବରୁ ନିଜର ପକ୍ଷପାତୀ ଆଚରଣକୁ ଛାଡ଼ି ଯିବାକୁ ହେବ । ବହି ବିଷୟ ବସ୍ତୁକୁ ବୁଝିବାରେ ଅସମର୍ଥ୍ୟ, ଧରାବନ୍ଧା ପକ୍ଷପାତିତା, ନାରୀମାନଙ୍କର ନିଷ୍କ୍ରିୟ ଭୂମିକା ଓ ପୁରୁଷମାନଙ୍କର ଅଗ୍ରଗାମୀ ଭୂମିକା ଉପସ୍ଥାପନା, ଶିକ୍ଷକଙ୍କର ଚୟନ ପ୍ରକ୍ରିୟା, ଦାୟିତ୍ୱ ଓ କାର୍ଯ୍ୟବଣ୍ଟନରେ ପକ୍ଷପାତୀ ମନୋଭାବ, ମର୍ଯ୍ୟାଦା ହାନିକାରକ ଭାଷାର ପ୍ରୟୋଗ ହେତୁ ସାମାଜିକ ସୁଯୋଗରୁ ବଂଚିତ ଶ୍ରେଣୀ ଯଥା ଏସ୍.ସି ଓ ଏସ୍.ଟି ସଂପ୍ରଦାୟର ବାଳିକାମାନେ ସେମାନଙ୍କ ନିଜ ପରିବେଷ୍ଟନୀରେ ନିଜକୁ ଏକୁଟିଆମନେ କରନ୍ତି । ଏପରି ମନୋଭାବ ନିମ୍ନ ଆତ୍ମ ମର୍ଯ୍ୟାଦା ଏବଂ ନିଜକୁ ଅଲଗା ଭାବିବାର ଅନୁଭବ ସୃଷ୍ଟି କରେ । ଯାହା ଶ୍ରେଣୀକକ୍ଷ କାର୍ଯ୍ୟଗୁଡ଼ିକରେ ସେମାନଙ୍କର ଅଂଶଗ୍ରହଣକୁ ପ୍ରଭାବିତ କରେ । ତେଣୁ ଏହି କ୍ଷେତ୍ରରେ ଶିକ୍ଷକ ବଳିଷ୍ଠ / ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଶିକ୍ଷକ ଶିକ୍ଷଣ- ଶିକ୍ଷାଦାନ ପରିବେଶକୁ ଅଂଶଗ୍ରହଣ ମୂଳକ କରିବେ । ଶିକ୍ଷଣ ପ୍ରକ୍ରିୟାରେ ବାଳିକାମାନଙ୍କର ସକ୍ରିୟ ଅଂଶ ଗ୍ରହଣକୁ ନିଶ୍ଚିତ କରିବେ । ଶିକ୍ଷଣ ପ୍ରକ୍ରିୟାରେ ବାଳିକାମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ନିଶ୍ଚିତ କରିବେ । ଶିକ୍ଷକ ପ୍ରଥମେ ବିଦ୍ୟାଳୟ କାର୍ଯ୍ୟରେ ଲିଙ୍ଗଗତ ପ୍ରଭେଦକୁ ଚିହ୍ନଟ କରିବେ ଏବଂ ତଦନୁସାରେ ଯୋଜନା ପ୍ରସ୍ତୁତ କରି ଶ୍ରେଣୀକକ୍ଷ ଓ ଶ୍ରେଣୀ କକ୍ଷ ବାହାରେ କାର୍ଯ୍ୟକାରୀ କରିବେ । ଏହିପରି କାର୍ଯ୍ୟ ଶ୍ରେଣୀ କକ୍ଷରେ ଏକ ସମର୍ଥକାରୀ ପରିବେଶ ସୃଷ୍ଟି କରିବ ଯେଉଁଠାରେ ବାଳିକାଙ୍କ ସହ ସମସ୍ତ ଶିକ୍ଷାର୍ଥୀ ସେମାନଙ୍କର ଅନୁଭୂତି ବାଣ୍ଟିବେ । ପ୍ରଚଳିତ ପକ୍ଷପାତ ଓ ଧରାବନ୍ଧା ପକ୍ଷପାତିତା ଭିତ୍ତିକ ସମସ୍ୟା ଆଲୋଚନା ଓ ତର୍କ ଦ୍ୱାରା ଉପଯୁକ୍ତ ଭାବେ ସମାଧାନ କରିପାରିବେ ।

Module 1

## ଆଲୋଚନା ବିନ୍ଦୁ




ଶିକ୍ଷକମାନେ କିପରି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଲିଙ୍ଗଗତ ଅନ୍ତର୍ନିବେଶୀ ବ୍ୟବହାର ସୃଷ୍ଟି କରିପାରିବେ ଦଳରେ ଆଲୋଚନା କରନ୍ତୁ।

## ଶିକ୍ଷକଙ୍କ ଦକ୍ଷତା ସମୂହ

ବିବିଧତାକୁ ଗ୍ରହଣ ଓ ସାମନା କରିବା

- ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଚିହ୍ନଟ କରିବା ପ୍ରତି ସମ୍ବେଦନଶୀଳତା - ଅସାମର୍ଥ୍ୟତା ଥିବା ପିଲାମାନଙ୍କ ସହ ଅନ୍ୟ ଶିକ୍ଷାର୍ଥୀଙ୍କର ସାମର୍ଥ୍ୟ ଓ ଦୁର୍ବଳତା, ମନୋବୃତ୍ତି ଓ ଆଗ୍ରହ ସଂପର୍କରେ ଅବଗତ ହେବା।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ସାମାଜିକ – ସାଂସ୍କୃତିକ, ସାମାଜିକ - ଅର୍ଥନୈତିକ ଓ ଶାରୀରିକ ଭିନ୍ନତାକୁ ଗ୍ରହଣ କରିବା – ସାମାଜିକ ପରିବେଷ୍ଟନୀ, ପରମ୍ପରା ଓ ସାଂସ୍କୃତିକ କାର୍ଯ୍ୟଧାରା, ପ୍ରାକୃତିକ ବାସସ୍ଥଳୀ, ଘରେ ଓ ପାରିପାର୍ଶ୍ୱରେ ଥିବା ପରିବେଶକୁ ବୁଝିବା।
- ଭିନ୍ନତାକୁ ପସନ୍ଦ କରିବା ଏବଂ ସେଗୁଡ଼ିକୁ ସମ୍ବଳ ରୂପେ ବିବେଚନା କରିବା – ଶିକ୍ଷାର୍ଥୀମାନଙ୍କର ଭିନ୍ନ ପ୍ରସଙ୍ଗ ଓ ଜ୍ଞାନକୁ ଶିକ୍ଷଣ ପ୍ରକ୍ରିୟାରେ ବ୍ୟବହାର କରିବା।
- ଭିନ୍ନଭିନ୍ନ ଶିକ୍ଷଣ ଆବଶ୍ୟକତାକୁ ବୁଝିବା ଓ ସେଥିନିମିତ୍ତ କାର୍ଯ୍ୟ କରିବା ପ୍ରତି ସମ୍ବେଦନଶୀଳତା – ଶିକ୍ଷଣ ଶୈଳୀ ପ୍ରତି ବିଚାରଶୀଳ ହେବା ଓ ଅନୁରୂପ ବ୍ୟବହାର ପ୍ରଦର୍ଶନ କରିବା।
- ଶିକ୍ଷାର୍ଥୀମାନଙ୍କୁ ବହୁବିଧ ବିକଳ୍ପ ପ୍ରଦାନ ନିମିତ୍ତ ବିଭିନ୍ନ ସମ୍ବଳ ପରିଚାଳନା କରିବାର ସାମର୍ଥ୍ୟ – ବିଭିନ୍ନ ପ୍ରକାରର ମୁଦ୍ରିତ, ଡିଜିଟାଲ ସମ୍ବଳ , ପରିପାର୍ଶ୍ୱରେ ଉପଲବ୍ଧ ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ଉପକରଣ, ମନୁଷ୍ୟକୃତ ଉପକରଣ, ନିକଟବର୍ତ୍ତୀ ଅଂଚଳରେ ଥିବା ଶିକ୍ଷଣୀୟ ସ୍ଥାନ ଓ ସହାୟତା ପ୍ରଦାନ କରିପାରୁଥିବା ମାନବ ସମ୍ବଳକୁ ଚିହ୍ନଟ କରିବା ଓ ସଂଗଠିତ କରିବା।
- ଶିକ୍ଷଣରେ ସହାୟତା ପ୍ରଦାନ କରୁଥିବା ଯାନ୍ତ୍ରିକ ବିଦ୍ୟାର ପ୍ରୟୋଗ - ଉଦାହରଣସ୍ୱରୂପ ବିଭିନ୍ନ ଆପ ଯଥା : ଗୁଗୁଲ୍ ଆର୍ଟ ଆଣ୍ଡ କଲଚର୍, ଗୁଗୁଲ ସ୍କାଏ, ଗୁଗୁଲ ଆର୍ଥ, ବିଷୟ ଭିତ୍ତିକ ଆପ୍ : ଜିଓ ଜେବରା, ଟକ୍ସ ଅଫ୍ ମ୍ୟାଥ୍ ଏବଂ ଗୁଗୁଲ୍ ସ୍କିକ୍ ବ୍ୟବହାର କରିବା।
- ବ୍ୟକ୍ତି – ବ୍ୟକ୍ତି ମଧ୍ୟରେ ସଂପର୍କ ସ୍ଥାପନ ଦକ୍ଷତା ନିମିତ୍ତ ପଦକ୍ଷେପ ଗ୍ରହଣ କରିବା – ଶୁଣିବା, ପ୍ରତିକ୍ରିୟା ପ୍ରକାଶ କରିବା, କଥୋପକଥନ ଆରମ୍ଭ କରିବା ଓ ବଜାୟ ରଖିବା, ସକାରାତ୍ମକ ଚିନ୍ତା, ଅଙ୍ଗଭଙ୍ଗୀର ଦକ୍ଷତା।

**ଅନ୍ତର୍ନିବେଶୀ ଶିକ୍ଷା ଏବଂ ଆର.ପି.ଡବ୍ଲୁ.ଡ଼ି**

*ସଂପ୍ରତି ପ୍ରଚଳିତ ଆର.ପି.ଡବ୍ଲୁ.ଡି) ଅଧିନିୟମ ୨୦୧୬ ଯାହା ଦିବ୍ୟାଙ୍ଗ ଅଧିକାର କାନୁନ ୨୦୧୬ ରୂପେ ପରିଚିତ, ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରେ। ଏବଂ ଏହାର ସଂଜ୍ଞା ପ୍ରଦାନ କେରେ। ଅନ୍ତର୍ନିବେଶୀ ଶିକ୍ଷା ଅଟେ ଏକ ଶିକ୍ଷା ବ୍ୟବସ୍ଥା ଯେଉଁଠାରେ ସାମର୍ଥ୍ୟ ଓ ଅସାମର୍ଥ୍ୟ ଶିକ୍ଷାର୍ଥୀ ଏକାଠି ଶିକ୍ଷାଗ୍ରହଣ କରିପାରିବେ। ଏବଂ ବିଭିନ୍ନ ପ୍ରକାର ଅସାମର୍ଥ୍ୟତା ଥିବା ଶିକ୍ଷାର୍ଥୀଙ୍କର ଆବଶ୍ୟକତାକୁ ପୂରଣ କରିବା ନିମିତ୍ତ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଉପଯୁକ୍ତ ଭାବରେ ଅନୁଶୀଳନୀୟ କରାଯାଏ। ( ଆର.ପି.ଡବ୍ଲୁ,ଡି. ଅଧିନିୟମ ୨୦୧୬, ଧାରା ୧)*

Module 1

## ଆଲୋଚନା ବିନ୍ଦୁ

- ଆପଣ କେବେ ଆପଣଙ୍କ ଶିକ୍ଷାଦାନରେ ଭିନ୍ନତାକୁ ସାମନା କରିବା ସମୟରେ ଏହିସବୁ ଦକ୍ଷତା ମଧ୍ୟରୁ କୌଣସି ଦକ୍ଷତାକୁ ବ୍ୟବହାର କରିଛନ୍ତି କି ?
- ସମସ୍ତ ଶିକ୍ଷାର୍ଥୀମାନଙ୍କର ଶ୍ରେଣୀରେ ସମାନ ଅଂଶଗ୍ରହଣ ପାଇଁ ଆପଣ କେଉଁ ପ୍ରକାରର ଶିକ୍ଷଣ କୌଶଳ ଅବଲମ୍ବନ କରିବେ ?

## ଲିଙ୍ଗଗତ ସମ୍ବେଦନଶୀଳ ଶିକ୍ଷା

ଆମେ ସମସ୍ତେ ଜାଣିଛନ୍ତି ଯେ ସମସ୍ତ ବିଷୟ ମଧ୍ୟରେ ଲିଙ୍ଗ ଏକ ସମ୍ବେଦନଶୀଳ ବିଷୟ ଏବଂ ଜ୍ଞାନ ନିର୍ମାଣ ନିମନ୍ତେ ପ୍ରମୁଖ ଅଟେ। ଲିଙ୍ଗଗତ ସମ୍ବେଦନଶୀଳତା, ଶୈକ୍ଷିକ କାର୍ଯ୍ୟଧାରାର ଏକ ମୁଖ୍ୟ ବିଷୟ, ଯାହାକୁ ଶିକ୍ଷକ ସେମାନଙ୍କ ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟରେ ସମ୍ମନ୍ୱିତ କରିବେ। ସହାୟକ ରୂପେ, ବିଭିନ୍ନ ସକାରାତ୍ମକ ମନୋବୃତ୍ତି ଓ ଶୈକ୍ଷିକ ହସ୍ତକ୍ଷେପ ମାଧ୍ୟମରେ ସେମାନେ, ଶିକ୍ଷାର୍ଥୀମାନଙ୍କୁ ସାମାଜିକୀକରଣ ପ୍ରକ୍ରିୟାରୁ ଗ୍ରହଣ କରିଥିବା ଲିଙ୍ଗଗତ ଧରାବନ୍ଧା ନକାରାତ୍ମକ ମନୋବୃତ୍ତିକୁ ଦୂର କରିପାରିବେ। ଶିକ୍ଷକ ପାଠ୍ୟ ପ୍ରସଙ୍ଗ ଓ ପାଠ୍ୟକ୍ରମରେ ଥିବା ଲିଙ୍ଗଗତ ପକ୍ଷପାତିତାର କାରକଗୁଡ଼ିକୁ ମଧ ଚିହ୍ନଟ କରିବେ; ପ୍ରସଙ୍ଗ ଭିତ୍ତିକ, ପୁଅ ଝିଅଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନରେ ଥିବା ପକ୍ଷପାତିତାକୁ ଚିହ୍ନଟ କରିବେ, ଭାଷାଗତ ବିଭେଦତାକୁ ଅନୁଧ୍ୟାନ କରିବେ ଏବଂ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରକ୍ରିୟା ତଥା ସମସ୍ତ କ୍ଷେତ୍ରରେ ନାରୀମାନଙ୍କର ଅଂଶଗ୍ରହଣକୁ ସ୍ୱୀକାର କରିବେ / ଚିହ୍ନଟ କରିବେ।

## ବିଷୟ ପରିଚାଳନାରେ ଅନ୍ତର୍ନିବେଶର ପ୍ରୋତ୍ସାହିତ କରିବା

"ଶିକ୍ଷାର୍ଥୀ ରୂପେ ମୁଁ" ରେ ଥିବା ଛଅଟି ବାକ୍ୟକୁ ପଢ଼ନ୍ତୁ ଏବଂ ସେଗୁଡ଼ିକୁ ନିଜ ହିସାବରେ ସମାପ୍ତ କରନ୍ତୁ।

### 'ଶିକ୍ଷାର୍ଥୀ ରୂପେ ମୁଁ'

ସ୍ୱାଧୀନ ଭାବରେ ବାକ୍ୟଗୁଡ଼ିକୁ ସମାପ୍ତ କରନ୍ତୁ।

ମୁଁ ଧୀରେ ଡେରିରେ ଶିଖେ ଯେତେବେଳେ .. .. .. .. .. .. .. .. .. .. .. .. ..
.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..
.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ମୁଁ ଶୀଘ୍ର ଶିଖେ ଯେତେବେଳେ .. .. .. .. .. .. .. .. .. .. .. .. .. .. .. .. ..
.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ମୁଁ ପାଠ୍ୟପୁସ୍ତକରୁ ଶିଖିବା .. .. .. .. .. .. .. .. .. .. .. .. .. .. .. .. .. ..
.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..
.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ଦଳରେ ଶିଖିବା .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

Module 1

.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ମୁଁ ଜଣଙ୍କ ପାଖରୁ ଭଲ ଶିଖେ ଯିଏ .. .. .. .. .. .. .. .. .. .. .. .. .. .. .. ..

.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ମୁଁ ଶିକ୍ଷଣକୁ ଉପଭୋଗ କରେ ଯେତେବେଳେ

.. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. .. ..

ପ୍ରତ୍ୟେକ ବାକ୍ୟର ଉତ୍ତରଗୁଡ଼ିକୁ ବଡ଼ ଦଳରେ ବିନିମୟ ଓ ତୁଳନା କରନ୍ତୁ । ଏହା ପର୍ଯ୍ୟାପ୍ତ ଭାବରେ ସ୍ପଷ୍ଟ ଯେ ସଫଳ ଭାବେ ଶିଖିବା ପାଇଁ ଆମ ସମସ୍ତଙ୍କର ନିଜସ୍ୱ ପସନ୍ଦ ରହିଛି । ଶିକ୍ଷାର୍ଥୀମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଆପଣ, ଆପଣଙ୍କ ଶ୍ରେଣୀରେ ଉପରୋକ୍ତ କାର୍ଯ୍ୟକୁ କରିପାରିବେ ଏବଂ ସେହି ଅନୁସାରେ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିପାରିବେ । ଆପଣ ଶିକ୍ଷାର୍ଥୀଙ୍କୁ ଲିଖିତ କିମ୍ବା ମୌଖିକ ଭାବରେ ବାକ୍ୟ ସମାପ୍ତ କରିବା ପାଇଁ କହିପାରିବେ ।

## ଭାଷାଗୁଡ଼ିକର ଶିକ୍ଷାଦାନରେ ଅନ୍ତର୍ନିବେଶୀକରଣ

କେତେକ ଶିକ୍ଷାର୍ଥୀମାନଙ୍କର ଭାଷା ଶିକ୍ଷଣରେ ନିର୍ଦ୍ଦିଷ୍ଟ ସମସ୍ୟା ଥାଇପାରେ । ଶିକ୍ଷକ, ଶିକ୍ଷଣ ସମସ୍ୟାକୁ ଦୂର କରିବା ପାଇଁ ଉପଯୁକ୍ତ ପନ୍ଥା / କାର୍ଯ୍ୟଶୈଳୀ ଅବଲମ୍ବନ କରିବା ଆବଶ୍ୟକ । ଏଥିରେ ନିମ୍ନୋକ୍ତଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇପାରେ:

- ବାସ୍ତବ ଜୀବନ ପରିସ୍ଥିତି ସମ୍ବଳିତ ପ୍ରସଙ୍ଗ ଅର୍ନ୍ତଭୁକ୍ତ କରିବା ଯାହାଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଉପକୃତ ହେବେ ।
- ବହୁଭାଷା ବ୍ୟବହୃତ ହେଉଥିବା ସ୍ଥାନଗୁଡ଼ିକରେ, ବହୁଳ ଭାବରେ ବ୍ୟବହାର କରାଯାଉଥିବା ଭାଷାକୁ ବ୍ୟବହାର କରିବା ।
- ସାଂକେତିକ ଭାଷା, ବ୍ରେଲ ଲିପି ସମ୍ବନ୍ଧରେ ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ସଚେତନତା ଏବଂ ସମ୍ବେଦନଶୀଳତା ସୃଷ୍ଟି କରିବା ।
- ବ୍ୟବହୃତ କଥିତ ଭାଷାର ସମସ୍ୟା ଦୂରୀକରଣ ନିମନ୍ତେ ବିକଳ୍ପ କଥୋପକଥନ ବ୍ୟବସ୍ଥା ଗ୍ରହଣ କରିବା ।
- ଲିଖନରେ ସମସ୍ୟାଥିବା ଶିକ୍ଷାର୍ଥୀଙ୍କ ପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବା ।

Module
1

- ଲିଖିତ ସୂଚନାକୁ ବ୍ୟାଖା କରିବା ନିମନ୍ତେ ଶିକ୍ଷାର୍ଥୀମାନେ ଆବାଶ୍ୟକ କରୁଥିବା ସହାୟତା ପ୍ରଦାନ କରିବା।
- ଦୃଶ୍ୟ ସାମଗ୍ରୀ ଓ ବଡ ଅନୁଚ୍ଛେଦ ପଢ଼ିବା ପାଇଁ ବହୁତ ସମୟ ଓ ବ୍ୟକ୍ତିଗତ ଧ୍ୟାନ ଦେବା। ବ୍ରେଲ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ପଢ଼ିବାକୁ ଥିବା ବାକ୍ୟ ଓ ଖଣ୍ଡବାକ୍ୟକୁ ସଂପୂର୍ଣ୍ଣ ଭାବରେ ମନେ ରଖିବା ଓ ସଂଶ୍ଲେଷଣ କରିବା ସମ୍ଭବ ନୁହେଁ। ଦୃଷ୍ଟି ବାଧିତ ପିଲାମାନେ ବ୍ରେଲ ସାହାଯ୍ୟରେ ପ୍ରସଙ୍ଗକୁ ପଢ଼ିବା ପାଇଁ ବହୁତ ସମୟ ନିଅନ୍ତି।
- ଶ୍ରବଣ ବାଧିତ ପିଲାଙ୍କ  ସହ କାର୍ଯ୍ୟକରୁଥିବା ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀ ନୂଆଶବ୍ଦ ବୁଝିବା, ଶବ୍ଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା, ଏକାଧିକ ଅର୍ଥ ପ୍ରକାଶ କରୁଥିବା ଶବ୍ଦକୁ ବୁଝିବା ପାଇଁ ଆବଶ୍ୟକୀୟ ସହାୟତା ପ୍ରଦାନ କେରିବେ।
- କେତେକ ଶିକ୍ଷାର୍ଥୀଙ୍କ ପାଇଁ ବ୍ୟାକରଣ ଗତ, ଅର୍ଥଗତ ଶୁଦ୍ଧତା ପ୍ରକାଶ କରୁଥିବା ବାକ୍ୟଗଠନ କରିବା କଷ୍ଟକର ଅଟେ। ବ୍ୟାକରଣ (ଅତୀତକାଳ, ଅବ୍ୟୟ, ପ୍ରତ୍ୟକ୍ଷ ଓ ପରୋକ୍ଷ ଉକ୍ତି)ର ବ୍ୟବହାର ମଧ୍ୟ ସମସ୍ୟା ସୃଷ୍ଟି କରିପାରେ। ଶିକ୍ଷକ, ବାକ୍ୟଗଠନ, ଧାରଣା ଓ ପ୍ରସଙ୍ଗ ମଧ୍ୟରେ  ସଂପର୍କ ସ୍ଥାପନ କରିବା, ଭାବନାକୁ ସଂଗଠିତ କରିବା ଏବଂ  ବାକ୍ୟାଂଶର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଅଟେ।
- ବୌଦ୍ଧିକ ଅକ୍ଷମତା ଥିବା ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟ କର୍ମୀ ମୌଖିକ ଭାଷା (ଶବ୍ଦ, ଧାରଣାର ପରିପ୍ରକାଶ / କଥନ ଓ ସ୍ପଷ୍ଟ କଥନ (ସୁସ୍ପଷ୍ଟ ଓ ସଂପର୍କିତ କରି କହିବାର ସାମର୍ଥ୍ୟ), ପଠନ (ସାଂକେତିକ ଭାଷାକୁ ବୋଧଗମ୍ୟ  ଭାଷାରେ ରୂପାନ୍ତରିତ କରିବା, ଧ୍ୱନି ସମ୍ବନ୍ଧୀୟ ଜ୍ଞାନ, ଶବ୍ଦ ଚିହ୍ନିବା) ଇତ୍ୟାଦି କାର୍ଯ୍ୟରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ।
- ଶିକ୍ଷାର୍ଥୀମାନେ ପଢ଼ିବା ସମୟରେ ଶବ୍ଦ ଛାଡ଼ିଯାଇପାରନ୍ତି, ସ୍ଥାନ ଭୁଲିଯାଇପାରନ୍ତି, ଗୋଟିଏ ଶବ୍ଦ ବଦଳରେ ଅନ୍ୟ ଶବ୍ଦକୁ ଭୁଲରେ ବ୍ୟବହାର କରିପାରନ୍ତି ଏବଂ ସାଂକେତିକ ଭାଷା – ରୁଢ଼ି, ରୂପ, ଉପମା ଇତ୍ୟାଦିକୁ ବୁଝିବାରେ ମଧ୍ୟ ସମସ୍ୟା ଅନୁଭବ କରିପାରନ୍ତି।
- ଯେତେବେଳେ ଶ୍ରେଣୀରେ ଭାଷା ସଂପର୍କିତ ବିଷୟ (ନୂଆଶବ୍ଦ, ବାକ୍ୟ ସଂରଚନା, ଭିନ୍ନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଓ ପ୍ରସଙ୍ଗ) ଶୀଘ୍ରଶୀଘ୍ର ଉପସ୍ଥାପନ କରାଯାଏ, ସେତେବେଳେ ଶ୍ରେଣୀ ଟିପ୍ପଣୀ ଲେଖିବା କଷ୍ଟକର ହୁଏ। ଶିକ୍ଷକ ମନେରଖିବା ଉଚିତ୍ ଯେ ଶିକ୍ଷାର୍ଥୀମାନଙ୍କର ଧାରଣାର ସଂଗଠନ, ପୁନଃ ଅଭ୍ୟାସ, ଶବ୍ଦ ଉଚ୍ଚାରଣ, ଗଳ୍ପକୁ ଅନୁକ୍ରମରେ ସଜାଇବା ଏବଂ ହାତ ଆଖିର ସମନ୍ୱୟରେ ସମ୍ପାଦିତ ହେଉଥିବା କାର୍ଯ୍ୟ କରିବାରେ ଏବଂ ଲିଖନ (ଅସ୍ପଷ୍ଟ ହସ୍ତାକ୍ଷର, ପରିଦୃଷ୍ଟ ଅଶୁଦ୍ଧ ବନାନ ଲିଖନ) ଇତ୍ୟାଦିରେ ସମସ୍ୟା ଉପୁଜିପାରେ।

## ଗଣିତ ଶିକ୍ଷାଦାନରେ ଅନ୍ତର୍ନିବେଶୀକରଣ

Module
1

ପ୍ରବେଶ ଜନିତ ଅସୁବିଧାଗୁଡ଼ିକୁ ଦୂର କରିବାରେ ଥିବା ସମସ୍ୟା ଦୂରୀକରଣ ନିମନ୍ତେ ଶିକ୍ଷାର୍ଥୀ ଭାଷାର ସରଳତା, ସ୍ପର୍ଶାନୁଭୂତ ସାମଗ୍ରୀ, ଜ୍ୟାମିତିକ ଉପକରଣ ଏବଂ ଯୋଗ ପ୍ରକ୍ରିୟା ପାଇଁ ଗଣନ କରିବା ଆବଶ୍ୟକ କରନ୍ତି। ଶିକ୍ଷାର୍ଥୀମାନେ ଗ୍ରାଫ୍, ଲେଖ (ଚାର୍ଟ, ସ୍ତମ୍ଭ ଲେଖରୁ ତଥ୍ୟ ବିଶ୍ଳେଷଣ କରିବା ପାଇଁ ମଧ୍ୟ ସହାୟତା ଆବଶ୍ୟକ କରନ୍ତି। ଏପରି ମଧ୍ୟ ଶିକ୍ଷାର୍ଥୀ ଅଛନ୍ତି ଯେଉଁମାନେ ମୌଖିକ ନିର୍ଦ୍ଦେଶକୁ ବିଶ୍ଳେଷଣ ଓ ମାନସାଙ୍କ କରିବାରେ ସାହାଯ୍ୟ ଆଶା କରନ୍ତି। ସୁଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ପରିମାଣାତ୍ମକ ଓ ଅମୂର୍ତ୍ତ ଧାରଣା ଭିତ୍ତିକ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ।

- ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀ, ସ୍ଥାନ ସମ୍ବନ୍ଧୀୟ ଧାରଣାର ବିକାଶ କରିବାରେ ଏବଂ ସ୍ଥାନ ସମ୍ବନ୍ଧୀୟ ଧାରଣା, ଦ୍ୱିମାତ୍ରିକ ଆକାରରେ ରୂପାନ୍ତରିତ ହୋଇଥିବା ତ୍ରିମାଗଣିତରେ ବ୍ୟବହାର କରାଯାଉଥିବା ସଂକେତଗୁଡ଼ିକୁ ବୁଝିବାରେ ସହାୟତା ପ୍ରଦାନ କରିବା ଆବଶ୍ୟକ। ଏପରି ଶିକ୍ଷାର୍ଥୀ, ଗାଣିତିକ ପ୍ରସଙ୍ଗର (ଉଦାହରଣ ସ୍ୱରୂପ ସମୀକରଣ) ଅଡ଼ିଓ ରେକର୍ଡିଙ୍ଗ୍‌କୁ ବ୍ୟାଖ୍ୟା କରିବାରେ, ବ୍ରେଲ ସାହାଯ୍ୟରେ ପ୍ରତିଲିପି ପ୍ରସ୍ତୁତ କରିବାରେ, ସ୍ଥାନୀୟ ବ୍ୟବସ୍ଥା, ରଙ୍ଗ ଅକ୍ଷର, ନେଥ୍ ଶିକ୍ଷଣ ଏବଂ ଅନ୍ୟାନ୍ୟ ଗାଣିତିକ ବ୍ରେଲ ଅକ୍ଷର ହେତୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।
- ଶ୍ରବଣବାଧିତ ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀ ଭାଷାଗତ ବିକାଶରେ ବିଳମ୍ବ ହୋଇଥିବା ଶିକ୍ଷାର୍ଥୀଙ୍କୁ ସହାୟତା ପ୍ରଦାନ କରିବେ। ଯାହାଦ୍ୱାରା ଗାଣିତିକ ଭଣ୍ଡାର ଓ ପଯୋଗିକ ଶବ୍ଦ ଭଣ୍ଡାର ( ପାରସ୍ପରିକ, ରୈଖିକ ଶବ୍ଦ ଭଳି ଶବ୍ଦ) କୁ ବୁଝିବା ଗାଣିତିକ ସମସ୍ୟା ସମାଧାନରେ ଶବ୍ଦର (ଶବ୍ଦର ସାଂଖ୍ୟିକ ବ୍ୟବହାର) ବ୍ୟବହାର ବୁଝିବା ଏବଂ ବିଭିନ୍ନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଯେପରି ସୁଧ, ସାରଣୀ, ଋଣ, କୋଣ, ହାର, ଘନ, ଘାତ, ପଏଣ୍ଟ୍ ଦଶମିକ ଇତ୍ୟାଦି ଶବ୍ଦକୁ ପୃଥକ କରିବା ଇତ୍ୟାଦିରେ ସମସ୍ୟା ଉପୁଜିପାରେ। ଶିକ୍ଷାର୍ଥୀ ମାନେ କହିଲାବେଳେ ଗାଣିତିକ ଶବ୍ଦକୁ ପୃଥକ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ସମସ୍ୟା ସମାପନ ନିମନ୍ତେ ଉପଯୁକ୍ତ ସୂଚନା ଓ ନିୟମର ପ୍ରୟୋଗ ପାଇଁ ବୌଦ୍ଧିକ କାର୍ଯ୍ୟଧାରାର ସ୍ୱଳ୍ପ ବ୍ୟବହାର ମଧ୍ୟ ଅସୁବିଧାର କାରଣ ହୋଇପାରେ।
- ବୌଦ୍ଧିକ ସ୍ତରରେ ଭିନ୍ନକ୍ଷମ ଥିବା ଶିକ୍ଷାର୍ଥୀମାନେ ଅନୁକ୍ରମ ଗଠନ, ଧାରାକ୍ରମରେ ସମସ୍ୟା ସମାଧାନ, ଓ ସ୍ଥାନୀୟମାନରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତ। ଗାଣିତିକ ହିସାବ (ଗଣନ), ସାଂଖ୍ୟିକ ଅନୁପାତ, ଏକାଭଳି ପ୍ରଶ୍ନ ଏବଂ କାର୍ଯ୍ୟ ସମ୍ବନ୍ଧୀୟ ସଂକେତ (ଯଥା + ଓ ×) ମଧ୍ୟରେ ଦ୍ୱନ୍ଦ ଏବଂ କୌଣସି କାର୍ଯ୍ୟର କାର୍ଯ୍ୟଧାରାକୁ ମନେପକାଇବାରେ ଅସୁବିଧା ମଧ୍ୟ ଏହାର ପ୍ରମାଣ ଦିଏ। ଶିକ୍ଷାର୍ଥୀମାନେ ବୀଜଗଣିତ

Module
1

ଓ ସଂଖ୍ୟାଗଣିତରେ ଥିବା ଧାରଣାକୁ ବୁଝିବା ଏବଂ ଜ୍ୟାମିତିରେ ଥିବା ବିଭିନ୍ନ ଆକାର ଏବଂ ଉପପାଦ୍ୟ ଓ ଧାରାଗଣିତରେ ଶବ୍ଦକୁ ବୁଝିବାରେ ମଧ୍ଯ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

## ବିଜ୍ଞାନ ଓ ପରିବେଶ ଅଧ୍ୟୟନର ଶିକ୍ଷାଦାନରେ ଅନ୍ତର୍ନିବେଶୀକରଣ

କେତେକ ଶିକ୍ଷାର୍ଥୀ ଶ୍ରେଣୀକକ୍ଷରେ ଓ ଶ୍ରେଣୀ ବାହାରେ ପରୀକ୍ଷଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ଗତିଶୀଳତା ପାଇଁ ସାହାଯ୍ୟ ଆଶା କରିଥାନ୍ତି। ଶିକ୍ଷାର୍ଥୀମାନେ ବିକଳ୍ପ କାର୍ଯ୍ୟ, ବିକଳ୍ପ ଉପକରଣ, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର (ଆଇ.ସି.ଆଇ) ବ୍ୟବହାର, ସହପାଠୀ ଓ ବୟସ୍କ ବ୍ୟକ୍ତିଙ୍କ ସହାୟତା, ଅତ୍ୟଧିକ ସମୟ ଦେବା ଏବଂ ପାଠରେ ସହାୟତା ପ୍ରଦାନ କରିବା ଆଦିରୁ ଉପକୃତ ହୋଇପାରନ୍ତି, ଯାହା ସେମାନଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇପାରିନଥାଏ।

- ଦୃଷ୍ଟିବାଧିତ ପିଲାଙ୍କ ସହ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀ କଳାପଟା, ପ୍ରଦର୍ଶନ, ଉପସ୍ଥାପନା, ଚିତ୍ରକଳା ଓ ରେଖାଚିତ୍ର, ପରୀକ୍ଷଣରେ ଉପସ୍ଥାପିତ ତଥ୍ୟ ତଥା ଭୌତିକ ସୁରକ୍ଷା ଭିତ୍ତିକ, ଅମୂର୍ତ୍ତ ଧାରଣା ଓ କଷ୍ଟକର ଧାରଣାର ଦିଆଯାଇଥିବା ତଥ୍ୟକୁ ବୁଝିବାରେ ସେମାନଙ୍କୁ ସହାୟତା ପ୍ରଦାନ କରିବା ଆବଶ୍ୟକ। ଏଥିପାଇଁ ହୁଏତ ବହୁ ସମୟ ଆବଶ୍ୟକ ହୋଇପାରେ।
- ଶ୍ରବଣ ବାଧିତ ଶିକ୍ଷାର୍ଥୀମାନେ ଅମୂର୍ତ୍ତ ଶବ୍ଦ ଓ ଅମୂର୍ତ୍ତ ଧାରଣା ମଧ୍ୟରେ ଥିବା ସଂପର୍କକୁ ବୁଝିବା ପାଇଁ ସାହାଯତା ଆବଶ୍ୟକ କରନ୍ତି। ବିଜ୍ଞାନ ପ୍ରସଙ୍ଗ ଯଥା ଆଲୋକ ସଂଶ୍ଳେଷଣ, ବାସସ୍ଥାନ ଓ ଭୂତାଣୁ / ଜୀବାଣୁ ଇତ୍ୟାଦିକୁ ଚଳଚିତ୍ର ମାଧ୍ୟମରେ ଉପସ୍ଥାପନ କରାନଗଲେ, ଏହା ବୋଧଗମ୍ୟତାରେ ବାଧା ସୃଷ୍ଟି କରେ। ଏକରୁ ଅଧିକ ଦିଗ ସମ୍ବଳିତ ସମସ୍ୟାର ସମାଧାନ କରିବାରେ ସମସ୍ୟା ଉପୁଜିଥାଏ। ଉଦାହରଣ ସ୍ୱରୂପ, ଏକାଧିକ ଦିଗ ଯଥା ଆକାର, ଆକୃତି, ରଙ୍ଗ ଥିବା ବସ୍ତୁ ସହ ଗୋଟିଏ ମାତ୍ର ଦିଗ ଯଥା ଆକୃତି ଥିବା ବସ୍ତୁ ସହ ତୁଳନା।
- ବୌଦ୍ଧିକ ଅକ୍ଷମତା ଥିବା ଶିକ୍ଷାର୍ଥୀଙ୍କୁ ବୈଜ୍ଞାନିକ ପରିଭାଷା, ବିଭିନ୍ନ ଧାରଣା ମଧ୍ୟରେ ଥିବା ସଂପର୍କ (ଉଦାହରଣ ସ୍ୱରୂପ ଚାପ ଓ ବଳ) କୁ ବୁଝାଇବା ପାଇଁ ତଥା ସରଳ ବୋଧଗମ୍ୟତା ପାଇଁ ପାଠ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

  ଧାରଣାକୁ ବୁଝିବାରେ, ଯୋଜନା ପ୍ରସ୍ତୁତ କରିବା, ସଂଗଠିତ କରିବା, ଅନୁକ୍ରମରେ ସଜାଇବା ଏବଂ ସିଦ୍ଧାନ୍ତୀକରଣ କରିବା ନିମିତ୍ତ ସହାୟତା ଆବଶ୍ୟକ ଅଟେ। ବିଜ୍ଞାନ ଭିତ୍ତିକ ପରୀକ୍ଷଣ କରିବା ସମୟରେ ସହପାଠୀଙ୍କ ସହାୟତା ଫଳପ୍ରଦ ହୋଇଥାଏ।

# ସାମାଜିକ ବିଜ୍ଞାନ ଶିକ୍ଷାଦାନରେ ଅନ୍ତର୍ନିବେଶୀକରଣ

ପରିବେଶ ବିଜ୍ଞାନ ଓ ସାମାଜିକ ବିଜ୍ଞାନରେ ଶିକ୍ଷଣ ଫଳାଫଳ ହାସଲ କରିବା ନିମିତ୍ତ କେତେକ ଶିକ୍ଷାର୍ଥୀ ସହାୟତା ଆବଶ୍ୟକ କରନ୍ତି । ସେଗୁଡ଼ିକ ହେଲା, ଧାରଣାର ବୋଧଗମ୍ୟତା ନିମିତ୍ତ ପୂର୍ବରୁ ପ୍ରସ୍ତୁତ ଟେପ୍, କଥାକୁହା ବହି/ ଡେକି ବୁକ୍, ବିକଳ୍ପ ପଦ୍ଧତି ଅବଲମ୍ବନ କରି ଭାବ ପ୍ରକାଶରେ ସହାୟତା ଯେପରି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (ଆଇ.ସି.ଆଇ) ଦୃଶ୍ୟ ସୂଚନାକୁ ପରିଚାଳନା ପାଇଁ ଶିକ୍ଷଣ ଉପକରଣ; ଏବଂ ଭୌଗଳିକ ଧାରଣା, ବୈଶିଷ୍ଟ୍ୟ ଓ ପରିବେଶର ବୋଧଗମ୍ୟତା ପାଇଁ ସହାୟତା ଇତ୍ୟାଦି । ଦଳଗତ କାର୍ଯ୍ୟ ଯେପରି ନ୍ୟସ୍ତକାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ସହଭାଗିତା ପୂର୍ଣ୍ଣ ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ କରାଗଲେ ଏହା ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ଗୃହରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ କରିବ । ସ୍ପର୍ଶାନୁଭୂତ ଚିତ୍ର / ମାନଚିତ୍ର, କଥାକୁହା ବହି, ଦୃଶ୍ୟଶ୍ରାବ୍ୟ ସାମଗ୍ରୀ ଏବଂ ବ୍ରେଲ ସାମଗ୍ରୀ ଇତ୍ୟାଦି ସମ୍ବଳର ବ୍ୟବହାର କରାଯାଇପାରିବ ।

- ଶିକ୍ଷକ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ସମୟରେ ଭୌଗୋଳିକ ଶବ୍ଦ ଓ ଧାରଣା ବୁଝାଇବା ନିମିତ୍ତ ଉଦାହରଣ ସ୍ୱରୂପ ଅକ୍ଷାଂଶ, ଦ୍ରାଘିମା, ଦିଗ ଏବଂ ଗ୍ରାଫିକ ଓ ଚିତ୍ରିତ ବର୍ଣ୍ଣନା ଯେପରି ମାନଚିତ୍ର, ଗ୍ରାଫ, ଲେଖ, ଚିତ୍ର, ଶିଳାଲିପି ଓ ସଂକେତକୁ ବୁଝାଇବା ସମୟରେ ଏବଂ ସ୍ତମ୍ଭ ସମ୍ବନ୍ଧୀୟ ସ୍ଥାପତ୍ୟକୁ ବୁଝାଇବା ନିମିତ୍ତ ସତର୍କତାର ସହ ପାଠ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ।
- ଏପରି ଶିକ୍ଷାର୍ଥୀ ପରିବେଶ ଓ ସ୍ଥାନ - ଯଥା ଭୂମି, ଜଳବାୟୁ, ଚାଷ ଓ ଜୀବଜନ୍ତୁ ସମ୍ବଳର ବଣ୍ଟନ ଏବଂ ସେବା ଇତ୍ୟାଦି ଅଧ୍ୟୟନରେ ମଧ୍ୟ ସହାୟତା ଆବଶ୍ୟକ କରନ୍ତି । ସଂପର୍କିତ ସାମଗ୍ରୀ ଯଥା ଶବ୍ଦବଳୀର ତାଲିକା, ପଠନ ନିମିତ୍ତ - ପ୍ରଶ୍ନ, ଜରୁରୀ ନିର୍ଦ୍ଦେଶ ଏବଂ ସ୍ପର୍ଶ ଓ ତୁଳନା ଭିତ୍ତିକ ଅନ୍ୟାନ୍ୟ ସୂଚନା ଯାହା ଶିକ୍ଷାର୍ଥୀମାନେ ଆଶା କରନ୍ତି, ତାହା ବହୁମାତ୍ରାରେ ପ୍ରଦାନ କରାଯିବ ।
- ଶ୍ରବଣ ବାଧିତ ଶିକ୍ଷାର୍ଥୀଙ୍କ ଶବ୍ଦାବଳୀ / ପ୍ରୟୋଗାତ୍ମକ ଶବ୍ଦ, ଅମୂର୍ତ୍ତ ଧାରଣା, ତଥ୍ୟ, ତୁଳନାତ୍ମକ ତଥ୍ୟ, କାରଣ ଓ ଫଳାଫଳ ମଧ୍ୟରେ ଥିବା ସଂପର୍କ ଏବଂ ଘଟଣାର କ୍ରମ ଇତ୍ୟାଦିକୁ ବୁଝିବା ନିମନ୍ତେ ସହାୟତା ପ୍ରଦାନ କଲେ ସେମାନେ ଇତିହାସ, ନଗରବିଜ୍ଞାନରେ ଥିବା ପ୍ରସଙ୍ଗ (ପାଠ୍ୟ ପୁସ୍ତକ / ମୂଳତଥ୍ୟ ପ୍ରଦାନ କରୁଥିବା ବହି / ସାମଗ୍ରୀ) କୁ ବୁଝି ସିଦ୍ଧାନ୍ତରେ ଉପନୀତ ହେବାରେ ସଫଳ ହୋଇପାରିବେ ।
- କେତେକ ଶିକ୍ଷାର୍ଥୀ ତଥା ବୌଦ୍ଧିକ ଅକ୍ଷମତା ଥିବା ଶିକ୍ଷାର୍ଥୀ ଦୃଷ୍ଟାନ୍ତ, ଚାର୍ଟ, ଗ୍ରାଫ ଏବଂ ମାନଚିତ୍ର ଇତ୍ୟାଦିକୁ ବୁଝିବାରେ ସମସ୍ୟା ଅନୁଭବ କରନ୍ତି । ପଠନ ସମସ୍ୟା ଥିବା ଶିକ୍ଷାର୍ଥୀଙ୍କ ପାଇଁ ବଡ ଅନୁଚ୍ଛେଦରୁ ପ୍ରାସଙ୍ଗିକ ତଥ୍ୟ ବାହାର କରିବା କଷ୍ଟକର ହୋଇପାରେ । ପୁନଶ୍ଚ ଶିକ୍ଷକଙ୍କୁ ମନେରଖିବାକୁ ହେବ ଯେ, ଘଟଣାର କ୍ରମକୁ ମନେରଖିବା, ସେମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବା, ସିଦ୍ଧାନ୍ତୀକରଣ କରିବା ଏବଂ ପରିବେଶ ସହ ପାଠ୍ୟପୁସ୍ତକରେ ତଥ୍ୟକୁ ସଂପର୍କିତ କରିବା ଇତ୍ୟାଦି ମଧ୍ୟ ସମସ୍ୟା

**Module 1**

ସୃଷ୍ଟି କରିପାରେ । କେତେକ ଶିକ୍ଷାର୍ଥୀ ଅମୂର୍ତ୍ତ ଧାରଣାକୁ ବୁଝିବା ଓ ବ୍ୟାଖ୍ୟା କରିବାରେ ଅସାମର୍ଥ୍ୟତା ପ୍ରକାଶ କରନ୍ତି ।

## ଅନ୍ତର୍ନିବେଶୀ ପରିବେଶ ନିମନ୍ତେ ମାନ ନିର୍ଦ୍ଧାରଣ

ପୂର୍ବଭାଗ ଆପଣଙ୍କୁ, ଭିନ୍ନ ଶିକ୍ଷଣ ଆବଶ୍ୟକତା ଥିବା ଶିକ୍ଷାର୍ଥୀ ବିଶିଷ୍ଟ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ପ୍ରସ୍ତୁତ କରିବା ପାଇଁ ସମ୍ୟକ ଧାରଣା ଓ ଉଦାହରଣ ପ୍ରଦାନ କଲା । ଏହି ଭାଗ ଆପଣଙ୍କୁ ଅନ୍ତର୍ନିବେଶୀ ପରିସ୍ଥିତିରେ ମାନନିର୍ଦ୍ଧାରଣ କରିବା ନିମିତ୍ତ ସୂଚନା ଦେବା ସହ ଆପଣଙ୍କୁ ଅନ୍ତର୍ନିବେଶୀ ମାନନିର୍ଦ୍ଧାରଣରେ ନିୟୋଜିତ କରିବା ପାଇଁ ନୂତନ ପଥ ନିର୍ଦ୍ଧାରଣ କରିବାର ସୂଚନା ପ୍ରଦାନ କରିବ । ଶିକ୍ଷାଦାନ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ, ଆପଣଙ୍କୁ ମନେ ରଖିବା ଆବଶ୍ୟକ ଯେ, ପାଠ ଉପସ୍ଥାପନା ନିମିତ୍ତ ଶିକ୍ଷାଦାନ ସମୟରେ ମାନ ନିର୍ଦ୍ଧାରଣ କରାଯାଇଥାଏ । ଏହା ଆପଣଙ୍କୁ  ପ୍ରସଙ୍ଗକୁ ଶିକ୍ଷାଦାନ ପାଇଁ ନିମ୍ନଲିଖିତ ସୋପାନଗୁଡ଼ିକୁ ଚିହ୍ନଟ କରିବା ଏବଂ  ଯୋଜନା ପ୍ରସ୍ତୁତ କରିବା ପାଇଁ ସହାୟତା ପ୍ରଦାନ କରିବ । ଶିକ୍ଷାଦାନ ଶେଷରେ, କେତେଦୂର ଶିକ୍ଷଣ ଉଦ୍ଦେଶ୍ୟ ସାଧିତ ହୋଇଛି ତାହା ଜାଣିବା ନିମନ୍ତେ ମାନନିର୍ଦ୍ଧାରଣ ଆପଣଙ୍କୁ ସାହାଯ୍ୟ କରିବ ।

### ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫ ଅନୁସାରେ ମୂଲ୍ୟାୟନର ଅର୍ଥ ନୁହେଁ ।

- ଶିକ୍ଷାର୍ଥୀଙ୍କୁ ଭୟଭୀତ କରି ବଳପୂର୍ବକ ଅଧ୍ୟୟନ କରାଇବା ।
- 'ଦୁର୍ବଳ' ଅଥବା 'ମେଧାବୀ' ଅଥବା 'ସମସ୍ୟାପୂର୍ଣ୍ଣ' ଶିକ୍ଷାର୍ଥୀ ରୂପେ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ।

  ଏହି ବିଭାଗୀକରଣ ଶିକ୍ଷାର୍ଥୀଙ୍କୁ ପୃଥକ କରେ, ଶିକ୍ଷଣ ଦାୟିତ୍ୱ ତାଙ୍କ ନିଜ ଉପରେ ନ୍ୟସ୍ତ କରାଏ ଏବଂ ଶୈକ୍ଷିକ ଶାସ୍ତ୍ରର ଉଦ୍ଦେଶ୍ୟ ଓ ଭୂମିକାରୁ ଦୂରେଇ ଦିଏ ।

- ଏକ ମିଶ୍ରିତ ଦକ୍ଷତା ଥିବା ଦଳରେ ଗୋଟିଏ ପ୍ରଶ୍ନ ପାଇଁ ବିଭିନ୍ନ ପ୍ରକାର ଉତ୍ତର ଓ ସଠିକ୍ ଉତ୍ତର ଦେବା ପାଇଁ ପ୍ରୋତ୍ସାହିତ କରିବା ଏବଂ ପ୍ରଶ୍ନ ପଚାରିବା ପରେ ଉତ୍ତର ପାଇପାରିବା ପାଇଁ କିଛି ସମୟ ଦେବା । ପ୍ରସଙ୍ଗ ଉପସ୍ଥାପନାରେ ବ୍ୟବହାର କରାଯାଉଥିବା କାର୍ଯ୍ୟକୁ ମାନନିର୍ଦ୍ଧାରଣରେ ବ୍ୟବହାର କରାଯାଇପାରିବ ବୋଲି ଆମେ ନିଶ୍ଚିତ ମନେରଖିବା ଉଚିତ ।
- ଉତ୍ତର ଚୟନ ନିମିତ୍ତ ନମନୀୟତାକୁ ପ୍ରୋତ୍ସାହନ ଦେବା ଯେପରି ମନେ ପକାଇବା ଅପେକ୍ଷା ଚୟନ କରିବା ଏବଂ ଚିହ୍ନଟ କରିବା, ଠିକ୍ ଉତ୍ତରକୁ ରଙ୍ଗ ଦେବା, କାଟି ଲଗାଇବା, ସ୍ତମ୍ଭ ମିଳନ କରିବା, ଅସଂପୃକ୍ତକୁ ଚିହ୍ନଟ କରିବା । ଉଦାହରଣ ସ୍ୱରୂପ ।

- ଶ୍ରବଣ ପ୍ରକ୍ରିୟା ସମ୍ବଳିତ ଉତ୍ତର ପାଇଁ ଏକ ପଦ୍ୟାଂଶ ଶବ୍ଦକୁ ଗ୍ରହଣ କରିବା ।
- ବହିରେ ଥିବା ଅକ୍ଷର ଚିହ୍ନିବା କାର୍ଯ୍ୟ ପରିବର୍ତ୍ତେ ଅକ୍ଷରଗୁଡ଼ିକର କଟା ଅଂଶ ଦିଆଯାଇ ଅକ୍ଷରର ଆକାର ଓ ରୂପରେଖକୁ ଭଲ ଭାବରେ ଅନୁଧ୍ୟାନ କରିବା ପାଇଁ ସୁଯୋଗ ଦେବା ।

Module 1

- କହିବାରେ ବିଳମ୍ବ କରୁଥିବା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣର ପ୍ରଦର୍ଶନ କରିବା ପାଇଁ ଚିତ୍ର ଓ ଷ୍ଟାମ୍ପ ବ୍ୟବହାର ପାଇଁ ସୁଯୋଗ ଦେବା – ଚିତ୍ରକୁ ଛୁଇଁ ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେବା ।
- କେବଳ ମୌଖିକ ଓ ଲିଖିତ ଉତ୍ତର ପାଇବା ପରିବର୍ତ୍ତେ ଉତ୍ତର ପାଇବା ପାଇଁ ଫ୍ଲାସ କାର୍ଡ, ଶବ୍ଦ କାର୍ଡ (ଉଦାହରଣ ସ୍ୱରୂପ ଶବ୍ଦ ଉପସ୍ଥାପନା ଓ ବ୍ୟାକରଣ ଥିବା ସଠିକ୍ ବାକ୍ୟଗଠନ) ଏବଂ ଚିତ୍ର, ବାସ୍ତବ ବସ୍ତୁର ବ୍ୟବହାର କରିବେ । ଉଦାହରଣ ସ୍ୱରୂପ, ଆପଣ ଯେତେବେଳେ ଜୀବଜନ୍ତୁଙ୍କ ନାମ କହିବେ, ସେତେବେଳେ ଶିକ୍ଷାର୍ଥୀଙ୍କୁ ଫ୍ଲାସ କାର୍ଡ ଉଠାଇବା ପାଇଁ କହିବେ, ଯଥା ବାସ୍ତବ ବସ୍ତୁ ସାହାଯ୍ୟରେ ଉତ୍ତରକୁ ମିଳାଇବା ।

## ଆଲୋଚନା ବିନ୍ଦୁ

**ନିଜ ସାଥୀଙ୍କ ସହ ଆଲୋଚନା କରନ୍ତୁ ।**

- ଆପଣ କିପରି ବିଦ୍ୟାଳୟକୁ ଅଧିକ ଅନ୍ତର୍ନିବେଶୀ କରିପାରିବେ ?
- ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷାର୍ଥୀଙ୍କୁ, ସେମାନଙ୍କ ପରିବାର ଓ ଗୋଷ୍ଠୀରେ ରହିବା ପାଇଁ କିପରି ସାହାଯ୍ୟ କରେ ?
- କେତେ ମାତ୍ରାରେ ଅନ୍ତର୍ନିବେଶୀ ପ୍ରକ୍ରିୟା ଶିକ୍ଷାଦାନ ପଦ୍ଧତି ଓ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ସମୃଦ୍ଧ କରିଥାଏ ?

## ଉପସଂହାର

ଏହି ପ୍ରଦର୍ଶିକା ଶିକ୍ଷକ ଓ ବିଦ୍ୟାଳୟକୁ ଅନ୍ତର୍ନିବେଶୀ କରିବା ପ୍ରକ୍ରିୟା ସହ ନିୟୋଜିତ ଅନ୍ୟାନ୍ୟ ସମସ୍ତ ଉପଭୋକ୍ତାଙ୍କୁ ଭିନ୍ନ ବର୍ଗର ପିଲାଙ୍କ ସହ ଫଳପ୍ରଦ କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ, ମନୋବୃତ୍ତି ଓ ଦକ୍ଷତା ହାସଲ କରିବା ନିମନ୍ତେ ସହାୟତା ପ୍ରଦାନ କରିବ । ଏହି ପ୍ରସଙ୍ଗ ପାଠକ ମାନଙ୍କୁ ଜାତୀୟ ନୀତି ସମୂହ, ଶୈକ୍ଷିକ ରୂପରେଖ ବିଶେଷତଃ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫, ଶିକ୍ଷଣ ଫଳାଫଳ ଏବଂ ସେଗୁଡ଼ିକୁ ହାସଲ କରିବା ପାଇଁ ଉଦ୍ଦିଷ୍ଟ ଶୈକ୍ଷିକ କାର୍ଯ୍ୟଧାରା ସଂପର୍କରେ ଅଧିକ ଜାଣିବା ନିମନ୍ତେ ସାହାଯ୍ୟ କରିବ । ଅର୍ନ୍ତନିବେଶୀ କାର୍ଯ୍ୟଧାରା ବ୍ୟବହାର କରିବାରେ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏହି ବର୍ଗର ସଦସ୍ୟରୂପେ ଗ୍ରହଣ କରିବାରେ, ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଭୌତିକ ଓ ମନୋବୃତ୍ତି ସ୍ତରରେ ଶ୍ରେଣୀକକ୍ଷର ପୁର୍ନଗଠନ କରିବାରେ, ସମସ୍ତ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଏବଂ ଶିକ୍ଷାର୍ଥୀଙ୍କ ଭିନ୍ନତାକୁ ପ୍ରତିକ୍ରିୟାଶୀଳ ହେବା ପାଇଁ ବିଦ୍ୟାଳୟ କାର୍ଯ୍ୟରେ ଗୁରୁତ୍ୱପ୍ରଦାନ କରିବାରେ ଏହା ଶିକ୍ଷକଙ୍କୁ ସମର୍ଥ କରିବ ।



Barkhaa — a reading series



Module
1

## ସ୍ୱ-ମାନ ନିର୍ଦ୍ଧାରଣ

- ପାଠ ପଢ଼ାଇବା ବେଳେ ଭିନ୍ନତା ଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ଆପଣ ବିଷୟଭିତ୍ତିକ ଶିକ୍ଷାଦାନରେ କେଉଁ ପରିବର୍ତ୍ତନ କରିବେ ସଂକ୍ଷିପ୍ତରେ ଲେଖନ୍ତୁ ।
- ଆପଣମାନେ କରୁଥିବା ପ୍ରାଧାନ୍ୟ ଦୃଷ୍ଟିରୁ ପରିବର୍ତ୍ତନଗୁଡ଼ିକୁ କ୍ରମ ଅନୁସାରେ ଲେଖନ୍ତୁ ।

  ୧.

  ୨.

  ୩.
- ଶିକ୍ଷକ ହିସାବରେ ପରିବର୍ତ୍ତନ ନିମନ୍ତେ କେଉଁକେଉଁ / ସହାୟତା ଓ ମାର୍ଗଦର୍ଶନ ଆବଶ୍ୟକ ଚିହ୍ନଟ କରନ୍ତୁ ?
- ଏହି ପରିବର୍ତ୍ତନ ସମସ୍ତ ଶିକ୍ଷାର୍ଥୀଙ୍କୁ କିପରି ଉପକୃତ କରିବ ? ଆପଣଙ୍କ ମତକୁ ଆପଣଙ୍କ ସହକର୍ମୀଙ୍କ ମତାମତ ସହ ତୁଳନା କରନ୍ତୁ ଏବଂ ଧାରଣାଗୁଡ଼ିକୁ ତାଲିକାଭୁକ୍ତ କରନ୍ତୁ ।

ମୁଁ କିପରି ମାନ ନିର୍ଦ୍ଧାରଣକୁ ଅର୍ଥପୂର୍ଣ୍ଣ ଓ ସମସ୍ତଙ୍କ ପାଇଁ ଅନ୍ତର୍ନିବେଶୀ କରିପାରିବି ? ନିଜ ମତାମତ ତାଲିକାକୁ ସାଥୀଙ୍କ ମତାମତ ତାଲିକା ସହ ତୁଳନା କରନ୍ତୁ ।



# ପ୍ରଦର୍ଶିକା-୨

## ଏକ ନିରାପଦ ତଥା ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି ପାଇଁ ବ୍ୟକ୍ତିଗତ-ସାମାଜିକ ଗୁଣାବଳୀର ବିକାଶ

Module 2

# ଏକ ନିରାପଦ ତଥା ସୁସ୍ଥ ବିଦ୍ୟାଳୟ ପରିବେଶ ସୃଷ୍ଟି ପାଇଁ ବ୍ୟକ୍ତିଗତ– ସାମାଜିକ ଗୁଣାବଳୀର ବିକାଶ

## ସାମଗ୍ରିକ ଦୃଷ୍ଟିଭଙ୍ଗୀ

ଶିକ୍ଷାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମିତ୍ତ, ଶିକ୍ଷକ ସଫଳ ସହାୟକ ଭାବେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ସେ କେବଳ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ଓ ବୌଦ୍ଧିକ କୌଶଳର ବିକାଶ ପାଇଁ ସହାୟତା ଦେଇନଥାନ୍ତି ବରଂ ତାଙ୍କର ବ୍ୟକ୍ତିଗତ–ସାମାଜିକ ଗୁଣାବଳୀ ତଥା ଆବଶ୍ୟକୀୟ କୌଶଳ ଯଥା : ବ୍ୟକ୍ତିଗତ ଓ ସାମାଜିକ ସଂପର୍କ କ୍ଷେତ୍ରରେ ସଫଳ ବିନିମୟ ଦ୍ୱାରା ସେମାନେ ବ୍ୟକ୍ତିଗତ – ସାମାଜିକ  ତଥା ବୌଦ୍ଧିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର ସର୍ବୋତ୍ତମ ପାରଦର୍ଶିତା ପ୍ରଦର୍ଶନ କରିବାକୁ ସକ୍ଷମ ହେବେ, ସେଥିପାଇଁ ସେମାନେ ପ୍ରୟାସ କରିଥାନ୍ତି। ଶ୍ରେଣୀ ପ୍ରକୋଷ୍ଠ, ସ୍କୁଲରେ ଶିକ୍ଷକ, ଛାତ୍ର ତଥା ଅନ୍ୟାନ୍ୟ ହିତାଧିକାରୀଙ୍କ ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ଯଥା – ଯତ୍ନ, ଦାୟିତ୍ୱବୋଧ, ଆବେଗିକ ସଂପର୍କ, ଗ୍ରହଣୀୟତା, ସମାନୁଭୂତି, ସହଯୋଗ ଇତ୍ୟାଦିର ସୃଷ୍ଟି ଓ ଏହାର ବିକାଶ ଗୋଟିଏ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ସହାୟକ ହୋଇଥାଏ। ଯାହା କି ଶିକ୍ଷଣର ପ୍ରଥମ ସର୍ତ୍ତ ଅଟେ।

ଏକବଂଶ ଶତାବ୍ଦିର ଏକ ଅବାସ୍ତବ ଦୁନିଆରେ ଜୀବନ ନିର୍ବାହ ନିମନ୍ତେ ସୁଯୋଗ ପାଇବା ପାଇଁ ଆମ୍ଭେମାନେ ସମସ୍ତେ ବ୍ୟସ୍ତ ଓ ପ୍ରଭାବିତ। ଯାହାଫଳରେ ଏକ ଅର୍ଥପୂର୍ଣ୍ଣ ବାସ୍ତବ ଦୁନିଆରେ ବଂଚିବା ଓ ଆବଶ୍ୟକତାକୁ ଅନୁଭବ କରିବା କ୍ଷେତ୍ରରେ ହ୍ରାସ ଘଟୁଛି। ଯଦିଓ, ବାସ୍ତବ ଜଗତରେ ସଂପର୍କର ଗୁରୁତ୍ୱ, ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର ଉତ୍ତମ ସଂପର୍କର ସୃଷ୍ଟି ଓ ତାକୁ ବଂଚାଇ ରଖିବା ପାଇଁ ଶିକ୍ଷାର୍ଥୀର ସାମର୍ଥ୍ୟର ବିକାଶ ଜରୁରୀ, ତଥାପି ଏହି ପରିପ୍ରେକ୍ଷୀରେ ସେମାନଙ୍କ (ଶିକ୍ଷାର୍ଥୀ) ନିକଟରେ ସଫଳ ଭାବବିନିମୟ କୌଶଳ ବିକାଶ କରିବା ଅଧିକ ପ୍ରାସଙ୍ଗିକ ଅଟେ। ଏହି କୌଶଳଗୁଡ଼ିକ କେବଳ ଘରେ, ପରିବାର ସଦସ୍ୟଙ୍କ ମଧ୍ୟରେ ସାଙ୍ଗ ସାଥିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ବିଦ୍ୟାଳୟରେ ଗୋଟିଏ ସଫଳ ଓ ଗ୍ରହଣୀୟ ଶିକ୍ଷଣ – ଶିକ୍ଷାଦାନ ପରିବେଶ ସୃଷ୍ଟି ନିମନ୍ତେ ଆବଶ୍ୟକ, ଯେଉଁଠାରେ ଉଭୟ ଶିକ୍ଷକ – ଶିକ୍ଷାର୍ଥୀ ସଫଳଭାବେ ଭାବ ବିନିମୟ କରିପାରିବେ ଏବଂ ଶିକ୍ଷଣ ପ୍ରକ୍ରିୟା ଏକ ଅର୍ଥପୂର୍ଣ୍ଣ ପ୍ରୟାସ ରୂପେ ବିବେଚିତ ହେବ।

Module 2

ଏହି ପ୍ରଦର୍ଶିକା ନିମ୍ନୋକ୍ତ କ୍ଷେତ୍ରରେ ସହାୟତା ପ୍ରଦାନ କରୁଛି ।

- ଶିକ୍ଷାର୍ଥୀଙ୍କ ମଧ୍ୟରେ ବ୍ୟକ୍ତିଗତ - ସାମାଜିକ ଗୁଣାବଳୀର ବିକାଶ
- ଶିକ୍ଷକ ତଥା ରାଜ୍ୟ ସାଧନକର୍ମୀମାନେ ଏହି ଗୁଣାବଳୀଗୁଡ଼ିକ ଆଧାରରେ ନିଜକୁ ଆକଳନ କରିବେ ଏବଂ ଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କଲାବେଳେ ମାର୍ଗଦର୍ଶକ ରୂପେ ପଥ ପ୍ରଦର୍ଶନ କରାଇବେ ।

## ଶିକ୍ଷଣ ଉଦ୍ଦେଶ୍ୟ

**ଏହି ପେଟିକା ଶିକ୍ଷକମାନଙ୍କୁ ସାହାଯ୍ୟ କରିବ:**

- ବ୍ୟକ୍ତିଗତ ଓ ସାମାଜିକ ଗୁଣାବଳୀକୁ ବୁଝିବା
- ଶିକ୍ଷାର୍ଥୀମାନଙ୍କ ନିକଟରେ ବ୍ୟକ୍ତିଗତ-ସାମାଜିକ ଗୁଣାବଳୀ ବିକାଶ କରିବା ନିଜ ପାଖରେ ଥିବା ସେହି ଗୁଣାବଳୀଗୁଡ଼ିକ ଉପରେ ଅଧିକ ଚିନ୍ତା କରିବା ।
- ଶ୍ରେଣୀ ପ୍ରକୋଷ୍ଠରେ ସହାୟତା ଦେବା ପାଇଁ ଆବଶ୍ୟକୀୟ ଗୁଣାବଳୀ ଓ କୌଶଳର ବିକାଶ କରିବା ।
- ବିଦ୍ୟାଳୟ / ଶ୍ରେଣୀ ପ୍ରକୋଷ୍ଠରେ ଏଭଳି / ଏପରି ଏକ ପରିବେଶ ସୃଷ୍ଟି କରିବେ ଯେଉଁଠି ପ୍ରତ୍ୟେକ - ପ୍ରତ୍ୟେକଙ୍କର ମଙ୍ଗଳ ପ୍ରତି ଗୁରୁତ୍ୱ ଆରୋପ କରିବା ସହ ଅନ୍ୟର ଉଦ୍‌ବେଗ, ଆତ୍ମବିଶ୍ୱାସ ଓ ଗ୍ରହଣୀୟତାକୁ ଅନୁଭବ କରିବେ ।

## ବୁଝିବା / ଚିନ୍ତନର ବିକାଶ

ନିମ୍ନୋକ୍ତ ଭାଗରେ, ବ୍ୟକ୍ତିଗତ - ସାମାଜିକ ଗୁଣାବଳୀକୁ ବୁଝିବା, ବ୍ୟକ୍ତିଗତ - ସାମାଜିକ ଗୁଣାବଳୀର ଉନ୍ନତି ପାଇଁ ବିଦ୍ୟାଳୟ ବ୍ୟବସ୍ଥା ଓ ପିଲାଙ୍କୁ ବୁଝିବା ଆଦି କ୍ଷେତ୍ରରେ ବୁଝାମଣାର ବିକାଶ / ଅଧିକ ଚିନ୍ତନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

## ବ୍ୟକ୍ତିଗତ - ସାମାଜିକ ଗୁଣାବଳୀ:

ସମୟ ଓ ରହଣି ଆଧାରରେ ଶିକ୍ଷାର୍ଥୀମାନଙ୍କ ଜୀବନରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ବିଦ୍ୟାଳୟରେ ଶିକ୍ଷାର୍ଥୀ ବିଭିନ୍ନ କ୍ଷେତ୍ରରେ ଅନେକ ଅନୁଭୂତି (ଯଥା - ଶିକ୍ଷଣରେ, ଶ୍ରେଣୀ - ଶିକ୍ଷାଦାନ, ସୂଚନା, ସଫଳତା ଓ ବିଫଳତା, ଅନ୍ୟ ଶ୍ରେଣୀ - ଶିକ୍ଷାଦାନ, ସୂଚନା, ସଫଳତା ଓ ବିଫଳତା, ଅନ୍ୟ ଶିକ୍ଷାର୍ଥୀ, ଶିକ୍ଷକ ଓ ଅଧକ୍ଷଙ୍କ ସହ ଭାବ ବିନିମୟ) ହାସଲ କରିଥାଏ ଯାହାକି ତା' ଜୀବନକୁ ଅଧିକ ପ୍ରଭାବିତ କରିଥାଏ । ବିଦ୍ୟାଳୟ ପରିବେଶ ପିଲାଙ୍କ ବ୍ୟକ୍ତିଗତ-ସାମାଜିକ - ଗୁଣାବଳୀ ବିକାଶ ପାଇଁ ଏକ ପରିସ୍ଥିତି ସୃଷ୍ଟି କରିଥାଏ ଯାହାକି ସେମାନଙ୍କ ଜୀବନର ସମସ୍ତ କ୍ଷେତ୍ରରେ ଆଚରଣ ତଥା ଶିକ୍ଷଣକୁ ଅଧିକ ପ୍ରଭାବିତ କରେ ।

Module
2

ପିଲାର ଚିନ୍ତନ ଓ ଆବେଗ, ପିଲା କିପରି ଶିଖିବ ଓ କ'ଣ ଶିଖିବ ଆଦି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସକରାତ୍ମକ ଚିନ୍ତନ ଯଥା – ଖୁସି, ଆନନ୍ଦ, ଉତ୍କଣ୍ଠା ଇତ୍ୟାଦି ଶିକ୍ଷାର୍ଥୀର ଆଗ୍ରହ ବଢ଼ାଇବା ସହ ତା'ର କାର୍ଯ୍ୟକଳାପ ଓ ଶିକ୍ଷଣ କ୍ଷେତ୍ରରେ ଅଧିକ ସହାୟକ ହୋଇଥାଏ। ସାଧାରଣତଃ ଶିକ୍ଷାର୍ଥୀମାନଙ୍କର ନକରାତ୍ମକ ଭାବନା ଓ ଆବେଗ ଯଥା – ରାଗ, ଦୁଃଖ, କ୍ରୋଧ / କୋପ, ବିପଦପୂର୍ଣ୍ଣ ଏବଂ ସଂପର୍କିତ ଭାବନା ଯଥା ଦଣ୍ଡର ଭୟ, ନିନ୍ଦା / ଅପବାଦ ଶିକ୍ଷଣ ତଥା ଶିକ୍ଷଣ ପାଇଁ ଆଗ୍ରହ ପ୍ରଦର୍ଶନରୁ ଦୂରେଇର ଦେଇଥାଏ। ଏଥିପାଇଁ ଆମେ ସମସ୍ତେ ମାନିବା ଉଚିତ୍ ଯେ ଶିକ୍ଷାର୍ଥୀ ନିଜର ଆବେଗ ଓ ଶିକ୍ଷାର୍ଥୀ ସୁଲଭ ସ୍ୱଭାବ ଧରି ଶ୍ରେଣୀ ପ୍ରକୋଷ୍ଠକୁ ଆସିଥାଏ। ପିଲାମାନେ ନିଜକୁ ନିରାପଦ ଓ ଗ୍ରହଣୀୟ ମନେ କରିବା ପାଇଁ ଶ୍ରେଣୀ ପ୍ରକୋଷ୍ଠରେ ସକରାତ୍ମକ ପରିବେଶ ସୃଷ୍ଟି କରିବା ନିହାତି ଆବଶ୍ୟକ। ଯେତେବେଳେ ଶିକ୍ଷକ ପିଲାଙ୍କ ଯତ୍ନ ନେବା ପାଇଁ, ତାଙ୍କୁ ଜାଣିବା ପାଇଁ, ସାହାଯ୍ୟ କରିବାକୁ ଆଗ୍ରହୀ ବୋଲି ପ୍ରଦର୍ଶନ କରନ୍ତି ସେତେବେଳେ ପିଲା ଆବେଗର ସହ କେବଳ ସୁରକ୍ଷିତ ଓ ନିରାପଦ ମଣେ ନାହିଁ। ବରଂ ସେହି ଗୁଣାବଳୀ ଗୁଡ଼ିକୁ ତା'ର ଦୈନନ୍ଦିନ ଜୀବନରେ ପ୍ରତିଫଳିତ ପାଇଁ ପ୍ରୟାସ କରେ।

ସେଇଥିପାଇଁ ପିଲାମାନଙ୍କ ଶିକ୍ଷଣ ଓ ସର୍ବାଙ୍ଗୀନ ବିକାଶ ପାଇଁ ଏହିସବୁ ଗୁଣାବଳୀ ଓ କୌଶଳ କେତେ ଯେ ଉପାଦେୟ ତାହା ଶିକ୍ଷକମାନେ ବୁଝିବା ଆବଶ୍ୟକ।

ବିଦ୍ୟାଳୟରେ ପିଲାମାନେ ଯେତେବେଳେ ଦଳରେ କାମ କରନ୍ତି ସେତେବେଳେ ଭିନ୍ନଭିନ୍ନ ପରିସ୍ଥିତିରୁ ଆସିଥିବା ପିଲାମାନଙ୍କର ଅନୁଭୂତି, ବ୍ୟକ୍ତିଗତ ଗୁଣାବଳୀ, ଆଗ୍ରହ ଓ ସାମର୍ଥ୍ୟ ଆଦି ସେମାନଙ୍କର ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ଅଭିବୃଦ୍ଧି କରିବାରେ ସାହାଯ୍ୟ କରେ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆତ୍ମ ବିଶ୍ୱାସୀ ହେବା ସହ ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବ୍ୟକ୍ତିଗତ – ସାମାଜିକ ସାମର୍ଥ୍ୟ ପିଲାମାନଙ୍କୁ ସହାୟତା କରିଥାଏ।

ଜଣେ ସଫଳ ସହାୟକ ଭାବେ ଶିକ୍ଷକ ପିଲାମାନଙ୍କର ବିଶ୍ୱାସ, ସେମାନଙ୍କର ଭାବନା, ଚିନ୍ତନ ପ୍ରକ୍ରିୟା ଓ ଆଚରଣର ପରିବର୍ତ୍ତନ ପାଇଁ ସହାୟତା କରିଥାନ୍ତି। ଯାହା ଫଳରେ ପିଲାମନେ ସେମାନଙ୍କର ଶିକ୍ଷଣ ପ୍ରତି ଆଗ୍ରହ ପ୍ରଦର୍ଶନ ପାଇଁ ସକ୍ଷମ ହେବା ସହ ବ୍ୟକ୍ତିଗତ ଓ ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟ ନିର୍ବାହ କରିଥାନ୍ତି। ଯେଉଁ ଶିକ୍ଷକମାନେ ଭାବବିନିମୟ, ଶ୍ରେଣୀ ପରିଚାଳନା ଓ ଉପଯୁକ୍ତ ଶୃଙ୍ଖଳା ସଂପର୍କିତ କୌଶଳରେ

Module 2

ଦକ୍ଷ, ସେମାନେ ସକରାତ୍ମକ / ଉପଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିଥାନ୍ତି। ଯଦିଓ ଶିକ୍ଷକଙ୍କ ବିଷୟଗତ ଜ୍ଞାନର ପାରଦର୍ଶିତା / ନିପୁଣତା ଗୁରୁତ୍ୱପୂର୍ଣ୍ଣ, ତଥାପି ପିଲାମାନେ କେଉଁ ଢ଼ଙ୍ଗରେ ଧାରଣା / ତତ୍ତ୍ୱଗୁଡ଼ିକ ବୁଝିପାରିବେ ସେହି ଢ଼ଙ୍ଗରେ ବିନିମୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ନିଜର ସଫଳ ଭାବ ବିନିମୟ କୌଶଳ ଦ୍ୱାରା ପିଲାମାନେ କିପରି ଅର୍ଥପୂର୍ଣ୍ଣ ଓ ସଫଳ ଭାବରେ ବିନିମୟ କରିପାରିବେ ସେ ସଂପର୍କରେ ସହାୟତା କରିଥାନ୍ତି। ବ୍ୟକ୍ତିଗତ – ସାମାଜିକ ଗୁଣାବଳୀଗୁଡ଼ିକୁ ହାସଲ କରିବା ଓ ପ୍ରଦର୍ଶନ କରିବା ମାଧ୍ୟମରେ ସେମାନେ ବିଦ୍ୟାଳୟର ପିଲା ଓ ଅନ୍ୟମାନଙ୍କ ସହ ସହାୟତା ତଥା ଉତ୍ସାହପୂର୍ଣ୍ଣ ଭାବେ ଆଲୋଚନା କରନ୍ତି ଏବଂ ଆଚରଣଗତ ସର୍ତ୍ତଗୁଡ଼ିକୁ ନିର୍ଦ୍ଧାରଣ କରିଥାନ୍ତି। ସେଥିପାଇଁ ଶିକ୍ଷକମାନେ ନିଜର ଦକ୍ଷତା ଓ କୌଶଳ ଆଧାରରେ ସେହି ଗୁଣାବଳୀଗୁଡ଼ିକୁ ପିଲାଙ୍କ ଠାରେ ବିକାଶ କରିବାକୁ ସମର୍ଥ ହୋଇଥାନ୍ତି।

## ନିଜର ତଥା ଅନ୍ୟମାନଙ୍କର ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ଚିହ୍ନଟ ନିମନ୍ତେ ଶିକ୍ଷକଙ୍କ କାର୍ଯ୍ୟ:

- ଶିକ୍ଷକ ନିଜେ ଅଂଶଗ୍ରହଣକାରୀଙ୍କ ସହ ଦଳରେ ବସିବେ।
- ପ୍ରତ୍ୟେକ ଦଳରେ ଅଂଶ ଗ୍ରହଣକାରୀଙ୍କୁ ଯେଉଁମାନଙ୍କୁ ଅଧିକ ପ୍ରଶଂସା କରନ୍ତି ତା'ର ଏକ ତାଲିକା କରିବାକୁ କୁହାଯିବ। ସେହି ତାଲିକାରେ ବ୍ୟକ୍ତି ବିଶେଷ ନିଜର ପରିବାର, ପଡୋଶୀ, କାର୍ଯ୍ୟାଳୟ, ଶ୍ରେଣୀଗୃହ ଇତ୍ୟାଦିକୁ ଯୋଡ଼ି ପାରିବ।
- ସେମାନେ ସେହି ବ୍ୟକ୍ତିମାନଙ୍କ ଠାରେ ଥିବା ଭଲ ଗୁଣଗୁଡ଼ିକୁ ଆଲୋଚନା କରିବେ।
- ସେହିଭଳି ଗୁଣଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ସମାଜ ପାଇଁ ଉପାଦେୟ ବୋଲି ସେମାନେ ଭାବୁଛନ୍ତି, ତା'ର ଏକ ତାଲିକା ପ୍ରସ୍ତୁତ କରିବେ।
- ଦଳଗତ କାର୍ଯ୍ୟ କରୁଥିବା ସମୟରେ ଶିକ୍ଷକମାନଙ୍କୁ କୁହାଯିବ ଯେ ଯେଉଁ ଗୁଣଗୁଡ଼ିକ ଆପଣମାନେ ନିଜ ଭିତରେ ଦେଖୁଛନ୍ତି, ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ।

## ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ଅଭିବୃଦ୍ଧି ନିମନ୍ତେ ବିଦ୍ୟାଳୟ ବ୍ୟବସ୍ଥା:

**◆ ପାଠ୍ୟକ୍ରମ:** ଶୈକ୍ଷିକ ବିକାଶ ସହ ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ବିକାଶ ନିମନ୍ତେ ପାଠ୍ୟକ୍ରମ ସୁଯୋଗ ସୃଷ୍ଟି କରିଥାଏ। ବିଦ୍ୟାଳୟର ସେହି ବ୍ୟବସ୍ଥାଗୁଡ଼ିକୁ ଶିକ୍ଷକ ଅନୁଧ୍ୟାନ କରିବେ ଓ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ମାଧ୍ୟମରେ ପାଠ୍ୟକ୍ରମ ସନ୍ନିବେଶୀତ ବିଷୟଭିତ୍ତିକ କାର୍ଯ୍ୟ ସଂପାଦନ ସମୟରେ)

**Module 2**

କେତେଗୁଡ଼ିଏ ଗୁଣାବଳୀର ବିକାଶ ନିମନ୍ତେ ଗୁରୁତ୍ୱ ଦେବେ । ଉଦାହରଣସ୍ୱରୂପ : ବିଜ୍ଞାନ ଓ ସାମାଜିକ ପାଠ୍ୟପୁସ୍ତକରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ଦଳଗତଭାବେ ସଂପାଦନ କଲେ ପିଲାମାନଙ୍କ ଭିତରେ ନିଷ୍ପତ୍ତି ଗ୍ରହଣର ସାମର୍ଥ୍ୟ, ଦଳୀୟ କାର୍ଯ୍ୟରେ ଦକ୍ଷତା ଇତ୍ୟାଦି ଗୁଣାବଳୀ ଅଧିକ ଶକ୍ତ ଓ କ୍ରିୟାଶୀଳ ହେବ । ସ୍ୱାସ୍ଥ୍ୟ, ଖେଳ, ଶାରୀରିକ ଶିକ୍ଷା, କଳାଶିକ୍ଷା ଯାହାକି ଅନ୍ୟାନ୍ୟ ପାଠ୍ୟକ୍ରମ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ, ସେଗୁଡ଼ିକ ମଧ୍ୟ ବିଶେଷଭାବେ ଏହି ସବୁ ଗୁଣାବଳୀ ବିକାଶରେ ସହାୟକ ହୋଇଥାଏ ।

◆ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା : ସକାଳ ସମାବେଶ, ବାର୍ଷିକ ଦିବସ, ଉତ୍ସବ ପାଳନ, ମଧ୍ୟାହ୍ନ ଭୋଜନ, ପରିବା ବଗିଚା, ପରିବେଶ କ୍ଲବ ଇତ୍ୟାଦି, ସାମାଜିକ – ବ୍ୟକ୍ତିଗତ ଗୁଣାବଳୀ ଓ ଜୀବନ କୌଶଳ ଯଥା – ପରିବେଶ ସୁରକ୍ଷା ପ୍ରତି ସମ୍ବେଦନଶୀଳତା, ଦଳଗତକାର୍ଯ୍ୟ, ସମସ୍ୟା ସମାଧାନ, ସମାଲୋଚନାମୂଳକ ଚିନ୍ତନ, ସୃଜନଶୀଳତା ଆଦିର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥାଏ ।

> ପାଠାଗାର – ଗୋଟିଏ ସମୃଦ୍ଧ ସମ୍ବଳ ପାଠାଗାର ଗୋଟିଏ ବ୍ୟବସ୍ଥା ଯେଉଁଠାରେ ଉଚ୍ଚପଠନ, ଗଳ୍ପ କଥନ, ଚିନ୍ତନ ଭିତ୍ତିକ କାର୍ଯ୍ୟ, ବିଭିନ୍ନ ଆଲୋଚନାମୂଳକ କାର୍ଯ୍ୟ ସଂଗଠିତ ହୋଇଥାଏ । ଭଲ ପିଲାଙ୍କ ଲେଖା। ଏହିସବୁ ଗୁଣାବଳୀ ବିକାଶ କରିବାରେ ମୁଖ୍ୟ ସମ୍ବଳ ଅଟେ ।

## ପ୍ରାକ୍ ଧନ୍ଦାମୂଳକ ଶିକ୍ଷା : (ଉଚ୍ଚ ପ୍ରାଥମିକ ସ୍ତର)

ସାମ୍ପ୍ରତିକ ପରିସ୍ଥିତିରେ ଷଷ୍ଠ ଶ୍ରେଣୀଠାରୁ ପ୍ରାକ୍ ଧନ୍ଦାମୂଳକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି କ୍ଷେତ୍ରରେ ବିଦ୍ୟାଳୟରେ କେତେକ ଉତ୍ପାଦନ ଭିତ୍ତିକ କାର୍ଯ୍ୟକୁ ଚିହ୍ନଟ କରି ସେଗୁଡ଼ିକୁ ଗଣିତ, ବିଜ୍ଞାନ ଇତ୍ୟାଦି ଶିକ୍ଷଣରେ ସମନ୍ୱିତ କରିବା ଆବଶ୍ୟକ । ଉଦାହରଣସ୍ୱରୂପ : ଇତିହାସ ପଢ଼ାଇବା ସମୟରେ ଆମ୍ଭେମାନେ ବିଭିନ୍ନ ଧାରଣା ଯଥା – ମ୍ୟୁଜିୟମ, ବିଭିନ୍ନ ସ୍ଥାନର କୀର୍ତ୍ତି ସଂପର୍କରେ ଆସିଥାଉ ଏବଂ ଶିକ୍ଷକ ଏହିସବୁ ଧାରଣା ଶିକ୍ଷାଦେଲାବେଳେ ଭ୍ରମଣ ଓ ପର୍ଯ୍ୟଟନ ସଂପର୍କରେ ପରିଚିତ କରାଇ ପାରିବେ । ଯାହାକି ଏକ ଧନ୍ଦାମୂଳକ ଶିକ୍ଷାକ୍ଷେତ୍ର ଅଟେ । ଏହା ନବମ ଶ୍ରେଣୀ ପିଲାମାନଙ୍କୁ ସେମାନଙ୍କର ଧନ୍ଦାମୂଳକ ଶିକ୍ଷା ବିଷୟଭାବେ ପସନ୍ଦ କରିବା ପାଇଁ ସାହାଯ୍ୟ କରିବ । ପ୍ରାକ୍ ଧନ୍ଦାମୂଳକ ଶିକ୍ଷାକୁ ସଂପର୍କିତ କରି ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡ଼ିକ ପିଲାମାନଙ୍କର ବ୍ୟକ୍ତିଗତ – ସାମାଜିକ ଗୁଣାବଳୀ ଯଥା ନିଷ୍ପତ୍ତିଗ୍ରହଣ କରିବା, ସମସ୍ୟା ସମାଧାନ, ଭାବବିନିମୟ ଇତ୍ୟାଦି ବିକାଶ କରିବାରେ ସାହାଯ୍ୟ କରିଥାଏ ।

## ଶିକ୍ଷାର୍ଥୀଙ୍କୁ ବୁଝିବା:

ପ୍ରାଥମିକ ସ୍ତରରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ଓ ବ୍ୟକ୍ତିଗତ – ସାମାଜିକ ଗୁଣାବଳୀର ବିକାଶଗୁଡ଼ିକୁ ଅନୁଧ୍ୟାନ କଲାବେଳେ ସେମାନଙ୍କର ଅନେକ ବୌଦ୍ଧିକ / ଶୈକ୍ଷିକ, ବ୍ୟକ୍ତିଗତ, ସାମାଜିକ ଓ ଆବେଗିକ ଆବଶ୍ୟକତା ସଂପର୍କରେ ସୂଚନା ପାଇଥାନ୍ତି । ସେହିସବୁ ଆବଶ୍ୟକତାଗୁଡ଼ିକର ପରିପୂରଣ ନିମନ୍ତେ ଶିକ୍ଷକ ଅନେକ ସୁବିଧା ସୁଯୋଗ ଓ ସହାୟତା ପ୍ରଦାନ କରିପାରିବେ ।

Module 2

**ସେଗୁଡ଼ିକ ହେଲା :**

- ଘର କିମ୍ବା କ୍ରୀଡ଼ା ବିଦ୍ୟାଳୟରୁ ସାଧାରଣ ବିଦ୍ୟାଳୟ ପରିବେଶକୁ ସହଜ ଅବସ୍ଥାପନ।
- ବିଦ୍ୟାଳୟ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଖାପଖୁଆଇ ଚଳିବା।
- ନିଜେ ନିଜ କାର୍ଯ୍ୟ ବିଶେଷ କରି ବୌଦ୍ଧିକ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିବା।
- ନିଜର ଶାରୀରିକ, ଆବେଗିକ ଓ ସାମାଜିକ ସତ୍ତା/ ଗୁଣାବଳୀ ସଂପର୍କରେ ସଚେତନ ହେବା ଓ ସେ ସ୍ୱତନ୍ତ୍ର / ଅନନ୍ୟ ବୋଲି ବିଚାର କରିବା।
- ସ୍ୱାସ୍ଥ୍ୟକର ଅଭ୍ୟାସ, ଯଥା: (ସୁସ୍ଥତା ନିମନ୍ତେ ଖାଦ୍ୟ ଖାଇବା, ପରିଷ୍କାର ପରିଚ୍ଛନ୍ନତା ଓ ବ୍ୟକ୍ତିଗତ ଆସବାବ / ସାମଗ୍ରୀକୁ ଶୃଙ୍ଖଳିତ କରି ରଖିବା ଇତ୍ୟାଦି) ଗୁଡ଼ିକର ବିକାଶ କରିବା।
- ଆତ୍ମ - ପ୍ରତ୍ୟୟ ଓ ଆତ୍ମ ସମ୍ମାନରେ ବିକାଶ କରିବା।
- ସାଙ୍ଗସାଥିମାନଙ୍କ ସହ ଉତ୍ତମ ସଂପର୍କ ସ୍ଥାପନ କରିବା।
- ଉତ୍ତମ ସାମାଜିକ ସଂପର୍କ ରକ୍ଷା କରିବା ପାଇଁ ଆବଶ୍ୟକୀୟ ସାମାଜିକ କୌଶଳ ହାସଲ କରିବା।
- ଶ୍ରେଣୀ ପ୍ରକୋଷ୍ଠଗୁଡ଼ିକରେ 'ଭିନ୍ନତା ସଂପର୍କିତ ବୁଝାମଣା'ର ବିକାଶ କରିବା।
- ଯେଉଁମାନଙ୍କ ସହ ସେମାନେ ବିଚାର ବିମର୍ଷ/ ଆଲୋଚନା କରୁଛନ୍ତି, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ପ୍ରଶଂସା ଓ ସମ୍ମାନ କରିବା ପାଇଁ ନିଜର ଗୁଣାବଳୀ ବିକାଶ କରିବା।
- ଦଳର ସଦସ୍ୟ ହିସାବରେ ଦଳୀୟ ଉତ୍ସାହ, ସମସ୍ୟା - ସମାଧାନ ଓ ନିଷ୍ପତ୍ତି ଗ୍ରହଣ କୌଶଳର ବିକାଶ କରିବା।
- ଗଣ୍ଡୋଗଳ ଉପୁଜୁଥିବା ପରିସ୍ଥିତି ଓ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ ନିମନ୍ତେ ଶିକ୍ଷଣ କୌଶଳ ହାସଲ କରିବା।
- ଦଳରେ ଅନ୍ୟ ସଦସ୍ୟଙ୍କ ସହ ମିଳିତ ଭାବେ ସହଯୋଗ କରିବା କାମ କରିବା ସହ ନିଜେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସାମର୍ଥ୍ୟ ବିକାଶ କରିବ।
- ଅର୍ଥପୂର୍ଣ୍ଣ ଭାବେ ସମୟକୁ ବ୍ୟବହାର କରିବାକୁ (ବିଶେଷ କରି ସେମାନଙ୍କର ବୌଦ୍ଧିକ କୌଶଳର ବିକାଶ ପାଇଁ ଶିଖିବା।
- ଦଳରେ ନିଜକୁ ସାମିଲ କରିବା, ପ୍ରଶଂସିତ ହେବା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣ ହେବାର ଭାବନାଗୁଡ଼ିକୁ ବିକାଶ କରିବା।

- ବୌଦ୍ଧିକ / ଶୈକ୍ଷିକ ପସନ୍ଦଗୁଡ଼ିକୁ ପ୍ରସ୍ତୁତ କରିବା, ଦକ୍ଷତା ଓ ଆତ୍ମ ବିଶ୍ୱାସର ଭାବନାଗୁଡ଼ିକର ବିନିମୟ, ଶୈକ୍ଷିକ / ବୌଦ୍ଧିକ ଲକ୍ଷ୍ୟ ସ୍ଥିର କରିବା ।

ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀମାନଙ୍କର କେତେଗୁଡ଼ିଏ ଆବଶ୍ୟକତାକୁ ପରିପୂରଣ ନିମନ୍ତେ ଶିକ୍ଷକ ନିମ୍ନୋକ୍ତ ସୁବିଧା ସୁଯୋଗଗୁଡ଼ିକୁ ପ୍ରଦାନ କରିବା ସହ ସହାୟତା କରିପାରିବେ ।

**ସେଗୁଡ଼ିକ ହେଲା :**

- ବୌଦ୍ଧିକ ସଫଳତା ପାଇଁ ପଠନ କୌଶଳର ପ୍ରୟୋଗ ।
- ପର୍ଯ୍ୟାପ୍ତ ଶିକ୍ଷଣ ସାମଗ୍ରୀ, ସାଧନ ଓ କୌଶଳର ବ୍ୟବହାର ନିମିତ୍ତ ଶିକ୍ଷଣ ଉପରେ ଗୁରୁତ୍ୱ ।
- ଆନୁମାନିକ ପ୍ରଶ୍ନଗୁଡ଼ିକର ଉତ୍ଥାପନ ଓ ସେଗୁଡ଼ିକର ଉତ୍ତର ଖୋଜିବା ପାଇଁ ଉତ୍ସାହିତ କରିବା ।
- ସ୍ପଷ୍ଟଭାବେ ଅନ୍ୟର ଜନ୍ମ ଓ ଭାବନାଗୁଡ଼ିକୁ ବିନିମୟ ନିମନ୍ତେ ଶିକ୍ଷଣ ।
- ଶିକ୍ଷାର୍ଥୀମାନଙ୍କ ଭିତରେ ସଂଗଠିତ ଶାରୀରିକ ପରିବର୍ତ୍ତନ ଯେ ଏକ ସାଧାରଣ ପ୍ରକ୍ରିୟା ତାକୁ ଗ୍ରହଣ କରିବାର ସାମର୍ଥ୍ୟର ବିକାଶ ।
- ଶିକ୍ଷାର୍ଥୀ ନିଜ ଭିତରେ ଓ ସାଙ୍ଗସାଥୀମାନଙ୍କ ଠାରେ ଦେଖା ଯାଉଥିବା ଶାରୀରିକ ବୃଦ୍ଧି ହାରର ଭିନ୍ନତାକୁ ଗ୍ରହଣ କରିବା ଓ ବୁଝିବା ।
- ସାଙ୍ଗସାଥୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବାର ଗୁଣାବଳୀ ବିକାଶ କରିବ ।
- ପାରମ୍ପାରିକ ଲିଙ୍ଗଭିତ୍ତିକ ଧରାବନ୍ଧା ଭୂମିକାକୁ ବୁଝିବା ।
- ବିଭିନ୍ନ ସାମାଜିକ ପରିବେଶ (ବିଦ୍ୟାଳୟ, ଘର, ଟିଉସନ୍, ଶ୍ରେଣୀଗୃହ ଇତ୍ୟାଦି)ରେ ବ୍ୟକ୍ତିବିଶେଷ ସହ ବନ୍ଧୁତ୍ୱ ସ୍ଥାପନ କରିବା ।
- ସାଙ୍ଗସାଥୀ ଓ ସହପାଠୀଙ୍କ ମଧ୍ୟରେ ନିଜେ ନିଜକୁ ଅନ୍ତର୍ଭୁକ୍ତ କରିବା, ପସନ୍ଦ କରିବା ଓ ଗ୍ରହଣ କରିବାର ଭାବନାଗୁଡ଼ିକର ବିକାଶ କରିବା ।
- ବିଶେଷଭାବେ ନିଜ ତଥା ଅନ୍ୟମାନଙ୍କର ଭାବନା ସଂପର୍କରେ ସଚେତନ ହୋଇ ବୌଦ୍ଧିକ ତଥା ଆବେଗିକ ସ୍ୱାଧୀନତା ସୃଷ୍ଟି କରିବା ।

**ବିଦ୍ୟାଳୟ ଓ ଶ୍ରେଣୀ କୋଠରିରେ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇବା ପାଇଁ ଆବଶ୍ୟକୀୟ ଗୁଣ ଓ କୌଶଳ :**

ସ୍କୁଲ ଓ ଶ୍ରେଣୀ କୋଠରିରେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ତଥା ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ସହାୟତା ଯୋଗାଇବା ପାଇଁ ଶିକ୍ଷକମାନେ କେତେଗୁଡ଼ିଏ ଗୁଣ ଓ କୌଶଳର ଅଧିକାରୀ ହେବା ଆବଶ୍ୟକ ଯାହା ନିମ୍ନରେ ଉଲ୍ଲେଖିତ ଅଛି ।

Module 2

## ସମ୍ବେଦନଶୀଳତା ଓ ଯତ୍ନ :

ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର ସଂପର୍କ ସୃଷ୍ଟି, ପରିଚାଳନା ତଥା ଏହାର ଉନ୍ନତି ନିମନ୍ତେ ପରସ୍ପର ମଧ୍ୟରେ ସମ୍ବେଦନଶୀଳତା ଓ ଯତ୍ନ ଆଦି ଅତ୍ୟାବଶ୍ୟକୀୟ ଗୁଣାବଳୀ ଅଟେ। ଶିକ୍ଷାଦାନ ଶିକ୍ଷଣ ପରିବେଶରେ ଶିକ୍ଷକ - ପିଲା, ପିଲା - ପିଲା, ଶିକ୍ଷକ - ଶିକ୍ଷକମାନଙ୍କ ମଧ୍ୟରେ ସଂପର୍କ ସୃଷ୍ଟି ଓ ଏହାକୁ ଦୃଢ଼ କରିବା ପାଇଁ ଏହିସବୁ ଗୁଣାବଳୀ (ସମ୍ବେଦନଶୀଳତା ଓ ଯତ୍ନ) ମୁଖ୍ୟ ଭୂମିକା ନିର୍ବାହ କରିଥାଏ।

ଶ୍ରେଣୀ ପ୍ରକୋଷ୍ଠରେ ଯେତେବେଳେ ଶିକ୍ଷକ - ପିଲା, ପିଲା-ଶିକ୍ଷକଙ୍କ ମଧ୍ୟରେ ସମ୍ବେଦନଶୀଳତା ଓ ଯତ୍ନ ଭିତ୍ତିରେ ବାଚନିକ ଅଣବାଚନିକ ଆଚରଣ ପ୍ରଦର୍ଶିତ ହୁଏ, ସେତେବେଳେ ବିନା ଆକଳନ / ମୂଲ୍ୟାୟନରେ ସେମାନଙ୍କର ସବଳତା ଓ ଦୁର୍ବଳତା ସଂପର୍କିତ ବୁଝାମଣା ଦେଖାଯାଏ। ଏହି ପ୍ରକାରର ଭାବନା ସେମାନଙ୍କର ଦୁର୍ବଳତାକୁ ଦୂର କରିବା ପାଇଁ ସାହାସ ଯୋଗାଇବା ସହିତ ସବଳତାର ଅଭିବୃଦ୍ଧି ସଂଗଠିତ ହୁଏ। ଏହା ଦ୍ୱାରା ଏକ ମନସ୍ତାତ୍ତ୍ୱିକ ଭିତ୍ତିକ ନିରାପଦ ଓ ଉପଯୋଗୀ ପରିବେଶ ସୃଷ୍ଟି କରିବା ପାଇଁ ବାଟ ଦେଖାଏ।

ବିଭିନ୍ନ ସମ୍ବେଦନଶୀଳ ଘଟଣା (ଯଥା - ଲିଙ୍ଗଗତ, ସଂସ୍କୃତି ଗତ, ଭିନ୍ନକ୍ଷମ, ସାମାଜିକ ଅନଗ୍ରସରତା, ମାନବିକ ଅଧିକାର ଇତ୍ୟାଦି) ସଂପର୍କରେ ନିଜର ମନୋବୃତ୍ତି ସଂପର୍କିତ ସଚେତନତା ସମ୍ବେଦନଶୀଳତାରେ ଅନ୍ତର୍ଭୁକ୍ତ ଅଟେ। ଏହା ଜଣକୁ ନିଜ ଭାବନାରେ, ଅନୁଭବ ଓ ଆଚରଣରେ କାର୍ଯ୍ୟ ନିର୍ଦ୍ଧାରଣ କରିବା ପାଇଁ ସାହାଯ୍ୟ କରିଥାଏ। ନିରପେକ୍ଷ ଭାବେ ଶିକ୍ଷକ ନିଜ ପିଲାମାନଙ୍କର ସବଳତା, ଦୁଃର୍ବଳତା, ଅନନ୍ୟ ଗୁଣାବଳୀ ଇତ୍ୟାଦିକୁ ଜାଣିବା, ବୁଝିବା ଓ ଆକଳନ ନିମନ୍ତେ ସମ୍ବେଦନଶୀଳତା ସାହାଯ୍ୟ କରିଥାଏ।

ଜଣେ ସମ୍ବେଦନଶୀଳ ଓ ଯତ୍ନବାନ ବ୍ୟକ୍ତି ବିଶେଷ ପାଇଁ ନିଜେ ନିଜର ଓ ଅନ୍ୟମାନଙ୍କର ଆଚରଣ / କାର୍ଯ୍ୟକଳାପ ଅନୁଧ୍ୟାନ କରିବା ଖୁବ୍ ଜରୁରୀ। ଅନ୍ୟମାନଙ୍କର ବାଚନିକ ଓ ଅଣବାଚନିକ ପ୍ରଦର୍ଶନରେ ସେମାନଙ୍କର ଭାବନା ଓ ଚିନ୍ତନକୁ ବୁଝିବାର ସାମର୍ଥ୍ୟ ଥିବା ଆବଶ୍ୟକ। ନିରପେକ୍ଷଭାବେ ନିଜକୁ ଓ ଅନ୍ୟକୁ ଗ୍ରହଣ କରିବା ସହ ମର୍ଯ୍ୟାଦାପୂର୍ଣ୍ଣ ଭାବେ ନିଜର ସମ୍ବଳ (ଶାରୀରିକ, ବୌଦ୍ଧିକ ଇତ୍ୟାଦି)କୁ ବିନିମୟ କରିବା ଏବଂ ଅନ୍ୟପାଖରେ ଥିବା ସମ୍ବଳକୁ ସମ୍ମାନ ଦେଖାଇବାର ସାମର୍ଥ୍ୟ ଆବଶ୍ୟକ। ସମ୍ବେଦନଶୀଳ ଓ ଯତ୍ନ ନିମନ୍ତେ ଧୈର୍ଯ୍ୟର ସହ ସମାନ ତଥ୍ୟ ଅନ୍ୟକୁ ବିନିମୟ କରିବାର ମଧ୍ୟ ଆବଶ୍ୟକତା ରହିଛି।

Module
2

## ଶ୍ରେଣୀ ପ୍ରକୋଷ୍ଠର ଭିନ୍ନତା ଆଧାରରେ ଶିକ୍ଷକମାନଙ୍କ ନିକଟରେ ସମ୍ବେଦନଶୀଳତା ସୃଷ୍ଟି ନିମନ୍ତେ ଦଳଗତ କାର୍ଯ୍ୟ :

ତୁମ ଶ୍ରେଣୀରେ ୪ - ୫ ଜଣ ପିଲା ଅଛନ୍ତି। ଯେଉଁମାନେ ଘରେ ପଢ଼ିବା ପାଇଁ ଓ ବିଦ୍ୟାଳୟରେ ଦିଆଯାଇଥିବା ପାଠ କରିବା ପାଇଁ ସମୟ ପାଆନ୍ତି ନାହିଁ। କାରଣ ସେମାନେ ସେମାନଙ୍କର ବାପା, ମା'ଙ୍କୁ ଘରୋଇ କାର୍ଯ୍ୟରେ ସାହାଯ୍ୟ କରନ୍ତି। ଆଉ କିଛି ପିଲା ଅଛନ୍ତି ଯେଉଁମାନେ ଶ୍ରେଣୀରେ ପଢ଼ା ଯାଉଥିବା ପାଠକୁ ବୁଝିପାରନ୍ତି ନାହିଁ ଓ ଅଧିକାଂଶ ସମୟରେ ପାଠ ଆଲୋଚନା ହେଉଥିବାବେଳେ ଚୁପ୍ ଚାପ୍ ବସନ୍ତି। ସେହିପରି ଆହୁରି ୨ - ୩ ଜଣ ଶିକ୍ଷାର୍ଥୀ ନୂଆକରି ସ୍କୁଲରେ ନାମ ଲେଖାଇଛନ୍ତି। ସେମାନେ ୩ ବର୍ଷ ଆଗରୁ ବିଦ୍ୟାଳୟରୁ ପାଠଛାଡି ପଳାଇ ଯାଇଥିଲେ। ସେହିପିଲାମାନେ ଶ୍ରେଣୀ କାର୍ଯ୍ୟରେ ଆଦୌ ଧ୍ୟାନ ଦେଉନାହାନ୍ତି କି ଅନ୍ୟମାନଙ୍କୁ ଧ୍ୟାନ ଦେବାକୁ ସହଯୋଗ କରୁନାହାନ୍ତି।

## ଜଣେ ସଫଳ ସହାୟକ ହିସାବରେ ତୁମେ ତୁମର ସମ୍ବେଦନଶୀଳତା ଓ ଯତ୍ନ କିପରି ପ୍ରଦର୍ଶନ କରିପାରିବ:

- ସେମାନଙ୍କୁ ଶିକ୍ଷଣରେ ସହାୟତା
- ସେମାନେ ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ, ଉତ୍ସାହିତ ଓ ପ୍ରେରିତ ବୋଲି ଅନୁଭବ କରାଇବା।

## ପିଲାଙ୍କ ମଧ୍ୟରେ ସମ୍ବେଦନଶୀଳତା ଓ ଯତ୍ନ ସୃଷ୍ଟି ପାଇଁ କାର୍ଯ୍ୟ

'ସାଧାରଣ ଭାବେ ଆମେ କ'ଣ କରିବା'

- ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଲାକାରରେ ଛିଡ଼ା କରାଇ ୧ ରୁ ୫ ପର୍ଯ୍ୟନ୍ତ ଗଣିବାକୁ କୁହନ୍ତୁ।
- ସମସ୍ତ ୧ ଗୋଟିଏ ଦଳ ଗଠନ କରିବେ ସେହିପରି ସମସ୍ତ ୨, ସମସ୍ତ ୩, ସମସ୍ତ ୪ ସମସ୍ତ ୫ କୁ ନେଇ ଭିନ୍ନଭିନ୍ନ ଦଳ ଗଠନ କରିବେ।
- ପ୍ରତ୍ୟେକ ଦଳ କୁ ୪ - ୫ ମିନିଟ୍ ସମୟ ଦେଇ ଦଳରେ ଆଲୋଚନା କରିବାକୁ କୁହନ୍ତୁ ଓ କେଉଁ ପାଂଚଟି ଗୁଣାବଳୀ ସେମାନଙ୍କ ମଧ୍ୟରେ ସାଧାରଣ ଭାବେ ଦେଖାଯାଏ ଉଲ୍ଲେଖ କରନ୍ତୁ। ଏହି ପାଂଚଟି ଗୁଣାବଳୀ ସେମାନଙ୍କ ଶ୍ରେଣୀ / ସ୍କୁଲ ଓ ଯାହା ସ୍ୱଷ୍ଟ ବାରି ହେଉଥିବ ତା' ସହ ସଂପର୍କିତ ନ ଥିବ।
- ସମୟ ସରିଲା ପରେ, ପ୍ରତ୍ୟେକ ଦଳର ସଦସ୍ୟମାନେ ନିଜର ପରିଚୟ କହିବା ସହ କେଉଁ ପାଂଚଟି ଜିନିଷ / ଗୁଣାବଳୀ ସେମାନଙ୍କ ମଧ୍ୟରେ ସମାନ ବା ସାଧାରଣ ଉଲ୍ଲେଖ କରିବେ।

- ନୂଆକରି ଗଠନ କରାଯାଇଥିବା ଦଳର ସଦସ୍ୟମାନଙ୍କୁ ଏକାଠି ବସି ସେହିଦିନ ବିଦ୍ୟାଳୟରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟରେ ପରସ୍ପର ସହଯୋଗ କରିବାକୁ କୁହାଯିବ ।

**ବିଶ୍ୱସନୀୟତା :**

ପିଲାମାନଙ୍କ ଭାବନାକୁ ଉତ୍ତମ ରଖିବା ପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀର ସଂପର୍କ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । କେବଳ ଶ୍ରେଣୀଗୃହ ଏବଂ ସ୍କୁଲର ପିଲା ହିସାବରେ ନୁହେଁ ବରଂ ଜଣେ ସମାଜର ବ୍ୟକ୍ତିଭାବେ ଯେତେବେଳେ ପିଲାମାନେ ଦେଖନ୍ତି ଯେ ସେମାନଙ୍କର ଶିକ୍ଷକ ସେମାନଙ୍କୁ  ପ୍ରକୃତରେ ସମ୍ମାନ କରୁଛନ୍ତି ଓ ଭଲ ପାଉଛନ୍ତି । ସେମାନଙ୍କର ମଙ୍ଗଳ / ଉନ୍ନତି ପାଇଁ ଦାୟିତ୍ୱ ନେଇଛନ୍ତି ସେମାନଙ୍କର ପାରଦର୍ଶିତା କେବଳ ଜଣେ ଛାତ୍ର / ଛାତ୍ରୀ ହିସାବରେ ନୁହେଁ ବରଂ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି (ଘରେ, ସାଙ୍ଗସାଥିଙ୍କ ଠାରେ  ଇତ୍ୟାଦି) ସେତେବେଳେ ସେ ଖୁବ୍ ଉତ୍ସାହୀ ହୋଇଯାନ୍ତି ଓ ଶ୍ରେଣୀ କାର୍ଯ୍ୟରେ ମନଧ୍ୟାନ ଦେଇ ଉଦ୍ୟମ ସହ କାର୍ଯ୍ୟ କରିଥାନ୍ତି । ଏହିଭଳି ଭାବେ ଶିକ୍ଷକ ପିଲାମାନଙ୍କୁ ତାଙ୍କର ବିଶ୍ୱାସନୀୟତା ଗୁଣାବଳୀ ପ୍ରଦର୍ଶନ କରିଥାନ୍ତି ଓ ପରବର୍ତ୍ତୀ ସମୟରେ ସେମାନଙ୍କର ଆଲୋଚନା ଓ ସଂପର୍କ ଭିତ୍ତିରେ ସେସବୁ ଗୁଣାବଳୀ ଜାଣିବାକୁ ପାଆନ୍ତି ।

ବିଶ୍ୱାସନୀୟତା ବିଶେଷ ଭାବେ ନିଜର ସତ୍ୟବାଦିତା ଏବଂ ଦାୟିତ୍ୱବୋଧର ସାମର୍ଥ୍ୟ ସହ ନିଜ ତଥା ଅନ୍ୟର ଅନୁଭବ ଓ ଭାବନା ଉପରେ ନିର୍ଭର କରିଥାଏ । ଏହା ନିଜର ଅନୁଭବ ଓ ଭାବନାକୁ ମୁକ୍ତ ତଥା ଖୋଲାଖୋଲି ପ୍ରକାଶ କରିବାର ସାମର୍ଥ୍ୟ ତଥା ଅନ୍ୟକୁ ଅସମ୍ମାନ ନ କରି ମତାମତ ଦେବା ଉପରେ ନିର୍ଭର କରେ । ଶ୍ରେଣୀ ଗୃହରେ ସିଧାସଳଖ, ଖୋଲାଖୋଲି ଓ ଦାୟିତ୍ୱପୂର୍ଣ୍ଣ ଭାବେ ଶିକ୍ଷକ ଓ ଶିକ୍ଷାର୍ଥୀ ଯେତେବେଳେ ସେମାନଙ୍କର ସାଧୁତା ଓ ନିର୍ଭରଶୀଳତା ପ୍ରକାଶ କରନ୍ତି ସେତେବଳେ ସେମାନେ ପରସ୍ପରକୁ ସମ୍ମାନ, ପ୍ରକୃତ ଆଗ୍ରହ ଓ ଦାୟିତ୍ୱବୋଧ, ପରସ୍ପରର ସାମର୍ଥ୍ୟ ଓ ଦଳତା କୁ ବିଶ୍ୱାସ କରିଥାନ୍ତି । ଏହା ଶିକ୍ଷକ – ଶିକ୍ଷାର୍ଥୀ, ଶିକ୍ଷାର୍ଥୀ – ଶିକ୍ଷାର୍ଥୀ ମଧ୍ୟରେ ସଂପର୍କ ସୃଷ୍ଟି ଓ ଏହାକୁ ଦୃଢ଼ କରିଥାଏ । ଯଦ୍ୱାରା ସେମାନେ ଅଧିକ ଧ୍ୟାନ ପୂର୍ବକ ଆଗ୍ରହର ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ପାଇଥାନ୍ତି ।

ଜଣେ ସଫଳ ସହାୟକ ଭାବେ, ଶିକ୍ଷକ ନିଜର ପ୍ରକୃତ ଆଗ୍ରହ, ଦାୟିତ୍ୱ ଓ ଶିକ୍ଷାର୍ଥୀର ସାମର୍ଥ୍ୟ ଉପରେ ପୂର୍ଣ୍ଣ ବିଶ୍ୱାସକୁ ପ୍ରକାଶ କରିବାର ଆବଶ୍ୟକତା ଅଛି । ସେଥିପାଇଁ ସେମାନେ ନିଜର ଭାବନା ଓ ଚିନ୍ତାଧାରା, ପିଲାଙ୍କ  ପ୍ରତି କାର୍ଯ୍ୟ, ସେମାନଙ୍କର ଅନନ୍ୟ ପ୍ରତିଭା ପାଇଁ ସମ୍ମାନ ଏବଂ ସେମାନଙ୍କୁ

Module
2

ସେମାନେ ଯେଉଁଭଳି ସେହିଭଳି ଭାବରେ ଗ୍ରହଣ କରିବା ଉପରେ ସଚେତନ ହେବା ଆବଶ୍ୟକ ।

ଯେତେବେଳେ କଥା, କାମ ଓ ଭାବନାର ସମନ୍ୱୟ ଥାଏ, ସେତେବେଳେ ପିଲା ପ୍ରତି ଥିବା ଆଗ୍ରହ ସ୍ପଷ୍ଟ ବାରିହୁଏ । ଉଦାହରଣସ୍ୱରୂପ : ଯେତବେଳେ ତୁମେ କହୁଛ ଯେ ପିଲା କହୁଥିବା କଥାକୁ ତୁମେ ମନଧ୍ୟାନ ଦେଇ ଶୁଣୁଛ, ତେବେ ତୁମ ଭଙ୍ଗୀ ( ଆଗକୁ ଝୁଙ୍କିବା) ଆଗ୍ରହପୂର୍ଣ୍ଣ ମୁଖ (ଆଖିର ସଂଯୋଗ) ଇତ୍ୟାଦି ପ୍ରଦର୍ଶିତ ହେବା ଉଚିତ୍ ଯେମିତି ତୁମେ ପିଲାଟିକୁ ଶୁଣୁଛ । ଶିକ୍ଷକ ପ୍ରକୃତରେ ପିଲାଙ୍କୁ ଭଲପାଉଛି ଓ ତା' ସହ ଅଛି ବୋଲି କେବଳ ଭାବନାରେ ସୀମିତ ନ ରଖି ତା'ର ଭରସା ଓ ବିଶ୍ୱାସନୀୟତାକୁ ଅଣବାଚନିକ ଆଚରଣ ଦ୍ୱାରା ପ୍ରଦର୍ଶନ କରିବା ଉଚିତ୍ ।

ନିମ୍ନରେ କେତୋଟି ଉପାୟ ଦିଆଯାଇଛି । ପିଲାଙ୍କ ସହ ଆଲୋଚନା କଲାବେଳେ ଏହା ମାଧ୍ୟମରେ ପ୍ରକୃତ ଦାୟୀତ୍ୱ ଓ ପିଲାଙ୍କ ପ୍ରତି ଥିବା ଆଗ୍ରହକୁ ବିନିମୟ କରିହେବ । ସେଗୁଡ଼ିକ ହେଲା :

- ପିଲାମାନେ ଯେତେବେଳେ ଶ୍ରେଣୀ ଗୃହ କିମ୍ବା ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି ସେତେବେଳେ ତାଙ୍କୁ ଉତ୍ସାହପୂର୍ଣ୍ଣ ମୁରୁକି ହସ ମାଧ୍ୟମରେ ଅଭିନନ୍ଦନ ଜଣାଇବା ।
- ପିଲାମାନଙ୍କୁ ନାମ ଧରି ଡାକିବା (ଉଭୟ ଶ୍ରେଣୀ ଗୃହରେ ଓ ବିଦ୍ୟାଳୟର ଯେକୌଣସି ସ୍ଥାନରେ)
- 'ଆଜି ତୁମକୁ କେମିତି ଲାଗୁଛି' ଇତ୍ୟାଦି ପିଲାଙ୍କୁ ପଚାରନ୍ତୁ ଏବଂ ସେମାନେ ଯାହା କିଛି କହୁଛନ୍ତି ସେଗୁଡ଼ିକୁ ମନଧ୍ୟାନ ଦେଇ ଶୁଣନ୍ତୁ । ଏହା ବିଶେଷ ଭାବେ ସେହିମାନଙ୍କ ପାଇଁ ଆବଶ୍ୟକ / ଉତ୍ସାହୀପୂର୍ଣ୍ଣ ଯେଉଁମାନେ ଲାଜକୁଳା ଓ ନିଜ ବିଷୟରେ କହିବାକୁ ଚାହାନ୍ତି ନାହିଁ ।
- ପିଲାଙ୍କ ଆଖିକୁ ସଂଯୋଗ କରି ତାଙ୍କର ଉପସ୍ଥିତିକୁ ସ୍ୱୀକୃତି ଦେବା ଓ ସେମାନଙ୍କର ଧୀରସ୍ଥିର ଉଦ୍ୟମକୁ ପ୍ରଶଂସା କରିବା ।
- ତୁମ ପିଲାମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ ବ୍ୟକ୍ତିବିଶେଷ ଭାବେ ପ୍ରଶ୍ନ ପଚାରିବା ଏବଂ ସେମାନଙ୍କୁ ଜାଣିବା ପାଇଁ ତୁମର ପ୍ରକୃତ ଆଗ୍ରହ ପ୍ରଦର୍ଶନ କରିବା । କେତେକ ନମୁନା / ଆଦର୍ଶ ପ୍ରଶ୍ନ ଦିଆଯାଇଛି, ସେଗୁଡ଼ିକ ହେଲା :
- ଯେତେବେଳେ ତୁମର ଫାଙ୍କା ସମୟ ଅଛି, ସେତେବେଳେ ତୁମେ କ'ଣ କରିବ ?
- ଯଦି, ତୁମକୁ ତୁମର ପରିଚୟ ପାଇଁ କୁହାଯାଏ, ତୁମେ ତୁମ ବିଷୟରେ କ'ଣ କହିବ ?

Module
2

- କେଉଁ କାମ କରିବାକୁ ତୁମକୁ ସବୁଠାରୁ ବେଶୀ ଖୁସି ଦେଇଥାଏ ?
- ଯେତେବେଳେ ତୁମେ ବଡ଼ ହେବ, କ'ଣ କରିବାକୁ ଇଚ୍ଛା ପ୍ରକାଶ କରିବ ?

ତୁମେ ସ୍କୁଲରେ ଗୋଟିଏ ପ୍ରଦର୍ଶନ ପଟା ରଖିବ। ଯେଉଁଠାରେ ପ୍ରତି ସପ୍ତାହରେ ବିଭିନ୍ନ ପିଲା (ଇଚ୍ଛାରେ କିମ୍ବା ଶ୍ରେଣୀର ନିର୍ଦ୍ଦେଶରେ) କିଛି ସ୍ଥାନିତ କରିବେ ଯାହା କି ଶିକ୍ଷକ ଓ ସାଙ୍ଗସାଥୀଙ୍କୁ ଜଣାଇବା ପାଇଁ ନିଜ ବିଷୟରେ କିଛି ତଥ୍ୟ / ସୂଚନା ଉଲ୍ଲେଖ ଥିବ। ଯଥା : ମେଧାବୀ ଶିକ୍ଷାର୍ଥୀଙ୍କ ଦ୍ୱାରା ଅଳ୍ପଦିନ ତଳେ ଲେଖାଯାଇଥିବା କବିତା ଯଦି କେହି କବିତା ଲେଖିବାକୁ ଚାହୁଁଛନ୍ତି ତେବେ ଏବେ ଲେଖିଥିବା କବିତାକୁ ସ୍ଥାନିତ କରନ୍ତୁ। ଘରେ କିମ୍ବା ସ୍କୁଲରେ ଅନୁଭବ କରିଥିବା କୌଣସି ଖୁସି ମୂହୁର୍ତ୍ତ, ଘରେ କୌଣସି ଘଟଣା ଘଟିଥିବ ଯେଉଁଥିପାଇଁ ପିଲାମାନେ ବହୁତ ଖୁସି ଥିବେ ତେଣୁ ସେ ବିଷୟରେ ଲେଖି ସ୍ଥାନିତ କରିପାରିବେ। ଶ୍ରେଣୀ ସମସ୍ତ ଶିକ୍ଷାର୍ଥୀଙ୍କୁ ଜଣାଇବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ପିଲା ବିଷୟରେ ଲେଖା ମଧ୍ୟ ସ୍ଥାନିତ କରାଯାଇପାରେ। ସ୍କୁଲର ସମସ୍ତ ଶିକ୍ଷକ ସମ୍ମିଳିତ ଭାବେ ପରସ୍ପର ପିଲାର ସବଳତା କୁ ବିନିମୟ କରିବା ଉଚିତ୍।

ପିତାମାତା – ଶିକ୍ଷକ ବୈଠକରେ ପିତାମାତାଙ୍କୁ ସେମାନଙ୍କ ପିଲା ସଂପର୍କରେ ସକାରାତ୍ମକ ମତାମତ ଦେବା ଆବଶ୍ୟକ। ଏଥି ସହ କେଉଁ କ୍ଷେତ୍ରରେ ତା'ର ଅଭିବୃଦ୍ଧି ଆବଶ୍ୟକ ତାହା ମଧ ଜଣାଇବା ଉଚିତ୍। (ଯେମିତି ସ୍କୁଲର ସହପାଠୀ ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା ଓ କଥାବାର୍ତ୍ତାରେ ତା'ର ଆଚରଣ)।

**ଆଲୋଚ୍ୟ ପ୍ରସଙ୍ଗ :**

ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ୪ଟି ଦଳରେ ବିଭକ୍ତ କରନ୍ତୁ ଯେଉଁମାନେ ଶିକ୍ଷାର୍ଥୀ, ବାପା – ମା, ଶିକ୍ଷକ ଓ ଅଧକ୍ଷ ହିସାବରେ କାର୍ଯ୍ୟ କରିବେ। ସେମାନଙ୍କୁ ୫ ମିନିଟ୍ ସମୟ ଦିଅନ୍ତୁ। ପିତା – ମାତା – ଶିକ୍ଷକ ବୈଠକରେ ଯୋଗଦାନ ପୂର୍ବରୁ ସେମାନେ ସେହି ଦଳର ସଦସ୍ୟ ହିସାବରେ ନିଜର ଭାବନାକୁ ଆଲେଚନା କରନ୍ତୁ।

ସେମାନଙ୍କର ଭାବନାକୁ ବିନିମୟ କରିବା ପାଇଁ ଓ ସମସ୍ୟା ଆଲୋଚନା ପାଇଁ ୨ ମିନିଟ୍ ସମୟ ଦିଅନ୍ତୁ।

**Module 2**

## ଜଣେ ଅନ୍ୟଜଣଙ୍କ ପ୍ରତି ପ୍ରଦର୍ଶନ କରୁଥିବା ବାସ୍ତବ ଆଗ୍ରହ, ଦାୟିତ୍ୱ ଓ ସମ୍ମାନର ଗୁଣବତ୍ତା ଉପରେ ପିଲାଙ୍କୁ ସମ୍ବେଦନଶୀଳ କରାଇବା ପାଇଁ କାର୍ଯ୍ୟ:

- ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ୪ ଟି ଦଳରେ ଭାଗ କରନ୍ତୁ (ସେମାନଙ୍କର ଲିଙ୍ଗ, ସାମାଜିକ - ସାଂସ୍କୃତିକ ପୃଷ୍ଠଭୂମି, ସାମର୍ଥ୍ୟ ଇତ୍ୟାଦି ବ୍ୟତିରକେ)
- ଦୁଇଟି ଦଳକୁ (ଦଳ - ଏ ଓ ଦଳ - ବି) ଗୋଟିଏ କାର୍ଯ୍ୟ ଦିଆଯିବ। ଯେଉଁଥିରେ ସେମାନଙ୍କୁ ଗୋଟିଏ ପାଠ ପସନ୍ଦ କରିବାକୁ କୁହାଯିବ ଯାହାକି ଦଳଗତ କାର୍ଯ୍ୟଦ୍ୱାରା - କାର୍ଯ୍ୟଟି ସମ୍ପାଦନ ହେବ।
- ଅନ୍ୟ ଦୁଇଟି ଦଳ ମଧ୍ୟରୁ ଦଳ-ନ ଓ ଦଳ - ଡି) ଗୋଟିଏ ଦଳକୁ ଦଳ 'ଏ' କୁ ସହାୟତା ପାଇଁ କୁହାଯିବ। ଯେମିତି ସେମାନେ ଦିଆଯାଇଥିବା କାର୍ଯ୍ୟଟିକୁ ସମାପନ କରିପାରିବେ। ଅନ୍ୟ ଦଳଟିକୁ ଦଳ - ବି କ'ଣ କରୁଛି ଅନୁଧ୍ୟାନ କରି ମତାମତ ଦେବେ (ଯଦି ସେହି ଦଳ ଚାହିଁକି) କିନ୍ତୁ ତାଙ୍କ ଦଳକୁ ଦିଆଯାଇଥିବା କାର୍ଯ୍ୟକୁ ସମାପନ ପାଇଁ ଅନ୍ୟକୌଣସି ସହାୟତା ଦେବେ ନାହିଁ।
- ଦିଆଯାଇଥିବା କାର୍ଯ୍ୟଟି ସମାପନ ପରେ, ଦଳ - ଏ ଓ ବି କୁ ସେମାନଙ୍କର ଅନୁଭବ / ଭାବନା ବିଷୟରେ ନିମ୍ନମତେ ଆଲୋଚନା / ବିନିମୟ କରିବେ।
- ସେହି କାର୍ଯ୍ୟଟିକୁ କରିବା ପାଇଁ ଅନ୍ୟଦଳର ଭୂମିକା ।
- ଦଳର କେଉଁ ଗୁଣାବଳୀ ତାଙ୍କୁ ସାହାଯ୍ୟ କଲା ଓ କେଉଁଟି ସାହାଯ୍ୟ କଲା ନାହିଁ ତା'ର ତାଲିକା କରନ୍ତୁ।
- ଦଳ - ସି ଓ ଦଳ - ଡି ଯେତେବେଳେ ସେମାନଙ୍କର ଭୂମିକା ନିର୍ବାହ ପାଇଁ କାର୍ଯ୍ୟ କରୁଥିଲେ ସେତେବେଳେର ଅନୁଧ୍ୟାନ ଓ ଭାବନାକୁ ଭିତ୍ତିକରି ଅନ୍ୟମାନଙ୍କ ସହ ବିନିମୟ କରିବେ।
- ପରସ୍ପର ନିର୍ଭରଶୀଳତାର ଗୁରୁତ୍ୱପୂର୍ଣ୍ଣ ଭୂମିକା। ସଂପର୍କରେ ଏକ ଦଳଗତ ଆଲୋଚନାକୁ ଉତ୍ସାହିତ କରିବେ।
- ଶିକ୍ଷାର୍ଥୀମାନେ, ଘରେ, ସ୍କୁଲରେ କିମ୍ବା ଅନ୍ୟ କେଉଁଠି ଆଲୋଚନା କରିପାରିବେ କିମ୍ବା ଯେଉଁଠାରେ ସେମାନେ ଏହି ସବୁ ଗୁଣାବଳୀ ପ୍ରଦର୍ଶନ କରିବା ଉଚିତ୍ ବୋଲି ଭାବୁଛନ୍ତି ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ।

## ନିଜପ୍ରତି ଓ ଅନ୍ୟମାନଙ୍କ ପ୍ରତି ସକରାତ୍ମକ ମନୋଭାବ

ନିଜେ ଆଶାବାଦୀ ହେବା ସଂଗେ ସଂଗେ ନିଜ ଭିତରେ ତଥା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସକରାତ୍ମକ ମନୋବୃତ୍ତି ବୃଦ୍ଧି କରିବା ଶିକ୍ଷକଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଶିକ୍ଷାର୍ଥୀଙ୍କ ପାଇଁ ଜଣେ ଆଦର୍ଶରେ ଭୂମିକା ନିର୍ବାହ

Module
2

କରୁଥିବା ଶିକ୍ଷକଙ୍କ ସକରାତ୍ମକ ମନୋବୃତ୍ତି ପିଲାଙ୍କ ଭିତରେ ସୃଷ୍ଟି ନିମନ୍ତେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

ଶିକ୍ଷକଙ୍କ ଯତ୍ନ, ଦାୟିତ୍ୱ, ସମ୍ମାନ କେବଳ ପିଲାମାନଙ୍କ ପାଇଁ ନୁହେଁ, ତାଙ୍କ ବାପା, ମାଙ୍କ ପାଇଁ ମଧ୍ୟ, ସହକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ଯେଉଁମାନେ ବିଦ୍ୟାଳୟ ପରିବେଶରେ କାର୍ଯ୍ୟକରନ୍ତି ଇତ୍ୟାଦିର ବହୁଳ ପ୍ରଦର୍ଶନ ଖୁବ୍ ଆବଶ୍ୟକ । ଯେଉଁ ଶିକ୍ଷାର୍ଥୀମାନେ ବୟସ ବୃଦ୍ଧି ସଂଗେସଂଗେ ଜଣେ ଶିକ୍ଷାର୍ଥୀ ହିସାବରେ ଏବଂ ଅନ୍ୟମାନଙ୍କ ସହ ସଂପର୍କ ସ୍ଥାପନ ଅନେକ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି । ସେମାନଙ୍କ ପାଇଁ ଶିକ୍ଷକ ନିଜର ବଳିଷ୍ଠ ଗୁଣାବଳୀ ଭିତ୍ତିରେ ପିଲାମାନଙ୍କ ପାଇଁ ପ୍ରଦର୍ଶକ ଭଳି କାମ କରନ୍ତି । କେତେକ ଗୁଣାବଳୀ ନିଜର ସକରାତ୍ମକ ମନୋବୃତ୍ତି ପାଇଁ ନିଜର ତଥା ଅନ୍ୟର ଗୁଣାବଳୀକୁ ସୂଚିତ କରିଥାଏ । ସେଗୁଡ଼ିକ ହେଲା : ନିଜ ତଥା ଅନ୍ୟମାନଙ୍କର ଭିତରେ ଥିବା ଭଲ ଜିନିଷକୁ ଦେଖିବା / ଅନୁଭବ କରିବ ।

- କୌଣସି କାର୍ଯ୍ୟକୁ ନୂଆ କରି ଆରମ୍ଭ କରିବା ଓ ଅନ୍ୟକୁ ଆଗକୁ ବଢ଼ିବା ପାଇଁ ସାହାଯ୍ୟ କରିବ ।
- ସହଯୋଗୀ ହେବା ହାର – ଜିତ୍‌କୁ ଖେଳୁଆଡ଼ ଭାବେ ଗ୍ରହଣ କରିବା ଇତ୍ୟାଦି ।

## ନିଜ ଭିତରେ ତଥା ଅନ୍ୟମାନଙ୍କ ଠାରେ ଭଲ ଦେଖିବା ପାଇଁ ନିମନ୍ତେ ଶିକ୍ଷକ – ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟ

ନିମ୍ନରେ ଦିଆଯାଇଥିବା ତାଲିକା ଭିତ୍ତିରେ ତୁମର ଓ ଅନ୍ୟମାନଙ୍କର ସବଳତା ଓ ସକରାତ୍ମକ ଗୁଣାବଳୀଗୁଡ଼ିକ ଲେଖ :–

ଆଜି ମୁଁ ..................

ଆଜି ଏକ୍ସ,ୱାଇ, ଜେଡ୍ (ତୁମ୍ଭେମାନେ) ................

**ଉଦାହରଣସ୍ୱରୂପ:**

- ଆଜି ମୁଁ ସାହାଯ୍ୟକାରୀ ବୋଲି ଅନୁଭବ କରୁଛି ।
- ଆଜି ମୁଁ ଧୈର୍ଯ୍ୟଶୀଳ ବୋଲି ଅନୁଭବ କରୁଛି ।
- ଆଜି ମୁଁ ଉତ୍ସାହୀ ବୋଲି ଅନୁଭବ କରୁଛି ।
- ଆଜି ଏକ୍ସ,ୱାଇ, ଜେଡ୍ ଅନ୍ୟମାନେ ବିଶ୍ୱାସୀ ତେଲି ଭାବୁଛନ୍ତି ।
- ଆଜି ଏକ୍ସ,ୱାଇ, ଜେଡ୍ (ଅନ୍ୟମାନେ ବନ୍ଧୁପ୍ରିୟ / ମେଳାପୀ ବୋଲି ଭାବୁଛନ୍ତି ।
- ଆଜି ଏକ୍ସ,ୱାଇ, ଜେଡ୍ (ଅନ୍ୟମାନେ) ଫୁଟବଲ ଖେଳି ମାରିବାର ପରେ ଉତ୍ସାହୀ ବୋଲି ଭାବୁଛନ୍ତି ।

Module
2

## ଟିପ୍ପଣୀ :

- ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ, ମୁଁ ଅଟେ ତାଲିକା ରଖିବା ଉଚିତ୍, ଯଦ୍ଵାରା ଯେତେବେଳେ ସେମାନେ କୌଣସି ନୂଆ ଗୁଣାବଳୀ ଭିତରେ ଦେଖିବାକୁ ପାଇଲେ ସେଥିରେ ଯୋଗ କରି ଆଗକୁ ବଢ଼ାଇବା ଉଚିତ୍।
- ସେହିଭଳି ପ୍ରତ୍ୟେକ ବ୍ୟକ୍ତି ନିକଟରେ (ଏକ୍ସ,ଓ୍ୱାଇ, ଜେଡ୍) ଅନ୍ୟମାନଙ୍କର ତାଲିକା ରହିବା ଉଚ୍ିତ ଓ ଯେତେବେଳେ ସେମାନେ କୌଣସି ସକରାତ୍ମକ ଗୁଣାବଳୀ ସେମାନଙ୍କ ବିଷୟରେ ପାଇବେ। ସେଥିରେ ଯୋଗ କରି ଆଗକୁ ବଢ଼ାଇବା ଉଚିତ୍।
- ଯେତେବେଳେ ପିଲାମାନେ କୌଣସି ନକରାତ୍ମକ ଆବେଗ ଯଥା – ଦୁଃଖ / ବ୍ୟସ୍ତତା ଇତ୍ୟାଦି ଅନୁଭବ କରୁଛନ୍ତି ସେତେବେଳେ ସେମାନଙ୍କର 'ମୁଁ ଅଟେ' ତାଲିକା ଦେଖିବାକୁ ଉତ୍ସାହିତ କରନ୍ତୁ ଏବଂ ଯେତେବେଳେ ସେମାନେ ଅନ୍ୟମାନଙ୍କ ନକରାତ୍ମକ ଭାବନା ଅନୁଭବ କରୁଛନ୍ତି। ଦେଖୁଛନ୍ତି, ସେତେବେଳେ ଏକ୍ସ,ଓ୍ୱାଇ, ଜେଡ୍ "ଅନ୍ୟମାନେ ଅଟନ୍ତି" ତାଲିକାର ଦେଖିବାକୁ ଉତ୍ସାହିତ କରନ୍ତୁ।

## ନେତୃତ୍ୱ ଗୁଣାବଳୀଗୁଡ଼ିକୁ ଚିହ୍ନଟ ଓ ପସନ୍ଦ ନିମନ୍ତେ ଶିକ୍ଷକ ଓ ପିଲାମାନଙ୍କ ପାଇଁ କାର୍ଯ୍ୟ

ଦଳଗତ ଆଲୋଚନାର ଆୟୋଜନ।

- ତୁମ ମତରେ ତୁମ ଦଳ କିମ୍ବା ଶ୍ରେଣୀରେ କିଏ ନେତା ଅଟେ।
- ତୁମ ମତରେ କାହିଁକି ସେହି ବ୍ୟକ୍ତିଟି ନେତା ଅଟେ, ତା' ସଂପର୍କରେ ଭାବ ତାକୁ ବର୍ଣ୍ଣନା କଲାଭଳି ତା' ବିଷୟରେ କେତୋଟି ଶବ୍ଦ ଲେଖ।
- ତୁମର ନିକଟ ପରିବେଶ (ଯଥା – ପରିବାର, ପଡୋଶୀ, ଇତ୍ୟାଦି)ରେ ଅନ୍ୟ ତିନିଜଣଙ୍କ ବିଷୟରେ ଭାବ, ଯେଉଁମାନଙ୍କୁ ତୁମେ ନେତା ବୋଲି ପସନ୍ଦ କରୁଛ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଗୁଣାବଳୀ ବିଷୟରେ ବର୍ଣ୍ଣନା କରୁଥିବା କିଛି କିଛି ଶବ୍ଦ ଲେଖ।
- ସମସ୍ତ ଗୁଣାବଳୀର ତାଲିକା ପ୍ରସ୍ତୁତ କର ଯାହାକୁ ଦଳଗତ ଭାବେ କିମ୍ବା ଶ୍ରେଣୀ ଭିତ୍ତିରେ ସେଗୁଡ଼ିକ ଜଣେ ନେତାର ଗୁଣାବଳୀ ବୋଲି ପସନ୍ଦ କରୁଛ।
- ତୁମ ଅନୁଧ୍ୟାନଗୁଡ଼ିକୁ ତୁମର ସହପାଠୀମାନଙ୍କ ସଙ୍ଗେ ଆଲୋଚନା କର।

Module 2

## 'ସହଯୋଗ'କୁ ପସନ୍ଦ ନିମନ୍ତେ ଶିକ୍ଷକ ଓ ପିଲାମାନଙ୍କ ପାଇଁ କାର୍ଯ୍ୟ

- ତୁମ ଶ୍ରେଣୀରୁ ମନଇଚ୍ଛା ୧୦ ଜଣଙ୍କୁ ସ୍ଥିର କରନ୍ତୁ।
- ସେମାନଙ୍କ ଶ୍ରେଣୀରେ ସମସ୍ତ ଶିକ୍ଷକ ଦଳଗତ ଭାବେ ପିଲାମାନଙ୍କୁ ପ୍ରେରଣା ଦେବା ଉଦ୍ଦେଶରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ପୋଷ୍ଟର ପ୍ରସ୍ତୁତ କରିବେ।
- ସମସ୍ତ ପିଲା 'ଜଳ ସୁରକ୍ଷା' ବିଷୟବସ୍ତୁ ଉପରେ ଏକ ପୋଷ୍ଟର ପ୍ରସ୍ତୁତ କରିବେ।
- ସମସ୍ତ ଯୋଜନା ପ୍ରସ୍ତୁତି ଓ ନିଜ ହାତରେ କାର୍ଯ୍ୟକୁ ଆଗେଇବା ପାଇଁ ସେମାନଙ୍କୁ ପୂର୍ଣ୍ଣ କ୍ଷମତା ଓ ସ୍ୱାଧୀନତା ଦିଆଯାଉ।
- ଯେହେତୁ ସେମାନେ ଦଳଗତ ଭାବେ କାର୍ଯ୍ୟକୁ ଆଗକୁ ନେଉଛନ୍ତି, ଶ୍ରେଣୀର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଅନୁଧ୍ୟାନ କରନ୍ତୁ।
- ଦଳରେ କାମ କରିବାରେ ସଦସ୍ୟଙ୍କ ଅନୁଭୂତି ଓ କାମ କରିବା ସମୟରେ କ'ଣ ଅନୁଭବ କରୁଥିଲେ ଅନ୍ୟମାନଙ୍କ ସହ ବିନିମୟ କରିବ। ସେମାନେ ମଧ୍ୟ ସହଯୋଗ ଓ ପ୍ରତିଯୋଗୀତାର ଉପକାରଗୁଡ଼ିକୁ ବିନିମୟ / ଆଲୋଚନା କରିବେ।

### ଟିପ୍ପଣୀ :

ଶିକ୍ଷାର୍ଥୀମାନଙ୍କୁ ନିମନ୍ତେ : ଏହି କାର୍ଯ୍ୟଟି ନିର୍ଦ୍ଦିଷ୍ଟ ବିଷୟ ଭିତ୍ତିକ ଶିକ୍ଷକଙ୍କ ଦ୍ୱାରା କରାଯାଇପାରେ ଏବଂ ଦଳଗତ ଭାବେ ଏହି କାର୍ଯ୍ୟ ପାଇଁ ପାଠ୍ୟପୁସ୍ତକରେ ଯେ କୌଣସି ପାଠକୁ ଚୟନ କରାଯାଇପାରେ। ଉଦାହରଣସ୍ୱରପ : ଯେତେବେଳେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଆକାର ଶିକ୍ଷାଦାନ କରୁଛନ୍ତି ସେତେବେଳେ ଶିକ୍ଷକ ୪ - ୫ ଟି ଦଳ ଗଠନ କରି ଶ୍ରେଣୀ ପ୍ରକୋଷ୍ଟ ଭିତରେ ଓ ବାହାରେ ଥିବା ବିଭିନ୍ନ ଆକାରରେ ବସ୍ତୁ ଚିହ୍ନଟ ନିମନ୍ତେ କାର୍ଯ୍ୟ ଦେଇପାରନ୍ତି। (ଗଣିତ - ଶ୍ରେଣୀ ପ୍ରଥମ)

## ଦଳୀୟ ଉତ୍ସାହ / ଅନୁଗତ୍ୟ ଓ ସହଯୋଗକୁ ପସନ୍ଦ କରିବା ପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ପାଇଁ କା

- ସମସ୍ତ ଅଂଶଗ୍ରହଣକାରୀଙ୍କ ଗୋଲାକାର ବସିବାକୁ କୁହନ୍ତୁ।
- ସମସ୍ତ ଅଂଶଗ୍ରହଣକାରୀଙ୍କୁ ଗୋଟିଏଗୋଟିଏ କାଗଜ ଦିଅନ୍ତୁ ଓ ତାଙ୍କ ମନକୁ ଯାହା ଆସୁଛି ତାକୁ କାଗଜରେ ଅଙ୍କ କରିବା ଅନୁରୋଧ କରନ୍ତୁ।
- ସେହି କାଗଜକୁ ପରବର୍ତ୍ତୀ ପ୍ରଶିକ୍ଷଣାର୍ଥୀଙ୍କୁ ହସ୍ତାନ୍ତର କରିବାକୁ କୁହନ୍ତୁ ଓ ସେ ମଧ୍ୟ ଅନ୍ୟକୁ ହସ୍ତାନ୍ତର କରିବା ପୂର୍ବରୁ ସେଥିରେ କିଛି ଅଙ୍କନ କରିବାକୁ କୁହନ୍ତୁ।

Module 2

- ଏହିପରି ଭାବେ ୫ – ୭ ମିନଟ୍ ଧରି ପ୍ରଶିକ୍ଷାର୍ଥୀମାନେ ଅଙ୍କନ କରି ହସ୍ତାନ୍ତର କରିବା କାର୍ଯ୍ୟ ଚାଲୁ ରଖିବେ।
- ସମସ୍ତ କାଗଜଗୁଡ଼ିକୁ ମଝିରେ ରଖିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ଅନୁରୋଧ କରନ୍ତୁ।
- ସାଧନକର୍ମୀ କାଗଜଗୁଡ଼ିକୁ ଫେଣ୍ଟାଫେଣ୍ଟି କରି ପୁଣି ମଝିରେ ରଖିବେ ଓ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଥମ କରି ନିଜେ ଅଙ୍କନ କରିଥିବା କାଗଜ ଖଣ୍ଡକୁ ଚିହ୍ନଟ କରିବାକୁ କହିବେ।
- ଯଦି ପ୍ରଶିକ୍ଷାର୍ଥୀ ଚିହ୍ନଟ କରିବାକୁ ସକ୍ଷମ ହେଲେ, କେତେ ପ୍ରଶିକ୍ଷଣ / ସାଧନକର୍ମୀ ନିମ୍ନ ପ୍ରଶ୍ନଗୁଡ଼ିକୁ ଆଲୋଚନା ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ପଚାରିବେ।
- ତୁମେ କିପରି ତୁମର କାଗଜ ଚିହ୍ନିପାରିଲ ?
- ବର୍ତ୍ତମାନ ତୁମର ଭାବନା କ'ଣ ଯେହେତୁ ତୁମେ ତୁମର କାଗଜ ଦେଖୁଛ ?
- ତୁମ ମତାମତ ଅନୁସାରେ କାଗଜରେ ଅଙ୍କନ କରିବାରେ ଭୂମିକା ତୁମର କ'ଣ ଥିଲା ?

ଏହି କାର୍ଯ୍ୟକୁ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦଳୀୟ ଉତ୍ସାହ / ସହଯୋଗର ଗୁରୁତ୍ୱକୁ ବୁଝିବା ପାଇଁ ସକ୍ଷମ ହେବେ କାରଣ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ନିଜ ଢ଼ଙ୍ଗରେ ଅଙ୍କନ କରିବା ପାଇଁ ସହଯୋଗ କରିଥିଲେ। ସେଥିପାଇଁ ଏହି ଅଙ୍କିତ କାଗଜ କାହାର ବ୍ୟକ୍ତିଗତ ମାଲିକାନା ନୁହେଁ ବରଂ ଏହା ପ୍ରତ୍ୟେକଙ୍କର ଅଂଶଦାନ / ସହଯୋଗର ଫଳାଫଳ।

**ଟିପ୍ପଣୀ :**

କାର୍ଯ୍ୟ ସମାପନ ପରେ ଶିକ୍ଷକଙ୍କୁ ନିମ୍ନଲିଖିତ ପ୍ରଶ୍ନ ପ୍ରଶିକ୍ଷକଙ୍କ ଦ୍ୱାରା ପଚରା ଯାଇପାରେ।

୧. ଏହି କାର୍ଯ୍ୟରୁ ତୁମେ କ'ଣ ଶିଖିଲ ?

୨. ତୁମର ଦୈନନ୍ଦିନ କାର୍ଯ୍ୟପାଇଁ ଏହି ଶିକ୍ଷଣକୁ ତୁମେ କିପରି ବ୍ୟବହାର କରିବ।

**କାର୍ଯ୍ୟ ସମାପନ ପରେ ଶିକ୍ଷାର୍ଥୀଙ୍କୁ ନିମ୍ନଲିଖିତ ପ୍ରଶ୍ନ ପ୍ରଶିକ୍ଷକ ପଚାରି ପାରିବେ।**

୧. ଏହି କାର୍ଯ୍ୟରୁ ତୁମେ କ'ଣ ଶିଖିଲ ?

୨. ଘରେ ଏହି କାର୍ଯ୍ୟରୁ ମିଳୁଥିବା ଶିକ୍ଷଣକୁ ବ୍ୟବହାର କରିପାରିବ।

Module 2

## ହାର-ଜିତକୁ ପସନ୍ଦ ନିମନ୍ତେ ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟ ବିଶେଷ କରି ଉଚ୍ଚ ପ୍ରାଥମିକ ସ୍ତରର ଶିକ୍ଷାର୍ଥୀଙ୍କ ପା

ତୁମ ଆଖପାଖରେ ଗୋଟିଏ ପିଲାକୁ ଚିହ୍ନଟ କର ଯିଏ ଖେଳରେ ହାରିବାକୁ ଜଣେ ଖେଳୁଆଡ଼ ମନରେ ଗ୍ରହଣ କରେ ନାହିଁ। ସେ ପିଲାଟି ଚିଡ଼ି ଚିଡ଼ା ହେବା ସହ ନିଜର ବିଫଳତା ପାଇଁ ତା' ପାଖରେ ଥିବା ଅନ୍ୟ ପିଲାଙ୍କୁ ନିନ୍ଦା କରେ।

- ସେହି ପିଲାସଙ୍ଗେ କଥା ହୁଅନ୍ତୁ ଓ କେଉଁ କାରଣ ପାଇଁ ଏଭଳି ଆଚରଣ ସୃଷ୍ଟି ପାଇଁ ଦାୟୀ ଅଟେ ଖୋଜିବାକୁ ଚେଷ୍ଟା କରନ୍ତୁ।
- ତୁମେ ଏହି ପ୍ରକାର ସମାନ ଆଚରଣ ତୁମ ଭିତରେ / ପରିବାରର ସଦସ୍ୟଙ୍କ ପାଖରେ / ସ୍କୁଲ ସାଙ୍ଗମାନଙ୍କ ପାଖରେ ଦେଖୁଛ କି ?
- ତୁମର ଅନୁଧ୍ୟାନକୁ ଶ୍ରେଣୀରେ ଆଲୋଚନା କର। (ଆଲୋଚନାଟି ଗୋଟିଏ ରଚନା ମାଧ୍ୟମରେ / ଅଙ୍କନରେ / ଭୂମିକ ଅଭିନୟ ଇତ୍ୟାଦିରେ କରାଯାଇପାରେ)

## ସଫଳ ବିନିମୟ କୌଶଳ :

ଯଦି ଜଣେ ଶିକ୍ଷକଙ୍କ ଭାବ ବିନିମୟ କୌଶଳ (ଅଣବାଚକନିକ ଯଥା - ଲେଖନ, ରୂପକଳ୍ପ, ବୋଧଗମ୍ୟ ଭିତ୍ତିକ ଧାରଣାର ସଂଗଠନ, ଅଙ୍ଗଭଙ୍ଗୀ, ମୁଖ ଭଙ୍ଗୀ, ଶାରୀରିକ ଭାଷା ଇତ୍ୟାଦି ଅନ୍ତର୍ଭୁକ୍ତ ଉତ୍ତମ ଅଟେ। ସେ ଧାରଣା / ତଥ୍ୟଗୁଡ଼ିକ ଅଧିକ ଅର୍ଥପୂର୍ଣ୍ଣ ଓ ଉତ୍ସାହିତ ଢ଼ଙ୍ଗରେ ଉପସ୍ଥାପନ କରିପାରିବେ।

ଉତ୍ତମ ଭାବ ବିନିମୟରେ ମୁଖ୍ୟ କଥା / ବିଷୟବସ୍ତୁ ହେଉଛି ଜଣାଇବା, ଅର୍ଥାତ ଯେତେବେଳେ ଯାହା ଅନ୍ୟକୁ କୁହାଯାଉଛି। ତାହା ସହଜରେ ବୁଝାପଡୁଛି। ଶିକ୍ଷକମାନେ କେତେବେଳେ ଠିକ୍ ଭାବେ ଭାବ ବିନିମୟ କରିଛନ୍ତି ଓ କେତେବେଳେ ଠିକ୍ ଭାବେ କରିନାହାନ୍ତି। ଏ କଥା ଜାଣିବା ନିହାତି ଆବଶ୍ୟକ। ସେମାନେ ମଧ୍ୟ ପିଲାଙ୍କ ପାଇଁ ସମାନ କାମ କରିବା ଉଚିତ୍ ଓ ପିଲାଙ୍କୁ ନିଜ ନିଜର ଭାବ ବିନିମୟ କୌଶଳ ଅନୁଧ୍ୟାନ ପାଇଁ ପ୍ରେରଣା ଦେବା ଉଚିତ୍। ଜଣେ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କ, ଯାହାସବୁ କୁହାଯାଉଛି ସେଗୁଡ଼ିକୁ ସମସ୍ତେ ପିଲା (ଭିନ୍ନ ଭିନ୍ନ ଆବଶ୍ୟକତା ଓ ପୃଷ୍ଠଭୂମୀ ବ୍ୟତିରକେ) ବୁଝିପାରୁଛନ୍ତି ବୋଲି ନିଶ୍ଚିତ କରିବା ଉଚିତ୍। ନ୍ୟସ୍ତ କାର୍ଯ୍ୟରେ କ'ଣ ଦିଆଯାଉଛି ଓ ନ୍ୟସ୍ତକାର୍ଯ୍ୟରୁ କ'ଣ ଆଶା କରାଯାଉଛି ସଠିକ୍ ବର୍ଣ୍ଣନା ମଧ୍ୟ ଭାବ ବିନିମୟ କୌଶଳରେ ଅନ୍ତର୍ଭୁକ୍ତ। ଯେତେବେଳେ ପିଲାମାନେ ସଂପୂର୍ଣ୍ଣ ଭାବେ ବୁଝିପାରନ୍ତି ଯେ ସେମାନଙ୍କ ଠାରୁ କ'ଣ ଆଶା କରାଯାଉଛି। ସେତେବେଳେ ସେହି କାର୍ଯ୍ୟ ସମ୍ପାଦନରେ ସାମିଲ ହେବା ପାଇଁ ସହଜ ହୋଇଥାଏ।

Module
2

ପ୍ରକାଶ (ବାଚନିକ ଓ ଅଣବାଚନିକ), ସଫଳ ଶ୍ରବଣ ଓ ପ୍ରତିକ୍ରିୟା କୌଶଳ ସଫଳ ଭାବ ବିନିମୟ କୌଶଳରେ ଅନ୍ତର୍ଭୁକ୍ତ ଜଣେ ସଫଳ ଶିକ୍ଷକ ହେବା ପାଇଁ ଜଣେ ମନୋଯୋଗୀ ଶ୍ରୋତା ହେବା ଆବଶ୍ୟକ । ତେଣୁ ଏକ ଉତ୍ତମ ଶିକ୍ଷଣ ପରିବେଶରେ ଶିକ୍ଷକ ପ୍ରଶ୍ନ ପଚାରିବେ ଓ ତା'ପରେ ସକ୍ରିୟଭାବେ ଯତ୍ନ ସହକାରେ, ସମାନୁଭୂତିର ସହ ଶିକ୍ଷାର୍ଥୀ କ'ଣ କହୁଛି ଶୁଣିବେ ଓ ତା'ପରେ ପ୍ରତିକ୍ରିୟା ଦେବେ ।

## ଶୁଣିବା ଓ ପ୍ରତିକ୍ରିୟା କରିବା ।

ସମସ୍ତ ପ୍ରକାର ଭାବ ବିନିମୟ ଓ ବିଶେଷ କରି ସଂପର୍କ ବଜାୟ ନିମନ୍ତେ ଶୁଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଜଣେ ସଫଳ ସହାୟକ ହେବା ପାଇଁ ମନଯୋଗ ସହକାରେ ଶୁଣିବା କୌଶଳ ଅଧିକ ଆବଶ୍ୟକ । ଏହି ପ୍ରକାର ଶ୍ରବଣ କ୍ଷେତ୍ରରେ, ଶିକ୍ଷକ ଶିକ୍ଷାର୍ଥୀର ବାଚନିକ ତଥା ଅଣ ବାଚନିକ ଅଭିବ୍ୟକ୍ତି ଓ ସେମାନଙ୍କର ଆଚରଣକୁ ଅନୁଧ୍ୟାନ କରେ ।

ଶ୍ରବଣ, ତଥ୍ୟ ଶୁଣୁଥିବା ବ୍ୟକ୍ତିର ପ୍ରତିକ୍ରୟାକୁ ବାଟ ଦେଖାଏ । ଲୋକମାନେ ସେମାନଙ୍କର ଦୈନନ୍ଦିନ କ୍ରିୟା ପ୍ରତିକ୍ରିୟାରେ ସାଧାରଣତଃ ପାଂଚ ପ୍ରକାରର ପ୍ରତିକ୍ରିୟା ବ୍ୟବହାର କରିଥାନ୍ତି । ସେଗୁଡ଼ିକୁ ୫ଟି ଅକ୍ଷରରେ ଚିହ୍ନଟ କରାଯାଇଛି ।

| | | | |
|---|---|---|---|
| EISPU | - Evaluative | – | ମୂଲ୍ୟାୟନ ଭିତ୍ତିକ |
| | - Interpretative | - | ବ୍ୟାଖ୍ୟାନମୂଳକ |
| | - Supportive | - | ସାହାଯ୍ୟକାରୀ |
| | - Probing | - | ଗଭୀର ଅନୁସନ୍ଧାନ |
| | - Understanding | - | ବୁଝିବା |

ପ୍ରତ୍ୟେକ ପ୍ରତିକ୍ରିୟା ଉତ୍ତରଦାତା / ପ୍ରତିବାଦୀର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପ୍ରକାଶ କରିଥାଏ । ସାମୂହିକ ଭାବେ, ମୁକ୍ତ ଓ ବିଶ୍ୱାସକୁ ବଢ଼ାଉଥିବା ପ୍ରତିକ୍ରୀୟର ମାଧ୍ୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଭାବନାକୁ ପ୍ରକାଶ କରିବା, ଲକ୍ଷ୍ୟ ଭିତ୍ତିକ ନିଷ୍ପତ୍ତି ଦେବା ଓ ପିଲାଙ୍କ ଭିତରେ ଗଠନମୂଳକ ଆଚରଣ ପରିବର୍ତ୍ତନ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଦେବା ଉଚିତ୍ ।

Module
2

## ରାଜ୍ୟ ସାଧନକର୍ମୀ, ଶିକ୍ଷକ ଓ ଉଚ୍ଚପ୍ରାଥମିକ ଶିକ୍ଷାର୍ଥୀ ପାଇଁ ଚିନ୍ତନ ମୂଳକ କାର୍ଯ୍ୟ:

- ଆପଣ କେବେ କୌଣସ ଲୋକଙ୍କୁ ସେ କହୁଥିବା କଥାଟିକୁ ଅନ୍ୟମାନେ ଠିକ୍ ଭାବେ ବୁଝିବା ପାଇଁ ପୁନରାବୃତ୍ତି କରିବାକୁ କହିଛନ୍ତି କି ?
- ମନଧ୍ୟାନ ଦେଇ କଥା ଶୁଣୁଥିବା ସମୟରେ ତୁମେ ତୁମର ଶାରୀରିକ ଉପସ୍ଥିତିକୁ ବ୍ୟବହାର କରିଛ କି ନାହିଁ ଦେଖ । (ଯେମିତି ଆଗକୁ ନଇଁବା ଆଖିର ସଂଯୋଗକୁ ପରିଚାଳନା ଇତ୍ୟାଦି)
- ତୁମେ କେଉଁ କ୍ଷେତ୍ରରେ ତୁମର ଶ୍ରବଣକୁ ଅଭିବୃଦ୍ଧି କରିବାକୁ ଚାହୁଁଛ ତା'ର ତାଲିକା ପ୍ରସ୍ତୁତ କର ।

## ସମାନୁଭୂତି :

ଏକ ବ୍ୟକ୍ତିର ଭାବନାକୁ ସେହି ବ୍ୟକ୍ତି ଦୃଷ୍ଟିରେ ବୁଝିବାର ସାମର୍ଥ୍ୟକୁ ସମାନୁଭୂତି କୁହାଯାଏ । ଏହା ତୁମେ ଅନ୍ୟ ଜଣଙ୍କର ଜୋତା ପିନ୍ଧିବା ସହ ସମାନ। ଯେତେବେଳେ ଆମେ ପିଲାଙ୍କ ପ୍ରତି ସମାନୁଭୂତି ପ୍ରଦର୍ଶନ କରିବୁ ସେତେବେଳେ ସେମାନଙ୍କର ନିରାଶା, କ୍ରୋଧ, ଅସହାୟତା, ଉଦାସୀନତା, ଭୟ ଓ ଅନ୍ୟାନ୍ୟ ଆବେଗ ସହଜରେ ଦୃଷ୍ଟିଗୋଚର ହେବ । ଏହା ଏକ କୌଶଳ ଯଦ୍ୱାରା ପିଲାମାନେ ଅନୁଭବ କରିବେ ଯେ ବିନା ଅବଶୋଷରେ ଶିକ୍ଷକ ସେମାନଙ୍କର ସମସ୍ୟାକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛନ୍ତି ।

## ସମାନୁଭୂତିକୁ ବୁଝିବା : ରାଜ୍ୟ ସାଧନକର୍ମୀ, ଶିକ୍ଷକ ଓ ଶିକ୍ଷାର୍ଥୀ ପାଇଁ କାର୍ଯ୍ୟ:

- ଅଂଶଗ୍ରହଣକାରୀଙ୍କୁ ବୃତ୍ତକାରରେ ଛିଡ଼ା ହେବା ପାଇଁ କୁହନ୍ତୁ ।
- ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଜୋତା କାଢ଼ି ପାର୍ଶ୍ୱରେ ରଖିବାକୁ କୁହନ୍ତୁ ।
- ବର୍ତ୍ତମାନ ସହାୟକ କରତାଳି ମାରିବେ ଓ ସେମାନଙ୍କୁ ଗୋଲାକାରରେ ଚାଲିବାକୁ ଅନୁରୋଧ କରିବେ । ଯେ ପର୍ଯ୍ୟନ୍ତ କରତାଳି ମାରିବା ଶେଷ ନ ହୋଇଛି, ସେ ପର୍ଯ୍ୟନ୍ତ ଚାଲିବା ଚାଲୁରଖିବା ପାଇଁ କହିବେ ।
- କରତାଳି ମାରିବା ବନ୍ଦ ହେଲେ, ଅଂଶଗ୍ରହକାରୀଙ୍କୁ ଚାଲିବା ବନ୍ଦ କରି ନିଜ ପାଖରେ ଥିବା ଜୋତା ପିନ୍ଧିବାକୁ ଅନୁରୋଧ କରିବେ ।
- ପୁଣିଥରେ ଅଂଶଗ୍ରହଣକାରୀଙ୍କୁ ସେହି ଜୋତା ପିନ୍ଧି ତାଳି ଶେଷ ନ ହେବା ପର୍ଯ୍ୟନ୍ତ ବୃତ୍ତକାରରେ ଚାଲିବାକୁ ଅନୁରୋଧ କରିବେ ।
- ପୂର୍ବରୁ ଛିଡ଼ା / ବସିବା ସ୍ଥାନରେ ପହଂଚିବା ପରେ ଅଂଶଗ୍ରହଣକାରୀଙ୍କୁ ନିଜ ନିଜ ସ୍ଥାନରେ ସେହି ଜୋତା ପିନ୍ଧି ବସିବାକୁ ଅନୁରୋଧ କରିବେ ।

ଏହି କାର୍ଯ୍ୟ ଶେଷରେ, ଅନ୍ୟର ଜୋତା ପିନ୍ଧି ଚାଲିବାର ଅନୁଭୂତିକୁ ବାଣ୍ଟିବା ପାଇଁ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବେ ।

Module 2

## ଟିପ୍ପଣୀ :

ଏହି କାର୍ଯ୍ୟ ଅଂଶଗ୍ରହଣକାରୀମାନଙ୍କୁ ସମାନୁଭୂତିର ପ୍ରକୃତ ଅର୍ଥ ବୁଝିବାରେ ସାହାଯ୍ୟ କରିବ ଏବଂ ଅନ୍ୟ ବ୍ୟକ୍ତିର ଦୃଷ୍ଟିକୋଣକୁ ବୁଝିବା ନିମନ୍ତେ ପ୍ରୋତ୍ସାହନ ଦେବ।

## ରାଜ୍ୟ ସାଧନକର୍ମୀ, ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ନିଜର ତଥା ଅନ୍ୟମାନଙ୍କର ଭାବନାକୁ ବୁଝିବା ନିମନ୍ତେ କାର୍ଯ୍ୟ

- କେତେକ ଆବେଗକୁ ଚିହ୍ନଟ କର (ଉତ୍ତେଜନା, ବ୍ୟସ୍ତ, ଯତ୍ନ ଓ ଭଲପାଇବା, କ୍ରୋଧ, ଖୁସି ଇତ୍ୟାଦି)
- ସେମାନଙ୍କର ମୁଖ ଭଙ୍ଗୀ ଓ ଅନ୍ୟାନ୍ୟ ଅଣବାଚନିକ ଅଙ୍ଗଭଙ୍ଗୀ ଦ୍ୱାରା ଏହି ଆବେଗଗୁଡ଼ିକ ପ୍ରକାଶ କରିବା ପାଇଁ ଶ୍ରେଣୀ / ଦଳ ଭିତ୍ତିରେ କୁହନ୍ତୁ।
- ଅଳ୍ପଦିନ ପୂର୍ବରୁ ସେମାନେ ନିଜ ଭିତରେ ଏବଂ ତାଙ୍କର କେହି ନିକଟତର ବ୍ୟକ୍ତି ବିଶେଷ (ପରିବାର ବିଦ୍ୟାଳୟ)ଙ୍କ ଠାରେ ଯେଉଁ କଥାବାର୍ତ୍ତା / ଅଙ୍ଗଭଙ୍ଗୀ ଦେଖିଥିଲେ / ପାଇଥିଲେ ସେ ସଂପର୍କରେ ଚିନ୍ତନ କରନ୍ତୁ।

## ସମାନୁଭୂତି ସହ ସଂପର୍କିତ କୌଶଳଗୁଡ଼ିକ:

ଏକାଗ୍ରତା ପାଇଁ ବାଚନିକ ଓ ଅଣବାଚନିକ ବିନିମୟ :

ସଂପୂର୍ଣ୍ଣ ଭାବେ ଜଣେ ବ୍ୟକ୍ତି ବିଶେଷ ସ୍ତର (ଯଥା – ଶାରୀରିକ ଓ ମାନସିକ)ରୁ ସମାନୁଭୂତି ଆରମ୍ଭ ହୋଇଥାଏ। ଉଭୟ ବାଚନିକ ଓ ଅଣବାଚନିକ ମାଧ୍ୟମରେ ଏକାଗ୍ରତା / ମନୋଯୋଗୀତାକୁ ବିନିମୟ କରିବାର ଆବଶ୍ୟକତା ଅଛି। ଯଦ୍ୱାରା ଆପଣମାନେ ପିଲାଙ୍କ ସହ ଅଛନ୍ତି ବୋଲି ପିଲାଟି ଅନୁଭବ କରିବ।

ଆଗେଇ ଚାଲ, ହୁଁ, ହଁ ଇତ୍ୟାଦି ଶବ୍ଦର ବ୍ୟବହାର ସହ ମୁଣ୍ଡ ହଲାଇବା କାର୍ଯ୍ୟ ବାଚନିକ ଏକାଗ୍ରତାକୁ ସୁଚାଇଥାଏ। ଅନ୍ୟକୁ ଯତ୍ନ ସହକାରେ ଶୁଣିବା ପାଇଁ ବାଚନିକ ଏକାଗ୍ରତା ଶିକ୍ଷକଙ୍କୁ ସହାୟକ ରୁପେ ସ୍ଥାନିତ କରିଥାଏ ଏବଂ ସେ ଅନ୍ୟଦ୍ୱାରା ଠିକ୍ ଭାବେ ବୁଝିପାରୁଥିବାର ଭାବନାରେ ମଧ୍ୟ ଅଭିବୃଦ୍ଧି ଘଟିଥାଏ।

ଅପରପାର୍ଶ୍ୱରେ ଭାବବିନିମୟରେ ଅଣବାଚନିକ ବ୍ୟବହାରର ଗୁରୁତ୍ୱ ଠିକ୍ ଭାବେ ଉପଲବ୍ଧି କରାଯାଇଛି। କୌଣସି ଏକ ବାର୍ତ୍ତାର ଭାବବିନିମୟ ପାଇଁ କଣ୍ଠର ସ୍ୱର ସହ ମୁଖଭଙ୍ଗି ଓ ହସ୍ତଭଙ୍ଗି ଗୁରୁତ୍ୱ ମାଧ୍ୟମ ଅଟେ।

Module 2

## ଅଣବାଚନିକ ଏକାଗ୍ରତା / ମନୋଯୋଗ ଜନିତ ଅଙ୍ଗଭଙ୍ଗୀକୁ ପସନ୍ଦ କରିବା ପାଇଁ ଶିକ୍ଷକ - ଶିକ୍ଷାର୍ଥୀଙ୍କ ଚିନ୍ତନମୂଳକ କାର୍ଯ୍ୟ

- ଏକ ସପ୍ତାହ ମଧ୍ୟରେ ଯେତେବେଳେ ତୁମେ ଅନ୍ୟମାନଙ୍କ ସହ ଆଲୋଚନା କରିଛ ତୁମର ଅଣ ବାଚନିକ ଏକାଗ୍ରତା ଯଥା – ତୁମର ଶରୀର ଅଙ୍ଗଭଙ୍ଗୀ, ମୁଖଭଙ୍ଗୀ ଓ ସ୍ୱରର ଗୁଣାତ୍ମକତାକୁ ଅନୁଧ୍ୟାନ କର।
- ତୁମେ ଅଧିକ ବ୍ୟବହାର କରୁଥିବା ଅଣ -ବାଚନିକ ଆଚରଣର ତାଲିକା ପ୍ରସ୍ତୁତ କର।
- ଉପରେ ଦିଆଯାଇଥିବା ତୁମର ଅଣ-ବାଚନିକ ଆଚରଣର ତାଲିକାକୁ ଭିତ୍ତିକ କରି ସାଙ୍ଗସାଥି ଓ ପରିବାର ସଦସ୍ୟଙ୍କ ଠାରୁ ମତାମତ ନିଅନ୍ତୁ। କେଉଁ ଆଚରଣ ଠିକ୍ ଅଛି ଓ କେଉଁଟି ପରିବର୍ତ୍ତନର ଆବଶ୍ୟକତା ଅଛି।
- ତୁମେ କିପରି ତୁମର ଅଣ – ବାଚନିକ ଏକାଗ୍ରତା ଆଚରଣକୁ ଅଭିବୃଦ୍ଧି କରିପାରିବ ସେ ସଂପର୍କରେ ଲେଖ ଯାହାକି ଅନ୍ୟମାନଙ୍କ ପ୍ରତି ତୁମର ସମାନୁଭୂତି ପ୍ରଦର୍ଶନ କରିବ।

## ଶିକ୍ଷାର୍ଥୀମାନଙ୍କ ଅନୁଭୂତି ଧାରା ସହ ଗତି କରିବା।

ସମାନୁଭୂତି ବିନିମୟର ଅନ୍ୟ ଏକ ଉପାୟ ହେଉଛି, ଶିକ୍ଷାର୍ଥୀମାନଙ୍କ ସହ ଅନୁଭୂତିର ପ୍ରକାଶ କିମ୍ବା ବିଶ୍ଳେଷଣ ଆଧାରରେ ନିଜକୁ ସାମିଲ କରିବା କିମ୍ବା ତାଳ ଦେଇ ଆଗକୁ ଚାଲିବା। ଶିକ୍ଷାର୍ଥୀମାନଙ୍କର ଅନୁଭୂତି ସହ ନିଜକୁ ତାଳ ଦେଇ ଆଗକୁ ଚାଲିବା ସହ ସେମାନଙ୍କର ଭାଷା, କଣ୍ଠର ସ୍ୱର, ଆଖିର ସଂଯୋଗ ଇତ୍ୟାଦି ତାଙ୍କ ଢ଼ଙ୍ଗରେ ତାଙ୍କୁ ପ୍ରତିକ୍ରିୟା ପ୍ରକାଶ କରିବା କାର୍ଯ୍ୟ ଆଦି ସମାନୁଭତି ବିନିମୟ କ୍ଷେତ୍ରରେ ସାହାଯ୍ୟ କରିଥାଏ।

ଶିକ୍ଷାର୍ଥୀଙ୍କ ଦ୍ୱାରା ବାରମ୍ବାର ବ୍ୟବହାର କରାଯାଉଥିବା ଭାଷା ଓ ବିଭିନ୍ନ ଶବ୍ଦକୁ ଗୁରୁତ୍ୱ ଦେବା ଚେତନା ସମ୍ବନ୍ଧୀୟ ଆଧାରକୁ ବୁଝିବାରେ ସହାୟତା ପ୍ରଦାନ କରେ। ଉଦାହରଣ ସ୍ୱରୂପ : ଯଦି ଜଣେ ‘ଆପଣ କ’ଣ ଚାହୁଁଛନ୍ତି, ମୁଁ ବୁଝୁଛି ‘ଏହା ଦେଖାଯାଉଛି’ କିମ୍ବା ‘ଏହା ସ୍ପଷ୍ଟ ଜଣାପଡୁଛି’ ଇତ୍ୟାଦି ଶବ୍ଦ ଗୁଡ଼ିକୁ ନିଜ ଭାବକୁ ପ୍ରକାଶ କରିବାରେ ବାରମ୍ବାର ବ୍ୟବହାର କରୁଛନ୍ତି ତେବେ ଏହା ସୂଚାଏ ଯେ ସେହି ବ୍ୟକ୍ତି ଦୃଶ୍ୟମାଧ୍ୟମରେ ନିଜ ଭାବ ପ୍ରକାଶ କରିବାରେ ଅଭ୍ୟସ୍ତ।

Module
2

## ସମାନୁଭୂତି ନିମନ୍ତେ ଶିକ୍ଷକଙ୍କ ପାଇଁ କାର୍ଯ୍ୟ

ତୁମର ସାଙ୍ଗ କିମ୍ବା ଦୂରଦର୍ଶନ ଧାରାବାହିକରେ କାର୍ଯ୍ୟ କରୁଥିବା ତୁମର ପ୍ରିୟ ଚରିତ୍ର ଜଣକ ନକରାତ୍ମକ କିମ୍ବା ମାନସିକ ଧକ୍କା ଭଳି ଘଟଣାରେ ସମ୍ମୁଖୀନ ହୋଇଛନ୍ତି ବୋଲି ଜାଣିବାକୁ ପାଇଲ (ଯେମିତି ସେ ଭଲ ପାଉଥିବା ଲୋକ ଜଣଙ୍କର ମୃତ୍ୟୁ କିମ୍ବା ଭଲ ସାଙ୍ଗ ସହ ବିଚ୍ଛେଦ) ବର୍ତ୍ତମାନ ତୁମେ ନିଜକୁ ତାଙ୍କ ପରିସ୍ଥିତିକୁ ନେଇଯାଅ। (ଅର୍ଥାତ ତୁମେ ବର୍ତ୍ତମାନ ତାଙ୍କର ଜୋତା ପିନ୍ଧିବାକୁ ଚେଷ୍ଟାକର) । ଭାବ, ସେ ସେହି ପରିସ୍ଥିତିରେ କ'ଣ ଅନୁଭବ କରୁଥିବ / କ'ଣ ଚିନ୍ତା କରୁଥିବ ଏବଂ ସେହି ପରିସ୍ଥିତିର ସମସ୍ତ ଦିଗକୁ ବିଚାରକୁ ନେଇ ସେ କ'ଣ ଭାବୁଥିବ, ବିଚାର କର। ଏହା ହିଁ ସେ ଲୋକଟି କ'ଣ ଭାବୁଥିବ, ତୁମକୁ ଭଲଭାବେ ବୁଝିବା ପାଇଁ ସାହାଯ୍ୟ କରିବ।

## ଟିପ୍ପଣୀ

ଶ୍ରେଣୀରେ ଏହି ଭଳି କାର୍ଯ୍ୟ କରାଯାଇପାରେ। ଏହା ଦ୍ୱାରା ପିଲାମାନେ ସମ୍ମୁଖୀନ ହେଉଥିବା କୌଣସି ଦୁଃଖଦ ପରିସ୍ଥିତିକୁ ସାମନା କରିବାକୁ ସମର୍ଥ ହେବେ।

## ଚିନ୍ତନ ମୂଳକ କାର୍ଯ୍ୟ : (ମୁଖ୍ୟ ସାଧନକର୍ମୀ, ଶିକ୍ଷକ ଓ ଉଚ୍ଚପ୍ରାଥମିକ ସ୍ତରର ଶିକ୍ଷାର୍ଥୀ)

ନିମ୍ନରେ ଦିଆଯାଇଥିବା ସାରଣୀଟିକୁ ସାବଧାନତାର ସହ ତୁମ ପାଖରେ ଥିବା ଗୁଣାବଳୀ / କୌଶଳକୁ ଆଧାର କରି ପୂରଣ କର। ତୁମ ପାଖରେ କ'ଣ ରହିବା ଉଚିତ୍ ଉପରେ ଗୁରୁତ୍ୱ ନ ଦେଇ କ'ଣ ଅଛି ଉପରେ ଗୁରୁତ୍ୱ ଦେଇ ନିମ୍ନମତେ ପୂରଣ କର।

- କେଉଁ ଗୁଣାବଳୀ / କୌଶଳ ତୁମ ପାଖରେ ଅଛି ଓ ଅଭ୍ୟାସ କରିବା ଆବଶ୍ୟକ।
- କେଉଁ ଗୁଣାବଳୀ / କୌଶଳ ବିକାଶ ପାଇଁ ଆବଶ୍ୟକ।

Module
2

| କୌଶଳ | ତୁମ ପାଖରେ କ'ଣ ଅଛି | ବିକାଶକରିବା ଆବଶ୍ୟକ |
|---|---|---|
| ◆ ସମ୍ବେଦନଶୀଳତା | | |
| ◆ ଅନ୍ୟକୁ ଗ୍ରହଣ କରିବାକୁ ସମର୍ଥ | | |
| ◆ ପରିସ୍ଥିତି ସହ ଖାପ ଖୁଆଇ ପାରିବା | | |
| ◆ ପ୍ରକୃତ ଆଗ୍ରହ ପ୍ରଦର୍ଶନ | | |
| ◆ ସମାନୁଭୂତି | | |
| ◆ ସ୍ୱାଧୀନ ଭାବେ ଚିନ୍ତନ | | |
| ◆ ନୂଆ କରି ଆରମ୍ଭ କରିବା | | |
| ◆ ଅଧିକ ନିର୍ଦ୍ଦେଶନାମା ଖୋଜିବା | | |
| ◆ ବିଚାରବନ୍ତ | | |
| ◆ ଦଳରେ ଜଣେ ସହଯୋଗୀ ସଦସ୍ୟ | | |
| ◆ ସକରାତ୍ମକ ମନୋବୃତ୍ତିରେ ବାଧା ଓ ବିଫଳତକୁ ଗ୍ରହଣ କରିବା | | |
| ◆ ନେତୃତ୍ୱ ନେବା। | | |

ଉପରୋକ୍ତ କାର୍ଯ୍ୟଟି ତୁମ ଭିତରେ ଥିବା ଗୁଣାବଳୀ / କୌଶଳକୁ ସଠିକ୍ ଭାବେ ଅନୁଧ୍ୟାନ କରିବାକୁ ସାହାଯ୍ୟ କରିବ। ଯଦି ଏଗୁଡ଼ିକୁ ବିକାଶ କରି ଲୋକମାନଙ୍କୁ ଭଲଭାବେ ବୁଝିପାରିବ ତେବେ ତୁମେ ଲୋକମାନଙ୍କ ସହ ସଫଳ ଭାବେ ସଂପର୍କିତ ହୋଇପାରିବ।

**ଶିକ୍ଷାର୍ଥୀଙ୍କ ପାଇଁ ନିରାପଦ ତଥା ସୁସ୍ଥ ବିଦ୍ୟାଳୟ ପରିବେଶ ସଂପର୍କିତ ତଥ୍ୟ:**

**ଆସ ଚିନ୍ତା କରିବା –**

- ନିରାପଦ ବିଦ୍ୟାଳୟ କହିଲେ ଆମେ କଣ ବୁଝୁ ?
- ତୁମେ ବିଦ୍ୟାଳୟ ସମସ୍ତଙ୍କର ଭୌତିକ, ସାମାଜିକ ଓ ଅବେଗିକ ନିରାପତ୍ତା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରିଛି ?
- ସେହି କ୍ଷେତ୍ରରେ ଜଣେ ଶିକ୍ଷକ / ଶିକ୍ଷାର୍ଥୀ ହିସାବରେ ତୁମର ଭୂମିକା କ'ଣ ?

Module
2

**ଚାଇଲ୍ଡ ହେଲପ୍ଲାଇନ୍ (୧୦୯୮ - ୨୪ × ୭ ପିଲାଙ୍କ ପାଇଁ ହେଲ୍ପଲାଇନ) ସେବା:**

ଚାଇଲ୍ଡ ହେଲ୍ପଲାଇନ ୧୦୯୮ ଗୋଟିଏ ୨୪ ଘଣ୍ଟିଆ ନିଃଶୁଳ୍କ ଜରୁରୀ ଫୋନ ସେବା ଯାହା ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ପିଲାମାନଙ୍କର କୌଣସି ଅସୁବିଧା ହେଲେ ସେମାନେ ଏହି ଫୋନରେ ଫୋନକରି ଜଣାଇ ପାରିବେ । ସାରା ଦେଶରେ ବର୍ତ୍ତମାନ ୪୧୨ ଟି ସ୍ଥାନରେ ପିଲାଙ୍କ ପାଇଁ ଏହି ସେବା ଉପଲବ୍ଧ । ଏପ୍ରିଲରୁ ନଭେମ୍ବର ୨୦୧୭ ମଧ୍ୟରେ ୭୮ ଲକ୍ଷରୁ ଅଧିକ ଓ ଏପ୍ରିଲ ୨୦୧୬ ରୁ ମାର୍ଚ୍ଚ ୨୦୧୭ ମଧ୍ୟରେ ୧.୫ କୋଟି ଫୋନ ଚାଇଲ୍ଡ ହେଲ୍ପଲାଇନ ଗ୍ରହଣ କରିଛି । ପିଲାମାନଙ୍କ ଦୁଃଖ ଓ ଦୁର୍ଦ୍ଦଶା ସମୟରେ ଚାଇଲ୍ଡ ହେଲ୍ପଲାଇନ ଟେଲିଫୋନ କାଉନସେଲିଙ୍ଗ ମାଧ୍ୟମରେ କିମ୍ବା ନିଜେ ଉପସ୍ଥିତ ରହି ସହାୟତା ପ୍ରଦାନ କରୁଛନ୍ତି ।

**ଯୌନ ଅପରାଧ ଠାରୁ ପିଲାମାନଙ୍କୁ ନିବୃତ୍ତ ରଖିବା : POCSO (Protection of Children from Sexual offences)**

ପୋକସୋ ଇ-ବକ୍ସ ଏକ ଅନ - ଲାଇନ ଅଭିଯୋଗ ପରିଚାଳନା ବ୍ୟବସ୍ଥା । ଏଥିରେ ସହଜରେ ସିଧାସଳଖ ଭାବେ ପିଲାଙ୍କ ବିରୁଧରେ ହେଉଥିବା ଯୌନ ଅପରାଧକୁ ଜଣାଇହେବ ଓ ପୋକସୋ ଧାରା - ୨୦୧୨ ଅନୁସାରେ ଦୋଷୀ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ପୋକସୋ ଇ- ବକ୍ସର ଲିଙ୍କ ଗୁଡ଼ିକ ନିମ୍ନରେ ଦିଆଯାଇଛି । ସେଗୁଡ଼ିକ ହେଲା :

- ପୋକସ ଇ- ବକ୍ସ http://www.ncpcr.gov.in/user_complaints.php
- ଏକ ନିରାପଦ ଅନଲାଇନ୍ ସେବା ହିସାବରେ ପିଲାମାନଙ୍କର ଜାଣିବା ପାଇଁ ଯୋଗାଯୋଗ ଠିକଣା ଟି ହେଲା: http://www.ncpcr.gov.in/showfile.php?lang=1&level=1=1&&sublinkid=1660&lid=1661

ଶିକ୍ଷକମାନେ ପୋକସୋ ସଂପର୍କରେ ଜାଣିବା ଓ ପୋକସୋର ଧାରା ବିଷୟରେ ପିଲାଙ୍କୁ ଜଣାଇବାରେ ଯୋଗାଯୋଗ ଠିକଣାଟି ହେଲା http://www.ncpcr.gov.in/showfile.php?lang=1&level=1=1&&sublinkid=1289&lid=1514

Module 2

## ଗାଳି ସଂପର୍କରେ ସଚେତତା ସୃଷ୍ଟି ନିମନ୍ତେ ପିଲାଙ୍କ ପାଇଁ କାର୍ଯ୍ୟ

ଏହି କାର୍ଯ୍ୟ, ଅସୁଖକର ଭାବନା କିମ୍ବା ଅପ୍ରୀତିକର ପରିସ୍ଥିତିରେ ପିଲାମାନେ ନୀରବ ନ ରହିବା ନିମନ୍ତେ ସଚେତନତା ଅଭିବୃଦ୍ଧିରେ ସାହାଯ୍ୟ କରିବ ।

ନିମ୍ନରେ ଦିଆଯାଇଥିବା ଦୁଇଟି ପରିସ୍ଥିତି ସଂପର୍କରେ ପିଲାଙ୍କୁ ଚିନ୍ତା କରିବାକୁ କୁହନ୍ତୁ (ଶିକ୍ଷକ ଏହିଭଳି ପରିସ୍ଥିତି ନିଜ ଅଂଚଳର ସ୍ଥିତିକୁ ଦେଖି ପ୍ରସ୍ତୁତ କରିପାରିବେ) ଯେଉଁଥିରେ ପିଲାମାନଙ୍କୁ ଗୋପନୀୟ ରଖିବାକୁ ପରାମର୍ଶ ଦିଆଯାଇଥାଏ ।

- **ପ୍ରଥମ ପିରିସ୍ଥିତି** : ମୋର ଭାଇ / ବାପା ମୋତେ ଖବର ଦେଲେ ଯେ ସେ ମୋର ବଡ଼ ଭଉଣୀକୁ କିଛି ଜିନିଷ ଦେଇ ବିସ୍ମିତ କରିବାକୁ ଯୋଜନା କରିଛନ୍ତି, ଯାହାକି ସେ ବହୁତ ଦିନ ଧରି ଆବଶ୍ୟକ କରୁଥିଲା । କିନ୍ତୁ ସେ ଚାହାନ୍ତି ଯେ ଏହି ତଥ୍ୟକୁ ମୁଁ କେବଳ ମୋ ପାଖରେ ସୀମିତ ରଖେ ।
- ଦ୍ୱିତୀୟ ପରିସ୍ଥିତି : ଗୋଟିଏ ସ୍କୁଲର ଦଶମ ଶ୍ରେଣୀରେ ଜଣେ ପିଲା ଦୈନିକ ମୋ ସକାଳ ଜଳଖିଆ ତାକୁ ଦେବାକୁ ବାଧ କଲା ଏବଂ ଯଦି ଏ କଥା ମୁଁ ମୋର ଶିକ୍ଷକ କିମ୍ବା ପିତାମାତାଙ୍କୁ କହେ ସେ ମୋର କ୍ଷତି କରିବ ବୋଲି ମଧ ଧମକ ଦେଲା ।
- ପିଲାମାନଙ୍କୁ କୁହନ୍ତୁ, ଏହି ଦୁଇଟି ପରିସ୍ଥିତିର କେଉଁ ତଥ୍ୟଗୁଡ଼ିକୁ ସେମାନେ ଅନ୍ୟମାନଙ୍କ ସହ ଆଲୋଚନା କରିବାକୁ ଚାହୁଁଛନ୍ତି ଲେଖନ୍ତୁ । ପିଲାମାନଙ୍କୁ କୁହନ୍ତୁ ସେମାନେ ଲେଖିଥିବା ଉତ୍ତରକୁ ଜୋରରେ ପଢ଼ନ୍ତୁ ଓ କାହିଁକି ସେମାନେ ଯେକୌଣସି ଗୋଟିଏ କିମ୍ବା ଅନ୍ୟଟିକୁ ପସନ୍ଦ କରିଛନ୍ତି ବର୍ଣ୍ଣନା କରିବେ ।
- ପରେ, ପିଲାମାନଙ୍କ ସଙ୍ଗେ କଥା ହୁଅନ୍ତୁ ଓ ସେମାନଙ୍କୁ ସ୍ଥିର କରିବା ପାଇଁ ସାହାଯ୍ୟ କରନ୍ତୁ ଯେ କେଉଁ ପରିସ୍ଥିତିରେ ସେମାନେ ନୀରବ ରହିବେ ଓ କେଉଁ ପରିସ୍ଥିତିଟି ଗୁରୁତ୍ୱପୂର୍ଣ୍ଣ ଯାହାକି ସେମାନେ ଅନ୍ୟମାନଙ୍କ ସହ ତଥ୍ୟ / ଭାବ ବିନିମୟ କରିବେ ।
- ପିଲାମାନଙ୍କୁ ବିଭିନ୍ନ ପରିସ୍ଥିତି ସଂପର୍କରେ ଲେଖିବାକୁ / ଆଲୋଚନା କରିବାକୁ ଉତ୍ସାହିତ କରନ୍ତୁ, ଯେଉଁ ପରିସ୍ଥିତିରେ ସେମାନେ ଅସୁଖକର / ବିଚଳିତ / ଲଜ୍ଜିତ ଅନୁଭବ କରିଛନ୍ତି କିନ୍ତୁ ସେ ଅନ୍ୟ କାହା ସହ ବିନିମୟ କରିପାରିନାହାନ୍ତି ।
- ପିଲାମାନଙ୍କ ସହ ଆଲୋଚନା କରନ୍ତୁ ଯେ ଅନ୍ୟମାନଙ୍କର କେଉଁ ଆଚରଣ ଓ କାର୍ଯ୍ୟକଳାପ ସେମାନଙ୍କୁ ଅସୁଖକର ଅନୁଭବ କରାଇଛି ତା' ବିରୁଦ୍ଧରେ ସ୍ୱର ଉଠାଇବା ସହ ପରିବାର, ସାଙ୍ଗସାଥୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବାର ଆବଶ୍ୟକତା ଅଛି ।

Module 2

## ପିଲାମାନେ ସେମାନଙ୍କର ଭାବନାକୁ ପ୍ରକାଶ କରିବା ପାଇଁ ସେମାନଙ୍କୁ କ୍ଷମତାଶାଳୀ କରିବା ନିମିତ୍ତ କାର୍ଯ୍ୟ

- ପିଲାମାନଙ୍କୁ କୁହନ୍ତୁ, କେଉଁ ବାଟ / ଉପାୟରେ ଲୋକମାନେ ଅନ୍ୟମାନଙ୍କୁ ଆଘାତ କରନ୍ତି ବୋଲି ତୁମେ ଭାବୁଛ, ଲେଖ।
- ସେମାନଙ୍କ ଉତ୍ତର / ମତାମତକୁ ଦୁଇ ଭାଗରେ ବିଭକ୍ତ କରନ୍ତୁ, ଗୋଟିଏ ଶାରୀରିକ ଭାବେ ଆଘାତପ୍ରାପ୍ତ ଓ ଅନ୍ୟଟି ସେମାନଙ୍କର ଭାବନାକୁ ଆଘାତପ୍ରାପ୍ତ।

ଯେଉଁ ଜିନିଷ ଶରୀରକୁ ଆଘାତ ଦିଏ ତାହା ମଧ୍ୟ ମନକୁ ଆଘାତ ଦିଏ ବୋଲି ବର୍ଣ୍ଣନା କରନ୍ତୁ। ଏହିସବୁ ଜିନିଷ ଆମକୁ ଦୁଃଖୀ, ଅସୁରକ୍ଷିତ, କ୍ରୋଧୀ, ଲଜ୍ଜିତ, ପ୍ରତ୍ୟାଖାନ - ଭାବନା ସୃଷ୍ଟି କରାଏ।

- ପିଲାମାନଙ୍କୁ କୁହନ୍ତୁ / ପଚାରନ୍ତୁ
- କେହି କେବେ ତୁମର ଶରୀର କିମ୍ବା ମନକୁ ଆଘାତ ଦେଇଛି କି ?
- ଆମେମାନେ ଆମକୁ ଆଘାତ କରିପାରିବୁ କି ? କିପରି ?
- ଏହା ସମ୍ଭବ କି, ଯେ ଜଣେ ସାଙ୍ଗ, ସଂପର୍କୀୟ, ଶିକ୍ଷକ - ଆମମାନଙ୍କୁ ଆଘାତ ଦେଇପାରେ ? ଯଦି ଏହା ହୁଏ, ଆମେ କାହାକୁ କହିବା / କାହା ସହ ଆଲୋଚନା କରିବା ? ପିଲାମାନଙ୍କୁ କୁହନ୍ତ ତୁମେ ତୁମର ହାତକୁ ଖୋଲ ଓ ଗୋଟିଏ କାଗଜ ଉପରେ ଏହାର ଚିତ୍ର ଅଙ୍କନ କର। ବର୍ତ୍ତମାନ ସେମାନଙ୍କୁ ପାଂଚଜଣ ଲୋକଙ୍କ ନାମ ଭାବିବାକୁ କୁହନ୍ତୁ ଯେଉଁମାନଙ୍କ ସହ ସେମାନେ ସେମାନଙ୍କର ମନର କଥାକୁ ଆଲୋଚନା କରିପାରିବେ (ପିଲାମାନଙ୍କୁ ମଧ୍ୟ କୁହନ୍ତୁ ଯେମିତି ସେହି ଲୋକମାନଙ୍କ ମଧ୍ୟରୁ ଅତିକମ୍‌ରେ ୪ ଜଣ ପ୍ରାପ୍ତବୟସ୍କ ହୋଇଥିବେ)। ପିଲାମାନଙ୍କୁ କୁହନ୍ତୁ ସେମାନେ ସେହି ପାଂଚଜଣଙ୍କର ନାମକୁ ତାଙ୍କର ଅଙ୍କିତ ହାତର ପ୍ରତ୍ୟେକ ଅଙ୍ଗୁଳି ଉପରେ ଲେଖନ୍ତୁ।
- ସେହି ଲୋକମାନଙ୍କର କେଉଁ ଗୁଣାବଳୀକୁ ସେମାନେ ପସନ୍ଦ କରନ୍ତି ସେଗୁଡ଼ିକୁ ଲେଖିବାକୁ କିମ୍ବା ଆଲୋଚନା କରିବାକୁ ପିଲାଙ୍କୁ କୁହନ୍ତୁ।
- ସେହି ଲୋକମାନଙ୍କୁ ସେମାନେ କାହିଁକି ଅଧିକ ବିଶ୍ୱାସ କରନ୍ତି ଶ୍ରେଣୀ ପ୍ରକୋଷ୍ଠରେ ଅନ୍ୟମାନଙ୍କ ସହ ଆଲୋଚନା କରିପାରିବେ।
- କେଉଁ ଲୋକମାନେ ବିଶ୍ୱାସଯୋଗ୍ୟ ସେହି ଲୋକମାନଙ୍କର ଗୁଣାବଳୀ ଗୁଡ଼ିକ ଆଲୋଚନା କରନ୍ତୁ। ଏହା ପିଲାମାନଙ୍କୁ ଅନ୍ୟ ଲୋକ ଗୁଣାବଳୀକୁ ଚିହ୍ନିବା, ଯେତେବେଳେ ତାଙ୍କ ମନକୁ କିଏ ଆଘାତ ଦିଏ ଓ ସେ ଅସୁରକ୍ଷିତ ମନେକରି ବିରୋଧ କରିବାକୁ ଚାହାନ୍ତି ସେ କେଉଁମାନଙ୍କର ସାହାଯ୍ୟ ନେଇପାରିବେ ସେ ସଂପର୍କରେ ତାଙ୍କୁ ସାହାଯ୍ୟ କରିବ।

Module
2

ଶ୍ରେଣୀ ପ୍ରକୋଷ୍ଠରେ ଏକ ଶିକ୍ଷଣ ଉପଯୋଗୀ ପରିବେଶ ସୃଷ୍ଟି କରିବାରେ ଶିକ୍ଷକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଏକ ସୁ-ସଙ୍ଗଠିତ ଓ ନିରାପଦ ପରିବେଶ (ଉଭୟ ଭୌତିକ ଓ ଅବେଗିକ)ରେ ପିଲାମାନେ ସେମାନଙ୍କର ସର୍ବୋତ୍ତମ ଶିକ୍ଷଣ ହାସଲ କରିବାରେ ସମର୍ଥ ହୋଇଥାନ୍ତି। ଏ କଥା ପ୍ରତ୍ୟେକ ଶିକ୍ଷକ ଜାଣିବା ଉଚିତ୍। ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶ୍ରେଣୀ ପ୍ରକୋଷ୍ଠରେ ଏହିଭଳି ପରିବେଶ ସୃଷ୍ଟି କରିବା ପାଇଁ ଶିକ୍ଷକ କାର୍ଯ୍ୟ କରିବା ଉଚିତ୍। ଯେତେବେଳେ ଶିକ୍ଷାର୍ଥୀମାନେ ନିରାପଦ ଓ ଆତ୍ମବିଶ୍ୱାସୀ ବୋଲି ଅନୁଭବ କରନ୍ତି, ସେତେବେଳେ ନିକଟ ପରିବେଶରେ ଘଟୁଥିବା ଘଟଣାକୁ ଅନୁଧ୍ୟାନ କରିବା ଓ ଶ୍ରେଣୀରେ ହେଉଥିବା ସମସ୍ତ କାର୍ଯ୍ୟରେ ସକ୍ରିୟ ଭାବେ ଉପସ୍ଥିତି, ଅଂଶଗ୍ରହଣ ଓ ଅନୁଧ୍ୟାନ କରି ଶିକ୍ଷଣ ତତ୍ତ୍ୱ ହାସଲ କରିବା ପାଇଁ ପ୍ରଭାବିତ ଓ ଉତ୍ସାହିତ ହୁଅନ୍ତି। ଏଥିପାଇଁ ଶିକ୍ଷକ ନିମ୍ନଲିଖିତ ସୋପାନଗୁଡ଼ିକ ଅନୁସରଣ କରିବା ଆବଶ୍ୟକ:

- ପିଲାମାନଙ୍କର ଆତ୍ମବିଶ୍ୱାସ ଓ ସ୍ୱାଭିମାନ ଅଭିବୃଦ୍ଧି କରିବା ପାଇଁ ଶିକ୍ଷକ କେବଳ ଶ୍ରେଣୀ ପ୍ରକୋଷ୍ଠରେ ପ୍ରତ୍ୟେକ ପିଲାର ସବଳତାକୁ ଗୁରୁତ୍ୱ ନ ଦେଇ ପିତାମାତା ଶିକ୍ଷକ ବୈଠକ ରେ ପିତାମାତା ସହ କଥାହେଲା ବେଳେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।
- ଗୋଟିଏ ବିଶ୍ୱାସଯୋଗ୍ୟ ସଂପର୍କ ଅଭିବୃଦ୍ଧି ପାଇଁ ଅନୌପଚାରିକ ଢ଼ଙ୍ଗରେ ପିଲା ଓ ବାପା ମା ଙ୍କ ସଙ୍ଗେ ମିଶାନ୍ତୁ ଯଦ୍ୱାରା ପିଲାମାନେ ସେମାନଙ୍କର ବ୍ୟକ୍ତିଗତ ସମସ୍ୟା ବିଷୟରେ କହିବାକୁ ଭୟଭୀତ ହେବେ ନାହିଁ।
- ପିଲାମାନଙ୍କ ଆଚରଣ କୁ ଭିତ୍ତିକରି ଶ୍ରେଣୀ ଗୃହରେ ଉତ୍ତମ ନିୟମ କାନୁନ୍ ପ୍ରସ୍ତୁତ କରନ୍ତୁ ଯାହାକି ଏକ ସୁରକ୍ଷିତ ଓ ନିରାପଦ ଶ୍ରେଣୀ ପରିବେଶକୁ ନିଶ୍ଚିତ କରିବ।
- ପିଲାମାନଙ୍କର ଅସ୍ୱାଭାବିକ ଆଚରଣ ଏବଂ ବିଷାଦ କିମ୍ବା ଚାପର ଲକ୍ଷଣକୁ ସାବଧାନତାର ସହ ଅନୁଧ୍ୟାନ କରି ସେଗୁଡ଼ିକୁ ସାମ୍ନା / ପ୍ରତିହତ କରିବା ପାଇଁ ଉପଯୁକ୍ତ କୌଶଳ ପ୍ରସ୍ତୁତ କରିବା ଆବଶ୍ୟକ।
- ପିଲାମାନଙ୍କ ନିରାପତ୍ତା ଦୃଷ୍ଟିରୁ ଉପଲବ୍ଧ ସମ୍ଭାବ୍ୟ ସୁରକ୍ଷା / ଅଭିଯୋଗ ଆଦି ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଯେଉଁଗୁଡ଼ିକ ସଂପର୍କରେ ପ୍ରତ୍ୟେକ ପିଲା ଜାଣିବା ଆବଶ୍ୟକ ସେ ସଂପର୍କରେ ତଥ୍ୟ ହାସଲ କରିବା ଆବଶ୍ୟକ।

Module
2

ସେମାନଙ୍କ ମଧ୍ୟରୁ ଚାଇଲ୍ଡ ହେଲ୍ପ ଲାଇନ, ପୋକସୋ, ଇ-ବକ୍ସ ଇତ୍ୟାଦି ଅନ୍ୟତମ ଅଟେ ।

ସାରାଂଶରେ ଆମେ ଏତିକି କହିପାରିବୁ ଯେ ଶିକ୍ଷକମାନେ ବିଶ୍ୱାସ ରଖିବା ଉଚିତ୍ ଯେ ପ୍ରତ୍ୟେକ ପିଲା ଭଲ କରିପାରିବେ ଓ ସମସ୍ତଙ୍କ ପାଖରେ ସେମାନଙ୍କର ନିର୍ଦ୍ଦିଷ୍ଟ ସବଳତା ଓ ସାମର୍ଥ୍ୟ ରହିଛି । ଏହି ବିଶ୍ୱାସକୁ ଆଧାର କରି ସେମାନଙ୍କର ପିଲାମାନେ ଉଭୟ ବୌଦ୍ଧିକ ଓ ବ୍ୟକ୍ତିଗତ - ସାମାଜିକ ଜୀବନରେ ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ପୂର୍ବକ ନିୟୋଜନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଶିକ୍ଷକ ମଧ୍ୟ ଜଣେ ସହାୟକ ଭୂମିକାର ନିର୍ବାହ କରିବା ସଂଗେସଂଗେ ପିଲାମାନେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରତିପାଦନ କରିବା ପାଇଁ ଉତ୍ସାହିତ କରିବା ଉଚିତ୍ । ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ଓ ଶିକ୍ଷଣକୁ ଉପଭୋଗ କରିବାକୁ ଉତ୍ସାହିତ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଅଟେ । ଶିକ୍ଷକ ମଧ୍ୟ ପିଲାମାନଙ୍କୁ ଶ୍ରେଣୀଗୃହ ଭିତରେ, ପାଠାଗାରରେ, ଖେଳପଡ଼ିଆରେ ଓ ଶ୍ରେଣୀ ନିର୍ଘଣ୍ଟର ମଧ୍ୟାନ୍ତରେ ଅନୁଧ୍ୟାନ କରିବ । ପିଲାମାନଙ୍କର ଆବଶ୍ୟକତା ଓ ସମସ୍ୟା ସହ ସେମାନଙ୍କର ଆଚରଣରେ କୌଣସି ବ୍ୟତିକ୍ରମକୁ ବୁଝିବା ପାଇଁ ଶିକ୍ଷକଙ୍କ ସ୍ଥାନ ସ୍ୱତନ୍ତ୍ର । ଶିକ୍ଷକ ମଧ୍ୟ ପିତାମାତଙ୍କ ସହ ବାରମ୍ବାର ଆଲୋଚନା କରିବାକୁ ସୁଯୋଗ ପାଇଥାନ୍ତି । ସେଥିପାଇଁ ପିଲାମାନଙ୍କର ସାମାଜିକ - ଆବେଗିକ ସମସ୍ୟା ଓ ଅନ୍ୟାନ୍ୟ ଅସୁବିଧାଗୁଡ଼ିକୁ ଜାଣିବାକୁ ଶିକ୍ଷକମାନେ ସମର୍ଥ ହୋଇଥାନ୍ତି । ସ୍କୁଲର ଅନ୍ୟାନ୍ୟ କର୍ମଚାରୀଙ୍କ ତୁଳନାରେ ଶିକ୍ଷକମାନେ ପିଲାମାନଙ୍କୁ ଜାଣିବା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଅପୋଷ ବିଶ୍ୱାସ ଓ ସମ୍ମାନ ଆଧାରରେ ଏହା ଶିକ୍ଷକ ମାନଙ୍କୁ ପ୍ରତ୍ୟେକ ପିଲାମାନଙ୍କ ସହ ସଂପର୍କ ସ୍ଥାପନ କରିବା ପାଇଁ ବହୁତ ସୁଯୋଗ ଦେଇଥାଏ ଯଦ୍ୱାରା ପିଲାମାନଙ୍କ ପାଇଁ ସେ ଜଣେ ସଫଳ ସାହାଯ୍ୟକାରୀ ହୋଇଯାଆନ୍ତି ।

**ବ୍ୟକ୍ତିଗତ - ସାମାଜିକ ଗୁଣାବଳୀକୁ ବୁଝିବା ନିମନ୍ତେ ଶିକ୍ଷକ ଓ ପିଲାମାନଙ୍କ ପାଇଁ କାର୍ଯ୍ୟ :**

- ଶ୍ରେଣୀର ପିଲାମାନଙ୍କୁ ନେଇ ୪ - ୫ ଜଣ ସଦସ୍ୟ ବିଶିଷ୍ଟ ଦଳ ଗଠନ କରନ୍ତୁ ଏବଂ କଳାପଟାରେ ଲେଖା ଥିବା ବିଭିନ୍ନ ବ୍ୟକ୍ତିଗତ - ସାମାଜିକ ଗୁଣାବଳୀ ଯଥା: ଯତ୍ନ ଓ ସମ୍ବେଦନଶୀଳତା, ନିଜ ଓ ଅନ୍ୟପ୍ରତି ସମ୍ମାନ, ସହଯୋଗ, ଦଳୀୟକାର୍ଯ୍ୟ, ଧୈର୍ଯ୍ୟ ସଫଳ ଭାବବିନିମୟ, ନେତୃତ୍ୱ ଇତ୍ୟାଦି ମଧ୍ୟରୁ ଗୋଟିଏକୁ ପସନ୍ଦ କରିବାକୁ କୁହନ୍ତୁ । ପସନ୍ଦ କରିଥିବା ଗୁଣାବଳୀକୁ ନେଇ ସେ ଦଳର ନାମକରଣ କରାଯିବ ।

Module 2

- ସେମାନେ ପସନ୍ଦ କରିଥିବା ଗୁଣାବଳୀ ବିଷୟରେ ନିମ୍ନୋକ୍ତ ଦିଗକୁ ଭିତ୍ତିକରି ଦଳରେ ଆଲୋଚନା କରନ୍ତୁ ଓ ଆଲୋଚନା ଭିତ୍ତିରେ ଉପସ୍ଥାପନ ପାଇଁ ବିବରଣୀ ପ୍ରସ୍ତୁତ କରନ୍ତୁ:

– ସେମାନେ ସ୍ଥିର କରିଥିବା ଗୁଣାବଳୀ ବିଷୟରେ ସେମାନଙ୍କର କଣ ବୁଝାମଣା ଅଛି ?

– ଜଣେ ଶିକ୍ଷକ / ଶିକ୍ଷାର୍ଥୀ ହିସାବରେ ସେମାନଙ୍କ ପାଇଁ ଏହାର କଣ ଗୁରୁତ୍ୱ ରହିଛି ?

– ଜଣେ ଶିକ୍ଷକ / ଶିକ୍ଷାର୍ଥୀ ହିସାବରେ ଦୈନନ୍ଦିନ ଜୀବନରେ କେତେ ଉତ୍ତମ ଭାବେ ସେ ଗୁଣାବଳୀ / କୌଶଳ ଟିକୁ ପ୍ରଦର୍ଶନ କରାଯାଇପାରିବ ?

– ସେମାନଙ୍କ ଚାରିପାଖେ (ସ୍କୁଲରେ / ଘରେ ଇତ୍ୟାଦି) ସେହି ଗୁଣାବଳୀ ଅନ୍ୟମାନଙ୍କ ଉପରେ କଣ ପ୍ରଭାବ ପକାଇବ ?

**ଏହି କାର୍ଯ୍ୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ନିମ୍ନମତେ ସାହାଯ୍ୟ କରିବ:**

- ଏହି ସବୁ ଗୁଣାବଳୀର ଗୁରୁତ୍ୱକୁ ନିଜେ ଉପଲବ୍ଧି କରିପାରିବ ।
- ସେମାନଙ୍କ ଆଚରଣରେ ଓ କାର୍ଯ୍ୟରେ କିପରି ସେଗୁଡ଼ିକ ପ୍ରଦର୍ଶିତ କରାଯାଇପାରିବ ତାହା ବୁଝିବ ।

## REFERENCES

Guidance in Action 2017. Departmetn of Education Psychology and Foundations of Education, NCERT

Introduction of Duidance 2017 Department of Educational Psychology and Foundations, of Education, NCERT

Psychology Textbook for Class XI 2018. Department of Educational Psychology and Foundations of Education, NCERT

Psychology Textbook for Class XII 2018. Department of Educational Pshychology and Foundations of Education, NCERT

The Conselling Process and Strategies 2017. Department of Educational Psychology and Foundations of Education, NCERT.

# ପ୍ରଦର୍ଶିକା - ୩

## (କଳା ସମନ୍ୱିତ ଶିକ୍ଷା)

MODULE
3

# କଳା, ସମନ୍ୱିତ ଶିକ୍ଷଣ



**ସାମଗ୍ରିକ ଦୃଷ୍ଟିଭଙ୍ଗୀ :** ବିଭିନ୍ନ ବିଷୟ ସହ କଳା (ଦୃଶ୍ୟକଳା, ପ୍ରଦର୍ଶିତ କଳା ଓ ସାହିତ୍ୟ କଳା)ର ସମନ୍ୱୟ କରିବା ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥାଏ। କଳା ସମନ୍ୱିତ ପାଠ୍ୟକ୍ରମରେ କଳାକୁ ଶ୍ରେଣୀ ଗୃହ ଶିକ୍ଷାଦାନ ପ୍ରକ୍ରିୟାର ଆଧାର ରୂପେ ଗ୍ରହଣ କରାଯାଇଛି। ପାଠ୍ୟକ୍ରମରେ କଳା କେନ୍ଦ୍ରବିନ୍ଦୁ ଭାବରେ ବିଭିନ୍ନ ଧାରଣାଗୁଡ଼ିକର ସ୍ପଷ୍ଟୀକରଣ କରିବାରେ ସାହାଯ୍ୟ କରୁଛି। କଳା ସମନ୍ୱିତ ପାଠ୍ୟକ୍ରମ, ବହିର ବିଷୟ ବସ୍ତୁଗୁଡ଼ିକୁ ଯୁକ୍ତି ସଂଗତ, ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ଅର୍ଥପୂର୍ଣ୍ଣ ଭାବେ ଯୋଡିବାରେ / ସଂଯୋଗ କରିବାରେ ଏକ ଉପଯୁକ୍ତ ମାଧ୍ୟମ। ସମସ୍ତ ବିଷୟ ଯଥା - ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଭାଷା, ତଥା ସେଥିରେ ଥିବା ଅମୂର୍ତ୍ତ ଧାରଣାଗୁଡ଼ିକ ମଧ୍ୟରେ ସଂପର୍କ, ସଂଯୋଗ ସ୍ଥାପନ ଓ ଫଳପ୍ରଦ ଶିକ୍ଷଣ ନିମନ୍ତେ କଳା କେନ୍ଦ୍ର ବିନ୍ଦୁ ମାଧ୍ୟମରେ ଗ୍ରହଣୀୟ। ଏହି ମାଧ୍ୟମରେ ଶିକ୍ଷଣ ରୁଚିପୂର୍ଣ୍ଣ, ଆନନ୍ଦଦାୟୀ ଓ ଅନୁଭୂତି ସଂପନ୍ନ ହୋଇଥାଏ। ଉଦାହରଣ ମାଧ୍ୟମରେ ବିଭିନ୍ନ ବିଷୟରେ କଳାକୁ ସମନ୍ୱିତ କରିବା ହେଉଛି ଏହି ପ୍ରଦର୍ଶିକାର ପ୍ରଧାନ ଅଂଶ। ବିଭିନ୍ନ ପର୍ଯ୍ୟାୟର ଶିକ୍ଷଣକୁ ଅଧିକ ସହଜ କରିବା ପାଇଁ 'ସହାୟକ', ବ୍ୟବହାର କରୁଥିବା ନିରନ୍ତର ସାମଗ୍ରିକ ମୂଲ୍ୟାୟନ ତଥା ଅନ୍ୟାନ୍ୟ ଶିକ୍ଷଣ କୌଶଳ ବିଷୟରେ ଏହି ପ୍ରଦର୍ଶିକା ସୂଚନା ପ୍ରଦାନ କରିଥାଏ। ଶିକ୍ଷଣ ଉଦ୍ଦେଶ୍ୟ ଓ ଶିକ୍ଷଣ ଫଳାଫଳକୁ ହାସଲ କରିବା ନିମନ୍ତେ ଏହି ପ୍ରଶିକ୍ଷଣ ପ୍ରଦର୍ଶିକାର ପରିକଳ୍ପନା କରାଯାଇଛି ଯାହାକି ନମନୀୟ ଓ ସହାୟକଙ୍କ ଦ୍ୱାରା ରୂପାନ୍ତରିତ କରାଯାଇପାରିବ।

ସହାୟକଙ୍କ ସୁବିଧା ନିମନ୍ତେ ଏହି ପ୍ରଦର୍ଶିକାରେ ୪-୫ ଟି ପ୍ରସ୍ତାବିତ ଅଧିବେଶନ ରହିଛି। ସହାୟକ ଯଦି ନିଜ ତରଫରୁ ଅଧିକା ବା ଅଲଗା ଅଧିବେଶନର ଯୋଜନା କରିପାରନ୍ତି ତେବେ ଏହା ଅଧିକ ଚିତ୍ତାକର୍ଷକ ହୋଇପାରିବ।

MODULE
3

## ଶିକ୍ଷଣ ଉଦ୍ଦେଶ୍ୟ

**ଏହି ପ୍ରଦର୍ଶିକାର ମୁଖ୍ୟ ଲକ୍ଷ୍ୟ ହେଉଛି –**

- କଳାକୁ ଶୈକ୍ଷିକ ଉପକରଣ ଏବଂ ସାମଗ୍ରିକ ଶିକ୍ଷାରେ ପ୍ରତ୍ୟେକ ଶିକ୍ଷାର୍ଥୀର ବିକାଶ ନିମିତ୍ତ ଏହାର ପ୍ରଭାବର ବୋଧଗମ୍ୟତା ବିକାଶ କରିବା।
- କଳାତ୍ମକ ଅନୁଭବ ମାଧ୍ୟମରେ ନିଜର ସୃଜନୀ ଅଭିବ୍ୟକ୍ତର ବିକାଶ କରିବ।
- ବୟସ ଉପଯୋଗୀ କଳାର ଅନୁଭୂତିକୁ ନେଇ ବିଭିନ୍ନ ବିଷୟର ଶିକ୍ଷଣ ପାଇଁ ଯୋଜନା କରିବା ଓ ସଂଗଠନ କରିବା କୌଶଳର ବିକାଶ କରିବା।

## କଳାତ୍ମକ ଶିକ୍ଷା ନିମନ୍ତେ ପ୍ରଶ୍ନୋତ୍ତର

### କଳା ସମନ୍ୱିତ ଶିକ୍ଷା କ'ଣ ?

ସମନ୍ୱୟର ଆଭିଧାନିକ ଅର୍ଥ ହେଉଛି "ବିଭିନ୍ନ ଭାଗକୁ ମିଶାଇ ଏକ ପରିପୂର୍ଣ୍ଣ ଏକକରେ ପରିଣତ କରିବା"। ଏଣୁ କଳା ସମନ୍ୱୟ କରିବା ଅର୍ଥ ବିଭିନ୍ନ ଶୈକ୍ଷିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ କଳାର ଉପଯୋଗ କରିବା।

ଭାଷା, ସାମାଜିକ ପାଠ, ବିଜ୍ଞାନ ଓ ଗଣିତ ଆଦି ବିଷୟଗୁଡ଼ିକୁ କଳା ସମ୍ପର୍କିତ କରି ଶିକ୍ଷାଦାନ କରାଯାଇପାରିବ। ବେଳେବେଳେ କଳା ମାଧ୍ୟମରେ ବିଜ୍ଞାନର ଜଟିଳ ତତ୍ତ୍ୱ ସହଜରେ ବୁଝି ହୋଇଥାଏ। ଏଣୁ ବିଷୟ ମଧ୍ୟରେ ଥିବା ଅମୂର୍ତ୍ତ ତଥ୍ୟ ସବୁକୁ କଳା ମାଧ୍ୟମରେ ସମୃଦ୍ଧ କରାଯାଇପାରେ। ଏହି ଉପାୟରେ ବିଭିନ୍ନ ଶିକ୍ଷଣ ବିଷୟରେ ଜ୍ଞାନ ଓ ବୋଧଗମ୍ୟତାର ଅଭିବୃଦ୍ଧି କରିବାରେ ସହାୟକ ହୁଏ ଏବଂ ଏଥିସହ କଳାତ୍ମକ ରୁଚିର ବିକାଶ ହୁଏ। ଏହାକୁ ସାମଗ୍ରିକ ବା ସମ୍ପୂର୍ଣ୍ଣ ଶିକ୍ଷଣ କୁହାଯାଏ। କଳା ଭାବ ପ୍ରକାଶ ପାଇଁ ଏକ ମାଧ୍ୟମ ଯୋଗାଏ। ଏହା ଦୃଶ୍ୟ ବା କ୍ରିୟାତ୍ମକ ହୋଇପାରେ।

### ଦୃଶ୍ୟକଳା ଓ ପ୍ରଦର୍ଶନ କଳା କହିଲେ କ'ଣ ବୁଝିବା ?

ଯେଉଁ କଳାତ୍ମକ ବିଭାଗକୁ ଦେଖି ଅନୁଭବ କରୁ ଯେପରିକି ଚିତ୍ର, ଫଟୋ, ମୁଦ୍ରିତ ଚିତ୍ର ବା ଛପାଯାଇ ଥିବା ଛବି, ମଞ୍ଚ କଳା, ମାଟିକାମ, ଭାସ୍କର୍ଯ୍ୟ, ପ୍ରୟୋଗିକ କଳା ଏବଂ ହସ୍ତଶିଳ୍ପ ଆଦିକୁ ଆମେ ଦୃଶ୍ୟ କଳା କହିଥାଉ।

MODULE 3

ଅନ୍ୟପକ୍ଷରେ ମାଂସପେଶୀ ଏବଂ ସ୍ୱରର ପରିଚାଳନା କୌଶଳ, ମୁଖ ଭଙ୍ଗୀ ଓ ଅଙ୍ଗଭଙ୍ଗୀରେ ବ୍ୟବହାର ଦ୍ୱାରା କରାଯାଇଥିବା କଳାତ୍ମକ ଭାବ ପ୍ରକାଶଗୁଡ଼ିକୁ ପ୍ରଦର୍ଶନ କଳା ଅନ୍ତର୍ଭୁକ୍ତ କରାଯାଏ।

ଶାରୀରିକ ଅଭିବ୍ୟକ୍ତି, କଣ୍ଠ ସଙ୍ଗୀତ, ମୁଖ ଏବଂ ଶରୀରର ଅଭ୍ୟବକ୍ତି ଯେପରିକି ନୃତ୍ୟ, କଣ୍ଠ ଓ ବାଦ୍ୟ ସଂଗୀତ, ନାଟକ, କଣ୍ଢେଇ ନାଚ, ମୁକ ଅଭିନୟ, ଗଳ୍ପ କଥନ, ସାମରିକ କଳା, ଯାଦୁବିଦ୍ୟା ଓ ସିନେମା ଇତ୍ୟାଦିକୁ ପ୍ରଦର୍ଶନ କଳା କୁହାଯାଏ।

### କଳା ଶିକ୍ଷା ଓ କଳା ସମନ୍ୱିତ ଶିକ୍ଷା ମଧ୍ୟରେ କି ପାର୍ଥକ୍ୟ ରହିଛି ?

କଳା ଶିକ୍ଷା ଏକ ପ୍ରକ୍ରିୟା ଯାହା ଇନ୍ଦ୍ରିୟ ଗ୍ରାହ୍ୟ ଅନୁସନ୍ଧିତ୍ସାକୁ ବ୍ୟାପ୍ତ କରିଥାଏ / ପ୍ରେରଣା ଯୋଗାଇଥାଏ। ଭାଷା ମାଧ୍ୟମରେ ପରିପ୍ରକାଶ କରି ହେଉନଥିବା



ଅନୁଭୂତିଗୁଡ଼ିକୁ କଳାଶିକ୍ଷା ମାଧ୍ୟମରେ ବିଭିନ୍ନ ଧାରଣା ଓ ସାମଗ୍ରୀ ବ୍ୟବହାର କରି ବ୍ୟକ୍ତ କରି ହୋଇଥାଏ। ଏହା ଅଣ ବାଚନିକ ପରିପ୍ରକାଶଗୁଡ଼ିକ ବିକଶିତ କରିଥାଏ, ତାହା ଗୀତ, ଚିତ୍ରକଳା ବା ଅଭିନୟ ମାଧ୍ୟମରେ ହୋଇପାରେ।

ସମନ୍ୱିତ ଶିକ୍ଷାରେ କଳାକୁ କେନ୍ଦ୍ରିତ କରି ଆମେ ପାଠ୍ୟକ୍ରମ ପରିଚାଳନା କରିଥାଉ। ଅମୂର୍ତ୍ତ ଧାରଣାଗୁଡ଼ିକ ବିଭିନ୍ନ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ ଉନ୍ମୋଚିତ କରିହୁଏ। କଳା ସମନ୍ୱିତ ଶ୍ରେଣୀରେ ଶିକ୍ଷାର୍ଥୀ ନିଜର ମନ, ହୃଦୟ ଓ ଶରୀର ଉପଯୋଗ କରି ଶୈକ୍ଷିକ ଅଭିଜ୍ଞତା ପାଇଥାଏ। କଳା ଶିକ୍ଷାର୍ଥୀକୁ ବହୁବିଧ କୌଶଳ ଓ ଦକ୍ଷତା ଉପଯୋଗ କରିବାକୁ ସୁଯୋଗ ଦେଇଥାଏ।

### ଶିକ୍ଷଣ ପ୍ରକ୍ରିୟାକୁ ସାମଗ୍ରିକ ଓ ଅନୁଭୂତି ସଂପନ୍ନ କରିବା ପାଇଁ କଳାର ଭୂମିକା କ'ଣ ?

ଯେତେବେଳେ ଶିକ୍ଷାର୍ଥୀ କଳାତ୍ମକ କାର୍ଯ୍ୟରେ ନିମଗ୍ନ ଥାଏ, ସେ ବିଭିନ୍ନ ସୋପାନ ଦେଇ କାର୍ଯ୍ୟ କରିଥାଏ ଯେମିତିକି

ପର୍ଯ୍ୟବେକ୍ଷଣ, ଚିନ୍ତନ, କଳ୍ପନା, ଅନିସନ୍ଧିତ୍ସୁ, ପରୀକ୍ଷଣ, ସାମାନ୍ୟକରଣ, ସର୍ଜନା ଓ ପୁନଃ ସର୍ଜନା ଏବଂ ଅଭିବ୍ୟକ୍ତି। ଉପରୋକ୍ତ ପର୍ଯ୍ୟାୟରେ କାର୍ଯ୍ୟ କଲାବେଳେ ଶିକ୍ଷାର୍ଥୀର ତିନୋଟି ପରିସର – ଜ୍ଞାନାତ୍ମକ, ଭାବାତ୍ମକ, କ୍ରିୟାତ୍ମକ ଦିଗ ପ୍ରକୃତରେ ସକ୍ରିୟ ଥାଏ। ଫଳରେ ଏହାର ସ୍ୱରୂପ ଅନୁଭୂତି ଆଧାରିତ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ସହାୟକ ହୋଇଥାଏ। ଏହି ଅନୁଭୂତି ଆଧାରିତ ଶିକ୍ଷଣର ଉପଯୋଗିତା ହେଉଛି ଅନ୍ୟ ବିଷୟଗୁଡ଼ିକରେ ଫଳପ୍ରଦ ଶିକ୍ଷଣ ପାଇଁ ଆଧାର ସୃଷ୍ଟି କରିବା।

**କଳା ସମନ୍ୱିତ ଶିକ୍ଷଣ, ଶିକ୍ଷଣ ଫଳାଫଳ ହାସଲ କରିବାରେ କିପରି ସହାୟକ ହୋଇଥାଏ ?**



କଳା ସମନ୍ୱିତ ଶିକ୍ଷଣ ଏକା ସମୟରେ ତିନୋଟିଯାକ ପରିସରର କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରେ। (ଜ୍ଞାନାତ୍ମକ, ଭାବାତ୍ମକ, କ୍ରିୟାତ୍ମକ) ଯାହାଦ୍ୱାରା ଦକ୍ଷତା ଆଧାରିତ ଶିକ୍ଷଣ ଏବଂ ଦକ୍ଷତା ଆଧାରିତ ଶିକ୍ଷଣ ଫଳାଫଳର ଶୈକ୍ଷିକ ଆବଶ୍ୟକତା ପୂରଣ କରେ।

**କଳା ସମନ୍ୱିତ ଶିକ୍ଷଣକୁ ଆନନ୍ଦଦାୟୀ ଶିକ୍ଷଣ କାହିଁକି କୁହାଯାଏ ?**

ଜଣଙ୍କର କଳ୍ପନା ଓ ଚିନ୍ତାଧାରାର ମୁକ୍ତ ପରିପ୍ରକାଶ ପାଇଁ କଳା ଏକ ପ୍ରାକୃତିକ ମାଧ୍ୟମ ଅଟେ ଯେଉଁଠାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ସ୍ୱତନ୍ତ୍ର ଓ ଭିନ୍ନ ହେବା ପାଇଁ ସ୍ୱାଧୀନତା ଥାଏ। କଳା ସମନ୍ୱିତ ଶିକ୍ଷଣ ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ଶାସ୍ତ୍ର ଭାବେ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଅନୁସନ୍ଧାନ, ପରୀକ୍ଷଣ, ପରିପ୍ରକାଶ କରିବା, ଆନନ୍ଦ ପାଇବା ଓ ଫଳାଫଳ ବିଷୟରେ ବ୍ୟସ୍ତ ନ ହୋଇ ଆନନ୍ଦିତ ହେବା ପାଇଁ ଏକ ସୃଜନାତ୍ମକ ସ୍ଥାନ ଯୋଗାଇଥାଏ। କଳାକୁ ଏକ ପ୍ରକ୍ରିୟା ଭାବରେ ଅନୁଭବ କରିବାକୁ ଓ ଫଳାଫଳକୁ ଗୌଣ ମନେ କରିବାକୁ ଶିକ୍ଷାର୍ଥୀକୁ ଉତ୍ସାହିତ କରାଯାଏ। ଯାହାକି ବିଷୟଗତ ଭୟକୁ ଦୂର କରିବାରେ ଓ ସେମାନଙ୍କର କାର୍ଯ୍ୟ କରିବା ଓ ଶିଖିବାର ଆନନ୍ଦକୁ ବଢ଼ାଇବାରେ ସାହାଯ୍ୟ କରେ।

କଳା ଶିକ୍ଷାର୍ଥୀମାନଙ୍କର ବିବିଧ ଶିକ୍ଷଣ ଆବଶ୍ୟକତା ପୂରଣ କରିଥାଏ। ଏହା ଶିକ୍ଷାର୍ଥୀମାନଙ୍କୁ ଭାବପ୍ରକାଶ କରିବା ପାଇଁ ଭିନ୍ନଭିନ୍ନ ମାଧ୍ୟମ ଯୋଗାଇଥାଏ ଯେଉଁଠି ସେମାନେ ଫଳାଫଳର ଚାପ ବିନା ଗୋଟିଏ ପ୍ରସଙ୍ଗକୁ ଗଭୀର ଭାବରେ ଅନୁସନ୍ଧାନ କରି ପାରିବେ। ଏହାଦ୍ୱାରା ଶିକ୍ଷଣ ଆନନ୍ଦପ୍ରଦ ହୋଇଥାଏ।

MODULE 3

## ଅନ୍ତର୍ନିବେଶୀ ପରିସ୍ଥିତିରେ କଳା ସମନ୍ୱିତ ଶିକ୍ଷା କିପରି ସାହାଯ୍ୟ କରିଥାଏ ?

କଳାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ଏଥିରେ କୌଣସି ଉତ୍ତର ଭୂଲ ବା ଠିକ୍ ନଥାଏ । ଗୋଟିଏ ପରୀକ୍ଷଣ ପ୍ରଣାଳୀରେ ଜ୍ଞାନ ହାସଲ ହୋଇଥାଏ ।

କଳାତ୍ମକ କାର୍ଯ୍ୟକୁ ଶିକ୍ଷିତ, ଅଶିକ୍ଷିତ, ବାଧିତ, ଅଣବାଧିତ, ବାଳକ – ବାଳିକା ଭେଦରେ ଅଲଗା କରିବାର ଆବଶ୍ୟକତା ନଥାଏ । ଯେହେତୁ କଳା ନିଜକୁ ପ୍ରକାଶ କରିବାର ଏକ ମାଧ୍ୟମ, ବାଧିତ ହୃଦୟମାନଙ୍କର ଭାବକୁ ତା'ର କଳାତ୍ମକ କାର୍ଯ୍ୟ ମାଧ୍ୟମରେ ବ୍ୟକ୍ତ କରିବାରେ ଏହା ସାହାଯ୍ୟ କରେ । ସାମାଜିକ ବାସନ୍ଦ ହୋଇଥିବା ଗୋଷ୍ଠୀର ଶିକ୍ଷାର୍ଥୀ ଶ୍ରେଣୀର ଅନ୍ୟମାନଙ୍କ ସହିତ ମିଳିମିଶି କାର୍ଯ୍ୟ କରିଥାଏ କାରଣ କଳାତ୍ମକ କାର୍ଯ୍ୟରେ କାହାରି ନିକଟରେ ସଂପୂର୍ଣ୍ଣ ଉତ୍ତର ନଥାଏ । କଳାତ୍ମକ କାର୍ଯ୍ୟ ଶିକ୍ଷାର୍ଥୀମାନଙ୍କୁ ପରସ୍ପର ସହିତ ମିଶିବାରେ ସାହାଯ୍ୟ କରେ, ଯାହାଫଳରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ପ୍ରତିବନ୍ଧକ / ଦୂରତ୍ୱ ଅପସରିଯାଏ ।

**ବିଷୟ ଭିତ୍ତିକ ଅଧିକ ତଥ୍ୟ ନିମନ୍ତେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ ଓ "ପ୍ରାଥମିକ ସ୍ତରର ଶିକ୍ଷକମାନଙ୍କ ପାଇଁ କଳା ଶିକ୍ଷା" ପ୍ରଶିକ୍ଷଣ ପ୍ରଦର୍ଶିକାର ୪ ଓ ୫ ଅଧିବେଶନର ସାହାଯ୍ୟ ନେଇପାରିବେ । www.ncert.nic.in/department.**

## ଶିକ୍ଷଣ ଫଳାଫଳ (ରାଜ୍ୟ ସାଧନକର୍ମୀ / ଶିକ୍ଷକ)

ଏହି ପ୍ରଦର୍ଶିକାର ପ୍ରଶିକ୍ଷଣ ପରେ ରାଜ୍ୟ ସାଧନ କର୍ମୀ / ଶିକ୍ଷକମାନେ

- ଏକ ବିଷୟ ଭାବରେ କଳା ଓ ଏକ ଶୈକ୍ଷିକ ପନ୍ଥା ଭାବରେ କଳା ମଧ୍ୟରେ ପାର୍ଥକ୍ୟ / ପ୍ରଭେଦ ଦର୍ଶାଇବାକୁ ସକ୍ଷମ ହେବେ ।
- ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ନିମନ୍ତେ କଳା ସମନ୍ୱିତ ଶିକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ ବୁଝାଇବା ପାଇଁ ସକ୍ଷମ ହେବେ ।
- ବିଭିନ୍ନ ବିଷୟରେ କଳା ସମନ୍ୱିତ ଶିକ୍ଷାର ଯୋଜନା ପ୍ରସ୍ତୁତ କରିବେ ।
- ସହାୟକ ଭାବରେ କଳା ସମନ୍ୱିତ ଶିକ୍ଷାର କୌଶଳଗୁଡ଼ିକୁ ପ୍ରଦର୍ଶିକାର ବିଭିନ୍ନ ଅଧିବେଶନରେ ବ୍ୟବହାର କରିବେ ।

- ଶ୍ରେଣୀଗୃହ ଶିକ୍ଷଣ ଶିକ୍ଷାଦାନ ସମୟରେ ଶିକ୍ଷକମାନଙ୍କର କଳା ସମନ୍ୱିତ ଦକ୍ଷତାର ଅଭିବୃଦ୍ଧି ପାଇଁ ସହାୟତା ପ୍ରଦାନ କରିବାରେ ସକ୍ଷମ ହେବେ ।
- ଅଭିନୟ ଓ ସୃଜନାତ୍ମକ ଅଭିବ୍ୟକ୍ତିରେ କଳାର ବିଭିନ୍ନ ସାଧନୀ ଓ କୌଶଳ ଗୁଡ଼ିକୁ ବ୍ୟବହାର କରିବାକୁ ପସନ୍ଦ କରିବେ ।

MODULE 3

**ସହାୟକଙ୍କ ନିମନ୍ତେ ନିୟମାବଳୀ:**

ଅଧିବେଶନର ସୁ-ପରିଚାଳନା ପାଇଁ ନିମ୍ନଲିଖିତ ଦିଗଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ ।

**(କ) ଅଧିବେଶନ ପାଇଁ ଆବଶ୍ୟକୀୟ ସମ୍ବଳ**

- ଆବଶ୍ୟକୀୟ hardware ଓ Software (video clip ଓ ଆବଶ୍ୟକ ଅନୁଯାୟୀ slide show) ସମ୍ବଳଗୁଡ଼ିକୁ ଅଧିବେଶନର ସଠିକ୍ ସମୟରେ ବ୍ୟବହାର କରିବା ପାଇଁ ସଂଗଠିତ କରିବେ ।
- ଶିକ୍ଷଣ ଶିକ୍ଷାଦାନ ସମୟରେ, କଳାକୁ ଅନ୍ୟାନ୍ୟ ବିଷୟ ସହିତ ସମନ୍ୱିତ କରି ଦଳଗତ କାର୍ଯ୍ୟ କରିବା ପାଇଁ ପାଠ୍ୟପୁସ୍ତକ ସଂଗଠନ କରିବେ ।
- ଶିକ୍ଷଣ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ସମାଗ୍ରୀ ଯଥା - ରଂଗିନ୍ ଚାର୍ଟ ପେପର, ପେନ୍‌ସିଲ, ସ୍କେଚପେନ୍, ମାର୍କର, ଫ୍ଲିପ୍ ଚାର୍ଟ, ଥମ୍ବ ପିନ୍, ଡ୍ରାଫଟିଙ୍ଗ କାଗଜ, ମାଟି, ଅଠା, ଧ୍ୱନୀ ସୃଷ୍ଟିକାରୀ ସାମଗ୍ରୀ, ନମୁନା ତିଆରି ପାଇଁ ମାଟି, କଇଁଚି ବିଶେଷ ଢଙ୍ଗର ପୋଷାକ ପ୍ରସ୍ତୁତି ପାଇଁ ସାମଗ୍ରୀ, ମଞ୍ଚ ସାଜସଜ୍ଜା ପାଇଁ ଆବଶ୍ୟକୀୟ ସାମଗ୍ରୀ ଇତ୍ୟାଦି ପୂର୍ବରୁ ପ୍ରସ୍ତୁତ ହୋଇ ରହିବା ଜରୁରୀ । ବିନାମୂଲ୍ୟ, କମ୍ ମୂଲ୍ୟ ଓ ସ୍ଥାନୀୟ ସମ୍ବଳର ବ୍ୟବହାର ଉପରେ ଅଗ୍ରାଧିକାର ଦିଆଯିବ ।
- ଯେହେତୁ କଳା ସମନ୍ୱିତ ଶିକ୍ଷା ଶିକ୍ଷଣ କାର୍ଯ୍ୟ ଆଧାରିତ, ଅଂଶ ଗ୍ରହଣକାରୀ ତଥା ସହାୟକମାନଙ୍କର ଶିକ୍ଷଣ କାର୍ଯ୍ୟ କରିବା ସମୟରେ ସହଜ ଗତିବିଧି ପାଇଁ ପ୍ରଶସ୍ତ ପ୍ରଶିକ୍ଷଣ କୋଠରୀ ଯୋଗାଇବାକୁ ସଂଗଠକ ନିଶ୍ଚିତ କରିବେ ।

**(ଖ) ଅଧିବେଶନ ପାଇଁ ଶୈକ୍ଷିକ ଯୋଜନା**

- କଳା ସମନ୍ୱିତ ଶିକ୍ଷା, ପ୍ରଶିକ୍ଷଣ ପ୍ରଦର୍ଶିକାରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟଗୁଡ଼ିକ ମଧ୍ୟରୁ ନିଜ ଅଧିବେଶନ ଅନୁଯାୟୀ ଶିକ୍ଷଣ କାର୍ଯ୍ୟ

ପାଇଁ ପ୍ରସ୍ତୁତ ହେବେ । କଳା ସମନ୍ୱିତ ଶିକ୍ଷାର ଧାରଣାକୁ ନେଇ ନିଜେ ନିଜର ଅଧିବେଶନ ପାଇଁ ଯୋଜନା ମଧ୍ୟ କରିପାରିବେ ।

- ଶୈକ୍ଷିକ କୌଶଳ ସହ ଦିଆଯାଇଥିବା ମାନନିର୍ଦ୍ଧାରଣ କରିବା ପାଇଁ ସୂଚନାକୁ ବ୍ୟବହାର କରନ୍ତୁ । ରାଜ୍ୟ ସାଧନ କର୍ମୀ / ଶିକ୍ଷକମାନଙ୍କୁ ଶିକ୍ଷଣ ସହିତ ମାନ ନିର୍ଦ୍ଧାରଣ ବିଷୟରେ ସଚେତନ / ଅବଗତ କରାନ୍ତୁ ।
- ବିଭିନ୍ନ ବିଷୟ ବା ଧାରଣାଗୁଡ଼ିକର ଶିକ୍ଷଣ ପାଇଁ ଶୈକ୍ଷିକ ଶାସ୍ତ୍ରରେ କଳା ସମନ୍ୱିତ ଶିକ୍ଷାକୁ, ଅନୁଭୂତି ସହ ସଂପୃକ୍ତ କରିବା ତଥା, ରାଜ୍ୟ ସାଧନ କର୍ମୀ / ଶିକ୍ଷକ ମାନଙ୍କର ସହାୟତା ନିମନ୍ତେ ଏହି ଅଧିବେଶନଟି ଶ୍ରେଣୀ ଓ ବିଷୟ ଭିତ୍ତିକ ଭାବେ ଉଲ୍ଲେଖ କରାଯାଇଛି । ଏପରି ଭାବେ ଅଧିକ ଅଧିବେଶନ ପାଇଁ ଯୋଜନା ପ୍ରସ୍ତୁତିରେ ଏହା ସେମାନଙ୍କୁ ସାହାଯ୍ୟ କରିବ ।
- ଏହି ଅଧିବେଶନଟିରେ ଦୁଇ ପ୍ରକାର ଶିକ୍ଷଣ ଫଳାଫଳ ରହିଛି । ପ୍ରଥମ ଶିକ୍ଷଣ ଫଳାଫଳଟି, ସାଧନକର୍ମୀ / ଶିକ୍ଷକମାନଙ୍କ ନିମନ୍ତେ କଳା ସମନ୍ୱିତ ଶିକ୍ଷଣ ଅଧିବେଶନ ପରେ ସେମାନଙ୍କର ମାନନିର୍ଦ୍ଧାରଣ ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ଅନ୍ୟ ଶିକ୍ଷଣ ଫଳାଫଳଟି ବିଭିନ୍ନ ବିଷୟ ଓ ଜୀବନ କୌଶଳ ହାସଲ ପାଇଁ, କଳାସମନ୍ୱିତ ଶିକ୍ଷାର ବ୍ୟବହାର ଉପରେ ପର୍ଯ୍ୟବେସିତ ।
- ଆମ ଗ୍ରାମାଞ୍ଚଳର ଅଧିକାଂଶ ପ୍ରାଥମିକ ବିଦ୍ୟାଳୟ ବହୁ ଶ୍ରେଣୀୟ ହୋଇଥାଏ । ତେଣୁ ସେପରି ପରିସ୍ଥିତିରେ କଳା ସମନ୍ୱିତ ଶିକ୍ଷାର ଉତ୍ତମ ପରିଚାଳନା ପାଇଁ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇପାରେ ।
- ପରିଶେଷରେ ଅଂଶ ଗ୍ରହଣକାରୀଙ୍କ  ଶତ ପ୍ରତିଶତ ଅଂଶ ଗ୍ରହଣ ପାଇଁ ଉଚିତ୍ ସମୟ ବ୍ୟବଧାନରେ ଦଳଗତ କାର୍ଯ୍ୟ, ବ୍ୟକ୍ତିଗତ କାର୍ଯ୍ୟ ମାନସ ମନ୍ଥନ ଅଧିବେଶନ, ଦଳଗତ ଆଲୋଚନା ପ୍ରକଳ୍ପ କାର୍ଯ୍ୟ ଆଦିର ବ୍ୟବହାର କରାଯାଇପାରେ ।

### (ଗ) କଳା ସମନ୍ୱିତ ଶିକ୍ଷା (ଦୃଶ୍ୟ ଓ ଅଭିନୟ / ପ୍ରଦର୍ଶିତ କଳା) ରେ କଳା ଶିକ୍ଷକଙ୍କ ଭୂମିକା

କଳା ସମନ୍ୱିତ ଶିକ୍ଷା ବିଦ୍ୟାଳୟର ସମସ୍ତ ସ୍ତରର ଶୈକ୍ଷିକ ଶାସ୍ତ୍ରରେ, କଳା ଶିକ୍ଷାକୁ ଆନନ୍ଦମୟୀ ଓ ଅନୁଭୂତି ସଂପୂର୍ଣ୍ଣ କରିବା ନିମିତ୍ତ ସହାୟକ ହୋଇଥାଏ ଯାହା ଦ୍ୱାରା କଳା ଶିକ୍ଷକଙ୍କ ସହିତ

ସମସ୍ତ ଶିକ୍ଷକ କଳାକୁ ଶିକ୍ଷା ଗ୍ରହଣର ଏକ ମାଧ୍ୟମ ରୂପେ ବୁଝିବେ।

କଳା ସମନ୍ୱିତ ଶିକ୍ଷାରେ କଳା ଶିକ୍ଷକଙ୍କର ଦୁଇ ପ୍ରକାର ଭୂମିକା ଥାଏ।

(କ) କଳାକୁ ଏକ ବିଷୟ ଭାବେ ଶିକ୍ଷା ଦେବା ଓ ଶିକ୍ଷାଗ୍ରହଣ କଲାବେଳେ କଳା ସମନ୍ୱିତ ଶିକ୍ଷାକୁ ବ୍ୟବହାର କରିବା।

(ଖ) ଶ୍ରେଣୀ ଗୃହରେ ଅନ୍ୟ ବିଷୟର ଶିକ୍ଷାଦାନ ସମୟରେ ବିଷୟ ଭିତ୍ତିକ ଶିକ୍ଷକଙ୍କ ସହ ମିଶି ଯୋଜନା କରିବା ଓ ଦଳଗତ ଶିକ୍ଷା ଦେବା। କଳା ସମନ୍ୱିତ ଶିକ୍ଷା, ବର୍ତ୍ତମାନର କଳା ଶିକ୍ଷକଙ୍କୁ ଅଧିକ ଦାୟିତ୍ୱ ନ୍ୟସ୍ତ କରିଛି।

MODULE 3

## କଳା ସମନ୍ୱିତ ଶିକ୍ଷା

## ଅଧିବେଶନ-୧

| | |
|---|---|
| ବିଷୟ: ଇଂରାଜୀ | ଶ୍ରେଣୀ - ଅଷ୍ଟମ |
| ଅଧ୍ୟାୟ : ୮ | |

### 'A short Monsoon Diary'

ଏହି ଅଧିବେଶନ ଶେଷରେ ଶିକ୍ଷାର୍ଥୀମାନେ ନିମ୍ନଲିଖିତ ଶିକ୍ଷଣ ଫଳାଫଳ ଗୁଡ଼ିକ ହାସଲ କରିବେ।

### ଉଚ୍ଚ ପ୍ରାଥମିକ ଇଂରାଜୀରେ ଶିକ୍ଷାର୍ଥୀ

- ବିଦ୍ୟାଳୟ, ସାଧାରଣ ସ୍ଥାନ ଯେପରିକି ବଜାର, ବିମାନ ବନ୍ଦର, ରେଳ ଷ୍ଟେସନ, ସିନେମା ହଲ ଇତ୍ୟାଦିରେ ହେଉଥିବ। ସୂଚନାଗୁଡ଼ିକ ଶୁଣିବେ ଓ ସେହି ଅନୁଯାୟୀ କାର୍ଯ୍ୟ କରିବେ।
- ବିଭିନ୍ନ ପରିପ୍ରେକ୍ଷୀ ଏବଂ ପରିସ୍ଥିତିରେ (ଉଦାହରଣସ୍ୱରୂପ: ବିଷୟ ଆଧାରିତ / ବିଷୟ ବର୍ହିଭୂତ ଅନୁସନ୍ଧାନ ପାଇଁ / କଥୋପକଥନ ସମୟରେ) ଉପଯୁକ୍ତ ଶବ୍ଦ ଓ ଠିକ୍ ବାକ୍ୟ ବ୍ୟବହାର କରି ପ୍ରଶ୍ନ
- ପଚାରିବ।

  ବିଦ୍ୟାଳୟ ଓ ବିଭିନ୍ନ ସଂଗଠନ ଦ୍ୱାରା ହେଉଥିବା ପ୍ରତିଯୋଗିତା ଯଥା - ନାଟକ, କବିତା ଆବୃତ୍ତି, ବ୍ୟଙ୍ଗନାଟକ, ବିତର୍କ, ପ୍ରାଞ୍ଜଳ ଭାଷଣ,
- ଅଳଙ୍କାରିକ ଭାଷଣ, କୁଇଜ ଆଦିରେ ଅଂଶ ଗ୍ରହଣ କରିବ।

  ଗଳ୍ପ (ବାସ୍ତବ ବା କାଳ୍ପନିକ) ଏବଂ ବାସ୍ତବ ଜୀବନର ଅନୁର୍ଭୂତିକୁ
- ବର୍ଣ୍ଣନା କରିବ।

MODULE 3

- ପଢ଼ିବ, ତୁଳନାକରିବ, ବିରୋଧ / ଅସମତାକୁ ତୁଳନା କରିବ ଏବଂ ସମାଲୋଚନା ପୂର୍ବକ ଚିନ୍ତନ କରି ଭାବନାଗୁଡ଼ିକୁ ଜୀବନ ସହ ଯୋଡ଼ିବ ।
- ଖବର କାଗଜ, ନୋଟିସ ବୋର୍ଡ଼, ଅନଲାଇନ ବା ମୁଦ୍ରଣ ଇତ୍ୟାଦିରୁ ତଥ୍ୟ / ଖବର ସଂଗ୍ରହ କରି ଲେଖା ପ୍ରସ୍ତୁତ କରିବ ।

ଯେହେତୁ ଦକ୍ଷତା ଭିତ୍ତିକ ଶିକ୍ଷଣ ଉପରେ ଏହି ପ୍ରଦର୍ଶିକା ଗୁରୁତ୍ୱଦିଏ, ଶିକ୍ଷଣ ଫଳାଫଳ ଉପରେ ଗୁରୁତ୍ୱ ଦେଇ ପ୍ରଦର୍ଶିକାର ଶିକ୍ଷଣ - କାର୍ଯ୍ୟ ଗୁଡ଼ିକ ପ୍ରସ୍ତୁତ କରାଯାଇଛି । ସମସ୍ତ ଶିକ୍ଷଣକାର୍ଯ୍ୟଗୁଡ଼ିକ ଶିକ୍ଷଣ ଫଳାଫଳ ଉପରେ ପର୍ଯ୍ୟବେସିତ ଏବଂ ଏ ସମସ୍ତ ଏନ.ସି.ଇ.ଆର.ଟି. ପାଠ୍ୟପୁସ୍ତକ ଆଧାରିତ ।

ପ୍ରତ୍ୟେକ ରାଜ୍ୟ ନିଜର ପାଠ୍ୟ ପୁସ୍ତକ/ସିଲାବସକୁ ଉସ୍ ହିସାବରେ ନେଇପାରିବେ ।

## ଆବଶ୍ୟକୀୟ କଳା ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ

କାଗଜ, ପେନସିଲ୍, କଇଁଚି, ଅଠା, ଚାର୍ଟ ପେପର, ରଙ୍ଗୀନ ପେନସିଲ, ପୁରୁଣା ଖବର କାଗଜ, ମ୍ୟାଗାଜିନ୍, ସ୍କେଚ୍‌ପେନ୍, ଡବଲ ସାଇଡ୍ ଟେପ୍, ସେଲୋ ଟେପ୍ । (କଳା ସମନ୍ୱିତ ଶିକ୍ଷଣ କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ସ୍ଥାନୀୟ ସମ୍ବଳକୁ ଅଗ୍ରାଧିକାର ଦିଆଯାଇପାରେ ।)

ସମୟ ନିର୍ଘଣ୍ଟ - ୨ ଘଣ୍ଟା ୪୦ ମିନିଟ୍

## ଶୈକ୍ଷିକ କାର୍ଯ୍ୟଧାରା

### କାର୍ଯ୍ୟ- ୧ ( ୧୦ ମିନିଟ୍)

**ବର୍ଷା ସମୟ (ଅଙ୍ଗୁଳି ସାହାଯ୍ୟରେ ବର୍ଷା ବୁନ୍ଦା ବଢ଼ିବାର ଶବ୍ଦ ସୃଷ୍ଟି ଏବଂ ବର୍ଷାରେ ଭିଜିବା ଭଳି ଅନୁଭବ କରିବା) ।**



ସହାୟକ / ସାଧନକର୍ମୀ ସମସ୍ତ ପ୍ରଶିକ୍ଷାର୍ଥୀ / ଅଂଶ ଗ୍ରହଣକାରୀଙ୍କୁ ଠିଆ ହେବା ପାଇଁ କହିବେ । ସମସ୍ତଙ୍କୁ ବାମ ପାପୁଲି ଉପରେ ଡାହାଣ ପାପୁଲିର ଗୋଟିଏ ଅଙ୍ଗୁଳି ନେଇ ତାଳି ବଜାଇବା / ଧ୍ୱନୀ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେବେ । ପରେ ଦୁଇ, ତିନି, ଚାରି ଓ ଶେଷରେ ପାଞ୍ଚଟି ଅଙ୍ଗୁଳିବା ପାଇଁ କହିବେ । ସହାୟକଙ୍କ ନିର୍ଦ୍ଦେଶାନୁସାରେ ୧ ରୁ ୫ ଓ ୫ ରୁ ୧ ଅଙ୍ଗୁଳି ସାହାଯ୍ୟରେ ତାଳି ବଜାଇବା କାର୍ଯ୍ୟଟି ସଂପୂର୍ଣ୍ଣ ହେବ । ତା'ପରେ ଆଖି ବନ୍ଦ କରି ଏହି

କାର୍ଯ୍ୟଟିକୁ ପୁନର୍ବାର କରାଯିବ। ୧ ରୁ ୫ ଅଙ୍ଗୁଳିରେ ତାଳି ହାଲ୍‌କାରୁ ପ୍ରବଳ ବର୍ଷା ଓ ୫ ରୁ ୧ ଅଙ୍ଗୁଳିରେ ତାଳି ପ୍ରବଳରୁ ହାଲକା ବର୍ଷାର ଅନୁଭୂତି ଦେବ।

MODULE 3

ଏହାପରେ ଅର୍ଦ୍ଧେକ ଅଂଶ ଗ୍ରହଣକାରୀ ବର୍ଷା ହେବା ଧ୍ୱନୀ ସୃଷ୍ଟି କରିବେ ଓ ଅନ୍ୟମାନେ ଆଖି ବନ୍ଦ କରି ବର୍ଷାକୁ ଉପଭୋଗ କରିବେ।

**ଶିକ୍ଷଣ କାର୍ଯ୍ୟର ଅଗ୍ରଗତି ନିମନ୍ତେ ପ୍ରସ୍ତାବିତ ପ୍ରଶ୍ନ ଏହିପରି ହୋଇପାରିବ।**

1. Could you hear the sound of rain?
2. Could you remember any childhood or other experience/s related to rain?
3. How did it feel when you were pretending to be in the rain?

**କାର୍ଯ୍ୟ-୨ (୧୦ ମିନିଟ୍)**

**Theatre game on Rain (ଦଳ ଗଠନ ପାଇଁ)**

ସାଧନକର୍ମୀ ଅଂଶ ଗ୍ରହଣକାରୀମାନଙ୍କୁ ସ୍ପଷ୍ଟ ସୂଚନା ଦେବେ ଏବଂ ସେମାନଙ୍କର ବୁଝିବାକୁ ସୁନିଶ୍ଚିତ କରିବେ।

**ସୂଚନା (Instructions)**

ସମସ୍ତ ଅଂଶ ଗ୍ରହଣକାରୀ ତାଳ, ସ୍ୱର, ଲୟ ସହ heavy rain is falling run, run...ଗୀତଟିକୁ ବୁଲି ବୁଲି ଗାଇବେ। ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ କାଳ୍ପନିକ / ଅବାସ୍ତବ ବର୍ଷାରୁ ରକ୍ଷା କରିବା ପାଇଁ ଆଶ୍ରୟସ୍ଥଳୀକୁ କିଛି ସଂଖ୍ୟାର ନାମ ନେଇ ଡାକିବେ ଏବଂ ସେ ଯେଉଁ ସଂଖ୍ୟାର ନାମ ନେବେ ଅଂଶ ଗ୍ରହଣକାରୀମାନେ ସେହି ସଂଖ୍ୟକ ହୋଇ ଦଳ ଗଠନ କରିବେ।

**ଉଦାହାରଣସ୍ୱରୂପ** : ସାଧନକର୍ମୀ ୫ କହିଲେ, ୫ ଜଣ ଅଂଶଗ୍ରହଣକାରୀ ଯଥାଶୀଘ୍ର ଏକାଠି ହୋଇ ଦଳଗଠନ କରିବେ। ଏହାଠାରୁ ଅଧିକ ବା କମ୍ ସଂଖ୍ୟା ହୋଇ ଦଳଗଠନ କଲେ ସେମାନେ ଖେଳରୁ ବାହାରି ଯିବେ। ସମସ୍ତ ଅଂଶଗ୍ରହଣକାରୀ ଆବଶ୍ୟକୀୟ ଦଳରେ ଭାଗ ହେବା ପର୍ଯ୍ୟନ୍ତ ଖେଳଟି ଚାଲୁ ରହିବ।

ସମସ୍ତ ଅଂଶ ଗ୍ରହଣକାରୀ Heavy rain is falling run, ... run run ... ପଂକ୍ତିଟିକୁ ଗାଇ ବିଭିନ୍ନ ଦିଗରେ ଦୌଡ଼ିବେ। ସଂଗୀତର

MODULE 3

ତାଳେ ତାଳେ ଧାଇଁବାର ବେଗ ବଢୁଥିବ ଏବଂ ସୂଚନା ଅନୁଯାୟୀ କାର୍ଯ୍ୟ କରୁଥିବେ। ଏହାର ଉଦ୍ଦେଶ୍ୟ କେବଳ ଦଳଗଠନ ନୁହେଁ ବରଂ ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ଅଂଶ ଗ୍ରହଣକୁ ନିଶ୍ଚିତ କରିବା ତଥା ନାଟକ ମାଧ୍ୟମରେ ସେମାନଙ୍କୁ ବର୍ଷା ଓ ଜଳ ସହ ସଂଯୁକ୍ତ କରିବା। ସର୍ବୋପରି ଅଂଶ ଗ୍ରହଣକାରୀମାନେ ଯେପରି ବାସ୍ତବରେ ଭାରୀ ବର୍ଷାର ସମ୍ମୁଖୀନ ହେଉଛନ୍ତି ଏବଂ ପ୍ରକୃତରେ ଆଶ୍ରୟ ସ୍ଥଳୀର ସନ୍ଧାନରେ ଅଛନ୍ତି ସେପରି ଅଭିନୟ କରିବେ। ପ୍ରତ୍ୟେକ ଦଳକୁ ଗୋଲାକାର / ମୁହାଁମୁହିଁ ହୋଇ ବସିବା ପାଇଁ କୁହାଯିବ। ଯଦି ଆଗରୁ ଏହି ବ୍ୟବସ୍ଥା ହୋଇଥାଏ ତେବେ ଏହା ଅଧିକତର ଭଲ ହେବ।

ତା’ ପରେ କାର୍ଯ୍ୟ ପ୍ରଶ୍ନୋତ୍ତର ମାଧ୍ୟମରେ ହେବ। ସହାୟକ ବିଷୟବସ୍ତୁ ଆଧାରିତ ବିଭିନ୍ନ ପ୍ରଶ୍ନ ପଚାରିବେ।

**Suggested Questions:**

1. What were you thinking when you are running for the Shelter?
2. Who would like to share their experience of this situation?

- (5/6-ଜଣ ପ୍ରଶ୍ନର ଉତ୍ତର ଦେବେ ଯେପରି କି ସମସ୍ତଙ୍କର ଉତ୍ତର ଭିନ୍ନ ଭିନ୍ନ ହୋଇଥିବ)



**ଶିକ୍ଷା ସହିତ ମାନନିର୍ଦ୍ଧାରଣ**

- ଶିକ୍ଷାର୍ଥୀମାନେ ବର୍ଷା ସମ୍ବନ୍ଧୀୟ ଅନୁଭୂତିକୁ ଆଲୋଚ୍ୟ ବିଷୟ ସହ ସଂଯୋଗ କରି ଅନୁସନ୍ଧାନ କରିବେ ଓ ଶିଖିବେ।
- ଶିକ୍ଷାର୍ଥୀମାନେ ଚିନ୍ତା କରିବେ, ଅନୁସନ୍ଧାନ କରିବା, କଳ୍ପନା କରିବେ, ଭାବ ବିନିମୟ କରିବେ ଓ ପରସ୍ପରର କଥା ଶୁଣିବେ। ଉତ୍ତର ଦେବାର ପ୍ରଚେଷ୍ଟା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ ଉତ୍ସାହିତ ଓ ପ୍ରଶଂସା କରିବା।
- ସହାୟକ ପ୍ରଥମେ ଶିକ୍ଷାର୍ଥୀମାନଙ୍କର ଗ୍ରହଣ କରିବା ଦକ୍ଷତା, ଏକାଗ୍ରତା, ଉପସ୍ଥିତ ବୁଦ୍ଧି, ମନେରଖିବାର ଦକ୍ଷତା, ସୂଚନାକୁ ଅନୁସରଣ କରିବା ଦକ୍ଷତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିପାରିବେ।

ଅଂଶ ଗ୍ରହଣକାରୀମାନେ ଅନୁଭୂତିକୁ ବର୍ଣ୍ଣନା କରିବା ବେଳେ ଶବ୍ଦ ଭଣ୍ଡାର ଏବଂ କଥାବାର୍ତ୍ତା ଶୈଳୀର ଦକ୍ଷତାକୁ ବ୍ୟବହାର କରିବେ।

**କାର୍ଯ୍ୟ - ୩ (୩୦ ମିନିଟ୍)**

MODULE 3

**● ପୋଷ୍ଟର ତିଆରି / ପ୍ରଚାର ପତ୍ର ତିଆରି (ଦଳଗତ କାର୍ଯ୍ୟ)**

ପ୍ରଥମେ ମାନସ ମନ୍ଥନ ଆଧାରିତ ପ୍ରଶ୍ନ ପଚରାଯିବ।

- How important do you think rains are for us today?
- Do you think water is an issue today?
- How do you think water can impact our lives or life on the earth?

How do you think that water is a precious resource for us?

ଉପରୋକ୍ତ ପ୍ରଶ୍ନକୁ ଆଧାରି କରି ପ୍ରତ୍ୟେକ ଦଳ ପୋଷ୍ଟର / କୋଲାଜ ପ୍ରସ୍ତୁତ କରିବେ। ପୋଷ୍ଟର / କୋଲାଜଗୁଡ଼ିକ ଲିଖିତ, ବିଷୟବସ୍ତୁଗୁଡ଼ିକ ଦୃଶ୍ୟମାନ ଏବଂ ଅଭିବ୍ୟକ୍ତ ହେବା ଉଚିତ୍। ଦଳଗତ କାର୍ଯ୍ୟ ମାଧ୍ୟମରେ ନିଜ ଦଳର ଚିନ୍ତାଶକ୍ତି ପରିପ୍ରକାଶ ହେବା ଉଚିତ୍। ସମସ୍ତେ, (ବାଧିତ ଶିଶୁମାନଙ୍କ ଅନ୍ତର୍ଭୁକ୍ତ କରାଯିବ) ଏହି ପ୍ରକ୍ରିୟାର ଏକ ଅଂଶ ବିଶେଷ ହେବା ଉଚିତ୍। ଯଦି ପ୍ରତି ଦଳର ଦଳପତି ବିଷୟ ଭିତ୍ତିକ ମାନସ ମନ୍ଥନ ପ୍ରକ୍ରିୟାକୁ ଆଗେଇ ନିଅନ୍ତି ତେବେ ତାହା ଭଲ ହେବ।

**ମାନସ ମନ୍ଥନ :** ପିଲାମାନଙ୍କ ଭିତରେ ଥିବା ସୃଜନଶୀଳତାକୁ ଗତିଶୀଳ କରାଇବା ଏବଂ ନର୍ଦ୍ଦିଷ୍ଟ ପ୍ରସଙ୍ଗରେ କିଛି ନୂତନତ୍ୱ ବାହାର କରିବା ପାଇଁ ଉତ୍ସାହିତ କରିବାକୁ ଏହା ଏକ ପ୍ରୟୋଗାତ୍ମକ ପ୍ରକ୍ରିୟା। ଏହି ପ୍ରକ୍ରିୟା ସମୟରେ ମୂଲ୍ୟାୟନ କରାଯାଏ ନାହିଁ ଯେହେତୁ ଏଥିରେ କୌଣସି ଠିକ୍ ବା ଭୁଲ୍ ଉତ୍ତର ନଥାଏ।

**ମାନ ନିର୍ଦ୍ଧାରଣ :** ଏହି ପର୍ଯ୍ୟାୟରେ ପର୍ଯ୍ୟବେକ୍ଷଣ ଫର୍ଦ୍ଦ ମାଧ୍ୟମରେ ମାନ ନିର୍ଦ୍ଧାରଣ କରିବାର ସୁଯୋଗ ଯୋଗାଇଥାଏ। ମାନ ନିର୍ଦ୍ଧାରଣର ଏହା ଏକ ସଠିକ୍ ମାଧ୍ୟମ ଅଟେ। ପ୍ରସ୍ତୁତ ହୋଇଥିବା ପୋଷ୍ଟରର ମାନନିର୍ଦ୍ଧାରଣ ପୋର୍ଟ ଫୋଲିଓ ମାଧ୍ୟମରେ କରାଯାଇପାରେ।

MODULE
3

## କାର୍ଯ୍ୟ-୪ (୩୦ ମିନିଟ୍)

### ଉପସ୍ଥାପନା ଏବଂ ଅନୁକୂଳ ମତ

ପୋଷ୍ଟର କୋଲାଜ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ପ୍ରତ୍ୟେକ ଦଳ ନିଜ ନିଜର କାର୍ଯ୍ୟକୁ ଉପସ୍ଥାପନ କରିବେ ଏବଂ ବିଷୟଗତ ଚିନ୍ତାଧାରାକୁ ପରିପ୍ରକାଶ କରିବେ।

### ସ୍ୱ-ମାନ ନିର୍ଦ୍ଧାରଣ ଏବଂ ସହପାଠୀଙ୍କ ଦ୍ୱାରା ମାନ ନିର୍ଦ୍ଧାରଣ

ପିଲାମାନଙ୍କର ବିଷୟ ବସ୍ତୁର ଚିତ୍ରଣ ତଥା ପୋଷ୍ଟର କୋଲାଜ ମାଧ୍ୟମରେ ପରିପ୍ରକାଶକୁ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ କରି ସ୍ୱମୂଲ୍ୟାୟନ ବା ସହପାଠୀଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇପାରେ। ଶିକ୍ଷଣକାର୍ଯ୍ୟକୁ ବ୍ୟବହାର କରି ସେମାନଙ୍କର ଦକ୍ଷତାର ମାନନିର୍ଦ୍ଧାରଣ ପାଇଁ କଳାକୁ ଏକ ମାଧ୍ୟମ ରୂପେ ନିଆଯାଇପାରେ।

### ସ୍ୱ ଓ ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ ପାଇଁ ପ୍ରସ୍ତାବିତ ସୂଚକ

**(୧) ନିଜସ୍ୱ ମାନ ନିର୍ଦ୍ଧାରଣ**

- ମାନସମନ୍ୱନ ହୋଇଥିଲା କି ?
- ଦଳଗୁଡ଼ିକ ମଧ୍ୟରେ ସମନ୍ୱୟ ଥିଲା କି ?
- ପୋଷ୍ଟର ପ୍ରସ୍ତୁତି କାର୍ଯ୍ୟଟି, ଦଳଗତ କାର୍ଯ୍ୟ ନହୋଇ ବ୍ୟକ୍ତିଗତ କାର୍ଯ୍ୟ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ତୁମେ ଭାବୁଛ କି ?

**(୨) ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ**

- ଦିଆଯାଇଥିବା ବିଷୟବସ୍ତୁ ସହ ପୋଷ୍ଟର ବିଷୟବସ୍ତୁ / ବାର୍ତ୍ତା କିପରି ପ୍ରଯୁଜ୍ୟ ହୋଇଥିଲା ?
- ପୋଷ୍ଟରକୁ ଦେଖି ବିଷୟ ବସ୍ତୁର ଭାବ ଗ୍ରହଣ କରାଇବାରେ ଦଳ ସକ୍ଷମ ହୋଇଥିଲା କି ?
- ପୋଷ୍ଟରଟି ପଢ଼ିବା ଯୋଗ୍ୟ ଥିଲା କି ?
- ପୋଷ୍ଟରଟିର ଉପସ୍ଥାପନା ଓ ବ୍ୟାଖ୍ୟା ପୋଷ୍ଟରରେ ଦିଆଯାଇଥିବା ବିଷୟବସ୍ତୁ ସହ ସାମଞ୍ଜସ୍ୟ / ସଂପର୍କିତ ଥିଲା କି ?
- ସର୍ବୋପରି ପୋଷ୍ଟରଟିର ପ୍ରଭାବ କିପରି ଥିଲା ?

MODULE 3

## ପରବର୍ତ୍ତୀ କାର୍ଯ୍ୟ (୧୦ ମିନିଟ୍)

ଦଳଗତ ଉପସ୍ଥାପନା ପରେ ପ୍ରସ୍ତାବିତ ପ୍ରଶ୍ନୋତ୍ତର କାର୍ଯ୍ୟ (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୮ - ୧୦ ଟି ଉତ୍ତର ରହିପାରିବ)

**ଟିପ୍ପଣୀ :** ଅଂଶ ଗ୍ରହଣକାରୀଙ୍କ ଉତ୍ତରକୁ ଚାର୍ଟ ପେପର / ବୋର୍ଡ଼ରେ ଲେଖାଯାଇ ଅଧିବେଶନଟିର ସଂକ୍ଷେପଣ କରାଯିବ ।

- ଏହି ଶିକ୍ଷଣ କାର୍ଯ୍ୟଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛ ?
- କେଉଁଠାରେ ବର୍ଷାର ଅନୁଭୂତି ଓ ବର୍ଷାର ଗୁରୁତ୍ୱକୁ ଯୋଡାଯାଇ ପାରିବ ?
- ଏହି ଶିକ୍ଷଣ କାର୍ଯ୍ୟଟି ପିଲାମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ କିପରି ସାହାଯ୍ୟ କରିବ ବୋଲି ତୁମେ ଭାବୁଛ ?

## କାର୍ଯ୍ୟ-୫ (୧୦ ମିନିଟ୍)

ଦଳଗତ କାର୍ଯ୍ୟ ଓ ଉପରୋକ୍ତ ଆଲୋଚନା ପରେ ସହାୟକ କଳା ସମନ୍ୱିତ ଶିକ୍ଷାର ଧାରଣାକୁ ସ୍ପଷ୍ଟୀକରଣ କରିବେ ।

୧. କଳା ସମନ୍ୱିତ ଶିକ୍ଷଣ କ'ଣ ?

୨. ଦୃଶ୍ୟକଳା ଓ ପ୍ରଦର୍ଶିତ / ଅଭିନୟ / କ୍ରିୟାତ୍ମକ କଳା କହିଲେ କ'ଣ ବୁଝ ?

୩. କଳା ଶିକ୍ଷା ଓ କଳା ସମନ୍ୱିତ ଶିକ୍ଷା ମଧ୍ୟରେ କି ପାର୍ଥକ୍ୟ ରହିଛି ?

୪. ଶିକ୍ଷାକୁ ସାମଗ୍ରିକ ଓ ଅନୁଭୂତି ସଂପନ୍ନ କରିବା ପାଇଁ କଳାର ଭୂମିକା କ'ଣ ?

୫. ଶିକ୍ଷଣ ଫଳାଫଳକୁ ହାସଲ କରିବା ପାଇଁ କଳା ସମନ୍ୱିତ ଶିକ୍ଷଣ କିପରି ସାହାଯ୍ୟ କରେ ?

୬. କଳା ସମନ୍ୱିତ ଶିକ୍ଷଣକୁ ଆନନ୍ଦଦାୟୀ ଶିକ୍ଷା ଭାବରେ କାହିଁକି ଗ୍ରହଣ କରାଯାଇଛି ?

୭. ଅନ୍ତର୍ନିବେଶୀ ଶିକ୍ଷା ପରିସ୍ଥିତିରେ, କଳା ସମନ୍ୱିତ ଶିକ୍ଷଣ କିପରି ସାହାଯ୍ୟ କରୁଛି ?

MODULE 3

ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦର୍ଶିକାରେ ପୂର୍ବରୁ ସୁବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି । ବିଷୟ ଭିତ୍ତିକ ସବିଶେଷ ବିବରଣୀ ନିମନ୍ତେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ପ୍ରଦର୍ଶିକାର ୪ ଏବଂ ୫ରେ ଥିବା ବାରମ୍ବାର ପଚରା ଯାଉଥିବା ପ୍ରଶ୍ନର ସାହାଯ୍ୟ ନିଆଯାଇପାରେ ।

www.ncert.nic.in/departments/ www.ncert.nic.in

## କାର୍ଯ୍ୟ -୬ (୨୫ ମିନିଟ୍)

**କଳା ସମନ୍ୱିତ ଶିକ୍ଷଣ ପାଇଁ ଶିକ୍ଷଣ କାର୍ଯ୍ୟର ଯୋଜନା ପ୍ରସ୍ତୁତି ଓ ଦଳଗତ କାର୍ଯ୍ୟ** : ଶ୍ରେଣୀର ବିଭିନ୍ନ ବିଷୟକୁ ଆଧାର କରି ଅଂଶ ଗ୍ରହଣକାରୀ ମାନଙ୍କୁ ଦଳରେ ବିଭକ୍ତ କରାଯିବ ଯେପରିକି ପ୍ରାଥମିକ ସ୍ତରରେ – ଭାଷା, ପରିବେଶ ବିଜ୍ଞାନ ଓ ଗଣିତ, ଉଚ୍ଚ ପ୍ରାଥମିକ ସ୍ତରରେ – ଭାଷା ( ଇଂରାଜୀ – ଓଡ଼ିଆ) ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ଗଣିତ ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କ ସଂପୃକ୍ତି ନିମନ୍ତେ ଉତ୍ସାହିତ କରାଯିବ । କଳା ସମନ୍ୱିତ ଶିକ୍ଷଣ ପନ୍ଥାକୁ ବ୍ୟବହାର କରି ପ୍ରସ୍ତୁତ କରିବାରେ ଏହା ସୁଯୋଗ ଦେଇଥାଏ ।

## ଶିକ୍ଷଣକାର୍ଯ୍ୟ - ୭ ( ୨୫ ମିନିଟ୍)

**ଉପସ୍ଥାପନା ଓ ଅନୁକୂଳ ମତ**

ବିଷୟ ଭିତ୍ତିକ, କଳା ସମନ୍ୱିତ ଶିକ୍ଷଣ ପାଇଁ ଯୋଜନା ପ୍ରସ୍ତୁତି ଶେଷ ହେବା ପରେ ପ୍ରତ୍ୟେକ ଦଳ, ନିଜ ଦଳର କାର୍ଯ୍ୟକୁ ଉପସ୍ଥାପନା କରିବେ ।

**(ଲକ୍ଷ୍ୟ ଭିତ୍ତିକ ଶିକ୍ଷଣ ଫଳାଫଳ ହାସଲ ପାଇଁ ମାନନିର୍ଦ୍ଧାରଣ ପ୍ରକ୍ରିୟା ବ୍ୟବହାର କରାଯାଇପାରେ ।**

## ଶିକ୍ଷଣ କାର୍ଯ୍ୟ-୮ ( ୧୦ ମିନିଟ୍)

କଳା ସମନ୍ୱିତ ଶିକ୍ଷଣର ମୁଖ୍ୟାଂଶଗୁଡ଼ିକୁ ସଂକ୍ଷେପରେ ମନେ ପକାଇବା (ପ୍ରଶ୍ନୋତ୍ତର ମାଧ୍ୟମରେ)

- ଦୃଶ୍ୟକଳା ଆଧାରିତ ୩ ଟି ଶିକ୍ଷଣ କାର୍ଯ୍ୟର ନାମ କୁହ ?
- ଅଭିନୟ କଳା ପାଇଁ କ'ଣ କ'ଣ ପଦକ୍ଷେପ ନେବା ଆବଶ୍ୟକ ?
- କଳା ସମନ୍ୱିତ ଶିକ୍ଷା କ'ଣ ?
- ବିଷୟ ଭାବେ କଳା ଶିକ୍ଷା ଓ କଳା ସମନ୍ୱିତ ଶିକ୍ଷା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

MODULE 3

- କଳା ସମନ୍ୱିତ ଶିକ୍ଷା ଅନୁଭୂତି ଶିକ୍ଷଣକୁ କିପରି ପ୍ରୋତ୍ସାହିତ କରୁଛି ବର୍ଣ୍ଣନା କର ।
- ଶିକ୍ଷଣ ଫଳାଫଳକୁ ହାସଲ କରିବାରେ କଳା ସମନ୍ୱିତ ଶିକ୍ଷା ସହାୟକ ହୋଇପାରୁଛି କି ?
- କଳା ସମନ୍ୱିତ ଶିକ୍ଷା, ବିଦ୍ୟାଳୟ ଶିକ୍ଷାର ଯେ କୌଣସି ସ୍ତର ନିମନ୍ତେ ପ୍ରଯୁଜ୍ୟ ହୋଇପାରିବ । ଆପଣ ଏହି ଉକ୍ତି ସହ ଏକମତ କି ? ଏହି ଅଧିବେଶନ ସହ ସମ୍ଭାବ୍ୟ ଅର୍ନ୍ତସମ୍ବନ୍ଧ ।

**Upper Primary Stage**

- English, VIII, Chapter No-2, 'Tusanmi'
- Hindi, Vii, (Vasant, Part-III, Chapter (No -16) (Bhor aur Barkha)
- Hindi, VIII (Vasant, Part- IIII) Chapter (No – 16) (Pani ki Kahani)
- Hindi, VII ( Durva, Part-IIII), Chapter ( No-14) 'Pani aur Dhoop'
- Science, VI Chapter No -14, 'water'
- Science VII, Chapter No – 16, water : A Precious Resource' (chapter No- 18 ' waste water story'
- Science, VIII, Chapter No-18, pollution of Air and waste

**Primary Stage**

- EVS, V Chapter No – 6, Every drop counts chapter No-7
- Experiments with water.
- Hindi, V, (Rimjhim), Chapter No-16, Pani Repani, Chapter No-17 ' Choti Si Hamari Nadi'

ଏହି ଉଦାହରଣ ଗୁଡ଼ିକ ଏନ.ସି.ଇ.ଆର.ଟି ପାଠ୍ୟପୁସ୍ତକରୁ ନିଆଯାଇଛି । ରାଜ୍ୟ ପାଠ୍ୟପୁସ୍ତକରୁ ମଧ୍ୟ ଉଦାହରଣ ନିଆଯାଇପାରେ ।

MODULE 3

## ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ନିମନ୍ତେ ବିଭିନ୍ନ ବିଷୟରେ ସମ୍ଭାବ୍ୟ ଶିକ୍ଷଣ ଫଳାଫଳ

### ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ

**ଶିକ୍ଷାର୍ଥୀ :**

- ପ୍ରକ୍ରିୟା ଓ ଘଟଣାବଳୀ ସହିତ କାରଣକୁ ସଂପର୍କିତ କରିବ। ଉଦାହରଣ – ବାୟୁ ପ୍ରଦୂଷଣ ଯୋଗୁଁ କୁହୁଡ଼ି / ଧୂଆଁର ମିଶ୍ରଣକୁ କୁଜଝଟିକାର ପ୍ରସ୍ତୁତି ହୋଇଥାଏ। ମଣିଷର ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ଜଳର ଅପଚୟ ଘଟୁଛି ଇତ୍ୟାଦି।
- ବିଜ୍ଞାନ ଭିତ୍ତିକ ଧାରଣାର ଶିକ୍ଷଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବ। ଉଦାହରଣ-ଜଳର ବିଶୁଦ୍ଧି କରଣ ଦୂଷିତ ଜଳର ପୁନଃ ବ୍ୟବହାର ପାଇଁ ଏହାର ପ୍ରତିକାର କରିବ।
- ଉଦାହରଣ – ଆବଶ୍ୟକତା ଅନୁଯାୟୀ ସମ୍ବଳକୁ ବ୍ୟବହାର କରିବ ଯଥା- ପରିବେଶର ସୁରକ୍ଷା ପାଇଁ ପଦକ୍ଷେପ ନେବ। ରାସାୟନିକ ସାର, କୀଟନାଶକର ବ୍ୟବହାର କରିବ।
- ପରିବେଶଗତ ସଙ୍କଟ ସହ ସମଯୋଜନ କରିବା ପାଇଁ ଉପାୟ ଚିନ୍ତା କରିବ, ଇତ୍ୟାଦି
- ଉପଲବ୍ଧ ହେଉଥିବା ସମ୍ବଳର ବ୍ୟବହାର ନିମିତ୍ତ ଯୋଜନା ଓ ଡିଜାଇନ୍ ପ୍ରସ୍ତୁତିରେ ସୃଜନଶୀଳତା ପ୍ରଦର୍ଶନ କରିବ।
- ସାଧୁତା, ବସ୍ତୁନିଷ୍ଠତା, ସହଯୋଗିତା ଏବଂ ଭୟ ଓ ଅନ୍ଧବିଶ୍ୱାସରୁ ମୁକ୍ତ ହେବା ଇତ୍ୟାଦି ମୂଲ୍ୟବୋଧକୁ ପ୍ରଦର୍ଶନ କରିବ।

### ଉଚ୍ଚ ପ୍ରାଥମିକ ସ୍ତରର ହିନ୍ଦୀରେ

**ଶିକ୍ଷାର୍ଥୀ**

- ଶୁଣିଥିବା ବା ପଢ଼ିଥିବା କଥା / ରଚନା (ହାସ୍ୟ, ସାହସିକ, ସାମାଜିକ ଘଟଣା ଉପରେ ଆଧାରିତ କାହାଣୀ, କବିତା)ର ବିଷୟବସ୍ତୁକୁ ବର୍ଣ୍ଣନା କରିବ।
- ଘଟଣାବଳୀ, ଚରିତ୍ରକୁ, ଶୀର୍ଷକ ଆଦି ବିଷୟରେ କଥାବାର୍ତ୍ତା କରିବା, ପ୍ରଶ୍ନ ପଚାରିବ।

- ନିଜସ୍ୱ ମତ ଦେବ। ନିଜ କଥା ପାଇଁ ତର୍କ କରିବ, ସାରାଂଶ ନିର୍ଣ୍ଣୟ କରିବ।
- ନିଜ ଆଖପାଖରେ ଘଟୁଥିବା ବିଭିନ୍ନ ଘଟଣାବଳୀ ପ୍ରତି ଧ୍ୟାନ ଦେଇ ନିଜର ମୌଖିକ ପ୍ରତିକ୍ରିୟା ଦେବ ଓ ପ୍ରଶ୍ନ ପଚାରିବ।
- ସ୍ୱଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଅନୁଶୀଳନୀ, ଅନ୍ତର୍ଗତ ଲିଖନ ପ୍ରଣାଳୀକୁ ଠିକ୍ ଭାବରେ ବୁଝିବା ସହିତ ନିଜ ଲିଖନର ମୂଲ୍ୟାୟନ କରିବ ଓ ଲିଖନର ଉଦ୍ଦେଶ୍ୟ ଓ ପାଠକ ଅନୁସାରେ ଲିଖନ ଶୈଳୀକୁ ବଦଳାଇ ପାରିବ।
- ସ୍ତର ଅନୁଯାୟୀ ଅନ୍ୟ ବିଷୟ ବିବିଧ କଳା (ଯଥା - ଗଣିତ, ବିଜ୍ଞାନ, ସାମାଜିକ ପାଠ, ନୃତ୍ୟ କଳା, ଚିକିତ୍ସା ଆଦି)ରେ ପ୍ରଯୁକ୍ତ ହେଉଥିବା ଶବ୍ଦାବଳୀ କୁ ବୁଝିବ ଓ ସନ୍ଦର୍ଭ ଓ ସ୍ଥିତି ଅନୁସାରେ ସେଗୁଡ଼ିକ ଲେଖିବା ବେଳେ ପ୍ରୟୋଗ କରିବ।

**ଉଚ୍ଚ ପ୍ରାଥମିକ ସ୍ତରର କଳା ଶିକ୍ଷାରେ**

**ଶିକ୍ଷାର୍ଥୀ**

- ଶ୍ରେଣୀ ଗୃହ ଓ ଶ୍ରେଣୀ ଗୃହ ବାହାରେ କଳା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟରେ ଅଂଶ ଗ୍ରହଣ କରିବ ଓ ନିଜ ସାଙ୍ଗସାଥୀଙ୍କ ଦ୍ୱାରା କରାଯାଇଥିବା କଳାତ୍ମକ କାର୍ଯ୍ୟକୁ ଉପଭୋଗ କରିବ, କଳା ସାମଗ୍ରୀ ବ୍ୟବହାର କରିବା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବ।
- ବିଭିନ୍ନ ବିଷୟ ବସ୍ତୁ ଉପରେ ପୋଷ୍ଟର ତିଆରି କରିବ, ସାମାଜିକ ଓ ପରିବେଶଗତ ବିଷୟବସ୍ତୁ ଉପରେ ଏକ ନାଟକ ପ୍ରସ୍ତୁତ କରିବ।
- କଳାର ଦକ୍ଷତାକୁ ପ୍ରଦର୍ଶନ କରିବ। (ଯେପରି - ଶ୍ରେଣୀ ଗୃହ ଓ ବାହାର ପରିବେଶ ସୁନ୍ଦର ଓ ସଫା ରଖିବ, ଶ୍ରେଣୀ ଗୃହ ସଜ୍ଜୀକରଣରେ ସାହାଯ୍ୟ କରିବ, ଆଗ୍ରହର ସହିତ ଦୃଶ୍ୟ କଳାରେ ଅଂଶ ଗ୍ରହଣ କରିବ ଓ ଅଭିନୟ କଳାରେ ଦକ୍ଷତାକୁ ଉପସ୍ଥାପନ କରିବ ଇତ୍ୟାଦି।

**ପ୍ରାଥମିକ ସ୍ତରର ପରିବେଶ ବିଜ୍ଞାନରେ**

**ଶିକ୍ଷାର୍ଥୀ**

- ଦୈନନ୍ଦିନ ଜୀବନର ମୌଳିକ ଆବଶ୍ୟକତା (ଖାଦ୍ୟ, ଜଳ....)ର ବିଭିନ୍ନ ଉତ୍ସରୁ ଆସିବାର ପ୍ରକ୍ରିୟାକୁ ବର୍ଣ୍ଣନା କରିବ। (ଯଥା-ଜଳର ଉତ୍ସର ସଂରକ୍ଷଣ), ସମ୍ବଳ ଖାଦ୍ୟ।

MODULE 3

- ସମ୍ବଳ (ଖାଦ୍ୟ, ଜଳ ... ଇତ୍ୟାଦି) ଓ ସାଂସ୍କୃତିକ ଜୀବନ (ଯଥା- ମରୁଭୂମି ଭଳି ଜାଗାରେ ଜୀବନ ଯାପନ) ମଧ୍ୟରେ ସଂପର୍କ ସ୍ଥାପନ କରିବ।
- ପର୍ଯ୍ୟବେକ୍ଷଣ, ଅଭିଜ୍ଞତା ଓ ତଥ୍ୟଗୁଡ଼ିକୁ ଉପଯୁକ୍ତ ଢ଼ଙ୍ଗରେ (ସାରଣୀ / ଚିତ୍ର / ସ୍ତମ୍ଭଲେଖ / ବୃତ୍ତଲେଖ ମାଧ୍ୟମରେ) ସଜ୍ଜୀକରଣ କରି ଲିପିବଦ୍ଧ କରିବଏବଂ ବିଭିନ୍ନ କାର୍ଯ୍ୟ ଓ ଘଟଣା ଯଥା (ଭାସିବା, ବୁଡ଼ିବା, ମିଶିବା, ବାଷ୍ପୀଭବନ, ଅଙ୍କୁରୋଦଗମ୍, ନଷ୍ଟ ହୋଇଯିବା) ର ସଂରଚନା ଆଧାରରେ କାରଣ ଓ ପ୍ରଭାବ ମଧ୍ୟରେ ସଂପର୍କ ସ୍ଥାପନ କରିବ।
- ବିଭିନ୍ନ ଆଞ୍ଚଳିକ ଓ ବର୍ଜ୍ୟବସ୍ତୁର ବ୍ୟବହାର କରି ପୋଷ୍ଟର, ଡିଜାଇନ୍ ପ୍ରସ୍ତୁତ କରିବ ଓ କବିତା, ସ୍ଲୋଗାନ, ଭ୍ରମଣ କାହାଣୀ ଲେଖିବ।
- ସମାଜରେ ଦେଖିଥିବା, ଅଙ୍ଗେନିଭାଇଥିବା, ଜଟିଳ ସମସ୍ୟା ସଂପର୍କିତ ପ୍ରଥା ଓ ଘଟଣା (ପକ୍ଷପାତିତା, ସମ୍ବଳର ମାଲିକାନା) ସଂପର୍କରେ ମତାମତ ପ୍ରକାଶ କରିବ।
- ସମ୍ବଳ (ଜଙ୍ଗଲ, ଜଳ....)ର ସୁରକ୍ଷା ନିମନ୍ତେ ଉପାୟ ଚିନ୍ତା କରିବା ସହ ପ୍ରତିକୂଳ ଅବସ୍ଥା ତଥା ଅଭାବଗ୍ରସ୍ତ ଅବସ୍ଥା ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିବ।

**ଜୀବନ କୌଶଳର ଲକ୍ଷ୍ୟ :** ପର୍ଯ୍ୟବେକ୍ଷଣ, ଦଳଗତ କାର୍ଯ୍ୟ, ଆରମ୍ଭ କରିବାର ସାମର୍ଥ୍ୟ, ସମସ୍ୟା ସମାଧାନର କୌଶଳ, ଜଳର ସୁରକ୍ଷା ନିମନ୍ତେ ଯତ୍ନବାନ ହେବା, ସର୍ବୋପରି ପରିବେଶ ସୁରକ୍ଷାରୁ ଚିନ୍ତା କରିବ।

MODULE 3

# କଳା ସମନ୍ୱିତ ଶିକ୍ଷା

## ଦ୍ୱିତୀୟ ଅଧିବେଶନ

### କଳା ଶିକ୍ଷଣ କାର୍ଯ୍ୟର ନାମ

ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ଭାଷା ବିଷୟବସ୍ତୁ ଆଧାରିତ ଲୋକକଥା

କଳା ଶିକ୍ଷଣ କାର୍ଯ୍ୟର ପ୍ରକାର / କଳା କାର୍ଯ୍ୟର ପ୍ରକାର

ଗଳ୍ପକଥନ / ଅଭିନୟ / କଣ୍ଢେଇ ନାଚ / ଚିତ୍ର /ସଂଗୀତ / କବିତା / ହସ୍ତକର୍ମ

| Science |
| --- |
| ◆ Class VI Chapter (No-9) : The living organism and their surroundings. |
| ◆ Class VII, Chapter (No - 7) Weather, climate and adaptation of animals to climate |

| Social Science |
| --- |
| • Class-VI, ( Our pasts, part-I, Chapter No-2: On the Trail of the Earliest people. |
| • Class VII, (our pasts-II), chapter No - 7: Tribes, Nomads and settled communities |

| English |
| --- |
| • Class VI (Honey suckle; Text book in English), Chapter (No - 9) Deserts Animals. |
| • Class VI (Honey suckle: Text book in English), Chapter (No - 10) The Banyan Tree. |
| • Class VI ( A Pact with the sun), Chapter (No - 1) A Tale of two Birds. |
| • Class - VI (A Pact with the sun), chapter (No - 4): The Friendly Mongoose. |

MODULE 3

- Class VI ( A Pact with the sun) chapter (no -9) what happened to the Reptiles.
- Class- VIII ( It so happened, supplementary Reader in English) Chapter (No - 1); How the camel got his hump.
- Class VIII (Honey Dew, Textbook in English), Chapter (No - 6) This is Jody's Fawn.

  English (Honey Dew, Class VIII), Chapter (No -1) The Ant and the Cricket

**ପ୍ରସ୍ତାବିତ ମାନନିର୍ଦ୍ଧାରଣ କୌଶଳ:**

ନିଜସ୍ୱ ମାନନିର୍ଦ୍ଧାରଣ, ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ, ରୁବ୍ରିକ୍ସ, ପୋଟ ଫୋଲିଓ ।

**ପ୍ରଶିକ୍ଷଣର ଉଦ୍ଦେଶ୍ୟ :**

ଏହି ପ୍ରଦର୍ଶିକାଟି ଅଂଶ ଗ୍ରହଣକାରୀମାନଙ୍କ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଭାଷାର ବିଷୟ ବସ୍ତୁକୁ ଲୋକ କଥା ସହ ସମନ୍ୱିତ କରିବାକୁ ସମର୍ଥ କରାଇବ ।

**ଭାଷାରେ**

**ଶିକ୍ଷାର୍ଥୀ :**

୧. ବିରାମ ଚିହ୍ନର ବ୍ୟବହାରକୁ ଚିହ୍ନଟ କରିବ, ବର୍ଣ୍ଣନା କରିବ, ସଂଳାପ ଉପସ୍ଥାପନା କରିବ, ଗଳ୍ପର ପ୍ରସଙ୍ଗରୁ ସଂଳାପ ଲେଖିବ, ସହପାଠୀ ଓ ଅନ୍ୟମାନଙ୍କ ଠାରୁ ସେମାନଙ୍କ ଅନୁଭୂତି ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରିବ ।

୨. ବିଭିନ୍ନ ପ୍ରକାର ନିର୍ଦ୍ଦେଶକୁ ପାଳନ କରିବ । ଧ୍ୱନୀର ଅନୁକୂଳରେ ଗଠିତ ଶବ୍ଦକୁ ସଂପୃକ୍ତ କରିବ, ସୃଜନଶୀଳ କାର୍ଯ୍ୟରେ ଏହାର ବ୍ୟବହାର କରିବ, ନିଜ ଓ ନିଜର ପରିପାର୍ଶ୍ୱ ବିଷୟରେ କହିବ । ସରଳ ଭାଷା ବ୍ୟବହାର କରି ସହପାଠୀ, ଶିକ୍ଷକ ପରିବାର ଲୋକ ଓ ଅନ୍ୟମାନଙ୍କ ସହ କଥପୋକଥନରେ ଅଂଶ ଗ୍ରହଣ କରିବ ।

୩. ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବ ଯେପରିକି ନାଟକ ଅଭିନୟ / ପଦ୍ୟାବୃତ୍ତି / ଡ୍ରାମ ଇତ୍ୟାଦି ।

୪. ନିଜ ଚାରିପାଖରେ ଥିବା ବସ୍ତୁଗୁଡ଼ିକ ବିଷୟରେ ପ୍ରଶ୍ନ ପଚାରିବ, ଗଳ୍ପ ସଂରଚନା କରିବ, ବିଭିନ୍ନ ପ୍ରକାର ଅନୁଚ୍ଛେଦକୁ ବୋଧଗମ୍ୟତାର ସହ ପଠନ କରିବ, ବିଭିନ୍ନ ଉତ୍ସରୁ ପୁସ୍ତକ ସଂଗ୍ରହ କରିବ ଏବଂ ପଢିବ ।

MODULE 3

**ବିଜ୍ଞାନରେ**

**ଶିକ୍ଷାର୍ଥୀ–**

- ତର୍କ ସଙ୍ଗତ ବିଷୟ ବସ୍ତୁର ବର୍ଣ୍ଣନା କରିବ, ଯୁକ୍ତିଯୁକ୍ତ ଉପସ୍ଥାପନା କରିବ ଓ ସଂପର୍କିତ କରି ସଂକ୍ଷେପଣ କରିବ।
- ପ୍ରମାଣ / ଘଟଣାବଳୀ ସପକ୍ଷରେ ଯଥାର୍ଥତା ପ୍ରତିପାଦନ କରିବ।
- ଦୈନନ୍ଦିନ ଜୀବନରେ ବିଜ୍ଞାନର ବିଭିନ୍ନ ଧାରଣାକୁ ସଂପର୍କିତ କରିବ।
- ନିଜ ଆଗ୍ରହ ପ୍ରଦର୍ଶନ କରିବ ଏବଂ ଉତ୍ସାହର ସହ ଅଂଶଗ୍ରହଣ କରିବ।
- ସମାଲୋଚନା ପୂର୍ବକ ଉତ୍ତର ଦେବ, ଯୋଜନାରେ ସୃଜନଶୀଳତା ପ୍ରଦର୍ଶନ କରିବ, ସମସ୍ୟା ସମାଧାନ କୌଶଳର ବ୍ୟବହାର କରିବ, ମୂଲ୍ୟବୋଧକୁ ପ୍ରଦର୍ଶନ କରିବ।
- କାର୍ଯ୍ୟ ସଂପାଦନ ବେଳେ ଦାୟିତ୍ୱ ନେବ ଏବଂ କାର୍ଯ୍ୟ ଆରମ୍ଭ କରିବାରେ ସାମର୍ଥ୍ୟ ହେବ।
- ସହପାଠୀଙ୍କ ସହ ସହଯୋଗିତା ଭିତ୍ତିରେ କାମ କରିବ, ଅନ୍ୟମାନଙ୍କର ଯୁକ୍ତିକୁ ଧୈର୍ଯ୍ୟର ସହ ଶୁଣିବ।
- ପରିବେଶର ସୁରକ୍ଷା ନିମନ୍ତେ ଉପାୟ ଚିନ୍ତା କରିବ, ପରିବେଶର ସୁରକ୍ଷା ନିମନ୍ତେ ସମ୍ବେଦନଶୀଳତା ମନୋ ଭାବ ପୋଷଣ କରିବ।
- ଦୈନନ୍ଦିନ ପରିବେଶରେ ଘଟୁଥିବା ବିଭିନ୍ନ ପ୍ରକାର ବିବିଧତାକୁ ପ୍ରଶଂସା କରିବ ଏବଂ ପରସ୍ପର ନିର୍ଭରଶୀଳତା ପ୍ରତି ସମ୍ବେଦନଶୀଳତାକୁ ବୃଦ୍ଧି କରିବ।

**ସାମାଜିକ ପାଠରେ**

**ଶିକ୍ଷାର୍ଥୀ–**

- ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏକାପ୍ରକାର ସମାନୁଭୂତି ଦେଖାଇବ।
- ବିଭିନ୍ନ ପ୍ରକାର ପକ୍ଷପାତିତା କାର୍ଯ୍ୟ ବା ପରିସ୍ଥିତି ପ୍ରତି ପ୍ରତିକ୍ରିୟାଶୀଳ ହେବ।
- ବିଭିନ୍ନ ପ୍ରକାର ବିବିଧତା ପ୍ରତି, ବହୁମୁଖୀ ମତାମତ ପ୍ରକାଶ କରିବ।
- ନିଜ ଚତୁଃପାର୍ଶ୍ୱରେ ଥିବା ପରିବେଶକୁ ଅନୁସନ୍ଧାନ କରିବା ପାଇଁ ଆଗ୍ରହ ପ୍ରକାଶ କରିବ।
- ଦଳଗତ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାଇବ।

MODULE 3

**କଳାଶିକ୍ଷାରେ**

**ଶିକ୍ଷାର୍ଥୀ–**

- ଶ୍ରେଣୀ ଗୃହରେ ଓ ବାହାରେ କଳା ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବ ଓ କଳାକୁ ଉପଭୋଗ କରିବ । ନିଜ ସାଙ୍ଗସାଥୀ ଓ ଅନ୍ୟମାନଙ୍କ ଦ୍ୱାରା ହୋଇଥିବା କଳାର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିବ ।
- କଳାର ଦକ୍ଷତାକୁ ପ୍ରଦର୍ଶନ କରିବ । (ଶ୍ରେଣୀ ଗୃହ ଓ ପରିବେଶ ସୁନ୍ଦର ଓ ସଫାରଖିବ, ଶ୍ରେଣୀଗୃହ ସାଜସଜ୍ଜାରେ ସାହାଯ୍ୟ କରିବ)
- ଦୃଶ୍ୟକଳା ଓ ଅଭିନୟ କଳାର ଉପସ୍ଥାପନାରେ ଆଗ୍ରହର ସହ ଅଂଶ ଗ୍ରହଣ କରିବ ।

**ସଂକ୍ଷିପ୍ତ ଉପକ୍ରମ :**

**ଶିକ୍ଷଣ କାର୍ଯ୍ୟ ପଛରେ ଥିବା ବିଜ୍ଞାନ**

ଆମ୍ଭମାନଙ୍କୁ ବହୁତ ଭଲରେ ଜଣା ଅଛି ଯେ ଲୋକକଥାରେ ସାମାଜିକ, ଐତିହାସିକ, ସାଂସ୍କୃତିକ ପ୍ରାସଙ୍ଗିକତା ଅଛି ଯାହାର ଉତ୍ପତ୍ତି ସେହି ଅଂଚଳରେ ହିଁ ହୋଇଥାଏ । ଲୋକ ଗଳ୍ପଗୁଡ଼ିକର ଉପସ୍ଥାପନା ଉଦ୍ଭଟ କଳ୍ପନା ବା ଅବାସ୍ତବ କଳ୍ପନା ଆଧାରିତ ହୋଇଥାଏ । ଛୋଟପିଲାମାନେ / ଶିଶୁମାନେ ଏପରି ଏକ ଦୁନିଆରେ ରୁହନ୍ତି । ଯେଉଁଠାରେ ଅବାସ୍ତବ କଳ୍ପନା ଓ ବାସ୍ତବତା ମଧ୍ୟରେ ପ୍ରଭେଦ ନଥାଏ । ଏକ ଦୁନିଆ ଯେଉଁଠି ପଶୁମାନେ କଥା କୁହନ୍ତି ଏବଂ ମଣିଷମାନେ ଝାଡୁ ତିଆରି ଯାନରେ ବସି ପବନରେ ଦୃତ ଗତିରେ ଉଡନ୍ତି । ଏହା ସମ୍ଭବପର ଯେ କିଛି ଲୋକକଥା ବିଜ୍ଞାନ ଆଧାରିତ ମଧ୍ୟ ହୋଇଥାଏ । ଲୋକ ଗଳ୍ପ ଓ ପରୀରାଇଜ କଥାରେ ଥିବା ଆକର୍ଷଣ ଓ ଚକ୍ରାନ୍ତକୁ ବୁଝିବାବେଳେ ଆମେ ଏହି ଶିକ୍ଷଣ କାର୍ଯ୍ୟଦ୍ୱାରା ପିଲାମାନଙ୍କୁ ବାସ୍ତବ ଓ ଅବସ୍ତାବ ଦୁନିଆକୁ ଗ୍ରହଣ କରିବା ତଥା ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଇବାରେ ସାହାଯ୍ୟ କରିପାରିବା । ସେମାନେ ବିଜ୍ଞାନର ଶବ୍ଦ ଭଣ୍ଡାର ଓ ଧାରଣାକୁ ଗଳ୍ପକଥନରେ ଅଂଶଗ୍ରହଣ କରିବା ଓ ପାରସ୍ପରିକ ଆଦାନ ପ୍ରଦାନ କରିବା ଦ୍ୱାରା ଶଖନ୍ତି । ଏହି ଲୋକ ଗଳ୍ପଗୁଡ଼ିକ ପଂଚତନ୍ତ୍ର କାହାଣୀରୁ ନିଆଯାଇଛି । ବୈଜ୍ଞାନିକ ତଥ୍ୟକୁ ଅନ୍ତର୍ଭୁକ୍ତ କରିବା ପାଇଁ

MODULE 3

କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି । ଜୀବ ଓ ତା ପରିବେଶରେ ଘଟୁଥିବା ବିଭିନ୍ନ ବିବିଧତା ଜଳବାୟୁ ଓ ଜଳବାୟୁ ଅନୁସାରେ ଉପଯୋଗୀ କରଣରେ  କଳାକୁ ସମନ୍ୱିତ କରିବାରେ ଏହି ପ୍ରଦର୍ଶିକା ଏକ ସୁଯୋଗ ପ୍ରଦାନ କରୁଛି ।

**ଅଧିବେଶନର ଆବଶ୍ୟକୀୟ ସମୟ - ୨ ଘଣ୍ଟା**

**ଆବଶ୍ୟକୀୟ - ସାମଗ୍ରୀ**

ଚାର୍ଟ ପେପର, ସ୍କେଚପେନ୍, ବିଭିନ୍ନ ପ୍ରକାର ରଂଗ ତୁଳୀ, ଜାଲି କପଡ଼ା, କାଟିବା କଇଁଚି / କଇଁଚି ଓ ଆବଶ୍ୟକତା ଅନୁସାରେ ଅନ୍ୟାନ୍ୟ ସାମଗ୍ରୀ ( କଳା ସମନ୍ୱିତ ଶିକ୍ଷା ପାଇଁ ଯୋଜନା ପ୍ରସ୍ତୁତି ବେଳେ ଆଂଚଳିକ ସମ୍ବଳକୁ ଅଗ୍ରାଧିକାର ଦିଆଯିବ)

**ଶୈକ୍ଷିକ କାର୍ଯ୍ୟଧାରା**

**ସହାୟକଙ୍କ ନିମନ୍ତେ ସୂଚନା**

ଶିକ୍ଷାର୍ଥୀମାନେ ଦଳଗତ କାର୍ଯ୍ୟରେ ନିୟୋଜିତ ହେବେ । ଦଳଗୁଡ଼ିକ ଜାତି, ଧର୍ମ, ଲିଙ୍ଗ ସାମର୍ଥ୍ୟ ଭିତ୍ତିରେ ଭିନ୍ନ ଦକ୍ଷତା ସଂପନ୍ନ ହେବା ପାଇଁ ଯତ୍ନଶୀଳ ହେବେ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ସେମାନଙ୍କ ସାମର୍ଥ୍ୟ ଅନୁସାରେ ଦଳରେ ସାମିଲ କରିବା ଆବଶ୍ୟକ ।

- ସହାୟକ ସମସ୍ତ ଦୃଶ୍ୟାବଳୀର ଉପସ୍ଥାପନ ବା ଗୋଟିଏଗୋଟିଏ ଦୃଶ୍ୟାବଳୀର ଉପସ୍ଥାପନା ପରେ ଆଲୋଚନା କରିପାରିବେ ।
- ବିଭିନ୍ନ ବିଷୟର ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ କରି ସମନ୍ୱିତ କରିବା ପାଇଁ ସହାୟକ ସଂଯୋଜନା କରିବେ ।
- ସମକାଳୀନ ମାନ ନିର୍ଦ୍ଧାରଣ ମଧ୍ୟ କରିବେ ।
- ସହାୟକ ଶ୍ରେଣୀକୁ ୫ ଶିକ୍ଷାର୍ଥୀ ବିଶିଷ୍ଟ ୮ ଟି ଦଳରେ ଭାଗ କରିବେ । ଶ୍ରେଣୀର ପିଲା ସଂଖ୍ୟା ହିସାବରେ ବଦଳାଯାଇପାରିବ । ପ୍ରତ୍ୟେକ ଦଳ ଗୋଟିଏ ଦୃଶ୍ୟର ସମସ୍ତ କାର୍ଯ୍ୟ କରିବେ ଯେପରି ଆଦର୍ଶ ଚିତ୍ର, ପୋଷ୍ଟର, କଣ୍ଢେଇ, ଉପକରଣ ପ୍ରସ୍ତୁତି କରିବା, ଦୃଶ୍ୟର ଅଭିନୟ କରିବା, ସଂଳାପ ଲେଖିବା ଇତ୍ୟାଦି ।

MODULE 3

## ସକ୍ରିୟାତ୍ମକ କାର୍ଯ୍ୟ ( ୨୦ ମିନିଟ୍)

ଅଧିବେଶନଟି ଅଂଶଗ୍ରହଣକାରୀଙ୍କ କୌତୁକପୂର୍ଣ୍ଣ ଅଭିବ୍ୟକ୍ତ ଦ୍ୱାରା ପରିଚୟ ପ୍ରଦାନ କାର୍ଯ୍ୟ ସହ ଆରମ୍ଭ ହେବ। ଯେପରିକି ସେମାନେ କିଛି ଧ୍ୱନୀ ସୃଷ୍ଟି କରିବେ, ନିଜ ପସନ୍ଦର କୌଣସି ଏକ ପ୍ରାଣୀର ଚିତ୍ର ଅଙ୍କନ କରିବେ। ସେହି ନିର୍ଦ୍ଦିଷ୍ଟ ପଶୁକୁ ସେମାନେ କାହିଁକି ପସନ୍ଦ କରନ୍ତି, ବର୍ଣ୍ଣନା କରିବେ। ଯେ କୌଣସି ଭାଷାରେ କିମ୍ବା ଯେ କୌଣସି କାର୍ଯ୍ୟରେ ଯେପରି ମୁଖଭଙ୍ଗୀ, ସାଙ୍କେତିକ ଭାଷା, କିଛି ଧାଡ଼ିର ବର୍ଣ୍ଣନା, ଅଭିନୟ, ଚିତ୍ର ଓ ନୃତ୍ୟ ମାଧ୍ୟମରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିବା ପାଇଁ ସ୍ୱାଧୀନତା ଦିଆଯିବ। ଏହା ସମସ୍ତଙ୍କ ସୃଜନାତ୍ମକ ଚିନ୍ତନ, ବିଷୟବସ୍ତୁକୁ ଉପସ୍ଥାପନା କରିବାରେ ନୂଆ ଉପାୟ ଚିନ୍ତା କରିବା, ଧୈର୍ଯ୍ୟର ସହ ଶୁଣିବା ଏବଂ ଅନ୍ୟମାନଙ୍କୁ ସମାଲୋଚନା କରିବାରେ ସହାୟକ ହେବ।

**ଦୃଶ୍ୟ ଅନୁଯାୟୀ ଦଳଗୁଡ଼ିକୁ ନିମ୍ନଲିଖିତ କାର୍ଯ୍ୟ ପ୍ରଦାନ କରାଯିବ।**

- ଟୋପି /ଉପକରଣ / କପଡା ତିଆରି କଣ୍ଢେଇ / ଦୃଷ୍ଟାନ୍ତ / ମୁଖା / ଦିଆଯାଇଥିବା ଦୃଶ୍ୟର ଚରିତ୍ର ଅନୁସାରେ କଣ୍ଢେଇର ବ୍ୟବହାର ଏବଂ ଦିଆଯାଇଥିବା ଦୃଶ୍ୟର ପରିସର ( ଆବଶ୍ୟକ ଅନୁସାରେ ଏହି କାର୍ଯ୍ୟ କଳା ଶିକ୍ଷକଙ୍କ ଉପସ୍ଥିତିରେ କରାଯାଇପାରେ।
- କେଶ ସଜ୍ଜା, ପୋଷାକ, ପ୍ରସାଧାନ ପାଇଁ ନିଜ ପାଖରେ ଥିବା ସମ୍ବଳର ବ୍ୟବହାର ନିମନ୍ତେ ଅନୁସନ୍ଧାନ କରିବ।
- ଦିଆଯାଇଥିବା ଦୃଶ୍ୟର ଉପସ୍ଥାପନ ପାଇଁ ଆଲୋଚନା ଓ ଯୋଜନା ପ୍ରସ୍ତୁତ କରିବା ସହ କାର୍ଯ୍ୟ କରିବ / ବର୍ଣ୍ଣନା କରିବ/ ବ୍ୟଙ୍ଗ କରିବ / ଦୃଶ୍ୟ ଅନୁଯାୟୀ କଣ୍ଢେଇ ନାଚ/ ଆଞ୍ଚଳିକ ଲୋକକଥାର ନାଚ/ ଆଞ୍ଚଳିକ ଲୋକକଥାର ବ୍ୟବହାର କରିବ।
- ସହାୟକ, ପ୍ରଶ୍ନ ମାଧ୍ୟମରେ ଆଲୋଚନାକୁ ଆଗେଇ ନେବେ ଯାହା ବିଭିନ୍ନ ବିଷୟର ପ୍ରସଙ୍ଗ ଭିତ୍ତିକ ଦୃଶ୍ୟ ଯେପରି – ସଜୀବ ଏବଂ ତାର ପରିପାର୍ଶ୍ୱ, ପାଣିପାଗ, ଜଳବାୟୁ, ଜଳବାୟୁ ଅନୁଯାୟୀ ପ୍ରାଣୀମାନଙ୍କର ଉପଯୋଜନା, ଯାଯାବର, ଜଳବସତି ଇତ୍ୟାଦି। ଶିକ୍ଷାର୍ଥୀମାନଙ୍କର ମାନସିକ ସ୍ତର ଅନୁଯାୟୀ ବିଷୟବସ୍ତୁ ସ୍ଥିର କରାଯିବ।

# ଦଳଗତ କାର୍ଯ୍ୟ

## ପ୍ରଥମ ଦୃଶ୍ୟ ଦଳ-୧

ବହୁତ ଦିନ ତଳର କଥା, ଏକ ବଡ ହ୍ରଦରେ ଅନେକ ଜଳଚର ପ୍ରାଣୀ ଓ ଉଦ୍ଭିଦଙ୍କର ବିକାଶ ହୋଇଥିଲା। ଏହି ହ୍ରଦର ପାଣି ବହୁତ ସଫା ଓ ଈଷତ୍ ନୀଳ ବର୍ଣ୍ଣର ଥିଲା। ଏଠାରେ ଉଦ୍ଭିଦ ରୂପରେ ଲମ୍ବା ନାଡ଼ ପଦ୍ମ ଓ କଇଁ ଫୁଲ ଗଛ / ଦେଖାଯାଉଥିଲା। ଜଳରେ ବୁଡ଼ି ରହିଥିବା ଚିଙ୍ଗୁଡ଼ିଆ ଦଳ ଓ ଭାଲି ସେନେରିଆ ସୁନ୍ଦର ଭାବେ ଜଳରେ ଦୋହଲୁଥିଲେ। ଜଳ ଉପରେ duckweed (   ) and water hyacinth (ଭାସମାନ ଅବସ୍ଥାରେ ଥିଲେ। ଅତି ସୂକ୍ଷ୍ମ ଶୈବାଳ, ଜଳକୁ ଏକ ସବୁଜ ବର୍ଣ୍ଣର ପରସ୍ଥ / ଆସ୍ତରଣ ପ୍ରଦାନ କରୁଥିଲେ। ସେହିଠାରେ ଛୋଟ ମାଛମାନଙ୍କର ଏକ ଦଳ ହଠାତ୍ ଏକତ୍ରିତ ହେଲେ ଏବଂ କୀଟ ପାଇଁ ପରସ୍ପର ସହ ଲଢ଼ିବାକୁ ଲାଗିଲେ। ବଡ଼ ମାଛମାନେ ହ୍ରଦର କୀଟପତଙ୍ଗଙ୍କ ପରିମାଣ / ସଂଖ୍ୟା ଠିକ୍ ରଖିବାର ସାହାଯ୍ୟ କରୁଥିଲେ। କାଇଁଛମାନେ ଏପଟସେପଟ ପହଁରି ନିଜ ପାଇଁ ଖାଦ୍ୟ ଖୋଜୁଥିଲେ। ଏବଂ ବଗମାନେ ନିଜର ଶିକାର ଧରିବା ପାଇଁ ଆଣ୍ଠୁଏ ପାଣିରେ ଘଣ୍ଟାଘଣ୍ଟା ଧରି ଛିଡା ହୋଇ ରହୁଥିଲେ। ଦୁଇଟି ମାଛରଙ୍କା ଗଛର ଡାଳ ଉପରେ ବସି ହ୍ରଦ ଉପରେ ତୀକ୍ଷଣ ନଜର ରଖିଥିଲେ। ଏବଂ ପରବର୍ତ୍ତୀ ଖାଦ୍ୟ ଉପରେ ଝାମ୍ପ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇ ରହୁଥିଲେ। ବେଙ୍ଗମାନେ ହ୍ରଦରେ ଉପର ତଳ ହେଉଥିଲେ ଏବଂ ଡେଇଁକି ବାହାରକୁ ଯିବା ପୂର୍ବରୁ ବେଙ୍ଗଫୁଲା ମାନେ ଶୈବାଳକୁ ଖାଉଥିଲେ। ଏହି ହ୍ରଦଟି ସବୁପ୍ରକାର ପ୍ରାଣୀଙ୍କର ପ୍ରାକୃତିକ ବାସସ୍ଥଳୀ ଥିଲା କାରଣ ଏଠାରେ ସେମାନେ ନିଜ ପାଇଁ ଖାଦ୍ୟ, ବାସଗୃହ, ସୁରକ୍ଷା ଏବଂ ଜନନ ପାଇଁ ସାଙ୍ଗ ପାଇ ପାରୁଥିଲେ।

## ଦ୍ୱିତୀୟ ଦୃଶ୍ୟ ଦଳ-୨

ଏମାନଙ୍କ ମଧ୍ୟରୁ ଦୁଇଟି ମାଛ ଓ ଗୋଟିଏ ବେଙ୍ଗ ବହୁତ ଭଲ ସାଙ୍ଗ ଥିଲେ। ସେମାନେ ପରସ୍ପର ସହ ମଜା ପରିହାସ କରିବା ସହ ବେଳେବେଳେ ବର୍ତ୍ତମାନର ଖବର ମଧ୍ୟ ଚର୍ଚ୍ଚା କରୁଥିଲେ। ମାଛଗୁଡ଼ିକ ବହୁତ ଚାଲାକ, କୁଶଳୀ ଓ ବେଙ୍ଗଠାରୁ ଭିନ୍ନ ଥିଲେ। ଏଥି ମଧ୍ୟରୁ ଗୋଟିଏ ମାଛ ଶିକାରୀର ନଜର ଓ ତା ହାତରୁ ବଂଚିବାର ଜାଣିଥିବା ଶହେଟି କୌଶଳ ଉପରେ ଗର୍ବ

MODULE
3

ଅନୁଭବ କରୁଥିଲା। ଯେତେବେଳେ କି ଅନ୍ୟ ମାଛଟି ଜାଣିଥିବା ହଜାରେଟି କୌଶଳ ଉପରେ ଗର୍ବ ଅନୁଭବ କରୁଥିଲା। ଏହି ସମୟରେ ବେଙ୍ଗଟି କେବଳ ଆଖି ମିଟିମିଟି କରୁଥିଲା ଏବଂ ମନରେ ଗୁଣୁଗୁଣୁ ହୋଇ ନିଜକୁ କହୁଥିଲା ଯେ କେବଳ କେତୋଟି କୌଶଳ ହିଁ ଭାବି ପାରୁଛି। ଯାହା ବି ହେଉ ଏହି ତିନିଜଣଯାକ ପ୍ରତ୍ୟେକ ଦିନ ଦେଖା ହେଉଥିଲେ ଓ ପଦ୍ମଗଛର ଫୁଲ ଓ ପତ୍ର ଚାରି ପାଖେ ଲୁଚକାଳି ଖେଳୁଥିଲେ। ସେମାନେ ଏହା ସହିତ ସେମାନଙ୍କର ପୂର୍ବଜଙ୍କର ସାହାସୀକତାର କାହାଣୀ ମଧ୍ୟ କଥା ହେଉଥିଲେ।

## ତୃତୀୟ ଦୃଶ୍ୟ

ଗୋଟିଏ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡି ଯାଉଥିଲେ, କିଛି ମାଛ ଧରାଳୀ ହ୍ରଦ ନିକଟକୁ ଆସିଲେ। ବୟସରେ ସବୁଠାରୁ ବଡ଼ ମାଛ ଧରାଳି କହିଲା ଏହି ହ୍ରଦରେ ବହୁତ ମାଛ ଓ ଚିଙ୍ଗୁଡି ଅଛନ୍ତି ଆମେ ଏଠାକୁ ଭୋରରୁ ଆସିବା ଏବଂ ଏଗୁଡିକୁ ଧରି ନେଇଯିବା। ଠିକ୍ ଉପାୟ ବୋଲି ଅନ୍ୟ ମାଛଧରାଳି କହିଲା ଏବଂ ସେମାନେ ସେଠାରୁ ଚାଲିଗଲେ।

## ଚତୁର୍ଥ ଦୃଶ୍ୟ

କିଛି ସମୟ ପାଇଁ ତିନିଜଣ ସାଙ୍ଗ ଏହା ଶୁଣି ସ୍ତବ୍ଧ ହୋଇଗଲେ। ଏହାପରେ ବେଙ୍ଗଟି ନିଜର ସମସ୍ତ ବୁଦ୍ଧିକୁ ଏକଜୁଟ୍ କଲା ଏବଂ କହିଲା ତୁମେ ମାନେ ଶୁଣିଲିତ ? ବର୍ତ୍ତମାନ ଆମେ କ'ଣ କରିବା, ରହିବା ନା ପଳାଇବା ? ସେ ଉପରକୁ ତଳକୁ ଡେଇଁବା ଆରମ୍ଭ କରିଦେଲା। ବଡ଼ ଭୟଭୀତ ହୋଇ କହିଲା "ବର୍ତ୍ତମାନ ଆମେ କଣ କରିବା" 'ବର୍ତ୍ତମାନ ଆମେ କଣ କରିବା'। ସେମାନେ କାଲି ଭୋର ସମୟରେ ନିଜର ଜାଲ ସହିତ ଏଠାରେ ଆସି ପହଂଚିଯିବେ। ଯେଉଁ ମାଛଟି ହଜାରେଟି କୌଶଳ ଜାଣିଥିଲା, ସେ ଜୋରରେ ହସିବାକୁ ଲାଗିଲା ଏବଂ ବେଙ୍ଗକୁ ଶାନ୍ତ କରିବା ପାଇଁ କହିଲା, କୌଣସି ଭ୍ରମାତ୍ମକ ଶବ୍ଦ ଶୁଣି ଅଧିକ ଚିନ୍ତିତ ହୁଅ ନାହିଁ। ଆମେ କାହିଁକି ଛାଡିଯିବା ? ମୋ ପାଖରେ ବହୁତ ଗୁଡ଼ିଏ କୌଶଳ ଅଛି ଏହି ବିପତ୍ତିକୁ ରକ୍ଷା ପାଇବା ପାଇଁ। ହଜାର ଉପାୟ ଅଛି ଏବଂ ସେସବୁ ମୁଁ ଜାଣିଛି। ମୁଁ ମଧ୍ୟ ତୁମକୁ ରକ୍ଷା କରିବି।

MODULE 3

ତଥାପି ବେଙ୍ଗଟି ଅନିଶ୍ଚିତତାରେ ଥିବା ପରି ଲାଗୁଥିଲା । ସେତେବେଳେ ଅନ୍ୟ ମାଛଟି କହିଲା, ଡର ନାହିଁ ଜଣେ ଭବିଷ୍ୟଦ୍ରଷ୍ଟା ଓ ପ୍ରତିଭାଶାଳୀ ସେହି ଜାଗାରେ ପହଂଚିପାରିବ ଯେଉଁଠାରେ ସୂର୍ଯ୍ୟଙ୍କ କିରଣ ଓ ପବନ ମଧ ପହଂଚି ପାରିବ ନାହିଁ। ତୁମେ ତୁମ ଘର ଛାଡି ଯିବା କିଛି ଦରକାର ନାହିଁ। ମୁଁ ତୁମକୁ ମୋ ଜ୍ଞାନ ବଳରେ ରକ୍ଷା କରିବି ଯାହା ହେଲେ ବି / ଯେତେ ହେଲେ ବି ଘର ହେଉଛି ଘର, ସ୍ୱର୍ଗ ମଧ ତା ସହିତ ତୁଳନା ହୋଇପାରିବ ନାହିଁ।

## ପଞ୍ଚମ ଦୃଶ୍ୟ

କିନ୍ତୁ ବେଙ୍ଗର ସନ୍ଦେହ ତଥାପି ଦୂରୀଭୂତ ହେଲା ନାହିଁ। କିଛି ସମୟ ପରେ ସେ ନିଜ ମନରେ ଶାନ୍ତ ଅବସ୍ଥା ପ୍ରାପ୍ତ କଳା ଏବଂ ଆତ୍ମ ବିଶ୍ୱାସର ସହ କହିଲା ଶୁଣ ସାଙ୍ଗମାନେ ବର୍ତ୍ତମାନ ମୁଁ ମାଛ ଧରାଳିଙ୍କ ଜାଲରୁ ରକ୍ଷା ପାଇବାର କେବଳ ଗୋଟିଏ ହିଁ ଉପାୟ ଭାବିପାରୁଛି। ତେଣୁ ମୁଁ ମୋ ସ୍ତ୍ରୀ ସହିତ ହ୍ରଦ ଛାଡି ଚାଲିଯାଉଛି । ବେଙ୍ଗ ଓ ତା’ ସ୍ତ୍ରୀ ହ୍ରଦରୁ ବାହାରି ନିକଟସ୍ଥ ଏକ ପୋଖରୀକୁ ଚାଲିଗଲେ। ମାଛମାନେ, ସେମାନଙ୍କୁ ଛାଡ଼ି ଚାଲିଯିବାର ଦେଖିଲେ ଏବଂ ମୁଣ୍ଡ ହଲାଇ କହିଲେ ‘ବିଚରା’ ସେମାନଙ୍କୁ ଏହି ହ୍ରଦକୁ ଛାଡ଼ି ଯିବା ଦରକାର ନଥିଲା ।

## ଷଷ୍ଠ ଦୃଶ୍ୟ

ପରଦିନ ଭୋରରୁ ମାଛ ଧରାଳିମାନେ ହ୍ରଦକୁ ଆସିଲେ ଏବଂ ଜାଲ ପକାଇଲେ। ସେମାନେ ବହୁତ ପରିମାଣରେ ମାଛ, କଇଁଛ, କଙ୍କଡା ଓ ବେଙ୍ଗ ଧରିଲେ। ଯେତେବେଳେ ଦିଗ୍‌ବଳୟ ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣରେ ଲାଲ୍ ଦେଖାଗଲା, ମାଛ ଧରାଳିମାନେ ନିଜର ଶିକାରକୁ ଧରିଲେ ଏବଂ ଗାଁ ମୁହାଁ ହେଲେ।

## ସପ୍ତମ ଦୃଶ୍ୟ

ଫେରିବା ସମୟରେ, ମାଛ ଧରାଳିମାନେ ବେଙ୍ଗ ଓ ତା ସ୍ତ୍ରୀ ରହୁଥିବା ପୋଖରୀ ବାଟ ଦେଇଗଲେ, ଯେଉଁଠାରେ ବେଙ୍ଗ ଓ ତା ସ୍ତ୍ରୀ କଇଁଗଛର ପତ୍ର ଉପରେ ବସିଥିଲେ। ବେଙ୍ଗଟି ଦେଖିଲା ମାଛଧରାଳିମାନେ ଦିନଯାକ ଧରିଥିବା ମାଛ ପିଠିରେ ଲଦି ଗାଁକୁ ଯାଉଛନ୍ତି । ସେ ତା ସାଙ୍ଗମାନଙ୍କୁ ସୁବିଦିନ ପାଇଁ ହରାଇ ଦେଲା ବୋଲି ଦୁଃଖରେ ଭାବିଲା ବେଙ୍ଗଟି ତା ସ୍ତ୍ରୀକୁ କୋହଭରା ହୃଦୟରେ କହିଲା “ଦେଖ ସେଥିରେ ମୋ ସାଙ୍ଗମାନେ ଯାଉଛନ୍ତି। ଏହା ଭାବି ମୁଁ କମ୍ପିଯାଉଛି ଯେ ଏମାନେ ଯାଇ କେଉଁଠାରେ ପହଂଚିବେ କଡ଼େଇରେ ତରକାରିରେ ନା ତନ୍ଦୁରରେ ? ତା’ ପରେ ତା’ ସ୍ତ୍ରୀ ତତ୍‌କ୍ଷଣାତ୍ ବୁଲିପଡ଼ି ତାକୁ କହିଲା – ଏହା ଠିକ୍ ହେବନି କି, ଯଦି ଆମେ ଆମ ଘରକୁ ଫେରିଯାଆନ୍ତେ ? ମାଛ ଧରାଳିମାନେ କିଛି ଦିନ ପାଇଁ ଆମ ହ୍ରଦରେ ଜାଲ

MODULE 3

ପକାଇବେ ନାହିଁ। ବେଙ୍ଗଟି ଦେଖିଲା ସ୍ତ୍ରୀ କଥାରେ କିଛି। ସତ୍ୟତା ରହିଛି ଏବଂ ସେହିକାମ କରିବାକୁ ରାଜି ହୋଇଗଲା।'

## ଅଷ୍ଟମ ଦୃଶ୍ୟ

ତେଣୁ ସେମାନେ ସେହିସ୍ଥାନ ଛାଡ଼ି ନିଜ ପୁରୁଣା ଘରକୁ ଡେଇଁ ପଳାଇଲେ। ସେମାନେ ସେଠାରେ ଯାହା ଦେଖିଲେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ସେମାନେ ଆଚମ୍ବିତ ହୋଇଗଲେ। ଯେତେବେଳେ ଦୁଇଟି ମାଛ ସହ ଦେଖା ହେଲା ସେମାନେ ବିସ୍ମୟ ଚକିତ ହେଲେ। କାରଣ ସେମାନେ କଳ୍ପନା କରିଥିଲେ ଯେ ମାଛ ଦୁଇଟି ଯାଇ କାହା ଥାଳିରେ ଖାଦ୍ୟ ହୋଇ ଯାଇଥିବେ । ସେମାନେ ଉତ୍ସାହ ସହକାରେ ମାଛ ଦୁଇଟିକୁ ପଚାରିଲେ ତୁମେ କିପରି ରକ୍ଷା ପାଇଲ ? ମାଛ ଦୁଇଟି ଏକତ୍ରିତ ହୋଇ ଗୀତ ବୋଲିଲେ : –

–ଆମେ ଆମ ଦୁର୍ବଳତାକୁ ଚିହ୍ନିଛୁ

– ଆମେ ଆମ ସାମର୍ଥ୍ୟକୁ ସବୁଠାରୁ ଅଧିକ କରିଛୁ।

– ଆମେ ନିଜେ ବଞ୍ଚିବାକୁ ସୁନିଶ୍ଚିତ କରିବା ପାଇଁ

– ଆମେ ବହୁତ ଗଭୀରତାକୁ ଯାଉ।

## ଶିକ୍ଷଣ ସହିତ ମୂଲ୍ୟାୟନ

ଉପସ୍ଥାପନ ସମୟରେ ସହାୟକ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ଆରମ୍ଭ କରିବାର ସାମର୍ଥ୍ୟ, ଯୋଗାଯୋଗ କୌଶଳ, ସହଯୋଗିତା, ଧାରଣାର ବୋଧଗମ୍ୟତା ଓ ସ୍ପଷ୍ଟୀକରଣ, ଉପସ୍ଥାପନାରେ ସୃଜନାତ୍ମକ ଶୈଳୀର ବ୍ୟବହାର, ରଚନା କରିବା ତଥା ସମ୍ବଳର ସଦ୍‌ବ୍ୟବହାରକୁ ପର୍ଯ୍ୟବେକ୍ଷଣ କରିବେ।

## ଆଲୋଚନା ପାଇଁ ପ୍ରଶ୍ନ :

ବିଭିନ୍ନ ଦୃଷ୍ଟି କୋଣରୁ ଆଲୋଚନା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ବ୍ୟବହାର କରାଯାଇପାରିବ।

୧. ହ୍ରଦରେ ଦେଖାଯାଉଥିବା ଗୋଟିଏ ଖାଦ୍ୟ ଶୃଙ୍ଖଳର ଉଦାହରଣ / ସୂଚନା / ପ୍ରସ୍ତାବ ଦିଅ।

୨. ପାଣିରେ ଭାସୁଥିବା କେତେକ ଦଳଗୁଡ଼ିକର (ଚିଙ୍ଗୁଡ଼ିଆ ଦଳ ଇତ୍ୟାଦି) ଚେରଥାଏ କି ? ସେମାନେ କିପରି ନିଜର ଖାଦ୍ୟ ଗ୍ରହଣ କରିଥାନ୍ତି ?

୩. ଲୋକମାନେ ବସବାସ କରିବା ପାଇଁ କିଭଳି ସ୍ଥାନ ପସନ୍ଦ କରନ୍ତି ?

MODULE
3

୪. ପରିବର୍ତ୍ତନଶୀଳ ପରିବେଶ ମନୁଷ୍ୟର ଜୀବନ ଶୈଳୀ ଉପରେ କିପରି ପ୍ରଭାବ ପକାଏ ?

୫. ମାଛ ଦୁଇଟି ଶତ୍ରୁଙ୍କ ପଞ୍ଜାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରିଥିବା କିଛି ଉପାୟର ନାମ କୁହ ?

୬. ଯଦି ଉପାୟଗୁଡ଼ିକୁ ବିଶେଷତ୍ୱ ଭାବେ ନିଆଯାଏ ତେବେ ସେହି ବିଶେଷତ୍ୱଗୁଡ଼ିକ କ'ଣ ଜୀବମାନଙ୍କୁ ସେମାନଙ୍କ ବାସସ୍ଥାନରେ ଉତ୍ତମ ରୂପେ ବଞ୍ଚିବାରେ ସହାୟ ହେବ କି ?

୭. ତୁମେ କେବେ ମାଛ ଧରିଛ କି ? ମାଛ ଧରିବାର ଦେଖିଛ କି ? ଏହିକାମ କରିବା ପାଇଁ କେଉଁ ପାରମ୍ପାରିକ ଯନ୍ତ୍ରପାତିର ବ୍ୟବହାର କରାଯାଏ ?

୮. ଅଧିକ ପରିମାଣରେ ମାଛ କିଭଳି ଧରାଯାଇ ପାରିବ ?

୯. Home is home and no heaven can compare with it. (ଘର ହିଁ ଏକ ମାତ୍ର ସ୍ଥାନ ଯାହା ସ୍ୱର୍ଗ ସହ ତୁଳନୀୟ ନୁହେଁ) ଏହା ସହ ତୁମେ ଏକମତ କି ? ଭୌତିକ (ବସ୍ତୁ ସମ୍ବନ୍ଧୀୟ) ସୁବିଧାକୁ ଛାଡ଼ିଲେ ଆଉ କେଉଁ କାରକ ଘରକୁ ଅଧିକ ସ୍ୱତନ୍ତ୍ର କରିଥାଏ ।

୧୦. ବେଙ୍ଗମାନଙ୍କ ମଧ୍ୟରେ ଦେଖାଯାଉଥିବା କେଉଁ ଦୁଇଟି ଅନୁକୂଳ ଲକ୍ଷଣ ସେମାନଙ୍କୁ ହ୍ରଦ ହଠାତ୍ ଛାଡ଼ିବାର ନିଷ୍ପତ୍ତି ନେବା ପାଇଁ ସାହାଯ୍ୟ କରିଥିଲା ?

୧୧. କେଉଁ ସବୁ ଉତ୍ସରୁ ପୁରାତନ ଯୁଗ ବିଷୟରେ ଜାଣି ହେଉଥିଲା ? (ପ୍ରସ୍ତର କଳା) ବା ପଥରରେ ଚିତ୍ରକଳା)

୧୨. ଏହି ଗଳ୍ପର ନୈତିକତା କ'ଣ ? କିମ୍ବା ଏହି ଗଳ୍ପରୁ କେଉଁ ନୀତି ଶିକ୍ଷା ମିଳେ ?

୧୩. ପୁରୁଣା ଘରକୁ ଫେରିଯିବା ପାଇଁ ବେଙ୍ଗୁଲୀ / ବେଙ୍ଗର ସ୍ତ୍ରୀ କିଛି ବିଜ୍ଞ ପ୍ରସ୍ତାବ ଦେଇଥିଲା କି ? କାହିଁକି ?

୧୪. ନିଷ୍ପତ୍ତି ନେବା ପାଇଁ ତୁମେ କେଉଁ ସବୁ ପଦକ୍ଷପ ନେବ ?

(କ) ତୁମର ଇଚ୍ଛା କ'ଣ ତାହା ଜାଣିବ ।

(ଖ) ସମସ୍ୟାକୁ ବୁଝିବ ।

(ଗ) ଠିକ୍ ଉପାୟଟି ବାଛିବ ।

(ଘ) ଉତ୍ତମ / ଶ୍ରେଷ୍ଠ ସମାଧନା ଟି ଗ୍ରହଣ କରିବ ।

MODULE 3

୧୫. ଗୋଟିଏ ନିର୍ଦ୍ଦିଷ୍ଟ ପ୍ରାଣୀ ସଂଖ୍ୟାର ହ୍ରାସ ବା ଦ୍ରୁତଗତିରେ ବୃଦ୍ଧି ହେଲେ କଣ ହୁଏ ?

**ସୂଚନା** – ଖାଦ୍ୟ ଶୃଙ୍ଖଳ ଉପରେ ଏହାର ପ୍ରଭାବ ପଡେ ।

୧୬. ଜୈବ ବିବିଧତା କ'ଣ ?

ଆମେ କିପରି ଜୈବ ବିବିଧତାର ସଂରକ୍ଷଣ କରିପାରିବା ? ଆମେ କମ୍ ଅପଚୟ କରିବା ଓ କ'ଣ ଅପଚୟ କଲେ ତା' ପ୍ରତି ସତର୍କ ହେବ ।

୧୭. କେଉଁ ଅନୁକୂଳ ବିଶେଷ ଗୁଣ ମାଛକୁ ପାଣିରେ ପହଁରିବାରେ ସାହାଯ୍ୟ କରେ ?

୧୮. କେଉଁ ବିଶେଷ ଗୁଣ ମାଛକୁ ଜଳରେ ଶ୍ୱାସକ୍ରିୟା କରିବା ପାଇଁ ସାହାଯ୍ୟ କରେ ?

୧୯. କେଉଁ ବିଶେଷତ୍ୱ ପାଇଁ ବେଙ୍ଗଟି ତାର ଶତ୍ରୁଠାରୁ ଖସିଗଲା ବୋଲି ମନେ ମନେ ଭାବୁଥିଲା ?

୨୦. ବେଙ୍ଗମାନଙ୍କୁ କାହିଁକି ଉଭୟଚର ପ୍ରାଣୀ ବୋଲି କୁହାଯାଏ ?

୨୧. ସେମାନେ କାହିଁକି ଏକା ବଂଶଧର / ପୂର୍ବପୁରୁଷ ବୋଲି କହିଲେ ? କେଉଁ ସବୁ ତଥ୍ୟରୁ ତୁମେ କହିପାରିବ ଯେ ସେମାନେ ଏକା ବଂଶଧର / ପୂର୍ବପୁରୁଷ ? ସୂଚନା: ବେଙ୍ଗର ଜୀବନଚକ୍ରର ପ୍ରଥମାବସ୍ଥା (tadpole) ମାଛଭଳି ଦେଖାଯାଏ ।

୨୨. ଆମ ଦେଶର କିଛି ସ୍ଥାନର ଲୋକମାନେ ବିପର୍ଯ୍ୟୟ ପୂର୍ବରୁ ବିପର୍ଯ୍ୟୟର ପରିଚାଳନା ନିମନ୍ତେ ପଦକ୍ଷପ ନେଇଥାନ୍ତି । ଏ ବିଷୟରେ ତୁମେ ଜାଣ କି ? ଅବଗତ କି ?

ଧନ ସଂପତ୍ତି ଓ ଜୀବନ ରକ୍ଷା ପାଇଁ ସେମାନଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷପଗୁଡ଼ିକ ବିଷୟରେ ଆଲୋଚନା କର ।

୨୩. ତୁମେ ଦୁର୍ଦ୍ଦଶା / ବିପର୍ଯ୍ୟୟ ପ୍ରବଣ ସ୍ଥାନରେ ରହୁଛ କି ? ଏହି ବିପର୍ଯ୍ୟୟରୁ / ଦୁର୍ଦ୍ଦଶାରୁ ରକ୍ଷା ପାଇବା ପାଇଁ ତୁମ ଘରେ କ'ଣ ସବୁ ବ୍ୟବସ୍ଥା କରିଛ ? ସ୍ଥାନୀୟ ଅଧିକାରୀମାନଙ୍କଦ୍ୱାରା କ'ଣ ସବୁ ପଦକ୍ଷେପ ନିଆଯାଇଛି । ଶିକ୍ଷଣ ଫଳାଫଳ ଆଧାରରେ ଦିଆଯାଇଥିବା ବିଜ୍ଞାନର ଧାରଣା ଓ ଦକ୍ଷତାକୁ ପର୍ଯ୍ୟବେକ୍ଷଣ କରିବା ଓ ବୁଝିବା ପାଇଁ ଏହି ଆଲୋଚନା ମୂଳକ ପ୍ରଶ୍ନଗୁଡ଼ିକ ସହାୟକ ହେବ ।

MODULE 3

**ଶିକ୍ଷଣ କାର୍ଯ୍ୟ**

- ଶିକ୍ଷକ ପ୍ରସଙ୍ଗ ଆଧାରିତ ଯେ କୌଣସି ଲୋକଗଳ୍ପ / ଲୋକ କଥା ନେଇପାରନ୍ତି। କିଛି ବୈଜ୍ଞାନିକ ତଥ୍ୟକୁ ନେଇ ଏହାକୁ ପରିବର୍ତ୍ତନ କରାଯାଇପାରେ। ଆଞ୍ଚଳିକ ଭାଷାର କିଛି ଲୋକକଥା ମଧ୍ୟ ଚୟନ କରାଯାଇପାରେ।
- ଶିକ୍ଷଣ କାର୍ଯ୍ୟ ପାଇଁ ପାଠ୍ୟପୁସ୍ତକରେ ଥିବା ଗଳ୍ପ ମଧ୍ୟ ଚୟନ କରାଯାଇପାରେ।

**ଟିପ୍ପଣୀ :** ୩ୟ, ୪ର୍ଥ ଓ ୫ମ ଅଧିବେଶନକୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ୧ମ ଓ ୨ୟ ଅଧିବେଶନ ଭାବରେ ନିଆଯାଇପାରେ।

## ତୃତୀୟ ଅଧିବେଶନ

### କଳା ଅଭିନୟ / ଚରିତ୍ର ଅଭିନୟ

ହିନ୍ଦି, ଶ୍ରେଣୀ-ଅଷ୍ଟମ, ପାଠ: NCERT (ବସନ୍ତ ଭାଗ- III)

କଳା ଶିକ୍ଷଣ କାର୍ଯ୍ୟର ରୂପ: ନାଟକ ଅଭିନୟ/ ଚରିତ୍ର ଅଭିନୟ

ଆବଶ୍ୟକୀୟ ସମୟ – ୨ ଘଣ୍ଟା

ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ, ଏଠାରେ ପ୍ରସ୍ତାବିତ ହୋଇଥିବା କଳା ସଂପର୍କିତ କାର୍ଯ୍ୟଗୁଡ଼ିକ ଶିକ୍ଷଣ ପ୍ରକ୍ରିୟା ରୂପେ ପରିଚାଳିତ ହୋଇଥାଏ । ଏହା ଶିକ୍ଷଣର ଶେଷ ଉତ୍ପାଦ ନୁହେଁ। (ଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି।)

**ପ୍ରଶିକ୍ଷଣ ଫଳାଫଳ (ପ୍ରଶିକ୍ଷାର୍ଥୀ)**

- ପରିବେଶର ବିଭିନ୍ନ ଉପାଦାନ ଓ ସେମାନଙ୍କ ମଧ୍ୟରେ ଥିବା ସଂପର୍କକୁ ବ୍ୟାଖ୍ୟା କରିବ।
- ବାୟୁ, ଜଳ, ଶକ୍ତି, ଉଦ୍ଭିଦ ଓ ପ୍ରାଣୀ ଜଗତ ଆଦି ପ୍ରାକୃତିକ ସଂପଦର ସଂରକ୍ଷଣ ପ୍ରତି ସମ୍ବେଦନଶୀଳ ହେବ।
- ଜଳ, ମାଟି ଓ ଜଙ୍ଗଲ ଭଳି ପ୍ରାକୃତିକ ସଂପଦର ଯଥାର୍ଥ ବ୍ୟବହାରକୁ ପ୍ରତିପାଦନ କରିବେ।

MODULE
3

*ଟିପ୍ପଣୀ : ଏଠାରେ ଏହା ଦର୍ଶାଇବା ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ଶିକ୍ଷଣ ଫଳାଫଳ ପାଇଁ କ୍ଷୁଦ୍ର ନାଟକ ଅଭିନୟ / ଚରିତ୍ର ଅଭିନୟ କରାଯାଇପାରିବ । ସେହିପରି ଦୁଇ ବା ତତୋଧିକ ଶିକ୍ଷଣ ଫଳାଫଳ ଗୋଟିଏ ନାଟକ ଅଭିନୟ ମାଧ୍ୟମରେ ଦର୍ଶାଯାଇପାରିବ । ଏହା ଗୋଟିଏ ନାଟକ ପ୍ରଦର୍ଶନର ସମୟ ଉପରେ ନିର୍ଭର କରେ ।*

**ଆବଶ୍ୟକୀୟ ସାମଗ୍ରୀ**

- ନାଟକର ଲେଖା ଅନୁଯାୟୀ ପରିଧାନ ସାମଗ୍ରୀ ଯଥା କୁର୍ତ୍ତା, ପାଇଜାମା, ଧୋତି, ଗାନ୍ଧୀ ଟୋପି, ଓଢ଼ଣୀ, ପଗଡ଼ି ଇତ୍ୟାଦି । ପ୍ୟାଣ୍ଟ - ସାର୍ଟ, ସ୍ଥାନୀୟ ବାଦ୍ୟଯନ୍ତ୍ର ଯଥା ଢୋଲ, ମଞ୍ଜିରା, ଡମ୍ବରୁ ଇତ୍ୟାଦି । (କଳା ସମନ୍ୱିତ ଶିକ୍ଷଣ କାର୍ଯ୍ୟ ଯୋଜନା ବେଳେ ସ୍ଥାନୀୟ ସମ୍ବଳକୁ ଅଗ୍ରାଧିକାର ଦିଆଯାଇପାରେ ।)
- ପ୍ରଥମ ଅଧିବେଶନରେ ଦିଆଯାଇଥିବା ଦୃଶ୍ୟକଳା ସାମଗ୍ରୀ ।
- Activityର ଆବଶ୍ୟକତା ଅନୁଯାୟୀ ICTର ବ୍ୟବହାର କରି ଅନ୍ତରାଳ ସଂଗୀତ ସୃଷ୍ଟି କରାଯାଇପାରେ ।

## ଶିକ୍ଷଣ କାର୍ଯ୍ୟ

**(ସୋପାନ-୧)**

ଶ୍ରେଣୀ ଗୃହରେ ଶିକ୍ଷକ / ସହାୟକ ଏକ (ମାନସ ମନ୍ଥନ) ଅଧିବେଶନ ପରିଚାଳନା କରିବେ, ଯେଉଁଥିରେ ଶିକ୍ଷାର୍ଥୀମାନଙ୍କୁ ସାମାଜିକ ସମ୍ବେଦନଶୀଳ ଘଟଣା କିମ୍ବା ସାମାଜିକ ସମସ୍ୟା ଏବଂ ତତ୍ ସହିତ ସେଗୁଡ଼ିକୁ ସମାଧାନ କରିବାର ପଦକ୍ଷପ ଉପରେ ସଂକ୍ଷିପ୍ତରେ ବ୍ୟାଖ୍ୟା କରାଯିବ । ଯେଉଁ ବିଷୟଟି ନାଟକରେ ଅଭିନୟ କରାଯାଉଛି, ତା' ଉପରେ ସହାୟକ ସଂକ୍ଷିପ୍ତରେ ବର୍ଣ୍ଣନା କରିପାରିବେ । ଶିକ୍ଷାର୍ଥୀମାନଙ୍କୁ ୬ - ୮ ଜଣ ବିଶିଷ୍ଟ ଦଳରେ ଭାଗ କରିବେ । ପ୍ରତ୍ୟେକ ଦଳକୁ ସେହି ବିଷୟଟି ସତର୍କତା ସହ ପଢ଼ିବାକୁ କହିବେ । ଯେପରିକି ତା ମଧ୍ୟରେ ଥିବା ଧାରଣା / ସମସ୍ୟାକୁ ବୁଝିପାରିବେ । ପ୍ରତ୍ୟେକ ଦଳ ସେହି ବିଷୟରେ ଅନ୍ତର୍ନିହିତ ଥିବା ବାର୍ତ୍ତା ଏବଂ ସେହି ବିଷୟର ବିଷୟବସ୍ତୁ ଯାହା ସେମାନେ ଶିକ୍ଷା କରିଥିବେ, ଉପସ୍ଥାପନା କରିବେ ।

MODULE 3

**ସୋପାନ-୨:**

ସହାୟକ ଅନ୍ୟ ସାଥୀମାନଙ୍କ ସହ ମିଶି ନାଟକର ବିଭିନ୍ନ ଚରିତ୍ର ଦଳର ସଦସ୍ୟମାନଙ୍କୁ ବାଣ୍ଟିବେ। ଭାଷା ଏବଂ ସାମାଜିକ ବିଜ୍ଞାନ ଭଳି ଅନ୍ୟ ପାଠ୍ୟ ପୁସ୍ତକର ବିଷୟ ଗୁଡ଼ିକ ଉପରେ ନାଟକ ପ୍ରସ୍ତୁତ କରିବା ପାଇଁ ସଦସ୍ୟମାନେ ପ୍ରସ୍ତୁତ ହେବେ ଯେପରିକି ପ୍ରତ୍ୟେକ ଛାତ୍ର ଅତି କମ୍‌ରେ ଗୋଟିଏ ଚରିତ୍ର ଅଭିନୟ କରିବାର ସୁଯୋଗ ପାଇବେ। ତା' ସହିତ (ଷ୍ଟେଜ) ମଞ୍ଚ ସାଜସଜା, portrait ଡିଜାଇନ କରିବା ଏବଂ କ୍ଷୁଦ୍ର ସଂଳାପ ପରିବେଷଣର ସୁଯୋଗ ପାଇବେ।

**ସୋପାନ-୩:**

ସହାୟକ ଅନ୍ୟ ସହଯୋଗୀ ମାନଙ୍କ ସହ ମିଶି ନାଟକର ବିଭିନ୍ନ ଚରିତ୍ରକୁ ଅଭିନୟ କରିବେ ଯାହାଫଳରେ ଶିକ୍ଷାର୍ଥୀମାନେ ପଢ଼ିବା ବେଳେ ଏବଂ ଦୂରଦର୍ଶନ ଦେଖିବା ବେଳେ ସେହି ଚରିତ୍ରଗୁଡ଼ିକ ବୁଝିପାରିବେ। ଏଠାରେ ICT ବ୍ୟବହାର ସମାନ ଚରିତ୍ର ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚିତ୍ର ମଧ ଶିକ୍ଷାର୍ଥୀମାନଙ୍କୁ ଦେଖାଯାଇପାରିବ, ଯାହାଦ୍ୱାରା ଚରିତ୍ରଗୁଡ଼ିକ କିପରି ପରସ୍ପର ମଧ୍ୟରେ ସମ୍ପର୍କିତ ତାହା ଶିକ୍ଷାର୍ଥୀମାନଙ୍କୁ ଧାରଣା ଦିଆଯାଏ। ବିଭିନ୍ନ ଚରିତ୍ରର ଠାଣି, କଥାବର୍ତ୍ତାର ଶୈଳୀ ଏବଂ ଅଙ୍ଗଭଙ୍ଗୀଗୁଡ଼ିକୁ ଯାହା ଚରିତ୍ର ମଧ୍ୟରେ ବାସ୍ତବତା ଆଣିଦିଏ ସେ ବିଷୟରେ ସହାୟକ, ଶିକ୍ଷାର୍ଥୀମାନଙ୍କୁ ଧ୍ୟାନ ଦେବା ପାଇଁ ପ୍ରେରଣା ଯୋଗାଇବେ।

**ସୋପାନ-୪:**

ଶିକ୍ଷାର୍ଥୀମାନଙ୍କୁ ନାଟକର ବିଷୟବସ୍ତୁ ଅନୁଯାୟୀ ଚରିତ୍ର ସହ ସଂପୃକ୍ତି, ଅଙ୍ଗଭଙ୍ଗୀ ଓ ଠାଣି ସଂକ୍ଷେପରେ ବୁଝାଯିବା। ସହାୟକ ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ Prop ସହ ନିଜନିଜ ମଧ୍ୟରେ ସହଯୋଗ ରକ୍ଷା କରିବାକୁ କହିବେ। କିଛି ଚିତ୍ର ଓ ରୂପ ଚିତ୍ର ନାଟକର ଲେଖା ଅନୁଯାୟୀ ଶିକ୍ଷାର୍ଥୀମାନେ ପ୍ରସ୍ତୁତ କରିପାରିବେ। ଏବଂ ଶେଷରେ ବିଷୟବସ୍ତୁ ଅନୁସାରେ ମଞ୍ଚ ପ୍ରସ୍ତୁତ କରାଯିବ।

**ସୋପାନ-୫:**

ହାୟକ ନାଟକର ଚୂଡ଼ାନ୍ତ ପ୍ରଦର୍ଶନ ପୂର୍ବରୁ ପୂର୍ବାଭିନୟ ସଂଗଠନ କରିପାରିବେ। ଆବଶ୍ୟକୀୟ Prop, ମଂଚ ସମ୍ବନ୍ଧୀୟ ସାମଗ୍ରୀ ପୂର୍ବାଭିନୟରେ ସମୟରେ ବ୍ୟବହାର କରାଯିବା ଉଚିତ୍ ଯେପରିକି ଶିକ୍ଷାର୍ଥୀମାନେ ଉପକରଣ ବିଷୟରେ ସଚେତନ ହେବା ସହିତ ସଠିକ୍ ବ୍ୟବହାର କରିପାରିବେ ଏହା ସେମାନଙ୍କୁ ମଞ୍ଚ ଉପରେ ସେମାନଙ୍କ ସହକର୍ମୀମାନଙ୍କ ସହିତ ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇଥାଏ।

MODULE 3

**ସୋପାନ-୬:** ନାଟକଟି ସଂପାଦନ କରାଯିବ। ଶିକ୍ଷାର୍ଥୀମାନେ ମଞ୍ଚ ଉପରେ ଅଭିନୟ କରନ୍ତି ଏବଂ ତଳ ମଞ୍ଚ ତଳେ ସମର୍ଥନ କରନ୍ତି। Video Recording (ଦୃଶ୍ୟ ସଙ୍କେତ ଅଭିଲେଖନ) ମଧ୍ୟ କରାଯାଇପାରେ ଏବଂ ପରେ ଶିକ୍ଷାର୍ଥୀମାନଙ୍କୁ ଦେଖାଯାଇପାରିବ। ସହାୟକ ଓ ଶିକ୍ଷାର୍ଥୀମାନେ ଏକା ସଙ୍ଗରେ ବସି ଅଭିଲିଖିତ ବିବରଣୀ ଦେଖିପାରିବେ ଏବଂ କଳାର ବିଭିନ୍ନ ଦୃଷ୍ଟିକୋଣ / ଦିଗ ଉପରେ ବିଚାର କରିପାରିବେ। ଭବିଷ୍ୟତରେ ଏହାର ଅଧିକ ଉନ୍ନତି ନିମନ୍ତେ ଦିଆଯାଇଥିବା ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକୁ ମଧ୍ୟ Recording କରାଯାଇପାରିବ। କିଏ ଦଳରେ ସର୍ବୋଚ୍ଚ ପ୍ରଦର୍ଶନ କରିଛି। ତାହା ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ତୁଳନା କରିବା ଉଚତ୍ ନୁହେଁ, ବରଂ ଲିପି, ସଂଳାପ ଲେଖା,ଡାଇଲଗ, ସମନ୍ୱୟ ଇତ୍ୟାଦିର ଗୁଣାତ୍ମକ ଦିଗ ଉପରେ ଆଲୋଚନା କରାଯିବା ଉଚିତ୍।

**ଅନ୍ୟ ବିଷୟ ସହ ସମନ୍ୱୟ:**

ସହାୟକ ମାନେ, ଶିକ୍ଷାର୍ଥୀ ମାନଙ୍କୁ ସମାଜର କିଛି ସାମାଜିକ ସମସ୍ୟା ତଥା ସେହିପରି ଅନ୍ୟ କିଛି ସମସ୍ୟାକୁ ପର୍ଯ୍ୟବେକ୍ଷଣ କରିବା ପାଇଁ ପ୍ରେରଣା ଦେଇପାରିବେ। ସେମାନେ ଏହି ବିଷୟଗୁଡ଼ିକୁ ଭାଷାଗତ ଦକ୍ଷତା ସହ ସମନ୍ୱୟ କରିପାରିବେ। ଯଦିଓ ଭାଷା ହେଉଛି ନାଟକ ପ୍ରଦର୍ଶନର ଏକ ଅବିଚ୍ଛେଦ୍ୟ ଅଂଶ ତଥାପି ନାଟକର ବିସ୍ତୃତ ବିବରଣୀ, ସଂଳାପ ଓ ଲିପି ଲିଖନ ମଧ୍ୟ ଅପରିହାର୍ଯ୍ୟ ଭାବେ ଜଡ଼ିତ।

MODULE 3

# କଳା ସମନ୍ୱିତ ଶିକ୍ଷା

## ଅଧିବେଶନ-୪

### ହିନ୍ଦି (ବସନ୍ତ, ଭାଗ-୧ , ଷଷ୍ଠ ଶ୍ରେଣୀ) ପାଠ-୨- 'ବଚପନ'

**ଶିକ୍ଷଣ ଉଦ୍ଦେଶ୍ୟ :**

- ବିଭିନ୍ନ ପ୍ରକାର ଧ୍ୱନି ଯେପରି ଘଣ୍ଟିର ଶବ୍ଦ, ପକ୍ଷୀର ରାବ, ଜଙ୍ଗଲର ସ୍ୱର ଶୁଣିବାର ଅନୁଭବକୁ ମୌଖିକ ଭାଷାରେ କହିବେ / ପ୍ରକାଶ କରିବେ।
- ଶୁଣିଥିବା କିମ୍ବା ଦେଖିଥିବା କଥା ଯେପରିକି ସ୍ଥାନୀୟ ଘଟଣା ମାନ, ବିଭିନ୍ନ କାର୍ଯ୍ୟକ୍ରମର ଗତିବିଧି ବିଷୟରେ ନିର୍ଦ୍ୱନ୍ଦରେ କହିବେ।
- ନିଜଠାରୁ ଭିନ୍ନ ଭାଷା, ସନ୍ଦର୍ଭ, ଖାଦ୍ୟପେୟ, ରହଣି ଚାଲି ଚଳଣି ଭଳି ବିଭିଧତା ଉପରେ କଥାବାର୍ତ୍ତା କରିବେ। ।
- ଭାଷା ସାହିତ୍ୟର ଟିକିନିଖି କଥା ଏବଂ ବ୍ୟବସ୍ଥା ଉପରେ ଧ୍ୟାନ ଦେଇ ତାର ଗୁଣବତ୍ତା ଗାନ କରିବେ।

**ଆବଶ୍ୟକୀୟ ସାମଗ୍ରୀ / ସାମଗ୍ରୀ ତାଲିକା:**

କାଗଜ, ନୂଆ କିମ୍ବା ପୁରୁଣା କପଡା, ସ୍କେଚ୍‌ପେନ୍, ଢ଼ୋଲ, ଘଣ୍ଟି, ଡମ୍ବରୁ, କାର୍ଡବୋର୍ଡ, ଅଠା, ବିଭିନ୍ନ ପ୍ରକାରା ରଙ୍ଗ ଖବର କାଗଜ ଇତ୍ୟାଦି। 'କବିତା ମଞ୍ଜରୀ' NCERT ର U-Tube Channel - ସନ୍ଦର୍ଭ ପୁସ୍ତକ ଇତ୍ୟାଦି।

## ଅନୁଶୀଳନୀ-୧ (ସକ୍ରିୟାତ୍ମକ କାର୍ଯ୍ୟ)

### ଆଖିବନ୍ଦ କରି ଧ୍ୱନି ଶୁଣନ୍ତୁ

ଛାତ୍ର-ଛାତ୍ରୀମାନଙ୍କୁ ଆଖି ବନ୍ଦ କରି ୫ ମିନିଟ୍ ଧ୍ୱନି ଶୁଣିବା ପାଇଁ କୁହାଯିବ। ଯେଉଁଥିରେ ପକ୍ଷୀର ରାବ, ଘଣ୍ଟିର ଧ୍ୱନି, ପବନର ବେଗ, ପକ୍ଷୀମାନଙ୍କର ଚିଁ ଚିଁ ଶବ୍ଦ, ଗଛ ପତ୍ରର ହଲିବା ଶବ୍ଦ ସଂଗୀତର ଧ୍ୱନି ଆଦିକୁ ଶୁଣିବେ ଏବଂ ତାହାକୁ ନିଜ ଅନୁଭୂତି ସହ ଯୋଡି ନିଜ ଭାଷାରେ କହିବା ପାଇଁ କୁହାଯିବ। ଏଥିରେ ସେମାନଙ୍କର ନିରୀକ୍ଷଣ ଶକ୍ତି, କାଳ୍ପନିକ ଶକ୍ତି, ସମ୍ବେଦନଶୀଳତା, ଶ୍ରୁତି କଳା (ଶୁଣିବା ଶୈଳୀ)ର ବିକାଶ ହେବ। ଏହା ସହିତ ମୌଖିକ ପରିପ୍ରକାଶ ଦ୍ୱାରା ତାଙ୍କର କଥା କହିବା ଶୈଳୀ ଏବଂ କଥୋପକଥନର ବିକାଶ ହୋଇଥାଏ।

MODULE 3

**ଅନୁଶୀଳନୀ-୨ :**

ଶୈଶବ ସମ୍ବନ୍ଧୀୟ ଅଭିନୟ, ଗୀତକୁ, ଉପଯୁକ୍ତ ଭାବଭଙ୍ଗୀ ସହ ସମସ୍ତଙ୍କ ସମ୍ମୁଖରେ କରିବା ପାଇଁ କହିବେ। ଶିଶୁ ଗୀତରୁ ସେମାନଙ୍କର ରୁଚି ଏବଂ ଜିଜ୍ଞାସା ବଢ଼ିଥାଏ ଓ ନୂତନ ଜ୍ଞାନ, ଉଚ୍ଚାରଣ, ଧ୍ୱନି, ଆରୋହଣ - ଅବରୋହଣ ଏବଂ ଲୟ - ତାଳ ଦ୍ୱାରା ସଙ୍ଗୀତ ଓ ଅଭିନୟ ଭଳି କଳାର ସମଗ୍ର ବିକାଶ ଘଟିଥାଏ।

ଗୀତ - ୧ ବଚ୍ଚେ ମନ କେ ସଚ୍ଚେ ...

ଗୀତ - ୨ ଛୋଟା ବଚ୍ଚା ଜାନ୍ କେର ହମକୋ ...

ଗୀତ-୩ ଆଓ୍ ବଚ୍ଚୋ ତୁହ୍ମେ ଶିଖାଏଁ ...

ଏହିଭଳି ଗୀତର ସମାପ୍ତି ପରେ ଶୈଶବର ଶିଶୁଗୀତଗୁଡ଼ିକୁ ନେଇ ଶିଶୁମାନଙ୍କୁ ଶୈଶବର ଅନୁଭବ ସହିତ ଯୋଡି ପାରିବା। ଏହି ଅନୁଶୀଳନୀଟି ଶିକ୍ଷାକୁ ରୁଚିପୂର୍ଣ୍ଣ ଓ ଆନନ୍ଦମୟ ଅନୁଭବ କରିବ।

**ଅନୁଶୀଳନୀ - ୩:**

'ବଚପନ୍' ପାଠଟିକୁ ଠିକ୍ ଭାବରେ ଉଚ୍ଚରଣ କରି, ସ୍ୱର / ଶବ୍ଦ ଏବଂ ତା'ର ତାଳ ସହ ଶିକ୍ଷକ ପଢ଼ିବେ। ଶିକ୍ଷକଙ୍କ ପଢ଼ିବା ପରେ ଶିକ୍ଷାର୍ଥୀ ମାନେ ମଧ୍ୟ ପାଠଟିକୁ ସେହିଭଳି ଭାବେ ପଢ଼ି ପାରିବେ। 'ବଚପନ୍' ପାଠରେ ପିଲାଦିନରେ ଅନୁଭୂତି ଆଧାରିତ ବିଭିନ୍ନ ପ୍ରଶ୍ନଗୁଡ଼ିକର ଚର୍ଚ୍ଚା ମଧ୍ୟ କରାଯାଇପାରେ ଯେପରିକି :

- ଆମ ପିଲାଦିନର ଘଟଣାଗୁଡ଼ିକ ଠାରୁ ଏହି ପାଠର ବିଷୟବସ୍ତୁ କିପରି ଭିନ୍ନ ଅଟେ ?
- କ'ଣ କଣ ସମାନତା ଅଛି ?
- କ'ଣ ନୂତନତ୍ୱ ଅଛି ?

ଏହି ପ୍ରକାର ବିଷୟବସ୍ତୁଗୁଡ଼ିକୁ ସାମୁହିକ ଭାବେ ଚର୍ଚ୍ଚା କରି ଚାର୍ଟ ପେପର ରେ ଚିତ୍ର ମାଧ୍ୟମରେ ଦର୍ଶାଯାଇପାରେ। (ଏହି ଅନୁଶୀଳନୀ / କାର୍ଯ୍ୟରେ ଭାଷାର ଶୈଳୀ, ଅଭିବ୍ୟକ୍ତ, ନୂଆ ଶବ୍ଦ, ବ୍ୟକରଣ ଆଦି ବିଷୟର ଚର୍ଚ୍ଚା, ଚିତ୍ରକଳା, କୋଲାଜ, ଗ୍ରାଫକ୍ସ ଚାର୍ଟ ପେପରରେ ସୃଜନଶୀଳ କାର୍ଯ୍ୟ କରିପାରିବେ।

**ଅନୁଶୀଳନୀ-୪**

'ବଚପନ' ପାଠରେ ଲେଖିକା ନିଜର ବର୍ତ୍ତମାନର ବୟସ ଓ ଶୈଶବାବସ୍ଥା / ପିଲାଦିନର ସମୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଛନ୍ତି। ଶିକ୍ଷାର୍ଥୀ ମାନଙ୍କୁ ଦଳରେ ଭାଗ କରି ମାତୃପକ୍ଷ ଓ ପିତୃପକ୍ଷ ନାମରେ ନାମିତ କରି ବୃକ୍ଷ ଆକାରରେ (family tree) ଚିତ୍ର

MODULE 3

କରି ବୁଝାଇବା ପାଇଁ କୁହାଯିବ। ଏଠାରେ ଯେଉଁ ଅଂଚଳର ଯାହା ପାରମ୍ପାରିକ କଳା, ତାହାର ଚିତ୍ର ମଧ୍ୟ ପ୍ରସ୍ତୁତ କରିବା ପାଇଁ କହିପାରିବା। ଯେପରିକି ରଳୀ, ପାହାଡ଼ୀ, ଗୌଡ଼, ପିଥୋରା, ଭି. ମଧୁବନୀ ଆଦି। ଏହି କାର୍ଯ୍ୟ ପାଇଁ ରଂଗୀନ କାଗଜର କୋଲାଜ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଏହି ଅନୁଶୀଳନୀ / କାର୍ଯ୍ୟ ଦ୍ୱାରା ସାମାଜିକ ବିଜ୍ଞାନ, ଜୀବ ବିଜ୍ଞାନ, ଆଦି ଭାଷା ସହିତ କଳା ମାଧ୍ୟମରେ ଯୋଡ଼ି / ସଂଯୋଗ କରିପାରିବା।

**ଅନୁଶୀଳନୀ - ୫ (ପ୍ରକଳ୍ପ କାର୍ଯ୍ୟ)**

'ବଚପନ' ପାଠରେ ଦର୍ଶାଯାଇଥିବା ବିଭିନ୍ନ ଢ଼ଗଢ଼ମାଳି ସହିତ ଶିକ୍ଷାର୍ଥୀମାନେ ନିଜର ଅନୁଭୂତିର ତୁଳନାତ୍ମକ ବିଶ୍ଳେଷଣ କରିବେ। ଏହାକୁ ଦଳଗତ କାର୍ଯ୍ୟ ଦ୍ୱାରା ସଂପାଦନ କରାଯାଇପାରେ। ଶୈଶବାବସ୍ଥାରେ / ପିଲାଦିନେ ଖିଆଯାଉଥିବା ପାରମ୍ପାରିକ ଖାଦ୍ୟ, ଫଳ ଏବଂ ପାନୀୟ ପଦାର୍ଥ ଆଦିକୁ ବର୍ତ୍ତମାନ ଖିଆ ଯାଉଥିବା ବସ୍ତୁ / ଖାଦ୍ୟ ସହ ଯୋଡ଼ି ଚିତ୍ର ପ୍ରସ୍ତୁତ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଅଲଗାଅଲଗା ଦଳରେ ଦିଆଯିବ। ସେତେବେଳେର ପୋଷାକ ସହ ବର୍ତ୍ତମାନ ସମୟର ପୋଷାକର ଏକ ତୁଳନାତ୍ମକ ଅଧ୍ୟୟନ କରିବେ ଓ ସଂକ୍ଷେପଣ କରି ଏକ ଚାର୍ଟ (ଚିତ୍ର ବା କପଡାରେ) ପ୍ରସ୍ତୁତ କରିବେ। ଲେଖିକାଙ୍କ ଦ୍ୱାରା କହିଥିବା ସ୍ଥାନର ଚିତ୍ର ସହ ବର୍ତ୍ତମାନ ସ୍ଥିତିର ଚିତ୍ରକୁ ତୁଳନା କରି ICT ମାଧ୍ୟମରେ ଚାର୍ଟ ପ୍ରସ୍ତୁତ କରିବେ। (ଏହି କାର୍ଯ୍ୟକ୍ରମରେ ପିନ୍ଧିବା, ଚଳଣି, ଐତିହାସିକ ...... ଓ ଖାଦ୍ୟ ଇତ୍ୟାଦି ବିଷୟରେ ବୁଝିପାରିବେ। ଏଠାରେ ସାମାଜିକ ବିଜ୍ଞାନ, ଭୂଗୋଳ, ପରିବେଶ ଭଳି ବିଷୟ ସହିତ ସୌନ୍ଦର୍ଯ୍ୟବୋଧ ଏବଂ ମୂଲ୍ୟବୋଧ ଭିତ୍ତିକ କଳା ଗୁଡ଼ିକର ବିଶ୍ଳେଷଣ କରି କହିପାରିବେ।)

**ମୂଲ୍ୟାୟନ :**

ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ହେବ। ଶିକ୍ଷକ ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ରୁବ୍ରିକକ୍ସ, ଚର୍ଚ୍ଚାପତ୍ର, ପ୍ରଶ୍ନୋତ୍ତର ମାଧ୍ୟମରେ ସମସ୍ତ ମୂଲ୍ୟାୟନ କରିବେ।

MODULE 3

# କଳା ସମନ୍ୱିତ ଶିକ୍ଷା

## (ସଙ୍ଗୀତ, Rhythm, ଚିତ୍ରାଙ୍କନ)

## ପଞ୍ଚମ ଅଧିବେଶନ

**ଶ୍ରେଣୀ – ୮, ବିଷୟ – ହିନ୍ଦି (ବସନ୍ତ ଭାଗ – ୩),**

**(ପାଠ-୧୬): 'Bhar aur Barkha'**

**(ପାଠ-୫): 'Thodi Dharti Paoon'**

କଳା ଶିକ୍ଷଣ କାର୍ଯ୍ୟର ପ୍ରକାର ଭେଦ

ଦୃଶ୍ୟକଳା ତଥା ପ୍ରଦର୍ଶିତ କଳା

ସପ୍ତମ ଶ୍ରେଣୀ ହିନ୍ଦୀ ବହିକୁ ଅଧ୍ୟୟନ କଲେ ଏଥିରେ ଥିବା ବିଷୟଗୁଡ଼ିକ ବିଷୟରେ ଜାଣିହୁଏ।

ହିନ୍ଦୀ – Bhor aur Barkha - Basant Part-2

ହିନ୍ଦୀ – Thodi Si Dharti Paoon - Durva part - 2

ପରବର୍ତ୍ତୀ ସମୟରେ ଏହା ଆମ ପରିବେଶ-ସାମାଜିକ ପାଠ – ୪ (ବାୟୁ) ପାଠ – ୫ (ଜଳ) ଓ ପାଠ – ୮ (ମାନବ ସହ ପରିବେଶର ସଂପର୍କ) ସହ ସଂପର୍କିତ କରାଯାଇପାରିବ।

ନିମ୍ନରେ ଦିଆଯାଇଥିବା କଳା ସଂପର୍କିତ କାର୍ଯ୍ୟଗୁଡ଼ିକ ଅନ୍ତଃବିଷୟ ମୂଳକ ଏବଂ ବାସ୍ତବ ଜୀବନ ସହ ସଂପୃକ୍ତ।

**ସହାୟକଙ୍କ ନିମନ୍ତେ ସୂଚନା:** ନିମ୍ନ ଦିଆଯାଇଥିବା କାର୍ଯ୍ୟ ୧, ୨, ୩, ୪ ଗୁଡ଼ିକର ପ୍ରକୃତ ହେଉଛି ଏଗୁଡ଼ିକୁ ପ୍ରକୃତିର ସ୍ୱାଧୀନ ଭାବେ ନିଆଯାଇଅଛି ଏବଂ ଏହା ଦୁଇଟି କବିତା ଯେପରି 'Bhor au Barkha', 'Thodi dharti Paoon' ହୋଇଛି।

### ଶିକ୍ଷାର୍ଥୀଙ୍କର ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷଣ ଫଳାଫଳ

### ଶିକ୍ଷାର୍ଥୀ

ଶିକ୍ଷାର୍ଥୀ 'ପାଠ୍ୟ ଆଧାରିତ (ବହିରୁ ଓ ଅନ୍ୟାନ୍ୟ ଉତ୍ସରୁ) ପ୍ରଶ୍ନ ପଚାରିବ ଓ ଉତ୍ତର ଦେବ।

ଉତ୍ସାହରୁ ସୃଷ୍ଟି ହେଉଥିବା ସମାଲୋଚନ ପୂର୍ବକ ଚିନ୍ତନ, ତୁଳନା, ଅସମତା ଦେଖାଯାଉଥିବା ଘଟଣାବଳୀର ତୁଳନା, ବିଭିନ୍ନ ଉପାୟ ଗୁଡ଼ିକୁ ବାସ୍ତବ ଜୀବନ ସହ ଯୋଡ଼ିବ ଏବଂ ସୃଜନାତ୍ମକ ଭାବେ ଉପସ୍ଥାପନା କରିବ।

MODULE
3

**ଆବଶ୍ୟକ ସାମଗ୍ରୀ:**

କାଗଜ, ପେନସିଲ୍, କଇଁଚି, ଅଠା, ଚାର୍ଟ ପେପର, ବିଭିନ୍ନ ରଂଗ, ପୁରୁଣା ଖବର କାଗଜ / ମେଗାଜିନ୍, ସ୍କେଚପେନ୍, ସେଲୋଟେପ୍, ଡବଲ ସାଇଡ ଟେପ୍ ଇତ୍ୟାଦି। Duffli କିମ୍ବା Manjiras ବାଦ୍ୟଯନ୍ତ୍ର ସୁମଧୁର ସଂଗୀତ ସୃଷ୍ଟି ପାଇଁ (କଳା ସମନ୍ୱିତ ଶିକ୍ଷଣ କାର୍ଯ୍ୟର ଯୋଜନା ବେଳେ ସ୍ଥାନୀୟ ସମ୍ବଳକୁ ଅଗ୍ରାଧିକାର ଦିଆଯାଇପାରେ)

**ଶୈକ୍ଷିକ ଶାସ୍ତ୍ର ଆଧାରିତ କୌଶଳ**

ଶିକ୍ଷଣ କାର୍ଯ୍ୟ-୧ (ରାଜ୍ୟ ସାଧନକର୍ମୀଙ୍କ ପାଇଁ; ସମୟ - ୧ ଘଣ୍ଟା)

ପ୍ରାତଃ ସକାଳର ସମୟକୁ ମନେପକାଇବା ଓ ଅନୁଭବ କରିବା ପକ୍ଷୀମାନଙ୍କର ରାବ (ସକ୍ରିୟାତ୍ମକ କାର୍ଯ୍ୟ)

ସମସ୍ତଙ୍କୁ ପ୍ରଥମେ ଠିଆ ହେବା ପାଇଁ କହିବେ ଏବଂ ନିଜେ ଯେପରି ଘର ଚଟିଆର ସ୍ୱର ସୃଷ୍ଟି କରୁଛନ୍ତି ସେପରି ସମସ୍ତଙ୍କୁ କରିବା ପାଇଁ କହିବେ। ନିଜେ ଘର ଚଟିଆର ସୃଷ୍ଟି କରିବେ ଓ ଅନ୍ୟମାନଙ୍କୁ ଅନୁସରଣ କରିବା ପାଇଁ କହିବେ।

ଆଖି ବନ୍ଦ କରି ନିଜ ପାପୁଲିକୁ ଚୁମ୍ବନ କରିବେ ଯେପରି ଏକା ଉଚ୍ଚ ସ୍ୱର ସୃଷ୍ଟି କରିବ। ଏହାକୁ ସହାୟକ ନିଜେ ପ୍ରଦର୍ଶନ କରି ବୁଝାଇବେ ଏବଂ ଏହି କାର୍ଯ୍ୟଟି ୩ ମିନିଟ୍ ପର୍ଯ୍ୟନ୍ତ ଚାଲୁ ରହିବ।

ତା'ପରେ ମାନସ ମନ୍ଥନ ପାଇଁ ପ୍ରଶ୍ନଗୁଡ଼ିକର ଆଲୋଚନା ହେବ।

- ତୁମେ କ'ଣ ଅନୁଭବ କଲ ?
- ଏହି ସ୍ୱର / ଧ୍ୱନି ତୁମକୁ କିଛି ମନେ ପକାଇ ଦେଉଛି କି ?
- ଦିନର କେଉଁ ସମୟରେ ଏହି ପ୍ରକାର ରାବ ତୁମେ ଶୁଣିଥାଅ ?

ଏହି ଅନୁଭୂତି ସହାୟକଙ୍କୁ ଅନ୍ୟ ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ

**ବାର୍ତ୍ତାଳାପ କରିବାରେ ସହାୟକ ହେବ ଯେପରିକି:**

- ତୁମ ମାନଙ୍କ ମଧ୍ୟରୁ କେତେଜଣ ସକାଳୁ / ସକାଳ ସମୟରେ ଶୀଘ୍ର ଉଠିବାକୁ ପସନ୍ଦ କର।
- ଯେତେବେଳେ ତୁମେ ସକାଳୁ ଶୀଘ୍ର ଉଠି କିପରି ଅନୁଭବ କର ?
- ଯଦି ଏହା ଏକ ବର୍ଷାଦିନ ହୋଇଥାଏ ତେବେ ତୁମର ଚିନ୍ତାଧାରା ଓ ଅନୁଭୂତି କ'ଣ ହୋଇଥାଏ ?

MODULE 3

- ଯେତେବେଳେ ତୁମେ ନିଦରୁ ଉଠ, ସାଧାରଣତ ଭାବେ ତୁମ ଆଖପାଖରେ କ'ଣ ଦେଖ ?
- ବର୍ତ୍ତମାନର ଭୋର ସମୟ, ପିଲା ଦିନର ଅନୁଭୂତି ଠାରୁ କିପରି ଭିନ୍ନ ?

## ଦଳଗତ କାର୍ଯ୍ୟ

**ସୋପାନ-୧ :**

ପ୍ରଶିକ୍ଷାର୍ଥୀ ମାନଙ୍କୁ ପୁଣିଥରେ ଦଳରେ ବିଭକ୍ତ କରିବେ / କରାଯାଉ ଯେପରିକି ସେମାନେ ସକାଳ ସମୟର / ଶୈଶବର ଅନୁଭୂତି ଓ ଚିନ୍ତାଧାରାକୁ ସେମାନଙ୍କ ମଧ୍ୟରେ ଆଲୋଚନା କରିବେ ଓ ଉପସ୍ଥାପନା କରିବେ। ଏହା ଯେ କୌଣସି ମାଧ୍ୟମରେ ଯଥା ବ୍ୟଙ୍ଗ, ନାର୍ଯ୍ୟ, ମଞ୍ଚ ନାଟକ, ଗଳ୍ପ କଥନ, ଗୀତ, ଚିତ୍ର ହୋଇପାରେ। ଏଥିରେ ଦଳର ସମସ୍ତ ସଦସ୍ୟ ସକ୍ରିୟ ଭାବେ ଅଂଶ ଗ୍ରହଣ କରିପାରିବେ।

**ସୋପାନ-୨ :**

ସେମାନେ ପ୍ରସ୍ତୁତ ହୋଇ ସାରିବା ପରେ, ଗୋଟିଏ ଦଳ ପରେ ଅନ୍ୟଟି କୁ ଉପସ୍ଥାପନା ନିମନ୍ତେ ସହାୟକ କହିବେ। ଗୋଟିଏ ଦଳର ଉପସ୍ଥାପନା ସମୟରେ ଅନ୍ୟ ଦଳଗୁଡ଼ିକର ଦକ୍ଷତା ଭିତ୍ତିକ ଶିକ୍ଷଣର ପର୍ଯ୍ୟବେକ୍ଷଣ ପାଇଁ ଉତ୍ସାହିତ କରିବେ।

ଅଂଶଗ୍ରହଣକାରୀ ମାନଙ୍କ ଉପସ୍ଥାପନା ସେମାନଙ୍କୁ ଏକ ପ୍ରାତଃ ସକାଳର ପରିବେଶ ସହ ସଂପର୍କିତ କରିବ ଯାହା Bhor Aur Barkha କାବ୍ୟର ପୃଷ୍ଠଭୂମି ଅଟେ।

**ସୋପାନ-୩:**

ଶିକ୍ଷଣ କାର୍ଯ୍ୟପରେ, ସହାୟକ, ଦଳଗୁଡ଼ିକରୁ ଉପସ୍ଥାପନାରୁ ମିଳିଥିବା ଧାରଣା ନେଇ କାବ୍ୟର ବିଷୟବସ୍ତୁ ସହ ସଂଯୋଗ କରିପାରିବେ। ଉଦାହରଣସ୍ୱରୂପ : ଯେତେବେଳେ ମା ଯଶୋଧା ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଥିଲେ। ସେ Jago bansivaarey lalana, Jago mere pyaare ଗୀତ ଗାଉଥିଲେ। ମୀରା ବାଇ ଯେପରି ଶ୍ରଦ୍ଧା ଚିନ୍ତନ ସହି ତଏହି ଗୀତଟି ଗାଉଥିଲେ, ଅନ୍ୟ ସମସ୍ତେ ସେହିପରି ଠାଣି, ସ୍ୱରରେ ଗୀତ ଟିକୁ ଗାଇବା ପାଇଁ ସହାୟକ କହିବେ।

ଏହି ଅନୁଭୂତି ଉପରେ ଆଧାର କରି ସହାୟକ / ଶିକ୍ଷକ ନିର୍ଦ୍ଦିଷ୍ଟ ପାଠ ଉପରେ ଭାଷାଭିତ୍ତିକ ଶିକ୍ଷଣ କାର୍ଯ୍ୟ କରିପାରିବେ।

MODULE 3

ମାନନିର୍ଦ୍ଧାରଣ : ଦଳଗତ ଉପସ୍ଥାପନାକୁ ପର୍ଯ୍ୟବେକ୍ଷଣ କରି ନିଜେ ଏବଂ ସହପାଠୀଙ୍କ ଦ୍ୱାରା ମାନ ନିର୍ଦ୍ଧାରଣ କରିପାରିବେ। କଳାର ସମନ୍ୱିତ ଦକ୍ଷତାର ଆକଳନ ପାଇଁ ଯାଞ୍ଚ ତାଲିକା / ତନଖି ତାଲିକା (check list) ର ବ୍ୟବହାର କରିପାରିବେ।

**ଶିକ୍ଷଣ କାର୍ଯ୍ୟ-୨ : (୩୦ ମିନିଟ୍) (ଶିକ୍ଷାର୍ଥୀଙ୍କ ନିମନ୍ତେ)**

ପରବର୍ତ୍ତୀ କବିତା – 'Barse badariya sawan ki'

**ସୋପାନ-୧ :**

ଶିକ୍ଷକ ପିଲାମାନଙ୍କୁ ହାତରେ ତାଳି ବଜାଇ ବର୍ଷାର ଧ୍ୱନି/ ସ୍ୱର ସୃଷ୍ଟି କରିବା ପାଇଁ କହିବେ। କଳାପଟାରେ ବଡ଼ବଡ଼ ଅକ୍ଷରରେ 'Barse badariya' ଲେଖିବେ। ସେମାନଙ୍କ ସ୍ମୃତିରେ ଥିବା ବିଭିନ୍ନ ସମୟର ବର୍ଷାର ଧ୍ୱନିକୁ ମନେ ପକାଇ ପାରିବେ। Video ମାଧ୍ୟମରେ, ବିଭିନ୍ନ ବାଦ୍ୟ ଯନ୍ତ୍ର ବ୍ୟବହାର କରି ଗୀତିକାର ମାନେ ବର୍ଷାର ଧ୍ୱନି ସୃଷ୍ଟି କରୁଥିବା ଦେଖାଯାଇପାରେ। ICT ବ୍ୟବହାର କରି ବାସ୍ତବ ବର୍ଷାର ଅନୁଭୂତିକୁ ମଧ୍ୟ ଦେଖାଯାଇପାରେ।

**ସୋପାନ-୨ :**

ଶିକ୍ଷକ / ସହାୟକ ଦୁଇଟି ଦଳଗଠନ କରି ବର୍ଷାର ଧ୍ୱନିକୁ ବିଭିନ୍ନ ଆଙ୍ଗୁଳି ମାଧ୍ୟମରେ ସୃଷ୍ଟି କରିବା ପାଇଁ କହିବେ। ବର୍ଷାର ପ୍ରଥମ ବିନ୍ଦୁର ସ୍ୱର ଏବଂ ଅଳ୍ପ ବର୍ଷାରୁ ଅଧିକ ବର୍ଷାର ସ୍ୱରକୁ ପିଲାମାନେ ହାତ ଓ ପାଦ ମାଧ୍ୟମରେ ସୃଷ୍ଟି କରିବା ପାଇଁ କହିବେ।

ତା'ପର ଆଲୋଚନା ମୂଳକ ପ୍ରଶ୍ନ ଯେପରିକି :

- ଯଦି ବର୍ଷା ନ ହୁଏ ତେବେ କ'ଣ ହେବ ? ଏବଂ ସେମାନେ ସାମାଜିକ ପାଠ ବହିର 'ଜଳ' ବିଷୟ ସହିତ ସଂଯୋଗ କରି କହିବେ।
- ଶିକ୍ଷାର୍ଥୀମାନେ ଏକ ହିନ୍ଦୀ କବିତାର କିଛି ଧାଡ଼ି ପଢ଼ିବେ। ଶବ୍ଦଗୁଡ଼ିକ ଏପରି ତାଳ, ସ୍ୱର ଓ ଲୟର ହେବ, ଯେପରିକି ତାହା ଏକ ସ୍ୱତଃ ପ୍ରବୃତ ସଂଗୀତ ଭଳି ଲାଗୁଥିବ।

**ମାନନିର୍ଦ୍ଧାରଣ:**

ସହପାଠୀ ଦ୍ୱାରା ମାନନିର୍ଦ୍ଧାରଣ ପାଇଁ ସେମାନେ ଅନ୍ୟମାନଙ୍କ ଉପସ୍ଥାପନାକୁ ଯତ୍ନ ପୂର୍ବକ ଶୁଣିବେ, ପର୍ଯ୍ୟବେକ୍ଷଣ କରିବେ ଓ ମତାମତ ଦେବେ। ଶିକ୍ଷକ ପର୍ଯ୍ୟବେକ୍ଷଣକୁ ଲିଖିତ ଭାବେ ରଖିବେ ଯାହା ଶିକ୍ଷଣ ଫଳାଫଳ ଆଧାରିତ ହୋଇଥିବ।

MODULE 3

## ଶିକ୍ଷଣ କାର୍ଯ୍ୟ-୩ (୩୦ ମିନିଟ୍)

କବିତା – Thodi dharti paoon

chapter-5, Book Durva - Part - 2

ପିଲାମାନେ ସେମାନଙ୍କର ବହି ଖୋଲିବେ ଏବଂ ଶିକ୍ଷକ ସ୍ୱର ସମତା ରକ୍ଷାକରି, ପ୍ରଭାବ ସୃଷ୍ଟି କରିବା ଭଳି ପଢ଼ିବେ। ଚାରୋଟି ଧାଡ଼ି ପଢ଼ିସାରିବା ପରେ, ପଠନ ବନ୍ଦ କରି ଶିକ୍ଷାର୍ଥୀମାନେ ଯାହା ଶୁଣିଲେ ତାହା ସେମାନଙ୍କର ଡ୍ରଇଁ ଖାତାରେ ୫ ମିନିଟ୍ ସମୟ ମଧ୍ୟରେ ଚିତ୍ର କରିବାକୁ କହିବେ। ଶିକ୍ଷକ ଚିତ୍ର ଗୁଡ଼ିକୁ ଦେଖିବେ ଓ ପ୍ରଶଂସା କରିବେ।

ତା'ପରେ ଶିକ୍ଷକ ପିଲାମାନଙ୍କୁ ପରବର୍ତ୍ତୀ ଚାରୋଟି ଧାଡ଼ି ଦଳରେ ପଢ଼ିବାକୁ କହିବେ ଏବଂ ଦୃଶ୍ୟମାନ ଚିତ୍ର କରିବା ପାଇଁ କହିବେ। ପିଲାମାନେ ବିଷୟଭିତ୍ତିକ କାର୍ଯ୍ୟରେ ସଂପୃକ୍ତି ଥିବାବେଳେ ବିଭିନ୍ନ ଦିଗରୁ ସେହି ଚାରୋଟି ଧାଡ଼ି ଓ ଚିତ୍ର ବିଷୟରେ ଆଲୋଚନା କରୁଥିବେ। ଏହା ସେମାନଙ୍କୁ ଅନୁଭୂତି ଭିତ୍ତିକ ଶିକ୍ଷଣ ଦିଗରେ ଆଗେଇ ନେବ।

### ମାନନିର୍ଦ୍ଧାରଣ ପାଇଁ ପ୍ରସ୍ତାବିତ ସୂଚକ

- ବାଚନିକ ଓ ଅଣବାଚନିକ ଭାବ ପ୍ରକାଶ
- ଧାରଣାର ସ୍ପଷ୍ଟୀକରଣ
- ବ୍ୟକ୍ତିଗତ ପଦକ୍ଷେପ ନେବା
- ଦଳରେ କାର୍ଯ୍ୟ କରିବା

ଏଠାରେ ବ୍ୟବହୃତ କଳା ଭିତ୍ତିକ କାର୍ଯ୍ୟ, ପ୍ରକ୍ରିୟା ଭିତ୍ତିକ ଏବଂ ଉତ୍ପାଦ / ଫଳାଫଳ ଭିତ୍ତିକ ନୁହେଁ ବୋଲି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଟି ସମସ୍ତେ ଜାଣିବା ଆବଶ୍ୟକ।

# ପ୍ରଦର୍ଶିକା – ୪

# ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ

Module
4

# ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ

## ୧. ସାମଗ୍ରିକ ଦୃଷ୍ଟିଭଙ୍ଗୀ

ବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷ ମୁଖ୍ୟତଃ ଶିକ୍ଷକମାନଙ୍କ ଦ୍ୱାରା ବିଚାର କରାଯାଉଥିବା ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଏହି ପ୍ରଦର୍ଶିକାରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ପ୍ରଦର୍ଶିକାରେ ଉଦ୍ଦେଶ୍ୟ ଠାରୁ ଆରମ୍ଭ କରି, ଆମ ଦେଶରେ ପ୍ରଚଳିତ ମାନନିର୍ଦ୍ଧାରଣର ପୃଷ୍ଠଭୂମି – ପରୀକ୍ଷା ଠାରୁ ମୂଲ୍ୟାୟନ, ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଏବଂ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ସଂପର୍କରେ ଆଲୋଚନା କରାଯାଇଛି । ଏହି ପ୍ରଦର୍ଶିକାରେ ପାଠ୍ୟକ୍ରମ ଓ ପରୀକ୍ଷାର କିପରି ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ବାହ୍ୟ, ଅନମନୀୟ ପଦ୍ଧତି ଅବଲମ୍ବନ କରି କରାଯାଉଥିବା ପରୀକ୍ଷା ପ୍ରତି ଭୟ କମା ଯାଇପାରୁଛି – ସେହି ବିଷୟରେ ଏହି ଧାରଣା ଦେଉଛି । ଏଥି ସହିତ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ଓ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ମଧ୍ୟରେ ସଂପର୍କ ସ୍ଥାପନ କରୁଛି । ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ନିରନ୍ତର ସାମଗ୍ରିକ ମୂଲ୍ୟାୟନର ଏକ ଅଂଶ ବିଶେଷ । ଏହି ପ୍ରଦର୍ଶିକାରେ ମାନନିର୍ଦ୍ଧାରଣର ଉଦ୍ଦେଶ୍ୟ ଓ ଆଧାରକୁ ଗୁରୁତ୍ୱ ଦେବା ସହିତ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣରେ ବ୍ୟବହୃତ କୌଶଳଗୁଡ଼ିକ ବିଷୟରେ ମଧ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ପ୍ରଦର୍ଶିକା ବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ବିଭିନ୍ନ ବ୍ୟକ୍ତି ବିଶେଷ ମୁଖ୍ୟତଃ ଶିକ୍ଷକମାନଙ୍କୁ ସଚେତନ କରିବା ଓ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣରେ ଶିଶୁ କୈନ୍ଦ୍ରିକ ଶିକ୍ଷାଦାନ ଶିକ୍ଷଣ ଓ ମାନନିର୍ଦ୍ଧାରଣ ବ୍ୟବହାର ପାଇଁ ସାହାଯ୍ୟ କରିବାର ଲକ୍ଷ୍ୟ ରଖିଛି ।

## ୨.ପ୍ରଦର୍ଶିକାର ଉଦ୍ଦେଶ୍ୟ

**ଏହି ପ୍ରଦର୍ଶିକା ଆପଣମାନଙ୍କୁ ନିମ୍ନଲିଖିତ ଦିଗରେ ସାହାଯ୍ୟ କରିବ –**

- ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଉତ୍ପତ୍ତି ଓ ଗୁରୁତ୍ୱକୁ ବୁଝିବାରେ ।
- ମାନନିର୍ଦ୍ଧାରଣ ପାଇଁ ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ସହିତ ପରିଚିତ ହେବାରେ
- ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସହିତ ମାନନିର୍ଦ୍ଧାରଣ ପଦ୍ଧତିକୁ ସମନ୍ୱିତ କରିବାରେ

◆ ବିଭିନ୍ନ ବିଷୟରେ ମାନନିର୍ଦ୍ଧାରଣ ପାଇଁ ପରିସ୍ଥିତି ଆଧାରିତ ଉଦାହରଣ ପ୍ରସ୍ତୁତି କରିବାରେ

Module 4

## ୩. ପୃଷ୍ଠଭୂମି

ସ୍ୱାଧୀନତା ସମୟରେ, ଆମ ଭାରତର ଶିକ୍ଷା ବ୍ୟବସ୍ଥା ପରୀକ୍ଷା ଦ୍ୱାରା ନିୟନ୍ତ୍ରିତ ଥିଲା ଏବଂ ଲିଖିତ ପରୀକ୍ଷାରେ ପିଲାମାନଙ୍କ ଫଳାଫଳକୁ ଆଧାର କରି ସେମାନଙ୍କୁ ବର୍ଗୀକରଣ କରାଯାଉଥିଲା। ଲୋକମାନଙ୍କ ଆବଶ୍ୟକତା ଓ ଆଶାକୁ ଆଧାର କରି ଭାରତ ବର୍ଷରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିଲା। ଜାତୀୟ ଶିକ୍ଷା ନୀତି (୧୯୬୮) ସାମଗ୍ରିକ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେଉଥିଲା, ଯେଉଁଥିରେ ପରୀକ୍ଷାରେ ଉଭୟ ଶୈକ୍ଷିକ ଓ ଅଣ ଶୈକ୍ଷିକକୁ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଜାତୀୟ ଶିକ୍ଷାନୀତି (୧୯୮୬) ରେ ମୂଲ୍ୟାୟନକୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହିତ ସମନ୍ୱିତ କରାଯାଇଛି, ଯାହା ପିଲାମାନଙ୍କୁ ବୃଦ୍ଧି ଓ ବିକାଶ ସଂପର୍କିତ ତଥ୍ୟ ପ୍ରଦାନ କରୁଛି। ଶିକ୍ଷାଦାନ ଶିକ୍ଷଣ ସମୟ ଅବଧି ମଧ୍ୟରେ ଶିକ୍ଷାର୍ଥୀର ଶୈକ୍ଷିକ ଓ ଅଣଶୈକ୍ଷିକ ଦିଗର ବୃଦ୍ଧି ଓ ବିକାଶକୁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ କରାଯିବା – ଉଦ୍ଦେଶ୍ୟରେ ଏହା ବର୍ଣ୍ଣନା କରାଯାଇଛି। ଭାରତରେ ବିଦ୍ୟାଳୟ ଶିକ୍ଷାରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଧାରଣା ୩୦ ବର୍ଷ ଧରି ବ୍ୟବହାର ହୋଇ ଆସୁଛି। ଏହାକୁ ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା। ଫଳସ୍ୱରୂପ ପିଲା ଠାରେ ଦେଖାଯାଉଥବା ବୃଦ୍ଧି ଓ ବିକାଶକୁ ବୁଝିବା ଓ ଶ୍ରେଣୀଭୁକ୍ତ କରିବାରେ ବ୍ୟବହାର କରାଯାଉଛି। ସି.ସି.ଇ ର ବ୍ୟାପକ ବ୍ୟବହାର ଓ ପ୍ରତ୍ୟେକ ବିଦ୍ୟାଳୟ, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସି.ସି.ଇ କାର୍ଯ୍ୟକାରିତା ପାଇଁ ନିଜସ୍ୱ ଯୋଜନା ପ୍ରସ୍ତୁତ କରିବାରେ ସ୍ୱାଧୀନତା ଦେବା ଫଳରେ ଅନେକଙ୍କ ମନରେ ଦ୍ୱନ୍ଦ ଦେଖାଗଲା ଏବଂ ଏହି କାର୍ଯ୍ୟକ୍ରମର ବ୍ୟବସ୍ଥାରୁ ଲୋକମାନଙ୍କ ବିଶ୍ୱାସ ହରାଇବସିଲେ।

### ସେଥିମଧ୍ୟରୁ କେତୋଟି ହେଲା –

◆ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ଉପରେ ପରୀକ୍ଷା ଆଧିପତ୍ୟ ବିସ୍ତାର କଲା

◆ ବୌଦ୍ଧିକ ଦିଗକୁ ଗୁରୁତ୍ୱ ଦେବା ସହ ଶିକ୍ଷାର୍ଥୀ ଆବେଗିକ ଦିଗକୁ ଅଣଦେଖା କରିବା

Module
4

- ଫଳାଫଳର ଲିପିବଦ୍ଧ କରଣ ଓ ରେକର୍ଡ଼ ରଖିବା ପାଇଁ ଶିକ୍ଷକମାନଙ୍କ ଉପରେ ଅଧିକ କାଗଜ କାମ କରିବାର ଚାପ
- ଘୋଷି ମନେରଖିବା ଉପରେ ଗୁରୁତ୍ୱ
- ପରୀକ୍ଷା ପାଇଁ ବହୁବିଧ ସାଧନୀକୁ ଯାନ୍ତ୍ରିକ ଭାବରେ ବ୍ୟବହାର କରିବାରେ ଅପ୍ରଚାର
- ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଗ୍ରହର ଅଭାବ ଫଳରେ ଗୁଣାତ୍ମକ ଶିକ୍ଷା ବ୍ୟାପକ ଭାବରେ ପ୍ରଭାବିତ ହେବା ।
- ଶିକ୍ଷାଦାନ ବୃତ୍ତି ଓ ବିଦ୍ୟାଳୟ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇବସିଲା ।
- ଅଭିଭାବକମାନେ ସି.ସି.ଇ ବ୍ୟବସ୍ଥା ଉପରେ ସନ୍ତୁଷ୍ଟ ହେଲେ ନାହିଁ ।

**ସି.ସି.ଇକୁ ଅବିଶ୍ୱାସ କରିବାର ମୁଖ୍ୟ କାରଣଗୁଡ଼ିକ ହେଲା :-**

- 'ନିରନ୍ତର'କୁ ପର୍ଯ୍ୟାୟ ଭାବରେ ଭୁଲ୍‌ରେ ବ୍ୟାଖ୍ୟା କରାଗଲା । ଶିକ୍ଷାଦାନ ଓ ଶିକ୍ଷଣ ସଂପର୍କରେ ମୂଲ୍ୟାୟନ ପୂର୍ବାଭାସ ଦେବା ଉଚିତ୍ କିନ୍ତୁ ଏହା ଶ୍ରେଣୀ ପରୀକ୍ଷା, ଏକକ ପରୀକ୍ଷଣ, ଗଠନମୂଳକ ପରୀକ୍ଷା, ସମାପ୍ତିସୂଚକ ପରୀକ୍ଷା ଦ୍ୱାରା ପ୍ରଭାବ ବିସ୍ତାର କଲା । ପରୀକ୍ଷାର ମାତ୍ରାଧିକ ବ୍ୟବହାର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଭାବ ବିସ୍ତାର କଲା ।

æ **'ସାମଗ୍ରିକ' :** ଶିକ୍ଷାର୍ଥୀର ବୃଦ୍ଧି ଓ ବିକାଶର ସମସ୍ତ ଦିଗର ଭାବାତ୍ମକ କ୍ରିୟାତ୍ମକ ମୂଲ୍ୟାୟନକୁ ଅର୍ନ୍ତଭୁକ୍ତ କରିବା କିନ୍ତୁ ଏହା ଘଟିଲା ନାହିଁ କାରଣ ପିଲାର ବୃଦ୍ଧି ଓ ବକାଶର ବିଭିନ୍ନ ଦିଗକୁ ମୂଲ୍ୟାୟନ କରିବା ପାଇଁ ଉପଯୁକ୍ତ ସାଧନୀ ଉପଲବ୍ଧ ହେଲା ନାହିଁ ଓ ଶିକ୍ଷକ ମଧ୍ୟ ସେଗୁଡ଼ିକୁ ଠିକ୍ ଭାବରେ ବ୍ୟବହାର କରିପାରିଲେ ନାହିଁ । ତେଣୁ ସି.ସି.ଇର କାର୍ଯ୍ୟକାରିତାର ସାମଗ୍ରିକ ଦିଗର ମାନ ନିର୍ଦ୍ଧାରଣର ପ୍ରଯୁଜ୍ୟ ହୋଇଗଲା ।

æ 'ମୂଲ୍ୟାୟନ'କୁ 'ମାପନ' ସହିତ ସମର୍ଥକ ଭାବରେ ବିବେଚନା କରାଗଲା । ଭୌତିକ ପୃଥିବୀରେ ଯେଉଁଭଳି ସର୍ବାଧିକ ସଠିକତା ଓ ବିଶ୍ୱସନୀୟ ଭାବରେ ମାପ କରାଯାଏ, ଠିକ୍ ସେହିଭଳି ପିଲାର ବୃଦ୍ଧି ଓ ବିକାଶକୁ ସଠିକତା ସହିତ ମାପ କରିବାକୁ ସି.ସି.ଇ. ଠାରୁ ମଧ୍ୟ ଆଶା କରାଯାଉଛି । କିନ୍ତୁ ଭୌତିକ ପୃଥିବୀରେ ମାନନିର୍ଦ୍ଧାରଣର ପ୍ରକୃତ (ଅନୁପାତ

ସ୍କେଲ), ବ୍ୟବହାର ଗତ ଦିଗର ମାନନିର୍ଦ୍ଧାରଣ (ମଧ୍ୟାନ୍ତର) ସ୍କେଲ ଓ କ୍ରମିକ (ସ୍କେଲ) ଠାରୁ ଭିନ୍ନ।

æ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାନନିର୍ଦ୍ଧାରଣ ପାଇଁ ବିଭିନ୍ନ କୌଶଳ ଓ ସାଧନୀର ବ୍ୟବହାର କରିବା। ଏଥିପାଇଁ ସି.ସି.ଇ.ର କାର୍ଯ୍ୟକାରିତା ଦିଗକୁ ପୁନରାଲୋଚନ କରିବାର ଆବଶ୍ୟକତାକୁ ଅନୁଭବ କରାଗଲା। ସି.ସି.ଇ କାର୍ଯ୍ୟକାରିତା ସମୟରେ ଦେଖାଯାଇଥିବା ତ୍ରୁଟିକୁ ଦୂର କରିବା ପାଇଁ, ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣର ପ୍ରସ୍ତାବ ଦିଆଗଲା। ସି.ସି.ଇରେ ଥିବା ଗୋଟିଏଗୋଟିଏ ଥର ବାହ୍ୟ (ବୋର୍ଡ) ପରୀକ୍ଷା ଓ ବାହ୍ୟ ଓ ଅନ୍ତଃ ପରୀକ୍ଷାର ସଂଯୋଗର କ୍ରମକୁ, ଏବେ ନୂଆ ରୂପରେ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ (ଏସ.ବି.ଏ) କୁହାଯାଉଛି।

୪. ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ (ଏସ.ବି.ଏ)

**ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣର ସଂଜ୍ଞା ହେଉଛି:**

æ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ବେଳେ ଦକ୍ଷତାଗୁଡ଼ିକ ଯାହା ନିର୍ଦ୍ଦିଷ୍ଟ ଭାବରେ ଶିକ୍ଷଣ ଫଳାଫଳ ରୂପେ ସୂଚୀତ ହୋଇଛି, ସାମଗ୍ରିକ ଭାବରେ ସେଗୁଡ଼ିକୁ ହାସଲ କରିବାରେ ସହାୟତା କରିବା ହେଉଛି ମାନନିର୍ଦ୍ଧାରଣ।

æ ଶିକ୍ଷା ଦର୍ଶନର ବ୍ୟାପକ ଦିଗ "ଶିକ୍ଷଣ ପାଇଁ ମାନନିର୍ଦ୍ଧାରଣ" ମଧ୍ୟରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହିତ ମାନନିର୍ଦ୍ଧାରଣ ଦୃଢ଼ ଭାବରେ ସଂଯୁକ୍ତ ହୋଇରହିଛି।

æ ବିଦ୍ୟାଳୟରେ ପଢୁଥିବା ଶିକ୍ଷାର୍ଥୀମାନଙ୍କ ମାନନିର୍ଦ୍ଧାରଣ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା କରାଯିବ।

### ୪.୧ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣର ବୈଶିଷ୍ଟ୍ୟ

æ ଶିକ୍ଷାଦାନ ଶିକ୍ଷଣ ମାନନିର୍ଦ୍ଧାରଣକୁ ସମନ୍ୱିତ କରିବା

æ ଦସ୍ତାବିଜ ଲିଖନର ବୋଝ ଶିକ୍ଷକଙ୍କ ଉପରେ ନାହିଁ। ବିବରଣୀ ଓ ଲିଖନ ଲିପିବଦ୍ଧ କରିବା ଭଳି।

æ ଶିଶୁ କେନ୍ଦ୍ରିକ ଓ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶୈକ୍ଷିକ ଶାସ୍ତ୍ର।

æ ପାଠ ଘୋଷି ମନେ ରଖିବା ଅପେକ୍ଷା ଦକ୍ଷତାର ବିକାଶ (ଶିକ୍ଷଣ ଫଳାଫଳ ଆଧାରିତ) ଉପରେ ଗୁରୁତ୍ୱ।

Module
4

æ ମାନନିର୍ଦ୍ଧାରଣର ପରିସରକୁ ବ୍ୟାପକ କରିବା – ଶିକ୍ଷକ ମାନ ନିର୍ଦ୍ଧାରଣ କରିବା ସହିତ ସ୍ୱମାନ ନିର୍ଦ୍ଧାରଣ, ସହପାଠୀ ମାନନିର୍ଦ୍ଧାରଣକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ।

æ ଭୟଶୂନ୍ୟ, ଚାପ ମୁକ୍ତ ଓ ଅଂଶଗ୍ରହଣକୁ ବୃଦ୍ଧି କରିବା

æ ଉପଲବ୍ଧିର ମୂଲ୍ୟାୟନ ଅପେକ୍ଷା ଶିକ୍ଷଣର ମାନନିର୍ଦ୍ଧାରଣ, ଶିକ୍ଷଣ ପାଇଁ ମାନ ନିର୍ଦ୍ଧାରଣ ଓ ଶିକ୍ଷଣରେ ମାନନିର୍ଦ୍ଧାରଣକୁ ଗୁରୁତ୍ୱ ଦେବା ।

æ ଶିକ୍ଷକଙ୍କ ଉପରେ ଓ ବ୍ୟବସ୍ଥା ଉପରେ ପୁନଃ ବିଶ୍ୱାସ ସ୍ଥାପନ କରାଇବା ।

æ ପିଲାମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବୃଦ୍ଧି କରିବା ।

## ଟିକେ ଚିନ୍ତା କରନ୍ତୁ

æ ପରୀକ୍ଷା ଦ୍ୱାରା କେଉଁ ଉଦ୍ଦେଶ୍ୟ ସାଧିତ ହୁଏ ?

æ ଏହା ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଠାରୁ କିପରି ଭିନ୍ନ ?

æ ଏହି ଦୁଇଟି ମଧ୍ୟରୁ କେଉଁଟି ପ୍ରାସଙ୍ଗିକ ଓ କାହିଁକି ?

ଏହି ପ୍ରକ୍ରିୟାରେ ପ୍ରତ୍ୟେକ ପିଲା ଶିଖିବାର ସୁଯୋଗ ପାଇବା ସହିତ ତା'ର ଶିକ୍ଷଣରେ ପ୍ରଗତି ହେବା ଆବଶ୍ୟକ ଓ ତାକୁ ଶିକ୍ଷଣରେ ସହାୟତା ମିଳିବା ମଧ୍ୟ ଆବଶ୍ୟକ । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସବୁ ପିଲାଙ୍କ ଶିକ୍ଷଣକୁ ନିଶ୍ଚିତ କରିବା ପାଇଁ ସି.ସି.ଇ. ଏକ ଶକ୍ତିଶାଳୀ କୌଶଳ ହୋଇପାରେ । ଯେହେତୁ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଶିକ୍ଷକଙ୍କୁ ପିଲାର ଶିକ୍ଷଣ ପ୍ରଗତିକୁ ପର୍ଯ୍ୟବେକ୍ଷଣ କରିବାରେ, ସମୟ ଉପଯୋଗୀ ପ୍ରତିପୁଷ୍ଟି ପ୍ରଦାନ କରିବାରେ ଏବଂ ଯଦି ପିଲାର କୌଣସି ଶିକ୍ଷଣ ଦୁର୍ବଳତା ଥାଏ, ସେଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିଥାଏ । ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ତୃଣମୂଳ ସ୍ତରରେ ଶିକ୍ଷାର ଗୁଣାତ୍ମକତାକୁ ତଦାରଖ କରିବାରେ ସାହାଯ୍ୟ କରିଥାଏ । କିନ୍ତୁ ବିଭିନ୍ନ ସ୍ତର (ବ୍ଲକ, ଜିଲ୍ଲା, ରାଜ୍ୟ, ଜାତୀୟ) ରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମଧ୍ୟ ବ୍ୟବସ୍ଥାର ସ୍ୱାସ୍ଥ୍ୟର ମାନ ନିର୍ଦ୍ଧାରଣ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହା ଏପରି ଭାବରେ କରାଯିବା ଆବଶ୍ୟକ ଯେପରି ଶିକ୍ଷକଙ୍କ ଉପରେ ବୋଝ ହେଉ ନଥିବ କିମ୍ବା ଶିକ୍ଷାଦାନ ଶିକ୍ଷଣକୁ ପ୍ରଭାବିତ କରୁନଥିବ । ବ୍ୟାପକ

ଭାବରେ, ବହୁତ ମୂଲ୍ୟାୟନ ସମୟରେ, ଲିଖିତ ପରୀକ୍ଷା (ବହୁ ବିକଳ୍ପ ପ୍ରଶ୍ନ) ସବୁଠାରୁ ଅଧିକ ପସନ୍ଦ, ଯଦିଓ ଏହା ପିଲାର ବ୍ୟକ୍ତିତ୍ୱର ସାମଗ୍ରିକ ଛବି ପ୍ରଦାନ କରିନପାରେ କିନ୍ତୁ ଏହା ବିଦ୍ୟାଳୟ, ବ୍ଲକ, ଜିଲ୍ଲା ଆଦିର ଗୁଣାତ୍ମକ ଶିକ୍ଷା ବିଷୟରେ ଧାରଣା ପ୍ରଦାନ କରିଥାଏ। କେନ୍ଦ୍ରୀୟ ମୂଲ୍ୟାୟନ ଓ ଏସ.ବି.ଏ.କୁ ଭିନ୍ନ ଦୃଷ୍ଟିରେ ଦେଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ଭିନ୍ନ ବ୍ୟକ୍ତିବିଶେଷମାନେ ସେଥିରୁ ଅର୍ଥପୂର୍ଣ୍ଣ ନିହିତାର୍ଥ ବାହାର କରିବା ଆବଶ୍ୟକ।

## ଟିକେ ଚିନ୍ତା କରନ୍ତୁ

- କେନ୍ଦ୍ରୀୟ ମୂଲ୍ୟାୟନ ଓ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣରେ କେଉଁ ସବୁ ସୁବିଧା ଓ ଅସୁବିଧା ରହିଛି ବୋଲି ଆପଣ ଭାବୁଛନ୍ତି ?

## ୫. ମାନ ନିର୍ଦ୍ଧାରଣ: କ'ଣ, କାହିଁକି ଓ କିପରି

ମାନ ନିର୍ଦ୍ଧାରଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଶିକ୍ଷଣ ଆବଶ୍ୟକତାକୁ ଚିହ୍ନଟ କରିବା, ସେମାନଙ୍କ ସବଳତାକୁ ଦୃଢ଼ୀକରଣ କରିବା ଓ ଶିକ୍ଷଣରେ ଯଦି କିଛି ଦୁର୍ବଳତା ଅଛି ସେଗୁଡ଼ିକୁ ଦୂର କରିବା ପାଇଁ ସହାୟତା ଦେବା। ମାନନିର୍ଦ୍ଧାରଣ 'କ'ଣ, କାହିଁକି ଓ କିପରି'କୁ ବୁଝିବା ପାଇଁ ଆସନ୍ତୁ ନିମ୍ନ ଦିଗ ଉପରେ ଦୃଷ୍ଟିପାତ କରିବା।

- ମାନନିର୍ଦ୍ଧାରଣର ଆଧାର କ'ଣ ?
- ଏହା କେଉଁ ଉଦ୍ଦେଶ୍ୟ ସାଧିତ କରେ ?

ଏହି ଉପ ବିଭାଗଗୁଡ଼ିକରେ ଆଧାର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଶିକ୍ଷଣ ଫଳାଫଳ, ମାନନିର୍ଦ୍ଧାରଣର ମୁଖ୍ୟ ବୈଶିଷ୍ଟ୍ୟ, ଉଦ୍ଦେଶ୍ୟ, ଆମେ ପିଲାମାନଙ୍କ ଶିକ୍ଷଣ ଓ ବିକାଶକୁ ଶ୍ରେଣୀକକ୍ଷ ଓ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ କୌଶଳ ବ୍ୟବହାର କରି କିପରି ପର୍ଯ୍ୟବେକ୍ଷଣ କରିବା।

Module
4

**୬. ଶିକ୍ଷଣ ଫଳାଫଳ:** ମାନନିର୍ଦ୍ଧାରଣର ଆଧାର ଶିକ୍ଷଣର ମାନନିର୍ଦ୍ଧାରଣରେ କେବଳ କେଉଁ ପ୍ରକାର ଶିକ୍ଷଣ ଆଶା କରାଯାଉଛି ତାହା ବୁଝିବା ପାଇଁ ନୁହେଁ, ବରଂ କେଉଁ ମାନକ ଆଧାରରେ ମାନନିର୍ଦ୍ଧାରଣ ହେବ ତାହା ବୁଝିବା ଆବଶ୍ୟକ। ଅଧିକାଂଶ ସମୟରେ, ଯେଉଁ ବ୍ୟକ୍ତି ବିଶେଷମାନେ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ କରିଥାଆନ୍ତି ସେମାନଙ୍କର ଏହି ବିଷୟରେ ସ୍ପଷ୍ଟ ଧାରଣା ନଥାଏ। ଶିକ୍ଷକ ପାଠ୍ୟ ପୁସ୍ତକକୁ ସଂପୂର୍ଣ୍ଣ ପାଠ୍ୟକ୍ରମ ବୋଲି ଭାବି ଥାଆନ୍ତି ଏବଂ ପାଠ ଶେଷରେ ଦିଆଯାଇଥିବା ଅଭ୍ୟାସ କାର୍ଯ୍ୟ ମାଧ୍ୟମରେ ମାନନିର୍ଦ୍ଧାରଣ କରିଥାଆନ୍ତି କିନ୍ତୁ ପରୀକ୍ଷା ଏବଂ ଉପଲବ୍ଧି ସର୍ବେକ୍ଷଣରେ କେତେକ ବହୁ ବିକଳ୍ପ ପ୍ରଶ୍ନ ବ୍ୟବହାର ହୋଇଥାଏ, ଯେଉଁଥିରେ କେଉଁ ଦକ୍ଷତାକୁ ମାନନିର୍ଦ୍ଧାରଣ କରାଯିବ ଓ ସେଥିରୁ ପିଲା କ'ଣ ଶିଖିବେ ତା'ର କୌଣସି ସ୍ପଷ୍ଟ କାରଣ ନଥାଏ। ପ୍ରତି ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ବିଷୟ ଭିତ୍ତିକ ଶିକ୍ଷଣ ଫଳାଫଳ, ଭିନ୍ନ ବ୍ୟକ୍ତି ବିଶେଷ (ଜିଲ୍ଲା/ ରାଜ୍ୟ / ଜାତୀୟ ସ୍ତର) ମାନଙ୍କୁ କେବଳ ମାନନିର୍ଦ୍ଧାରଣର ଆଧାର ସଂପର୍କରେ ଅବଗତ କରେ ନାହିଁ ବରଂ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗୋଷ୍ଠୀ ଅଧିକାରୀମାନଙ୍କୁ ସେମାନଙ୍କ ଭୂମିକା ବିଷୟରେ ସଚେତନ କରିବା ସହିତ ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବା ପାଇଁ ପ୍ରଚେଷ୍ଟା କରିବା ପାଇଁ ସତର୍କ କରିଥାଏ। ତେଣୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ପାଠ୍ୟକ୍ରମର ଭିନ୍ନ ଭିନ୍ନ କ୍ଷେତ୍ରରେ ଆଶା କରାଯାଉଥିବା ଗୁଣାତ୍ମକତାକୁ ନିଶ୍ଚିତ କରିବାରେ ଉତ୍ତର ଦାୟିତ୍ୱ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣିତ ହୋଇଥିବା ଶିକ୍ଷଣ ଫଳାଫଳ ପଥ ପ୍ରଦର୍ଶକ ହୋଇପାରେ।

Module 4

## କେତେକ ଶିକ୍ଷଣ ଫଳାଫଳର ଉଦାହରଣ ନିମ୍ନରେ ଦିଆଯାଇଛି ।

- ଶିକ୍ଷାର୍ଥୀ ବିଭିନ୍ନ ବୟସର ଲୋକମାନଙ୍କ ପାଇଁ ପଶୁ ଓ ପକ୍ଷୀମାନଙ୍କ ପାଇଁ ଖାଦ୍ୟର ଆବଶ୍ୟକତାକୁ ବର୍ଣ୍ଣନା କରିବ (ତୃତୀୟ ଶ୍ରେଣୀ) ।
- ଶିକ୍ଷାର୍ଥୀ ଦୈନନ୍ଦିନ ଆବଶ୍ୟକତା (ଖାଦ୍ୟ, ଜଳ, ପୋଷାକ) ଉତ୍ପାଦନ ଓ ସଂଗ୍ରହ ପ୍ରକ୍ରିୟାକୁ ବୁଝାଇବ (ପଞ୍ଚମ ଶ୍ରେଣୀ)
- ଶିକ୍ଷାର୍ଥୀ ଭୂଭାଗର ଜଳବାୟୁ, ସମ୍ବଳ (ଖାଦ୍ୟ , ଜଳ, ବାସଗୃହ, ଜୀବନଯାପନ) ଓ ସାଂସ୍କୃତିକ ଜୀବନ ମଧ୍ୟରେ ସଂପର୍କ ସ୍ଥାପନ କରିବ । (ପଞ୍ଚମ ଶ୍ରେଣୀ)

## ମାନ ନିର୍ଦ୍ଧାରଣ ଉଦ୍ଦେଶ୍ୟ

### ଶିକ୍ଷଣ ପାଇଁ ମାନ ନିର୍ଦ୍ଧାରଣ

ମାନନିର୍ଦ୍ଧାରଣ ଶିକ୍ଷାଦାନ-ଶିକ୍ଷଣ ସହିତ ସମନ୍ୱିତ ଓ ଶିକ୍ଷାଦାନ ଶିକ୍ଷଣ ସମୟରେ ନିରନ୍ତର ଭାବରେ ଏହା ଘଟିଥାଏ । ସାମଗ୍ରିକ ଓ ନିରପେକ୍ଷ ହେବା ପାଇଁ, ପିଲା ଶ୍ରେଣୀ ଭିତରେ ଓ ବାହାରେ ଅଂଶଗ୍ରହଣ କରୁଥିବା ସମସ୍ତ ଶିକ୍ଷଣ କାର୍ଯ୍ୟରୁ ଭିନ୍ନ ଉତ୍ସ ମାଧ୍ୟମରେ ବହୁବିଧ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ରହିଛି । (ଜ୍ଞାନ, କାର୍ଯ୍ୟ ସଂପାଦନ, କୌଶଳ, ଆଗ୍ରହ, ମନୋବୃତ୍ତି ଏବଂ ଅଭିପ୍ରେରଣା) ଏହା ଶିକ୍ଷକଙ୍କୁ କେବଳ ପ୍ରତ୍ୟେକ ପିଲାର ଶିକ୍ଷଣର ତାରତମ୍ୟକୁ ବୁଝିବାରେ ସାହାଯ୍ୟ କରେ ନାହିଁ ବରଂ ଶିକ୍ଷାର୍ଥୀର ଆବଶ୍ୟକତା, ଶିକ୍ଷଣ କୌଶଳ ଆଧାରରେ ସେମାନଙ୍କ ଶିକ୍ଷାଦାନ ଶିକ୍ଷଣକୁ ଚିନ୍ତନ, ସମୀକ୍ଷା ଓ ଭିନ୍ନତା କରିବାରେ ସାହାଯ୍ୟ କରେ । ଏଥିରେ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଯୋଜନା, କାର୍ଯ୍ୟକାରିତା ଏବଂ ମାନନିର୍ଦ୍ଧାରଣରେ ଅଂଶଗ୍ରହଣ କରିଥାଏ । ଶିକ୍ଷାର୍ଥୀ ଉଭୟ ପ୍ରତିପୃଷ୍ଟି ପ୍ରଦାନ କରେ ଓ ପ୍ରତିପୃଷ୍ଟି ଗହଣ କରେ । ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସମୟରେ ସେମାନଙ୍କର ନିଜ କାର୍ଯ୍ୟକୁ ଚିନ୍ତନ କରିବା । ବିଶ୍ଳେଷଣ କରିବା ସହିତ ଶିକ୍ଷଣରେ ସେମାନଙ୍କର ସବଳତା ଓ ଦୁର୍ବଳତାକୁ ଚିହ୍ନଟ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ । ସେମାନଙ୍କୁ ନିଜ କାର୍ଯ୍ୟର ମାନନିର୍ଦ୍ଧାରଣ କରିବା ସହିତ, ସହପାଠୀ ଓ ଦଳଗତ

Module
4

କାର୍ଯ୍ୟକୁ ଚିନ୍ତନ କରିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ। ଶିକ୍ଷଣର ମୂଲ୍ୟାୟନ ପିଲାଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବୃଦ୍ଧି କରିଥାଏ ଏବଂ ଜୀବନବ୍ୟାପୀ ଶିକ୍ଷଣର ସାମର୍ଥ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

## ଶିକ୍ଷଣର ମାନନିର୍ଦ୍ଧାରଣ

ଏହା ଚିହ୍ନଟ ହୋଇଥିବା ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଧାରରେ (ପ୍ରକ୍ରିୟା ଭିତ୍ତିକ କୌଶଳ / ଶିକ୍ଷଣ ସୂଚକ ଏବଂ ଶିକ୍ଷଣ ଫଳାଫଳ) ଶିକ୍ଷାର୍ଥୀଙ୍କ ଶିକ୍ଷଣର ନିର୍ଣ୍ଣାୟକ ବିନ୍ଦୁ ରୂପେ ବ୍ୟବହାର କରାଯାଏ। ଏହା ଶିକ୍ଷାର୍ଥୀର ଶିକ୍ଷଣର ସାମଗ୍ରିକ ତଥ୍ୟ ପ୍ରଦାନ କରିବା ସହିତ ପାଠ୍ୟକ୍ରମର ସମସ୍ତ ଦିଗର ଉଦ୍ଦେଶ୍ୟ, ବିଭିନ୍ନ ବିଷୟ, କୌଶଳ, ଆଗ୍ରହ, ମନୋବୃତ୍ତି ଓ ଅଭିପ୍ରେରଣାକୁ ଅନ୍ତର୍ଭୁକ୍ତ କରିଥାଏ। ଏଥିରେ ଶୈକ୍ଷିକ ଓ ଅଣଶୈକ୍ଷିକ ଦିଗକୁ ଅଲଗା କରାଯାଇନଥାଏ। ଶିକ୍ଷକ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତିକୁ ବିଭିନ୍ନ ଉତ୍ସରୁ ( ବ୍ୟକ୍ତି / ଦଳ/ ସ୍ୱ କିମ୍ବା ସହପାଠୀ ମାନନିର୍ଦ୍ଧାରଣ) ତଥ୍ୟ ସଂଗ୍ରହ କରିଜାଣିଥାନ୍ତି। ପ୍ରତ୍ୟେକ ପିଲାପାଇଁ ଏକ ପ୍ରୋଫାଇଲ୍ ପ୍ରସ୍ତୁତ କରାଯିବ। ଯେଉଁଥିରେ ପିଲାର ପୂର୍ବ ଫଳାଫଳକୁ ଏକତ୍ରୀ କରଣ କରାଯିବ ଓ ଶିକ୍ଷଣର ଅଗ୍ରଗତିର ସ୍ତର ଜାଣିବା ପାଇଁ ଏହାକୁ ବ୍ୟବହାର କରାଯିବ। ଶିକ୍ଷକ ପିଲାକୁ ପର୍ଯ୍ୟବେକ୍ଷଣ କରି ନିଜର ଡାଏରୀ / ଲଗ୍ କରି / ପିଲାଙ୍କ ଖାତାରେ ଲେଖିଥିବା ମତାମତକୁ ଆଧାର କରି ପ୍ରତ୍ୟେକ ପିଲାର ଶିକ୍ଷଣ ପ୍ରଗତିକୁ ଆବଶ୍ୟକ ସ୍ଥଳେ ତଦାରଖ କରିବେ। ଏହାକୁ ପିଲାର ଶିକ୍ଷଣର ଅଗ୍ରଗତି ଆଣିବା ପାଇଁ ଅର୍ଥପୂର୍ଣ୍ଣ ଭାବରେ ବ୍ୟବହାର କରିବାର ଆବଶ୍ୟକତା ରହିଛି।

ଜାତୀୟ ସ୍ତରରେ ଏନ୍.ସି.ଇ.ଆର.ଟି ତରଫରୁ ଏହି ଦିଗରେ ଏକ ପ୍ରଚେଷ୍ଟା ନିକଟ ଅତୀତରେ ଆରମ୍ଭ କରାଯାଇଛି ଯେଉଁଥିରେ ପ୍ରାରମ୍ଭିକ ସ୍ତରର ସମସ୍ତ ପାଠ୍ୟକ୍ରମ କ୍ଷେତ୍ର ପାଇଁ ପାଠ୍ୟକ୍ରମ ପ୍ରତ୍ୟାଶା, ଶିକ୍ଷଣ ଫଳାଫଳ ଓ ଶୈକ୍ଷିକ କାର୍ଯ୍ୟଧାରା ନିର୍ଣ୍ଣୟ କରାଯାଇଛି। ଯାହା ବିଭିନ୍ନ ବ୍ୟକ୍ତିବିଶେଷ ମୁଖ୍ୟତଃ ଶିକ୍ଷକମାନଙ୍କୁ ଏହି ତିନୋଟି କ୍ଷେତ୍ର ମଧ୍ୟରେ ଥିବା ସଂଯୋଗକୁ ବୁଝିବାରେ ଓ ଶିକ୍ଷାଦାନ ଶିକ୍ଷଣକୁ ବାଂଛିତ ଦିଗରେ ଆଗେଇ ନେବାରେ ସାହାଯ୍ୟ କରିବ। ଏନ.ସି.ଇ.ଆର.ଟି ୱେବ୍‌ସାଇଟ୍‌ରେ ଏହି ଦସ୍ତାବିଜ୍ ଉପଲବ୍ଧ ଏହାକୁ ବ୍ୟବହାର କରନ୍ତୁ।

## ଟିକେ ଚିନ୍ତା କରନ୍ତୁ

Module 4

- ଆପଣଙ୍କ ରାଜ୍ୟର ଯେକୌଣସି ଶ୍ରେଣୀର ଯେ କୌଣସି ବିଷୟରେ ସିଲାବସ୍ ଓ ଏନ୍.ସି.ଇ.ଆର.ଟି ପ୍ରାରମ୍ଭିକ ସ୍ତର ପାଇଁ ପ୍ରସ୍ତୁତ କରିଥିବା ସେହି ଶ୍ରେଣୀ ଓ ସେହି ବିଷୟର ଶିକ୍ଷଣ ଫଳାଫଳକୁ ଦେଖନ୍ତୁ। ଏହି ଦୁଇଟି କିପରି ସଂପର୍କିତ ବୋଲି ଆପଣ ଭାବୁଛନ୍ତି ?
- ଯେକୌଣସି ଶ୍ରେଣୀର ଗୋଟିଏ ବିଷୟର ଗୋଟିଏ ଏକକ / ଧାରଣାକୁ ନେଇ ଶିକ୍ଷଣ ଫଳାଫଳ ତାଲିକା ପ୍ରସ୍ତୁତ କରନ୍ତୁ।

## ୭. ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପାଇଁ କୌଶଳ

ସାଧାରଣ ଭାବରେ ବିଭକ୍ତ ମାନନିର୍ଦ୍ଧାରଣର କୌଶଳ ଗୁଡ଼ିକ ହେଲା : ପର୍ଯ୍ୟବେକ୍ଷଣ, ସାକ୍ଷାତକାର, ସ୍ୱ-ସ୍ଥାନ ନିର୍ଦ୍ଧାରଣ, ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ, ଦଳଗତ କାର୍ଯ୍ୟର ମାନନିର୍ଦ୍ଧାରଣ, କୃତୀର ମାନନିର୍ଦ୍ଧାରଣ, ପ୍ରତିପୁଷ୍ଟି, ପ୍ରକୃତ ମାନନିର୍ଦ୍ଧାରଣ, ନ୍ୟସ୍ତ କାର୍ଯ୍ୟ, ନାଟକ ଅଭିନୟ, ଗଳ୍ପ ପଠନ, ପ୍ରକଳ୍ପ କାର୍ଯ୍ୟ, ପରୀକ୍ଷଣ, ଘଟଣାବଳୀ ବିବରଣ।

ତନଖି ତାଲିକା, ରେଟିଂ ସ୍କେଲ, ଦଳଭିତ୍ତିକ ଆଲୋଚନା ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣକୁ ସହାୟତା କରୁଥିବା କେତେକ ମୁଖ୍ୟ ମାନନିର୍ଦ୍ଧାରଣ କୌଶଳ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି।

### ୭.୧. ବ୍ୟକ୍ତିଗତ ଶିକ୍ଷଣର ମାନ ନିର୍ଦ୍ଧାରଣ

ବିଭିନ୍ନ ଶିକ୍ଷଣ କାର୍ଯ୍ୟରେ ଯଥା ପରୀକ୍ଷା (ଲିଖିତ / ମୌଖିକ) ସୃଜନାତ୍ମକ ଲିଖନ, (ରଚନା, ଗଳ୍ପ, କବିତା ଲିଖନ), ଚିତ୍ରପଠନ, ପରୀକ୍ଷଣ, ବ୍ୟକ୍ତିଗତ ପ୍ରକଳ୍ପ, ଚିତ୍ରାଙ୍କନ ଓ ହସ୍ତକର୍ମ ଆଦି ବ୍ୟକ୍ତିଗତ ମାନନିର୍ଦ୍ଧାରଣ ଆବଶ୍ୟକ ହୋଇଥାଏ। ଯଦିଓ ଏନ୍.ସି.ଇ.ଆର.ଟି ପାଠ୍ୟ ପୁସ୍ତକରେ ଏଥିପାଇଁ ଅନ୍ୟାନ୍ୟ ସୁଯୋଗ ରହିଛି କିନ୍ତୁ ଶିକ୍ଷଣ ଓ ଅନ୍ୟ ବ୍ୟକ୍ତି ବିଶେଷଙ୍କ ପାଇଁ ପାରମ୍ପରିକ ଶ୍ରେଣୀ କକ୍ଷ / ବିଦ୍ୟାଳୟ / କେନ୍ଦ୍ରୀୟ ତତ୍ତ୍ୱାବଧାନରେ ହେଉଥିବା ଲିଖିତ ପରୀକ୍ଷା (ପ୍ରଶ୍ନ-ଉତ୍ତର) ହିଁ ସବୁଠାରୁ ଅଧିକ ପସନ୍ଦ। ଏହି ମାନନିର୍ଦ୍ଧାରଣ

Module 4

ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଥିଲେ ମଧ୍ୟ, ଗତ କିଛି ଦଶନ୍ଧି ଧରି ଶିକ୍ଷକମାନେ ଏହି ପ୍ରକ୍ରିୟାକୁ ହିଁ ପ୍ରାୟତଃ ବ୍ୟବହାର କରିଛନ୍ତି ଏବଂ ଏହା ସମସ୍ତଙ୍କ ପାଇଁ ପସନ୍ଦ ଯୋଗ୍ୟ ପ୍ରକ୍ରିୟା । ଲିଖିତ ପରୀକ୍ଷାକୁ ବ୍ୟବହୃତ ମାନ ନିର୍ଦ୍ଧାରଣ କୌଶଳ ଭାବରେ ଚିହ୍ନଟ କରାଯାଇପାରେ । କିନ୍ତୁ ଏହାକୁ ସେମାନେ ପିଲାର ଶିକ୍ଷଣ ସଂପର୍କରେ ଅର୍ଥପୂର୍ଣ୍ଣ, ପ୍ରମାଣଗତ ତଥ୍ୟ ପ୍ରଦାନ କରିବାରେ ବ୍ୟବହାର କରିନାହାନ୍ତି । ଶିକ୍ଷକ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏହାକୁ ନିର୍ଦ୍ଦିଷ୍ଟ କୌଶଳ ଓ ସ୍ୱାଭାବର ମାନନିର୍ଦ୍ଧାରଣ କରିବା ପାଇଁ ନ୍ୟାୟ ସଂଗତ ଭାବରେ ବ୍ୟବହାର କରିବାର ଆବଶ୍ୟକତା ରହିଛି ।

## ଟିକେ ଚିନ୍ତା କରନ୍ତୁ

- ପାରମ୍ପରିକ ଲିଖିତ ପରୀକ୍ଷାକୁ ସମସ୍ତ ଶିକ୍ଷଣ ଫଳାଫଳର ସାମଗ୍ରିକ ମାନନିର୍ଦ୍ଧାରଣ ବ୍ୟବହାର କରାଯାଇ ପାରେ କି ?
- ଆମେ କିପରି ପିଲାର ବ୍ୟକ୍ତିତ୍ୱକୁ ସାମାନ୍ୟ ବଦଳାଇ ସାମାଜିକ ଓ ଆବେଗିକ ଦିଗ (କୌଶଳ, ଆଗ୍ରହ)ର ମାନନିର୍ଦ୍ଧାରଣ କରିବା ?
- ଶିକ୍ଷଣ ଓ ବିକାଶର ବିଭିନ୍ନ ଦିଗର ସାମଗ୍ରିକ ମାନନିର୍ଦ୍ଧାରଣ ପାଇଁ କେତେକ ମାନନିର୍ଦ୍ଧାରଣ ପ୍ରକ୍ରିୟାକୁ ବାଛନ୍ତୁ । (ବୌଦ୍ଧିକ, ସାମାଜିକ- ଆବେଗିକ, କ୍ରିୟାତ୍ମକ) ଏବଂ ଉଦାହରଣ ସହ ବର୍ଣ୍ଣନା କରନ୍ତୁ ।

**ଆପଣ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରେ ଥିବା ଅଭ୍ୟାସ କାର୍ଯ୍ୟକୁ ଲକ୍ଷକଲେ, ଏଗୁଡ଼ିକ ବୁଝିବା ସହଜ ହୋଇଯିବ ।**

- ତୁମ ଖାତାରେ ଶୁଖିଲା ପତ୍ର ବ୍ୟବହାର କରି ବିଭିନ୍ନ ପଶୁର ଚିତ୍ର କର ।
- ପତ୍ର ଓ ଗଛର ଗଣ୍ଡିକୁ ଘସ । ଏହା ସମାନ ନା ଅଲଗା ଲାଗୁଛି ? କେଉଁଥିରେ ଭଲ ଛାପା ହେବ ? କେଉଁଟିକୁ ଘସିବା କଷ୍ଟ ହେଲା ଓ କାହିଁକି ?
- ତୁମ ଚାରିପାଖରେ ଥିବା ଜିନିଷକୁ ପର୍ଯ୍ୟବେକ୍ଷଣ କର । କେଉଁଗୁଡ଼ିକରେ ଫୁଲ ଏବଂ ପତ୍ରର ଢ଼ାଞ୍ଚା ଅଛି ?

**Module 4**

æ ତୁମେ ଦେଖିଥିବା କେତେକ ଗଛର ନାମ ଲେଖ। କେତେକ ଗଛର ନାମ ଲେଖ, ଯାହା ତୁମେ ଶୁଣିଛ କିନ୍ତୁ ଦେଖି ନାହଁ।

æ ତୁମ ବିଦ୍ୟାଳୟ କିମ୍ବା ଘର ପାଖର କୌଣସି ଏକ ଗଛକୁ ବାଛ ଓ ତା' ସହିତ ବନ୍ଧୁତ୍ୱ ସ୍ଥାପନ କର। ତୁମ ବୃକ୍ଷ ବନ୍ଧୁର ଏକ ସ୍ୱତନ୍ତ୍ର ନାମ ଦେବାକୁ ଚାହୁଁଛ କି ? ତୁମ ବୃକ୍ଷ ବନ୍ଧୁ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର ଓ ସେ ସଂପର୍କରେ ସାଙ୍ଗମାନଙ୍କ ସହିତ ଆଲୋଚନା କର।

æ କିଛି ବୟସ୍କ ଲୋକଙ୍କୁ ପଚାର – ସେମାନେ ପିଲାବେଳେ କେଉଁ ସବୁ ଗଛକୁ ଦେଖିଥିଲେ, ଯାହା ଏବେ ନାହିଁ।

æ ଦଶଟି କାର୍ଯ୍ୟର ନାମ ଲେଖ, ଯେଉଁଥିପାଇଁ ଜଳର ଆବଶ୍ୟକତା ରହିଛି। ସର୍ବ ନିମ୍ନ ଜଳର ଆବଶ୍ୟକତାରୁ ଆରମ୍ଭ କରି ସର୍ବାଧିକ ଜଳ ଆବଶ୍ୟକତା କ୍ରମରେ କାର୍ଯ୍ୟଗୁଡ଼ିକୁ ଲେଖ।

æ ତୁମେ ଦେଖିଥିବା ବା ଶୁଣିଥିବା ନଦୀର ନାମ ଲେଖ। ତୁମ ଗାଁ ବା ସହରରେ କୌଣସି ନଦୀ ପ୍ରବାହିତ ହେଉଛି କି ? ତା'ର ନାମ ଲେଖ।

æ ତୁମ ଘରେ ବ୍ୟବହୃତ ହେଉଥିବା ପାନୀୟ ଜଳ କେଉଁଠୁ ପାଅ ? କିଏ ଆଣେ ଓ କେଉଁଥିରେ ସଂରକ୍ଷଣ କର ? କାହିଁକି ଜଳକୁ ସଂରକ୍ଷଣ କର ?



æ ଚିତ୍ରଗୁଡ଼ିକୁ ଦେଖ। ଉଭୟ ପରିବାରରେ ଲୋକମାନେ କେଉଁ କାର୍ଯ୍ୟ କରୁଛନ୍ତି ?

æ ଚିତ୍ରରେ ଦର୍ଶାଯାଇଥିବା ଏହି ଦୁଇଟି ପରିବାର ମଧ୍ୟରୁ ତୁମ ପରିବାର କାହାପରି ? କିପରି ?

æ ତୁମ ଘରେ ଓ ତୁମ ସାଙ୍ଗ ଘରେ ଏହି କାମ କିଏ କରିଥାଆନ୍ତି ?

**Module 4**

| କାର୍ଯ୍ୟ | ଏହି କାମ କିଏ କରନ୍ତି | |
|---|---|---|
| | ତୁମ ଘରେ | ତୁମ ସାଙ୍ଗଘରେ |
| ରୋଷେଇ କରିବା | | |
| ବାସନ ମାଜିବା | | |
| ଝାଡୁ କରିବା | | |
| ସଉଦା କରିବା | | |
| ପାଣି ଭରିବା | | |

ତୁମେ ପରିବାରର ସଦସ୍ୟଙ୍କ ସହ ଖେଳ କି ? କେଉଁ ଖେଳ ଓ କାହା ସହିତ ଖେଳ ?

ତୁମ ଦେହ ଖରାପ ହେଲେ, କିଛି ବୃକ୍ଷ ଭିତ୍ତିକ ଔଷଧ ଖାଅ କି ?

ତୁମେ କ'ଣ କର, ଯେତେବେଳେ –

ତୁମେ ଖଣ୍ଡିଆଖାବରା ହୁଅ .................

ତୁମ ପେଟ କାଟେ ................................

ତୁମକୁ ଥଣ୍ଡା ବା କାଶ ହେଲେ..................

ତୁମ ଦାନ୍ତ ବିନ୍ଧିଲେ .........................

## ଟିକେ ଚିନ୍ତା କରନ୍ତୁ

- ଏଗୁଡ଼ିକ ମଧ୍ୟରୁ କେଉଁଟିକୁ ଲିଖିତ ମାନନିର୍ଦ୍ଧାରଣ ପାଇଁ ବ୍ୟବହାର କରିବେ ?
- କେଉଁଟିକୁ ମୌଖିକ ମାନନିର୍ଦ୍ଧାରଣ ପାଇଁ ବ୍ୟବହାର କରିବେ ?
- କେଉଁଗୁଡ଼ିକ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ କିମ୍ବା କେନ୍ଦ୍ରୀୟ ପରୀକ୍ଷା କିମ୍ବା ଉଭୟରେ ବ୍ୟବହାର କରାଯାଇପାରେ ?
- ଏହିଭଳି କୌଣସି ପ୍ରଶ୍ନ ଅଛି କି, ଯାହାକୁ ମୌଖିକ ବା ଲିଖିତ ପରୀକ୍ଷଣ ମାଧ୍ୟମରେ ମାନନିର୍ଦ୍ଧାରଣ କରାଯାଇପାରିବ ନାହିଁ ? ଯଦି ହଁ, ମାନନିର୍ଦ୍ଧାରଣର କେଉଁ କୌଶଳ ବ୍ୟବହାର କରାଯିବ ଓ କାହିଁକି ?
- ଆପଣ ଏହି ଶିକ୍ଷଣ ଫଳାଫଳ ବିଷୟରେ କ'ଣ ଚିନ୍ତା କରୁଛନ୍ତି ? ସ୍ଥାନୀୟ ସାମଗ୍ରୀ ବ୍ୟବହାର କରି ଡିଜାଇନ୍

Module
4

ପ୍ରତିରୂପ (ମଡ଼େଲ) ପ୍ରସ୍ତୁତ କରିବା ଏବଂ ବୃକ୍ଷ, ପଶୁ, ବୟସ୍କ ଏବଂ ଭିନ୍ନକ୍ଷମ ବ୍ୟକ୍ତିତ୍ୱ ପ୍ରତି ସମ୍ବେଦନଶୀଳ ହେବା।

æ ତ୍ରୈମାସିକ କିମ୍ବା ବାର୍ଷିକ ପରୀକ୍ଷା ପାଇଁ ଏହି ଶିକ୍ଷଣ ଫଳାଫଳ ଆଧାରିତ କେତେକ ଲିଖିତ ପ୍ରଶ୍ନ ପ୍ରସ୍ତୁତ କରନ୍ତୁ।

ଯେତେବେଳେ ଶ୍ରେଣୀକକ୍ଷର ଶିକ୍ଷଣ ପିଲାମାନଙ୍କ ଜୀବନ ସହିତ ସଂପର୍କିତ ହୋଇଥାଏ, ସେତେବେଳେ ପିଲମାନେ ପାଠକୁ ଭଲରେ ବୁଝିଥାଆନ୍ତି ଏବଂ ସେମାନେ ବହିରେ ଥିବା ଜ୍ଞାନକୁ ଅଜଣା ବୋଲି ଅନୁଭବ କରିନଥାଆନ୍ତି। ପାଠ୍ୟକ୍ରମରେ ଥିବା ଧାରଣା ସହିତ ସେମାନେ ନିଜ ଅନୁଭୂତିକୁ ଯୋଡ଼ିବାର ସୁଯୋଗ ପାଇଲେ, ସେମାନଙ୍କ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇଥାଏ ଓ ଏହା ଧାରଣା, ବିଷୟ, ପ୍ରସଙ୍ଗ ଓ ଶିକ୍ଷଣର ସ୍ତର ମଧ୍ୟରେ ସଂପର୍କ ସ୍ଥାପନ କରିବାର ସହାୟତା ପ୍ରଦାନ କରିଥାଏ। ଏନ୍.ସି.ଇ.ଆର.ଟି ପାଠ୍ୟ ପୁସ୍ତକରେ ଥିବା ପ୍ରଶ୍ନାବଳୀ ପିଲାର ଅନୁଭୂତି ଭିତ୍ତିକ ହୋଇଥାଏ ଯେଉଁଥିରେ ପାଠ୍ୟପୁସ୍ତକର ତଥ୍ୟକୁ ମନେପକାଇ ଉପସ୍ଥାପନ କରିବାର ସୁଯୋଗ ନଥାଏ। ଏହିଭଳି ପ୍ରଶ୍ନ ବହୁ ଉତ୍ତରକୁ ସୁଯୋଗ ଦେଇଥାଏ, କୌଣସି ଏକ ନିର୍ଦ୍ଦିଷ୍ଟ ଠିକ୍ ଉତ୍ତର ନଥାଏ। ତେଣୁ ଏହିଭଳି ପ୍ରଶ୍ନକୁ ଫଳପ୍ରଦ ଭାବରେ ବିଦ୍ୟାଳୟ ଭିତ୍ତିକ ମୂଲ୍ୟାୟନରେ ବ୍ୟବହାର କରାଯାଇପାରେ। କିନ୍ତୁ ଏହା ବ୍ୟାପକ କ୍ଷେତ୍ରରେ କେନ୍ଦ୍ରୀୟ ମାନ ନିର୍ଦ୍ଧାରଣ ବ୍ୟବସ୍ଥା ପାଇଁ ପ୍ରଯୁଜ୍ୟ ହୋଇପାରିବ ନାହିଁ ଯେଉଁଠି ନିର୍ଦ୍ଦିଷ୍ଟ ଠିକ୍ ଉତ୍ତରରେ ସେଟ୍ ଅଛି। ଉଦାହରଣ : ନିମ୍ନ ପ୍ରଶ୍ନ ଗୁଡ଼ିକରେ, ପ୍ରଥମ ପଶ୍ନର ଉତ୍ତର ପିଲାର ଅନୁଭୂତି ଆଧାରିତ ହେବାବେଳେ, ଦ୍ୱିତୀୟ ପ୍ରଶ୍ନର ଉତ୍ତର ପିଲା ମୁଖସ୍ତ କରି ଦେଇପାରେ।

$A_1$ ତୁମେ କେଉଁ ଯାନରେ ବସି ଯାତ୍ରା କରିବ ?

$A_2$ ତିନୋଟି ଦୁଇ ଚକିଆ, ତିନୋଟି ତିନି ଚକିଆ ଓ ତିନୋଟି ଚାରି ଚକିଆ ଯାନର ନାମ ଲେଖ।

$B_1$ କିଛି ସମୟ ଗୋଟିଏ ଗଛ ତଳେ ବସ। କେଉଁ ସବୁ ପଶୁଙ୍କୁ ଦେଖିଲ ଲେଖ।

| | | | |
|---|---|---|---|
| ଡାଳରେ | ........ | .......... | ............. |
| ପତ୍ରରେ | ........ | ......... | ............ |
| ଗଣ୍ଡିରେ | ........ | ......... | ............ |

Module
4

ଭୂମିଉପରେ ........ ......... ............
ଗଛ ଚାରିପଟେ ........ ......... ............

$B_2$ ଗଛରେ ରହୁଥିବା ପଶୁମାନଙ୍କ ନାମ ଲେଖ।

$C_1$ ତୁମେ ଯେ କୌଣସି ଚାରୋଟି କାର୍ଯ୍ୟର ନାମ ଲେଖ ଯାହା ତୁମେ ଜଳ ବ୍ୟବହାର କରି କିମ୍ବା ଜଳ ବ୍ୟବହାର ନ କରି କରିପାରିବ।

........ ......... ............
........ ......... ............

$C_2$ କେତେକ କାର୍ଯ୍ୟର ନାମ ଲେଖ, ଯେଉଁଥିରେ ତୁମେ ଜଳ ବ୍ୟବହାର କରିବ।

## ଟିକେ ଚିନ୍ତା କରନ୍ତୁ

ଆପଣ ନିମ୍ନ ପ୍ରଶ୍ନ ବିଷୟରେ କ'ଣ ଚିନ୍ତା କରୁଛନ୍ତି ?

କ. ଆପଣ ଭୋକ ଲାଗିବା ସମୟରେ କିପରି ଅନୁଭବ କରନ୍ତି ? ଏହାକୁ କିପରି ବର୍ଣ୍ଣନା କରିବେ। ଯଦି ଆପଣ ଦୁଇଦିନ ଧରି କିଛି ନ ଖାଆନ୍ତି, କ'ଣ ହେବ ?

ଖ.ଆପଣ କେବେ ରାସ୍ତାରେ ଯିବା ସମୟରେ ବାଟ ଭୁଲିଯାଇଛନ୍ତି ? ସେତେବେଳେ ଆପଣ କ'ଣ କଲେ ? ଆପଣଙ୍କ ଅନୁଭୂତିକୁ ନିଜ ଭାଷାରେ ଲେଖନ୍ତୁ।

ଗ. ଆପଣ ପର୍ବତ ଉପରେ ଅଛନ୍ତି, କଳ୍ପନା କରନ୍ତୁ। ସେଠାରେ କିପରି ଅନୁଭବ କରୁଛନ୍ତି ? କ'ଣ ଦେଖିଲେ ? ସେଠାରେ ପହଂଚି କ'ଣ କରିବାକୁ ଚାହୁଁଛନ୍ତି ?

– ପରିବେଶ ଅଧ୍ୟୟନ, ଗଣିତ, ସାମାଜିକ ପାଠର ବିଭିନ୍ନ ଧାରଣାକୁ ନେଇ ଏହିପରି କେତେକ ପ୍ରଶ୍ନ ପ୍ରସ୍ତୁତ କରନ୍ତୁ।

ଶିକ୍ଷକମାନଙ୍କ ପାଇଁ ପାଠ୍ୟପୁସ୍ତକ ଏକ ବ୍ୟବହାର ଯୋଗ୍ୟ ଉତ୍ତମ ସମ୍ବଳ। କିନ୍ତୁ ଆଂଚଳିକ, ସାଂସ୍କୃତିକ ଏବଂ ଭୌଗଳିକ ବିବିଧତାକୁ ଦୃଷ୍ଟିରେ ରଖି ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଓ ପରିସ୍ଥିତି ଆଧାରରେ ଏହାକୁ ପ୍ରାସଙ୍ଗିକ କରାଯିବାର ଆବଶ୍ୟକତା ରହିଛି। ତେଣୁ ଶିକ୍ଷକମାନେ ପାଠ୍ୟପୁସ୍ତକରେ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ / ପ୍ରଶ୍ନାବଳୀ ପରିବର୍ତ୍ତେ ନିଜ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ପରିସ୍ଥିତିକୁ ଦେଖି ନିଜେ ଶିକ୍ଷଣ କାର୍ଯ୍ୟ / ପ୍ରଶ୍ନ ପ୍ରସ୍ତୁତ କରିବା ପାଇଁ ଆଶ କରାଯାଉଛି।

**ଉଦାହରଣ :** ପାଠ୍ୟ ପୁସ୍ତକରେ ନିମ୍ନ ପ୍ରଶ୍ନ ଦିଆଯାଇଛି ($A_1$ ଓ $A_2$) ଶିକ୍ଷକମାନେ ଏହାକୁ ପରିବର୍ତ୍ତନ କରି $B_1$ ଓ $B_2$ ପ୍ରଶ୍ନ ପ୍ରସ୍ତୁତ କରିଛନ୍ତି।

$A_1$ - କଂଚା ଓ ପାଚିଲା ଆମ୍ବରୁ ତୁମ ଘରେ କେଉଁ ସବୁ ଜିନିଷ ପ୍ରସ୍ତୁତ ହେଉଛି ?

$A_2$ - କଂଚା ଓ ପାଚିଲା କଦଳୀରୁ ତୁମ ଘରେ କେଉଁ ସବୁ ଜିନିଷ ପ୍ରସ୍ତୁତ ହେଉଛି ?

$B_1$ ତୁମ ଘରେ ଏହିସବୁ ଜିନିଷ କିପରି ପ୍ରସ୍ତୁତ କରାଯାଏ ? ପାମ୍ପଡ଼, ବଡ଼ି, ବାଦାମ ଲଡୁ।

$B_2$ ତୁମ ଘରେ ଏହିସବୁ ଜିନିଷ କିପରି ପ୍ରସ୍ତୁତ କରାଯାଏ ? କାକରା ପିଠା, ଆରିସା ପିଠା, ଏଣ୍ଡୁରୀ ପିଠା

ରାଜ୍ୟ, ଜିଲ୍ଲା କିମ୍ବା ବ୍ଲକ ସ୍ତରରେ ପ୍ରସ୍ତୁତ ଯେକୌଣସି ପ୍ରଶ୍ନ ସେଟ୍ ଏହି ଉଦ୍ଦେଶ୍ୟ ସାଧିତ କରିପାରିବ ନାହିଁ । କାରଣ ଏହା ପିଲାମାନଙ୍କୁ ସେମାନଙ୍କ ପରିସ୍ଥିତି, ଅନୁଭୂତି ଆଧାରିତ ଉପରେ ଦେବାରେ ବାଧା ସୃଷ୍ଟି କରିବ।

## ୭.୨. ଦଳଗତ ଶିକ୍ଷଣର ମାନନିର୍ଦ୍ଧାରଣ

ଦଳ ଭିତ୍ତିକ ମାନନିର୍ଦ୍ଧାରଣ ବ୍ୟବହାର କରିବା ପାଇଁ ଶିକ୍ଷକଙ୍କର ଏହାର ଲକ୍ଷ୍ୟ ବିଷୟରେ ସ୍ୱଷ୍ଟ ଧାରଣା ରହିବା ଆବଶ୍ୟକ। କ୍ଷେତ୍ର ପରିଭ୍ରମଣ, ସର୍ବେକ୍ଷଣ, କଳା କାର୍ଯ୍ୟ (ମଡେଲ ପ୍ରସ୍ତୁତ, ରଙ୍ଗୋଲି), ପରୀକ୍ଷଣ, ପ୍ରକଳ୍ପ ଆଦି କାର୍ଯ୍ୟ ଦଳଗତ ଭାବେ କରାଯାଏ। ଏବଂ ପିଲାମାନଙ୍କ ପ୍ରକ୍ରିୟା ଭିତ୍ତିକ କୌଶଳ ଓ ସାମାଜିକ କୌଶଳର ମାନନିର୍ଦ୍ଧାରଣ ପାଇଁ ଦଳଗତ ମାନନିର୍ଦ୍ଧାରଣକୁ ଏକ ଉତ୍ତମ ସୁଯୋଗ ଭାବରେ ବ୍ୟବହାର କରାଯାଇପାରେ। ଆସନ୍ତୁ, ଦଳଗତ କାର୍ଯ୍ୟର ଏକ ଉଦାହରଣ ନେବା।

**ସର୍ବେକ୍ଷଣ** : ଆଲୋକ, ବାୟୁଚଳାଚଳ, ପରିଷ୍କାର ପରିଚ୍ଛନ୍ନତା ଓ ବିଦ୍ୟାଳୟରେ ଭିନ୍ନକ୍ଷମଙ୍କ ପାଇଁ ଉପଲବ୍ଧ ସୁଯୋଗକୁ ତନଖି କରିବା।

ପଞ୍ଚମ ଶ୍ରେଣୀ ପିଲାଙ୍କପାଇଁ ଏହି କାର୍ଯ୍ୟ କରିବା ନିମିତ୍ତ ଶିକ୍ଷକ ପିଲାମାନଙ୍କୁ ଚାରୋଟି ଦଳରେ ଭାଗ କଲେ।

ж **ଦଳ-୧ :** ତୁମ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଉପଲବ୍ଧ ଆଲୋକ ବ୍ୟବସ୍ଥାର ତନଖି କରିବା।

Module 4

æ **ଦଳ-୨ :** ବିଭିନ୍ନ ଶ୍ରେଣୀ କକ୍ଷରେ ବାୟୁ ଚଳାଚଳ ବ୍ୟବସ୍ଥାକୁ ଅନୁସନ୍ଧାନ କରିବା।

æ **ଦଳ-୩ :** ବିଦ୍ୟାଳୟରେ ପରିଷ୍କାର ପରିଚ୍ଛନ୍ନତାକୁ ତନଖି କରିବା।

æ **ଦଳ-୪ :** ଭିନ୍ନକ୍ଷମ ପିଲାଙ୍କପାଇଁ ଉପଲବ୍ଧ ସୁବିଧା ସୁଯୋଗକୁ ତନଖି କରିବା।

ଶିକ୍ଷକ ପ୍ରତି ଦଳକୁ କାର୍ଯ୍ୟ ଅନୁଯାୟୀ ଦଳର ସଦସ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନପାଇଁ ନିର୍ଦ୍ଦେଶ ଦେଲେ - ପ୍ରଶ୍ନ ପ୍ରସ୍ତୁତ, ପର୍ଯ୍ୟବେକ୍ଷଣ, ଲିପିବଦ୍ଧକରଣ। ସେ ମଧ୍ୟ ପିଲାମାନଙ୍କୁ କାର୍ଯ୍ୟ କରିବା ସମୟରେ ସାହାଯ୍ୟ କଲେ। ପିଲାମାନେ ଦଳରେ ପ୍ରସ୍ତୁତ କରିଥିବା କେତେକ ପ୍ରଶ୍ନ ନିମ୍ନରେ ଦିଆଗଲା।

### ପର୍ଯ୍ୟବେକ୍ଷର ଓ ଲିପିବଦ୍ଧ କରଣ

### ଆଲୋକର ତନଖି

æ ପର୍ଯ୍ୟାପ୍ତ ସଂଖ୍ୟକ ଝରକା ଅଛି କି ?

æ ତୁମ ଶ୍ରେଣୀରେ ପିଲାମାନେ କାର୍ଯ୍ୟକରୁଥିବା ସ୍ଥାନରେ ଝରକାରୁ ଆଲୋକ ପଡୁଛି କି ?

æ ଝରକାର କାଠଗୁଡ଼ିକ ସଫା ଅଛି କି ?

æ ପିଲାମାନେ ବସୁଥିବା ସ୍ଥାନରେ ଝରକା ଅଛି କି , ନା ଶ୍ରେଣୀର ଆଗ ପଟେ କିମ୍ବା ପଛ ପଟେ ଅଛି ?

æ ଶ୍ରେଣୀକକ୍ଷ ବାହାରେ କୌଣସି ଗଛ ବା ଲତା ଆଲୋକ ଆସିବାରେ ବାଧା ସୃଷ୍ଟି କରୁଛି କି ?

æ ଶ୍ରେଣୀ କକ୍ଷ କାନ୍ଥଗୁଡ଼ିକ ଗାଢ଼ ରଙ୍ଗରେ ଚିତ୍ରିତ ହୋଇଛି କି ?

æ ପ୍ରାକୃତିକ ଆଲୋକ ସହିତ କୃତ୍ରିମ ଆଲୋକ ବ୍ୟବସ୍ଥା କରିବାର ଆବଶ୍ୟକତା ଅଛି କି ?

æ ଆଲୋକ ଦେବା ପାଇଁ କେତୋଟି ସ୍ଥାନ ଅଛି ?

æ ସେଗୁଡ଼ିକ କାର୍ଯ୍ୟକ୍ଷମ ଅଛନ୍ତି କି ?

### ବାୟୁଚଳାଚଳ ତନଖି

æ ତୁମ ଶ୍ରେଣୀରେ ବାୟୁ ଚଳାଚଳର ଉତ୍ସ ଗୁଡ଼ିକ କ'ଣ ?

æ ଶ୍ରେଣୀରେ କେତୋଟି କବାଟ / ଝରକା ଅଛି ?

æ ସେଗୁଡ଼ିକ ବନ୍ଦ ଅଛି ନା ଖୋଲା ଅଛି ?

æ ବାୟୁ ଚଳାଚଳର ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି କି ?

æ କବାଟଗୁଡ଼ିକ ଗୋଟିଏ କାନ୍ଥରେ ଅଛି କି ?

æ କବାଟ ଓ ଝରକା ବିପରୀତ ଦିଗରେ ଅଛି କି ?

æ ଉଚ୍ଚ ସ୍ଥାନରେ / ଛାତ ପାଖାପାଖି ବାୟୁ ଚଳାଚଳ ପଥ ଅଛି କି ?

Module
4

## ପରିଷ୍କାର ପରିଚ୍ଛନ୍ନତା ତନଖି

æ ଶ୍ରେଣୀକକ୍ଷ କିଏ ପରିଷ୍କାର କରେ ?

æ କେତେ ଦିନରେ ଶ୍ରେଣୀ କକ୍ଷ ପରିଷ୍କାର ହୁଏ ?

æ ଶ୍ରେଣୀର କିଛି ଅଂଶ ଓଦା ଅଛି କି ?

æ ଶ୍ରେଣୀ କକ୍ଷରେ ଡଷ୍ଟବିନ୍ ଅଛି କି ?

æ ଶ୍ରେଣୀରେ ଅଧିକ ଆବର୍ଜନା ଅଛି କି ?

## ଭିନ୍ନକ୍ଷମ ପିଲାଙ୍କ ପାଇଁ ସୁବିଧା ସୁଯୋଗର ତନଖି

æ ତୁମ ବିଦ୍ୟାଳୟର କୌଣସି ପିଲା ବା କର୍ମଚାରୀ ଭିନ୍ନକ୍ଷମ କି ?

æ ଯଦି ହଁ, ବିଦ୍ୟାଳୟରେ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା କ'ଣ ରହିଛି ?

æ ଉପଯୁକ୍ତ ସ୍ଥାନରେ ହାତଧରା ଖସଡାରେ ସୁବିଧା ରହିଛି କି ?

æ ବିଦ୍ୟାଳୟରେ ର୍‍ୟାମ୍ପ ଅଛି କି ?

æ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ଅଛି କି ?

æ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଦ୍ୟାଳୟରେ ଚଟାଣ ଓ ଆସବାବପତ୍ର ଉପଯୁକ୍ତ ଅଛି କି ?

æ ସେ ପିଲାମାନଙ୍କୁ ଚିନ୍ତା କରିବାକୁ ସୁଯୋଗ ଦେଲେ ସେ ସେହି ଦିଗରେ କେତେକ ପ୍ରଶ୍ନ ନିମ୍ନରେ ଦିଆଯାଇଛି ।

## ଚିନ୍ତା କରି କାର୍ଯ୍ୟ କର

æ ଶ୍ରେଣୀ କକ୍ଷ କାହିଁକି ପରିଷ୍କାର ନାହିଁ ?-ଶିକ୍ଷାର୍ଥୀ ଓ କର୍ମଚାରୀମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? ସମସ୍ୟାର ସମାଧାନ ପାଇଁ ତୁମେ କ'ଣ ପ୍ରସ୍ତାବ ଦେଉଛ ?

æ ଶ୍ରେଣୀରେ ବାୟୁ ଚଳାଚଳ ପାଇଁ କ'ଣ ସବୁ ସମସ୍ୟା ରହିଛି ?

æ ଆମ ବିଦ୍ୟାଳୟ କିପରି ଭିନ୍ନକ୍ଷମଙ୍କ ପାଇଁ ଉପଯୋଗୀ ହୋଇପାରିବ ?

æ ସର୍ବେକ୍ଷଣ ପରେ ଦେଖିଥିବା ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଉପାୟ ବିଷୟରେ ଚିନ୍ତା କର ।

æ ଆପଣଙ୍କ ସହାୟତାରେ ପିଲାମାନେ ତତ୍‌କ୍ଷଣାତ୍ ସମାଧାନ ପାଇଁ କେଉଁ ସବୁ କାର୍ଯ୍ୟ କରିପାରିବେ, ବାଛନ୍ତୁ ।

æ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ସୁଯୋଗ ଅଛି କି ? ଖୋଜି ବାହାର କର ।

æ ଅଧିକାରୀଙ୍କ ପାଖରେ ଅଭିଯୋଗ ପହଂଚିବାରେ ତୁମେ କିପରି ସାହାଯ୍ୟ କରିବ ?

Module 4

ଶିକ୍ଷକ ପିଲାମାନଙ୍କୁ ଉପରୋକ୍ତ କାର୍ଯ୍ୟରେ ସାହାଯ୍ୟ କରିପାରନ୍ତି। ପ୍ରତିଦଳ ସମଗ୍ର ଶ୍ରେଣୀରେ ବିବରଣୀକୁ ଉପସ୍ଥାପନ କରିବେ। ପରେ ଅନ୍ୟ ଦଳମାନେ ସେହି ବିଷୟରେ ଆଲୋଚନା କରିବେ। ଏହି କାର୍ଯ୍ୟଗୁଡ଼ିକ **ରୁବ୍ରିକ୍ସ** ବ୍ୟବହାର କରି (୩ ପଏଣ୍ଟ ସ୍କେଲ) ମାନ ନିର୍ଦ୍ଧାରଣ କରାଯିବ। ଶିକ୍ଷକ ନିଜେ କିମ୍ବା ପିଲାମାନଙ୍କ ସହାୟତାରେ ରୁବ୍ରିକ୍ସ ପ୍ରସ୍ତୁତ କରିପାରନ୍ତି।

| ଆଧାର | ସ୍ତର-୧ | ସ୍ତର-୨ | ସ୍ତର-୩ |
|---|---|---|---|
| ପ୍ରଶ୍ନ ପ୍ରସ୍ତୁତି | ସହପାଠୀଙ୍କ ସହାୟତାରେ ପ୍ରଶ୍ନ ପ୍ରସ୍ତୁତ କରେ। | ନିଜେ ନୂତନ ପ୍ରଶ୍ନ ପ୍ରସ୍ତୁତ କରେ ଏବଂ ଶିକ୍ଷକ ସହପାଠୀଙ୍କ ସହାୟତାରେ ଚୂଡ଼ାନ୍ତ କରେ। | ସ୍ୱାଧୀନ ଭାବରେ ପ୍ରଶ୍ନ ପ୍ରସ୍ତୁତ କରେ। |
| ତଥ୍ୟ ସଂଗ୍ରହ | କେତେକ ଅନୁସନ୍ଧାନକୁ ବ୍ୟବହାର ନୁହେଁ ଓ ପ୍ରଶ୍ନ ପଚାରେ। | ଅନୁସନ୍ଧାନ ଭିତ୍ତିକ ଅନେକ ପ୍ରଶ୍ନ ପଚାରେ। | ଗଭୀର ଅନୁସନ୍ଧାନ କରି ପ୍ରଶ୍ନକୁ ପରିବର୍ତ୍ତନ ମଧ୍ୟ କରେ। |
| ତଥ୍ୟ ଲିପିବଦ୍ଧ କରଣ | ସଂଗଠିତ ଭାବେ ଉତ୍ତରକୁ ଲିପିବଦ୍ଧ କରେ ନାହିଁ। | ସଂଗୃହୀତ ତଥ୍ୟକୁ ସଂଗଠିତ ଭାବରେ ଲିପିବଦ୍ଧ କରେ। | ସଂଗଠିତ ଭାବରେ ଲିପିବଦ୍ଧ କରେ ଓ ତଥ୍ୟକୁ ଉପସ୍ଥାପନ କରେ। |
| ସିଦ୍ଧାନ୍ତ ନିରୁପଣ | ତଥ୍ୟରୁ ଅର୍ଥ ବାହାର କରେ। | ତଥ୍ୟରୁ ଉପଯୁକ୍ତ ଅର୍ଥ ବାହାର କରେ। | ଅର୍ଥ ବାହାର କରି ଯୁକ୍ତି ସଂଗତ ଭାବରେ ବୁଝାଏ। |
| ଲିପିବଦ୍ଧ କରଣ | ବିବରଣୀ ପ୍ରସ୍ତୁତ କରେ କିନ୍ତୁ ଠିକ ଭାବରେ ଉପସ୍ଥାପନ କରିପାରେ ନାହିଁ। | ବିବରଣୀ ପ୍ରସ୍ତୁତ କରେ ଏବଂ ଆତ୍ମ ବିଶ୍ୱାସ ସହିତ ଉପସ୍ଥାପନ କରେ। ଧୈର୍ଯ୍ୟର ସହିତ ଦଳରେ କାର୍ଯ୍ୟ କରେ। | ସାମଗ୍ରିକ ବିବରଣୀ ପ୍ରସ୍ତୁତ କରେ ଓ ଆତ୍ମ ବିଶ୍ୱାସ ସହିତ ଯୁକ୍ତିଯୁକ୍ତ ଭାବରେ ବୁଝାଏ। ଧୈର୍ଯ୍ୟର ସହିତ ଦଳରେ କାମ କରେ ଓ ଅନ୍ୟମାନଙ୍କୁ ସାହାଯ୍ୟ କରେ। |

Module 4

**ସ୍ତର-୧ :** ଦିଆଯାଇଥିବା କାର୍ଯ୍ୟ କିମ୍ବା ଶିକ୍ଷଣ ଫଳାଫଳ ପାଇଁ ଶିକ୍ଷାର୍ଥୀ ଶିକ୍ଷକଙ୍କ ଠାରୁ କିମ୍ବା ବଡ଼ମାନଙ୍କ ଠାରୁ ବହୁତ ସାହାଯ୍ୟ ଆବଶ୍ୟକ କରନ୍ତି ।

**ସ୍ତର-୨ :** ଦିଆଯାଇଥିବା କାର୍ଯ୍ୟ କିମ୍ବା ଶିକ୍ଷଣ ଫଳାଫଳ ପାଇଁ ଶିକ୍ଷାର୍ଥୀ ଉପଯୁକ୍ତ ସହାୟତା ଓ ପ୍ରତିପୁଷ୍ଟି ପାଇଁ କାର୍ଯ୍ୟଟିକୁ କରିବା ପାଇଁ ସମର୍ଥ ।

**ସ୍ତର-୩:** ଦିଆଯାଇଥିବା କାର୍ଯ୍ୟ କିମ୍ବା ଶିକ୍ଷଣ ଫଳାଫଳ ପାଇଁ ଶିକ୍ଷାର୍ଥୀ ସ୍ୱାଧୀନ ଭାବେ କାର୍ଯ୍ୟ କରେ ଓ ବେଳେବେଳେ ସହାୟତା ଆବଶ୍ୟକ କରେ ।

ତେଣୁ ଦଳଗତ କାର୍ଯ୍ୟ ଉଭୟ ଶିକ୍ଷଣ ଓ ମାନନିର୍ଦ୍ଧାରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ଅଟେ । ଶିକ୍ଷାର୍ଥୀଙ୍କ ଲମ୍ବା ସମୟ ଅବଧି ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି, ଯେଉଁଥିରେ କିଛି ଦିନ ବା ସପ୍ତାହ ଏକାଠି ଦଳରେ କାର୍ଯ୍ୟ କରିବେ । କେବଳ ଶ୍ରେଣୀ କକ୍ଷରେ କାର୍ଯ୍ୟ କରିବେ ନାହିଁ ବରଂ ପିଲାମାନେ ବିଦ୍ୟାଳୟ ବାହାରେ ମଧ୍ୟ ଦଳରେ କାର୍ଯ୍ୟ କରିବେ ।

**କେତେକ ଉଦାହରଣ :**

- ବିଦ୍ୟାଳୟ / ଘରେ / ପଡ଼ୋଶୀଙ୍କ ଘରେ ଜଳ ଅପଚୟର ଅଟକଳ କରିବ ।
- ନିଜ ଅଂଚଳର ୧୫ ଟି ପରିବାରକୁ ସର୍ବେକ୍ଷଣ କର । ଗତ ତିନିମାସରେ ତୁମ ଅଂଚଳ ଲୋକମାନଙ୍କୁ କେଉଁ ସବୁ ସାଧାରଣ ରୋଗ ହୋଇଛି । ଏହାର କାରଣ ଖୋଜ ।

## ଟିକେ ଚିନ୍ତା କରନ୍ତୁ

- ଶିକ୍ଷଣ କାର୍ଯ୍ୟ ବିଷୟରେ ଆପଣ କ'ଣ ଭାବୁଛନ୍ତି । ଆପଣ ଏହାକୁ ଶିକ୍ଷାଦାନ ଶିକ୍ଷଣ କିମ୍ବା ମାନନିର୍ଦ୍ଧାରଣ କୌଶଳ ବୋଲି ଭାବୁଛନ୍ତି ।
- ଏଥିରେ କ'ଣ ଶିକ୍ଷଣ ହେଲା ? ଏହିଭଳି କାର୍ଯ୍ୟରୁ କେଉଁ ପ୍ରକ୍ରିୟା ଭିତ୍ତିକ କୌଶଳ ଓ ଆଗ୍ରହ ବୃଦ୍ଧି ହେବାର ଅଛି ?
- ଏହି କାର୍ଯ୍ୟରୁ ଶିକ୍ଷଣ ଫଳାଫଳର ତାଲିକା ପ୍ରସ୍ତୁତ କରନ୍ତୁ ।
- ବିଭିନ୍ନ ବିଷୟ ପାଇଁ କେତେକ ଦଳଗତ କାର୍ଯ୍ୟ ପ୍ରସ୍ତୁତ କରନ୍ତୁ ଓ ମାନନିର୍ଦ୍ଧାରଣର ଆଧାର (ରୁବ୍ରିକ୍ସ) ପ୍ରସ୍ତୁତ କରନ୍ତୁ । ସେହି କାର୍ଯ୍ୟର ଶିକ୍ଷଣ ଫଳାଫଳ ଚିହ୍ନଟ କରନ୍ତୁ ।

Module
4

ମାନନିର୍ଦ୍ଧାରେଣ କୌଶଳଗୁଡ଼ିକ ଏପରି ହେବା ଉଚିତ୍ ଯାହା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଓ ବିକାଶ ସଂପର୍କରେ ପ୍ରମାଣଗତ ତଥ୍ୟ ପ୍ରଦାନ ସଂପର୍କରେ ପ୍ରମାଣଗତ ତଥ୍ୟ ପ୍ରଦାନ କରିଥାଏ। ଏହି ତଥ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ଶ୍ରେଣୀ ପ୍ରତ୍ୟେକ ବିଷୟରେ ଥିବା ଶିକ୍ଷଣ ଫଳାଫଳ ଉପରେ ଆଧାରିତ ହୋଇଥାଏ।

ମାନନିର୍ଦ୍ଧାରଣ କେବଳ ପିଲାମାନେ ଶିକ୍ଷାଦାନ ପରେ କ'ଣ ମନେରଖିଛନ୍ତି। ତାକୁ ମାପ କରେ ନାହିଁ ବରଂ ସାମଗ୍ରିକ ଭାବରେ ପିଲାର ଜ୍ଞାନ, କୌଶଳ ଏବଂ ଆଗ୍ରହ ବିଷୟରେ ମଧ୍ୟ ଧାରଣା ଦେଇଥାଏ ଯାହା ଥରେ ମାପି ଦେଲେ ହେବ ନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ଶିକ୍ଷାଦାନ ଶିକ୍ଷଣ ସହିତ ସମନ୍ୱିତ ମାନନିର୍ଦ୍ଧାରଣ ପିଲାମାନେ ବିଭିନ୍ନ ପରିସ୍ଥିତିରେ କ'ଣ ନୂଆ ଧାରଣା ଶିଖିଛନ୍ତି, ସେଗୁଡ଼ିକୁ ବୁଝିବାରେ ସୁଯୋଗ ପ୍ରଦାନ କରିଥାଏ। ଏଥି ସହିତ ପିଲାମାନେ ବିଭିନ୍ନ କ୍ରିୟା କଳାପ ଓ ଅନୁଭୂତିକୁ କାର୍ଯ୍ୟ କରି ନୂଆ କଥା ଶିଖିଥାଆନ୍ତି। ଯାହାକୁ ପ୍ରକ୍ରିୟା ଭିତ୍ତିକ ଅଟେ। ଏହା ମାନନିର୍ଦ୍ଧାରଣକୁ ପ୍ରକ୍ରିୟାଭିତ୍ତିକ କରିଥାଏ ଏବଂ ପିଲା ପାଇଁ ଭୟଶୂନ୍ୟ ହୋଇଥାଏ। ତେଣୁ ଶିକ୍ଷଣ ଫଳାଫଳ ହାସଲ କରିବାରେ ଏହା ସାହାଯ୍ୟ କରିଥାଏ।

### ୭.୩ ରୁବ୍ରିକ୍ସ କ'ଣ ?

ରୁବ୍ରିକ୍ସ ମାନଦଣ୍ଡର ଏକ ସାମଗ୍ରିକ ସେଟ୍, ଯାହା ଶିକ୍ଷାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ସମୟରେ ମାନନିର୍ଦ୍ଧାରଣ ପାଇଁ ବ୍ୟବହାର କରିଥାନ୍ତି। କାର୍ଯ୍ୟ ସଂପାଦନ ଓ ମାନନିର୍ଦ୍ଧାରଣ ପାଇଁ ମାନଦଣ୍ଡର ଏକ ସଂକ୍ଷିପ୍ତ ବିବରଣୀ ରୁବ୍ରିକ୍ସ ପ୍ରସ୍ତୁତ କରିଥାଏ। ଏହାକୁ ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ପ୍ରସ୍ତୁତ କରିଥାଆନ୍ତି। ରୁବ୍ରିକ୍ସଗୁଡ଼ିକ ନମନୀୟ ଓ ଉପଯୋଜକ। ଏହି ଗୁଣ ଅନ୍ୟ ସାଧନୀରେ ନଥାଏ। ରୁବ୍ରିକ୍ସ ଠିକ୍ ଭାବରେ ବ୍ୟବହାର କଲେ ଏହା ସହଯୋପଯୋଗୀ ପ୍ରତିପୃଷ୍ଟି ପ୍ରଦାନ କରିବା। ଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ପ୍ରତିପୁଷ୍ଟି ବ୍ୟବହାର କରିବା, ବିଶ୍ଳେଷଣାତ୍ମକ ଚିନ୍ତନରେ ଉତ୍ସାହିତ କରିବା, ଶିକ୍ଷାଦାନ ପଦ୍ଧତି ଉନ୍ନତ କରିବାରେ ତଥା ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବାରେ ସହାୟତା ପ୍ରଦାନ କରିଥାଏ।

Module 4

ରୁବ୍ରିକ୍ସ ହେଉଛି ମାନନିର୍ଦ୍ଧାରଣ ସାଧନୀ ଯାହା ଶିକ୍ଷାର୍ଥୀର ଲିଖିତ, ମୌଖିକ ଓ କାର୍ଯ୍ୟଭିତ୍ତିକ ଦିଗରେ ଉପଲବ୍ଧିର ମାନଦଣ୍ଡକୁ ସ୍ପଷ୍ଟ ଭାବରେ ସୂଚୀତ କରିଥାଏ।

**ରୁବ୍ରିକ୍ସ ଚାରୋଟି ଦିଗକୁ ନେଇ ଗଠିତ:**

୧.ନ୍ୟସ୍ତ କାର୍ଯ୍ୟର ବର୍ଣ୍ଣନା (ଉଦାହରଣ- ପରିଷ୍କାର ପରିଚ୍ଛନ୍ନତାର ତନଖି)

୨. ସ୍କେଲର ସ୍ତର ( ସ୍ତର ୧, ୨, ୩- ସାରଣୀରେ ଦିଆଯାଇଥିବା)

୩. ଦିଗ (ଉଦାହରଣ : ପ୍ରଶ୍ନ ପ୍ରସ୍ତୁତି, ତଥ୍ୟ ସଂଗ୍ରହ ଆଦି)

୪. ଦିଗର ମାନଦଣ୍ଡ (ସହାୟତାରେ ପ୍ରଶ୍ନ ପ୍ରସ୍ତୁତି, ସ୍ୱାଧୀନ ଭାବରେ ପ୍ରଶ୍ନ ପ୍ରସ୍ତୁତି ଆଦି)

**ରୁବ୍ରିକ୍ସ ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ପ୍ରଶ୍ନାବଳୀ**

- ମୁଁ / ମୋ ସାଙ୍ଗ କାର୍ଯ୍ୟଟିର ଯୋଜନା କେତେ ଭଲ ଭାବରେ କରିଥିଲୁ ?
- ମୋ ସାଙ୍ଗ କେତେ ଭଲ ଭାବରେ ଯୋଜନା ଅନୁଯାୟୀ କାର୍ଯ୍ୟ ସଂପାଦନ କଲେ ?
- ପରବର୍ତ୍ତୀ ସମୟରେ ଏହାକୁ କିପରି ଭିନ୍ନ ଢ଼ଙ୍ଗରେ କରାଯାଇପାରିବ ?
- ମୁଁ / ସେ କାର୍ଯ୍ୟଟିରେ କିପରି ଉନ୍ନତି ଆଣିପାରିବୁ ?
- ମୁଁ ନିଜକୁ / ସାଙ୍ଗକୁ କେଉଁ ଗ୍ରେଡ୍ ଦେବି ?

## ୭.୪ ସହପଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ

ଶିକ୍ଷାର୍ଥୀମାନଙ୍କୁ ନିଜ କାର୍ଯ୍ୟ କିମ୍ବା ସହପାଠୀଙ୍କ କାର୍ଯ୍ୟର ମାନ ନିର୍ଦ୍ଧାରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଶିକ୍ଷାର୍ଥୀମାନେ ସେମାନଙ୍କ ଉପଲବ୍ଧି ଓ ଶିକ୍ଷଣ ଫଳାଫଳକୁ ବିଚାର କରି ଅଂଶଗ୍ରହଣ କରିବାକୁ ସ୍ୱ-ମାନନିର୍ଦ୍ଧାରଣ କୁହାଯାଏ। ସ୍ୱ-ମାନ ନିର୍ଦ୍ଧାରଣ ଶିକ୍ଷାର୍ଥୀର ଶିକ୍ଷଣକୁ ସହାୟତା କରିଥାଏ। ଭବିଷ୍ୟତରେ ବୃତ୍ତିଗତ ବିକାଶ ଓ ଜୀବନ ବ୍ୟାପୀ ଶିକ୍ଷଣ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ। ଏହା ଶିକ୍ଷାର୍ଥୀଙ୍କୁ ସେମାନଙ୍କ ପ୍ରଗତି କୌଶଳର ବିକାଶ, ପାଠ ଶିକ୍ଷଣ ଆଧାରିତ ସେମାନଙ୍କ ଦୁର୍ବଳତା ଓ ସବଳତାକୁ ବୁଝିବାରେ ଏବଂ ସେମାନଙ୍କ କାର୍ଯ୍ୟ ସଂପାଦନରେ ଉନ୍ନତି ଆଣିବାରେ ସଶକ୍ତ କରିଥାଏ।

Module 4

**ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ**

ଶିକ୍ଷାର୍ଥୀମାନେ ସଂପାଦନ କରୁଥିବା କାର୍ଯ୍ୟର ଗୁଣାତ୍ମକତା ପାଇଁ ନିର୍ଦ୍ଧାରଣ ହୋଇଥିବା ମାନଦଣ୍ଡ ଆଧାରରେ ସେମାନେ ସହପାଠୀମାନଙ୍କୁ ପ୍ରତିପୁଷ୍ଟି କିମ୍ବା ଗ୍ରେଡ୍, କିମ୍ବା ଉଭୟ ପ୍ରଦାନ କରିଥାଆନ୍ତି।

**ଉଦ୍ଦେଶ୍ୟ:**

- ଶିକ୍ଷାର୍ଥୀମାନେ ସେମାନଙ୍କ ନିଜ ପ୍ରଗତି ଓ କୌଶଳର ବିକାଶକୁ ଚିନ୍ତା କରିବେ ଓ ବିଶ୍ଳେଷଣାତ୍ମକ ମୂଲ୍ୟାୟନ କରିବେ।
- ଶିକ୍ଷାର୍ଥୀମାନେ ନିଜର ଦୁର୍ବଳତା ଓ ସବଳତାକୁ ଚିହ୍ନଟ କରିବେ।
- ଶିକ୍ଷାର୍ଥୀମାନେ କାର୍ଯ୍ୟ ସଂପାଦାନର ଉନ୍ନତି ଆଣିବାର ଉପାୟ ନିର୍ଣ୍ଣୟ କରିବେ।

Module 4

## ୧. ସମ୍ମିଳିତ ସହପାଠୀ ମାନନିର୍ଦ୍ଧାରଣର ରୁବ୍ରିକ୍ସ

| | ୪ | ୩ | ୨ | ୧ |
|---|---|---|---|---|
| ଅଂଶଗ୍ରହଣ | ଦଳର ସଦସ୍ୟମାନେ ସଂପୂର୍ଣ୍ଣ ଭାବରେ ଅଂଶ ଗ୍ରହଣ କରୁଥିଲେ ଓ ଶ୍ରେଣୀରେ କାର୍ଯ୍ୟ କରିବାରେ ବ୍ୟସ୍ତ ଥିଲେ। | ଦଳର ସଦସ୍ୟମାନେ ସମୟରେ ଅଂଶଗ୍ରହଣ କରୁଥିଲେ ଓ ଅଧିକାଂଶ ସମୟରେ ମଧ କାର୍ଯ୍ୟ କରୁଥିଲେ। | ଦଳର ସଦସ୍ୟମାନେ ଅଂଶଗ୍ରହଣ କରୁଥିଲେ କିନ୍ତୁ ନିୟମିତ ସମୟ ନଷ୍ଟ କରୁଥିଲେ ଏବଂ କ୍ୱଚିତ କାର୍ଯ୍ୟ କରୁଥିଲେ। | ଦଳର ସଦସ୍ୟମାନେ ଅଂଶଗ୍ରହଣ କରୁନଥିଲେ, ସମୟ ନଷ୍ଟ କରୁଥିଲେ ଓ ସଂପର୍କିତ ନଥିବା କାର୍ଯ୍ୟ କରୁଥିଲେ। |
| ନେତୃତ୍ୱ | ଦଳର ସଦସ୍ୟମାନେ ଉପଯୁକ୍ତ ଉପାୟରେ ନେତୃତ୍ୱ ନେଉଥିଲେ। ଆବଶ୍ୟକ ସ୍ଥଳେ ଦଳକୁ ସାହାଯ୍ୟ କରୁଥିଲେ, ଦଳଗତ ଅଂଶ ଗ୍ରହଣକୁ ଉତ୍ସାହିତ କରୁଥିଲେ। ସମସ୍ୟାର ସମାଧାନ କରୁଥିଲେ ଓ ସକରାତ୍ମକ ମନୋବୃତ୍ତି ଥିଲା। | ବେଳେବେଳେ ଦଳର ସଦସ୍ୟମାନେ ଉପଯୁକ୍ତ ଉପାୟରେ ନେତୃତ୍ୱ ନେଉଥିଲେ। | ଦଳର ସଦସ୍ୟମାନେ ଅଂଶଗ୍ରହଣ କରୁଥିଲେ କିନ୍ତୁ ନିୟମିତ ସମୟ ନଷ୍ଟ କରୁଥିଲେ। | ଦଳର ସଦସ୍ୟ ନେତୃତ୍ୱ ନେଉନଥିଲେ ଓ ଏହାକୁ ଠିକ୍ ବୋଲି ଭାବୁନଥିଲେ। |
| ବୁଝିବା | ଦଳର ସଦସ୍ୟ ଅନ୍ୟର କଥାକୁ ଧ୍ୟାନର ସହିତ ଶୁଣୁଥିଲେ। | ଦଳର ସଦସ୍ୟ ଅନ୍ୟର କଥାକୁ ସାଧାରଣ ଭାବେ ଶୁଣୁଥିଲେ। | ଦଳର ସଦସ୍ୟ ବେଳେବେଳେ ଅନ୍ୟର କଥାକୁ ଶୁଣୁନଥିଲେ। | ଦଳର ସଦସ୍ୟ ଅନ୍ୟର କଥାକୁ ଶୁଣୁ ନଥିଲେ ଓ ବହୁତ ସମୟରେ ବାଧା ସୃଷ୍ଟି କରୁଥିଲେ । |
| ପ୍ରତିପୁଷ୍ଟି | ଦଳର ସଦସ୍ୟ ଉପଯୁକ୍ତ ସମୟରେ ବିସ୍ତୃତ ଗଠନାତ୍ମକ ପ୍ରତିପୁଷ୍ଟି ଦେଉଥିଲେ। | ଦଳର ସଦସ୍ୟ ଉପଯୁକ୍ତ ସମୟରେ ଗଠନାତ୍ମକ ପ୍ରତିପୁଷ୍ଟି ଦେଉଥିଲେ | ଦଳର ସଦସ୍ୟମାନେ ବେଳେବେଳେ ଗଠନାତ୍ମକ ପ୍ରତିପୁଷ୍ଟି ଦେଉଥିଲେ। କିନ୍ତୁ ବେଳେବେଳେ ମତାମତ ବ୍ୟବହାର ଯୋଗ୍ୟ ନଥିଲା। | ଦଳର ସଦସ୍ୟ ଗଠନାତ୍ମକ ପ୍ରତିପୁଷ୍ଟ ପ୍ରଦାନ କରୁନଥିଲେ। |

Module 4

| | ୪ | ୩ | ୨ | ୧ |
|---|---|---|---|---|
| ସହଯୋଗ | ଦଳର ସଦସ୍ୟ ଅନ୍ୟମାନଙ୍କୁ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରୁଥିଲେ ଓ କାର୍ଯ୍ୟଭାର ଠିକ୍ ଭାବରେ ବାଣ୍ଟୁଥିଲେ । | ଦଳର ସଦସ୍ୟ ସାଧାରଣତଃ ଅନ୍ୟମାନଙ୍କୁ ସମ୍ମାନ ସହିତ ବ୍ୟବହର କରୁଥିଲେ ଓ ବ୍ୟବହାର କରୁଥିଲେ ଓ କାର୍ଯ୍ୟଭାର ଠିକ୍ ଭାବରେ ବାଣ୍ଟୁଥିଲେ । | ବେଳେବେଳେ ଦଳର ସଦସ୍ୟ ଅନ୍ୟମାନଙ୍କୁ ଅସମ୍ମାନ କରୁଥିଲେ ଓ କାର୍ଯ୍ୟକୁ ଠିକ୍ ଭାବରେ ବାଣ୍ଟୁ ନଥିଲେ । | ବହୁତ ସମୟରେ ଦଳର ସଦସ୍ୟ ଅନ୍ୟମାନଙ୍କୁ ଅସମ୍ମାନ କରୁଥିଲେ ଓ କାର୍ଯ୍ୟ ଠିକ୍ ଭାବରେ ବାଣ୍ଟ ନଥିଲେ । |
| ସମୟ ପରିଚାଳନା | ଦଳର ସଦସ୍ୟ ନ୍ୟସ୍ତ କାର୍ଯ୍ୟକୁ ଠିକ୍ ସମୟରେ ଶେଷ କଲେ । | ସାଧାରଣତଃ ଦଳର ସଦସ୍ୟ ନ୍ୟସ୍ତ କାର୍ଯ୍ୟକୁ ଠିକ୍ ସମୟ ରେ ଶେଷ କଲେ ଏବଂ ପ୍ରଗତିକୁଖବର କାଗଜରେ ପ୍ରକାଶିତ କଲେ ନାହିଁ। | ଦଳର ସଦସ୍ୟ ବହୁତ ସମୟରେ ନ୍ୟସ୍ତ କାର୍ଯ୍ୟକୁ ଠିକ୍ ସମୟରେ ଶେଷ କଲେ ନାହିଁ କିମ୍ବା ଖବର କାଗଜରେ ପ୍ରକାଶିତ ହେଲା ନାହିଁ। | ଦଳର ସଦସ୍ୟ ଅଧିକାଂଶ କାର୍ଯ୍ୟକୁ ଠିକ୍ ସମୟରେ ଶେଷ କଲେ ନାହିଁ ଏବଂ ଶେଷ ମୂହୁର୍ତ୍ତ ପରେ କାର୍ଯ୍ୟରେ ପରିବର୍ତ୍ତନ ଆଣୁଥିଲେ । |

Module 4

**ଆସନ୍ତୁ କାର୍ଯ୍ୟ କରିବା**

ସମ୍ମିଳିତ କୌଶଳ ପାଇଁ ଦିଆଯାଇଥିବା ଘରଗୁଡ଼ିକରେ ଦଳର ପ୍ରତି ସଦସ୍ୟଙ୍କ ଅଂଶଗ୍ରହଣର ବର୍ଣ୍ଣନାକୁ ଲେଖ। ଆପଣଙ୍କ ନାମ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବେ।

- ଚାରି ଜଣ ଶିକ୍ଷାର୍ଥୀ ଉଚ୍ଚ ସ୍ତରରେ କାର୍ଯ୍ୟକରୁଛନ୍ତି ଓ ସେମାନଙ୍କ ଅଗ୍ରଗତିର ଆବଶ୍ୟକତା ନାହିଁ।
- ତିନି ଜଣ ଶିକ୍ଷାର୍ଥୀ ଦଳ ଭିତରେ ଉତ୍ତମ ଭାବରେ କାର୍ଯ୍ୟ କରୁଛନ୍ତି କିନ୍ତୁ କେତେକ କ୍ଷେତ୍ରରେ ଅଗ୍ରଗତିର ଆବଶ୍ୟକ ହେଉଛି।
- ଦୁଇଜଣ ଶିକ୍ଷାର୍ଥୀ ଭଲରେ କାର୍ଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି କିନ୍ତୁ କେତେକ କ୍ଷେତ୍ରରେ ଉନ୍ନତି ଆବଶ୍ୟକ।

  ଦଳରେ ଜଣେ ଶିକ୍ଷାର୍ଥୀ ଭଲ ଭାବରେ କାର୍ଯ୍ୟ କରିବାକୁ ଚେଷ୍ଟା କରୁନାହିଁ ଏବଂ ତା'ର ବହୁତ ଉନ୍ନତିର ଆବଶ୍ୟକତା ରହିଛି।

| ଦଳର ସଦସ୍ୟ | ଅଂଶଗ୍ରହଣ | ନେତୃତ୍ୱ | ଶୁଣିବା | ପ୍ରତିପୁଷ୍ଟି | ସହଯୋଗିତା | ସମୟ ପରିଚାଳନା |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |

**ସ୍ୱ-ମାନନିର୍ଦ୍ଧାରଣ**

ଶିକ୍ଷାର୍ଥୀମାନେ ସେମାନଙ୍କ ଉପଲବ୍ଧି ଓ ଶିକ୍ଷଣ ଫଳାଫଳକୁ ବିଚାର କରି ଏଥିରେ ଅଂଶ ଗ୍ରହଣ କରିବାକୁ ସ୍ୱ-ମାନ ନିର୍ଦ୍ଧାରଣ କୁହାଯାଏ।

## ୭.୫ ସ୍ୱ-ମାନ ନିର୍ଦ୍ଧାରଣ

ମାନ ନିର୍ଦ୍ଧାରଣ ହେଉଛି ଶିକ୍ଷଣର ଅର୍ଥ ପିଲାମାନେ ନିଜ ଶିକ୍ଷଣ ବିଷୟରେ ବୁଝିବା ଏବଂ ଏହା ମାନନିର୍ଦ୍ଧାରଣର ସମସ୍ତ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ। ପ୍ରାରମ୍ଭିକ ଶ୍ରେଣୀରୁ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ। ନିଜ କାର୍ଯ୍ୟକୁ କିମ୍ବା ସହପାଠୀର କାର୍ଯ୍ୟକୁ ଚିନ୍ତନ କରିବା ଓ ବିଶ୍ଳେଷଣ, ସମୀକ୍ଷା କରିବା ଦ୍ୱାରା, ପିଲାର ନିଜ କାର୍ଯ୍ୟରେ ବହୁତ ଉନ୍ନତ ଆସିଥାଏ ଏବଂ ତା'ର ସାମଗ୍ରିକ ଉପଲବ୍ଧିରେ ମଧ୍ୟ ଉନ୍ନତି ଆସିଥାଏ। ପିଲାମାନଙ୍କୁ ସେମାନଙ୍କ କାର୍ଯ୍ୟ ଓ ସହପାଠୀଙ୍କ କାର୍ଯ୍ୟର ମାନନିର୍ଦ୍ଧାରଣ କରିବା ପାଇଁ ସୁଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି। ନିମ୍ନ ପ୍ରଶ୍ନଗୁଡ଼ିକ ସାହାଯ୍ୟ କରିପାରେ

- ଶିକ୍ଷଣ କାର୍ଯ୍ୟ / ପରିଦର୍ଶନ / ଅନ୍ୟ କୌଣସି କାର୍ଯ୍ୟ ପାଇଁ ମୁଁ / ମୋ ସାଙ୍ଗ କେତେ ଭଲ ଭାବରେ ଯୋଜନା କରିଥିଲୁ ?
- ମୁଁ / ସାଙ୍ଗ କେତେ ଭଲ ଭାବରେ ଯୋଜନାକୁ ପାଳନ କଲୁ ?
- ଆସନ୍ତା ଥର ଏହାକୁ କିପରି ଭିନ୍ନ ଶୈଳୀରେ କରାଯିବ ?
- ମୁଁ / ସାଙ୍ଗ କେଉଁଟି ଅସୁବିଧାର ସମ୍ମୁଖୀନ ହେଲୁ ?
- ମୁଁ / ସାଙ୍ଗ କାର୍ଯ୍ୟରେ କିପରି ଉନ୍ନତି ଆଣିବୁ ?
- ମୁଁ ନିଜକୁ କେଉଁ ଗ୍ରେଡ ଦେବି ?

## ରୁବ୍ରିକ୍ସର ଉଦାହରଣ : ଶିକ୍ଷାର୍ଥୀଙ୍କ ପାଇଁ ରୁବ୍ରିକ୍ସ (ସ୍ୱ -ମାନନିର୍ଦ୍ଧାରଣ)

ବିଷୟ : ଗଣିତ — ଶ୍ରେଣୀ – ଅଷ୍ଟମ

ଶିକ୍ଷଣ ଫଳାଫଳ – ପୂର୍ଣ୍ଣ ସଂଖ୍ୟାର ବର୍ଗ ଓ ବର୍ଗମୂଳକୁ ବୁଝିବା

| ସ୍ତର– ୧<br>ମୋର ସାହାଯ୍ୟ ଆବଶ୍ୟକ | ସ୍ତର– ୨<br>ମୋର ସାଧାରଣ ଜ୍ଞାନ ଅଛି | ସ୍ତର–୩<br>ମୁଁ ମୋ ଲକ୍ଷ୍ୟ ପୂରଣ କରୁଛି । | ସ୍ତର–୪<br>ମୋର ଗଭୀର ଜ୍ଞାନ ଅଛି । |
|---|---|---|---|
| ◆ ସହାୟତା ନେଇ ମୁଁ ପୂର୍ଣ୍ଣବର୍ଗ ରାଶି ନିର୍ଣ୍ଣୟ କରିପାରେ କୌଶଳ | ◆ ମୁଁ ମୌଳିକ ପୂର୍ଣ୍ଣବର୍ଗ ନିର୍ଣ୍ଣୟ କରିପାରେ । | ◆ ମୁଁ ସ୍ୱାଧୀନ ଭାବରେ ସଂଖ୍ୟାର ବର୍ଗ ନିର୍ଣ୍ଣୟ କରିପାରେ । | ◆ ମୁଁ କାହିଁକି ଗୋଟିଏ ବର୍ଗ ବୁଝାଇପାରେ<br>◆ ମୁଁ ସଂଖ୍ୟାର ବର୍ଗ |
| ◆ ସହାୟତା ନେଇ ମୁଁ ମୌଳିକ ରାଶିର ବର୍ଗର ମୂଲ୍ୟ ନିର୍ଣ୍ଣୟ କରିପାରେ । | ◆ ମୁଁ ମୌଳିକ ସଂଖ୍ୟାର ବର୍ଗର ମୂଲ୍ୟ ନିର୍ଣ୍ଣୟ କରିପାର । | ◆ ମୁଁ ସଂଖ୍ୟାର ବର୍ଗର ମୂଲ୍ୟ ନିର୍ଣ୍ଣୟ କରିପାରେ । | ନିର୍ଣ୍ଣୟ କରିବାର ବୁଝାଇପାରେ । |
| ◆ ସହାୟତା ନେଇ ମୁଁ ବର୍ଗମୂଳର ମୌଳିକ ନିୟମ ସ୍ଥିର କରିପାରିବି । | ◆ ମୁଁ ବର୍ଗମୂଳରେ ମୂଲ୍ୟ ନିର୍ଣ୍ଣୟ କରିପାରିବି । | ◆ ମୁଁ ବର୍ଗମୂଳର ମୌଳିକ ନିୟମ କରିପାରେ । | ◆ ମୁଁ ବର୍ଗମୂଳ ନିର୍ଣ୍ଣୟ କରିବାର କୌଶଳ ବୁଝାଇପାରେ । |

Module
4

## ୭.୬ ପୋର୍ଟଫୋଲିଓ (କୃତି)

ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ପିଲା ସଂପାଦାନ କରିଥିବା ସମସ୍ତ କାର୍ଯ୍ୟ ସଂଗ୍ରହର ସମାହାର ହେଉଛି ପୋର୍ଟଫୋଲିଓ। କାର୍ଯ୍ୟପର୍ଦ୍ଦ, ପ୍ରକଳ୍ପ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ନ୍ୟସ୍ତକାର୍ଯ୍ୟ, ପରୀକ୍ଷଣ, ହସ୍ତକର୍ମ, ଶିକ୍ଷକଙ୍କ, ପର୍ଯ୍ୟବେକ୍ଷଣ, ସ୍ୱ ଓ ସହପାଠୀଙ୍କ ପର୍ଯ୍ୟବେକ୍ଷଣ, ସାମଗ୍ରୀ ସଂଗ୍ରହ - ମଞ୍ଜି, ପତ୍ର, ଟିକଟ, ଖବରକାଗଜ ଇତ୍ୟାଦି ପୋଟଫୋଲିଓର ଅନ୍ତର୍ଭୁକ୍ତ। ଶିକ୍ଷକ ପ୍ରତି ପିଲାର ପୋର୍ଟଫୋଲିଓକୁ ବିଶ୍ଳେଷଣ କରି ଶିକ୍ଷାର୍ଥୀର ଶିକ୍ଷଣ ସଂପର୍କିତ ତଥ୍ୟକୁ ଭିତ୍ତିକରି ବ୍ୟବହାର ଯୋଗ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିପୁଷ୍ଟି କିଛି ସମୟ ଅବଧି ପରେ (ତ୍ରୈମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ) ପିଲା, ଅଭିଭାବକ ଓ ଅନ୍ୟମାନଙ୍କୁ ଦେଇଥାନ୍ତି। ଅଭିଭାବକମାନେ ସେମାନଙ୍କ ପିଲାର ଆଗ୍ରହ ଓ ସାମର୍ଥ୍ୟ ବିଷୟରେ ଜାଣିପାରିଥାନ୍ତି ଏବଂ ପ୍ରତିପୁଷ୍ଟି ଆଧାରରେ ସେମାନେ ପିଲାମାନଙ୍କ ପ୍ରଗତି ପାଇଁ ସହାୟତା ଦେଇପାରିବେ।

### ପୋର୍ଟଫୋଲିଓ

ଏହା ପିଲାମାନଙ୍କ କାର୍ଯ୍ୟର ଏକ ଉଦ୍ଦେଶ୍ୟ ପୂର୍ଣ୍ଣ ସଂଗ୍ରହ ଯେଉଁଥିରେ ଏକ ବା ଏକାଧିକ କ୍ଷେତ୍ରରେ ପିଲାର ପ୍ରଚେଷ୍ଟା, ପ୍ରଗତି ଓ ଉପଲବ୍ଧି ପ୍ରଦର୍ଶିତ ହୋଇଥାଏ। ସଂଗ୍ରହ ନିହାତି ରୂପେ ବିଷୟ ବସ୍ତୁ ଚୟନରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ, ଚୟନର ମାନଦଣ୍ଡ / ଆଧାର ଉତ୍କର୍ଷତାକୁ ବିଚାର କରିବାକୁ ଅବଧାରଣ ଓ ଶିକ୍ଷାର୍ଥୀର ସ୍ୱ-ଚିନ୍ତନର ତଥ୍ୟକୁ ଅନ୍ତର୍ଭୁକ୍ତ କରିଥାଏ।

ପୋର୍ଟଫୋଲିଓ ହେଉଛି ଶିକ୍ଷାର୍ଥୀର କାର୍ଯ୍ୟବଳୀର ଏକ ସୁସଂଗଠିତ ସଂଗ୍ରହ। ପୋର୍ଟଫୋଲିଓକୁ ବଜାୟ ରଖିବାର ଉଦ୍ଦେଶ୍ୟ ହେଉଛି ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ଶିକ୍ଷଣ ଅଗ୍ରଗତିର ମାନନିର୍ଦ୍ଧାରଣ କରିବା। ବର୍ଷ ଶେଷରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପୋର୍ଟଫୋଲିଓରେ ଥିବା ସବୁଠାରୁ ଉତ୍ତମ କାର୍ଯ୍ୟ ବିଷୟରେ ପଚାରିପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋର୍ଟଫୋଲିଓ ଦ୍ୱାରା ଶିକ୍ଷାର୍ଥୀମାନେ ଶିକ୍ଷଣ ପ୍ରକ୍ରିୟା ଓ ମାନ ନିର୍ଦ୍ଧାରଣରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି।

**Module 4**

## ବିଭିନ୍ନ ବିଷୟ ପାଇଁ ପୋର୍ଟଫୋଲିଓ

| ବିଜ୍ଞାନ | ଗଣିତ | ଭାଷା | ସାମାଜିକ ବିଜ୍ଞାନ |
|---|---|---|---|
| ◆ ଚାର୍ଟ, ଗ୍ରାଫ<br>◆ ପ୍ରକଳ୍ପ, ଉଦାହରଣ, ପୋଷ୍ଟର<br>◆ ପରୀକ୍ଷାଗାର ବିବରଣୀ<br>◆ ପରୀକ୍ଷଣ<br>◆ ଗବେଷଣା ବିବରଣୀ<br>◆ ଶିକ୍ଷାର୍ଥୀଙ୍କ ପ୍ରତିଫଳିତ ଚିନ୍ତନ (ସାପ୍ତାହିକ / ମାସିକ/ଦ୍ୱିମାସିକ) | ◆ ସମସ୍ୟା ସମାଧାନ ର ସୋପାନ<br>◆ ଚାର୍ଟ, ଗ୍ରାଫ<br>◆ କମ୍ପ୍ୟୁଟର ତଥ୍ୟ ବିଶ୍ଳେଷଣ<br>◆ ଶିକ୍ଷାର୍ଥୀଙ୍କ ପ୍ରତିଫଳିତ ଚିନ୍ତନ (ସାପ୍ତାହିକ / ମାସିକ/ ଦ୍ୱିମାସିକ | ◆ ପଠନ<br>◆ କବିତା, ରଚନା, ଚିଠି, ଆଦି ଲେଖିବା<br>◆ ପରୀକ୍ଷଣ<br>◆ ବହି ପଢ଼ି ସିଦ୍ଧାନ୍ତ<br>◆ ନାଟକ, ସୃଜନାତ୍ମକ ଲିଖନ<br>◆ ଶିକ୍ଷାର୍ଥୀଙ୍କ ପ୍ରତିଫଳିତ ଚିନ୍ତନ (ସାପ୍ତାହିକ/ ମାସିକ / ଦ୍ୱିମାସିକ) | ◆ କାର୍ଯ୍ୟଫର୍ଦ୍ଦ<br>◆ ରଚନା<br>◆ ପ୍ରକଳ୍ପ<br>◆ ମଡେଲ<br>◆ ମାନଚିତ୍ର<br>◆ ସ୍ୱ ମାନନିର୍ଦ୍ଧାରଣ<br>◆ ଚିତ୍ର<br>◆ ପର୍ଯ୍ୟବେକ୍ଷଣ<br>◆ ଅନୁଭୂତି |

### ପୋର୍ଟଫୋଲିଓ ପ୍ରସ୍ତୁତିର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ

- ◆ ପୋଟଫୋଲିଓର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଚିନ୍ତନ
- ◆ ଶିକ୍ଷା ପୋର୍ଟଫୋଲିଓ ମୂଲ୍ୟାୟନ କରିବାର ଆଧାର ଶିକ୍ଷାର୍ଥୀଙ୍କ ସହିତ ପୂର୍ବରୁ ନିଶ୍ଚିତ ଭାବରେ ଆଲୋଚନା କରାଯାଇଥିବ ।

### ୭.୬. ଲିଖିତ ପରୀକ୍ଷଣ

ସାଧାରଣତଃ ଲିଖିତ ପରୀକ୍ଷଣ କାଗଜ କଲମ ପରୀକ୍ଷଣ ଭାବରେ ପରିଚିତ, ଶିକ୍ଷାର୍ଥୀଙ୍କ ବୌଦ୍ଧିକ ଦିଗର ମାନ ନିର୍ଦ୍ଧାରଣ ପାଇଁ ଏହା ବହୁଳ ବ୍ୟବହୃତ ବିଶ୍ୱସନୀୟ ସାଧନୀ । ଏହି ପରୀକ୍ଷଣର ଅସୁବିଧା ହେଉଛି । ଆମେ ଶିକ୍ଷକମାନେ ମନେ ରଖିବା ଭଳି ପ୍ରଶ୍ନ ପ୍ରସ୍ତୁତ କରିବାରେ ଅଭ୍ୟସ୍ତ । ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣରେ ଶିକ୍ଷଣ ଫଳାଫଳ ଆଧାରିତ ପ୍ରଶ୍ନ ପ୍ରସ୍ତୁତ କରାଯିବ, ଯାହା ଦକ୍ଷତାଭିତ୍ତିକ । ସେଥିପାଇଁ ଆମ ଶିକ୍ଷକମାନଙ୍କୁ ବିଷୟ ଭିତ୍ତିକ ପ୍ରଶ୍ନ ପରିବର୍ତ୍ତେ ଦକ୍ଷତା ଭିତ୍ତିକ ପ୍ରଶ୍ନ ପ୍ରସ୍ତୁତି ସହିତ ପରିଚିତ କରିବା ଆବଶ୍ୟକତା ରହିଛି । ଶିକ୍ଷକମାନଙ୍କ ନିମନ୍ତେ ଭାଷା, ଗଣିତ ଓ ପରିବେଶ ପାଠ ଆଧାରିତ କେତେକ ପ୍ରଶ୍ନ ପରିଶିଷ୍ଟ – ୨ ରେ ଉଦାହରଣ ଭାବରେ ଦିଆଯାଇଛି । ଏହିସବୁ ପ୍ରଶ୍ନ ମାଧ୍ୟମରେ ଶିକ୍ଷାର୍ଥୀର ସମସ୍ୟା ପଚାରିବା, ବିଶ୍ଳେଷଣାତ୍ମକ ଚିନ୍ତନ କୌଶଳ ବୃଦ୍ଧି ପାଇଥାଏ ଓ ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣ ଦୃଢ଼ୀଭୂତ ହୋଇଥାଏ ।

## ୮. ଲିପିବଦ୍ଧକରଣ ଓ ବିବରଣୀ ଲିଖନ

Module 4

ମାନନିର୍ଦ୍ଧାରଣ ଶିକ୍ଷକଙ୍କୁ ପ୍ରତି ପିଲା କେତେ କାର୍ଯ୍ୟ ସଂପାଦନ କରିଛି, ତା'ର ପ୍ରଗତିକୁ ନଜର ରଖିବା ଓ ଉନ୍ନତି ପାଇଁ ପ୍ରତିପୁଷ୍ଟି ଦେବାରେ ସାହାଯ୍ୟ କରିବା ଉଚିତ୍। କୌଣସି ପରିସ୍ଥିତରେ ଏହା ପିଲାମାନଙ୍କ ଭିତରେ ତୁଳନା କରିବା କିମ୍ୱା ସ୍ତର ନିର୍ଣ୍ଣୟ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ପିଲାର ବିବରଣୀ ଏପରି ହେବା ଆବଶ୍ୟକ ଯାହା ପ୍ରତ୍ୟେକ ପିଲାକୁ ଅଭିପ୍ରେରିତ କରିବ ଏବଂ ସେ ଅଗ୍ରଗତି କରିପାରିବ, ଏହି ଆତ୍ମବିଶ୍ୱାସ ଦେବ। ମାନନିର୍ଦ୍ଧାରଣର ସାମଗ୍ରିକ ବିବରଣୀ ପିଲାମାନଙ୍କ ବିଭିନ୍ନ କାର୍ଯ୍ୟରୁ ସେମାନଙ୍କ ସାମର୍ଥ୍ୟ ଓ ଶିକ୍ଷଣ ସମ୍ବନ୍ଧରେ ଏକ ଉତ୍ତମ ଚିତ୍ର ପ୍ରଦାନ କରେ। ପିଲାର ପ୍ରଗତି ବିବରଣୀ ଏପରି ହେବା ଆବଶ୍ୟକ ଯେଉଁଥିରେ ପିଲା କ'ଣ କରିପାରିବ ଓ ତା'ର ସବଳତା କ'ଣ କଲେ ତା'ର ପ୍ରଗତି ହୋଇପାରିବ, ସେହି ବିଷୟଗୁଡ଼ିକ ପ୍ରତିଫଳିତ ହୋଇଥିବ। ନକରାତ୍ମକ ମତାମତ, ଅବାନ୍ତର ଉକ୍ତି ଦେବା ଉଚିତ୍ ନୁହେଁ କାରଣ ଏଗୁଡ଼ିକ ପିଲାର ଶିକ୍ଷଣ ଓ ପ୍ରଗତିକୁ ଉତ୍ସାହିତ କରିବ ନାହିଁ।

ଏନ.ସି.ଇ.ଆର.ଟିର ଦ୍ୱିତୀୟ ଶ୍ରେଣୀ ପାଠ୍ୟ ପୁସ୍ତକର 'ପରିବାର ଓ ସାଙ୍ଗ' ବିଷୟରେ ଥିବା ଉଦାହରଣ ଆପଣଙ୍କୁ ମାନନିର୍ଦ୍ଧାରଣ କିପରି ଶିକ୍ଷାଦାନ ଶିକ୍ଷଣ ସହିତ ସଂପର୍କିତ, ତାହା ବୁଝିବାରେ ସାହାଯ୍ୟ କରିବ। ଏହା ଆପଣଙ୍କୁ ମାନନିର୍ଦ୍ଧାରଣର ତିନୋଟି ଉଦ୍ଦେଶ୍ୟକୁ ବୁଝିବାରେ ଏବଂ ପିଲାଙ୍କ ଆବଶ୍ୟକତା ଓ ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ପରିବେଶ ଅଧ୍ୟୟନ ଶ୍ରେଣୀ କକ୍ଷରେ ବ୍ୟବହାର କରିବାରେ ଓ ପ୍ରାଥମିକ ସ୍ତରରେ ଏହି ପ୍ରକ୍ରିୟାକୁ ଉପଯୋଜନ କରିବାରେ ସାହାଯ୍ୟ କରିବ। ମଣିପୁରର ଏକ ଗ୍ରାମାଞ୍ଚଳ କ୍ଷେତ୍ରରେ ପରିବେଶ ଅଧ୍ୟୟନ ଶ୍ରେଣୀକକ୍ଷରୁ ଉଦାହରଣ ନିଆଯାଇଛି। ପରିବେଶ ବିଜ୍ଞାନ ଫଳପ୍ରଦ ଶିକ୍ଷାଦାନ ପାଇଁ ପିଲାମାନଙ୍କ ପରିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଏହାକୁ ହୃଦୟଙ୍ଗମ କରୁଛୁ। ମାନନିର୍ଦ୍ଧାରଣର ନିୟମ ପରିବେଶ ସହିତ ପରିବର୍ତ୍ତିତ ହୁଏ ନାହିଁ। ଏହି ଉଦାହରଣ ଆପଣଙ୍କୁ ପରିବେଶ ବିଜ୍ଞାନର ପୁସ୍ତକଗତ ଧାରଣାକୁ ଉପଯୋଜନ କରିବାରେ ସାହାଯ୍ୟ କରିବ। ପୁସ୍ତକ ବାହାରକୁ ଯାଇ ଓ ପରିବେଶ ବିଜ୍ଞାନ ପାଇଁ ଶିକ୍ଷଣ ପରିସ୍ଥିତିର ଯୋଜନା କରନ୍ତୁ।

Module 4

## ଟିକେ ଚିନ୍ତା କରନ୍ତୁ

- ଆପଣ ପରିବେଶ ବିଜ୍ଞାନ ପାଠ୍ୟକ୍ରମ ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳ ବିଷୟରେ କଣ ଭାବୁଛନ୍ତି ?
- ଏଗୁଡ଼ିକ ମାନନିର୍ଦ୍ଧାରଣରେ କିପରି ସାହାଯ୍ୟ କରିବ ?
- ଏହି ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳ ହାସଲ ପାଇଁ କେଉଁ ପ୍ରକାର ଶିକ୍ଷାଦାନ-ଶିକ୍ଷଣ କୌଶଳ ବ୍ୟବହାର କରାଯାଇପାରିବ ?

**ପ୍ରାଥମିକ ସ୍ତର ପରିବେଶ ବିଜ୍ଞାନ ପାଠ୍ୟକ୍ରମର ପ୍ରତ୍ୟାଶାଗୁଡ଼ିକ ହେଉଛି ।**

- ଦୈନନ୍ଦିନ ଜୀବନ ସଂପର୍କିତ ବିଭିନ୍ନ ବିଷୟ (ପରିବାର, ଉଦ୍ଭିଦ, ପ୍ରାଣୀ, ଖାଦ୍ୟ, ଜଳ, ଭ୍ରମଣ, ବାସଗୃହ ଆଦି) ରୁ ପ୍ରତ୍ୟକ୍ଷ ଅଭିଜ୍ଞତା ମାଧ୍ୟମରେ ନିଜ ଚତୁଃପାର୍ଶ୍ୱସ୍ଥ ଏବଂ ବ୍ୟାପକ ପରିବେଶ ସମ୍ବନ୍ଧରେ ସଚେତନ ହେବା ।
- ନିଜ ଚତୁଃପାର୍ଶ୍ୱ ପରିବେଶ ପାଇଁ ସ୍ୱାଭାବିକ ଜିଜ୍ଞାସା ଓ ସୃଜନଶୀଳତାର ବିକାଶ କରିବା ।
- ନିଜ ଚତୁଃପାର୍ଶ୍ୱସ୍ଥ ପରିବେଶ ସହ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ବିଭିନ୍ନ କୌଶଳ - ପର୍ଯ୍ୟବେକ୍ଷଣ, ଆଲୋଚନା, ବ୍ୟାଖ୍ୟା, ପରୀକ୍ଷଣ, ଯୁକ୍ତିଯୁକ୍ତ ଚିନ୍ତନ ଆଦିର ବିକାଶ କରିବା ।
- ନିଜ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ, ଭୌତିକ ଏବଂ ମାନବ ସମ୍ବଳ ପାଇଁ ସମ୍ବେଦନଶୀଳ ତା'ର ବିକାଶ କରିବା ।
- ସମାନତା, ନ୍ୟାୟ, ମାନବିକ ମର୍ଯ୍ୟାଦା ଓ ଅଧିକାର ପ୍ରତି ସ୍ୱର ଉତ୍ତୋଳନ କରିବା ।

ଏହି ପାଠ୍ୟକ୍ରମ ପ୍ରତ୍ୟାଶାଗୁଡ଼ିକ ବ୍ୟାପକ । ପିଲାର ବିକାଶର ସାମଗ୍ରିକତାକୁ ଦୃଷ୍ଟିରେ ରଖି ଏବଂ ପରିବେଶ ବିଜ୍ଞାନରେ ତା'ର ଶିକ୍ଷଣ ପ୍ରଗତିକୁ ନଜର ରଖି, ପ୍ରତ୍ୟେକ ଶ୍ରେଣୀ ପାଇଁ ପାଠ୍ୟକ୍ରମ ପ୍ରତ୍ୟାଶା ଆଧାରରେ ଶିକ୍ଷଣ ଫଳାଫଳ ବର୍ଣ୍ଣିତ ହୋଇଛି । ବୟସ ଉପଯୋଗୀ ଓ ପ୍ରାସଙ୍ଗିକ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବା ପାଇଁ ଶୈକ୍ଷିକ କାର୍ଯ୍ୟଧାରା ବ୍ୟବହାର କରିବାର ଆବଶ୍ୟକତା ଅଛି । ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଆବଶ୍ୟକତା ଓ ଶିକ୍ଷଣ ଶୈଳୀକୁ ଦୃଷ୍ଟିରେ ରଖି ଶିକ୍ଷକ ସେମାନଙ୍କ ଠାରେ ଥିବା ଧାରଣାକୁ ଅନୁସନ୍ଧାନ କରିବା ଓ

Module
4

ସେମାନଙ୍କ ଜ୍ଞାନ, କୌଶଳ, ମୂଲ୍ୟବୋଧ, ଆଗ୍ରହକୁ ବୃଦ୍ଧି କରିବାରେ ସହାୟତା କରିବା ଆବଶ୍ୟକ । ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟଧାରାଗୁଡ଼ିକ । ଶ୍ରେଣୀଓ୍ୱାରୀ ଦିଆଯାଇଛି । ଏହା ବିଭିନ୍ନ ବ୍ୟକ୍ତି ବିଶେଷ, ଶିକ୍ଷକଙ୍କୁ ଶିକ୍ଷଣ ପରିସ୍ଥିତି ବିଷୟରେ କିଛି ଧାରଣା ଦେବ, ଯାହା ସେମାନଙ୍କୁ ଏକ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ପିଲାମାନଙ୍କ ଶିକ୍ଷଣ ପ୍ରଗତିକୁ ମାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିପାରେ ।

ସୁନୀତା ଏକ ସରକାରୀ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପରିବେଶ ବିଜ୍ଞାନ ଶିକ୍ଷାଦାନ କରନ୍ତି (ଥଉବଲ, ମଣିପୁର) । ଆଜି ସେ ଶିକ୍ଷାର୍ଥୀମାନଙ୍କୁ ଉଦ୍ଭିଦ ଓ ଏହାର କେତେକ ଭୌତିକ ଲକ୍ଷଣ ବିଷୟରେ ଶିକ୍ଷାଦାନ ପାଇଁ ଯୋଜନା କରିଥିଲେ । ସୁନୀତା ସେହି ଅଧ୍ୟାୟର ଶିକ୍ଷାଦାନ ବିଷୟବସ୍ତୁଗୁଡ଼ିକ ଚିହ୍ନଟ କରିଥିଲେ ।

- ଉଦ୍ଭିଦର ବିବିଧତା
- ଗଛର ଗଣ୍ଡିର ଆକାର, ରଙ୍ଗ ଓ ମସୃଣତା ।
- ପତ୍ରର ଆକୃତି ଓ ରଙ୍ଗ
- ଉଦ୍ଭିଦକୁ ନେଇ ସ୍ଥାନୀୟ ପର୍ବ

**ସେ କେତେକ ଶିକ୍ଷଣ ପରିସ୍ଥିତିର ଯୋଜନା କରିଥିଲେ ଯାହା ପିଲାମାନଙ୍କୁ ଉତ୍ସାହିତ କରିବ -**

- ଆଖପାଖର ଉଦ୍ଭିଦ ବିବିଧତାକୁ ପର୍ଯ୍ୟବେକ୍ଷଣ କରିବା
- ଉଦ୍ଭିଦର ଭୌତିକ ଲକ୍ଷଣକୁ ପର୍ଯ୍ୟବେକ୍ଷଣ କରିବା ( ଆକାର, ରଙ୍ଗ, ଗଣ୍ଡିର ମସୃଣତା ଏବଂ ପତ୍ରର ଆକୃତି, ରଙ୍ଗ ମସୃଣତା ଓ ଗନ୍ଧ ଆଦି)
- ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବା ।
- ପର୍ଯ୍ୟବେକ୍ଷଣଗୁଡ଼ିକୁ ତୁଳନା ଓ କାର୍ଯ୍ୟକାରିତା କରିବା ।
- ଚତୁଃପାର୍ଶ୍ୱରେ ଥିବା ଉଦ୍ଭିଦର ବ୍ୟବହାର ବିଷୟରେ ଆଲୋଚନା କରିବା ।
- ଦଳରେ ଏକାଠି କାର୍ଯ୍ୟକରିବା ଓ
- ଖେଳ ଓ ଆନନ୍ଦଦାୟୀ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ।

Module
4

## ଟିକେ ଚିନ୍ତା କରନ୍ତୁ

- ଏହି ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବା ପାଇଁ କେତେକ ଶୈକ୍ଷିକ କାର୍ଯ୍ୟଧାରାରେ ନାମ କୁହନ୍ତୁ।
- ଏହା କେଉଁସବୁ ଶିକ୍ଷଣ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇଛି।
- ଏନ.ସି.ଇ.ଆର.ଟି ପାଠ୍ୟପୁସ୍ତକରେ (ଏନ.ସି.ଏଫ ୨୦୦୫ ଆଧାରିତ) ମାନନିର୍ଦ୍ଧାରଣ କାର୍ଯ୍ୟ ପାଠ ସହିତ ସମ୍ବନ୍ଵିତ ହୋଇନାହିଁ ବା ପାଠ ଶେଷରେ ଦିଆଯାଇନାହିଁ। ଆପଣ ଏପରି ହେବାର କାରଣ କ'ଣ ଭାବୁଛନ୍ତି ?
- ଏହା ଶିକ୍ଷକ ଓ ପିଲାମାନଙ୍କୁ କିପରି ସାହାଯ୍ୟ କରୁଛି ?
- ଏନ.ସି.ଇ.ଆର.ଟି ପାଠ୍ୟପୁସ୍ତକରେ ମାନନିର୍ଦ୍ଧାରଣ କରିବା ପାଇଁ ଦିଆଯାଇଥିବା କାର୍ଯ୍ୟ ସହିତ ଆପଣଙ୍କ ରାଜ୍ୟ ପାଠ୍ୟ ପୁସ୍ତକରେ ଦିଆଯାଇଥିବା କାର୍ଯ୍ୟ ତୁଳନା କରନ୍ତୁ। ଏହା କିପରି ଭିନ୍ନ ?

### ୯. ମୁଖ୍ୟ ସାଧନ କର୍ମୀଙ୍କ ପାଇଁ ନ୍ୟସ୍ତ କାର୍ଯ୍ୟ

୧. ଆପଣଙ୍କ ଦୃଷ୍ଟିରେ ଭୟ ଶୂନ୍ୟ ପରିବେଶ କ'ଣ ?
ଭୟ ଶୂନ୍ୟ ପରିବେଶରେ ଶିକ୍ଷାର୍ଥୀଙ୍କୁ ଶିଖିବା ପାଇଁ, ଶିକ୍ଷକ ବ୍ୟବହାର କରୁଥିବା ମାନନିର୍ଦ୍ଧାରଣକୁ ସାହାଯ୍ୟ କରୁଥିବା କାରକଗୁଡ଼ିକର ତାଲିକା କରନ୍ତୁ।

୨. ମାନନିର୍ଦ୍ଧାରଣକୁ ଶିକ୍ଷାଦାନ ଶିକ୍ଷଣ ସହ ସମନ୍ଵିତ କରିବା ପାଇଁ କେଉଁ ପ୍ରକାର କୌଶଳ ଓ ସାମର୍ଥ୍ୟର ଆବଶ୍ୟକତା ରହିଛି ? ଦଳରେ ଆଲୋଚନା କରନ୍ତୁ ଓ ଅଂଶଗ୍ରହଣକାରୀ ସମ୍ମୁଖରେ ଉପସ୍ଥାପନା କରନ୍ତୁ।

୩. ଅନ୍ତର୍ନିବେଶୀ ପରିବେଶରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କର କିପରି ମାନ ନିର୍ଦ୍ଧାରଣ କରିବେ ? ଏଥିପାଇଁ ଶିକ୍ଷକଙ୍କୁ କ'ଣ କରିବାର ଆବଶ୍ୟକତା ରହିଛି ? ଆମେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ କିପରି ସହାୟତା କରିପାରିବା ? ଦଳରେ ଆଲୋଚନା କରନ୍ତୁ ଓ ଉପସ୍ଥାପନା କରନ୍ତୁ।

୪. ପ୍ରତ୍ୟେକ ପିଲାର ଶିକ୍ଷଣ ଓ ସାମଗ୍ରିକ ବିକାଶ ପାଇଁ ଶିକ୍ଷକଙ୍କୁ ତାଙ୍କର ଭୂମିକା ଫଳପ୍ରଦ ଭାବରେ ସଂପାଦନ କରିବା ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷ (ପ୍ରତିସ୍ତର - କ୍ଲଷ୍ଟର, କ୍ଲବ, ଜିଲ୍ଲା ଏବଂ ରାଜ୍ୟ) କିପରି ସାହାଯ୍ୟ କରିବେ।

୫. ପ୍ରାରମ୍ଭିକ ସ୍ତର ପର୍ଯ୍ୟନ୍ତ ଯେ କୌଣସି ଶ୍ରେଣୀର ଭାଷା ଓ ଗଣିତର ଏକ ପାଠ / ଧାରଣା ଏକକକୁ ଚୟନ କରନ୍ତୁ ଓ ଆପଣଙ୍କ ରାଜ୍ୟର ପାଠ୍ୟ ପୁସ୍ତକରେ ସେହି ଧାରଣା ଏବଂ ଅଧ୍ୟୟନକୁ ଚିହ୍ନଟ କରନ୍ତୁ। ଶିକ୍ଷାଦାନ ଶିକ୍ଷଣ ଓ ମାନ ନିର୍ଦ୍ଧାରଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରନ୍ତୁ।

Module 4

## ପ୍ରସ୍ତାବିତ ପଠନସୂଚୀ


Continuous and comprehensive evaluation Guidelines, 2019. NCERT, New Delhi.

Education Commission 1964 – 66, MHRD, New Delhi.

Exemplar package on CCE at Primary stage 2010. MHRD, New Delhi.

Learning without Burden. 1993. MHRD, New Delhi.

Looking Around 2008. NCERT Class III – V Textbooks, 2018 NCERT New Delhi

National Curriculum Frame work, 1975, NCERT, New Delhi.

National Curriculum Framework, 2000. NCERT, New Delhi

National Curriculum Framework, 2005. NCERT, New Delhi

National Policy on Education, 1968, MHRD, New Delhi.

National Policy on Education, 1986, MHRD, New Delhi.

Right to Children for Free and Compulsory Education 2009 MHRD.

Source Book on Assessment for Class I – V; Environmental Studies 2008 NCERT Publication, New Delhi.

Syllabus for Classes at the Elementary level. 2006. NCERT Publication, New Delhi.

Module
4

# ପରିଶିଷ୍ଟ - ୧

## ପରିବେଶ ବିଜ୍ଞାନ

### ଶିକ୍ଷାଦାନ - ଶିକ୍ଷଣ କୌଶଳ ଚୟନ

### ଶିକ୍ଷଣ ପରିସ୍ଥିତି କଳ୍ପନା କରିବା ଓ ସୃଷ୍ଟି କରିବା ।

ଏହି ପାଠଟିକୁ ପଢ଼ାଇବା ପାଇଁ ସୁନୀତା, ତାଙ୍କ ସହକର୍ମୀ ଗୀତା ସହିତ ଆଲୋଚନା କରିଥିଲେ। ଗୀତା ଶ୍ରେଣୀକୁ ବିଭିନ୍ନ ଗଛ, ପତ୍ର ଓ ଫୁଲ ଚିତ୍ର ଆଣି ପିଲାମାନଙ୍କୁ ଦେଖାଇବାକୁ କହିଥିଲେ । କିନ୍ତୁ ସୁନୀତା ଏଥିରେ ରାଜି ହେଲେ ନାହିଁ। ସେ ବିଶ୍ୱାସ କରନ୍ତି ପିଲାମାନେ ପ୍ରାଥମିକ ଅଭିଜ୍ଞତା ହାସଲ ପାଇଁ ନିଜ ଚାରିପାଖରେ ଥିବା ଗଛଗୁଡ଼ିକୁ ଦେଖି ଶିଖିବା ହିଁ ସବୁଠାରୁ ଭଲ ଉପାୟ । ସେ ପିଲାମାନଙ୍କ ସହିତ ଗଛ ବିଷୟରେ ସେମାନେ କଣ ଜାଣିଛନ୍ତି ଆଲୋଚନା କଲେ ।

**ସୁନୀତା (ଶିକ୍ଷକ)** - ତୁମେ ଗଛ କେଉଁଠି ଦେଖିଛ ?

**ମଧୁ** - ଦିଦି, ପାର୍କ, ବଗିଚା ଓ ଜଙ୍ଗଲରେ ।

**ରବି** - ଦିଦି, ଆମ ଘରେ ବହୁତ ଗଛ ଅଛି ?

**ବୀଣା** - ମୁଁ ଗତମାସରେ ମାମୁଁ ଘରକୁ ଯିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ବହୁତ ଗଛ ଦେଖିଥିଲି ।

**ସୁନୀତା** - ତୁମେମାନେ କେତେକ ଗଛର ନାମ କହିପାରିବ ?

**ଚିଉ** - ବାଉଁଶ, କଦଳୀ, ଆମ୍ବ, ଗେଣ୍ଡୁ, ଅମୃତଭଣ୍ଡା, ବାଇଗଣ, ଗୋଲାପ, ଲେମ୍ବୁ ଆଦି ।

**ସୁନୀତା** - ସବୁ ଗଛଗୁଡ଼ିକ ଦେଖିବାକୁ ସମାନ କି ?

**ମାମୁନୀ** - ନା, ଦିଦି ସେଗୁଡ଼ିକ ଅଲଗା । କେତେକ ବଡ ଗଛ ଓ କେତେକ ସାନ ଗଛ ।

**ସୁନୀତା**- ଠିକ୍, ଗଛରେ ତୁମେ ଆଉ କଣ ସବୁ ଜିନିଷ ଦେଖିବାକୁ ପାଅ ?

**ପିଙ୍କି** - ଦିଦି, ପତ୍ର, ଫଳ

**ବୀଣା** - ଦିଦି, ମୁଁ ପକ୍ଷୀ ଓ ପ୍ରଜାପତି ବି ଦେଖିଛି ।

**ସୁନୀଲ୍** - କେତେକ ଗଛରେ ଫୁଲ ଫୁଟେ ।

**ସୁନୀତା**- ଗଛ ନଥିଲେ କ'ଣ ହୋଇଥାନ୍ତା ?

**ରୀମା** - ଦିଦି, ଆମେ କଦଳୀ, ଆମ୍ବ, ସେଓ ପରି ଫଳ ପାଇନଥାନ୍ତୁ ।

**ବାଲା** - ଆମେ ପରିବା ମଧ୍ୟ ପାଇନଥାନ୍ତୁ ।

Module
4

**ଶ୍ୟାମ** – ଦିଦି, କୌଣସି ମହୁମାଛି ବି ନଥାନ୍ତେ।

**ସୁନୀତା** – ତୁମେ ଏପରି କାହିଁକି ଭାବୁଛ ?

**ଶ୍ୟାମ** – ମୋ ବାପା ମହୁମାଛି ଚାଷ କରନ୍ତି ଏବଂ ସେ କହନ୍ତି ମହୁମାଛି ଫୁଲରୁ ରସ ଶୋଷେ ଓ ଗଛରୁ ହିଁ ମହୁଫେଣା କରନ୍ତି।

**ପିଙ୍କି** – ମୁଁ ଭାବୁଛି, ମୋ ବାପା ଆଉ ଚାଷ କରିପାରିବେ ନାହିଁ।

**ସୁନୀଲ** – କିନ୍ତୁ ଦିଦି, ମୁଁ ଟି.ଭିରେ ଏକ ମରୁଭୂମି ଦେଖିଥିଲି ସେଠି କିଛି ଗଛ ନଥିଲା। କେବଳ ବାଲି ଥିଲା। ସେମାନେ କହୁଥିଲେ ସେଠି ବହୁତ ଗରମ।

ପିଲାମାନଙ୍କ ସହିତ ଅନୌପଚାରିକ ଆଲୋଚନାରୁ ଜଣାପଡିଲା ଯେ, କେତେକ ପିଲା କେତେକ ଗଛର ନାମ କହିପାରିଲେ। ଗଛର କେତେକ ଅଂଶ ଚିହ୍ନିଛନ୍ତି ଓ ଗଛର ବ୍ୟବହାର ମଧ୍ୟ ଜାଣିଛନ୍ତି। ସେମାନେ ଏହାକୁ ନିଜ ପରିବେଶ ସହିତ ସଂପର୍କିତ କରିପାରୁଛନ୍ତି। କେତେକ ମଧ୍ୟ ଦୈନନ୍ଦିନ ଜୀବନ ସହିତ ଗଛକୁ ସଂପର୍କିତ କରୁଛନ୍ତି। ସେମାନଙ୍କ ପୂର୍ବଜ୍ଞାନ ଓ ଗଛ ବିଷୟରେ ଅନୁଭୂତି, ସୁନୀତା ଦିଦିକୁ ଶିକ୍ଷାଦାନ କରିବା ପାଇଁ ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କଲା। ସେମାନଙ୍କ ଧାରଣାର ଦୃଢ଼ୀକରଣ ପାଇଁ ସେ ପିଲାମାନଙ୍କୁ ଚାରିପାଖରେ ଉପଲବ୍ଧ ଗଛଗୁଡ଼ିକୁ ନେଇ ଏକ କାର୍ଯ୍ୟକରି ଅନୁଭୂତି ପ୍ରଦାନ କରିବାକୁ ଚିନ୍ତା କଲେ। ସେ ପିଲାମାନଙ୍କୁ ନିକଟସ୍ଥ ଅଂଚଳକୁ ପରିଭ୍ରମଣରେ ନେଇ ପାଠ ବିଷୟରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଲେ।

## ଟିକେ ଚିନ୍ତା କରନ୍ତୁ

- ପିଲାମାନଙ୍କୁ ପୂର୍ବଜ୍ଞାନକୁ ବୁଝିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?
- ଏହା ଶିକ୍ଷକଙ୍କୁ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ପାଇଁ ଯୋଜନା କରିବାରେ ସାହାଯ୍ୟ କରେ କି ? କିପରି ?

### ପରିଭ୍ରମଣ ପାଇଁ ଯୋଜନା

ସୁନୀତା ଦିଦି ପିଲାମାନଙ୍କୁ ବଗିଚା, ପାର୍କ ଆଦି ବୁଲିଯାଇଥିବାର ଅନୁଭୂତିକୁ କହିବାକୁ ସୁଚନା ଦେଲେ। ନିମ୍ନ ବିଷୟ ବସ୍ତୁ ଉପରେ ଆଲୋଚନା ହେଲା–

Module 4

- ପାର୍କ / ବଗିଚାରେ ଥିବା ଗଛଗୁଡ଼ିକର ନାମ ଓ ଲକ୍ଷଣ ।
- ପତ୍ରର ଆକୃତି
- ଫୁଲ ଓ ତାର ରଙ୍ଗ
- ଗଛର ବ୍ୟବହାର
- କେଉଁ ଋତୁରେ ଗଛ ବଢ଼େ

ସେ ପିଲାମାନଙ୍କୁ ସ୍ୱାଧୀନ ଭାବରେ ସେମାନଙ୍କୁ ଅନୁଭୂତିକୁ କହିବା ପାଇଁ ସୂଚନା ଦେଲେ। ଫଳରେ ସେ ସେମାନଙ୍କ ଅନୁଭୂତି ବିଷୟରେ ଭଲରେ ଜାଣିପାରିବେ। ତା' ପରେ ସେମାନେ ପ୍ରକୃତି ଭ୍ରମଣରେ ଯିବା ପାଇଁ ନିଷ୍ପତ୍ତି ନେଲେ। ସୁନୀତା ଦିଦି ତା' ପରେ କଣ କରିବେ – ଯୋଜନା କରିଥିଲେ ସେ ଶ୍ରେଣୀର ପିଲାମାନଙ୍କୁ ୫ ଭାଗରେ ବିଭକ୍ତ କଲେ। ପ୍ରତିଦଳରେ ପିଲା ରହିଲେ ଓ ସେ ପିଲାମାନଙ୍କୁ ତାଙ୍କ ଭ୍ରମଣ ବିଷୟରେ ସୂଚନା ଦେଲେ।

(ସୁନୀତା ଦିଦି ବିଦ୍ୟାଳୟ ସମୟ ଅବଧି ମଧ୍ୟରେ ଗୋଟେ ଦିନ ଭ୍ରମଣ ପାଇଁ ନିଷ୍ପତ୍ତି କଲେ। କିନ୍ତୁ ସମୟ ଓ ପାଣିପାଗ ଅନ୍ୟାନ୍ୟ ପରିସ୍ଥିତି ଦେଖି ଆପଣ ଏହି କାର୍ଯ୍ୟ ଦୁଇ ଓ ତିନି ଦିନ ମଧ୍ୟରେ ମଧ୍ୟ କରିପାରିବେ।)

**ଟିପ୍ପଣୀ:**

ଶିକ୍ଷାଦାନ ଶିକ୍ଷଣ କୌଶଳ ଚୟନ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଏହା ଧାରଣା, ପରିସ୍ଥିତି ଓ ସମ୍ବଳର ଉପଲବ୍ଧି ଉପରେ ନିର୍ଭରଶୀଳ। ପରିବେଶ ବିଜ୍ଞାନ ପାଠର ଗୋଟିଏ ଉଦ୍ଦେଶ୍ୟ ହେଉଛି ଶିକ୍ଷଣ ପ୍ରକ୍ରିୟାକୁ ପ୍ରାସଙ୍ଗିକ କରିବା। ଏହି କ୍ଷେତ୍ରରେ, ଏଠାରେ ଦିଆଯାଇଥିବା ଉଦାହରଣ ଉତ୍ତରପୂର୍ବ ଅଂଚଳ। ଯଦି ସହରାଞ୍ଚଳରେ ଏହି ଭଳି ଅଂଚଳକୁ ପରିଭ୍ରମଣ ଯିବାକୁ ସୁବିଧା ନଥିବ ତେବେ ନିକଟସ୍ଥ ପାର୍କ, ବଗିଚା, ବିଦ୍ୟାଳୟ ପରିସର ମଧ୍ୟରେ ଏହି ଯୋଜନା କରାଯିବ। ସେ ପିଲାମାନଙ୍କୁ ଖାତା, କଲମ, ପେନସିଲ୍, ସୂତା, ପାଣିବୋତଲ ଓ ଖାଦ୍ୟ ନେବାକୁ କହିଲେ।

**ପରିଭ୍ରମଣ ପାଇଁ ଯାତ୍ରା**

ସେ ପିଲାମାନଙ୍କୁ ଚଲାଇଚଲାଇ ନେଲେ ଓ ରାସ୍ତାରେ ଦେଖୁଥିବା ଗଛ ଓ ପ୍ରାଣୀମାନଙ୍କ ପ୍ରତି ଦୃଷ୍ଟି ଦେବାକୁ କହିଲେ।

**ସୁନୀତା –** ସବୁ ଗଛର ଆକାର ସମାନ କି ? ପିଲାମାନେ – ନା ଦିଦି, କେତେକ ବଡ଼ ଓ କେତେକ ଛୋଟ। ସୁନୀତା – ଗଛଗୁଡ଼ିକ ଦେଖିବାକୁ କେଉଁ ରଙ୍ଗର।

**ବୀଣା –** ଦିଦି, ପତ୍ର ଗୁଡ଼ିକ ସବୁଜ କିନ୍ତୁ ମଝିଟା ବାଦାମୀ।

Module
4

**ସୁନୀତା** – ଏହି ମଝି ଅଂଶକୁ ଗଣ୍ଡି କହନ୍ତି । ଏହା ମୋଟା ନା ପତଳା ?

**ଶ୍ୟାମ** – ଦିଦି, ଏହା ମୋଟା

**ସୁନୀତା** – ତୁମେ ଏପରି ଭାବୁଛ କାହିଁକି ?

**ଶ୍ୟାମ** – ଦିଦି, ମୁଁ ଏହାକୁ ଦୁଇ ହାତରେ ମଧ୍ୟ ଧରିପାରୁନି ।

**ସୁନୀତା** – ତୁମେ ଶ୍ୟାମ କଥାରେ ରାଜି କି ?

**ପିଲାମାନେ** – ଦିଦି, ହଁ ।

**ରୀମା** – ଦିଦି, ମୁଁ ଲାଲ, ହଳଦିଆ ଓ ବାଇଗଣି ରଙ୍ଗର ପତ୍ର ଦେଖିଛି ।

**ସୁନୀତା** – ହଁ, ସବୁ ପତ୍ରର ସମାନ ଆକୃତିର କି ?

**ଚିତ୍ତ** – ଦିଦି, କେତେକ ସମାନ ଓ କେତେକ ଭିନ୍ନ । ପିଲମାନେ ବିଭିନ୍ନ ଗଛର ଆକାର, ସେଗୁଡ଼ିକର ନାମ ଓ ବିଭିନ୍ନ ଅଂଶ ବିଷୟରେ ଆଲୋଚନା କଲେ । ଉଦ୍ଦିଷ୍ଟ ସ୍ଥାନରେ ପହଂଚିବା ପରେ, ସେ ସମସ୍ତଙ୍କୁ ଦଳରେ କାର୍ଯ୍ୟ କରିବାକୁ କହିଲେ । ଦଳରେ ପ୍ରତ୍ୟେକ ପିଲା ନିଜ ଚାରିପାଖରେ ଦେଖିଥିବା ବିଭିନ୍ନ ଗଛକୁ ପର୍ଯ୍ୟବେକ୍ଷଣ କରିବେ ଓ ତଥ୍ୟ ସଂଗ୍ରହ କରିବେ । ସେ ପର୍ଯ୍ୟବେକ୍ଷଣ ଓ ତଥ୍ୟ ଲିପିବଦ୍ଧ କରିବା ପାଇଁ କାର୍ଯ୍ୟପର୍ଦ୍ଦ ବାଣ୍ଟିଲେ ।

- ସେ ପ୍ରତିଦଳର ପ୍ରତ୍ୟେକ ପିଲାଙ୍କୁ ଅନ୍ୟୁନ ଦୁଇଟି ଗଛରୁ ପର୍ଯ୍ୟବେକ୍ଷଣ କରିବାକୁ କହିଲେ ଓ ସେମାନେ ଯଦି ଚାହାଁନ୍ତି ତେବେ ଅଧିକ ଗଛ ମଧ୍ୟ ପର୍ଯ୍ୟବେକ୍ଷଣ କରିପାରିବେ ।
- ସେ ପିଲାମାନଙ୍କୁ ଗଛରୁ ପତ୍ର ଓ ଫୁଲ ତୋଳିବାକୁ ବାରଣ କଲେ, କିନ୍ତୁ ତଳେ ପଡିଥିବା ପତ୍ର ଓ ଫୁଲକୁ ଶିକ୍ଷଣ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ ।
- ପର୍ଯ୍ୟବେକ୍ଷଣ ଆଧାରରେ ସାରଣୀରେ ଦିଆଯାଇଥିବା ଉତ୍ତରମଧ୍ୟରେ ଯେଉଁଠି ଠିକ୍ 'Ĕ' ଦେଇ ଲିପିବଦ୍ଧ କରିବାକୁ ସେ ପିଲାମାନଙ୍କୁ ସୂଚନା ଦେଲେ ।

**ଶିକ୍ଷଣକାର୍ଯ୍ୟ-୧**

| ଗଛର ନାମ | ଗଣ୍ଡି | | ଗଣ୍ଡିର ରଙ୍ଗ |
|---|---|---|---|
| | ମୋଟା | ପତଳା | |
| ୧. ବାଉଁଶ | | √ | ଫିକା ସବୁଜ |
| | | | |

Module
4

ପିଲାମାନେ ଆଞ୍ଚଳିକ ଭାଷାରେ ଗଛର ନାମ ଲେଖିବେ । ସେମାନଙ୍କୁ ଏଥିପାଇଁ ଅନୁମତି ଦିଆଯାଇପାରେ ।

**ଶିକ୍ଷାଦାନ-ଶିକ୍ଷଣ ସମୟରେ ମାନନିର୍ଦ୍ଧାରଣ – ସମୟ ଉପଯୋଗୀ ପ୍ରତିପୁଷ୍ଟି ପାଇଁ ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ**

**ସୁନୀତା ଦିଦି ସବୁଆଡେ ବୁଲୁଥିଲେ ଓ ପ୍ରତ୍ୟେକ ପିଲାର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରୁଥିଲେ ।**

◆ ସେ ଲକ୍ଷ୍ୟ କଲେ କେତେକ ପିଲା ଗଛ ଚିହ୍ନିପାରୁନାହାନ୍ତି । ସେ ଦଳର ସଦସ୍ୟମାନଙ୍କୁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ କହିଲେ ।

◆ ସେ ପିଲାମାନଙ୍କୁ ବିଭିନ୍ନ ଗଛର ନାମ କହିବାରେ ସାହାଯ୍ୟ କଲେ । ସେ ଲକ୍ଷ୍ୟ କଲେ ଚିତ୍ତ, ବୀଣା ଏବଂ ଅନ୍ୟ ପିଲାମାନେ ଗଛଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ମୋଟା ବା ପତଳା କହୁଛନ୍ତି । ସେ ଲକ୍ଷ୍ୟ କଲେ ବାଲା ଓ ପିଙ୍କି ହାତ ଓ ଚାଖଣ୍ଡେ ବ୍ୟବହାର କରି ମାପୁଛନ୍ତି । କିନ୍ତୁ ରବି ସୂତା ବ୍ୟବହାର କରୁଛନ୍ତି ।

◆ ସେ ବାଲ୍ଲା ଓ ପିଙ୍କି ଓ ରବିକୁ ସେମାନେ କେଉଁ ପଦ୍ଧତି ଅବଲମ୍ବନ କରିଛନ୍ତି କହିବାକୁ ସୂଚନା ଦେଲେ ଓ କେଉଁ ଦଳ ଉତ୍ତମ ପଦ୍ଧତି ବ୍ୟବହାର କରୁଛନ୍ତି ଓ କାହିଁକି ପଚାରିଲେ ।

ଶିକ୍ଷକଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ (ମାନନିର୍ଦ୍ଧାରଣ)କୁ ପିଲାଙ୍କ ଶିକ୍ଷଣ ଉନ୍ନତି ପାଇଁ ବ୍ୟବହାର କରାଯାଇଛି, ଲିପିବଦ୍ଧ ପାଇଁ ନୁହେଁ ।

**ଟିକେ ଚିନ୍ତା କରନ୍ତୁ**

◆ ପିଲାଙ୍କ ଶିକ୍ଷଣ ପଦ୍ଧତିକୁ ବୁଝିବା ପାଇଁ ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ କିପରି ଗୁରୁତ୍ୱପୂର୍ଣ୍ଣ ?

◆ ଆପଣଙ୍କ ଶ୍ରେଣୀର ପ୍ରତି ପିଲାପାଇଁ ଆପଣ କିଛି ଟିପ୍ପଣୀ ଲେଖନ୍ତି କି ?

◆ ପିଲାମାନଙ୍କୁ ପ୍ରତିପଷ୍ଟି ପ୍ରଦାନ କରିବାରେ ଆପଣ ଏହାକୁ କିପରି ବ୍ୟବହାର କରନ୍ତି ?

◆ ଆପଣ ଏହାକୁ ପିଲାମାନଙ୍କୁ ଆବଶ୍ୟକତା ଅନୁଯାୟୀ ଶିକ୍ଷାଦାନ-ଶିକ୍ଷଣର ଉନ୍ନତି ପାଇଁ ବ୍ୟବହାର କରନ୍ତି କି ? କିପରି ?

Module 4

## ଶିକ୍ଷଣ କାର୍ଯ୍ୟ -୨

| ଗଛର ନାମ | ଗଣ୍ଡିର ଉପର ଭାଗ | |
|---|---|---|
| | ଖଦଡା | ଚିକ୍କଣ |
| ଅଁଳା | | |

**ଶିକ୍ଷାଦାନ ସମୟରେ ମାନନିର୍ଦ୍ଧାରଣ ଓ ସମୟ ଉପଯୋଗୀ ପ୍ରତିପୁଷ୍ଟି (ସହାୟତା ଓ ସହପାଠୀ ଦ୍ୱାରା ଶିକ୍ଷଣ)**

ସୁନୀତା ଦିଦି ପର୍ଯ୍ୟବେକ୍ଷଣ କରିଥିଲେ ଯେ, ତିନୋଟି ଦଳର କିଛି ପିଲା 'ଉପରିଭାଗକୁ' ବୁଝିପାରିଲେ ନାହିଁ ଓ ଅନ୍ୟ ପିଲାମାନେ ତାକୁ ସାହାଯ୍ୟ କଲେ। କିନ୍ତୁ ଅନ୍ୟ ଦୁଇଟି ଦଳରେ ସେ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆମେ ଯେ କୌଣସି ଜିନିଷକୁ ଛୁଇଁ ଆଙ୍ଗୁଠି ଚାଳନା କରି ତାହା ଖଦଡିଆ କିମ୍ବା ମସୃଣ ଜାଣିପାରିଲେ ବୋଲି ବୁଝାଇଥିଲେ। ସେ ପିଲାମାନଙ୍କୁ ତାଙ୍କ ପେନ୍‌ସିଲ ଓ ସ୍କୁଲ ବ୍ୟାଗର ଉପରିଭାଗକୁ ଛୁଇଁ ଅନୁଭବ କରିବାକୁ କହିଲେ। ପରେ ସେ ଲକ୍ଷ୍ୟ କଲେ କେତେକ ପିଲା ତାଙ୍କୁ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା କେତେକ ଖଦଡିଆ ଓ ମସୃଣ ଜିନିଷ ଉଦାହରଣ ଦେଲେ।

**ପିଲାମାନଙ୍କ ଶିକ୍ଷଣରେ ଉନ୍ନତି ପାଇଁ ସହାୟତା**

ପିଲାମାନେ ଦେଉଥିବା ଉତ୍ତରକୁ ଠିକ୍ ବା ଭୁଲ ବୋଲି ଦର୍ଶାଇବେ ନାହିଁ। ଏଥିପ୍ରତି ଆମେ ସଚେତନ ହେବା। ସେମାନେ ଦେଉଥିବା ଭୁଲ ଉତ୍ତରକୁ ଆମେ ଚିନ୍ତା କରିବା। ସେମାନେ କେଉଁ ପ୍ରକ୍ରିୟାରେ ଶିଖିଛନ୍ତି ତାକୁ ଆମେ ବୁଝିବାକୁ ହେବ। ପିଲାମାନଙ୍କୁ 'କାହିଁକି ଓ କିପରି' ପ୍ରଶ୍ନ ପଚାରିବେ। ସେମାନେ ଦେଉଥିବା ଭୂଲ ଉତ୍ତରକୁ ଆମେ ବିଶ୍ଳେଷଣ କରି, ସେମାନଙ୍କ କାର୍ଯ୍ୟକୁ ଗଭୀର ଭାବରେ ଚିନ୍ତା କରି ଶିକ୍ଷଣରେ ଉନ୍ନତି ଆଣିବାକୁ ଯତ୍ନବାନ ହେବା।

## ଶିକ୍ଷଣ କାର୍ଯ୍ୟ -୩

ସେ ପିଲାମାନଙ୍କୁ କହିଲେ, ତୁମେମାନେ ଏବେ କେଉଁ ଗଛର ଗଣ୍ଡି ହାତକୁ ନରମ ଓ ଟାଣ ଲାଗୁଛି ଛୁଇଁ କରି କହିବ। ସେ ପିଲାମାନଙ୍କୁ ଟାଣ ଓ ନରମ ବିଷୟରେ ବୁଝାଇଲେ। ଆମେ ଯେ କୌଣସି ଜିନିଷକୁ ଧୀରେ ଚିପିଲେ ଯଦି ତାହା ଚିପି ହୋଇଯାଏ, ତେବେ ତାହା ନରମ ଜିନିଷ। ଯଦି ତାହା ଆଦୌ ଚିପି ହେବ ନାହିଁ ତାହା ଟାଣ ଜିନିଷ। ଆମ ଦାନ୍ତ, ନଖ।

Module 4

| ଗଛର ନାମ | ଗଣ୍ଡିର ଉପର ଭାଗ | |
|---|---|---|
| | ନରମ | ଟାଣ |
| ଅଁଳା | | |
| ଆମ୍ବ | | |

**ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ ଓ ସମୟୋଚିତ ପ୍ରତିପୁଷ୍ଟି**

ମମତା ଟାଣ ଓ ନରମ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିଲେ ନାହିଁ। ତା'ପରେ ସୁନୀତା ଦିଦି ତାକୁ ବାଉଁଶ ଗଛ ଗଣ୍ଡିକୁ ଛୁଇଁବାକୁ କହିଲେ, ଯାହା ମସୃଣ କିନ୍ତୁ ଟାଣ ଏବଂ ବାଇଗଣ ଗଛର ଗଣ୍ଡିକୁ ଛୁଇଁବାକୁ କହିଲେ, ଯାହା ନରମ କିନ୍ତୁ ଖଦଡିଆ।

## ଶିକ୍ଷଣ କାର୍ଯ୍ୟ -୪

ସୁନୀତା ଦିଦି ପିଲାମାନଙ୍କୁ କାଗଜରେ କିପରି ଗଛ ଗଣ୍ଡିର ଡିଜାଇନ କରିବେ ପଚାରିଲେ। ବିନିତା କହିଲା 'ମୁଁ କ୍ରେଏନରେ ଘସି ପଇସାର କାଗଜରେ ଡିଜାଇନ୍ କରେ'। ମୁକ୍ତା କହିଲା – ଗଛର ଡିଜାଇନ୍ ମଧ୍ୟ ଠିକ୍ ଏହି ଉପାୟରେ କାଗଜରେ କରିହେବ। ସୁନୀତା ଦିଦି କହିଲେ – ଠିକ୍ ଅଛି । ଆମେ ଚେଷ୍ଟା କରିବା ଏବଂ ସମସ୍ତଙ୍କୁ କାଗଜ ଦେଲେ ଗଛ ଗଣ୍ଡିରେ ଛାପ ନବାକୁ।

**ଶିକ୍ଷାଦାନ ଶିକ୍ଷଣ ସମୟରେ ମାନନିର୍ଦ୍ଧାରଣ**

- ସୁନୀତା ଦିଦି ପିଲାମାନଙ୍କୁ ପର୍ଯ୍ୟବେକ୍ଷଣ କରିଥିବା ସମୟରେ ସେମାନଙ୍କୁ ଉତ୍ସାହିତ କରୁଥିଲେ ଓ ଆବଶ୍ୟକ ସ୍ଥଳରେ ସାହାଯ୍ୟ କରୁଥିଲେ।
- ଦିଦି ପର୍ଯ୍ୟବେକ୍ଷଣ କଲେ ଯେ, କେତେକ ପିଲା ଗଛର ଗଣ୍ଡିରେ ଛାପ ନେଇପାରୁନଥିଲେ। ଯେହେତୁ ସେମାନେ ଗଛକୁ ଲାଗି କାଗଜଟି ଠିକ୍ ଭାବରେ ଧରି ରଖିପାରୁନଥିଲେ ଓ ଆଉ କେତେକ ପିଲା କ୍ରେୟନଟିକୁ (ରଙ୍ଗ ପେନ୍‌ସିଲ) ଠିକ୍ ଭାବରେ ଘଷି ପାରୁନଥିଲେ।
- ସେ ଲକ୍ଷ୍ୟ କଲେ ଉଭୟ ଶ୍ୟାମ ଓ ରବି କଏନ୍‌କୁ ଘଷିଲେ କିନ୍ତୁ ବାଉଁଶ ଗଛ ଓ ଘାସର ଛାପ ନେଇ ପାରିଲେ ନାହିଁ। ଶିକ୍ଷକ ସେମାନଙ୍କୁ ନିମ୍ବ ଗଛ ଗଣ୍ଡିର ଚାପ ନେବାକୁ କହିଲେ। ସେମାନେ ଚାପ ନେବାରେ ସଫଳ ହେଲେ। ବାଉଁଶ ଗଛ ଗଣ୍ଡି ଓ ଘାସରୁ କାହିଁକି ସ୍ପଷ୍ଟ ଛାପ ମିଳିଲା

Module
4

ନାହିଁ କିନ୍ତୁ ନିମ୍ବ ଗଛର ଗଣ୍ଡିକୁ ଠିକ୍ ସ୍ୱଷ୍ଟ ଛାପ ମିଳିଲା ? ପିଲାମାନେ ଉତ୍ତର ଦେଲେ ଯେ, ବାଉଁଶ ଗଛ ଓ ଘାସ ମସୃଣ କିନ୍ତୁ ନିମ୍ବ ଗଛ ଗଣ୍ଡି ଖଦଡ଼ିଆ ।

## ଟିକେ ଚିନ୍ତା କରନ୍ତୁ

- ଆପଣ ଭାବୁଛନ୍ତି କି ମାନନିର୍ଦ୍ଧାରଣ ଭୟମୁକ୍ତ ହୋଇପାରେ ?
- ଆପଣଙ୍କ ଶ୍ରେଣୀରେ ଏମିତି ପିଲା ଅଛନ୍ତି କି ଯେଉଁମାନେ ପ୍ରଶ୍ନ ପଚାରିବାକୁ / ଉତ୍ତର ଦେବାକୁ ପଛାନ୍ତି କିମ୍ବା ଆଲୋଚନାରେ ଅଂଶ ଗ୍ରହଣ କରନ୍ତି ନାହିଁ ?
- ଆପଣ ସେମାନଙ୍କ ଅଂଶ ଗ୍ରହଣକୁ କିପରି ବୃଦ୍ଧି କରିବେ ? ଶିଶୁ ସୁଲଭ ପରିବେଶ କହିଲେ ଆପଣ କ'ଣ ବୁଝନ୍ତି ?

## ଶିକ୍ଷଣ କାର୍ଯ୍ୟ-୫

ଏହା ପରେ, ସୁନୀତା ଦିଦି ପିଲାମାନଙ୍କୁ ବିଭିନ୍ନ ପ୍ରକାର ପତ୍ରକୁ ପର୍ଯ୍ୟବେକ୍ଷଣ କରିବାକୁ କହିଲେ । ସେ ପିଲାମାନଙ୍କୁ ପତ୍ର ଓ ବିଭିନ୍ନ ଦୃଷ୍ଟିକୋଣରୁ (ରଙ୍ଗ, ଆକୃତି, ଗନ୍ଧ ଉପରି ଭାଗ, ମୋଟେଇ ଆକର, ଧରା) ଭିନ୍ନ ବୋଲି ବୁଝାଇଲେ ଓ ସେମାନଙ୍କୁ କାର୍ଯ୍ୟ ଫର୍ଦ୍ଦରେ ସେହି ବିଷୟରେ ଲେଖିବାକୁ ଉତ୍ସାହିତ କଲେ ।

### ଗଛର ପତ୍ର

| ଗଛର ନାମ | ପତ୍ରର ରଙ୍ଗ | ପତ୍ରର ଆକୃତି ଗୋଲ, ଅଣ୍ଡାକୃତି, ଲମ୍ବା ଅନ୍ୟ କିଛି | ଗନ୍ଧ ଅଛି କି ? ହଁ / ନା | ଖଦଡ଼ | ପତ୍ରର ଉପର ଭାଗ ମସୃଣ |
|---|---|---|---|---|---|
| ଆମ୍ବ | ସବୁଜ | ଲମ୍ବା ପତ୍ରର ଚିତ୍ର | | | ହଁ |

(ତଳେ ପଡ଼ିଥିବା ପତ୍ରର ଛାପ ପିଲାମାନେ ନେଇପାରିବେ ।)

Module
4

## ଶିକ୍ଷାଦାନ ଶିକ୍ଷଣ ସମୟରେ ମାନନିର୍ଦ୍ଧାରଣ ଓ ସମୟୋଚିତ ପ୍ରତିପୁଷ୍ଟି

ଶ୍ୟାମ ବର ଗଛର ପତ୍ରକୁ ଗୋଲାକାର କହିଲା ସୁନୀତା ଦିଦି ତା'ର ଉତ୍ତରକୁ ଗ୍ରହଣ କଲେ ଯେହେତୁ ସେ ଏହି ପ୍ରକାର ପତ୍ରର ଆକୃତିକୁ ବୁଝିଛି । ପରେ ସେ ଦଳରେ ଗୋଲାକାର ପତ୍ର ଓ ଅଣ୍ଡାକୃତି ପତ୍ର ଆଣି ପିଲାମାନଙ୍କୁ ଦେଖାଇଲେ ଓ ପିଲାମାନଙ୍କୁ ଗୋଲାକାର ଓ ଅଣ୍ଡାକୃତି ପତ୍ର ମଧ୍ୟରେ ପାର୍ଥକ୍ୟ ଦେର୍ଶାଇବାକୁ କହିଲେ । ଅନ୍ୟ ପତ୍ର ଯେପରି ତାରକା ଆକୃତି, ତିନିକୋଣିଆ ଇତ୍ୟାଦିକୁ ମଧ୍ୟ ପର୍ଯ୍ୟବେକ୍ଷଣ କଲେ । ପିଲାମାନେ ମଧ୍ୟ ଲକ୍ଷ୍ୟ କଲେ ଯେ କେତେକ ପତ୍ର ବଡ଼ ଓ କେତେକ ସାନ । କଦଳୀ ପତ୍ର ଓ ଗୋଲାପ ପତ୍ର ମଧ୍ୟରେ ତୁଳନା ସେମାନଙ୍କ ପାଇଁ ବଡ ଆଗ୍ରହପୂର୍ଣ୍ଣ ଥିଲା ।

ସୁନୀତା ଦିଦି ଲକ୍ଷ୍ୟ କଲେ କେତେକ ପିଲା ଗଛର ଅନ୍ୟ ଅଂଶ (ଫୁଲ, ଫଳ ଆଦି) କୁ ଲକ୍ଷ୍ୟ କରୁଥିଲେ ଓ ଆଲୋଚନା ମଧ୍ୟ କରୁଥିଲେ । ସେ ଅଧିକ ତଥ୍ୟ କହି ସେମାନଙ୍କୁ ଆଲୋଚନାକୁ ଆଗେଇ ଦେଲେ ।

ସବୁ ପିଲା ପର୍ଯ୍ୟବେକ୍ଷଣ ସାରି, ସାରଣୀ ପୂରଣ କରିବା ପରେ, ଦିଦି ସମସ୍ତଙ୍କ କାର୍ଯ୍ୟପର୍ଦ୍ଦ ସଂଗ୍ରହ କଲେ ।

ଦିଦି ପିଲାମାନଙ୍କ ସହିତ ଏକ ଆଞ୍ଚଳିକ ଖେଳ ଖେଳିଲେ । ଗୋଟିଏ ଦଳର ପିଲା ଚଟାଣ ଉପରେ ଠିକ୍‌ରେ ଏକ ବଡ ଗୋଲ କଲେ । ରୀତା ଗଣିବାକୁ ଆରମ୍ଭ କଲା । ୧, ୨, ୩, ୪, ୫, ୬, ୭, ୮ ଯେଉଁ ପିଲା ୮ କହିଲା, ସେ ଗୋଲ ଭିତରକୁ ଯାଇ ଠିଆ ହେଲା । ଏହିପରି ଭାବରେ ଗଣି, ୮ ସଂଖ୍ୟା ଯିଏ କହିଲା, ସେ ଗୋଲ ଭିତରକୁ ଗଲା । ଶେଷରେ ବୀଣା କେବଳ ଗୋଲ ବାହାରେ ଠିଆ ହେଲା । ବୀଣା ଶାଗୁଆ ରଙ୍ଗର ଗଛ ଗଣ୍ଡିକୁ ଛୁଇଁ ଗୋଲ ଭିତରକୁ ପଳାଇ ଆସିଲେ । ମିତା କିନ୍ତୁ ଗୋଲ ଭିତରକୁ ଆସିବା ପୂର୍ବରୁ ବୀଣା ତାକୁ ଧରିଦେଲା । ତେଣୁ ବର୍ତ୍ତମାନ ମିତା, ବୀଣା ସ୍ଥାନରେ ଠିଆ ହେଲା । ମିତା ସମସ୍ତଙ୍କୁ ବୁଲି ଛୁଇଁବାକୁ କହିଲା ଓ ଖେଳ ଏହିପରି ଚାଲୁ ରହିଲା । ସେ ମଧ୍ୟ କିଛି ସମୟ ପାଇଁ ପିଲାଙ୍କ ସହିତ ଖେଳିଲେ । ଖାଇସାରିବା ପରେ, ସମସ୍ତେ ବିଦ୍ୟାଳୟକୁ ଫେରିବାକୁ ଆରମ୍ଭ

Module
4

କଲେ। ସେମାନେ ନିଜ ଅଂଚଳର ଗୀତ ଗାଇ ଖୁସିରେ ବିଦ୍ୟାଳୟକୁ ଫେରିଲେ। ସୁନୀତା ଦିଦି ପ୍ରତ୍ୟେକ ପିଲାକୁ ଲକ୍ଷ୍ୟ କରୁଥିଲେ ଓ ସମସ୍ତ କାର୍ଯ୍ୟରେ ସେମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରୁଥିଲେ। ସେ ସେହିଦିନ ପର୍ଯ୍ୟବେକ୍ଷଣ କରିଥିବା ତଥ୍ୟକୁ ଲିପିବଦ୍ଧ କଲେ (ପିଲାମାନଙ୍କ ସବଳତା ଓ ଶିକ୍ଷଣରେ ଦୁର୍ବଳତା)।

### ଶ୍ରେଣୀ କକ୍ଷରେ ପରବର୍ତ୍ତୀ କାର୍ଯ୍ୟ

ପରଦିନ ସବୁ ପିଲା ଶ୍ରେଣୀକୁ ଆସିଲେ ଓ ସୁନୀତା ଦିନ କାଲିର ପରିଦର୍ଶନ ବିଷୟରେ ଆଲୋଚନା କଲେ। ସବୁ ପିଲାଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଗଲା ଓ କେତେକ ଆଲୋଚ୍ୟ ବିଷୟ ହେଲା

### ପ୍ରତି ଦଳ ସହିତ ଆଲୋଚନା

- କେଉଁ ଗଛ ପର୍ଯ୍ୟବେକ୍ଷଣ କଲେ ?
- କେଉଁ ଗଛର ଗଣ୍ଡି ମୋଟା ?
- କେଉଁ ଗଛର ପତାକା ଗଣ୍ଡି ?
- କେଉଁ ଗଛର ବକଳ ଖଦଡ଼ / ଚିକ୍କଣ।
- ପତ୍ରର ଆକୃତି ଓ ଉପରିଭାଗ କିପରି ଥିଲା ?
- ଗଛର ଗଣ୍ଡିକୁ କିପରି ଘଷିଲ ?
- ଗଣ୍ଡି ଓ ପତ୍ର ବ୍ୟତୀତ ଆଉ କ'ଣ ଲକ୍ଷ୍ୟ କଲ ? ସୁନୀତା ଦିଦି ଦଳର ସବୁ ପିଲାଙ୍କୁ ଅଂଶଗ୍ରହଣ କରିବାକୁ ଉତ୍ସାହିତ କଲେ।

### ଟିକେ ଚିନ୍ତା କରନ୍ତୁ

- ପିଲାମାନେ ତାଙ୍କ ଶିକ୍ଷଣ ଓ ସହପାଠୀଙ୍କ ଶିକ୍ଷଣର ମାନ ନିର୍ଦ୍ଧାରଣରେ କିପରି ଅଂଶ ଗ୍ରହଣ କରିବେ ?
- ଏହା ସେମାନଙ୍କୁ କିପରି ସାହାଯ୍ୟ କରିବ ?
- ଶ୍ରେଣୀରେ ଦଳଗତ କାର୍ଯ୍ୟ କରିବାକୁ ଆପଣ କ'ଣ କରିବେ ?
- ଶିକ୍ଷଣରେ ଏହା ଆପଣଙ୍କୁ ଓ ପିଲାମାନଙ୍କୁ କିପରି ସହାୟତା ଦେବ ?

Module
4

## ଦଳଗତ ବିବରଣୀର ଆଲୋଚନା (ମୌଖିକ):

## ଦଳ-୧ର ନମୁନା ବିବରଣୀ

- ରବି କହିଲା ଆମ୍ବ ଗଛ ଓ ଲେମ୍ବୁଗଛ ଦେଖିଥିଲି। ଲେମ୍ବୁଗଛର ଫୁଲ ଧଳା ରଙ୍ଗର। କେତେକ ଫୁଲ ମାଟିରେ ପଡ଼ିଥିଲା। ଗଛଟି ବେଶି ଉଚ୍ଚା ନଥିଲା ଓ ତା'ର ପତ୍ର ଲେମ୍ବୁ ଭଳି ବାସନା ହେଉଥିଲା। ଆମ୍ବ ଗଛରେ ଫଳ ଫଳିଥିଲା। ମୁଁ ଆମ୍ବ ଖାଇବାକୁ ଭଲ ପାଏ ଓ ତଳୁ ଏକ କଂଚା ଆମ୍ବ ଗୋଟାଇଥିଲି ଓ ମୋ ଦଳର ସାଙ୍ଗମାନଙ୍କ ସହିତ ମିଶି ଖାଇଥିଲି।
- ସୁନୀଲ ଦଳର ପିଲାମାନେ ଅଁଳା ଓ ବାଉଁଶ ଗଛ ଦେଖିଥିଲେ। ସେ ଅଁଳା ଗଛର ପତ୍ର ଶାଗୁଆ ରଙ୍ଗର ଓ ସେଗୁଡ଼ିକ ପତଳା ଓ ଅଣଓସାରିଆ ଓ ଗଛଟି ବାଉଁଶ ଗଛ ଭଳି ଉଚ୍ଚ ନୁହେଁ। ସେ ବାଉଁଶଗଛର ଘଷିଥିବା ଛାପ ଦେଖାଇଲା ଓ ଏହାର ଏକ ମସୃଣ ଗଣ୍ଠି ବୋଲି କହିଲା।
- ଅନ୍ୟ ଦଳର ସଦସ୍ୟମାନେ ମଧ୍ୟ ସେମାନେ ପର୍ଯ୍ୟବେକ୍ଷଣ କରିଥିବା ତଥ୍ୟ ବିଷୟରେ କହିଲେ। ସୁନୀତା ଦିନ ପିଲାମାନେ ଆଙ୍କିଥିବା ବିଭିନ୍ନ ଆକୃତିକୁ ପସନ୍ଦ କଲେ।
- ସେ ଦଳ -୧ ରେ କେତେକ ପିଲାମାନେ କରିଥିବା ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କଲେ। ଉଦାହରଣ ; ସେମାନେ ଦେଖିଥିବା ଅନ୍ୟାନ୍ୟ ଜିନିଷ ବିଷୟରେ।
- ରବି ତା'ର ପର୍ଯ୍ୟବେକ୍ଷଣରେ ଗଛରେ ଥିବା କେତେକ ପ୍ରଜାପତି, ଘର ଚଟିଆ, ପିମ୍ପୁଡ଼ି, ଗଛ ତଳେ ପଡିଥିବା ଭଙ୍ଗା ଚୁଡ଼ି, ପଥର ଓ ଅଧା ଖାଇଥିବା ପାଉଁରୁଟିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା।
- ଶ୍ୟାମ ଏଣେତେଣେ ପଡ଼ିଥିବା ପଲିଥିନ ଓ ପଥର ବିଷୟରେ ମଧ୍ୟ କହିଲା।
- ସୁନୀତା ଦିଦି ପିଲାମାନଙ୍କ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣକୁ ପ୍ରଶଂସା କଲେ। କେତେକ ପିଲା ସାରଣୀଟିକୁ ଠିକ୍ ଭାବରେ ପୂରଣ କରିପାରିନଥିଲେ, ସେ ସେମାନଙ୍କୁ ମଧ୍ୟ ଉତ୍ସାହିତ କଲେ।

Module
4

**ଟିପ୍‌ପଣୀ :**

ପିଲାମାନଙ୍କ ନର୍ଭୁଲ ପର୍ଯ୍ୟବେକ୍ଷଣ ବା ଶିକ୍ଷକଙ୍କ ଯୋଜନା, (ଯାହା ସାଧାରଣତଃ ଅଧିକାଂଶ ସମୟରେ ଘଟିଥାଏ) ମାନ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟ ନୁହେଁ। ପିଲାମାନଙ୍କୁ ହତୋତ୍ସାହିତ କଲେ ସେମାନଙ୍କ ଆତ୍ମ ବିଶ୍ୱାସ କମିଯାଏ ଓ ତାଙ୍କ ଶିକ୍ଷଣକୁ ପ୍ରଭାବିତ କରେ।

ଅନ୍ୟ ତିନୋଟି ଦଳ ମଧ୍ୟ ସେମାନଙ୍କ ବିବରଣୀ ଉପସ୍ଥାପନ କଲେ। ବିବରଣୀ ଉପସ୍ଥାପନ ସମୟରେ ସମସ୍ତେ ମନ ଦେଇ ଶୁଣୁଥିଲେ ଚିନ୍ତା କରୁଥିଲେ ।

ଅନେକ ଗଛ ବଷୟରେ ଜାଣିବାକୁ ପାଇଲେ। ଏହି ପ୍ରକ୍ରିୟା ଦ୍ୱାରା ସେମାନଙ୍କ ଶିକ୍ଷଣା ବ୍ୟାପକ ହେଲା।

**ଶିକ୍ଷକଙ୍କ ଡାଏରୀରେ ଲିପିବଦ୍ଧ କରଣ ( ଶିକ୍ଷାଦାନ ଶିକ୍ଷଣ ସମୟରେ)**

- କ୍ଷେତ୍ର ପରିଭ୍ରମଣ ସମୟରେ ପିଲାମାନେ କରିଥିବା ପର୍ଯ୍ୟବେକ୍ଷଣରୁ ଏହାର ଜଣା ପଡୁଛି ଯେ ଦୁଇଟି ଦଳ (ଦଳ ୧ ଓ ୩) କେବଳ ବଡ଼ ଗଛକୁ ବାଛି ଥିଲେ କିନ୍ତୁ ଦଳ-୨ ର ପିଲାମାନେ କେତେକ ସାନ ଗଛକୁ ବି ବାଛିଥିଲେ। ଏହା ଆଗ୍ରହେଦାୟୀ ଥିଲା। ଯେ ରବି ଘାସ କୁ ବି ଗଛ ରୂପେ ଅନ୍ତର୍ଭୁକ୍ତ କରିଥିଲା। ସେ ପତ୍ରଗୁଡ଼ିକ ଶାଗୁଆ ଥିଲା ଓ ଗଣ୍ଡି ନଥିଲା ବୋଲି କହିଲା।
- ପ୍ରାୟ ସବୁ ପିଲାଙ୍କର ମୋଟା ଓ ପତଳା ଗଣ୍ଡି ବିଷୟରେ ଧାରଣା ଥିଲା। ଅଧିକାଂଶ ପର୍ଯ୍ୟବେକ୍ଷଣ କରି ଏହା ଜାଣିପାରିଥିଲେ। ଦଳ-୨ ରେ କେତେକ ପିଲା ଗଛ ଚାରିପଟେ ହାତ ବୁଲାଇଥିଲେ। କିନ୍ତୁ ଦଳ - ୪ ର ବୀଣା ଓ ରବି ଭାବେ ପର୍ଯ୍ୟବେକ୍ଷଣ କରୁଥିଲେ। ସେମାନେ ସୂତା ବ୍ୟବହାର କରି ଗଛର ଗଣ୍ଡି ପତଳା / ମୋଟା ବାହୁଥିଲେ। ପଚାରିବାରୁ ସେମାନେ କହିଲେ, 'ପର୍ଯ୍ୟବେକ୍ଷଣ କରି ଗଛର ଗଣ୍ଡି ମୋଟା / ପତଳା ଆମେ ଜାଣିପାରିବୁ କିନ୍ତୁ ସୂତା ଦ୍ୱାରା ମାପ କରି ଆମେ ଦୁଇଟି ଗଛର ଗଣ୍ଡି ମଧ୍ୟରେ ତୁଳନା କରିପାରିବୁ।' (ସୁନୀତା

Module
4

ଦିଦି ଦୁଇଟି ଗଛ ମାପିବା ପାଇଁ ବ୍ୟବହୃତ ସୂତା ଦୁଇଟିକୁ ସେମାନଙ୍କ କାର୍ଯ୍ୟଫର୍ଦ୍ଦରେ ଲଗାଇଛନ୍ତି ।)

- କେବଳ ମଧୁ ଓ ବୀଣା ନରମ / ପତଳା ଓ ଖସଡା ଚିକ୍କଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିଲେ ।
- ମାମୁନି ଆଣ୍ଠୁରେ ସମସ୍ୟା ଥିବାରୁ ସେ ଦୌଡ଼ିପାରିଲା ନାହିଁ । ଏବଂ ମୁଁ ଲକ୍ଷ୍ୟ କଲି ତାଙ୍କ ଦଳର ରବି ଖେଳର ନିୟମ ପରିବର୍ତ୍ତନ କଲା, ତାଙ୍କ ଦଳର ସବୁ ପିଲା ଦୌଡ଼ିବା ପରିବର୍ତ୍ତେ ଚିହ୍ନଟ କରିଥିବା ଜିନିଷକୁ ଆଙ୍ଗୁଠି ଦର୍ଶାଇ ଦେଖାଇଥିଲେ ।

***ଟିପ୍ପଣୀ:*** ଆପଣମାନେ ପିଲାଙ୍କ ଠାରେ ଥିବା କୌଶଳ, ମୂଲ୍ୟାବୋଧ ଓ ମନୋବୃତ୍ତିକୁ ନିଶ୍ଚୟ ପସନ୍ଦ କରିବେ । ଅନ୍ୟମାନଙ୍କ ପାଖରେ ଏହି ଗୁଣାବଳୀର ବିକାଶ ପାଇଁ କିଛି ସମୟ ଲାଗିପାରେ । ଏହି ଦିଗରେ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ) ।

- ଅନ୍ୟାନ୍ୟ ପର୍ଯ୍ୟବେକ୍ଷଣ ପାଇଁ ପିଲାମାନଙ୍କ ଉତ୍ତରରୁ ମୁଁ ଦେଖିଲି ଯେ କେତେକ ପିଲା ସେହି ସ୍ତମ୍ଭରେ କିଛି ଲେଖିନାହାନ୍ତି । କେତେକ ପର୍ଯ୍ୟବେକ୍ଷଣ କରିବାକୁ ଚେଷ୍ଟା କରିଛନ୍ତି ଏବଂ ଗୋଟିଏ କିମ୍ବା ଦୁଇଟି କଥା ଲେଖିଛନ୍ତି । ରବି, ବୀଣା ଓ ମିତାଙ୍କର ବହୁତ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଶ୍ୟାମ ଓ ଅନ୍ୟ ପିଲାମାନଙ୍କୁ ଏହିଭଳି ଅନୁଭୂତି ପାଇଁ ଅଧିକ ସୁଯୋଗ ଦେବାର ଆବଶ୍ୟକତା ରହିଛି ।
- ସେ କେତେକ ପିଲାଙ୍କ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ଡାଏରୀରେ ସେମାନଙ୍କ ନାମ ପାଖରେ ଲେଖିଛନ୍ତି ।

## କୌଣସି ଔପଚାରିକ ଲିପିବଦ୍ଧର ଆବଶ୍ୟକତା ନାହିଁ

ସୁନୀତା ଦିଦି ଲକ୍ଷ୍ୟ କଲେ ଯେ ଅଧିକାଂଶ ପିଲା ଖଦଡା / ଚିକ୍କଣ ଓ ନରମ / ଟାଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରୁନାହାନ୍ତି । ତେଣୁ ସେ ଚିନ୍ତା କଲେ ଯେ, ପିଲାମାନଙ୍କ ମଧ୍ୟରେ ଖଦଡ଼ା ଓ ଚିକ୍କଣର ତୁଳନା ପାଇଁ ନିଶ୍ଚୟ ଏକ ମାନସିକ ଚିତ୍ର ଥିବ । ସେ କହିଲେ, ଯଦି ତୁମେ ପେନ୍‌ସିଲ୍ ବାକ୍ସର ଉପର ଭାଗକୁ ଲକ୍ଷ୍ୟ କରିବ, ତେବେ ତାହା ଚିକ୍କଣ କିନ୍ତୁ ବାଦାମର ଚୋପା ଖଦଡ଼ା ଅଟେ । ସେ ଏହିପରି ବାହାରୁ ବହୁତ ଜିନିଷ ଦେଖାଇ ଟାଣ –

Module
4

ନରମ ଓ ଖଦଡ଼ା - ଚିକ୍କଣର ଧାରଣା ଦେଲେ। ଠିକ୍ ସେହିପରି, ନରମରେ ଧାରଣା ପାଇଁ ନିଜ ହାତର ଚର୍ମ ଓ ଦାନ୍ତ ମଧ୍ୟରେ ତୁଳନା କରିବାକୁ କହିଲେ।

ପିଲାଙ୍କ ଶିକ୍ଷଣର ତାରତମ୍ୟକୁ ଦୂର କରିବା

| ସମାଗ୍ରୀ | ଛୁଇଁ କୁହ, କେଉଁଠି ରହିବ | | | |
|---|---|---|---|---|
| | ନରମ | ଟାଣ | ଚିକ୍କଣ | ଖଦଡ଼ |
| ଚକ୍ | | Ĕ | | Ĕ |
| ଡେସ୍କ | | | | |
| ସ୍ପଞ୍ଜ | Ĕ | | | Ĕ |
| ଟିଫିନ୍ ବାକ୍ସ | | | | |

ଆପଣ ଏହି ତାଲିକାରେ ଅଧିକା ସାମଗ୍ରୀ ଯୋଡ଼ି ପାରିବେ। ସୁନୀତା ଦିଦି ପିଲାମାନଙ୍କୁ ଏହି କାର୍ଯ୍ୟଟିକୁ ଯୋଡ଼ିରେ କରିବାକୁ ଓ ସେମାନଙ୍କ କାର୍ଯ୍ୟର ମାନନିର୍ଦ୍ଧାରଣ କରିବାକୁ କହିଲେ। ପରେ ସେ ଉତ୍ତରଗୁଡ଼ିକୁ କଳାପଟାରେ ଲେଖିଲେ ଓ ପିଲାମାନଙ୍କୁ ତାଙ୍କ ଉତ୍ତରକୁ କଳାପଟାରେ ଲେଖା ହୋଇଥିବା ଉତ୍ତର ସହିତ ତୁଳନା କରିବାକୁ କହିଲେ। ସେହିପରି ଆବଶ୍ୟକତା ଓ ଉପଯୁକ୍ତତାକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ ଯୋଡ଼ିରେ ମାନନିର୍ଦ୍ଧାରଣ କରିବାକୁ ସୁଯୋଗ ଦେବା ଆବଶ୍ୟକ।

ସେ ତଥାପି ଲକ୍ଷ୍ୟ କରିଛନ୍ତି କେତେକ ପିଲା ପାର୍ଥକ୍ୟ ଦର୍ଶାଇପାରୁନାହାନ୍ତି। ସେ କଳାପଟାରେ କେତେକ ସାମଗ୍ରୀର ତାଲିକା କଲେ ଓ ପିଲାମାନଙ୍କୁ ପରେ ଚେଷ୍ଟା କରି ଏଗୁଡ଼ିକୁ ନରମ / ଟାଣ ଓ ଖଦଡ଼ା / ଚିକ୍କଣରେ ବିଭାଗୀକରଣ କରିବାକୁ କହିଲେ। ସେ ପିଲାମାନଙ୍କୁ ଅବସର ସମୟରେ ଏଗୁଡ଼ିକ ପର୍ଯ୍ୟବେକ୍ଷଣ କରିବାକୁ କହିଲେ ଓ ଆଖପାଖରେ ଥିବା ଗଛର ଗଣ୍ଡି, ପତ୍ର ଆଦିର ଅନୁଭୂତି ନେବାକୁ ସୂଚନା ଦେଲେ। ସେ ପିଲାମାନଙ୍କୁ ସହପାଠୀ ଓ ଘରେ ବଡ଼ମାନଙ୍କ ସାହାଯ୍ୟ ନେବାକୁ କହିଲେ। ସୁନୀତା ଦିଦି ପିଲାମାନଙ୍କୁ ଆଖପାଖରେ ଥିବା ସାମଗ୍ରୀମାନଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ କହିଲେ ଯେଉଁଥିରେ ଗଛ, ପତ୍ର ଓ ଫୁଲର ଡିଜାଇନ୍ ଥିବ। ସେ ବଡ଼ମାନଙ୍କ ସହିତ ଗଛ ଆମର କିପରି ଦରକାରୀ ସେହି ବିଷୟରେ ଆଲୋଚନା କରିବାକୁ କହିଲେ।

Module
4

**ସ୍ୱଶିକ୍ଷଣ ଓ ସହପାଠୀ ଶିକ୍ଷଣ ପାଇଁ ସୁଯୋଗ ସୃଷ୍ଟି (ଶିକ୍ଷଣରେ ମାନନିର୍ଦ୍ଧାରଣ)**

ସୁନୀତା ଦିଦି ଲକ୍ଷ୍ୟ କଲେ ଯେ ସବୁ ପିଲା ସ୍ୱ-ମାନ ନିର୍ଦ୍ଧାରଣ ଓ ଆଗ୍ରହର ସହିତ ଅଂଶ ଗ୍ରହଣ କରୁଥିଲେ । ଶ୍ରେଣୀ ଆଲୋଚନା ବେଳେ ସୁନୀତା ଦିଦି ଲକ୍ଷ୍ୟ କଲେ ଯେ କେତେକ ପିଲା ବୀଣା, ରବି, ଚିତ୍ତ) ନରମ / ଟାଣ ଜିନିଷ ର ବହୁତ ଉଦାହରଣ ଦେଲେ ଯାହା ଶ୍ରେଣୀରେ ଆଲୋଚନା କରାଯାଇନଥିଲା କିନ୍ତୁ ସେମାନଙ୍କ ଦୈନନ୍ଦିନ ଜୀବନ ସହ ସଂପର୍କିତ ଥିଲା (ସ୍ୱ ଶିକ୍ଷଣ) । ସେ ଲକ୍ଷ୍ୟ କଲେ ଯେ ଦୁଇ ତିନି ଜଣ ପିଲା ଉତ୍ସାହିତ ଥିଲେ ଓ ନିଜ ଆଖପାଖର ବହୁତ ଗଛ ବିଷୟରେ ତଥ୍ୟ ସଂଗ୍ରହ କରି ଶ୍ରେଣୀରେ ଆଲୋଚନା କଲେ । ଆଲୋଚନା ବେଳେ ମଧ୍ୟ ଅନେକ ପିଲା ବିଭିନ୍ନ ଗଛର ଔଷଧୀୟ ଗୁଣ ବିଷୟରେ କହିବା ସହିତ ମଧ୍ୟ ଅନ୍ୟାନ୍ୟ ବ୍ୟବହାର ବିଷୟରେ ମଧ୍ୟ କହିଲେ - କାଗଜ, କାଠ, ଝୁଣା ଆଦି (ସ୍ୱ- ଶିକ୍ଷଣ)

## ଟିପ୍ପଣୀ :

ପିଲାମାନେ ସ୍ୱଶିକ୍ଷଣ କରିବା ମାନନିର୍ଦ୍ଧାରଣର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ । ଏଥିପାଇଁ ଶିକ୍ଷକ ଆଦୌ ଧୈର୍ଯ୍ୟହରା ହେବେ ନାହିଁ । ପିଲାଙ୍କ ମଧ୍ୟରେ ସ୍ୱ-ଶିକ୍ଷଣ ଓ ସ୍ୱ-ମାନ ନିର୍ଦ୍ଧାରଣ ବିକାଶ କରିବା ଏକ ଧୀର ପ୍ରକ୍ରିୟା, କିନ୍ତୁ ନିରନ୍ତର ପ୍ରଚେଷ୍ଟା ଓ ସୁଯୋଗ ସୃଷ୍ଟି କଲେ ଏହା ସମ୍ଭବ ହୋଇପାରିବ ।

ଏହି ସବୁ କାର୍ଯ୍ୟ ଗୋଟିଏ ସପ୍ତାହ ମଧ୍ୟରେ ଶେଷ ହୋଇଗଲା । ଠିକ୍ ସେହିପରି ଏହି ଅଧ୍ୟାୟର ବିଭିନ୍ନ ଜିନିଷରେ ଫୁଲ ପତ୍ରର ଢ଼ାଞ୍ଚା ଚିହ୍ନଟ ପାଇଁ ଅନ୍ୟାନ୍ୟ କାର୍ଯ୍ୟ କଲେ । ସେ ପ୍ରତି ଦଳ ପାଇଁ ଚାରା ଲଗାଇବା କାର୍ଯ୍ୟ କଲେ ଓ ପିଲାମାନଙ୍କୁ ଗଛର ନାମ ଦେଇ ତାର ଯତ୍ନ ନେବାକୁ କହିଲେ । ସେ ପିଲାମାନଙ୍କୁ ତାଙ୍କ ପସନ୍ଦର ଗଛ ବା ଫୁଲ, ଫଳ ବିଷୟରେ କବିତା / ଧନ୍ଦା ଲେଖିବାକୁ ଉତ୍ସାହିତ କଲେ ଓ ପରଦିନ ଶ୍ରେଣୀରେ ପିଲାମାନେ ଉପସ୍ଥାପନା କଲେ । ପାଠଟିରେ ଏହି ସବୁ କାର୍ଯ୍ୟ କରିବାକୁ ପାଇଁ ୧୦/୧୨ ଦିନ ସମୟ ଲାଗିଲା (କିନ୍ତୁ ଶିକ୍ଷଣ କାର୍ଯ୍ୟ, ପିଲାମାନଙ୍କ ଶିକ୍ଷଣ ବେଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅସୁବିଧା ଯୋଗୁ ସମୟ ଅଲଗା ହୋଇପାରେ)

## ଅଧ୍ୟାୟ ସରିବା ପରେ ମାନନିର୍ଦ୍ଧାରଣ

Module 4

ଅଧ୍ୟାୟଟିକୁ ପଢ଼ାଇ ସାରିବା ପରେ ଓ ଶ୍ରେଣୀରେ ନିରନ୍ତର ଅଭ୍ୟାସ କରିବା ପରେ, ସୁନୀତା ଦିଦି ପିଲାମାନେ କ'ଣ ଶିଖିଛନ୍ତି ଜାଣିବା ପାଇଁ ମାନନିର୍ଦ୍ଧାରଣ ଯୋଜନା କଲେ। (ଶିକ୍ଷଣର ମାନନିର୍ଦ୍ଧାରଣ) ସେ ଶ୍ରେଣୀରେ କେତେକ ଶିକ୍ଷଣ କାର୍ଯ୍ୟ / ପ୍ରଶ୍ନ, ପରିସ୍ଥିତି (ପର୍ଯ୍ୟବେକ୍ଷଣ, ମୌଖିକ କାର୍ଯ୍ୟ କରିବା ଆଦି) ମାଧ୍ୟମରେ ମାନନିର୍ଦ୍ଧାରଣ କଲେ। ଆପଣ ଅନ୍ୟ କୌଶଳ ବ୍ୟବହାର କରିପାରନ୍ତି କାଗଜ - କଲମ ପରୀକ୍ଷଣ, ପ୍ରକଳ୍ପ, ସର୍ବେକ୍ଷଣ ଆଦି)।

ମାନନିର୍ଦ୍ଧାରଣର ଉଦ୍ଦେଶ୍ୟ ଉପରେ କେଉଁ ପଦ୍ଧତି ବ୍ୟବହାର କରାଯିବ, ନିର୍ଭର କରେ। ସୁନୀତା ଦିଦି ପିଲାମାନଙ୍କୁ ଦଳରେ ବ୍ୟକ୍ତିଗତ ଭାବରେ କାର୍ଯ୍ୟକରିବାକୁ କହିଲେ। ସବୁ ପିଲାଙ୍କ ମାନନିର୍ଦ୍ଧାରଣ ପାଇଁ  ତାଙ୍କୁ ଦୁଇଦିନ ସମୟ ଲାଗିଲା (ପ୍ରତିଦିନ ଦୁଇ ପିରିୟଡ଼) ଉଦାହରଣ -

କ. ସୁନୀତା ଦିଦି ପ୍ରଦି ଦଳକୁ କେତେକ ଗଛର ପତ୍ର ଦେଲେ। ଯେପରି ଧନିଆ, ପୋଦିନା, ଗାଜର ଓ ଅନ୍ୟ କିଛି ଗଛର ପତ୍ରର ଯାହାର ବାସନା ଥିବ। ପଲାମାନଙ୍କୁ ଆଖି ବନ୍ଦ କରି ଜଣକ ପରେ ଜଣେ ପତ୍ରକୁ ଶୁଙ୍ଘି ତା'ର ନାମ ଅନୁମାନ କରି କହିବାକୁ ସୂଚନା ଦେଲେ। ତା'ପରେ ସେ ପିଲାମାନଙ୍କୁ ଏଗୁଡ଼ିକ ତୁଳନା କରି ଖଦଡ଼ ଓ ଚିକ୍କଣ ଆଧାରରେ ବିଭାଗୀକରଣ କରିବାକୁ କହିଲେ।

ଖ. ସେ ପ୍ରତି ପିଲାକୁ ନିଜ ଘର ପାଖରେ ଥିବା ଗୋଟିଏ ଗଛ ପର୍ଯ୍ୟବେକ୍ଷଣ କରିବାକୁ କହିଲେ (ନିଜ ଇଚ୍ଛା ଅନୁସାରେ)। ତା'ପରେ ପିଲାଟିକୁ ସେହି ଗଛ ବା ତା'ର ଅଂଶବିଶେଷ - ପତ୍ର, ଫୁଲ, ଫଳ, ଗଣ୍ଡି ଆଦି ବିଷୟରେ ୫ଟି ବାକ୍ୟ କହିବାକୁ ସୂଚନା ଦେଲେ।

ସେ ପିଲାମାନଙ୍କୁ କେତେକ ଶୁଖିଲା ପତ୍ର ଦେଲେ ଓ ସେଥିରୁ ୫ଟି ଅଲଗା ପତ୍ରକୁ ଆଙ୍କିବାକୁ ଓ ତା'ର ଢ଼ାଞ୍ଚାକୁ ଲକ୍ଷ୍ୟ କରିବାକୁ କହିଲେ।

ତା' ପରେ ସେ ପିଲାମାନଙ୍କ ଠାରୁ କାର୍ଯ୍ୟଫର୍ଦ୍ଦ ସଂଗ୍ରହ କଲେ ଯେଉଁଥିରେ ପିଲାମାନେ ପତ୍ରର ଚିତ୍ର ଅଙ୍କନ କରିଥିଲେ ଓ ସେଗୁଡ଼ିକ ଖଦଡ଼ା ଓ ଚିକ୍କଣ ଆଧାରରେ ବିଭାଗୀକରଣ କଲେ ।

Module
4

## ଅଧ୍ୟାୟ ଶେଷ ପରେ ପିଲାର ଶିକ୍ଷଣ ପ୍ରଗତିର ଲିବିବଦ୍ଧକରଣ

ସୁନୀତା ଦିଦି ପ୍ରତ୍ୟେକ ପିଲା ପାଇଁ ଲଗ୍ ବହିର ଏକା ସ୍ୱତନ୍ତ୍ର ପୃଷ୍ଠାରେ ନିଜର ପର୍ଯ୍ୟବେକ୍ଷଣ ଭିତ୍ତିକ ଟିପ୍ପଣୀ ଲେଖିଥିଲେ। ଉଦାହାରଣ ସ୍ୱରୂପ ସେ ଦୁଇଜଣ ପିଲାଙ୍କର ପର୍ଯ୍ୟବେକ୍ଷଣ ଏହିପରି ଲିପିବଦ୍ଧ କରିଥିଲେ।

◆ **ରବି:** ସେ ଗନ୍ଧ ଆଧାରରେ ସବୁ ପତ୍ରକୁ ଚିହ୍ନିପାରିଲା। ସେ ଗଛ ବିଷୟରେ ବିସ୍ତୃତ ଭାବରେ କହିପାରିଲା। ସେ ଖଦଡ଼ା / ଚିକ୍କଣ ଆଧାରରେ ପତ୍ରଗୁଡ଼ିକୁ ବିଭାଗୀକରଣ କରିପାରିଲା। ତା'ର ଡ୍ରାଇଁ / ଛାପ ପ୍ରସ୍ତୁତ ପାଇଁ ଅଧିକ ଅଭ୍ୟାସ କରିବାର ଆବଶ୍ୟକତା ରହିଛି।

◆ **ଶ୍ୟାମ** : ସେ ଟିକେ ସୂଚନା ପାଇଲେ ବିଭିନ୍ନ ଗଛର ପତ୍ରକୁ ଚିହ୍ନଟ କରିପାରିବ। ତା'ର ଗଛର ଲକ୍ଷଣ ବିଷୟରେ ସ୍ପଷ୍ଟ ଧାରଣା ଅଛି। ସେ ଭଲ ଚିତ୍ର ଅଙ୍କନ କରିପାରେ କିନ୍ତୁ ମୌଖିକ ଭାବରେ ବର୍ଣ୍ଣନା କରିପାରିବାରେ ତାର ଆତ୍ମ ବିଶ୍ୱାସ ବୃଦ୍ଧି ହେବାର ଆବଶ୍ୟକତା ରହିଛି।

ଶିଶୁର ମାନନିର୍ଦ୍ଧାରଣ କେତେ ସମୟ ଅବଧି ମଧ୍ୟରେ କରାଯିବ ତାହା ଆପଣ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ। ଏହା ଆବଶ୍ୟକତା ଅନୁଯାୟୀ ଗୋଟିଏ ଅଧ୍ୟାୟ / ଏକକ/ ଧାରଣା ଶେଷ ହେବା ପରେ କରାଯାଇପାରେ।

**ଟିପ୍ପଣୀ :** ଆପଣ ଦେଖିଛନ୍ତି ଶିକ୍ଷକ ମାନନିର୍ଦ୍ଧାରଣକୁ ଏକ ପ୍ରକ୍ରିୟା ଭାବରେ ବ୍ୟବହାର କରିଛନ୍ତି, ବିଭିନ୍ନ ଉପାୟ ବ୍ୟବହାର କରି ପିଲାର ଶିକ୍ଷଣରେ ଉନ୍ନତି ଆଣିଛନ୍ତି (ଆଲୋଚନା, ପ୍ରଶ୍ନ ପଚାରିବା, ଅନୁଭୂତି ବର୍ଣ୍ଣନ)। ଏହି ତଥ୍ୟଗୁଡ଼ିକ ବିବରଣୀରେ ଲିପିବଦ୍ଧ କରିବାରେ ଆବଶ୍ୟକତା ନାହିଁ କିନ୍ତୁ କେତେକ ନିର୍ଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ (ସଫଳତା)କୁ ଲିପିବଦ୍ଧ କରାଯିବ।

## ତିନିମାସ ପରେ ଶିକ୍ଷଣର ମାନନିର୍ଦ୍ଧାରଣ

ଶିକ୍ଷକ ତିନିମାସ ଶିକ୍ଷାଦାନ ପରେ ଏବଂ 'ପରିବାର ଓ ବନ୍ଧୁ' ବିଷୟବସ୍ତୁ କେତେକ ଅଧ୍ୟାୟ ଶେଷ କରିବା ପରେ (ଉପ ବିଷୟବସ୍ତୁ – 'ଉଦ୍ଭିଦ', 'ପ୍ରାଣୀ', 'ସଂପର୍କ') ବ୍ୟକ୍ତିଗତ ଓ ଦଳଗତ କାର୍ଯ୍ୟ ମାଧ୍ୟମରେ ମାନନିର୍ଦ୍ଧାରଣ କରିବାର ଯୋଜନା କଲେ।

## ବିଷୟବସ୍ତୁ-ପରିବାର ଓ ବନ୍ଧୁ
## ଉପ ବିଷୟବସ୍ତୁ - ଉଦ୍ଭିଦ / ପ୍ରାଣୀ, ସଂପର୍କ, କାର୍ଯ୍ୟ ଓ ଖେଳ

**Module 4**

| ଧାରଣା | ମାନନିର୍ଦ୍ଧାରଣ କୌଶଳ | ଶିକ୍ଷଣ ଫଳାଫଳ |
|---|---|---|
| ◆ ଭୌତିକ ଲକ୍ଷଣ ଅଧାରରେ ଉଦ୍ଭିଦ ବିବିଧତା ଓ ପତ୍ର ବିବିଧତା<br>◆ ଆମେ ଖାଉଥିବା ଗଛ ଓ ପତ୍ରର ଢ଼ାଞ୍ଚା<br>◆ ପଶୁ, ସେମାନଙ୍କ ବାସସ୍ଥାନ, ପଶୁ ଖାଉଥିବା ଖାଦ୍ୟ<br>◆ ପରିବାରରେ ସଂପର୍କ ଓ ବିବିଧତା<br>◆ ନିଜ ଅଂଚଳରୁ ଲୋକମାନେ କରୁଥିବା କାର୍ଯ୍ୟ ଓ ଲିଙ୍ଗଗତ ଦିଗ | ◆ କାଗଜ-କଲମ ପରୀକ୍ଷଣ<br>◆ ପ୍ରସ୍ତୁତ କର କାର୍ଯ୍ୟ, ଯେପରି- ଢ଼ାଞ୍ଚା ପ୍ରସ୍ତୁତି ଓ ମଡ଼େଲ ପ୍ରସ୍ତୁତି<br>◆ ଶ୍ରେଣୀରେ ଅନୁଭୂତି ବଣ୍ଟନ ଓ ଆଲୋଚନା<br>◆ ସର୍ବେକ୍ଷଣ | ◆ ଉଦ୍ଭିଦର ପତ୍ର, ଗଣ୍ଡି ଓ ବକଳ, ପଶୁ, ସଂପର୍କ ଓ ପରିବାରର ପ୍ରକାରର ସରଳ ଲକ୍ଷଣକୁ ଚିହ୍ନଟୀକରଣ।<br>◆ ବିଭିନ୍ନ ଇନ୍ଦ୍ରିୟ ବ୍ୟବହାର କରି ବସ୍ତୁ, ପକ୍ଷୀ, ପଶୁ ଆଦିକୁ ଦଳ ଭୁକ୍ତ କରିବା (ସମାନତା ଓ ପାର୍ଥକ୍ୟ ଆଧାରରେ)<br>◆ ଅନୁଭୂତି, ପର୍ଯ୍ୟବେକ୍ଷଣ ବସ୍ତୁ / ଶିକ୍ଷଣକାର୍ଯ୍ୟ / ଭ୍ରମଣ ସ୍ଥାନ ବିଷୟରେ ତଥ୍ୟକୁ ବିଭିନ୍ନ ଉପାୟରେ ଲିପିବଦ୍ଧ କରିବା ଓ ଢ଼ାଞ୍ଚାକୁ ଅନୁମାନ କରିବା।<br>◆ ଚିତ୍ର, ଡିଜାଇନ୍, ମଡ଼େଲ, ବସ୍ତୁର ଉପର, ସମ୍ମୁଖ, ପାର୍ଶ୍ୱ ଭାଗର ଚିତ୍ର ଅଙ୍କନ କରିବା, ସ୍ଲୋଗାନ, କବିତା ଆଦି ଲେଖିବା।<br>◆ ଖେଳର ନିୟମ ଓ ଅନ୍ୟାନ୍ୟ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା।<br>◆ ଖେଳ / ଖାଦ୍ୟ / କାର୍ଯ୍ୟ ପାଇଁ ମତାମତ ଦେବା।<br>◆ ଉଦ୍ଭିଦ, ପ୍ରାଣୀ, ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିବା ଓ ଆଖପାଖରେ ଥିବା ବିବିଧ ପରିବାର ବ୍ୟବସ୍ଥା। |

Module 4

**କାର୍ଯ୍ୟ ସମ୍ପାଦନା ସ୍ତର:**

**ସ୍ତର -୧ : ଅଧିକ ସହାୟତା ଆବଶ୍ୟକ କରେ ।**

**ସ୍ତର-୨ : ସହାୟତା ସହିତ କାର୍ଯ୍ୟ କରିବାକୁ ସକ୍ଷମ**

**ସ୍ତର-୩ : ବୟସ ଉପଯୋଗୀ**

ସେ ପ୍ରତ୍ୟେକ ପିଲାର ପୋର୍ଟଫୋଲିଅରେ ସେମାନଙ୍କ କାର୍ଯ୍ୟ ଚିତ୍ର, 'ତିଆରି କର' କାର୍ଯ୍ୟ, କାଗଜ - କଲମ ପରୀକ୍ଷଣ ଏବଂ ପ୍ରକଳ୍ପର ବିବରଣୀକୁ ସ୍ଥାନିତ କଲେ । ସେ ସେମାନଙ୍କ କାର୍ଯ୍ୟକୁ ରୁବ୍ରିକ୍ସ ମାଧ୍ୟମରେ ମାନନିର୍ଦ୍ଧାରଣ କଲେ । ସେ ପ୍ରକଳ୍ପ କାର୍ଯ୍ୟକୁ ନିମ୍ନ ଦିଗଗୁଡ଼ିକ ଆଧାରରେ ମାନନିର୍ଦ୍ଧାରଣ କଲେ ।

**ପ୍ରଶ୍ନ ତିଆରି କରିବା, ତଥ୍ୟ ସଂଗ୍ରହ, ବିସ୍ତୃତ ପର୍ଯ୍ୟବେକ୍ଷଣ ଲିପିବଦ୍ଧ, ବିବରଣୀ ପ୍ରସ୍ତୁତି ଏବଂ ଉପସ୍ଥାପନା, ଶିକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ, ଦଳରେ ଏକାଠି କାର୍ଯ୍ୟ କରିବା ।**

ସେ ଏହି ସବୁ ତଥ୍ୟ ସଂଗ୍ରହ କଲେ ଓ ଅନ୍ୟାନ୍ୟ ଉତ୍ସ ଯଥା ପିଲାମାନଙ୍କ ପୋର୍ଟଫୋଲିଅ, ନିଜ ଡାଏରୀ, ଲଗ୍ ବହି ଆଦି ବ୍ୟବହାର କରି, ତୃତୀୟ ଶ୍ରେଣୀ ଶିକ୍ଷଣ ଫଳାଫଳ ଆଧାରରେ ମାନନିର୍ଦ୍ଧାରଣ କରି ପ୍ରତି ପିଲାର ଶିକ୍ଷଣ ଅଗ୍ରଗତିରେ ଆସିଥିବା ପରିବର୍ତ୍ତନକୁ ଲକ୍ଷ୍ୟ କଲେ । ତିନି ମାସ ପରେ ମାନନିର୍ଦ୍ଧାରଣରୁ ମିଳିଥିବା ତଥ୍ୟକୁ ବିଶ୍ଳେଷଣ କରି, ସେ ସେମାନଙ୍କ ଉପଲବ୍ଧି ର ବିବରଣୀ ପ୍ରଦାନ କଲେ । ସାମଗ୍ରିକ ପ୍ରଗତି ବିବରଣୀ ପାଇଁ ସେ ପ୍ରତ୍ୟେକ ପିଲାର ପ୍ରୋଫାଇଲ୍ ପ୍ରସ୍ତୁତ କଲେ ଏବଂ ତିନି ପଏଣ୍ଟ ସ୍କେଲରେ ପିଲାର ପ୍ରଗତିକୁ ସହିତ କେତେକ ଦିଗର ଗୁଣାତ୍ମକ ବର୍ଣ୍ଣନା ମଧ୍ୟ କଲେ ।

ନିମ୍ନରେ ଏକ ନମୁନା ଦିଆଯାଇଛି ।

ନାମ - ଶ୍ୟାମ

ଶ୍ରେଣୀ - ୩ୟ

ଶାରୀରିକ ସ୍ୱାସ୍ଥ୍ୟ - ଉଚ୍ଚତା ...... ସେ.ମି

ଓଜନ ........... କିଗ୍ରା

ଆଖି ଓ ଦାନ୍ତର ଅବସ୍ଥା

ଉପସ୍ଥାନ : ବିଦ୍ୟାଳୟକୁ କେତେଦିନ ଆସିଛି / କାର୍ଯ୍ୟ ଦିବସ

| ବିଷୟ<br>ପରିବେଶ ପାଠ | ଉପଲବ୍ଧି ସ୍ତର | | | | | | | | |
|---|---|---|---|---|---|---|---|---|---|
| | ପ୍ରଥମ ତିନିମାସ | | | ଦ୍ୱିତୀୟ ତିନିମାସ | | | ତୃତୀୟ ତିନିମାସ | | |
| | ୧ | ୨ | ୩ | ୧ | ୨ | ୩ | ୧ | ୨ | ୩ |
| ଶିକ୍ଷଣ ଫଳାଫଳ | | | | | | | | | |
| ଆଖପାଖରେ ଥିବା ଉଭିଦ,ପ୍ରାଣୀ, ବସ୍ତୁ ଓ ସ୍ଥାନକୁ ସରଳ ଲକ୍ଷଣ ଆଧାରରେ ଚିହ୍ନଟୀକରଣ | | | | | | | | | |
| ଚାରିପାଖର ସ୍ଥାନ | | | | | | | | | |
| ବିଭିନ୍ନ ଇନ୍ଦ୍ରିୟ ବ୍ୟବହାର କରି ବସ୍ତୁ, ପକ୍ଷୀ, ପଶୁ, ଆଦିକୁ ସମାନତା ଓ ପାର୍ଥକ୍ୟ ଆଧାରରେ ବିଭାଗୀକରଣ | | | | | | | | | |
| ପର୍ଯ୍ୟବେକ୍ଷଣ, ଅନୁଭୂତି, ବସ୍ତୁ ବିଷୟରେ ତଥ୍ୟ, କାର୍ଯ୍ୟ, ଭିନ୍ନ ଉପାୟରେ ସ୍ଥାନ ଭ୍ରମଣ, ଢ଼ାଞ୍ଚାକୁ ଅନୁମାନ କରି ଲିପିବଦ୍ଧ କରିବା<br>ଚିତ୍ର, ଡିଜାଇନ, ମଡେଲ ସ୍ଲୋଗାନ, କବିତା ଆଦି ସୃଷ୍ଟି କରିବା | | | | | | | | | |
| ଦଳଗତ କାର୍ଯ୍ୟ ପାଇଁ ନିୟମ ମାନିବା, ଉଭିଦ, ପ୍ରାଣୀ, ବୟସ୍କ ଲୋକ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ସମ୍ବେଦନଶୀଳ ଭାବ ପ୍ରଦର୍ଶନ କରିବା | ଦଳଗତ ପରିସ୍ଥିତିରେ ଶ୍ୟାମ ଅଧିକାଂଶ ସମୟରେ ନିଜ କାମ ଉପରେ ଧ୍ୟାନ ଦିଏ ଏବଂ ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ଚେଷ୍ଟା କରେ। ସେ ଏକ ଛୋଟ ଚାରା ତା' ଜନ୍ମଦିନରେ ଲଗାଇଥିବା ଓ ମୌଖିକ ଭାବ ଦ୍ୱାରା ସେ ବୟସ୍କ ଓ ପଶୁଙ୍କ ପ୍ରତି ସମ୍ବେଦନଶୀଳ, ଜଣା ପଡିଥାଏ।<br>**ଉପଲବ୍ଧି ସ୍ତର**<br>ସ୍ତର-୧ : ଅଧିକ ସହାୟତା ଆବଶ୍ୟକ<br>ସ୍ତର-୨ : ସହାୟତା ଦେଲେ କରିପାରିବ<br>ସ୍ତର-୩ : ବୟସ ଉପଯୋଗୀ | | | | | | | | Module 4 |

Module 4

**ଟିପ୍ପଣୀ :**

ଏହି ସ୍ତରଗୁଡ଼ିକୁ ମଧ୍ୟ ନମ୍ବର ଦିଆଯାଇପାରେ । ସ୍ତର ୧ ପାଇଁ ୧, ସ୍ତର –୨ ପାଇଁ ୨ ଓ ସ୍ତର ୩ ପାଇଁ ୩ ନମ୍ବର ଦିଆଯାଇ ଶିକ୍ଷଣ ଫଳାଫଳର ମୋଟ ନମ୍ବର ଦିଆଯିବ ଓ ପ୍ରତି ଶ୍ରେଣୀରେ ଶିକ୍ଷାର୍ଥୀର ଉପଲବ୍ଧିର ସାମଗ୍ରିକ ବିବରଣୀ ପ୍ରଦାନ କରାଯିବ । ଉପରୋକ୍ତ ତଥ୍ୟ ଆଧାରରେ ଶିକ୍ଷକ ପ୍ରତି ପିଲା ପାଇଁ ତ୍ରିମାସିକ ପ୍ରୋଫାଇଲ ପ୍ରସ୍ତୁତ କରିବେ ।

**ଶ୍ୟାମ ଓ ରବି ପାଇଁ ସେ ନିମ୍ନ ବିବରଣୀ ପ୍ରସ୍ତୁତ କରିଛନ୍ତି ।**

**ଶ୍ୟାମର ପ୍ରୋଫାଇଲ** – ସେ ବସ୍ତୁର ଲକ୍ଷଣକୁ ଦେଖି ସେଗୁଡ଼ିକୁ ଚିହ୍ନଟ କରିପାରୁଛି ଓ ଅଲଗା କରିପାରୁଛି । ତା'ର ବାଛିବା କୌଶଳ ଅତି ଭଲ, ସେ ବିସ୍ତୃତ ଭାବରେ ଜିନିଷ ଦେଖି ବାଛି ପାରୁଛି । ସେ ସୁସଂଗଠିତ ଭାବରେ ଲିପିବଦ୍ଧ କରୁଛି । କିନ୍ତୁ ପର୍ଯ୍ୟବେକ୍ଷଣରେ ପାଇଥିବା ତ୍ଥ୍ୟକୁ ବିଶ୍ଳେଷଣ କରିବାରେ ସହାୟତା ଆବଶ୍ୟକ କରୁଛି । ସେ ବିଦ୍ୟାଳୟ ଓ ବହି ବାହାରୁ ଶିକ୍ଷଣକୁ ସଂପର୍କିତ କରିପାରୁଛି ଯାହା ସେ ଦେଉଥିବା ଉଦାହରଣ ଓ ଅନୁଭୂତିରୁ ସ୍ପଷ୍ଟ ଜଣାପଡ଼ୁଛି । କିନ୍ତୁ ଦଳରେ କାର୍ଯ୍ୟ କରିବା ସମୟରେ ସେ ଟିକେ ଧୈର୍ଯ୍ୟ ଧରିବାର ଆବଶ୍ୟକତା ରହିଛି ଓ ଆବଶ୍ୟକ ସ୍ଥଳେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ।

**ରବିର ପ୍ରୋଫାଇଲ** – ପ୍ରଥମ ତିନିମାସ

ରବି ସାଙ୍ଗ ଓ ଶିକ୍ଷକଙ୍କ ସହାୟତାରେ ତା'ର କାର୍ଯ୍ୟକୁ ସଂପାଦନ କରିପାରୁଛି । ସେ ଭଲରେ ପରୀକ୍ଷଣ କରିପାରେ ଓ ଡ୍ରଇଁ ମଧ୍ୟ କରେ । ସେ ପର୍ଯ୍ୟବେକ୍ଷଣ କରିପାରେ କିନ୍ତୁ ବିଶ୍ଳେଷଣ ଓ ସାରାଂଶ ପାଇଁ ଅନ୍ୟମାନଙ୍କ ସହାୟତା ଆବଶ୍ୟକ କରେ । ସେ ବହି ଓ ଶ୍ରେଣୀ ବାହାରକୁ ଯାଇ ଶିଖିବା ପାଇଁ ଅଧିକ ପ୍ରଚେଷ୍ଟା ଆବଶ୍ୟକ କରୁଛି । ତା'ର ସୃଜନଶୀଳତା ଗୁଣ, ତା'ର କାର୍ଯ୍ୟକଳାପରେ ପ୍ରତିଫଳିତ ହୁଏ । ପ୍ରାଣୀ ମାନଙ୍କୁ ଭଲ ପାଇବା ଗୁଣ ହେତୁ ପ୍ରଶଂସା ଯୋଗ୍ୟ, ସେ କେବେହେଲେ ପଶୁ ଓ ପକ୍ଷୀଙ୍କୁ ଖୁଆଇବାର ସୁଯୋଗ ହରାଏ ନାହିଁ । ସେ ଦଳଗତ କାର୍ଯ୍ୟରେ ବା ମଧ୍ୟାହ୍ନ ଭୋଜନ ଖାଇବା ସମୟରେ ତା' ପାଳି ଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରେ ଓ ଯେତେବେଳେ ସମ୍ଭବ ଅନ୍ୟମାନଙ୍କୁ ସାହାଯ୍ୟ କରେ ।

## ପରିଶିଷ୍ଟ -୨

Module 4

ଶିକ୍ଷଣ ଫଳାଫଳ ଆଧାରିତ ନମୁନା ପ୍ରଶ୍ନ
(ଗଣିତ, ପରିବେଶ ଅଧ୍ୟୟନ, ଭାଷା (ଓଡ଼ିଆ)

## ଗଣିତ

**L.O. ଦ୍ୱିତୀୟ (୩):**
ସରଳ ନିକିତି ବ୍ୟବହାର କରି ଓଜନିଆ ହାଲୁକା ବସ୍ତୁମାନଙ୍କୁ ତୁଳନା କରିପାରିବ।

(କ) ଯଦି ୨ଟି ବଲ୍‌ର ଓଜନ ଚାରୋଟି ବାକ୍ସର ଓଜନ ସହ ସମାନ, ତେବେ ୪ଟି ବଲ୍‌ର ଓଜନ ସହ ସମାନ କରିବା ପାଇଁ କେତୋଟି ବକ୍ସ ଦରକାର ପଡ଼ିବ।




(ଖ) ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ ଓ ତୃତୀୟ ଚିତ୍ରରେ କ'ଣ ବ୍ୟବହାର କଲେ ତାହା ବକ୍ସର ଓଜନ ସହ ସମାନ ହେବ ଲେଖ।




**L.O.** ପଞ୍ଚମ (୭): ତ୍ରିଭୁଜାକାର ଓ ବର୍ଗାକାର ଥିବା ସଂରଚନାକୁ ଚିହ୍ନଟ କରିବ।




ଏବେ ପିଲାକୁ ପଚାରିବ

ପରବର୍ତ୍ତୀ ଚିତ୍ରଟି କରିବା ପାଇଁ ତୁମକୁ କେତୋଟି ତ୍ରିଭୁଜ ଦରକାର ପଡ଼ିବ ? ଚିତ୍ର କରି ଦର୍ଶାଅ।

Module
4

**L.O. ତୃତୀୟ (୩.୧):** କାଗଜ ଭାଙ୍ଗି, ବିନ୍ଦୁ ଗ୍ରେଡ଼ କାଗଜ କାଟି ସରଳରେଖା ଇତ୍ୟାଦି ବ୍ୟବହାର କରି ଦ୍ୱି-ମାତ୍ରିକ ଆକୃତି ପ୍ରସ୍ତୁତ କରିବ ଓ ସେଗୁଡ଼ିକ ଚିହ୍ନିବ।

**ଧାରଣା :** ଦ୍ୱି-ମାତ୍ରିକ ଆକୃତି ଚିହ୍ନଟ ଓ ଅଙ୍କନ

**ସାମଗ୍ରି :** କାର୍ଯ୍ୟଫର୍ଦ୍ଦ, ପେନ୍‌ସିଲ୍

**ସୂଚନା :** ସମାନ ସଂଖ୍ୟକ ଘର ବା କୋଠରୀ ବ୍ୟବହାର କରି ଗୋଟିଏ ବର୍ଗଚିତ୍ର ଓ ଗୋଟିଏ ଆୟତ ଚିତ୍ର ତିଆରି କର। ଚିତ୍ର ଦୁଇଟିର ଦୈର୍ଘ୍ୟର କି ସଂପର୍କ ଲକ୍ଷ୍ୟ କରୁଛ ଲେଖ।



**L.O. ତୃତୀୟ (୫) :** ଲମ୍ବ ଓ ଦୂରତାକୁ ମାନକ ଏକକ (ଯଥା: ମିଟର ବା ସେଣ୍ଟିମିଟର)ରେ ଅନୁମାନ କରିବ, ମାପିବ ଓ ଦୈର୍ଘ୍ୟ ମାପ ଏକକ ମାନଙ୍କ ମଧ୍ୟରେ ସଂପର୍କକୁ ବୁଝିବ।

୧ ମିଟର ଦୈର୍ଘ୍ୟ ଅନୁମାନିକ ଭାବେ –

(କ) ମୋର ଗୋଡ଼ର ଦୈର୍ଘ୍ୟ ସହ ସମାନ

(ଖ) ମୋର ବହିର ଦୈର୍ଘ୍ୟ ସହ ସମାନ

(ଗ) ମୋର ପାଦର ଦୈର୍ଘ୍ୟ ସହ ସମାନ

**L.O. ଚତୁର୍ଥ (୨.୧) :** ଅଧା, ଏକ – ଚତୁର୍ଥାଂଶ (ଚଉଠ), ତିନି – ଚତୁର୍ଥାଂଶକୁ ଚିହ୍ନଟ କରିବ। (କାଗଜ ଭାଙ୍ଗିଓ ସଂଗୃହୀତ ସାମଗ୍ରିକୁ ନେଇ କାର୍ଯ୍ୟ କରିବ।

**(କ)** 

ଯଦି ପିଲାଟି ପାଇଁ ଚିତ୍ର 'କ' ସହଜ ହେବ ତେବେ ଚିତ୍ର 'ଖ' ଦିଆଯିବ।

(ଖ) 

ସମାନତା ଧାରଣାଟି ସମସ୍ୟାରେ ବ୍ୟକ୍ତ କରାଯାଇନଥିଲେ ମଧ୍ୟ ଏହା ଅନ୍ତର୍ନିହିତ ଅଛି। ଯଦି ପିଲାଟି ଏହି କାର୍ଯ୍ୟ କରିବାରେ ସଫଳ ହେବ, ତା'ହାଲେ ପିଲାଟି ସମାନତା ଧାରଣା ବ୍ୟବହାର କରିବାରେ ସମର୍ଥ ବୋଲି କହିବା।

**Module 4**

**L.O. ପଞ୍ଚମ (୨.୨)** ଏକ ଦତ୍ତ ଭଗ୍ନସଂଖ୍ୟାର ସମ ଭଗ୍ନସଂଖ୍ୟା ଗୁଡ଼ିକୁ ନିର୍ଣ୍ଣୟ କରିବ।

ସୂଚନା : ପିଲାଟିକୁ ଦିଆଯାଇଥିବା ଭଗ୍ନସଂଖ୍ୟାଗୁଡ଼ିକୁ ତଳେ ଦିଆଯାଇଥିବା ସାରଣୀରେ ଉପଯୁକ୍ତ ସ୍ଥାନରେ ଲେଖିବା ପାଇଁ କହିବ।

$\frac{5}{6}$ $\frac{6}{11}$ $\frac{17}{17}$ $\frac{111}{111}$ $\frac{4}{3}$ $\frac{34}{37}$ $\frac{31}{2}$ $\frac{100}{100}$

| ୧ ଠାରୁ କମ୍ | ୧ ସହ ସମାନ | ୧ ଠାରୁ ବଡ଼ |
|---|---|---|
| | | |

## ପରିବେଶ ଅଧ୍ୟୟନ

**L.O. ପଞ୍ଚମ (୫)** : ବିଭିନ୍ନ ଭୌଗଳିକ ବୈଶିଷ୍ଟ୍ୟ ଥିବା ଭୂ-ଭାଗ, ଜଳବାୟୁ, ସମ୍ବଳ ଏବଂ ସାଂସ୍କୃତିକ ଜୀବନ ମଧ୍ୟରେ ସଂଯୋଗ ସ୍ଥାପନ କରିବ।

- ତୁମେ ପ୍ରାକୃତିକ ବିପର୍ଯ୍ୟୟ, ଏହାର କାରଣ, ସମୟ ଓ ତାରିଖକୁ ନେଇ ଏକ ବିବରଣୀ ପ୍ରସ୍ତୁତ କର।
- ଏହି ବିପର୍ଯ୍ୟୟ ଜୀବନ, ଜୀବିକା ନିର୍ବାହ ଓ ଆସବାବପତ୍ରକୁ କିପରି କ୍ଷତିଗ୍ରସ୍ତ କରିଥାଏ ?
- କେଉଁ ବ୍ୟକ୍ତିବିଶେଷ ମାନେ ଏହି ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିଥାଆନ୍ତି ? କେଉଁ ସରକାରୀ ଅଫିସର ବା ଅନ୍ୟାନ୍ୟ ଗୋଷ୍ଠୀ ?
- ଆକସ୍ମିକ ବିପତ୍ତି ସମୟରେ ସାହାଯ୍ୟ ଆବଶ୍ୟକ। ସେଥିପାଇଁ କୋଠରିରେ ଦିଆଯାଇଥିବା ସୁରକ୍ଷା ବିଭାଗର ଠିକଣା ଓ ଫୋନ ନମ୍ବର ବୁଝି ଲେଖ।

| ଠିକଣା ଓ ଫୋନ ନଂ | | | |
|---|---|---|---|
| ଅଗ୍ନିଶ୍ରମ ବିଭାଗ | : | ......... | ........ |
| ଡାକ୍ତରଖାନା | : | ......... | ........ |
| ଆମ୍ବୁଲାନ୍ସ | : | ......... | ........ |
| ପୋଲିସ ଥାନା | : | ......... | ........ |

**L.O. ଚତୁର୍ଥ (୧୨)**: ସୂଚନା ଫଳକ, ପୋଷ୍ଟର, ମୁଦ୍ରା, ରେଳ ଟିକେଟ, ସମୟ ସାରଣୀରେ ଥିବା ସୂଚନାକୁ ବ୍ୟବହାର କରିବ।

ଲୋକମାନେ ଯଦି ନିଜର ପରିବାର, ଘର ଓ ଜିନିଷପତ୍ରକୁ ହରାଇଥାଆନ୍ତି ତେବେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ଯଥା – ଭୂମିକମ୍ପ, ବନ୍ୟା, ଘରପୋଡ଼ି, ବାତ୍ୟା ଆଦି ସଂପର୍କରେ ପୂର୍ବ ମାସର ସମ୍ବାଦପତ୍ରରେ ଦେଖ। ସେହି ସମ୍ବାଦଗୁଡ଼ିକୁ ସଂଗ୍ରହ କରି ନିଜ ଖାତାରେ ଲଗାଅ।

Module 4

ତଳେ ଦିଆଯାଇଥିବା ବିଲ୍‌ଟିକୁ ଦେଖି ସେ ସଂପର୍କରେ ଆଲୋଚନା କରି କୁହ।



**L.O. ପଞ୍ଚମ (୯) :** ପର୍ଯ୍ୟବେକ୍ଷଣ, ଅଭିଜ୍ଞତା ଓ ତଥ୍ୟଗୁଡ଼ିକୁ ଉପଯୁକ୍ତ ଢ଼ଙ୍ଗରେ ସଜ୍ଜୀକରଣ କରି ଲିପିବଦ୍ଧ କରିବ। ବିଭିନ୍ନ କାର୍ଯ୍ୟ ଓ ଘଟଣାର ସଂରଚନା ଆଧାରରେ କାରଣ ଓ ପ୍ରଭାବ ମଧ୍ୟରେ ସଂପର୍କ ସ୍ଥାପନ କରିବ।

**ଉଦାହରଣ :** ଆଗ୍ରା ଭ୍ରମଣ

ପିଲାମାନଙ୍କୁ ଆଗ୍ରାର ଏକ ସାଙ୍କେତିକ ମାନଚିତ୍ର ସହ ପରିଚିତ କରାଯିବ। ଆପେକ୍ଷିକ ଧାରଣାଟି ସହଜରେ ବୁଝିବା ପାଇଁ ସେହି ମାନଚିତ୍ରରେ ବିଭିନ୍ନ ସ୍ଥାନର ଚିତ୍ର ଓ ନାମ ଲେଖାଥିବା ସହ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନର ଦୂରତା ଆନୁମାନିକ ସମୟ ସହ ଦର୍ଶାଯାଇଛି।




ରୋହିତ ଓ ସୁମନ ସେମାନଙ୍କ ପରିବାର ସହ ବୁଲିବା ପାଇଁ ଯାଉଥିଲେ। ସେମାନେ ଆଗ୍ରା ଷ୍ଟେସନରେ ଓହ୍ଲାଇ ରିକ୍ସାରେ ତାଜ ମହଲ ବୁଲିବାକୁ ଗଲେ। ୩ ଘଣ୍ଟା ପରେ, ସେମାନେ ଆଉ ଏକ ରିକ୍ସାରେ ଆଗ୍ରା ଦୁର୍ଗ ବୁଲିବାକୁ ଗଲେ। ଅପରାହ୍ନରେ ଫତେପୁର ସିକ୍ରି ବୁଲିବା ପାଇଁ ବସ୍‌ରେ ଗଲେ।

ଏବେ ସ୍ଥାନଗୁଡ଼ିକ ମଧ୍ୟରେ ଥିବା ଦୂରତାକୁ ଲକ୍ଷ୍ୟ କର।

(କିଲୋମିଟର ପାଇଁ କି.ମି. ଲେଖାଯାଇଛି)

ଆଗ୍ରା ରେଳ ଷ୍ଟେସନ୍‌ରୁ ତାଜମହଲ – ୫ କି.ମି.

ତାଜ୍‌ମହଲରୁ ଆଗ୍ରା ଦୁର୍ଗ – ୨ କି.ମି.

ଆଗ୍ରା ଦୁର୍ଗରୁ ଫତେପୁର ସିକ୍ରି – ୪୦ କି.ମି

କେଉଁ ସ୍ଥାନଟି ରେଳପଥ ଠାରୁ ଦୂରରେ ଅବସ୍ଥିତ ?

(କ) ବାବରପୁର ଜଙ୍ଗଲ କିମ୍ବା ତାଜ୍ ଜଙ୍ଗଲ ?

(ଖ) ଆଗ୍ରା ଦୁର୍ଗ କିମ୍ବା ତାଜମହଲ

କେଉଁ ସ୍ଥାନଟି ଯମୁନା ନଦୀ ପାଖରେ ଅବସ୍ଥିତ ?

(କ) ତାଜ୍‌ମହଲ କିମ୍ବା ରେଳଷ୍ଟେସନ

Module
4

**L.O. ଚତୁର୍ଥ (୯) :** ବିଭିନ୍ନ ଘଟଣା ସମ୍ବନ୍ଧୀୟ ଅବସ୍ଥା ଓ ଧର୍ମକୁ ଅନୁମାନ କରିବ। ସ୍ଥାନ ସମ୍ବନ୍ଧୀୟ (ଦୂରତା, ଓଜନ, ସମୟ ଅବଧିକୁ) ମାନକ / ଆଂଚଳିକ ଏକକରେ ଅନୁମାନ କରିବ ଏବଂ ବିଭିନ୍ନ ପ୍ରକାର ସରଳ ସାଧନୀ ବ୍ୟବହାର କରି କାରଣ ଓ ଫଳାଫଳ ମଧ୍ୟରେ ସଂପର୍କ ସ୍ଥାପନ କରିବ।

**ପ୍ରଶ୍ନ -୧ :** ଦିନେ ଶାନ୍ତିକୁ ତା'ର ଜେଜେବାପା କହିଲେ ବର୍ତ୍ତମାନ ଅପେକ୍ଷା ସେ ତାଙ୍କର ପିଲାଦିନେ ଘରଚଟିଆ ଓ ଶାରୀ ପରି ବହୁ ସଂଖ୍ୟକ ପକ୍ଷୀ ଦେଖିବାକୁ ଯାଉଥିଲେ। ଏବେ ତୁମେ ଅନୁମାନ କରି ବର୍ତ୍ତମାନ ସମୟରେ କମ୍ ସଂଖ୍ୟକ ପକ୍ଷୀ ଦେଖାଯିବାର ଦୁଇଟି କାରଣ କୁହ।

୧. ................................

୨. ................................

**L.O. ଚତୁର୍ଥ (୨) :** ପଶୁ, ପକ୍ଷୀ ଓ ପଦାର୍ଥମାନଙ୍କର ବିଭିନ୍ନ ଲକ୍ଷଣକୁ ଚିହ୍ନଟ କରିବ।

**ପ୍ରଶ୍ନ -୨ :** ଫାତିମା ଓ ଇରଫାନ 'ଗିଟି' (ପଥରଖେଳ) ଖେଳିବା ପାଇଁ ଛୋଟ, ଗୋଲ୍ ଓ ଚିକ୍କଣ ପଥର ଖୋଜୁଥିଲେ। ଫାତିମା କହିଲା "ମୁଁ ନଦୀ ପାଖରେ ସେହି ଭଳି ପଥର ଦେଖିଛି।ଚାଲ ସେଠାରୁ ସଂଗ୍ରହ କରି ଆଣିବା।' ସେଠାରେ ପହଂଚିବା ପରେ ଇରଫାନ ଦେଖିଲା, "ଆମେ ଯେତେବେଳେ ନଦୀଠାରୁ ଅଳ୍ପ ଦୂରକୁ ଚାଲୁ ଆଉ ସେହି ଭଳି ପଥର ପାଇଲୁ ନାହିଁ।

ତୁମେ ଏବେ ଚିନ୍ତା କର ଓ କୁହ – ନଦୀ ପାଖରେ କାହିଁକି ସେହିପରି ଗୋଲ୍ ଓ ଚିକ୍କଣ ପଥର ମିଳିଥାଏ।

**L.O. ପଞ୍ଚମ (୩) :** ପ୍ରାଣୀ, ଉଦ୍ଭିଦ ଓ ମନୁଷ୍ୟ ମାନଙ୍କ ମଧ୍ୟରେ ଥିବା ପରସ୍ପର ନିର୍ଭରଶୀଳତା ବର୍ଣ୍ଣନା କରିବ।

**ପ୍ରଶ୍ନ -୩:** ମମତା ଅନୁଭବ କଲା ଯେ ବିଦ୍ୟାଳୟ କାନ୍ଥ ନିକଟରେ ଆପେଆପେ ଘାସ ଓ ଛୋଟଛୋଟ ଗଛ ବଢୁଛନ୍ତି। ସେମାନଙ୍କୁ କେହି ଲଗାଇ ନାହାନ୍ତି। ସେମାନଙ୍କ ମଧ୍ୟରେ ଗୋଟିଏ ଛୋଟ ଜାମୁକୋଳି ଗଛ ମଧ୍ୟ ବଢୁଥିଲା।

- ତୁମ ବିଦ୍ୟାଳୟ ଚାରିପାଖରେ କେଉଁ ସ୍ଥାନ ମାନଙ୍କରେ ସେହିପରି ଆପେଆପେ ଗଛ ବଢୁଥିବାର ଦେଖିଛ କୁହ।

Module 4

◆ ତୁମେ କାହିଁକି ଭାବୁଛ ସେହି ଗଛଗୁଡ଼ିକୁ କେହି ଲଗାଇନଥିବେ ?

◆ ଜାମୁକୋଳି ଗଛର ମଞ୍ଜି ସେହି ସ୍ଥାନକୁ କିପରି ଗଲା ତୁମେ କଣ ଭାବୁଛ ? ଦୁଇଟି ସାମ୍ଭାବ୍ୟ କାରଣ କୁହ ।

## ଭାଷା (ଓଡ଼ିଆ)

**ଦ୍ୱିତୀୟ (୭) :** ନିଜ ସ୍ତର ଓ ପସନ୍ଦ ଅନୁସାରେ ଗପ, କବିତା, ଚିତ୍ର, ପୋଷ୍ଟର ଇତ୍ୟାଦିକୁ ଆନନ୍ଦର ସହିତ ପଢ଼ି ନିଜ ପ୍ରତିକ୍ରିୟା ରଖିବ ଓ ପ୍ରଶ୍ନ ପଚାରିବ ।

**ଦକ୍ଷତା :** ପଠନ

(ସିଂହର ଚିତ୍ର ଦେଖାଇ ଆରମ୍ଭ କରିବେ)

**ପଦ୍ୟ**



ବଣରେ ରହେ ଗୋଟିଏ ସିଂହ
ବଡ଼ବଡ଼ ଆଖି ବଡ଼ ମୁହଁ
ଲାଞ୍ଜ ଲମ୍ବା କାନ ଛୋଟ
ବଣରେ ସେ ରାଜା ସିଂହ ।

ଯେବେ ସିଏ ଛାଡ଼େ ରଡ଼ି
ଶୁଣିଯାଏ ନିଦ ଉଡ଼ି
ସମସ୍ତେ ସିନା ଯାଆନ୍ତି ଡରି
ହେଲେ ସେ ଥାଏ ସାଙ୍ଗଟି ପରି ।

ଗୁମ୍ଫାରେ ସିନା ରହିଥାଏ ।
ବଣର ଯେ ରାଜା ସିଏ
ଯାହାର ଯାହା ଅସୁବିଧା
ସିଂହ ରାଜା ବୁଝୁଥାଏ ।
ବଣରେ ରହେ ଗୋଟିଏ ସିଂହ .......

ପଦ୍ୟଟି ଅଙ୍ଗଭଙ୍ଗୀ ସହ ଆବୃତ୍ତି କରିବା ପରେ ଶିକ୍ଷକ ପିଲାମାନଙ୍କୁ ସିଂହ ରାଜା ପଦ୍ୟଟି ପଢ଼ି, ସିଂହ ସଂପର୍କରେ ୫ ଧାଡ଼ି ଲେଖିବାକୁ କହିବେ ।

ଉଦାହରଣ : ମାନ ନିର୍ଦ୍ଧାରଣର ସୂଚକ :

(କ) ଧାଡ଼ିଏ ଲେଖିଲେ – ଉନ୍ନତିର ଆବାଶ୍ୟକତା

(ଖ) ୩ – ୪ ଧାଡ଼ି ଲେଖିଲେ – ମଧ୍ୟମ

(ଗ) ୫ ଧାଡି ବା ଅଧିକ ଲେଖିଲେ – ଉତ୍ତମ

Module
4

**ଦ୍ୱିତୀୟ (୧୦)** : ପରିଚିତ / ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇଛି ଓ ଅର୍ଥ ଖୋଜିବା ପାଇଁ ବିଭିନ୍ନ ପ୍ରକାର କୌଶଳକୁ ବ୍ୟବହାର କରିବ ଯେପରି - ଚିତ୍ର ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଆଧାରରେ ଅନୁମାନ କରିବ।

ଦକ୍ଷତା : ଲିଖନ

ଚିତ୍ର ଦେଖି ପକ୍ଷୀମାନଙ୍କ ନାମ ଲେଖ









**L.O. ତୃତୀୟ (୪)** : ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ / ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜର ମତ ଦେବ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ / ଲିଖିତ) ଭାବରେ ଦେବ।

ପିଲାମାନେ ଅନୁଚ୍ଛେଦଟି ପଢ଼ି ସାରିବା ପରେ ଶେଷରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ।

ତା' ପରେ ପିଲାମାନେ ନିଜକୁ ନଦୀରେ ଥିବା ଛୋଟ ମାଛ ବୋଲି ମନେ କରିବେ ଓ ସେଠାରେ ସେ ତାଙ୍କ ଯାହା ଦେଖିବାକୁ ପାଇବେ ବୋଲି ଚିନ୍ତା କରୁଛନ୍ତି ତାହା ବର୍ଣ୍ଣନା କରିବେ।

ମଧୁପୁର ଗ୍ରାମରେ ସୁବଳ ନାମକ ଏକ ଚାଷୀ ରହୁଥିଲେ। ଦିନେ ସେ ଚାଷ କାମ ସାରି ଫେରିବା ସମୟରେ ନଦୀରୁ ମାଛ ଧରି ଘରକୁ ଆଣିଲା। ଘରେ ପହଂଚି ତାକୁ କାଟି ରୋଷେଇ କରିବା

Module
4

ପାଇଁ କହିଲା । ସୁବଳର ପିଲାମାନେ ମାଛକୁ ଦେଖି ଖୁସି ହୋଇଗଲେ । ମାଛଟି ବଂଚିଥିଲା । ତେଣୁ ସେମାନେ ତା' ସାଙ୍ଗରେ ଖେଳିବା ଆରମ୍ଭ କରିଦେଲେ । ମାଛ ସହିତ ବନ୍ଧୁତ୍ୱ ବଢ଼ିବା ପରେ ତାକୁ କାଟି ରୋଷେଇ ନ କରିବା ପାଇଁ ସୁବଳ ଆଗରେ ଜିଦ୍ କଲେ । ସୁବଳ ପିଲାମାନଙ୍କ ଖୁସି ଦେଖି ମାଛଟିକୁ ନେଇ ଗୋଟିଏ ବଡ଼ ମାଠିଆରେ ରଖିଦେଲା । ପିଲାମାନେ ସେଥିରେ ମାଛକୁ ପହଁରିବା ଶିଖାଇଦେଲେ । ଯେତେବେଳେ ତାଙ୍କ ଘରକୁ କେହି ବନ୍ଧୁ ଆସନ୍ତି ପିଲାମାନେ ମାଛର ପରିଚୟ ଦେଇ କୁହନ୍ତି –

"ସେ ଆମ ପରିବାରର ଜଣେ ସଦସ୍ୟ ।"

**ପ୍ରଶ୍ନ –**

୧. ଅନୁଚ୍ଛେଦଟିରୁ କଣ ଶିଖିବାକୁ ମିଳୁଛି ?

୨. କିଏ ମାଛକୁ ନଦୀରୁ ଧରି ଆଣିଥିଲା ?

୩. ମାଛଟି ମାଠିଆରେ କାହିଁକି ବଂଚିପାରିଲା ?

**L.O. ଦ୍ୱିତୀୟ (୧୬)** : ନିଜ ଜୀବନର ଅନୁଭୂତି ଓ ପରିବେଶ ଆଧାରିତ ଅନୁଭୂତିକୁ ଲେଖିବେ ।

ତଳେ କୋଠରିରେ ବିଭିନ୍ନ ଯାନବାହାନର ନାମ ଦିଆଯାଇଛି । ପିଲାମାନେ ସ୍ଥଳ, ଜଳ ଓ ଆକାଶ ମାର୍ଗରେ ପରିବହନ ବା ଯାତାୟାତ ପାଇଁ ବ୍ୟବହାର କରାଯାଉଥିବା ଯାନବାହାନର ନାମ ସାରଣୀରେ ଉପଯୁକ୍ତ ସ୍ଥାନରେ ଲେଖିବେ ।

ବସ୍, ଡଙ୍ଗା, ରକେଟ୍, ରିକ୍ସା, ସାଇକେଲ
ଉଡାଜାହାଜ, ଜାହାଜ, ଟ୍ରେନ୍, ହେଲିକ୍ୟାପ୍ଟର

| | | |
|---|---|---|
|  |  |  |
| **ସ୍ଥଳ** | **ଜଳ** | **ଆକାଶ** |
| ............ | ............... | ............... |
| ............ | ............... | ............... |
| ............ | ............... | ............... |

Module 4

L.O. ପଞ୍ଚମ (୧୦) : ଭାଷାର ବ୍ୟାକରଣକୁ (ଯେପରି କାରକ କ୍ରିୟା, କର୍ତ୍ତା, ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

ଯେପରି 'ଶୋଷିତ' ଶବ୍ଦଟି ଶୋଷଣରୁ ଗଠିତ।

ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ କେଉଁ ଶବ୍ଦରୁ ଗଠିତ ହୋଇଛି ଲେଖ।

ଶାସିତ ...........

ଘୋଷିତ ..........

ବର୍ଜିତ ............

ଗର୍ବିତ ............

ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର।

L.O.ଚତୁର୍ଥ (୧୮) : ନିଜ କଳ୍ପନାରୁ ଗପ, କବିତା, ବର୍ଣ୍ଣନା ଆଦି ଲେଖି ଭାଷାର ସୃଜନାତ୍ମକ ପ୍ରୟୋଗ କରିବ।

"ଗଛ ଆମର ବନ୍ଧୁ' - ଏହାକୁ ଆଧାର କରି ଛୋଟ ଗପଟିଏ ଲେଖ ବା କବିତାଟିଏ ଲେଖ।

(ଗପ ବା କବିତା ନିଜସ୍ୱ ଭାଷା ଓ ଭାବାନାକୁ ନେଇ ଲେଖିବେ, ତାହାଲେ ଆମେ କହିପାରିବା ସୃଜନାତ୍ମକ ଲିଖନ ହୋଇଛି। )

## ପରିଶିଷ୍ଟ -୩

### ଇଂରାଜୀ ଭାଷା (ଉଚ୍ଚ ପ୍ରାଥମିକ ସ୍ତର)

ଭାଷା ଶୈକ୍ଷିକ ଶାସ୍ତ୍ର ପ୍ରଦର୍ଶିକାରେ ପ୍ରସ୍ତାବିତ ଭାଷା ଶିକ୍ଷା ଶାସ୍ତ୍ରର ବୁଝାମଣାକୁ ଆଧାର କରି ଏହି ଉଦାହରଣର ପ୍ରସ୍ତାବ ଦିଆଯାଇଛି।

### ଆସନ୍ତୁ ମନେ ପକାଇବା

ସାମଗ୍ରିକ ଭାଷା ଶିକ୍ଷଣ ଦୃଷ୍ଟିକୋଣରୁ ଭାଷାକୁ ଶିଖାଯାଏ ଓ ସମୃଦ୍ଧିଶୀଳ କରାଯାଏ। ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଭାଷାର ସମସ୍ତ କୌଶଳକୁ ଏକାଠି ଶିକ୍ଷାଯାଏ (ଭାଷା ଶିକ୍ଷଣ କୌଶଳର ସମନ୍ୱିତ ପନ୍ଥା)। ଏହା ମୌଳିକ ଭାବ ବନିମୟ କୌଶଳକୁ ବୃଦ୍ଧି କରିଥାଏ।

Module 4

ପିଲାର ମାତୃଭାଷା / ଘରୋଇ ଭାଷା ଶିକ୍ଷଣର ମାଧ୍ୟମ। ତେଣୁ ପ୍ରାରମ୍ଭିକ ସ୍ତରରେ ମିଶ୍ରିତ ଭାଷା ଉଭୟ କଥନ ଓ ଲିଖନ ପାଇଁ ଗ୍ରହଣ ଯୋଗ୍ୟ ଓ ମାନନିର୍ଦ୍ଧାରଣ ପାଇଁ ମଧ୍ୟ ବ୍ୟବହାର କରାଯାଇପାରେ। ସାହିତ୍ୟ ପଢ଼ିବା ଦ୍ୱାରା (ସ୍ୱାଧୀନ ଭାବରେ ଚିନ୍ତନ କୌଶଳର ବିକାଶ ହୋଇଥାଏ। ପାଠକଙ୍କ ପାଇଁ ପୃଥିବୀ ବିଭିନ୍ନ ରୂପ (ସାଂସ୍କୃତି, ଭାଷା, ଚିନ୍ତନ ଆଦି) ଉନ୍ମୁକ୍ତ ହୋଇଥାଏ। ସାହିତ୍ୟ ଭାଷାର ବିଭିନ୍ନ କୌଶଳ ପଠନ, ଶ୍ରବଣ, କଥନ ଏବଂ ଲିଖନ ସହିତ ପରିଚିତ କରାଇଥାଏ ଏବଂ ଧୀରେଧୀରେ ବଳିଷ୍ଠ କରିଥାଏ। ଶିକ୍ଷାର୍ଥୀର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ଶିକ୍ଷକ ବହି ବ୍ୟତୀତ ଶିକ୍ଷାର୍ଥୀଙ୍କୁ ଶିଶୁ ସାହିତ୍ୟ ଓ ଅନ୍ୟ ଅର୍ଥପୂର୍ଣ୍ଣ ପଠନ ସାମଗ୍ରୀ ପଢ଼ିବା ପାଇଁ ସୁଯୋଗ ଦେବା ଆବଶ୍ୟକ।

ଭାଷା ଶିକ୍ଷଣର ପ୍ରାରମ୍ଭିକ ସ୍ତରରେ ପିଲାମାନେ ଭାଷାକୁ ବିଭିନ୍ନ ପରିସ୍ଥିତିରେ ଗପ, କବିତା, ଚତୁଃପାର୍ଶ୍ୱ ପରିଚିତ ଓ ଅପରିଚିତ ଘଟଣାବଳୀରେ କିପରି ବ୍ୟବହାର କରୁଛନ୍ତି ସେ ସମ୍ବନ୍ଧରେ ଗୁରୁତ୍ୱ ଦେବା ଆବଶ୍ୟକ। ଭାଷା ଶିକ୍ଷଣର ପ୍ରାରମ୍ଭିକ ସ୍ତରରେ ଭାଷାର ମାନନିର୍ଦ୍ଧାରଣ କରିବା ସମୟରେ ଶିକ୍ଷାର୍ଥୀ ଇଂରାଜୀ କିମ୍ବା ଦ୍ୱିଭାଷାରେ ବିଭିନ୍ନ ପରିସ୍ଥିତିରେ ଭାଷାର କୌଶଳଗୁଡ଼ିକୁ କିପରି ବ୍ୟବହାର କରୁଛି ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଶିକ୍ଷଣ ପାଇଁ ମାନନିର୍ଦ୍ଧାରଣ ଗୁରୁତ୍ୱପୂର୍ଣ୍ଣ। ଏହା ଶିକ୍ଷାଦାନ ଶିକ୍ଷଣ ସହିତ ସମନ୍ୱିତ। ମାନନିର୍ଦ୍ଧାରଣର ଲକ୍ଷ୍ୟ ହେଉଛି ଭାଷା ଶିକ୍ଷଣର ବିକାଶ ପ୍ରକ୍ରିୟାକୁ ସୁଦୃଢ଼ କରିବା। ଶିକ୍ଷାର୍ଥୀ ପ୍ରଥମ ଭାଷାରୁ ଅଗ୍ରସର ଓ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଭାଷାକୁ ସ୍ଥାନାନ୍ତରଣ କରିବା ସମୟରେ ଇଂରାଜୀ ଓ ଅନ୍ୟ ଭାଷାର ଶିକ୍ଷଣ କାର୍ଯ୍ୟ ଓ ମାନନିର୍ଦ୍ଧାରଣ ପାଇଁ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣରେ ବ୍ୟକ୍ତିଗତ ପ୍ରତିପୁଷ୍ଟି ସହିତ ଯୋଡ଼ି କାର୍ଯ୍ୟ ଓ ଦଳଗତ କାର୍ଯ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

Module
4

## ଆସନ୍ତୁ ଚିନ୍ତା କରିବା

ଶିକ୍ଷଣ କାର୍ଯ୍ୟ ଓ କୌଶଳରେ ନମନୀୟତା ଲକ୍ଷଣ ସହିତ ଶିକ୍ଷଣରେ ମାନ ନିର୍ଦ୍ଧାରଣରେ ଅନୁପସ୍ଥିତି, ପରୀକ୍ଷା ଓ ଏକକ ପରୀକ୍ଷଣର ଫଳାଫଳ ପିଲା ମୁଖସ୍ତ କରି କେତେ ମନେ ରଖିଛି ଓ ଲେଖିଛି ତାହା ଉପରେ ନିର୍ଭର କରେ। ନିମ୍ନରେ ଏନ.ସି.ଇ.ଆର.ଟି ର ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର A short Monsoon Diary from Honey dew ଅନୁଚ୍ଛେଦର ଏକ ଉଦାହରଣ ଦିଆଯାଇଛି ।

ଶିକ୍ଷାର୍ଥୀ ଅନୁଚ୍ଛେଦର ଅର୍ଥ ବ୍ୟାକରଣକୁ ବୁଝିବା ସହିତ, ସୁଖଦ ପଠନର ଅନୁଭୂତି ଓ ଅନୁଚ୍ଛେଦ ସହିତ ସଂପର୍କ ସ୍ଥାପନ କରିବାକୁ ନିଶ୍ଚିତ କରିବା ପାଇଁ ଶୈକ୍ଷିକ ଶାସ୍ତ୍ର ଓ ମାନ ନିର୍ଦ୍ଧାରଣ ସମନ୍ୱିତ ହୋଇଛି । ଶିକ୍ଷାର୍ଥୀଙ୍କ ସ୍ତର ଓ ଆଗ୍ରହକୁ ଦୃଷ୍ଟିରେ ରଖି କେତେକ ସମ୍ଭାବ୍ୟ ଶିକ୍ଷଣ କାର୍ଯ୍ୟ ଓ ମାନ ନିର୍ଦ୍ଧାରଣର କୌଶଳର ପ୍ରସ୍ତାବ ଦିଆଯାଇଛି । ଶିକ୍ଷକ ଶ୍ରେଣୀକକ୍ଷର ପରିସ୍ଥିତି, ଶିକ୍ଷାର୍ଥୀର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରିପାରନ୍ତି ଯେପରି ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିପାରିବେ ଓ ଚିନ୍ତନ ଆଧାରିତ ସେମାନଙ୍କ ଉପରେ ଦେଇପାରିବେ। ଶିକ୍ଷକ ନିମ୍ନ ଶିକ୍ଷଣ ଫଳାଫଳଗୁଡ଼ିକୁ ଗୁରୁତ୍ୱ ଦେଇଛନ୍ତି

### ଶିକ୍ଷାର୍ଥୀ –

- ବହି ଓ ବହି ବାହାର ସାମଗ୍ରୀକୁ ଇଂରାଜୀ, ବ୍ରେଲ ଲିପିରେ ପଢ଼ି ବୁଝିପାରିବ
- ପଢ଼ିବା ସମୟରେ ଚରିତ୍ର, ମୁଖ୍ୟ ଧାରଣା ଓ ଧାରଣାର କ୍ରମକୁ ଚିହ୍ନଟ କରିପାରିବ ।
- ପଢ଼ିବ, ତୁଳନା କରିବ, ବିଶ୍ଳେଷଣାତ୍ମକ ଚିନ୍ତନ କରିବ ଓ ଜୀବନ ସହିତ ଧାରଣାଗୁଡ଼ିକୁ ଯୋଡ଼ି ପାରିବ ।
- ଆନନ୍ଦର ସହିତ ବିଭିନ୍ନ ବହି ପଢ଼ିବ
- ସାମଞ୍ଜସ୍ୟ ରଖି ଅନୁଚ୍ଛେଦ ଲେଖିବ ।

### ସ୍ତର – ୧ :

ପୂର୍ବରୁ ପଠନ ପାଇଁ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀ ପାଠରୁ ଧାରଣା, ଶବ୍ଦ ଭଣ୍ଡାର, ସୃଜନଶୀଳତାକୁ କେତେ ଭଲ ଭାବରେ ଗ୍ରହଣ କରିଛି ସେହି ବିଷୟର ଧ୍ୟାନ ଦିଆଯାଉଥିଲା । ମାନ ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ଏହିଠାରୁ ଆରମ୍ଭ ହୋଇଥିଲା ।

Module
4

ଶିକ୍ଷକ ଓ ଶିକ୍ଷାର୍ଥୀମାନେ ସଂପର୍କିତ ଶ୍ରାବ୍ୟ /ଭିଡିଓ ବ୍ୟବହାର କରିପାରିବେ ଓ ରସ୍କିନ ବଣ୍ଡ ଓ ତାଙ୍କ ବହି ବିଷୟରେ ଅନୁସନ୍ଧାନ କରିପାରିବେ ।

**ଶିକ୍ଷକ :**

- ପିଲାମାନଙ୍କୁ ପାଠର ଶିରୋନାମା ପଢ଼ି ପାଠ ବିଷୟରେ ଅନୁମାନ କରିବାକୁ କହିବେ ।
- ସେମାନଙ୍କ ଅନୁମାନକୁ ଶବ୍ଦ / ବାକ୍ୟରେ ଲେଖିବାକୁ କହିବେ ।
- ସେମାନଙ୍କୁ ଡାଏରୀ ଲେଖନ୍ତି କି ପଚାରିବେ । ଯଦି ହଁ, ତେବେ କାହିଁକି ଓ କିଏ ସେମାନଙ୍କୁ ଲେଖିବାକୁ ଉତ୍ସାହିତ କରିଛନ୍ତି ।
- ସେମାନେ ଇଂରାଜୀ / ମାତୃଭାଷା / ଅନ୍ୟ ଉପାୟରେ ଲେଖିଛନ୍ତି କି ?
- ମାତା / ପିତା ସେମାନଙ୍କ ଚିନ୍ତାଧରା, କବିତା, ଘର ଖର୍ଚ୍ଚ ଆଦି ବାବଦରେ ଡାଏରୀ ଲେଖନ୍ତି କି ?
- ଶିକ୍ଷାର୍ଥୀମାନେ ସେମାନଙ୍କ ଡାଏରୀ ସାଙ୍ଗମାନଙ୍କୁ ଦେବେ କି ?

  ଶିକ୍ଷାଦାନ ଶିକ୍ଷଣରେ ପଠନ କାର୍ଯ୍ୟ କରିବା ପୂର୍ବରୁ ବୋଧଗମ୍ୟତାର କୌଶଳ ବିଷୟରେ ଗୁରୁତ୍ୱ ଦେବା ଆବଶ୍ୟକ । ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଶିକ୍ଷାର୍ଥୀଙ୍କୁ ଭଲ ଭାବରେ ଶିଖିବା ପାଇଁ ଓ ଶିକ୍ଷକଙ୍କୁ ଶିକ୍ଷାଦାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଶିକ୍ଷକ ଆବଶ୍ୟକତା ଅନୁଯାୟୀ କୌଶଳରେ ପରିବର୍ତ୍ତନ କରିପାରନ୍ତି । ଉଦାହରଣ ଶିକ୍ଷକ ପିଲାମାନଙ୍କ ସହିତ ଆଲୋଚନା ବେଳେ ଯଦି ଜାଣିବାକୁ ପାଇଲେ ଯେ ପିଲାମାନଙ୍କ ଡାଏରୀ ବିଷୟରେ ଅଭିଜ୍ଞତା ନାହିଁ ତେବେ ସେ ପିଲାମାନଙ୍କ ସହିତ ନମୁନା ଡାଏରୀ ଦେଇ ଆଲୋଚନା କରିପାରିବେ ।

**ଆସନ୍ତୁ ମାନନିର୍ଦ୍ଧାରଣର ସୁଯୋଗଗୁଡ଼ିକ ଉପରେ ଦୃଷ୍ଟି ଦେବା ।**

ଶିକ୍ଷକ ମାନନିର୍ଦ୍ଧାରଣ କରିପାରନ୍ତି ।

- ପାଠ ବିଷୟରେ ଶିକ୍ଷାର୍ଥୀମାନଙ୍କର ପ୍ରସ୍ତୁତି, ଡାଏରୀ ଲିଖନ ଉପରେ ସେମାନଙ୍କ ବୁଝିବା ଦକ୍ଷତା ଆଦି
- ସାବଲୀନ ଭାବରେ କହିବାର ଦକ୍ଷତା ଓ ଧାରଣାର ସ୍ପଷ୍ଟତା ।

Module 4

- ଡାଏରୀ ଲେଖିବାର ଅପରିଚିତି, ଶିରୋନାମାରୁ ଅର୍ଥ ବାହାର କରିବାରେ ବିଫଳତାର ଆହ୍ୱାନ
- ଲିଖନ କୌଶଳ ଯଥା ଧାରଣା, ଶବ୍ଦ ଭଣ୍ଡାର, ବିରାମ ଚିହ୍ନ ଓ ବ୍ୟାକରଣର ସବଳତା।
- ପଚରା ଯାଉଥିବା ପ୍ରଶ୍ନଗୁଡ଼ିକୁ ଓ ସାଙ୍ଗମାନେ ଦେଉଥିବା ଉତ୍ତରକୁ ବୁଝିବା।
- ଅନ୍ୟମାନଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣି ଏକାଠି କାର୍ଯ୍ୟ କରିବାର ଦକ୍ଷତା, ଅନ୍ୟମାନଙ୍କର ମଜାକ୍ ନ କରି କିମ୍ବା କ୍ରୋଧାନ୍ୱିତ ନ ହୋଇ।
- ଭଦ୍ରୋଚିତ ବ୍ୟବହାର, ନମ୍ରତା ସହ ଶବ୍ଦ ବ୍ୟବହାର କରିବା ଏହିଗୁଡ଼ିକ ପ୍ରସ୍ତାବିତ, ଆପଣଙ୍କ ଅନୁଭୂତି/ ମାନନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ଅଧିକା ଯୋଡି ପାରନ୍ତି।

### କୌଶଳଗୁଡ଼ିକ ବିଷୟରେ ଚିନ୍ତା କରିବା

ଶିକ୍ଷକ ଭାବରେ ପିଲାମାନଙ୍କ ଉତ୍ତର ମୋତେ କୌଶଳଗୁଡ଼ିକରେ ଉନ୍ନତି ଆଣିବାରେ କିପରି ସାହାଯ୍ୟ କରୁଛି ?

- ସବୁ ଶିକ୍ଷାର୍ଥୀ ଆଲୋଚନାରେ ଭାଗ ନେଉନାହାନ୍ତି।
- ମୁଁ ସରଳ ପ୍ରଶ୍ନ ପଚାରିବି କି ?
- ଆଲୋଚନାରେ ଦ୍ୱିଭାଷା ବ୍ୟବହାର କରିବି
- ସେମାନେ ଉତ୍ତର ଦେବାକୁ ଅଧିକ ସମୟ ଆବଶ୍ୟକ କରୁଛନ୍ତି କି ?
- ସେମାନଙ୍କ ସହିତ ବ୍ୟକ୍ତିଗତ କଥା ହେବି, ଆଦି
- ମୁଁ ସେମାନଙ୍କ ସବଳତା ଓ ଦୁର୍ବଳତା ପ୍ରତି ସେମାନଙ୍କ ଦୃଷ୍ଟି କିପରି ଆକର୍ଷଣ କରିବି ? – ବନାନ ଶୁଦ୍ଧି,

ବ୍ୟାକରଣ – ନିଶ୍ଚିତ ଭାବରେ ଗାଳି ନଦେଇ,

ଗୋଳ ନବୁଲାଇ, ଅକ୍ଷେପ ନ କରି ଆଦି

ଆପଣ ନିଜ ପର୍ଯ୍ୟବେକ୍ଷଣ ଓ ମାନନିର୍ଦ୍ଧାରଣ ଆଧାରରେ ଅଧିକ ଯୋଡ଼ି ପାରନ୍ତି।

ଶିକ୍ଷାର୍ଥୀର ଆଗ୍ରହ ଓ ବୋଧଗମ୍ୟତାର ମାନନିର୍ଦ୍ଧାରଣ କରିବା ପାଇଁ ପାଠରେ ଥିବା ପ୍ରଶ୍ନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ।

ଏନ୍.ସି.ଇ.ଆର.ଟି ପାଠ୍ୟପୁସ୍ତକରେ ଥିବା Honey Dew ପାଠଟିରେ ବୋଧଗମ୍ୟ ପ୍ରଶ୍ନ ଓ ପରିଭାଷା ମଧ୍ୟ ଦିଆଯାଇଛି। ପିଲାମାନଙ୍କୁ ଉତ୍ତର ଖୋଜିବାରେ ନିୟୋଜିତ କରନ୍ତୁ। ସେମାନଙ୍କୁ

Module
4

ଉତ୍ତର ଲେଖିବାରେ, ଅତିରିକ୍ତ ପଠନ ସୂଚୀକୁ ଠାବ କରିବାରେ ଏବଂ ନିଜ ଭାଷାରେ ଉତ୍ତର ଲେଖିବାରେ ନିୟୋଜିତ କରନ୍ତୁ। ଶିକ୍ଷକ ପାଠ୍ୟ ପୁସ୍ତକରେ ଦିଆଯାଇନଥିଲେ ମଧ୍ୟ ବୋଧଗମ୍ୟ ଭିତ୍ତିକ ପ୍ରଶ୍ନ ପ୍ରସ୍ତୁତ କରିପାରନ୍ତି।

## ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ ଓ ସ୍ୱଶିକ୍ଷଣ

ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ ଏକ ଭାଗୀଦାରୀମୂଳକ ପନ୍ଥା (ଶିକ୍ଷକ ଓ ଶିକ୍ଷାର୍ଥୀ) ଶିକ୍ଷାର୍ଥୀମାନଙ୍କୁ ଅନ୍ୟମାନଙ୍କ କାର୍ଯ୍ୟର ମାନନିର୍ଦ୍ଧାରଣ କରିବାକୁ ସୁଯୋଗ ଦେଲେ, ସେମାନେ କାର୍ଯ୍ୟଟି ବିଷୟରେ ଚିନ୍ତନ କରିବା ସହିତ ସେମାନଙ୍କ କାର୍ଯ୍ୟର ଉନ୍ନତି ମଧ୍ୟ ଆଣିପାରନ୍ତି।

## କୌଶଳ

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ସହପାଠୀଙ୍କ ଉତ୍ତରକୁ ପଢ଼ିବା ପାଇଁ କହିପାରନ୍ତି।

- ଦଳରେ କାର୍ଯ୍ୟ କରିବାକୁ କୁହନ୍ତୁ ଓ ସେମାନଙ୍କ ଉତ୍ତରର ମୁଖ୍ୟ ବିନ୍ଦୁଗୁଡ଼ିକୁ କ'ଣ ହୋଇପାରେ ନିଷ୍ପତ୍ତି ନେବାକୁ କୁହନ୍ତୁ।
- କେଉଁ ସବୁ ଆଧାରରେ ଗୋଟିଏ ଉତ୍ତର ସାଧାରଣ ଏବଂ ସାଧାରଣ ଠାରୁ କମ୍ ହେବ ?
- ଥରେ ଏହି ନିଷ୍ପତ୍ତି ହୋଇଗଲା ପରେ, ସେମାନଙ୍କୁ ଅନ୍ୟ ପିଲାର ଉତ୍ତର ଖାତା ଦେଇ ମାନନିର୍ଦ୍ଧାରଣ କରିବାକୁ କୁହନ୍ତୁ।
- ତା' ପରେ ସେମାନଙ୍କୁ ନିଜ ଉତ୍ତରକୁ ମାନନିର୍ଦ୍ଧାରଣ କରିବାକୁ କୁହନ୍ତୁ ଓ ଉନ୍ନତିର ପରିସର ବାହାର କରିବାକୁ କୁହନ୍ତୁ।

  ଏହି ଉପାୟରେ କାର୍ଯ୍ୟ କରିବା ପରେ ସେମାନେ ବସ୍ତୁନିଷ୍ଠ ଭାବରେ କାର୍ଯ୍ୟଟି ବୁଝିବାରେ ସକ୍ଷମ ହୋଇପାରନ୍ତି। ଏହିପରି ଭାବରେ ସେମାନେ କାର୍ଯ୍ୟଟି ପାଇଁ ଆଧାର (ରୁବ୍ରିକ୍ସ) ପ୍ରସ୍ତୁତ କରିବାରେ ସକ୍ଷମ ହୁଅନ୍ତି। ସେମାନଙ୍କୁ ସାହପାଠୀ ମାନନିର୍ଦ୍ଧାରଣର ମଧ୍ୟ ସୁଯୋଗ ଦିଅନ୍ତୁ। ଉପସ୍ଥାପନ, ଡ୍ରାମା, ଅଭିନୟ ଆଦି କାର୍ଯ୍ୟରେ ନିୟୋଜିତ କରନ୍ତୁ।

## ପଠନ ପରିବର୍ତ୍ତୀ କାର୍ଯ୍ୟ :

ଟିକେ ଚିନ୍ତା କରନ୍ତୁ ଓ ଲେଖନ୍ତୁ

ଆମେ "Monsoon Diary" କୁ ପଢ଼ିଲେ ଓ ଆମେ ସମସ୍ତେ ଅନୁଭବ କଲେ ଯେ ଏହା ଏକ ସୁନ୍ଦର ଲେଖା। ରସ୍କିନ୍ ବଣ୍ଡ ତାଙ୍କ ନିଜର ସୁନ୍ଦର ସୃଜନଶୀଳତା ଢ଼ଙ୍ଗରେ ଆମକୁ ମୌସୁମୀ

ସମୟରେ କୀଟପତଙ୍ଗ, ପଶୁ ଏବଂ ଜଙ୍ଗଲର ଜୀବନ ସହିତ ପରିଚିତ କରାଇଲେ। ଶବ୍ଦ ଓ ଚିତ୍ର ମୌସୁମୀ ଋତୁର ଏକ ସୁନ୍ଦର ଭାବନା ସୃଷ୍ଟି କରେ ଏବଂ ଲେଖକଙ୍କ ତାଙ୍କ ଅନୁଭତିକୁ ଡାଏରୀରେ ଅତି ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଭାଷା, ଚିନ୍ତନ, ନିଜସ୍ୱ ଚିନ୍ତାଧାରାକୁ ଅନୁସନ୍ଧାନ କରିବାରେ, ଅନୁଭୂତି ଓ ଲିଖନ ଅଭିବ୍ୟକ୍ତର ସମୃଦ୍ଧିଶାଳୀ ପାଇଁ ସୃଜନାତ୍ମକ ଲିଖନ କାର୍ଯ୍ୟରେ ନିୟୋଜିତ କରିପାରନ୍ତି।

### ଲିଖନକାର୍ଯ୍ୟ – ୧

ସୃଜନାତ୍ମକ ଲିଖନ

ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ଇଂରାଜୀ ଓ ଅନ୍ୟ ଭାଷାରେ କବିତା ପଠନର ଅନୁଭୂତିକୁ ନିଶ୍ଚିତ କରିବା ପାଇଁ ସେମାନଙ୍କୁ ଅତି ସଂକ୍ଷେପରେ କହିବାକୁ ସୂଚନା ଦେବେ। ଋତୁ, ମୌସୁମୀ ଆଦି ବିଷୟରେ କବିତା ଏବଂ ଗଳ୍ପକୁ ଅଭ୍ୟାସ କରାଯାଇପାରେ ଏବଂ ଅଧିକା କିଛି ମଧ ଯୋଡା ଯାଇପାରେ। ଏଠାରେ ବିଶ୍ଳେଷଣ କିମ୍ବା ପ୍ରଶଂସା କରିବା ଆବଶ୍ୟକ ନୁହେଁ। ସେମାନେ ପଢ଼ିବେ ଓ ଆନନ୍ଦ ପାଇବେ ଓ ସେଥିରୁ ଅର୍ଥ ବାହାର କରିବେ। ଭାବନାର ପୁନରାବୃତ୍ତିକୁ ଦୂର କରିବା, ଶବ୍ଦର ଅନାବଶ୍ୟକ ବ୍ୟବହାର ଓ ନିଜ ଭାଷାରେ ପ୍ରକାଶ କରିବାକୁ ପ୍ରସ୍ତାବ ଦିଆଯାଇଛି।

**ଉଦାହରଣ :** ପାଠଟିକୁ ପଢ଼ି ସାରିବା ପରେ, ନିମ୍ନ ଉପରେ ଏକ ଅନୁଚ୍ଛେଦ ପ୍ରସ୍ତୁତ କରିବାକୁ କହିବେ।

ରାତିସାରା ବର୍ଷା ପଡ଼ି ଶବ୍ଦ କରୁଥିଲା ....

(ଏହା ଏକ ପରିବର୍ଦ୍ଧିତ ବାକ୍ୟ। ଅନ୍ୟ ବାକ୍ୟ ମଧ ସୃଷ୍ଟି କରାଯାଇପାରେ)

ଏହି ଋତୁରେ ସେମାନଙ୍କୁ କେଉଁସବୁ କଥା ଭଲ ଲାଗିଲା, ସେହି ବିଷୟରେ ଡାଏରୀ ଲେଖିବାକୁ କହିବେ।

### ସୃଜନାତ୍ମକ ଲିଖନ – ମାନନିର୍ଦ୍ଧାରଣ

ସ୍ୱ- ପ୍ରକାଶନ ଓ ଭାବ ବିନିମୟ ଦକ୍ଷତାର ବିକାଶ ପାଇଁ ଲିଖନ / ସୃଜନାତ୍ମକ ଲିଖନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଆବେଗିକ ଓ ବୌଦ୍ଧିକ ମୂହୁର୍ତ୍ତ ଓ ଅନୁଭୂତି ଉଜ୍ଜୀବିତ କରିଥାଏ। ସର୍ବୋପରି ଏହା ସେମାନଙ୍କ

Module 4

ପ୍ରାମାଣିକ ଲେଖା ତେଣୁ ମାନନିର୍ଦ୍ଧାରଣ ପାଇଁ ଏକ ପ୍ରସ୍ତାବିତ ଆଧାର ହେଲା –

- ପ୍ରାମାଣିକ ଅନୁଭୂତି
- ଉପଯୁକ୍ତ ଶବ୍ଦ ଭଣ୍ଡାର, ଶବ୍ଦ ଓ ଅଭିବ୍ୟକ୍ତିର ବ୍ୟବହାର
- ଭାଷା ଉପରେ ଦକ୍ଷତା
- ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ କ୍ଷୁଦ୍ରତ୍ତର ତଥ୍ୟର ବ୍ୟବହାର
- ସାବଲୀଳ ବର୍ଣ୍ଣନା
- ସେମାନଙ୍କ ଲେଖାକୁ ପୁନଃନିରୀକ୍ଷଣ କରିବା
- ଶବ୍ଦ ବିନ୍ୟାସ, ମିତ୍ରାକ୍ଷର (ରାଇମ୍‌), ରୂପକର ବ୍ୟବହାର ।
- ନିଜ ପସନ୍ଦର ଋତୁ ଉପରେ କଳ୍ପନା ଆଧାରିତ ସୃଜନାତ୍ମକ ଲିଖନକୁ ଡାଏରୀରେ ସ୍ଥାନ ଦେବା ।

ଶିକ୍ଷାର୍ଥୀମାନଙ୍କ ପ୍ରଦର୍ଶନ ଅନୁସାରେ ଅଧିକ ପଏଣ୍ଟ ଯୋଡ଼ା ଯାଇପାରେ ।

### ପୋର୍ଟଫୋଲିଓ ପଦ୍ଧତି

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କୁ ସୃଜନାତ୍ମକ ଲିଖନକୁ ନେଇ ପୋଟଫୋଲିଓ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦିଆଯାଇପାରେ । ଶିକ୍ଷକଙ୍କ ସହାୟତାରେ ସେମାନେ ପୋର୍ଟଫୋଲିଓର ଅଗ୍ରଗତିକୁ ତଦାରଖ କରିବେ । ଏହି ଭଳି ପୋଟଫୋଲିଓରେ କେବଳ ଲେଖା / ନ୍ୟସ୍ତ କାର୍ଯ୍ୟ ସଂଗ୍ରହ କରାଯାଏ ନାହିଁ ବରଂ ଅଗ୍ରଗତିର ରେକର୍ଡ଼ ମଧ୍ୟ ରଖାଯାଏ । ସେଥିପାଇଁ ଲିଖିତ କାର୍ଯ୍ୟର ସହପାଠୀଙ୍କ ଦ୍ୱାରା ମାନ ନିର୍ଦ୍ଧାରଣ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଶିକ୍ଷାର୍ଥୀମାନେ ପ୍ରସ୍ତାବିତ ଧାରଣାଗୁଡ଼ିକ ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରାଯାଏ । ସେମାନଙ୍କ ଲେଖାର ସଂଗ୍ରହରୁ ହିଁ ସେମାନେ କେତେ ଆଗ୍ରଗତି କରିଥାନ୍ତି ଓ ଏହି ସ୍ତରରେ ଲିଖନ ପ୍ରକ୍ରିୟାର ସୋପାନକୁ ସେମାନେ କିପରି ଅନୁସରଣ କରୁଛନ୍ତି ଜଣାପଡ଼େ ।

### ଲିଖିତ କାର୍ଯ୍ୟ-୨

ଅଧିକ ଦିନ ଖରା ଓ ଗରମ ହେବା ପରେ ବର୍ଷାଋତୁ ଏକ ଆଶୀର୍ବାଦ । ବର୍ଷାରେ ଓଦା ହେବା, ଥଣ୍ଡା ଅନୁଭବ କରିବା ଓ ସତେଜ ହେବାର ମଜା ଅଛି । କିନ୍ତୁ ଅଦିନିଆ ଓ ଅଧିକ ଦିନ ବର୍ଷା ହେଲେ ବିପତ୍ତି ସୃଷ୍ଟି ହୋଇପାରେ, ଯେପରି- ଚେନ୍ନାଇ, କାଶ୍ମୀର ।

Module 4

◆ ପିଲାମାନଙ୍କୁ ଖବରକାଗଜ, ଇଣ୍ଟରନେଟ୍ ଆଦିରୁ ଖବର ସଂଗ୍ରହ କରିବାକୁ କୁହନ୍ତୁ।

◆ ଏହି ତଥ୍ୟଗୁଡ଼ିକୁ ତାରିଖ ଅନୁସାରେ ସଜାଇ ରଖ, ଘଟଣାର କାରଣ ଓ ସରକାର / ଲୋକମାନେ ନେଇଥିବା ପ୍ରତିକାର ବ୍ୟବସ୍ଥା ବିଷୟରେ ଲେଖ।

◆ ଲୋକମାନଙ୍କ, ପଶୁ ଆଦିଙ୍କ ଜୀବନ ରକ୍ଷା କରିବାରେ ଉଲ୍ଲେଖନୀୟ ସାହାସ ଦେଖାଇଥିବା ନାୟକମାନଙ୍କ କାହାଣୀକୁ ଆଉଥରେ ଲେଖ।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ

ଉପରୋକ୍ତ ଦୁଇଟି କାର୍ଯ୍ୟ ସମାପନ ପାଇଁ ସମ୍ବଳ ସଂଗ୍ରହ ଓ ଲେଖିବା ପାଇଁ ସମୟ ଆବଶ୍ୟକ। ଶିକ୍ଷକ ସେମାନଙ୍କ ଅଗ୍ରଗତି ବିଷୟରେ ପଚାରିପାରନ୍ତି ଓ ସେମାନେ ଆବଶ୍ୟକ କଲେ ସାହାଯ୍ୟ କରିପାରନ୍ତି।

ଶିକ୍ଷାର୍ଥୀମାନେ ପ୍ରସ୍ତୁତ ହେଲେ ମାନ ନିର୍ଦ୍ଧାରଣ କରାଯିବ।

◆ ବିଭିନ୍ନ ଉତ୍ସରୁ ସାମଗ୍ରୀ ସଂଗ୍ରହ କରିବାର ଦକ୍ଷତା

◆ ତଥ୍ୟଟି ପ୍ରାମାଣିକ – ନିଶ୍ଚିତ କରିବା।

◆ ପଦ୍ଧତିରେ ସ୍ୱଚ୍ଛତା ଓ ସହପାଠୀଙ୍କ ସହିତ ସମ୍ବଳ ବଣ୍ଟନରେ ଉତ୍ସୁକତା।

◆ ଅପସାରିତ କରି ପଢ଼ିବା ଓ ଦୃଷ୍ଟିନିକ୍ଷେପ କରି ପଢ଼ିବାର କୌଶଳ

◆ ଘଟଣାବଳୀକୁ କ୍ରମ ଅନୁସାରେ, ସଂଗତ ସହ ଲେଖ।

ଆପଣଙ୍କ ପର୍ଯ୍ୟବେକ୍ଷଣ ଓ ମାନ ନିର୍ଦ୍ଧାରଣ ଆଧାରରେ ଅଧିକ ପଏଣ୍ଟ ଯୋଡ଼ି ପାରନ୍ତି।

## ଶିକ୍ଷକଙ୍କ ପାଇଁ ଟିପ୍ପଣୀ –

ଶିକ୍ଷାର୍ଥୀଙ୍କ ମଧ୍ୟରେ ଭାଷା କୌଶଳ ଓ ଭାବ ବିନିମୟ ଦକ୍ଷତାର ବିକାଶ ପାଇଁ ଶିକ୍ଷକ ଅଂଚଳ ଭିତ୍ତିକ କାର୍ଯ୍ୟ ଯୋଡି ପାରନ୍ତି।

## ଇତିହାସ (ଉଚ୍ଚ ପ୍ରାଥମିକ)

ଇତିହାସର ଶିକ୍ଷାର୍ଥୀମାନେ ଐତିହାସିକ ଘଟଣାବଳୀ ଓ ଧାରଣା ବିଷୟରେ ବୁଝିବା ଆବଶ୍ୟକ। ସେମାନେ ଇତିହାସ ଅଧ୍ୟୟନରେ ବ୍ୟବହୃତ ବିଭିନ୍ନ ଗଭୀର ଚିନ୍ତନ କୌଶଳଗୁଡ଼ିକୁ ପ୍ରୟୋଗ

କରିବେ ବୋଲି ଆଶା କରାଯାଏ । କିନ୍ତୁ ଏହି କ୍ଷେତ୍ରରେ ଜ୍ଞାନ ଓ କୌଶଳକୁ ଭିନ୍ନ ରୂପରେ ବ୍ୟବହାର କରାଯାଏ । ଇତିହାସ ଗୋଟିଏ ବିଷୟ, ଏହା ବିଭିନ୍ନ ଘଟଣାବଳୀର ସଂଗ୍ରହ । ଏହାକୁ ବର୍ଣ୍ଣନାତ୍ମକ ଢ଼ଙ୍ଗରେ ଶିକ୍ଷାଦାନ କରାଯାଏ । କିନ୍ତୁ ଯେଉଁଭଳି ଶୈଳୀରେ ଇତିହାସ ପଢ଼ାଯାଏ ବ୍ୟାଖ୍ୟାନ, ବହି ପଢ଼ିବା, ଘୋଷିବା ଏବଂ ପରୀକ୍ଷା ଦେବା – ଏହା ଶିକ୍ଷାର୍ଥୀଙ୍କ ପାଇଁ କେବଳ ବିରକ୍ତିକର ନୁହେଁ ବରଂ ବାସ୍ତବ ଇତିହାସ ଶିକ୍ଷଣ ହାସଲ କରିବାରେ ମଧ୍ୟ ଫଳପ୍ରଦ ହୋଇନଥାଏ ଯଦି ଶିକ୍ଷାର୍ଥୀମାନଙ୍କୁ ଐତିହାସିକ ତଥ୍ୟବଳୀଗୁଡ଼ିକୁ ଗଭୀର ଚିନ୍ତନ କୌଶଳ ବ୍ୟବହାର କରି ପ୍ରଶ୍ନ ପଚାରିବାର ସୁଯୋଗ ସୃଷ୍ଟି କରାଯାଉନାହିଁ ତେବେ ସେମାନଙ୍କ ଐତିହାସିକ ଜ୍ଞାନ ହାସଲ ହେବ ନାହିଁ । ପାଠ ସହିତ ଗଭୀର ଚିନ୍ତନ କୌଶଳକୁ ସଂପର୍କିତ କରିବାକୁ ହେଲେ, ଶିକ୍ଷାଦାନ କୌଶଳର କେନ୍ଦ୍ରବିନ୍ଦୁ ପ୍ରକ୍ରିୟା ଭିତ୍ତିକ ଶିକ୍ଷଣ ହିଁ ହେବ । ପାଠଟିର ପ୍ରୟୋଗାତ୍ମକ ଦିଗ ହିଁ ଚିନ୍ତନକୁ ଉଦ୍ରେକ କରିଥାଏ । ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଶିକ୍ଷକ ଇତିହାସ ଶିକ୍ଷାଦାନ ସମୟରେ ବହିରେ ଯାହା ଦିଆଯାଇଛି ତାକୁ ପଢ଼ାଇବା ବ୍ୟତୀତ ଶିକ୍ଷାର୍ଥୀକୁ ବିଭିନ୍ନ ବହିରେ ସୃଜନାତ୍ମକ ଶିକ୍ଷଣ ପଦ୍ଧତି ଅବଲମ୍ବନ କରି ନିଜ ଜ୍ଞାନ ସଂଗଠନ କରିବାକୁ ସୁଯୋଗ ଦେବା ଆବଶ୍ୟକ । ଶିକ୍ଷାର୍ଥୀଙ୍କୁ ଉଚ୍ଚତର ଚିନ୍ତନ କୌଶଳରେ ସହାୟତା କରିବା ପାଇଁ ପ୍ରାଥମିକ ଉତ୍ସ ବ୍ୟବହାର କରି କାର୍ଯ୍ୟରେ ନିୟୋଜିତ କରିବା ମଧ୍ୟ ଗୋଟିଏ ଉପାୟ ଅଟେ ।

ଶିକ୍ଷାର୍ଥୀମାନଙ୍କୁ ପ୍ରାଥମିକ ଉତ୍ସକୁ ବୁଝାଇବାରେ ସାହାଯ୍ୟ କରିବା ପାଇଁ ଏକ ଉଦାହରଣ ଦିଆଯାଇଛି । ନିମ୍ନରେ ଦିଆଯାଇଥିବା ଶିକ୍ଷଣ ଫଳାଫଳକୁ ହାସଲ କରିବା ପାଇଁ ବିଭିନ୍ନ ଶିକ୍ଷଣକାର୍ଯ୍ୟ ଓ ମାନ ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ଉଦାହରଣ ଗଭୀର ଚିନ୍ତନ କୌଶଳ ବିକାଶ କରିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା କେବଳ ଏହି ଶିକ୍ଷଣ ଫଳାଫଳ ହାସଲ ହେବ ନାହିଁ ବରଂ ଇତିହାସରେ ଅନ୍ୟ ଶିକ୍ଷଣ ଫଳାଫଳ ହାସଲ ମଧ୍ୟ ହୋଇପାରିବ ।

Module
4

## ଶିକ୍ଷଣ ଫଳାଫଳ

- ବିଭିନ୍ନ ଉତ୍ସକୁ ଚିହ୍ନଟ କର (ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ ଆଦି) ଏବଂ ଏହି ସମୟରେ ଇତିହାସକୁ ପୁନଃଗଠିତ କରିବାରେ ସେଗୁଡ଼ିକର ବ୍ୟବହାରକୁ ବର୍ଣ୍ଣନା କର।

## ପ୍ରାରମ୍ଭିକ ଆଲୋଚନା କିମ୍ବା ପ୍ରଶ୍ନ - ଉତ୍ତର

ଶିକ୍ଷାର୍ଥୀମାନଙ୍କ ବିଶ୍ଳେଷଣାତ୍ମକ ଚିନ୍ତନ କୌଶଳର ଉଦ୍ରେକ ପାଇଁ ଠିକ୍ ପ୍ରଶ୍ନ ପଚାରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଶିକ୍ଷାର୍ଥୀମାନଙ୍କ ସହିତ ପ୍ରାଥମିକ ଆଲୋଚନା ଓ ସେମାନଙ୍କ ଉତ୍ତର ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ବାସ୍ତବ ଜ୍ଞାନ ବିଷୟରେ ଏକ ଧାରଣା ଦିଏ।

ଶିକ୍ଷକ କଳାପଟାରେ 'ପ୍ରାଥମିକ ଉତ୍ସ' ଲେଖିପାରନ୍ତି, ଶିକ୍ଷାର୍ଥୀମାନଙ୍କୁ ଏହି ବିଷୟରେ ଚିନ୍ତା କରିବାକୁ କିଛି ସମୟ ଦେବେ ଏବଂ ପରେ ସେମାନଙ୍କୁ ନିଜ ଭାଷାରେ ବୁଝାଇବାକୁ କିମ୍ବା ଚିତ୍ର ଆଙ୍କିବାକୁ କହିପାରନ୍ତି।

କିଛି ସମୟ ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ 'ପ୍ରାଥମିକ ଉତ୍ସ କଣ' ସେ ବିଷୟରେ ଚିନ୍ତା କରିବାକୁ କହିବେ। ଶିକ୍ଷାର୍ଥୀମାନେ ଭିନ୍ନଭିନ୍ନ ଉତ୍ତର ଦେଇପାରନ୍ତି – "ଆମେ ଯେଉଁ ଉତ୍ସ ବ୍ୟବହାର କରୁଛୁ', ' ବହୁ ବର୍ଷ ପୂର୍ବରୁ ଯେଉଁ ଉତ୍ସ ବ୍ୟବହୃତ ହେଉଥିଲା', ଏବଂ 'ଐତିହାସିକ ମାନେ ଯେଉଁ ଉତ୍ସ ଆବଶ୍ୟକ କରନ୍ତି।'

(ଶିକ୍ଷାର୍ଥୀମାନଙ୍କ ଉତ୍ତର ସେମାନେ ଉତ୍ସ ବିଷୟରେ କେତେ ଅଧିକ କିମ୍ବା କେତେ କମ୍ ଜାଣିଛନ୍ତି, ଶିକ୍ଷକଙ୍କୁ ଏହା ମାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବ।)

ଶିକ୍ଷାର୍ଥୀମାନଙ୍କୁ ଗତ ୨୪ ଘଣ୍ଟା ମଧ୍ୟରେ ସେମାନେ ନିୟୋଜିତ ହୋଇଥିବା ସମସ୍ତ କାର୍ଯ୍ୟ ବିଷୟରେ ଚିନ୍ତା କରିବାକୁ କହିବେ। ଶିକ୍ଷାର୍ଥୀମାନଙ୍କୁ ସେମାନେ ଗତ ୨୪ ଘଣ୍ଟା ମଧ୍ୟରେ ବାସ୍ତବ ଜଗତରେ ଥିଲେ ବୋଲି ପ୍ରାମାଣିକ ତଥ୍ୟ ପ୍ରଦାନ କରିବାକୁ କହିବେ। ଶିକ୍ଷାର୍ଥୀମାନେ ଅନେକ ଉତ୍ତର ଦେଇଥିଲେ, ସେଗୁଡିକ ହେଲା।

'ଗତକାଲି ମୋ ବାପା ଘରେ ମୁଁ ଗୃହକର୍ମ କରୁଥିବାର ଦେଖିଥିଲେ।' ଏହି ଶିକ୍ଷାର୍ଥୀ କହିଲା ତା' ବାପା ତା'ର ବାସ୍ତବ ଜଗତର ଉପସ୍ଥିତିକୁ ପ୍ରମାଣ କରିପାରିବେ। ଅନ୍ୟ ଜଣେ ଶିକ୍ଷାର୍ଥୀ କହିଲା 'ମୁଁ ଗତକାଲି ମୋ ସାଙ୍ଗ ଘରକୁ ଯାଇଥିଲି।' ଏହି

Module
4

କ୍ଷେତ୍ରରେ ମୋ ସାଙ୍ଗ ତାଙ୍କ ଘରକୁ ଯିବା ବିଷୟରେ କହିପାରିବ। ତେଣୁ ଏହା ମୋର ବାସ୍ତବ ଉପସ୍ଥିତର ପ୍ରମାଣ ଦେଇପାରିବ। (ଏହା ଶିକ୍ଷକଙ୍କୁ ମାନନିର୍ଦ୍ଧାରଣ କରିବାରେ ସାହାଯ୍ୟ କଲା ଯେ, ଶିକ୍ଷାର୍ଥୀମାନେ ପ୍ରାଥମିକ ଉତ୍ସକୁ ଦୈନନ୍ଦିନ ଜୀବନର ଅନୁଭୂତି ଆଧାରିତ ବୋଲି ଭାବିଛନ୍ତି, ସେମାନଙ୍କର ଏହି ବିଷୟରେ ଅସ୍ପଷ୍ଟ ଧାରଣା ଅଛି, ତେଣୁ ସେ ଶିକ୍ଷାର୍ଥୀମାନଙ୍କୁ ପ୍ରାଥମିକ ଉତ୍ସର ବିଭିନ୍ନ ଦିଗକୁ ବୁଝିବାକୁ ସାହାଯ୍ୟ କରିବା ପାଇଁ ପ୍ରଶ୍ନ ପଚାରିଲେ। ଇତି ମଧ୍ୟରେ ସେ ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ଆଲୋଚନା' ସହିତ ମଧ୍ୟ ପରିଚିତ କଲେ ଓ ସ୍ୱ-ମାନନିର୍ଦ୍ଧାରଣ ପାଇଁ କେଉଁ ସବୁ ଆଧାରକୁ ବ୍ୟବହାର କରାଯାଇପାରେ ସେହି ବିଷୟରେ ସେମାନଙ୍କ ସହିତ ଆଲୋଚନା କଲେ।)

ଆଲୋଚନାକୁ ଆଗେଇ ନେବା ପାଇଁ ଶିକ୍ଷାର୍ଥୀଙ୍କୁ ପଚାରିଲେ – 'ତୁମର ବାସ୍ତବ ଉପସ୍ଥିତିର ପ୍ରମାଣ ପାଇଁ ଲୋକମାନଙ୍କ ଉପସ୍ଥିତି ବିନା ଆଉ କିଛି ଉତ୍ତର ଅଛି କି ?'

ଜଣେ ଶିକ୍ଷାର୍ଥୀ କହିଲା –

'ମୁଁ ଗତକାଲି ଡାକ୍ତରଙ୍କ ପାଖକୁ ଯାଇଥିଲି ଓ ସେ ମୋତେ କିଛି ଔଷଧ ଖାଇବାକୁ କହିଲେ – ' ତାହା ହିଁ ମୋ ବାସ୍ତବ ଉପସ୍ଥତିର ପ୍ରମାଣ

ଅନ୍ୟ ଜଣେ ଶିକ୍ଷାର୍ଥୀ କହିଲା – ବିଦ୍ୟାଳୟରେ ଉପସ୍ଥାନ ଖାତାରେ ପଡ଼ିଥିବା ଉପସ୍ଥାନ ହିଁ ମୋର ପ୍ରମାଣ। ସମସ୍ତ ଶିକ୍ଷାର୍ଥୀ ସେମାନଙ୍କ ଅନୁଭତି ଆଧାରରେ କିଛି କହିବାକୁ ଚେଷ୍ଟା କଲେ। ସେମାନେ ଏହି କାର୍ଯ୍ୟକୁ ଆନନ୍ଦ ପାଇଲେ ଏବଂ ଶିକ୍ଷକ ପ୍ରତି ଶିକ୍ଷାର୍ଥୀକୁ ଅଂଶଗ୍ରହଣ କରିବାକୁ ଉତ୍ସାହିତ କଲେ।

(ସେମାନଙ୍କ ଆନନ୍ଦିତ ଭାବ, ସେମାନେ ଏହି ପାଠଟିରେ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଜଣା ପଡିଲା। ତେଣୁ ଶିକ୍ଷକ ପ୍ରତି ଶିକ୍ଷାର୍ଥୀକୁ କିଛି କହିବା ପାଇଁ ଉତ୍ସାହିତ କଲେ ଓ ସେମାନଙ୍କୁ କୌଣସି ଘଟଣାକୁ ଜାଣିବା ପାଇଁ ଅନେକ ଉତ୍ସ – ଏହାକୁ ବୁଝିବାରେ ସାହାଯ୍ୟ କଲେ।)

ଏପର୍ଯ୍ୟନ୍ତ ଯାହା ପଢ଼ାହୋଇଛି ତାକୁ ବଳବତ୍ତର କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଜେଜେବାପା ଓ ଜେଜେ ମାଙ୍କ ବିଷୟରେ ଜାଣିବା ପାଇଁ ବାପା, ମା ଙ୍କ ସହିତ କଥା ହେବା ପାଇଁ ଉତ୍ସାହିତ କଲେ ଓ ପ୍ରତ୍ୟେକଙ୍କୁ ସଂକ୍ଷେପରେ ୨– ୩ ଟି ବାକ୍ୟ ସେମାନଙ୍କ ବିଷୟରେ ଲେଖିବାକୁ କହିଲେ।

(ଶିକ୍ଷକ ସେମାନଙ୍କୁ ସୂଚନା ଦେଲେ ଯେ ସେମାନଙ୍କୁ ଫଟୋ, କିମ୍ବା ଚିଠି କିମ୍ବା ଅନ୍ୟ କିଛି ବ୍ୟବହାର କରୁଥିବା ଜିନିଷ ଆଦି ମଧ୍ୟ ହୋଇପାରେ)

ତା'ପର ଦିନ ଶିକ୍ଷକ ଲକ୍ଷ୍ୟ କଲେ ଯେ ଶ୍ରେଣୀଟିରେ ବହୁତ ପାଟିତୁଣ୍ଡ ହେଉଛି ଏବଂ ସବୁ ଶିକ୍ଷାର୍ଥୀ କିଛି କହିବାକୁ ଚାହୁଁଛନ୍ତି। ତେଣୁ ଆଲୋଚନା ଆରମ୍ଭ  ହେଲା ଓ ପ୍ରତ୍ୟେକ ଶିକ୍ଷାର୍ଥୀ ଯାହା ପ୍ରସ୍ତୁତ କରିଥିଲେ କହିଲେ। ଜଣେ ଶିକ୍ଷାର୍ଥୀ କହିଲା, ମୋ ବାପା କହିଲେ ମୋ ଜେଜେବାପାଙ୍କୁ ଘଣ୍ଟା ବହୁତ ଭଲ ଲାଗେ ଏବଂ ତାଙ୍କର ଗୋଟେ ସ୍ୱିଇସ୍ ଘଣ୍ଟା ଥିଲା। ଯାହା ଏବେ ବି ଆମ ପାଖରେ ଅଛି କିନ୍ତୁ ତାହା ଏବେ କାମ କରୁନାହିଁ। ଆଉ ଜଣେ ଶିକ୍ଷାର୍ଥୀ କହିଲା, 'ତୁମେ ମିଛ କହୁନାହଁ ବୋଲି ଆମେ କିପରି ଜାଣିବା ?'

ସେହି ଶିକ୍ଷାର୍ଥୀଟି ଉତ୍ତର ଦେଲା ମୁଁ ମୋ ଜେଜେବାପାଙ୍କର ଗୋଟିଏ ଫଟୋ ଆଣିଛି, ଯେଉଁଥିରୁ ତୁମେ ଦେଖିପାରିବ ସେ ହାତରେ ସମାନ ଘଣ୍ଟା ପିନ୍ଧିଛନ୍ତି। ଏହି ପରି ସମସ୍ତ ଶିକ୍ଷାର୍ଥୀ ସେମାନଙ୍କ ଜେଜେବାପା/ ମା ଙ୍କ ବିଷୟରେ କିଛି କହିବାକୁ ଚେଷ୍ଟା କଲେ।

(ଏହି ଆଲୋଚନା ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ପ୍ରଚେଷ୍ଟା) ତଥ୍ୟ ସଂଗ୍ରହ ଓ ଉପସ୍ଥାପନାକୁ ମାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କଲା। ଏଥି ମଧ୍ୟ ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ବର୍ତ୍ତମାନ ଜୀବନ ସହିତ ପାଠକୁ ସଂପର୍କିତ କରିବାରେ ସାହାଯ୍ୟ କଲା ଓ ଇତିହାସ କେବଳ ଅତୀତର ଘଟଣାବଳୀ କିମ୍ବା ମୃତ୍ୟୁ ବ୍ୟକ୍ତିର ବିଷୟର ଅଧ୍ୟୟନ ନୁହେଁ ଏହି ଚିନ୍ତାଧାରା ଦୂର କଲା। ଏଣୁ ଏହି ଭଳି କଥାବାର୍ତ୍ତା ଧାରଣାର ବିନିମୟ ଫଳରେ ଶିକ୍ଷାର୍ଥୀମାନେ ସେମାନଙ୍କର ଉତ୍ତର ଯାହା କିପରି ଗୋଟିଏ ପୁରାଣ ଘଟଣା କିମ୍ବା ସ୍ଥାନ କିମ୍ବା ଲୋକ ବିଷୟରେ ଗପଟିଏ ସୃଷ୍ଟି କରିପାରୁଛି ତାକୁ ବୁଝିବା ପାଇଁ ଉତ୍ସାହିତ କଲେ।)

### ସ୍ୱ-ମାନନିର୍ଦ୍ଧାରଣ

ଇତିହାସ ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀମାନଙ୍କ ଠାରୁ ପାଠ ବିଷୟରେ ଆଲୋଚନା ଓ ପ୍ରଶ୍ନ ପଚାରିବା ହିଁ ସାଧାରଣତଃ ଆଶା କରାଯାଏ। କିନ୍ତୁ ଅଧିକାଂଶ ସମୟରେ ଶିକ୍ଷାର୍ଥୀମାନଙ୍କ ଉତ୍ତମ ଆଲୋଚନା କହିଲେ କଣ ବୁଝାଯାଏ, ସେହି ବିଷୟରେ ସ୍ପଷ୍ଟ ଧାରଣା ନଥାଏ। ବେଳେବେଳେ ଶିକ୍ଷକମାନେ ଅନ୍ୟ ଲକ୍ଷ୍ୟ

Module 4

ହାସଲ ଅପେକ୍ଷା ଉତ୍ତମ ଆଲୋଚନା ପାଇଁ ଚିନ୍ତା କରିଥାନ୍ତି। ପ୍ରଥମ କଥା ହେଲା, ଫଳପ୍ରଦ ଭାବେ ହୋଇଥିବା ଆଲୋଚନା ପିଲାମାନଙ୍କୁ ଗୋଟିଏ ପାଠ ସହିତ ଯୋଡି ରଖିଥାଏ ଏବଂ ତାଙ୍କର ଶବ୍ଦ ଭଣ୍ଡାର ସହିତ ପରିଚିତ କରାଇଥାଏ ଏବଂ ନୂଆ ପରିସ୍ଥିତିରେ ପ୍ରୟୋଗ କରିଥାଏ। ଶିକ୍ଷାର୍ଥୀମାନେ ନିଜକୁ ମାନନିର୍ଦ୍ଧାରଣ କରିବା ପାଇଁ ତନଖି ତାଲିକା ବହୁତ ସାହାଯ୍ୟ କରିଥାଏ। ନିମ୍ନରେ ଦିଆଯାଇଥିବା ଉଦାହରଣ ଏକ ତନଖି ତାଲିକା । ଏହା ଶିକ୍ଷାର୍ଥୀ ମାନଙ୍କୁ ଆଲୋଚନାରେ ସେମାନଙ୍କ ଅଂଶ ଗ୍ରହଣର ମାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବ।

**ସବଳତା**

- ମୁଁ ଅନ୍ୟମାନଙ୍କୁ ଉତ୍ତମ ବ୍ୟବହାର କରେ।
- ମୁଁ କହିବା ପୂର୍ବରୁ ଚିନ୍ତା କରେ।
- ମୁଁ ଅନ୍ୟମାନଙ୍କ କଥାକୁ ଶୁଣେ।
- ମୁଁ କହୁଥିବା ବ୍ୟକ୍ତି ଆଡ଼କୁ ଅନାଏ।
- ଯଦି ମୁଁ କୌଣସି କଥା ବୁଝିପାରେ ନାହିଁ କିମ୍ୱା ମୋର ଦ୍ୱନ୍ଦ ଦୂର ହେଲା ନାହିଁ ତେବେ ମୁଁ ପ୍ରଶ୍ନ ପଚାରିବାକୁ ପଛଘୁଞ୍ଚା ଦିଏ ନାହିଁ।
- ମୁଁ ସବୁ କଥାକୁ ଖୋଲା ମନରେ ଚିନ୍ତା କରେ।
- ମୋ ବାକ୍ୟ / ପ୍ରଶ୍ନକୁ ବୁଝାଇବା ପାଇଁ ମୁଁ ଦୈନନ୍ଦିନ ଜୀବନର ତଥ୍ୟକୁ ବ୍ୟବହାର କରେ।
- ମୁଁ ଆଲୋଚନା ସମୟରେ କଥା କହିଲା ବେଳେ ଆନନ୍ଦ ଅନୁଭବ କରେ।
- ମୁଁ ମୋର ମତାମତ ସ୍ୱଷ୍ଟ ଭାବରେ ଦିଏ।
- ମୁଁ ମୋ ଜେଜେବାପା, ଜେଜେମା ଙ୍କ ବିଷୟରେ ୨-୩ଟି କଥା ଲେଖିପାରିବି।
- ମୁଁ ଲେଖିଥିବା ତଥ୍ୟ ବିଷୟରେ ମୋ ସାଙ୍ଗମାନେ ପ୍ରଶ୍ନ ପଚାରିଲେ ମୁଁ ଭଲଭାବେ ବୁଝାଇପାରିବି।
- ମୁଁ ବିଭିନ୍ନ ପ୍ରକାର ଉଦାହରଣ ଦେଇ ପାରିବି; ବସ୍ତୁ ଫଟୋ, ଚିଠି, ସାର୍ଟିଫିକେଟ।
- ମୁଁ ଆଲୋଚନାର ଉଦ୍ଦେଶ୍ୟ ବିଷୟରେ ଭଲରେ ଜାଣିଛି।
- ମୁଁ ଆଲୋଚନା ପାଇଁ ପ୍ରସ୍ତୁତ ଅଛି।

Module
4

## ଦୁର୍ବଳତା

- ମୁଁ ଅନ୍ୟମାନଙ୍କୁ କହିବାରେ ବାଧା ଦିଏ।
- ମୁଁ ଯିଏ କୁହନ୍ତି ତାଙ୍କ ମୁହଁକୁ ଅନାଏ ନାହିଁ।
- ମୁଁ ଆଦୌ କହିନଥିଲି।
- ମୁଁ ଅଧିକ କଥା କହିଥିଲି।
- ମୁଁ ଆଲୋଚ୍ୟ ବିଷୟ ବ୍ୟତୀତ ଅନ୍ୟ ବିଷୟରେ କହିଲି।
- ମୁଁ ଅନ୍ୟମାନଙ୍କ କଥା ଶୁଣିନଥିଲି।
- ମୁଁ ଅନ୍ୟମାନଙ୍କ ପ୍ରତି ଉଚିତ୍ ବ୍ୟବହାର କରିନଥିଲି।
- ମୁଁ ମୋ ଜେଜେ ବାପାଙ୍କ ବିଷୟରେ ଅଧିକ କଥା ଲେଖିନଥିଲି।
- ମୋ ଲେଖା ବିଷୟରେ ମୋ ସାଙ୍ଗମାନେ ପଚାରିଥିବା ପ୍ରଶ୍ନର ଉତ୍ତର ମୁଁ ଦେଇନଥିଲି।
- ମୁଁ ଆଲୋଚନାର ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ଜାଣିନଥିଲି।
- ମୁଁ ଆଲୋଚନା ପାଇଁ ପ୍ରସ୍ତୁତ ନଥିଲି।

ଉପରୋକ୍ତ ତନଖି ତାଲିକାର ଫଳାଫଳ ଜାଣିବା ପରେ, ଶିକ୍ଷାର୍ଥୀମାନେ ଆଗାମୀ ଆଲୋଚନାରେ ସେମାନଙ୍କ ଅଂଶଗ୍ରହଣରେ ଉନ୍ନତି ଆଣିବା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରିବେ। ମନେରଖନ୍ତୁ, ଉନ୍ନତି ପାଇଁ ସୁଯୋଗ ରହିଛି। ପ୍ରାଥମିକ ଉତ୍ସ ବିଷୟରେ ଆଲୋଚନା ଜାରି ରହିଲା ଏବଂ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରାଥମିକ ଉତ୍ସକୁ ଦେଖାଗଲା – ଯେପରି, ପ୍ରତିରୂପ, ଠାକୁରାଣୀଙ୍କ ଫଟୋ, ମୋହର, ପାତ୍ର, କଳାକୃତି, ଖୋଦନର ଅଂଶ ବିଶେଷ, ସ୍ଥାନର ଚିତ୍ର, କୋଠାଘରେ ଏବଂ କୀର୍ତ୍ତିରାଜି ଆଦି ଏହି ଉତ୍ସଗୁଡ଼ିକ କାହିଁକି ଓ କିପରି ଭାବରେ ପୁରାତନ ଇତିହାସ ଜଡିତ, ସେହି ବିଷୟରେ ଆଲୋଚନା ହେଲା।

(ଏଠାରେ ଆମକୁ ମନେରଖିବାକୁ ପଡ଼ିବ ଯେ ଶିକ୍ଷାର୍ଥୀମାନଙ୍କୁ ଉତ୍ସ ସହିତ ପରିଚିତ କରାଇବା ଏବଂ ସେମାନଙ୍କୁ ସେହି ଉତ୍ସ ବିଷୟରେ ଧାରଣା ଦେବା ପାଇଁ ନିରନ୍ତର ସହାୟତା କରିବାରେ ଆବଶ୍ୟକତା ଅଛି। ଏଥିପାଇଁ ଆମକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସ ବିଷୟରେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବାରେ ଅଭ୍ୟାସ ସୃଷ୍ଟି କରିବାକୁ ପଡ଼ିବ। ଏତଦ୍‌ବ୍ୟତୀତ, ଯଦି ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ

**Module 4**

କେତେ ପାଠଗତ, ଦୃଶ୍ୟମାନ ଉତ୍ସ ବିଷୟରେ ବିସ୍ତୃତ ଭାବରେ ବ୍ୟାଖା କରିବା / ପର୍ଯ୍ୟବେକ୍ଷଣ କରିବାରେ ସହାୟତା କରିବେ ଧୀରେଧୀରେ ଶିକ୍ଷାର୍ଥୀମାନେ ଏସବୁ ବିଷୟରେ ପଢ଼ିବା ଓ ବିଶ୍ଳେଷଣ କରିବାକୁ ଆରମ୍ଭ କରିବେ ଏବଂ ସେମାନେ ଇତିହାସ ଏକ ବିଷୟ, ଯାହା ଘଟଣା ବଳୀର ସମାହାର ଓ ଯେତେ ନିରପେକ୍ଷ ଭାବେ ଉପସ୍ଥାପନ କରାଗଲେ ମଧ୍ୟ ଏହା ବିଷୟ ଭିତ୍ତିକ – ଏହି ଗୁରୁତ୍ୱପୂର୍ଣ୍ଣ ଧାରଣାକୁ ଅନୁଭବ କରିବେ । ଥରେ ଶିକ୍ଷାର୍ଥୀମାନେ ନିର୍ଦ୍ଦେଶିତ କାର୍ଯ୍ୟ ମାଧ୍ୟମରେ ପରିଚିତ ହୋଇଗଲେ ସେମାନେ ଜଟିଳ, ବ୍ୟାଖ୍ୟା ଓ ବିଶ୍ଳେଷଣ କାର୍ଯ୍ୟ ଆଡକୁ ଧୀରେଧୀରେ ଅଗ୍ରସର ହେବେ ।



ଚିତ୍ର – ୧
ମେହରୁଲୀ, ଦିଲ୍ଲୀ ଠାରେ ଥିବା ଲୌହସ୍ତମ୍ଭ



ଚିତ୍ର – ୨ ମହେଞ୍ଜୋଦରୋ ଠାରେ ମିଳିଥିବା ପଥର ମୂର୍ତ୍ତି



ଚିତ୍ର – ୩
ଛିଦ୍ରକ ଥିବା ମୁଦ୍ରା



ଚିତ୍ର – ୪ ଜୈନ ମଠ, ଓଡ଼ିଶା

(ବିଭିନ୍ନ ପ୍ରକାର ପ୍ରାଥମିକ ଉତ୍ସର ଉପସ୍ଥାପନ କେବଳ ଶିକ୍ଷାର୍ଥୀମାନଙ୍କୁ ଏକ ଅତି ଉତ୍ତମ, ଅଂଶଗ୍ରହଣାତ୍ମକ ଆଲୋଚନା କରିବାରେ ସାହାଯ୍ୟ କଲା ନାହିଁ ବରଂ ଅଧିକ ବିଚାରବନ୍ତ ଭାବରେ ଐତିହାସିକ ଚିନ୍ତନ କରିବାର ଭିତ୍ତିଭୂମି ସୃଷ୍ଟି କଲା ।

Module
4

ଏହି ଉତ୍ସଗୁଡ଼ିକୁ ସମୀକ୍ଷା କରିବା ସମୟରେ ଶିକ୍ଷାର୍ଥୀମାନେ ଶିକ୍ଷାଦାନ, ଖୋଲା ଆଲୋଚନା ମାଧ୍ୟମରେ ପ୍ରାଥମିକ ଉତ୍ସକୁ କିପରି ଐତିହାସିକମାନେ ବ୍ୟବହାର କରି ଗଳ୍ପ କହୁଥିଲେ। ତାହାକୁ ଆବିଷ୍କାର କରିବାକୁ ଆରମ୍ଭ କଲେ।)

ପ୍ରାଥମିକ ଉତ୍ସ ବିଷୟରେ ଉତ୍ତମ ଧାରଣା ଦେବା ପରେ, ଶିକ୍ଷକ ପରବର୍ତ୍ତୀ କାର୍ଯ୍ୟ ଆଡ଼କୁ ଅଗ୍ରସର ହେଲେ ଏବଂ ଶିକ୍ଷାର୍ଥୀମାନଙ୍କୁ ଏକ ଉଦ୍ଧୃତ ଅଂଶ ପଢ଼ିବାକୁ କହିଲେ ଓ ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ଜାଣିବାକୁ ଚାହିଁଲେ।

ଅଶୋକ ତାଙ୍କର ଗୋଟିଏ ଶିଳାଲିପିରେ କ'ଣ ଘୋଷଣା କରିଥିଲେ:

ମୁଁ ରାଜା ହେବାର ଆଠ ବର୍ଷ ପରେ କଳିଙ୍ଗକୁ ଜୟ କରିଥିଲି। ପାଖାପାଖି ଦେଢ଼ ଲକ୍ଷ ଲୋକଙ୍କୁ ବନ୍ଦୀ କରାଯାଇଥିଲା ଓ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରିଥିଲେ।

ଏହା ମୋତେ ଦୁଃଖରେ ବୁଡ଼ାଇଦେଲା, କାହିଁକି ? ଯେତେବେଳେ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ପରାଜିତ ହୁଏ, ଲକ୍ଷାଧିକ ଲୋକ ମୃତ୍ୟୁ ବରଣ କରନ୍ତି ଓ ଅନେକ ବନ୍ଦୀ ଜୀବନଯାପନ କରନ୍ତି, ବ୍ରାହ୍ମଣ ଓ ମଠାଧୀଶମାନେ ମଧ୍ୟ ମୃତ୍ୟୁବରଣ କରନ୍ତି ଯେଉଁ ଲୋକମାନେ ସେମାନଙ୍କ ପରିବାର ବର୍ଗ, ବନ୍ଧୁ ମାନଙ୍କ ପ୍ରତି, କର୍ମଚାରୀଙ୍କ ପ୍ରତି ଦୟାଳୁ, ସେମାନେ ମଧ୍ୟ ମୃତ୍ୟୁବରଣ କରନ୍ତି।

ସେଥିପାଇଁ ମୁଁ ଦୁଃଖିତ ହେଲି ଏବଂ ନିଷ୍ପତ୍ତି ନେଲି ମୁଁ ଧର୍ମକୁ ପାଳନ କରିବି ଓ ଅନ୍ୟମାନଙ୍କୁ ଏହି ବିଷୟରେ ଶିକ୍ଷାଦାନ ଦେବି।

ମୁଁ ବିଶ୍ୱାସ କରେ ଲୋକମାନଙ୍କୁ ଧର୍ମ ମାଧ୍ୟମରେ ଜୟ କରିବା, ବାଧ୍ୟ କରି ପରାସ୍ତ କରିବା ଠାରୁ ବହୁ ଗୁଣେ ଶ୍ରେୟସ୍କର।

ମୁଁ ଭବିଷ୍ୟତ ପାଇଁ ଏହି ବାର୍ତ୍ତା ଖୋଦନ କରୁଛି। ଫଳରେ ମୋ ପୁଅ ଓ ନାତିମାନେ ଯୁଦ୍ଧ ବିଷୟରେ ଚିନ୍ତା କରିବେ ନାହିଁ। ବରଂ ସେମାନେ ଧର୍ମକୁ କିପରି ପରିବ୍ୟାପ୍ତ କରିବେ, ସେହି ବିଷୟ ଚିନ୍ତା କରିବେ।

ଷଷ୍ଠ ଶ୍ରେଣୀ ଇତିହାସ ପାଠ୍ୟପୁସ୍ତକରେ ଅଶୋକଙ୍କ ଖୋଦନରୁ ଏହି ଉଦ୍ଧୃତାଂଶ ନିଆଯାଇଛି। ଶିକ୍ଷକ ପୂର୍ବରୁ ଏହି ଶିକ୍ଷଣ କାର୍ଯ୍ୟ ଓ ସେମାନଙ୍କ ଠାରୁ କଣ ଆଶା କରାଯାଉଛି (ସହପାଠୀଙ୍କ ଦ୍ୱାରା ମାନ ନିର୍ଦ୍ଧାରଣର ଆଧାର) ସେ ବିଷୟରେ ବୁଝାଇଥିଲେ। ସେ ପ୍ରଶ୍ନର

Module
4

ସେଟ୍ ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କଲେ। ସେ ପୂର୍ବରୁ ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚିତ ଓ ପ୍ରସ୍ତୁତ ମାନ ନିର୍ଦ୍ଧାରଣର ଏକ ରୁବ୍ରିକ୍ସ ପ୍ରଦାନ କଲେ। ସେ ଜଣେ ଐତିହାସିକ ଭାବରେ ଏହି ବିଷୟରେ ଅଧିକ ଜାଣିବାକୁ ଚାହୁଁଥିବା ଶିକ୍ଷାର୍ଥୀ ପ୍ରଶ୍ନ ପଚାରି ପାରିବ ଏହା ବୁଝାଇଲେ। ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କଲେ ଯେ, ଉତ୍ସ ବିଷୟରେ ଯେତେ ଅଧିକ ପ୍ରଶ୍ନ ପଚାରିବା, ଧାରଣାକୁ ବୁଝିବାରେ ତାହା ଅଧିକ ସାହାଯ୍ୟ କରିବ ଓ ଏହି ଉତ୍ସ ସଂପର୍କରେ ଏହି ତଥ୍ୟ ବ୍ୟବହାର କରିବ। ଏଥିପାଇଁ ସେ ଏକ ମୁଦ୍ରାର ଉଦାହରଣ ଦେଲେ ଏବଂ କହିଲେ।

ଆମେ ସମସ୍ତେ ଜାଣିଛେ ମୁଦ୍ରା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। କିନ୍ତୁ ବିଭିନ୍ନ ପ୍ରକାର ପ୍ରଶ୍ନ (ଯେପରି ଏହା କେଉଁଥିରେ ପ୍ରସ୍ତୁତ। ଏହା କେଉଁଠି ମିଳିଲା, ଏହାର ମୂଲ୍ୟ କେତେ ଥିଲା, ଏହା କେବେ ମୁଦ୍ରିତ ହୋଇଥିଲା, କିଏ ଏହାକୁ ଡିଜାଇନ୍ କରିଥିଲା। ଏବଂ ଏଥିରେ କଣ ଚିହ୍ନ ଅଛି) ମୁଦ୍ରା ବିଷୟରେ ଏକ ସାମଗ୍ରିକ ଧାରଣା ଦେଉଛି ଏବଂ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଉତ୍ସ ଭାବରେ ପ୍ରତିପାଦନ କରୁଛି। ଏବଂ ଏହି ଗବେଷଣାକୁ ଆଗକୁ ନେଇ ଏହି ଉତ୍ସ ବିଷୟରେ ନୂତନ ପ୍ରଶ୍ନ ପଚାରିବା ଫଳରେ ନୂଆ ଉତ୍ତରଗୁଡ଼ିକ ଏହି ମୁଦ୍ରା ବିଷୟରେ ସେହି ସମୟରେ ବିଭିନ୍ନ ସିଦ୍ଧାନ୍ତ ଆଡକୁ ଅଗ୍ରସର ହେବ। ତେଣୁ ସେ ସ୍ପଷ୍ଟ ଭାବରେ କହିଲେ ଯେ, ଜଣେ ଅଭ୍ୟାସଗତ ଐତିହାସିକ ଏହିଭଳି ଉପାୟରେ ଉତ୍ସଗୁଡ଼ିକୁ ପରୀକ୍ଷା କରନ୍ତି, ଶିକ୍ଷକ ଓ ଶିକ୍ଷାର୍ଥୀ ଯେଉଁମାନେ ବିଦ୍ୟାଳୟରେ ଇତିହାସ ଅଧ୍ୟୟନ କରୁଛନ୍ତି, ସେମାନେ ମଧ୍ୟ ସମସ୍ତ ପ୍ରକାର ଉତ୍ସ ବିଷୟରେ ଏହିଭଳି ପ୍ରଶ୍ନ ପଚାରିବେ ଓ ବିଷୟ ସହିତ ଗଭୀର ଭାବରେ ନିୟୋଜିତ ରହିବେ।

ଏହାପରେ ଶିକ୍ଷକ ୪/୫ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଗୋଟିଏ ଲେଖାଏଁ ମିଶ୍ରିତ ଦଳ ଗଠନ କଲେ। ସମସ୍ତଙ୍କୁ ଉଦ୍ଧୃତାଂଶକୁ ଯତ୍ନର ସହିତ ପଢ଼ିବାକୁ ଓ ଦଳରେ ଆଲୋଚନା କରିବାକୁ କହିଲେ। ଉଦ୍ଧୃତାଂଶରୁ କେଉଁ ଶବ୍ଦ ବା ଧାରଣା ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଲାଗୁଛି ତାକୁ ବାଛ ପ୍ରଶ୍ନର ଉତ୍ତର ଲେଖିବାକୁ କହିଲେ। ପ୍ରତି ଦଳରୁ ଜଣେ ପିଲା ପ୍ରଶ୍ନର ଉତ୍ତର ଲେଖିବ ଓ ଅନ୍ୟ ପିଲା ଉତ୍ତରକୁ ପଢ଼ିବ। ଶିକ୍ଷାର୍ଥୀମାନେ ଉଦ୍ଧୃତାଂଶକୁ ପଢ଼ିବା ପରେ ସେଥିରୁ ବାହାର କରିଥିବା ଶବ୍ଦ ବା ଧାରଣାର ତାଲିକା କରିବେ।

Module
4

ନିମ୍ନ ପ୍ରଶ୍ନଗୁଡ଼ିକ ପଚରାଯାଇଥିଲା ।

୧. ଉତ୍ସଟି କେଉଁ ପ୍ରକାର ଚିହ୍ନଟ କର । ଏହା ଏକ ଚିଠି, ଶିଳାଲିପି, ଖବର କାଗଜର ଲେଖା । କିମ୍ୱା ଫଟୋ

୨. କିଏ ଲେଖିଥିଲେ / ଲେଖାଟି କିଏ ପାଇଲେ ? ଏହା ଏକ ସାକ୍ଷୀ, ଘଟଣା ସହିତ ପରିଚିତ ଲୋକ ବର୍ଣ୍ଣନା କରିଛନ୍ତି କିମ୍ୱା କିଏ ଯାହା ଶୁଣିଛନ୍ତି ତାକୁ ଲେଖିଛନ୍ତି କିମ୍ୱା ଗବେଷଣା କରାଯାଇଛି ।

୩. କେବେ ଲେଖା ହୋଇଥିଲା ।
ଘଟଣା ବର୍ଣ୍ଣନା କରିବା ସମୟରେ ଲେଖା ହୋଇଥିଲା କି ପରେ ?

୪. କାହାକୁ ଏହା ଲେଖା ହୋଇଥିଲା ? କାହିଁକି ଲେଖା ହୋଇଥିଲା ?

୫. ଏହା କ'ଣ କହୁଛି ? ଏହା ଅତୀତ ବିଷୟରେ କ'ଣ କହୁଛି ?

୬. ପ୍ରମୁଖ ଶବ୍ଦଗୁଡ଼ିକ କ'ଣ ? ସେଗୁଡ଼ିକର ଅର୍ଥ କ'ଣ ?

୭. ସେ କ'ଣ କହୁଛି , ଆମେ ବିଶ୍ୱାସ କରୁଛେ କି ?
ଲୋକଟି ସେଠି ଥିଲା କି ? ଏହା ବିଶ୍ୱସନୀୟ କି ?
ତଥ୍ୟଟି ଠିକ୍ କି ? ଏହା ନିରପେକ୍ଷ କି ?
ଅନ୍ୟ ଅର୍ଥରେ ଏହା କାହାର ଦୃଷ୍ଟିକୋଣ ?

୮. ମୁଁ ସେହି ସମୟର ଇତିହାସ ଲେଖିଥିଲେ ତାହା ବ୍ୟବହାର ଯୋଗ୍ୟ ହୋଇଥାଆନ୍ତି କି ? ଅଶୋକଙ୍କ ସମୟରେ ଶିଳାଲିପିକୁ ଜଣେ ଐତିହାସିକ ଗବେଷଣା କଲେ ଏହା କେତେ ଫଳପ୍ରଦ ହେବ ?

ଶିକ୍ଷକ ଲକ୍ଷ୍ୟ କଲେ ଯେ, ଅଧିକାଂଶ ଶିକ୍ଷାର୍ଥୀ ଉତ୍ତର ଦେଲେ ଏହା ଏକ ପ୍ରାଥମିକ ଉତ୍ସ ଓ ଅଶୋକଙ୍କ ଶିଳାଲିପିର ଉଦ୍ଧୃତାଂଶ । ଶିକ୍ଷାର୍ଥୀମାନେ ବିଶ୍ୱାସ କରନ୍ତି ଯେ, ଉଦ୍ଧୃତାଂଶରେ ଥିବା ବର୍ଣ୍ଣନା ଅଶୋକ ହିଁ କରିଛନ୍ତି ।

(ଶିକ୍ଷକ ଏଠାରେ ମାନନିର୍ଦ୍ଧାରଣ କଲେ ଯେ ଶିକ୍ଷାର୍ଥୀମାନେ ଯାହା ଶିଖିଛନ୍ତି ତାକୁ ପ୍ରୟୋଗ କରିପାରୁଛନ୍ତି)

ଚତୁର୍ଥ ପ୍ରଶ୍ନର ଉତ୍ତରରେ ଅଧିକାଂଶ ଶିକ୍ଷାର୍ଥୀ କହିଛନ୍ତି ଯେ କଳିଙ୍ଗ ଯୁଦ୍ଧରେ ହୋଇଥିବା ଗଣହତ୍ୟା ଅଶୋକଙ୍କୁ ବହୁତ ବ୍ୟଥିତ କରିଛି ଓ ସେ ଗଭୀର ଅନୁତପ୍ତ । ସେଥିପାଇଁ ସେ

Module
4

ନିଷ୍ପତ୍ତି ନେଲେ ଯେ ଭବିଷ୍ୟତ ପୀଢ଼ି ଓ ସର୍ବ ସାଧାରଣ ଲୋକମାନଙ୍କ ପାଇଁ ସେ ଯୁଦ୍ଧଠାରୁ ଦୂରରେ ରହିବା ପାଇଁ ଶିଳା ଲିପିରେ ଲେଖିବେ ।

ପ୍ରଶ୍ନ - ୫ ପାଇଁ ଶିକ୍ଷାର୍ଥୀମାନଙ୍କ ଉତ୍ତର ଭିନ୍ନ ଥିଲା କିନ୍ତୁ ସମାନ ବିଷୟ ବସ୍ତୁ ଆଧାରିତ ଥିଲା । ଜଣେ ଶିକ୍ଷାର୍ଥୀ କହିଲା, "ଏଥିରୁ ଆମେ ଜାଣିଲେ ରାଜାମାନେ ଯୁଦ୍ଧ କରନ୍ତି ଓ ଅନ୍ୟର ସ୍ଥାନ / ଅଂଚଳକୁ ଜବର ଦଖଲ କରନ୍ତି ଓ ଯୁଦ୍ଧ ଯୋଗୁ ପ୍ରତ୍ୟେକ ପ୍ରଭାବିତ ହୁଅନ୍ତି ।" ଆଉ ଜଣେ ଶିକ୍ଷାର୍ଥୀ କହିଲା "ଏହା ଆମକୁ ଜଣାଉଛି ଯେ ରାଜା ଅଶୋକ ଚାରିଆଡେ ରକ୍ତ ଜର୍ଜରିତ ଦେଖି ଜୀବନରେ ଆଉ କେବେ ବି ଯୁଦ୍ଧ କରିବେ ନାହିଁ ବୋଲି ଶପଥ ନେଲେ ।'

(ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ଚିନ୍ତନପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଦେଖି ବହୁତ ଖୁସି ହେଲେ ।)

ଦୁଇଟି ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ଥିଲା - ପ୍ରଶ୍ନ - ୩ (ଏହା କେବେ ଲେଖା ହୋଇଥିଲା ? ଘଟଣା ବର୍ଣ୍ଣନା କରିବା ସମୟରେ କିମ୍ବା ପରେ ?) ଏବଂ ପ୍ରଶ୍ନ-୭ (ଏଥିରେ ଯାହା ଲେଖାଅଛି ଆମେ ତାକୁ ବିଶ୍ୱାସ କରିବା କି ? ସେ ଲୋକ ସେଠି ଥିଲା କି ? ପ୍ରଥମେ ଶିକ୍ଷାର୍ଥୀମାନେ ପ୍ରଶ୍ନ - ୩ ପାଇଁ ତାଙ୍କ ଅନୁସନ୍ଧାନ କେଉଁଠାରୁ ଆରମ୍ଭ କରିବେ ଜାଣିପାରିଲେ ନାହିଁ, ତେଣୁ ଶିକ୍ଷକ ଅନୁସନ୍ଧାନ କରିବା ପାଇଁ ପଚାରିଲେ । ତୁମେ ଏହି ଉଦ୍ଧୃତାଂଶରୁ କଳିଙ୍ଗ କେବେ ଜୟ କରିଥିଲେ । ସେହି ବିଷୟରେ କିଛି ଜାଣି ପାରିଲ କି ? କେତେକ ଶିକ୍ଷାର୍ଥୀ ଉତ୍ତର ଦେଲେ ହଁ । ଏଥରେ ସୂଚୀତ ହୋଇଛି ଯେ ଅଶୋକ ରାଜା ହେବାର ୮ ବର୍ଷ ପରେ କଳିଙ୍ଗ ବିଜୟୀ ହେଲେ । ଶିକ୍ଷକ କହିଲେ- ଯଦି ଅଶୋକ କେବେ ରାଜା ହୋଇଥିଲେ ସେହି ତାରିଖ କହିଦେବେ, ତେବେ ସେମାନେ କଳିଙ୍ଗ ଯୁଦ୍ଧର ତାରିଖ କହିପାରିବେ କି ? ଯଦିଓ କିଛି ଶିକ୍ଷାର୍ଥୀ କହିଲେ, କିନ୍ତୁ ସେମାନଙ୍କ ମୁହଁର ଭାବରୁ ଶିକ୍ଷକ ଜାଣିପାରିଲେ ଯେ ସେମାନେ ନିଶ୍ଚିତ ନୁହଁନ୍ତି । ଶିକ୍ଷୟତ୍ରୀ କହିଲେ ୨୬୯ ବି.ସି.ରେ ଅଶୋକଙ୍କ ଔପଚାରିକ ରାଜ୍ୟାଭିଷେକ ହୋଇଥିଲା । ତାପରେ ସେ ଶିକ୍ଷାର୍ଥୀଙ୍କୁ ପଚାରିଲେ, 'ଏହି ତଥ୍ୟରୁ ତୁମେମାନେ ଏହା କେବେ ଲେଖା ହୋଇଥିଲା କହିପାରିବ କି ?' ଶିକ୍ଷାର୍ଥୀମାନେ ତାରିଖ ନିର୍ଦ୍ଧାରଣ କରିପାରିଲେ ନାହିଁ ।

Module
4

ସେ ବୁଝାଇଲେ ଯେହେତୁ ତାରିଖଟି ବି.ସି.ରେ ଅଛି। ତେଣୁ ଯଦି ଅଶୋକ ୨୬୯ ବି.ସି.ରେ ରାଜା ହୋଇଥିଲେ ଏବଂ ରାଜା ହେବାର ୮ ବର୍ଷ ପରେ କଳିଙ୍ଗ ବିଜୟୀ ହୋଇଥିଲେ, ତେଣୁ ସେମାନଙ୍କୁ ଏହି ତାରିଖରୁ ୮ ବର୍ଷ ବିୟୋଗ କରିବାକୁ ପଡ଼ିବ ଏବଂ ୨୬୧ ବି.ସି. ସମୟରେ ଶିଳାଲିପିରେ ଲେଖା ହୋଇଥିଲା।

ପ୍ରଶ୍ନ ୬ ରେ ଜଣେ ଶିକ୍ଷାର୍ଥୀଙ୍କ ମନରେ ଦ୍ୱନ୍ଦ ହେଲା – ସେ କହିଲା ଶିଳା ଲିପିରେ 'ଧର୍ମ' ଶବ୍ଦଟି ଭୁଲ୍‌ରେ 'ଧମା' ଲେଖା ହୋଇଛି। ଶିକ୍ଷକ ବୁଝାଇଲେ, ଯେ 'ଧମା' ଓ ସଂସ୍କୃତର 'ଧର୍ମ' ସମାନ, 'ଧମା' ହେଉଛି ପ୍ରକୃତ ଲିପିରେ, ଅଶୋକଙ୍କ ଅଧିକାଂଶ ଶିଳାଲିପି ପ୍ରକ୍ରିତ ଲିପିରେ ଲେଖା ହୋଇଛି।

(ଶିକ୍ଷକା ଶିକ୍ଷାର୍ଥୀର ପର୍ଯ୍ୟବେକ୍ଷଣକୁ ଦେଖି ଖୁସି ହେଲେ। ପ୍ରଶ୍ନ ପଚାରିବା, ଦ୍ୱନ୍ଦ ବିଷରେ ଆଲୋଚନା କରିବା ହିଁ ଶ୍ରେଣୀରେ ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଏହା କେବଳ ଠିକ୍ ଉତ୍ତର ନୁହେଁ।'

ପ୍ରଶ୍ନ – ୭ର ଉତ୍ତରରେ ଜଣେ ଶିକ୍ଷାର୍ଥୀ କହିଲା –

ଶିଳାଲିପିରେ ଅଶୋକଙ୍କର କଳିଙ୍ଗ ବିଜୟ କଥା ଓ ତା' ପରେ ତାଙ୍କର ଅନୁତାପର କଥା ଲେଖାଯାଇଛି। ଅନ୍ୟ ଜଣେ ଶିକ୍ଷାର୍ଥୀ କହିଲା, ଏହି ଶିଳାଲିପିରେ ଅଶୋକ ଲୋକମାନଙ୍କୁ ଅଭିଭାଷଣ ଦେଉଛନ୍ତି ଏବଂ କଳିଙ୍ଗରେ ଘଟିଥିବା ହିଂସା ପାଇଁ ଗଭୀର ଅନୁତାପକୁ ଉପସ୍ଥାପନ କରିଛନ୍ତି। କିନ୍ତୁ ସେମାନେ ଏହାର ବିଶ୍ୱସନୀୟତା ଉପରେ ନିଶ୍ଚିତ ନୁହଁନ୍ତି।

ଶିକ୍ଷକ ଏହି କ୍ରମରେ କହିଲେ, ଯେହେତୁ ଏହା ଅଶୋକଙ୍କ ଦ୍ୱାରା ଲିଖିତ, ତେଣୁ ଏହା ବିଶ୍ୱାସଯୋଗ୍ୟ। ସେ ବୁଝାଇଲେ ମୟୂରଙ୍କ ଶାସନ ବିଷୟରେ କୁହାଯାଇଛି ଏବଂ ପୁରାଣ, ବୁଦ୍ଧିଷ୍ଟ, ଜୈନଙ୍କ ସାହିତ୍ୟିକ ଲେଖାରେ ଏଗୁଡ଼ିକ ସ୍ଥାନିତ ହୋଇଛି। କିନ୍ତୁ ଅଶୋକଙ୍କ ଶିଳାଲିପିରେ ଅନ୍ୟ ଉତ୍ସ ଅପେକ୍ଷା ଅଧିକ ସୁବିଧା ଅଛି କାରଣ ଏହା ସମକାଳୀନ ଏବଂ ଉତ୍ପତ୍ତି ସ୍ଥଳ ଓ ଏହି ରେକର୍ଡ଼ଗୁଡ଼ିକ ନିର୍ଦ୍ଦିଷ୍ଟ ଓ ବିଶ୍ୱସନୀୟ। ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ 'ବିଜୟୀ' ଶବ୍ଦ ଆଡ଼କୁ ଦୃଷ୍ଟି ନିକ୍ଷେପ କରିବାକୁ କହିଲେ ଓ ବୁଝାଇଲେ ଅଶୋକ ନିରପେକ୍ଷ ଥିଲେ। କାରଣ ସେ ଯୁଦ୍ଧ ହାରି ଅନୁତାପ କରିନଥିଲେ ବରଂ ଜିତି ସାରି ଅନୁତାପ କରିଥିଲେ। ସେ ପ୍ରକୃତରେ ଯୁଦ୍ଧର ଭୟାବହତାକୁ ଅନୁଭବ କଲେ ଓ ସେ ଲୋକମାନଙ୍କୁ ଯୁଦ୍ଧଠାରୁ

Module 4

ଦୂରରେ ରହିବା ପାଇଁ ବୁଝାଇବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ସେ ଧର୍ମ ବିଷୟରେ କହୁଥିଲେ। ଯାହା ନୈତିକତା ଆଧାର ଓ ସବୁ ଧର୍ମରେ ଏହି କଥା କୁହାଯାଇଛି। ତେଣୁ ଏହାକୁ ସନ୍ତୁଳିତ ଓ ନିରପେକ୍ଷ କୁହାଯାଇପାରେ। ଅଧିକାଂଶ ଶିକ୍ଷାର୍ଥୀ କହିଲେ ଏହା ଯେ କୌଣସି ସମୟର ଇତିହାସ ଲେଖିବାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଶିକ୍ଷାର୍ଥୀମାନେ ବୁଝିପାରିଲେ ଯେ ଭୌତିକ କିମ୍ବା ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ, ସାହିତ୍ୟିକ ସାମଗ୍ରୀଠାରୁ ଅଧିକ ସୁରକ୍ଷିତ ତଥ୍ୟ, ତେଣୁ ଅଧିକାଂଶ ସମୟରେ ଐତିହାସିକଙ୍କ ଦ୍ୱାରା ବ୍ୟବହାର କରାଯାଏ।

(ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଇଦେଲେ ଯେ କୌଣସି ସମୟରେ ଅର୍ଥପୂର୍ଣ୍ଣ ଧାରଣାକୁ ବୁଝିବା ପାଇଁ ଗୋଟିଏ ଉତ୍ସ ବ୍ୟବହାର କରା ନଯାଇପାରେ)

ଶିକ୍ଷଣକାର୍ଯ୍ୟର ସମାପ୍ତିରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବୁଝାଇଲେ ଯେ ସେମାନେ ଏବେ ଯାହା କଲେ ( ଉଦ୍ଧୃତାଂଶକୁ ପଢ଼ିବା ଓ ବ୍ୟାଖ୍ୟା କରିବା) ଐତିହାସିକ ମାନେ ମଧ୍ୟ ପ୍ରାଥମିକ ଉତ୍ସକୁ ସେହିଭଳି ବ୍ୟବହାର କରିଥାଆନ୍ତି।

(ଏହି କାର୍ଯ୍ୟଟି ଶିକ୍ଷକଙ୍କୁ ମାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କଲା। କିଛି ପିଲା କିପରି ଆଗ୍ରହ, ପ୍ରଦର୍ଶନ କଲେ କୌତୁହଳ ସେ କିଛି ପିଲାଙ୍କ ପ୍ରଶ୍ନ ଜାରି ପ୍ରଶ୍ନ ପଚାରି କିପରି ତଥ୍ୟକୁ ଗଭୀର ଭାବେ ବିଶ୍ଳେଷଣ କଲେ, ସେମାନଙ୍କୁ ହୃଦବୋଧ କରାଇଲେ। ସଂପୂର୍ଣ୍ଣ ଶ୍ରେଣୀକୁ ଭଲରେ ବୁଝିବାରେ ସାହାଯ୍ୟ କଲା, ତାହା ମଧ୍ୟ ବିଚାର କରୁଥିଲେ। ଯଦି ଉପଯୁକ୍ତ ପ୍ରଶ୍ନ / ମତାମତ ଆସୁନଥିଲା, ସେ ନିଜେ କହି ଦେଉଥିଲେ।

## ସହପାଠୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ ରୁବ୍ରିକ୍ସ

| ଆଧାର | ଅତି ଭଲ | ଭଲ | ସାଧାରଣ | ନିମ୍ନତର ସାଧାରଣ |
|---|---|---|---|---|
| ଉତ୍ସର ଚିହ୍ନଟୀକରଣ | ବିଭିନ୍ନ ପ୍ରକାର ଉତ୍ସକୁ ଚିହ୍ନଟ କରେ ଓ ବହି, ନିକଟ ପରିବେଶର ଉଦାହରଣ ଦିଏ। ପାଣ୍ଡୁଲିପି, ଶିଳାଲିପି, ଧର୍ମଗ୍ରନ୍ଥ, ପ୍ରତ୍ନତାତ୍ତ୍ୱିକ ତଥ୍ୟ ଆଦି। | ବିଭିନ୍ନ ପ୍ରକାର ଉତ୍ସକୁ ଚିହ୍ନଟ କରେ କିନ୍ତୁ ଉଦାହରଣ ଦେଇ ପାରେ ନାହିଁ। | ବିଭିନ୍ନ ଉତ୍ସ ବିଷୟରେ ବହୁତ କମ୍ ଧାରଣା ଅଛି। | ବିଭିନ୍ନ ଉତ୍ସ ବିଷୟରେ ଆଦୌ ଧାରଣା ନାହିଁ। |
| ଉତ୍ସର ମୁଖ୍ୟ ବିଷୟ ବସ୍ତୁକୁ ଚିହ୍ନଟ | ଉତ୍ସ ବିଷୟରେ ପ୍ରାମାଣିକ ତଥ୍ୟ – (କେବେ ଲେଖା ହୋଇଥିଲା ବା ସୃଷ୍ଟି ହୋଇଥିଲା। ଉତ୍ସକୁ ଐତିହାସିକ ପରିସ୍ଥିତି ସହିତ ସଂପର୍କିତ କରିବା) ପ୍ରଦାନ କରିବା। | ସାଧାରଣ ଐତିହାସିକ ଜ୍ଞାନ ପ୍ରଦାନ କରିବା କିନ୍ତୁ ଉତ୍ସ ସହିତ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସଂପର୍କିତ କରିପାରିବ ନାହିଁ। | ଐତିହାସିକ ପରିସ୍ଥିତି ବିଷୟରେ କମ୍ ଜ୍ଞାନ ଅଛି। | ଐତିହାସିକ ପରିସ୍ଥିତି ବିଷୟରେ ଜ୍ଞାନ ଅଛି ବୋଲି ଜଣା ପଡୁନାହିଁ। |
| ଉତ୍ସକୁ ବ୍ୟାଖ୍ୟା ଓ ବିଶ୍ଳେଷଣ କରିବା | ଉତ୍ସକୁ ବ୍ୟାଖ୍ୟା ଓ ବିଶ୍ଳେଷଣ କରିପାରେ। ମତାମତ ଓ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଏ, ଲେଖକଙ୍କ ବିଶ୍ୱସନୀୟତାକୁ ଅନୁସନ୍ଧାନ କରେ, ନିଜ ଭାଷାରେ ବିଭିନ୍ନ ଶବ୍ଦ ଅର୍ଥ ବାହାର କରେ। ଘଟଣା ପ୍ରତି ଲେଖକଙ୍କ ମନୋବୃତ୍ତି ଏହି ଶିଳା ଲିପି ଲେଖା ହେବାର ଉଦ୍ଦେଶ୍ୟ। | ଉତ୍ସର ସାଧାରଣ ବ୍ୟାଖ୍ୟା କରେ। | ଉତ୍ସ ବିଷୟରେ କମ୍ ଧାରଣା ପ୍ରଦାନ କରେ। | ଉତ୍ସ ବିଷୟରେ ଗୋଟିଏ / ଦୁଇଟି ତଥ୍ୟ କହିପାରେ, ବିଶ୍ଳେଷଣ କିମ୍ବା ବ୍ୟାଖ୍ୟା କରିପାରେ ନାହିଁ। |

Module 4

ପାଠଟି ଶେଷ ହୋଇ ଆସିବା ବେଳେ, ଶିକ୍ଷକ ପିଲାମାନଙ୍କୁ ପଚାରିଲେ, 'ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ଜାଣିଲେଣି ପ୍ରାଥମିକ ଉତ୍ସର ସଜ୍ଞା କିପରି ବଦଳାଇ ପାରିବା ?' ଶିକ୍ଷାର୍ଥୀମାନେ ପ୍ରାଥମିକ ଉତ୍ସର ନୂତନ ସଜ୍ଞା ପାଇଁ ଜ୍ଞାନ ସଂଗଠନ କଲେ। କୌଣସି ବସ୍ତୁ ବାସ୍ତବରେ ଅଛି ତାର ପ୍ରମାଣ ପାଇଁ ବ୍ୟବହୃତ ବସ୍ତୁ ଓ ଯାହା ଅତୀତ ବିଷୟରେ ବିସ୍ତୃତ ପ୍ରମାଣିକ ତଥ୍ୟ ପ୍ରଦାନ କରେ।' ଏବଂ ଉତ୍ସ ହେଉଛି ଅତୀତର ଘଟଣାବଳୀ ଓ ମାନବିକ କାର୍ଯ୍ୟବଳୀରୁ ଖୋଜି ପାଇବା ଅଂଶ' ଅତୀତର ଘଟଣାବଳୀ ବର୍ତ୍ତମାନ ନୁହେଁ। କିନ୍ତୁ କିଛି ସମୟ ପୂର୍ବରୁ ତାହା ଥିଲା ଛାଡ଼ି ଯାଇଥିବା ଜିନିଷ ହଁ ଘଟଣାବଳୀକୁ ସତ କରିଥାଏ। ଜଣେ ଐତିହାସିକ ଏହି ଛାଡ଼ିଯାଇଥିବା ଜିନିଷ (ଉତ୍ସ)କୁ ନେଇ ଘଟଣାବଳୀର ପୁନଃଗଠନ କରିଥାନ୍ତି।

ଶେଷ ପ୍ରଚେଷ୍ଟା ଏହା ଥିଲା ଯେ, ଶିକ୍ଷାର୍ଥୀମାନଙ୍କୁ ଟେଲିଭିଜନ କାର୍ଯ୍ୟକ୍ରମରେ ଦେଖିଥିବା ପ୍ରାଥମିକ ଉତ୍ସର ବ୍ୟବହାର ଓ ବିଶ୍ଳେଷଣ କରି ବିଷୟବସ୍ତୁ ସହିତ ସେମାନଙ୍କ ଜୀବନକୁ ସଂପର୍କିତ କରିବା। ଶିକ୍ଷାର୍ଥୀମାନେ ଆଗ୍ରହର ସହିତ କେତେକ ଟେଲିଭିଜନ୍ କାର୍ଯ୍ୟକ୍ରମ ଯଥା CID ଓ 'ଦସ୍ତକ'ରେ ଥିବା ଚରିତ୍ରମାନଙ୍କୁ ଐତିହାସିକ ମାନଙ୍କ ପରି ଅନୁସନ୍ଧାନ କରି ନିଜ ଅନୁଭୂତି ବାଣ୍ଟିଥିଲେ।

# ପ୍ରଦର୍ଶିକା – ୫

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା

Module 5

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା

## ସାଧାରଣ ସମୀକ୍ଷା:

ଏହି ଅଧିବେଶନରେ ଆମେ ସୁସ୍ଥତାର ଧାରଣା, ଏବଂ ବିଭିନ୍ନ ଭିତ୍ତିକୁ ଅଧାରି କରି ବିଦ୍ୟାଳୟରେ ଏହାର ଗୁରୁତ୍ୱ ଉପରେ ଆଲୋଚନା କରିବା। ଏହି ଅଧିବେଶନ ଶାରୀରିକ ବିକାଶ, ଏହା ସଂପର୍କିତ ମନଗଢ଼ା କଥା, ଶାରୀରିକ ଯୋଗ୍ୟତା ଏବଂ ଏହାର ଉପାଦାନଗୁଡ଼ିକ ଉପରେ ମଧ୍ୟ ପ୍ରାଧାନ୍ୟ ଦେବ। ଶାରୀରିକ ଯୋଗ୍ୟତାର ବିକାଶ ନିମନ୍ତେ ସହାୟକ ହେଉଥିବା କାର୍ଯ୍ୟଗୁଡ଼ିକ ଉପରେ ମଧ୍ୟ ଏହି ଅଧିବେଶନରରେ ବିଚାର କରାଯାଇଛି। ଯୋଗ, ଯାହାକି କେବଳ ଶାରୀରିକ ନୁହେଁ ବରଂ ମାନସିକ ଓ ଶରୀର ସମ୍ବନ୍ଧୀୟ ବିକାଶ ତଥା ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ ମଧ୍ୟ ପ୍ରଦର୍ଶିକାରେ ଅନ୍ତର୍ଭୁକ୍ତ କରାଯାଇଛି। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟଭ୍ୟାସ ଓ ପରିଷ୍କାର ପରିଚ୍ଛନ୍ନତା ଯାହାକି ପିଲାମାନଙ୍କର ସ୍ୱାସ୍ଥ୍ୟ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସହାୟକ ଉପାଦାନ ଅଟେ ସେଗୁଡ଼ିକୁ ମଧ୍ୟ ବିଚାରକୁ ନିଆଯାଇଛି। ମାନସିକ ସୁସ୍ଥତା ସଂପର୍କିତ କାର୍ଯ୍ୟ, ଆତ୍ମ ସଚେତନତା, ସାମାଜିକ ସଚେତନତା, ହିଂସା ଓ ଝଗଡ଼ା ଏବଂ କ୍ଷତକୁ ମଧ୍ୟ ଏହି ପ୍ରଦର୍ଶିକାର ଅଂଶ କରାଯାଇଛି। ଲିଙ୍ଗଗତ ସମାନତାକୁ ପ୍ରଦର୍ଶିକାରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ଏହା ବ୍ୟତୀତ ଅନ୍ତର୍ନିବେଶୀ ପ୍ରତି ମଧ୍ୟ ଯତ୍ନ ନିଆଯାଇଛି।

## ଶିକ୍ଷଣ ଉଦ୍ଦେଶ୍ୟ

- ଏହି ଅଧିବେଶନର ଶେଷରେ ଆପଣ –
- ସ୍ୱାସ୍ଥ୍ୟ ଓ ସୁସ୍ଥତାର ଧାରଣାକୁ ବୁଝିବା ପାଇଁ ସକ୍ଷମ ହେବେ।
- ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ପାଇଁ ସୁସ୍ଥ ପରିବେଶର ମହତ୍ୱକୁ ବୁଝିବା ପାଇଁ ସକ୍ଷମ ହେବେ।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୁସ୍ଥ ମନୋବୃତ୍ତି ଓ ବିଚାରଧାରାର ବିକାଶ ନିମନ୍ତେ ଆବଶ୍ୟକୀୟ ଶିକ୍ଷା ପଦ୍ଧତିକୁ ବୁଝିବା ଓ ବିକାଶ କରିବାକୁ ସକ୍ଷମ ହେବେ।
- ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ ଶିକ୍ଷଣ ଫଳାଫଳର ଅଭିବୃଦ୍ଧି ପାଇଁ ଜୀବନ କୌଶଳଗୁଡ଼ିକର ବିକାଶ କରିବାକୁ ସକ୍ଷମ ହେବେ।

Module 5

## ସମ୍ବଳ ଓ ଶିକ୍ଷାଦାନ ପ୍ରକ୍ରିୟା

- ବ୍ୟକ୍ତି ଅଧ୍ୟୟନ, ଅଭିଜ୍ଞତା ଏବଂ ନାଟକ ଅଭିନୟ ପରିସ୍ଥିତି ସହିତ ସଂପର୍କିତ ପ୍ରଶ୍ନ, ଚାର୍ଟ, ଫୋଟୋଗ୍ରାଫ, ଭିଡ଼ିଓ, ଖେଳ ଇତ୍ୟାଦି ।
- ଦଳଗତକାର୍ଯ୍ୟ, ଆଲୋଚନା, ପ୍ରଦର୍ଶନ, ପାରସ୍ପରିକ ଆଲୋଚନା, ଖେଳ, ଆତ୍ମ ପ୍ରତିଫଳନ, ସ୍ୱ-ଶିକ୍ଷଣ କାର୍ଯ୍ୟ ଯଥା - ପ୍ରଶ୍ନବାକ୍ସ, ନାଟକ ଅଭିନୟ, ବ୍ୟକ୍ତି ଅଧ୍ୟୟନ ଏବଂ ଶିକ୍ଷାର୍ଥୀମାନଙ୍କ ନିର୍ଭୁଲ ତଥା ପର୍ଯ୍ୟାପ୍ତ ସୂଚନା ଯୋଗାଇଲା ଭଳି ତଥା ସେମାନଙ୍କ ମଧ୍ୟରେ ଆବଶ୍ୟକୀୟ ଜୀବନ କୌଶଳକୁ ପ୍ରୟୋଗ କଲାପରି ଦକ୍ଷତାର ବିକାଶ ଓ ସକରାତ୍ମକ ମନୋବୃତ୍ତିର ବିକାଶ ନିମନ୍ତେ କୁଇଜ୍ ପ୍ରତିଯୋଗିତା ।

## ସ୍ୱାସ୍ଥ୍ୟ ଓ ସୁ-ସ୍ୱାସ୍ଥ୍ୟ

- ସ୍ୱାସ୍ଥ୍ୟ କହିଲେ କ'ଣ ବୁଝାଯାଏ ? ସର୍ବାଙ୍ଗୀନ ସ୍ୱାସ୍ଥ୍ୟ କଣ ଅନ୍ତର୍ଭୁକ୍ତ କରେ ? ଅଧିକାଂଶ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ବିଷୟରେ ପଚରାଗଲେ ସାଧାରଣତଃ ସେମାନଙ୍କର ଉତ୍ତର କ'ଣ ଥାଏ ? କେତେକ ଅଂଶ ଗ୍ରହଣକାରୀଙ୍କୁ କିଛି ପ୍ରଶ୍ନ ପଚାରି ସେମାନଙ୍କ ମତାମତକୁ ଆଲୋଚନା କର । ସେମାନଙ୍କ କଥାକୁ ଶୁଣି ସାରିଲାପରେ କୁହନ୍ତୁ ଯେ, ଉତ୍ତମ ସ୍ୱାସ୍ଥ୍ୟ କହିଲେ ଶାରୀରିକ, ସାମାଜିକ, ମାନସିକ ଏବଂ ଆବେଗିକ ସୁସ୍ଥତାକୁ ଏବଂ ରୋଗମୁକ୍ତ ରହିବାର ଏକ ଅବସ୍ଥାକୁ ବୁଝାଏ । ଏ ସମସ୍ତ ଏକା ପ୍ରକାରର ଏବଂ ପରସ୍ପରକୁ ପ୍ରଭାବିତ କରିଥାଆନ୍ତି । ଚାଲନ୍ତୁ ପ୍ରତ୍ୟେକଟିକୁ ଆଲୋଚନା କରିବା ।
- ଶାରୀରିକ ସ୍ୱାସ୍ଥ୍ୟ ଆମର ସଂପୂର୍ଣ୍ଣ ସ୍ୱାସ୍ଥ୍ୟର କେବଳ ଗୋଟିଏ ଦିଗ ଅଟେ । କୌଣସି ଅସୁସ୍ଥତା କିମ୍ୱା କ୍ଷତରୁ ମୁକ୍ତ ରହିବାର ଏହା ଏକ ଅବସ୍ଥା । ଶାରୀରିକ ସ୍ୱାସ୍ଥ୍ୟକୁ ବୁଝିବାକୁ ହେଲେ ଆମକୁ ଶାରୀରିକ ବିକାଶ, ଶାରୀରିକ ଯୋଗ୍ୟତା, ସ୍ୱାସ୍ଥ୍ୟପ୍ରଦ ଏବଂ ପରିଷ୍କାର ଖାଦ୍ୟାଭ୍ୟାସ ଇତ୍ୟାଦି ବିଷୟରେ ସଚେତନ ହେବା ଆବଶ୍ୟକ ।
- ସାମାଜିକ ସ୍ୱାସ୍ଥ୍ୟ ଆମର ପରିବେଶ ଓ ବ୍ୟକ୍ତି ବିଶେଷ ମଧ୍ୟରେ ସଂପର୍କ, ଦଳରେ କାର୍ଯ୍ୟ କରିବା ଏବଂ ସନ୍ତୋଷଜନକ ବ୍ୟକ୍ତିଗତ ସଂପର୍କକୁ ଅନ୍ତର୍ଭୁକ୍ତ କରେ ।

Module 5

- ଆବେଗିକ ସ୍ୱାସ୍ଥ୍ୟ ହେଉଛି ଏକ ଅବସ୍ଥା ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ଆରାମଦାୟକ ଅନୁଭବ କରିବା ପାଇଁ ନିଜର ଆବେଗକୁ ଆୟତ୍ତ ଓ ପରିଚାଳନା କରିପାରିବ। ଲୋକମାନେ ଆବେଗିକ ସୁସ୍ଥ ରହିପାରିବେ ଯଦି ସେମାନେ ନିଜର ଭାବକୁ ସଫଳ ଭାବେ ବ୍ୟକ୍ତ କରିପାରିବେ।
- ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ହେଉଛି ' ସୁସ୍ଥତାର ଏକ ଅବସ୍ଥା ଯେଉଁ ଥିରେ ବ୍ୟକ୍ତି ନିଜର ଦକ୍ଷତାକୁ ଅନୁଭବ କରେ। ଜୀବନର ସାଧାରଣ ଚାପ ସହ ନିଜକୁ ଖାପଖୁଆଇପାରେ। ଉତ୍ତମ ଫଳପ୍ରଦ ଭାବେ କାର୍ଯ୍ୟ କରିପାରେ ଏବଂ ନିଜର ଗୋଷ୍ଠୀ ପ୍ରତି ଅବଦାନ ନିମନ୍ତେ ସକ୍ଷମ ହୋଇପାରେ।' (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ମାନସିକ ସ୍ୱାସ୍ଥ୍ୟ ଆମର ଦୈନନ୍ଦିନ ଜୀବନ ଓ ସଂପର୍କକୁ ପ୍ରଭାବିତ କରିଥାଏ। ଏପରିକି ଶାରୀରିକ ସ୍ୱାସ୍ଥ୍ୟ ଜଣଙ୍କର ଭାବନା, ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୁଏ। ମାନସିକ ସ୍ୱାସ୍ଥ୍ୟ ଶରୀର ସମ୍ବନ୍ଧୀୟ ନମନୀୟତା ପ୍ରାପ୍ତ କରିବା ସକାଶେ ପ୍ରଚେଷ୍ଟା ଓ ଜୀବନର କାର୍ଯ୍ୟକଳାପ ମଧ୍ୟରେ ସନ୍ତୁଳନ ରକ୍ଷା କରି ଜୀବନକୁ ଉପଭୋଗ କରିବା ଦକ୍ଷତାକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥାଏ।
- ମାନସିକ ଅବସାଦ କହିଲେ ଭୟ, ଦୋଷ, ସଙ୍କୋଚ, ଲଜ୍ଜା, ନିଃସହାୟକ, ସ୍ୱସନ୍ଦେହ, ଦ୍ୱନ୍ଦ ଏକାକୀ / ଏକାକୀତ୍ୱ, ବିଷାଦ ଏବଂ କ୍ରୋଧକୁ ଅନ୍ତର୍ଭୁକ୍ତ କରେ। ଏହା ଏକ ପର୍ଯ୍ୟାୟ ଯେଉଁଥିରେ ସମସ୍ୟାର ସମ୍ମୁଖୀନ ହେଉଥିବା କିମ୍ବା ଚାପରେ ରହୁଥିବା ଜଣେ ବ୍ୟକ୍ତି ସମାଧାନର ପନ୍ଥା ପାଇପାରିବ ଏବଂ ସକରାତ୍ମକ ଭାବେ କାର୍ଯ୍ୟ କରିପାରିବ କିମ୍ବା ଅନ୍ୟର ସାହାଯ୍ୟ ଅବା ସହାୟତା ଲୋଡ଼ିପାରିବ। ମାନସିକ ଅବସାଦର ଅନୁଭୂତିକୁ ଜଣେ ଅନେକ ପ୍ରକାରରେ ପର୍ଯ୍ୟବେକ୍ଷଣ କରିପାରିବ, ଯେପରିକି ଶୈକ୍ଷିକ କାର୍ଯ୍ୟରେ ନିମ୍ନଗାମୀ ହେବା, ଅତ୍ୟଧିକ କ୍ରୀୟାଶୀଳ, କ୍ରୋଧ କିମ୍ବା ଦୁଃବ୍ୟବହାର ଇତ୍ୟାଦି।

Module 5

- ଅସୁସ୍ଥତା ବା ଅବ୍ୟବସ୍ଥା ହେଉଛି ଏକ ଅବସ୍ଥା ଯେତେବେଳେ ମାନସିକ ଅବସାଦ ଅଧିକ ସମୟ ପର୍ଯ୍ୟନ୍ତ ରହେ। ଏପରି ବ୍ୟକ୍ତି କେତେକ ଲକ୍ଷଣ ଦେଖାନ୍ତି ଯଥା – ନିଦ୍ରାହୀନତା, ଭୋକ ନ ହେବା, ଉଦ୍‌ବେଗ ପ୍ରକାଶ କରିବା, ଚିଡିଚିଡା ବ୍ୟବହାର ପ୍ରଦର୍ଶନ କରିବା ଇତ୍ୟାଦି। ମାନସିକ ଅସୁସ୍ଥତା ବା ଅବ୍ୟବସ୍ଥା ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଯାଇପାରିବ।
- ଏହି ଅବସ୍ଥା ଏକ ଆକୃତି ଅନୁଯାୟୀ ପରିବର୍ତ୍ତନ ହୋଇଥାଏ। ଜଣେ ବ୍ୟକ୍ତି ତାର ଜୀବନରେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ପରିସ୍ଥିତିକୁ ଆଧାର କରି ଆକୃତିର ବିଭିନ୍ନ ସ୍ତରରେ ରହିଥାଏ। ଏହି ବ୍ୟକ୍ତି ବିଶେଷଙ୍କର ମାନସିକ ଅବସାଦକୁ ଦୂର କରିବା ତଥା ପରିଚାଳନା କରିବାର ଦକ୍ଷତା ସେମାନଙ୍କର ଶାରୀରିକ, ସାମାଜିକ, ଆବେଗିକ ଓ ବୌଦ୍ଧିକ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ଚାଲ ଗୋଟିକ ପରେ ଗୋଟିଏ ଆଲୋଚନା କରିବା।

## ଶାରୀରିକ ବିକାଶ

ପିଲାମାନଙ୍କର ଶାରୀରିକ ବିକାଶ ହେଉଛି ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଅଂଶ ଗ୍ରହଣକାରୀମାନଙ୍କୁ ସେମାନଙ୍କର ଶୈଶବ ଅବସ୍ଥାଠାରୁ ଆରମ୍ଭ କରି ସେମାନଙ୍କର ସମସ୍ତ ପରିବର୍ତ୍ତନ ବିଷୟରେ ଚିନ୍ତା କରିବାକୁ ଓ ଲେଖିବାକୁ କହନ୍ତୁ (ଯେତେବେଳେ ସେମାନେ ୬ – ୮ ବର୍ଷ ପର୍ଯ୍ୟନ୍ତ ବଢ଼ିଥିଲେ କିମ୍ବା ସେମାନଙ୍କ ଭାଇ ଭଉଣୀଙ୍କଠାରେ ଲକ୍ଷ୍ୟ କରିଥିଲେ। ୬ – ୮ ଜଣ ଅଂଶ ଗ୍ରହଣକାରୀଙ୍କୁ ସେମାନଙ୍କ ପର୍ଯ୍ୟବେକ୍ଷଣକୁ ପରସ୍ପର ମଧ୍ୟରେ ଆଲୋଚନା କରିବାକୁ କୁହନ୍ତୁ। ସେମାନଙ୍କୁ ନିମ୍ନ ଚିତ୍ର-୧ ଦେଖାନ୍ତୁ।



Module 5

ତଳ ସାରଣୀରେ ଦର୍ଶାଯାଇଥିବା ପରି ଯଥା – ଶୈଶବ, ବାଲ୍ୟାବସ୍ଥା, କୈଶୋରାବସ୍ଥା, ପୌଢ଼ାବସ୍ଥା, ବୃଦ୍ଧାବସ୍ଥା ଲେଖାଥିବା ୫ଟି ସ୍ତମ୍ଭ କଳାପଟାରେ କରନ୍ତୁ । ଖାତା ମଧ୍ୟ ବ୍ୟବହାର କରାଯାଇପାରେ । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଘଟୁଥିବା ପରିବର୍ତ୍ତନରୁ ୪ ରୁ ୫ ଟି ଲେଖାଏଁ ପରିବର୍ତ୍ତନ ଲେଖିବାକୁ କୁହନ୍ତୁ । ଏଥିପାଇଁ ସେମାନେଙ୍କୁ ପରସ୍ପର ମଧ୍ୟରେ ଆଲୋଚନା କରିବା ପାଇଁ ୫ ମିନିଟ୍ ସମୟ ଦିଅନ୍ତୁ ।

**କାର୍ଯ୍ୟ–୧ :** ମନୁଷ୍ୟର ବିଭିନ୍ନ ସ୍ତରରେ ଘଟୁଥିବା ପରିବର୍ତ୍ତନ

**ଜୀବନର ବିଭିନ୍ନ ପର୍ଯ୍ୟାୟରେ ଘଟୁଥିବା ପରିବର୍ତ୍ତନ**

| ଶୈଶବ | ବାଲ୍ୟାବସ୍ଥା | କୈଶୋରାବସ୍ଥା | ପୌଢ଼ାବସ୍ଥା | ବୃଦ୍ଧାବସ୍ଥା |
|---|---|---|---|---|
| | | | | |

## ଆଲୋଚନା ପରେ ଆପଣ ଏହି ସାରାଂଶରେ ପହଁଞ୍ଚିବେ ଯେ –

- ଆମ ଶରୀରରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ପ୍ରାକୃତିକ, ସାଧାରଣ ଓ ସ୍ୱାସ୍ଥ୍ୟପ୍ରଦ । ଏଗୁଡ଼ିକ ମନୁଷ୍ୟର ବୃଦ୍ଧି ଓ ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଏହି ପରିବର୍ତ୍ତନଗୁଡ଼ିକୁ ଅନୁଭବ କରିବା ଅତ୍ୟନ୍ତ ଆନନ୍ଦଦାୟକ ଅଟେ ।
- ସମସ୍ତ ପରିବର୍ତ୍ତନ ଏକ ସମୟରେ ହୋଇନଥାଏ । ଫଳରେ, ଶାରୀରିକ ପରିବର୍ତ୍ତନ ଶୀଘ୍ର ହେବାର ସମ୍ଭାବନା ଥାଏ, କିନ୍ତୁ ସେହି ବ୍ୟକ୍ତିର ମାନସିକ – ସାମାଜିକ ପରିବର୍ତ୍ତନ ବିଳମ୍ବରେ ଘଟିଥାଏ । ଏହା ଅନ୍ୟ ଉପାୟରେ ମଧ୍ୟ ହୋଇପାରେ । ଦୁଇଟି ସମବୟସ୍କ ପିଲାଙ୍କର ପରିପକ୍ୱତା ଓ ଅଭିଜ୍ଞତାର ପରିବର୍ତ୍ତନ ଭିନ୍ନଭିନ୍ନ ସ୍ତରରେ ଓ ଭିନ୍ନଭିନ୍ନ ବେଗରେ ଘଟିପାରେ ।
- ବେଳେବେଳେ ଆମ ଜୀବନର ପରିବର୍ତ୍ତନଗୁଡ଼ିକ ଦ୍ୱାରା ଆମେ ପ୍ରଭାବିତ ହୋଇଥାଉ ଏବଂ ଅନ୍ୟ ସମୟରେ ସେଗୁଡ଼ିକ ଉପରେ ଆମର ଆୟତ୍ତ ରହିଥାଏ ।
- ଆମ ଜୀବନରେ କେତେକ ପରିବର୍ତ୍ତନ ଆନୁମାନିକ ଭାବେ ହୋଇଥାଏ । ଯଦି ଆମେ ସେଗୁଡ଼ିକ ପାଇଁ ପ୍ରସ୍ତୁତ ଥିବା ତେବେ ସେଗୁଡ଼ିକ ପ୍ରତି ଆମେ କମ୍ ପ୍ରଭାବିତ ହେବା ଏବଂ ସେଗୁଡ଼ିକୁ ଉତ୍ତମ

Module 5

ଭାବେ ପରିଚାଳନା କରି ପାରିବା । ଉଦାହରଣସ୍ୱରୂପ - ବୃଦ୍ଧି ଓ ପରିପକ୍ୱତା ହେଉଛି ଏକ ନିରନ୍ତର ପକ୍ରିୟା ।

- ବେଳେବେଳେ ପିଲାମାନେ ସେମାନଙ୍କ ସାଙ୍ଗସାଥିଙ୍କ ଠାରୁ ଭିନ୍ନ ଦେଖାଯାଉଥିବାରୁ ନିଜକୁ ହୀନ ମନେ କରନ୍ତି । ସେମାନେ ଅନ୍ୟ ମାନଙ୍କ ଠାରୁ ଶୀଘ୍ର କିମ୍ୱା ବିଳମ୍ୱରେ ପରିପ୍ୱକତା ପ୍ରାପ୍ତ କରୁ ଥିବାରୁ ସେମାନଙ୍କୁ ବେଳେବେଳେ ସାଙ୍ଗମାନଙ୍କ ଥଟ୍ଟା ଓ ପରିହାସର ଶିକାର ହେବାକୁ ପଡ଼ିଥାଏ ।
- ଅନେକ ପକ୍ଷପାତିତା ଓ କ୍ଷତିକାରକ ଧରାବନ୍ଧା ନୀତି ବିକାଶରେ ରହିଛି ଯାହାକି ଆଲୋଚନା ହେବା ଆବଶ୍ୟକ ।

**ଟିପ୍ପଣୀ:** ଅଷ୍ଟମ ଶ୍ରେଣୀ ବିଜ୍ଞାନ ବହିରେ ଏସବୁ ପରିବର୍ତ୍ତନ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଯେହେତୁ ସମସ୍ତ ପିଲା ସମାନ ବେଗରେ ବଢ଼ି ନଥାନ୍ତି । (ଶାରୀରିକ ଓ ମାନସିକ ସ୍ତରରେ) ତେଣୁ ବଢ଼ିବାକୁ ନେଇ ଅନେକଗୁଡ଼ିଏ ଲୋକବାଣୀ ଓ ଭୁଲବିଚାର ରହିଛି ।

## ବୃଦ୍ଧିକୁ ନେଇ ରହିଥିବା ଲୋକବାଣୀ ଓ ଭ୍ରାନ୍ତଧାରଣା

### ଶିକ୍ଷଣ କାର୍ଯ୍ୟ-୨

**ବୃଦ୍ଧି, ଲିଙ୍ଗଗତ ପ୍ରଭାବ ଓ ସାଙ୍ଗସାଥିଙ୍କ ପ୍ରଭାବ ସଂପର୍କିତ ଲୋକବାଣୀ ଓ ଭ୍ରାନ୍ତଧାରଣା :**

ନିମ୍ନଲିଖିତ ବ୍ୟକ୍ତି ଅନୁଧ୍ୟାନ ଲିଙ୍ଗଗତ ପ୍ରଭାବ, ସାଙ୍ଗସାଥି ପ୍ରଭାବ, ଧରାବନ୍ଧା ନୀତି ସଂପର୍କିତ ଲୋକବାଣୀ ତଥା ଭ୍ରାନ୍ତଧାରଣାଗୁଡ଼ିକୁ ସ୍ପଷ୍ଟ କରିବ ।

**ବ୍ୟକ୍ତି ଅନୁଧ୍ୟାନ-୧ , ବୃଦ୍ଧି ଓ ବିକାଶରେ ଭିନ୍ନତା**

ରାକେଶ ଓ ମିହିର ସାଙ୍ଗ ହୋଇ ସ୍କୁଲରୁ ଫେରୁଥିଲେ । ରାକେଶ ମିହିରକୁ ଚିଡ଼େଇବା ଆରମ୍ଭ କଲା ଯେ ସେ ଝିଅ ପିଲା କଣ୍ଠ ସ୍ୱରରେ କଥା କହୁଛି । ମିହିରର ମୁହଁରେ ନିଶ ଓ ଦାଢ଼ି ନଥିବାରୁ ସେ ତାକୁ ହସିବାକୁ ଲାଗିଲା । ରାକେଶ୍ ମିହିରକୁ କହିଲା - ମୋତେ ଦେଖ । ମୁଁ ଯେ ପ୍ରକୃତ ପୁରୁଷ । ମୋ ସ୍ୱର କର୍କଶ ଓ ମୋ ମୁହଁ ପୁରୁଷ ପରି ଦେଖିବାକୁ । ମୋ ମୁହଁରେ ବହୁତ ନିଶ ଦାଢ଼ି ଅଛି । ମୋ ବାପା ମୋତେ ସିଂହ ବୋଲି ଡାକନ୍ତି । ଏହି କଥାଗୁଡ଼ିକ ମିହିରକୁ ବ୍ୟଥିତ କଲା । ତା'ର ମନେ ପଡ଼ିଲା ଯେ ତା'ର ମାଆ ଏବେ ମଧ୍ୟ ତାକୁ 'ମୋ ସୁନା ପୁଅ ବୋଲି' ସମ୍ବୋଧନ କରନ୍ତି । ତେଣୁ ସେ ସ୍ଥିର କଲା ଯେ ଘରକୁ ଯାଇ ମାଆକୁ ପଚାରିବ କାହିଁକି ସେ ରାକେଶ ଠାରୁ ଏତେ ଭିନ୍ନ ଏବଂ ତା' ଠାରେ କ'ଣ ତ୍ରୁଟି ରହିଯାଇଛି ।

Module 5

## ଆଲୋଚନା ନିମନ୍ତେ ପ୍ରଶ୍ନ

ସେମାନେ ସମବୟସ୍କ ହେଲେ ମଧ୍ୟ ରାକେଶ ଓ ମିହିର କାହିଁକି ପରସ୍ପରଠାରୁ ଭିନ୍ନ ଦିଶୁଥିଲେ ?

ମିହିର ଠାରେ କୌଣସି ତ୍ରୁଟି ରହିଯାଇଛି ବୋଲି ଆପଣ ଭାବୁଛନ୍ତି କି ? କାହିଁକି ? ମିହିର ତା' ବିଷୟରେ ଏପରି ଅନୁଭବ କରୁଛି ବୋଲି ଆପଣ କାହିଁକି ଭାବୁଛନ୍ତି ?

ମିହିରର ମା' ତାକୁ କ'ଣ କହିବା ଉଚିତ୍ ?

## ବ୍ୟକ୍ତି ଅନୁଧ୍ୟାନ-୨ , ସାଙ୍ଗମାନଙ୍କର ସକରାତ୍ମକ ଓ ନକରାତ୍ମକ ପ୍ରଭାବ:

ରାଜୁ ବିଦ୍ୟାଳୟରେ ହେଉ ଅବା ଘରେ ସର୍ବଦା ପଢୁଥାଏ, ସେ ସବୁବେଳେ ଭଲ ନମ୍ବର ରଖେ। ତା'ର ଅନ୍ୟ କୌଣସିଥିରେ ଆଗ୍ରହ ନଥିଲା। ସେ ଯେତେବେଳେ ଏକାଦଶ ଶ୍ରେଣୀରେ ଏକ ନୂଆ ବିଦ୍ୟାଳୟରେ ଯୋଗଦେଲା, ସେ ମୋତି ଓ ଜାହିରର ସାଙ୍ଗ ହେଲା। ଦୁହେଁ କ୍ରିକେଟ୍ ପ୍ରେମୀ ଥିଲେ। ରାଜୁ ସେମାନଙ୍କ ସହିତ କ୍ରିକେଟ ଖେଳିବା ଆରମ୍ଭ କଲା ଓ ନିଜକୁ ଜଣେ ଉତ୍ତମ ସ୍ପିନ୍ ବୋଲର ବୋଲି ଜାଣିବାକୁ ପାଇଲା। ତା'ର ପିତାମାତା ବର୍ତ୍ତମାନ ଜାଣିଲେ ଯେ ସେ ଅଧିକାଂଶ ସମୟ ଖେଳରେ ବିତାଉଛି ଯାହାକି ତା'ର ପାଠପଢ଼ାକୁ ପ୍ରଭାବିତ କରିପାରେ।

## ଆଲୋଚନା ନିମନ୍ତେ ପ୍ରଶ୍ନ

୧. ଜାହିର ଓ ମୋତି ରାଜୁ ଉପରେ ଉତ୍ତମ ପ୍ରଭାବ ପକାଇଲେ ବୋଲି ଆପଣ ଭାବୁଛନ୍ତି କି ?
୨. ରାଜୁର ପିତାମାତା ତା'ର ନୂତନ ଅଭ୍ୟାସ ବିଷୟରେ ଅବଗତ ହୋଇ ଉଚିତ୍ କଲେ ବୋଲି ଆପଣ ଭାବୁଛନ୍ତି କି ?
୩. ରାଜୁର ପିତାମାତାଙ୍କର ଉତ୍କଣ୍ଠାକୁ କମାଇବା ପାଇଁ ତା'ର ଶିକ୍ଷକଙ୍କର ଭୂମିକ କ'ଣ ?
୪. ରାଜୁ କ୍ରିକେଟ୍ ଖେଳ ଚାଲୁରଖିବା ଉଚିତ୍ କି / କାହିଁକି ?

## ବ୍ୟକ୍ତି ଅନୁଧ୍ୟାନ-୩, ଶରୀରର ଆକୃତି ସଂପର୍କିତ ଧରାବନ୍ଧା ନୀତି

ଶାଳିନୀ ଓ ତା'ର ସାଙ୍ଗମାନେ ସପ୍ତମ ଶ୍ରେଣୀରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ହେଉଥିଲେ। ସେମାନେ ଅତ୍ୟନ୍ତ ଉତ୍ସାହିତ ଥିଲେ। ଶାଳିନୀ ଶାସ୍ତ୍ରୀୟ ନୃତ୍ୟରେ ଭାଗ ନେଉଥିଲାବେଳେ

Module 5

ତା'ର ସାଙ୍ଗ ଅନୀତା ଓ ଫାରା ଡ୍ରାମାରେ ଭାଗ ନେଇଥିଲେ। ଦିନେ ଅନୀତା ଶାଲିନୀକୁ କହିଲା ତୁ ବହୁତ କଳା ତେଣୁ ମଞ୍ଚ ଉପରେ ତୋତେ ଦେଖିବାକୁ ଅଧିକ ଆଲୋକର ଆବଶ୍ୟକତା ଅଛି। ଶାଲିନୀ ତାକୁ କୌଣସି ଉତ୍ତର ଦେଲା ନାହିଁ। ଫାରାକୁ ଶାଲିନୀ ପାଇଁ ଖରାପ ଲାଗିଲା ଓ ସେ କହିଲା "ତୁ ବହୁତ ଭଲ ନାଚୁଛୁ। ଗୋରା ଦେଖାଯିବା ପାଇଁ ତୁ କାହିଁକି ଭଲ କ୍ରୀମ୍ ବ୍ୟବହାର କରୁନୁ। ତୁ ଜାଣିଛୁ ଯଦି ତୁ ଆଉ ଟିକେ ଗୋରା ହୋଇଯିବୁ ମଞ୍ଚ ଉପରେ କେତେ ସୁନ୍ଦର ଦିଶୁବୁ କଳ୍ପନା କରିପାରିବୁ ନାହିଁ।

ଶାଲିନୀ ହସିଲା ଓ କହିଲା "ଧନ୍ୟବାଦ ଫାରା ମୁଁ ତୋର ମତକୁ ସମ୍ମାନ ଦେଉଛି। କିନ୍ତୁ ମୁଁ ମୋର ରଙ୍ଗକୁ ନେଇ ଖୁସି ଅଛି। ମୁଁ ଓ ମୋ ନାଚ ଶିକ୍ଷକ ଅନେକ ପରିଶ୍ରମ କରୁଛୁ ଓ ମୋତେ ମୋର ପ୍ରଚେଷ୍ଟା ଉପରେ ଦୃଢ଼ ବିଶ୍ୱାସ ଅଛି ଏବଂ ତୋର ଶୁଭକାମନା ମୋତେ ଭଲ ପ୍ରଦର୍ଶନ କରିବା ପାଇଁ ସହାୟକ ହେବ।

## ଆଲୋଚନା ନିମନ୍ତେ ପ୍ରଶ୍ନ

୧. ଶାଲିନୀ ବିଷୟରେ ଅନୀତାର ମନ୍ତବ୍ୟକୁ ନେଇ ଆପଣ କ'ଣ ଭାବୁଛନ୍ତି ?

୨. ଫାର ମନ୍ତବ୍ୟ ଭ୍ରାନ୍ତଧାରଣା ଆଧାରିତ ବୋଲି ଆପଣ ଭାବୁଛନ୍ତି କି ? (ସୁନ୍ଦର ଦିଶିବା ନିମନ୍ତେ ଗୋରା ହେବା ଅତି ଜରୁରୀ ଅଟେ) କିମ୍ବା ଏହା ସତ୍ୟ ଆଧାରିତ କି ? ଆପଣଙ୍କ ଉତ୍ତରକୁ ବର୍ଣ୍ଣନା କରନ୍ତୁ ?

୩. ଶାଲିନୀର ଉତ୍ତରରେ ତା'ର ସକରାତ୍ମକ ବା ନକରାତ୍ମକ ଆତ୍ମ ପ୍ରତିଛବି ପରିଲକ୍ଷିତ ହେଉଛି କି ? ଆପଣଙ୍କ ଉତ୍ତରର କାରଣ ଦର୍ଶାନ୍ତୁ ?

୪. ଶାଲିନୀ ସକରାତ୍ମକ ଭାବରେ କଥାବାର୍ତ୍ତା କରିବାର ଏକ ପରିପକ୍ୱ ବ୍ୟକ୍ତିତ୍ୱ ଅଟେ କି ?

## ବ୍ୟକ୍ତି ଅଧ୍ୟୟନ-୪ : ବନ୍ଧୁତ୍ୱ ଓ ଗୁଣ୍ଡାଗିରି

ସୁଜିତ୍ ଓ ମନୋଜ ତାଙ୍କ ବିଦ୍ୟାଳୟ ଫାଟକ ବାହାରେ ଥିବା ଏକ ଦୋକାନରୁ ଏକ ସଙ୍ଗୀତ ସିଡ଼ି କିଣିଲେ। ସେମାନେ ସେଠାରେ ଶରତକୁ ଘରକୁ ଯାଉଥିବାର ଦେଖିଲେ। ତାକୁ ଧରି ସିଡ଼ି କିଣିବାକୁ ତାକୁ ପଇସା ମାଗିଲେ ଓ ଦାଦାଗିରି କଲେ। ଶରତ ମନା କଲା କାରଣ ସେ ଦୀର୍ଘ ବର୍ଷେ ହେବ ନବମ ଶ୍ରେଣୀରେ ସେହି

ବିଦ୍ୟାଳୟରେ ଯୋଗ ଦେଇଛି ଏବଂ ସେମାନେ ବେଳେବେଳେ ତାକୁ ଜବରଦସ୍ତି ଟଙ୍କା ଧାର ମାଗନ୍ତି । ସେହି ଦୁଇଜଣ ଧାର ଆଣିଥିବା ଟଙ୍କାକୁ ଆଦୌ ଫେରାନ୍ତି ନାହିଁ। ଯେତେବେଳେ ଶରତ ମନାକରି ଦେଲା ଦୁଇଜଣ ତାକୁ ପେଲି ତଳେ ପକାଇ ଦେଲେ ଏବଂ ତା' ଟଙ୍କା ଛଡ଼ାଇ ନେଇ ଧରି ଦୌଡ଼ି ପକାଇଲେ। ଶରତର ଶିକ୍ଷକ ଯେ କି ଘରକୁ ଫେରୁଥିଲେ ତାକୁ ତଳେ ପଡ଼ିଥିବାର ଦେଖିଲେ ଓ ଉଠାଇ ଠିଆ କରାଇଲେ। ପଚାରିବା ସତ୍ତ୍ୱେ ଶରତ କିପରି ଖଣ୍ଡିଆ ହେଲା କହିଲା ନାହିଁ। ତା' ପରଦିନ ଆବିଦ୍ ଯେ କି ଶରତର ସହପାଠୀ ତା' ପାଇଁ ସାକ୍ଷୀ ଦେଲା ଓ ଶିକ୍ଷକଙ୍କ ପାଖରେ ଅଭିଯୋଗ କରିବା ପାଇଁ କହିଲା । ଶତର ଅନିଚ୍ଛା ସତ୍ତ୍ୱେ ଆବିଦର ସହଯୋଗ ହେତୁ ଶ୍ରେଣୀ ଶିକ୍ଷକଙ୍କୁ ଅଭିଯୋଗ କରିବାକୁ ରାଜି ହେଲା।

## ଆଲୋଚନା ନିମନ୍ତେ ପ୍ରଶ୍ନ

୧. ଶରତ ଦାଦାଗିରି ବିରୁଦ୍ଧରେ ଅନେକ ଦିନ ହେବ କୌଣସି ଅଭିଯୋଗ କରିନଥିଲା ବୋଲି ଆପଣ କାହିଁକି ଭାବୁଛନ୍ତି ?

୨. ବର୍ତ୍ତମାନ ସେ ଅଭିଯୋଗ କରିବାକୁ ରାଜି ହେଲା ବୋଲି ଆପଣ କାହିଁକି ଭାବୁଛନ୍ତି ?

୩. ଆବିଦ୍ ଏହି ଘଟଣାରେ କାହିଁକି ସଂପୃକ୍ତ ହେଲା ?

## ଶିକ୍ଷକ ବର୍ଣ୍ଣନା କରିବା ଉଚିତ୍

- ସାଙ୍ଗମାନଙ୍କ ମଧ୍ୟରେ ସଂପର୍କର ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗ ରହିଛି।
- ସକରାତ୍ମକ ସଂପର୍କକୁ ବଜାୟ ରଖିବା ନିମନ୍ତେ ଆତ୍ମ ବିଶ୍ୱାସ ଏବଂ ଦୃଢ଼ ମନୋଭାବ ଆବଶ୍ୟକ ଅଟେ।
- କୈଶୋରମାନଙ୍କୁ ସେମାନଙ୍କ ପିତାମାତା ଓ ଶିକ୍ଷକଙ୍କ ସହିତ ଆଲୋଚନା କରିବା ଉଚିତ୍, ଯାହାଦ୍ୱାରା ସେମାନେ ପରସ୍ପରର ଚିନ୍ତାଧାରା ଓ ମତକୁ ବୁଝିପାରିବେ ଓ ସମ୍ମାନ ଦେବେ।
- ଅଧିକାଂଶ ପରିସ୍ଥିତିରେ ଭାବନାଗୁଡ଼ିକୁ ଛଳନା ସହିତ ନେଇ ବଂଚିବା ପରିବର୍ତ୍ତେ ସେଗୁଡ଼ିକୁ ଚିହ୍ନଟ କରାଯିବା ଉଚିତ୍।
- ବୟସ୍କମାନଙ୍କ ଠାରୁ କୈଶୋରମାନେ ଅନେକ କିଛି ଶିଖିଥାଆନ୍ତି। ବୟସ୍କମାନେ ସେମାନଙ୍କ ଭାବନାକୁ ବ୍ୟକ୍ତ କରିବା, ସ୍ୱାସ୍ଥ୍ୟ ଓ ସାଧୁତାକୁ ନେଇ କିଶୋରମାନଙ୍କ ପାଖରେ ଏକ ଆଦର୍ଶ ଭାବେ ପରିଗଣିତ ହେବା ଆବଶ୍ୟକ।

Module 5

- ପକ୍ଷପାତିତା ଓ ଜ୍ଞାନର ଅଭାବ ହେତୁ ବେଳେବେଳେ ପିଲାମାନେ କ୍ଷତିକାରକ ବାଣିଜ୍ୟକ ଦ୍ରବ୍ୟ ଆଡ଼କୁ ଆକର୍ଷିତ ହୋଇଥାଆନ୍ତି । ଯାହା ସେମାନଙ୍କ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ-ଯେପରିକି କିଛି ଦ୍ରବ୍ୟ ବିନା କୌଣସି ଖାଦ୍ୟ ଓ ବ୍ୟାୟାମରେ ଉଚ୍ଚତା ବୃଦ୍ଧି ଏବଂ ମାଂସପେଶୀୟ ବୃଦ୍ଧିରେ ସହାୟକ ହୋଇଥାଏ ।
- ସେହପରି ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରସାଧନ ଓ ପ୍ରସାଧାନ କେନ୍ଦ୍ର ଯୁବଗୋଷ୍ଠୀର ଉତ୍କଣ୍ଠା ବୃଦ୍ଧି କରିଥାଏ, ସ୍ୱଳ୍ପ ଏବଂ ନିମ୍ନ ଆତ୍ମମର୍ଯ୍ୟଦା ଦେଇଥାଏ ।
- ଏହି ସବୁ ଚାପ ଓ ପକ୍ଷପାତିତାକୁ ବିରୋଧ କରିବା ଆବଶ୍ୟକ ଏବଂ ତୁମେ କ'ଣ ଓ ତୁମେ କିପରି ଦିଶୁଛ ଏଥି ନିମନ୍ତେ ତୁମର ବିଶ୍ୱାସ ରହିବା ଉଚିତ୍ ।
- ପିଲାମାନେ ନିଜକୁ ନିଜ ପାଖରେ ଓ ଅନ୍ୟମାନଙ୍କ ପାଖରେ ତୁଚ୍ଛ ମନେ ନ କରି ସେମାନଙ୍କର ଭାବନା ଓ ଚିନ୍ତାଧାରାକୁ ସ୍ୱଚ୍ଛତା, ସାଧୂତା ଏବଂ ସମ୍ମାନୀତ ଢ଼ଙ୍ଗରେ ବ୍ୟକ୍ତ କରିବା ଶିଖିବା ଉଚିତ୍ ।

### ମାନ ନିର୍ଦ୍ଧାରଣ ନିମନ୍ତେ ପ୍ରଶ୍ନ / ଚିନ୍ତନ ପାଇଁ ପ୍ରଶ୍ନ

୧. ବାଳକ ଓ ବାଳିକାମାନେ ସେମାନଙ୍କ ବିକାଶ ସମୟରେ କେଉଁ ପ୍ରକାରର ଶାରୀରିକ ପରିବର୍ତ୍ତନ ଅନୁଭବ କରିଥାଆନ୍ତି ?

୨. ସମସ୍ତ ପିଲାମାନଙ୍କର ଶାରୀରିକ ପରିବର୍ତ୍ତନ ସମାନ ସମୟରେ ହୋଇଥାଏ କି ?

୩. ଆମ ଶରୀରରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କଲେ ଆମେ କଣ କରିବା ଉଚିତ୍

### ବାଳକ ଓ ବାଳିକାମାନଙ୍କ ମଧ୍ୟରେ ପରିବର୍ତ୍ତନ

ନିମ୍ନରେ ସ୍ତମ୍ଭ ଆକାରରେ ଦିଆଯାଇଥିବା କାର୍ଯ୍ୟଫର୍ଦ୍ଦକୁ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଦିଅନ୍ତୁ ଓ ସେମାନଙ୍କୁ ନିଜ ଖାତାରେ ସେହିପରି ସ୍ତମ୍ଭ ଅଙ୍କନ କରିବାକୁ କୁହନ୍ତୁ ।

## କାର୍ଯ୍ୟ-୨

ପିଲାମାନଙ୍କର ଠାରେ ଦେଖାଯାଉଥିବା ପରିବର୍ତ୍ତନ

| ପରିବର୍ତ୍ତନ | ବାଳକ | ବାଳିକା | ଉଭୟ ବାଳକ ବାଳିକା |
|---|---|---|---|
| ● ସାଙ୍ଗମାନଙ୍କର ସହଚର୍ଯ୍ୟକୁ ଅଧିକ ଉପଭୋଗ କରିବା । | | | |
| ● ସ୍ୱାଧୀନ ଭାବରେ ରାସ୍ତା ପାର ହେବା । | | | |
| ● ଡେଙ୍ଗା ହୋଇଯିବା । | | | |
| ● ଓଜନିଆ ହୋଇଯିବା । | | | |
| ● କାନ୍ଧ ସଂପ୍ରସାରିତ ହେବା । | | | |
| ● ଦୃଢ଼ ଭାବରେ ଦୌଡ଼ି ପାରିବା । | | | |
| ● ଅତ୍ୟଧିକ ଝାଳ ବୋହିବା । | | | |
| ● ଚର୍ମ ତେଲିଆ ହେବା । | | | |
| ● ଅଧିକ କଠିନ ଗଣିତ ସମାଧାନ କରିବା । | | | |
| ● ଅଧିକ ସମୟ ପର୍ଯ୍ୟନ୍ତ ଏକାଗ୍ରତା ରଖିବା | | | |
| ● ନିଜର ଗଢ଼ଣ ଉପରେ ବେଶୀ ସଚେତନ ହେବା । | | | |
| ● ମୁହଁରେ ନିଶ ଦାଢ଼ି ଉଠିବା । | | | |
| ● ସ୍ତନ ବୃଦ୍ଧି ହେବା । | | | |
| ● ଅଧିକ ହାସୀ ଓ ଅଧିକ ଲଜ୍ଜାଶୀଳ ହେବା । | | | |
| ● ଅନ୍ୟାନ୍ୟ ପରିବର୍ତ୍ତନ ଯୋଗକରନ୍ତୁ । | | | |

ଅଂଶଗ୍ରହଣକାରୀମାନଙ୍କୁ ବୟସ ଓ ପର୍ଯ୍ୟବେକ୍ଷଣ ଅନୁଯାୟୀ ସାରଣୀରେ ଥିବା ଉପଯୁକ୍ତ ସ୍ତମ୍ଭରେ ଉପଯୁକ୍ତ ସ୍ଥାନରେ ଠିକ୍ ଚିହ୍ନ ଦେବା ପାଇଁ କୁହନ୍ତୁ । ଅଂଶ ଗ୍ରହଣକାରୀମାନଙ୍କୁ ଅନ୍ୟାନ୍ୟ ପରିବର୍ତ୍ତନ ଯୋଗକରି ଲେଖିବାକୁ ଉତ୍ସାହିତ କରନ୍ତୁ ଏବଂ କେଉଁ ପରିବର୍ତ୍ତନଗୁଡ଼ିକ ବାଳକ, ବାଳିକା କିମ୍ବା ଉଭୟଙ୍କ ପାଇଁ ସେଗୁଡ଼ିକୁ ଚିହ୍ନଟ କରନ୍ତୁ । କାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତି ସାରାଂଶକୁ ବର୍ଣ୍ଣନା କରିବେ

ଯେ କେତେକ ପରିବର୍ତ୍ତନ ସାଧାରଣ ଅଟେ ଓ କେତେକ କେବଳ ବାଳକ ବା ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ସମାନ ବୟସର ପୁଅ ଓ ଝିଅଙ୍କ ମଧ୍ୟରେ ଭିନ୍ନତା ମଧ୍ୟ ପରିଲକ୍ଷିତ ହୋଇପାରେ । ଏହି ଭିନ୍ନତାଗୁଡ଼ିକ ମୁଖ୍ୟତଃ ବଂଶାନୁଗତ, ଖାଦ୍ୟଭ୍ୟାସରେ ଭିନ୍ନତା ଓ ଶାରୀରିକ ବ୍ୟାୟାମ ଯୋଗୁ ହୋଇପାରେ । ଏହି ଭିନ୍ନତାଗୁଡ଼ିକ ଅତି ସାଧାରଣ ଅଟେ ଓ ଏସବୁର ପ୍ରଭାବ ଆତ୍ମ - ପ୍ରତିଛବି ଉପରେ ପକାଇବା ଉଚିତ୍ ନୁହେଁ । କେତେକ ଗୁଣ ଯଥା ସାହସ, ଦୁର୍ବଳ, ଲଜ୍ଜା ଓ ଶକ୍ତିଶାଳୀ ଏଗୁଡ଼ିକ ପୁରୁଷ କିମ୍ୱା ସ୍ତ୍ରୀ ଅନୁସାରେ ହୋଇନଥାଏ । ଗୁଣଗୁଡ଼ିକର କୌଣସି ଲିଙ୍ଗଗତ ପ୍ରଭାବ ନଥାଏ ।

**ଶିକ୍ଷଣ କାର୍ଯ୍ୟ-୩ :** ଶିକ୍ଷାର୍ଥୀର ଉଚ୍ଚତା ଓ ଓଜନକୁ ଆଧାର କରି ଶିକ୍ଷକ ନିମ୍ନ ସାରଣୀ ପରି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଉଚ୍ଚତା ତୁଳନା କରିବାକୁ କହିବେ ।

**ସାରଣୀ-ଶିକ୍ଷାର୍ଥୀମାନଙ୍କର ଉଚ୍ଚତା ଏବଂ ଓଜନ**

| କ୍ର.ନଂ | ନାମ | ବୟସ(ବର୍ଷରେ) (ସେ.ମି) | ଉଚ୍ଚତା | ଓଜନ (କେ.ଜି) |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |
| ୫. | | | | |
| ୬. | | | | |
| ହାରାହାରି | | | | |

ଶିକ୍ଷାର୍ଥୀମାନେ ୬ ମାସ ପରେ ନିଜର ଓଜନ ଓ ଉଚ୍ଚତାକୁ ସେହିଭଳି ଏକ ସାରଣୀରେ ଲିପିବଦ୍ଧ କରି ବର୍ତ୍ତମାନର ଉଚ୍ଚତା ଓ ଓଜନ ସହ ତୁଳନା କରିବେ ଏବଂ ପାର୍ଥକ୍ୟର କାରଣ ଖୋଜିବେ । ଶିକ୍ଷକ ଏହି ସବୁ ପାର୍ଥକ୍ୟ ଅତି ସାଧାରଣ ବୋଲି ପ୍ରାଧାନ୍ୟ ଦେବେ । ଶିକ୍ଷକ ସେମାନଙ୍କୁ ଏସବୁ ତଥ୍ୟ ବ୍ୟବହାର କରି ଏକ ଗ୍ରାଫ୍ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିବେ ଏବଂ ଉକ୍ତ ତଥ୍ୟଗୁଡ଼ିକୁ ବ୍ୟାଖ୍ୟା କରିବେ । ବିଶ୍ଳେଷଣତାକୁ ଆଧାର କରି ଶିକ୍ଷକ ବିକାଶ ଓ ବୃଦ୍ଧିରେ ଦେଖାଯାଉଥିବା ଭିନ୍ନତା ଓ ସେ ସଂପର୍କିତ ଶାରୀରିକ ଯୋଗ୍ୟତାର (fitness) ଗୁରୁତ୍ୱକୁ ପିଲାମାନଙ୍କ ମଧ୍ୟରେ ଆଲୋଚନା କରିବେ ।

## ଶାରୀରିକ ସୁସ୍ଥ କିପରି ରହିବା

ଉପଯୁକ୍ତ ବୃଦ୍ଧି ଓ ବିକାଶ ଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟ ଉତ୍ତମ ହୋଇଥାଏ । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ବିକାଶ ଓ ବୃଦ୍ଧି କିମ୍ୱା ଉଚ୍ଚତା ଓ ଓଜନ ଜାଣିବା ଯଥେଷ୍ଟ

Module 5

ନୁହେଁ । ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶାରୀରିକ ସୁସ୍ଥତା, ମାନସିକ ଓ ଆବେଗିକ ଦୃଷ୍ଟି କୋଣର ମଜଭୂତ କରିବା । ଶାରୀରିକ ଯୋଗ୍ୟତା ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଶରୀରର ଆକାର ଓ ଆକୃତି, କାର୍ଯ୍ୟକ୍ଷମତା, ରକ୍ତ ସଂଚାଳନ ଏବଂ ଶରୀରର ସମସ୍ତ ଆଭ୍ୟନ୍ତରୀଣ ଅଙ୍ଗ ଓ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏହା ଶିକ୍ଷଣ କୌଶଳକୁ ବୃଦ୍ଧି କରିବାରେ ଖେଳ ଓ କ୍ରୀଡା ପ୍ରଦର୍ଶନ, ସାଧାରଣ ଜୀବନ ଯାପନ, ଶୈଳୀରେ ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଥାଏ । ଶିକ୍ଷାର୍ଥୀମାନଙ୍କୁ ସୁସ୍ଥ ରଖିବା ନିମନ୍ତେ ଶିକ୍ଷକ ବୟସ ଅନୁଯାୟୀ ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମର ଆୟୋଜନ କରିବା ଉଚିତ୍ । ଶାରୀରିକ ଯୋଗ୍ୟତାର ମୁଖ୍ୟ ଉପାଦାନଗୁଡ଼ିକ ହେଲା – ସାମର୍ଥ୍ୟ, ବେଗ, ସହିଷ୍ଣୁତା, ନମନୀୟତା ଓ କ୍ଷିପ୍ରତା ।

ଶାରୀରିକ ଯୋଗ୍ୟତା ହେଉଛି ଶାରୀରିକ ପ୍ରଚେଷ୍ଟାର ପ୍ରତ୍ୟୁତ୍ତର ଦେବା, ସାଧାରଣ କ୍ଷମତାସହ ଖାପ ଖୁଆଇବା । ଏହା ଦୈନନ୍ଦିନ ବଳିଷ୍ଠ ଭାବରେ, ସତର୍କ ଭାବରେ ନିଜର କାର୍ଯ୍ୟ କରିବାର ଦକ୍ଷତାକୁ ହିଁ ବୁଝାଇଥାଏ । କ୍ଲାନ୍ତ ନ ହୋଇ ଅବିରତ ଭାବେ କାର୍ଯ୍ୟ କରିବା, ନିଜର ଶକ୍ତିକୁ କିଛି ଅବସର ସମୟ ନିମନ୍ତେ ଉପଭୋଗ କରିବା ଓ ଜରୁରୀକାଳୀନ ପରିସ୍ଥିତିର ସାମନା କରିବା ମଧ୍ୟ ଶାରୀରିକ ଯୋଗ୍ୟତାକୁ ବୁଝାଇଥାଏ । ସୁସ୍ଥ ହେବା ପାଇଁ ଜଣକୁ ବିଭିନ୍ନ ପ୍ରକାର ଶାରୀରିକ କ୍ରୀଡ଼ା ଯଥା – ଖେଳ ଓ କ୍ରୀଡା, ଯୋଗ କରିବା, ସୁସ୍ଥ ଖାଦ୍ୟ ଖାଇବା ଏବଂ ପରିଷ୍କାର ପରିଚ୍ଛନ୍ନ ରହିବାର ଅଭ୍ୟାସ ରଖିବା ଆବଶ୍ୟକ । ଏହି ସମସ୍ତ କାର୍ଯ୍ୟ ପିଲାର ବୟସ ଓ କ୍ଷମତା ଅନୁଯାୟୀ ପରିବର୍ତ୍ତନ ହେବା ଆବଶ୍ୟକ ।

## ଶାରୀରିକ ଯୋଗ୍ୟତାର ଉପାଦାନ

- ଶାରୀରିକ ଯୋଗ୍ୟତାର ଉପାଦାନଗୁଡ଼ିକ କ'ଣ ?
- ଆପଣ ସେଗୁଡ଼ିକର ନାମ କହିପାରିବ କି ?
- ଏଗୁଡ଼ିକର କିପରି ଉନ୍ନତି କରାଯାଇ ପାରିବ ?
- ଶାରୀରିକ ଯୋଗ୍ୟତାର ବିକାଶ ନିମନ୍ତେ କେଉଁ ସବୁ କାର୍ଯ୍ୟ ସହାୟକ ହୋଇଥାଏ ।

Module 5

ପାଞ୍ଚ, ଛଅ ମିନିଟ୍ ପର୍ଯ୍ୟନ୍ତ ଚିନ୍ତା କରିବା ପରେ ଆପଣ ଶାରୀରିକ ଯୋଗ୍ୟତାର ଉପାଦାନଗୁଡ଼ିକୁ ଆଲୋଚନା କରିପାରିବେ । ସେଗୁଡ଼ିକ ହେଲା–

**ସାମର୍ଥ୍ୟ :** ଏହା ହେଉଛି କୌଣସି ଏକ କାର୍ଯ୍ୟକୁ ପ୍ରତିରୋଧ କରିବା ନିମନ୍ତେ ମାଂସ ପେଶୀର କ୍ଷମତା । ଉପରକୁ ଠେଲିବା, ଛିଡାହୋଇ ଉପରକୁ ଡେଇଁବା ଇତ୍ୟାଦି ସାମର୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ ।

**ବେଗ :** ଏହା ଗତି କରିବାର ହାର ଦ୍ୱାରା ମପାଯାଏ । ବେଗ ହେଉଛି ପିଲାଟିର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିଛି ଦୂରତା ଅତିକ୍ରମ କରିବାର କ୍ଷମତା ।

**ଉଦାହରଣ ସ୍ୱରୂପ :**

ଏକ ସମତଳ ପୃଷ୍ଠ ଭୂମି ଉପରେ ୨୦ ରୁ ୫୦ମିଟର ପାଦ ଚାଲିବା ପାଇଁ ପିଲାଟିଏ କେତେ ସମୟ ଆବଶ୍ୟକ କରେ ?

**ସହିଷ୍ଣୁତା :** ଏହା ହେଉଛି କ୍ଲାନ୍ତ ଅବସ୍ଥାରେ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକରିବାର କ୍ଷମତା ।

**ନମନୀୟତା :** ଏହା ହେଉଛି ଅଧିକ ବିସ୍ତାରିତ ଭାବରେ (ସଂପ୍ରସାରିତ) କୌଣସି ଏକ କାର୍ଯ୍ୟ କରିବାର କ୍ଷମତା । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ହେଉଛି ସଂପୂର୍ଣ୍ଣ ଶରୀରକୁ କିମ୍ବା ଏକ ନିର୍ଦ୍ଦିଷ୍ଟ ଅଙ୍ଗକୁ ଯଥାସମ୍ଭବ ଗତି କରାଇବା ବସିବା ଓ ପହଞ୍ଚିବା (Sit & Reach test) ପରୀକ୍ଷା ନମନୀୟତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହା ହେଉଛି କ୍ଷୀପ୍ର ଭାବରେ ଗତି କରିବାର କ୍ଷମତା । ଏକ ଶିକ୍ଷାର୍ଥୀର କ୍ଷୀପ୍ର ତାକୁ ମାପିବା ପାଇଁ 4 × 10 ମିଟର ସଟଲରନ୍ ପରୀକ୍ଷା (ଲୁଗାବୁଣା ପରୀକ୍ଷା) ଅୟୋଜନ କରାଯାଇପାରେ ।

## ଶିକ୍ଷଣ କାର୍ଯ୍ୟ–୪

ଆମେ ଦୈନନ୍ଦିନ ଜୀବନରେ କରୁଥିବା କାର୍ଯ୍ୟଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ । ସେଗୁଡ଼ିକ ମଧ୍ୟରୁ ଯେଉଁ ସବୁ ଆପଣଙ୍କର ଶାରୀରିକ ଯୋଗ୍ୟତା ନିମନ୍ତେ ସାହାଯ୍ୟ କରେ ତାର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଏହି ଭଳି କେତେକ କାର୍ଯ୍ୟର ଉଦାହରଣ ତଳେ ଦିଆଗଲା । ଏହି ତାଲିକାରେ ଆଉ କେତେ ଗୁଡ଼ିଏ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାନ୍ତୁ ।

ଘର ଭିତରର କାର୍ଯ୍ୟ

Module 5

● ଟେବୁଲ ତଳେ ଗୁରୁଣ୍ଡିବା

● ସନ୍ତୁଳନ ରକ୍ଷା କରିବା ନିମନ୍ତେ ଏକ ବସ୍ତୁର ବ୍ୟବହାର କରିବା।

● କୁଦା ମାରିବା

● ନାଚ କରିବା

**ଯୋଗକାର୍ଯ୍ୟକ୍ରମ**

● ..............................

● ..............................

● ..............................

**ଘର ବାହାରରେ କାର୍ଯ୍ୟ**

● ଏକ ସିଡ଼ି ଚଢ଼ିବା।

● ଡେଇଁବା, ଗୁରୁଣ୍ଡିବା ଏବଂ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନରୁ ଚାଲିବା।

● କେତେକ ପ୍ରତିବନ୍ଧକ ମଧ୍ଯ ଦେଇ ଅଙ୍କାବଙ୍କା ଭାବେ ଦୌଡ଼ିବା

● ବିଭିନ୍ନ ବସ୍ତୁ ଉପରେ ଡେଇଁବା

● ଚାଲିବା

● ..................................

● ..................................

● ..................................

କ୍ୟାଲିସ୍ଥେନିକ୍ସ / ସାମୁହିକ ଯୋଗ୍ୟତା ଏବଂ ବିଭିନ୍ନ ଲୟାତ୍ମକ କାର୍ଯ୍ୟ ସଙ୍ଗୀତର ତାଳେତାଳେ ବାରମ୍ବାର କରିବା ଦ୍ୱାରା ଶରୀରର ବିଭିନ୍ନ ପ୍ରକାରର ଗତି ହୋଇଥାଏ। ବିଭିନ୍ନ ପ୍ରକାରର ମୁକ୍ତ ହସ୍ତ ବ୍ୟାୟାମ, ହାଲୁକା ପଦାର୍ଥ ମାଧ୍ୟମରେ ବ୍ୟାୟମ, ମାର୍ଚ୍ଚଡ୍ରିଲ୍, ଅଧିକ ଅମ୍ଳଜାନ ଗ୍ରହଣ କରିବା ବ୍ୟାୟାମ, କବିତା ଆବୃତ୍ତି ଓ ନୃତ୍ୟ ଏହାର ଅନ୍ତର୍ଭୁକ୍ତ। ଏହିପରି କାର୍ଯ୍ୟ ନିମନ୍ତେ ବିଭିନ୍ନ ଉପକରଣ

**ଯଥା –** ବଲ୍, ଡମ୍ବରୁ, ଲୁହା ବା କାଠ, ଛତା, କୁକୁର ବାଡ଼ି ଇତ୍ୟାଦିର ବ୍ୟବହାର କରାଯାଇପାରିବ।



Fig 2A - Atttention    Fig 2 B - Steps for Turn    Fig 2C - March pass Stepss

Module 5

## ଉତ୍ତମ ଅଙ୍ଗଭଙ୍ଗୀର ବିକାଶ: (Development of good posture)

ତୁମେ ଲକ୍ଷ୍ୟ କରିଥିବ କେତେକ ପିଲା ଚାଲିଲାବେଳେ, ଛିଡ଼ା ହେଲାବେଳେ, ବସିବାବେଳେ, ଦୌଡ଼ିବା ବେଳେ ଉତ୍ତମ ଅଙ୍ଗଭଙ୍ଗୀ ରଖନ୍ତି ନାହିଁ। ଆସନ୍ତୁ କେତେ ଅଙ୍ଗଭଙ୍ଗୀକୁ ଦେଖିବା। ନିମ୍ନଲିଖିତ ମଧ୍ୟରୁ କେଉଁଟି ଉତ୍ତମ ଅଙ୍ଗଭଙ୍ଗୀ ଅଟେ ?

### ବସିବା ଅବସ୍ଥାର ଅଙ୍ଗଭଙ୍ଗୀ :

ଗୋଡ଼ ଦୁଇଟିକୁ ପରସ୍ପରଠାରୁ ଆବଶ୍ୟକ ଦୂରତାରେ ରଖି ପାଦ ଦୁଇଟି ସିଧା ରଖିବା ଉଚିତ୍। ଚିତ୍ରରେ ଦର୍ଶଗଲା ପରି ଚୌକିରେ ପିଠିକୁ ସିଧା କରି ବସିବା।




ଚିତ୍ର - ୩ (କ) ବସିବା ଅଙ୍ଗଭଙ୍ଗୀ   ଚିତ୍ର-୩ (ଖ) ଓଜନ ଉଠାଇବା ଅଙ୍ଗଭଙ୍ଗୀ

ଯଦି ଆମେ ଠିକ୍ ଢ଼ଙ୍ଗରେ ବସିବା ନାହିଁ, ଛିଡା ହେବା ନାହିଁ କିମ୍ବା ଶୋଇବା ନାହିଁ ଅଧିକ ସମୟ ଏପରି କରିବା ଦ୍ୱାରା ଆମ ମେରୁଦଣ୍ଡ (ପିଠି) ଓ ବେକରେ ଯନ୍ତ୍ରଣା ହୋଇପାରେ। ଫଳରେ ଆମକୁ ଡାକ୍ତର କିମ୍ବା ବିଶେଷଜ୍ଞଙ୍କ ସହାୟତା ନେବାକୁ ପଡ଼ିପାରେ।

ଉପରିସ୍ଥ ଅଙ୍ଗଭଙ୍ଗୀର ସଂଶୋଧନ ନିମନ୍ତେ ନିମ୍ନଲିଖିତ ବ୍ୟାୟାମଗୁଡ଼ିକୁ କରିବା ଉଚିତ୍।

- ଭୂଜଙ୍ଗାସନ
- ଚାଲିଲାବେଳେ ମୁଣ୍ଡକୁ ଏପରି ଅବସ୍ଥାରେ ରଖନ୍ତୁ ଯେପରିକି ଆଖି ଦୁଇଟି ଆଗକୁ ଦେଖିବ।
- ମୁଣ୍ଡରେ କିଛି ବହିରଖି ସନ୍ତୁଳନ ଅବସ୍ଥାରେ ଚାଲନ୍ତୁ।

### ଖେଳ ଓ କ୍ରୀଡ଼ାର ଗୁରୁତ୍ୱ

ଥରେ ଭାବନ୍ତୁ ଆପଣ ପିଲାଙ୍କୁ ଖେଳିବାକୁ ଅଭିପ୍ରେରିତ କରିବା ନିମନ୍ତେ କ'ଣ ସବୁ କରୁଛନ୍ତି ? ସେମାନେ କେବେ କୌଣସି ଜାତୀୟ ପ୍ରତିଯୋଗିତା ଦେଖିଛନ୍ତି କି ?

Module 5

ସେମାନେ ଖେଳାଳୀମାନଙ୍କ ପରି ଖେଳିବାକୁ ଆକାଂକ୍ଷା ରଖିଛନ୍ତି କି ?

ଆପଣଙ୍କ ଅଞ୍ଚଳରେ ଶାରୀରିକ ଶିକ୍ଷାର ସ୍ଥିତି କ'ଣ ?

ପ୍ରତ୍ୟେକ ଶ୍ରେଣୀରେ ଶାରୀରିକ ଶିକ୍ଷା ନିମନ୍ତେ କୌଣସି ନିୟମିତ ପିରିୟଡ଼ ଅଛି କି ?

ପ୍ରାଥମିକ ସ୍ତରରେ ବିଦ୍ୟାଳୟଗୁଡ଼ିକରେ ଶାରୀରିକ ଯୋଗ୍ୟତା କାର୍ଯ୍ୟକ୍ରମ ଗୁଡ଼ିକୁ ପରିଚାଳନା କରିବାର ଦାୟିତ୍ୱ କେବଳ ଶାରୀରିକ ଶିକ୍ଷକଙ୍କର ବୋଲି ଆପଣ ଭାବୁଛନ୍ତି କି ?

ଅଂଶଗ୍ରହଣକାରୀମାନଙ୍କ ସହିତ ସୋମାନେ ଖେଳୁଥିବା ଖେଳଗୁଡ଼ିକ ବିଷୟରେ ଆଲୋଚନା କରନ୍ତୁ । ସେମାନଙ୍କ ଅଂଚଳରେ ଥିବା ଖେଳଗୁଡ଼ିକ ବିଷୟରେ ମଧ୍ୟ ସେମାନଙ୍କୁ ପଚାରନ୍ତୁ ।

ସେମାନଙ୍କୁ କୁହନ୍ତୁ ଯେ କ୍ରୀଡ଼ା ଉଭୟ ଦଳଗତ ଓ ବ୍ୟକ୍ତିଗତ ଭାବରେ ହୋଇପାରେ । ବ୍ୟକ୍ତିଗତ କ୍ରୀଡ଼ାଗୁଡ଼ିକ ହେଲା - ଦୌଡ଼ କୁଦ, ଫୋପାଡ଼ିବା, ଜିମ୍ନାଷ୍ଟିକ, ପହଁରା ଇତ୍ୟାଦି । ଟ୍ରାକ୍‌ଭିତ୍ତିକ ଖେଳଗୁଡ଼ିକ ହେଲା - ଦୌଡ଼, ଉଚ୍ଚ ଡିଆଁ, ଲମ୍ବଡ଼ିଆଁ ଏବଂ ଫୋପାଡ଼ିବା, ଦୌଡ଼ିବା ଖେଳଗୁଡ଼ିକ ହେଲା - ସ୍ୱଳ୍ପ, ମଧ୍ୟମ ଓ ଅଧିକ ଦୂର ଦୌଡ଼ । ସେହିପରି ପଡିଆ ଖେଳଗୁଡ଼ିକ ହେଲା - ଉଚ୍ଚ ଡିଆଁ, ଲମ୍ବଡ଼ିଆଁ ଓ ଫୋପାଡ଼ିବା । ଏହି ଖେଳଗୁଡ଼ିକ ଉତ୍ତମ ପ୍ରଦର୍ଶନ ନିମନ୍ତେ କିଛି ମୌଳିକ କୌଶଳ ଆବଶ୍ୟକ କରିଥାଏ ।

ଦଳଗତ ଖେଳରେ ଏକ ନିର୍ଦ୍ଦିଷ୍ଟ ଖେଳଟିଏ ଖେଳିବାକୁ ହେଲେ ବହୁତ ସଂଖ୍ୟକ ଖେଳାଳୀ ଆବଶ୍ୟକ ହୋଇଥାଏ । ଏହି ଖେଳଗୁଡ଼ିକ ଦଳ ମଧ୍ୟରେ ସହଯୋଗୀତା, ସକରାତ୍ମକ ମନୋବୃତ୍ତି ଏବଂ ଖେଳୁଆଡ ମନୋଭାବର ବିକାଶ କରିଥାଏ । ଦଳଗତ ଖେଳଗୁଡ଼ିକ ହେଲା-ଫୁଟବଲ, କବାଡ଼ି, ଭଲିବଲ, ଖୋ ଖୋ, ବାସ୍‌କେଟ ବଲ, କ୍ରିକେଟ ଇତ୍ୟାଦି । ମିଳୁଥିବା ସୁବିଧା ଅନୁଯାୟୀ ପିଲାମାନଙ୍କୁ କୌଣସି ନା କୌଣସି ଖେଳ ଖେଳିବାକୁ ଏବଂ ଯୋଗ କରିବାକୁ ଉତ୍ସାହିତ କରିବା ଉଚିତ୍ ।

Module 5

## ଶାରୀରିକ ଶିକ୍ଷାକୁ ବିଭିନ୍ନ ବିଷୟସହ ସମନ୍ୱିୟ କରିବା

- ପାଞ୍ଚ ଛଅ ଜଣ ଅଂଶ ଗ୍ରହଣକାରୀମାନଙ୍କୁ ନେଇ ଦଳ ଦିଆରି କରନ୍ତୁ।
- ସେହି ଦଳଗୁଡ଼ିକୁ ବିଭିନ୍ନ ବିଷୟ ଅନୁସାରେ ଯଥା – ଭାଷା, ଗଣିତ, ବିଜ୍ଞାନ, ଭୂଗୋଳ, ପରିବେଶ ବିଜ୍ଞାନ ଇତ୍ୟାଦି ନାମରେ ନାମକରଣ କରନ୍ତୁ।
- ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଏହି ବିଷୟଗୁଡ଼ିକୁ ପଢ଼ାଇଲାବେଳେ ସେମାନେ କେଉଁ ପ୍ରକାରର ଶାରୀରିକ କାର୍ଯ୍ୟକ୍ରମ କରିପାରିବେ ତା'ର ଏକ ତାଲିକା ପ୍ରସ୍ତୁତ କରିବାକୁ ସେମାନଙ୍କୁ କୁହନ୍ତୁ।
- ସେମାନଙ୍କୁ ଏଥିପାଇଁ ଦଶମିନିଟ୍ ଦିଅନ୍ତୁ ତା'ପରେ ପ୍ରତ୍ୟେକ ଦଳକୁ ଉପସ୍ଥାପନା କରିବାକୁ କୁହନ୍ତୁ। ଗୋଟିଏ ଦଳ ଉପସ୍ଥାପନା କଲାବେଳେ ଅନ୍ୟଦଳଗୁଡ଼ିକ ନିଜର ମତାମତ ଦେବା ପାଇଁ ସୁଯୋଗ ଦିଅନ୍ତୁ। ଉପସ୍ଥାପନା ଶେଷରେ ସିଦ୍ଧାନ୍ତରେ ଉପନୀତ ହୁଅନ୍ତୁ ଯେ ପ୍ରତ୍ୟେକ ଶିକ୍ଷକ ନିଜ ନିଜର ବିଷୟ ପଢ଼ାଇବାବେଳେ ଶାରୀରିକ ଶିକ୍ଷା କାର୍ଯ୍ୟକୁ ବିଷୟ ସହିତ ସମନ୍ୱିତ କରିବା ସେମାନଙ୍କର ଦାୟିତ୍ୱ ଅଟେ।

ଯମ ଓ ନିୟମ ହେଉଛି ଦୁଇଟି ନୀତି ଯାହାକି ଆମକୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ନିମ୍ନଲିଖିତ ମାନକ ନିମନ୍ତେ ସାହାଯ୍ୟ କରିଥାଏ। ଯମର ୫ଟି ନୀତି ହେଲା – ଅହିଂସା, (Non-Violence), ସତ୍ୟ (Truthfulness) ଆସ୍ତେୟ (non stealing), ବ୍ରହ୍ମଚର୍ଯ୍ୟ (abstinence) ଓ ଅପରିଗ୍ରହ (non collectiveness) । ସେହିପରି ନୀୟମର ୫ଟି ନୀତି ହେଲା – ଶୌଚ (cleanliness), ସନ୍ତୋଷ (satisfaction), ସଂଯମ (austerity), ସ୍ୱାଧ୍ୟାୟ (study or good litelature and knowing about the self) ଏବଂ ଈଶ୍ୱର ପ୍ରଣିଧାନ (dedication to supreme power)

Module 5

## ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ନିମନ୍ତେ ଯୋଗ:

ଅଂଶ ଗ୍ରହଣକାରୀମାନେ ଯୋଗ ବିଷୟରେ କେତେ ଦୂର ସଚେତନ ଅଛନ୍ତି ଜାଣିବା ପାଇଁ ସେମାନଙ୍କୁ କେତେଗୁଡ଼ିଏ ପ୍ରଶ୍ନ ପଚରାଯାଇପାରେ।

ଯୋଗ କହିଲେ ତୁମେ କଣ ବୁଝ ?

ପ୍ରାଥମିକ ସ୍ତରରେ ଯୋଗକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍କି ?

ପିଲାମାନଙ୍କର ସ୍ୱାସ୍ଥ୍ୟର ଉନ୍ନତିରେ ଯୋଗ କିପରି ସାହାଯ୍ୟ କରିପାରିବ ?

ପିଲାମାନଙ୍କ ନିମନ୍ତେ ଯୋଗର ଉପକାରିତା କ'ଣ ?

ଯୋଗ କରିବା ସମୟରେ ଜଣକୁ କେଉଁ ଦିଗ ପ୍ରତି ସତର୍କ ରହିବା ଉଚିତ୍ ?

ସେମାନଙ୍କୁ କିଛି ସମୟ ଚିନ୍ତା କରିବାକୁ ଦିଅନ୍ତୁ ଆଲୋଚନା ପରେ ନିମ୍ନଲିଖିତ ଗୁଡ଼ିକୁ ଉପସ୍ଥାପନା କରାଯିବ।

ସାଧାରଣତଃ, ଲୋକମାନେ ଭାବନ୍ତି ଯେ ଯୋଗର ଅର୍ଥ କେବଳ ଆସନ ଓ ପ୍ରାଣାୟମ। କିନ୍ତୁ ଯୋଗରେ ଅନେକଗୁଡ଼ିଏ ଅଭ୍ୟାସ ଅନ୍ତର୍ଭୁକ୍ତ ଯଥା – ଯମ, ନୀୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, କ୍ରିୟା, ମୁଦ୍ରା, ବନ୍ଧ, ଧାରଣା, ଧ୍ୟାନ (Meditation)

ଯୋଗକୁ ଅନୌପଚାରିକ ଭାବରେ ପ୍ରାଥମିକ ସ୍ତରଠାରୁ ଅନ୍ତର୍ଭୁକ୍ତ କରାଯାଇପାରେ। କିନ୍ତୁ ଔପଚାରିକ ଭାବେ ଯୋଗ ଓ ବ୍ୟାୟାମର ପରିଚୟ ୬ଷ୍ଠ ଶ୍ରେଣୀ ଠାରୁ ଆରମ୍ଭ ହେବା ଉଚିତ୍।

ଯୋଗ ପିଲାମାନଙ୍କର ଶାରୀରିକ, ଆବେଗିକ ଓ ମାନସିକ ସ୍ୱାସ୍ଥ୍ୟ ନିମନ୍ତେ ଏକ ସକରାତ୍ମକ ଓ ସ୍ୱାସ୍ଥ୍ୟପ୍ରଦ ଜୀବନ ଶୈଳୀକୁ ଉତ୍ସାହିତ କରିଥାଏ। ଯୋଗ ଶାରୀରିକ ସ୍ତରରେ ସାମର୍ଥ୍ୟ, ସହନଶକ୍ତି, ସହିଷ୍ଣୁତା ଏବଂ ଉଚ୍ଚଶକ୍ତି ସଂପନ୍ନ ହେବା ପାଇଁ ସାହାଯ୍ୟ କରିଥାଏ। ଏହା ମଧ୍ୟ ଜଣଙ୍କର ଏକାଗ୍ରତା, ଶାନ୍ତି, ନିସ୍ତବ୍ଧତା ଏବଂ ମାନସିକ ସ୍ତରରେ ସନ୍ତୋଷ ଲାଭ କରିବାରେ ସହାୟକ ହୋଇଥାଏ। ଏଣୁ ପିଲାମାନଙ୍କୁ ଯୋଗାଭ୍ୟାସର ଆବଶ୍ୟକତା ରହିଛି। କେତେକ ଆସନ, ପ୍ରାଣାୟମ ଓ କ୍ରିୟାର ନାମ ତଳେ ଦିଆଗଲା।



ଚିତ୍ର -୪ ଯୋଗାଭ୍ୟାସ

**ଆସନ:**

ଛିଡ଼ା ହେବା ଅଙ୍ଗଭଙ୍ଗୀ – ତାଡ଼ାସନ, ବୃକ୍ଷାସନ, ତ୍ରିକୋଣାସନ, ଗରୁଡ଼ାସନ,

ବସିବା ଅଙ୍ଗଭଙ୍ଗୀ – ଯୋଗମୁଦ୍ରାସନ, ବଦ୍ଧ, ପଦ୍ମାସନ, ପଶ୍ଚିମା-ତାନାସନ, ସୁପ୍ତ ବଜ୍ରାସନ, ଗୋମୁଖାସନ, ଅର୍ଦ୍ଧ-ମତ୍ସ୍ୟେନ୍ଦ୍ରାସନ

ମୁହଁ ମାଡି ଶୋଇବା ଅଙ୍ଗଭଙ୍ଗୀ – ଭୂଜଙ୍ଗାସନ, ଶଲଭାସନ, ଧନୁରାସନ, ମକରାସନ।

ଉପରକୁ ମୁହଁ କରି ଶୋଇବା ଅଙ୍ଗଭଙ୍ଗୀ – ସେତୁବନ୍ଧାସନ, ଅର୍ଦ୍ଧହଳାସନ ମତ୍ସ୍ୟାସନ, ଚକ୍ରାସନ, ପବନ ମୁକ୍ତାସନ।

ପ୍ରାଣାୟମ : ଅନୁଲମ ବିଲୋମ, ସିତ୍କାରୀ, ଭ୍ରାମରୀ ପ୍ରାଣାୟମ,

କ୍ରିୟା – କପାଳ ଭାତି ଓ ଅଗ୍ନିସାର



Module 5

## ଯୋଗାଭ୍ୟାସ ନିମନ୍ତେ ସାଧାରଣ ନିୟମ

- ଅଧିକାଂଶ ଆସନ ପ୍ରାଣାୟମ ଓ କ୍ରିୟା ଅଳ୍ପ ଆହାରରେ କିମ୍ବା ଖାଲି ପେଟରେ କରିବା ଉଚିତ୍ ।
- ଯୋଗାଭ୍ୟାସ ନିମନ୍ତେ ପ୍ରାତଃ ସମୟ ହେଉଛି ସର୍ବୋତ୍କୃଷ୍ଟ ସମୟ କିନ୍ତୁ ଖାଲି ପେଟରେ ମଧ୍ୟାହ୍ନ ଭୋଜନର ତିନିଘଣ୍ଟା ପରେ ସନ୍ଧ୍ୟା ସମୟରେ ମଧ୍ୟ ଏହାକୁ କରିପାରିବ ।
- ତୁମେ କ୍ଳାନ୍ତ ହୋଇଥିବା ସମୟରେ କିମ୍ବା ତରବରରେ ଯୋଗ କରିବା ଉଚିତ୍ ନୁହେଁ ।
- ଯୋଗ କରିବା ନିମନ୍ତେ ଏକ ଶାନ୍ତ, ସ୍ୱଚ୍ଛ ଓ ଉତ୍ତମ ବାୟୁ ଚଳାଚଳ ସ୍ଥାନ ବାଛିବା ଉଚିତ୍ ।
- କୌଣସି ଏକ ଦରି ବା ଆସନ ଉପରେ ଯୋଗାଭ୍ୟାସ କରିବା ଉଚିତ୍ ।
- ଯୋଗାଭ୍ୟାସ କରିବା ପୂର୍ବରୁ ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ଏବଂ ଋତୁ ଅନୁଯାୟୀ ଥଣ୍ଡା ପାଣିରେ କିମ୍ବା ନଖ ଉଷୁମ ପାଣିରେ ସ୍ନାନ କରିବା ଉଚିତ୍ ।
- ଯୋଗ କରିବା ସମୟରେ ହାଲୁକା, ଢ଼ିଲା ଓ ଆରାମଦାୟକ ପୋଷାକ ପିନ୍ଧିବା ଉଚିତ୍ ।
- ଯୋଗ ସମୟରେ ଆମର ପ୍ରଶ୍ୱାସ ନିଶ୍ୱାସ ସାଧାରଣ ବା ପ୍ରାକୃତିକ ହେବା ଉଚିତ୍ ।
- ଯୋଗାଭ୍ୟାସର କେତେକ ତ୍ରୁଟିମଧ୍ୟ ରହିଛି । ଯଦି ତୁମେ କୌଣସି ସମସ୍ୟା ବା ରୋଗରେ ପଡ଼ିଛ ତେବେ ଯୋଗ କରିବା ପୂର୍ବରୁ ତୁମ ଶିକ୍ଷକଙ୍କ ସହିତ ପରାମର୍ଶ କର ।
- ଯୋଗାଭ୍ୟାସ ସମୟରେ ପ୍ରାରମ୍ଭରୁ ସହଜ ଓ ପରେ କଠିନ ଯୋଗଗୁଡ଼ିକ କରିବା ଉଚିତ୍ ।
- ଥରେ ବିଦ୍ୟାଳୟରେ ଶିଖିଲାପରେ ଘରେ ଅନ୍ତତଃ ଥରେ ଯୋଗାଭ୍ୟାସ କରିବା ଉଚିତ୍ ।
- ଯୋଗର ବ୍ୟାପକ ଅର୍ଥ ରହିଛି ତେଣୁ ଆସନ ଓ ପ୍ରାଣାୟମ ବ୍ୟତୀତ ଜଣଙ୍କର ନୈତିକ ମୂଲ୍ୟବୋଧ ରହିବା ଉଚିତ୍ ।

ଯାହା ହେଉନା କାହିଁକି ଭିନ୍ନକ୍ଷମ ପିଲାମାନେ ସେମାନଙ୍କ କ୍ଷମତା ଅନୁଯାୟୀ ଯୋଗଶିକ୍ଷକ କିମ୍ବା ବିଶେଷକଙ୍କ ପରାମର୍ଶ କ୍ରମେ ଯୋଗ କରିବା ଉଚିତ୍ ।

କାର୍ଯ୍ୟସଂପଦାନା କରୁଥିବା ବ୍ୟକ୍ତି ଶାରୀରିକ ଯୋଗ୍ୟତା, ଖେଳ ଓ କ୍ରୀଡା ସମ୍ବନ୍ଧୀୟ ସୂଚନା ପ୍ରାପ୍ତ ନିମନ୍ତେ ନିମ୍ନଲିଖିତ ପୁସ୍ତକ ଅନୁସରଣ କରିବା ଉଚିତ୍ ।

Module 5

## ଟିପ୍ପଣୀ :

ଏନ୍.ସି.ଇ.ଆର.ଟି ୬ଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ନିମନ୍ତେ Assessment on Health and Physical Education for Pry. Stage and Teachers guide in Health and Physical Education ପ୍ରସ୍ତୁତ କରିଛି।

## ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ ଓ ପରିଷ୍କାର ପରିଚ୍ଛନ୍ନତା

ଶାରୀରିକ ବ୍ୟାୟାମ ସହିତ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ ଓ ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ଜରୁରୀ ଅଟେ। ଆମର ଶରୀର ସେତେବେଳେ ସୁସ୍ଥ ରହିବ ଯେତେବେଳେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସୁଚାରୁରୂପେ କାର୍ଯ୍ୟ କରିବେ। ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକ ସୁସ୍ଥ ଓ କାର୍ଯ୍ୟକ୍ଷମ ହେବେ ଯେତେବେଳେ ଆମେ ନିୟମିତ ଭାବେ ପୁଷ୍ଟିକର ଖାଦ୍ୟଖାଇବା, ପରିଷ୍କାର ପରିଚ୍ଛନ୍ନ ରହିବା, ନିୟମିତ ବ୍ୟାୟାମ କରିବା ଏବଂ ଏକ ସୁସ୍ଥ ଜୀବନ ବିତାଇବା। ଏକ ସୁସ୍ଥ କାର୍ଯ୍ୟକ୍ଷମ ଶରୀର ସର୍ବଦା ନିଜ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଏକ ସକରାତ୍ମକ ମନୋବୃତ୍ତିର ବିକାଶ କରିଥାଏ।

- ସମସ୍ତ ଅଂଶଗ୍ରହଣକାରୀଙ୍କୁ ୫ – ୬ ଜଣ ବିଶିଷ୍ଟ ଦଳରେ ଭାଗ କରି ପ୍ରତ୍ୟେକ ଦଳକୁ କିଛି କାର୍ଯ୍ୟ ଦିଅନ୍ତୁ।
- କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବା ପାଇଁ ପ୍ରତ୍ୟେକ ଦଳକୁ ୧୫ ମିନିଟ୍ ସମୟ ଦିଅନ୍ତୁ।

## ଦଳ-୧ ପାଇଁ କାର୍ଯ୍ୟ

- ସ୍ୱାସ୍ଥ୍ୟପ୍ରଦ ଭୋଜନ ନିମନ୍ତେ (ଜଳଖିଆ, ମଧ୍ୟାହ୍ନ ଭୋଜନ କିମ୍ବା ରାତ୍ର ଭୋଜନ) ଏକ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ଦଳ କାହିଁକି ତାକୁ ସ୍ୱାସ୍ଥ୍ୟ ପ୍ରଦ ଖାଦ୍ୟବୋଲି ମନେ କଲେ ତା'ର ଯଥାର୍ଥତା ପ୍ରତିପାଦନ କରନ୍ତୁ।

## ଦଳ-୨ ନିମନ୍ତେ କାର୍ଯ୍ୟ

- ଖାଦ୍ୟାଭ୍ୟାସର ପ୍ରଚାର ନିମନ୍ତେ ଅତିକ୍ରମରେ ୬ଟି ସ୍ଲୋଗାନ ପ୍ରସ୍ତୁତ କରନ୍ତୁ। ଏବଂ ଏହି ସ୍ଲୋଗାନଗୁଡ଼ିକ କାହିଁକି ଗୁରୁତ୍ୱପୂର୍ଣ୍ଣ ଦର୍ଶାନ୍ତୁ।

## ଦଳ -୩ ନିମନ୍ତେ କାର୍ଯ୍ୟ

- ଖାଦ୍ୟର ବିକ୍ରୟ ନିମନ୍ତେ ଏକ ବିଜ୍ଞାପନ ପ୍ରସ୍ତୁତ କରନ୍ତୁ ଏବଂ ସାଙ୍ଗମାନଙ୍କ ମଧ୍ୟରେ ଉତ୍ତମ ଖାଦ୍ୟାଭ୍ୟାସ ପାଇଁ ସଚେତନତା କିପରି ସୃଷ୍ଟି କରିପାରିବ କୁହନ୍ତୁ।

Module 5

## ଦଳ-୪ ନିମନ୍ତେ କାର୍ଯ୍ୟ

- ଯୁବ ଗୋଷ୍ଠୀଙ୍କର ଖାଦ୍ୟାଭ୍ୟାସରେ ଗଣମାଧ୍ୟମ କିପରି ପ୍ରଭାବ ପକାଇଥାଏ ବୋଲି ଆପଣ ଭାବୁଛନ୍ତି ? ନିଜ ଭିତରେ ଆଲୋଚନା କରି ୩ ଟି ଉଦାହରଣ ଦିଅନ୍ତୁ ।

## ଦଳ-୫ ନିମନ୍ତେ କାର୍ଯ୍ୟ

- ତୁମ ଘର / ପରିବାର / ସାଙ୍ଗଙ୍କ ପରିବାରର ଜାଣିଥିବା ସୁଷମଖାଦ୍ୟର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଖାଦ୍ୟର ନାମ ସହିତ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ ଲେଖନ୍ତୁ (ରନ୍ଧାଖାଦ୍ୟ ମଧ୍ୟ ନିଆଯାଇପାରେ) ।
- ପ୍ରତ୍ୟେକ ଦଳର ଉପସ୍ଥାପନା ପରେ ଶିକ୍ଷକ ଏହି ସିଦ୍ଧାନ୍ତରେ ପହଂଚାଇବେ ଯେ -
- ପିଲାମାନଙ୍କୁ ସୁସ୍ଥ ରହିବା ନିମନ୍ତେ ଏକ ସୁଚିନ୍ତିତ ଯୋଜନାବଦ୍ଧ ଖାଦ୍ୟର ଆବଶ୍ୟକତା ରହିଛି ।
- ସନ୍ତୁଳିତ ଖାଦ୍ୟ କହିଲେ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର ଓ ଭିଟାମିନ୍‌ର ମିଶ୍ରଣକୁ ବୁଝାଇଥାଏ । ଯାହା ନିମ୍ନରେ ଦର୍ଶାଯାଇଛି ।




ଚିତ୍ର - ୫ (ଖାଦ୍ୟ ପିରାମିଡ୍)

Module 5

- ପ୍ରତ୍ୟେକ ଅଞ୍ଚଳରେ ଆଞ୍ଚଳିକ ପୁଷ୍ଟିକର ଖାଦ୍ୟ ଉପଲବ୍ଧ ଥାଏ। ଏହି ଖାଦ୍ୟଗୁଡ଼ିକୁ ଚିହ୍ନଟ କରି ଖାଦ୍ୟର ଏକ ଅଂଶ ଭାବେ ଗ୍ରହଣ କରିବା ଉଚିତ୍। ଉଦାହରଣ ସ୍ୱରୂପ - ବାଜରା ହେଉଛି ପ୍ରଚୁର କ୍ୟାଲ୍‌ସିୟମରେ ଭରପୁର ଖାଦ୍ୟ ଏବଂ ଏହା ଭାରତର ସମସ୍ତ ସ୍ଥାନରେ ସହଜରେ ମିଳିଥାଏ।
- ପ୍ୟାକିଙ୍ଗ ହୋଇଥିବା ଖାଦ୍ୟ କିମ୍ବା ବଜାରରେ ଉପଲବ୍ଧ ଖାଦ୍ୟ ସ୍ୱାଦିଷ୍ଟ ହୋଇପାରେ କିନ୍ତୁ ସେଥିରେ ଆବଶ୍ୟକ ମୁତାବକ ପୋଷାକତତ୍ତ୍ୱ ନଥିବାରୁ ଏହା ନିୟମିତ ଖାଦ୍ୟର ସ୍ଥାନ ନେଇପାରିବ ନାହିଁ।
- ଯେ ପର୍ଯ୍ୟନ୍ତ ଡାକ୍ତର କିମ୍ବା ପୋଷକତତ୍ୱ ବିଶେଷଜ୍ଞ ପରାମର୍ଶ ଦେଇ ନାହାନ୍ତି ଉପବାସ କରିବା କିମ୍ବା ପତଳା ହେବା ନିମନ୍ତେ ଚେଷ୍ଟା କରିବା ଶରୀର ପକ୍ଷେ କ୍ଷତି କାରକ। ଝିଅମାନଙ୍କୁ ପତଳା ହେବା ପାଇଁ ଏବଂ ପୁଅ ମାନଙ୍କୁ ଡେଙ୍ଗା ଓ ବଳିଷ୍ଠ ହେବା ପାଇଁ ବାହାରୁ ଥିବା ବିଜ୍ଞାପନ ଯୁବ ଗୋଷ୍ଠୀଙ୍କ ଖାଦ୍ୟାଭ୍ୟାସକୁ ଅନୁଚିତ ମାର୍ଗରେ ନେଇଥାଏ।

**ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ ହେଉଛି -**

(କ) ଭଲ ଭାବରେ ଚୋବାଇ ଧୀରେ ଧୀରେ ଖାଇବା।

(ଖ) ଖାଇବାବେଳେ ପଢ଼ିବା କିମ୍ବା ଟି.ଭି. ଦେଖାକୁ ବର୍ଜନ କରିବ।

(ଗ) ସନ୍ତୁଳିତ ଖାଦ୍ୟ ଖାଇବା ଯେଉଁଥିରେ ଖାଦ୍ୟର ସମସ୍ତ ଉପାଦାନ ଆବଶ୍ୟକ ଅନୁପାତରେ ରହିଥିବ।

(ଘ) ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପଅଳ୍ପ କରି ଖାଇବା

(ଙ) ଖାଦ୍ୟ ନ ଖାଇ ରହିବା ନାହିଁ କିମ୍ବା ଅତ୍ୟଧିକ ଖାଇବା ନାହିଁ।

(ଚ) ଯଥେଷ୍ଟ ପରିମାଣର ପାଣି ପିଇବା ( ୮ - ୧୦ ଗ୍ଲାସ ଦୈନିକ ପାଣି ପିଇବା)

**ସ୍ୱାସ୍ଥ୍ୟପ୍ରଦ ପରିଷ୍କାର ପରିଚ୍ଛନ୍ନତା:**

ଅଂଶଗ୍ରହଣକାରୀମାନଙ୍କୁ ଖାଦ୍ୟ ଅଭ୍ୟାସ ବ୍ୟତୀତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କାରଣଗୁଡ଼ିକ ବିଷୟରେ ଚିନ୍ତା କରିବାକୁ କୁହନ୍ତୁ। ସେମାନେ ଶାରୀରିକ ବ୍ୟାୟାମ, ସ୍ୱଚ୍ଛପରିବେଶ, ବ୍ୟକ୍ତିଗତ ପରିଚ୍ଛନ୍ନତା ଇତ୍ୟାଦି ବିଷୟରେ କହିପାରନ୍ତି।

Module 5

ବ୍ୟକ୍ତିଗତ ପରିଚ୍ଛନ୍ନତାର ଅଭ୍ୟାସ ପାଇଁ ଜଣେ କୌଣସି ସମସ୍ୟାର ସମ୍ମୁଖୀନ ହୋଇଥାଏ କି ?

ଯଦି ଜଣେ ବ୍ୟକ୍ତିଗତ ଭାବେ ପରିଚ୍ଛନ୍ନ ନ ରହେ ତେବେ କ'ଣ ହେବ ?

ଅନେକ ଉତ୍ତର ଆସିପାରେ। ସେମାନଙ୍କୁ ଏକ ଖେଳ ଯାହାର ନାଁ 'ପୁଡିଆଟିଏ ପାସ୍ କରିବା' ଖେଳିବାକୁ କୁହାଯିବ।

**ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଠିଆ ହେବାକୁ କୁହନ୍ତୁ**

**ଅଧିକ ଲୋକ ଥିଲେ କେବଳ ୧୦ - ୧୨ ଜଣ ଆଗକୁ ଆସି ଗୋଲାକାରରେ ଠିଆ ହେବେ ଏବଂ ଅନ୍ୟମାନେ ଅନୁମାନ କରିବାକୁ କୁହନ୍ତୁ ?**

- ସ୍ୱାସ୍ଥ୍ୟପ୍ରଦ ପରିଚ୍ଛନ୍ନତା ଅଭ୍ୟାସ ଉପରେ ଲେଖାଥିବା ୧୫ ଟି କାଗଜଚିଟ୍ ସେମାନଙ୍କ ମଝିରେ ରଖନ୍ତୁ।
- ସେମାନଙ୍କ ମଧ୍ୟରୁ ଜଣକୁ ତାଳିମାରିବାକୁ କୁହନ୍ତୁ।
- ତାଳି ଆରମ୍ଭ କେହବା ମାତ୍ରେ ଅନ୍ୟ ସମସ୍ତେ ଏକ ବଲ୍ ଜଣକ ଠାରୁ ଅନ୍ୟ ଜଣକୁ ପାସ୍ କରିବେ।
- ଯେତେବେଳେ ତାଳି ବନ୍ଦ ହୋଇଯିବ ଯାହା ହାତରେ ବଲଟି ଥିବ ସେ ମଝିରୁ ଏକ କାଗଜଖଣ୍ଡ ଉଠାଇବେ ଏବଂ ସେଥିରେ ଲେଖାଥିବା ଅଭ୍ୟାସଟିକୁ ମୁକ ଅଭିନୟ ମାଧ୍ୟମରେ ଦର୍ଶାଇବେ।
- ଦଳର ଅନ୍ୟମାନେ ପ୍ରଦର୍ଶିତ ଅଭିନୟକୁ ଅନୁମାନ କରି କାର୍ଯ୍ୟଟିକୁ ଚିହ୍ନଟ କରିବେ।
- ଯଦି ସେ ଠିକ୍ ଭାବରେ ଅଭିନୟ ନ କରିଲେ ତେବେ ଅନ୍ୟ କାହାକୁ ଡାକି ପୁଣି ଥରେ କାର୍ଯ୍ୟଟିକୁ ଦୋହରାନ୍ତୁ।
- ଅନ୍ୟମାନଙ୍କୁ ନିଶ୍ଚିନ୍ତ କରାନ୍ତୁ ଯେ ସେମାନେ କରୁଥିବା କାର୍ଯ୍ୟଟି ଯେପରି ସମସ୍ତେ ବୁଝିପାରିବେ ଏହାଦ୍ୱାରା ସେମାନଙ୍କର ଖେଳ ଖେଳିଲାବେଳେ ଆତ୍ମ ପ୍ରତିଫଳନ ହୋଇପାରିବ।
- ପରବର୍ତ୍ତୀ ଅଭ୍ୟାସଟିକୁ ଯିବା ପୂର୍ବରୁ ସେହି କାର୍ଯ୍ୟଟିକୁ ସମସ୍ତ ଅଂଶ ଗ୍ରହଣ କାରୀ ପୁଣି ଥରେ କରିବାକୁ କୁହନ୍ତୁ।
- ଏହି ପରିଭାବରେ ୧୫ ଟି ଯାକ କାଗଜଖଣ୍ଡ ସରିବା ଯାଏ ଖେଳଟିକୁ ଖେଳନ୍ତୁ।

Module 5

୧. ପାଇଖାନାଯିବା ପରେ ହାତକୁ ଭଲ ଭାବରେ ସାବୁନ୍‌ରେ ଧୋଇବା।
୨. ଦିନକୁ ୨ ଥର ବ୍ରସ୍ କରିବା।
୩. ପ୍ରତିଦିନ ଗାଧୋଇବା
୪. ହାତ ଓ ପାଦ ଆଙ୍ଗୁଠିରୁ ନଖ କାଟିବା।
୫. ମୁହଁ ଧୋଇଲା ବେଳେ ଆଖି ସଫା କରିବ।
୬. କାନ ସଫା ରଖିବା।
୭. କାଶ କିମ୍ବା ଛିଙ୍କ ହେଲାବେଳେ ମୁହଁରେ ରୁମାଲ ଦେବା।
୮. ଛିଙ୍କିଲାବେଳେ ମୁହଁକୁ ବୁଲାଇ ଛିଙ୍କିବା।
୯. ପରିଷ୍କାର ପୋଷାକ ପିନ୍ଧିବା।
୧୦. ଖାଇ ସାରିବା ପରେ ଭଲ ଭାବରେ ପାଟି କୁଳି କରିବ।
୧୧. ଶୌଚ ହେଲା ପରେ ଭଲ ଭାବେ ପାଣି ଢ଼ାଳିବା।
୧୨. ନଖ କାମୁଡିବା ନାହିଁ।
୧୩. ନାକରେ ଆଙ୍ଗୁଠି ପୁରାଇବା ନାହିଁ।
୧୪. ପ୍ରତିଦିନ ମୁଣ୍ଡ କୁଣ୍ଡାଇବା।
୧୫. ପରିବେଶକୁ ସଫା ରଖିବା।

**ଦିଆଯାଇଥିବା ଚିତ୍ରକୁ ଆଧାର କରି ଏକା ପ୍ରକାରର କାର୍ଯ୍ୟ ପିଲାମାନଙ୍କ ପାଇଁ କରାଯାଇପାରିବ। ଶିକ୍ଷକ ପିଲାମାନଙ୍କର ନାମକୁ ଏକ ଚାର୍ଟରେ ଲେଖି ଶ୍ରେଣୀଗୃହ କାନ୍ଥରେ ଲଗାଇ ଦେବେ।**

- ପିଲାମାନଙ୍କୁ ସେମାନେ ଅନୁସରଣ କରୁଥିବା ଅଭ୍ୟାସ ଉପରେ ଏକ ତାରକା (*) ଚିହ୍ନ ଦେବାକୁ କୁହନ୍ତୁ।
- ତାଙ୍କ ପାଖ ପିଲା ସହ ସେମାନେ କରିଥିବା ତାଲିକା ବିଷୟରେ ଆଲୋଚନା କରିବାକୁ କୁହନ୍ତୁ।
- ସପ୍ତାହର ଶେଷରେ ସେମାନେ ନିଜର ତାଲିକାକୁ ସଂପୂର୍ଣ୍ଣ ଦେଖି ସେମାନଙ୍କ କାର୍ଯ୍ୟଟି ତାଙ୍କର ଅଭ୍ୟାସରେ ପରିଣତ ହୋଇଛି କି ନାହିଁ ଦେଖିବେ। ଯଦି ନ ହୋଇଥିବ ତେବେ କାର୍ଯ୍ୟଟିକୁ ଚାଲୁ ରଖିବେ।

Module
5

## କାର୍ଯ୍ୟଟି ସଂପାଦନ କରୁଥିବା ବ୍ୟକ୍ତି ବା ଶିକ୍ଷକ କହିବେ ଯେ:

- ସୁସ୍ଥ ରହିବା ପାଇଁ ତିନି ପ୍ରକାରର ଖାଦ୍ୟ ଯଥା ଶ୍ୱେତସାର, ସ୍ନେହସାର ଓ ପୁଷ୍ଟିସାର ସହିତ ପୋଷାକ ତତ୍ତ୍ୱଗୁଡ଼ିକୁ ନିର୍ଦ୍ଦିଷ୍ଟ ସମପରିମାଣରେ ସନ୍ତୁଳିତ ଖାଦ୍ୟରେ ଖାଇବା ଯେତିକି ଜଟିଳ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନ ରହିବା ସେତିକି ଜଟିଳ।
- ବ୍ୟକ୍ତିଗତ ପରିଚ୍ଛନ୍ନତା ରହିବା ଦ୍ୱାରା ବୀଜାଣୁ କିମ୍ବା ଭୂତାଣୁ ଦ୍ୱାରା ସଂକ୍ରମଣ ଓ ରୋଗରୁ ଆମକୁ ରକ୍ଷା ମିଳିଥାଏ।



Did I follow healthy habits today?

| S. No. | Name | Did you brush your teeth? | Are your nails cut? | Are your clothes clean? | Is your hair combed? | Have you taken a bath today? |
|---|---|---|---|---|---|---|
| 1. | Afsa | ***** | ***** | ***** | ***** | ***** |
| 2. | Simmi | * | * | | ** | ** |
| 3. | Bhanu | ***** | *** | **** | ***** | *** |
| 4. | Amit | **** | ***** | ** | *** | ***** |
| 5. | Charu | *** | ***** | * | **** | **** |

- ବ୍ୟକ୍ତିଗତ ପରିଚ୍ଛନ୍ନତା ନିମନ୍ତେ କେତେକ ସାଧାରଣ କାର୍ଯ୍ୟ କରିବାକୁ ପଡ଼ିଥାଏ ଯଥା-ହାତ ଧୋଇବା (ଖାଦ୍ୟ ତିଆରେି ବେଳେ, ଖାଇବା ପୂର୍ବରୁ, ଶୌଚ ହେବା ପରେ, ଖେଳ ପରେ) ପ୍ରତିଦିନ ଦୁଇଥର ଦାନ୍ତ ଘଷିବା, ଖାଇବା ପରେ ଭଲ ଭାବେ କୁଳି କରିବା, ସପ୍ତାହକୁ ଥରେ ନଖ କାଟିବା, ନଖ ନ କାମୁଡିବା ଓ ନାକ କିମ୍ବା କାନରେ ଆଙ୍ଗୁଠି ନ ପୂରାଇବା, ପ୍ରତିଦିନ ପୋଷାକ ବଦଳାଇବା, ଚପଲ ପିନ୍ଧି ବାହାରକୁ ଯିବା, କାଶ କିମ୍ବା ଛିଙ୍କ ବେଳେ ମୁହଁ ବୁଲାଇ ଛିଙ୍କିବା ଇତ୍ୟାଦି।

- ◆ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟକ୍ତିଗତ ପରିଚ୍ଛନ୍ନତାକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ ।

Module 5

## ମୁଁ ଆଜି ସ୍ୱାସ୍ଥ୍ୟପ୍ରଦ ଅଭ୍ୟାସ ପାଳନ କରିଛି କି ?

| କ୍ର.ନଂ. | ନାମ | ତୁମେ ପ୍ରତିଦିନ ଦାନ୍ତ ଘଷ କି ? | ତୁମ ନଖ କଟା ଯାଇଛି କି ? | ତୁମ ପୋଷାକ ସଫା ଅଛିକି ? | ତୁମ ମୁଣ୍ଡ କୁଣ୍ଡା ହୋଇଛି କି ? | ତୁମେ ଆଜି ଗାଧୋଇଛ କି ? |
|---|---|---|---|---|---|---|
| ୧. | | | | | | |
| ୨. | | | | | | |
| ୩. | | | | | | |
| ୪. | | | | | | |
| ୫. | | | | | | |

## ମାନ ନିର୍ଦ୍ଧାରଣ ନିମନ୍ତେ ପ୍ରଶ୍ନ

୧. ସ୍ୱାସ୍ଥ୍ୟପ୍ରଦ ଖାଦ୍ୟଭ୍ୟାସ କ'ଣ ବର୍ଣ୍ଣନା କର।

୨. ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ବ୍ୟକ୍ତିଗତ ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ କାହିଁକି ?

୩. ପ୍ରତିଦିନ ଅତି କମ୍‌ରେ ଥରେ ଅଭ୍ୟାସ କରୁଥିବା ବ୍ୟକ୍ତିଗତ ପରିଚ୍ଛନ୍ନତା ଗୁଡ଼ିକ କ'ଣ ?

## ଆବେଗିକ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟ

କେତେକ ଆବେଗକୁ ନେଇ ଅଂଶ ଗ୍ରହଣକାରୀମାନଙ୍କୁ କିଛି ମାନସ ମନ୍ଥନ କରିବାକୁ କୁହନ୍ତୁ। ଯେତେ ଅଧିକ ଆବେଗକୁ ନେଇ ସେମାନେ ଉପସ୍ଥାପନା କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଆବେଗଗୁଡ଼ିକୁ କଳାପଟାରେ ଲେଖନ୍ତୁ। ଆବେଗର ତାଲିକା ଥିବା ଏକ ସାରଣୀ ସେମାନଙ୍କୁ ଦେଖାନ୍ତୁ।

| ଆବେଗ | | | |
|---|---|---|---|
| ଖୁସି | ଲାଜ କରିବା | ଆଶ୍ଚର୍ଯ୍ୟ ହେବା | ଆତଙ୍କିତ ହେବା |
| ରାଗ | ଉଲ୍ଲସିତ ହେବା | ଦୁଃଖିତ ହେବା | ବୁଦ୍ଧିବଣା ହେବା |
| ଅବଗତ ହେବା | ଆଘାତ ଦେବା | ଦ୍ୱନ୍ଦରେ ରହିବା | ଆଶା କରିବା |
| ଭଲ ପାଇବା | ଇର୍ଷା କରିବା | ହତାଶ ହେବା | ଦୋଷୀ ମନେକରିବା |
| ଉତ୍‌ଫୁଲିତ ହେବା | ବିବ୍ରତ ହେବା | ଚିଡ଼୍‌ଚିଡ଼୍ ହେବା | ବୋକା ବନିବା |
| ନିରାଶ ହେବା | ଗର୍ବ କରିବା | ବ୍ୟସ୍ତ ହେବା | ଲଜ୍ଜିତ ହେବା |

Module 5

**ବର୍ତ୍ତମାନ ସେମାନଙ୍କୁ ପଚାରନ୍ତୁ ଯେ ସେମାନଙ୍କ ଶରୀରରେ କ'ଣ ହୁଏ ଯେତେବେଳେ**

- ଆମେ ରାଗିଯାଉ ?
- ଆମେ ଖୁସି ଅନୁଭବ କରୁ ?
- ଆମେ ଦୁଃଖ ଅନୁଭବ କରୁ ?
- ଆମେ ଉଲ୍ଲସିତ ହୋଇପଡୁ ?
- ଆମେ ଆତଙ୍କିତ ହୋଇପଡୁ ?

**ଶିକ୍ଷାର୍ଥୀଙ୍କଠାରୁ ଉତ୍ତର ପାଇଲା ପରେ ସେଥିରେ ନିମ୍ନରେ ଦିଆଯାଇ ଥିବା ସୂଚନାଗୁଡ଼ିକୁ ବ୍ୟବହାର କରନ୍ତୁ ।**

- ରାଗିବା – ଆମେ ଗରମ ହୋଇଯାଉ, ଝାଳ ବୁହେ କିମ୍ବା ମୁଣ୍ଡ ବିନ୍ଧେ
- ଖୁସି ହେବା – ଆମେ ଶକ୍ତିଶାଳୀ ଅନୁଭବ କରୁ । ହାଲୁକା ମନେ କରୁ ।
- ଦୁଃଖ କରିବା – ଅଳସୁଆ ଅନୁଭବ କରୁ ।
- ଉଲ୍ଲସିତ ହେବା – ଆମ ହୃଦସ୍ପନ୍ଦନ ବଢ଼ିଯାଏ ।
- ଭୟଭୀତ ହେବା – ଆମର ଝାଳ ବୁହେ, ଲୋମ ଟାଙ୍କୁରି ଉଠେ ।
- ଆମର ଆବେଗଗୁଡ଼ିକ ବିଷୟରେ ଜାଣିବା ଓ ସେଗୁଡ଼ିକୁ ଚିହ୍ନଟ କରିବା ହେଉଛି ପ୍ରଥମ କାମ ଓ ଅବେଗଗୁଡ଼ିକୁ ସୁଚାରୁ ଭାବରେ ପରିଚାଳନା କରିବାରେ ତଥା ଉତ୍ତମ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ । ଆବେଗଗୁଡ଼ିକ ସମସ୍ତଙ୍କ ଜୀବନରେ ଏକ ଅଂଶବିଶେଷ ଅଟେ – ସେଗୁଡ଼ିକ ନା ଭଲ ନା ଖରାପ କିନ୍ତୁ ସେଗୁଡ଼ିକ କିପରି ପ୍ରକାଶ କରାଯାଏ ତାହା ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଆବେଗଗୁଡ଼ିକ ବିଷୟରେ ସଚେତନତା ବୃଦ୍ଧି କରିବା ଏକ କଳା ଅଟେ, ଯାହା କି ସମୟ ଅନୁସାରେ ହୋଇଥାଏ ଏବଂ ଏହାର ଅଭ୍ୟାସ ଆବଶ୍ୟକ । ଦଳରେ କିମ୍ବା ବ୍ୟକ୍ତିଗତ ଭାବରେ ଜଣେ ବ୍ୟକ୍ତିର ସାମର୍ଥ୍ୟ ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

Module 5

## ମୋର ଅନ୍ତଃ ସାମର୍ଥ୍ୟ ମୋର, ମୁଁ, ମୁଁ ପାରବି, ଆମର, ଆମେ ଆମେ ପାରିବୁ

- ପ୍ରତ୍ୟେକଙ୍କର ଭିନ୍ନଭିନ୍ନ ଅନ୍ତଃ ସାମର୍ଥ ରହିଛି, ତାହା ମୂଲ୍ୟବୋଧ, ବିଶେଷତା, ସ୍ୱଭାବ, ଲକ୍ଷଣ, ମନୋବୃତ୍ତି, ବିଶ୍ୱାସ କିମ୍ବା ସମ୍ବଳ ହୋଇପାରେ। କେତେକ ଅନ୍ତଃ ସାମର୍ଥ୍ୟ ହେଲା ଦୟା, କ୍ଷମା, ଦଳଗତ କାର୍ଯ୍ୟ, ଖେଳୁଆଡ଼, ମନୋଭାବ, ସଙ୍ଗୀତର ପ୍ରତିଭା, ନମ୍ର ମନୋଭାବ, ସୃଜନଶୀଳତା, କୌତୁହଳ ମନୋଭାବ, ସାହାସିକତା, ବଦ୍‌ମିଜାଜ ଇତ୍ୟାଦି। ଆସନ୍ତୁ ସେହି ସାମର୍ଥ୍ୟ ଗୁଡ଼ିକୁ ଖୋଜିବା। କଳାପଟାରେ ତିନୋଟି ସ୍ତମ୍ଭ ବିଶିଷ୍ଟ ଏକ ସାରଣୀ ପ୍ରସ୍ତୁତ କରନ୍ତୁ ଯେପରିକି 'ମୁଁ', 'ମୋର', 'ମୁଁ ପାରିବି'। ସାରଣୀରେ ନିମ୍ନରେ କେତେକ ଉଦାହରଣ ଦିଆଗଲା।

**ମୁଁ**

(ଅନ୍ତଃ ବ୍ୟକ୍ତିଗତ ସାମର୍ଥ୍ୟ- ଭାବନା, ମନୋବୃତ୍ତି ଓ ବିଶ୍ୱାସ ଯାହା କି ସମର୍ଥନ ଦ୍ୱାରା ଦୃଢ଼ ହୋଇପାରିବ)

ଉଦାହରଣ : ମୁଁ ସାଧୁ ଓ ମୁଁ ବିଶ୍ୱାସ କରେ ଯେ ଯଦି ଆମେ କଠିନ ପରିଶ୍ରମ କରିବା ତେବେ ଆମ ସ୍ୱପ୍ନ ସାକାର କରିପାରିବା।

**ମୋର**

(ବାହ୍ୟ ସମର୍ଥନ, ସମ୍ବଳ, ସହାୟତା ଯାହା ଉତ୍ତମ ଓ ନମନୀୟତାକୁ ବୃଦ୍ଧି କରେ)

ଉଦାହରଣ : ମୋର ଜଣେ ସ୍ନେହୀ ମାଉସୀ ଅଛନ୍ତି ଯେ ମୋତେ ସହାୟତା ଓ ଦିଗଦର୍ଶନ ଦିଅନ୍ତି। ମୋର ୨ ଜଣ ସାଙ୍ଗ ଅଛନ୍ତି ଯାହାଙ୍କୁ ମୁଁ ସବୁ କଥା କହିପାରେ।

**ମୁଁ ପାରିବି**

(ସାମାଜିକ ଓ ଅନ୍ତଃ ବ୍ୟକ୍ତିଗତ କୌଶଳ-ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି କିମ୍ବା ଶିଖିବା ଦ୍ୱାରା ହୋଇଥାଏ)

**ଉଦାହରଣ :** ମୁଁ ମୋ ଚାରି ପାଖ ଲୋକଙ୍କ ସହ ମୋ ଭାବନା ବିଦାୟରେ କହି ପାରେ ମୋ ସାଙ୍ଗମାନେ ମୋତେ ବିଶ୍ୱାସ କରନ୍ତି।

୫ – ୭ ଜଣ ଅଂଶଗ୍ରହଣକାରୀଙ୍କୁ ନେଇ ଦଳଗଠନ କରନ୍ତୁ ଓ ସେମାନଙ୍କୁ ଦଳରେ ଥିବାବେଳେ ହାସଲ କରିଥିବା ସାମର୍ଥ୍ୟଗୁଡ଼ିକୁ ଲେଖି ସେଗୁଡ଼ିକୁ 'ଆମେ', 'ଆମର' ଓ 'ଆମେ ପାରିବା' ସ୍ତମ୍ଭରେ ଲେଖିବାକୁ କୁହନ୍ତୁ। ବାକ୍ସରେ କିଛି ପ୍ରଶ୍ନ ଦିଆଯାଇଛି ଯାହାକି ତୁମକୁ ତୁମ ନିଜର ଦଳରେ

Module 5

ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଓ ସମସ୍ୟା ଆଦି ଚିହ୍ନଟରେ ସହାୟକ ହେବ। ସେମାନଙ୍କୁ ୧୦ ମିନିଟ୍ ଆଲୋଚନା କରିବାକୁ ଦିଅନ୍ତୁ ଓ ଉପସ୍ଥାପନା କରିବାକୁ କୁହନ୍ତୁ। ଆଲୋଚନାକୁ ଆଧାର କରି ଆପଣ କେତେକ ମୁଖ୍ୟ ସିଦ୍ଧାନ୍ତରେ ପହଞ୍ଚିବେ ଯେ –

◆ ଜଣଙ୍କର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଓ ସମସ୍ୟାକୁ ଚିହ୍ନଟ କରିବା ଓ ସେଗୁଡ଼ିକୁ ବ୍ୟବହାର କରିବା ତାକୁ ଭଲ ମଣିଷ କରିଥାଏ। ଜଣଙ୍କର ସାମର୍ଥ୍ୟ ତା'ର ଅସୁବିଧା ଦୂର କରିବାରେ ଓ ସୁଯୋଗର ଉତ୍ତମ ଉପଯୋଗରେ ସହାୟକ ହୋଇଥାଏ।

- ସାମର୍ଥ୍ୟ – ମୋର / ଆମର ସାମର୍ଥ୍ୟ କ'ଣ ?
- ମୁଁ / ଆମେ କେଉଁ ସଫଳତା ପାଇଁ ଗର୍ବିତ ?
- ମୋର / ଆମର କେଉଁ କଥାଟି ଆମକୁ ଖୁସି ରଖିବାକୁ ବା ଅସୁବିଧା ଦୂର କରିବାକୁ ସହାୟକ ହୋଇଥାଏ।
- ଦୁର୍ବଳତା – ମୋର କେଉଁଥିରେ ଜ୍ଞାନ / କୌଶଳ କମ୍ ଅଛି ବା ତା'ର ଉନ୍ନତି ଆବଶ୍ୟକ ?
- ମୋର ଶିକ୍ଷକ / ସହପାଠୀ / ସାଙ୍ଗସାଥି / ପିତାମାତା ମୋର କେଉଁ ଦୁର୍ବଳତା ସବୁ କହିଥାନ୍ତି ?
- ସୁଯୋଗ – ଏକ ନୂତନ କୌଶଳ ଶିଖିବା ପାଇଁ ମୋତେ କେଉଁ ସବୁ ସୁଯୋଗ ମିଳିଛି ?
- ମୋତେ ସହାୟତା କରୁଥିବା ଲୋକମାନେ କିଏ ?
- ଅସୁବିଧା – କେଉଁ ବାହ୍ୟ ସମ୍ବଳରେ ମୋର କମ୍ ଅଛି (ସାଙ୍ଗ ମାନଙ୍କ ସହାୟତା / ଦିଗଦର୍ଶନ / ପିତାମାତାଙ୍କ ସହାୟତ ଇତ୍ୟାଦି) ଯାହା ମୋର ଉନ୍ନତିରେ ବାଧା ସୃଷ୍ଟି କରେ ?
- କେଉଁ ବାହ୍ୟ କାରକ (ସାଙ୍ଗସାଥି / ଶିକ୍ଷକ / ପିତାମାତାଙ୍କ ଚାହିଦା, ଗୁଣ୍ଡାଗିରି, ଝଗଡ଼ା) ତୁମ କାର୍ଯ୍ୟରେ ଓ ସଂପର୍କରେ ସଫଳତା ହାସଲରେ ବାଧା ସୃଷ୍ଟି କରୁଛି ?
- ଦୁର୍ବଳତା କିମ୍ବା ଉନ୍ନତି ହେବାକୁ ଥିବା କ୍ଷେତ୍ର ଚିହ୍ନଟ କରିବା ଦ୍ୱାରା ବ୍ୟକ୍ତିର ଉନ୍ନତି ହୋଇଥାଏ ଓ ସେମାନେ ନିଜର ସମସ୍ୟା ସହିତ ଅବଗତ ହୋଇ ନିଜକୁ ଭଲ ଭାବରେ ପ୍ରସ୍ତୁତ କରିପାରନ୍ତି।
- ଯେଉଁମାନେ ଆମକୁ ନୂତନ ଦକ୍ଷତା ଓ କୌଶଳ ଶିଖିବା ପାଇଁ ସହାୟତା କରିଥାନ୍ତି, ନୂତନ ଶିକ୍ଷଣ ଓ ବ୍ୟକ୍ତିଗତ ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରିଥାନ୍ତି ସେମାନଙ୍କୁ ଚିହ୍ନଟ କରିବା ମହତ୍ୱପୂର୍ଣ୍ଣ।

Module 5

## କାର୍ଯ୍ୟ-୫ – ବିଭିନ୍ନ ପରିସ୍ଥିତିରେ ଜଣେ କିପରି ବ୍ୟବହାର କରିବ ତା ଉପରେ ନାଟକ ଅଭିନୟ ।

- ୫-୬ ଜଣ ଅଂଶଗ୍ରହଣକାରୀଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ କରନ୍ତୁ।
- ଏକାଧିକ ଦଳକୁ ଗୋଟିଏ ପରିସ୍ଥିତି ଦିଆଯାଇପାରେ ।
- ନାଟକ ପ୍ରସ୍ତୁତ କରିବାକୁ ୧୦ ମିନିଟ୍ ସମୟ ଦିଅନ୍ତୁ।
- ଜଣେ ରାଗି ଶିକ୍ଷକଙ୍କ ପାଖରେ ତୁମର ଜଣେ ସହପାଠୀ ତୁମ ବିଷୟରେ ଭୁଲ ଅଭିଯୋଗ କରିଛି ।
- ତୁମ ଘରେ ଏକ ସମସ୍ୟା ହୋଇଛି ଓ ତୁମର ପ୍ରିୟ ସାଙ୍ଗ ତୁମ ଘରକୁ ଆସିଛନ୍ତି ।
- ତୁମେ ବିଦ୍ୟାଳୟରେ ଗୋଟିଏ ବିଷୟରେ ଭଲ ନମ୍ବର ରଖିନାହଁ ।
- ତୁମ ବାପା ବିନା କାରଣରେ ତୁମକୁ ଗାଳି କରିଛନ୍ତି ।
- ତୁମ ଦଳ ଏକ ଆନ୍ତଃ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଜିତିଛି ।

ନାଟକ ପରେ ଆଲୋଚନା କରି ଶିକ୍ଷକ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ –

- ବିଭିନ୍ନ ପରିସ୍ଥିତିରେ ସକାରାତ୍ମକ ଠାରୁ ନକରାତ୍ମକ ପର୍ଯ୍ୟନ୍ତ ଆମେ ଅନେକ ଆବେଗ ଅନୁଭବ କରିଥାଉ । ଉଦାହରଣ ସ୍ୱରୂପ ଖୁସି, ସନ୍ତୋଷ, ଦୁଃଖ, ରାଗ, ହତାଶ ଇତ୍ୟାଦି ।
- ଏହିଗୁଡ଼ିକ ଆମ ଚତୁଃର୍ପାଶ୍ୱ ଲୋକାଙ୍କ ଦ୍ୱାରା ଅଧିକ ତ୍ୱରାନ୍ୱିତ ହୋଇଥାଏ ।
- ଏହି ଭାବନାଗୁଡ଼ିକୁ ବ୍ୟକ୍ତ କରିବା ଜରୁରୀ ଅଟେ କିନ୍ତୁ ଏହାର ଉଭୟ ସକାରାତ୍ମକ ଓ ନକରାତ୍ମକ ବ୍ୟକ୍ତ କରିବାର ଉପାୟ ରହିଛି ।
- ମାନସିକ ଚାପ ଓ ରାଗ ପରି କିଛି ଆବେଗ ଅଛି ଯାହାକୁ କି କମାଇ ହେବ, ଆୟତ୍ତକରି ହେବ କିମ୍ୱା ପରିଚାଳନା କରି ହେବ । ଏହା ଜାଣିବା ଜରୁରୀ ଅଟେ ।
- ଜଣକୁ ଅନ୍ୟ ସହିତ ତୁଳନା କରିବା ବ୍ୟତୀତ ନିଜ ସହିତ ପ୍ରତିଯୋଗିତା କରିବା ଓ ନିଜର ବ୍ୟବହାର / କାର୍ଯ୍ୟକୁ ଧୀରେଧୀରେ ପରିମାର୍ଜିତ କରିବା ଅତ୍ୟନ୍ତ ଗ୍ରହଣୀୟ ଅଟେ ।
- ଅନ୍ୟମାନେ ଯେତେବେଳେ କୌଣସି ଆହ୍ୱାନମୂଳକ ଆବେଗ ଅନୁଭବ କରନ୍ତି କେଉଁ ପ୍ରକାର ପ୍ରତିକ୍ରିୟା କରିଥାନ୍ତି ତା'ର ଏକ ତାଲିକା କରିବାକୁ କୁହ । ନିମ୍ନରେ ଥିବା ତାଲିକାକୁ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତୁ।
- ସଙ୍ଗୀତ ଶୁଣିବା
- ମୁଁ ଯେତେବେଳେ ଭୟଭୀତ ହୋଇଯାଏ ମୁଁ ଦୀର୍ଘ ଶ୍ୱାସ ନିଏ ।
- ମୁଁ ଯେତେବେଳେ ରାଗିଯାଏ, ଏକ ଖେଳ ଖେଳେ, କିମ୍ୱା ସିଡିରେ ଉପର ତଳ ଦୌଡ଼େ ।

Module 5

- ପ୍ରାର୍ଥନା କିମ୍ବା ଧ୍ୟାନ କରେ ।
- ସେ କଥାକୁ ଭୁଲିଯାଏ ।
- ବିଶ୍ୱାସ କରୁଥିବା ଜଣକୁ ନିଜ ଭାବନା ଖୋଲି କୁହ ଯେ କି ସେହି ଘଟଣା ସହ ସିଧାସଳଖ ସଂପୃକ୍ତ ନଥିବ ।
- ତୁମର ପ୍ରିୟ ଗୀତ ଶୁଣ ।
- କିଛି ଶାରୀରିକ କାର୍ଯ୍ୟ କିମ୍ବା ବ୍ୟାୟାମ କର ।
- ତୁମେ ରାଗିଥିବା ଲୋକ ପାଖକୁ ଚିଠି ଲେଖ ଓ ତା'ପରେ ଚିରିଦିଅ ।
- ଏକ ମଜାଳିଆ ଫିଲ୍ମ ଦେଖ ।
- ତୁମେ ପସନ୍ଦ କରୁଥିବା କାର୍ଯ୍ୟରେ ସମୟ ବିତାଅ ।
- ସୃଜନାତ୍ମକ ଢ଼ଙ୍ଗରେ କିଛି କର ।
- କାହାକୁ ସାହାଯ୍ୟ କର ।

କେତେକ କାରକ ଯଥା ପୁଷ୍ଟିକର ଖାଦ୍ୟ, ଶାରୀରିକ କାର୍ଯ୍ୟ, ଚାପ – ନିୟନ୍ତ୍ରଣ ପ୍ରକ୍ରିୟା, ଉତ୍ତମ ସଂପର୍କ ସ୍ଥାପନ ଓ ଏକ ଭଲ ମସ୍ତିଷ୍କ ସର୍ବଦା ଆମର ସୁସ୍ଥତାକୁ ପ୍ରଭାବିତ କରିଥାଏ । ଯେତେବେଳେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି କେତେକ ନିଜେନିଜେ ଭଲ ହୋଇଯାନ୍ତି ଆଉ କେତେକ ଅନ୍ୟର ସହାୟତା ଲୋଡିଥାନ୍ତି ।

## ଆତ୍ମ ପ୍ରତିଫଳନ ନିମନ୍ତେ ପ୍ରଶ୍ନ

- ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଂଶଗ୍ରହଣକାରୀଙ୍କୁ ଅତି କମ୍‌ରେ ତିନୋଟି ବିଶେଷତା ଲିପିବଦ୍ଧ କରିବାକୁ କୁହନ୍ତୁ ।
- ମୁଁ ଅତି ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ......................................
- ମୋ ପରିବାର, ସାଙ୍ଗସାଥି ଓ ଶିକ୍ଷକ ମୂଲ୍ୟବୋଧ ଓ ମହତ୍ୱପୂର୍ଣ୍ଣ ଅଟନ୍ତି କାରଣ.........................

## ସାଧନକର୍ମୀ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବେ ।

- ନିଜଠାରେ ଥିବା ସକାରାତ୍ମକ ବିଶେଷତା / ଗୁଣ ପ୍ରତି ସଚେତନ ହେବା ଦ୍ୱାରା ଜଣେ ଭଲ ଅନୁଭବ କରେ ଓ ଆତ୍ମ – ସମ୍ମାନ ବୃଦ୍ଧି ହୁଏ ।
- ଆମ ଜୀବନରେ ଉତ୍ତମ ବ୍ୟକ୍ତିମାନଙ୍କ (ସାଙ୍ଗ ସାଥୀ, ଶିକ୍ଷକ, ପରିବାର ଇତ୍ୟାଦି) ପ୍ରତିପୁଷ୍ଟି ଆମକୁ ଉତ୍ତମ ଅନୁଭବ ଦେଇଥାଏ ।
- ଅନ୍ୟକୁ ପ୍ରଶଂସା କରିବା ମଧ୍ୟ ଆମକୁ ଖୁସି ଦେଇଥାଏ ।
- ଆମେ ଯେତେବେଳେ ଖୁସି ଅନୁଭବ କରିବା, ପ୍ରତିଦିନର ପରିସ୍ଥିତିକୁ ଆମେ ସକରାତ୍ମକ ଢ଼ଙ୍ଗରେ ଗ୍ରହଣ କରିବା ।

Module 5

ସକରାତ୍ମକ ଦୃଷ୍ଟିଭଙ୍ଗୀ ଆମ ନିଜ ଦୋଷ ଦୁର୍ବଳତାକୁ ଓ ସେଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରେ।

## ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା

'ବିଦ୍ୟାଳୟ ନିରାପତ୍ତା' କହିଲେ ପିଲାମାନେ ଘରୁ ବିଦ୍ୟାଳୟକୁ ଯାଇ ପୁଣି ଘରକୁ ଫେରିବା ପର୍ଯ୍ୟନ୍ତ ଏକ ନିରାପଦ ପରିବେଶ ସୃଷ୍ଟିକୁ ବୁଝାଇଥାଏ। ବଡ଼ବଡ଼ ପ୍ରାକୃତିକ ଦୁର୍ଘଟଣା, ମନୁଷ୍ୟକୃତ ବିପଦ, ସର୍ବବ୍ୟାପି ରୋଗ, ହିଂସା ସହିତ ଛୋଟ ଛୋଟ ଅଗ୍ନି ଦୁର୍ଘଟଣା, ଗମନାଗମନ କିମ୍ବା ଜରୁରୀକାଳୀନ ପରିସ୍ଥିତି ଯାହା ପିଲାମାନଙ୍କ ଜୀବନକୁ ଇତ୍ୟାଦିରୁ ପ୍ରଭାବିତ କରିଥାଏ ସୁରକ୍ଷିତ ହେବାକୁ ଅନ୍ତର୍ଭୁକ୍ତ କରିଥାଏ।

ବିଦ୍ୟାଳୟ ନିରାପତ୍ତା ନିମନ୍ତେ ପ୍ରଚେଷ୍ଟାରେ ଆମକୁ ସମସ୍ତ ପ୍ରକାରର ବିପଦକୁ ବିଚାରକୁ ନେବାକୁ ହେବ ଯଥା ଭୂମିକମ୍ପ ଓ ବନ୍ୟା, ଧ୍ୱଂସ ପ୍ରାପ୍ତ କୋଠାଘର, ଠିକ୍ ଭାବରେ ରଖା ହୋଇ ନ ଥିବା ଓଜନିଆ ବସ୍ତୁ, (ଆଲମାରୀ), ସାପ କିମ୍ବା ପୋକ କାମୁଡିବା, କାନ୍ଥ ନ ଥିବା କିମ୍ବା ଭାଙ୍ଗିଯାଇଥିବା, ଭଙ୍ଗା ଚଟାଣ, ବନ୍ଦ ଥିବା ରାସ୍ତା, ଭଙ୍ଗା ଆସବାବ ପତ୍ର, ଅନୁପଯୁକ୍ତ ଶୌଚାଳୟ ଏବଂ ସଡ଼କ ସୁରକ୍ଷା ଇତ୍ୟାଦି।

ପିଲାଙ୍କୁ ସୁରକ୍ଷା ନିମନ୍ତେ, ଶିକ୍ଷକ ଓ ପିତାମାତା ସବୁ ସ୍ତରରୁ ଦୃଶ୍ୟ ଅବା ଅଦୃଶ୍ୟ ବିପଦକୁ ମିଳିମିଶି ସମାଧାନ କରିବା ଉଚିତ୍।

### ସଡକ ସୁରକ୍ଷା ନିମନ୍ତେ ପିଲାମାନେ

- ଟ୍ରାଫିକ୍ ସଙ୍କେତ ଜାଣିବା ଉଚିତ୍ ।
- ଅଟକି ରହ, ଦେଖ ଓ ତାପରେ ପାରି ହୁଅ ..............
- ଧ୍ୟାନ ଦିଅ ଓ ଶୁଣ
- ରାସ୍ତା ଉପରେ ଦୌଡ଼ ନାହିଁ....................
- ପାଦଚଲା ରାସ୍ତାରେ ଚାଲ......................
- ଜେବ୍ରା କ୍ରସିଙ୍ଗରେ ରାସ୍ତା ପାରି ହୁଅ..............................
- ଗାଡ଼ିରେ ଗଲାବେଳେ ବାହାରକୁ ହାତ ବଢ଼ାଅ ନାହିଁ............................
- ବୁଲାଣିଆ ରାସ୍ତାରେ ରାସ୍ତା ପାର ହୁଅ ନାହିଁ................................

Module 5

## ବିଦ୍ୟାଳୟ ପ୍ରଶାସନ

- ସାପ୍ତାହିକ ଜ୍ଞାନ ଓ ଜୀବନ - କୌଶଳ ଗଠନ କାର୍ଯ୍ୟ ନିମନ୍ତେ ସମୟ ନ୍ୟସ୍ତ କର।
- ବିଦ୍ୟାଳୟ ବିକାଶ ଯୋଜନାରେ ବିଦ୍ୟାଳୟ ନିରାପତ୍ତାକୁ ଅନ୍ତର୍ଭୁକ୍ତ କର।
- ବିପର୍ଯ୍ୟୟ କ୍ଷତିକୁ କମାଇବା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ପ୍ରଶିକ୍ଷଣ ନେଇଛନ୍ତି ବୋଲି ନିଶ୍ଚିତ ହୁଅ।
- ପଂଚାୟତରାଜ ଅନୁଷ୍ଠାନ/ ସହରାଂଚଳ ସଦସ୍ୟ ଓ ନିରାପତ୍ତା ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ସଂପୃକ୍ତ କର।
- ବିଦ୍ୟାଳୟ ଗୃହ ଓ କାର୍ଯ୍ୟରେ ନିରାପତ୍ତାର ମାନ ଓ ନିୟମକୁ ବଜାୟ ରଖିବା ପାଇଁ ବିଦ୍ୟାଳୟ ଚେଷ୍ଟା କରୁଛି ବୋଲି ନିଶ୍ଚିନ୍ତ ହୁଅ।
- ବିଦ୍ୟାଳୟ ବିକାଶ ଯୋଜନାରେ ସଂପୃକ୍ତ ସମସ୍ତ ଗୋଷ୍ଠୀ ସଦସ୍ୟ, ପିଲା ଓ ନିର୍ବାଚିତ ପ୍ରତିନିଧି ମାନେ ସର୍ବଦା ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଛନ୍ତି ବୋଲି ନିଶ୍ଚିନ୍ତ ହୁଅ।
- ପିଲାମାନେ ସେମାନଙ୍କ ପରିବାର ଓ ଗୋଷ୍ଠୀରେ ବିପର୍ଯ୍ୟୟ କ୍ଷତି କମାଇବା ପାଇଁ ସଚେତନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସେମାନଙ୍କୁ ଉତ୍ସାହିତ କର ଓ ସହାୟତା ଦିଅ।

### କାର୍ଯ୍ୟ

**ବିପର୍ଯ୍ୟୟର ପରିଚାଳନା ବିଷୟରେ ବିଭିନ୍ନ କର୍ମକର୍ତ୍ତାମାନଙ୍କର ଭୂମିକା ଓ ଦାୟିତ୍ୱର ଏକ ତାଲିକା ପ୍ରସ୍ତୁତ କରନ୍ତୁ।**

- ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ
- ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ
- ଜାତୀୟ ସ୍ତରର ଶିକ୍ଷା ଅଧିକାରୀ
- (DEO ଏବଂ BEO) ଜିଲ୍ଲା ଓ ବ୍ଲକ୍ ସ୍ତରର ଶିକ୍ଷା ଅଧିକାରୀ
- SCERT ଓ DIETs
- ରାଜ୍ୟସ୍ତରର ଶିକ୍ଷା ଅଧିକାରୀ
- ବିଦ୍ୟାଳୟ ପ୍ରଶାସନ
- ବିଦ୍ୟାଳୟ ପଞ୍ଜୀକରଣ ଓ ସ୍ୱୀକୃତି ଅଧିକାରୀ
- PRI / ସହରାଞ୍ଚଳ ପ୍ରତିନିଧି ଓ ସଂପୃକ୍ତ ବିଭାଗ
- ବିଦ୍ୟାଳୟର ଶିକ୍ଷାର୍ଥୀ

Module 5

ଶିକ୍ଷାର୍ଥୀର ଏକ ନିରାପଦ ଶିକ୍ଷଣ ପରିବେଶ ନିମନ୍ତେ ଅଧିକାର କୌଣସି ଗୋଟିଏ ଅନୁଷ୍ଠାନର ଦାୟିତ୍ୱ ନୁହେଁ। ବିପର୍ଯ୍ୟୟ ପରିଚାଳନା ଉପରେ ଜାତୀୟ ଶିକ୍ଷା ନୀତି ଦର୍ଶାଇଛି ଯେ ବିପର୍ଯ୍ୟୟ ପରିଚାଳନା ହେଉଛି ସମସ୍ତଙ୍କର ଦାୟିତ୍ୱ।

## କାର୍ଯ୍ୟ-୬ ହିଂସା ଓ ଉତ୍ପୀଡନ

ଶିକ୍ଷାର୍ଥୀମାନଙ୍କୁ କାର୍ଟୁନ ଚିତ୍ର ଦେଖାଇ ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଗପକୁ ଧୀରେଧୀରେ ପଢ଼ନ୍ତୁ।

ଯଦି ସମ୍ଭବ, ଅଂଶଗ୍ରହଣକାରୀଙ୍କୁ କାର୍ଟୁନ ଚିତ୍ରର ଜେରକ୍ସ ଫର୍ଦ୍ଦ ଦିଅନ୍ତୁ। ସମସ୍ତ ପଢ଼ିସାରିବା ପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ତଳେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନକୁ ଆଲୋଚନା କରନ୍ତୁ।

ସମସ୍ତ ଗପ ପଢ଼ିସାରିବା ପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ଗପ ତଳେ ଦିଆଯାଇଥିବା ପ୍ରଶ୍ନକୁ ଆଲୋଚନା କରନ୍ତୁ।



Module 5

## ଆଲୋଚନା ନିମନ୍ତେ ପ୍ରଶ୍ନ

- ଉଭୟ ଚାପରେ ହିଂସାଭାବ ରହିଛି କି ? ତୁମେ ଏପରି କାହିଁକି ଭାବୁଛ ?
- ଉଷା ଏହି ପରିସ୍ଥିତିରେ କିପରି ଅନୁଭବ କରିଥିବ ବୋଲି ତୁମେ ଭାବୁଛ ?
- ବିଦ୍ୟାଳୟଭିତ୍ତିକ ଗପରେ ଶିକ୍ଷକ ଅନ୍ୟ ପ୍ରକାର ପ୍ରତିକ୍ରିୟା କରିପାରିଥାନ୍ତେ କି ? ଯଦି ହଁ ତେବେ କିପରି ?
- ଏହିପରି ଘଟଣା ସ୍ତ୍ରୀ ଲୋକ କିମ୍ବା ଝିଅମାନଙ୍କ ସହିତ ସର୍ବଦା ଘଟୁଛି କି ?
- ଏପରି ଘଟଣାକୁ ରୋକିବା ପାଇଁ କ'ଣ କରାଯାଇପାରିବ ?
- ଝିଅଟି ସାହାଯ୍ୟ ପାଇବା ପାଇଁ ଓ ଉତ୍ପିଡ଼ନ ରୋକିବା ପାଇଁ କଣ କରି ପାରିବ ?

ଶିକ୍ଷକ ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକୁ ବ୍ୟବହାର କରି ଏକ କୁଇଜର ଆଲୋଚନା କରି ପାରିବେ ।

## କାର୍ଯ୍ୟ- ୭ କୁଇଜ୍ ଆୟୋଜନ

- ଜଣେ ପିତା ତା'ର ପିଲାକୁ ପାଠ ପଢ଼ିବାକୁ ସାହାଯ୍ୟ କରନ୍ତି ।
- ରାଧା ଯେତେବେଳେ ଗୃହକାର୍ଯ୍ୟରେ ଭୁଲ କରେ ଶିକ୍ଷକ ତାକୁ 'ମୂର୍ଖ' ବୋଲି କହନ୍ତି ।
- ଏକ ବଡ଼ ପିଲା ଖେଳିଲା ବେଳେ ଛୋଟ ପିଲାଟିକୁ ପେଲି ଦେଲା ।
- କମଳାର ଛୋଟ ବାଳଥିବାରୁ ଅନ୍ୟ ଝିଅମାନେ ତାକୁ ଶ୍ରେଣୀରେ ଉପହାସ କରନ୍ତି ।
- ଜଣେ ମା' ତାଙ୍କ ଝିଅକୁ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ହେବାକୁ ସାହାଯ୍ୟ କରନ୍ତି ।
- ପୁଅମାନେ ଝିଅମାନଙ୍କୁ ଦେଖିଲେ ସିଟି ମାରନ୍ତି ?
- ସୋନୁର ବହି ଚିରି ଯାଇଥିବାରୁ ତା'ର ମା' ତାକୁ ପିଟିଲେ ।
- ଝିଅଟିକୁ ତା'ର ପଡ଼ୋଶୀ ଯେପରି ଛୁଅଁନ୍ତି ତାକୁ ଭଲ ଲାଗେନି ।
- ଅଲିର ସାଙ୍ଗମାନେ ତାକୁ ଚିଡ଼ାନ୍ତି କାରଣ ସେ ଝିଅମାନଙ୍କୁ କମେଣ୍ଟ ମାରିପାରେନି ।

Module 5

- ଜଣେ ବୟସ୍କ ବ୍ୟକ୍ତି ଏକ ପିଲାକୁ ଅଶ୍ଳୀଳ ଫଟୋ ଦେଖାଇଲେ।
- ରୁପେଶର ପଡ଼ୋଶୀ ତାକୁ ଚିଡ଼ାନ୍ତି କାରଣ ସେ ଘରକାମରେ ପ୍ରତିଦିନ ସାହାଯ୍ୟ କରେ।
- ଜେମ୍ସର ଟ୍ୟୁସନ ଶିକ୍ଷକ ତାକୁ ଅପ୍ରିତିକର ଭାବେ ଛୁଅଁନ୍ତି।
- ରୋବର୍ଟ ଓ ମୀନା ଏକାଠି ମିଶି ଖୋଖୋ ଖେଳନ୍ତି।

## କାର୍ଯ୍ୟ-୮, (ଶିକ୍ଷାର୍ଥୀମାନଙ୍କ ପାଇଁ)

ପିଲାମାନଙ୍କୁ ସେମାନଙ୍କ ବିଦ୍ୟାଳୟ, ଘର ଓ ଗୋଷ୍ଠୀର ପରିବେଶକୁ ପର୍ଯ୍ୟବେକ୍ଷଣ କରିବାକୁ କୁହନ୍ତୁ।

- ସେମାନେ ତାଙ୍କ ଚାରି ପାଖରେ କୌଣସି ହିଂସାତ୍ମକ କାର୍ଯ୍ୟ ଦେଖିଲେ କି ? କେଉଁ ପ୍ରକାରର ହିସାଂ ସେମାନେ ଦେଖିଲେ ? ଏହିପରି ଘଟଣାକୁ କିପରି ରୋକାଯାଇପାରିବ ସେ ବିଷୟରେ ତାଙ୍କର ପିତାମାତା କିମ୍ବା ସାଙ୍ଗସାଥିଙ୍କ ସହ ଆଲୋଚନା କରିବାକୁ କୁହନ୍ତୁ।
- ଗତ ଦୁଇ ସପ୍ତାହର ଖବର କାଗଜକୁ ପଢ଼ ଓ କୌଣସି ହିଂସାତ୍ମକ କାର୍ଯ୍ୟ / ଘଟଣାଭିତ୍ତିକ ଅନୁଚ୍ଛେଦକୁ କାଟି ଏସବୁକୁ ରୋକିବା ପାଇଁ କ'ଣ କରାଯାଇପାରିବ ସେ ବିଷୟରେ ସାଙ୍ଗସାଥି ଓ ପିତାମାତାଙ୍କ ସହ ଆଲୋଚନା କର।
- ତୁମେ କେବେ ଏକୁଟିଆ କିମ୍ବା କାହାର ସହାୟତାରେ ତୁମ ଆଖପାଖରେ ଘଟିଥିବା କୌଣସି ହିଂସାତ୍ମକ ଘଟଣାକୁ ରୋକିବା କିମ୍ବା ବନ୍ଦ କରିବା ପାଇଁ କିଛି କରିଛ କି ? ସେହିପରି କିଛି ଘଟଣା ଓ ଅନୁଭୂତିକୁ ପ୍ରକାଶ କର ଓ ତୁମ ଶ୍ରେଣୀ ଶିକ୍ଷକ କିମ୍ବା ସାଙ୍ଗମାନଙ୍କ ସହ ଆଲୋଚନା କର।
- ପିଲାମାନଙ୍କୁ କେତେକ ବିଶ୍ୱସ୍ତ ବ୍ୟକ୍ତିମାନଙ୍କର ତାଲିକା କରିବାକୁ କୁହନ୍ତୁ ଯେଉଁମାନେ ସେମାନଙ୍କୁ କୌଣସି ଅସୁରକ୍ଷିତ ପରିସ୍ଥିତିରେ ରକ୍ଷା କରିଛନ୍ତି।
- କୌଣସି ହିଂସା ବା ଗାଳିଗୁଲଜ ବେଳେ କେଉଁ ପ୍ରକାର ସହାୟତା ଆବଶ୍ୟକ ସେହି ଉପରେ ବାର୍ତ୍ତା ଲେଖି ତୁମ ବିଦ୍ୟାଳୟରେ ପୋଷ୍ଟର ତିଆରି କର।

Module 5

## ଶିକ୍ଷକଙ୍କୁ ନିମ୍ନମତେ ଉତ୍ସାହିତ କରିବେ:-

- କୌଣସି କାର୍ଯ୍ୟ ଯାହାକି ଅନ୍ୟଜଣଙ୍କୁ କ୍ଷତି ପହଂଚାଏ। (ଶାରୀରିକ, ମାନସିକ, ଆବେଗିକ କିମ୍ବା ଯୌନସମ୍ପର୍କିତ) ଯାହାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ, ତାହା ଏକ ହିଂସା ଅଟେ।
- ଅଧିକ କ୍ଷମତାଶାଳୀ ଲୋକମାନେ କମ୍ କ୍ଷମତାଶାଳୀ ଲୋକଙ୍କ ଉପରେ ଆଧିପତ୍ୟ ବିସ୍ତାର ପାଇଁ ହିଂସା ଘଟାଇଥାନ୍ତି।
- ଯେ କେହି ବି ଜୀବନର କୌଣସି ସମୟରେ ହିଂସାର ସମ୍ମୁଖୀନ ହୋଇପାରନ୍ତି। ଯାହାବି ହେଉ ଯେଉଁଲୋକମାନେ ଜାତି, ଧର୍ମ, ଲିଙ୍ଗ, ବୟସ ଆଦି ଅନୁଯାୟୀ ସମାଜରେ କମ୍ କ୍ଷମତାରେ ରହିଥାନ୍ତି, ସେମାନେ ଅଧିକ ହିଂସାର ଶିକାର ହୋଇଥାନ୍ତି।
- ହିଂସା ବା ଗାଳି ଆବେଗିକ ହିଂସା, ଯୌନ ନିର୍ଯ୍ୟାତନା, ଶାରୀରିକ ହିଂସା, ଶାରୀରିକ ଦଣ୍ଡ କିମ୍ବା ଗୁଣ୍ଡାଗିରି ହୋଇପାରେ।
- ହିଂସାର ଅନ୍ୟାନ୍ୟ ପରିସ୍ଥିତି ମଧ ରହିଛି। ସେଗୁଡ଼ିକ ଗ୍ରହଣୀୟ ନୁହେଁ। ଆମେ ଆମର ନିଜର କିମ୍ବା ଅନ୍ୟମାନଙ୍କ ପରିବେଶକୁ ନିରାପଦ ରଖିବା ପାଇଁ ପ୍ରତିଦିନ ଜୀବନରେ ହିଂସାକୁ ଆହ୍ୱାନ ମୂଳକ ଭାବରେ ସାମନା କରିଥାଉ।
- ଆମେ ସବୁବେଳେ ହିଂସାର ସମ୍ମୁଖୀନ ହେଲାବେଳେ ଅନ୍ୟର ସହାୟତା ଲୋଡିଥାଉ। ହିଂସାକୁ ଚୁପଚାପ ସହିବା କିମ୍ବା ତା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ତାହା ଆହୁରି ଖରାପ ହୋଇଥାଏ।
- ଏହି ସବୁ ପରିସ୍ଥିରେ ଆମକୁ ସାହାଯ୍ୟ କରିବା ପାଇଁ ଅନେକ ଲୋକ, ସେବା ଓ ଅନୁଷ୍ଠାନ ରହିଛି। ତେଣୁ ମିଳିତ ଭାବରେ ହିଂସାର ସାମ୍ନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ।
- ଆଶ୍ଚର୍ଯ୍ୟ ଭାବରେ ନା କୁହ। ଯଦି ତୁମକୁ ନା କହିବାକୁ କଷ୍ଟ ହେଉଛି ତେବେ ନା, ଚିନ୍ତା କରିବାକୁ ଆରମ୍ଭ କର।
- ସୁଯୋଗ ପାଇଲା ମାତ୍ରେ ସେହି ଲୋକଠାରୁ ଦୂର ହୋଇଯାଅ। ଏକ ସୁରକ୍ଷିତ ସ୍ଥାନକୁ ଯାଅ ଯେଉଁଠାରେ ଅଧିକ ଲୋକଥିବେ କିମ୍ବା ସଂଯୋଗ ସ୍ଥାପନ ବନ୍ଦ କରିଦିଅ।
- ପିଲାମାନଙ୍କୁ ହିଂସାରୁ ରକ୍ଷା କରିବା ନିମନ୍ତେ କାନୁନ୍ ରହିଛି।

- United Nations convention on Right of child ( ଶିଶୁ ଅଧିକାର ଉପରେ ମିଳିତ ଜାତିସଂଘର ବ୍ୟବସ୍ଥା) କହିଛି ଯେ କେହି କୌଣସି ପ୍ରକାରରେ ଶିଶୁମାନଙ୍କୁ ଆଘାତ ଦେଇ ପାରିବେ ନାହିଁ।
- ଶିଶୁମାନଙ୍କର ସୁରକ୍ଷା ନିମନ୍ତେ ଭାରତ ସରକାର ଯୌନ ଶୋଷଣ ଧାରା (ପୋସ୍କୋ) ରେ ଏକ ନିୟମ ରଖିଛନ୍ତି ଯେ ଯଦି କୌଣସି ଶିଶୁ ଯୌନ ନିର୍ଯ୍ୟାତନା ପାଏ ତେବେ ତାକୁ ଆମେ ସହାୟତା କରିବା।

  ଯଦି କେହି (ଶିଶୁ ବା ବୟସ୍କ ବ୍ୟକ୍ତି) ପିଲାମାନଙ୍କୁ ଯୌନ ନିର୍ଯ୍ୟାତନା ଦିଏ କିମ୍ବା ଧାରା ୩୪ କୁ ଭାଙ୍ଗେ ତେବେ ସେ କଠୋର ଦଣ୍ଡରେ ଦଣ୍ଡିତ ହେବ।

### କ୍ଷୁଦ୍ର ଯନ୍ତ୍ରପାତି, ଇଣ୍ଟରନେଟ୍ କିମ୍ବା ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ପାଇଁ ପ୍ରୋତ୍ସାହନ

ବର୍ତ୍ତମାନ ସମୟରେ ସବୁ ଲୋକ ଶୀଘ୍ର ସୂଚନା ପାଇବା ପାଇଁ ନୂତନ ମାଧ୍ୟମ ଯଥା ଇଣ୍ଟରନେଟର ବ୍ୟବହାର କରୁଛନ୍ତି। ସେହି ସମୟରେ ସେମାନେ ଗଣମାଧ୍ୟମରେ ଅଧିକ ସମୟ ଅତିବାହିତ କରୁଛନ୍ତି। ସୂଚନା ନିମନ୍ତେ ଗଣମାଧ୍ୟମ ଏକ ସମୃଦ୍ଧ ଉତ୍ସ ହୋଇଥିଲେ ମଧ୍ୟ ଏହା ସର୍ବଦା ସତ୍ୟ କିମ୍ବା ବିଶ୍ୱାସନୀୟ ହୋଇନଥାଏ। ଆମେ ବିଜ୍ଞାପନରେ ଦେଖାଯାଉଥିବା ସବୁକିଛି ବିଶ୍ୱାସ କରିବା ଉଚିତ୍ ନୁହେଁ। ସୂଚନାଗୁଡ଼ିକ ଉପରେ ସ୍ପଷ୍ଟ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ। ମିଥ୍ୟା ସୂଚନା ଆମର ବ୍ୟବହାର ଓ ମନୋବୃତ୍ତିକୁ ପ୍ରଭାବିତ କରିଥାଏ। ତେଣୁ ଗଣମାଧ୍ୟମ କିମ୍ବା ଇଣ୍ଟରନେଟ୍‌ର ବ୍ୟବହାର କଲାବେଳେ ସର୍ବଦା ଜଣେ ବିଜ୍ଞ ବ୍ୟକ୍ତିଙ୍କଠାରୁ ପରାମର୍ଶ; ନେବା ଉଚିତ୍।

### କାର୍ଯ୍ୟ-୯ - ଗଣମାଧ୍ୟମର ଉପଯୁକ୍ତ ବ୍ୟବହାର ପାଇଁ ସମୟ ସମ୍ପାଦକଙ୍କ ପାଇଁ ମାର୍ଗ ଦର୍ଶକ

- ଅଂଶ ଗ୍ରହଣକାରୀମାନଙ୍କୁ କୁହନ୍ତୁ ଯେ ଏହି କାର୍ଯ୍ୟଦ୍ୱାରା ଆମେ ସକାରାତ୍ମକ ଓ ନକରାତ୍ମକ ବାର୍ତ୍ତା ମଧ୍ୟରେ ପାର୍ଥକ୍ୟ ଜାଣିବାର କ୍ଷମତା ବୃଦ୍ଧି କରିପାରିବା। 'ବାସ୍ତବ' ଓ 'ଅଭିନୟ' ମଧ୍ୟରେ ଅନେକ ପାର୍ଥକ୍ୟ ଅଛି। ତେଣୁ ଆମେ କୌଣସି ବିଜ୍ଞାପନ

Module 5

ଦ୍ୱାରା ପ୍ରଭାବିତ ହେବା ଉଚିତ୍ ନୁହେଁ କିମ୍ବା ଗଣମାଧ୍ୟମରେ ଯାହା ଦେଖୁଛୁ ତାକୁ ଅନ୍ଧଭାବେ ବିଶ୍ୱାସ କରିବା ଉଚିତ୍ ନୁହେଁ।

- ଶିକ୍ଷାର୍ଥୀମାନଙ୍କୁ କୁହ ଯେ ପୂରା ଦିନରେ ଆମେ ଯାହା ବି କରିବାକୁ ଚାହୁଁ କାର୍ଯ୍ୟ, ଅବସରବିନୋଦନ, ପିତାମାତା ଓ ସାଙ୍ଗସାଥୀଙ୍କ ସହ ସମୟ କାଟିବା ଇତ୍ୟାଦି ପାଇଁ ଆମ ପାଖରେ କେବଳ ଅଳ୍ପ କିଛି ଘଣ୍ଟା ରହିଛି।
- ସେଥିପାଇଁ ଆମେ ଏକ ସମୟ ଡାଏରୀ ପ୍ରସ୍ତୁତ କରିବା ଉଚିତ୍।

## କଳାପଟାରେ ନିମ୍ନସାରଣୀଟି ଅଙ୍କନ କର।

| ସମୟ | କାର୍ଯ୍ୟ | ଏହି ସମୟରେ ତୁମେ ଗଣମାଧ୍ୟମ କିମ୍ବା ଯନ୍ତ୍ରପାତିର ବ୍ୟବହାର | କେଉଁ କାରଣ ପାଇଁ ଓ କେତେ ସମୟ ବ୍ୟବହାର |
|---|---|---|---|
| ଉଦାହରଣ ୬.୦୦-୭.୦୦ | ଉଠି ପ୍ରସ୍ତୁତ ହେବା | ଖବରକାଗଜ | ୧୫ ମି. ପ୍ରଥମ ପୃଷ୍ଠା ଓ ଖେଳ ଖବର ପଢ଼େ |
| ୭.୦୦-୭.୩୦ | ଜଳଖିଆ ଖାଏ | ରେଡ଼ିଓ | ୫ ମିନିଟ୍ ଗୀତ ଶୁଣେ ଏ.ଏବେ ଓ ସ୍କୁଲକୁ ଯାଏ। |

- ଅଂଶ ଗ୍ରହଣକାରୀଙ୍କୁ ସେମାନଙ୍କ ଖାତାରେ ଏକ ସାରଣୀ କରିବାକୁ କୁହନ୍ତୁ। ଏହିପରି କାର୍ଯ୍ୟ ପିଲାମାନଙ୍କୁ ମଧ୍ୟ କରାନ୍ତୁ।
- ସେମାନଙ୍କୁ ତାଙ୍କ ଦିନଟି ବିଷୟରେ ଭାବିବାକୁ କୁହନ୍ତୁ ଓ ସେମାନେ କଣ କାର୍ଯ୍ୟ କରିଛନ୍ତି ମନେ ପକାଇ ସେଗୁଡ଼ିକୁ ସ୍ତମ୍ଭରେ କାର୍ଯ୍ୟ ଓ ସମୟ ଅନୁସାରେ ଲେଖିବାକୁ କୁହନ୍ତୁ।
- କୌଣସି ଗଣ ମାଧ୍ୟମରେ ସମୟ ବିତାଇଥିବା ଉପରେ ଆଲୋଚନା କରନ୍ତୁ। ସମସ୍ତଙ୍କୁ ଆଲୋଚନାରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ କୁହନ୍ତୁ।
- ବର୍ତ୍ତମାନ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ବିତାଇଥିବା ସମୟକୁ ବ୍ୟବସ୍ଥିତ କରି ସାରଣୀରେ ଲେଖିବାକୁ କୁହନ୍ତୁ। ଏହା ଦ୍ୱାରା ସେମାନେ ତାଙ୍କର ଦିନଟିକୁ ଆହୁରି ଭଲ ଭାବେ ବ୍ୟବହାର କରି ପାରିବେ।

## ଏହା ଉପରେ ଚିନ୍ତା କରନ୍ତୁ

- ସଂପୂର୍ଣ୍ଣ ସମୟ ମଧ୍ୟରୁ କେତେ ସମୟ ତୁମେ ବିଭିନ୍ନ ମାଧ୍ୟମରେ ବିତାଉଛି ?
- କୌଣସି ଶାରୀରିକ କାର୍ଯ୍ୟ, ଇଚ୍ଛା କିମ୍ବା ନୂତନ କୌଶଳ ଶିଖିବା ପାଇଁ ତୁମେ ଅଧିକ ସମୟ ଦେଉଛ ବୋଲି ତୁମେ ଭାବୁଛ କି ?
- ଆମର ସ୍ୱାସ୍ଥ୍ୟ ଓ ସମ୍ପର୍କୀୟ କିମ୍ବା ମାଧ୍ୟମ ସହିତ ଅଧିକ ସମୟ ବିତାଇବା ଦ୍ୱାରା କ'ଣ ହେଉଛି ?

  ସମୟ ଅତି ମୂଲ୍ୟବାନ, ତେଣୁ ଏହାକୁ ଉଚିତ୍ ମାର୍ଗରେ ବ୍ୟବହାର କରିବା ଉଚିତ୍ । ଟି.ଭି ଦେଖିବା, ଇଣ୍ଟରନେଟ୍ ଦେଖିବା, ଘରେ ବସି ଖେଳିବାରେ ସମୟ ଅତିବାହିତ କରିବା ଅପେକ୍ଷା ପ୍ରତ୍ୟେକ କାର୍ଯ୍ୟ ଯଥା ଖେଳ, ବ୍ୟାୟାମ, ଅବସର ବିନୋଦନ ଇତ୍ୟାଦି ପାଇଁ ଆବଶ୍ୟକ ମୁତାବକ ସମୟ ଦେବା ଯୁକ୍ତିଯୁକ୍ତ ଅଟେ ।

ଏହି ଯୋଜନାଟିକୁ ଏକ ସପ୍ତାହ ପର୍ଯ୍ୟନ୍ତ ପାଳନ କର । ତୁମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାର୍ଥକ୍ୟକୁ ଲିପିବଦ୍ଧକର । ଏହି ପରିବର୍ତ୍ତନଗୁଡ଼ିକୁ ଅନ୍ୟ ଶିକ୍ଷକଙ୍କ ସହ ଆଲୋଚନା କର ।

ଏହି ପ୍ରଦର୍ଶିକାଟିକୁ ପଢ଼ି ସାରିବା ପରେ ଅଂଶଗ୍ରହଣକାରୀ ବା ଶିକ୍ଷାର୍ଥୀମାନେ ଉପଯୁକ୍ତ ଭାବରେ ବାସ୍ତବ ଜୀବନ ପରିସ୍ଥିତିକୁ ସାମ୍ନା କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି କରି ପାରିବେ । ଆଲୋଚନା ତଥା କାର୍ଯ୍ୟ ନିର୍ବାହ କଳାବେଳେ ଅଂଶଗ୍ରହଣ ଭିତ୍ତିକ ପଦ୍ଧତି ଓ ଅଣ – ବିଚାର ପନ୍ଥା ଆମକୁ ସମାଲୋଚନାମୂଳକ ଚିନ୍ତା କରିବା, ବିଭିନ୍ନ ସମସ୍ୟା ଓ ଘଟଣାକୁ ବିଶ୍ଳେଷଣ କରିବା ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ସଂପର୍କିତ ପ୍ରଭାବକୁ ଜାଣିବା ପାଇଁ ସୁଯୋଗ ଦିଏ ।

Module 5

## ସହାୟକ ପୁସ୍ତିକା


- Expression India; Booklets and some Reference  material.
- Health and wellness curriculum Frame work 2018 : NCERT
- Health and wellness Facilitator Guide, NCERT, 2019
- Health and wellness Training material, NCERT, 2019
- National Disaster management Authority 2016:  National Disaster management Guideline School Safety Policy, Govt. of India, New Delhi.
- Simmi's Journey Towards Cleanliness, Primary Stage, NCERT 2017, New Delhi Sanitation and Hygine, Upper Primary Stage, New Delhi, NCERT 2017.
- Teacher's Guide on Health and Physical Education Class Vi, NCERT 2016, New Delhi.
- Teacher's Guide on Health and Physical Education Class Vii NCERT 2017, New Delhi.
- Training and Resource material – Revised, NCERT 2019.
- Yoga – a Healthy way of living, Upper Primary Stage, English, NCERT, 2015.

# ପ୍ରଦର୍ଶିକା - ୬

## ଶିକ୍ଷାଦାନ, ଶିକ୍ଷଣ ଓ ମାନନିର୍ଦ୍ଧାରଣରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (ICT) ର ସମନ୍ୱୟ

**Module 6**

# ଶିକ୍ଷାଦାନ ଶିକ୍ଷଣ ଓ ମାନନିର୍ଦ୍ଧାରଣରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର (ICT) ସମନ୍ୱୟ

**ଶିକ୍ଷଣ ଉଦ୍ଦେଶ୍ୟ :**

**ଏହି ପ୍ରଦର୍ଶିକାକୁ ଭଲଭାବରେ ପଢ଼ିବାପରେ ପ୍ରଶିକ୍ଷାର୍ଥୀ**

- ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ଅର୍ଥ ବୁଝାଇବେ ।
- ବିଷୟବସ୍ତୁର ସ୍ୱରୁପ ଓ ଶିକ୍ଷଣ କୌଶଳ ନୀତି ଅନୁଯାୟୀ ଉପଯୁକ୍ତ ଶିକ୍ଷଣ ସମ୍ବଳ ଚିହ୍ନଟ କରିବେ ।
- ବିଭିନ୍ନ ବିଷୟର ଶିକ୍ଷଣ, ଶିକ୍ଷାଦାନ ଓ ମାନନିର୍ଦ୍ଧାରଣ ପାଇଁ ବିଭିନ୍ନ ଇ-କଣ୍ଟେଣ୍ଟ (e-content), ସାଧନୀ, ସଫ୍ଟୱେୟାର (Software), ହାର୍ଡ୍‌ୱେୟାର (Hardware) ଗୁଡ଼ିକୁ ଅନ୍ୱେଷଣ କରିବେ (ଖୋଜିବେ) ।
- ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା – ପାଠ୍ୟବିଷୟ – ଶୈକ୍ଷିକ ଶାସ୍ତ୍ରର ସମନ୍ୱୟ ପାଠଯୋଜନା ପ୍ରସ୍ତୁତି କରିବେ ଓ ବ୍ୟବହାର କରିବେ ।

## ପ୍ରଦର୍ଶିକାର ବର୍ଣ୍ଣନା :

ଏହି ପ୍ରଦର୍ଶିକାରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ଧାରଣା ଓ ଶିକ୍ଷଣ-ଶିକ୍ଷାଦାନ ରେ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ଜଣେ ଶିକ୍ଷକ କିପରି ପାଠ୍ୟବିଷୟ, ପରିସ୍ଥିତି, ଶିକ୍ଷଣ ଶିକ୍ଷାଦାନ ପଦ୍ଧତିକୁ ବିଶ୍ଳେଷଣ କରିବେ ଓ ଉପଯୁକ୍ତ ICT ବାଛିବେ ତାହା ଏହି ପ୍ରଦର୍ଶିକାର ଲକ୍ଷ୍ୟ । ଏହା ମଧ୍ୟ ସମନ୍ୱିତ କୌଶଳର ଫଳପ୍ରଦ ଯୋଜନା ପାଇଁ ସମର୍ଥ କରାଏ ।

## ସହାୟକଙ୍କ ପାଇଁ ସୂଚନା :

- ସହାୟକମାନେ ପ୍ରଶିକ୍ଷଣ କେନ୍ଦ୍ରରେ ଆବଶ୍ୟକ ଅନୁଯାୟୀ କମ୍ପ୍ୟୁଟର / ଲାପ୍‌ଟପ୍, ପ୍ରୋଜେକ୍ଟର, ସ୍ପିକର / ସାଉଣ୍ଡବକ୍ସ, ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ସଂଯୋଗର ଉପଲବ୍ଧତାକୁ ନିଶ୍ଚିତ କରିବା ଆବଶ୍ୟକ ।

- ସହାୟକମାନେ ପ୍ରଶିକ୍ଷଣ ବିଷୟବସ୍ତୁକୁ ପଢ଼ିଥିବା ଓ ବୁଝିଥିବା ଆବଶ୍ୟକ । ସହାୟକମାନେ ପ୍ରଦର୍ଶିକାରେ ଦିଆଯାଇଥିବା ଉଦାହରଣ ବ୍ୟତୀତ ବାହାରର ଉଦାହରଣ ଗୁଡ଼ିକୁ ମଧ୍ୟ ବ୍ୟବହାର କରିପାରିବେ ।
- ପ୍ରଶିକ୍ଷଣ କେନ୍ଦ୍ରରେ ଅଧିବେଶନ ଆରମ୍ଭ ପୂର୍ବରୁ ସେଥିରେ ବ୍ୟବହୃତ ହେବାକୁ ଥିବା ସମ୍ବଳଗୁଡ଼ିକୁ କମ୍ପ୍ୟୁଟର / ଲାପଟପରେ ଲଗାଇ ପରଖିନେବା ଆବଶ୍ୟକ ।
- ଅଧିବେଶନ ଗୁଡ଼ିକରେ ପ୍ରଶିକ୍ଷାର୍ଥୀମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ସେମାନଙ୍କୁ ଇଣ୍ଟରନେଟ୍ ଥିବା (ଯଦି ସଂଭବ) ସ୍ମାଟଫୋନ / ମୋବାଇଲ ଆଣିବାକୁ ଆଗୁଆ ସୂଚନା ଦେବା ଆବଶ୍ୟକ ।
- ପ୍ରଦର୍ଶିକାରେ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ କରିବା ପାଇଁ ସୂଚନା ଗୁଡ଼ିକୁ ଦେଖନ୍ତୁ ।

## ଉପକ୍ରମ :

ଏହା ଏକ ଜଣା ତଥ୍ୟ କି ଦୁଇଜଣ ବ୍ୟକ୍ତି ଏକାଭଳି ନୁହଁନ୍ତି । ଯେହେତୁ ପ୍ରତ୍ୟେକ ଶିଶୁ ଅଲଗା, ସେମାନଙ୍କର ଶିକ୍ଷଣ ଶୈଳୀମଧ୍ୟ ଅଲଗା । ଏହା ଆଉ ଏକ ତଥ୍ୟ ଯେ ଯଦି ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ସମୟରେ ସେମାନଙ୍କର ଏକାଧିକ ଇନ୍ଦ୍ରିୟକୁ ବ୍ୟବହାର କରାଯାଏ ସେମାନେ ଅଧିକ ଶିଖନ୍ତି । ବହୁ ଇନ୍ଦ୍ରିୟ ରଣନୀତିରେ ଶିକ୍ଷଣ ପ୍ରକ୍ରିୟାର ବୃଦ୍ଧିପାଇଁ ଦୃଶ୍ୟ, ଶ୍ରାବ୍ୟ, ସ୍ପର୍ଶ (Kinesthetic) କୁ ବ୍ୟବହାର କରାଯାଏ (ତାହା ହେଲା ଶୁଣିବା, ଦେଖିବା, ଶୁଙ୍ଘିବା, ଚାଖିବା ଓ ଛୁଇଁବା)

ଶିକ୍ଷଣ ଶିକ୍ଷାଦାନ ସମ୍ବଳ ଅନ୍ତର୍ଗତ ପାଠ୍ୟପୁସ୍ତକ, ଆଞ୍ଚଳିକ ପରିବେଶ, ଶ୍ରେଣୀ ଭିତର ଓ ବାହାରକୁ ନେଇ ଗଠିତ ଅନୁଭୂତି ଶିକ୍ଷଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆମେ ମଧ୍ୟ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଉପଯୁକ୍ତଭାବରେ ସ୍ୱାଧୀନ, ସୃଜନଶୀଳ ଚିନ୍ତକ, ଜଟିଳ ଚିନ୍ତକ, ନିଜେ ସମସ୍ୟାର ସମାଧାନ ଓ ନିଜେ ଶିଖିବାପାଇଁ ଯୋଗ୍ୟ କରିବା ଆବଶ୍ୟକ । ଏଥିପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତଥ୍ୟ, ସେହିତଥ୍ୟର ବିଶ୍ଳେଷଣ, ସଂଶ୍ଳେଷଣ ଓ ଉପସ୍ଥାପନା ସହିତ ସେଗୁଡ଼ିକୁ ଅନ୍ୟମାନଙ୍କ ସହ ଆଦାନପ୍ରଦାନ କରିବାକୁ ପଡ଼ିଥାଏ । ଏହିପ୍ରକାରର କାର୍ଯ୍ୟଧାରା ଶିକ୍ଷାର୍ଥୀଙ୍କୁ ଧାରଣା ଗଠନରେ ସାହାଯ୍ୟ କରେ । ତେଣୁ ଶିକ୍ଷାର୍ଥୀଙ୍କୁ ବହିବାହାରକୁ ଯିବାସହ ଅଧିକରୁ ଅଧିକ ଡିଜିଟାଲ ଓ ଭୌତିକ ସମ୍ବଳକୁ ବ୍ୟବହାର କରିବା ଆବଶ୍ୟକ । ଏହି ପୃଷ୍ଠଭୂମି ଆଧାରରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷଣ ଓ ଶିକ୍ଷାଦାନ ପରିବେଶର ଉନ୍ନତିପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଖୁବ୍‌କମ୍ ସମୟ ମଧ୍ୟରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଆଧୁନିକ ସମାଜଗଠନରେ ନିର୍ମାଣ ପଥର ସାବ୍ୟସ୍ତ ହୋଇଛି । ବର୍ତ୍ତମାନ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାକୁ ବୁଝିବା ଓ ଏହାର ମୌଳିକ ଦକ୍ଷତାକୁ ହାସଲ କରିବା ଶିକ୍ଷାର କେନ୍ଦ୍ର ହେବା ସଂଗେ ସଂଗେ ପଢ଼ିବା, ଲେଖିବା ଓ ହିସାବ କରିବାର ଅଂଶ ହୋଇସାରିଛି ।

Module
6

## ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଧାରଣା

### ଶିକ୍ଷଣକାର୍ଯ୍ୟ-୧

**ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ଧାରଣାକୁ ବୁଝିବା ।**

**ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କହିଲେ କ'ଣ ? ଆପଣଙ୍କ ମତାମତ ରଖନ୍ତୁ ।**




UNESCO ଅନୁସାରେ, ସୂଚନା ଓ ପ୍ରଯୁକ୍ତିବିଦ୍ୟା କହିଲେ ବିଭିନ୍ନ ପ୍ରକାରର ପ୍ରଯୁକ୍ତି ବିଦ୍ୟା ସାଧନ ଓ ସମ୍ବଳ ସେଟ୍‌କୁ ବୁଝାଏ ଯାହା ତଥ୍ୟ ପ୍ରସ୍ତୁତି, ସଂରକ୍ଷଣ, ପ୍ରେରଣ, ଆଦାନପ୍ରଦାନରେ ବ୍ୟବହୃତ ହୁଏ । ପ୍ରଯୁକ୍ତି ବିଦ୍ୟା ସାଧନ ଓ ସମ୍ବଳ ମଧ୍ୟରେ କମ୍ପ୍ୟୁଟର, ଇଣ୍ଟରନେଟ୍ (websites, blogs and email), ସିଧାପ୍ରସାରଣ ଜନିତ ପ୍ରଯୁକ୍ତିବିଦ୍ୟା (ରେଡ଼ିଓ, ଟେଲିଭିଜନ୍, webcasting), ପୂର୍ବପ୍ରସ୍ତୁତି ପ୍ରସାରଣ ଜନିତ ପ୍ରଯୁକ୍ତିବିଦ୍ୟା (Podcasting, audio and video players and storage devices) ଓ ଦୂରସଂଚାର (fixed or mobile, satelite, visio/video-conferencing, etc.)

ଯେକୌଣସି ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଭୁକ୍ତ କରାଯାଏ । ଯନ୍ତ୍ରାଂଶକୁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଭାବରେ କିପରି ବର୍ଗୀକରଣ କରିବା ?

ଆସନ୍ତୁ ସ୍ମାର୍ଟ ଫୋନ୍‌କୁ ଏକ ଉଦାହରଣ ରୂପେ ବିଚାରକୁ ନେବା । ସ୍ମାର୍ଟଫୋନ୍‌କୁ ଏକ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଯନ୍ତ୍ରାଂଶ ରୂପେ ବର୍ଗୀକରଣ କରାଯାଇପାରିବ କାରଣ ଏହାକୁ ବ୍ୟବହାର କରି ଆମେ ଡିଜିଟାଲ୍ ଛବି ପ୍ରସ୍ତୁତି କରିପାରିବା ଯାହାକି ସଂରକ୍ଷଣ ହୋଇପାରିବ ଓ ଏହାକୁ ଯେତେବେଳେ ଆବଶ୍ୟକ ପୁଣି ସେଥିରୁ ପୁନରୁଦ୍ଧାର କରିହେବ । ଡିଜିଟାଲ୍ ଚିତ୍ରକୁ ମଧ୍ୟ ଆବଶ୍ୟକତା ଅନୁସାରେ ଏପଟ ସେପଟ ପରିବର୍ତ୍ତନ କରାଯାଇପାରିବ ଓ ଏହାକୁ ମଧ୍ୟ ଆଦାନ ପ୍ରଦାନ କରାଯାଇ ପ୍ରତିପୁଷ୍ଟି ଗ୍ରହଣ କରିହେବ । ଏଣୁ ଯେକୌଣସି ଯନ୍ତ୍ରାଂଶ / ପ୍ରଯୁକ୍ତିବିଦ୍ୟା ଯାହା ଡ଼ିଜିଟାଲ୍ ତଥ୍ୟ ଗଠନ, ସଂରକ୍ଷଣ, ପୁନରୁଦ୍ଧାର, ଏପଟ ସେପଟ ପରିବର୍ତ୍ତନ, ପ୍ରେରଣ ଓ ଗ୍ରହଣ କରେ ତାହାକୁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ରୂପେ ବର୍ଗୀକରଣ କରାଯାଇପାରେ ।

Module 6

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷଣ ଓ ଶିକ୍ଷାଦାନ ସମେତ ସମସ୍ତ କ୍ଷେତ୍ରରେ ବିବର୍ତ୍ତନ ଆଣିଛି । ନୂଆପିଢ଼ିର ଶିକ୍ଷକଙ୍କ ପାଠ୍ୟବିଷୟକୁ ଦେଖିବା ଶୈଳି, ଉପଯୁକ୍ତ ପଦ୍ଧତି ମାଧ୍ୟମରେ ପାଠ୍ୟ ବିଷୟର ଉପସ୍ଥାପନା, ଉପଯୁକ୍ତ ସମ୍ବଳର ମିଶ୍ରଣ ତଥା ଶିକ୍ଷଣର ସଂପ୍ରସାରଣ ଓ ମାନନିର୍ଦ୍ଧାରଣ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ଉପରେ ଏହାର ପ୍ରଭାବ ଅଛି । ଡିଜିଟାଲ୍ ବିଶ୍ୱର ଅଗ୍ରସରତାକୁ ଆଖି ଆଗରେ ରଖି ଶିକ୍ଷକମାନେ ନିଜେ ଶିକ୍ଷଣ ଶିକ୍ଷାଦାନ ସମୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାରେ ସମର୍ଥ କରିବାପାଇଁ ବୃତ୍ତିଗତ ଦକ୍ଷତାର ବିକାଶ କରିବା ଆବଶ୍ୟକ । ଶିକ୍ଷଣ ଶିକ୍ଷାଦାନରେ ଆଇ.ସି.ଟି. ର ମିଶ୍ରଣର ଅର୍ଥ କେବଳ ଇଣ୍ଟରନେଟ୍ ଓ ଯନ୍ତ୍ରାଂଶ ବ୍ୟବହାର କରିବା ନୁହଁ ବରଂ ପଢ଼ାଯାଉଥିବା ଓ ଶିଖାଯାଉଥିବା ପାଠ୍ୟ ବିଷୟବସ୍ତୁ ସହ ଜଡ଼ିତ ଶିକ୍ଷଣ ଉଦ୍ଦେଶ୍ୟ ଓ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଏକ ମାଧ୍ୟମ ଅଟେ । ଶିକ୍ଷକମାନେ ନିଶ୍ଚିତ ବୁଝିସାରିଛନ୍ତି ଯେ କିଭଳି ଭାବରେ ପ୍ରଯୁକ୍ତିବିଦ୍ୟା, ଶିକ୍ଷାଶାସ୍ତ୍ର ଓ ପାଠ୍ୟ ବିଷୟର ମିଶ୍ରଣ ଶିକ୍ଷଣ ଓ ଜ୍ଞାନ ଆହରଣର ମାର୍ଗଦର୍ଶନ କରୁଛି । ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପରିବର୍ତ୍ତନଶୀଳ ଦକ୍ଷତା କିଭଳି ଭାବରେ ପାଠ୍ୟବିଷୟ କ୍ଷେତ୍ରଗୁଡ଼ିକ ସହ ଶିକ୍ଷାଶାସ୍ତ୍ରରେ ପନ୍ଥାର ପ୍ରଭାବକୁ ସଫଳତାର ସହ ମିଶ୍ରଣ କରାଯାଇପାରିବ, ତାହା ନିମ୍ନଚିତ୍ର ଦର୍ଶାଉଛି ।







## ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICT) ର ସମନ୍ୱୟ ସମୟରେ ମାନଦଣ୍ଡର ଗୁରୁତ୍ୱ

ମୁଖ୍ୟମାନଦଣ୍ଡ ଗୁଡ଼ିକ ହେଲା, ପୃଷ୍ଠଭୂମି, ପାଠ୍ୟବିଷୟର ପ୍ରକୃତି, ଶିକ୍ଷଣ-ଶିକ୍ଷାଦାନ ପଦ୍ଧତି ଓ ପ୍ରଯୁକ୍ତିବିଦ୍ୟାର ପ୍ରକାର ଓ ଏହାର ସ୍ୱରୂପ ।

### ମାନଦଣ୍ଡ -୧ : ପାଠ୍ୟ ବିଷୟର ପ୍ରକୃତି :

ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାକୁ ସମସ୍ତ ପାଠ୍ୟ ବିଷୟର ଶିକ୍ଷଣ କିମ୍ବା ଶିକ୍ଷାଦାନରେ ବ୍ୟବହାର କରିବା ? ଏହା ଆବଶ୍ୟକ କି ?

କେତେକ କ୍ଷେତ୍ରରେ ପାଠ୍ୟବିଷୟର ପ୍ରକୃତି ଅନୁସାରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICT) ବ୍ୟବହାରର ଆବଶ୍ୟକତା ନାହିଁ ।

### ଉଦାହରଣ ସ୍ୱରୂପ :

ଖାଦ୍ୟ ବିଷୟରେ ଶିକ୍ଷାଦାନ ସମୟରେ ଖାଦ୍ୟର ଛବି ଦେଖାଇବା ପରିବର୍ତ୍ତେ ଶିକ୍ଷାର୍ଥୀଙ୍କ ଟିଫିନ୍ ବାକ୍ସର ଥିବା ପ୍ରକୃତ ଖାଦ୍ୟ ସମୂହ ଓ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଦେଖାଇଲେ ଅଧିକ ଫଳପ୍ରଦ ହୋଇଥାଏ । ସେହିଭଳି ଭାବରେ ଗଛର ବିଭିନ୍ନ ଅଂଶ ଶିକ୍ଷାଦାନ ସମୟରେ ଶିକ୍ଷାର୍ଥୀଙ୍କ

Module 6

ପ୍ରକୃତ ଗଛ ଗୁଡ଼ିକୁ ଦେଖାଇବା ଓ ଗଛଗୁଡ଼ିକୁ ଛୁଇଁବାକୁ ଦେବା, ପତ୍ର, ଡାଳ, କାଣ୍ଡ, ଚେର, ଗଣ୍ଠି ଇତ୍ୟାଦିର ମସୃଣତାକୁ ଛୁଇଁ ଅନୁଭବ କରିବାକୁ ଦେବା ଅଧିକ ଶ୍ରେୟସ୍କର। ଆହୁରିମଧ ଏକ ପାତ୍ର/ ବୋତଲ / ଗ୍ଲାସରେ ମଞ୍ଜି ପୋତି, ଗଛରେ ପାଣିଦେଇ ସୂର୍ଯ୍ୟାଲୋକ ପକାଇ ସମସ୍ତ ଅଙ୍କୁରୋଦ୍ଗମ ପ୍ରକ୍ରିୟା ଓ ମଞ୍ଜିରୁ ଗଛ ଓ ସେଥିରୁ ମଞ୍ଜି ପ୍ରସ୍ତୁତି ପର୍ଯ୍ୟନ୍ତ ସୋପାନ ମାଧ୍ୟମରେ ସେମାନଙ୍କୁ କାମକରି ଶିଖିବାର ଅନୁଭୂତି ଓ ଜୀବନ କୌଶଳ ଦିଆଯାଇପାରିବ।

ଏହି ପ୍ରକାରର ପରୀକ୍ଷଣ ମାଧ୍ୟମରେ ଶିକ୍ଷଣ ହେଲେ ଶ୍ରେଣୀର ପ୍ରତ୍ୟେକ ପିଲା ମନେରଖିବେ, ଯାହା କୌଣସି ପି.ପି.ଟି, ଭିଡ଼ିଓ ଓ ମଲଟିମିଡ଼ିଆ ଏହା ସହ ତାଳଦେଇ ପାରିବ ନାହିଁ। ହଁ ଯେକୌଣସି ଜୀବବିଜ୍ଞାନ ଶ୍ରେଣୀରେ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବ୍ୟବଚ୍ଛେଦ ନିୟମିତ ଘଟଣା। କିନ୍ତୁ ବର୍ତ୍ତମାନ ବେଙ୍ଗମାନଙ୍କର ବ୍ୟବଚ୍ଛେଦ ଅନୈତିକ ଓ ଅବୈଧ ଅଟେ। ତେଣୁ ମଲଟିମେଡ଼ିଆ ଜନିତ ଅବାସ୍ତବ ବ୍ୟବଚ୍ଛେଦ ଦେଖାଇବା ଶିକ୍ଷକମାନଙ୍କ ପାଇଁ ଏକ ଭଲ ବିକଳ୍ପ ଅଟେ। କେତେକ କ୍ଷେତ୍ରରେ ପାଠ୍ୟବିଷୟର ପ୍ରକୃତି ଅନୁସାରେ ଏକ ଉତ୍ତମ ମିଡ଼ିଆ, ପ୍ରଯୁକ୍ତିବିଦ୍ୟା ବାଛିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ। ତେଣୁ ମିଡ଼ିଆ / ପ୍ରଯୁକ୍ତିବିଦ୍ୟା ବାଛିବା ସମୟରେ କେତେଗୁଡ଼ିଏ ପ୍ରଶ୍ନ ଭାବିବା ଆବଶ୍ୟକ ଯାହାହେଉଛି :

- ସେହି ପାଠ୍ୟ ବିଷୟ ଶିକ୍ଷଣ ଓ ଶିକ୍ଷାଦାନ ପାଇଁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅଛିକି ?
- ଯଦି ହଁ, କେଉଁ ପ୍ରକାରର ସୂଚନା ଓ ପ୍ରଯୁକ୍ତିବିଦ୍ୟା / ମିଡ଼ିଆ ବ୍ୟବହାର ହେବ ?

**ନିମ୍ନଲିଖିତ ଉଦାହରଣ ଗୁଡ଼ିକୁ ଅନୁଧ୍ୟାନ କରିବା।**

୧. ମୌଳିକ ଅଧିକାରକୁ ତାଲିକା କରିବା।

୨. ଏକ ନିଦା ସିଲିଣ୍ଡର ପୃଷ୍ଠତଳର କ୍ଷେତ୍ରଫଳ ସଂଜ୍ଞା କହିବା।

୩. ପରିପାକ ସଂସ୍ଥାନର କାର୍ଯ୍ୟ

୪. "ଦୁଇଦେଶ ମଧରେ ଦ୍ୱନ୍ଦ୍ୱ ଦୂରକରିବା ପାଇଁ ଯୁଦ୍ଧ ଏକ ମାଧ୍ୟମ କି" ଚିନ୍ତାକର।

ଟେବୁଲରେ ଦିଆଯାଇଥିବା ଲେଖାକୁ ପଢ଼ନ୍ତୁ। ସେଥିରେ ଥିବା ପାଠ୍ୟବିଷୟର ପ୍ରକୃତି, ବ୍ୟବହାର ହୋଇପାରୁଥିବା ମିଡ଼ିଆ ଓ ମିଡ଼ିଆ ଚୟନର ଯଥାର୍ଥତାକୁ ବୁଝନ୍ତୁ।

**Module 6**

| କ୍ର.ନଂ. | ପାଠ୍ୟ ବିଷୟ | ପାଠ୍ୟ ବିଷୟର ପ୍ରକୃତି | ବ୍ୟବହାର ହୋଇପାରୁଥିବା ମିଡ଼ିଆ | ମିଡ଼ିଆର ବ୍ୟବହାରର ଯଥାର୍ଥତା |
|---|---|---|---|---|
| ୧. | ଭାରତୀୟ ସମ୍ବିଧାନର ମୌଳିକ ଅଧିକାର (ଶ୍ରେଣୀ-୮ମ) | ତଥ୍ୟ ସମ୍ବଳିତ | ଦୃଶ୍ୟ : ମୌଳିକ ଅଧିକାର ତାଲିକା ସମ୍ବଳିତ ଯେକୌଣସି ପ୍ରକାରର ଉପସ୍ଥାପନା ଯଥା, ସ୍ଲାଇଡ୍ ଉପସ୍ଥାପନା, ଡ଼ିଜିଟାଲ୍ ପୋଷ୍ଟର ଡ଼ିଜିଟାଲ ଫ୍ଲାସ୍‌କାର୍ଡ଼ ଇତ୍ୟାଦି | ଯେହେତୁ ପାଠଟି ଏକ ତଥ୍ୟ ଉପରେ ଅଧାରିତ। ପିଲାମାନେ କେବଳ ମୌଳିକ ଅଧିକାର ତାଲିକା କରିବା ଦରକାର। ତେଣୁ ଦୃଶ୍ୟ, ଶ୍ରାବ୍ୟ ସମ୍ବଳ ଏଥିପାଇଁ ଅନାବଶ୍ୟକ। ଶିକ୍ଷାର୍ଥୀଙ୍କୁ କେବଳ ତାଲିକାଟିକୁ ଯେକୌଣସି ଦୃଶ୍ୟ ମାଧ୍ୟମରେ ପ୍ରଦର୍ଶନ କରିହେବ ଯଥା :- ଫ୍ଲାସ୍‌କାର୍ଡ଼, ଚାର୍ଟ, ପୋଷ୍ଟର ଇତ୍ୟାଦି.. |
| ୨. | ନିଦା ସିଲିଣ୍ଡରର ପୃଷ୍ଠତଳର କ୍ଷେତ୍ରଫଳ | ଧାରଣା ସମ୍ବଳିତ | ଭିଡ଼ିଓ ପ୍ରଦର୍ଶନ | ଏଠାରେ ପିଲାଙ୍କର ବୁଝିବା ଦରକାର କିପରି ନିଦା ସିଲିଣ୍ଡରର ପାର୍ଶ୍ୱପୃଷ୍ଠତଳ କ୍ଷେତ୍ରଫଳ ହିସାବ କରାଯାଏ। ଯେହେତୁ ଶିକ୍ଷାର୍ଥୀଙ୍କୁ ସିଲିଣ୍ଡର ଓ ଏହାର ବିଭିନ୍ନ ପାର୍ଶ୍ୱ ଦେଖିବାର ଅଛି ଗୋଟିଏ ଅଡ଼ିଓ କେବଳ ପର୍ଯ୍ୟାପ୍ତ ନୁହେଁ। ଗୋଟିଏ ପ୍ରଦର୍ଶନ ଭିଡ଼ିଓ ଯେଉଁଥିରେ ଗୋଟିଏ ସିଲିଣ୍ଡର ଦୁଇଟି ବୃତ୍ତ ଓ ଗୋଟିଏ ଆୟତକ୍ଷେତ୍ର ଦ୍ୱାରା ଗଠିତ ବୋଲି ଦର୍ଶାଯାଇଥାଏ ତାହା ଶିକ୍ଷାର୍ଥୀଙ୍କୁ ବୁଝିବାରେ ଶୀଘ୍ର ବାଟ ଦେଖାଏ ଓ ଅଧିକ ଉପଯୋଗୀ ଅଟେ। |

**Module 6**

| କ୍ର.ନଂ. | ପାଠ୍ୟ ବିଷୟ | ପାଠ୍ୟ ବିଷୟର ପ୍ରକୃତି | ବ୍ୟବହାର ହୋଇପାରୁଥିବା ମିଡ଼ିଆ | ମିଡ଼ିଆର ବ୍ୟବହାରର ଯଥାର୍ଥତା |
|---|---|---|---|---|
| ୩. | ପରିପାକ ସଂସ୍ଥାନର କାର୍ଯ୍ୟକାରୀତା (ଶ୍ରେଣୀ-୭ମ) | ପ୍ରକ୍ରିୟାତ୍ମକ | ଆନିମେସନ୍ ଭିଡ଼ିଓ / ବର୍ଦ୍ଧିତ ବାସ୍ତବିକତା ଆଧାରିତ ମୋବାଇଲ୍ ଆପ୍ ଭଳି ଆନାଟୋମି ୪ଡ଼ି, ବାୟୋଡ଼ିଜିଟାଲ୍ ମାନବ ଇତ୍ୟାଦି | ପାଠ୍ୟବିଷୟବସ୍ତୁ ଏମିତି ହେବା ଆବଶ୍ୟକ ଯେପରି ଶିକ୍ଷାର୍ଥୀ ଏହାର ପ୍ରକ୍ରିୟାକୁ ବୁଝିପାରିବ। ସେଥିପାଇଁ କେବଳ ଦୃଶ୍ୟ କିମ୍ବା ଶ୍ରାବ୍ୟ କିମ୍ବା ଭିଜୁଆଲ୍ ମାଧ୍ୟମରେ ଠିକ୍ ଢ଼ଙ୍ଗରେ ଶିଖିବା ସମ୍ଭବ ନୁହେଁ। ଯଦି ଏକ ଆନିମେଟେଡ୍ ଭିଡ଼ିଓ କିମ୍ବା ଏହାସହ ସମ୍ମିଳିତ ପ୍ରକୃତି ସମ୍ବଳକୁ ଉପଯୋଗ କରି ଖାଦ୍ୟର ହଜମ ପ୍ରକ୍ରିୟାକୁ ଚିତ୍ରିତ କରାଯାଏ ଶିକ୍ଷାର୍ଥୀ ଏହାକୁ ସହଜରେ ବୁଝିପାରିବ। |
| ୪. | ସର୍ବଶ୍ରେଷ୍ଠ କ୍ରୀଷ୍ଟମାସ୍ ଉପହାର (ଶ୍ରେଣୀ ୮ମ) ଶିକ୍ଷଣ କାର୍ଯ୍ୟ – "ଦେଶ ଦେଶ ମଧ୍ୟରେ ଦ୍ୱନ୍ଦ ସମାପ୍ତ କରିବାପାଇଁ ଯୁଦ୍ଧ ଏକ ମାଧ୍ୟମ କି" ବିଚାରକର। | ନିଜର ବିଚାର ପ୍ରକ୍ରିୟାକୁ ବୁଝିବା | ଚର୍ଚ୍ଚାମଞ୍ଚ | ଏଠାରେ ନିଜର ନିର୍ଣ୍ଣୟ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ବିଶ୍ଳେଷଣ କରିବା ଆବଶ୍ୟକ। ଚର୍ଚ୍ଚାମଞ୍ଚର ଉପଯୋଗ ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ବିଚାର ଏବଂ ନିର୍ଣ୍ଣୟ ଉପରେ ଚର୍ଚ୍ଚା କରିବା ପାଇଁ କରାଯାଇପାରେ। |

ଉପରୋକ୍ତ ସାରଣୀ ଦର୍ଶାଉଛିକି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICT) କୁ ପ୍ରୟୋଗ କରିବାପାଇଁ ବିଷୟବସ୍ତୁର ସ୍ୱରୁପକୁ ବୁଝିବା ଆବଶ୍ୟକ। ଏକ ଉପଯୁକ୍ତ ଢ଼ଙ୍ଗରେ ବାଛିବାକୁ ହେଲେ ଶିକ୍ଷକଙ୍କୁ / ବିଷୟବସ୍ତୁ ସହ ବିଭିନ୍ନ (ICT) / ମିଡ଼ିଆ ବାବଦରେ ଜ୍ଞାନହେବା ଆବଶ୍ୟକ। ଇ ବିଷୟବସ୍ତୁକୁ ବ୍ୟାପକ ଭାବରେ ତଳେ ଦିଆଯାଇଥିବା ଚିତ୍ର ଭଳି ବର୍ଗୀକରଣ କରାଯାଇପାରେ।

**Module 6**

ଇ ବିଷୟବସ୍ତୁର ବ୍ୟାପକ ଶ୍ରେଣୀ ବିଭାଗ

- ବିଷୟ
- ଚିତ୍ର/ ଛବି
- ଶ୍ରାବ୍ୟ (ଅଡ଼ିଓ)
- ଦୃଶ୍ୟ / (ଭିଡ଼ିଓ)
- କ୍ରିୟାଶୀଳ / Interactive
- ଏନିମେସନ୍ Animation
- ଛଦ୍ମ ପରିସ୍ଥିତିରେ ପ୍ରୟୋଗ Simulation

**ଚିତ୍ର-୧, ଇ ବିଷୟବସ୍ତୁର ବ୍ୟାପକ ଶ୍ରେଣୀ ବିଭାଗ**

ଶିକ୍ଷକ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICT) କୁ ବିବେକପୂର୍ଣ୍ଣ ଢ଼ଙ୍ଗରେ ବ୍ୟବହାର କରିବାରେ ସକ୍ଷମ ହେବେ ଯେତେବେଳେ ସେ ପାଠ୍ୟ ବିଷୟବସ୍ତୁର ବିଶ୍ଳେଷଣ କରିବେ ଓ ଉପଯୁକ୍ତ ମିଡ଼ିଆର ଚୟନ କରିବେ ଏବଂ ଏହାକୁ ଉଚିତ୍ ଢଙ୍ଗରେ ଶିକ୍ଷାର୍ଥୀଙ୍କ ଆଗରେ ଉପସ୍ଥାପନ କରିପାରିବେ । ଯାହାଦ୍ୱାରାକି ଶିକ୍ଷାର୍ଥୀମାନେ ସହଜରେ ପାଠ୍ୟବିଷୟବସ୍ତୁ ବୁଝିପାରିବେ ।

## ଶିକ୍ଷଣ କାର୍ଯ୍ୟ -୨

ଦିଆଯାଇଥିବା କାର୍ଡ଼ରୁ ବିଷୟକୁ ବାଛନ୍ତୁ । ଏହି ବିଷୟରୁ ଆପଣଙ୍କ ପସନ୍ଦର ଏକ ପ୍ରସଙ୍ଗ ବାଛନ୍ତୁ । ଏହି ପ୍ରସଙ୍ଗର ଶିକ୍ଷଣ ଫଳାଫଳ ଗୁଡ଼ିକୁ ତାଲିକା କରନ୍ତୁ । ସେହି ପ୍ରସଙ୍ଗରୁ ଅନ୍ୟୁନ ତିନୋଟି ପ୍ରମୁଖ ବିଷୟବସ୍ତୁ ନିର୍ଦ୍ଧାରଣ କରନ୍ତୁ, ଯାହା ଆପଣ ପଢ଼ାଇବା ଦ୍ୱାରା ସମସ୍ତ ଶିକ୍ଷଣ ଫଳାଫଳ ହାସଲ ହୋଇପାରିବ । ବିଷୟବସ୍ତୁର ସ୍ୱରୂପ (ତଥ୍ୟ, ବୈଚାରିକ, ପ୍ରକ୍ରିୟାତ୍ମକ, ନିଜର ବିଚାର ପ୍ରକ୍ରିୟା) ଆଧାରରେ ବିଶ୍ଳେଷଣ ଓ ବର୍ଗୀକରଣ କରନ୍ତୁ ।

## ମାନଦଣ୍ଡ -୨ :

ପରିସ୍ଥିତି ବିଶ୍ଳେଷଣ ଏକ ପଦ୍ଧତି ଯେଉଁଥିରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ସଂଗଠିତ ହେଉଥିବା ପରିବେଶର ବିଶ୍ଳେଷଣ ହୁଏ । ପରିସ୍ଥିତି ବିଶ୍ଳେଷଣ, ଶିକ୍ଷଣ ଶିକ୍ଷାଦାନ ପରିସ୍ଥିତିର ସଂପୂର୍ଣ୍ଣ ପରିବେଶ ଉପରେ ବିଚାର କରେ ।

### ନିମ୍ନଲିଖିତ ଲେଖାଉପରେ ଚିନ୍ତାକରନ୍ତୁ :

୧. ସ୍କୁଲରେ ICTର କେଉଁ ସୁବିଧା ଗୁଡ଼ିକ ଉପଲବ୍ଧ ଅଛି ?

୨. ସ୍କୁଲର ସହାୟକ ବ୍ୟବସ୍ଥା କିପରି ICTର ବ୍ୟବହାର ପାଇଁ ପ୍ରେରଣା ଯୋଗାଏ ?

୩. ଶିକ୍ଷକଙ୍କ ପାଖରେ କ'ଣ ସବୁ ICT ଦକ୍ଷତା ଅଛି ?

୪. ସମସ୍ତ ଶିକ୍ଷାର୍ଥୀ କ'ଣ ICTର ବ୍ୟବହାର କରନ୍ତି ?

୫. ଉପଲବ୍ଧ ସୁବିଧା ଓ ଶିକ୍ଷାର୍ଥୀଙ୍କ ଗୁଣ ଆଧାରରେ ICT ଉପକରଣ /

Module 6




ସାଧନୀ ଗୁଡ଼ିକ କ'ଣ ଚୟନ କରାଯାଇଛି ?

ଶ୍ରେଣୀ ଗୃହର ବାତାବରଣକୁ ବିଶ୍ଳେଷଣ କଲାବେଳେ ଭିତ୍ତିଭୂମି ଓ ମାନବସମ୍ବଳ ଦୁଇଟି ଦିଗପ୍ରତି ଧ୍ୟାନଦେବା ଉଚିତ୍ । ଶ୍ରେଣୀଗୃହର ସାଧାରଣ ଭିତ୍ତିଭୂମି ଯଥା ବିଜୁଳିର ସଂଯୋଗ, ପ୍ରକ୍ଷେପଣ ସାମଗ୍ରୀ, ଇଣ୍ଟରନେଟ୍ ସଂଯୋଗ, ପ୍ରିଣ୍ଟର, କମ୍ପ୍ୟୁଟର, ଲାପଟପ୍/ ଟାବ୍‌ଲେଟ୍ ର ବ୍ୟବସ୍ଥା ଇତ୍ୟାଦି ଭିତ୍ତିଭୂମିର ଅନ୍ତର୍ଗତ । ମାନବ ସମ୍ବଳ କହିଲେ ଶିକ୍ଷକ ଟେକ୍ନିସିଆନ୍, ICTକୁ ପରିଚାଳନା କଲାଭଳି ଶିକ୍ଷକଙ୍କ ଯୋଗ୍ୟତା ଇତ୍ୟାଦିକୁ ବୁଝାଏ ।

ଶିକ୍ଷାର୍ଥୀଙ୍କ ଶିକ୍ଷଣ ବୃଦ୍ଧି ପାଇଁ ଶିକ୍ଷକଙ୍କୁ ମଧ୍ୟ ଶିକ୍ଷାର୍ଥୀଙ୍କ ଅନୁସାରେ ଉପଯୁକ୍ତ ପଦ୍ଧତି ଓ ICT ସାଧନୀ ବା ଉପକରଣ / ସମ୍ବଳର ଚୟନ କରିବା ଆବଶ୍ୟକ । ICTର ଉପଯୋଗ କରିବା ପାଇଁ ଶିକ୍ଷାର୍ଥୀଙ୍କ ଚାରୋଟି ଦିଗକୁ ବୁଝିବା ଦରକାର ସେଗୁଡ଼ିକ ହେଲା ।

**ଜନସଂଖ୍ୟକୀୟ (Demographic) :**

ଜଣେ ଶିକ୍ଷକ ଶ୍ରେଣୀ ଗୃହର ଆକାର, ବୟସ ଅନୁସାରେ ବିବିଧତା, ସାଂସ୍କୃତିକ ପରିସ୍ଥିତି, ସାମାଜିକ, ଆର୍ଥିକ ସ୍ଥିତି, ଲିଙ୍ଗ, ସଂଖ୍ୟାଲଘୁ, ଭୌଗଳିକ ସ୍ଥିତି ଓ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧତା ଉପରେ ବିଚାର କରିପାରନ୍ତି ।

**ଜ୍ଞାନାତ୍ମକ ଓ ପୂର୍ବଜ୍ଞାନ :**

ଶୈକ୍ଷିକ ସ୍ତର, ପ୍ରାଥମିକ, ଉଚ୍ଚପ୍ରାଥମିକ, ଅନିର୍ବାର୍ଯ୍ୟ ଜ୍ଞାନ ଓ ଅନୁଭୂତି, ଶିଖିବାର ଶୈଳୀ, ଡ଼ିଜିଟାଲ୍ ସାକ୍ଷରତାରସ୍ତର, ଜ୍ଞାନାତ୍ମକ ଦକ୍ଷତା ।

**ଭାବାତ୍ମକ / ସାମାଜିକ :**

ଜଣେ ଶିକ୍ଷକ, ଶିକ୍ଷା ଓ ଶିଖିବା, ଅନ୍‌ଲାଇନ୍ ଶିକ୍ଷଣ ପାଇଁ ପରିବେଶ, ନିଜ ବିଷୟରେ ଚିନ୍ତାକରିବା, ପ୍ରେରକସ୍ତର, ପାରସ୍ପରିକ ସମ୍ବନ୍ଧ ଓ ଯେଉଁକ୍ଷେତ୍ରରେ ତାଙ୍କର ଇଚ୍ଛା ଅଛି ଆଦି ଦିଗପ୍ରତି ନିଜର ଦୃଷ୍ଟିକୋଣକୁ ଆତ୍ମସମୀକ୍ଷା କରିପାରନ୍ତି । ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟ କରିବା ସମୟରେ ଏହିସବୁ ବିଷୟରେ ଧ୍ୟାନ ଦେଇପାରିବେ ।

**ଫିଜିଓଲୋଜିକାଲ୍ (Physiological) :**

ଜଣେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସାଧାରଣ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଓ ବିଶେଷ ଆବଶ୍ୟକତା ସମ୍ବନ୍ଧରେ ଜ୍ଞାତ ଥାଇପାରନ୍ତି । ଏହି ପ୍ରକାର ସଚେତନତା ତାଙ୍କୁ କେଉଁ ପ୍ରକାର ଚିକିତ୍ସା ଉପଚାର କରାଯିବ ଓ କ'ଣ ସହାୟକ ଟେକ୍‌ନିକ୍‌କୁ ଉପଯୋଗ କରାଯିବ, ସେହି ବିଷୟରେ ଉପଦେଶ ଦେବାର ସାହାଯ୍ୟ କରିଥାଏ ।

ଉଦାହରଣ ସ୍ୱରୂପ ଦୃଷ୍ଟି ବାଧିତ ଛାତ୍ର ପାଇଁ ଶିକ୍ଷଣ ସମ୍ବଳ ଦେଲାବେଳେ (ICT) ସାଧନୀ, ଲେଖାରୁ ଶବ୍ଦ, ତଥ୍ୟ ଆଦାନପ୍ରଦାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସମ୍ବଳକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇ ଏହାକୁ ମାଗଣାରେ ପ୍ରଦାନକଲେ ନିମ୍ନ ଆର୍ଥିକସ୍ତରର ଶିକ୍ଷାର୍ଥୀ ମାନଙ୍କୁ ମଧ୍ୟ ବ୍ୟବହାର କରିବାର ସୁଯୋଗ ମିଳିବ । ଏଣୁ ଶିକ୍ଷାର୍ଥୀଙ୍କୁ ବୁଝିବା ଫଳରେ ଉପଯୁକ୍ତ ICT ଚୟନ କରିବା ସୁବିଧା ହୁଏ ଓ ଶ୍ରେଣୀଗୃହକୁ ଅନ୍ତର୍ନିବେଶୀ କରିହୁଏ ।

Module 6

## ଶିକ୍ଷଣକାର୍ଯ୍ୟ - ୩

ବିସ୍ତାରିତ ଶିକ୍ଷଣକାର୍ଯ୍ୟ (ମଞ୍ଚ / ଇ.ଗ୍ରୁପରେ ଆଲୋଚନା)

ଦୁଇଟି ଭିନ୍ନ ଭିନ୍ନ ପରିସ୍ଥିତିରେ ଦୁଇଜଣ ଶିକ୍ଷକ ବ୍ୟବହାର କରିଥିବା (ICT)ର ଭିଡ଼ିଓ ଦେଖନ୍ତୁ।

https://youtu.be/yhhmcaq-8-w
https://youtu.be/fyXRYb3awfA

### ଟିକିଏ ଚିନ୍ତାକରନ୍ତୁ

- ଶିକ୍ଷଣ ଫର୍ଦ୍ଦରେ ଦିଆଯାଇଥିବା ପ୍ରସଙ୍ଗକୁ ପଢ଼ାଇବା ପାଇଁ କ'ଣ କ'ଣ ICTର ସୁବିଧା ଆବଶ୍ୟକ ? ଏହିସବୁ ସୁବିଧା ଅପାଣଙ୍କ ବିଦ୍ୟାଳୟରେ ଅଛି କି ?
- ଶିକ୍ଷଣକାର୍ଯ୍ୟ / କାର୍ଯ୍ୟଗୁଡ଼ିକର ଆବଶ୍ୟକ ICT ଆପଣଙ୍କ ଶ୍ରେଣୀରେ ଥିବା ବିଭିନ୍ନ ପର୍ଯ୍ୟାପ୍ତ / ବର୍ଗର ପିଲାଙ୍କ ପାଇଁ ପର୍ଯ୍ୟାପ୍ତ କି ? ବିଭିନ୍ନ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ICT ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି କି ?

## ମାନଦଣ୍ଡ : ୩ : ଶିକ୍ଷାଦାନ ଶିକ୍ଷଣ ପଦ୍ଧତି

### ଟିକିଏ ଚିନ୍ତାକରନ୍ତୁ

୧. ଶିକ୍ଷାଦାନ ଶିକ୍ଷଣର ବିଭିନ୍ନ ପଦ୍ଧତିକୁ କାର୍ଯ୍ୟକାରୀ କରିବାରେ ICT କିପରି ସାହାଯ୍ୟ କରେ ?

୨. ନିର୍ଦ୍ଦିଷ୍ଟ ବିଷୟର ଶିକ୍ଷଣ ଓ ଶିକ୍ଷାଦାନ ପାଇଁ କେଉଁ କେଉଁ ଅଭିନବ ଓ ସମନ୍ୱିତ ପଦ୍ଧତି ଗୁଡ଼ିକ ସହ ICT କୁ ସଂଯୁକ୍ତ କରାଯାଇପାରିବ ?



ICT ଉପକରଣ / ମିଡ଼ିଆ ସେତେବେଳେ ଫଳପ୍ରଦ ହେବ ଯେତେବେଳେ ଏହାର ଉପଯୋଗ ନିର୍ଦ୍ଦିଷ୍ଟ ପାଠ୍ୟବିଷୟବସ୍ତୁ, ଶିକ୍ଷଣ -ଶିକ୍ଷାଦାନ ପଦ୍ଧତି ସହିତ ଉପଯୁକ୍ତ ଭାବରେ କରାହେବ। ଉଦାହରଣ ସ୍ୱରୂପ ଯଦି ଶିକ୍ଷକ ଧାତୁ ଓ ଅଧାତୁର ଧାରଣା ଉପରେ ପଢ଼ାଇବାକୁ ଚାହାଁନ୍ତି, ତାହାଲେ ତାଙ୍କର ପରିସ୍ଥିତି ଅନୁସାରେ ଯେକୌଣସି ଗୋଟିଏ ପଦ୍ଧତିକୁ ବାଛିପାରନ୍ତି। ଧାରଣାର ସଂପାଦନ ମଡ଼େଲ ବ୍ୟବହାର କରି, ଦିଆଯାଇଥିବା ବସ୍ତୁ ଗୁଡ଼ିକ ମଧ୍ୟରେ ତୁଳନା ଆଉ ପ୍ରଭେଦ ଦଳଗତ କାର୍ଯ୍ୟ ଦ୍ୱାରା ବାହାର କରି ଧାତୁ ଓ ଅଧାତୁର ସଂଜ୍ଞା କହିପାରିବା। ନିମ୍ନରେ ସୋପାନଗୁଡ଼ିକ ଦର୍ଶାଯାଇଛି।

**Module 6**

- ଶ୍ରେଣୀରେ ଧାତୁର ତିଆରି (ଉଦାହରଣ ଷ୍ଟେପଲର ପିନ୍, ସୁନାମୁଦି) ଓ ଅଧାତୁରେ ତିଆରି (ଉଦାହରଣ – ପ୍ଲାଷ୍ଟିକ୍ ଘଡ଼ିମୋଚ, କାଠ ବ୍ଲକ୍) ବସ୍ତୁ ଦେଖାଅନ୍ତୁ।
- ଧାତୁଗୁଡ଼ିକର ଅତ୍ୟାବଶ୍ୟକୀୟ (ଉଦାହରଣ : କଠିନତା, ବିଦ୍ୟୁତ୍ ପରିଗଣିତ) ଅଣ ଅତ୍ୟାବଶ୍ୟକୀୟ (ଉଦାହରଣ – ଆକାର, ରଙ୍ଗ) ବିଶେଷ ଗୁଣକୁ ଚିହ୍ନିବା ପାଇଁ ଏହାର ଧର୍ମଗୁଡ଼ିକୁ ତୁଳନା କରନ୍ତୁ ଓ ଧର୍ମ ମଧ୍ୟରେ ବୈଷମ୍ୟତାକୁ ଲକ୍ଷକରନ୍ତୁ।
- ପର୍ଯ୍ୟବେକ୍ଷଣ କରିଥିବା ବିଶେଷ ଗୁଣକୁ ଆଧାରକରି ଧାତୁ ଓ ଅଧାତୁର ସଂଜ୍ଞା ପ୍ରଦାନ କରନ୍ତୁ।
- ସଂଜ୍ଞାକୁ ଆଧାରକରି ଧାତୁର ଅଧିକ ଉଦାହରଣ, (ଯଥା–ଲୁହା, ତମ୍ବା) ଅଣଉଦାହରଣ (ଯଥା – ପ୍ଲାଷ୍ଟିକ୍, କାଠ) ଓ ବିପରୀତ ଉଦାହରଣ (ଯଥା–ପାରଦ) ଦିଅନ୍ତୁ।

## ଶିକ୍ଷଣକାର୍ଯ୍ୟ – ୪

ଶିକ୍ଷଣକାର୍ଯ୍ୟ– ୨ରେ ସ୍ଥିରିକୃତ ହୋଇଥିବା ପ୍ରସଙ୍ଗକୁ ଆଧାରକରି ପ୍ରତ୍ୟେକ ପାଠ ପାଇଁ ଶିକ୍ଷାଶାସ୍ତ୍ରରୁ ଉପଯୁକ୍ତ ଶିକ୍ଷଣ ପଦ୍ଧତି ବାଛନ୍ତୁ। ଶିକ୍ଷାଦାନ ପାଇଁ ସେହି ପଦ୍ଧତି ଗୁଡ଼ିକୁ ଚୟନ କରିବାର ତାତ୍ପର୍ଯ୍ୟ ଆଲୋଚନା କରନ୍ତୁ।

### ମାନଦଣ୍ଡ –୪ : ପ୍ରଯୁକ୍ତିବିଦ୍ୟା / ସାଧନା / ଇ-କଣ୍ଟେଣ୍ଟ୍

ପାଠ୍ୟବିଷୟ ବସ୍ତୁର ପ୍ରକୃତି ଓ ବ୍ୟବହୃତ ପଦ୍ଧତିର ଉପଯୁକ୍ତତା ଅନୁସାରେ ICT ସାଧନୀ ଓ ସମ୍ବଳ ଚୟନ କରାଯାଇପାରେ।

### ଛଦ୍ମ ପରିସ୍ଥିତିରେ ପ୍ରୟୋଗ :

ସେହି ବସ୍ତୁଗୁଡ଼ିକୁ ଦେଖାଇବାରେ ICT କୁ ବ୍ୟବହାର ହେବା ଦରକାର ଯାହାକୁ ଆମେ ସହଜରେ ଶ୍ରେଣୀଗୃହକୁ ନେଇ ପରିବା ନାହିଁ। ଉଦାହରଣ ସ୍ୱରୂପ ଧାତୁ ଓ ଅଧାତୁରେ ତିଆରି ବସ୍ତୁ ଆଣିବା, ଏହାର ଧର୍ମକୁ ପରୀକ୍ଷା କରି ଗୁଣ ମଧ୍ୟରେ ତୁଳନା ଓ ପ୍ରଭେଦ ବାଛି ଧାତୁ ଓ ଅଧାତୁର ସଂଜ୍ଞା ନିରୁପଣ କରିବା। ଏହିସବୁ କାର୍ଯ୍ୟପାଇଁ ଛଦ୍ମପରିସ୍ଥିତିର ବ୍ୟବହାର କରାଯାଇ ପାରିବ।

### ସ୍ଲାଇଡ୍ ପ୍ରଦର୍ଶନ

ଧାତୁ ଓ ଅଧାତୁ ସଂଜ୍ଞା ପ୍ରଦାନ କରିବା ଓ ଉଦାହରଣ ଦେବା।

### ଇଣ୍ଟରଆକ୍ଟିଭ୍ (Interactive) ଶିକ୍ଷଣକାର୍ଯ୍ୟ (Like H5P)

ଧାତୁ ଓ ଅଧାତୁରେ ତିଆରି ବିଭିନ୍ନ ବସ୍ତୁକୁ ଦଳରେ ଦେଇ ସେମାନଙ୍କ ମଧ୍ୟରେ ସମାନତା ଓ ବିବିଧତା ତୁଳନା କରିବାକୁ ହେବ। ତାପରେ ସମାନତା ଆଧାରରେ ସେମାନଙ୍କୁ ବର୍ଗୀକରଣ କରିବା ଓ ସେଥିରୁ ଧାତୁ ଓ ଅଧାତୁର ସଂଜ୍ଞା ନିରୁପଣ କରିବା। (http://nroer.gov.in ରେ H5P interactive ପାଠ୍ୟ ବିଷୟବସ୍ତୁ ଦେଖନ୍ତୁ)

Module 6

ତେଣୁ ଶିକ୍ଷାଦାନ ଶିକ୍ଷଣ ପଦ୍ଧତି ଅନୁସାରେ ଉପଯୁକ୍ତ ସାଧନୀ ବ୍ୟବହାର କରିବା ଶିକ୍ଷକଙ୍କ ଉପରେ ନିର୍ଭର କରେ। ଏହାମଧ୍ୟ ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଉପକ୍ରମ, ଉପସ୍ଥାପନା ଓ ସାରାଂଶ ପ୍ରଦାନ ଇତ୍ୟାଦି କରିବା ପାଇଁ ଜଣେ ଶିକ୍ଷକ ICT ମିଡ଼ିଆ ସମ୍ବଳ ବାଛିପାରନ୍ତି। ତେଣୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ପ୍ରତ୍ୟେକ ପଦ୍ଧତିର ଗୁରୁତ୍ୱ ବୁଝିବା ଓ ଅଧିକ ବୋଧଗମ୍ୟତା ପାଇଁ ICTକୁ ଉକ୍ତ ପଦ୍ଧତିର ଆବଶ୍ୟକତା ଅନୁସାରେ ସାଧନୀ ଭାବରେ ବ୍ୟବହାର କରିବା। ନିର୍ଦ୍ଦିଷ୍ଟ ପଦ୍ଧତିର ଗୁରୁତ୍ୱ ଓ ଏଥିରେ ICT ଆବଶ୍ୟକତାକୁ ବିଶ୍ଳେଷଣ କଲେ ହିଁ ଜଣେ ଶିକ୍ଷକ ପ୍ରକୃତ ICT ସାଧନୀ / ମିଡ଼ିଆକୁ ବାଛିପାରିବେ। ଅନେକ ଅଭିନବ ପଦ୍ଧତି / ପନ୍ଥା ଯଥା ଫ୍ଲିପ୍‌ଡ୍ କ୍ଲାସ୍, ବ୍ଲେଣ୍ଡେଡ୍ ଲର୍ଣ୍ଣି ବହୁଳ ଭାବରେ ବ୍ୟବହାର କରାଯାଉଛି।

ଶିକ୍ଷକଙ୍କ ଦ୍ୱାରା ଇ-କଣ୍ଟେଟ୍ କିମ୍ବା ପ୍ରଯୁକ୍ତିବିଦ୍ୟା ସମ୍ବଳ / ଯନ୍ତ୍ରାଂଶ ବାଛିଲାବେଳେ ନିମ୍ନ ମାନଦଣ୍ଡ ଗୁଡ଼ିକୁ ବିଚାରକୁ ନେବା ଆବଶ୍ୟକ।

Module 6

| କ୍ରମାଙ୍କ | ମାନଦଣ୍ଡ | ଗୁଣାବଳୀ |
|---|---|---|
| ୧. | ଉଦ୍ଦିଷ୍ଟ ଦର୍ଶକ | ବୟସ, ପୂର୍ବଜ୍ଞାନ, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି, ଶିକ୍ଷଣ ଶୈଳୀ, ଭାଷା, ଜନସଂଖ୍ୟାର ତଥ୍ୟ, ଆବେଗିକ ବିକାଶ, ଦକ୍ଷତାସ୍ତର, ସାମାଜିକ ବିକାଶ। |
| ୨. | ବିଷୟବସ୍ତୁ | ସଠିକତା, ପ୍ରାସଙ୍ଗିକତା, ବିଷୟବସ୍ତୁ ସଂପୂର୍ଣ୍ଣକରଣ ସୂଚନା ଓ ନୂତନତ୍ୱକୁ ଗ୍ରହଣ କରିବା, ପାଠ୍ୟକ୍ରମର ଅନୁରୂପ ଇତ୍ୟାଦି। |
| ୩. | ଶିକ୍ଷାଶାସ୍ତ୍ରର ଅନୁଧ୍ୟାନ | ଉଦ୍ଦେଶ୍ୟ, ପାଠ୍ୟ ପଢ଼ାଇବାର ପଦ୍ଧତି, ମିଡ଼ିଆ ଚୟନ, ଉପସ୍ଥାପନା ଶୈଳୀ, ସ୍ୱଷ୍ଟ ଭାବ ବିନିମୟ, ପକ୍ଷପାତ ରହିତ, ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଅନୁକୂଳନ। ବହୁବିଧ ପ୍ରଣାଳୀଦ୍ୱାରା ମାନନିର୍ଦ୍ଧାରଣ, ଶିକ୍ଷାର୍ଥିଙ୍କ ଅଂଶଗ୍ରହଣ ଇତ୍ୟାଦି। |
| ୪. | ଉପସ୍ଥାପନା | ସୌନ୍ଦର୍ଯ୍ୟତା, ପ୍ରେରଣା, ନୂତନତ୍ୱ / ସୃଜନଶୀଳତା, ଅକ୍ଷର, ପ୍ରଭାବ, ମିଡ଼ିଆ ଉପକରଣ, ସମନ୍ୱୟତା, ମଂଥନ ଓ ସଂଗଠନ, ଶିକ୍ଷାର୍ଥୀଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ଲିଙ୍ଗଗତ ପାର୍ଥକ୍ୟ ନଥାଇ ବହୁ ସଂସ୍କୃତି ବିଶିଷ୍ଟ। |
| ୫ | ଯାନ୍ତ୍ରିକ | ଯାନ୍ତ୍ରିକ ତ୍ରୁଟି ରହିତ, ଦୃଶ୍ୟ ଶ୍ରାବ୍ୟ ଗୁଣବତ୍ତା, ସହଜ ପରିଚାଳନା ଯୋଗ୍ୟ ଓ ଆଦାନ ପ୍ରଦାନକାରୀ, ଅନୁମତି ପ୍ରାପ୍ତ ଇତ୍ୟାଦି। |
| ୬ | ପ୍ରଶାସନିକ ଅନୁଧ୍ୟାନ | ମୂଲ୍ୟ, ପହଞ୍ଚାଇବାର ବିଭିନ୍ନ ସୋପାନ, ସମର୍ଥନ, ସେବା, ପରୀକ୍ଷଣ, ରକ୍ଷଣାବେକ୍ଷଣ, ଭିତ୍ତିଭୂମି ଜନିତ ଓ ପ୍ରଯୁକ୍ତିବିଦ୍ୟା ଜନିତ ଆବଶ୍ୟକତା, ସଂଗ୍ରହ କରିବା / ପାଇବାର ଉତ୍ସ। |

ଅନେକ ମାଗଣା ଓ ମୁକ୍ତ (ଖୋଲା) ସୋର୍ଶ ସଫଟ୍‌ୱେୟାର (Free & Open Source Software) ଅଛି ଯାହାକି ଇ-କଣ୍ଟେଣ୍ଟର ବିକାଶ ଓ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହାର କରାଯାଇପାରିବ। କେତେକ ସଫଟ୍‌ୱେୟାର ଗୁଡ଼ିକ ବିଷୟ ନିର୍ଦ୍ଦିଷ୍ଟ ଅଟେ, ଯାହା ଶିକ୍ଷଣ ପ୍ରକ୍ରିୟା ଓ ଶ୍ରେଣୀକାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଏ। କେତେକ ମୂଳ / ବିଷୟ ନିର୍ଦ୍ଦିଷ୍ଟ ସଫଟ୍‌ୱେୟାର ଗୁଡ଼ିକ ହେଲା।

Module 6

| ସଫଟ୍‌ୱେୟାର | | ବର୍ଗ |
|---|---|---|
| ଜିଓଜେବ୍ରା (Geogebra) | | ବିଷୟ ନିର୍ଦ୍ଦିଷ୍ଟ – ଗଣିତ |
| ଖଙ୍ଗମ୍ୟାନ୍ (Khangman) | | ବିଷୟ ନିର୍ଦ୍ଦିଷ୍ଟ – ଇଂରାଜୀ |
| କାଲ୍‌ଜିୟମ (Kalziam) | | ବିଷୟ ନିର୍ଦ୍ଦିଷ୍ଟ – ରସାୟନ ବିଜ୍ଞାନ |
| ଆଭୋଗାଡ୍ରୋ (Avogadro) | | ବିଷୟ ନିର୍ଦ୍ଦିଷ୍ଟ – ଭୂଗୋଳ |
| ମାରବଲ (Marble) | | ବିଷୟ ନିର୍ଦ୍ଦିଷ୍ଟ – ପ୍ରାଥମିକସ୍ତରର ସମସ୍ତ ବିଷୟ |
| ଜି କମ୍ପ୍ରାଇସ୍ ଏଜୁକେସନାଲ୍ ସୁଟ୍ | | ଜେନେରିକ୍ (Generic) |
| | | |
| ଅଡ଼ାସିଟି (Audacity) | | ଜେନେରିକ୍ (Generic) |
| ଓପନ୍ ସଟ୍ ଭିଡ଼ିଓ ଏଡ଼ିଟର | | ଜେନେରିକ୍ |
| | | |
| ଫ୍ରୀ ପ୍ଲେନ୍ (Free plane) | | ଜେନେରିକ୍ |
| ଜି.ଆଇ.ଏମ୍.ପି. (GIMP) | | ଜେନେରିକ୍ |
| ଟରଟଲ ବ୍ଲକ୍ (Turtole block) | | ଜେନେରିକ୍ |
| ସ୍କ୍ରାଚ୍ (Scratch) | | ଜେନେରିକ୍ |
| ଟକ୍ସ ପେଣ୍ଟ (Tax paint) | | ଜେନେରିକ୍ |

**Module 6**

ଆହୁରିମଧ୍ୟ ଅନେକ୍ ମୋବାଇଲ୍ ଆପ୍ ଅଛି ସେଗୁଡ଼ିକ ମଧ୍ୟ ଶିକ୍ଷଣ- ଶିକ୍ଷାଦାନର ସମୃଦ୍ଧିରେ ସାହାଯ୍ୟ କରେ । ସେଗୁଡ଼ିକ ମଧ୍ୟରୁ କେତେକ ହେଲା ।

୧. ଆନାଟୋମି -୪ଡ଼ି (Anatomy 4D)

୨. ଅନ୍‌ଲାଇନ୍ ଲ୍ୟାବ୍ (Online Lab.)

୩. କୁଇଭର (Quiver)

୪. ସ୍କାଏଭିଉ (Sky view)

୫. ଆର୍ଟ ଆଣ୍ଡ କଲଚର (Art & Culture)

୬. ଷ୍ଟାର ଟ୍ରାକର (Star Tracker)

୭. ଫେଟ୍ (PhFT)

୮. ଷ୍ଟପ୍ ମୋସନ୍ ଆନିମେସନ୍ (Stop motion animation)

୯. ଷ୍ଟ୍ରିଟ୍ ଭିଉ୍ (Street view)

୧୦. କାହୁଟ୍ ଇତ୍ୟାଦି (Kahoot etc.)

***ଶିକ୍ଷଣକୁ କ୍ରିୟାଶୀଳ କରିବା ପାଇଁ ପାଠ୍ୟ ବିଷୟବସ୍ତୁ, ଶିକ୍ଷଣ - ଶିକ୍ଷାଦାନ ପଦ୍ଧତି ଓ ପରିସ୍ଥିତି ଆଧାରରେ ଉପଯୁକ୍ତ ସାଧନୀ ବାଛିବା ଶିକ୍ଷକଙ୍କ ଦାୟିତ୍ୱ ।***

## ଶିକ୍ଷଣକାର୍ଯ୍ୟ - ୫

Module 6

ଶିକ୍ଷଣକାର୍ଯ୍ୟ ୪ରେ ବଛାଯାଇଥିବା ପାଠ୍ୟ ବିଷୟ ଓ ପଦ୍ଧତି ଆଧାରରେ ICT କାର୍ଡ଼ର ସେଟ୍ ମଧ୍ୟରୁ ପ୍ରତ୍ୟେକ ପାଠ୍ୟବସ୍ତୁ ପାଇଁ ଉପଯୁକ୍ତ ICT ସାଧନୀଗୁଡ଼ିକ ଚିହ୍ନଟ କରନ୍ତୁ। ICT ସାଧନୀ ଚୟନ କରିବାର କାରଣକୁ ଆଲୋଚନା କରନ୍ତୁ।

ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (ICT) ଶିକ୍ଷଣ ଶାସ୍ତ୍ର ଓ ପାଠ୍ୟ ବିଷୟବସ୍ତୁର ସମନ୍ୱୟ।

ପାଠ୍ୟ ବିଷୟବସ୍ତୁ ଓ ଶିକ୍ଷାଶାସ୍ତ୍ରରେ ICTର ସମନ୍ୱୟ ଶିକ୍ଷକଙ୍କ ଦକ୍ଷତା ଉପରେ ନିର୍ଭର କରେ। ଅଧିକାଂଶ ଶ୍ରେଣୀ ପାଠପଢ଼ା ସଂପୂର୍ଣ୍ଣ ICT ଆଧାରିତ ନହେଲେ ମଧ୍ୟ ଏଗୁଡ଼ିକ ଏକ ମିଶ୍ରପନ୍ଥା ଯେଉଁଥିରେ ICT ଆଧାରିତ କାର୍ଯ୍ୟଗୁଡ଼ିକ ଚିରାଚରିତ ଶିକ୍ଷଣ / ଶିକ୍ଷାଦାନ ଅଭିଜ୍ଞତା ସହ ମିଶିକରି ଥାଏ। ଶିକ୍ଷଣ, ଶିକ୍ଷାଦାନ ଓ ମାନନିର୍ଦ୍ଧାରଣରେ ICTର ସମନ୍ୱୟ କୌଶଳ ଅଭ୍ୟାସ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷାଶାସ୍ତ୍ର ଏବଂ ପାଠ୍ୟ ବିଷୟର ଜ୍ଞାନ (TPACK) ଉପରେ ଆଧାରିତ। ICT ର ଏକୀକରଣ ଅର୍ଥପୂର୍ଣ୍ଣ ହେବା ଆବଶ୍ୟକ ଯାହା କେବଳ ଯେକୌଣସି ଚିରାଚରିତ ଶିକ୍ଷଣ ସାମଗ୍ରୀର ବିକଳ୍ପ ନୁହେଁ ବରଂ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଜ୍ଞାନ ସଂଗଠନକୁ ଉତ୍ସାହିତ କରାଏ।

### ICT ସମନ୍ୱିତ ଶିକ୍ଷଣ କାର୍ଯ୍ୟର ଉଦାହରଣ

ବିଷୟ : ବିଜ୍ଞାନ

ଶ୍ରେଣୀ : ୮ମ

ଅଧ୍ୟାୟ : ଶସ୍ୟ ଉତ୍ପାଦନ ଓ ପରିଚାଳନା

ପ୍ରସଙ୍ଗ : ଶସ୍ୟ ଓ ଶସ୍ୟର ପ୍ରକାର

### ଶିକ୍ଷଣ ଫଳାଫଳ

- କୃଷି, ଫସଲ, ଖରିଫ୍, ରବି, ଅର୍ଥକାରୀ ଫସଲ ଓ ଖାଦ୍ୟଫସଲ ଆଦି ଶବ୍ଦର ସଂଜ୍ଞା କହିବେ।
- ବିଭିନ୍ନ ପ୍ରକାର ଫସଲର ଉଦାହରଣ ଦେବେ।
- ରବିଫସଲ ଓ ଖରିଫ୍ ଫସଲ ଅର୍ଥକାରୀ ଫସଲ ଓ ଖାଦ୍ୟଫସଲ, ପାରମ୍ପରିକ ଫସଲ ଓ ସଂଙ୍କର ଜାତୀୟ ଫସଲ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ।
- ଫସଲ ଗୁଡ଼ିକୁ ଖରୀଫ୍, ରବି, ଅର୍ଥକାରୀ ଫସଲ, ଖାଦ୍ୟଫସଲ ଅନୁସାରେ ବର୍ଗୀକରଣ କରିବେ।
- ମନୁଷ୍ୟ ଜୀବନରେ କୃଷିର ମହତ୍ୱ ପ୍ରତିପାଦନ କରିବେ।

### ମୁଖ୍ୟ ଧାରଣା

**ଫସଲ :** ଯେତେବେଳେ ଏକାପ୍ରକାର ଉଦ୍ଭିଦ ବହୁସଂଖ୍ୟାରେ ଗୋଟିଏ ସ୍ଥାନରେ ଚାଷକରାଯିବା ସହିତ ବୃଦ୍ଧି କରାଯାଏ।

## Module 6

**କୃଷି** : ଏହା ଏକ ବିଜ୍ଞାନର ଶାଖା ଯାହା ଖାଦ୍ୟ ଉତ୍ପାଦନର ବିଭିନ୍ନ ପଦ୍ଧତି ଉପରେ ଆଧାରିତ ।

**ଖରିଫ୍ ଫସଲ :** ବର୍ଷା ଋତୁରେ ଚାଷ କରାଯାଉଥିବା ଫସଲ।

**ରବି ଫସଲ :** ଶୀତଦିନେ ଚାଷ କରାଯାଉଥିବା ଫସଲ।

**ସଂଙ୍କର ଫସଲ :** ସେହି ଫସଲ ଯେଉଁଥିରେ ଦୁଇଟି ସହଜାତ ଉଦ୍ଭିଦର ପରାଗଣ ହେତୁ ଉତ୍ପାଦିତ ହୁଏ।

**ଅର୍ଥକାରୀ / ବାଣିଜୀକ ଫସଲ** - ତମାଖୁ ଭଳି ଏକ ଫସଲ ଯାହାକୁ ସିଧାସଳଖ ବିକ୍ରି କରାଯାଏ। ଯାହାକୁ ପଶୁମାନଙ୍କ ଖାଦ୍ୟ ପାଇଁ ମଧ୍ୟ ଆଦୌ ବ୍ୟବହାର କରାଯାଏ ନାହିଁ।

### ପୂର୍ବଜ୍ଞାନ

- ଫସଲ ଓ କୃଷି ଇତ୍ୟାଦି ସମ୍ବନ୍ଧୀୟ ଜ୍ଞାନ।
- ଦରକାରୀ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବର୍ଗୀକରଣ।
- ବିଭିନ୍ନ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବ୍ୟବହାର।
- ଉଦ୍ଭିଦ ଓ ପ୍ରାଣୀମାନଙ୍କର ପୋଷଣ।

### (ICT) ସମନ୍ୱିତ ଶିକ୍ଷଣ ଅନୁଭୂତି :

- ଆଦାନ ପ୍ରଦାନ କାରୀ (Interactive) କୁଇଜ୍ (ଉଦାହରଣ କହୁଟ୍) ର ବ୍ୟବହାର କରି କୃଷି ସମ୍ବନ୍ଧରେ ପୁର୍ବଜ୍ଞାନକୁ ପରଖିବା।
- ଟାଣ ଓ ମିଶାଅ ଆଦାନ ପ୍ରଦାନକାରୀ (drag and drop interactive) ଶିକ୍ଷଣକାର୍ଯ୍ୟ (ଉଦାହରଣ – H5Pର ବ୍ୟବହାର) କରି ଦରକାରୀ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ମନେପକାଇବା।
- ଶିକ୍ଷାର୍ଥୀମାନେ ଏହି ବ୍ଲଗରେ ଫସଲର ପ୍ରକାର ବିଷୟରେ ପଢ଼ନ୍ତୁ : -http://textbook.com/blog/crop-in-india-gk-note-pdf/ ପଢ଼ିଥିବା ପାଠକୁ ଆଧାରକରି ଭିନ୍ନ ଭିନ୍ନ ଦଳରେ ଫସଲର ବିଷୟରେ ଆଲୋଚନା କରନ୍ତୁ। ସମୂହ ଭାବରେ ଶିକ୍ଷାର୍ଥୀମାନେ ଯାହା ପଢ଼ିଛନ୍ତି ତାକୁ ଆଧାରକରି ଡ଼ିଜିଟାଲ୍ ଇନ୍‌ଫୋଗ୍ରାଫିକ୍ ପ୍ରସ୍ତୁତ କରନ୍ତୁ (ଏଥିପାଇଁ ଇଜଲଏ (Easely) ଭଳି ଅନ୍‌ଲାଇନ୍ ସମ୍ବଳର ବ୍ୟବହାର କରାଯାଇପାରେ)
- ଶିକ୍ଷକ ବିଭିନ୍ନ ପ୍ରକାର ଫସଲର ନମୁନା ଦେଖାଇପାରିବେ ଓ ପ୍ରତ୍ୟେକ ପ୍ରକାର ଫସଲ ସମ୍ବନ୍ଧରେ ବର୍ଣ୍ଣନା କରିପାରିବେ।
- ଶିକ୍ଷାର୍ଥୀ ଇଣ୍ଟରନେଟ୍ ଦ୍ୱାରା ପ୍ରତ୍ୟେକ ପ୍ରକାର ଫସଲର ପ୍ରମୁଖ ଉତ୍ପାଦନକାରୀ ରାଜ୍ୟଗୁଡ଼ିକୁ ଖୋଜି ବାହାର କରିବେ (ୱେବ୍‌ସାଇଟ୍ ଲିଙ୍କକୁ ଶିକ୍ଷକମାନଙ୍କୁ ନେଇପାରିବେ)
- ଭାରତର ପ୍ରମୁଖ ଫସଲ ଅମଳ ଅଞ୍ଚଳକୁ ଦର୍ଶାଯାଇଥିବା ଭାରତ ମାନଚିତ୍ରର ବ୍ୟବହାର କରି ଶିକ୍ଷକ ଭାରତରେ ଫସଲ ବିତରଣ ବାବଦରେ ଆଲୋଚନା କରନ୍ତୁ।
- ମାଇଣ୍ଡ ମେପ୍‌ର ବ୍ୟବହାର କରି ସାରାଂଶ ଆଲୋଚନା କରନ୍ତୁ। (ଶିକ୍ଷକ ଆଦାନ ପ୍ରଦାନ କରି ମାଇଣ୍ଡ ମେପ୍‌ର ବ୍ୟବହାର କରିପାରିବେ)


Module 6
କୃଷି
ଉଦ୍ଭିଦ
ପ୍ରାଣୀ
ଭଣ୍ଡାର
ଖତ ଓ ସାରଦେବା
ବୃକ୍ଷରୋପଣ
ଜଳସେଚନ
ଅମଳ
ମୃତ୍ତିକା ପ୍ରସ୍ତୁତି
ଫସଲ ଉତ୍ପାଦନର ସୋପାନ
ଧାନ ଓ ଗହମ ଜାତୀୟ ଶସ୍ୟ
ଫସଲ
ଋତୁ ଆଧାରରେ
ରବିଫସଲ
ଖରିଫ୍ ଫସଲ
ଡ଼ାଲି
ଖାଦ୍ୟଫସଲ
ତୈଳବୀଜ
ବର୍ଗୀକରଣ
ପନିପରିବା
ବନ୍ଧାକୋବି
ବ୍ୟବହାରକୁ ଆଧାର କରି
ତନ୍ତୁ
ତୁଳା
ଝୋଟ
ଔଷଧୀୟ ବୃକ୍ଷ
କାଠ
ଉଦ୍ୟାନକୃଷି
ଖାଦ୍ୟଶସ୍ୟ
ଅର୍ଥକାରୀ ଫସଲ
ଗାଈ
ମଇଷି
ଦୁଗ୍ଧ ଉତ୍ପାଦନ
ଛେଳି
ଘୁଷୁରି
ମେଣ୍ଢା
ପଶୁପାଳନ
ମାଛଚାଷ
କୁକୁଡ଼ା ପାଳନ
ମହୁମାଛି ପାଳନ
ଟସରଚାଷ
ଜଳସଂରକ୍ଷଣ
ଶାମୁକାଚାଷ
ମାଛଚାଷ
ଭଣ୍ଡାର

Module 6

## ପରିମାର୍ଜନ ପାଇଁ ଦେଖନ୍ତୁ । (ଅତିରିକ୍ତ ସମ୍ବଳ):

- https://youtu.be/mFmCrN9nVXE
- https://youtu.be/mFmCrN9nVXE
- https://youtu.be/mFmCrN9nVXE

## ବିସ୍ତୃତ ଭାବରେ ଶିଖିବା ପାଇଁ ଶିକ୍ଷଣ କାର୍ଯ୍ୟ :

- ବିଶ୍ୱର କେଉଁ କେଉଁ ସ୍ଥାନରେ ମୁଖ୍ୟ ଫସଲଗୁଡ଼ିକ ଚାଷକରାଯାଏ ଖୋଜ ବିଶ୍ୱମାନଚିତ୍ରରେ ଏହାକୁ ଦେଖାଅ ।
- ପ୍ରତ୍ୟେକ ପ୍ରକାରର ଫସଲର ବୃଦ୍ଧି ପାଇଁ ପୂର୍ବ ଆବଶ୍ୟକୀୟ ପରିବେଶ ଉପରେ ଆଲୋଚନା ମଞ୍ଚରେ ଯୋଗଦେଇ ତୁମର ଚିନ୍ତାଧାରାକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କର ।
- ତୁମ ଆଖପାଖରେ ହେଉଥିବା ବିଭିନ୍ନ କୃଷି କାର୍ଯ୍ୟକ୍ରମ ଗୁଡ଼ିକୁ ଦେଖ ଓ ତାଲିକା ପ୍ରସ୍ତୁତ କର ।
- ଜେନେଟିକଲ୍ ମୋଡ଼ିଫାଏଡ଼୍ ଫସଲ ବାବଦରେ ସୂଚନା ଗ୍ରହଣ କର ।

## ମାନନିର୍ଦ୍ଧାରଣ :

- ଫସଲର ପ୍ରକାର ଓ ଏହାର ଉଦାହରଣ ଉପରେ ବହୁ ବିକଳ୍ପ ପ୍ରଶ୍ନ (H5P)
- ଫସଲର ବର୍ଗୀକରଣ ଉପରେ କାର୍ଯ୍ୟପର୍ଦ୍ଦ (Google form)
- "Oats, peas, beans, and barley grow" ସଂଗୀତ ଦେଖ । (https://youtube/-wmYJueP9KA) ଫସଲର ପ୍ରକାରଭେଦ କୁ ତୁମେ କିପରି ବୁଝିଛ ପ୍ରକାଶ କରିବାକୁ ଯାଇ ଯେକୌଣସି ନୂତନତ୍ୱ ଢ଼ଙ୍ଗରେ ଏକ ଭିଡ଼ିଓ ପ୍ରସ୍ତୁତ କର ।

Module 6

## ଶିକ୍ଷଣ କାର୍ଯ୍ୟ-୬ (ବିସ୍ତାରିତ ପଠନ)

ନିମ୍ନଲିଖିତ ଲିଙ୍କ୍‌ରେ ଶିକ୍ଷକଙ୍କ ପାଇଁ ICT ସାଧନୀ ଉପରେ ଅଧିକ ପଢ଼ନ୍ତୁ ।

(http://cemca.org.in/ckfinder/userfiles/files/technology%20for Teachers -low.pdf

ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ସଫ୍ଟୱେୟାର ଓ ମୋବାଇଲ୍ ଆପ୍‌କୁ ଅନ୍ୱେଷଣ କରିବେ ଓ ଶିକ୍ଷଣ ଓ ଶିକ୍ଷାଦାନରେ ସଫ୍ଟୱେୟାର ଓ ମୋବାଇଲ୍ ଆପ୍ ବ୍ୟବହାରତା ଉପରେ ୧୫୦ଶବ୍ଦରେ ଏକ ଲେଖା ପ୍ରସ୍ତୁତି କରିବେ । ଏହାକୁ ପୋର୍ଟ୍‌ଫୋଲିଓ ହିସାବରେ ପ୍ରଦାନ କରିବେ ।

### ସାରାଂଶ

- ଡିଜିଟାଲ୍ ତଥ୍ୟ
  - ତିଆରି କରିବା
  - ଗଚ୍ଛିତ କରିବା
  - ପୁନରୁଦ୍ଧାର କରିବା
  - ଏପଟ ସେପଟ କରିବା
  - ପଠେଇବା
  - ଗ୍ରହଣ କରିବା
- ICT
- କ'ଣ ?
- ICT ର ସମନ୍ୱୟ
  - ବିଷୟବସ୍ତୁ, ପରିସ୍ଥିତି ଓ ଶୈକ୍ଷକ ଶାସ୍ତ୍ରକୁ ଆଧାରକରି ICT ର ସଫଳ ଚୟନ
  - ଶ୍ରେଣୀରେ ଉପଯୁକ୍ତ ଭାବରେ ବ୍ୟବହାର

- ICT ଶୈକ୍ଷିକ ଶାସ୍ତ୍ର ସମନ୍ୱୟ
  - କାହିଁକି ?
    - ବିଶ୍ୱସହ ଯୋଡ଼ିବା
    - ପ୍ରତ୍ୟେକଙ୍କ ସହ ଯୋଡ଼ିବା
    - ICT ସହ ଯୋଡ଼ିବା
    - ICT ସହ କାମ କରିବା
    - ଯୋଡ଼ିବା ଓ ପାଇବା
  - କିପରି ?
    - ପାଠ୍ୟବସ୍ତୁର ବିଶ୍ଳେଷଣ ଓ ପାଠ୍ୟବସ୍ତୁର ପ୍ରକୃତିର ଚିହ୍ନିକରଣ
    - ପାଠ୍ୟ ବିଷୟବସ୍ତୁର ପ୍ରକୃତି ଅନୁସାରେ ଉପଯୁକ୍ତ ଶୈକ୍ଷିକଶାସ୍ତ୍ରର ଚୟନ
      - ଶ୍ରେଣୀଗୃହ ପରିବେଶ
      - ଶିକ୍ଷାର୍ଥୀଙ୍କ ଗୁଣାବଳୀ
    - ଶୈକ୍ଷିକ ଶାସ୍ତ୍ର ଅନୁସାରେ ଉପଯୁକ୍ତ ICTର ବ୍ୟବହାର
      - ପାଠ୍ୟବିଷୟ ସହ ପ୍ରାସଙ୍ଗିକତା
      - ଶିକ୍ଷାର୍ଥୀଙ୍କୁ ଉପଯୁକ୍ତତା
      - ICT ବ୍ୟବହାରରେ ଶିକ୍ଷକ ଦକ୍ଷତା ଚୟନ
      - ମୂଲ୍ୟ
    - ଅର୍ଥପୂର୍ଣ୍ଣ ଭାବରେ ପାଠ୍ୟ ବିଷୟବସ୍ତୁ ଶୈକ୍ଷିକ ଶାସ୍ତ୍ର ଓ ICTର ସମନ୍ୱୟ

Module 6

## କୃତି ଶିକ୍ଷଣ କାର୍ଯ୍ୟ

୧. ନିମ୍ନ ଶିକ୍ଷଣ କାର୍ଯ୍ୟକୁ ସଂପାଦନ କରନ୍ତୁ ଓ ଫଳାଫଳ ପ୍ରଦାନ କରନ୍ତୁ।

### ପରିସ୍ଥିତି-୧

ନିଜକୁ ଜଣେ ଭାଷା ଶିକ୍ଷକ ଭାବରେ ବିବେଚନା କରନ୍ତୁ ଓ ନିମ୍ନ ପରିସ୍ଥିତିକୁ ପରଖନ୍ତୁ। ଆପଣ ସବୁବେଳେ କବିତାକୁ ଗୀତ ବୋଲି ପଢ଼ାଇଥାଆନ୍ତୁ। ଅଧିକ ଫଳପ୍ରଦ କରିବା ପାଇଁ ଅନ୍ୟମାନଙ୍କ ସାଥିରେ ଏହି ଅଭିଜ୍ଞତାକୁ ବିନିମୟ କରନ୍ତୁ। ଅନ୍ୟ ସ୍କୁଲରେ କାର୍ଯ୍ୟରତ ଆପଣଙ୍କ ସାଙ୍ଗମାନେ ମଧ୍ୟ ଗୀତଗାଇ କବିତା ପଢ଼ାଇବାକୁ ପସନ୍ଦ କରନ୍ତି। ସେମାନେ ଆପଣଙ୍କ ଦ୍ୱାରା ବୋଲାଯାଇଥିବା ଗୀତ ପାଇଁ ଅନୁରୋଧ କଲେ। ସେମାନଙ୍କୁ ତୁମେ ବୋଲିଥିବା ଗୀତ ପଠାଇ ସାହାଯ୍ୟ କରନ୍ତୁ। ଆପଣଙ୍କ ପସନ୍ଦର ଏକ ଗୀତ ବାଛନ୍ତୁ।

### ଉଦାହରଣ : ୧

ଦେଖିଲା କୁନା ମହୁଲ ଡ଼ାଳେ
    ବସିଛି ଏକ ବଣି।
ପଡୁଛି ଯେତେ ମହୁଲ ଫୁଲ
    ହିସାବକରେ ଗଣି। ...

### ଉଦାହରଣ : ୨

Are you cooking
Are you cooking
Mother dear, mother dear ?
    I'm hungry
    I'm hungry
    Give me something
    I'm here.

## ପରିସ୍ଥିତି-୨

ନିଜକୁ ଜଣେ ତୃତୀୟ ଶ୍ରେଣୀର ପାଠ ପଢ଼ାଉଥିବା ଗଣିତ ଶିକ୍ଷକ ବୋଲି ଭାବନ୍ତୁ ଓ ନିମ୍ନ ପରିସ୍ଥିତିକୁ ପରଖନ୍ତୁ ।

ଆପଣ ଶ୍ରଣୀରେ କାଗଜକୁ ଭାଙ୍ଗି ପ୍ରସ୍ତୁତ ଉଡ଼ାଜାହାଜ ପିଲାଙ୍କୁ ପ୍ରଦର୍ଶନ କରିଛନ୍ତି । ଆପଣ ପିଲାଙ୍କୁ ଆସନ୍ତାକାଲି ଘରେ କାଗଜରୁ ଉଡ଼ାଜାହାଜ ପ୍ରସ୍ତୁତ କରି ଆଣିବାକୁ କହିଥିଲେ । ଆପଣ ଏହି କାର୍ଯ୍ୟଟିକୁ ପ୍ରଦର୍ଶନ କରି ପିଲାଙ୍କୁ ସାହାଯ୍ୟ କରନ୍ତୁ । ଫଳରେ ସେମାନେ ଘରେ ପ୍ରସ୍ତୁତ କଲାବେଳେ ଏହି ଧାରଣାକୁ ଉପଯୋଗ କରିବେ ।

## ପରିସ୍ଥିତି-୩

ନିଜକୁ ଜଣେ ପ୍ରାଥମିକ ସ୍ତରରେ ପରିବେଶ ବିଜ୍ଞାନ ପଢ଼ାଉଥିବା ଶିକ୍ଷକ ବୋଲି ଭାବନ୍ତୁ ।

ଅପାଣ ଇଣ୍ଟରନେଟ୍‌ରୁ ତଥ୍ୟ ଓ ସମ୍ବଳ ଖୋଜିବାରେ ସିଦ୍ଧହସ୍ତ । ଆପଣଙ୍କ ଜଣେ ସାଙ୍ଗ ଅନ୍ୟସ୍କୁଲରେ ପରିବେଶ ବିଜ୍ଞାନ ପଢ଼ାନ୍ତି, ସେ ଚତୁର୍ଥ ଶ୍ରେଣୀର "ଫ୍ରମ ବି ଉଇଣ୍ଡୋ" ଅଧ୍ୟାୟ ପଢ଼ାଇବାକୁ ଚାହିଁଲେ । ସେ ନଦୀ ଉପରେ ଥିବା ପୋଲଉପରେ ଟ୍ରେନ୍ ଗତି କରୁଥିବାର ଅନୁଭୂତି ତାଙ୍କ ପିଲାଙ୍କୁ ଦେବାପାଇଁ ଚାହୁଁଛନ୍ତି କିନ୍ତୁ ତାଙ୍କୁ ଇଣ୍ଟରନେଟ୍ ବ୍ୟବହାର ଭଲଭାବରେ ଜଣାନାହିଁ । ଏହି ଭିଡ଼ିଓ ପାଇବାରେ ଓ ବିତରଣ କରିବାରେ ଆପଣ ତାଙ୍କୁ ସାହାଯ୍ୟ କରନ୍ତୁ ।

୨. ଆପଣ ବିଷୟ ଅନୁସାରେ ନିଜ ପସନ୍ଦର ଯେକୌଣସି ପ୍ରସଙ୍ଗକୁ ବାଛନ୍ତୁ । ବଛାଯାଇଥିବା ପ୍ରସଙ୍ଗର ଶିକ୍ଷଣ / ଶିକ୍ଷାଦାନ / ମାନନିର୍ଦ୍ଧାରଣ ପାଇଁ ICT ସମନ୍ୱିତ ଧାରଣା ସ୍ଥିର କରନ୍ତୁ ଓ ନିମ୍ନୋକ୍ତ ତଥ୍ୟ ବିସ୍ତାରିତ ଭାବରେ ପ୍ରଦାନ କରନ୍ତୁ ।

- ବିଷୟ
- ଶ୍ରେଣୀ
- ଅଧ୍ୟାୟ
- ପ୍ରସଙ୍ଗ
- ଶିକ୍ଷଣ ଫଳାଫଳ
- ମୁଖ୍ୟ ଧାରଣା / ପାଠ୍ୟ ଖସଡ଼ା
- ପୂର୍ବଜ୍ଞାନ
- ICT ସମନ୍ୱିତ ଶିକ୍ଷଣ ଅଭିଜ୍ଞତା ଯୋଜନା
- ମାନନିର୍ଦ୍ଧାରଣ ପାଇଁ ଯୋଜନା

Module 6

## ଶିକ୍ଷଣକାର୍ଯ୍ୟ କରିବା ପାଇଁ ସହାୟକଙ୍କୁ ସୂଚନା :

### ଶିକ୍ଷଣକାର୍ଯ୍ୟ-୧

ICT ର ଧାରଣାକୁ ବୁଝିବା ।

ସହାୟକ ଏହି ଶିକ୍ଷଣକାର୍ଯ୍ୟକୁ ଦୁଇ ପ୍ରକାରରେ ପ୍ରସ୍ତୁତ କରିପାରିବେ ।

୧. ଯଦି ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନାହିଁ - ICT କହିଲେ କ'ଣ ବୁଝୁଛ ପରୀରି ଶିକ୍ଷକଙ୍କ ଠାରୁ ସେମାନଙ୍କ ମତାମତ ଗ୍ରହଣକର ଓ ଏହାକୁ ଫ୍ରି ମାଇଣ୍ଡଭଳି ମାଇଣ୍ଡମ୍ୟାପ୍ ସାଧନୀ ମାଧ୍ୟମରେ ସମସ୍ତ ମତାମତକୁ ସଂଗ୍ରହ କର । ସେହି ମତାମତ ଆଧାରରେ ସହାୟକ ICT ର ଧାରଣାକୁ ଆଲୋଚନା କରିବା ଦରକାର ।

୨. ଯଦି ଇଣ୍ଟରନେଟ୍ ସୁବିଧା ଅଛି :- ସହାୟକ ମେଣ୍ଟିମିଟର ଭଳି ଯେକୌଣସି ସହଯୋଗୀ ସାଧନୀକୁ ବ୍ୟବହାର କରିପାରିବେ ଓ ମତାମତ ସଂଗ୍ରହ କରିବେ । ଏହି ମତାମତ ଆଧାରରେ ସହାୟକ ICT ର ଧାରଣାକୁ ଆଲୋଚନା କରିବା ଦରକାର ।

### ଶିକ୍ଷଣକାର୍ଯ୍ୟ - ୨

ପାଠ୍ୟ ବିଷୟବସ୍ତୁର ପ୍ରକୃତି ଆଧାରରେ ଦଳ ଗଠନ କରନ୍ତୁ ଶିକ୍ଷାର୍ଥୀ (ଶିକ୍ଷାର୍ଥୀଙ୍କ ମୋଟ ସଂଖ୍ୟା ଅନୁସାରେ ଗୋଟିଏ ବିଷୟ ପାଇଁ ଏକାଧିକ ଦଳଗଠନ) ସେହି ଅଧିବେଶନ ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜ ଦଳରେ ରହିବା ପାଇଁ ସୂଚନା ଦିଅନ୍ତୁ । ପ୍ରତ୍ୟେକ ଦଳକୁ ଗୋଟିଏ ସେଟ୍ ଲେଖାଏଁ ପାଠ୍ୟ ବିଷୟବସ୍ତୁ କାର୍ଡ଼ ଦିଅନ୍ତୁ । ସେମାନଙ୍କୁ ସେହି କାର୍ଡ଼ ସେଟ୍‌ରୁ ନିଜର ବିଷୟ ବାଛିବାକୁ କୁହନ୍ତୁ । ସେମାନଙ୍କୁ ନିମ୍ନ କାର୍ଯ୍ୟଗୁଡ଼ିକୁ ଦଳରେ କରିବାକୁ ସୂଚନା ଦିଅନ୍ତୁ ।

- ସେହି ବିଷୟରୁ ନିଜ ପସନ୍ଦର ଗୋଟିଏ ପ୍ରସଙ୍ଗ ବାଛ ।
- ସେହି ପ୍ରସଙ୍ଗ ପାଇଁ ଶିକ୍ଷଣ ଫଳାଫଳ ଗୁଡ଼ିକୁ ତାଲିକା କର ।
- ସେହି ଶିକ୍ଷଣ ଫଳାଫଳ ହାସଲ କରିବାକୁ ଯାଇ ଅନ୍ୟୁନ ତିନୋଟି ମୁଖ୍ୟ ବିଷୟ / ପାଠ୍ୟବସ୍ତୁ ବାଛ ଯାହାକୁ ତୁମେ ସେହି ପ୍ରସଙ୍ଗ ପାଇଁ ପଢ଼ାଇବ ।
- ପାଠ୍ୟ ବିଷୟବସ୍ତୁର ପ୍ରକୃତିକୁ ବିଶ୍ଳେଷଣ କର ।

Module 6

ଶିକ୍ଷାର୍ଥୀଙ୍କୁ ନିମ୍ନ ଅନୁସାରେ ସର୍ବଶେଷ ତଥ୍ୟ ଦେବାକୁ ସୂଚନା ଦିଅନ୍ତୁ ।

ବିଷୟ -

ଶ୍ରେଣୀ -

ପ୍ରସଙ୍ଗ -

ଶିକ୍ଷଣ ଫଳାଫଳ -

ପାଠ୍ୟ ବିଷୟବସ୍ତୁର ସମାପନ

୧ - ପାଠ୍ୟ ବିଷୟବସ୍ତୁ -୧

୨ - ପାଠ୍ୟ ବିଷୟବସ୍ତୁ - ୨

୩- ପାଠ୍ୟ ବିଷୟବସ୍ତୁ -୩

**ଉଦାହରଣ ସ୍ୱରୂପ :**

ବିଷୟ - ବିଜ୍ଞାନ

ଶ୍ରେଣୀ - ୮ମ

ପ୍ରସଙ୍ଗ - ଶସ୍ୟ ଉତ୍ପାଦନ ଓ ପରିଚାଳନା

## ଶିକ୍ଷଣ ଫଳାଫଳ :

- କୃଷି, ଫସଲ, ଖରିଫ୍, ରବି, ଅର୍ଥକାରୀ ଫସଲ ଓ ଖାଦ୍ୟଫସଲ ଆଦି ଶବ୍ଦର ସଂଜ୍ଞା ଲେଖ ।
- ଫସଲ ଗୁଡ଼ିକୁ ଖରିଫ୍, ରବି, ଅର୍ଥକାରୀ ଫସଲ, ଖାଦ୍ୟଫସଲ ଅନୁସାରେ ବର୍ଗୀକରଣ କର ।
- ବିଭିନ୍ନ ପ୍ରକାରର ଫସଲର ଉଦାହରଣ ଦିଅ ।
- ରବି ଫସଲ ଓ ଖରିଫ୍ ଫସଲ, ଅର୍ଥକାରୀ ଫସଲ ଓ ଖାଦ୍ୟ ଫସଲ ପାରମ୍ପାରିକ ଫସଲ ଓ ସଂକର ଜାତୀୟ ଫସଲ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ପାଠ୍ୟ ବିଷୟବସ୍ତୁର ସମାପନ :

- କୃଷି ଓ ଶସ୍ୟର ଧାରଣା

- ଶସ୍ୟର ପ୍ରକାର - ଖରିଫ୍, ରବି, ସଙ୍କର, ଅର୍ଥକାରୀ ଓ ବାଣିଜିକ ଫସଲ

- ଶସ୍ୟର ଧର୍ମ ଅନୁସାରେ ଏହାର ବର୍ଗୀକରଣ ।

ଯେକୌଣସି ଦଳକୁ ଉପସ୍ଥାପନା ପାଇଁ କୁହନ୍ତୁ । ଉପସ୍ଥାପନା ଆଧାରରେ ICT ବ୍ୟବହାରର ସୁଯୋଗ କେଉଁଠି ଅଛି ସ୍ଥିର କରିବା ପାଇଁ ପାଠ୍ୟବସ୍ତୁର ବିଶ୍ଲେଷଣ ଓ ଏଥିପାଇଁ ଏହାର ଆବଶ୍ୟକତାକୁ ଆଲୋଚନା କରନ୍ତୁ ।

Module 6

## ଶିକ୍ଷଣକାର୍ଯ୍ୟ -୩ ତୁମ ପରିସ୍ଥିତିକୁ ଜାଣ :

ଅଧ୍ୟାୟ ପରିସମାପ୍ତି ପରେ ଏହି ଶିକ୍ଷଣକାର୍ଯ୍ୟକୁ ଏକ ସମ୍ପ୍ରସାରିତ ଶିକ୍ଷଣ କାର୍ଯ୍ୟ ଭାବରେ ଦିଆଯିବା ନିମ୍ନଲିଖିତ ପ୍ରଶ୍ନର ଆଲୋଚନା ପାଇଁ ସୂଚନା ଦିଆଯିବ।

୧. ଏହି ଶିକ୍ଷଣକାର୍ଯ୍ୟ କରିବାପାଇଁ କି କି ପ୍ରକାରର ICT ସୁବିଧାସୁଯୋଗ ଆବଶ୍ୟକ ? ଏହି ପ୍ରକାରର ସୁବିଧାସୁଯୋଗ ଆପଣଙ୍କ ସ୍କୁଲରେ ଉପଲବ୍ଧ ଅଛି କି ?

୨. ଆପଣଙ୍କ ଶ୍ରେଣୀରେ ସମସ୍ତ ପ୍ରକାରର ଶିକ୍ଷାର୍ଥୀଙ୍କୁ ଉପଯୋଗୀ ହେଲାଭଳି ଏହି ଶିକ୍ଷଣ କାର୍ଯ୍ୟଗୁଡ଼ିକ ପାଇଁ ବ୍ୟବହୃତ / ଆବଶ୍ୟକ ICT ଗୁଡ଼ିକ ଉପଲବ୍ଧକି ? ଭିନ୍ନଭିନ୍ନ ଶିକ୍ଷାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ ICTର ଆବଶ୍ୟକତା ଅଛି ବୋଲି ଆପଣ ଭାବୁଛନ୍ତି କି ?

## ଶିକ୍ଷଣକାର୍ଯ୍ୟ - ୪ :

### ପାଠ୍ୟବିଷୟବସ୍ତୁ ଓ ପରିସ୍ଥିତି ଆଧାରରେ ଉପଯୁକ୍ତ ପଦ୍ଧତି / କାର୍ଯ୍ୟପନ୍ଥା ବାଛିବା।

**ଶିକ୍ଷଣକାର୍ଯ୍ୟ-୨** ରେ ପ୍ରସ୍ତୁତ ଦଳସହିତ ଏହି ଶିକ୍ଷଣ କାର୍ଯ୍ୟ ଚାଲୁରଖ। ପ୍ରତ୍ୟେକ ଦଳକୁ ଗୋଟିଏ ସେଟ୍ ଲେଖାଏ ଶୈକ୍ଷିକ ଶାସ୍ତ୍ର କାର୍ଡ଼ ବାଣ୍ଟିଦିଅ। ଶିକ୍ଷଣକାର୍ଯ୍ୟ ୨ରେ ସ୍ଥିର ହୋଇଥିବା ପ୍ରତ୍ୟେକ ପାଠ୍ୟ ବସ୍ତୁକୁ ପଢ଼ାଇବା ପାଇଁ ଗୋଟିଏ ଗୋଟିଏ ପଦ୍ଧତି/ କାର୍ଯ୍ୟପନ୍ଥା ସ୍ଥିରକରିବାକୁ ସୂଚନାଦିଅ।

| ପାଠ୍ୟ ବିଷୟବସ୍ତୁ | ପଦ୍ଧତି / କାର୍ଯ୍ୟଧାରା |
|---|---|
| ପାଠ୍ୟବସ୍ତୁ -୧ | ପଦ୍ଧତି / କାର୍ଯ୍ୟଧାରା ୧ |
| ପାଠ୍ୟବସ୍ତୁ -୨ | ପଦ୍ଧତି / କାର୍ଯ୍ୟଧାରା ୨ |
| ପାଠ୍ୟବସ୍ତୁ - ୩ | ପଦ୍ଧତି / କାର୍ଯ୍ୟଧାରା ୩ |

ଅନିୟମିତ ଭାବରେ ବିଭିନ୍ନ ଦଳକୁ ପଦ୍ଧତି / କାର୍ଯ୍ୟପନ୍ଥାର ଚୟନ ଓ ଚୟନରେ ଯୁକ୍ତିଯୁକ୍ତ ଆଧାର ଉପସ୍ଥାପନ କରିବାକୁ କୁହନ୍ତୁ। ଉତ୍ତର ଉପରେ ନିର୍ଭର କରି, ବିଷୟବସ୍ତୁ ଓ ପରିସ୍ଥିତି ଆଧାରରେ ପଦ୍ଧତି / କାର୍ଯ୍ୟପନ୍ଥା ଚୟନ ପ୍ରକ୍ରିୟାକୁ ଆଲୋଚନା କରନ୍ତୁ।

## ଶିକ୍ଷଣକାର୍ଯ୍ୟ ୫ : ଉପଯୁକ୍ତ ICTର ଚୟନ

ସେହି ଦଳଗୁଡ଼ିକୁ ନେଇ ଶିକ୍ଷଣ କାର୍ଯ୍ୟ ଚାଲୁରଖନ୍ତୁ। ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ICT କାର୍ଡ଼ ସେଟ୍ ବାଣ୍ଟି ଦିଅନ୍ତୁ। ବଛାଯାଇଥିବା ପଦ୍ଧତି ଓ କାର୍ଯ୍ୟପନ୍ଥାକୁ ମନ ମଧ୍ୟରେ ରଖି ପାଠ୍ୟ ବିଷୟବସ୍ତୁ ପାଇଁ ଗୋଟିଏ ଉପଯୁକ୍ତ ICT ବାଛିବା ପାଇଁ ଦଳମାନଙ୍କୁ ସୂଚନା ଦିଅନ୍ତୁ।

Module 6

| ପାଠ୍ୟ ବିଷୟବସ୍ତୁ | ପଦ୍ଧତି / କାର୍ଯ୍ୟଧାରା | ICT |
|---|---|---|
| ପାଠ୍ୟ ବିୟୟବସ୍ତୁ - ୧ | ପଦ୍ଧତି / କାର୍ଯ୍ୟପନ୍ଥା- ୧ | ICT- ୧ |
| ପାଠ୍ୟ ବିୟୟବସ୍ତୁ - ୨ | ପଦ୍ଧତି / କାର୍ଯ୍ୟପନ୍ଥା- ୨ | ICT- ୨ |
| ପାଠ୍ୟ ବିୟୟବସ୍ତୁ -୩ | ପଦ୍ଧତି / କାର୍ଯ୍ୟପନ୍ଥା-୩ | ICT-୩ |

ଅନିୟମିତ ଭାବରେ ବିଭିନ୍ନ ଦଳକୁ (ICT) ର ଚୟନ ଓ ଚୟନର ଯୁକ୍ତିଯୁକ୍ତ ଆଧାରକୁ ଉପସ୍ଥାପନ କରିବାକୁ କୁହ । ଉତ୍ତର ଉପରେ ଆଧାରିତ କରି । ପାଠ୍ୟ ବିଷୟ, ପରିସ୍ଥିତି ଓ ପଦ୍ଧତି / କାର୍ଯ୍ୟପନ୍ଥାକୁ ଆଖି ଆଗରେ ରଖି ଉପଯୁକ୍ତ ଭାବରେ (ICT) ଚୟନ ପ୍ରକ୍ରିୟାକୁ ଆଲୋଚନା କରାନ୍ତୁ ।

ଯଦି ଇଣ୍ଟରନେଟ୍ ସଂଯୋଗ ଉପଲବ୍ଧ ଓ ସେଠାରେ ସହଯୋଗ ର ସଂଭାବନା ଅଛି, ସହାୟକ ନିମ୍ନ ଟେବୁଲ୍ ପ୍ରସ୍ତୁତ କରିବେ ଓ ଏଥିରେ ପାଠ୍ୟବିଷୟବସ୍ତୁକୁ ସଂଯୋଗ କରିବା ପାଇଁ ଦଳରେ ପ୍ରଦାନ କରିବେ ଯାହାଦ୍ୱାରା ଏହି ଆଧାରରେ ଆଲୋଚନା ହୋଇପାରିବ ।

| ଦଳ | ପାଠ୍ୟ ବିଷୟବସ୍ତୁ | ପ୍ରସ୍ତାବିତ ଶିକ୍ଷଣ କାର୍ଯ୍ୟଧାରା/ପଦ୍ଧତି | ଉପଯୁକ୍ତ ICT |
|---|---|---|---|
| ଦଳ- ୧ | ପାଠ୍ୟ ବିଷୟବସ୍ତୁ- ୧ | ପଦ୍ଧତି/କାର୍ଯ୍ୟଧାରା- ୧ | ICT - ୧ |
| | ପାଠ୍ୟ ବିଷୟବସ୍ତୁ- ୨ | ପଦ୍ଧତି/କାର୍ଯ୍ୟଧାରା- ୨ | ICT - ୨ |
| | ପାଠ୍ୟ ବିଷୟବସ୍ତୁ-୩ | ପଦ୍ଧତି/କାର୍ଯ୍ୟଧାରା-୩ | ICT -୩ |
| ଦଳ- ୨ | ପାଠ୍ୟ ବିଷୟବସ୍ତୁ- ୧ | ପଦ୍ଧତି/କାର୍ଯ୍ୟଧାରା- ୧ | ICT - ୧ |
| | ପାଠ୍ୟ ବିଷୟବସ୍ତୁ- ୨ | ପଦ୍ଧତି/କାର୍ଯ୍ୟଧାରା- ୨ | ICT - ୨ |
| | ପାଠ୍ୟ ବିଷୟବସ୍ତୁ-୩ | ପଦ୍ଧତି/କାର୍ଯ୍ୟଧାରା-୩ | ICT -୩ |
| ଦଳ-୩ | ପାଠ୍ୟ ବିଷୟବସ୍ତୁ- ୧ | ପଦ୍ଧତି/କାର୍ଯ୍ୟଧାରା- ୧ | ICT - ୧ |
| | ପାଠ୍ୟ ବିଷୟବସ୍ତୁ- ୨ | ପଦ୍ଧତି/କାର୍ଯ୍ୟଧାରା- ୨ | ICT - ୨ |
| | ପାଠ୍ୟ ବିଷୟବସ୍ତୁ-୩ | ପଦ୍ଧତି/କାର୍ଯ୍ୟଧାରା-୩ | ICT -୩ |

# ପ୍ରଦର୍ଶିକା – ୭

# ବିଦ୍ୟାଳୟ ଶିକ୍ଷାରେ ବିଭିନ୍ନ ପଦକ୍ଷେପ

Module 7

# ବିଦ୍ୟାଳୟ ଶିକ୍ଷାରେ ବିଭିନ୍ନ ପଦକ୍ଷେପ

## ଶିକ୍ଷା ଦୃଷ୍ଟିକୋଣ/ ପ୍ରସ୍ତାବନା:

ଶିକ୍ଷା ମାନବ ସମାଜ ବିକାଶର ମୂଳମନ୍ତ୍ର, ଯାହା ଗୋଟିଏ ଦେଶର ସାମାଜିକ, ଅର୍ଥନୈତିକ ପରିସ୍ଥିତିକୁ ସନ୍ତୁଳନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଉନ୍ନତମାନର ଜୀବନ ଯାପନ ତଥା ଉତ୍ତମ ନାଗରିକ ହେବା ପାଇଁ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶର ଆବଶ୍ୟକତା ରହିଛି। ଏସବୁ ପାଇବା ପାଇଁ ଶିକ୍ଷାର ଭିତ୍ତିଭୂମିକୁ ଦୃଢ଼ କରିବା ଆବଶ୍ୟକ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦୁଇଟି ବିଭାଗ ମାଧ୍ୟମରେ କାର୍ଯ୍ୟ କରୁଛି।

- ବିଦ୍ୟାଳୟ ଗଣଶିକ୍ଷା ଓ ସାକ୍ଷରତା ବିଭାଗ
- ଉଚ୍ଚ ଶିକ୍ଷା ବିଭାଗ

ଦେଶର ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଗଣଶିକ୍ଷା ଓ ସାକ୍ଷରତା ବିଭାଗ ଦାୟିତ୍ୱ ନେଇଥିବାବେଳେ ଚାଇନା ଓ ଯୁକ୍ତରାଜ୍ୟ ପରେ ଉଚ୍ଚ ଶିକ୍ଷା ବିଭାଗ ସାରା ବିଶ୍ୱରେ ଉଚ୍ଚ ଶିକ୍ଷାର ଉନ୍ନତି ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଏ। ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ (MHRD) ତା'ର ବିଭିନ୍ନ ସଂଗଠନ ଯେପରି NCERT, NIEPA, NIOS, NCTE ଆଦି ସହ ମିଳିତ ଭାବରେ ଏହି ଦିଗରେ କାର୍ଯ୍ୟକରି ଆସୁଛି। ଯଦିଓ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ପରିସର ବ୍ୟାପକ ଏହି ପ୍ରଦର୍ଶିକାଟି ମୁଖ୍ୟତଃ ଶିକ୍ଷାର ସାର୍ବଜନୀନକରଣ ଓ ଏହାର ଗୁଣାତ୍ମକ ଅଭିବୃଦ୍ଧି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନେଇଥିବା ସାମ୍ପ୍ରତିକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଏ।

### ଶିକ୍ଷଣ ଉଦ୍ଦେଶ୍ୟ

ଏହି ପ୍ରଦର୍ଶିକା ପଠନ ପରେ ପ୍ରଶିକ୍ଷାର୍ଥୀ

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପ ଗୁଡ଼ିକ ଯେପରି କି ପ୍ରଦର୍ଶନ ଗ୍ରେଡିଙ୍ଗ ସୂଚକାଙ୍କ (PGI), UDISE+ ଆଦିର ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରିତା ସଂପର୍କରେ ସଚେତନ ହେବେ।

Module
7

- ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ସମଗ୍ର ଶିକ୍ଷାର ଉଦ୍ଦେଶ୍ୟ ଓ ବ୍ୟବସ୍ଥାକୁ ବୁଝିବାକୁ ସକ୍ଷମ ହେବେ।
- ବିଦ୍ୟାଳୟ ସ୍ତରରେ ପଠନ ଅଭ୍ୟାସର ଅଭିବୃଦ୍ଧି, ଲାଇବ୍ରେରୀ ବହିର ବ୍ୟବହାର ତଥା ଖେଳ ସମ୍ବନ୍ଧୀୟ, ରୋଷେଇ ବଗିଚା ସୃଷ୍ଟି ସମ୍ବନ୍ଧୀୟ, ଯୁବକ ସଂଘ, ଇକୋ କ୍ଲବର ସୃଷ୍ଟି ସମ୍ବନ୍ଧୀୟ, ଆନନ୍ଦଦାୟୀ ଓ ଅନୁଭୂତି ଭିତ୍ତିକ ଶିକ୍ଷଣ ସଂପର୍କୀୟ ବିଭିନ୍ନ ପଦକ୍ଷେପ ନେବା ପାଇଁ ସକ୍ଷମ ହେବେ।

## ଉପକ୍ରମ:

୧୯୭୬ ମସିହା ପୂର୍ବରୁ ଶିକ୍ଷା କେବଳ ରାଜ୍ୟ ସରକାରଙ୍କ ଦାୟିତ୍ୱ ଥିଲା। ୧୯୭୬ର ସାମ୍ବିଧାନିକ ସଂଶୋଧନ ପରେ ଶିକ୍ଷାକୁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ଦାୟିତ୍ୱକୁ ଅଣାଯିବା ଏକ ପଦକ୍ଷେପ ଥିଲା। ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ୍ୟରେ ଶିକ୍ଷାର ପ୍ରକୃତତା, ଅର୍ଥନୈତିକ ଏବଂ ପ୍ରଶାସନିକ କାର୍ଯ୍ୟକାରିତାର ଆବଣ୍ଟନ ଏକ ନୂତନ ଦାୟିତ୍ୱ ଥିଲା। ଶିକ୍ଷାପ୍ରତି ରାଜ୍ୟ ସରକାରଙ୍କ ଦାୟିତ୍ୱ ମୁଖ୍ୟତଃ ଅପରିବର୍ତ୍ତିତ ଥିବା ସମୟରେ କେନ୍ଦ୍ର ସରକାର ଶିକ୍ଷାର ଜାତୀୟ ଓ ସମନ୍ୱିତ ଚରିତ୍ରକୁ ଦୃଢ଼ୀଭୂତ କରିବା ପାଇଁ, ସମସ୍ତ ସ୍ତରରେ ଶିକ୍ଷାର ଗୁଣାତ୍ମକତା ଏବଂ ମାନ ସହ ଶିକ୍ଷକତା ବୃତ୍ତିର ମାନ ବଜାୟ ରଖିବା ପାଇଁ ଏବଂ ଦେଶର ଶୈକ୍ଷିକ ଆବଶ୍ୟକତାଗୁଡ଼ିକୁ ଅଧ୍ୟୟନ କରିବାର ଏବଂ ତଦାରଖ ଗୋଟିଏ ଗୁରୁ ଦାୟିତ୍ୱକୁ ଗ୍ରହଣ କରିଥିଲେ। ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାର ସାର୍ବଜନୀନକରଣ, ଉନ୍ନତ ନିମନ୍ତେ ଭାରତ ସରକାର ବିଭିନ୍ନ ପଦକ୍ଷେପ ଓ ଅନେକ ପରିକଳ୍ପନା ହାତକୁ ନେଇଥିଲେ- ଯେପରି କେନ୍ଦ୍ର ପ୍ରାୟୋଜିତ ଯୋଜନା (CSS)। ଏହି ଯୋଜନା ଯାହା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ। କିନ୍ତୁ ଏହାର ଆର୍ଥିକ ଅନୁଦାନ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥାଏ, ଯେଉଁଠି ରାଜ୍ୟ ସରକାରଙ୍କ ଭାଗୀଦାରୀ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ।

Module
7

ଜାତୀୟ ଶିକ୍ଷା ନୀତିକୁ ଆଖି ଆଗରେ ରଖି ଦେଶର ମାନବ ସମ୍ବଳ ସମ୍ପୂର୍ଣ୍ଣ ବିକାଶ କରିବା ଓ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ବିଭିନ୍ନ କେନ୍ଦ୍ର ପ୍ରୟୋଜିତ ଯୋଜନା କାର୍ଯ୍ୟକାରିତାରେ ସମନ୍ୱିତ ପନ୍ଥା ଗ୍ରହଣ କରିଥାନ୍ତି ଏବଂ ଦୁର୍ବଳ ଶ୍ରେଣୀର ଶିକ୍ଷାର୍ଥୀଙ୍କର ଶିକ୍ଷାର ଗୁଣାତ୍ମକ ମାନକୁ ସମତା ଓ ଅନ୍ତର୍ନିବେଶ ମାଧ୍ୟମରେ ପ୍ରୋତ୍ସାହିତ କରିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସାଧାରଣ ଉଦ୍ଦେଶ୍ୟ ଅଟେ ।

ବିଦ୍ୟାଳୟ ଶିକ୍ଷାର ପ୍ରଶାସନିକ କ୍ଷେତ୍ର ତଥା ଶୈକ୍ଷିକ କାର୍ଯ୍ୟକ୍ରମର ଶିକ୍ଷଣ ଫଳାଫଳର ଅଭିବୃଦ୍ଧି ନିମନ୍ତେ ସଂପ୍ରତି ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି, ଯେପରି କି ପ୍ରଦର୍ଶନ ଗ୍ରେଡିଙ୍ଗ ସୂଚକାଙ୍କ (PGI), UDISE+ ବିଦ୍ୟାଳୟ ସମୀକ୍ଷା, (School Audit) ସୁଖୁନସ୍କୋବ ଏବଂ ଜାତୀୟ ଉପଲବ୍ଧ ସର୍ଭେ (NAS) । ଏହି କାର୍ଯ୍ୟକ୍ରମଗୁଡ଼ିକର ସଫଳତା, ବିଭିନ୍ନ ସ୍ତରରେ ଏହାର ଫଳପ୍ରଦ କାର୍ଯ୍ୟକାରିତା ସମନ୍ୱୟତା ଏବଂ ବିଦ୍ୟାଳୟ ସ୍ତରରୁ ଜାତୀୟ ସ୍ତରର ଅନୁଷ୍ଠାନ ମଧ୍ୟରେ ଦୃଢ଼ ସମନ୍ୱୟତା ଉପରେ ନିର୍ଭର କରେ ।

## ସମଗ୍ର ଶିକ୍ଷା – ବିଦ୍ୟାଳୟ ଶିକ୍ଷାରେ ସମନ୍ୱିତ କାର୍ଯ୍ୟକ୍ରମ

ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ, ଭାରତ ସରକାର ଦ୍ୱାରା ୨୦୧୮-୧୯ ମସିହାରେ ସମଗ୍ର ଶିକ୍ଷା କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମର ବ୍ୟାପକ ଲକ୍ଷ୍ୟ ହେଉଛି ବିଦ୍ୟାଳୟ ଶିକ୍ଷାର ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉପଲବ୍ଧି ଏବଂ ସମସ୍ତଙ୍କର ସମାନ ହାସଲ କରିବାର ସୁଯୋଗ ସୃଷ୍ଟି କରିବା ଶିକ୍ଷଣ ଫଳାଫଳ ପୂର୍ବତନ ତିନୋଟି କାର୍ଯ୍ୟକ୍ରମ ସର୍ବଶିକ୍ଷା ଅଭିଯାନ (SSA) ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (SMSA) ଏବଂ ଶିକ୍ଷକ ଶିକ୍ଷାର ସମ୍ମିଳନରେ ଏହି କାର୍ଯ୍ୟକ୍ରମଟି ପର୍ଯ୍ୟବେସିତ ।

## ବିଦ୍ୟାଳୟ ସ୍ତରରେ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ।

**Module 7**

ଏହି ଯୋଜନା ଏକ ପ୍ରକଳ୍ପର ଉଦ୍ଦେଶ୍ୟ ହାସଲ ପରିବର୍ତ୍ତେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ମାଧ୍ୟମରେ ବିଭିନ୍ନ ସ୍ତରର ବ୍ୟବସ୍ଥାର ପ୍ରଦର୍ଶନ ଓ ବିଦ୍ୟାଳୟର ଫଳାଫଳ ଉନ୍ନତ ଉପରେ ଗୁରୁତ୍ୱ ଦେଇଥାଏ ।

**A flagship programme aimed at all-round development of school childen**

**Samagra Shiksha**
Department of School Education & Literacy
Ministry of Human Resource Development
Government of India



ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ 'ବିଦ୍ୟାଳୟ' ଏକ ନିରନ୍ତର ବ୍ୟବସ୍ଥା ଭାବରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ଦିଏ । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା – ପ୍ରାକ୍ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶିକ୍ଷାର ନିରନ୍ତର ବିକାଶ ଲକ୍ଷ୍ୟ ସହ ଅନ୍ତର୍ନିବେଶୀ ସହ ଅନ୍ତର୍ନିବେଶୀ ପରିସ୍ଥିତିରେ ଶିକ୍ଷାରେ ସମତା ଓ ଗୁଣାତ୍ମକତାକୁ ନିଶ୍ଚିତ କରିବା ।

SDG-4.1 ଲକ୍ଷ୍ୟ ହେଲା ୨୦୩୦ ମସିହା ସୁଦ୍ଧା ସମସ୍ତ ବାଳକ ଓ ବାଳିକା ଫଳପ୍ରଦ ଶିକ୍ଷଣ ଫଳାଫଳ ହାସଲ ସହ ମାଗଣା, ସମତାଯୁକ୍ତ ଏବଂ ଗୁଣାତ୍ମକ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ନିଶ୍ଚିତ ଭାବରେ ସଂପୂର୍ଣ୍ଣ କରିବେ । ପୁନଶ୍ଚ SDG-4.5 ଅନୁସାରେ ୨୦୩୦ ସୁଦ୍ଧା ଶିକ୍ଷାରେ ଲିଙ୍ଗ ସମ୍ବନ୍ଧୀୟ ବୈଷମ୍ୟକୁ ଦୂର କରିବା ତଥା ସମ୍ବେଦନଶୀଳ ପରିସ୍ଥିତିରେ ଥିବା ଶିଶୁଙ୍କ ନିମନ୍ତେ ଶିକ୍ଷାର ସମସ୍ତ ସ୍ତରରେ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣର ସୁଯୋଗକୁ ନିଶ୍ଚିତ କରିବ ।

Module 7

## ଟିକେ ଚିନ୍ତା କରନ୍ତୁ

ଶିକ୍ଷା କ୍ଷେତ୍ରରେ ସ୍ଥାୟୀ ଉନ୍ନତି ଲକ୍ଷ୍ୟ ପୂରଣ ଦିଗରେ ଲିଙ୍ଗଗତ ବୈଷମ୍ୟତାର ଦୂରୀକରଣ କିଭଳି ସାହାଯ୍ୟ କରିବ ?

ନିଜ ବିଦ୍ୟାଳୟର ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀର ଶିକ୍ଷା ସଂପୂର୍ଣ୍ଣ କରିଥିବା ଦିଗରେ ନିଆଯାଇଥିବା ଯେ କୌଣସି ଗୋଟିଏ ପଦକ୍ଷେପ ସଂପର୍କରେ ନିଜ ସହକର୍ମୀଙ୍କ ସହ ଆଲୋଚନା କରନ୍ତୁ।

### କାର୍ଯ୍ୟକ୍ରମର ଉଦ୍ଦେଶ୍ୟ :

- ଗୁଣାତ୍ମକ ଶିକ୍ଷା ପାଇଁ ବ୍ୟବସ୍ଥା ଏବଂ ଶିକ୍ଷାର୍ଥୀର ଶିକ୍ଷଣ ଫଳାଫଳର ଅଭିବୃଦ୍ଧି।
- ବିଦ୍ୟାଳୟ ଶିକ୍ଷାର ସାମାଜିକ ଓ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା।
- ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ସମତା ଓ ଅନ୍ତର୍ନିବେଶକୁ ସୁନିଶ୍ଚିତ କରିବା।
- ବିଦ୍ୟାଳୟ ବ୍ୟବସ୍ଥାରେ ସର୍ବନିମ୍ନ ସୂଚକକୁ ସୁନିଶ୍ଚିତ କିରବା।
- ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା।
- ଶିକ୍ଷାର୍ଥୀର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ର କାର୍ଯ୍ୟକାରିତାରେ ସହାୟକ ହେବ।
- SCERT/ ରାଜ୍ୟ ଶିକ୍ଷା ଅନୁଷ୍ଠାନ ଏବଂ DIET କୁ ଶିକ୍ଷକ ପ୍ରଶିକ୍ଷଣର ମୁଖ୍ୟ ଅନୁଷ୍ଠାନ ଭାବରେ ସୁଦୃଢ଼ କରିବା।

### କାର୍ଯ୍ୟକ୍ରମର ବୈଶିଷ୍ଟ୍ୟ

- ଅପହଞ୍ଚ ଅଂଚଳରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟସ୍ତରକୁ ଉନ୍ନତି କରି ଏହାର ଗୁଣାତ୍ମକ ମାନର ସାର୍ବଜନୀନକରଣ ସୁଯୋଗକୁ ନିଶ୍ଚିତ କରିବା।
- ନିର୍ଦ୍ଧାରିତ ନିୟମ ଅନୁଯାୟୀ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣରେ ଭୌତିକ ସୁବିଧା ସୁଯୋଗକୁ (Infrastructure) ସୁନିଶ୍ଚିତ କରିବା।
- ଲାଇବ୍ରେରୀକୁ ସୁଦୃଢ଼ କରିବା ପାଇଁ ବାର୍ଷିକ ବିଦ୍ୟାଳୟ ପିଛା ୫୦୦୦ ଟଙ୍କାରୁ ୨୦୦୦୦ ଟଙ୍କା ର ଅନୁଦାନ ପ୍ରଦାନ।

Module 7

- ନାମଲେଖା ଆଧାରରେ ପ୍ରତ୍ୟେକ ସଂଯୁକ୍ତ (composite) ବିଦ୍ୟାଳୟକୁ ବାର୍ଷିକ ଅନୁଦାନ ୨୫୦୦୦ ଟଙ୍କାରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଇଥାଏ। ଯାହାର ୧୦% ସ୍ୱଚ୍ଛତା କାର୍ଯ୍ୟ ଯୋଜନାରେ ଖର୍ଚ୍ଚ କରାଯାଇପାରିବ।
- ଖେଳ ଉପକରଣ କ୍ରୟ ନିମନ୍ତେ ପ୍ରାଥମିକ ସ୍ତରରେ ଯଥାକ୍ରମେ ୫୦୦୦ ଟଙ୍କା ଉଚ୍ଚ ପ୍ରାଥମିକ ସ୍ତରରେ ୧୦,୦୦୦ ଟଙ୍କା ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିଥାଏ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟକୁ ବାର୍ଷିକ ପିଲା ପିଛା ୩,୫୦୦ ଟଙ୍କା ଏବଂ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ବାଳିକାମାନଙ୍କୁ ମାସିକ ୨୦୦ ଟଙ୍କା ଲେଖାଏଁ ବୃତ୍ତି ମିଳିଥାଏ।
- ପ୍ରତ୍ୟେକ ବିଦ୍ୟାଳୟକୁ ବିଦ୍ୟାଳୟ ପୋଷାକ ବାବଦରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବାର୍ଷିକ ୬୦୦ ଟଙ୍କା ଅନୁଦାନ ମିଳିଥାଏ।
- ପାଠ୍ୟପୁସ୍ତକ ନିମନ୍ତେ ବାର୍ଷିକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ୨୫୦ ଟଙ୍କାରୁ ୪୦୦ ଟଙ୍କା ହାରରେ ମିଳିଥାଏ।
- କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନତି କରିବା। ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଯେପରିକି SCERT/DIETs strengthen କରିବା। ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଯେପରିକି SCERT/ DIETs ର ଦୃଢିକରଣ ଶିକ୍ଷକମାନଙ୍କର ଗୁଣାତ୍ମକମାନ ବୃଦ୍ଧି କରିବା।
- ଶିକ୍ଷା କ୍ଷେତ୍ରରେ smart ଶ୍ରେଣୀକକ୍ଷ, digital board ଏବଂ DTH channels ର ବ୍ୟବହାର ଏବଂ digital ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗର ବୃଦ୍ଧି କରିବା।
- ଶିକ୍ଷା ଅଧିକାର ଅଧିନିୟମର ଧାରା ୧୨(୧) (C) ସହ ଅନ୍ୟ ଅଧିନିୟମଗୁଡ଼ିକର କାର୍ଯ୍ୟକାରିତା ଏବଂ ପ୍ରତିପୂରଣ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସହାୟତା ପ୍ରଦାନ କରିବା।

Module 7

- ଅପହଞ୍ଚ ଅଂଚଳରେ ବିଭିନ୍ନ କଠିନ ପରିସ୍ଥିତିରେ ଥିବା ପିଲାମାନଙ୍କ ନିମନ୍ତେ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ପ୍ରତିଷ୍ଠା କରିବା ।
- ମୁଖ୍ୟତଃ ଶିକ୍ଷାକ୍ଷେତ୍ରରେ ପଛୁଆ ବ୍ଲକ, ସ୍ୱତନ୍ତ୍ର ଫୋକସ୍ ଜିଲ୍ଲା, ପ୍ରଶସ୍ତ ଅଞ୍ଚଳ ଏବଂ ଆକାଂକ୍ଷିତ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଉନ୍ନତିର ସନ୍ତୁଳନକୁ ପ୍ରୋତ୍ସାହିତ କରିବା ।

**ଟିକେ ଚିନ୍ତା କରନ୍ତୁ**

‘ସମଗ୍ର ଶିକ୍ଷା’ର ବୈଶିଷ୍ଟ୍ୟ ଆଧାରରେ ଏହାର ଯଥାର୍ଥତା କିଭଳି ଭାବରେ ପ୍ରତିପାଦନ କରିବ ।

ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦୁଇଟି T - Teacher (ଶିକ୍ଷକ) ଓ (ପ୍ରଯୁକ୍ତିବିଦ୍ୟା) ଉପରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଗୁରୁତ୍ୱ ଦେଇଥାଏ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରର ଶିକ୍ଷଣ ଫଳାଫଳର ଅଭିବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଏ ।

ଏହି କାର୍ଯ୍ୟକ୍ରମ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ କାର୍ଯ୍ୟକ୍ରମର ନିୟମ ଓ ଉପଲବ୍ଧ ସମ୍ବଳାନୁଯାୟୀ ଯୋଜନା କରିବା ଓ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାର ସ୍ୱାଧୀନତା ଦେଇଥାଏ । ବିଭିନ୍ନ ସ୍ତରରେ ଶିକ୍ଷାର୍ଥୀଙ୍କର ନାମଲେଖା, ଦାୟିତ୍ୱ ପ୍ରତି ପ୍ରତିଶ୍ରୁତିବଦ୍ଧତା, ଶିକ୍ଷଣ ଫଳାଫଳ ଏବଂ ବିଭିନ୍ନ କାର୍ଯ୍ୟ ସଂପାଦନର ସୂଚକକୁ ଆଧାରକରି ଉଦ୍ଦେଶ୍ୟ ଭିତ୍ତିକ ଭାବରେ ଅନୁଦାନ ଦିଆଯାଇଥାଏ ।

ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ସ୍ତରରେ Transition rateକୁ ବୃଦ୍ଧି କରିବାରେ ଓ ସାର୍ବଜନୀନ ସୁଯୋଗ ପ୍ରଦାନ କରି ବିଦ୍ୟାଳୟ ଶିକ୍ଷାକୁ ସଂପୂର୍ଣ୍ଣ ପ୍ରୋତ୍ସାହନ ଯୋଗାଇଥାଏ । ଶିକ୍ଷକ ଶିକ୍ଷାର ସମନ୍ୱୟ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ସହାୟକ ସଂରଚନାରେ ଫଳପ୍ରଦ ସମ୍ମିଳନ ଓ ସଂଯୋଗ ସ୍ଥାପନ କରିଥାଏ; ଯେପରିକି ଏକୀକୃତ (ୟୁନିଫାଏଡ) ପ୍ରଶିକ୍ଷଣ କ୍ୟାଲେଣ୍ଡର, ଅଭିନବ ଶୈକ୍ଷିକ ଶାସ୍ତ୍ର, ସହାୟତା ଓ ତଦାରଖ ଇତ୍ୟାଦି । କେବଳ ଏହି କାର୍ଯ୍ୟକ୍ରମ ଯାହା ଏସ.ସି.ଇ.ଆର.ଟିକୁ

Module 7

ଏକ ମୁଖ୍ୟ ସଂସ୍ଥା ଭାବରେ ପ୍ରତ୍ୟେକ ସେବାକାଳୀନ ପ୍ରଶିକ୍ଷଣକୁ (ଆବାଶ୍ୟକତା ଭିତ୍ତିକ, ଉଦ୍ଦେଶ୍ୟ ଭିତ୍ତିକ ଓ ଗତିଶୀଳ କରିବା ପାଇଁ) ପରିଚାଳନା କରିବାରେ ସକ୍ଷମ କରାଇବ। ପୁର୍ନବାର ଏହା ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସହାୟତା ପ୍ରଦାନ କରିଥାଏ ଏବଂ ପ୍ରଯୁକ୍ତି ବିଦ୍ୟାର ସୁବିଧା ସୁଯୋଗକୁ ଅନୁଭବ କରାଇବା ଏବଂ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିରେ ଏହାର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରେ।

## ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା

ଏହା କେନ୍ଦ୍ର ସରକାର ପ୍ରଯୋଜିତ କାର୍ଯ୍ୟକ୍ରମର ଅନ୍ତର୍ଗତ। ଯାହା ଏକ ନିର୍ଦ୍ଦିଷ୍ଟ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ସ୍ତରରେ ରାଜ୍ୟ କାର୍ଯ୍ୟକାରୀ ସଂଘ (ଏସ୍.ଆଇ.ଏସ) ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥାଏ। ଏହା ଜାତୀୟ ସ୍ତରରେ ମାନବ ସମ୍ବଳ ବିକାଶ ବିଭାଗର ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଏକ ପରିଚାଳନା ପରିଷଦ ଏବଂ ଏକ ପ୍ରକଳ୍ପ ଅନୁମୋଦନ ବୋର୍ଡ ଯାହା ବିଦ୍ୟାଳୟ ଗଣଶିକ୍ଷା ଓ ସାକ୍ଷରତା ବିଭାଗର ସେକ୍ରେଟରୀ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ପରିଚାଳନା ପରିଷଦ (Governing Council) କାର୍ଯ୍ୟକ୍ରମର ଅର୍ଥନୈତିକ ଏବଂ କାର୍ଯ୍ୟଜନିତ ନିୟମାବଳୀର ପରିବର୍ତ୍ତନ କରିଥାନ୍ତି ଏବଂ ଏହାର କାର୍ଯ୍ୟକାରିତା ସଂପର୍କିତ ସଂପୂର୍ଣ୍ଣ ମାର୍ଗଦର୍ଶିକା ପ୍ରସ୍ତୁତ କରିଥାନ୍ତି। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ଏହି ସଂଶୋଧନ କାର୍ଯ୍ୟର ଅନ୍ତର୍ଗତ। ଏହି ପ୍ରକାର ପରିବର୍ତ୍ତନରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକତାରେ ସୁଧାର ଆଣିବା ପାଇଁ ଅଭିନବ ଚିନ୍ତା ଧାରା ଏବଂ ହସ୍ତକ୍ଷେପ ସାମିଲ କରାଯିବ। ବିଭାଗକୁ EdCILର ଗୋଟିଏ ବୈଷୟିକ ସହାୟକ ଦଳ (TSG) ସହଯୋଗ କରେ। ଏହି ଦଳ ବିଭିନ୍ନ ଅଂଚଳରେ ଶିକ୍ଷାର ଉପଲବ୍ଧତା, ସମତା ଏବଂ ଶିକ୍ଷାର ଗୁଣାତ୍ମକତା କ୍ଷେତ୍ରରେ ପୂର୍ବତନ କାର୍ଯ୍ୟକ୍ରମ ଯେପରି SSA, RMSA & TE ର ବୈଷୟିକ ସହାୟକ ଦଳ ସହ ମିଶି ସହଯୋଗ କରେ। ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ରାଜ୍ୟ ତା'ର ସମସ୍ତ ବିଦ୍ୟାଳୟ ଶିକ୍ଷା ପାଇଁ ଗୋଟିଏ ଯୋଜନା କରିବା ପାଇଁ ଆଶା କରାଯାଏ।

Module
7

୮ଟି ଉତ୍ତର ପୂର୍ବ ରାଜ୍ୟ ଯଥା ଅରୁଣାଚଳ ପ୍ରଦେଶ, ଆସାମ୍, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ୍, ଏବଂ ତ୍ରିପୁରା ଓ ତିନୋଟି ହିମାଳୟ ଅନ୍ତର୍ଗତ ରାଜ୍ୟ ହିମାଚଳ ପ୍ରଦେଶ, ଜମ୍ମୁ କାଶ୍ମୀର ଏବଂ ଉତ୍ତରାଖଣ୍ଡ ପାଇଁ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନୁଦାନର ଅନୁପାତ ଯଥାକ୍ରମେ ୯୦:୧୦ ଓ ବାକି ଅନ୍ୟ ରାଜ୍ୟ ଓ ବିଧାନସଭା ଥିବା କେନ୍ଦ୍ରଶାସିତ ଅଂଚଳ ପାଇଁ ଏହା ୬୦:୪୦ ଅନୁପାତ ଅଛି। ବିଧାନସଭା ନ ଥିବା କେନ୍ଦ୍ର ଶାସିତ ଅଂଚଳ ପାଇଁ ଏହି ଅନୁଦାନ ଶତକଡ଼ା ୧୦୦ କେନ୍ଦ୍ର ସରକାରଙ୍କର ଅଟେ। ଏହା ୨୦୧୫ ମସିହାରେ ମୁଖ୍ୟମନ୍ତ୍ରୀ ମାନଙ୍କର ସୁପାରିଶ୍ କ୍ରମେ କେନ୍ଦ୍ର ଅନୁମୋଦିତ କାର୍ଯ୍ୟକ୍ରମକୁ ଯୁକ୍ତିଯୁକ୍ତ ଭାବରେ ସ୍ଥିର କରାଯାଇଥିଲା।

## କାର୍ଯ୍ୟକ୍ରମର ଉପାଦାନ :

### ପ୍ରାକ୍ ବିଦ୍ୟାଳୟ ଶିକ୍ଷା :

ସମଗ୍ର ଶିକ୍ଷାର କାର୍ଯ୍ୟକାରିତାର ଢ଼ାଞ୍ଚା ସର୍ବଦା ଏକ ଗୁଣାତ୍ମକ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଆବଶ୍ୟକତା ଏବଂ ଗୁରୁତ୍ୱକୁ ଚିହ୍ନଟ କରିଥାଏ, ଯାହା ଏକାଧିକ ଗବେଷଣା ମାଧ୍ୟମରେ ପ୍ରମାଣିତ ହୋଇଛି। ଗୁଣାତ୍ମକ ପ୍ରାକ୍ ବିଦ୍ୟାଳୟ ଶିକ୍ଷା କେବଳ ଯେ ଶିକ୍ଷାର୍ଥୀର ବିଦ୍ୟାଳୟରେ ଉପଲବ୍ଧି ସ୍ତରକୁ ବଢ଼ାଇଥାଏ ତାହା ନୁହେଁ, ଏହା ଶିକ୍ଷାର୍ଥୀର ଭବିଷ୍ୟତ ପାଇଁ ଶିକ୍ଷଣର ଭିତ୍ତିଭୂମି ବିକାଶ, ସକାରାତ୍ମକ ମନୋଭାବ ଏବଂ ଶିକ୍ଷଣ ପାଇଁ ଆଗ୍ରହ ସୃଷ୍ଟି କରେ। ତେଣୁ ଶିକ୍ଷାର୍ଥୀମାନଙ୍କୁ ଗୁଣାତ୍ମକ ପ୍ରାକ୍ ବିଦ୍ୟାଳୟର ଅନୁଭୂତି ଯୋଗାଇ ଦେବା ଅତ୍ୟାବଶ୍ୟକ ଅଟେ। ସମଗ୍ର ଶିକ୍ଷାରେ ପ୍ରାକ୍ - ବିଦ୍ୟାଳୟ କାର୍ଯ୍ୟକ୍ରମ ବର୍ତ୍ତମାନର 'ପଢ଼େ ଭାରତ ବଢ଼େ ଭାରତ'ର ଏକ ଜଟିଳ ଉପାଦାନ ଅଟେ, ଯାହା ପ୍ରାରମ୍ଭିକ ଶିକ୍ଷଣରେ ଭାଷା, ସାକ୍ଷରତା, ଗାଣିତିକ ସଂଖ୍ୟାତ୍ମକ ଜ୍ଞାନ ଉପରେ ଗୁରୁତ୍ୱାରୋପ କରେ। ଫଳରେ ପ୍ରାକ୍ ବିଦ୍ୟାଳୟ ଠାରୁ ପ୍ରାଥମିକ ଶ୍ରେଣୀ (୧ମ ରୁ ୩ ୟ)ର ସଂଯୋଗକୁ ଏହା ଚିହ୍ନଟ କରେ।

ସମଗ୍ର ଶିକ୍ଷା ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଯୋଗାଇ ଦେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସମର୍ଥନ କରେ। ଏଥିପାଇଁ ଯେଉଁଠାରେ ସମ୍ଭବ ସେଠାରେ ପ୍ରାଥମିକ ବିଦ୍ୟାଳୟର ପରିସରରେ ଅଙ୍ଗନବାଡ଼ିକୁ ସ୍ଥାପିତା କରିବା ଏବଂ ମହିଳା ଏବଂ ଶିଶୁବିକାଶ ମନ୍ତ୍ରାଳୟ ସହିତ ସମ୍ମିଳିତ ଭାବରେ ପାଠ୍ୟକ୍ରମ ବିକାଶ ପାଇଁ ସହାୟକ ପ୍ରଦାନ କରାଯିବ। ପ୍ରାକ୍ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମର ଅବଧି ୨ ବର୍ଷ ଯାହା କି ୪ ରୁ ୬ ବର୍ଷ ପିଲାଙ୍କ ପାଇଁ ଉଦ୍ଦିଷ୍ଟ। 2015-16 ମସିହାର UDSE ଅନୁଯାୟୀ ୪୧.୩% ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି ରହିଛି। ଏହି କ୍ଷେତ୍ରରେ ୩ ରୁ ୬ ବର୍ଷର ପିଲା ଅଙ୍ଗନୱାଡିରେ ଥିଲେ ମଧ୍ୟ ୪ ରୁ ୬ ବର୍ଷ ମଧ୍ୟରେ ଥିବା ଶିକ୍ଷାର୍ଥୀଙ୍କୁ ଅଙ୍ଗନୱାଡ଼ି ଶିକ୍ଷାର୍ଥୀ ହିସାବରେ ନିଆଯାଏ। UDISE 2016-17 ଅନୁଯାୟୀ ୧୨.୩୬ ଲକ୍ଷ ବିଦ୍ୟାଳୟ ମଧ୍ୟରୁ ୨.୯୪ ଲକ୍ଷ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ ପ୍ରାଥମିକ ବିଭାଗ ରହିଛି। ୧.୩୬ କୋଟି ଶିକ୍ଷାର୍ଥୀ ପ୍ରାକ୍ ପ୍ରାଥମିକ ଶ୍ରେଣୀରେ ନାମ ଲେଖାଇଛନ୍ତି, ଯାହା ମଧ୍ୟରୁ ମାତ୍ର ୦.୩୬ କୋଟି ସରକାରୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି, ଯେଉଁଠାରେ କି ରାଜ୍ୟ ସରକାର ପ୍ରାକ୍ ପ୍ରାଥମିକ ଶିକ୍ଷା ଯଥାରୀତି ଦେବା ଲାଗି ଇଚ୍ଛୁକ ଏବଂ ଏହି କାର୍ଯ୍ୟକ୍ରମ ସେଥିରେ ସାହାଯ୍ୟ କରିବ।

ଏହି କାର୍ଯ୍ୟକ୍ରମ ନିରାପଦ ଏବଂ ସୁରକ୍ଷିତ ଭିତ୍ତିଭୂମି, ଏପରିକି ଶୌଚାଳୟ ଓ ସଫାସୁତରା ରହିବାର ସୁଯୋଗ, ଉପଯୁକ୍ତ ପାଠ୍ୟକ୍ରମ ପ୍ରସ୍ତୁତି, ଶିକ୍ଷଣ କାର୍ଯ୍ୟ, ଶୈକ୍ଷିକ ଶାସ୍ତ୍ରର ଅଭ୍ୟାସ ଓ ମାନନିର୍ଦ୍ଧାରଣ, ଶିକ୍ଷକଙ୍କର ବୃତ୍ତିଗତ ଦକ୍ଷତାର ଅଭିବୃଦ୍ଧି ଏବଂ ଗୋଷ୍ଠୀ ଭାଗିଦାରୀର ସହଯୋଗ ସମ୍ବନ୍ଧୀୟ ନିର୍ଦ୍ଦେଶିକା ପ୍ରସ୍ତୁତ କରିଥାଏ। ଏହି କାର୍ଯ୍ୟକ୍ରମ ପାଠ୍ୟକ୍ରମ ପ୍ରସ୍ତୁତି, ଅଙ୍ଗନୱାଡ଼ି କର୍ମୀମାନଙ୍କର ଦକ୍ଷତା ବୃଦ୍ଧି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କର ତଦାରଖ ଓ ସହଯୋଗ ଶିକ୍ଷଣ ସାମଗ୍ରୀର ବ୍ୟବହାର ବୃଦ୍ଧି ଆଦି କ୍ଷେତ୍ରରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟର ସହଯୋଗ ଓ ସମ୍ମିଳନର ଗୁରୁତ୍ୱକୁ ସୁନିଶ୍ଚିତ କରେ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷାକୁ ଦୃଢ଼ୀକରଣ ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟକୁ ୩ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥାଏ।

Module 7

## ଶିକ୍ଷାର୍ଥୀରର ପଠନ ଦକ୍ଷତାର ଅଭିବୃଦ୍ଧି :

## ସମଗ୍ର ଶିକ୍ଷାର ଲାଇବ୍ରେରୀ ଅନୁଦାନ 'ପଢ଼େ ଭାରତ ବଢ଼େ ଭାରତ'

ଏହି କାର୍ଯ୍ୟକ୍ରମର ପରିପୂରକ ହେଉଛି ପ୍ରତ୍ୟେକ ବୟସର ଶିକ୍ଷାର୍ଥୀର ପଠନ ଦକ୍ଷତାର ଅଭିବୃଦ୍ଧି ପାଇଁ ବିଦ୍ୟାଳୟ ଲାଇବ୍ରେରୀକୁ ଶସକ୍ତ କରିବା। ଏଥିପାଇଁ ୨୦୧୮-୨୦୧୯ ମସିହାରେ କେନ୍ଦ୍ର ନିୟୋଜିତ କାର୍ଯ୍ୟକ୍ରମ (ସିଏସ୍‌ଏସ୍) ସମଗ୍ର ଶିକ୍ଷାରେ ସରକାରୀ ବିଦ୍ୟାଳୟକୁ ଲାଇବ୍ରେରୀ ଅନୁଦାନ ରହିଛି। ଏନ୍.ଏ.ସି-୨୦୧୭ର ଫଳାଫଳ ଅନୁଯାୟୀ ପୁସ୍ତକ ପଠନ ଶିକ୍ଷାର୍ଥୀର ଶିକ୍ଷଣସ୍ତରକୁ ଅଭିବୃଦ୍ଧି କରେ। ପ୍ରଥମ ଥର ପାଇଁ ପ୍ରାଥମିକ ସ୍ତରରୁ  ନେଇ ମାଧ୍ୟମିକ ସ୍ତର ପାଇଁ ବାର୍ଷିକ ଲାଇବ୍ରେରୀ ଅନୁଦାନ ଅଲଗା ଭାବରେ ଦିଆଯାଉଛି। ଯାହାର ପରିମାଣ ୫୦୦୦ ଟଙ୍କାରୁ ୨୦୦୦୦ ଟଙ୍କା ପର୍ଯ୍ୟନ୍ତ ଅଛି।

ଲାଇବ୍ରେରୀ ଅନୁଦାନ ସମ୍ବନ୍ଧରେ ନିମ୍ନରେ ପ୍ରାଥମିକ ଶ୍ରେଣୀରୁ ଉଚ୍ଚ ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ସବିଶେଷ ବ୍ୟବସ୍ଥା ନିମ୍ନରେ ଦିଆଯାଇଛି।

୧. ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୧୦୦୦୦ ଟଙ୍କା ପର୍ଯ୍ୟନ୍ତ

୨. ସଂଯୁକ୍ତ ପ୍ରାଥମିକ ବିଦ୍ୟାଳୟ (ଶ୍ରେଣୀ ୧ ରୁ ୮ମ) ନିମନ୍ତେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତ।

୩. ମାଧ୍ୟମିକ ବିଦ୍ୟାଳୟ (ଶ୍ରେଣୀ ୯ମ ଓ ୧୦ମ) ନିମନ୍ତେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ)

୪. ଶ୍ରେଣୀ ଷଷ୍ଠର - ଦ୍ୱାଦଶ ଶ୍ରେଣୀ ଥିବା ବିଦ୍ୟାଳୟ ନିମନ୍ତେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ)

୫. ସଂଯୁକ୍ତ ମାଧ୍ୟମିକ ବିଦ୍ୟାଳୟ (ଶ୍ରେଣୀ ୧ ମ ରୁ ୧୦ ମ) ନିମନ୍ତେ ୧୫,୦୦୦ ଟଙ୍କା।

୬. ସଂଯୁକ୍ତ ମାଧ୍ୟମିକ ବିଦ୍ୟାଳୟ (ଶ୍ରେଣୀ ୯ ରୁ ୧୨) ନିମନ୍ତେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ)

୭. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ (ଶ୍ରେଣୀ ୧୧ ଏବଂ ୧୨ ନିମନ୍ତେ ୧୦,୦୦୦ ଟଙ୍କା

୮. ସଂଯୁକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନିମନ୍ତେ (ଶ୍ରେଣୀ ୧ ମରୁ ୧୨ ପର୍ଯ୍ୟନ୍ତ) ୨୦,୦୦୦ ଟଙ୍କା

୯. ଏହି ଅନୁଦାନଗୁଡ଼ିକ ବାର୍ଷିକ ହାରରେ ଦିଆଯିବ।

"ପଢ଼େ ଭାରତ ବଢ଼େ ଭାରତ" କାର୍ଯ୍ୟକ୍ରମ ଆଧାରରେ ଏହି ଲାଇବ୍ରେରୀ ସମ୍ବଳକୁ ଶିକ୍ଷାର୍ଥୀର ପଠନ ଦକ୍ଷତା ଓ ବୋଧଗମ୍ୟତାର ଅଭିବୃଦ୍ଧି ନିମନ୍ତେ ବ୍ୟବହାର କରାଯିବ। ପ୍ରାଥମିକ ସ୍ତରରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ପଠନ ପ୍ରକ୍ରିୟାର ଅଭିବୃଦ୍ଧି ନିମନ୍ତେ କ୍ରମାଗତ ଭାବରେ ଅଭ୍ୟାସ, ବିକାଶ ଓ ଦୃଢ଼ୀକରଣ କ୍ଷେତ୍ରରେ ସମୟକ୍ରମେ ଲାଇବ୍ରେରୀକୁ ବିଭିନ୍ନ ପୁସ୍ତକ, ମାଗାଜିନ୍, ବିଭିନ୍ନ ପତ୍ରପତ୍ରିକା ଏବଂ ଅନ୍ୟାନ୍ୟ ପଠନ ସାମଗ୍ରୀ ଦ୍ୱାରା ଉନ୍ନତ କରିବା ଆବଶ୍ୟକ।





## ସମଗ୍ର ଶିକ୍ଷାର ଖେଳ ଅନୁଦାନ

### ("ଖେଲେ ଭାରତ ଖିଲେ ଭାରତ")

ବିଦ୍ୟାଳୟ ସ୍ତରରେ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷାବ୍ୟବସ୍ଥା ପାଇଁ ଖେଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। କ୍ରୀଡା ଶିକ୍ଷାର୍ଥୀର ଶାରୀରିକ, ମାନସିକ, ଆବେଗିକ, ସାମାଜିକ ଏବଂ ବୌଦ୍ଧିକ ବିକାଶରେ ସାହାଯ୍ୟ କରେ। ଶିକ୍ଷାର୍ଥୀର ସାମାଜିକ, କୌଶଳ, ସାମାଜିକ ବ୍ୟବହାର, ସୁସ୍ଥ ଜୀବନ ଶୈଳୀ, ଆତ୍ମ ପ୍ରତ୍ୟୟ, ବିଦ୍ୟାଳୟ ପ୍ରତି ସକରାତ୍ମକ ମନୋଭାବ ସୃଷ୍ଟି କରିବାରେ କ୍ରୀଡାର ଅବଦାନ ଅତୁଳନୀୟ।

ପ୍ରତ୍ୟେକ କ୍ରୀଡ଼ାର ଅନେକଗୁଡ଼ିଏ ଉପଯୋଗିତା ରହିଛି। କ୍ରୀଡ଼ାରେ ଥିବା ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ୍ ସମନ୍ୱିତ ଭାବରେ ଶାରୀରିକ ଓ ମାନସିକ ବିକାଶରେ ସାହାଯ୍ୟ କରେ ଏବଂ ସୁସ୍ଥ ଶରୀର ଗଠନରେ ବାୟୁ ଉପଦୀଶ ଓ ବାୟୁ ଅପଦୀଶ ଶାରୀରିକ ବ୍ୟାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଏହା ଆତ୍ମ ବିଶ୍ୱାସ ବୃଦ୍ଧି କରେ।

**Module 7**





ଏହା ଅନ୍ୟମାନଙ୍କ  ସହ ଯୋଗାଯୋଗ କରିବାରେ, ସାମାଜିକ ଭୂମିକାକୁ ବୁଝିବା ଏବଂ ସାମାଜିକ ଦକ୍ଷତାକୁ (ଯେପରି ସହନଶୀଳତା ଏବଂ ଅନ୍ୟମାନଙ୍କୁ ସମ୍ମାନ ନେବା) ଶିକ୍ଷା କରିବାରେ ଏବଂ ଦଳରେ କାର୍ଯ୍ୟ କରିବା (ଯେପରି ସହଯୋଗ, ସଂଯୋଗ ଇତ୍ୟାଦି) ଏବଂ ଆବେଗିକ ଓ ମାନସିକ ସ୍ତରରେ ସ୍ଥିରତା ଆଣିବାରେ ସୁଯୋଗ ସୃଷ୍ଟି କରେ।

ଶିକ୍ଷାର୍ଥୀର ସଂପୂର୍ଣ୍ଣ ବିକାଶ ନିମନ୍ତେ ଖେଳକୁଦରେ ଭାଗ ନେବା ପାଇଁ ସେମାନଙ୍କୁ ସୁଯୋଗ ଦେବା ଆବଶ୍ୟକ ଏବଂ ପ୍ରଥମ ଥର ପାଇଁ ସମଗ୍ର  ଶିକ୍ଷା ଖେଳ ସାମଗ୍ରୀ ପାଇଁ ଅନୁଦାନକୁ ମଞ୍ଜୁର କରିଛନ୍ତି ଏବଂ ପ୍ରତ୍ୟେକ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବାର୍ଷିକ ୫୦୦୦ ଟଙ୍କା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବାର୍ଷିକ ୧୦୦୦୦ ଟଙ୍କା ଏବଂ  ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବାର୍ଷିକ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ଖେଳ ଅନୁଦାନ ମିଳିବ। ଯେଉଁଥିରେ ବିଭିନ୍ନ ଘର ଭିତର ଓ ଘର ବାହାର ଖେଳ ସାମଗ୍ରୀର ଖର୍ଚ୍ଚ ତୁଲାଯାଇପାରିବ।

**ସଂଯୁକ୍ତ ବିଦ୍ୟାଳୟ ଅନୁଦାନ :**

ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସରକାରୀ ବିଦ୍ୟାଳୟକୁ ବାର୍ଷିକ ଆବର୍ତ୍ତୀ ବିଦ୍ୟାଳୟ ଅନୁଦାନ ଦେଇଥାଏ। ଯେଉଁଥିରେ ବିଦ୍ୟାଳୟର କାର୍ଯ୍ୟକ୍ଷମ ହେଉନଥିବା ସାମଗ୍ରୀକୁ ପରିବର୍ତ୍ତିତ  କରାଯାଇପାରିବ, ଏହା ବ୍ୟତୀତ ଉପଭୋଗ୍ୟ (ବ୍ୟବହାର କଲେ ସରିଯାଏ) ଖେଳ ସାମଗ୍ରୀ, ବିଜ୍ଞାନଗାର, ବିଦ୍ୟୁତ ଶୁଳ୍କ, ଇଣ୍ଟରନେଟ, ଜଳ, ଶିକ୍ଷଣ ସାମଗ୍ରୀ ଇତ୍ୟାଦି ପାଇଁ ମଧ୍ୟ ଏହି ଅନୁଦାନକୁ ଖର୍ଚ୍ଚ କରାଯାଇପାରିବ। ବାର୍ଷିକ ସଂଯୁକ୍ତ ବିଦ୍ୟାଳୟ ଅନୁଦାନର ପରିମାଣ ଟ. ୨୫,୦୦୦ ରୁ ୧,୦.୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ଏହା ବିଦ୍ୟାଳୟର ମୋଟ ଶିକ୍ଷାର୍ଥୀ ସଂଖ୍ୟା ଉପରେ ନିର୍ଭର କରେ ଯେଭଳି ନିମ୍ନରେ ଦିଆଯାଇଛି।

| ମୋଟ ପିଲା ସଂଖ୍ୟା | ବିଦ୍ୟାଳୟ ଅନୁଦାନ |
|---|---|
| ≤ ୧୦୦ | ଟ. ୨୫,୦୦୦ (ଅତିକମ୍‌ରେ। ୨,୫୦୦ ଟଙ୍କା ସ୍ୱଚ୍ଛତା କାର୍ଯ୍ୟଯୋଜନା ନିମନ୍ତେ) |
| > ୧୦୦ ରୁ ≤ ୨୫୦ | ୫୦,୦୦୦ ଟଙ୍କା (ଅତିକମ୍‌ରେ ୭,୫୦୦ ଟଙ୍କା ସ୍ୱଚ୍ଛତା କାର୍ଯ୍ୟ ଯୋଜନା ନିମନ୍ତେ) |
| >୨୫୦ ହଭ ୧୦୦୦ | ୭୫,୦୦୦ ଟଙ୍କା (ଅତିକମ୍‌ରେ ୭,୫୦୦ ଟଙ୍କା ସ୍ୱଚ୍ଛତା କାର୍ଯ୍ୟ ଯୋଜନା ନିମନ୍ତେ) |
| >୧୦୦୦ | ୧,୦.୦୦୦ (ଅତି କମ୍‌ରେ ୧୦,୦୦୦ ଟଙ୍କା ସ୍ୱଚ୍ଛତା କାର୍ଯ୍ୟ ଯୋଜନା ନିମନ୍ତେ) |

## ଅନ୍ତର୍ନିବେଶ ଶିକ୍ଷାର ପ୍ରୋତ୍ସାହନ:

ପୂର୍ବରୁ SSA, RMSA, RTE କାର୍ଯ୍ୟକ୍ରମରେ ମଧ୍ୟ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ନିମନ୍ତେ ଅନ୍ତର୍ନିବେଶ ଶିକ୍ଷା ଏକ ମୁଖ୍ୟ ପଦକ୍ଷେପ ରହି ଆସିଛି। ୨୦୧୮-୨୦୧୯ ମସିହାଠାରୁ ସମଗ୍ର ଶିକ୍ଷା ସ୍ୱତନ୍ତ୍ର ଶିକ୍ଷାର୍ଥୀଙ୍କ ସମେତ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥାଏ। ତେଣୁ ଏହି ପଦକ୍ଷେପଟି ସମଗ୍ର ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ। ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀର ଚିହ୍ନଟ କରିବା ଓ ଡାକ୍ତରୀ ପରୀକ୍ଷା କରିବା, ବିଭିନ୍ନ ସାମଗ୍ରୀର ବ୍ୟବସ୍ଥା, ଉପକରଣ, ସୁଧାରତ୍ମକ ସର୍ଜରୀ, ବ୍ରେଲ୍, ପୁସ୍ତକ, ବର୍ଦ୍ଧିତ ଅକ୍ଷର ପୁସ୍ତକ, ସ୍କୁଲଡ୍ରେସ, ଚିକିତ୍ସା ଜନିତ ସେବା, ଶିକ୍ଷଣ ସାମଗ୍ରୀର ବିକାଶ, ସହାୟକ ଉପକରଣ ଏବଂ ବିଭିନ୍ନ ଆବଶ୍ୟକ ଉପକରଣ ପରିବେଶ ସୃଷ୍ଟି ଏବଂ ସକାରତ୍ମକ ମନୋଭାବ ସୃଷ୍ଟିନିମିତ୍ତ ଅଭିମୁଖୀକରଣ ପରିବେଶ ସଚେତନତା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀର ଆବଶ୍ୟକତା, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ବା କ୍ରୟ ପାଠ୍ୟକ୍ରମ ଅନୁକୂଳନ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କର ଓ ଶିକ୍ଷକଙ୍କର ସେବାକାଳୀନ ପ୍ରଶିକ୍ଷଣ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ବାଳିକା ପାଇଁ ବୃତ୍ତି ବ୍ୟବସ୍ଥା ଆଦି କ୍ଷେତ୍ରରେ ସାହାଯ୍ୟ ପ୍ରଦାନ କରିଥାଏ। ଏହି ପଦକ୍ଷେଣଟି ୬ ରୁ ୧୪ ବର୍ଷର ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ ୨୦୦୯ ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥାଏ।

Module 7






ବର୍ତ୍ତମାନ ସମଗ୍ର ଶିକ୍ଷାର ଲକ୍ଷ୍ୟ ହେଉଛି ସ୍ୱତନ୍ତ୍ର ଆବଶ୍ୟକତା ଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀଙ୍କର ବିକାଶ ସାଧନ କରିବା । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ବାଳିକାମାନଙ୍କୁ DBT (Direct benefit transfer) ମାଧ୍ୟମରେ ମାସିକ ୨୦୦ ଟଙ୍କା ବୃତ୍ତି ମିଳିବ । ପୂର୍ବରୁ ଏହା କେବଳ ନବମରୁ ଦ୍ୱାଦଶ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ପର୍ଯ୍ୟନ୍ତ ଥିଲା । ସ୍ୱତନ୍ତ୍ର ଆବଶ୍ୟକତା ଥିବା ପ୍ରତ୍ୟେକ ଶିକ୍ଷାର୍ଥୀର ଅନୁଦାନ ବାର୍ଷିକ ୩୦୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ବ୍ୟତୀତ ଅଲଗା ଭାବରେ ସମ୍ବଳ ସୁବିଧା ସୁଯୋଗ (ସ୍ୱତନ୍ତ୍ର ପ୍ରଶିକ୍ଷଣ ନିମନ୍ତେ ଆର୍ଥିକ ସହାୟତା) କରାଯାଇଛି, ଯାହାଦ୍ୱାରା ବିଦ୍ୟାଳୟ ମଧ୍ୟରେ ଏହି ଶିକ୍ଷାର୍ଥୀର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରାଯାଇପାରିବ ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (KGBV)

ବିଦ୍ୟାଳୟ ଶିକ୍ଷାରେ ପ୍ରତ୍ୟେକ ସ୍ତରରେ ଲିଙ୍ଗଗତ ଓ ସାମାଜିକ ବୈଷ୍ୟମତା ଦୂର କରିବା ସମଗ୍ର ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଫଳସ୍ୱରୂପ ବାଳିକାମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ଏହି କାର୍ଯ୍ୟକ୍ରମ ଅଧିନରେ ବର୍ତ୍ତମାନର KGBV ର ଉଚ୍ଚପ୍ରାଥମିକ ସ୍ତରକୁ ଏବଂ ବାଳିକାମାନଙ୍କ ପାଇଁ ମାଧ୍ୟମିକ ସ୍ତରର ହଷ୍ଟେଲକୁ ସମ୍ପ୍ରସାରିତ କରାଯାଇ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆବାସିକ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି ।

ଏହି କାର୍ଯ୍ୟକ୍ରମ ପଛୁଆ ବର୍ଗର ବାଳିକା ( ୧୦-୧୮ ବର୍ଷ ମଧ୍ୟରେ) ଯେଉଁମାନେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ନିମନ୍ତେ ଇଚ୍ଛୁକ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇଥାଏ । ଅନୁସୂଚୀତ ଜାତି / ଅନୁସୂଚୀତ ଜନଜାତି, ପଛୁଆବର୍ଗ ବା ସଂଖ୍ୟା ଲଘୁ ଗୋଷ୍ଠୀ ବା BPL ପରିବାରର ବାଳିକା ମାନଙ୍କର ପ୍ରାଥମିକ ଶିକ୍ଷାରୁ ମାଧ୍ୟମିକ ଶିକ୍ଷା ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ସୁନିଶ୍ଚିତ କରେ ।

Module 7

ସମଗ୍ର ଶିକ୍ଷାର ବ୍ୟବସ୍ଥା ଅନୁଯାୟୀ ବର୍ତ୍ତମାନର KGBV ଗୁଡ଼ିକୁ ଉଚ୍ଚପ୍ରାଥମିକ ସ୍ତରରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସଂପ୍ରସାରିତ କରାଯିବ। ଏହା ପ୍ରତ୍ୟେକ ଶିକ୍ଷାଗତ ପଛୁଆ ବ୍ଲକରେ ଷଷ୍ଠର ଦ୍ୱାଦଶ ଶ୍ରେଣୀ ପାଇଁ ଅତିକମ୍‌ରେ ଗୋଟିଏ ବାଳିକା ଆବାସିକ ବିଦ୍ୟାଳୟ ଯୋଗାଇ ଦେବ। ଅନ୍ୟକୌଣସି କାର୍ଯ୍ୟକ୍ରମରେ ଏଭଳି ବାଳିକା ଆବାସିକ ବିଦ୍ୟାଳୟର ବ୍ୟବସ୍ଥା ନ ଥିଲା।

ଅନୁସୂଚତୀ ଜାତି / ଅନୁସୂଚୀତ ଜନଜାତି, ପଛୁଆବର୍ଗ ବା ସଂଖ୍ୟାଲଘୁ ଗୋଷ୍ଠୀ ବା BPL ପରିବାରର ୧୦ ରୁ ୧୮ ବର୍ଷ ବାଳିକା ଯେଉଁମାନେ ୬ଷ୍ଠ ରୁ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ପାଇଁ ଇଚ୍ଛୁକ ସେମାନଙ୍କୁ ଶିକ୍ଷାଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ସମଗ୍ର ଶିକ୍ଷା ବିଦ୍ୟାଳୟ ଗୃହ ସମ୍ପର୍କିତ ଅନାବୃତ୍ତି ଅନୁଦାନ ସହ କେତେକ ଆବୃତ୍ତି ଅନୁଦାନ ଦେଇଥାଏ। ନିମ୍ନରେ ସେଗୁଡ଼ିକ ମାନବ ସମ୍ବଳ ମୂଲ୍ୟସହ ସୂଚାଇ ଦିଆଯାଇଛି।

୧. KGBV ଶ୍ରେଣୀ ୬ଷ୍ଠରୁ ଅଷ୍ଟମ ପାଇଁ ବାର୍ଷିକ ୬୦ ଲକ୍ଷ ପର୍ଯ୍ୟନ୍ତ

୨. KGBV (ଶ୍ରେଣୀ ୬ଷ୍ଠରୁ ଦଶମ ପାଇଁ ବାର୍ଷିକ ୮୦ ଲକ୍ଷ ପର୍ଯ୍ୟନ୍ତ

୩. KGBV ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପାଇଁ ବାର୍ଷିକ ୧ କୋଟି ପର୍ଯ୍ୟନ୍ତ।

୪. କେବଳ ବାଳିକା ହଷ୍ଟେଲ ଶ୍ରେଣୀ ୯ମରୁ ଦ୍ୱାଦଶ ପାଇଁ ବାର୍ଷିକ ୨୫ ଲକ୍ଷ ପର୍ଯ୍ୟନ୍ତ।

୨୦୧୮-୧୯ ମସିହା କର୍ଯ୍ୟନ୍ତ ବର୍ତ୍ତମାନ ସମୁଦାୟ ୫୯୭୦ ଟି ସ୍ୱୀକୃତି ପ୍ରାପ୍ତ KGBVs ରହିଛି, ସେଥିମଧ୍ୟରୁ ୪୮୪୧ଟି KGBV କାର୍ଯ୍ୟକ୍ଷମ ହେଉଛି ଏବଂ ୫.୯୧ ଲକ୍ଷ ବାଳିକା ସେଗୁଡ଼ିକରେ ପଢୁଛନ୍ତି। ୨୦୧୮-୧୯ ମସିହାରେ ୩୫ଟି (Thirty Five) ନୂଆ KGBV ଅନୁମୋଦିତ ହୋଇଛି ଏବଂ ୧୨୩୨ ଗୋଟି KGBV କୁ ଅଷ୍ଟମ ଶ୍ରେଣୀରୁ ଦଶମ / ଦ୍ୱାଦଶ ଶ୍ରେଣୀକୁ ସଂପ୍ରସାରିତ କରାଯାଇଛି।

Module 7



## ଆତ୍ମରକ୍ଷା ପ୍ରଶିକ୍ଷଣ:

ଲିଙ୍ଗଗତ ହିଂସା ଆମ ଦେଶରେ କିଶୋରୀ ବାଳିକାମାନଙ୍କର ବୃଦ୍ଧି, ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଶୋଚନୀୟ ସମସ୍ୟା ଅଟେ। ଜାତୀୟ ଅପରାଧ ଦସ୍ତାବିଜ୍ ବ୍ୟୁରୋ NCRB ଦ୍ୱାରା ଭାରତ ଅପରାଧ ରିପୋର୍ଟ ଅନୁଯାୟୀ ଗତ କିଛି ବର୍ଷ ହେବ ଲିଙ୍ଗଗତ ହିଂସାର ମାତ୍ରା ବାସ୍ତବିକ୍ ବଢ଼ିଚାଲିଛି। ଦୁର୍ଭାଗ୍ୟବଶତଃ ଏପରି ଅନେକ ତଥ୍ୟ ଯାହା ସୂଚୀତ ହୋଇନାହିଁ, ତାହା ଏବେ ବି ଆମ ଠାରେ ଅନୁପଲବ୍ଧ।

ଦେଶରେ ବାଳିକାମାନଙ୍କ ପ୍ରତି ଅପରାଧର ମାତ୍ରା ବଢ଼ିବା ଯୋଗୁଁ ବର୍ତ୍ତମାନ ସେମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କୁ ବିଦ୍ୟାଳୟ ସ୍ତରରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। ଆତ୍ମରକ୍ଷା ପ୍ରଶିକ୍ଷଣ ଗୋଟିଏ ଜୀବନ କୌଶଳ ଯାହାକି ବାଳିକାମାନଙ୍କୁ ନିଜ ପରିବେଶ ପ୍ରତି ସଚେତନ ରଖିବା ସଂଗେସଂଗେ ଯେ କୌଣସି ମୁହୂର୍ତ୍ତରେ ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ କରିଥାଏ। ଆତ୍ମରକ୍ଷା ପ୍ରଶିକ୍ଷଣ ମାଧ୍ୟମରେ ବାଳିକାମାନଙ୍କୁ ମନସାତ୍ତ୍ୱିକ ସ୍ତରରେ, ବୌଦ୍ଧିକ ସ୍ତରରେ ତଥା ଶାରୀରିକ ସ୍ତରରେ ଦୃଢ଼ୀଭୂତ କରାଇ ସମସ୍ତ ପରିସ୍ଥିତିରେ ନିଜକୁ ସୁରକ୍ଷା ଦେବାର କୌଶଳ ଶିକ୍ଷା ଦିଆଯାଇଥାଏ। ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ତା'ମଧ୍ୟରେ ଆତ୍ମ ବିଶ୍ୱାସ ସୃଷ୍ଟି କରେ ଏବଂ ପରବର୍ତ୍ତୀ ସ୍ତରରେ ଏହା ମୁଖ୍ୟତଃ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରେ ଏବଂ ଅଧାରୁ ପାଠ ଛାଡ଼ିବା ହାରକୁ ମଧ୍ୟ କମ୍ କରିବାରେ ସାହାଯ୍ୟ କରେ।

ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଦ୍ୱାରା ବାଳିକା ନିଜର ଅର୍ନ୍ତନିହିତ ଶକ୍ତିକୁ ଚିହ୍ନଟ କରେ, ଦୃଢ଼ୀଭୂତ କରେ ଓ ନିଜର ଏହି ଶକ୍ତି ଉପରେ ଭରସା କରେ। ଅନେକ ପରିସ୍ଥିତିରେ ଜଣକୁ ମାର୍ଶାଲ ଆର୍ଟ ବ୍ୟତୀତ ଅନ୍ୟ କେତେକ କୌଶଳ ଯେପରି କହୁଣୀରେ ଧକ୍କା ଦେବା, ପ୍ରହାର କରିବା, ଗୋଇଠା ମାରିବା, ମୁଥା ମାରିବା, ଆଦି ଆକ୍ରମଣକାରୀକୁ ଡରାଇବା ପାଇଁ ଯଥେଷ୍ଟ। ଏପରି କି ଝିଅ ମାନଙ୍କୁ ତାଙ୍କର ପ୍ରତିଦିନ ବ୍ୟବହୃତ ପ୍ରତ୍ୟେକଟି ଜିନିଷକୁ ଯେଥା ଚାବିରିଙ୍ଗ, ଓଢ଼ଣୀ, ଷ୍ଟୋଲ,

Module 7

ମଫଲର, ବ୍ୟାଗ, କଲମ, ପେନସିଲ୍, ବହିଖାତା ଇତ୍ୟାଦିକୁ ଆତ୍ମରକ୍ଷାର ଅସ୍ତ୍ର ଭାବରେ ବ୍ୟବହାର କରିବାର କୌଶଳ ଶିଖାଯାଏ। ଏହାକୁ ତତ୍କାଳ ପ୍ରସ୍ତୁତ ଆତ୍ମରକ୍ଷାର ଅସ୍ତ୍ରଭାବରେ ବ୍ୟବହାର କରାଯାଏ।

ସମଗ୍ର ଶିକ୍ଷା ଅଧିନରେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ବାଳିକାମାନଙ୍କୁ ସରକାରଙ୍କ ତରଫରୁ ତିନିମାସ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯାଏ। ଏଥିପାଇଁ ନାମଲେଖା ନିମନ୍ତେ ମାସିକ ୩୦୦୦ ଟଙ୍କା ଦେବାକୁ ପଡ଼େ। ଏହି ପ୍ରଶିକ୍ଷଣ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସମସ୍ତ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ। KGBV ରେ ରହୁଥିବା ବାଳିକାମାନଙ୍କ ପାଇଁ ମଧ୍ୟ ଏହି ପ୍ରଶିକ୍ଷଣ ଉଦ୍ଦିଷ୍ଟ। ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟ ସମ୍ମିଳିତ ଭାବରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ ଅଧିନସ୍ଥ ନିର୍ଭୟାପାଣ୍ଠି ଭାରତ ସରକାର, ଏହି ପୋଲିସ୍ ବିଭାଗ, ହୋମ୍‌ଗାର୍ଡ଼, NCC ବା ଅନ୍ୟ ରାଜ୍ୟ ସରକାର କାର୍ଯ୍ୟକ୍ରମରୁ ଆତ୍ମରକ୍ଷା ପ୍ରଶିକ୍ଷଣ ପାଇଁ ଅନୁଦାନ ପ୍ରାପ୍ତ କରିପାରିବେ।

## ବିଦ୍ୟାଳୟ ନିରାପତ୍ତା:

ନିଜ ଆତ୍ମସମ୍ମାନ ସହ ବଂଚିବା, ଗୋଟିଏ ନିରାପଦ, ସୁରକ୍ଷିତ ଏବଂ ଅନୁକୂଳ ପରିବେଶରେ ଶିକ୍ଷା ଲାଭ ସହ ବୃଦ୍ଧି ଓ ବିକାଶ ପ୍ରତ୍ୟେକ ଶିଶୁର ଅଧିକାରୀ, ବିଦ୍ୟାଳୟ ନିରାପତ୍ତା ସୁରକ୍ଷାକୁ ପ୍ରଶସ୍ତ ଦୃଷ୍ଟିକୋଣରୁ ବିଚାର କଲେ ଏହା କେବଳ ଭିତ୍ତିଭୂମି ବା ଭୌତିକ ପରିବେଶ ମଧ୍ୟରେ ସୀମିତ ନୁହେଁ। ବିଦ୍ୟାଳୟ ନିରାପତ୍ତା ବର୍ତ୍ତମାନ ଗୋଟିଏ ଜଟିଳ ବିଷୟ ଯାହା ଶାରୀରିକ ଦଣ୍ଡଠାରୁ ଭିନ୍ନ ଯେପରି ଡରାଇବା, ଧମକାଇବା, ଶାରୀରିକ ହିଂସା, ଯୌନଗତ, ମାନସିକ ଏବଂ ଆବେଗିକ ହିଂସା ଏପରିକି କେତେକ କ୍ଷେତ୍ରରେ ଅତିଶୟ ଘଟଣା ମୃତ୍ୟୁର କାରଣ ମଧ୍ୟ ହୋଇଥାଏ। ନିକଟ ଅତୀତରେ, ହିଂସାର କେତେକ ରିପୋର୍ଟ ରହିଛି ଏବଂ ବିଦ୍ୟାଳୟରେ ହତ୍ୟା, ଆକ୍ରମଣ ଏବଂ ଦୁଷ୍କର୍ମ ଆଦି ଦୁଃଖଦ ଘଟଣାର ଖବର ଆସୁଛି। ହିଂସା, ଅପରାଧ, ଅଶ୍ଳୀଳ ଭିଡିଓ ଏବଂ ମାଦକ ଦ୍ରବ୍ୟର ସେବନ, ଇଣ୍ଟରନେଟ୍, ଭିଡିଓ ଆଦି ସହଜରେ ସମସ୍ତଙ୍କ ପାଖରେ ପହଞ୍ଚିପାରୁଛି ତେଣୁ କ୍ରମାଗତ ଭାବରେ ଏହିଭଳି ଘଟଣାବୃଦ୍ଧି ପାଉଛି। ଡ୍ରଗ୍‌ସ, ମଦ ଏବଂ ସିଗାରେଟ୍

Module 7

ଆଦି ସହଜରେ ମିଳିବାଟା ମଧ୍ୟ ବୃଦ୍ଧି ହେଉଛି । ଏସବୁ ସହିତ ଶିଶୁର ମାତାପିତା, ଶିକ୍ଷକ, ସାଙ୍ଗ ସାଥୀଙ୍କର ତରଫରୁ ପରୀକ୍ଷାର ଚାପର ମଧ୍ୟ ସାମ୍ନା କରିବାକୁ ପଡୁଛି ଯାହାଦ୍ୱାରା ତା ମଧ୍ୟରେ ନୈରାଶ୍ୟ, ଆକ୍ରମଣତା ଭାବନା ଓ ଅବସାଦ ସୃଷ୍ଟି ହେଉଛି ଏବଂ କିଛି କ୍ଷେତ୍ରରେ ଏହା ଆତ୍ମ ହତ୍ୟାର ରୂପ ନେଉଛି । ବିଦ୍ୟାଳୟ ପରିଚାଳନା କର୍ମକର୍ତ୍ତା, ପ୍ରଧାନ ଶିକ୍ଷକ, ଶିକ୍ଷକ ଏବଂ ବିଦ୍ୟାଳୟ କର୍ମଚାରୀମାନଙ୍କ ଦୃଷ୍ଟିକୋଣ କେବେକେବେ ଉଦାସୀନ ହୋଇଯାଏ । ଏହା ଚିନ୍ତାର ଗୋଟିଏ ମୁଖ୍ୟ ବିଷୟ । ତେଣୁ ବିଦ୍ୟାଳୟ ନିରାପତ୍ତା ଏବଂ ସୁରକ୍ଷା ସଂରଚନାକୁ ନେଇକି ଗୋଟିଏ ବିସ୍ତୃତ କାର୍ଯ୍ୟଯୋଜନାର ଆବଶ୍ୟକତା ରହିଛି । ବିଦ୍ୟାଳୟଗୁଡ଼ିକୁ ସୁରକ୍ଷିତ ଏବଂ ନିରାପଦ ରଖିବା ପାଇଁ ବିଦ୍ୟାଳୟ ପରିଚାଳକ, ଶିକ୍ଷକ, ଛାତ୍ର, ଅଭିଭାବକ ଏବଂ ପରାମର୍ଶଦାତାଙ୍କ ସହିତ ବିଭିନ୍ନ ଭାଗିଦାରୀଙ୍କର ପରାମର୍ଶରେ ଏକ ଉତ୍ତରଦାୟୀ (Accountability) ଢ଼ାଞ୍ଚାରେ ବ୍ୟାପକ ଦିଗ ନିର୍ଦ୍ଦେଶିକାର ବିକାଶ କରାଯାଉଛି ।

### ଜାଗୋ ବଦଲୋ ବୋଲୋ

ଜାଗ୍ରତ ହୁଅ, ପରିବର୍ତ୍ତିତ ହୁଅ ଏବଂ କୁହ (ପାଟି ଖୋଲ)

ତେଲେଙ୍ଗାନା ରାଜ୍ୟର ଶିକ୍ଷା ବିଭାଗ ପୋକ୍‌ସୋ ଅଧିନୀୟମରେ ପୋଲିସ ବିଭାଗର ସହଯୋଗରେ ଶିଶୁ ଯୌନ ଶୋଷଣର ବିରୋଧରେ 'ଜାଗୋ ବଦଲୋ ବୋଲ" ନାମରେ ଏକବର୍ଷର ଏକ ଅଭିଯାନ କରିଥିଲେ । ଏହା ଅଧିନରେ ସମସ୍ତ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ମାନଙ୍କର ପ୍ରଶିକ୍ଷଣ ଆୟୋଜନ କରାଯାଇଛି ।

ଏକ ଆଦର୍ଶ ପରିସ୍ଥିତିରେ, ପ୍ରତ୍ୟେକ ବିଦ୍ୟାଳୟରେ ପରାମର୍ଶଦାତା ରଖାଯାଇପାରିବ । କିନ୍ତୁ ଦେଶରେ ପ୍ରଶିକ୍ଷିତ ପରାମର୍ଶଦାତାର ଅଭାବ ହେତୁ ବର୍ତ୍ତମାନ ଏହା ସମ୍ଭବ ହୋଇପାରୁନାହିଁ । ତେଣୁ ଶିକ୍ଷକଙ୍କୁ ବିଦ୍ୟାଳୟ ଭିତରେ ପ୍ରଥମ ପର୍ଯ୍ୟାୟରେ ପରାମର୍ଶଦାତା ଭାବରେ କାମ କରିବା ପାଇଁ ସଚେତନ କରାଯାଇପାରିବ । ସେମାନେ ନିଜର ଛାତ୍ରଛାତ୍ରୀଙ୍କର କୌଣସି ପ୍ରକାର ଚାପ, ଆବେଗଜନିତ ବ୍ୟବହାରକୁ ଚିହ୍ନଟ କରିପାରିବେ ଓ ତାଙ୍କ ସହ ସମନ୍ୱିତ ଭାବରେ ସମସ୍ୟା ସମାଧାନ କରିବେ । ଏହି ସମନ୍ୱିତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

Module 7

ଅଧିନରେ ଶିକ୍ଷକଙ୍କୁ ପରାମର୍ଶ, ପୋକ୍‌ସୋ ଅଧିନିୟମ, ଜେ.ଜେ. ଅଧିନିୟମ, ବିଦ୍ୟାଳୟ ସୁରକ୍ଷା ନିର୍ଦ୍ଦେଶାବଳୀ, ହେଲ୍‌ପଲାଇନ୍ ଏବଂ ଆପାତକାଳୀନ ନମ୍ବର, ଅଭିଯୋଗ ନିମନ୍ତେ ଅଭିଯୋଗ ବାକ୍‌ସ ଆଦି ବ୍ୟବସ୍ଥା ପ୍ରତି ଅଭିମୁଖୀକରଣ କରାଯାଉଛି ।

ଏହି ଉଦ୍ଦେଶ୍ୟ ନିମନ୍ତେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ଶିକ୍ଷକଙ୍କୁ ପ୍ରଦାନ କରାଯାଉଛି । ଏହା ଛଡା ପ୍ରତ୍ୟେକ ବିଦ୍ୟାଳୟ ନିଜର ଗୋଟିଏ ସୁରକ୍ଷା ବୋର୍ଡ ରହିବା ଆବଶ୍ୟକ । ଯାହା ଉପରେ ହେଲପ୍ ଲାଇନ୍ / ଆପତକାଳୀନ ନମ୍ବର ଏବଂ ସମ୍ପର୍କିତ ବ୍ୟକ୍ତିମାନଙ୍କ ସଂପର୍କରେ ପ୍ରଦର୍ଶିତ ହେବ । ଏଥିପାଇଁ ୫୦୦ ଟଙ୍କା ପ୍ରତି ବିଦ୍ୟାଳୟକୁ ଦିଆଯାଉଛି ।

## ରଙ୍ଗୋତ୍ସବ :

ଏହା ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ଗୋଟିଏ ପଦକ୍ଷେପ ଯାହା ଦେଶର ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସାଂସ୍କୃତିକ ବିଭିନ୍ନତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହା ସାଂସ୍କୃତିକ କାର୍ଯ୍ୟକ୍ରମର ଗୋଟିଏ ସଂକଳନ ଥିଲା ଏବଂ ପୁରା ଦେଶରେ ବିଦ୍ୟାଳୟ ମାନଙ୍କରେ ଏହାକୁ ଉତ୍ସାହର ସହ ଆୟୋଜନ କରାଯାଇଥିଲା ଓ ପ୍ରତ୍ୟେକ ବିଦ୍ୟାଳୟ ସେଥିରେ ଭାଗ ନେଇଥିଲେ, ଯାହା କି ପ୍ରତ୍ୟେକ ଶିଶୁକୁ ବିଭିନ୍ନ ସଂସ୍କୃତି ସମ୍ବନ୍ଧରେ ଜୀବନ୍ତ ଏବଂ ସୁନ୍ଦର ଅନୁଭୂତି ମିଳିପାରିଛି । ରଙ୍ଗୋତ୍ସବ ସାଂସ୍କୃତିକ ପକ୍ଷର ଆୟୋଜନ ୭ ରୁ ୨୧ ଡିସେମ୍ବର ୨୦୧୮ ମସିହା ପର୍ଯ୍ୟନ୍ତ ଏହି ବିଚାର ଧାରା ଅନୁସାରେ କରାଗଲା କି ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅନ୍ୟ ସମସ୍ତ କର୍ମଚାରୀ ଏବଂ ଭାଗିଦାରୀଙ୍କ ନିମନ୍ତେ ହାରିବା – ଜିତିବା ଠାରୁ ଉପରକୁ ଚିନ୍ତା କିରବା, ଭାଗନେବା ପାଇଁ ହିଁ ପ୍ରୋତ୍ସାହିତ କରିବା ଆବଶ୍ୟକ । ରଙ୍ଗୋତ୍ସବର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା –

- କଳା ଓ ସଂସ୍କୃତିର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟ ପରିବେଶକୁ ଶିଖିବାର ସ୍ଥାନ ଏବଂ ଜୀବନ୍ତ ଏବଂ ଆନନ୍ଦଦାୟକ ସ୍ଥାନରେ ବଦଳାଇବା ଏବଂ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କ

Module
7

ସହ ବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟଙ୍କୁ ନିଜର କଳାତ୍ମକ ପ୍ରତିଭା ଏବଂ ରଚନାତ୍ମକତାକୁ ସାମ୍ନାକୁ ଆଣିବା ପାଇଁ ଏହା ଏକ ଉପଯୁକ୍ତ ମଂଚପ୍ରଦାନ କରେ।

- ନିଜର ସମସ୍ତ ବିଭିନ୍ନତା ସହିତ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ପ୍ରଦର୍ଶନ ଏବଂ ଉତ୍ସବ କରିବା ଏବଂ ସମସ୍ତ ଶିଶୁଙ୍କୁ ସେମାନଙ୍କର ବୟସ ଅନୁଯାୟୀ ଉଚିତ୍ ସୂଚନା ପ୍ରଦାନ କରିବା, ଯାହା ଦ୍ୱାରା ସେ ଦେଶର ବିଭିନ୍ନ ରୀତି - ରିବାଜ, ସାଂସ୍କୃତି, ଭାଷା, ଭୌଗଳିକ ଅବସ୍ଥିତ ଏବଂ ଭୋଜନର ବିଭିନ୍ନତାକୁ ବୁଝିପାରିବ ଏବଂ ତାହାର ସମ୍ମାନ କରିପାରିବ।
- "ଏକ ଭାରତ ଶ୍ରେଷ୍ଠ ଭାରତ" ର ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ସୁନିୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରୀୟ ଏକତାର ଭାବନାକୁ ବୃଦ୍ଧି କରିବା।'
- ବିଦ୍ୟାଳୟରେ ଆନନ୍ଦଦାୟକ ଶିକ୍ଷଣ ନିମନ୍ତେ ପରିବେଶ ସୃଷ୍ଟି କରିବା ପାଇଁ ପୁରା ବର୍ଷ ମଧ୍ୟରେ ବିଦ୍ୟାଳୟ ସମନ୍ୱିତ କଳାକୁ (ରଙ୍ଗୋତ୍ସବ ପରେ ମଧ୍ୟ) ନିୟମିତ ଅଭ୍ୟାସ କରିବା ଆବଶ୍ୟକ।
- ରଙ୍ଗୋତ୍ସବରେ ମିଳିଥିବା ପ୍ରତିକ୍ରିୟା ବିପୁଳ ଏବଂ ବିଶୁଦ୍ଧ ରୂପରେ ସ୍ୱାଗତ ପ୍ରକାଶ ଯୋଗ୍ୟ। ଦେଶସାରା ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକଙ୍କ ପାଇଁ ସାଂସ୍କୃତିକ ଦ୍ୱାର ଖୋଲିବାର ପ୍ରୟାସ କରାଯାଇଥିଲା। ଯାହାର ପରିମାଣ ସ୍ୱରୂପ ପୂରାଦେଶରେ କଳାତ୍ମକ ପ୍ରତିଭାର ଉତ୍ସବ ପାଳନ କରାଯାଇଥିଲା।
- ବିଦ୍ୟାଳୟ ସ୍ତରରେ ଆୟୋଜିତ ଭାଷା ସଙ୍ଗମ ଓ ଅନ୍ୟକାର୍ଯ୍ୟକ୍ରମ ବ୍ୟତୀତ ରଙ୍ଗୋତ୍ସବରେ ଆଂଚଳିକ, ରାଜ୍ୟସ୍ତରୀୟ ଜୋନାଲ ଏବଂ ଜାତୀୟ ସ୍ତରର କାର୍ଯ୍ୟକ୍ରମ ଯେପରିକି ଜାତୀୟ ଶିଶୁ ସଭା ଏବଂ ସମ୍ମନ୍ୱୀତ ଶିବିର ଜାତୀୟ ସ୍ତର ଲୋକନୃତ୍ୟ, ଜାତୀୟସ୍ତର ଭୂମିକା ନିର୍ବାହ, କଳା ଉତ୍ସବ, ସଂଗୀତ କଳା ସଙ୍ଗମ ଏବଂ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ (ବାର୍ଷିକ ଉପଲବ୍ଧି ସର୍ବେକ୍ଷଣ)

ଶିକ୍ଷଣ ଫଳାଫଳକୁ ବସ୍ତୁନିଷ୍ଠ ଭାବରେ ମୂଲ୍ୟାଙ୍କନ କରିବା ପାଇଁ ଏହି ବିଭାଗ ପୂର୍ବରୁ ନିୟମିତ ବ୍ୟବଧାନରେ ଜାତୀୟ ଉପଲବ୍ଧି ସର୍ବେକ୍ଷଣର (NAS) ସଞ୍ଚାଳନ ପ୍ରକ୍ରିୟା ଆରମ୍ଭ କରିଛି, ଯାହା ଏକ ବହିଃ ମୂଲ୍ୟାୟନ ଅଟେ। ସମସ୍ତ ଭାଗୀଦାରୀଙ୍କ ସହିତ ବିସ୍ତୃତ ଏବଂ ବିସଦ ଭାବରେ ଆଲୋଚନା ପରେ ଏହି ପ୍ରକ୍ରିୟା ବିକଶିତ କରାଯାଇଛି। ୨୦୧୭-୨୦୧୮ ମସିହାରେ ଆୟୋଜିତ (NAS) ର ଫଳାଫଳ ସମସ୍ତଙ୍କର ଅବଗତ ନିମନ୍ତେ ଉପଲବ୍ଧ ଅଟେ।

ପୁନଶ୍ଚ, ୨୦୧୭ ରେ ଆୟୋଜିତ (NAS) ସମୟରେ ୨.୨ ଲକ୍ଷ ବିଦ୍ୟାର୍ଥୀଙ୍କର ସର୍ବକ୍ଷେଣରୁ ଏକତ୍ର କରାଯାଇଥିବା ତଥ୍ୟ ଏବଂ ତା'ପରେ NCERT ଦ୍ୱାରା ଲିଖିତ ପଦକ୍ଷେପ ମାଧମରେ ନିମ୍ନ ଉପଲବଧିସ୍ତର ଫଳାଫଳରେ ସୁଧାର ଆଣିବା ପାଇଁ ଏକ ରୂପରେଖ ପ୍ରସ୍ତୁତ ପାଇଁ କରାଯାଇଥିବା ପାଇଲଟ୍ ସର୍ବକ୍ଷେଣ ଆଧାରରେ ଏ ନିର୍ଣ୍ଣୟ ନିଆଯାଇଛି କି ଯେ ପ୍ରାଥମିକ ସ୍ତରର ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଫଳାଫଳର ଆକଳନ ନିମନ୍ତେ ୨୦୧୯ ରେ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ କରାଯିବ। ଏହି ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଗୁଣାତ୍ମକ ଏବଂ ଭୟମୁକ୍ତ ମାନନିର୍ଦ୍ଧାରଣ ପ୍ରକ୍ରିୟା ହେବ, ଯାହାକୁ ସେହି ବିଦ୍ୟାଳୟ କରିବ।

ଗୁଣାତ୍ମକ ମୂଲ୍ୟାୟନର କୌଶଳ, ପରିମାଣାତ୍ମକ ବହିଃ ମୂଲ୍ୟାୟନ ସହ ମିଶି ଏହା ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଅଟେ ଯେ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ହାସଲ ହୋଇଛି। ଫଳରେ ଏହି ଦୁଇ ପ୍ରକାର ମୂଲ୍ୟାୟନ ଯୁକ୍ତିଯୁକ୍ତ ଭାବରେ ହେବା ଆବଶ୍ୟକ।

## Youth Club ଯୁବକ ସଂଘ ଏବଂ Eco clubର ଗଠନ

ଜୀବନ କୌଶଳର ବିକାଶ କରିବା ଆତ୍ମ ସମ୍ମାନ ନିର୍ମାଣ କରିବା ପାଇଁ, ଆତ୍ମ ବିଶ୍ୱାସ ଓ ନମନୀୟତା ବୃଦ୍ଧି କରିବା ଏବଂ ମାନସିକ ଚାପ, ଲଜ୍ଜା ଏବଂ ଭୟର ନକରାତ୍ମକ ଭାବନାକୁ ମୁକାବିଲା କରିବା ପାଇଁ ବିଦ୍ୟାଳୟରେ ଯୁବକ ସଂଘ ଏକ ସାଧନୀ ଅଟେ।

Module 7

ବିଦ୍ୟାଳୟରେ Eco କ୍ଲବ ଶିକ୍ଷାର୍ଥୀମାନଙ୍କୁ ଅର୍ଥପୂର୍ଣ୍ଣ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ଆଦିର ଆରମ୍ଭ କରିବା ଏବଂ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ସଶକ୍ତ କରିଥାଏ । ଏହା ଏକ ଏଭଳି ମଞ୍ଚ ଯାହା ମାଧ୍ୟମରେ ଶିକ୍ଷାର୍ଥୀ ପରିବେଶର ଉପଯୁକ୍ତ ବ୍ୟବହାର ନିମନ୍ତେ ନିଜର ମାତାପିତା ପଡ଼ୋଶୀ ଆଦିଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କ ପାଖରେ ପହଞ୍ଚିପାରିଥାଏ । ଏହା ଶିକ୍ଷାର୍ଥୀର ପାଠ୍ୟକ୍ରମ ବା ସିଲାବସ୍‌ର ବାହାରେ ପରିବେଶ ସଂପର୍କିତ ଧାରଣା ଏବଂ ସମ୍ଭାବିତ କାର୍ଯ୍ୟର ଅନୁସନ୍ଧାନ ପାଇଁ ପ୍ରୋତ୍ସାହିତ କରେ ।

ଉପରୋକ୍ତ ଆଲୋଚନା ଅନୁଯାୟୀ ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ଯୁବକ ସଂଘ ଏବଂ ଇକୋ କ୍ଲବର ଗଠନ କରାଯିବା ଆବଶ୍ୟକ, ଯେଉଁଠାରେ ବିଦ୍ୟାଳୟ ସମୟ ପରେ ଏବଂ ଛୁଟି ସମୟରେ ସେମାନେ ଆଲୋଚନା, ସଂଗୀତ, କଳା, ଖେଳ, ପାଠପଢ଼ିବା ଏବଂ ଶାରୀରିକ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଏହା ଦ୍ୱାରା ବିଦ୍ୟାଳୟର ଆଦର୍ଶ, ବିଦ୍ୟାଳୟର ଭିତ୍ତିଭୂମି ଯେଭଳି ଖେଳପଡ଼ିଆ, ଖେଳ ସାମଗ୍ରୀ ଏବଂ ଲାଇବ୍ରେରୀର ସଂପୂର୍ଣ୍ଣ ସଦୁପଯୋଗ ହୋଇପାରିବ ଏବଂ ଏହାଦ୍ୱାରା ଶିକ୍ଷାର୍ଥୀର ଆଗ୍ରହ, କୌଶଳ ଏବଂ ଅଭ୍ୟାସର ବିକାଶରେ ସହାୟତା ମିଳିବ, ଯାହା ଅନ୍ୟ କେଉଁଟିରେ ସମ୍ଭବ ନୁହେଁ ।

ଯୁବକ ସଂଘ ଏବଂ ଇକୋ କ୍ଲବ ପାଇଁ ପ୍ରାଥମିକ ସ୍ତରରେ ପ୍ରତି ବିଦ୍ୟାଳୟକୁ ବାର୍ଷିକ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ ଏବଂ ମାଧ୍ୟମିକ ସ୍ତରରେ ପ୍ରତି ବିଦ୍ୟାଳୟକୁ ବାର୍ଷିକ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବାର ବ୍ୟବସ୍ଥା ରହିଛି ।

## ପରିବହନ ଏବଂ ପରିବହନ ସହାୟକ ସୁବିଧା

ଏହି ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କୁ ପରିବହନ ଏବଂ ପରିବହନ ସହାୟକ ସୁବିଧା ମାଧ୍ୟମରେ, ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର୍ଥୀର ପହଞ୍ଚିବାରେ ସୁବିଧା କରିବାର ପ୍ରୟାସ କରାଯାଇଛି । ସୁଦୁର ବସ୍ତିରେ ରହୁଥିବା ଶିଶୁଙ୍କୁ ବା ସହରାଞ୍ଚଳରେ ରହୁଥିବା ଶିଶୁ ଯେଉଁଠି ଯାଗାର ଉପଲବ୍‌ଧତା ଗୋଟିଏ ସମସ୍ୟା ଅଟେ ବା ଅତ୍ୟନ୍ତ ଅଭାବ ସେଠାରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ (CWSN) ପାଇଁ ସମ୍ଭବତଃ

Module 7

ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିବା ସହଜ ହୋଇନଥାଏ । କମ୍ ଜନସଂଖ୍ୟା ବିଶିଷ୍ଟ, ପାହାଡ଼ / ଘଞ୍ଚ ଜଙ୍ଗଲ / ମରୁଭୂମି ଅଞ୍ଚଳ ସହିତ ସହରାଞ୍ଚଳରେ ଶିକ୍ଷାର୍ଥୀର ପରିବହନ ବା ପରିବହନ ସହାୟକ ସୁବିଧା ପାଇଁ ସହାୟତା ପ୍ରଦାନ କରାଯାଇଛି । ବହୁତ ଛୋଟ ବସ୍ତିମାନଙ୍କରେ (ଦୂରସ୍ଥ ମରୁଭୂମି / ଆଦିବାସୀ ଅଞ୍ଚଳ) ରହୁଥିବା ଶିଶୁମାନଙ୍କ ଆବଶ୍ୟକତାକୁ ପୂରଣ କରିବା ଯେଉଁଠି ବିଦ୍ୟାଳୟ ଖୋଲିବା ବ୍ୟବହାରିକ ଦୃଷ୍ଟିକୋଣରୁ ସମ୍ଭବ ନୁହେଁ ଏବଂ ଏଭଳି ଶିଶୁର ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ତରଫରୁ ଯିବା ଆସିବାର ମାଗଣା ପରିବହନ ସୁବିଧା ବା ଆବଶ୍ୟକ ବିଦ୍ୟାଳୟର ସୁବିଧା ପ୍ରଦାନ କରିବା ହିଁ ଏକ ମାତ୍ର ଉପାୟ ଅଟେ ।

ବହୁତ କମ୍ ଜନସଂଖ୍ୟା ଅଂଚଳ ଏବଂ ସହରାଞ୍ଚଳରେ ଯେଉଁ ବିଦ୍ୟାଳୟ ଉପଲବ୍ଧ ନାହିଁ, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ଶିକ୍ଷାର୍ଥୀ ସହରରୁ ବଞ୍ଚିତ ଶିକ୍ଷାର୍ଥୀମାନଙ୍କୁ ପରିବହନର ସୁବିଧା ପ୍ରଦାନ କରାଯାଇଥାଏ । ପୂର୍ବରୁ ସର୍ବଶିକ୍ଷା ଅଭିଯାନ ଦ୍ୱାରା ପ୍ରତି ଶିକ୍ଷାର୍ଥୀଙ୍କୁ ଦିଆଯାଉଥିବା ବାର୍ଷିକ ୩୦୦୦ ଟଙ୍କା ଏବେ ବଢ଼ାଇ ପ୍ରତି ଶିକ୍ଷାର୍ଥୀକୁ ୬୦୦୦ ଟଙ୍କା କରି ଦିଆଯାଇଛି । ଏହା ଦୂରତା, ଭୌଗଳିକ ପରିସ୍ଥିତି ଆଧାରରେ ସ୍ଥିର କରାଯାଇଛି ।

## ମାଗଣା ପୋଷାକ ଏବଂ ପାଠ୍ୟପୁସ୍ତକ

ସରକାରୀ ବିଦ୍ୟାଳୟମାନଙ୍କରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନୁସୂଚୀତ ଜାତି / ଅନୁସୂଚୀତ ଜନଜାତି, ବିପିଏଲ୍ ପରିବାରରେ ଥିବା ସମସ୍ତ ବାଳିକା ଏବଂ ଶିଶୁ ମାନଙ୍କୁ ୨ ଯୋଡ଼ା ପୋଷାକ ବଣ୍ଟନର ପରିମାଣ ପୂର୍ବରୁ ବାର୍ଷିକ ପ୍ରତ୍ୟେକ ପିଲାପ୍ରତି ୪୦୦ ଟଙ୍କା ଥିଲା, ବର୍ତ୍ତମାନ ସମଗ୍ର ଶିକ୍ଷା ଏହାକୁ ୬୦୦ ଟଙ୍କାକୁ ବଢ଼ାଇ ଦେଇଛି । ବିଦ୍ୟାଳୟ ପୋଷାକର ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ଦେଉଥିବା ସେବା ଏବଂ ବିଦ୍ୟାଳୟ ପ୍ରତି ନିଜସ୍ୱ ଭାବନା ଜାଗ୍ରତ କରାଇବା ।

ପାଠ୍ୟ ପୁସ୍ତକର ଉଚିତ ଉପଯୋଗ ବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାର ଗୋଟିଏ ମୁଖ୍ୟ ସୂଚକ ଅଟେ । ଏଣୁ ପାଠ୍ୟପୁସ୍ତକ ଉତ୍ପାଦନରେ ସୁଧାର ଆଣିବା ଯେଉଁଠି ତା'ର ବିନ୍ୟାସ ଏବଂ ଡିଜାଇନ୍, ଭିତର ପୃଷ୍ଠା ଏବଂ ଆବରଣ ପୃଷ୍ଠାର

Module 7

ଆକାର ପ୍ରକାର, କାଳି, ମୁଦ୍ରଣ ଏବଂ ବନ୍ଧେଇ ଆଦି ସହିତ ସମ୍ବନ୍ଧିତ ସୁଧାର ଏକ ଗୁରୁତ୍ୱପୂର୍ଣ୍ଣ ନିହିତାର୍ଥ ଅଟେ। ସରକାରୀ ସରକାରୀ / ବେସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟ ଏବଂ ରାଜ୍ୟ ପାଠ୍ୟକ୍ରମକୁ ପ୍ରଚଳନ କରିବାର ଇଚ୍ଛା କରୁଥିବା ମାଦ୍ରାସା ସହ ସମସ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ ଆବଣ୍ଟିତ ଧନରାଶିକୁ ଶିକ୍ଷାର୍ଥୀ ପ୍ରତି ୧୫୦ ଟଙ୍କାରୁ ବଢ଼େଇ ୨୫୦ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ବାର୍ଷିକ ଶିକ୍ଷାର୍ଥୀ ପ୍ରତି ୨୫୦ ଟଙ୍କାରୁ ବଢ଼େଇ ୪୦୦ ଟଙ୍କା କରି ଦିଆଯାଇଛି। ଶିକ୍ଷଣ ମାଧ୍ୟମରେ ଇଂରାଜୀ ବା ଆଂଚଳିକ ଭାଷାରେ ସହଜରେ ଅବସ୍ଥାନର ହେତୁ ଆଦିବାସୀ ଭାଷାରେ ସଂଯୋଜକ ସାମଗ୍ରୀ ଭାବରେ ପ୍ରସ୍ତୁତ କରାଯାଇଥାଏ। ପ୍ରାରମ୍ଭିକ ପୁସ୍ତକ / ପାଠ୍ୟପୁସ୍ତକ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ପ୍ରତ୍ୟେକକ ଶିକ୍ଷାର୍ଥୀ ପିଛା ୨୦୦ ଟଙ୍କା ଉପଲବ୍ଧ ହୋଇଥାଏ।

## ସି.ଆର.ସି. ମାନଙ୍କୁ ମଜବୁତ୍ କରିବା – ସିଆରସିଗୁଡ଼ିକର କାର୍ଯ୍ୟକୁ ସହାୟତା

କ୍ଲଷ୍ଟର ସାଧନ କେନ୍ଦ୍ର ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ପ୍ରଶିକ୍ଷଣ ଏବଂ ତତ୍କ୍ଷଣାତ୍ ସହାୟତା ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ ଏକକ ଅଟେ। ସି.ଆର.ସିକୁ ନିୟମିତ ଭାବରେ ପରିଦର୍ଶନ କରିବା ଏବଂ ବିଦ୍ୟାଳୟର ଅଧିକତର ଭଲ ପ୍ରଦର୍ଶନ ନିମନ୍ତେ ଶୈକ୍ଷିକ ସମସ୍ୟା ଏବଂ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିବା ପାଇଁ ମାସିକ ବୈଠକ ଆୟୋଜନ କରିବାର ଆବଶ୍ୟକତା ରହିଛି। ବିଦ୍ୟାଳୟର ଭିତ୍ତି ଭୂମି ଏବଂ ସୁବିଧା ସୁଯୋଗ ଓ ପ୍ରଶାସନିକ ଦୃଷ୍ଟିକୋଣକୁ ପାଖରୁ ଜାଣିବା ପାଇଁ ବିଦ୍ୟାଳୟର ପ୍ରର୍ଯ୍ୟାପ୍ତ ଅନୁଯାୟୀ ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ବ୍ୟତୀତ ଶୈକ୍ଷିକ ଓ ପାଠ୍ୟକ୍ରମ ସଂକ୍ରାନ୍ତୀୟ ସହାୟତାର ଗୋଟିଏ ଉଚିତ୍ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ, ଯାହାଦ୍ୱାରା ଶିକ୍ଷକମାନଙ୍କୁ ନିରନ୍ତର ଭାବରେ ବୃତ୍ତିଗତ ଦକ୍ଷତାର ବିକାଶ କରିବାର ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇପାରିବ। ଏହି ପ୍ରସଙ୍ଗରେ ପ୍ରତ୍ୟେକ କ୍ଲଷ୍ଟରରେ କ୍ଲଷ୍ଟର ସାଧନ ସଂଯୋଜନକୁ ବିଦ୍ୟାଳୟର ପରିଦର୍ଶନ କରିବା ଆବଶ୍ୟକ ଏବଂ ଅତିକମ୍‌ରେ ୨ ମାସରେ ଥରେ ନିଜର କ୍ଲଷ୍ଟରରେ ଅନ୍ତତଃ ଅନ୍ ସାଇଟ ଶୈକ୍ଷିକ ସହାୟତା ପ୍ରଦାନ କରିବା ଆବଶ୍ୟକ

Module 7

ଏବଂ ଏମ.ଏଚ୍. ଆର.ଡି ଦ୍ୱାରା ନିର୍ଦ୍ଧାରିତ ଯେ କୌଣସି ସାଧାରଣ ବୈଠକକୁ ଗୋଟିଏ ରିପୋର୍ଟ ପଠାଇବା ଆବଶ୍ୟକ।

## ବି.ଆର.ସି ଦ୍ୱାରା ବିବରଣୀ ପ୍ରଦାନ

ଶୈକ୍ଷିକ ସାଧନ କେନ୍ଦ୍ର ହିସାବରେ ବି.ଆର.ସି.ର ଦକ୍ଷତାକୁ ଏବେ ପର୍ଯ୍ୟନ୍ତ ସାକାର କରାଯାଇପାରି ନାହିଁ। ଏବଂ ସେମାନଙ୍କର ଭୂମିକା ଏବଂ କାର୍ଯ୍ୟକୁ ଶୈକ୍ଷିକ ରୂପରେ କାର୍ଯ୍ୟକାରୀ କରିବା ଆବଶ୍ୟକ ଅଛି। ବି.ଆର.ସି. / ୟୁ.ଆର.ସି.କୁ ସମସ୍ୟାଗୁଡ଼ିକୁ ବୁଝିବା ଏବଂ ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ସମସ୍ୟାକୁ ସମାଧାନ କରିବା ପାଇଁ କାର୍ଯ୍ୟନୀତି ପ୍ରସ୍ତୁତ କରି ସେହି ଅନୁସାରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବି.ଆର.ପିମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପ୍ରଶିକ୍ଷିତ ଏବଂ ସେମାନଙ୍କର ଅଧିକ ପ୍ରଭାବୀ ଢ଼ଙ୍ଗରେ ଉପଯୋଗ କରାଯିବ। ସମନ୍ୱିତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ସମସ୍ତ ପ୍ରୟୋଜିତ ସମୂହ ଅର୍ଥାତ ଶିକ୍ଷକ, ପ୍ରାଧ୍ୟାପକ, ଗୋଷ୍ଠୀ ଏବଂ କ୍ଲଷ୍ଟର ସାଧନକର୍ମୀ ମାନଙ୍କୁ ଗୋଟିଏ ସ୍ଥାନରେ ସେମାନଙ୍କ ସ୍ୱତନ୍ତ୍ର ଭୂମିକା ଓ ଦାୟିତ୍ୱକୁ ଧ୍ୟାନରେ ରଖି ସେମାନଙ୍କୁ ଗୋଟିଏ ପ୍ରକାର ବିଷୟ ବସ୍ତୁ ଉପରେ ପ୍ରଶିକ୍ଷଣ ଦିଆଯିବ। ନିରନ୍ତର ନିରୀକ୍ଷଣ, ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟରେ ନିୟମିତ ଭାବରେ ପରିଦର୍ଶନ କରାଯିବ ଏବଂ ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ଶ୍ରେଣୀରେ ପଢ଼ାଇବା ସମୟରେ ପ୍ରଶିକ୍ଷଣରୁ ଶିଖିଥିବା ବିଷୟଗୁଡ଼ିକର ପ୍ରୟୋଗ କରାଯିବ।

ମୋବାଇଲ ଆପ୍ ମାଧ୍ୟମରେ ବିବରଣୀ ଦାଖଲ କରାଯିବ ଯାହାକୁ ଏକ କେନ୍ଦ୍ରୀୟ ସର୍ଭର ଉପରେ ସଂକଳିତ କରାଯିବ। ଏଠାରେ software ଅସଂଗତି ରିପୋର୍ଟ ପ୍ରସ୍ତୁତ କରିବ ଯାହାପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରାଯିବ।

## ବିଦ୍ୟାଳୟ ପରିଚାଳନା କମିଟି ପ୍ରଶିକ୍ଷଣ

ଏସ୍.ଏମ.ସି ସଦସ୍ୟମାନଙ୍କର ପ୍ରଶିକ୍ଷଣ, କ୍ଲଷ୍ଟର ସାଧନ ସଂଯୋଜକଙ୍କ ଦ୍ୱାରା ଆୟୋଜିତ କରାଯିବ। ସମସ୍ତ ବିଦ୍ୟାଳୟ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚୀତ ତାରିଖରେ ଏସ୍.ଏମ.ସିର ବର୍ଷକୁ ଚାରିଟି ତ୍ରୟମାସିକ ବୈଠକ ଆୟୋଜନ କରାଯିବ। ବୈଠକ ଆୟୋଜନ କରିବା ଏବଂ ଆୟୋଜିତ ବୈଠକର

Module 7

ରିପୋର୍ଟ ଅପ୍‌ଲୋଡ କରିବା ସହ ବିଦ୍ୟାଳୟର ସ୍ଥିତି / କାର୍ଯ୍ୟକ୍ରମର ରିପୋର୍ଟ ମଧ୍ୟ ମୋବାଇଲ ଆପ୍‌ଦ୍ୱାରା ଅପଲୋଡ କରିବା ପାଇଁ ସହାୟତା ପ୍ରଦାନ କରାଯିବ ।

ସରକାରୀ ବିଦ୍ୟାଳୟ ପାଇଁ ଗୋଟିଏଗୋଟିଏ ବିଶେଷ ଯୋଜନା ଅନୁଯାୟୀ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ପ୍ରତି ବାର୍ଷିକ ୩୦୦୦ ଟଙ୍କା ପର୍ଯ୍ୟନ୍ତ ଅନୁଦାନର ବ୍ୟବସ୍ଥା ରହିଛି ।

## ସମଗ୍ର ଶିକ୍ଷାର ପ୍ରତୀକ ଚିହ୍ନ (Logo) ପ୍ରଦର୍ଶନ

Logo ଯେକୌଣସି ଯୋଜନାର ଦୂରଦୃଷ୍ଟି ଏବଂ ଭାବନାର ପ୍ରତୀକ ଅଟେ । ଏହା ପରସ୍ପର ସହିତ ଯୋଡି ହେବାର ଭାବନାକୁ ବଢ଼ାଇଥାଏ ଏବଂ ବଡ଼ ଆକାରରେ ବିଦ୍ୟାଳୟ, ଶିକ୍ଷାର୍ଥୀ ଏବଂ ଗୋଷ୍ଠୀ ମଧ୍ୟରେ ଏକ ସମ୍ବନ୍ଧ ସ୍ଥାପନ କରିବାରେ ସାହାଯ୍ୟ କରେ । ଏହା ପୂର୍ବରୁ ସର୍ବଶିକ୍ଷା ଅଭିଯାନର Logo ପ୍ରତୀକ ଚିହ୍ନକୁ ବିଦ୍ୟାଳୟର କାନ୍ଥରେ ଚିତ୍ରିତ କରାଯାଇଥିଲା, ଯାହାକି ଗୋଷ୍ଠୀ ଦ୍ୱାରା ବହୁତ ପସନ୍ଦ ହୋଇଥିଲା ଏବଂ ଏହାଦ୍ୱାରା ବିଦ୍ୟାଳୟ ଚିହ୍ନଟ କରିବାରେ ସହଜ ହେଲା । ଏହି ପ୍ରକାରରେ ସବୁ ବିଦ୍ୟାଳୟର ପରିସରରେ ପ୍ରତୀକ ଚିହ୍ନକୁ ସମ୍ମୁଖ ଭାଗରେ ପ୍ରଦର୍ଶନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସବୁ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେପରି ବିଦ୍ୟାଳୟର କବାଟରେ, କାନ୍ଥ ଚିତ୍ର ମାଧ୍ୟମରେ ବା ପ୍ରଦର୍ଶନ ବୋର୍ଡ଼ ମାଧ୍ୟମରେ ସମଗ୍ର ଶିକ୍ଷାର ପ୍ରତୀକ ଚିହ୍ନକୁ ଯୋଜନା ମୁତାବକ ମିଳୁଥିବା ସୁବିଧାଗୁଡ଼ିକ ସହ ମାଗଣା ପାଠ୍ୟପୁସ୍ତକ, ମାଗଣା ସ୍କୁଲ ଡ୍ରେସ୍, ଆଦିରେ ସହିତ ପ୍ରଦର୍ଶନ କରିବା ଆବଶ୍ୟକ ଅଟେ । ପ୍ରତୀକ ଚିହ୍ନର ଡିଜାଇନ୍ ଏମ୍.ଏଚ.ଆର.ଡ଼ି. ଦ୍ୱାରା ସ୍ଥିର କରାଯିବ ।

# ବିଶ୍ୱାସନୀୟ ତଥ୍ୟ, ଉତ୍ତରଦାୟିତ୍ୱ ଏବଂ ପୁରସ୍କାର

Module 7

Credible Data, Accountability and Awards) UDISE+

Unified district Information on School Education (UDISE) ରେ ଦେଶର ସମସ୍ତ ବିଦ୍ୟାଳୟର ତଥ୍ୟ ଏକତ୍ରୀତ କରାଯାଏ। ୨୦୧୮-୧୯ ରୁ UDISE ର ଅପଡେଟ୍ କରିବା ଓ ନୂତନ ବୈଶିଷ୍ଟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ନିର୍ଣ୍ଣୟ ନିଆଯାଇଛି UDISE+ ଦରଖାସ୍ତ ଅନ୍‌ଲାଇନ୍ ଦ୍ୱାରା ହେବ ଏବଂ ଧୀରେଧୀରେ ବାସ୍ତବିକ ସମୟ ଅନୁଯାୟୀ ତଥ୍ୟ ଏକତ୍ର କରିବା ଦିଗରେ ଆଗକୁ ବଢ଼ିବ। ତଥ୍ୟ ସଂଗ୍ରହ ବ୍ୟତୀତ UDISE+ ଦରଖାସ୍ତରେ ନିମ୍ନଲିଖିତ ବିଶେଷତ୍ୱ ରହିବ -

୧. ତଥ୍ୟ ବିଶ୍ଳେଷଣାତ୍ମକ ଏବଂ ତଥ୍ୟର ମାନସିକ ଚିତ୍ରଣ ଥିବା ଗୋଟିଏ ତଥ୍ୟ ବୋର୍ଡ଼ ପ୍ରସ୍ତୁତ କରାଯିବ। ଏଥିରେ ବିଗତ ବର୍ଷର ସମାୟାନୁଯାୟୀ ତଥ୍ୟର ଅଧ୍ୟୟନ କରିବା ଏବଂ ତା'ର ବୃଦ୍ଧିର ତଦାରଖ କରିବା ପାଇଁ ସମୟ ଶୃଙ୍ଖଳ ତଥ୍ୟ (Time Series data) ସାମିଲ ହୁଏ। ପ୍ରମୁଖ ପ୍ରଦର୍ଶନ ସୂଚକଗୁଡ଼ିକ ଆଧାରରେ ପ୍ରଗତିକୁ ଦେଖାଯାଏ।

୨. System କୁ ଜି.ଆଇ.ଏସ୍. ମେପିଙ୍ଗ ସହିତ ଯୋଡ଼ା ଯିବ ଏବଂ ବିଦ୍ୟାଳୟ ରିପୋର୍ଟ କାର୍ଡ଼ ପ୍ରସ୍ତୁତ ହେବ।

୩. ତଥ୍ୟର ଗୁଣବତାକୁ ସୁନିଶ୍ଚିତ କରିବା ପାଇଁ ଗୋଟିଏ ମୋବାଇଲ ଆପ୍ ସହିତ ତୃତୀୟ ପକ୍ଷ ଦ୍ୱାରା ଯାଞ୍ଚ ନିମନ୍ତେ ଗୋଟିଏ ଅଲଗା ପ୍ରଦର୍ଶିକା ପ୍ରସ୍ତୁତ କରାଯିବ।

ତଥ୍ୟ ସଂଗ୍ରହ ପ୍ରକ୍ରିୟା ଜାନୁଆରୀ, ୨୦୧୯ ରୁ ଆରମ୍ଭ କରାଯିବ।



Module 7

## ପ୍ରଦର୍ଶନ ଗ୍ରେଡ଼ିଙ୍ଗ ସୂଚକାଙ୍କ (Performance Grading Index, PGI)

ପି.ଜି. ଆଇ ବିଦ୍ୟାଳୟ ଶିକ୍ଷାର ୭୦ ଟି ସୂଚକ ଉପରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ଗ୍ରେଡ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି ।

୧. ସୂଚକାଙ୍କ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ଗ୍ରେଡ଼ ପ୍ରଦାନ କରିବ ଏବଂ ଏହି ପ୍ରକାର ଗୋଟିଏରୁ ଅଧିକ ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳକୁ ଗୋଟିଏ ହିଁ ଗ୍ରେଡ଼ରେ ରହିବାର ସୁବିଧା ମିଳିବ ଏବଂ ଏହିପରି ଭାବରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତତଃ ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିବ । ପି.ଜି. ଆଇର କଳ୍ପନା ଏପରି ଏକ ଉପକରଣ ମାଧ୍ୟମରେ କରାଯାଇଛି ଯାହା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କିଛି ବ୍ୟବସ୍ଥା ଯେପରି ଶିକ୍ଷକଙ୍କର ଅନଲାଇନ୍ ନିଯୁକ୍ତି ଏବଂ ସ୍ଥାନାନ୍ତରଣ, ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ଇଲେକ୍‌ଟ୍ରୋନିସ୍ ଉପସ୍ଥାନ ଆଦରେ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବ ।

୨. ପି.ଜି ଆଇର ୭୦ଟି ସୂଚକଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭାଜିତ କରାଯାଇଛି– ଫଳାଫଳ ଏବଂ ଶାସନ ପ୍ରକ୍ରିୟା । ପ୍ରଥମ ପ୍ରକାରକୁ ୪ଟି ଉପବର୍ଗରେ ଭାଗ କରାଯାଇଛି । ଯାହା ହେଉଛି ଶିକ୍ଷଣ ଫଳାଫଳ, ଉପଲବ୍ଧିର ଫଳାଫଳ, ଆସବାବପତ୍ର ଓ ସୁବିଧା ସୁଯୋଗ ଏବଂ ସମତା ଫଳାଫଳ । ଦ୍ୱିତୀୟ ପ୍ରକାର ଶାସନ ପ୍ରକ୍ରିୟା ମଧ୍ୟରେ ଉପସ୍ଥାନ, ଶିକ୍ଷକଙ୍କର ଯଥେଷ୍ଟ ସଂଖ୍ୟା, ପ୍ରଶାସନିକ ସୁବିଧା, ପ୍ରଶିକ୍ଷଣ, ଜବାବଦେହୀ (Accountability) ଏବଂ ସ୍ୱଚ୍ଛତା ଆଦି ସାମିଲ କରାଯାଇଛି ।

(୩) ପି.ଜି.ଆଇ ଅଧିନସ୍ଥ ସମୁଦାୟ ପ୍ରାପ୍ତଙ୍କ ୧୦୦୦ । ପ୍ରତ୍ୟେକ ସୂଚକକୁ ୨୦ ବା ୧୦ ଅଙ୍କ ଦିଆଯାଇଛି ।

Module 7

### ସଗୁନ୍ ପୋର୍ଟାଲ :

୧୮ ଜାନୁଆରୀ ୨୦୧୭ ରେ ମାନନୀୟ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ସଗୁନ ପୋର୍ଟାଲ (www.seshagun.nic.in)ର ଶୁଭାରମ୍ଭ କରାଯାଇଥିଲା। ଏହାର ଦୁଇଟି ପ୍ରଦର୍ଶିକା ଅଛି (୧) ଅଭିନବ ଭଣ୍ଡାର ଏବଂ (୨) ଅନଲାଇନ୍ ନିରୀକ୍ଷଣ।

### ଡିଜିଟାଲ ଭଣ୍ଡାର:

ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଦ୍ୱାରା ବିଭିନ୍ନ ପରିସ୍ଥିତି କିଛି କାର୍ଯ୍ୟକାରୀ କରାଯାଇଥିବା ଅଭିନବ ମଡ଼େଲର ପ୍ରଦର୍ଶନ କରି ବିଦ୍ୟାଳୟ ଶିକ୍ଷାରେ ବର୍ଣ୍ଣନାତ୍ମକ ପରିବର୍ତ୍ତନ ନିମନ୍ତେ ଡିଜିଟାଲ୍ ଭଣ୍ଡାର ପ୍ରସ୍ତୁତ କରାଯାଇଛି। ଏଥିରେ ଏହି ସଫଳ ଚେଷ୍ଟାକୁ ବାରମ୍ବାର କରି ଅଧିକ ମାତ୍ରାରେ ନେବାର ସକ୍ଷମତା ଆସିଥାଏ।




ଭଲ ଅଭ୍ୟାସର ଏହି ଭଣ୍ଡାର ସକାରାତ୍ମକ କାହାଣୀ ଏବଂ ବିକାଶ ଆଧାରିତ କାହାଣୀ ଉପରେ ପର୍ଯ୍ୟବେସିତ ଯାହା ବିଦ୍ୟାଳୟ ଶିକ୍ଷାକୁ ପ୍ରଦର୍ଶନରେ ସୁଧାର ଆଣୁଛି। ଏହି ନୂଆ ଅଭ୍ୟାସଗୁଡ଼ିକୁ ଘଟଣା ଅଧ୍ୟୟନ, ଭିଡିଓ, ପ୍ରଶଂସା ପତ୍ର ଏବଂ ଫଟୋଚିତ୍ର ରୂପରେ ପ୍ରତିଫଳିତ କରାଯାଇଛି।

ଡିଜିଟାଲ ମଞ୍ଚ ଜନସାଧାରଣ, ସଞ୍ଚାର ମିଡ଼ିଆ, ପରିଚାଳକ ଏବଂ ବିଶିଷ୍ଟ ଶିକ୍ଷାବିତ୍ ମାନଙ୍କ ପାଇଁ ଅଟେ, ଯାହାକୁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଆସୁଥିବା ଅଭିନବ ବିଚାର ଏବଂ ସଫଳତାର କାହାଣୀଗୁଡ଼ିକୁ ପ୍ରମାଣସ୍ୱରୂପ ରଖାଯାଇପାରିବ। ରାଜ୍ୟ ସରକାର, ବେସରକାରୀ ବିଦ୍ୟାଳୟ, ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କ ପାଇଁ ଫଳପ୍ରଦ ଏହି ଅଭିନବ ଚିନ୍ତାଧାରାକୁ ଏହି ଭଣ୍ଡାରରେ ଲିଖିତ ଆକାରରେ ଗଚ୍ଛିତ କରାଯାଇଛି। ଏହା ମାଧ୍ୟମରେ ପ୍ରସାରିତ କରାଯାଉଛି। ଶଗୁନ୍ ଭଣ୍ଡାରରେ ଉତ୍ତମ କାର୍ଯ୍ୟ ଉପରେ ୨୯୬ଟି ଭିଡିଓ, ୨୬୯ଟି ଘଟଣା ଅଧ୍ୟୟନ ୧୫୧ଟି ପ୍ରଶଂସା ପତ୍ର ଓ ୪୫୮୬ଟି ଫଟୋ ଅଛି।

Module 7

୨୦୧୮-୧୯ ମସିହାରେ ବିଭାଗ ନିଜର ସମସ୍ତ ଯୋଜନାଗୁଡ଼ିକୁ ଏବଂ ବିଭିନ୍ନ ସ୍ୱୟଂଶାସିତ ଅନୁଷ୍ଠାନ ଯେପରି କି NCERT, NIEPA, CBSE, NCTRE, NIOS, KVS, NVS ଏବଂ ଜାତୀୟ ଶିଶୁ ଭବନ NBB ର କାର୍ଯ୍ୟକ୍ରମକୁ ମିଶାଇ ଏହି ଭଣ୍ଡାରକୁ ବିସ୍ତାର କରିବାର ନିର୍ଣ୍ଣୟ ନେଇଥିଲା।

**ତଦାରଖ :**

ଶଗୁନର ଅନଲାଇନ୍ ତଦାରଖ ପ୍ରଦର୍ଶିକା ରାଜ୍ୟ ସ୍ତରୀୟ ପ୍ରଦର୍ଶନ ଏବଂ ପ୍ରଗତିକୁ ପ୍ରମୁଖ ଶୈକ୍ଷିକ ସଙ୍କେତ ସହ ତୁଳନା କରିକି ମାପିଲେ DSEL ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷା ବିଭାଗକୁ ବାସ୍ତବିକ ସମସାମୟିକ ଆକଳନ କରିବାକୁ ସକ୍ଷମ ହୋଇଥାଏ। ଏହାର ମୁଖ୍ୟ କାର୍ଯ୍ୟ ହେଲା ପାଣ୍ଠି / ନିଧି ଉପଯୋଗ ତଦାରଖ, ମୁଖ୍ୟ ଶୈକ୍ଷିକ ସୂଚକର ପ୍ରଦର୍ଶ ମୂଲ୍ୟାଙ୍କନ, ଅନ୍‌ଲାଇନ୍ ଯୋଜନା ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ, ଭୌତିକ ଲକ୍ଷ୍ୟ ଏବଂ ଫଳାଫଳର ତଦାରଖ।

ଏହି ପୋର୍ଟାଲରେ ତଥ୍ୟ ବିଶ୍ଳେଷଣାତ୍ମକ ପ୍ରଦାନ କରାଯାଇଥାଏ ଏବଂ ଗ୍ରାଫିକ୍‌ସ ପ୍ରସ୍ତୁତ କରାଯାଇଥାଏ ଯାହାକି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଗତିକୁ ମୁଖ୍ୟତଃ ଚିହ୍ନଟ କରିବାର ସୂଚକ / ମାନକ ଯେପରି କି ବିଦ୍ୟାଳୟ ବାହାରେ ଥିବା (ନାମ ନ ଲେଖାଇଥିବା) ଶିଶୁମାନଙ୍କର ଠିକ୍ ସଂଖ୍ୟା, ସରକାରୀ ବିଦ୍ୟାଳୟ ସହିତ ବେସରକାରୀ ବିଦ୍ୟାଳୟରେ ନାମ ଲେଖାରେ ବୃଦ୍ଧି ବା ହ୍ରାସ, ଶିକ୍ଷଣ ଫଳାଫଳରେ ଅଭିବୃଦ୍ଧି କରିବାରେ ଖର୍ଚ୍ଚ ଏବଂ ଶିକ୍ଷକମାନଙ୍କର ଦରମା ଇତ୍ୟାଦିର ତୁଳନା ଆଦିକୁ ଦର୍ଶାଇ ଥାଏ।

**ଶଗୁନୋତ୍ସବ:**

ଏହା ଗୋଟିଏ ବଡ଼ ପଦକ୍ଷେପର ଅର୍ନ୍ତଗତ, ଅଗଷ୍ଟ - ସେପ୍ଟେମ୍ବର ୨୦୧୯ ମଧ୍ୟରେ ଦେଶ ସାରା ସବୁ ସରକାରୀ ବିଦ୍ୟାଳୟର ପରିଦର୍ଶନ କରାଯିବାର ପ୍ରସ୍ତାବ ରହିଛି। ଏହା ଏକ ଜନଗଣନା ଭିତ୍ତିକ ସମୀକ୍ଷା ଯାହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳର ୧୧.୮୫ ଲକ୍ଷ ସରକାରୀ ଏବଂ ସରକାରୀ ସାହାଯ୍ୟ ପ୍ରାପ୍ତ ତଥା ୭ ଲକ୍ଷ କେବଳ ପ୍ରାଥମିକ ବିଦ୍ୟାଳୟରେ ସେପ୍ଟେମ୍ବର ୨୦୧୯ରେ କରାଯିବାର ଅଛି। ବିଦ୍ୟାଳୟ ସ୍ତରରେ ଗୁଣାତ୍ମକତା ଓ ଭିତ୍ତିଭୂମିର

ମାନନିର୍ଦ୍ଧାରଣ କରିବା ପାଇଁ ବିଭିନ୍ନ ବିଦ୍ୟାଳୟ ଆଧାରିତ ମାନଦଣ୍ଡ ଉପରେ ତଥ୍ୟ ବିଭିନ୍ନ ଉପକରଣ ଯଥା UDISE ଶଗୁନ୍, ପ୍ରଦର୍ଶିତ ତଦାରଖ ସୂଚକ ଏକ ପ୍ରଦର୍ଶିତ ଗ୍ରେଡିଙ୍ଗ ସୂଚକଙ୍କ ଇତ୍ୟାଦି ମାଧ୍ୟମରେ ଏକତ୍ର କରାଯାଇଥାଏ। ଯଦିଓ ବାସ୍ତବରେ ବିଦ୍ୟାଳୟ ପରିଦର୍ଶନ ସମୟରେ ଏହାର ପୁଷ୍ଟି କରାଯାଇନାହିଁ। ଆକାଂକ୍ଷୀ ଜିଲ୍ଲାଗୁଡ଼ିକର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀଙ୍କଠାରୁ ପ୍ରାପ୍ତ ପ୍ରତିକ୍ରିୟାରୁ ଜଣାପଡ଼ିଛି କି କେତେକ ବିଦ୍ୟାଳୟରେ ପରିଦର୍ଶନ ବିଲକୁଲ୍ କରାଯାଏ ନାହିଁ ବା କେବେକେବେ ଥରେ ମାତ୍ର ସେଠାରେ ପରିଦର୍ଶନ ହୋଇଥାଏ। ଏଣୁ ପ୍ରତ୍ୟେକ ବିଦ୍ୟାଳୟରେ ଭିତ୍ତିଭୂମି, ସୁବିଧା ସୁଯୋଗ, ଶିକ୍ଷକ, ଶିକ୍ଷାର୍ଥୀ, ବିଦ୍ୟାଳୟ ପରିଚାଳକ ଏବଂ ଗୋଷ୍ଠୀ ସଂପୃକ୍ତିର ପର୍ଯ୍ୟାପ୍ତତା ଜାଣିବା ପାଇଁ ବିଦ୍ୟାଳୟ ପରିଚାଳକ ଏବଂ ଗୋଷ୍ଠୀ ସଂପୃକ୍ତିର ପର୍ଯ୍ୟାପ୍ତତା କରିବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରାଯାଇଛି।

ବିଦ୍ୟାଳୟର ସମୀକ୍ଷା ପାଇଁ ମାନକ / ମାନଦଣ୍ଡ, UDISE+,PGI ଏବଂ ଶଗୁନ୍ ମାଧ୍ୟମରେ ନିରୀକ୍ଷଣ / ତଦରଖ କରାଯାଇଥିବା ସୂଚକ ଆଧାରିତ ହେବ। ଶିକ୍ଷଣ ଫଳାଫଳର ମାନନିର୍ଦ୍ଧାରଣ ଏହି ଆକଳନର ଅଂଶ ହେବ ନାହିଁ। କାରଣ ଏହା ପରବର୍ତ୍ତୀ ସମୟରେ ହେବାକୁ ଥିବା NAS ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ମାଧ୍ୟମରେ ପ୍ରାପ୍ତ କରାଯିବ। ପ୍ରାପ୍ତ ହୋଇଥିବା ପ୍ରତିପୁଷ୍ଟିରୁ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରିବା ଓ ଉଚିତ୍ ନୀତିଯୁକ୍ତ ପଦକ୍ଷେପ ପ୍ରସ୍ତୁତରେ ସାହାଯ୍ୟ ମିଳିବ। କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶାବଳୀ ୨୫ ଏପ୍ରିଲରେ ଜାରି କରାଯିବ।

### ଉତ୍ତମ ପ୍ରଦର୍ଶନର ଚିହ୍ନଟ –

### ଶିକ୍ଷକଙ୍କୁ ଜାତୀୟ ପୁରସ୍କାର–

ଏହି ପୁରସ୍କାର ୧୯୫୮ ମସିହାରେ ସ୍ଥାପିତ କରାଯାଇଥିଲା। ୧୯୬୦ ଦଶକର ମଧ୍ୟ ଭାଗରୁ ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣଙ୍କର ଜନ୍ମଦିନ ଉପଲକ୍ଷେ ସେପ୍ଟେମ୍ବର- ୫ ତାରିଖକୁ ଏହି ସମାରୋହ ନିମନ୍ତେ ନିଶ୍ଚିତ କରାଯାଇଥିଲା। ସମୟ

Module
7

ଅନୁସାରେ ପୁରସ୍କାର ସଂଖ୍ୟା ବଢ଼ି ୩୭୮ରେ ପହଞ୍ଚିଥିଲା କିନ୍ତୁ ଅନୁଭବ ହେଲା ଯେ, ଏହି ପୁରସ୍କାର ତାର ଗରିମା ହରାଇବାରେ ଲାଗିଛି।

୨୦୧୮ ମସିହାରେ ଏହି ଯୋଜନାର ନିର୍ଦ୍ଦେଶିକା ରେ ପ୍ରମୁଖ ଜାତୀୟ ପୁରସ୍କାରରେ କରାଯାଇଥିବା ପରିବର୍ତ୍ତନ ଅନୁସାରେ କିଛି ସଂଶୋଧନ କରାଯାଇଛି। ନୂଆ ଯୋଜନାଟି ନିରପେକ୍ଷ, ସ୍ୱଚ୍ଛ ଅଟେ ଏବଂ ଉତ୍କୃଷ୍ଟତା ଏବଂ ପ୍ରଦର୍ଶନ ଆଧାରରେ ପୁରସ୍କାର ଦିଆଯାଏ।

**ନୂତନ ଯୋଜନାର ବୈଶିଷ୍ଟ୍ୟ:**

୧.www.mhrd.gov.in ରେ ଶିକ୍ଷକ ମାନଙ୍କଠାରୁ ଅନ୍‌ଲାଇନ୍ ସ୍ୱ-ନାମାଙ୍କନ ଆମନ୍ତ୍ରିତ କରାଯିବ। ଭାରତର ପ୍ରଶାସନିକ କର୍ମଚାରୀ ମହାବିଦ୍ୟାଳୟ ଦ୍ୱାରା ୱେବ ପୋଟାଲ ପ୍ରସ୍ତୁତ କରାଯାଇଥିଲା ଏବଂ ଏଥିରେ କୌଣସି ଗଡ଼ବଡ଼ ଓ ଅଭିଯୋଗ ରହି ନଥିଲା ଓ ଏହା ସୂଚାରୁ ରୂପେ ଚାଲିଥିଲା।

୨.ସାରାଦେଶରୁ ପାଖାପାଖି ୬,୦୦୦ ଶିକ୍ଷକଙ୍କ ଠାରୁ ଦରଖାସ୍ତ ଆବେଦନ ହୋଇଥିଲା ଯାହା ପ୍ରମାଣ କରୁଛି କି ଏହି ପଦକ୍ଷେପଟି ସଫଳ ହୋଇଥିଲା।

୩. ସମସ୍ତେ ନିୟମିତ ଶିକ୍ଷକ ଥିଲେ ଏବଂ ଚାକିରୀର କୌଣସି ନ୍ୟୁନତମ ସମୟସୀମା ଧାର୍ଯ୍ୟ କରାଯାଇ ନଥିଲା। ଏହାଦ୍ୱାରା ମେଧାବୀ ଯୁବ ଶିକ୍ଷକମାନେ ଆବେଦନ କରିବାରେ ସକ୍ଷମ ହୋଇଥିଲେ।

୪. ପୁରସ୍କାର ସଂଖ୍ୟାକୁ ୪୫ କରି ଦିଆଗଲା ଯାହାଦ୍ୱାରାକି ଏହାର ଗରିମା ପୁର୍ନବାର ପ୍ରତିଷ୍ଠିତ ହେବ।

୫. ଶେଷ ପର୍ଯ୍ୟାୟରେ କୌଣସି ରାଜ୍ୟ, କେନ୍ଦ୍ର ଶାସିତ ଅଂଚଳ ବା ସଂଗଠନର ଆରକ୍ଷଣ ନଥିଲା। ଏହା ଦ୍ୱାରା ତାଙ୍କୁ ପୁରସ୍କାର ନିମିତ୍ତ ପ୍ରତିସ୍ପର୍ଦ୍ଧା କରିବା ପାଇଁ ପ୍ରୋତ୍ସାହିତ ଦେଇଥିଲା।

୬. ରାଷ୍ଟ୍ରୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ୱାଧୀନ ବିଚାରକ ମଣ୍ଡଳୀ ଶେଷ ଚୟନ କରିଥିଲେ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଏବଂ ସଂଗଠନ ଦ୍ୱାରା ପଠାଯାଇ ଥିବା ୧୫୨ ଜଣଙ୍କ ସୂଚୀକୁ ବିଚାରକମାନେ ସମୀକ୍ଷା କରିଥିଲେ। ପ୍ରତ୍ୟେକ ନାମାଙ୍କିତ ବ୍ୟକ୍ତି

ବିଚାରକ ମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଯାହା ଆଧାରରେ ଶେଷ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ଶିକ୍ଷକ ପୁରସ୍କାର ପାଇଁ ୪୫ ଜଣଙ୍କରା ନାମକୁ ସୁପାରିଶ କରାଯାଇଥିଲା।

ମାନନୀୟ ପ୍ରଧାନମନ୍ତ୍ରୀ ୪ ସେପ୍ଟେମ୍ବର ୨୦୧୮ ମସିହାରେ ନିଜର ବାସ ଭବନରେ ପୁରସ୍କାର ବିଜେତା ମାନଙ୍କ ସହିତ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କୁ ସମ୍ମାନିତ କରିଥିଲେ। ମାନନୀୟ ପ୍ରଧାନମନ୍ତ୍ରୀ ମହୋଦୟ ସେହି କଥାବାର୍ତ୍ତା ବିଷୟରେ ଟ୍ୱିଟ ମଧ୍ୟ କରିଥିଲେ।




ଯେଉଁଠି ଝାରଖଣ୍ଡର ଶ୍ରୀ ଅରବିନ୍ଦ ଜଜବାରେ ଏବଂ ମହାରାଷ୍ଟ୍ରର ଶ୍ରୀ ବିକ୍ରମ ଅଡସୁଲ ଆଦି ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଦ୍ୟାଳୟ ଛାଡୁଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା କମ୍ କରିବା ପାଇଁ ଆନନ୍ଦ ଦାୟକ ଶିକ୍ଷାଦାନ ପ୍ରଣାଳୀକୁ ଶ୍ରେଣୀରେ ପ୍ରୟୋଗ କରିଥିଲେ, ସେହି ସମୟରେ ଗୁଜରାଟର ଶ୍ରୀ ରାକେଶ ପଟେଲ ଏବଂ ରାଜସ୍ଥାନର ଶ୍ରୀ ଇମ୍ରାନ୍ ଖାନ୍ ପ୍ରଯୁକ୍ତି ବିଦ୍ୟା ଏବଂ ଶିକ୍ଷାର୍ଥୀ କେନ୍ଦ୍ରିକ ଶିକ୍ଷଣ କାର୍ଯ୍ୟଭିତ୍ତିକ, ଶିକ୍ଷାଦ୍ୱାରା ନିଜ ବିଦ୍ୟାଳୟକୁ ଶିକ୍ଷଣ ବାସଗୃହରେ ପରିବର୍ତ୍ତନ କରିପାରିଥିଲେ ଏବଂ କର୍ଣ୍ଣାଟକର ଶିକ୍ଷକ ସୁଶ୍ରୀ ଶୈଳା ଆର.ଏନ୍. ଶିକ୍ଷାର୍ଥୀମାନଙ୍କର ଲାଭ ନିମନ୍ତେ ଆସବାପତ୍ରରେ, ଭୌତିକ ପରିବେଶର ଢ଼ାଞ୍ଚାରେ ସୁଧାର ଆଣିବାରେ ଗୋଷ୍ଠୀର ସହାୟତା ଏକଜୁଟ କରିଥିଲେ, ଯେତେବେଳେ କି ସିକିମର ସୁଶ୍ରୀ କର୍ମା ଚୋମୁ ଭୂଟିଆ ଶିକ୍ଷାର୍ଥୀଙ୍କର ନାମଲେଖା ବଢ଼ାଇବା ପାଇଁ ବହୁତ ପରିଶ୍ରମ କରିଥିଲେ।

Module
7

ଭାରତର ମାନନୀୟ ଉପରାଷ୍ଟ୍ରପତି ୫ ସେପ୍ଟେମ୍ବର , ୨୦୧୮ରେ ବିଜ୍ଞାନ ଭବନରେ ପୁରସ୍କାର ପ୍ରଦାନ କରିଥିଲେ । ସମାରୋହ ସମୟରେ ପ୍ରତ୍ୟେକ ପୁରସ୍କାର ବିଜେତାର ଉପଲବ୍ଧିଗୁଡ଼ିକ ଉପରେ ଆଧାରିତ ଫିଲ୍ମ ମଧ୍ୟ ପ୍ରସ୍ତୁତ କରାଯାଇଥିଲା ।



## ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ମାଧ୍ୟମରେ ସର୍ବଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟର ପୁରସ୍କାର ପ୍ରଦାନ

ବିଦ୍ୟାଳୟ ଗଣଶିକ୍ଷା ଏବଂ ସାକ୍ଷରତା ବିଭାଗ ୨୦୧୬-୧୭ ମସିହାରେ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାରକୁ (ଏସ୍.ଭି.ପି) ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱଚ୍ଛ ବିଦ୍ୟାଳୟର ପରବର୍ତ୍ତୀ ପଦକ୍ଷେପ ଭାବରେ ସ୍ଥାପନ କରିଥିଲା । ଏହି ପୁରସ୍କାର ବିଦ୍ୟାଳୟରେ ସ୍ୱଚ୍ଛତା ପ୍ରତି ଦୀର୍ଘକାଳୀନ ସ୍ଥିରତା ଏବଂ ବ୍ୟବହାର ପରିବର୍ତ୍ତନକୁ ସୁନିଶ୍ଚିତ କରିବା ପାଇଁ ଅଟେ । ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ବିଦ୍ୟାଳୟରେ ପାଣି, ସ୍ୱଚ୍ଛତା ଏବଂ ସଫେଇ ଆଦି କ୍ଷେତ୍ରରେ ଅଭ୍ୟାସର ଉତ୍କୃଷ୍ଟତା-କୁ ଚିହ୍ନଟ କରିବା, ଉତ୍ସାହିତ କରିବା ଓ ଖୁସି ହେବାର ଏକ ପଦକ୍ଷେପ ଅଟେ । ବିଦ୍ୟାଳୟ ସ୍ୱ ଇଚ୍ଛାରେ ପୁରସ୍କାର ପାଇଁ ଗୋଟିଏ ୱେବ ସାଇଟ୍ ଏବଂ ମୋଇବାଇଲ ଆପ୍ ମାଧମରେ ଅନଲାଇନ୍ ଆବେଦନ କରିଥିଲା । ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ୨୦୧୭-୧୮ ପାଇଁ ସରକାରୀ ଏବଂ ସହାୟତା ପ୍ରାପ୍ତ ବିଦ୍ୟାଳୟ ବ୍ୟତୀତ ବେସରକାରୀ ବିଦ୍ୟାଳୟ ପାଇଁ ମଧ୍ୟ ମୁକ୍ତଥିଲା ।

Module 7

## ସ୍ୱଚ୍ଛବିଦ୍ୟାଳୟ ପୁରସ୍କାର - ୨୦୧୭-୧୮

ଏସ୍.ଭି.ପି. ୨୦୧୭- ୧୮ ମସିହାରେ ବିଦ୍ୟାଳୟ ତରଫରୁ ବହୁ ମାତ୍ରାରେ ପ୍ରତିକ୍ରିୟା ମିଳିଥିଲା। ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ୨୦୧୭-୧୮ ପାଇଁ ୬,୧୫, ୧୫୨ ଟି ବିଦ୍ୟାଳୟ ଅନଲାଇନ୍ ପଞ୍ଜିକରଣ କରିଥିଲେ, ଯାହାକି ପୂର୍ବ ବର୍ଷ ଭାଗ ନେଇଥିବା ବିଦ୍ୟାଳୟ ସଂଖ୍ୟା ତୁଳନାରେ ଦୁଇଗୁଣ ଠାରୁ ଅଧିକ ଥିଲା। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ରାଷ୍ଟ୍ରୀୟ ସ୍ତରର ପୁରସ୍କାର ଉପରେ ବିଚାର ପାଇଁ ୭୨୭ ଗୋଟି ବିଦ୍ୟାଳୟକୁ ବଛା ଯାଇଥିଲା। ସତ୍ୟାସତ୍ୟ ଓ ପୁରାପୁରୀ ଅନୁସନ୍ଧାନ ପରେ ଉପର ୫୨ ଟି ବିଦ୍ୟାଳୟକୁ ଏସ.ଭି.ପି. ୨୦୧୭-୧୮ ବର୍ଷ ପାଇଁ ଜାତୀୟ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ୧୮- ୦୯-୨୦୧୮ ଦିନ ଆୟୋଜିତ ସମାରୋହ ସମୟରେ ଉପର ୪ ଟି ରାଜ୍ୟ ଅର୍ଥାତ ପଣ୍ଡିଚେରୀ, ତାମିଲନାଡୁ, ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଏବଂ ସର୍ବଶ୍ରେଷ୍ଠ ୯ଟି ଜିଲ୍ଲା ଅର୍ଥାତ ପୁଡୁଚେରୀ, ଶ୍ରୀକାକୁଲମ୍, ଚଣ୍ଡିଗଡ, ହିସାର, କରାଇକଲ, ଲାତୁର୍, ନେଲୋର, ଦକ୍ଷିଣ ଗୋଆ ଏବଂ ବଡ଼ୋଦରକୁ ମାନ୍ୟତାର ପ୍ରମାଣ ପତ୍ର ଦିଆଯାଇଥିଲା।

## ପୁରସ୍କାର ନିମନ୍ତେ ଚୟନ ପଦ୍ଧତି

ପୁରସ୍କାର ପାଇଁ ବିଦ୍ୟାଳୟର ଚୟନ ସେମାନଙ୍କ ଦ୍ୱାରା ୫ ଉପ ଶ୍ରେଣୀରେ ପ୍ରାପ୍ତ ଅଙ୍କ ଆଧାରରେ କରାଯାଇଥିଲା। ଯାହାର ନାମ ହେଲା (୧) ଜଳ, (୨) ଶୌଚାଳୟ (୩) ସାବୁନ୍‌ରେ ହାତ ଧୋଇବା (୪) କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ (୫) ବ୍ୟବହାର ପରିବର୍ତ୍ତନ ଏବଂ ଦକ୍ଷତା ନିର୍ମାଣ। ରାଷ୍ଟ୍ରୀୟ ପୁରସ୍କାର ପାଇଁ ବଛା ଯାଇଥିବା ସର୍ବଶ୍ରେଷ୍ଠ ବିଦ୍ୟାଳୟକୁ ପ୍ରମାଣ ପତ୍ର ସହିତ ବିଦ୍ୟାଳୟ ସ୍ୱଚ୍ଛତା ଏବଂ ସ୍ୱଚ୍ଛତାର ସ୍ଥିତିକୁ ବଜାୟ ରଖିବା ଏବଂ ସୁଧାରିବା ପାଇଁ ଅତିରିକ୍ତ ବିଦ୍ୟାଳୟ ଅନୁଦାନ ରୂପରେ ୫୦,୦୦୦ ଟଙ୍କାର ନଗଦ ପୁରସ୍କାର ଦିଆଯାଇଥିଲା। ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାରରେ ଭାଗ ନେଇଥିବା ସର୍ବଶ୍ରେଷ୍ଠ ରାଜ୍ୟ ଏବଂ ଶ୍ରେଷ୍ଠ ଜିଲ୍ଲାଗୁଡ଼ିକୁ ମାନ୍ୟତା ସମ୍ମାନ ମିଳିଥିଲା।

Module 7

## ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଉତ୍କୃଷ୍ଟ ପ୍ରୟୋଗ / ଅଭ୍ୟାସ

**'Nali Kali,' ନଲି କଲି, କର୍ଣ୍ଣାଟକ :**

ଅନେକ ଗୁଡ଼ିଏ ଶ୍ରେଣୀର ଶିକ୍ଷାର୍ଥୀ ମାନଙ୍କ ପାଇଁ ନଲି, କଲିର ଅର୍ଥ ହେଉଛି ସେମାନେ ଏକ ଆନନ୍ଦମୟ ଏବଂ ରୋମାଞ୍ଚକ ପରିବେଶରେ ପଢ଼ିବା, ଲେଖିବା ଏବଂ ନିଜର ସୃଜନଶୀଳତା ବିଷୟରେ ଜାଣିବା ଶିଖୁଥିଲେ। ୨୦୦୯-୧୦ ରେ ନଲି କଲିକୁ ପ୍ରଥମ ଏବଂ ୨ୟ ଶ୍ରେଣୀ ପାଇଁ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ କନ୍ନଡ ମାଧ୍ୟମ ବିଦ୍ୟାଳୟରେ ଆରମ୍ଭ କରାଯାଇ ଥିଲା। ଏଥିରେ ଶିକ୍ଷାର୍ଥୀ ଶିଖିବାର ସମ୍ପୂର୍ଣ୍ଣ ପ୍ରଣାଳୀରେ ସକ୍ରିୟ ରୂପରେ ଭାଗ ନେଇଥାନ୍ତି। ଶିକ୍ଷକଙ୍କ ବୋଝ ମଧ୍ୟ କମିଯାଇଥାଏ। ଶ୍ରେଣୀରେ ମିଳାମିଶା ଅଧିକମାତ୍ରାରେ ହୋଇଥାଏ ଏବଂ ପରୀକ୍ଷାର କୌଣସି ଚିନ୍ତା / ଡର ନଥାଏ ଏବଂ ଅନ୍ୱେଷଣର ପ୍ରଦର୍ଶନ ଏବଂ ଭବିଷ୍ୟତର ବିକାଶ ପାଇଁ ଜାଗା ମିଳିଯାଏ। ଶ୍ରେଣୀରେ ପଢ଼ାଇବା ପାଇଁ ନଲି କଲି ପଦ୍ଧତି ନା କେବଳ ଶିକ୍ଷକଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ, ଏହା ଶିକ୍ଷାର୍ଥୀଙ୍କ ପାଇଁ ଗୋଟିଏ ବନ୍ଧୁତାପୂର୍ଣ୍ଣ ଓ ଆନନ୍ଦଦାୟକ ପ୍ରକ୍ରିୟାରେ ଶିଖିବାର ଠିକ୍ ପରିବେଶ ମଧ୍ୟ ପ୍ରସ୍ତୁତ କରିଥାଏ। ଶିକ୍ଷଣ ଏକ ସହଯୋଗ ପ୍ରକ୍ରିୟାରେ ବୟସ ଏବଂ ଦକ୍ଷତା ଅନୁସାରେ ଗଠିତ ଦଳରେ ଆଦାନ ପ୍ରଦାନ ମାଧ୍ୟମରେ ହୋଇଥାଏ। ଯେତେବେଳେ, ଶିକ୍ଷାର୍ଥୀ ଗୋଟିଏ ଦକ୍ଷତାରେ ନିପୁଣତା ହାସଲ କରିଦିଏ ସେ ପରବର୍ତ୍ତୀ ଦକ୍ଷତା ଶିଖିବା ପାଇଁ ଅନ୍ୟ ଏକ ଗୋଷ୍ଠୀରେ ଯୋଗ ଦେଇଥାଏ। ବିଭିନ୍ନ ଗୀତ, ଖେଳ, ସର୍ବେକ୍ଷଣ, କାହାଣୀ, ଶୈକ୍ଷିକ ଖେଳଣାର ଉପଯୋଗ, ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ହୋଇଥାଏ। ଯେତେବେଳେ ଛାତ୍ରମାନଙ୍କୁ ଦଳରେ ରହି ଅନୌପଚାରିକ ଢ଼ଙ୍ଗରେ ଶିଖିବାର ସୁଯୋଗ ମିଳିଥାଏ, ସେତେବେଳେ ଏହି ଶିକ୍ଷଣ ଦୀର୍ଘ ସ୍ଥାୟୀ ହୋଇଥାଏ। ଶିକ୍ଷଣ ଚାପକୁ କମ୍ କରିବା ଏବଂ ଶିଖିବାର ନ୍ୟୁନତମ ସ୍ତରରେ ନିପୁଣତା ହାସିଲ କରିବା ହିଁ ଏହି ଧାରଣାର ମୁଖ୍ୟ ଲକ୍ଷ୍ୟ ଅଟେ।

Module 7

## ଗଣିତ କଳିକା ଆନ୍ଦୋଳନ କର୍ଣ୍ଣାଟକ :

ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରମାନଙ୍କ ମଧ୍ୟରେ ଗଣିତ ଶ୍ରେଣୀରେ ଶିକ୍ଷଣକୁ ସୁଗମ କରିବା ପାଇଁ ଓ ଗାଣିତିକ କୌଶଳର ଉନ୍ନତି ପାଇଁ ଗୋଟିଏ ଗଣିତ ଶିକ୍ଷଣ ଆନ୍ଦୋଳନ କାର୍ଯ୍ୟକ୍ରମ ଏବଂ ଗଣିତ କଳିକା ଆନ୍ଦୋଳନର ଆରମ୍ଭ କର୍ଣ୍ଣାଟକ ରାଜ୍ୟରେ କରାଯାଇଅଛି । ଗଣିତକୁ ବ୍ୟାପକ ରୂପରେ ଏକ ମୂଳଦୁଆ ବିଭାଗ ମନେକରାଯାଏ, ଯାହା ଉପରେ ଭବିଷ୍ୟତରେ ବିଦ୍ୟାଳୟରେ ବହୁତ କିଛି ଶିଖିବା ନିର୍ଭର କରିଥାଏ । ଏହା ଏକ ଆଦର୍ଶ ସମର୍ଥନ କାର୍ଯ୍ୟକ୍ରମ ଅଟେ, ଯାହାର ଉଦ୍ଦେଶ୍ୟ ଗାଣିତିକ ଧାରଣାଗୁଡ଼ିକୁ ନ ଘୋଷି ସେଗୁଡ଼ିକୁ ସମାଧାନ କରି ଶିଖିବା ଏବଂ ସାଙ୍ଗସାଥୀଙ୍କ ସହ ସାମୁହିକ ରୂପରେ ଶିକ୍ଷଣକାର୍ଯ୍ୟ ଆଧାରିତ ସୃଜନାତ୍ମକ ପନ୍ଥାର ଉପଯୋଗ କରି ଶିଖିବାକୁ ଗୁରୁତ୍ୱ ଦେବା ଉଚିତ୍ । ଏହା ଚିନ୍ତାକରିବାର ସ୍ୱଷ୍ଟତା ଏବଂ ଦୈନନ୍ଦିନ ଜୀବନରେ ଗଣିତର ସମସ୍ୟାକୁ ସମାଧାନ କରିବାର ଦକ୍ଷତାକୁ ପ୍ରୋତ୍ସାହିତ କରିଥାଏ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ଗଣିତ ଶିକ୍ଷଣ ସାମଗ୍ରୀର ଯୋଗାଣ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଏବଂ ସହାୟତା ପ୍ରଦାନ କରି କାର୍ଯ୍ୟକାରିତା କରାଯାଇଛି । ଏହି (ଟି.ଏଲ.ଏମ୍.ଏସ୍) କୁ କର୍ଣ୍ଣାଟକ ରାଜ୍ୟ ପାଠ୍ୟକ୍ରମରେ ନିର୍ଦ୍ଧାରିତ ଦକ୍ଷତାନୁଯାୟୀ ଶିଖିବାର ସୁବିଧା ନିମନ୍ତେ ପ୍ରସ୍ତୁତ କରାଯାଇଛି । ଶିକ୍ଷଣ ଫଳାଫଳକୁ ମାପିବା ପାଇଁ ଟାବ୍‌ଲେଟ୍‌ରେ ଆଣ୍ଡ୍ରୋଏଡ୍ ଆଧାରିତ ଆପ୍ଲିକେଶନର ଉପଯୋଗ କରିକି ଶିକ୍ଷାର୍ଥୀର ମାନ ନିର୍ଦ୍ଧାରଣ କରାଯାଉଛି । ଏହି ପ୍ରୟାସ ଗଣିତ ଶିକ୍ଷଣ ଫଳାଫଳର ଗୁଣାତ୍ମକତା ବଢ଼ାଇବାରେ ସାହାଯ୍ୟ କରିଥାଏ ।

## ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷଣ, ତାମିଲନାଡୁ:

(ABL) କୁ ନିଶ୍ଚିତ ରୂପରେ ଶ୍ରେଣୀରେ ସୁଧାର ଆଣିବା ଉପରେ ଧ୍ୟାନ ଦେବା ନିମନ୍ତେ ପ୍ରସ୍ତୁତ କରାଯାଇଛି, ଯାହା ଆଗ୍ରହ ଏବଂ ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ବ୍ୟକ୍ତିଗତ ଏବଂ ସ୍ୱଶିକ୍ଷଣରେ ସାହାଯ୍ୟ କରେ । ଏହା ଏନ୍.ଜି.ଓ ଋଷିଭାଲି ରୁରାଲ ଏଜୁକେଶନ ସେଣ୍ଟରର ଆଦର୍ଶ ଉପରେ ଆଧାରିତ ଅଟେ, ଯେଉଁଟି ଖୁସିରେ ଶିଖିବାର କାର୍ଯ୍ୟକ୍ରମ ଏବଂ ତାତ୍ତ୍ୱିକ ଶିକ୍ଷକ ପ୍ରଶିକ୍ଷଣ ସହିତ ନିଜର

Module 7

ପ୍ରୟୋଗ ପାଇଁ ପ୍ରସିଦ୍ଧ ଲାଭ କରିଛି। ଶ୍ରେଣୀର ଏ.ବି.ଏଲ ଶିକ୍ଷକଙ୍କ ଭୂମିକାରେ ଭୂମିକାରେ ଶିକ୍ଷାଦାନ ପ୍ରକ୍ରିୟାରେ ସହାୟକ ଭାବରେ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତନ ଆସିଯାଇଛି। ସେ ଶ୍ରେଣୀରେ ବ୍ୟାଖାନ କରୁନାହାଁନ୍ତି ବା କେବଳ ଗୋଟିଏ ପ୍ରଣାଳୀରେ ପୁରା ଶ୍ରେଣୀକୁ ଶିଖିବାର ନିର୍ଦ୍ଦେଶନା ଦେଉନାହାଁନ୍ତି। ଏ.ବି.ଏଲ ଶ୍ରେଣୀମାନଙ୍କରେ ଶିକ୍ଷାର୍ଥୀ ନିଜର ଶିଖିବାର ସ୍ତର ଅନୁଯାୟୀ ସାଙ୍ଗରେ ବସନ୍ତି, ଯଦିଓ ସେମାନଙ୍କରା ବୟସ ଅନୁସାରେ ତାହା ଉପଯୁକ୍ତ ହୋଇନଥାଏ।

ଏ.ବି.ଏଲ ଶ୍ରେଣୀରେ ବିଭିନ୍ନ ପ୍ରକାରର କାର୍ଡ୍ ଏବଂ ସାମଗ୍ରୀ ଥାଏ, ଯାହା ବିଭିନ୍ନ ସ୍ତରର ଦକ୍ଷତା ସଂପୂର୍ଣ୍ଣ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିଖିବାର ସଂରଚିତ ପ୍ରକ୍ରିୟାକୁ ସକ୍ଷମ କରିଥାଏ। ଦିନଟିଏ ପାଇଁ ନିଜର କାର୍ଯ୍ୟକ୍ରମ କାର୍ଡ଼କୁ ବାଛିବା ଠାରୁ ଆରମ୍ଭ କରି ନିଜର ଉପସ୍ଥିତିକୁ ଚିହ୍ନଟ କରିବା ଏବଂ ଶିକ୍ଷାର୍ଥୀ କମ୍ ବୟସରୁ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବା ମଧ୍ୟ ଶିଖିଥାନ୍ତି।

## ସପନୋ କି ଉଡ଼ାନ୍ କାର୍ଯ୍ୟକ୍ରମ : ମୋବାଇଲ ବିଦ୍ୟାଳୟ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଯୋଗାଇବାର ପଦକ୍ଷେପ (ଉତ୍ତରାଖଣ୍ଡ)

ଶିକ୍ଷା ଅଧିକାରର ପୂର୍ବାବଲୋକନ ଅନୁସାରେ ଗୁଣାତ୍ମକ ଶିକ୍ଷା ପ୍ରସାର କରିବା ପାଇଁ ମୋବାଇଲ ବିଦ୍ୟାଳୟ - ବହୁ ଉଦ୍ଦେଶ୍ୟ ବିଶିଷ୍ଟ ଯାନବାହାନର ଉପଯୋଗ ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତା ଏବଂ ପ୍ରେରଣା ଅଭିଯାନର ବିସ୍ତାର କରି ମୋବାଇଲ-ବିଦ୍ୟାଳୟ ସୁବିଧାମାନ ପ୍ରଦାନ କରିବା ପାଇଁ କରାଯାଇଥିଲା। ଏହି ଯାନବାହାନଗୁଡ଼ିକୁ ପରାମର୍ଶ ଏବଂ ସଚେତନତାର ଉଦ୍ଦେଶ୍ୟକୁ ପୁରା କରିବା ପାଇଁ ବିଭିନ୍ନ ଶିକ୍ଷଣ ଉପକରଣ, ମଲ୍‌ଟିମିଡିଆ ପ୍ରଣାଳୀ ଏବଂ ଯୋଗ୍ୟ ସାଧନ କର୍ମୀଙ୍କ ବ୍ୟକ୍ତି ସହଯୋଗରେ ପ୍ରଦାନ କରାଯାଉଛି। କେବେ ବିଦ୍ୟାଳୟ ଯାଇ ପାରୁନଥିବା ଶିଶୁମାନଙ୍କୁ ଚିହ୍ନଟ ଏବଂ ସେମାନଙ୍କୁ ମୁଖ୍ୟଧାରାରେ ଶିକ୍ଷା ସହିତ ସାମିଲ କରିବା, ଏହି ପଦକ୍ଷେପର ପ୍ରମୁଖ ଉଦ୍ଦେଶ୍ୟ ଅଟେ। ଏଥିପାଇଁ ଏହି ପ୍ରକାର ଶିଶୁଙ୍କୁ ଚିହ୍ନଟ ନିମନ୍ତେ ବିଶେଷ ଅଭିଯାନ କରାଯାଉଛି ଏବଂ ସେମାନଙ୍କ ପାଇଁ ବୟସ ଉପଯୋଗୀ ସ୍ୱତନ୍ତ୍ର ପ୍ରଶିକ୍ଷଣର ବ୍ୟବସ୍ଥା କରି ସେମାନଙ୍କୁ

Module 7

ପାଖପାଖି ବିଦ୍ୟାଳୟରେ ନାମ ଲେଖାଇବା ପ୍ରଚେଷ୍ଟା କରାଯାଇଛି। ଶିକ୍ଷାର୍ଥୀଙ୍କରା ଅସ୍ଥିର ଜନସଂଖ୍ୟାକୁ ବିଦ୍ୟାଳୟ ଆଡକୁ ଆକର୍ଷିତ କରିବା ଏବଂ ଏହା ସହ ସେମାନଙ୍କର ଅଭିଭାବକଙ୍କୁ ଅଭିପ୍ରେରିତ କରିବାରେ ସାହାଯ୍ୟ ମିଳେ।

## ବହୁଭାଷୀ ଶିକ୍ଷା ଓଡ଼ିଶା

ବହୁଭାଷୀ ଶିକ୍ଷା, ଉପଯୁକ୍ତ ବୌଦ୍ଧିକ ଏବଂ ତର୍କ କୌଶଳକୁ ବିକାଶିତ କରିବାର ଏକ ସଂଗଠିତ କାର୍ଯ୍ୟକ୍ରମ ଅଟେ, ଯାହା ଶିକ୍ଷାର୍ଥୀକୁ ନିଜର ମାତୃଭାଷା, ରାଜ୍ୟଭାଷା ଏବଂ ରାଷ୍ଟ୍ରୀୟ ଭାଷାଗୁଡ଼ିକ ମଧ୍ୟରେ ସମାନ ରୂପରେ କାର୍ଯ୍ୟକରିବା ପାଇଁ ସକ୍ଷମ କରିଥାଏ ଏବଂ ଏହାର ଆରମ୍ଭ ମାତୃଭାଷାଠାରୁ ଆରମ୍ଭ ହୋଇ, ୨ୟ ଭାଷା (ଓଡ଼ିଆ) ଏବଂ ତାପରେ ୩ୟ ଭାଷା (ଇଂରାଜୀ) ରେ ଅବସ୍ଥାନ୍ତର ସହିତ ସମାପ୍ତ ହୋଇଥାଏ। ଓଡ଼ିଶାରେ ଶିକ୍ଷାର୍ଥୀମାନଙ୍କୁ ଓଡ଼ିଆ ଭାଷା ଶିଖାଯାଇଥାଏ, ଯାହା ଅନେକ ଆଦିବାସୀ ଶିକ୍ଷାର୍ଥୀ ଯେଉଁମାନଙ୍କର ମାତୃଭାଷା ଓଡ଼ିଆ ନୁହେଁ, ସେମାନଙ୍କ ନିମନ୍ତେ ଆହ୍ୱାନମୂଳକ ହୋଇଥାଏ, ପାଠ୍ୟପୁସ୍ତକର ପ୍ରସଙ୍ଗଗୁଡ଼ିକର ମଧ୍ୟ ଆଦିବାସୀ ଶିକ୍ଷାର୍ଥୀ ପାଇଁ ଅପରିଚିତ ଅଟେ, ଯାହାଦ୍ୱାରା ସେମାନେ ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟକୁ ସଂପୂର୍ଣ୍ଣ ଭାବରେ ବୁଝିବାରେ ଅସମର୍ଥ ହୁଅନ୍ତି। ଯାହା ଫଳରେ ସେମାନଙ୍କର ବିଦ୍ୟାଳୟରେ ଅବଧାରଣା ଏବଂ ଶିକ୍ଷଣ ଫଳାଫଳ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ।

ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା ମାତୃଭାଷାରେ ଆରମ୍ଭ ହୁଏ ଏବଂ ଧୀରେଧୀରେ ଅତିରିକ୍ତ ଭାଷାରେ ସ୍ଥାନାନ୍ତରିତ ହୋଇଥାଏ। ପ୍ରାଥମିକ ଶ୍ରେଣୀରେ ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ଦ୍ୱାରା ଶିକ୍ଷାର୍ଥୀ ମଧ୍ୟରେ ଶିକ୍ଷାର ମୂଳଦୁଆ ମଜବୁତ ହୋଇଥାଏ କାରଣ ଶିକ୍ଷାର ମାଧ୍ୟମ ସେହି ଭାଷା ଯାହା ସହ ଶିକ୍ଷାର୍ଥୀର ଭଲ ଭାବରେ ପରିଚୟ ଥିବ ଏବଂ ସେହି ଜ୍ଞାନ ଏବଂ ଅନୁଭୂତି ଯାହା ସେ ଶ୍ରେଣୀକୁ ନେଇକି ଆସିଥାଏ ତାହାକୁ ସେ ପାଠ ସାଙ୍ଗରେ ଯୋଡ଼ିପାରିବ, ଯାହାଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଆତ୍ମ ସମ୍ମାନରେ ମଧ୍ୟ ବୃଦ୍ଧି ହୋଇଥାଏ। ଏମ.ଏଲ.ଇ କାର୍ଯ୍ୟକ୍ରମ

Module 7

୧୭ ଟି ଆଦିବାସୀ ଜିଲ୍ଲାରେ ୨୧ଟି ଆଦିବାସୀ ଭାଷାରେ ବିଭିନ୍ନ ବିଦ୍ୟାଳୟ ମାନଙ୍କର ଚାଲୁଛି।

## ପ୍ରଜ୍ଞା – ଗୁଜରାଟର ଏକ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ନମୁନା

ଭାବନଗରର ଦକ୍ଷିଣାମୂର୍ତ୍ତି ବିଦ୍ୟାଳୟରେ ସ୍ୱର୍ଗୀୟ ଶ୍ରୀ ଗିଜୁଭାଇ ବଦ୍ଧେକାଙ୍କ ଦ୍ୱାରା କରାଯାଇଥିବା କାମ ଯୋଗୁଁ ଶିକ୍ଷଣ କାର୍ଯ୍ୟ ଆଧାରିତ ଆନନ୍ଦମୟ ଶିକ୍ଷା, ଏକ ଅବଧାରଣା ରୂପରେ ରାଜ୍ୟରେ ବହୁତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ସାରିଛି। ଏପରିକି ପ୍ରାଥମିକ ଶ୍ରେଣୀର ପାଠ୍ୟ ପୁସ୍ତକକୁ ଏହି ଶିକ୍ଷାଶାସ୍ତ୍ର ସହିତ ପ୍ରସ୍ତୁତ କରାଯାଇଥିଲା। ଶଗୁନୋତ୍ସବ ୧ (ବର୍ଷ ୨୦୦୯)ରେ ୫ମ ଶ୍ରେଣୀ ପରେ ଅନେକ ଶିକ୍ଷାର୍ଥୀ ମଧ୍ୟରେ ପଢ଼ିବା, ଲେଖିବା ଓ ସଂଖ୍ୟାତ୍ମକ ଯୋଗ୍ୟତାର ମୂଳଦୁଆର ଅଭାବ ଥିବାର ଦେଖାଯାଇଥିଲା। ସମସ୍ୟାର ବିଶ୍ଳେଷଣ କରିବା ପରେ ଜଣାପଡ଼ିଲା ଯେ ରାଜ୍ୟଗୁଡ଼ିକୁ ଏପରି ଶିକ୍ଷା ଶାସ୍ତ୍ରର ଆବଶ୍ୟକତା ଅଛି ଯେଉଁଥିରେ ଶିଖିବାର ପ୍ରତିଶ୍ରୁତି ଦିଅଯୋଇପାରିବ। ରାଜ୍ୟସ୍ତରୀୟ ଶିକ୍ଷାଶାସ୍ତ୍ର କର୍ମଶାଳା ଆୟୋଜନ କରାଗଲା ଯେଉଁଠି ବିଭିନ୍ନ ପ୍ରକାର ଆଦର୍ଶ ଶିକ୍ଷାଶାସ୍ତ୍ର ଉପରେ ଆଲୋଚନା କରାଗଲା ଏବଂ ଏପରିକି ଏ.ବି.ଏଲ କାର୍ଯ୍ୟପ୍ରଣାଳୀ ଅଧିକ କାର୍ଯ୍ୟକ୍ଷମ କରାଯିବା ପାଇଁ ଋଷିଭାଲି ମଡେଲକୁ ଗ୍ରହଣ କରାଗଲା। ରାଜ୍ୟ ଏମ.ଜି.ଏମ.ଏଲ ପଦ୍ଧତିରେ ସଂଶୋଧନ କଲେ ଏବଂ ଏ.ବି.ଏଲ ପ୍ରଜ୍ଞା (ପ୍ରବୃତ୍ତି ଦ୍ୱାରା ଜ୍ଞାନ) ପଦ୍ଧତି ଆଗକୁ ଆସିଲା। ରାଜ୍ୟସ୍ତରୀୟ କୋର ଟିମ୍ ର ଗଠନ କରାଗଲା ଏବଂ ଏହି ଦଳକୁ ଅନ୍ୟ ରାଜ୍ୟରେ ଏମ.ଜି.ଏମ.ଏଲ  ପରି କାର୍ଯ୍ୟପ୍ରଣାଳୀକୁ ଗ୍ରହଣ କରିଥିବା  ବିଦ୍ୟାଳୟର କାର୍ଯ୍ୟପ୍ରଣାଳୀ ସହିତ ପରିଚିତ କରାଗଲା। ପୁନଶ୍ଚ ଏହି କୋରଟିମ୍ ୟୁନିସେଫ୍ର ସହଯୋଗରେ ଏ.ବି.ଏଲ ପ୍ରଜ୍ଞା ପଦ୍ଧତି ପାଇଁ ନୂଆ  ସମଗ୍ରୀ  ପ୍ରସ୍ତୁତ କରାଗଲା। ଏ.ବି.ଏଲ ପଜ୍ଞା ପଦ୍ଧତିରେ ପ୍ରତ୍ୟେକ ଅବଧାରଣା ଶିଖିବାର ଚକ୍ର (ଉପକ୍ରମ – ଅଭ୍ୟାସ – ମୂଲ୍ୟାଙ୍କନ) ସୁନିଶ୍ଚିତ କରାଗଲା।

Module 7

## ପଦକ୍ଷେପର ବିବରଣ:

- ବିଷୟବସ୍ତୁକୁ ଛୋଟଛୋଟ କାର୍ଯ୍ୟରେ ବିଭାଜିତ କରିବା ଏବଂ ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ବିଶିଷ୍ଟ କାର୍ଡ଼ ପ୍ରସ୍ତୁତ କରିବା ।
- ବିଷୟବସ୍ତୁଗୁଡ଼ିକ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଆୟୋଜିତ କରାଯାଇଛି । ଯାହା ମାଧ୍ୟମରେ ଶିକ୍ଷାର୍ଥୀ ସ୍ୱୟଂ ପ୍ରଗତି କରିବା ସହ ଗୋଟିଏ ପରେ ଗୋଟିଏ କାର୍ଯ୍ୟକୁ ପୁରା କରନ୍ତି ।
- ଶିକ୍ଷାର୍ଥୀମାନଙ୍କୁ ଚାରୋଟି ଅଲଗାଅଲଗା ଦଳରେ ବ୍ୟବସ୍ଥିତ କରାଯାଏ । ଶିକ୍ଷାର୍ଥୀ ସ୍ୱପ୍ରଗତି ଅନୁଯାୟୀ ଦଳ ବ୍ୟକ୍ତିଗତ ରୂପରେ ବଦଳାଇ ଥାଏ ।
- ତିନି ପ୍ରକାର ପାରସ୍ପରିକ କ୍ରିୟା (ଶିକ୍ଷକ – ଶିକ୍ଷାର୍ଥୀ, ଶିକ୍ଷାର୍ଥୀ – ଶିକ୍ଷାର୍ଥୀ, ଶିକ୍ଷାର୍ଥୀ–ସାମଗ୍ରୀ)କୁ ସୁନିଶ୍ଚିତ କରାଯାଇଥାଏ ।
- ପ୍ରତ୍ୟେକ ଶିକ୍ଷାର୍ଥୀଦ୍ୱାରା ସମସ୍ତ ଧାରଣା ପାଇଁ ଶିଖିବା ଚକ୍ରକୁ (ଧାରଣା, ଅଭ୍ୟାସ ଓ ମୂଲ୍ୟାୟନ ) ସଂପୂର୍ଣ୍ଣ କରିବା ପାଇଁ ମୂଳଦୂଆକୁ ବଜାୟ ରଖାଯାଇଥାଏ ।
- ନିରନ୍ତର ଓ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରଜ୍ଞାର ଗୋଟିଏ ଅର୍ନ୍ତନିହିତ ଅଂଶ ଅଟେ, କାରଣ ପ୍ରତ୍ୟେକ ଶିକ୍ଷାର୍ଥୀର ମାନନିର୍ଦ୍ଧାରଣ ସିଡ଼ିରେ ଚାଲିବା ସମୟରେ କରାଯାଇଥାଏ ।

## ପ୍ରଭାବ :

ଶିକ୍ଷାର୍ଥୀର ଶୈକ୍ଷିକ ଉପଲବ୍‌ଧିରେ ସୁଧାର ଆସିଛି । କରାଯାଇଥିବା ତିନୋଟି ମୁଖ୍ୟ ଅଧ୍ୟୟନରୁ ଜଣାପଡୁଛି କି ପ୍ରଜ୍ଞାବିଦ୍ୟାଳୟ ଶିକ୍ଷାର୍ଥୀମାନେ ପ୍ରଜ୍ଞାବିହିନ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କଠାରୁ ଭଲ ପ୍ରଦର୍ଶନ କରିଛନ୍ତି । ପ୍ରଥମ ଗବେଷଣା ପ୍ରଥମ ଦ୍ୱାରା ଆୟୋଜିତ କରାଯାଇଥିଲା । ଆଉ ଏକ ଗବେଷଣା ୟୁନିସେଫ୍ ଏବଂ ଶିକ୍ଷା ପଦକ୍ଷେପ’ ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ତୃତୀୟ ଗବେଷଣାଟି ଗୁଜରାଟ ସରକାରଙ୍କ ମୂଲ୍ୟାୟନ ବିଭାଗ ଦ୍ୱାରା କରାଯାଇଥିଲା । ଏହାର ଆଉ ଏକ ମୁଖ୍ୟ ଲାଭ ହେଉଛି କି ପ୍ରଜ୍ଞା ପ୍ରଥମ ଶ୍ରେଣୀ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ଅଟେ କାରଣ ସର୍ବଦା ପରିବର୍ଦ୍ଧନ କରାଯାଇଥିବା ଦଳ ରେଟେସନ୍ ପ୍ରଣାଳୀରେ ପ୍ରତ୍ୟେକ ଶିକ୍ଷାର୍ଥୀକୁ ସମସ୍ତ ଶିକ୍ଷାର୍ଥୀ ସହିତ କାମ କରିବାର ସୁଯୋଗ ଦେଇଥାଏ ।

Module 7

ମୁଖ୍ୟ ଲାଭ ରୂପରେ ଶିକ୍ଷଣ ଉପଲବ୍ଧି ବଢ଼ିବା ବ୍ୟତୀତ ନିମ୍ନଲିଖିତ ଲାଭ ମଧ୍ୟ ମିଳିଥାଏ-

- ବେସରକାରୀ ବିଦ୍ୟାଳୟ ଏହି ଶିକ୍ଷଣ ଦୃଷ୍ଟି କୋଣରୁ ଅଭିପ୍ରେରିତ ହେଉଛନ୍ତି ଏବଂ ଏହାକୁ ନିଜର ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାର ପ୍ରୟାସ କରୁଛନ୍ତି ।
- ପାରସ୍ପରିକ କ୍ରିୟା ଏବଂ ଅଭିନବ ଶିକ୍ଷଣ, କହିବା ଶୁଣିବା ଏବଂ ସୃଜନାତ୍ମକ ଚିନ୍ତାଧାରର ପ୍ରଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥାଏ । ଯେଉଁଠି ଭାଷାର ଉପଯୋଗରେ ଆତ୍ମବିଶ୍ୱାସ ଏବଂ ଅର୍ନଗଳତାର ବିକାଶ ହୋଇଥାଏ ।
- ଏହା ଶିକ୍ଷାର୍ଥୀଙ୍କୁ ବୋଝମୁକ୍ତ ଅନୁଭୂତ ଭିତ୍ତିକ ଶିକ୍ଷଣର ସୁଯୋଗ ଦେଇଥାଏ ।
- ଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଏବଂ କ୍ଷେତ୍ରୀୟ କାର୍ଯ୍ୟ (ଫିଲ୍ଡ ୱାର୍କ) ସହିତ ପରିଚିତ ହେବାର ସୁଯୋଗ ମିଳିଥାଏ ।
- ଶିକ୍ଷାର୍ଥୀଙ୍କୁ କିଛି ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର ପ୍ରଦର୍ଶନ କରିବା ପାଇଁ ପ୍ରଯ୍ୟାପ୍ତ ସୁଯୋଗ ମିଳିଥାଏ ।

ଏହି କାର୍ଯ୍ୟକ୍ରମ ୨୦୧୦ ମସିହାରେ ୨୫୬ ବିଦ୍ୟାଳୟରେ ଆରମ୍ଭ କରାଯାଇଥିଲା । ଧୀରେଧୀରେ ଏହି କାର୍ଯ୍ୟକ୍ରମ ୨୦୧୭-୧୮ ମସିହା ପର୍ଯ୍ୟନ୍ତ ପାଖାପାଖି ୨୨ ହଜାର ବିଦ୍ୟାଳୟରେ ମଧ୍ୟ ଆରମ୍ଭ ହୋଇଥିଲା । ପୁନର୍ବାର କିଛି ସଂଶୋଧନ ସହିତ ପ୍ରଜ୍ଞା ୨୦୧୮ - ୧୯ ରେ ସାରା ରାଜ୍ୟରେ ସମସ୍ତ ବିଦ୍ୟାଳୟରେ ଆରମ୍ଭ କରାଯାଇଥିଲା ।

**ମଧ୍ୟାହ୍ନ ଭୋଜନ: ନୂଆ ଉପାୟ**

ନାମଲେଖା, ଉପସ୍ଥାନ ଏବଂ ଅବଧାରଣକୁ ବଢ଼ାଇବା ଏବଂ ଶିକ୍ଷାର୍ଥୀର ପୋଷଣ ସ୍ଥିତିରେ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ୧୫ ଅଗଷ୍ଟ ୧୯୯୫ ରେ ଗୋଟିଏ କେନ୍ଦ୍ର ସରକାର ପ୍ରସ୍ତାବିତ ଯୋଜନା । "ପ୍ରାଥମିକ ଶିକ୍ଷାପାଇଁ ପୋଷଣ ସହାୟତାର ରାଷ୍ଟ୍ରୀୟ କାର୍ଯ୍ୟକ୍ରମ"ର ଶୁଭାରମ୍ଭ କରାଯାଇଥିଲା । ୨୦୦୮-୦୯ ମସିହାରେ ଉଚ୍ଚ ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନଙ୍କୁ ଏଥିରେ ସାମିଲ କରିବାର ଯୋଜନାର ବିସ୍ତାର ହେଲା ଏବଂ ଏହି ଯୋଜନାର ନାମ ବଦଳାଇ ବିଦ୍ୟାଳୟରେ ମଧ୍ୟାହ୍ନ

Module
7

ଭୋଜନ ଜାତୀୟ କାର୍ଯ୍ୟକ୍ରମ  କରିଦିଆଗଲା । ଯାହାକୁ ସାଧାରଣ ଭାବରେ ମଧ୍ୟାହ୍ନ ଭୋଜନ ନାମରେ ଜାଣନ୍ତି । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ଅନ୍ତର୍ଭୁକ୍ତ ସମସ୍ତ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟମାନଙ୍କରେ, ସ୍ୱତନ୍ତ୍ର ପ୍ରଶିକ୍ଷଣ  କେନ୍ଦ୍ର ଏବଂ ମାଦ୍ରାଶାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀ ପାଇଁ ଉଦ୍ଦିଷ୍ଟ ।

ମଧ୍ୟାହ୍ନ ଭୋଜନ ଯୋଜନାର ଗୋଟିଏ ଉଦ୍ଦେଶ୍ୟ ଶିକ୍ଷାର୍ଥୀର ପୋଷଣ ସ୍ଥିତିରେ ସୁଧାର ଆଣିବା ଏବଂ ଭାରତରେ ଅଧିକାଂଶ ଶିକ୍ଷାର୍ଥୀଙ୍କଠାରେ ଥିବା ଏହି ସମସ୍ୟାକୁ ସମାଧାନ କରିବା, ଯାହାର ନାମ ହେଉଛି ଭୋକ । ନିର୍ଦ୍ଦେଶିକାରେ ଉପଦେଶ ଦିଆଯାଇଛି କି ଶିଶୁକୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଯଥାକ୍ରମେ ୪୫୦ ଏବଂ ୭୦୦ କ୍ୟାଲୋରୀ ଖାଦ୍ୟ ପ୍ରାପ୍ତ ହେବା ଆବଶ୍ୟକ ।

୨୦୧୮-୧୯ ମସିହାରେ, ୧୧.୩୪ ଲକ୍ଷ ବିଦ୍ୟାଳୟ ଏବଂ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ୯.୧୭ କୋଟି ଶିକ୍ଷାର୍ଥୀ ଏହି ଯୋଜନାର ଅନ୍ତର୍ଭୁକ୍ତ ଅଟନ୍ତି ।

**ବିଦ୍ୟାଳୟ ପୋଷଣ ଉଦ୍ୟାନର ସ୍ଥାପନା:**

ବିଦ୍ୟାଳୟ ପୋଷଣ ଉଦ୍ୟାନ ଗୋଟିଏ ଏପରି ସ୍ଥାନ ଯେଉଁଠି ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ହେଉଥିବା ଫଳ, ପନିପରିବା, ଜଡିବୁଟି ଆଦି ବିଦ୍ୟାଳୟ ପରିସରରେ ଚାଷ ଫସଲ କରାଯାଏ । ଏହି ବିଦ୍ୟାଳୟ ପୋଷଣ ଉଦ୍ୟାନ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଉଛି କୁପୋଷଣ ଓ ସୁକ୍ଷ୍ମ ଖାଦ୍ୟର ଅଭାବକୁ ଦୂର କରିବାରେ ସାହାଯ୍ୟ କରିବା ଏବଂ ଶିକ୍ଷାର୍ଥୀମାନଙ୍କୁ  ପ୍ରାକୃତିକ ବାଡ଼ି ବଗିଚାରେ ସ୍ୱୟଂ କାର୍ଯ୍ୟ କରିବାର ଅନୁଭୂତି ଦେବା । ବିଦ୍ୟାଳୟ ପୋଷଣ ଉଦ୍ୟାନ ସ୍ଥାପିତ କରିବା ପାଇଁ ଚାଷ ଜମିର ଆବଶ୍ୟକତା ହୋଇନଥାଏ । ଏପରିକି ଛୋଟଛୋଟ କୁଣ୍ଡରେ ଗଛ ଲଗାଇବା ଏବଂ ଏଥିରେ ଛାତର ଉପଯୋଗ ମଧ୍ୟ କରାଯାଇପାରିବ । ଯେଉଁଠି ଭୂମି ନାହିଁ, ସେଠାରେ ଗଛଗୁଡ଼ିକୁ ଛୋଟ ବାକ୍ସ ଡବା, ଜାର୍, ମାଟି ପାତ୍ର, କାଠ ପେଟି, ସିରାମିକ୍ ପାତ୍ର, ଖାଦ୍ୟ ଡବା ଏବଂ ଅଟା ପ୍ୟାକେଟ୍ ଆଦିରେ ମଧ୍ୟ ଲଗାଯାଇପାରିବ ।

Module
7

ବିଦ୍ୟାଳୟ ପୋଷଣ ଉଦ୍ୟାନରେ ଫସଲ କରାଯାଇଥିବା ପନିପରିବା, ଫଳ ଆଦିକୁ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବହାର କରାଯାଇପାରିବ । ଯେଉଁଥିରେ କାଣ୍ଡ (କଦଳୀ, ଲାଉ, ବୋଇତାଳୁ), ପତ୍ର (ଧଣିଆ, ପୁଦିନା, ପାଳଙ୍ଗ), ଫୁଲ (ବୋଇତାଳୁ ଫୁଲ) ଇତ୍ୟାଦି ସାମିଲ କରାଯାଇପାରିବ । ରାଜ୍ୟରେ ଭିନ୍ନ ଭିନ୍ନ ବିଭାଗ ସହ ସମ୍ପର୍କ ରଖି ଯେପରି କୃଷି ବିଜ୍ଞାନ କେନ୍ଦ୍ର, କୃଷି ଉଦ୍ୟାନ, ଖାଦ୍ୟ ଏବଂ ପୋଷଣ ବୋର୍ଡ, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ଆଦିଦ୍ୱାରା ବିଦ୍ୟାଳୟ ପୋଷଣ ଉଦ୍ୟାନର ସ୍ଥାପନା କରାଯାଇପାରିବ ।

ମଧ୍ୟାହ୍ନ ଭୋଜନ ଯୋଜନାରେ ଅଭିନବ ପଦକ୍ଷେପ ପାଇଁ ଫ୍ଲେକ୍ସି ଫଣ୍ଡ ଉପାଦାନ ଅଧିନ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳ ମଧ୍ୟରେ ବିନିମୟ ଆଧାରରେ ମଞ୍ଜି, କୃଷି ସାମଗ୍ରୀ, ସାର ଆଦିକୁ କିଣିବା ପାଇଁ ପ୍ରତି ବିଦ୍ୟାଳୟକୁ ମିଳୁଥିବା ୫୦୦୦ଟଙ୍କା ପୋଷଣ ଉଦ୍ୟାନର ଅନୁଦାନ ରାଶି ବିନିଯୋଗ କରାଯାଇପାରିବ । ଯଦିଓ ବର୍ତ୍ତମାନର ନିର୍ଦ୍ଦେଶିକାରେ କିଛିଟା ସଂଶୋଧନ କରାଯାଇ ଯୋଜନାକୁ କାର୍ଯ୍ୟକାରିତା କରିବାର ଅଧିକାର କଲେକ୍ଟର ଅଧକ୍ଷତା ଥିବା ଜିଲ୍ଲା ସ୍ତରୀୟ ସମିତିକୁ ଦାୟିତ୍ୱ ଦିଆଯାଇଛି । ସମିତି ପ୍ରତି ବିଦ୍ୟାଳୟ ପୋଷଣ ଉଦ୍ୟାନ ମଞ୍ଜି ପାଇଁ ୫୦୦୦ ଟଙ୍କାର ଅନୁଦାନ ଦେଇଥାଏ ଓ ଏହାକୁ ବିଦ୍ୟାଳୟ ଭିତ୍ତିକ ଆବଶ୍ୟକତା ଅନୁଯାୟୀ ଆବଣ୍ଟନ କରାଯାଇପାରିବ । ମଞ୍ଜି / ଚାରା, କୃଷି ବିଭାଗରୁ ପ୍ରାପ୍ତ କରାଯାଇପାରିବ । ରାଜ୍ୟରେ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା, ଗ୍ରାମୀଣ ବିକାଶ ମନ୍ତ୍ରାଳୟ ସହିତ ବିଦ୍ୟାଳୟ ପରିସରର ପାଚେରୀ ନିର୍ମାଣ, ଭୂମିକୁ ସମତଳ କରିବା ଆଦି ପାଇଁ ୨୦୧୮-୧୯ ଆର୍ଥିକ ବର୍ଷର କାର୍ଯ୍ୟକ୍ରମର ଏକ ନିର୍ଦ୍ଦେଶିକା - ମାଷ୍ଟର ବିଜ୍ଞପ୍ତି - ଅନୁସାରେ କାର୍ଯ୍ୟ କରାଯାଇପାରିବ । ଯାହା ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା କାର୍ଯ୍ୟକ୍ରମ ମନରେଗା ମଧ୍ୟମରେ ସହାୟତା ନିମନ୍ତେ ସ୍ୱୀକାର୍ଯ୍ୟ ଅଟେ । ଛୋଟ ଛୋଟଲେଖା ସହିତ ବିଦ୍ୟାଳୟ ପୋଷଣ ଉଦ୍ୟାନର ଫଟୋ ପୋଟାଲରେ ତ୍ରୈମାସିକ ବ୍ୟବଧାନରେ ଅପଲୋଡ କରାଯାଇପାରିବ ।

Module 7

## ତିଥି ଭୋଜନ:

ତିଥିଭୋଜନ ଏକ ପଦକ୍ଷେପ ଯାହା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ବିଦ୍ୟାଳୟରେ ପଢୁଥିବା ଶିକ୍ଷାର୍ଥୀଙ୍କୁ ଅତିରିକ୍ତ ପୋଷଣ ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପର୍ବପର୍ବାଣି, ବିଭାଘର, ବାର୍ଷିକୀ, ଜନ୍ମଦିନ, ବିବାହ ଏବଂ ଜାତୀୟ ମହତ୍ତ୍ୱ ଥିବା ବିଶେଷ ଦିନ ଅବସରେ ଓ ଭୋଜନ ବା ଅତିରିକ୍ତ ବସ୍ତୁ ପ୍ରଦାନ କରାଯାଇଥାଏ। ଏହି କଥା ଉପରେ ଜୋର୍ ଦିଆଯାଇଛି କି ତିଥି ଭୋଜନ ମଧ୍ୟାହ୍ନ ଭୋଜନର ବିକଳ୍ପ ନୁହେଁ, ଏହା କେବଳ ଅନୁପୂରକ ଅଟେ। ଏମ.ଏଚ୍.ଆର.ଡି ଦ୍ୱାରା ନିଆଯାଇଥିବା ପଦକ୍ଷେପରୁ ହିଁ ତିଥି ଭୋଜନ ଉପରେ ନିର୍ଦ୍ଦେଶିକା ପ୍ରସ୍ତୁତ କରାଯାଇଛି। ତିଥି ଭୋଜନକୁ ଆସାମ୍‌ରେ (ସଂପ୍ରତି ଭୋଜନ), ଆନ୍ଧ୍ରପ୍ରଦେଶରେ (ବିନ୍ଦୁ ଭୋଜନମ୍), ଦାଦରା ଏବଂ ନଗର ହବେଳି (ତିଥିଭୋଜନ) ଡାମନ ଏବଂ ଡିଉ (ତିଥି ଭୋଜନ), ଗୁଜରାଟ (ତିଥି ଭୋଜନ), ଚଣ୍ଡିଗଡ (ତିଥି ଭୋଜନ), ପୁଡୁଚେରୀ (ଅନ୍ନଧାନମ୍) ପଞ୍ଜାବ (ପ୍ରିତି ଭୋଜନ), ରାଜସ୍ଥାନ (ଉତ୍ସବ ଭୋଜନ), ତାମିଲନାଡୁ (ନାଡୁ ନିରୁ) ହରିୟାନା (ବେଟିକା ଜନ୍ମଦିନ) କର୍ଣ୍ଣାଟକ (ଶାଲଗି ନାବୁ ନୀବୁ), ମଧ ପ୍ରଦେଶ, ମହାରାଷ୍ଟ୍ର (ସ୍ନେହ ଭୋଜନ) ଏବଂ ଉତ୍ତରାଖଣ୍ଡ (ବିଶ୍ୱଭୋଜ) ଆଦି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଦ୍ୱାରା ଗ୍ରହଣ କରାଯାଇଥିଲା।

## ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସହିତ ସମ୍ମିଳନୀ।

ମଧ୍ୟାହ୍ନ ଭୋଜନର ସ୍ୱାସ୍ଥ୍ୟ ଏବଂ ପୋଷଣ ଉପାଦାନ ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସହିତ ମିଶି କାମ ଆରମ୍ଭ କରିଥିଲେ।

ଏହା ଅଧିନରେ

୧. ପ୍ରାଥମିକ ଶ୍ରେଣୀ : ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ୬ ରୁ ୧୪ ବର୍ଷର ଶିକ୍ଷାର୍ଥୀଙ୍କର ସ୍ୱାସ୍ଥ୍ୟ ଯାଞ୍ଚ, ଜାତୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ ହିଁ କରାଯାଉଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଯାଂଚ ସୁନିଶ୍ଚିତ କରିବା ପାଇଁ ଉପଦେଶ ଦିଆଯାଉଛି।

Module 7

୨.ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସହିତ ସମ୍ମିଳିତ ଭାବରେ ସୁକ୍ଷମ ପୋଷକ ତତ୍ତ୍ୱ ପ୍ରଦାନ କରାଯାଇଥାଏ। ପ୍ରତ୍ୟେକ ସପ୍ତାହ ଆଇରନ୍ ଏବଂ ଫଲିକ୍ ଏସିଡ ସପ୍ଲିମେଣ୍ଟେସନ୍ ପ୍ରୋଗାମ ଅର୍ନ୍ତଗତ ଶିଶୁଙ୍କୁ ଆଇରନ୍ ଏବଂ ଫଲିକ୍ ଏସିଡ ଟାବ୍‌ଲେଟ୍ ମଧ୍ୟ ପ୍ରଦାନ କରାଯାଇଥାଏ।

୩.ଶିଶୁଙ୍କର ଜାତୀୟ କୃମିନାଶକ ଦିବସରେ ବର୍ଷକୁ ଦୁଇଥର କୃମିନାଶକ ଔଷଧ ପ୍ରଦାନ କରାଯାଇଥାଏ। (Albendazole - 400)

## ରୋଷେଇ ପ୍ରତିଯୋଗିତା:

୨୦୧୯-୨୦ ମସିହାରେ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ପ୍ରତିଯୋଗିତାର ଆୟୋଜନ ମୁଖ୍ୟ ପଦକ୍ଷେପରୁ ଗୋଟିଏ, ରୋଷେଇ ପ୍ରତିଯୋଗିତାର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରୋଷେୟା ଏବଂ ପାଚିକାମାନଙ୍କୁ କେବଳ ପନିପରିବା, ପତ୍ର, ଚୋପ ଆଦିର ଉପଯୋଗ କରି ସର୍ବୋତ୍ତମ ବ୍ୟଞ୍ଜନ ପ୍ରସ୍ତୁତି କରିବା ପାଇଁ ପ୍ରୋତ୍ସାହିତ କରିବା। ସାଂସ୍କୃତିକ ରୂପରେ ସ୍ୱୀକୃତ ଖାଦ୍ୟ ଅଭ୍ୟାସ ଅନୁସାରେ ସ୍ଥାନୀୟ ଭାବରେ ଉପଲବ୍ଧ ଖାଦ୍ୟ ଅଭ୍ୟାସ ସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା। ମଧ୍ୟାହ୍ନ ଭୋଜନର ପ୍ରସ୍ତୁତିରେ ଗୋଷ୍ଠୀ ସହାୟତାକୁ ପ୍ରୋତ୍ସାହିତ କରିବା, ପ୍ରତିଯୋଗିତା ପାଇଁ ବିଚାରକ ରୂପରେ ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ (ପ୍ରାଥମିକ ଶ୍ରେଣୀରୁ ଜଣେ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀରୁ ଜଣେ) ଯୋଡିବା କାହିଁକି ନା ସେମାନେ ମଧ୍ୟାହ୍ନ ଭୋଜନର ଶେଷ ଲାଭାର୍ଥୀ ଅଟନ୍ତି। ଏହା ଛଡ଼ା, ପୋଷଣ ବିଶେଷଜ୍ଞ ଖାଦ୍ୟ ପ୍ରସ୍ତୁତ ପ୍ରତିଯୋଗିତାରେ ମଧ୍ୟ ଯୋଡି ହୋଇପାରନ୍ତି। ବିଜେତା ମାନଙ୍କୁ ଉପଯୁକ୍ତ ଭାବରେ ପୁରସ୍କୃତ ଏବଂ ଔପଚାରିକ ଭାବରେ ସମ୍ମାନିତ କରାଯିବ।

## ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ ଏବଂ କେତେକ ସର୍ବୋତ୍ତମ ପ୍ରକ୍ରିୟାର ଅଭ୍ୟାସ :

ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନେ, ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ଆଧାରରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ସମଗ୍ରଶିକ୍ଷା ମଧ୍ୟାହ୍ନ ଭୋଜନ ଏବଂ ଅନ୍ୟାନ୍ୟ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ବ୍ୟବସ୍ଥା ଗୁଡ଼ିକର ସର୍ବାଧିକ ବିନିଯୋଗ

Module 7

ନିମନ୍ତେ ବିଦ୍ୟାଳୟ ସ୍ତରରେ ଯୋଜନା କରିବାର ଆବଶ୍ୟକତା ରହିଛି । ସେମାନଙ୍କୁ ଏହି ବ୍ୟବସ୍ଥାରେ ସାମିଲ କରିବା ପାଇଁ ନିଜ ବିଦ୍ୟାଳୟର କାର୍ଯ୍ୟକ୍ରମ ଉପରେ ପୁର୍ନବାର ବିଚାର କରିବାର ଆବଶ୍ୟକତା ଅଛି ଏବଂ ସେମାନଙ୍କୁ ଏହି ଯୋଜନା ମଧ୍ୟ କରିବାର ଅଛି ଯେ ଏଥି ମଧ୍ୟରୁ କିଛି ବ୍ୟବସ୍ଥାକୁ ଶ୍ରେଣୀର ପ୍ରକ୍ରିୟାରେ କେତେ ଭଲ ଭାବରେ ଏକୀକୃତ କରାଯାଇପାରୁଛି ବା ଶ୍ରେଣୀ ପ୍ରକ୍ରିୟାକୁ ଦୃଢ଼ିଭୂତ କରିବା ପାଇଁ କିପରି ସହାୟତା ପ୍ରଦାନ କରାଯାଇପାରିବ, ଯେପରି ଇକୋ କ୍ଲବ, ଯୁବକ ସଂଘ, ପୁସ୍ତକାଳୟ ଇତ୍ୟାଦି ।

**ଶିକ୍ଷଣ କାର୍ଯ୍ୟ**

- ୬ ଜଣ ଲେଖାଏଁ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଦଳଗଠନ କରନ୍ତୁ ।
- ଏହି ପଦକ୍ଷେପର କାର୍ଯ୍ୟକାରିତାରେ କିକି ମୁଖ୍ୟ ସମସ୍ୟା ରହିଛି ଏବଂ ସେହି ସମସ୍ୟାଗୁଡ଼ିକୁ କିପରି ସମାଧାନ କରାଯାଇପାରିବ ତାହା ଦଳରେ ଆଲୋଚନା କରି ଉପସ୍ଥାପନ କରିବାକୁ କୁହନ୍ତୁ ।

# ପ୍ରଦର୍ଶିକା - ୮

# ପରିବେଶ ଅଧ୍ୟୟନ ଶୈକ୍ଷିକ ଶାସ୍ତ୍ର

Module 8

# ପରିବେଶ ଅଧ୍ୟୟନ ଶୈକ୍ଷିକ ଶାସ୍ତ୍ର
## (ପ୍ରାଥମିକ ସ୍ତର)

୧. ଏହି ପ୍ରଦର୍ଶିକାଟି ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଆବଶ୍ୟକ ଦିଗଗୁଡ଼ିକର ଉପସ୍ଥାପନ କରେ। ଏହା ନିମ୍ନଲିଖିତ ବିଷୟଗୁଡ଼ିକୁ ବ୍ୟାଖ୍ୟା କରିଥାଏ -

- ପ୍ରଦର୍ଶିକାର ଶିକ୍ଷଣ ଉଦ୍ଦେଶ୍ୟ
- ପ୍ରାଥମିକ ସ୍ତରରେ ଏହାର ସ୍ୱରୂପ, ସ୍ଥିତି ଓ ପାଠ୍ୟକ୍ରମ ପ୍ରତ୍ୟାଶା
- ଶିକ୍ଷଣ ଫଳାଫଳ ଓ ଶୈକ୍ଷିକ କାର୍ଯ୍ୟଧାରା
- ଶୈକ୍ଷିକ କାର୍ଯ୍ୟଧାର ଦୃଷ୍ଟାନ୍ତ ନିମନ୍ତେ 'ଜଳ' ବିଷୟକୁ ଉଦାହରଣ ଭାବରେ ନିଆଯାଇଛି।
- କେତେକ ବିଚାରଯୋଗ୍ୟ ବିଷୟ ଯଥା - ବିବିଧତା, ଲିଙ୍ଗ, କଳା ଓ ସୌନ୍ଦର୍ଯ୍ୟ, ମୂଲ୍ୟବୋଧ ଇତ୍ୟାଦିକୁ ଉପଯୁକ୍ତ ଦୃଷ୍ଟି ଦେବାକୁ ପଦକ୍ଷେପ ନିଆଯାଇଛି।
- ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ, ଯାହା ପରିବେଶ ଅଧ୍ୟୟନର ବିଭିନ୍ନ ବିଷୟବସ୍ତୁ ଓ ଏଥିସହିତ ସେଗୁଡ଼ିକର ଶୈକ୍ଷିକ ଦିଗଗୁଡ଼ିକର ଗଭୀର ଅର୍ନ୍ତଦୃଷ୍ଟିର ବିକାଶ କରିବାରେ ସାହାଯ୍ୟ କରିପାରିବ।
- ମାନନିର୍ଦ୍ଧାରଣକୁ ଏକ ସ୍ୱତନ୍ତ୍ର କାର୍ଯ୍ୟଭାବରେ ଗ୍ରହଣ କରାନଯାଇ ଏହାକୁ କିପରି ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହ ସମନ୍ୱିତ କରାଯାଇପାରିବ ତାହା ଏହି ପ୍ରଦର୍ଶିକାରେ ଦର୍ଶାଯାଇଛି।

### ୨. ଶିକ୍ଷଣ ଉଦ୍ଦେଶ୍ୟ :

**ଏହି ପ୍ରଦର୍ଶିକାର ଆଲୋଚନା ପରେ ଆପଣମାନେ -**

- ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନକୁ ସମନ୍ୱିତ ପାଠ୍ୟକ୍ରମ ପରିସର ଭାବରେ ପସନ୍ଦ କରିବେ।
- ଏହାର ଉଦ୍ଦେଶ୍ୟଗୁଡ଼ିକୁ ସିଲାବସ ଅନ୍ତର୍ଭୁକ୍ତ ଧାରଣା ଓ ଘଟଣାଗୁଡ଼ିକ ସହ ସମ୍ପର୍କିତ କରିବେ।
- ଧାରଣା ଓ ଘଟଣାଗୁଡ଼ିକୁ ପାଠ୍ୟପୁସ୍ତକରେ ଚିହ୍ନଟ କରିବେ ଓ ଶ୍ରେଣୀଗୃହରେ ସେଗୁଡ଼ିକର ଶିକ୍ଷାଦାନ - ଶିକ୍ଷଣର ବିଭିନ୍ନ ପଦ୍ଧତି / ପନ୍ଥା ବିଷୟରେ ସଚେତନ ହେବେ।

Module
8

- ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାସଙ୍ଗିକ ଓ ଆବଶ୍ୟକତା ଭିତ୍ତିକ ଶିକ୍ଷଣ ଅଭିଜ୍ଞତା ନିମନ୍ତେ ଯୋଜନା ପ୍ରସ୍ତୁତ କରିବେ।
- ସମସ୍ତ ଶିକ୍ଷାର୍ଥୀଙ୍କୁ ଅର୍ଥପୂର୍ଣ୍ଣ ଭାବରେ ନିୟୋଜିତ କରିବାକୁ ଶିକ୍ଷଣ ସୁଯୋଗ ସଂଗଠନ କରିବେ।
- ପରିବେଶ ଅଧ୍ୟୟନର ଶିକ୍ଷଣ ଫଳାଫଳ ଆଧାରରେ ଶିକ୍ଷଣ ଅଗ୍ରଗତିକୁ ଆକଳନ କରିବାକୁ ମାନ ନିର୍ଦ୍ଧାରଣର ବିଭିନ୍ନ କୌଶଳ ବ୍ୟବହାର କରିବେ।

## ୩. ପାଠ୍ରକ୍ରମ ପରିସର ଅନ୍ତର୍ଭୁକ୍ତ ପରିବେଶ ଅଧ୍ୟୟନ:

ଜାତୀୟ ପାଠ୍ୟକ୍ରମ ଆଧାର- ୨୦୦୫, ତୃତୀୟ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀର ପରିବେଶ ଅଧ୍ୟୟନକୁ ଏକ ବିଷୟ ଭାବରେ ଗ୍ରହଣ କରେ, ଯେଉଁଥିରେ ବିଜ୍ଞାନ (ପ୍ରାକୃତିକ ଓ ଭୌତିକ), ସାମାଜିକ ପାଠ (ପ୍ରାକୃତିକ, ଭୌତିକ, ସାମାଜିକ, ସାଂସ୍କୃତିକ) ଏବଂ ପରିବେଶ ଶିକ୍ଷା ସମ୍ବନ୍ଧୀୟ ଧାରଣା ଓ ଘଟଣାଗୁଡ଼ିକ ସମନ୍ୱିତ ହୋଇଛି।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଛୋଟ ପିଲାମାନଙ୍କର ପାଠ୍ୟକ୍ରମର ବୋଝକୁ ହ୍ରାସ କରିବା ପାଇଁ ଏହାକୁ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପରିସର ଭାବରେ ଗ୍ରହଣ କରା ନ ଯିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ପରିବର୍ତ୍ତେ ପରିଶେଷ ଅଧ୍ୟୟନ ସମ୍ପର୍କିତ ଘଟଣା ଓ ବିଷୟଗୁଡ଼ିକୁ ଭାଷା ଓ ଗଣିତର ଅଂଶ ଭାବରେ ରଖାଯାଇଛି।

ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପିଲାମାନଙ୍କୁ ତାଙ୍କ ନିଜ ଚତୁଃପାର୍ଶ୍ୱସ୍ଥ ବାସ୍ତବ ପରିସ୍ଥିତିକୁ ବୁଝିବା ପାଇଁ ପଥ ଦେଖାଇଥାଏ ଯାହା ସେମାନଙ୍କୁ ବର୍ତ୍ତମାନର ପରିବେଶର ବିଭିନ୍ନ ଘଟଣାଗୁଡ଼ିକ ସହ ସଂପର୍କ ସ୍ଥାପନ କରିବାରେ, ପରିବେଶ ବିଷୟରେ ସଚେତନ କରିବାରେ, ମୂଲ୍ୟ ବୁଝିବାରେ ଓ ସମ୍ବେଦନଶୀଳ ହେବାରେ ସାହାଯ୍ୟ କରିଥାଏ। ପ୍ରାରମ୍ଭିକ ସ୍ତରରେ ଏହା ଶିକ୍ଷାର୍ଥୀର ନିକଟତମ ପରିବେଶ (ପ୍ରାକୃତିକ, ଭୌତିକ, ସାମାଜିକ ଓ ସାଂସ୍କୃତିକ) ଯାହା ନିଜ ଘର, ପରିବାର ଏବଂ ବିଦ୍ୟାଳୟ ସହ ସଂପର୍କିତ ସେହି ବିଷୟଗୁଡ଼ିକରୁ ଆରମ୍ଭ ହୋଇ ଆସ୍ତେ ଆସ୍ତେ ବ୍ୟାପକ ପରିବେଶ (ପଡୋଶୀ ଏବଂ ଗୋଷ୍ଠୀ) ପର୍ଯ୍ୟନ୍ତ ବିସ୍ତୃତ ହୋଇଥାଏ। ପରିବେଶ ଅଧ୍ୟୟନ ଶିକ୍ଷଣରେ ଶିକ୍ଷାର୍ଥୀମାନଙ୍କର ପ୍ରାସଙ୍ଗିକ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ସିଧାସଳଖ ତଥ୍ୟ ପ୍ରଦାନ, ସଂଜ୍ଞା ପ୍ରଦାନ ଏବଂ ବର୍ଣ୍ଣନାକୁ ଏଡାଇବା ଏବଂ ଏହା ପରିବର୍ତ୍ତେ ଶିକ୍ଷାର୍ଥୀମାନେ ନିଜ ପରିବେଶ ସହ କ୍ରିୟା ପ୍ରତିକ୍ରିୟା କରି ଜ୍ଞାନ ନିର୍ମାଣ କରିବା ପାଇଁ ପରିସ୍ଥିତି ସୃଷ୍ଟି ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ। ଏହି ପ୍ରକ୍ରିୟାରେ ସେମାନେ ପାଠ୍ୟପୁସ୍ତକ ବ୍ୟତୀତ ଜ୍ଞାନର ବିଭିନ୍ନ ଉତ୍ସରେ ପ୍ରବେଶ କରିବାକୁ ଏବଂ ଶ୍ରେଣୀଗୃହ ଭିନ୍ନ ବିଭିନ୍ନ ଶିକ୍ଷଣ ପରିବେଶଗୁଡ଼ିକୁ ଅନୁସନ୍ଧାନ କରିବାକୁ ସୁଯୋଗ ପାଇବେ।

Module 8

ବାସ୍ତବ ଜଗତର ସଂସ୍ପର୍ଶ, ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସାମାଜିକ ଘଟଣା ଯଥା ଲିଙ୍ଗଗତ ଭେଦଭାବ, ଦାରିଦ୍ୟ ସୀମାରେଖା ତଳେ ଥିବା ଲୋକ, ଶିଶୁ ଶ୍ରମିକ, ନିରକ୍ଷର, ଜାତି ଓ ଶ୍ରେଣୀ - ଭିତ୍ତିକ ଭେଦ ଭାବ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିକ ଅସମାନତା, ଭିନ୍ନକ୍ଷମ ତଥା ବୟସ୍କ ଏବଂ ରୋଗୀମାନଙ୍କର ସମସ୍ୟା ସହ ସମ୍ମୁଖୀନ ହେବାର ସୁଯୋଗ ଦେବ । ସମ୍ବଳ ସାମଗ୍ରୀ ବ୍ୟତୀତ ଶ୍ରେଣୀଗୃହ ପରିବେଶ ଏବଂ ଶିକ୍ଷାର୍ଥୀମାନଙ୍କର ଶୈକ୍ଷିକ ପ୍ରକ୍ରିୟାକୁ ଅନ୍ତର୍ନିବେଶୀ କରିବାକୁ ନିଶ୍ଚିତ କରିବା ପାଇଁ ଯତ୍ନବାନ ହେବା । ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ଭିନ୍ନତା ଓ ସାମର୍ଥ୍ୟ (ଭିନ୍ନକ୍ଷମକୁ ଅନ୍ତର୍ଭୁକ୍ତ କରି), ବେଗ, ଶୈଳୀ ଇତ୍ୟାଦିର ଆବଶ୍ୟକତା ପୂରଣ ପାଇଁ ଧ୍ୟାନ ଦେବା ଦରକାର । ପରିବେଶ ସଂପର୍କୀତ ବାସ୍ତବ ଜଗତର ସମସ୍ୟା (ଯଥା – ପ୍ରାକୃତିକ ସମ୍ବଳର ସଂରକ୍ଷଣ, ସୁରକ୍ଷା, ପରିବେଶ ପ୍ରତି ଉପଯୁକ୍ତ ନ୍ୟାୟ ଓ ଅନ୍ୟାନ୍ୟ ପରିବେଶ ଗତ ସମସ୍ୟା) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।ଶିକ୍ଷାର୍ଥୀ ଏବଂ ସେମାନଙ୍କ ପରିବେଶ ମଧ୍ୟରେ ଗୋଟିଏ ଦୃଢ଼ ସଂପର୍କ ସ୍ଥାପନ କରିବାକୁ ପଦକ୍ଷେପ ନିଆଯିବା ଦରକାର । ଗୋଟିଏ ବିଷୟ ଭାବରେ ପରିବେଶ ଅଧ୍ୟୟନର ଶିକ୍ଷାଦାନ – ଶିକ୍ଷଣ ଶିକ୍ଷାର୍ଥୀମାନଙ୍କ ନିଷ୍ପତ୍ତି ଏବଂ କାର୍ଯ୍ୟ କିପରି ପରିବେଶ ଉପରେ ପ୍ରଭାବ ପକାଏ ସେହି ବିଷୟରେ ସେମାନଙ୍କୁ ଜଣାଇଥାଏ । ଏହା ମଧ୍ୟ ଶିକ୍ଷାର୍ଥୀମାନେ ତାଙ୍କ ଚତୁପାର୍ଶ୍ୱରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବାର ଜ୍ଞାନ ଓ କୌଶଳଗୁଡ଼ିକୁ ଶିଖିବାରେ ସେମାନଙ୍କୁ ସାହାଯ୍ୟ କରିବ । ଏହା ଶିକ୍ଷାର୍ଥୀମାନଙ୍କୁ ପରିବେଶର ତତ୍ତ୍ୱାବଧାରକ ଭାବରେ ସମର୍ଥ କରାଇବ । ପରିଶେଷରେ ଏହା ଉନ୍ନତ ଭବିଷ୍ୟ ଗଠନ ପାଇଁ ସହାୟକ ହେବ ।

## ଟିକେ ଚିନ୍ତା କରନ୍ତୁ

ପରିବେଶ ଅଧ୍ୟୟନକୁ ଏପରି ବୁଝିବା ଦ୍ୱାରା, ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନେ କ'ଣ ଶିଖିବେ ବୋଲି ଆପଣ ଆଶା କରୁଛନ୍ତି ?

- ଏହି ପ୍ରତ୍ୟାଶାଗୁଡ଼ିକ କିପରି ସମ୍ପାଦିତ ହୋଇପାରିବ ?
- ଏଗୁଡ଼ିକ କରିବା ପାଇଁ କେଉଁ କେଉଁ କୌଶଳ ଅବଲମ୍ବନ କରାଯାଇପାରିବ ?

ପ୍ରତ୍ୟାଶିତ, ସମ୍ପାଦିତ ଓ ଗୁଣାନ୍ୱିତ ପାଠ୍ୟକ୍ରମ ମଧ୍ୟରେ ଆମେ କିପରି ସମ୍ପର୍କ ସ୍ଥାପନ କରିପାରିବା ସେ ବିଷୟରେ ବିଭାଗ-୪ ଓ ୫ ଦର୍ଶାଯାଇଛି । ନିମ୍ନରେ ପରିବେଶ ଅଧ୍ୟୟନରେ ପାଠ୍ୟକ୍ରମ ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳଗୁଡ଼ିକ ଦିଆଯାଇଛି । ଏଗୁଡ଼ିକ କିପରି ପରସ୍ପର ସମ୍ପର୍କିତ ଆପଣ ଚିନ୍ତା କରିପାରିବେ କି ?

୪. ପରିବେଶ ଅଧ୍ୟୟନରେ ପାଠ୍ୟକ୍ରମ ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳ ପାଠ୍ୟକ୍ରମ ପ୍ରତ୍ୟାଶାଗୁଡ଼ିକ ବିସ୍ତୃତ, ଯେଉଁଗୁଡ଼ିକ ପ୍ରଶସ୍ତ ଏବଂ ଏହାର ଲକ୍ଷ୍ୟହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଶିକ୍ଷଣ ଲକ୍ଷ୍ୟ ପୂରଣ କରିବା, ଅନ୍ୟ ପକ୍ଷରେ ଶିକ୍ଷଣ ଫଳାଫଳ ଉକ୍ତ

Module 8

ପାଠ୍ୟକ୍ରମ ପ୍ରତ୍ୟାଶାଗୁଡ଼ିକୁ ଆକଳନ କରିବା ପାଇଁ ମାନଦଣ୍ଡ ଯୋଗାଇଥାଏ। ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ପାଠ୍ୟକ୍ରମ ପ୍ରତ୍ୟାଶାଗୁଡ଼ିକ ନିମ୍ନରେ ଦର୍ଶାଯାଇଛି।

## ୪.୧ ପାଠ୍ୟକ୍ରମ ପ୍ରତ୍ୟାଶା

**ପରିବେଶ ଅଧ୍ୟୟନ ପାଠ୍ୟକ୍ରମ ଅନୁଯାୟୀ ପ୍ରାଥମିକ ସ୍ତରର ଶିକ୍ଷାର୍ଥୀ ମାନଙ୍କଠାରୁ ନିମ୍ନଲିଖିତ କାର୍ଯ୍ୟ ଆଶା କରାଯାଏ।**

- ଦୈନନ୍ଦିନ ଜୀବନ ସଂପର୍କିତ ବିଭିନ୍ନ ବିଷୟ (ଯଥା - ପରିବାର, ଉଦ୍ଭିଦ, ପ୍ରାଣୀ, ଖାଦ୍ୟ, ଜଳ, ଭ୍ରମଣ, ବାସଗୃହ ଇତ୍ୟାଦି) ରୁ ପ୍ରତ୍ୟକ୍ଷ ଅଭିଜ୍ଞତା ମାଧ୍ୟମରେ ନିଜ ଚତୁଃପାର୍ଶ୍ୱସ୍ଥ ଏବଂ ବ୍ୟାପକ ପରିବେଶ ସମ୍ବନ୍ଧରେ ସଚେତନ ହେବା।
- ନିଜ ଚତୁଃପାର୍ଶ୍ୱ ପରିବେଶ ପାଇଁ ସ୍ୱାଭାବିକ ଜିଜ୍ଞାସା ଏବଂ ସୃଜନଶୀଳତାର ବିକାଶ କରିବା।
- ନିଜ ଚତୁଃପାର୍ଶ୍ୱ ପରିବେଶ ସହ କ୍ରିୟା - ପ୍ରତିକ୍ରିୟା ମାଧ୍ୟମରେ ବିଭିନ୍ନ ପଦ୍ଧତି, କୌଶଳ ଯଥା - ପର୍ଯ୍ୟବେକ୍ଷଣ, ଆଲୋଚନା, ବ୍ୟାଖା, ପରୀକ୍ଷଣ, ଯୁକ୍ତିଯୁକ୍ତ ଚିନ୍ତନ ଇତ୍ୟାଦିର ବିକାଶ କରିବା।
- ନିଜ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ, ଭୌତିକ ଏବଂ ମାନବ ସମ୍ବଳ ପାଇଁ ସମ୍ବେଦନଶୀଳତାର ବିକାଶ କରିବା।
- ସମାନତା, ନ୍ୟାୟ ଏବଂ ମାନବିକ ଅଧିକାର ଏବଂ ମର୍ଯ୍ୟାଦା ପ୍ରତି ସମ୍ମାନ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକୁ ଚିହ୍ନଟ କରିବା ଏବଂ ସ୍ୱର ଉତ୍ତୋଳନ କରିବା।

## ୪.୨ ପରିବେଶ ଅଧ୍ୟୟନରେ ଶିକ୍ଷଣ ଫଳାଫଳ

ଉପରୋକ୍ତ ପାଠ୍ୟକ୍ରମ ପତ୍ୟାଶା ଆଧାରରେ ଶିକ୍ଷଣକୁ ଓ ପିଲାର ବିକାଶକୁ ସୁଗମ କରିବା ପାଇଁ ଏବଂ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିକୁ ପ୍ରତି ମୂହୁର୍ତ୍ତରେ ଆକଳନ କରିବା ପାଇଁ ଶିକ୍ଷକଙ୍କର ସ୍ପଷ୍ଟ ଧାରଣା ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହାଫଳରେ ସେମାନେ ଉପଯୁକ୍ତ ଦିଗରେ ଉଦ୍ୟମ କରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ସେହି ଦିଗରେ ସହାୟତା ଦେଇପାରିବେ। ସେଥିପାଇଁ ଶିକ୍ଷଣ ଫଳାଫଳ ଗୁଡ଼ିକ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯିବାର ଆବଶ୍ୟକତା ଅଛି ଏବଂ ବିଭିନ୍ନ ବ୍ୟକ୍ତି ବିଶେଷ ମୁଖ୍ୟତଃ ଶିକ୍ଷକ, ଅଭିଭାବକ, ଏପରିକି ଶିକ୍ଷାର୍ଥୀମାନେ ସେଗୁଡ଼ିକୁ ଜାଣିବା ଆବଶ୍ୟକ। ପରିବେଶ ଅଧ୍ୟୟନର ପ୍ରତ୍ୟେକ ଶୈକ୍ଷିକ ପ୍ରତ୍ୟାଶାରେ ଶିକ୍ଷାର୍ଥୀର ଶିକ୍ଷଣ ଓ ବିକାଶର ମୂଲ୍ୟାୟନ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଭାବରେ କରିବା ପାଇଁ ଶିକ୍ଷଣ ଫଳାଫଳଗୁଡ଼ିକୁ ଆଧାର ଭାବରେ ବ୍ୟବହାର କରାଯାଇପାରିବ।

Module
8

ଜାତୀୟ ଉପଲବ୍ଧ ସର୍ବେକ୍ଷଣ (୨୦୧୭) ଯାହାକି ଶିକ୍ଷଣ ଫଳାଫଳ ଆଧାରରେ ହୋଇଥିଲା, ତା'ର ତୃତୀୟ ଓ ପଞ୍ଚମ ଶ୍ରେଣୀର ପରିବେଶ ଅଧ୍ୟୟନରେ ଠିକ୍ ଉତ୍ତରର ଶତକଡ଼ା ହାର ( ହାରାହାରି) ନିମ୍ନରେ ଦିଆଯାଇଛି।

ତୃତୀୟ ଶ୍ରେଣୀ - ୬୫ %

ପଞ୍ଚମ ଶ୍ରେଣୀ - ୫୭ %

ଆମେ ରାଜ୍ୟର ଓ ଜିଲ୍ଲାର ହାରାହାରି ଉପଲବ୍ଧ ଜାଣିଛ କି ? ଏହା ନିମ୍ନରେ ଦିଆଯାଇଥିବା linkରେ ଉପଲବ୍ଧ ହୋଇପାରିବ।

http://www..ncert.nic.in/programmes/nas/src.html.

ପରିବେଶ ଅଧ୍ୟୟନରେ ଆମ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳକୁ କିପରି ଅଭିବୃଦ୍ଧି କରିପାରିବା ସେ ବିଷୟରେ ଆମେ ଚିନ୍ତା କରିବା ଆବଶ୍ୟକ।

**ଉଦାହରଣସ୍ୱରୂପ:**ନିମ୍ନଲିଖିତ ବିଷୟରେ ଆପଣମାନେ କ'ଣ ଚିନ୍ତା କରୁଛନ୍ତି ?

**ଶିକ୍ଷାର୍ଥୀମାନେ**

- ଅତୀତ ଓ ବର୍ତ୍ତମାନ ସମୟର ବସ୍ତୁ ଓ କାର୍ଯ୍ୟଧାରା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ
- ସ୍ଥାନ ସମ୍ବନ୍ଧୀୟ ପରିମାଣ ଓ ସମୟକୁ ସରଳ ମାନକ ଏକକକୁ ଆକଳନ କରିବ। ଏବଂ ସରଳ ସାଧନୀ ବ୍ୟବହାର କରି ସତ୍ୟାସତ୍ୟ ପରୀକ୍ଷା କରିବ।
- ବିଭିନ୍ନ ଉପାୟରେ ନିଜର ପର୍ଯ୍ୟବେକ୍ଷଣ, ଅନୁଭୂତି, ବସ୍ତୁ ବିଷୟରେ ତଥ୍ୟ, କାର୍ଯ୍ୟ, ପରିଭ୍ରମଣ ସ୍ଥାନ ସମ୍ବନ୍ଧୀୟ ତଥ୍ୟ ଲିପିବଦ୍ଧ କରିବ ଏବଂ କାର୍ଯ୍ୟ ପ୍ରଣାଳୀକୁ ଅନୁମାନ କରିବ।
- ଚିତ୍ର, ନକ୍ସା, ମଡେଲ, ମାନଚିତ୍ର, କବିତା ଓ ସ୍ଲୋଗାନ ତିଆରି କରିବ।
- ପରିବେଶରେ ଥିବା ଉଦ୍ଭିଦ, ପ୍ରାଣୀ ଏବଂ ଅନ୍ୟ ଜୀବମାନଙ୍କ ପାଇଁ ସମ୍ବେଦନଶୀଳତା ପ୍ରଦର୍ଶନ କରିବ।
- ଏଗୁଡ଼ିକ ତୃତୀୟ ଶ୍ରେଣୀ ପରିବେଶ ଅଧ୍ୟୟନର କେତେକ ଶିକ୍ଷଣ ଫଳାଫଳ। ଏଗୁଡ଼ିକୁ ଆପଣ ପାଠ୍ୟକ୍ରମ ପ୍ରତ୍ୟାଶା ସହ ସଂପର୍କିତ କରିପାରିବେ କି ? ଏହି ଶିକ୍ଷଣ ଫଳାଫଳ ଗୁଡ଼ିକୁ ହାସଲ କରିବା ପାଇଁ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ବ୍ୟବହାର କରି କେଉଁ ପ୍ରକାରର ଶୈକ୍ଷିକ କାର୍ଯ୍ୟଧାରା ଗ୍ରହଣ କରାଯାଇପାରିବ ?

**ଟିପ୍ପଣୀ :**

*ଦୟାକରି ପ୍ରାରମ୍ଭିକ ସ୍ତରରେ ଶିକ୍ଷଣ ଫଳାଫଳ (୨୦୧୭) ପୁସ୍ତକର ସାହାଯ୍ୟ ନିଅନ୍ତୁ।*

## ଟିକେ ଚିନ୍ତା କରନ୍ତୁ



- ଉପରୋକ୍ତ ପାଠ୍ୟକ୍ରମ ପତ୍ୟାଶା ହାସଲ କରିବା ପାଇଁ କେଉଁ ପ୍ରକାରର ପାଠ୍ୟକ୍ରମ ସାମଗ୍ରୀ, ପାଠ୍ୟପୁସ୍ତକ, ସହାୟକ ପୁସ୍ତକ ସମ୍ବଳଗୁଡ଼ିକ ଦରକାର ହେବ ?
- କେଉଁ ପ୍ରକାରର ଶିକ୍ଷାଦାନ ଶିକ୍ଷଣ, କୌଶଳ ଗ୍ରହଣ କରାଯିବା ଆବଶ୍ୟକ ?
- ପାଠ୍ୟକ୍ରମର ଗୋଟିଏ ପରିସର ଭାବରେ ପରିବେଶ ଅଧ୍ୟୟନକୁ ବୁଝିବାକୁ କେଉଁ ପ୍ରକାରର ପାଠ୍ୟପୁସ୍ତକ ଓ ସମ୍ବଳ ଆପଣମାନେ ସ୍ଥିର କରିବେ ?
- ଉପରୋକ୍ତ ପାଠ୍ୟକ୍ରମ ପ୍ରତ୍ୟାଶା ହାସଲ କରିବା ପାଇଁ କେଉଁ ପ୍ରକାରର ଶିକ୍ଷାଦାନ ଶିକ୍ଷଣର ଦରକାର ହେବ ?

### ୫. ପରିବେଶ ଅଧ୍ୟୟନର ଶିକ୍ଷାଦାନ - ଶିକ୍ଷଣ ପାଇଁ ସମ୍ବଳ ଓ କୌଶଳ :

ପିଲାମାନେ ସ୍ୱଭାବତଃ ଅନୁସନ୍ଧିତ୍ସୁ ଯାହା ତାଙ୍କର 'ଅନ୍ୱେଷଣ କରିବାର ଇଛା', 'ପ୍ରଶ୍ନ' ଏବଂ 'ଏପରି କାହିଁକି ହୁଏ' ମାଧ୍ୟମରେ ପ୍ରକାଶ ପାଇଥାଏ। ଶିକ୍ଷାର୍ଥୀମାନେ ଜ୍ଞାନକୁ ନିଷ୍କ୍ରିୟ ଭାବରେ ଗ୍ରହଣ କରନ୍ତି ନାହିଁ। ସମସ୍ତେ ଶିକ୍ଷାର୍ଥୀ ନିଜେ ନିଜେ ଶିଖିବା ପାଇଁ ସମର୍ଥ, ଏକଥା 'ଶିକ୍ଷଣ' 'କିପରି ହୁଏ' ବିଷୟରେ ସମକାଳିନ ଗବେଷଣାରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷଣ ଓ ଶିକ୍ଷାର୍ଥୀ ସମ୍ବନ୍ଧୀୟ ଦୃଷ୍ଟିଭଙ୍ଗୀରେ ଶିକ୍ଷକଙ୍କ ପରିବର୍ତ୍ତନ ଆସିଛି, ଯେଉଁଥିରେ ଭୂମିକାକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଶିକ୍ଷକ ଜ୍ଞାନ ସଂଚାରଣ କରିବା ପରିବର୍ତ୍ତେ ସହାୟକ ଭାବରେ କାର୍ଯ୍ୟ କରନ୍ତି।

ଆଜି ପର୍ଯ୍ୟନ୍ତ ଅଧିକାଂଶ ଶିକ୍ଷକ ପାରମ୍ପରିକ ପଦ୍ଧତି ଅନୁସରଣ କରି ଯେ କୌଣସି ପ୍ରସଙ୍ଗକୁ ଉପସ୍ଥାପନ କରିବା ସମୟରେ ଅଳ୍ପ କେତେକ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି। ଏହା ପରିବର୍ତ୍ତେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପାଇଁ କେତେକ ଆହ୍ୱାନ ମୂଳକ ପରିସ୍ଥିତିର ଯୋଜନା କରିପାରିବେ। ଯାହା ଦ୍ୱାରା ସେମାନେ ସମସ୍ୟା ସମାଧାନ ପାଇଁ ଅନ୍ୱେଷଣ, ଅନୁସନ୍ଧାନ କରିବାକୁ ବାଧ୍ୟ ହେବେ। ସମସ୍ୟା ସହ ମଜ୍ଜି ଯିବାକୁ ଏବଂ ଏହାର ସମାଧାନ କରିବା ପାଇଁ ଅଭିପ୍ରେରିତ ହେବାକୁ ବା ସେହି ସମସ୍ୟାକୁ ଗଭୀର ଅନୁସନ୍ଧାନ କରିବାକୁ ସେମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ଅଛି। ଏଥିପାଇଁ ଏପରି କରାଯାଇପାରେ, ଶୈକ୍ଷିକ ଧାରଣାଗୁଡ଼ିକ ଦୃଷ୍ଟିରେ ରଖି ସେଗୁଡ଼ିକୁ କିପରି ପ୍ରଶ୍ନ ବା ଅନୁସନ୍ଧାନରେ ରୂପାନ୍ତର କରାଯାଇପାରିବ ଯାହାକି ଜ୍ଞାନ ନିର୍ମାଣର ଆଧାର ହେବ ସେଥିପାଇଁ ଦୃଷ୍ଟି ଦେବାକୁ ହେବ। ଆମେ ସମସ୍ତେ ଜାଣିଛେ ଶିକ୍ଷଣ ଏକ ନିରନ୍ତର ପ୍ରକ୍ରିୟା ଏବଂ ବିଭିନ୍ନ ଆବଶ୍ୟକୀୟ ପ୍ରକ୍ରିୟା ଭିତ୍ତିକ କୌଶଳ ଯଥା ପର୍ଯ୍ୟବେକ୍ଷଣ, ଆଲୋଚନା, ପରିପ୍ରକାଶ, ବ୍ୟାଖ୍ୟା, ବର୍ଗୀକରଣ, ଭାବର ଆଦାନ ପ୍ରଦାନ, ପରୀକ୍ଷଣ, ଅନୁମାନ ଇତ୍ୟାଦି ମାଧ୍ୟମରେ ଶିକ୍ଷକ ବିଭିନ୍ନ ଅଭିଜ୍ଞତା ପ୍ରଦାନ କରି ଶିକ୍ଷଣକୁ ଅର୍ଥପୂର୍ଣ୍ଣ କରିବା ଆବଶ୍ୟକ। କୌଣସି ଉତ୍ତରକୁ ଠିକ୍ ବା ଭୁଲ୍ ନ

Module
8

ଦର୍ଶାଇ ଶିକ୍ଷକ ନିଜର ଉପଯୁକ୍ତ ସହାୟତା ଦ୍ୱାରା ପିଲାଙ୍କୁ ଅଧିକରୁ ଅଧିକ ଅନ୍ୱେଷଣ କରିବାକୁ ଉତ୍ସାହିତ କରିବା ଆବଶ୍ୟକ। ଏହା ଶିକ୍ଷାର୍ଥୀଙ୍କୁ ନିଜର ପୂର୍ବ ଅଭିଜ୍ଞତାକୁ ନୂତନ ଅଭିଜ୍ଞତା ସହ ସଂପର୍କିତ କରି ନିଜର ଜ୍ଞାନ ସଂଗଠନ କରିବାରେ ସାହାଯ୍ୟ କରିବ।

ଶିକ୍ଷାର୍ଥୀମାନଙ୍କୁ ଅର୍ଥପୂର୍ଣ୍ଣ ଭାବରେ ନିୟୋଜିତ କରିବାକୁ ହେଲେ, ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆବଶ୍ୟକୀୟ କୌଶଳ ଓ ସାମାଜିକ ଓ ସଙ୍କଟାପନ୍ନ ଘଟଣା ପ୍ରତି ଉଦ୍‌ବେଗ ପ୍ରକାଶ କରିବାର ଦକ୍ଷତା ବିକାଶ କରିବା (ଯେଉଁଗୁଡ଼ିକ ପରିବେଶ ଅଧ୍ୟୟନର ଗୋଟିଏ ପ୍ରଧାନ ଲକ୍ଷ୍ୟ) ପାଇଁ ବିଭିନ୍ନ ଶିକ୍ଷଣ ଅଭିଜ୍ଞତାଗୁଡ଼ିକର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି। ଆବଶ୍ୟକୀୟ ବୌଦ୍ଧିକ ପ୍ରକ୍ରିୟା, ମନୋବୃତ୍ତି ଏବଂ ମୂଲ୍ୟବୋଧର ବିକାଶ କରିବା ପାଇଁ ବିଭିନ୍ନ ପ୍ରକାରର ଶିକ୍ଷଣ ଅନୁଭୂତି ସାହାଯ୍ୟ କରେ ଯାହା ଚତୁଃପାର୍ଶ୍ୱର ପରିବେଶ ଶିକ୍ଷଣକୁ ପ୍ରଭାବିତ କରିବାରେ ବ୍ୟବହାର କରାଯାଏ। ଶିକ୍ଷାର୍ଥୀମାନଙ୍କୁ ସାମାଜିକ ଭେଦଭାବ, ପରିବେଶର ଘଟଣାସମୂହ ଏବଂ ଅନ୍ୟାନ୍ୟ ଜଟିଳ ବିଷୟ ଗୁଡ଼ିକ ପ୍ରତି ସମ୍ବେଦନଶୀଳ କରାଇବା ପାଇଁ ବର୍ଣ୍ଣନା, ଘଟଣା ଅଧ୍ୟୟନ, ସମ୍ବାଦପତ୍ରର ରିପୋର୍ଟ ଭାବରେ ଥିବା ଶିକ୍ଷଣ ପ୍ରସଙ୍ଗଗୁଡ଼ିକର ବ୍ୟବହାର କରାଯାଇପାରିବ। ଉଦାହରଣ ମାଧ୍ୟମରେ ସେଥିମଧ୍ୟରୁ କେତେକ ନିମ୍ନରେ ଆଲୋଚନା କରାଯାଇଛି।

## ୫.୧ ପରିବେଶ ଅଧ୍ୟୟନ ଶିକ୍ଷାଦାନ – ଶିକ୍ଷଣ ପାଇଁ କୌଶଳ ସମୂହ:

### (କ) ପ୍ରକଳ୍ପ

- ପ୍ରକଳ୍ପ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣ ଉପାୟ, ଯାହା ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଦଳଗତ ଭାବରେ ଦିଆଯାଇପାରିବ। ଶିକ୍ଷକ ବିଷୟ ଆଧାରରେ କିମ୍ବା ପ୍ରସଙ୍ଗ ଆଧାରରେ ପ୍ରକଳ୍ପ ଚିହ୍ନଟ କରିପାରନ୍ତି ଏବଂ ପ୍ରକଳ୍ପର ଯୋଜନା ଓ ନକ୍‌ସା ପ୍ରସ୍ତୁତିରେ ଶିକ୍ଷାର୍ଥୀ ମାନଙ୍କୁ ସାମିଲ୍ କରିପାରନ୍ତି। ପ୍ରକଳ୍ପ କାର୍ଯ୍ୟ ପାଇଁ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ସମୟ ଭିତରେ ବା ଘରେ କାର୍ଯ୍ୟ କରିପାରନ୍ତି।

**କେତେକ ଉଦାହରଣ –**

- ତୁମ ବାପା ଓ ଜେଜେବାପାଙ୍କ ସମୟରେ ମିଳୁଥିବା ଜଳର ପରିମାଣ ବିଷୟରେ ପଚାରିବୁଝ ଓ ବର୍ତ୍ତମାନର ସ୍ଥିତି ସହ ତାହାକୁ ତୁଳନା କର।
- ଯଦି ତୁମ ଘର ବା ବିଦ୍ୟାଳୟ ନିକଟରେ ହ୍ରଦ, କୂଅ ବା ନଳକୂଅ ଅଛି ସେଠିକି ଯାଅ ଏବଂ ସେ ବିଷୟରେ ଅଧିକ ତଥ୍ୟ ଖୋଜ।

  ଦୂଷିତ ଜଳ, ଜଳର ଉପଲବ୍ଧତା ଏବଂ ଏହାର ପୁନଃବ୍ୟବହାର ବା ପୁନଃଚକ୍ରଣ ବିଷୟରେ ମଧ୍ୟ ପ୍ରକଳ୍ପ ଦିଆଯାଇପାରିବ। ଆପଣ ଶିକ୍ଷାର୍ଥୀମାନଙ୍କୁ

ବିଭିନ୍ନ ଦଳରେ ଭାଗ କରି ପ୍ରତ୍ୟେକ ଦଳକୁ ଏହି ବିଷୟ ବସ୍ତୁ ଗୁଡ଼ିକ ଉପରେ ଯୋଜନା ଓ କାର୍ଯ୍ୟ ପ୍ରସ୍ତୁତ କରିପାରନ୍ତି । ଶିକ୍ଷାର୍ଥୀମାନଙ୍କୁ ସର୍ବେକ୍ଷଣ, ପରୀକ୍ଷଣ, ପାଠାଗାରକୁ ଯିବା ଓ କ୍ଷେତ୍ର ପରିଭ୍ରମଣ କରିବା ପାଇଁ ସହାୟତା ଦିଆଯାଇପାରେ । ଶିକ୍ଷାର୍ଥୀମାନେ ପ୍ରକଳ୍ପର ରିପୋର୍ଟ ଦଳଗତ ଭାବରେ ପ୍ରସ୍ତୁତ କରିପାରନ୍ତି ଏବଂ ଶ୍ରେଣୀରେ ଉପସ୍ଥାପନ କରିପାରନ୍ତି । ଏହି ପ୍ରକଳ୍ପରେ ଶିକ୍ଷାର୍ଥୀମାନେ ମାନନିର୍ଦ୍ଧାରଣ ପାଇଁ ରୁବ୍ରିକ୍ସରେ ଥିବା ସୂଚକ ଗୁଡ଼ିକ (ଯାହାକି ଶିକ୍ଷାର୍ଥୀ ମାନଙ୍କ ସହାୟତାରେ ପ୍ରସ୍ତୁତ କରାଯାଇପାରିବ) ବ୍ୟବହାର କରାଯାଇପାରେ ।

## (ଖ) ଆଲୋଚନା :

ସାମାଜିକ ପରିସ୍ଥିତିରେ ଦଳଗତ ଆଲୋଚନା ଶିକ୍ଷଣରେ ସାହାଯ୍ୟ କରେ । ଆଲୋଚନା ମାଧ୍ୟମରେ ଅଭିଜ୍ଞତା ଓ ଧାରଣା ଯେତେବେଳେ ଅନ୍ୟମାନଙ୍କ ସହ ବିନିମୟ ହୁଏ ସେତେବେଳେ ଅର୍ଥପୂର୍ଣ୍ଣ ଭାବରେ ଜ୍ଞାନ ନିର୍ମାଣ ହୋଇଥାଏ । ପରିବେଶ ଅଧ୍ୟୟନର ପାଠଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶ୍ରେଣୀରେ ତାଙ୍କ ସାଙ୍ଗସାଥୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବା ପାଇଁ ଯଥେଷ୍ଟ ସୁଯୋଗ ଅଛି । ଆଲୋଚନାକୁ ଆଗେଇ ନେବା ପାଇଁ ଶିକ୍ଷକ କେତେକ ପ୍ରଶ୍ନର ବ୍ୟବହାର କରିପାରିବେ, ଯଥା – ତୁମକୁ ଭୋଗ ଲାଗିଲେ ତୁମେ କିପରି ଅନୁଭବ କର ? ଦୁଇ ଦିନ ଧରି ଯଦି ତୁମେ ପାଣି ପାଇବ ନାହିଁ ତେବେ କ'ଣ ହେବ ? କେତେକ ଲୋକ ଜମା ପାଣି ପାଉ ନଥିବା ସ୍ଥଳେ ଅନ୍ୟ କେତେକ ଯଥେଷ୍ଟ ପରିମାଣରେ ପାଣି ପାଉଛନ୍ତି କାହିଁକି ? ଯେଉଁଥିରେ ପ୍ରତ୍ୟେକ ଶିକ୍ଷାର୍ଥୀ ସ୍ୱାଧୀନ ଭାବରେ ନିଜର ମତାମତ ପ୍ରକାଶ କରିପାରିବ ଏବଂ କୌଣସି ମତାମତକୁ ହତାଦର ନ କରି ପ୍ରତ୍ୟେକ ମତାମତକୁ ଗୁରୁତ୍ୱ ଦିଆଯିବ । ସମସାମୟିକ ପ୍ରାସଙ୍ଗିକ ଘଟଣାଗୁଡ଼ିକ ଉପରେ ଆଲୋଚନାକୁ ପ୍ରମାଣ କରିବା ପାଇଁ ଆପଣ ସମ୍ବାଦପତ୍ର / ଟେଲିଭିଜନ୍ ରିପୋର୍ଟ ବା କେତେକ ଘଟଣା ଅଧ୍ୟୟନର ସାହାଯ୍ୟ ନେଇପାରନ୍ତି ।

### ଟିକେ ଚିନ୍ତା କରନ୍ତୁ

- ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କ ଭୂମିକା ବିଷୟରେ କ'ଣ ଆଶା କରାଯାଏ ?
- ସେ ଶ୍ରେଣୀରେ କିପରି ଆଲୋଚନାକୁ ସଂଗଠିତ କରିପାରିବେ ? ଶିକ୍ଷକଙ୍କ ପାଇଁ କେତେକ ସୂଚନାର ତାଲିକା କର ।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏପରି ଘଟଣାଗୁଡ଼ିକ ପ୍ରତି ସଚେତନତା ଓ ସମ୍ବେଦନଶୀଳ ଭାବର ବିକାଶ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ସହ ଶିକ୍ଷକ

ଆଲୋଚନା କରିବାକୁ କୁହାଯାଇଥିବା କେତେକ କାର୍ଯ୍ୟଗୁଡ଼ିକୁ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରେ ଚିହ୍ନଟ କରନ୍ତୁ।

## (ଗ) ପରୀକ୍ଷଣ ଏବଂ ଅନ୍ୱେଷଣ :

ପରୀକ୍ଷଣ ଓ ଅନ୍ୱେଷଣ ଶିକ୍ଷାର୍ଥୀମାନଙ୍କୁ ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ, ନୂଆ କିଛି ତିଆରି କରିବା, ଆଲୋଚନା କରିବା, ଜଟିଳ ଚିନ୍ତନ, ବର୍ଗୀକରଣ, ବିଶ୍ଳେଷଣ, କାରଣ ଖୋଜିବା ଓ ସିଦ୍ଧାନ୍ତ ନେବା ପାଇଁ ଉତ୍ସାହିତ କରେ। ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରେ ଶିକ୍ଷାର୍ଥୀମାନେ ପରୀକ୍ଷଣ କରି ନିଜ ପର୍ଯ୍ୟବେକ୍ଷଣରୁ ଶିଖିବା ପାଇଁ ଯଥେଷ୍ଟ ସୁଯୋଗ ଅଛି। ଏନ୍.ସି.ଆର.ଟି ଦ୍ୱାରା ପ୍ରସ୍ତୁତ ପଞ୍ଚମ ଶ୍ରେଣୀ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରେ "Experment with water" ପ୍ରସଙ୍ଗରେ ପରୀକ୍ଷା କରିବା ପାଇଁ କେତେକ କାର୍ଯ୍ୟ ଦିଆଯାଇଛି ଯଥା (କ) କେଉଁଟି ଭାସେ ଓ କେଉଁଟି ବୁଡେ ? (ଖ) କେଉଁଟି ପାଣିରେ ମିଳାଇଯାଏ ଓ କେଉଁଟି ମିଳାଏ ନାହିଁ ? (ଗ) ପାଣି କେଉଁ ଆଡେ ଗଲା ? ଇତ୍ୟାଦି। ଆପଣମାନେ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସାମଗ୍ରୀ ଦେଇ ବା ପରୀକ୍ଷା କରିବାକୁ ସୂଚନା ଦେଇ କାର୍ଯ୍ୟ ଗୁଡ଼ିକ କରିବାରେ ସହାୟତା ଦେଇପାରନ୍ତି। ଏହା ମଧ ଗୁରୁତ୍ୱପୂର୍ଣ୍ଣ ଯେ ସେହି କାର୍ଯ୍ୟଗୁଡ଼ିକ କରିବାର ଉଦ୍ଦେଶ୍ୟ ସହ ସେମାନେ ପରିଚିତ ହେବା ଜରୁରୀ। ଏହା ମଧ ସମ୍ଭବ ହୁଏ, ପିଲାମାନେ ପରୀକ୍ଷା କରିବା ସମୟରେ ଆଶାତୀତ ଅଧିକ କାମ କରନ୍ତି ଏବଂ ବିଭିନ୍ନ କୌତୁକପ୍ରଦ ପର୍ଯବେକ୍ଷଣ ଲିପିବଦ୍ଧ କରନ୍ତି ଯାହା ତାଙ୍କୁ ପୁନଃ ପରୀକ୍ଷଣ / ଅନୁସନ୍ଧାନ କରିବା ପାଇଁ ସୁଯୋଗ ସୃଷ୍ଟି କରେ। ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବା ପାଇଁ ଏବଂ ଅଧିକରୁ ଅଧିକ ଅନ୍ୱେଷଣ କରିବା ପାଇଁ ଆପଣ କେବଳ ଉତ୍ସାହିତ କରିବାକୁ ଆବଶ୍ୟକ।

## (ଘ) ସର୍ବେକ୍ଷଣ ଓ ସାକ୍ଷାତକାର:

ଶିକ୍ଷାର୍ଥୀମାନେ ଅନ୍ୱେଷଣ କରିବା, ସଂଗ୍ରହ କରିବା ଏବଂ ପାଇଥିବା ତଥ୍ୟ ସାହାଯ୍ୟରେ ଅର୍ଥପୂର୍ଣ୍ଣ ସିଦ୍ଧାନ୍ତରେ ପହଂଚିବା ଇତ୍ୟାଦିରେ ସଂପୂର୍ଣ୍ଣ ହେବାକୁ ସର୍ବେକ୍ଷଣ ସାହାଯ୍ୟ କରେ। ଅଧିକାଂଶ ଅନ୍ୱେଷଣ ଓ ସର୍ବେକ୍ଷଣ କାର୍ଯ୍ୟରେ ଶିକ୍ଷାର୍ଥୀମାନେ ଲୋକମାନଙ୍କ ସହ ସାକ୍ଷାତ କରି ଅଧିକ ତଥ୍ୟ ପାଇଛନ୍ତି। ଶିକ୍ଷାର୍ଥୀମାନଙ୍କୁ ତାଙ୍କ ପରିବେଶରେ ଥିବା ଲୋକମାନଙ୍କ ସହ ଦିଆଯାଇଥିବା କାର୍ଯ୍ୟ ବା ସମସ୍ୟା ସଂପର୍କୀତ ତଥ୍ୟ ସଂଗ୍ରହ କରିବା ପାଇଁ କଥାବାର୍ତ୍ତା କରିବାକୁ ଉତ୍ସାହିତ କରାଯାଇପାରେ। ଏହା ସେମାନଙ୍କୁ ସମସ୍ୟା ସମ୍ବନ୍ଧୀୟ ସିଧାସଳଖ ଅଭିଜ୍ଞତା ପାଇବାରେ ଏବଂ ଅଧିକ

ଶିଖିବାରେ ସାହାଯ୍ୟ କରିଥାଏ । ଶିକ୍ଷାର୍ଥୀମାନେ ସାକ୍ଷାତ୍‌କାର ପାଇଁ ନିଜେ ପ୍ରଶ୍ନ ତିଆରି କରିବା ଓ ସଂଗୃହୀତ ତଥ୍ୟ ଆଧାରରେ ନିଜେ ରିପୋର୍ଟ ପ୍ରସ୍ତୁତି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇପାରେ । ଲୋକମାନଙ୍କ ସହ କଥାବାର୍ତ୍ତା ଏବଂ ସାକ୍ଷାତକାର କରିବା ଦ୍ୱାରା ସେମାନଙ୍କର ଭାବ ବିନିମୟ, ପ୍ରଶ୍ନ ତିଆରି କରିବା ଓ ପଚାରିବା, ପ୍ରତିକ୍ରିୟା/ ଉତ୍ତର ଗୁଡ଼ିକୁ ଲିପିବଦ୍ଧ କରିବା, ବିବରଣୀ ପ୍ରସ୍ତୁତ କରିବା ଇତ୍ୟାଦି କୌଶଳ ଗୁଡ଼ିକ ବିକାଶ ହୋଇଥାଏ ।

**ସର୍ବେକ୍ଷଣ କାର୍ଯ୍ୟର କେତେକ ଉଦାହାରଣ ନିମ୍ନରେ ଦିଆଯାଇଛି ।**

- ବିଦ୍ୟାଳୟ ଏବଂ ନିକଟ ପରିବେଶରେ ଜଳର ଅପଚୟ ଏବଂ ସଂରକ୍ଷଣ ବିଷୟରେ ସର୍ବେକ୍ଷଣ ।
- ବିଦ୍ୟାଳୟ ଏବଂ ନିକଟ ପରିବେଶରେ ବନ୍ଦ ହେଉନଥିବା କଳ, ଫାଟିଥିବା ପାଣିନଳ, ବୋହି ଯାଉଥିବା ଜଳ ଏବଂ ଜଳର ଅଧିକ ବ୍ୟବହାର ସମ୍ବନ୍ଧରେ ଶୀକ୍ଷାର୍ଥୀମାନେ ତଥ୍ୟ ସଂଗ୍ରହ କରି ବିବରଣୀ ଲେଖି ଶ୍ରେଣୀରେ ଆଲୋଚନା କରିପାରିବେ ।

## (ଙ) ଅଭିଜ୍ଞତା ବିନିମୟ:

ପରିବେଶ ଅଧ୍ୟୟନ ଶ୍ରେଣୀର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିକ୍ଷାର୍ଥୀମାନଙ୍କୁ ସ୍ୱାଧିନ ଭାବରେ ଭାବ ପ୍ରକାଶ କରିବାକୁ ସାହାଯ୍ୟ କରିବା । ଶିକ୍ଷକ ସେହିଭଳି ପରିସ୍ଥିତି ସୃଷ୍ଟି କରିପାରିବେ ଯେଉଁଠାରେ ପ୍ରତ୍ୟେକ ଶିକ୍ଷାର୍ଥୀ ବିନା ଦ୍ୱିଧାରେ ଭାବ ବିନିମୟ କରିବାକୁ ସୁଯୋଗ ପାଇବେ । ମୌଖିକ, ଲିଖିତ, ଚିତ୍ରାଙ୍କନ ବା ଅନ୍ୟ କାର୍ଯ୍ୟଦ୍ୱାରା ଭାବ ପ୍ରକାଶ କରିବା ପାଇଁ ସୁଯୋଗ ଦିଆଯାଇପାରେ । ଉଦାହରଣ ସ୍ୱରୂପ : ଯେତେବେଳେ ଜଳର ଉପଲବ୍ଧତାକୁ ବିଷୟରେ ଆଲୋଚନା କରୁଥିବେ ସେମାନେ ନିଜ ଘରେ ଜଳ କେଉଁଠାରୁ ପାଆନ୍ତି କହିବା ପାଇଁ ଉତ୍ସାହିତ କରାଯିବ । ତାଙ୍କ ପରିବାରରେ ବିଭିନ୍ନ ପର୍ବପର୍ବାଣୀରେ ଜଳର ବ୍ୟବହାର ବିଷୟରେ କହିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇପାରେ । ସେମାନେ ଏହାକୁ ଲିଖିତ ଭାବରେ ବା ଚିତ୍ରାଙ୍କନ ମାଧମରେ ଦର୍ଶାଇପାରନ୍ତି । ଏହା ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଲୋକମାନଙ୍କର ସାମାଜିକ - ସାଂସ୍କୃତିକ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିଥାଏ ।

## (ଚ) ଅଭିନୟ :

ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀମାନେ ପ୍ରଦର୍ଶନ କରିବାକୁ ଏବଂ ପ୍ରାକ୍ଟିକାଲ କାର୍ଯ୍ୟ କରିବାକୁ ଭଲ ପାଆନ୍ତି । ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଜୀବନର ଓ କାଳ୍ପନିକ ଚରିତ୍ରଗୁଡ଼ିକର ଅଭିନୟ କରିବାରେ ନାଟକ ସାହାଯ୍ୟ କରେ । ଯାହା ସେମାନଙ୍କର ମନୋବଳକୁ ଦୃଢ଼ କରିବା ସହ ସେହି ଚରିତ୍ରଗୁଡ଼ିକର ଭୂମିକାରେ ଥିବା ମନୋବୃତ୍ତି ।

Module
8

ମୂଲ୍ୟବୋଧକୁ ମଧ୍ୟ ଗଭୀର ଭାବରେ ହୃଦୟଙ୍ଗମ କରିବାରେ ସହାୟକ ହୁଏ। ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଦେବା ଫଳରେ ସେମାନଙ୍କର ଶିକ୍ଷଣ ଅଧିକ ଭଲରେ ହେବ ଏବଂ ପ୍ରସଙ୍ଗକୁ ଭଲରେ ବୁଝିବା ପାଇଁ ସାହାଯ୍ୟ କରିଥାଏ। ଯାହା ବିଷୟ ବସ୍ତୁକୁ କେବଳ ବିଭିନ୍ନ ଦିଗରୁ ଅନ୍ୱେଷଣ କରିବାକୁ ସୁଯୋଗ ଦିଏ ନାହିଁ ବରଂ ଉପଯୁକ୍ତ ଅନାବଶ୍ୟକ ଜିନିଷ ଗୁଡ଼ିକୁ ମଧ୍ୟ ବାଦ ଦେବାକୁ ସୁଯୋଗ ଦେଇଥାଏ। ଭୂମିକା ଅଭିନୟ ପାଇଁ ବହୁତ ପରିସ୍ଥିତି ସୃଷ୍ଟି କରାଯାଇପାରେ।

- ଶିକ୍ଷକ ପିଲାମାନଙ୍କୁ ନିମ୍ନଲିଖିତ ପରିସ୍ଥିତିକୁ ଅଭିନୟ କରିବା ପାଇଁ କହିବେ। ଗୋଟିଏ ଝିଅ ପିଲା ଯିଏକି ଘରେ ରହି ଘରର ସମସ୍ତ କାମ କରିଥାଏ।
- ଗୋଟିଏ ପରିବାର ଯେଉଁଠାରେ ଗୋଟିଏ ପାଣି ଟାଙ୍କିରୁ ପ୍ରତିଦିନ ମାତ୍ର ଦୁଇ ବାଲ୍‌ଟି ପାଣି ପାଇଥାଏ।

**ଟିକେ ଚିନ୍ତା କରନ୍ତୁ**

- ଏହି ପରିସ୍ଥିତିଗୁଡ଼ିକ ମାଧ୍ୟମରେ କେଉଁ କେଉଁ ପ୍ରକ୍ରିୟା ଭିତ୍ତିକ କୌଶଳ ଏବଂ ମୂଲ୍ୟବୋଧଗୁଡ଼ିକ ବିକାଶ କରାଯାଇପାରିବ ?
- ଏହି କାର୍ଯ୍ୟଗୁଡ଼ିକ କିପରି ଉପରେ ବର୍ଣ୍ଣନା କରାଯାଇଥିବା ପାଠ୍ୟକ୍ରମ ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳ ସହ ସଂପର୍କିତ ?
- ଏହି କାର୍ଯ୍ୟଗୁଡ଼ିକରେ ଆପଣ ଦୃଷ୍ଟିହୀନ ଶିକ୍ଷାର୍ଥୀମାନଙ୍କୁ କିପରି ସଂପୃକ୍ତ କରିପାରିବେ ?

## (ଛ) କ୍ଷେତ୍ର ପରିଭ୍ରମଣ :

ଭ୍ରମଣକୁ ଏକ ଆନନ୍ଦ ଦାୟକ ଓ କୌତୁକପୂର୍ଣ୍ଣ କାର୍ଯ୍ୟଭାବରେ ପ୍ରାୟତଃ ଗ୍ରହଣ କରାଯାଇଥାଏ। କିନ୍ତୁ ଶିକ୍ଷାର୍ଥୀମାନେ ପରିବେଶର ଧାରଣାଗୁଡ଼ିକ ଶିଖିବାରେ ଏବଂ ପରିବେଶର ଘଟଣା / ସମସ୍ୟାଗୁଡ଼ିକୁ ପ୍ରତି ସମ୍ବେଦନଶୀଳ ହେବାରେ ସାହାଯ୍ୟ କରିବା ପାଇଁ ଆମେ ଉପଯୁକ୍ତ ଭାବରେ ଯୋଜନା ଏବଂ ଯୋଜନାକୁ ସଂଗଠିତ ନ କରିବା ପର୍ଯ୍ୟନ୍ତ ଏହି ଭ୍ରମଣ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ ନାହିଁ। ନିକଟ ପରିବେଶରେ ଶୁଖିଯାଇଥିବା ପୁନଃଉଦ୍ଧାର ହୋଇଥିବା ଜଳାଶୟ (କୂଅ, ହ୍ରଦ ଓ ପୋଖରୀ) ଗୁଡ଼ିକ ଭ୍ରମଣ କରି ସେହି ଅଂଚଳର ଲୋକମାନଙ୍କ ସହ ଏ ବିଷୟରେ କଥା ହେବା ପରିଭ୍ରମଣର ଏକ ଉଦାହରଣ ହୋଇପାରେ।

ଏଗୁଡ଼ିକ ହେଉଛି ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ବା ଦଳଗତ କାର୍ଯ୍ୟରେ ଅଂଶ ଗ୍ରହଣ କରାଇବା ପାଇଁ ଗୋଟିଏ ଲେଖାଏଁ ଉପାୟ। କିନ୍ତୁ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଓ ପ୍ରାସଙ୍ଗିକତା ଆଧାରରେ ଆହୁରି ଅନେକ କାର୍ଯ୍ୟ ଶିକ୍ଷକ କରାଇପାରିବେ। Jigsaws, ଆଲୋଚନା, ପ୍ରକଳ୍ପ, ଭୂମିକା ଅଭିନୟ, ଅନୁସନ୍ଧାନ ଇତ୍ୟାଦି ମାଧ୍ୟମରେ ଦଳଗତ କାର୍ଯ୍ୟ କରାଯାଇପାରେ। ନ୍ୟସ୍ତ କାର୍ଯ୍ୟର ସ୍ୱରୂପ ଆଧାରରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳ କରିପାରନ୍ତି। ଦଳଗଠନ କରିବା ସମୟରେ ପ୍ରତିଦଳରେ ଯେପରି ବିଭିନ୍ନ ସ୍ତରର ଓ ଭିନ୍ନ ଭିନ୍ନ ପୃଷ୍ଠ ଭୂମିରୁ ଆସିଥିବା ପିଲାମାନେ ରହିବେ ଏଥିପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

## ୫.୨ ଶିକ୍ଷଣ ସମ୍ବଳ :

ପିଲାମାନେ ବିଭିନ୍ନ ଉପାୟରେ ଶିଖିଥାନ୍ତି। ସେଥିପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ ଶିକ୍ଷଣ ସମ୍ବଳ ବ୍ୟବହାର କରି ବିଭିନ୍ନ ଶିକ୍ଷଣ ସୁଯୋଗ ପ୍ରଦାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବେଶ ଅଧ୍ୟୟନର ଶିକ୍ଷାଦାନ ଶିକ୍ଷଣରେ ବିଭିନ୍ନ ପ୍ରକାରର ଶିକ୍ଷଣ ସମ୍ବଳ ବ୍ୟବହାର କରାଯାଇପାରେ। ଉଦାହରଣ ସ୍ୱରୂପ ପାଠ୍ୟପୁସ୍ତକ, ସହାୟକ ପଠନ ସାମଗ୍ରୀ, ଶ୍ରାବ୍ୟ, ଦୃଶ୍ୟ , ଚିତ୍ର, ସାରଣୀ, କାର୍ଟୁନ୍, ପ୍ରାକୃତିକ ପରିବେଶ, ବ୍ୟକ୍ତି ବିଶେଷଙ୍କ ଠାରୁ ତଥ୍ୟ ସଂଗ୍ରହ ଇତ୍ୟାଦି।

ଏକ ଉତ୍ତମ ଶିକ୍ଷଣ ସମ୍ବଳ ଚିହ୍ନଟ କରିବା ଏକ ଜଟିଳ ବିଷୟ ଅଟେ। ଉଦାହରଣସ୍ୱରୂପ: ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ମୁଖ୍ୟତଃ ଶିକ୍ଷାର୍ଥୀର ଚାରିପାଖର ପ୍ରାକୃତିକ, ଭୌତିକ, ସାମାଜିକ ଓ ସାଂସ୍କୃତିକ ପରିବେଶ ଆଧାରରେ ପ୍ରସ୍ତୁତ। କେବଳ ପାଠ୍ୟପୁସ୍ତକ ହିଁ ଜ୍ଞାନର ଏକମାତ୍ର ଉତ୍ସ ହେବା ଉଚିତ୍ ନୁହେଁ। ବରଂ ଏହା ଶିକ୍ଷାର୍ଥୀମାନଙ୍କର ଚାରିପାଖର ବିଭିନ୍ନ ଉତ୍ସରୁ ଜ୍ଞାନ ସଂଗଠନ କରିବାରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ସହାୟତା ପ୍ରଦାନ କରିବା ଉଚିତ୍। ଏହା ଶିକ୍ଷାର୍ଥୀମାନଙ୍କୁ ଅନ୍ୱେଷଣ କରିବା ଏବଂ ନିଜ ଦୈନନ୍ଦିନ ଜୀବନ ସହ ସଂପର୍କିତ କରିବାରେ ସୁଯୋଗ ଦେବା ଉଚିତ୍। ଯେଉଁ ପାଠ୍ୟପୁସ୍ତକ ଗୁଡ଼ିକ କେବଳ ସାଧାରଣ ସଂଜ୍ଞା ଏବଂ ସୂଚନା ଗୁଡ଼ିକୁ ଗୁରୁତ୍ୱ ଦେଇଥାଏ। ସେଗୁଡ଼ିକୁ ଏଡାଇଦେବା ଉଚିତ୍ କାରଣ ଏହା କେବଳ ଘୋଷା ପଦ୍ଧତିକୁ ଗୁରୁତ୍ୱ ଦେବା। ଏହାବ୍ୟତୀତ, ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଶିକ୍ଷାର୍ଥୀମାନଙ୍କର ବୁଝିବା ପାଇଁ ପାଠ୍ୟପୁସ୍ତକର ଭାଷା ସରଳ ହେବା ଆବଶ୍ୟକ।

ଏନ.ସି.ଇ.ଆର.ଟି ର ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ମୁଖ୍ୟତଃ ୬ଟି ବିଷୟବସ୍ତୁ ପରିସର ଉପରେ ପର୍ଯ୍ୟବସିତ। ଯଥା - (୧) ପରିବାର ଏବଂ ବନ୍ଧୁବାନ୍ଧବ ଯାହା ୪ଟି ଉପବିଷୟ ବସ୍ତୁକୁ ଅନ୍ତର୍ଭୁକ୍ତ କରେ। - (୧.୧) ପାରିବାରିକ ସଂପର୍କ, (୧.୨) ବିଭିନ୍ନ କାର୍ଯ୍ୟ ଓ ଖେଳ, (୧.୩) ପ୍ରାଣୀ ଏବଂ (୧.୪)

Module 8

ଉଦ୍ଭିଦ, ଅନ୍ୟ ଗୁଡ଼ିକ ହେଉଛି (୨) ଖାଦ୍ୟ) (୩) ଜଳ (୪) ବାସଗୃହ (୫) ଭ୍ରମଣ (୬) ଆମେ ତିଆରି କରୁଥିବା ଜିନିଷ । ପ୍ରତ୍ୟେକ ବିଷୟବସ୍ତୁ ପିଲାମାନଙ୍କୁ ସୁହାଇଲାଭଳି ଭାଷାରେ ଗୋଟିଏ ମୁଖ୍ୟ ପ୍ରଶ୍ନରୁ ଆରମ୍ଭ ହୋଇଛି । ସଂପୂର୍ଣ୍ଣ ସିଲାବସ୍‌ଟି ଏନ୍.ସି.ଇ.ଆର୍.ଟିର website (http://www.ncert.nic.in/rightside/links/syllabus.html) ରେ ଉପଲବ୍ଧ । ପ୍ରତ୍ୟେକ ଅଧ୍ୟୟନ ବାସ୍ତବ ଜୀବନ ଘଟଣା, ଦୈନନ୍ଦିନ ଜୀବନର ସମସ୍ୟା / ଘଟଣା (ଯଥା ଖାଦ୍ୟ, ଜଳ, ଜଙ୍ଗଲ, ପ୍ରାଣୀମାନଙ୍କର ସୁରକ୍ଷା ପ୍ରଦ୍ୟୁଷଣ ଇତ୍ୟାଦିକୁ) ଗୁଡ଼ିକୁ ଅନ୍ତର୍ଭୁକ୍ତ କରେ । ସମସ୍ତ ଧାରଣା ଗୁଡ଼ିକ ଆଗ୍ରହ ଉଦ୍ଦୀପକ, ତାଙ୍କର ଉତ୍କଣ୍ଠାକୁ ଆକର୍ଷଣ କଲାଭଳି ବର୍ଣ୍ଣନା କରାଯାଇଛି ଏବଂ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଉପସ୍ଥାପନ କରାଯାଇଛି । ପିଲାମାନେ ସ୍ୱାଧିନଭାବରେ ଅଂଶ ଗ୍ରହଣ କରିବା, ଯୁକ୍ତି ଉପସ୍ଥାପନ କରିବା ଏବଂ ସମ୍ବେଦନ ଶୀଳତା ସହ ବିଷୟବସ୍ତୁ ଗୁଡ଼ିକୁ ବୁଝିବା ପାଇଁ ସେଥିରେ ଯଥେଷ୍ଟ ସୁଯୋଗ ଅଛି ।

ବିଭାଗ ୬ ରେ 'ଜଳ'କୁ ଏକ ବିଷୟ ବସ୍ତୁଭାବରେ ନେଇ ପରିବେଶ ଅଧ୍ୟୟନରେ ପାଠ୍ୟକ୍ରମ ପ୍ରତ୍ୟାଶା, ଶୈକ୍ଷିକ ଦିଗ ଏବଂ ଶିକ୍ଷଣ ଫଳାଫଳ ମଧ୍ୟରେ ସଂପର୍କ ସ୍ଥାପନ କରିବାକୁ ଉଦ୍ୟମ କରାଯାଇଛି । ଏହାର ଶୈକ୍ଷିକ ଦିଗକୁ ବୁଝିବା ପୂର୍ବରୁ ଏହି ବିଷୟବସ୍ତୁଟି ବିଭିନ୍ନ ବିଷୟ ଯଥା ବିଜ୍ଞାନ, ସାମାଜିକ ବିଜ୍ଞାନର ବିଭିନ୍ନ ଧାରଣା ଓ ଘଟଣା ଗୁଡ଼ିକ କିପରି ପ୍ରାଥମିକ ସ୍ତରର ଅନ୍ୟ ବିଷୟ ଯଥା ଗଣିତ, ଭାଷା, କଳା ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସହ ସମନ୍ୱିତ ହେଉଛି, ସେ ବିଷୟରେ ଟିକେ ଦୃଷ୍ଟି ଦେବା ।

## ୬. 'ଜଳ' ବିଷୟ ବସ୍ତୁର ପରିସର ଏବଂ ଶୈକ୍ଷିକ ଦିଗ ସମୂହ:

### ୬.୧ 'ଜଳ' ବିଷୟ ବସ୍ତୁର ପରିସର

ପୃଥିବୀ ପୃଷ୍ଠରେ ସମସ୍ତ ଜୀବଜଗତ ବଂଚିବା ପାଇଁ ଜଳ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ପରିବେଶ ଅଧ୍ୟୟନ ବିଭିନ୍ନ ବିଭାଗ ମଧ୍ୟରେ ଏକ ସଂଯୋଗକାରୀ ପରିସର ହୋଇଥିବାରୁ ଏହା ଶିକ୍ଷାର୍ଥୀର ପ୍ରାକୃତିକ ଓ ସାମାଜିକ - ସାଂସ୍କୃତିକ ପରିବେଶ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାଏ । ଜଳ ସମ୍ବନ୍ଧୀୟ ବିଭିନ୍ନ ଧାରଣା ଏବଂ ସମସ୍ୟା ଶ୍ରେଣୀ, ଅଂଚଳ, ନିର୍ବିଶେଷରେ ସାର୍ବଜନୀନ ହୋଇଥିବାରୁ ପରିବେଶ ଗତ ଧାରଣା ଓ ସମସ୍ୟା ଗୁଡ଼ିକ ସାମଗ୍ରୀକ ଭାବରେ ବୁଝିବା ପାଇଁ ସାହାଯ୍ୟ କରିପାରିବ । ସେଥିପାଇଁ ପ୍ରାଥମିକ ସ୍ତରର ପରିବେଶ ଅଧ୍ୟୟନରେ 'ଜଳ'କୁ ଏକ ବିଷୟବସ୍ତୁ ଭାବରେ ନିଆଯାଇପାରିବ । ପରିବେଶ ଅଧ୍ୟୟନରେ ସମନ୍ୱିତ ଦୃଷ୍ଟି ଭଙ୍ଗିର ବିକାଶ କରାଇବା ପାଇଁ ବିଭିନ୍ନ ଶିକ୍ଷଣ ସୁଯୋଗ ପ୍ରଦାନ କରିବାରେ ଏହାର ପରିସର ବ୍ୟାପକ । ଏକ ବିଷୟ ବସ୍ତୁ ଭାବରେ, ଶିକ୍ଷାର୍ଥୀର ନିଜ ପରିବାରରୁ ଆରମ୍ଭ କରି ନିଜ ଚତୁଃପାର୍ଶ୍ୱର ପରିବେଶକୁ ବୁଝିବା ପାଇଁ

ତୃତୀୟ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କ୍ରମାନ୍ୱୟରେ ବିଭିନ୍ନ ଧାରଣା ଗୁଡ଼ିକ ଏଥିରେ ସ୍ଥାନ ପାଇଛି । (ଯେପରି : ମୋ ପାଇଁ ଓ ମୋ ପରିବାର ପାଇଁ 'ଜଳ' ଘରେ ଜଳର ବ୍ୟବହାର, ସଂରକ୍ଷଣ ଓ ଗୁରୁତ୍ୱକୁ ବୁଝିବା, ପରିବେଶରେ ଥିବା ଜଳର ବିଭିନ୍ନ ଉତ୍ସ, ପରିବେଶରେ ଜଳ ସମ୍ବନ୍ଧୀୟ ଦ୍ୱନ୍ଦ, ଜଳର ବ୍ୟବହାରରେ ଲିଙ୍ଗଗତ ଓ ଜାତିଗତ ଭେଦଭାବ, ବୃହତ୍ତର ପ୍ରସଙ୍ଗ ରୂପେ :- ପ୍ରାକୃତିକ ସମ୍ପଦ ଉପରେ କାହାର ଅଧିକାର ? ଅନ୍ୟାନ୍ୟ ପ୍ରଜାତି ଉପରେ ଜଳ ପ୍ରଦୂଷଣର ପ୍ରଭାବ, ଜଳର ଐତିହାସିକ ଉତ୍ସକୁ ଖୋଜିବା, ଜଳ ସଂରକ୍ଷଣର ପାରମ୍ପରିକ ଓ ଆଧୁନିକ ଉପାୟ). ଏହା ବ୍ୟତୀତ, ବିଭିନ୍ନ ପ୍ରକ୍ରିୟା ଭିତ୍ତିକ କୌଶଳ ଯଥା ପର୍ଯ୍ୟବେକ୍ଷଣ, ପରୀକ୍ଷଣ, ମାପ, ଅନୁମାନ କରିବା ଇତ୍ୟାଦିର ବିକାଶ ପାଇଁ ଏହା ସୁଯୋଗ ସୃଷ୍ଟି କରେ। (ଯାହାକି ଅନ୍ୟ ବିଷୟର ପରିସର ଭୁକ୍ତ।) ଏହି ବିଭାଗଟି 'ଜଳ' ବିଷୟବସ୍ତୁ ଆଧାରରେ ବିଭିନ୍ନ ଘଟଣା, ସମସ୍ୟା ଗୁଡ଼ିକୁ ପିଲାମାନଙ୍କୁ ବୁଝିବାରେ ସକ୍ଷମ କରାଇବାରେ ଏବଂ ସେମାନଙ୍କ ଜୀବନ ସହ ସଂପର୍କିତ କରାଇବାରେ ଚିନ୍ତା କରିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ । ପୁନଶ୍ଚ, ଏହି ବିଷୟବସ୍ତୁ ମାଧ୍ୟମରେ ବ୍ୟାଖ୍ୟା କରାଯାଇଥିବା ବିଭିନ୍ନ ବିଷୟ ମଧ୍ୟରେ ସଂପର୍କ ଆପଣଙ୍କୁ ପରିବେଶ ଅଧ୍ୟୟନ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ପରିସରରେ ବିଭିନ୍ନ ପ୍ରକ୍ରିୟା ଭିତ୍ତିକ କୌଶଳ ଗୁଡ଼ିକ ବୁଝିବାରେ ଏବଂ ବିକାଶ କରାଇବାରେ ସାହାଯ୍ୟ କରିବ ।

## ଟିକେ ଚିନ୍ତା କରନ୍ତୁ

- ଯଦି 'ଜଳ'କୁ ଏକ ବିଷୟବସ୍ତୁ ଭାବରେ ନିଆଯାଏ ତେବେ ପରିବେଶ ଅଧ୍ୟୟନର କେଉଁ କେଉଁ ଧାରଣା ଓ ଘଟଣାଗୁଡ଼ିକୁ ସମନ୍ୱିତ କରାଯାଇପାରିବ ?
- ଜଳ ସଂପର୍କିତ ବିଭିନ୍ନ ଧାରଣା ଘଟଣା ଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ଚେଷ୍ଟା କରନ୍ତୁ। ଏହାକୁ ଏକ ମାନସ ଚିତ୍ରଣରେ (ମାଇଣ୍ଡ ମ୍ୟାପ୍) ଦର୍ଶାନ୍ତୁ।

**ଗୋଟିଏ ମାନସ ଚିତ୍ରଣ ନିମ୍ନରେ ଦିଆଯାଇଛି ।**



Module
8

### ଏଥିରେ ଆହୁରି ଅଧିକ ଯୋଡ଼ିବାକୁ ଚେଷ୍ଟା କରନ୍ତୁ।

- ଅନ୍ୟ କେଉଁ ବିଷୟଗୁଡ଼ିକ ଏଥିରେ ଆବଶ୍ୟକ ହେବ ?
- ପରିବେଶ ଅଧ୍ୟୟନର ଅନ୍ୟ ବିଷୟବସ୍ତୁ ସହ ଆପଣ ଏହାକୁ ସଂପର୍କିତ କରିପାରିବେ କି ?
- ଆପଣ ପରିବେଶ ଅଧ୍ୟୟନରେ ସମନ୍ୱିତ ଦୃଷ୍ଟିଭଙ୍ଗୀ ଦେଖିପାରୁଛନ୍ତି କି ? କିପରି ?

ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆବଶ୍ୟକ ଜ୍ଞାନ, କୌଶଳ ଏବଂ ମୂଲ୍ୟବୋଧର ବିକାଶ କରିବା ପାଇଁ ଶିକ୍ଷକ କିପରି ଅର୍ଥପୂର୍ଣ୍ଣ ଶିକ୍ଷଣ ସୁଯୋଗ ସୃଷ୍ଟି କରିପାରିବେ, ଏହା ବୁଝିବା ପାଇଁ ଆମେ  କେତେକ ଧାରଣା ଓ ଘଟଣାଗୁଡ଼ିକ ଆଲୋଚନା କରିବା।

### ୬.୨ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବା ଓ ଯୋଜନା ପ୍ରସ୍ତୁତ କରିବା।

ଜଳର ଉତ୍ସଗୁଡ଼ିକ ବିଷୟରେ ପିଲାମାନଙ୍କର ନିଜସ୍ୱ ବୋଧଗମ୍ୟତା ଥାଏ। ଯେହେତୁ ସେମାନେ ଏହି ଉତ୍ସଗୁଡିକ ଦେଖିଛନ୍ତି / ଜଳ ନେବା ପାଇଁ ବ୍ୟବହାର କରିଛନ୍ତି। କେତେକ ପିଲାଙ୍କର ଜଳର ଉତ୍ସ ବିଷୟରେ ବିକଳ୍ପ / ଭ୍ରମ ଧାରଣା ଥାଏ। ଏହି ବିକଳ୍ପ ଧାରଣା ଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଜଳର ଉତ୍ସ ସମ୍ବନ୍ଧରେ ଥିବା ସେମାନଙ୍କର ପୂର୍ବ ଅଭିଜ୍ଞତାକୁ ଏକାଠି କରିବା ଆବଶ୍ୟକ ଏବଂ ଏହି ଧାରଣା ସମ୍ବନ୍ଧରେ ସେମାନଙ୍କର ଜ୍ଞାନ ସଂଗଠନ କରିବାରେ ସହାୟତା କରିବା ଗୁରୁତ୍ୱପୂର୍ଣ୍ଣ।

### ୬.୨.୧ ଜଳ: ଉପଲବ୍‌ଧତା, ସୁଯୋଗ ଏବଂ ବଣ୍ଟନ:
### ଶିକ୍ଷଣ କାର୍ଯ୍ୟ-୧

ଘରେ ବ୍ୟବହାର କରିବା ପାଇଁ ସେମାନେ ଜଳ କେଉଁଠାରୁ ପାଆନ୍ତି, ଶିକ୍ଷାର୍ଥୀ ମାନଙ୍କୁ ପଚାରନ୍ତୁ। ସେମାନେ ଜଣଙ୍କ ପରେ ଜଣେ କୁହନ୍ତୁ ଏବଂ ସେମାନଙ୍କ ଉତ୍ତରକୁ କଳାପଟାରେ ଆଉଜଣେ ଲେଖନ୍ତୁ। ପିଲାମାନେ ବିଭିନ୍ନ ପ୍ରକାର ଉତ୍ତର ଦେଇପାରନ୍ତି ଯଥା - ନଦୀ, ପୋଖରୀ, ଝରଣା, କୂଅ, ବର୍ଷା, କଳ, ନଳକୂଅ, ଇତ୍ୟାଦି। ଅନ୍ୟ କେତେକ ପିଲା ଡ୍ରାମ, ସୁରେଇ, ବାଲଟି ଇତ୍ୟାଦି ମଧ୍ୟ କହି ପାରନ୍ତି। ସମସ୍ତ ଉତ୍ତରକୁ କଳା ପଟାରେ ଲେଖନ୍ତୁ।

*ଟିପ୍ପଣୀ : ସେମାନଙ୍କ ଉତ୍ତରକୁ ଠିକ୍ ବା ଭୁଲ ଜଣାଇବା ପାଇଁ ଉଦ୍ୟମ କରନ୍ତୁ ନାହିଁ।*

Module 8

ଯେଉଁ ଶିକ୍ଷାର୍ଥୀମାନେ ବିକଳ୍ପ ଉତ୍ସ ବିଷୟରେ କହିଛନ୍ତି ତାକୁ ଚିହ୍ନଟ କରିପାରିବେ ଓ ପୁନଃ ଜ୍ଞାନ ସଂଗଠନ ପାଇଁ ସହାୟତା କରିପାରିବେ। ଶିକ୍ଷକ ଯେ କୌଣସି ଗୋଟିଏ ବିକଳ୍ପ ଉତ୍ତରକୁ ଚିହ୍ନଟ କରି ସେ ସମ୍ବନ୍ଧରେ ଆଲୋଚନା କରିବାକୁ କେତେକ ପ୍ରଶ୍ନ ପଚାରିବେ। - ଯଥା -

- ସେମାନେ ମାଠିଆରେ ପାଣି ରଖିବା ପାଇଁ ପାଣି କେଉଁଠାରୁ ଆଣିଥିଲେ ?
- ପାଣି କଳକୁ ପାଣି କେଉଁଠାରୁ ଆସିଲା ?

ଯେ କୌଣସି ବିକଳ୍ପ ଉତ୍ତରକୁ ବିଶ୍ଳେଷଣ କରିବା ଏବଂ ଶିକ୍ଷାର୍ଥୀଙ୍କୁ ବାଞ୍ଛନୀୟ ଶିକ୍ଷଣରେ ସମର୍ଥ କରିବା ପାଇଁ ପ୍ରଶ୍ନ ସାହାଯ୍ୟ କରିଥାଏ ଏବଂ ଏହା ପିଲାମାନଙ୍କର ମନରେ ସୃଷ୍ଟି ହେଉଥିବା ଦ୍ୱନ୍ଦକୁ ଦୂର କରିବାରେ ସାହାଯ୍ୟ କରିଥାଏ। ସମସ୍ତ ବିକଳ୍ପ ଉତ୍ତରକୁ ଠିକ୍ କରିବା ପାଇଁ ନିରନ୍ତର ପ୍ରଶ୍ନ ହିଁ ସୁଯୋଗ ସୃଷ୍ଟି କରିଥାଏ। ପିଲାମାନେ ଜଳର ସମସ୍ତ ଉତ୍ସକୁ ଖୋଜିବାରେ ସମର୍ଥ ହେବା ପର୍ଯ୍ୟନ୍ତ ଆଲୋଚନା କରାଇବାରେ ସହାୟତା କରନ୍ତୁ ଓ ସମସ୍ତ ଉତ୍ତରକୁ କଳାପଟାରେ ଲେଖନ୍ତୁ।

**ବର୍ତ୍ତମାନ ପ୍ରଥମଥର ଆସିଥିବା ଉତ୍ତରଗୁଡ଼ିକ ନିମ୍ନ ସାରଣୀରେ ବର୍ଗୀକରଣ କରିବାରେ ସାହାଯ୍ୟ କରନ୍ତୁ।**

| ୧. ଜଳକୁ ଆମେ ଯେଉଁ ବସ୍ତୁରେ | ୨. ଯେଉଁଠାରୁ ଜଳ ଆଣୁ ସଂଚୟ କରି ରଖୁ |
|---|---|
| ୧. ବାଲଟି | ୧. ନଦୀ |
| ୨. ମାଠିଆ | ୨. ପୋଖରୀ |

ଯଦି କୌଣସି ଶିକ୍ଷାର୍ଥୀ ପ୍ରଥମ ସାରଣୀରେ କୂଅ ଓ ନଳକୂପ ଲେଖେ ତେବେ ଆପଣ କ'ଣ କରିବେ ?

**ସୂଚନା : ଶିକ୍ଷକ ପୁନଶ୍ଚ ଉପଯୁକ୍ତ ପ୍ରଶ୍ନ ମାଧ୍ୟମରେ ଆଲୋଚନାକୁ ଆଗେଇ ନେବେ।**

**ଉଦାହାରଣ ସ୍ୱରୂପ**

କେହି କୂଅ ଦେଖିଚ କି ? କେଉଁଠାରେ ?

**ଟିପ୍ପଣୀ : ଶିକ୍ଷାର୍ଥୀମାନେ କୂଅ / ନଳକୂଅ ବିଷୟରେ ଉତ୍ତର ଦେଇପାରନ୍ତି ? ବର୍ତ୍ତମାନ ଶିକ୍ଷକ ପଚାରିପାରନ୍ତ।**

- କୂଅ / ନଳକୂଅରେ ପାଣି କେଉଁଠାରୁ ଆସେ ?
- ଭୂତଳ ଜଳ କେଉଁଠାରୁ ଆସେ ବୋଲି ତୁମେ ଭାବୁଛ ?
- ବର୍ଷା ହେବା ପରେ ବର୍ଷାଜଳ କେଉଁଠାକୁ ଯାଏ ?

**ଏହା ଶିକ୍ଷାର୍ଥୀମାନଙ୍କୁ ଜଳର ଉତ୍ସ ଏବଂ ଜଳକୁ ସଂଚୟ କରିବାର ଉପାୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ସାହାଯ୍ୟ କରିବ।**

Module
8

## ଟିକେ ଚିନ୍ତା କରନ୍ତୁ

ଯଦି କିଛି ପିଲାଙ୍କର ଏ ପର୍ଯ୍ୟନ୍ତ ଜଳର ଉତ୍ସ ସମ୍ବନ୍ଧୀୟ ଧାରଣାରେ କିଛି ଦ୍ୱନ୍ଦ ରହିଥିବ ତେବେ ଆପଣ ତାକୁ କିପରି ସାହାଯ୍ୟ କରିବେ ?

ସୂଚନା - ଯଦି ସମ୍ଭବ ତେବେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବାହାରକୁ ନେଇ ବିଦ୍ୟାଳୟରେ ବା ଘରେ ଆମେ ଜଳ କେଉଁଠାରୁ ଆଣୁଛେ ଦେଖାଇପାରିବେ ।

## ଶିକ୍ଷଣକାର୍ଯ୍ୟ-୨

ସେମାନେ ବିଦ୍ୟାଳୟରେ ପାନୀୟ ଜଳ ଯେଉଁଠାରୁ ପାଉଛନ୍ତି ଯଥା ସେଠାକୁ କଳ ଶିକ୍ଷାର୍ଥୀମାନଙ୍କୁ ନେଇ ସେ ବିଷୟରେ ଆଉ କେତେକ ପ୍ରଶ୍ନ ଶିକ୍ଷକ ପଚାରିପାରିବେ ।

ଏହି କଳକୁ ପାଣି କେଉଁଠାରୁ ଆସୁଛି ?

ଏହି ପ୍ରଶ୍ନର ଉତ୍ତର ପାଇଁ ଶିକ୍ଷାର୍ଥୀମାନଙ୍କୁ ବଡ ବଡ ପାଣି ଟାଙ୍କି ପାଖକୁ ନେଇ ପାଣିଟାଙ୍କିରୁ ପାଣି କିପରି କଳକୁ ଯାଉଛି ଦେଖାଇବେ ।

ଶିକ୍ଷାର୍ଥୀମାନଙ୍କୁ ଏହି ପ୍ରଶ୍ନ ପଚାରିପାରିବେ - ପାଣି ଟାଙ୍କିରେ ପାଣି କିପରି ଭର୍ତ୍ତି ହୁଏ ?

ଶିକ୍ଷାର୍ଥୀମାନେ ସଂଗେ ସଂଗେ ଉତ୍ତର ଦେବାକୁ ସକ୍ଷମ ନ ହୋଇ ପାରନ୍ତି । ଶିକ୍ଷକ ନିଜ ଅଞ୍ଚଳ ଅନୁଯାୟୀ ଏହି ବିଷୟକୁ ଶିକ୍ଷାର୍ଥୀଙ୍କ ବୁଝିବାରେ ସହାୟତା କରିପାରନ୍ତି । ଯଦି ସମ୍ଭବ ହୁଏ ସେମାନେ ସେହି ଅଂଚଳର ଜଳର ଉତ୍ସ ଯଥା ବଡ ପାଣି ଟାଙ୍କି, ନଦୀ, ହ୍ରଦ, ଏପରିକି ଭୂତଳ ଜଳ ବିଷୟରେ ଅଧିକ ଅନ୍ୱେଷଣ କରିବା ପାଇଁ ଶିକ୍ଷକ ସହାୟକ ହେବେ ।

## ଶିକ୍ଷଣ କାର୍ଯ୍ୟ-୩

ନିଜ ଘରକୁ ଜଳ କେଉଁଠାରୁ ଆସେ ଶିକ୍ଷାର୍ଥୀମାନଙ୍କୁ ଚିତ୍ରରେ ଦର୍ଶାଇବାକୁ କୁହନ୍ତୁ । ତୃତୀୟ ଶ୍ରେଣୀର କେତେକ ଶିକ୍ଷାର୍ଥୀଙ୍କୁ ଏହି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବା ବେଳେ ସେମାନେ ବହୁତ ଆନନ୍ଦିତ ହେଲେ, ଏବଂ ସୁନ୍ଦର ଚିତ୍ର ଅଙ୍କନ କଲେ । ଚିତ୍ରର ନମୁନା ତଳେ ଦିଆଯାଇଛି ।

ମନେ ରଖନ୍ତୁ ଯେତେବେଳେ ଶିକ୍ଷାର୍ଥୀମାନେ ଚିତ୍ରାଙ୍କନ ମାଧ୍ୟମରେ ତାଙ୍କର ସୃଜନଶୀଳତା ପରିପ୍ରକାଶ କରିବାକୁ ସୁଯୋଗ ପାଇବେ ଏହାକୁ କେବଳ ମଜାଳିଆ କାର୍ଯ୍ୟଭାବରେ ଗ୍ରହଣ ନ କରି ବରଂ ଏଥିରୁ କିପରି ପିଲାଙ୍କର ଉପଯୁକ୍ତ ଶିକ୍ଷଣ ହୋଇପାରିବ ସେଥିପାଇଁ ତାଙ୍କ କାର୍ଯ୍ୟକୁ ବିଶ୍ଳେଷଣ କରିବାକୁ ସୁଯୋଗ ସୃଷ୍ଟି କରିବାକୁ ହେବ ।




ଶିକ୍ଷକ ଏହି ଚିତ୍ରଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କ ଦୃଷ୍ଟିଭଙ୍ଗୀରୁ ବୁଝିବେ ଓ ଜଳର ଉତ୍ସ ସମ୍ବନ୍ଧୀୟ ଧାରଣା ଗୁଡ଼ିକୁ ବୁଝାଇବାରେ ବ୍ୟବହାର କରିପାରିବେ ।

ଆଲୋଚନା ପାଇଁ କେତେକ ପ୍ରଶ୍ନ ଏପରି ହୋଇପାରିବ ।

- ମମତା ଗୋଟିଏ ପାଣିଟାଙ୍କି କାହିଁକି ରଖିଲା ? ଆପଣ କ'ଣ ଭାବୁଛନ୍ତି ?
- ବିଜୟ ତା' ଚିତ୍ରରେ ଗୋଟିଏ ମୋଟର କାହିଁକି ରଖିଛି ?

ଏଥିରେ ଆହୁରି ଅଧିକ ପ୍ରଶ୍ନ ଯୋଡ଼ିବାକୁ ଚେଷ୍ଟା କରନ୍ତୁ ।

ଏଭଳି ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କ ପାଇଁ ଆହ୍ୱାନମୂଳକ ହୋଇପାରେ କିନ୍ତୁ ଶିକ୍ଷକ ଏହାକୁ ସେମାନେ ବୁଝିବା ପାଇଁ ବିଭିନ୍ନ ଉପାୟ ଯଥା - ଆଲୋଚନା, ଭିଡ଼ିଓ, ପ୍ରଦର୍ଶନ, ବୟସ୍କ ମାନଙ୍କ ସହ କଥାବାର୍ତ୍ତା, ନିକଟରେ ଥିବା ବଡ ଟାଙ୍କି ପାଖକୁ ଭ୍ରମଣ, ଜଳ ବୋର୍ଡ ଅଫିସ ପରିଭ୍ରମଣ ଇତ୍ୟାଦି ଅବଲମ୍ବନ କରିବାର ଆବଶ୍ୟକତା ଅଛି ।

ଅଂଚଳ ଭିତ୍ତିରେ ଶିକ୍ଷକ ଆହୁରି ଅନେକ ପ୍ରଶ୍ନ ପଚାରି ପାରିବେ ଏବଂ ଶିକ୍ଷାର୍ଥୀମାନେ ସେମାନଙ୍କର ଅଭିଜ୍ଞତା ବିନିମୟ କରିବାକୁ କହିବେ ଓ ଜଳର ଉପଲବ୍ଧତା, ପ୍ରାପ୍ୟତା ଓ ବଣ୍ଟନରେ ଏପରି ଅସମାନତାର କାରଣ ଆଲୋଚନା କରିବାକୁ କହିବେ ଏବଂ ଏହି ସମସ୍ୟା ପ୍ରତି ଶିକ୍ଷାର୍ଥୀମାନଙ୍କୁ ସମ୍ବେଦନଶୀଳ ହେବାରେ ସାହାଯ୍ୟ କରିବେ ।

## ଶିକ୍ଷଣକାର୍ଯ୍ୟ-୪

ନିମ୍ନରେ ଦିଆଯାଇଥିବା ପୋଷ୍ଟରକୁ ଦେଖନ୍ତୁ । ଶିକ୍ଷକ ଏହାକୁ ଜଳର ବଣ୍ଟନରେ ଅସମାନତା ଏବଂ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ବ୍ୟବହାର କରିପାରିବେ । କିପରି, ଦେଖନ୍ତୁ ।

**Module 8**




### ଆଲୋଚନାର କିଛି ଅଂଶ ଏଗୁଡ଼ିକ ହୋଇପାରିବ-

- ସମସ୍ତଙ୍କ ବଂଚିବା ପାଇଁ ଜଳ ଆବଶ୍ୟକ ଏବଂ ଏହା ଭୂପୃଷ୍ଠରେ ସମସ୍ତଙ୍କର ବ୍ୟବହାର ପାଇଁ ମିଳିଥାଏ ।
- ଲୋକମାନେ ତାଙ୍କ ଘରେ କେଉଁ ଉପାୟରେ ଜଳ ପାଇଥାନ୍ତି ?
- ଏହି ଲୋକମାନେ କେଉଁ ପ୍ରକାରର ସମସ୍ୟାର ସମ୍ମୁଖୀନ ହେଉଥିବେ ?
- ପିଇବା ପାଇଁ ଓ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ପ୍ରତ୍ୟେକ ଲୋକ ଯଥେଷ୍ଟ ପାଣି ପାଇଥାନ୍ତି କି ?
- କାହିଁକି ଅଳ୍ପକେତେକ ଲୋକ ବେଶୀ ପାଣି ପାଉଥିବା ବେଳେ ଅନ୍ୟ କେତେକ ଲୋକ କମ୍ ପାଣି ପାଇଥାନ୍ତି ?
- କେତେକ ଲୋକ ମୋଟର ବ୍ୟବହାର କରି ବା ନଳକୂଅ ଖୋଳି ବେଶୀ ପାଣି ନେଉଛନ୍ତି ବୋଲି ତୁମେ ଭାବୁଛ କି ?
- ଏହା ଅନ୍ୟମାନଙ୍କ ପାଇଁ ସମସ୍ୟାର କାରଣ ଅଟେ କି ? ତୁମେ ଏଭଳି ପରିସ୍ଥିତିରେ କେବେ ସମ୍ମୁଖୀନ ହୋଇଛ କି ?
- ତୁମ ଘରକୁ କିଏ ଓ କେତେଦୂରରୁ ପାଣି ଆଣି ଦିଅନ୍ତି ?
- ସମସ୍ତ ଲୋକ ସମାନ ଉତ୍ସରୁ ଜଳ ବ୍ୟବହାର କରିବା ପାଇଁ କେତେକ ଲୋକଙ୍କୁ ବାଛନ୍ଦ କରାଯାଇଛି କି ?
- ସେହି ଲୋକମାନଙ୍କର ଜଳର ଅଲଗା ଉତ୍ସ ଅଛି କି ?
- ସେହି ଲୋକମାନେ କିଏ ? ସେମାନେ କି ପ୍ରକାରର କାମ କରନ୍ତି ?
- ଟିପ୍ପଣୀ – ଜାତିପ୍ରଥା, ଶ୍ରେଣୀ, ଭଳି କୌଣସି ଘଟଣା ଥିଲେ ତାହାକୁ ଶିକ୍ଷାର୍ଥୀମାନଙ୍କ ଦୃଷ୍ଟିଭଙ୍ଗୀରୁ ସମ୍ବେଦନଶୀଳ ଭାବରେ ଆଲୋଚନା କରିବାର ଆବଶ୍ୟକତା ଅଛି ।

## ଟିକେ ଚିନ୍ତା କରନ୍ତୁ

- ଆପଣ ଆଉ କେତେକ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିପାରିବେ କି ?
- ଶିକ୍ଷଣ କାର୍ଯ୍ୟ- ୧ ରୁ ୪ ରେ ଶିକ୍ଷକ କେଉଁ କୌଶଳ ଅବଲମ୍ବନ କରିଛନ୍ତି ?
- ଉପରୋକ୍ତ ଶିକ୍ଷଣକାର୍ଯ୍ୟଗୁଡ଼ିକରେ କେଉଁ ପ୍ରକ୍ରିୟା ଭିତ୍ତିକ କୌଶଳକୁ ଗୁରୁତ୍ୱ ଦିଆଯାଇଛି ?
- ପରିବେଶ ଅଧ୍ୟୟନ ସହ କଳା ଶିକ୍ଷାକୁ ସମନ୍ୱିତ କରିବାର ସୁଯୋଗ ଅଛି ବୋଲି ଆପଣ ଭାବୁଛନ୍ତିକି ? କିପରି ?
- କୌଣସି ପ୍ରକାରର ସାମାଜିକ ସମସ୍ୟା / ଘଟଣାକୁ ଗୁରୁତ୍ୱ ଦିଆଯାଇଛି କି ? କେଉଁଟିକୁ ଓ କିପରି ?

Module 8

## ୬.୨.୨ ଜଳ: ବୈଜ୍ଞାନିକ ନିୟମାବଳୀ ଏବଂ ପଦ୍ଧତି

ଜଳ ସାର୍ବଜନୀନ ଏବଂ ଏହାର ସ୍ୱତନ୍ତ୍ର ବୈଶିଷ୍ଟ ଅଛି । ଯଥା- ଅବସ୍ଥା, ରଙ୍ଗ, ସ୍ୱାଦ । ସ୍ୱତନ୍ତ୍ର ରାସାୟନିକ ଗଠନ ଯୋଗୁଁ ଏହା ବିଭିନ୍ନ ବୈଜ୍ଞାନିକ ପ୍ରକ୍ରିୟା ଓ ନିୟମାବଳୀକୁ ଅନ୍ୱେଷଣ କରିବା ପାଇଁ ବହୁତ ସୁଯୋଗ ପ୍ରଦାନ କରେ । ଛୋଟ ବୟସରୁ ପିଲାମାନଙ୍କର ଦୈନନ୍ଦିନ ଜୀବନର ଘଟଣାବଳୀରୁ ଜଳ ବିଷୟରେ ବହୁତ ଅଭିଜ୍ଞତା (ଯଥା - ଭାସିବା, ବୁଡ଼ିବା, ଜଳରେ ମିଳାଇଯିବା) ଥାଏ । କିଛି କାର୍ଯ୍ୟ କରିବାକୁ ସୁଯୋଗ ଦେଇ ତାଙ୍କ ଅଭିଜ୍ଞତାଗୁଡ଼ିକ ଉପରେ ଚିନ୍ତା କରିବାରେ ସାହାଯ୍ୟ କରନ୍ତୁ ।

### ଶିକ୍ଷଣକାର୍ଯ୍ୟ-୫

ଜଳକୁ ଆଣିବା ଓ ରଖିବା ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ଆକାରର ଓ ଆକୃତିର ପାତ୍ର ଗୁଡ଼ିକର ନାମ କହିବା ଓ ଚିତ୍ର ଅଙ୍କିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ । ଏହାପରେ ଜଣେ ଅନ୍ୟଜଣଙ୍କର ଚିତ୍ର ଦେଖିବାକୁ ସୁଯୋଗ ଦିଅନ୍ତୁ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ।

- ଏହି ପାତ୍ରଗୁଡ଼ିକ କେଉଁଥିରେ ତିଆରି ?
- ଏହି ପାଣି ରଖାଯାଇଥିବା ପାତ୍ରଗୁଡ଼ିକ ବ୍ୟବହାର କରି କେଉଁ କେଉଁ କାମ କରାଯାଇପାରେ ?
- ସବୁକାମ କରିସାରିବା ପରେ କେତେ ସମୟ ପର୍ଯ୍ୟନ୍ତ ସେଥିରେ ପାଣି ରହିପାରିବ ?
- କେତେ ପରିମାଣର ପାଣି ସେଥିରେ ସଂଚୟ କରାଯାଇପାରିବ ?
- ଯଦି ଗୋଟିଏ ସରୁ ଓ ଗୋଟେ ଓସାରିଆ ପାତ୍ରରେ ଜଳର ସ୍ତର ସମାନ ହୁଏ ତେବେ ଉଭୟ ପାତ୍ରରେ ଜଳର ପରିମାଣ ସମାନ ହେବ ବୋଲି ଭାବିବା କି ?

### ଶିକ୍ଷଣକାର୍ଯ୍ୟ-୬

ଶିକ୍ଷାର୍ଥୀମାନେ ବିଭିନ୍ନ ଜିନିଷ ଯଥା - ବାଲି, ଚିନି, ଚକ୍, ହଳଦୀଗୁଣ୍ଡ ସଂଗ୍ରହ କରି ଜଳରେ ଏଗୁଡ଼ିକୁ ମିଳାଇବାକୁ ଚେଷ୍ଟା କରନ୍ତୁ । କିଛି ସମୟ ପର୍ଯ୍ୟନ୍ତ ଏଗୁଡ଼ିକ ଜଳରେ ପକାଇ ଘାଣ୍ଟିବାକୁ କୁହନ୍ତୁ ଓ ପର୍ଯ୍ୟବେକ୍ଷଣ କରି ତଥ୍ୟ ଲିପିବଦ୍ଧ କରିବାକୁ ସୂଚନା ଦିଅନ୍ତୁ । ସେମାନେ କିଛି ତରଳ ପଦାର୍ଥ ଯଥା - କାଳି, କ୍ଷୀର, ମହୁ, ତେଲ ଇତ୍ୟାଦି ମଧ୍ୟ ସଂଗ୍ରହ କରି ପାଣିରେ ମିଳାନ୍ତୁ ଓ ଦେଖନ୍ତୁ ଏଗୁଡ଼ିକ ପାଣିରେ ମିଳାଇଯାଉଛି କି ନାହିଁ ।

Module 8

## ଶିକ୍ଷଣକାର୍ଯ୍ୟ-୭

ଶିକ୍ଷାର୍ଥୀମାନେର ବିଭିନ୍ନ ବସ୍ତୁ ଯଥା - କାଠ ପେନସିଲ୍, ଧାତୁ ନିର୍ମିତ କଲମ, ଫୁଲାଯାଇ ନ ଥିବା ଓ ଫୁଲାଯାଇଥିବା ବେଲୁନ୍, ଇଟା ଖଣ୍ଡ, ଷ୍ଟିଲ୍, ଚାମଚ, ପ୍ଲାଷ୍ଟିକ ଚାମଚ, ଆଇସକ୍ରିମ୍ କପ, ଛୁଞ୍ଚି, ମହମବତୀ, ତେଲ, ବଟର, କାର୍ଡବୋର୍ଡ଼, ଦିଆସିଲି କାଠି, ରବର, ଷ୍ଟିଲ ପ୍ଲେଟ, ପତ୍ର, ପଥର, ଖାଲି ପାଣି ବୋତଲ, ପାଣି ଭର୍ତ୍ତି ହୋଇଥିବା ବୋତଲ ଇତ୍ୟାଦି ସଂଗ୍ରହ କରନ୍ତୁ। ଜଳରେ ଏଗୁଡ଼ିକ ମଧ୍ୟରୁ କେଉଁଟି ଭାସିବ ଓ କେଉଁଟି ବୁଡ଼ିବ ଅନୁମାନ କରି କହିବାକୁ ଉତ୍ସାହିତ କରନ୍ତୁ। ଏହାପରେ ଗୋଟିଏ ବାଲ୍‌ଟି ପାଣିରେ ଉକ୍ତ ବସ୍ତୁଗୁଡ଼ିକୁ ଗୋଟିଏ ପରେ ଗୋଟିଏ ପକାଇ ପରୀକ୍ଷା କରନ୍ତୁ ଏବଂ ପର୍ଯ୍ୟବେକ୍ଷଣ କରି ପାଇଥିବା ଫଳାଫଳକୁ ଖାତାରେ ସାରଣୀ କରି ଲେଖନ୍ତୁ।

### ସାରଣୀ

| ବସ୍ତୁର ନାମ | ଭାସିଲା | ବୁଡ଼ିଲା |
|---|---|---|
| | | |
| | | |

### ବର୍ତ୍ତମାନ ଆଲୋଚନା କରାନ୍ତୁ -

- କେଉଁ ବସ୍ତୁଗୁଡ଼ିକ ଜଳରେ ଭାସିଲା ?
- କେଉଁ ବସ୍ତୁଗୁଡ଼ିକ ଜଳରେ ବୁଡ଼ିଲା ?

କେତେକ ବସ୍ତୁ କାହିଁକି ଭାସୁଛି ଓ କେତେକ ବସ୍ତୁ କାହିଁକି ବୁଡ଼ୁଛି ଏ ବିଷୟରେ ଶିକ୍ଷାର୍ଥୀମାନେ ନିଜ ଭାଷାରେ ଆଲୋଚନା କରିବା ପାଇଁ ଉତ୍ସାହିତ କରନ୍ତୁ। ଯଦି ସମାନ ପଦାର୍ଥରେ ତିଆରି କିନ୍ତୁ ଭିନ୍ନ ଆକୃତିର ବସ୍ତୁଦ୍ୱୟ ଭାସିବା ବୁଡ଼ିବା କ୍ଷେତ୍ରରେ ଅଲଗା ବ୍ୟବହାର ପ୍ରଦର୍ଶନ କରନ୍ତି ସେଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ ଶିକ୍ଷାର୍ଥୀମାନଙ୍କ ଅଭିପ୍ରେରିତ କରନ୍ତୁ।

## ଶିକ୍ଷଣକାର୍ଯ୍ୟ-୮

ଗୋଟିଏ ରବର ବଲକୁ ଗୋଟିଏ ବାଲ୍‌ଟି ପାଣିରେ ଭସାନ୍ତୁ। ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଉପାୟରେ ଚିନ୍ତା କରି ସେହି ବଲକୁ ବୁଡ଼ାଇବାକୁ ଚେଷ୍ଟା କରିବାକୁ କୁହନ୍ତୁ। ସେହି ଉପାୟଗୁଡ଼ିକ କାମ କଲା କି ? ଭାସୁଥିବା ଜିନିଷକୁ ବୁଡ଼ାଯାଇପାରିବ ବା ବିପରୀତ କ୍ରମେ ବୁଡ଼ୁଥିବା ଜିଷକୁ ଭାସିବା ଅବସ୍ଥାରେ ରଖାଯାଇପାରିବ ସେଭଳି ପରିସ୍ଥିତିଗୁଡ଼ିକ ଖୋଜିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ ସେମାନଙ୍କର ପର୍ଯ୍ୟବେକ୍ଷଣକୁ ଅନ୍ୟମାନଙ୍କ ସହ ଆଲୋଚନା କରନ୍ତୁ।

Module
8

ଯାହା ସେମାନେ ପର୍ଯ୍ୟବେକ୍ଷଣ କରିଛନ୍ତି ସେଗୁଡ଼ିକୁ ଚିତ୍ରରେ ଦର୍ଶାଇବାକୁ କୁହନ୍ତୁ। ଏହା ଦ୍ୱାରା ବିଭିନ୍ନ ବସ୍ତୁର କେତେ ଅଂଶ ବୁଡୁଛି ଜାଣିବା ପାଇଁ ଅତି ପାଖରୁ ପର୍ଯ୍ୟବେକ୍ଷଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରେ।

## ଶିକ୍ଷଣକାର୍ଯ୍ୟ-୯

ଶିକ୍ଷାର୍ଥୀମାନେ ଗୋଟିଏ ଗ୍ଲାସରେ କିଛି ପାଣି ନେଇ ସେଥିରେ ଗୋଟିଏ ଅଣ୍ଡାକୁ ଧିରେ ରଖନ୍ତୁ। ଏହା ବୁଡୁଛି ବା ଭାସୁଛି ସେମାନେ ପର୍ଯ୍ୟବେକ୍ଷଣ କରନ୍ତୁ। ପାଣିଗ୍ଲାସରେ କିଛି ଚିନି ମିଶାଇ ଆଉଥରେ ପର୍ଯ୍ୟବେକ୍ଷଣ କରିବାକୁ କୁହନ୍ତୁ। ଧିରେ ଧିରେ ଏଥିରେ ଚିନି ମିଶାଇ ଚାଲନ୍ତୁ (ଗୋଟିଏ ଗ୍ଲାସ ପାଣିରେ ୧୦ ରୁ ୧୨ ଚାମଚ ଚିନି) କ'ଣ ହେଉଛି ? ଏହି କାର୍ଯ୍ୟକୁ ସେମାନେ ପୁନର୍ବାର ପାଣିରେ ଲୁଣ ମିଶାଇ କ'ଣ ହେଉଛି ପର୍ଯ୍ୟବେକ୍ଷଣ କରନ୍ତୁ।

***ଟିପ୍ପଣୀ: ପ୍ରତ୍ୟେକ ଶିକ୍ଷାର୍ଥୀକୁ ପରୀକ୍ଷଣ, ପର୍ଯ୍ୟବେକ୍ଷଣ, ଲିପିବଦ୍ଧ କରି ସିଦ୍ଧାନ୍ତ ନିରୂପଣ କରିବାକୁ ଦିଅନ୍ତୁ। ଶିକ୍ଷାର୍ଥୀ ନିଜ ଭାଷାରେ ଉତ୍ତର ଲେଖିଲେ ତାକୁ ଗ୍ରହଣ କରନ୍ତୁ ଉଦାହରଣସ୍ୱରୂପ: ଜଳ ଓଜନିଆ ବା ମୋଟା। ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନେ ସାନ୍ଦ୍ରତା / ଘନତ୍ୱ ଇତ୍ୟାଦି ବିଷୟରେ ଜାଣି ନଥାନ୍ତି। ତଥ୍ୟ ଓ ନିୟମରେ ଘୋଷି ମନେରଖିବା ବିଜ୍ଞାନର ପ୍ରକ୍ରିୟା ନୁହେଁ। ବରଂ ଏହା ଏକ ପ୍ରକ୍ରିୟା ଯେଉଁଥିରେ ଶିକ୍ଷାର୍ଥୀମାନେ ଅନୁମାନ, ପରୀକ୍ଷଣ କରି ସିଦ୍ଧାନ୍ତରେ ଉପନୀତ ହୋଇଥାନ୍ତି।***

## ଟିକେ ଚିନ୍ତା କରନ୍ତୁ

- ଶିକ୍ଷଣକାର୍ଯ୍ୟ ୫ ରୁ ୯ ରେ କେଉଁ ଧାରଣା ଗୁଡ଼ିକ ବିଷୟରେ କୁହାଯାଇଛି।
- ଏହି ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ କେଉଁ ପ୍ରକ୍ରିୟା ଭିତ୍ତିକ କୌଶଳଗୁଡ଼ିକର ଅଭିବୃଦ୍ଧି ହୋଇପାରିବ ?
- ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟକୁ ଶିକ୍ଷକ କିପରି ମାନ ନିର୍ଦ୍ଧାରଣ କରିବେ ?
- ଉପରୋକ୍ତ କାର୍ଯ୍ୟମାଧ୍ୟମରେ ଶିକ୍ଷଣ ସହ ମାନନିର୍ଦ୍ଧାରଣକୁ କିପରି ଗୁରୁତ୍ୱ ଦେଇପାରିବେ ?

***ସୂଚନା : ଶିକ୍ଷଣ ସହ ମାନନିର୍ଦ୍ଧାରଣ - ସ୍ୱଚିନ୍ତନ, ସ୍ୱଶିକ୍ଷଣ, ସାଙ୍ଗସାଥୀଙ୍କ ସହ ଶିକ୍ଷଣ ଓ ସାଙ୍ଗସାଥୀଙ୍କ ଦ୍ୱାରା ମାନନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେଇଥାଏ।***

- କେଉଁ ଶିକ୍ଷଣ ଫଳାଫଳଗୁଡ଼ିକ ଏହି ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ହାସଲ ହୋଇପାରିବ ? ତାଲିକା ପ୍ରସ୍ତୁତ କରନ୍ତୁ।
- ପ୍ରାଥମିକ ସ୍ତରରେ ଆଉ କେଉଁ ଧାରଣାଗୁଡ଼ିକ ନିଆଯାଇପାରିବ ? ସେହି ଧାରଣାଗୁଡ଼ିକୁ ଆଧାର କରି ଅଧିକ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରନ୍ତୁ।

Module 8

### ୬.୨.୩ ଜଳ: ସାଂସ୍କୃତିକ ଦିଗ:

ଅତୀତ ସମୟରୁ ଦେଶର ବିଭିନ୍ନ ଅଂଚଳରେ ଓ ବିଭିନ୍ନ ଧର୍ମରେ ଏବଂ ନଦୀକୁ ପୂଜା କରିବା, ପୂଜା ପାଠରେ ଜଳର ଭୂମିକା ଏକ ପ୍ରଥା ଭାବରେ ଏବଂ ଏହା ଆମ ସାଂସ୍କୃତିର ଏକ ସମନ୍ୱିତ ଅଂଶ ଭାବରେ ରହିଆସିଛି। ଶିକ୍ଷାର୍ଥୀମାନଙ୍କର ସାମାଜିକ - ସାଂସ୍କୃତିକ ଜଗତ ସହ ଜଳକୁ ସଂପର୍କିତ କରିବା ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରେ ଏବଂ ଏହି ପ୍ରାକୃତିକ ସମ୍ବଳର ସୁରକ୍ଷା କରିବା ପାଇଁ ସେମାନଙ୍କୁ ସଚେତନ କରାଯାଇପାରେ।

**ଶିକ୍ଷଣକାର୍ଯ୍ୟ-୧୦**

ଶ୍ରେଣୀରେ ଶିକ୍ଷାର୍ଥୀମାନେ ଜାଣିଥିବା ଜଳ ସଂପର୍କୀତ କୌଣସି ଲୋକଗୀତ ଗାଇପାରନ୍ତି ବା କବିତା ଆବୃତ୍ତି କରିପାରନ୍ତି। ତାପରେ ସେମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚରାଯାଇପାରେ।

- ସେମାନେ ଏ ଗୀତ କେଉଁଠାରୁ ଶିଖିଲେ ?
- କେଉଁ ପର୍ବ ସମୟରେ ଲୋକମାନେ ଏ ଗୀତ ଗାଉଥିଲେ ?
- କେତେକ ପର୍ବର ନାମ କୁହ ଯେଉଁଥିରେ ଜଳର ସାଂସ୍କୃତିକ ମହତ୍ତ୍ୱ ଅଛି। (ଉଦାହରଣ : ବିହାରର ଛଟ୍ ପୂଜା, ପଶ୍ଚିମ ବଙ୍ଗରେ ଦୁର୍ଗାପୂଜା, ମହାରାଷ୍ଟ୍ରରେ ଗଣେଷ ଚତୁର୍ଥୀ, ମେଘାଳୟରେ ବେହଦିଏଙ୍ଗଲାମ୍, ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣମୀ ଇତ୍ୟାଦି)
- ତୁମ ଅଞ୍ଚଳର କେଉଁ ପର୍ବ ପର୍ବାଣିରେ ଜଳ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ?
- ସେହି ପର୍ବ ପାଳନ କରିବାରେ ଜଳ କିପରି ସାହାଯ୍ୟ କରିଥାଏ ?
- ଏହି ପର୍ବଗୁଡ଼ିକ ବ୍ୟତୀତ, ଅନ୍ୟ କେଉଁ ସାଂସ୍କୃତିକ ଉତ୍ସବରେ (ଉଦାହରଣ - ଜନ୍ମ ଉତ୍ସବ / ମୃତ୍ୟୁ / ବିବାହ ଇତ୍ୟାଦି) ଜଳ ମୁଖ୍ୟ ଭୂମିକା ଗ୍ରହଣ କରେ / ପୂଜା କରାଯାଏ ?
- ଏହି ଉତ୍ସବଗୁଡ଼ିକରେ ଲୋକମାନେ ଜଳ ସଂପର୍କିତ କେତେକ ସ୍ୱତନ୍ତ୍ର ଗୀତ ଗାଇଥାନ୍ତି କି ? କେତେ ଧାଡି ଗାଅ।
- ଜଳ ସମ୍ପର୍କର୍ିତ କିଛି ସ୍ୱତନ୍ତ୍ର ନାଚ ଅଛି କି ? ନାମ କୁହ।
- ଜଳକୁ ଲୋକମାନେ କୌଣସି ପ୍ରତିମୂର୍ତ୍ତି / ଖାଦ୍ୟପଦାର୍ଥ ଯାଚନା କରନ୍ତି କି ?
- ଲୋକମାନେ ଅନ୍ୟ କେଉଁ ଜିନିଷ ଜଳରେ ଭସାନ୍ତି ବା ଜଳକୁ ଯାଚନା କରନ୍ତି ? ଲୋକମାନେ ଜଳରେ ପବିତ୍ର ବୁଡ଼ ପକାନ୍ତି କି ?

**ଟିକେ ଚିନ୍ତା କରନ୍ତୁ**

- ପରିବେଶ ଅଧ୍ୟୟନ ଯେଉଁ ଅଭିଜ୍ଞତା ପ୍ରଦାନ କରେ ଶିକ୍ଷାର୍ଥୀ ମାନଙ୍କର ସାମଗ୍ରିକ ବିକାଶ ଓ ସାମଗ୍ରିକ ଶିକ୍ଷଣରେ ସାହାଯ୍ୟ କରିଥାଏ। ଉପରୋକ୍ତ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଏହି ଦିଗରେ କିପରି ସାହାଯ୍ୟ କରିବ ବୋଲି ଆପଣ ଭାବୁଛନ୍ତି।

*ସୂଚନା : ବୌଦ୍ଧିକ ଦିଗ ସହ ସାମାଜିକ - ଆବେଗିକ ଦିଗରେ ଧ୍ୟାନ ଦିଆଯିବ।*

## ୬.୨.୪ : ଜଳ ସଂରକ୍ଷଣ : ଏକ ପରିବେଶଗତ ସମସ୍ୟା

Module 8

ଆମ ଜୀବନରେ ଜଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି। ସମସ୍ତ ଜୀବଙ୍କ ବଂଚିବା ପାଇଁ ଏହା ଅତ୍ୟନ୍ତ ଜରୁରୀ ଏବଂ ଦୈନନ୍ଦିନ ଜୀବନର କାର୍ଯ୍ୟଗୁଡ଼ିକ କରିବା ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ। ଶିକ୍ଷାର୍ଥୀମାନଙ୍କୁ ଜଳ ଅମୂଲ୍ୟ ସଂପଦ ଏବଂ ଏହାର ପରିମାଣ କମିଯିବା ବିଷୟରେ କେବଳ ସଚେତନ କରିବା ଆବଶ୍ୟକ ନୁହେଁ, ବରଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଳ ସଂରକ୍ଷଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଆବଶ୍ୟକ କୌଶଳ ଓ ମନୋବୃତ୍ତିର ବିକାଶ କରିବାରା ଆବଶ୍ୟକତା ଅଛି।

ଜଳ ନଷ୍ଟ ନ କରିବା, ଜଳର ପୁନଃ ବ୍ୟବହାର କରିବା ବା ଜଳର ସଂରକ୍ଷଣ କରିବାକୁ ଉପଦେଶ ଦେଲେ ଉପରୋକ୍ତ କୌଶଳର ବିକାଶ ହେବାରେ ତାହା ସାହାଯ୍ୟ କରିବ ନାହିଁ। ତେଣୁ ତାଙ୍କ ଦୈନନ୍ଦିନ ଜୀବନର ସେପରି ପରିସ୍ଥିତି ଚିନ୍ତା କରିବା ଦରକାର ଯେଉଁଥିରେ ଜଳର ଅଭାବ ଜନିତ ସମସ୍ୟାକୁ ଚିହ୍ନଟ କରିବା ଏବଂ ତାକୁ ଦୂର କିରବା ପାଇଁ ପଦକ୍ଷେପ ନେବାର ସୁଯୋଗ ଥିବ।

### ଶିକ୍ଷଣକାର୍ଯ୍ୟ-୧୧

କମ ପରିମାଣର ଜଳ ଯୋଗାଣ ବିଷୟରେ ଚିତ୍ର, ଭିଡିଓ, ସମ୍ବାଦପତ୍ରର ସମ୍ବାଦ ଆପଣ ଦେଖାଇପାରନ୍ତି।

**ମରାମତି କାର୍ଯ୍ୟ ଯୋଗୁଁ ସମଗ୍ର ଦିଲ୍ଲୀ ସହରରେ ଜଳ ଯୋଗାଣ ବନ୍ଦ ରହିବ।**

**ନୂଆଦିଲ୍ଲୀ :** ନୂଆଦିଲ୍ଲୀ ନଗର ନିଗମ ସହ ସହରର ପ୍ରମୁଖ ଅଂଶ ଗୁଡ଼ିକରେ ଜଳ ଯୋଗଣ ପାଇପ ଗୁଡ଼ିକର ମରାମତି ଯୋଗୁଁ ଆଜି ସନ୍ଧ୍ୟାରେ ବନ୍ଦ ରହିବ ବୋଲି ଜିଲ୍ଲା ଜଳ ବୋର୍ଡ କହିଛନ୍ତି। ଯେଉଁ ସ୍ଥାନ ଗୁଡ଼ିକରେ ଜଳ ଆଦୌ ଉପଲବ୍ଧ ହେବ ନାହିଁ ବା କମ୍ ମାତ୍ରାରେ ଉପଲବ୍ଧ ହେବ ସେହି ସ୍ଥାନଗୁଡ଼ିକ ହେଲା ସିଭିଲ୍ ଲାଇନ୍, ହିନ୍ଦୁ ରାଓ ହସପିଟାଲ ଏବଂ ପାଖାପାଖି ଅଂଚଳ, କମଳା ନଗର, ଶକ୍ତି ନଗର ଏବଂ କରୋଲ ବାଗ। ଡିସିଏମ ଛକ, ରାନୀ ଝାନସି ମାର୍ଗରେ ଥିବା ପାଇପ ଲାଇନ୍‌ଗୁଡ଼ିକୁ ଜଳ ଯୋଗାଣ ବ୍ୟବହାର ମୁଖ୍ୟ ପାଇପ ସହିତ ସଂଯୁକ୍ତ କରିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି, ଦିଲ୍ଲୀ ଜଳ ବୋର୍ଡ କହିଛନ୍ତି।



Module 8

:http://www.ndtv.com/delhi-news/watch-supply-to-bedisrupted- a c r o s s - d e l h i - duetomaintenance-work-1475615,retrieved on27XApril2019

- ପାଣି ଯୋଗାଣ ନ ହେଲେ ସେମାନେ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବେ ଏ ବିଷୟରେ ତାଙ୍କ ସହିତ ଆଲୋଚନା କରିବେ । ଏହାପରେ ନିମ୍ନଲିଖିତ ପ୍ରଶ୍ନ ପଚାରିବେ:
- ଜଳ ଅଭାବ ଜନିତ ପରିସ୍ଥିତି ତାଙ୍କର କେବେ ହୋଇଛି କି ?
- କେବେ ? ସେହି ସମୟରେ ସେମାନେ କିପରି ଚଳିଲେ ?
- ଯଦି ତାଙ୍କ ପରିବାର ଦିନକୁ ମାତ୍ର ଦୁଇ ବାଲ୍‌ଟି ପାଣି ପାଇବେ ତେବେ ସେମାନେ ଅଗ୍ରାଧିକାର ଭିତ୍ତିରେ କେଉଁ କେଉଁ କାମ କରିବେ ତାଲିକା କରିବେ । ଜଳର ଆବଶ୍ୟକତାକୁ ବୁଝିବା, ଅପଚୟ ଓ ପ୍ରଦୂଷଣକୁ ରୋକିବା, ସେମାନଙ୍କୁ ସକ୍ଷମ କରିବା ପାଇଁ ବିଶ୍ଳେଷଣ କରିବା, ଜଟିଳ ଚିନ୍ତା ଏବଂ ପ୍ରତିଫଳନାତ୍ମକ ଚିନ୍ତା କରିବାରେ ସୁଯୋଗ ଦେବା ପାଇଁ ଏହିଭଳି ବିଭିନ୍ନ ପରିସ୍ଥିତି ସୃଷ୍ଟି କରାଯାଇପାରିବ । ଏଥିପାଇଁ ତାଙ୍କ ଚାରିପାଖରେ ଦୈନନ୍ଦିନ ଜୀବନର ପରିସ୍ଥିତି ଗୁଡ଼ିକ ସହ ତାଙ୍କୁ ପରିଚିତ କରାଇବା ଗୁରୁତ୍ୱପୂର୍ଣ୍ଣ ।

## ଶିକ୍ଷଣକାର୍ଯ୍ୟ-୧୨

ଜଳର ଅପଚୟ / ଅତ୍ୟଧିକ ବ୍ୟବହାର ବିଷୟରେ ଶିକ୍ଷାର୍ଥୀମାନେ ଦଳରେ ତାଙ୍କ ବିଦ୍ୟାଳୟ, ଘର, ପଡ଼ୋଶୀ, ନିଜ ଅଂଚଳକୁ ସର୍ବେକ୍ଷଣ କରିବାକୁ ଯାଇପାରନ୍ତି । ତାଙ୍କ ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବା ପାଇଁ ଶିକ୍ଷକ ଏକ ସାରଣୀ (ନିମ୍ନରେ ଦର୍ଶାଯାଇଥିବା) ଦେଇପାରନ୍ତି । ତାଙ୍କ ପର୍ଯ୍ୟବେକ୍ଷଣ ଅନୁଯାୟୀ ସାରଣୀର ବିଭିନ୍ନ ସ୍ତମ୍ଭରେ (Ë) ଚିହ୍ନ ଦେବେ ।

| କ୍ର.ନଂ | ସାରଣୀ | ବିଦ୍ୟାଳୟ | ଘରେ | ନିଜ ଅଞ୍ଚଳରେ |
|---|---|---|---|---|
| ୧. | ଲିକ୍ କରୁଥିବାକଳ | | | |
| ୨. | ଲିକ୍ କରୁଥିବା ପାଣି ପାଇପ୍ | | | |
| ୩. | ପାଣି ଟାଙ୍କିରୁ ବହି ଯାଉଥିବା ପାଣି | | | |
| ୪. | ଅନ୍ୟାନ୍ୟ | | | |

Module
8

ଶିକ୍ଷାର୍ଥୀମାନେ ଲୋକମାନଙ୍କୁ ପାଣି ଲିକ୍ ହେବା / ଓଭରଫ୍ଲୋ ହେବାର କାରଣ ପଚାରିବୁଝିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇ ପାରେ। ସେମାନେ ଲୋକମାନଙ୍କର ମତାମତକୁ ଲିପିବଦ୍ଧ କରି ନିଜର ସିଦ୍ଧାନ୍ତ ନିରୂପଣ କରିବେ। ସେମାନଙ୍କର ସର୍ବେକ୍ଷଣର ଫଳାଫଳକୁ ଶ୍ରେଣୀରେ ଦଳଗତ ଉପସ୍ଥାପନ ଓ ଆଲୋଚନା କରାଯିବ ଯାହାକି ଶିକ୍ଷାର୍ଥୀମାନଙ୍କ ସାହାଯ୍ୟରେ ପ୍ରସ୍ତୁତ କରାଯାଇଥିବା ରୁବ୍ରିକ୍ସର (ନିମ୍ନରେ ଦିଆଯାଇଥିବା) ସୂଚକ ଆଧାରରେ ଶିକ୍ଷକ ମୂଲ୍ୟାୟନ କରିପାରନ୍ତି।

| ସୂଚକ | ପ୍ରଥମ ସ୍ତର | ଦ୍ୱିତୀୟ ସ୍ତର | ତୃତୀୟ ସ୍ତର |
|---|---|---|---|
| ପ୍ରଶ୍ନ ତିଆରି ଆଲୋଚନା କରି | ଶିକ୍ଷକ ସମସ୍ତ ପ୍ରଶ୍ନ ତିଆରି କରିଥିଲେ | ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ସହାୟତାରେ ପ୍ରଶ୍ନ ତିଆରି କରିଥିଲେ। | ଦଳରେ ସାଙ୍ଗମାନଙ୍କ ସହ ଅଧିକାଂଶ ପ୍ରଶ୍ନ ତିଆରି କରିଥିଲେ। |
| ମତାମତ ସଂଗ୍ରହ ଆଲୋଚନା ବେଳେ ଅଧିକ | ଅନୁସନ୍ଧାନ ପାଇଁ କୌଣସି ଉଦ୍ୟମ ନକରି ପ୍ରଶ୍ନ ପଚାରିଥିଲେ। | ବେଳେବେଳେ ଅନୁସନ୍ଧାନ ପ୍ରଶ୍ନ ପଚାରିଥିଲେ। | ଗଭୀର ଅନୁସନ୍ଧାନ କରୁଥିଲେ। ପାଇଁ ପ୍ରଶ୍ନ ପଚାରିଥିଲେ |
| ତଥ୍ୟ ଲିପିବଦ୍ଧ କରିଥିଲେ ଏବଂ ରିପୋର୍ଟ ଓ ଲିଖିତ ପ୍ରସ୍ତୁତ କରିଥିଲେ। | ମତାମତ ଗୁଡ଼ିକୁ ସଂଗଠିତ କରାଯାଇନଥିଲା କେତେକ ତଥ୍ୟ କେବଳ ମୌଖିକ ଭାବରେ ସଂଗ୍ରହ କରିଥିଲେ | ତଥ୍ୟଗୁଡ଼ିକୁ କ୍ରମାନ୍ୱୟରେ ଲିପିବଦ୍ଧ କରିଥିଲେ ଏବଂ ଲିଖିତ ରିପୋର୍ଟ ଉପସ୍ଥାପନ କରିଥିଲେ। | ତଥ୍ୟଗୁଡ଼ିକୁ କ୍ରମାନ୍ୱୟରେ ଲିପିବଦ୍ଧ ଏବଂ ଶ୍ରେଣୀରେ ଉଭୟ ମୌଖିକ ଭାବରେ ରିପୋର୍ଟ ଉପସ୍ଥାପନ |
| ସିଦ୍ଧାନ୍ତ ନିରୂପଣ ସିଦ୍ଧାନ୍ତ | ନିଜର ମତାମତ ନଦେଇ ତଥ୍ୟ ଆଧାରରେ ସିଦ୍ଧାନ୍ତ ନିରୂପଣ କରି ଥିଲେ। | ନିଜର କେତେକ ଯଥାର୍ଥ ମତାମତ ଦେଇ ଉପଯୁକ୍ତ ସିଦ୍ଧାନ୍ତ ନିରୂପଣ କରିଥିଲେ | ଯୁକ୍ତିଯୁକ୍ତ ଭାବରେ ବ୍ୟାଖ୍ୟା କରି ନିରତୂପଣ କରିଥିଲେ |
| ସହଯୋଗ ଅଂଶ ଗ୍ରହଣ | କେତେକ ସଦସ୍ୟ ଅଂଶଗ୍ରହଣ କରିଥିଲେ ଓ ଅନ୍ୟମାନେ ଆଦୌ ଅଂଶଗ୍ରହଣ କରିନଥିଲେ। | କେତେକ ସଦସ୍ୟ ଅଂଶ ଗ୍ରହଣ କରିଥିଲେ ଏବଂ ଅନ୍ୟମାନେ ସେ ବିଷୟରେ ଅବଗତ ହେଲେ। | ସମସ୍ତ ସଦସ୍ୟ ସମାନ ଭାବରେ କରିଥିଲେ। |

Module 8

ରୁବ୍ରିକ୍‌ସରେ ଦିଆଯାଇଥିବା ବର୍ଣ୍ଣନାକୁ ବ୍ୟବହାର କରି ଯେଉଁ ଦିଗଗୁଡ଼ିକରେ ଉନ୍ନତିର ଆବଶ୍ୟକ ଅଛି । ସେଗୁଡ଼ିକୁ ଚିହ୍ନଟ କରିବେ । ଉପଯୁକ୍ତ ପ୍ରତିପୁଷ୍ଟି ଦେବା ସହ ସେ ଶିକ୍ଷାର୍ଥୀମାନଙ୍କର ସ୍ୱ-ଚିନ୍ତନ ଓ ସ୍ୱ-ଅଗ୍ରଗତି ପାଇଁ ସୁଯୋଗ ସୃଷ୍ଟି କରିବେ ।

## ଶିକ୍ଷଣକାର୍ଯ୍ୟ-୧୩

ଜଳାଭାବର ପରିସ୍ଥିତିକୁ ମୁକାବିଲା କରିବାକୁ ଶିକ୍ଷାର୍ଥୀମାନେ ଚିନ୍ତା କରିବେ ଓ କେତେକ ପନ୍ଥା ନିର୍ଣ୍ଣୟ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସେମାନଙ୍କର ପ୍ରାସଙ୍ଗିକତାକୁ ମନରେ ରଖି ତାଙ୍କ ଦ୍ୱାରା ଦିଆଯାଇଥିବା ମତାମତକୁ ଶିକ୍ଷକ ବିଶ୍ଳେଷଣ କରିବା ଆବଶ୍ୟକ । ବଂଚିବା ପାଇଁ ଜଳ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ଜଳ ସଂକଟକୁ ଲୋକମାନେ କେଉଁ ସବୁ ଉପାୟରେ ମୁକାବିଲା କରନ୍ତି ତାହା ଶିକ୍ଷାର୍ଥୀମାନେ ବୁଝିବା ପାଇଁ ଶିକ୍ଷକ ସୁଯୋଗ ଦେବା ଆବଶ୍ୟକ ।

## ଶିକ୍ଷଣକାର୍ଯ୍ୟ -୧୪

ଦୈନନ୍ଦିନ ଜୀବନରେ ବ୍ୟବହୃତ ଜଳକୁ ସେମାନେ କେଉଁ ଉପାୟରେ ପୁନଃବ୍ୟବହାର କରନ୍ତି ଶିକ୍ଷାର୍ଥୀଙ୍କୁ ପଚାରନ୍ତୁ । ବ୍ୟବହୃତ ଜଳକୁ ପୁନଃବ୍ୟବହାର କରି କେଉଁ ସବୁ କାର୍ଯ୍ୟ କରାଯାଇପାରିବ ତାହାର ତାଲିକା ପ୍ରସ୍ତୁତ କରିବା ପାଇଁ କୁହନ୍ତୁ । ଉଦାହରଣ ସ୍ୱରୂପ: ପରିବା ଓ ଫଳ ଧୋଇ ସାରିବା ପରେ ସେହି ପାଣିକୁ ଚଟାଣରେ ଦେବାରେ ଓ ଗଛରେ ଧୋଇବାରେ ବ୍ୟବହାର କରାଯାଇପାରେ । ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ମତାମତକୁ କଳାପଟାରେ ଲେଖିପାରନ୍ତି । ସେହି ମତାମତଗୁଡ଼ିକୁ ସେମାନେ ପଢ଼ି ତା ଉପରେ ଆଲୋଚନା କରିପାରନ୍ତି । ଆପଣ ଶିକ୍ଷାର୍ଥୀମାନଙ୍କର କେତେକ ମତାମତକୁ ନେବେ । ଯେଉଁଗୁଡ଼ିକ ସେମାନଙ୍କର ପୁନଃ ଜ୍ଞାନ ସଂଗଠନ କରିବାରେ ଅଧିକ ପରିସ୍ଥିତି ସୃଷ୍ଟି କରିପାରିବ ।

**ଉଦାହରଣସ୍ୱରୂପ :**

- ଆମେ ଲୁଗାସଫା ପାଣି ପଶୁପକ୍ଷୀମାନଙ୍କୁ ପିଇବା ପାଇଁ ଦେଇପାରିବା କି ?
- ଯଦି ନା, କାହିଁକି ?
- ଯଦି ହଁ, କିପରି ?
- ଲୁଗାଧୁଆ ପାଣିକୁ ଆମେ ପିଇ ପାରିବା କି ?
  ପୁନଶ୍ଚ ଆପଣ ପଚାରିପାରନ୍ତି ।
- ଏହା ଉଦ୍ଭିଦ ମାନଙ୍କର କ୍ଷତି କରିବ କି ? କିପରି ?
- ଆମେ ଏହି ପାଣିକୁ ପୁନଃ ବ୍ୟବହାର କରିପାରିବା କି ?
- କିପରି ? କେତେକ ଉପାୟ କୁହ ।

Module 8

ଏହି ପରି ଭାବରେ ଜଳର ପୁନଃବ୍ୟବହାର ସମ୍ବନ୍ଧରେ ଜଣାଇବା ପାଇଁ ବିଭିନ୍ନ ମତାମତକୁ ବ୍ୟବହାର କରିପାରିବେ ।

### ଆପଣ ଜାଣିଥିଲେ କି ?

ଜଳ ଶକ୍ତି ଅଭିଯାନ ଗୋଟେ ସମୟ - ଭିତ୍ତିକ ଓ ଉଦ୍ଦେଶ୍ୟ ଆଧାରିତ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ମୌସୁମୀ ଅଧିବେଶନ ସମୟରେ (୧.୭.୨୦୧୯ ଠାରୁ ୧୫.୯.୨୦୧୯ ପର୍ଯ୍ୟନ୍ତ) ନାଗରିକମାନଙ୍କ ଅଂଶ ଗ୍ରହଣ ଦ୍ୱାରା ଚାଲିବା। ଯେଉଁ ରାଜ୍ୟଗୁଡ଼ିକରେ ଉତ୍ତର ପୂର୍ବ ମୌସୁମୀ ବାୟୁ ପ୍ରବାହିତ ହୁଏ ସେଠାରେ ଦ୍ୱିତୀୟ ପର୍ଯ୍ୟାୟରେ (୦୧.୧୦.୨୦୧୯ ଠାରୁ ୩୦.୧୧.୨୦୧୯ ପର୍ଯ୍ୟନ୍ତ) ଏହି କାର୍ଯ୍ୟକ୍ରମ ଚାଲିବ। ଜଳାଭାବ ଦେଖାଯାଇଥିବା ଜିଲ୍ଲା ଓ ବ୍ଲକ ଗୁଡ଼ିକ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ଜଳ ସଂରକ୍ଷଣ, ଭବିଷ୍ୟତର ସୁରକ୍ଷା ପାଇଁ ଜଳ ବଂଚାଇବାକୁ ନାଗରିକମାନେ ହାତ ମିଳାଇବା ଓ ସ୍ୱଚ୍ଛ ଭାରତ ମିଶନ ପାଇଁ ଏକ ଜନଆନ୍ଦୋଳନ ସୃଷ୍ଟି କରିବାକୁ ଏହା ଉତ୍ସାହିତ କରେ। ଏହା ଜଳ ସଂରକ୍ଷଣ ଏବଂ ବର୍ଷାଜଳ ସଂରକ୍ଷଣ, ପାଣିଟାଙ୍କି ଗୁଡ଼ିକର ମରାମତି, ପୁନଃବ୍ୟବହାରା, ପାଣି ସରିଯାଇଥିବା ନଳକୂଅ ଗୁଡ଼ିକର ପୁନଃଉଦ୍ଧାର, ଜଳ ବିଭାଜିକାର ବିକାଶ କରିବା ଏବଂ ସଂପୂର୍ଣ୍ଣ ବୃକ୍ଷରୋପଣ କରିବା ଉପରେ ଗୁରୁତ୍ୱଦେଇଥାଏ। ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମକୁ ଶିକ୍ଷକମାନଙ୍କ ଦ୍ୱାରା ପରିବେଶ ଅଧ୍ୟୟନ ମାଧ୍ୟମରେ ଶ୍ରେଣୀ କକ୍ଷକୁ ଅଣାଯାଇପାରିବ। ଶିକ୍ଷାର୍ଥୀମାନେ ଜଳ ସଂରକ୍ଷଣ ବିଷୟରେ କେବଳ ପାଠ୍ୟପୁସ୍ତକରୁ ନ ଜାଣି ଦୈନନ୍ଦିନ ଜୀବନର ଅନୁଭୂତିରୁ ଏ ବିଷୟରେ ଅଧିକ ସଚେତନ ହୋଇପାରିବେ। ବିଦ୍ୟାଳୟ ପାଠ୍ୟକ୍ରମର ପ୍ରାସଙ୍ଗିକତା ପାଇଁ କ୍ଷେତ୍ର ପରିଭ୍ରମଣ, କୃଷି କ୍ଷେତ୍ର ଭ୍ରମଣରୁ ଅନୁଭୂତି ସଂଗ୍ରହ ଜଳ ଶକ୍ତି ଅଭିଯାନକୁ ସଫଳ ହେବାରେ ସାହାଯ୍ୟ କରିପାରିବ।

## ଶିକ୍ଷଣକାର୍ଯ୍ୟ-୧୫

ନିଜ ଅଂଚଳରେ ଜଳ ସଂରକ୍ଷଣ ଆବଶ୍ୟକତା ଏବଂ କେତେକ ଜଳ ସଂରକ୍ଷଣ କରିବା ଉପାୟ (ଉଦାହରଣ - ମେଘାଳୟରେ ବର୍ଷାଜଳ ସଂରକ୍ଷଣ) ଗୁଡ଼ିକ ବିଷୟରେ ଆପଣ ଆଲୋଚନା କରିପାରନ୍ତି। ସେହି ଜଳକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ? ବର୍ଷା ଜଳକୁ କିପରି ସଂରକ୍ଷଣ କରାଯାଇଛି ତାହା ଚିତ୍ର ମାଧ୍ୟମରେ ଦର୍ଶାଇବା ପାଇଁ ତାଙ୍କୁ ଉତ୍ସାହିତ କରିପାରନ୍ତି। ଶିକ୍ଷାର୍ଥୀମାନେ ତାଙ୍କ ଫଳାଫଳକୁ ଉପସ୍ଥାପନ କରନ୍ତୁ। ସେମାନେ ଯେଉଁ ଅନନ୍ୟ ଅନୁଭୂତି ପାଇଛନ୍ତି ତାହାକୁ ଅନ୍ୟମାନଙ୍କ ସହ ବାଣ୍ଟନ୍ତୁ।

Module
8

# ଶିକ୍ଷଣକାର୍ଯ୍ୟ-୧୬

ଶିକ୍ଷାର୍ଥୀମାନଙ୍କୁ ଚାରୋଟି ଦଳରେ ଭାଗ କରାଯାଇ ପ୍ରତ୍ୟେକ ଦଳକୁ ନିମ୍ନଲିଖିତ ବିଷୟରେ ପ୍ରକଳ୍ପ କାର୍ଯ୍ୟ ଦିଅନ୍ତୁ।

- ଜଳର ପୁନଃ ବ୍ୟବହାର – ଘରେ / ବିଦ୍ୟାଳୟ ରେ ଜଳର ପୁନଃ ବ୍ୟବହାର ବିଭିନ୍ନ ଉପାୟ ବିଷୟରେ ପ୍ରସ୍ତାବ ଦେବେ।
- ଜଳ ସଂରକ୍ଷଣ – ପଡୋଶୀ ଅଂଚଳରେ ବର୍ଷାଜଳକୁ କିପରି ସଂରକ୍ଷଣ କରାଯାଇଛି।
- ଜଳର ଅପଚୟ – ଗୋଟିଏ ଲିକ୍ ହୋଇଥିବା କଳରୁ କେତେ ପରିମାଣର ଜଳ ନଷ୍ଟ ହୋଇଛି ଅନୁମାନ କର।
- ଜଳ ପ୍ରଦୂଷଣ – ଗୋଟିଏ ମାସର ସମ୍ବାଦପତ୍ରରୁ ଜଳ ପ୍ରଦୂଷଣ ସମ୍ବନ୍ଧୀୟ ସମ୍ବାଦ ସଂଗ୍ରହ କରି ତାଲିକା ପ୍ରସ୍ତୁତ କର ଏବଂ ପ୍ରଦୂଷଣର କାରଣ ଲେଖ। ଏହା କରିବା ପାଇଁ ସେମାନଙ୍କୁ ବିଭିନ୍ନ ସମ୍ବଳର ବ୍ୟବହାର କରିବା, ପାଠାଗାର ଯିବା ଏବଂ ବୟସ୍କ ମାନଙ୍କ ସହ ଆଲୋଚନା କରିବା ପାଇଁ ଉତ୍ସାହିତ କରାଯାଇପାରେ। ପ୍ରତ୍ୟେକ ଦଳ ଦିଆଯାଇଥିବା / ପ୍ରସଙ୍ଗ ଉପରେ ଗପ/କବିତା ଲେଖିପାରନ୍ତି। ନାଟକ / କଣ୍ଢେଇ ନାଚ କରିପାରନ୍ତି। ଏହି ଭଳି କାର୍ଯ୍ୟଗୁଡ଼ିକ ମାଧ୍ୟମରେ ଶିକ୍ଷାର୍ଥୀମାନେ ଘରେ ଏବଂ ବିଦ୍ୟାଳୟରେ ଜଳର ଅପଚୟ, ବିଷୟରେମତ ବ୍ୟକ୍ତ କରିପାରନ୍ତି; କବିତା ଏବଂ ସ୍ଲୋଗାନ ମାଧ୍ୟମରେ ଜଳର ସୀମିତ ବ୍ୟବହାର, ପୁନଃବ୍ୟବହାର ଏବଂ ପୁନଚକ୍ରଣ ବିଷୟରେ ବିଭିନ୍ନ ଉପାୟରେ ପ୍ରସ୍ତାବ ଦେବେ।

**ଟିପ୍ପଣୀ : ଶିକ୍ଷାର୍ଥୀମାନେ ନିଜେ ନାଟକର ସ୍କ୍ରିପ୍ଟ (ଲିପି) ଓ ସାମଗ୍ରୀ ପ୍ରସ୍ତୁତ କରି ବିଭିନ୍ନ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ଦିଅନ୍ତୁ। ସେମାନେ ଏହାକୁ ଶ୍ରେଣୀରେ / ବିଦ୍ୟାଳୟର ସମାବେଶରେ ବା କୌଣସି ଦିବସ ପାଳନ ଅବସରରେ ପ୍ରଦର୍ଶନ କରିପାରନ୍ତି।**

ଶିକ୍ଷାର୍ଥୀମାନେ ଏହି କାର୍ଯ୍ୟଗୁଡ଼ିକୁ ମାଧ୍ୟମରେ ବିଭିନ୍ନ ଉପାୟରେ ତଥ୍ୟ ସଂଗ୍ରହ କରିବା, ତଥ୍ୟକୁ ଲିପିବଦ୍ଧ କରିବା, ସିଦ୍ଧାନ୍ତ ନିରୂପଣ କରିବା ଏବଂ ଫଳାଫଳକୁ ଅନ୍ୟମାନଙ୍କ ସହ ବାଣ୍ଟିବା ଇତ୍ୟାଦି ଶିଖିପାରିବେ। ଯେତେବେଳେ ଶିକ୍ଷାର୍ଥୀମାନେ ଜଳାଭାବ, ଜଳ ଅପଚୟ ଇତ୍ୟାଦି ପରିସ୍ଥିତିକୁ ପର୍ଯ୍ୟବେକ୍ଷଣ କରିବେ, ସେତେବେଳେ ସେମାନେ କେବଳ ସମସ୍ୟାକୁ ବିଶ୍ଳେଷଣ କରିବାକୁ ସକ୍ଷମ ହେବେ କି ବରଂ ସେଗୁଡ଼ିକୁ କିପରି ସମାଧାନ କରାଯାଇପାରିବ ତା'ର ଉପାୟଗୁଡ଼ିକ ମଧ କହିବାକୁ ସମକ୍ଷ ହେବେ।

Module 8

## ଟିକେ ଚିନ୍ତା କରନ୍ତୁ

ଏହି ପ୍ରଦର୍ଶିକାରେ କେଉଁ କେଉଁ ଧାରଣା ଏବଂ ଘଟଣାଗୁଡ଼ିକୁ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଉପସ୍ଥାପନ କରାଯାଇଛି ? ସେଗୁଡ଼ିକୁ ପରିବେଶ ଅଧ୍ୟୟନ ସିଲାବସ ଏବଂ ଏନ୍.ସି.ଇ.ଆର.ଟିର ପାଠ୍ୟପୁସ୍ତକରେ ଚିହ୍ନଟ କରିବା ପାଇଁ ଚେଷ୍ଟା କରନ୍ତୁ ।

ଏହି ଶିକ୍ଷଣ କାର୍ଯ୍ୟଗୁଡ଼ିକରେ ଦିଆଯାଇଥିବା ଧାରଣା ଓ ଘଟଣା ଗୁଡ଼ିକ ଆପଣଙ୍କ ରାଜ୍ୟ / କେନ୍ଦ୍ର ଅଂଚଳରେ ସିଲାବସ ଓ ପାଠ୍ୟପୁସ୍ତକରେ ଅଛି କି ?

ଆପଣମାନେ କିପରି ଶିକ୍ଷାର୍ଥୀମାନଙ୍କର ମାନ ନିର୍ଦ୍ଧାରଣ କରିବେ ? ଦିଆଯାଇଥିବା ପ୍ରକଳ୍ପ କାର୍ଯ୍ୟ ( ୧ ରୁ ୪ ) ପାଇଁ ମାନନିର୍ଦ୍ଧାରଣ ସୂଚକ ପ୍ରସ୍ତୁତ କରନ୍ତୁ ।

ଉପରୋକ୍ତ ଶିକ୍ଷଣ କାର୍ଯ୍ୟଗୁଡ଼ିକରେ କେଉଁ ଶିକ୍ଷଣ ଫଳାଫଳଗୁଡ଼ିକୁ ଲକ୍ଷ୍ୟ ରଖାଯାଇଛି/ ନିମ୍ନରେ ଦିଆଯାଇଥିବା ଶିକ୍ଷଣ ଫଳାଫଳଗୁଡ଼ିକ ବିଷୟରେ ଆପଣ କଣ ଚିନ୍ତା କରିଛନ୍ତି ?

## ଶିକ୍ଷଣ ଫଳାଫଳ

- ଜଳର ଉତ୍ସ ଏବଂ ଜଳ ସଂଚୟ ପାଇଁ ବ୍ୟବହୃତ ବସ୍ତୁଗୁଡ଼ିକୁ ଚିହ୍ନଟ କରିବେ ।
- ଜଳର ଆବଶ୍ୟକତା, ଉପଲବ୍ଧତା ଏବଂ ଘରେ ଏବଂ ଚାରିପାଖରେ ଜଳର ବ୍ୟବହାର ବର୍ଣ୍ଣନା କରିବେ ।
- ଜଳ ଆଣିବା ଓ ଗଚ୍ଛିତ କରି ରଖିବାରେ ପରିବାର ସଦସ୍ୟମାନଙ୍କର ଭୂମିକା ବର୍ଣ୍ଣନା କରିବେ ।

  ବିଭିନ୍ନ ଉପାୟରେ ପର୍ଯ୍ୟବେକ୍ଷଣ / ପରୀକ୍ଷଣ / ବସ୍ତୁ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ / କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟକୁ ଲିପିବଦ୍ଧ କରିବ ଏବଂ କାର୍ଯ୍ୟର ପ୍ରଣାଳୀକୁ ଅନୁମାନ କରିବେ ।
- ଇନ୍ଦ୍ରିୟାନୁଭୂତି ମାଧ୍ୟମରେ ବସ୍ତୁଗୁଡ଼ିକୁ ଭାସୁଥିବା / ବୁଡୁଥିବା, ଜଳରେ ଦ୍ରବଣୀୟ / ଅଦ୍ରବଣୀୟ, ସମାନତା / ପାର୍ଥକ୍ୟ ଆଧାରରେ ବର୍ଗୀକରଣ କରିବେ ।
- ବସ୍ତୁ ଓ କାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।
- ବସ୍ତୁ ଏବଂ ଘଟଣାଗୁଡ଼ିକର ଅବସ୍ଥା ଓ ଗୁଣ (ଭାସିବା / ବୁଡ଼ିବା, ଦ୍ରବଣୀୟ ଅଦ୍ରବଣୀୟ) ଅନୁମାନ କରିବେ ଏବଂ ସରଳ ସାଧନୀ ବ୍ୟବହାର କରି ପରୀକ୍ଷା କରିବେ ।
- ବିଭିନ୍ନ ଉପାୟରେ ନିଜର ପର୍ଯ୍ୟବେକ୍ଷଣ, ଅନୁଭୂତି, ବସ୍ତୁ / କାର୍ଯ୍ୟ / ଭ୍ରମଣସ୍ଥାନ ବିଷୟରେ ତଥ୍ୟ ସଂଗ୍ରହ କରିବେ ଓ ଘଟଣାର ପ୍ରଣାଳୀକୁ ଅନୁମାନ କରିବେ ।
- ବିଭିନ୍ନ ଚିତ୍ର, ନକ୍ସା, ନମୁନା, ମାନଚିତ୍ର, କବିତା ଏବଂ ସ୍ଲୋଗାନ ପ୍ରସ୍ତୁତ କରିବେ ।
- ଜଳର ବ୍ୟବହାରରେ ସାମାଜିକ ଭେଦଭାବ ପ୍ରଥା ବିରୁଦ୍ଧରେ ମତାମତ ଦେବେ ।

Module 8

## ୭. ରାଜ୍ୟ ସାଧନ ଗୋଷ୍ଠୀ ନିମନ୍ତେ ପରିବେଶ ଅଧ୍ୟୟନରେ ପ୍ରସ୍ତାବିତ କାର୍ଯ୍ୟ :

ଏହି ବିଭାଗଟିରେ କେତେଗୁଡ଼ିଏ ବିଷୟବସ୍ତୁ ଏବଂ ଘଟଣାଗୁଡ଼ିକୁ ଆପଣ ଗଭୀର ଭାବରେ ବୁଝିବା ପାଇଁ ଓ ସେଗୁଡ଼ିକର ଶୈକ୍ଷିକ ଦିଗଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବା ପାଇଁ କେତେକ କାର୍ଯ୍ୟ ଦିଆଯୋଇଛି । ଆପଣମାନେ ଆପଣଙ୍କ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ବୟସପୋଯୋଗୀ, ପ୍ରାସଙ୍ଗିକ ଏବଂ ଆବଶ୍ୟକତା ଆଧାରରେ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବାରେ ସମର୍ଥ ହେବେ ।

୧. ଅନ୍ୟ ଯେ କୌଣସି ବିଷୟବସ୍ତୁ ପାଇଁ ଗୋଟିଏ ମାନସ ଚିତ୍ରଣ ଅଙ୍କନ କରନ୍ତୁ ଏବଂ ପରିବେଶ ଅଧ୍ୟୟନରେ ସମନ୍ୱିତ ସ୍ୱରୂପକୁ ଚିନ୍ତା କରନ୍ତୁ ।

୨. ଚୟନ କରିଥିବା ବିଷୟବସ୍ତୁର ଏକ ଏକକ ପାଠ ଯୋଜନା ପ୍ରସ୍ତୁତ କରନ୍ତୁ ।

୩. ପରିବେଶ ଅଧ୍ୟୟନରେ ଥିବା ବିଷୟ ବସ୍ତୁ ଯଥା ଖାଦ୍ୟ, ପରିଭ୍ରମଣ ଏବଂ ବାସସ୍ଥାନ ପାଇଁ କେତେକ ଦଳଗତ ପ୍ରକଳ୍ପ କାର୍ଯ୍ୟର ଯୋଜନା କରନ୍ତୁ । ସେଗୁଡ଼ିକର ମୂଲ୍ୟାୟନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ।

୪. ନିଜ ରାଜ୍ୟର ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ବିଶ୍ଳେଷଣ କରନ୍ତୁ । ସେଥିରେ ଲିଙ୍ଗଗତ ବିଷୟକୁ କିପରି ଉପସ୍ଥାପନ କରାଯାଇଛି ?

୫. ପରିବେଶ ଅଧ୍ୟୟନର ଶିକ୍ଷାଦାନକୁ କିପରି ଅର୍ନ୍ତନିବେଶୀ କରାଯାଇ ପାରିବ ? ପ୍ରାଥମିକ ସ୍ତରର ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରୁ ଯେକୌଣସି ପ୍ରସଙ୍ଗ ଚୟନ କରନ୍ତୁ ଏବଂ ଏହାର ଉନ୍ନତି ପାଇଁ ପ୍ରସ୍ତାବ ଦିଅନ୍ତୁ । ଦଳଗଠନ କରି ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ଏବଂ ଦିଆଯାଇଥିବା ପ୍ରସଙ୍ଗ ଉପରେ ଦଳରେ ଆଲୋଚନା କରିବାକୁ ସୂଚନା ଦିଆଯିବ । ପ୍ରତ୍ୟେକ ଦଳର ଉପସ୍ଥାପନ ସମୟରେ ଅନ୍ୟ ଦଳ ମତାମତ ରଖିବ ।

୬. ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରୁ ଯେକୌଣସି ପ୍ରସଙ୍ଗ ଚୟନ କରନ୍ତୁ ଏବଂ ନିଜ ରାଜ୍ୟର ଶିକ୍ଷାର୍ଥୀମାନଙ୍କ ପରିପ୍ରେକ୍ଷୀରେ ପ୍ରାସଙ୍ଗିକ କରିବା ପାଇଁ ଉପାୟ ଗୁଡ଼ିକର ପ୍ରସ୍ତାବ ଦିଅନ୍ତୁ ।

୭. କେତେକ ବୟସ ଉପଯୋଗୀ ପରିସ୍ଥିତି ସୃଷ୍ଟି କରନ୍ତୁ ଯେଉଁଥିରୁ ଶିକ୍ଷାର୍ଥୀମାନେ ବୌଜ୍ଞାନିକ ଧାରଣାଗୁଡ଼ିକୁ ଅନ୍ୱେଷଣ କରିବାର ସୁଯୋଗ ପାଇବେ ।

୮. ଶିକ୍ଷାର୍ଥୀମାନେ କଳା ଓ ହସ୍ତକର୍ମର ବ୍ୟବହାର କରିବାକୁ ଖୁସି ହୁଅନ୍ତି । ପରିବେଶ ଅଧ୍ୟୟନ ର ଶିକ୍ଷାଦାନ - ଶିକ୍ଷଣ ସହ କଳା ଶିକ୍ଷାକୁ କିପରି ସମନ୍ୱିତ କରିପାରିବେ ? ଏହା ଏନ୍.ସି.ଇ.ଆର.ଟିର ପରିବେଶ ଅଧ୍ୟୟନ ପାଠ୍ୟ ପୁସ୍ତକଗୁଡ଼ିକରେ କିପରି ରଖାଯାଇଛି ?

**Module 8**

୯. ପ୍ରାଥମିକ ସ୍ତର ପାଇଁ ପରିବେଶ ଅଧ୍ୟୟନରେ ବିଭିନ୍ନ ବିଷୟବସ୍ତୁ ପାଇଁ ଶ୍ରାବ୍ୟ / ଦୃଶ୍ୟ / ଅନ୍ୟାନ୍ୟ ୧ – contents ଗୁଡ଼ିକୁ ଚିହ୍ନଟ କରନ୍ତୁ। ଏବଂ ବହି ସହିତ ସେଗୁଡ଼ିକୁ ସଂଯୋଗ କରନ୍ତୁ। web ଏବଂ urls link ଗୁଡ଼ିକୁ ଉଲ୍ଲେଖ କରିବା ଉଚିତ୍।

୧୦. ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରୁ ଯେ କୌଣସି ପ୍ରସଙ୍ଗ ଚୟନ କରନ୍ତୁ ଏବଂ ସେଥିରେ ଥିବା ବିଭିନ୍ନ ଧାରଣାଗୁଡ଼ିକୁ ଗୋଟିଏ ଦୃଷ୍ଟିହୀନ ଏବଂ ଗୋଟିଏ ଶ୍ରବଣ ବାଧିତ ଶିକ୍ଷାର୍ଥୀକୁ ବୁଝାଇବାରେ ଆପଣ କିପରି ସାହାଯ୍ୟ କରିବେ ପ୍ରସ୍ତାବ ଦିଅନ୍ତୁ।

୧୧. ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ପରିବେଶ ଅଧ୍ୟୟନର ଶିକ୍ଷାଦାନ– ଶିକ୍ଷଣ ବିଷୟରେ ପ୍ରତିପୁଷ୍ଟି ଶିକ୍ଷକମାନଙ୍କୁ ନେଇ ଉପଯୁକ୍ତ ସଂଖ୍ୟକ ଦଳଗଠନ କରିପାରନ୍ତି ଯେପରି ପ୍ରତି ଦଳରେ ଭିନ୍ନତା ଆଧାରରେ ଶିକ୍ଷକ ରହିବେ। ପ୍ରତିଦଳ ଶ୍ରେଣୀରେ ପରିବେଶ ଅଧ୍ୟୟନର ଶିକ୍ଷାଦାନ ଶିକ୍ଷଣ ସମ୍ବନ୍ଧୀୟ ତାଙ୍କର ଅନୁଭୂତି ଗୁଡ଼ିକୁ ଆଲୋଚନା କରି ନିମ୍ନ ସାରଣୀରେ ଲିପିବଦ୍ଧ କରିବେ।

| କ୍ର.ନଂ. | ଶିକ୍ଷକ ପଢ଼ାଉଥିବା | ସଂପୂର୍ଣ୍ଣ | ପ୍ରସଙ୍ଗର ଶିକ୍ଷାଦାନ | ପଦ୍ଧତି ବ୍ୟବହାର | ସାଧାରଣତଃ | ଅର୍ନ୍ତନିବେଶୀ |
|---|---|---|---|---|---|---|
| ମନ୍ତବ୍ୟ | | | | | | |
| | ଶ୍ରେଣୀ | କରିଥିବା | ପାଇଁ ଶିକ୍ଷକ ବ୍ୟବହାର | ସମୟରେ ସମ୍ମୁଖୀନ | ପରିବେଶ ପାଠର | ପରିସ୍ଥିତିରେ |
| | ଆଲୋଚନା | | | | | |
| | | ପ୍ରସଙ୍ଗ | କରିଥିବା | ହୋଇଥିବା | ଶିକ୍ଷାଦାନ | ଗ୍ରହଣ କରିଥିବା |
| | ବର୍ହିଭୂତ | | | | | |
| | | | ପଦ୍ଧତି | ସମସ୍ୟା | ସମୟରେ ସମ୍ମୁଖୀନ | କୌଶଳ ଓ ଅଭିଜ୍ଞତା |
| | ବିଷୟ | | | | | |
| | | | | | ହେଉଥିବା ସମସ୍ୟା | |

ଶିକ୍ଷକମାନେ ଦଳରେ ଆଲୋଚନା କରି ନିଜ ଅଭିଜ୍ଞତାଗୁଡ଼ିକୁ ଲିପିବଦ୍ଧ କରିପାରନ୍ତି ଏବଂ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିପାରନ୍ତି। ପରିବେଶ ଅଧ୍ୟୟନର ଶିକ୍ଷାଦାନ ଶିକ୍ଷଣ ଉପରେ ଶିକ୍ଷକ ମାନଙ୍କର ବୋଧଗମ୍ୟତା ପାଇଁ ଏବଂ ପରିବେଶ ଅଧ୍ୟୟନରେ ପ୍ରଶିକ୍ଷଣର ଆଧାର ପାଇଁ ଉଦ୍ଦିଷ୍ଟ।

Module
8

## ୯. ପ୍ରସ୍ତାବିତ ପୁସ୍ତକସୂଚୀ:


NCERT Environmental studies. Textbooks (Cl-III - V)

- 2015 Examplar package on CCE for the primary stage.
- 2017 learning outcomes at elementary stage.
- 2006 syllabus of Environment studies for elementary classes.

Source books on Assement ion EVS, NCERT

Supplementary material in EVS. Pustkon Pare Hamara Paryavaran / Pustkon.

# ପ୍ରଦର୍ଶିକା – ୯

# ଗଣିତ ଶୈକ୍ଷିକ ଶାସ୍ତ୍ର

Module
9

# ଗଣିତ ଶୈକ୍ଷିକ ଶାସ୍ତ୍ର

## ସାମଗ୍ରୀକ ଦୃଷ୍ଟିଭଙ୍ଗୀ :

ବିଦ୍ୟାଳୟ ଶିକ୍ଷାରେ ଗଣିତ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ପ୍ରାଥମିକ ସ୍ତରରେ ଏହା ଏକ ବାଧ୍ୟତାମୂଳକ ବିଷୟ।। ବହୁ ସମୟରେ ଅନେକ ଲୋକ ମତବ୍ୟକ୍ତ କରନ୍ତି ଯେ, ଏହା ପିଲାମାନଙ୍କଠାରେ ଅହେତୁକ ଭୟ, ଘୃଣା ଓ ମାନସିକ ଉତ୍ତେଜନା ସୃଷ୍ଟି କରିଥାଏ। ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣରୁ ଜଣାପଡେ ଯେ 'ଶିକ୍ଷଣପନ୍ଥା' ଏହି ବିଷୟ ପାଇଁ ମାନସିକ ଉତ୍ତେଜନା ସୃଷ୍ଟି କରିଥାଏ। ଏହି ଉଦ୍‌ବେଗକୁ ଗୁରୁତ୍ୱ ଦେଇ ପ୍ରଦର୍ଶିକାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଗଣିତର ଦକ୍ଷତା ଓ କୌଶଳର ବିକାଶ ପାଇଁ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏଠାରେ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ଯେଉଁଥିରେ ମାନନିର୍ଦ୍ଧାରଣ (assessment)କୁ ସମନ୍ୱିତ କରାଯାଇଛି, ଯଦ୍ୱାରା ବିଭିନ୍ନ ସାମର୍ଥ୍ୟର ଶିକ୍ଷାର୍ଥୀମାନେ ଏହି ଚାପମୁକ୍ତ ଶ୍ରେଣୀ ପରିବେଶରେ ସଂପୃକ୍ତ ହୋଇଥାନ୍ତି।

## ଶିକ୍ଷଣ ଉଦ୍ଦେଶ୍ୟ

- ଏହି ପ୍ରଦର୍ଶିକାକୁ ପଢ଼ିସାରିବା ପରେ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣରେ ନିୟୋଜିତ କରିବାର କୌଶଳ ଓ ମାନନିର୍ଦ୍ଧାରଣ ପ୍ରଣାଳୀ ସମ୍ବନ୍ଧରେ ଜାଣିପାରିବେ। ଶିକ୍ଷକମାନେ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମର୍ଥ ହେବେ।
- ଶିକ୍ଷଣ ଫଳାଫଳରେ ଦିଆଯାଇଥିବା ଦକ୍ଷତା ଓ କୌଶଳକୁ ରାଜ୍ୟ ସିଲାବସ୍ ସହିତ ସଂପର୍କିତ କରାଇପାରିବେ।
- ଶ୍ରେଣୀ ଓ୍ୱାରୀ ଶିକ୍ଷଣ ଫଳାଫଳକୁ ହାସଲ କରିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବାରେ ଉପଯୁକ୍ତ ଶୈକ୍ଷିକ କାର୍ଯ୍ୟଧାରାର ବ୍ୟବହାର କରିବେ।
- ଶୈକ୍ଷିକ କାର୍ଯ୍ୟଧାରାକୁ ମୂଲ୍ୟାୟନ ସହିତ ସମନ୍ୱିତ କରି ସମସ୍ତ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିକୁ ନିବଚ୍ଛିନ୍ନ ଭାବରେ ସୁନିଶ୍ଚିତ କରିବେ।

## ଗଣିତ ସ୍ୱରୂପକୁ ବୁଝିବା:

ଗଣିତ ଆମକୁ ପରିମାଣାତ୍ମକ ଧାରଣା, ସଂକ୍ଷିପ୍ତି କରଣ ଓ ଦୈନନ୍ଦିନ ଜୀବନରେ ସ୍ଥାନ ସମ୍ବନ୍ଧୀୟ ଧାରଣାର ଉପଯୋଗ

Module
9

କରିବାରେ ସାହାଯ୍ୟ କରିଥାଏ। ସମଗ୍ର ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଯଥା ପ୍ରାକୃତିକ ବିଜ୍ଞାନ, ଯାନ୍ତ୍ରିକ ବିଜ୍ଞାନ, ଔଷଧୀୟ କ୍ଷେତ୍ର ଓ ସାମାଜିକ ବିଜ୍ଞାନରେ ଏହାଏକ ଆବଶ୍ୟକୀୟ ସାଧନୀ ଭାବେ ବ୍ୟବହୃତ ହୋଇଥାଏ।ଗଣିତ କେବଳ ଆମର ଦୈନନ୍ଦିନ ଜୀବନରେ ସହାୟକ ହୋଇନଥାଏ ବରଂ ଏହା ଯୁକ୍ତିଯୁକ୍ତ ଚିନ୍ତା, ଅମୂର୍ତ୍ତ ଚିନ୍ତନ ଓ ପରିକଳ୍ପନାର ବିକାଶ ଘଟାଇଥାଏ। ତେଣୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଏବଂ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହା ଏକ ବାଧ୍ୟତାମୂଳକ ବିଷୟ ରୂପେ ବିବେଚିତ ହୋଇଛି।

**ବିଦ୍ୟାଳୟ ଗଣିତ ଶିକ୍ଷାରେ ଦେଖାଯାଉଥିବା କେତେକ ସମସ୍ୟା :**

- ଶିକ୍ଷାର୍ଥୀ – ଯେତେବେଳେ ମୁଁ ଦୁଇଟି ସଂଖ୍ୟାକୁ ଗୁଣନ କରୁଛି, ସ୍ୱାଭାବିକ ସେତେବେଳେ ଗୁଣଫଳଟି ସଂଖ୍ୟା ଦୁଇଟି ଠାରୁ ବଡ ହେଉଛି। ମାତ୍ର ଯେତେବେଳେ ଦୁଇଟି ଭଗ୍ନସଂଖ୍ୟାକୁ ଗୁଣନ କରୁଛି ସେତେବେଳେ ଗୁଣଫଳଟି ସଂଖ୍ୟା ଦୁଇଟି ଠାରୁ ସାନ ହେଉଛି। ଏପରି କାହିଁକି ହେଉଛି ତାହା ବୁଝିବା ପାଇଁ ମୁଁ ସକ୍ଷମ ହେଉନାହିଁ।
- ଅଧିକାଂଶ ଶିକ୍ଷାର୍ଥୀମାନଙ୍କଠାରେ ଗଣିତ ପ୍ରତି ଭୟ ଓ ବିଫଳ ହେବାର ଆଶଙ୍କା ଥାଏ। ତେଣୁ ସେମାନେ ଅଧାରୁ ଗଣିତ ଶିକ୍ଷା ତ୍ୟାଗ କରିଥାନ୍ତି।
- ପାଠ୍ୟକ୍ରମ କେବଳ ଅଂଶଗ୍ରହଣ କରୁନଥିବାମାନଙ୍କୁ ହତାଶ କରେନି, ବରଂ ଏହା ଅଳ୍ପ ସଂଖ୍ୟାରେ ଥିବା ଧୀସଂପନ୍ନ ଦକ୍ଷ ଶିକ୍ଷାର୍ଥୀମାନଙ୍କ ପାଇଁ କୌଣସି ଆହ୍ୱାନ ମୂଳକ ପରିସ୍ଥିତି ସୃଷ୍ଟି କରେନାହିଁ।
- ସମସ୍ୟା, ଅନୁଶୀଳନୀ ଏବଂ ମୂଲ୍ୟାୟନ ପଦ୍ଧତିଗୁଡ଼ିକ ଚିରାଚରିତ, ପୁନରାବୃତ୍ତି ସମ୍ମିଳିତ ହେବା ସହିତ ହିସାବ ଉପରେ ଅଧିକ ଗୁରୁତ୍ୱ ଦେଉଛି। ସ୍ଥାନ ସମ୍ବନ୍ଧୀୟ ଚିନ୍ତନ ସଂପର୍କରେ ଗଣିତ ପାଠ୍ୟକ୍ରମରେ ବିଶେଷ ସ୍ଥାନ ନାହିଁ।
- ଶିକ୍ଷକମାନଙ୍କ ଠାରେ ଆତ୍ମ ବିଶ୍ୱାସ, ପ୍ରସ୍ତୁତି ଏବଂ ସହାୟତାର ଅଭାବ ପରିଲକ୍ଷିତ ହେଉଛି।

Module 9

## ପ୍ରାକ୍-ପ୍ରାଥମିକ ସ୍ତରରେ ପିଲାମାନଙ୍କ ମଧ୍ୟରେ ଗାଣିତିକ କୌଶଳର ବିକାଶ: (NCF-2005)

- ପ୍ରାକ୍ ଗଣନ ଦକ୍ଷତା ବର୍ଗୀକରଣ, ବାଛି ଅଲଗା କରିବା, କ୍ରମରେ ସଜାଡ଼ିବା ଏବଂ ଏକକୁ ଏକ ସଂପର୍କ କରିବା କୌଶଳଗୁଡ଼ିକ ଗଣିବା ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି କରିବାର ଆଧାର ଅଟେ ।
- ଶିକ୍ଷାର୍ଥୀମାନେ ବସ୍ତୁ ଗଣନା ଶିଖିବା ପୂର୍ବରୁ ପ୍ରାକ୍ ସଂଖ୍ୟା ଗଣନା ଦକ୍ଷତାଗୁଡ଼ିକ ହାସଲ କରିଥିବା ଆବଶ୍ୟକ । ଶିକ୍ଷାର୍ଥୀକୁ ତା'ର ପ୍ରାକ୍-ସଂଖ୍ୟା ଗଣନା ଦକ୍ଷତାରେ ଶକ୍ତିଶାଳୀ କରିବା ନିମନ୍ତେ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ପ୍ରଦାନ କରାଯିବା ଉଚିତ୍ । ବସ୍ତୁଗୁଡ଼ିକର ବର୍ଗୀକରଣ, ବିଭିନ୍ନ ଉପାୟରେ ବାସ୍ତବ ବସ୍ତୁର ସଜ୍ଜୀକରଣ ଏବଂ ଏକ – ଏକ ସଂପର୍କ ଇତ୍ୟାଦିର ବ୍ୟବହାରିକ କାର୍ଯ୍ୟାବଳୀଗୁଡ଼ିକ ଶିକ୍ଷାର୍ଥୀ ଦ୍ୱାରା କରାଯିବା ଉଚିତ୍, ଯେହେତୁ ଏହି ଦକ୍ଷତାଗୁଡ଼ିକ ଗଣନ ଶିକ୍ଷା କରିବାକୁ ଯାଉଥିବା ପିଲାଟିର ମୂଳଦୂଆ ସ୍ଥାପନ କରେ ।
- ପ୍ରାକ୍-ବିଦ୍ୟାଳୟ ସ୍ତରରେ ଆପଣ ପିଲାମାନଙ୍କୁ ପ୍ରାରମ୍ଭିକ ଗାଣିତକ କୌଶଳ ଓ ସାମର୍ଥ୍ୟ ବଢ଼ାଇବାରେ ସାହାଯ୍ୟ କରିପାରିବେ । ସେଗୁଡ଼ିକ ହେଲା– ସଂଖ୍ୟା ଧାରଣା (ଅଧଃକ୍ରମ ଓ ଉର୍ଦ୍ଧ୍ୱକ୍ରମରେ ଠିକ୍ ଭାବେ ସଂଖ୍ୟା ଗଣିବାର ସାମର୍ଥ୍ୟ ଗାଣିତିକ ପ୍ରକ୍ରିୟା ବ୍ୟବହାର କରି ସଂଖ୍ୟା ଗୁଡ଼ିକ ମଧ୍ୟରେ ସଂପର୍କକୁ ଲକ୍ଷ୍ୟ କରିବା); ଉପସ୍ଥାପନା (ଶବ୍ଦ,ଚିତ୍ର, ସଂକେତ ବିଭିନ୍ନ ବସ୍ତୁ ବ୍ୟବହାର କରି); ସ୍ଥାନ ସମ୍ବନ୍ଧୀୟ ଧାରଣା, (ଆକୃତି, ଆକାର, ସ୍ଥାନ, ଅବସ୍ଥିତି ଦିଗ ଏବଂ ଗତି ଇତ୍ୟାଦି ବିଷୟରେ ଧାରଣା); ମାପ (ଦୈର୍ଘ୍ୟ, ଉଚ୍ଚତା, ବସ୍ତୁତ୍ୱ ଏବଂ ପରବର୍ତ୍ତୀ ସମୟରେ ଏକକ ବ୍ୟବହାର କରି); ଅନୁମାନ (ଯେ କୌଣସି ଜିନିଷର ପରିମାଣ ଏବଂ ଆକାର ବିଷୟର ପ୍ରକୃତ ମୂଲ୍ୟ ସହ ପାଖାପାଖି ଅନୁମାନ କରିବା); ସଂରଚନା (ସଂଖ୍ୟାମାନଙ୍କର ସଜ୍ଜୀକରଣ, ଆକୃତି, ଏବଂ ଛବି ଯାହା -ଯୁକ୍ତିଯୁକ୍ତ ଭାବରେ ପୁନରାବୃତ୍ତି ହୁଏ) ଏବଂ ସମସ୍ୟା ସମାଧାନ (ଗୋଟିଏ ସମସ୍ୟାକୁ ଚିନ୍ତାକରିବା ଏବଂ ଏହାର ଏକାଧିକ ସମାଧାନର ବାଟ ଅନୁମାନ କରିବା) ।

Module 9

- ଶିଶୁଟିକୁ ଉପରୋକ୍ତ ଦକ୍ଷତାମାନ ହାସଲ କରିବା ନିମନ୍ତେ କୃତ୍ରିମ ପରିସ୍ଥିତି ସୃଷ୍ଟି ନ କରି ଦୈନନ୍ଦିନ ଜୀବନରେ ତା'ର ଘରେ ଘଟୁଥିବା ଅନୁଭୂତିଗୁଡ଼ିକୁ ବ୍ୟବହାର କରାଯିବା ଉଚିତ୍। ବର୍ଗୀକରଣ ନିମନ୍ତେ ଶିକ୍ଷାର୍ଥୀର ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ବସ୍ତୁ, ବ୍ୟକ୍ତି, ଉପକରଣ ଇତ୍ୟାଦିର ବର୍ଗୀକରଣ କରିବା ନିମନ୍ତେ ସୁଯୋଗ ଦେବା ଉଚିତ୍। ପ୍ରଥମେ ପିଲାମାନଙ୍କର ନିକଟତର ପରିବେଶରେ ଥିବା ବସ୍ତୁଗୁଡ଼ିକୁ ସହଜରେ ନିରୀକ୍ଷଣ ହୋଇପାରୁଥିବା ରଙ୍ଗ ଓ ଆକାରରେ ଦୁଇଟି ଭାଗରେ ବର୍ଗୀକରଣ କରିବେ ଓ ଏହା ପରେ ଅଳ୍ପ ଜଟିଳ ଗୁଣ ଯଥା ଆକାର,ସ୍ଥିତି ଓ ଦକ୍ଷତା ଇତ୍ୟାଦିକୁ ନେଇ ବର୍ଗୀକରଣ କରିବେ।
- ଏହାସବୁ ଆମ୍ଭମାନଙ୍କ ସାମ୍ନାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପସ୍ଥାପନ କରୁଛି। ବିଦ୍ୟାଳୟ ସ୍ତରରେ ଗଣିତ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ କ'ଣ ? ଆମେ କ'ଣ କେବଳ ଶିକ୍ଷାର୍ଥୀମାନଙ୍କ ଠାରେ ସଂଖ୍ୟା ସମ୍ବନ୍ଧୀୟ କୌଶଳର ବିକାଶ କରିବା ଏବଂ ସେମାନଙ୍କୁ କର୍ମ ନିଯୁକ୍ତି ପାଇଁ ତିଆରି କରିବା କିମ୍ବା ସଂଖ୍ୟକ ଓ ସେମାନଙ୍କର କର୍ମନିଯୁକତି ଚାହିଁବା ଅଥବା ଆମେ ଚାହିଁବା ସେମାନଙ୍କୁ ଚିନ୍ତାଶୀଳ ବ୍ୟକ୍ତିଭାବରେ ଗଢ଼ିବା ଯେଉଁମାନେ ସାମାଜିକ ଓ ଅର୍ଥନୈତିକ ଭାବରେ ସମାଜର ଉନ୍ନତି କରିପାରିବେ ? ସେମାନଙ୍କୁ ସମାଜ ପାଇଁ ଚିନ୍ତାଶୀଳ ବ୍ୟକ୍ତିଭାବେ ବିକଶିତ କରିବାରେ ବିଦ୍ୟାଳୟ ସ୍ତରରେ ଗଣିତ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଏହି ପ୍ରଦର୍ଶିକାରେ ଆମେ ଆଲୋଚନା କରିବାକୁ ଯାଉଛେ ଯେ, କେଉଁ ସବୁ ଉପାୟରେ ଶିକ୍ଷାର୍ଥୀମାନେ ଗଣିତ ସଂପର୍କରେ ଚିନ୍ତା କରିପାରିବେ ଓ ସେମାନଙ୍କର ଚିନ୍ତନ ପ୍ରକ୍ରିୟାକୁ ଗାଣିତିକୀକରଣ କରିପାରିବେ। ଆମେ ପ୍ରଥମେ ଗଣିତ କ'ଣ ତାହା ଲକ୍ଷ୍ୟ କରିବା। Mathematics ଶବ୍ଦଟି ଗ୍ରୀକ୍ ଶବ୍ଦ 'Mathema' ରୁ ଆସିଛି ଯାହାର ଅର୍ଥ ବିଜ୍ଞାନ ବା Science. ଅକ୍ସଫୋର୍ଡ ଶବ୍ଦକୋଶ ମତରେ 'ଗଣିତ ହେଉଛି ସ୍ଥାନ, ସଂଖ୍ୟା ଏବଂ ପରିମାଣର ବିଜ୍ଞାନ'। ପ୍ରାଥମିକଭାବେ ଗଣିତ ହେଉଛି ପରିମାପ, ସଂରଚନା ଓ ପ୍ରତିସମ ସମ୍ବନ୍ଧୀୟ ଅଧ୍ୟୟନ। ଏହି ପଦ୍ଧତିରେ ସୁଚିନ୍ତିତ ସଂଜ୍ଞା ନିର୍ଦ୍ଧାରଣ କରିବା ଓ ସ୍ପଷ୍ଟ ଧାରଣା ଦ୍ୱାରା ଯୁକ୍ତି ସଙ୍ଗତ ଉକ୍ତି ସୃଷ୍ଟି କରିବା। ଏହି ସଂଜ୍ଞା ଓ ଧାରଣାଗୁଡ଼ିକୁ ନେଇ ଗଭୀର ଯୁକ୍ତି ଦ୍ୱାରା ସିଦ୍ଧାନ୍ତ ନିରୂପଣ କରାଯାଏ।

# Module 9

## ଗଣିତର ସ୍ୱରୂପ

ନିଜସ୍ୱ ଭାଷା, ଯଥା ଗାଣିତିକ ଧାରଣା, ଶବ୍ଦ, ସଂକେତ, ସୂତ୍ର ଏବଂ ନୀତି

ଏହାର ଜ୍ଞାନ, ବିଶ୍ୱବ୍ୟାପି ସମାନ ଓ ସବୁସମୟରେ ସମାନ ରହେ।

ଏହା ଆରୋହ ଓ ଅବରୋହ ଯୁକ୍ତି ସଂଗତ ଏବଂ କୌଣସି ସଂଜ୍ଞାକୁ ସାର୍ବଜନୀନ କରିପାରେ।

ଏହା ପ୍ରକୃତ ବିଜ୍ଞାନ। ଏହାର ଜ୍ଞାନ ସର୍ବଦା ସ୍ପଷ୍ଟ, ତର୍କଭିତ୍ତିକ ଏବଂ ପଦ୍ଧତିଗତ ଓ ଏହାକୁ ସହଜରେ ବୁଝିହୁଏ।

ଏହା ମୂର୍ତ୍ତଧାରଣାରୁ ଅମୂର୍ତ୍ତ ଧାରଣାକୁ ରୂପାନ୍ତରିତ ହେବାରେ ସହାୟକ ହୁଏ। ଏହାର ଜ୍ଞାନକୁ ବିଜ୍ଞାନ ଓ ଅନ୍ୟାନ୍ୟ ବିଭାଗର ଅଧ୍ୟୟନରେ ପ୍ରୟୋଗ କରାଯାଇଥାଏ।

Module
9

## ପ୍ରାଥମିକ ସ୍ତରରେ ଗଣିତ

ସମାଜ ପାଇଁ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ କାର୍ଯ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ତାହାକୁ ସମାଜ ଏପର୍ଯ୍ୟନ୍ତ ଠିକ୍ ଭାବେ ବିଚାର କରିପାରିନାହିଁ। ପ୍ରାଥମିକ ଶିକ୍ଷକ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାନ୍ତି ଏବଂ ସେ ଏପରି ଜଣେ ବ୍ୟକ୍ତି ଯେ, ପିଲା ବିଦ୍ୟାଳୟ ଶିକ୍ଷା ପରିବର୍ତ୍ତୀ ସମୟରେ କ'ଣ ଶିଖିବ ଓ କିପରି ଶିଖିବ ସେଥିରେ ପରିବର୍ତ୍ତନ ଆଣିପାରିବେ। ପ୍ରାଥମିକ ସ୍ତରରେ ଶିକ୍ଷାଦାନରେ ଏକ ସ୍ୱତନ୍ତ୍ର ପ୍ରକାରର ପାରଦର୍ଶିତା ଆବଶ୍ୟକ କରେ ଯେଉଁଥିରେ ଉଭୟ ଜ୍ଞାନ ଓ କୌଶଳ ରହିଥାଏ। ସେହି କୌଶଳ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ, ଜଣକର ଭାବନା, କର୍ମ ଏବଂ ଶିକ୍ଷାଦାନର ବିକାଶ ନିମନ୍ତେ ନିରନ୍ତର ପ୍ରଚେଷ୍ଟାରୁ ଲାଭ କରିହେବ। ଏହି ସ୍ତରରେ ପିଲାମାନଙ୍କର ଚିନ୍ତନ ପ୍ରମୁଖ ଭାବେ ନିଜର ପରିଚିତ ପରିବେଶରେ ଉପଲବ୍ଧ ସ୍ଥୂଳବସ୍ତୁକୁ ଭିତ୍ତିକରି ହୋଇଥାଏ। ତେଣୁ ସମସ୍ତ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବାସ୍ତବବସ୍ତୁ ସହିତ ନିୟୋଜିତ କରିବାରେ କେନ୍ଦ୍ରୀଭୂତ ହେବା ଉଚିତ। ବିଭିନ୍ନ ଧାରଣା, ଦକ୍ଷତା ଓ କୌଶଳକୁ ପଢ଼ାଇବା ବେଳେ ଏହି ସ୍ତରରେ ନିମ୍ନ କ୍ରମରେ କାର୍ଯ୍ୟଗୁଡ଼ିକୁ ଶିକ୍ଷଣ ଶାସ୍ତ୍ରର ଅନ୍ତର୍ଭୁକ୍ତ ହେବ।

### ବିଦ୍ୟାଳୟରେ ଗଣିତ ଶିକ୍ଷାର ଦୂରଦୃଷ୍ଟି:

- ପିଲାମାନେ ଗଣିତକୁ ଭୟ କରିବା ପରିବର୍ତ୍ତେ ଉପଭୋଗ କରିବା ଶିଖନ୍ତି।
- ପିଲାମାନେ ଗୁରୁତ୍ୱପୂର୍ଣ୍ଣ ଗଣିତ ଶିଖନ୍ତି ଗାଣିତିକ ସୂତ୍ର ଏବଂ ଯାନ୍ତ୍ରିକ ପ୍ରକ୍ରିୟାଠାରୁ ଗଣିତ ଆହୁରି କିଛି ଅଧିକ।
- ପିଲାମାନେ ଗଣିତ ସଂପର୍କରେ କଥାବାର୍ତ୍ତା ହୁଅନ୍ତି, ଭାବ ବିନିମୟର ମାଧ୍ୟମ ଭାବେ ବ୍ୟବହାର କରନ୍ତି, ସେମାନଙ୍କ ମଧ୍ୟରେ ଆଲୋଚନା କରନ୍ତି ଏବଂ ପରସ୍ପର ସହ ମିଳିମିଶି କାର୍ଯ୍ୟ କରିବା ଦେଖିଥାନ୍ତି।
- ପିଲାମାନେ ଅର୍ଥପୂର୍ଣ୍ଣ ସମସ୍ୟାର ସୃଷ୍ଟି ଓ ସମାଧାନ କରନ୍ତି।
- ପିଲାମାନେ ଅମୂର୍ତ୍ତ ଧାରଣର ସଂପର୍କକୁ ଲକ୍ଷ୍ୟ କରିବା, ଏହାର ଗଠନକୁ ଆକଳନ କରିବା, ଘଟଣା ପଛରେ ଥିବା କାରଣକୁ ପ୍ରତିପାଦନ କରିବା ଏବଂ ସତ୍ୟାସତ୍ୟକୁ ପ୍ରମାଣ କରିବାରେ ବ୍ୟବହାର କରନ୍ତି।

**Module 9**

- ପିଲାମାନେ ଗଣିତର ମୌଳିକ ସଂରଚନାକୁ ବୁଝନ୍ତି - ପାଟିଗଣିତ, ବୀଜଗଣିତ, ଜ୍ୟାମିତି ଏବଂ ତ୍ରିକୋଣମିତି ଯାହାକି ବିଦ୍ୟାଳୟ ଗଣିତର ମୌଳିକ ବିଷୟବସ୍ତୁ। ଏହିସବୁ ବିଷୟ ଶିକ୍ଷାଦ୍ୱାରା ଅମୂର୍ତ୍ତ ଚିନ୍ତା, ସଂରଚନା ସୃଷ୍ଟି ଏବଂ ସରଳୀକରଣ ପାଇଁ ପଦ୍ଧତି ପ୍ରଦାନ କରିଥାନ୍ତି।
- ଶ୍ରେଣୀର ପ୍ରତ୍ୟେକ ପିଲା ଗଣିତ ଶିଖିପାରିବେ ଏହି ଆତ୍ମବିଶ୍ୱାସ ରଖି ଶିକ୍ଷକ ଶ୍ରେଣୀରେ ପିଲାମାନଙ୍କୁ ଗଣିତ ଶିକ୍ଷାରେ ନିୟୋଜିତ କରିଥାନ୍ତି। (ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫)

## ଅଭିଜ୍ଞତା :

ଆବଶ୍ୟକୀୟ ବାସ୍ତବ ବସ୍ତୁ ସହିତ ଅଭିଜ୍ଞତା ଯୋଗାଇ ଦେବା ଏବଂ ଶିକ୍ଷଣ ସାମଗ୍ରୀ ତଥା ଖେଳଣା ଭଳି ବସ୍ତୁ ସହ ନିୟୋଜିତ ହେବା ହେଉଛି କୌଣସି ନୂତନ ଧାରଣାର ଶିକ୍ଷାଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଶ୍ରେଣୀ ଭିତରେ କିମ୍ବା ଶ୍ରେଣୀଗୃହ ବାହାରେ ବିଭିନ୍ନ ଅଭିଜ୍ଞତା ମଧ୍ୟରେ ସଂପର୍କ ସ୍ଥାପନ କରବା ଉଚିତ୍। ପିଲାମାନଙ୍କୁ ଦିଆଯାଇଥିବା ନ୍ୟସ୍ତକାର୍ଯ୍ୟଗୁଡ଼ିକ ଅନୁସନ୍ଧାନ ଭିତ୍ତିକ ହେବା ଉଚିତ୍। ତେଣୁ ସେମାନେ ଶିକ୍ଷଣକୁ ଦୈନନ୍ଦିନ ଜୀବନ ସହିତ ଯୋଡ଼ି ପାରିବେ। ଉଦାହରଣ ସ୍ୱରୂପ ସଂଖ୍ୟାର ଯୋଗ ପ୍ରକ୍ରିୟାରେ ଶିଶୁମାନଙ୍କୁ ଦୁଇଟି ସମୂହରେ ନିଜ ପାଖ ପରିବେଶର ବସ୍ତୁ ଦିଆଯାଉ ଏବଂ ସେଗୁଡ଼ିକୁ ଆଉଥରେ ମିଶାଇ ଗଣନା କରିବାକୁ ଦିଆଯାଉ। ପ୍ରଥମେ ସମାନ ବସ୍ତୁ ଯଥା ସେଓ, ଅନ୍ୟଫଳ ଇତ୍ୟାଦି ଯୋଗାଇ ଯେପରି ସେମାନେ ସେଗୁଡ଼ିକୁ ଏକାଠି କରି ଗଣନା କରିପାରିବେ ଓ ମିଶାଣ କରି କହିପାରିବେ। ଏଥିରୁ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ହେବା ପରେ ସେମାନେ ସଂଖ୍ୟାଗୁଡ଼ିକର ମିଶାଣ ନିଶ୍ଚୟ କରିପାରିବେ। ସେମାନଙ୍କୁ ଅନ୍ୟ ସମସ୍ୟା ସମାଧାନ ପାଇଁ ସୁଯୋଗ ଦେବା। ଯଦି ତୁମେ ଜାଣ 235 + 367 = 602 ହେବ, ତେବେ 234 + 369 କେତେ ହେବ ? ତୁମେ କିପରି ଏହାର ଉତ୍ତର ପାଇଲ ? 5304 ର ଯେକୌଣସି ଅଙ୍କକୁ ପରିବର୍ତ୍ତନ କର। ସେହି ସଂଖ୍ୟାର ମାନ ବଢୁଛି ନା କମୁଛି ? ବର୍ତ୍ତମାନ ଶିଶୁମାନଙ୍କୁ ସମାନ ଗୁଣଥିବା ବିଭିନ୍ନ ବସ୍ତୁକୁ ଦେଇ ଏକତ୍ର କରାଇବା, ଯେମିତିକି ବାଳକମାନଙ୍କୁ ନେଇ ଗୋଟେ ଦଳ ଏବଂ ବାଳିକାମାନଙ୍କୁ ନେଇ ଅନ୍ୟ ଏକ ଦଳ ଏବଂ ଉଭୟଙ୍କୁ ନେଇ ଅନ୍ୟ

ଦଳ ଗଠନ କରିବା। ପ୍ରଥମତଃ, ସବୁ ବସ୍ତୁଗୁଡ଼ିକ ଏକ ସାଙ୍ଗରେ ମିଶାଇ ଗୋଟିଏ ଫଳାଫଳ ବାହାର କରିବେ। ତା' ପରେ ପୁନଃଗଣନା ବଦଳରେ ଶିକ୍ଷାର୍ଥୀମାନେ ସଂଖ୍ୟା ଗଣନାର କୌଶଳ ନିରୂପଣ କରିପାରିବେ।

## ଭାଷା

ଶିଶୁମାନଙ୍କୁ ସେମାନଙ୍କ ଅନୁଭୂତି, ଅନୁମାନ ଓ ପର୍ଯ୍ୟବେକ୍ଷଣକୁ ଭାଷା ମାଧ୍ୟମରେ ବର୍ଣ୍ଣନା କହିବାକୁ ଉପଯୁକ୍ତ ସୁଯୋଗ ଦେବା ଆବଶ୍ୟକ।ଏପରି ଆଲୋଚନା ମାଧ୍ୟମରେ ଶିଶୁମାନଙ୍କର ଭାଷାଗତ ବିକାଶ ହେବା ସହିତ ପ୍ରଶ୍ନ ପ୍ରସ୍ତୁତି, ନୂତନ ଶବ୍ଦ ଆହରଣ କରିବା ଓ ବିଷୟ ଭିତ୍ତିକ ଶବ୍ଦଭଣ୍ଡାର ବୃଦ୍ଧି ହୋଇଥାଏ। ଉଦାହରଣସ୍ୱରୂପ ଗୋଟିଏ ଦଳରେ ଥିବା 5ଟି ତାରା ଓ ଅନ୍ୟ ଦଳରେ ଥିବା 3ଟି ତାରା ମିଶି ୮ ତାରା ବିଶିଷ୍ଟ ଦଳ ସୃଷ୍ଟି ହୋଇଥାଏ।

## ଚିତ୍ର ମାଧ୍ୟମରେ ଉପସ୍ଥାପନା:

ଶିଶୁମାନଙ୍କୁ ଚିତ୍ରଗୁଡ଼ିକୁ ବ୍ୟାଖା କରିବାକୁ ଓ ସେଥିରୁ ଆବଶ୍ୟକ ତଥ୍ୟ ପାଇବା ପାଇଁ ସଂପୃକ୍ତ କରାଇବା ଆବଶ୍ୟକ। ଏପରି ଚିତ୍ରଗୁଡ଼ିକ ସମସ୍ୟା ଓ ତା'ର ସମାଧାନକୁ ମଧ୍ୟ ସୂଚାଇଥାଏ।




ଉଚ୍ଚତର ଶ୍ରେଣୀମାନଙ୍କରେ ଗାଣିତିକ ଧାରଣାକୁ ଉପସ୍ଥାପନ କରିବ ସମାଧାନକୁ ଚିତ୍ରରେ ଉପସ୍ଥାପନ କରିବା ଓ ଶିଖିବାରେ ପିଲାମାନଙ୍କୁ ସାହାଯ୍ୟ କରେ।

## ସଂକେତ :

ଶେଷରେ ଶିଶୁମାନଙ୍କୁ ସଂକେତ ମାଧ୍ୟମରେ ଉପସ୍ଥାପନ କରି ବିଶ୍ଳେଷଣ କରିବା ପାଇଁ ସୁଯୋଗ ଦେବା ଉଚିତ୍।

ଉଦାହରଣ : 5 + 3 = ୮

ଶିକ୍ଷାର୍ଥୀଙ୍କୁ ସେମାନଙ୍କର ପର୍ଯ୍ୟବେକ୍ଷଣକୁ ଅର୍ଥପୂର୍ଣ୍ଣ ସଂକେତ ମାଧ୍ୟମରେ ଉପସ୍ଥାପନ କରିବାକୁ ଉତ୍ସାହିତ କରିବା। ଆଉ ମଧ୍ୟ

Module 9

ଗାଣିତିକ ପରିପ୍ରକାଶ ସମ୍ପିକରଣଗୁଡ଼ିକରେ ସଂକେତ ସହ ମୌଳିକ ପ୍ରକ୍ରିୟାର ଚିହ୍ନ ଗୁଡ଼ିକୁ ସଂପର୍କିତ କରାଇବା ।

ଏହା ଶିଶୁମାନଙ୍କୁ ସେମାନଙ୍କର ଚିନ୍ତାଧାରାକୁ ସ୍ପଷ୍ଟ ଏବଂ ସଂକ୍ଷିପ୍ତ ଭାବେ ଉପସ୍ଥାପନ କରିବାରେ ସାହାଯ୍ୟ କରିବ । ଲିଖନ, ପଠନ, ଚିନ୍ତାଧାରାର ପରିପ୍ରକାଶ ଏବଂ ସମସ୍ୟାର ସମାଧାନ ଭଳି ଅନ୍ୟାନ୍ୟ ଦକ୍ଷତା ସମନ୍ୱିତ ମାଧ୍ୟମରେ ହୋଇପାରିବ ।

**ଭାଷା ଏବଂ ପରିବେଶ ଶିକ୍ଷା ସହିତ ଗଣିତର ସମନ୍ୱୟ:**

ପ୍ରାରମ୍ଭିକ ଶ୍ରେଣୀ ଯଥା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପିଲାମାନେ କେବଳ ଗୋଟିଏ ବା ଦୁଇଟି ଭାଷା ଓ ଗଣିତ ପଢ଼ନ୍ତି । କିନ୍ତୁ ସେମାନଙ୍କର ପରିବେଶ ଚତୁଃପାର୍ଶ୍ୱକୁ ବୁଝିବାର ଆବଶ୍ୟକତା ଅନୁସାରେ, ଭାଷା ଶିକ୍ଷା ଯାହାକି ଭଲଭାବରେ ଯୋଗାଯୋଗ କରିବା ବା ବୁଝିବାରେ ସାହାଯ୍ୟ କରିବା ସହିତ ସମସ୍ତ ସମାଧାନରେ ଗାଣିତିକ ଶବ୍ଦ ଓ ଧାରଣାର ବ୍ୟବହାର ସମନ୍ୱୟ ହୋଇ ଏହି ସବୁ ବିଷୟରେ ଥାଏ । ମୁଖ୍ୟତଃ ପ୍ରାରମ୍ଭିକ ଗଣିତ ଶିକ୍ଷଣ – ଶିକ୍ଷାଦାନ ଶିକ୍ଷାବେଳେ ଶିକ୍ଷକ ପିଲାମାନଙ୍କର ସାମଗ୍ରିକ ବିକାଶ ସହିତ ଶିକ୍ଷଣ ଫଳାଫଳ ଉପରେ ଗୁରୁତ୍ୱଦେବେ, ଯାହାକି ଗଣିତ, ଭାଷା ଏବଂ ପରିବେଶ ଅଧ୍ୟନର ବିକାଶ ସମନ୍ୱିତ ଭାବେ ହୋଇପାରିବ । ଯାହା ଶିଶୁକୁ ପରିବେଶ ସହିତ ଉଦାହରଣ ମାଧ୍ୟମରେ ଜଡ଼ିତ କରାଇବ । ଯଦି ଆମେ ସଂଖ୍ୟାଗୁଡ଼ିକର ଉଦାହରଣ ନେବା, ତେବେ ପ୍ରଶ୍ନ ଆସେ ଯେ, ସେଗୁଡ଼ିକ ଆମ ପରିବେଶରେ କେଉଁଠାରେ ଅଛି; କିପରି ସେମାନେ ସେହି ସଂଖ୍ୟା ପ୍ରକ୍ରିୟାଗୁଡ଼ିକ ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତି, ସେମାନେ କିପରି ବିଭିନ୍ନ ପରିସ୍ଥିତିରେ ସଂଖ୍ୟା ନାମ ଏବଂ ସଂକେତ ବ୍ୟବହାର ନ କରି ବର୍ଣ୍ଣନା କରିପାରୁଥିଲେ ଇତ୍ୟାଦି ଶ୍ରେଣୀ ଗୃହରେ ଆଲୋଚନା ହେବା ଉଚିତ୍ । ଏହି ଆଲୋଚନାରୁ ସେମାନେ ଉପଲବ୍ଧି କରିବେ ଯେ ଗାଣିତିକ ଶବ୍ଦ ଓ ସଂକେତ ଯେ କୌଣସି ଭାଷା ପାଇଁ ବଳିଷ୍ଠ ଉପାଦାନ । ମାପ ସମ୍ବନ୍ଧୀୟ ଆଲୋଚନା ସମୟରେ ଉଦାହରଣସ୍ୱରୂପ ସେଥିରେ ବ୍ୟବହୃତ ଏକକ ଗୁଡ଼ିକ ଦୈନନ୍ଦିନ ଜୀବନର ବ୍ୟବହାରରୁ ବିକଶିତ ହୋଇଥାଏ ଏବଂ ସେଗୁଡ଼ିକ ଯେକୌଣସି ଭାଷାର ଭାବ ବିନିମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସିଲାବସ୍‌ରେ ଜ୍ଞାନକୁ ବିଭାଜନ କରି ବିଭିନ୍ନ ବିଷୟ

ପ୍ରସ୍ତୁତ କରାଯାଇଛି। ଶିକ୍ଷାର୍ଥୀମାନଙ୍କପାଇଁ ବିଦ୍ୟାଳୟ ଶିକ୍ଷା ଗ୍ରହଣ ଏକ ପ୍ରକ୍ରିୟା ଯେଉଁଠାରେ ଶିଶୁ ତା'ର ମନକୁ ଆସୁଥିବା ପରିବେଶ ସହିତ କାର୍ଯ୍ୟ କଳାପ ଜନିତ ପ୍ରଶ୍ନଗୁଡ଼ିକର ଉତ୍ତର ପାଇଥାଏ। ଶିଶୁମାନେ ବିଦ୍ୟାଳୟ ଭିତରେ ଓ ବାହାରେ ଏବଂ ବିଷୟଗତ ସୀମାର ବାହାରକୁ ଯାଇ ସାମଗ୍ରିକ ଅନ୍ୱେଷଣକୁ ଉପଭୋଗ କରନ୍ତି।

**ଉଚ୍ଚ ପ୍ରାଥମିକ ସ୍ତରରେ ଗଣିତ:**

ଉଚ୍ଚ ପ୍ରାଥମିକ ସ୍ତରରେ ଗଣିତ ଏକ ମୁଖ୍ୟ ଆହ୍ୱାନ ଏବଂ ଏହା ଦ୍ୱୈତ ଭୂମିକା ଗ୍ରହଣ ଗ୍ରହଣ କରିଥାଏ, ଯାହା ଶିକ୍ଷାର୍ଥୀର ବାସ୍ତବ ପରିବେଶ ଓ ଅନୁଭୂତି ସହିତ ଅଧିକ ସଂପର୍କିତ ଓ ଅନ୍ୟଟି ଗଣିତ ହେଉଛି ଅମୂର୍ତ୍ତ। ଶିକ୍ଷାର୍ଥୀମାନେ କେବଳ ଧାରଣାକୁ ନେଇ କାର୍ଯ୍ୟକରିନଥାନ୍ତି ବରଂ ସେମାନେ ବିଭିନ୍ନ ପ୍ରାସଙ୍ଗିକ ପରିସ୍ଥିତିରେ ନିଜକୁ ସହଜ ମନେ କରିଥାନ୍ତି ଓ ସେଗୁଡ଼ିକୁ ଅଭିଜ୍ଞତା ସହିତ ସଂପର୍କିତ କରି ଅର୍ଥବାହାର କରିଥାନ୍ତି।

ଏହି ସ୍ତର ଆମ ସାମ୍ନାରେ ଆହ୍ୱାନ ସୃଷ୍ଟି କରିଥାଏ ଯେ, ପ୍ରାସଙ୍ଗିକ ପରିସ୍ଥିତିକୁ ବ୍ୟବହାର କରିବାବେଳେ ଶିକ୍ଷାର୍ଥୀମାନେ ଅନ୍ୟ ଉପରେ ନିର୍ଭରଶୀଳତାରୁ କ୍ରମାଗତଃଭାବେ ଦୂରେଇ ଯାଇଥାନ୍ତି। ଏଣୁ ଯେତେବେଳେ ଶିକ୍ଷାର୍ଥୀମାନେ ପ୍ରସଙ୍ଗ ଭିତ୍ତିକ ପରିସ୍ଥିତିରେ ସୂତ୍ରଗୁଡ଼ିକୁ ଚିହ୍ନଟ କରିବେ ସେତେବେଳେ ସେମାନେ କେବଳ ନିର୍ଦ୍ଦିଷ୍ଟ ପ୍ରାସଙ୍ଗିକ ପରିସ୍ଥିତି ଉପରେ ନିର୍ଭରଶୀଳ ହେବେ ନାହିଁ। ଶିକ୍ଷାର୍ଥୀ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନିତ ହେବାବେଳେ ଏହାର ଅଧିକ ଆବଶ୍ୟକତା ଆସିବ। ଉଦାହରଣସ୍ୱରୂପ : ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନେ ସଂଖ୍ୟା (ସ୍ୱାଭାବିକ) ସହିତ ପରିଚିତ ହେବେ ଓ ଷଷ୍ଠ ଶ୍ରେଣୀରେ ଋଣାତ୍ମକ ସଂଖ୍ୟା ଓ ପୂର୍ଣ୍ଣ ସଂଖ୍ୟା ବିଷୟରେ ଆଲୋଚନା କରିବେ। ଶିକ୍ଷାର୍ଥୀମାନେ ସଂଖ୍ୟା ଗୁଡ଼ିକର ସଂରଚନାକୁ ଅନୁଧ୍ୟାନ କରନ୍ତି ଓ ସିଦ୍ଧାନ୍ତ ନିର୍ଣ୍ଣୟ କରନ୍ତି। ଉଚ୍ଚ ପ୍ରାଥମିକ ସ୍ତରରେ ବୀଜ ଗଣିତକୁ ପାଟି ଗଣିତର ସାମାନ୍ୟିକରଣ ରୂପ ଭାବେ ଶିଖିବା ଆରମ୍ଭ କରିଥାନ୍ତି। ସଂଖ୍ୟାଗୁଡ଼ିକର ସଂରଚନାକୁ ଅନୁଧ୍ୟାନ କରି ଗାଣିତିକ ସଂକେତ / ଶବ୍ଦ ବ୍ୟବହାର କରି ସିଦ୍ଧାନ୍ତ ପାଇଁ ପ୍ରମାଣ ପ୍ରସ୍ତୁତି କରିପାରିବେ। ଏହି ସ୍ତରରେ ଜ୍ୟାମିତିର ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ଆକୃତିର ଧାର, ଶୀର୍ଷ, କୋଣ, ତଳ ଇତ୍ୟାଦିର ବିଶ୍ଳେଷଣ କରି ସିଦ୍ଧାନ୍ତ ଗ୍ରହଣ

Module
9

କରିପାରିବେ । ଶିକ୍ଷାର୍ଥୀମାନେ ସୂତ୍ର ପ୍ରସ୍ତୁତି ଓ ସିଦ୍ଧାନ୍ତ ଗ୍ରହଣରେ ଦକ୍ଷ ହେବା ଆବଶ୍ୟକ । ଯେପରିକି,ଗୋଟିଏ ବହୁଭୂଜ ଆକୃତିର ଅନ୍ତରସ୍ଥ କୋଣମାନଙ୍କର ପରିମାଣର ସମଷ୍ଟିକୁ $(n-2) \times 180^0$ (ଯେଉଁଠାରେ n= ବାହୁସଂଖ୍ୟା) ବୋଲି ଗୋଟିଏ ତ୍ରିଭୁଜ ଓ ଏହାର ସର୍ବସମ ତ୍ରିଭୁଜ ମିଶି ଏକ ସାମାନ୍ତରିକ ଚିତ୍ର ସୃଷ୍ଟି ହୁଏ । ତେଣୁ ତ୍ରିଭୁଜର କ୍ଷେତ୍ରଫଳର ମାପ ସାମାନ୍ତରିକ ଚିତ୍ରର କ୍ଷେତ୍ରଫଳର ଅଧା । ଏହି ସୂତ୍ରର ସାମାନ୍ୟୀକରଣ କରିପାରିବେ । ପରିବର୍ତ୍ତୀ ସମୟରେ ଆଶ କରାଯାଏ ଯେ, ପିଲାମାନେ ଏହି ସାମାନ୍ୟୀକରଣ ପାଇଁ ପ୍ରମାଣ ତିଆରି କରିପାରିବ ଯାହା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁ ରହିବ ।

## ଶୈକ୍ଷିକ କାର୍ଯ୍ୟଧାରା:

ଗଣିତ ଶିକ୍ଷଣକୁ ଅନେକଗୁଡ଼ିଏ କାରକ ପ୍ରଭାବିତ କରିପାରନ୍ତି କିନ୍ତୁ ଗଣିତର ଉପଲବ୍ଧି ବଢ଼ାଇବାରେ ଶିକ୍ଷକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଅତ୍ୟାବଶ୍ୟକ, ତେଣୁ ଫଳପ୍ରଦ ଗଣିତ ଶିକ୍ଷାଦାନ କିପରି ହୋଇଥାଏ ତାହା ଆମେ ବୁଝିବା ଦରକାର ଏବଂ ଏହି ପରମ୍ପରାକୁ ଭଙ୍ଗ କରିବାକୁ ଶିକ୍ଷକ କ'ଣ କରିବା ଦରକାର । ସମାଜରେ ଏକ ସାଧାରଣ ଧାରଣା ଅଛି ଯେ, ଗଣିତ ଜାଣିଥିବା ଶିକ୍ଷକ ଭଲ ଗଣିତ ପଢ଼ାଇପାରିବେ । କିନ୍ତୁ କିପରି ଗଣିତ ପଢ଼ାଇବା ଜାଣନ୍ତି କି ? କେବଳ ଗାଣିତିକ ଜ୍ଞାନ ଗୋଟିଏ ବ୍ୟକ୍ତିକୁ ଗଣିତ ପଢ଼ାଇବାରେ ସାହାଯ୍ୟ କରିନପାରେ । ତାଙ୍କର ଗଣିତ ବିଷୟ ପଢ଼ାଇବାର ସର୍ବନିମ୍ନ ସାଧାରଣ ଜ୍ଞାନ ଥିବା ଆବଶ୍ୟକ । ଗାଣିତିକ ଜ୍ଞାନ ଓ ପଢ଼ାଇବାରେ ଦକ୍ଷତା ଏକତ୍ର ମିଶିଲେ ତାହାକୁ ବିଷୟଗତ ଶୈକ୍ଷିକ କାର୍ଯ୍ୟଧାରା (Pedagogical content knwoledge-PCK) କୁହାଯାଏ । ଗଣିତ ଶିକ୍ଷଣକୁ ଆନନ୍ଦଦାୟୀ କରିବା ପାଇଁ କେତେଗୁଡ଼ିଏ ମୁଖ୍ୟ କାର୍ଯ୍ୟ ନିମ୍ନରେ ଦିଆଗଲା–

- ଅଂଶଗ୍ରହଣ
- ସଂପୃକ୍ତି
- ପର୍ଯ୍ୟବେକ୍ଷଣ
- ଅନୁମାନ କରିବା ଓ ସେଗୁଡ଼ିକର ପରୀକ୍ଷା କରିବା ।
- ସମସ୍ୟା ଉପସ୍ଥାପନ କରିବା ।
- ସମସ୍ୟା ସମାଧାନ
- ଲକ୍ଷ୍ୟ କରିବା (visualisation) ଓ ଉପସ୍ଥାପନ କରିବା ।
- ସଂପର୍କ ସ୍ଥାପନ
- ପ୍ରଣାଳୀଯୁକ୍ତ ଯୁକ୍ତି
- ଗାଣିତିକ ଭାବ ବିନିମୟ / ଯୋଗାଯୋଗ

Module 9

ଜାତୀୟ ଉପଲବ୍ଧି ସର୍ବେକ୍ଷଣ 2017 ଯାହାକି ଶିକ୍ଷଣ ଫଳାଫଳ ଉପରେ ପର୍ଯ୍ୟବସିତ ଥିଲା, ସେଥିରେ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପିଲାମାନେ ହାରାହାରି ଠିକ୍ ଉତ୍ତର ଦେଇଥିବା ପ୍ରଶ୍ନକୁ ନିମ୍ନରେ ଦିଆଯାଇଛି ।

ଶ୍ରେଣୀ III - 64%

ଶ୍ରେଣୀ V - 53 %

ଶ୍ରେଣୀ - VIII - 42 %

ଆପଣ ରାଜ୍ୟ / ଓ ନିଜ ଜିଲ୍ଲାର ହାରାହାରି ଉପଲବ୍ଧି ଜାଣିଛନ୍ତି କି ? ଏହାର ସମସ୍ତ ତଥ୍ୟ http://www.ncert.nic.in/programmes/NAS/SRC.html ରେ ଉପଲବ୍ଧ । ଶିକ୍ଷାର୍ଥୀମାନଙ୍କର ଗଣିତରେ ଶିକ୍ଷଣ ଫଳାଫଳରେ କିପରି ଉନ୍ନତି କରିପାରିବା ଆମ୍ଭେମାନେ ଚିନ୍ତା କରିବା ଉଚିତ୍ ।

## ଶ୍ରେଣୀ ଭିତ୍ତିକ ଶିକ୍ଷଣ ଫଳାଫଳ :

### ପ୍ରଥମ ଶ୍ରେଣୀ

**ଶିକ୍ଷାର୍ଥୀ :**

- ବସ୍ତୁଗୁଡ଼ିକର କେତେକ ବାହ୍ୟ ବୈଶିଷ୍ଟ୍ୟରୁ ସେଗୁଡ଼ିକୁ ବର୍ଗୀକରଣ କରିବ ଯେପରି ଆକୃତି, ଆକାର ଓ ଅନ୍ୟ ଦୃଶ୍ୟମାନ ଧର୍ମ (ଗଡ଼ିବା – ଘୋଷାଡ଼ିବା) । ସଂଖ୍ୟମାନଙ୍କୁ କହିବ ଓ ବସ୍ତୁ, ଚିତ୍ର ଓ ସଂକେତ ବ୍ୟବହାର କରି 20 ପର୍ଯ୍ୟନ୍ତ ଗଣିବ ।
- 1 ରୁ 20 ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ କାର୍ଯ୍ୟ କରିବେ ।

  1 ରୁ 9 ସଂଖ୍ୟକ ବସ୍ତୁକୁ ଗଣିବ ।

  20 ପର୍ଯ୍ୟନ୍ତ ସଂଖ୍ୟା ତୁଳନା କରିବା ଯଥା ଶ୍ରେଣୀରେ ବାଳକଙ୍କ ସଂଖ୍ୟା ଓ ବାଳିକାଙ୍କ ସଂଖ୍ୟା ମଧ୍ୟରେ କମ୍ ଓ ବେଶୀ ।
- ଦୈନନ୍ଦିନ ଜୀବନରେ 1 ରୁ 20 ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗର ପ୍ରୟୋଗ କରିବ ।

  – ସ୍ଥୁଳ ବସ୍ତୁ ବ୍ୟବହାର କରି 9 ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବେ । ଉଦାହରଣସ୍ୱରୂପ 3 + 3 ଜାଣିବା ପାଇଁ 3 ରୁ ଆରମ୍ଭକର 3 ପାଦ ଆଗକୁ ଯିବ ଏବଂ 3 + 3 = 6 ନିର୍ଣ୍ଣୟ କରିବ ।

Module 9

- 1 ରୁ ୨ ପର୍ଯ୍ୟନ୍ତ ସଂଖ୍ୟାରେ ବିୟୋଗ କରିବେ, ଯେପରି ୨ ଟି ଜିନିଷର ସମୂହରୁ 3ଟି ଜିନିଷକୁ ବାହାର କରିନେବା ଓ ବଳକା ଜିନିଷକୁ ଗଣି 9 - 3 = 6 ନିର୍ଣ୍ଣୟ କରିବ।

୨ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଯୋଗ ଓ ବିୟୋଗ ସମ୍ବଳିତ ଦୈନନ୍ଦିନ ଜୀବନର ସମସ୍ୟାକୁ ସମାଧାନ କରିବ।

- ୨୨ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ।
- ବିଭିନ୍ନ ଘନବସ୍ତୁ / ଆକୃତିର ଭୌତିକ ଲକ୍ଷଣମାନଙ୍କୁ ନିଜ ଭାଷାରେ ବର୍ଣ୍ଣନା କରିବ। ଯେପରି ବଲ୍ ଗଡ଼େ, ବାକ୍ସକୁ ଘୋଷାଡ଼ି ନିଆଯାଏ ଇତ୍ୟାଦି।
- ଅଣ-ମାନକ ଏକକ ଯଥା – ଆଙ୍ଗୁଳି, ହାତ, ଚାଖଣ୍ଡ, ପାଦକୁ ବ୍ୟବହାର କରି କ୍ଷୁଦ୍ରମାପକୁ ଅନୁମାନ କରିବ ଓ ମାପିବ।
- ସଂଖ୍ୟା ଓ ଆକୃତିରେ ଥିବା ସଂରଚନାକୁ ଲକ୍ଷ୍ୟକରି ତାହାକୁ ଆଗକୁ ବଢ଼ାଇବ ଓ ସଂରଚନା ତିଆରି କରିବେ, ଯେପରି ଆକୃତି ବସ୍ତୁ ସଂଖ୍ୟା ସଜାଇବ।

- 1, 2, 3, 4, 5

- 1, 3, 5, .......

- 2, 4, 6, ..............................

- 1, 2,. 1, 2 .....1,........,.....................

- ସରଳ ତଥ୍ୟ ସଂଗ୍ରହ କରି ତାହକୁ ଲିପିବଦ୍ଧ କରିବ (ଚିତ୍ର / ସଂଖ୍ୟାସୁଚକ ବ୍ୟବହାର କରି) ଓ ଚିତ୍ରକୁ ଦେଖି ବ୍ୟାଖ୍ୟା କରିବ (ଉଦାହରଣ ସ୍ୱରୂପ- ବଗିଚାରେ ଥିବା ବିଭିନ୍ନ ପ୍ରକାରର ଫୁଲର ଚିତ୍ରକୁ ଦେଖି ଶିକ୍ଷାର୍ଥୀ କହିପାରିବ ଯେ ନିର୍ଦ୍ଦିଷ୍ଟ ରଙ୍ଗର ଫୁଲ ସଂଖ୍ୟା / ଅଙ୍କ)
- ଶୂନ୍ୟର ଧାରଣା ବୁଝିବ

## ଦ୍ୱିତୀୟ ଶ୍ରେଣୀ

**ଶିକ୍ଷାର୍ଥୀ:**

- ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ସହ କାର୍ଯ୍ୟ କରିବ।

– ୨୨ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ ପଢ଼ିବ ଓ ଲେଖିବ

Module
9

- ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କୁ ଲେଖିବ ଓ ତୁଳନା କରିବାରେ ସ୍ଥାନୀୟମାନ ଧାରଣାକୁ ବ୍ୟବହାର କରିବ।
- ଦିଆଯାଇଥିବା ଅଙ୍କମାନଙ୍କୁ ବ୍ୟବହାର କରି (ଥରେ ବା ଏକାଧିକ ଥର)ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ ଓ ସାନ ସଂଖ୍ୟା ତିଆରି କରିବ।
- ● ଦୈନନ୍ଦିନ ଜୀବନର ସରଳ ସମସ୍ୟା / ପରିସ୍ଥିତି ଆଧାରିତ, ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ।
- ● ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ।
- ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଫେଡାଣ ଆଧାରିତ ଦୈନନ୍ଦିନ ଜୀବନର ପରିସ୍ଥିତିକୁ ସମାଧାନ କରିବ।
- 3/4 ଟି ନୋଟ ମୁଦ୍ରା ବ୍ୟବହାର କରି (ସମାନ ବା ଭିନ୍ନ ମୂଲ୍ୟର) 100 ଟଙ୍କା ମଧ୍ୟରେ ଯେକୌଣସି ପରିମାଣକୁ ଉପସ୍ଥାପନ କରିବ।
- ● ସାଧାରଣ ତ୍ରି-ମାତ୍ରିକ ଓ ଦ୍ୱି-ମାତ୍ରିକ ଆକୃତିକୁ ସେମାନଙ୍କର ଦୃଶ୍ୟମାନ ବୈଶିଷ୍ଟ୍ୟ ଆଧାରରେ ବର୍ଣ୍ଣନା କରିବ।
- ତ୍ରି-ମାସିକ ଆକୃତି (ସମଘନ, ଆୟତଘନ, ସିଲିଣ୍ଡର, କୋନ୍ ଓ ଗୋଲକ)କୁ ଚିହ୍ନଟ କରିବ ଓ ନାମକରଣ କରିବ।
- ସରଳରେଖା ଓ ବକ୍ରରେଖା ମଧରେ ପ୍ରଭେଦ ଦର୍ଶାଇବ।
- ଭୂଲମ୍ବ, ଭୁସମାନ୍ତର ତଥା ତୀର୍ଯ୍ୟକ ସରଳରେଖା ଅଙ୍କନ କରିବ।
- ଦୂରତା / ଦୈର୍ଘ୍ୟ ତଥା ପାତ୍ରର ଧାରକତ୍ୱକୁ ବିଭିନ୍ନ ଅଣମାନକ ଏକକ (ବାଡ଼ି / ପେନସିଲ୍ / କପ୍, ଚାମଚ / ବାଲଟି ଇତ୍ୟାଦି)ରେ ଆକଳନ କରିବ ଓ ମାପିବ।
- ● ସରଳରେଖା ଓ ବକ୍ରରେଖା ମଧ୍ୟରେ ପ୍ରଭେଦ ଦର୍ଶାଇବ।
- ଭୁଲମ୍ବ, ଭୁସମାନ୍ତର ତଥା ତୀର୍ଯ୍ୟକ ସରଳରେଖା ଅଙ୍କନ କରିବ।
- ଦୂରତା / ଦୈର୍ଘ୍ୟ ତଥା ପାତ୍ରର ଧାରକତ୍ୱକୁ ବିଭିନ୍ନ ଅଣମାନକ ଏକକ (ବାଡ଼ି / ପେନସିଲ / କପ୍ / ଚାମଚ / ବାଲଟି ଇତ୍ୟାଦି)ରେ ଆକଳନ କରିବ ଓ ମାପିବ।

**Module 9**

- ସରଳ ନିକିତି ବ୍ୟବହାର କରି ଓଜନିଆ ହାଲୁକା ବସ୍ତୁମାନଙ୍କୁ ତୁଳନା କରିପାରିବ।
- ସପ୍ତାହର ଦିନ ଓ ବର୍ଷର ମାସମାନଙ୍କର ନାମ କହିବ।
- କୌଣସି ଘଟଣାର ଅବଧିକୁ (ଘଣ୍ଟା / ଦିନ ଆଧାରରେ) ଭିତ୍ତିକରି ଘଟଣାଗୁଡ଼ିକ କ୍ରମରେ ସଜାଇବ। ଉଦାରହରଣ ସ୍ୱରୂପ – ଜଣେ ପିଲା ଘରେ ରହୁଥିବା ସମୟ ଠାରୁ ବିଦ୍ୟାଳୟରେ ରହୁଥିବା ସମୟ ଅଧିକ କି ?
- ସଂଗୃହୀତ ହୋଇଥିବା ତଥ୍ୟରୁ ନିଷ୍କର୍ସ (ଯୁକ୍ତିଯୁକ୍ତ ସିଦ୍ଧାନ୍ତ) ନିର୍ଣ୍ଣୟ କରିପାରିବ, ଯେପରି – ସମୀରର ଘରେ ଥିବା ଗାଡ଼ି ସଂଖ୍ୟା ଆୟେଜଲିନାର ଗାଡ଼ି ସଂଖ୍ୟାରୁ ଅଧିକ।

**ଶିକ୍ଷାର୍ଥୀ–**

## ତୃତୀୟ ଶ୍ରେଣୀ

- ତିନିଅଙ୍କ ବିଶିଷ୍ଟ ସଂଖ୍ୟା ସହ କାର୍ଯ୍ୟ କରିବ।

  ୨୨୨ ପର୍ଯ୍ୟନ୍ତ ସଂଖ୍ୟା ପଢ଼ିବ ଓ ଲେଖିବ (ସ୍ଥାନୀୟମାନ ଧାରଣାର ବ୍ୟବହାର କରି)
- ସ୍ଥାନୀୟମାନର ଧାରଣା ବ୍ୟବହାର କରି ୨୨୨ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକ ମଧ୍ୟରେ ତୁଳନା କରିବ।

  ତିନି ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ଓ ବିୟୋଗ ପ୍ରକ୍ରିୟା ବ୍ୟବହାର କରି ଦୈନନ୍ଦିନ ଜୀବନର ସରଳ ସମସ୍ୟାର
- ସମାଧାନ କରିବ (ଗୋଟାଏ ଘରୁ ଅନ୍ୟ ଘରକୁ ସଂଖ୍ୟା ନନେଇ ଓ ନେଇ, ଯୋଗଫଳ ୨୨୨ ମଧ୍ୟରେ ହେଉଥିବ)
- 2,3, 4, 5, ଓ 10 ର ଗୁଣନ ଖନ୍ଦା ପ୍ରସ୍ତୁତ କରି ବ୍ୟବହାର କରିବ ଓ ଦୈନନ୍ଦିନ ପରିସ୍ଥିତିରେ ତହଁର ବ୍ୟବହାର କରିବ।

  ବିଭିନ୍ନ ପ୍ରସଙ୍ଗ / ପରିସ୍ଥିତିରେ ଉପଯୁକ୍ତ ଗାଣିତିକ ପ୍ରକ୍ରିୟାର ପ୍ରୟୋଗ କରିବ ଓ ବିଶ୍ଳେଷଣ କରିବ।

– ସମାନ ଦଳରେ ଭାଗକରି / ସମୂହ ସୃଷ୍ଟିକରି ହରଣର ଅର୍ଥ ବୁଝିବ ଓ ବୁଝାଇବ, ବାରମ୍ବାର ବିୟୋଗ ପ୍ରକ୍ରିୟାରେ ଭାଗଫଳ ସ୍ଥିର କରିବ। ଉଦାହରଣସ୍ୱରୂପ – 123 ନିର୍ଣ୍ଣୟ କରିବା ପାଇଁ ୩ ଟି ଲେଖାଏଁ ଜିନିଷ ନେଇ 4 ଟି ଦଳ କରି 12 ପାଇବେ। 12 ଓ 3 କୁ କ୍ରମାନ୍ୱୟରେ ବିୟୋଗ କରି 4 ପାଇବେ।

Module
9

- ଅଳ୍ପ ପରିମାଣର ଟଙ୍କା ପଇସାର ଯୋଗ ଓ ଫେଡ଼ାଣ କରିବ (ଟଙ୍କାକୁ ପଇସାରେ ପରିଣତକରି ଫେଡ଼ାଣ କରିବ)

ଦର ତାଲିକା ଓ ସରଳ ଚିଠା ପ୍ରସ୍ତୁତ କରିବେ।

ଦ୍ୱି-ମାତ୍ରିକ ଆକୃତି ସଂପର୍କରେ ବୁଝିବ।

କାଗଜ ଭାଙ୍ଗି, ବିନ୍ଦୁଗ୍ରୀଡ଼ରେ କାଗଜକାଟି, ସରଳ ରେଖା ଇତ୍ୟାଦି ବ୍ୟବହାର କରି ଦ୍ୱି-ମାତ୍ରିକ ଆକୃତି ପ୍ରସ୍ତୁତ କରିବ ଓ ସେଗୁଡ଼ିକୁ ଚିହ୍ନିବ।

- ଦ୍ୱି-ମାତ୍ରିକ ଆକୃତିର ଧାର, ଶୀର୍ଷ ଓ କର୍ଣ୍ଣ ସଂଖ୍ୟାକୁ ବୁଝାଇବ। ଉଦାହରଣସ୍ୱରୂପ, ଗୋଟିଏ ବହିର ୁପର ପାଖ (ମଲାଟ)ର 4ଟି ଧାର, 4ଟି ଶୀର୍ଷ ଓ2ଟି କର୍ଣ୍ଣ ଅଛି।

- କୌଣସି କ୍ଷେତ୍ରକୁ ଦିଆଯାଇଥିବା ଟାଇଲ ଆକୃତିରେ ସଜାଇବ ଯେପରି କୌଣସି ସ୍ଥାନ ବଳି ନ ପଡେ।

ଲମ୍ବ ଓ ଦୂରତାକୁ ମାନକ ଏକକ (ଯଥା ସେଣ୍ଟିମିଟର ବା ମିଟର)ରେ ଅନୁମାନ କରିବ ଓ ମାପିବ ଓ ଦୈର୍ଘ୍ୟ ମାପ ଏକକ ମାନଙ୍କ ମଧ୍ୟରେ ସଂପର୍କକୁ ବୁଝିବ।

ମାନକ ଏକକ ଗ୍ରାମ ଓ କିଲୋଗ୍ରାମ ବ୍ୟବହାର କରି ବସ୍ତୁର ଓଜନ ସ୍ଥିର କରିବ।

ବିଭିନ୍ନ ପାତ୍ରର ଧାରକତ୍ୱକୁ ଅଣମାନକ ଏକକରେ ତୁଳନା କରିବ।

ଦୈନନ୍ଦିନ ଜୀବନ ସଂପୃକ୍ତ ଘଟଣାବଳୀରେ ଗ୍ରାମ ଓ କିଲୋଗ୍ରାମ ଏକକରେ ପ୍ରକାଶିତ ମାପମାନଙ୍କର ଯୋଗ ଓ ବିୟୋଗ କରିବ।

ଏକ କ୍ୟାଲେଣ୍ଡରରୁ ନିର୍ଦ୍ଦିଷ୍ଟ ଦିବସ ଓ ତାରିଖ ଚିହ୍ନେଇବ।

ଘଣ୍ଟାକୁ ଦେଖି ଠିକ୍ ଭାବେ ସମୟକୁ ଚିହ୍ନଟ କରିବ।

ସଂଖ୍ୟା ଓ ସରଳ ଆକୃତିରେ ଥିବା ସଂରଚନାକୁ ଆଗକୁ ବଢ଼େଇବ।

ଟାଲି ଚିହ୍ନ ବ୍ୟବହାର କରି ତଥ୍ୟକୁ ଲିପିବଦ୍ଧ କରିବ, ଚିତ୍ରଲେଖରେ ଦର୍ଶାଇବ ଓ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ନିର୍ଣ୍ଣୟ କରିବ।

**ଶିକ୍ଷାର୍ଥୀ**

## ଚତୁର୍ଥ ଶ୍ରେଣୀ

ଦୈନନ୍ଦିନ ଜୀବନରେ ସଂଖ୍ୟାର ଗାଣିତିକ ପ୍ରକ୍ରିୟାର ପ୍ରୟୋଗ କରିବ।

**Module 9**

- ଦୁଇ ଓ 3 ଅଙ୍କ ବିଶିଷ୍ଟ ସଂଖ୍ୟାକୁ ଗୁଣନ କରିବ।
- ବିଭିନ୍ନ ଉପାୟରେ ଗୋଟିଏ ସଂଖ୍ୟାକୁ ଅନ୍ୟ ସଂଖ୍ୟା ଦ୍ୱାରା ହରଣ କରିବ, ଯେପରି ଚିତ୍ର ମାଧ୍ୟମରେ (ବିନ୍ଦୁ ତିଆରି କରି), ସମାନସମାନ ସମୂହ ସୃଷ୍ଟି କରି କିମ୍ବା ବାରମ୍ବାର ଫେଡ଼ାଣ କରି ଏବଂ ଗୁଣନ ଓ ହରଣ ମଧ୍ୟରେ ସହସମ୍ବନ୍ଧ ସ୍ଥାପନ କରି।
- ଦୈନନ୍ଦିନ ଜୀବନ ଆଧାରିତ ସରଳ ସମସ୍ୟା ତିଆରି କରିବ ଓ ସମାଧାନ କରିବ ଯାହା ଟଙ୍କା ପଇସା, ଦୈର୍ଘ୍ୟ, ଓଜନ ଓ ଧାରାକତ୍ୱ ର ୪ ଗାଣିତିକ ପ୍ରକ୍ରିୟା ସହ ସଂପର୍କିତ ହୋଇଥିବ।

ଭଗ୍ନସଂଖ୍ୟାକୁ ନେଇ କାର୍ଯ୍ୟ କରିବ।

- ଅଧା, ଏକ - ଚତୁର୍ଥାଂଶା (ଚଉଠ), ତିନି - ଚତୁର୍ଥାଂଶକୁ ଚିହ୍ନଟ କରିବ। (କାଗଜ ଭାଙ୍ଗି ଓ ସଂଗୃହିତ ବସ୍ତୁକୁ ନେଇ କାର୍ଯ୍ୟ କରିବ)
- ସଂଖ୍ୟା / ସଂଖ୍ୟା ସୁଚକ ବ୍ୟବହାର କରି ଅଧା, ଏକ - ଚତୁର୍ଥାଂଶ, ତିନି - ଚତୁର୍ଥାଂଶକୁ ଭଗ୍ନ ସଂଖ୍ୟାରେ ସୂଚାଇବ।
- କୌଣସି ଭଗ୍ନ ସଂଖ୍ୟାର ସମଭଗ୍ନସଂଖ୍ୟାକୁ ପ୍ରଦର୍ଶନ କରିବ।

ଚାରି ପାଖରେ ଦେଖୁଥିବା ଆକୃତି ସଂପର୍କରେ ବୁଝିବ।

- ବୃତ୍ତର କେନ୍ଦ୍ର, ବ୍ୟାସାର୍ଦ୍ଧ ଓ ବ୍ୟାସକୁ ଚିହ୍ନାଇବ।
- କେଉଁ କ୍ଷେତ୍ରଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକୃତି ଦ୍ୱାରା ସଂପୂର୍ଣ୍ଣ ରୂପେ ଘୋଡ଼ାଯାଇପାରିବ ତାହା ସ୍ଥିର କରିବ।
- ତାର/ କାଠି ବ୍ୟବହାର କରି ସମଘନ ଓ ଆୟତଘନ ତିଆରି କରିବ।
- କାଗଜ ଭାଙ୍ଗି/ କାଗଜ କାଟି, କାଗଜରେ କାଳି ଥାପି ପ୍ରତିସମ ଚିତ୍ରର ଧାରଣାକୁ ପ୍ରଦର୍ଶନ କରିବ।
- ସରଳ ବସ୍ତୁ ଉପରୁ ଦେଖିଲେ ସାମ୍ନାରୁ ଦେଖିଲେ ଓ ପାର୍ଶ୍ୱରୁ ଦେଖିଲେ ମିଳୁଥିବା ଆକୃତିର ଚିତ୍ର ଅଙ୍କିବ।

ସରଳ ଜ୍ୟାମିତିକ ଆକୃତି (ତ୍ରିଭୁଜ, ଆୟତଚିତ୍ର ଓ ବର୍ଗଚିତ୍ରର) କ୍ଷେତ୍ରଫଳ ଓ ପରିସୀମା ନିର୍ଣ୍ଣୟ କରିବ, ଏକ ନିର୍ଦ୍ଦିଷ୍ଟ ଆକୃତିକୁ ଏକକ ଭାବରେ ନେଇ। ଉଦାହରଣସ୍ୱରୂପ - ଟେବୁଲର ଉପରିଭାଗକୁ ଘୋଡାଇବା ପାଇଁ କେତୋଟି ବହି ଦରକାର।

ମିଟରକୁ ସେଣ୍ଟିମିଟର ଓ ସେଣ୍ଟିମିଟରକୁ ମିଟରରେ ପରିବର୍ତ୍ତନ କରିବ।

Module
9

ଦୁଇଟି ସ୍ଥାନ / ବସ୍ତୁମଧ୍ୟରେ ଦୂରତ୍ୱ, ବିଭିନ୍ନ ବସ୍ତୁର ଓଜନ ଓ ତରଳ ପଦାର୍ଥର ଆୟତନର ମାପକୁ ଅନୁମାନ କରିବ ଓ ପ୍ରକୃତ ମାପ ଦ୍ୱାରା ତାହା ତନଖି କରିବ।

ମୌଳିକ ଗାଣିତିକ ପ୍ରକ୍ରିୟା ଆଧାରିତ ଦୈନନ୍ଦିନ ଜୀବନ ଘଟଣାବଳୀର ସମସ୍ୟାକୁ ସମାଧାନ କରିବ, ଯେଉଁଗୁଡ଼ିକ ଦୈର୍ଘ୍ୟ ଦୂରତ୍ୱ, ଓଜନ, ଆୟତନ ଓ ସମୟର ଧାରଣା ଉପରେ ପର୍ଯ୍ୟବସିତ ହୋଇଥିବ।

ଘଣ୍ଟାରୁ ସମୟ ( ଘଣ୍ଟା ଓ ମିନିଟ୍‌ରେ ଥିବ) କୁ ଚିହ୍ନିବ ଓ ସମୟକୁ ଏ.ଏମ. ଓ ପି.ଏମ. ରେ ପ୍ରକାଶ କରିବ।

24 ଘଣ୍ଟିଆ ସମୟକୁ 12 ଘଣ୍ଟିଆ ସମୟ ସହ ସଂପର୍କିତ କରିବ।

ଦୁଇଟି ଘଟଣା ମଧ୍ୟରେ ସମୟ ଅବଧିକୁ ହିସାବ କରିବ ଆଗକୁ – ଆଗକୁ ଓ ପଛକୁ – ପଛକୁ ଗଣି ଯୋଗ ବିୟୋଗ କରିବ।

ଗୁଣନ ଓ ହରଣରେ ଥିବା ସଂରଚନାକୁ ଚିହ୍ନଟ କରିବ (୨ ର ଗୁଣିତକ ପର୍ଯ୍ୟନ୍ତ)

ପ୍ରତିସମତା ଆଧାରିତ ଜ୍ୟାମିତିକ ସଂରଚନାଗୁଡ଼ିକୁ ଲକ୍ଷ୍ୟ କରିବ, ଚିହ୍ନଟ କରିବ ଓ ଆଗକୁ ବଢ଼ାଇବ।

ସଂଗୃହିତ ତଥ୍ୟକୁ ସାରଣୀରେ ଓ ସ୍ତମ୍ଭ ଲେଖରେ ପ୍ରକାଶ କରିବ ଓ ସେଗୁଡ଼ିକୁ ବ୍ୟାଖ୍ୟା କରିବ।

**ଶିକ୍ଷାର୍ଥୀ:**

## ପଂଚମ ଶ୍ରେଣୀ

ବଡ଼ ସଂଖ୍ୟା ସହ କାମ କରିବ।

- ନିଜ ପରିବେଶରେ ବ୍ୟବହାର ହେଉଥିବା ହଜାରରୁ ଅଧିକ ବଡ଼ ସଂଖ୍ୟାକୁ ପଢିବ ଓ ଲେଖିବ।
- ହଜାରରୁ ବଡ଼ ସଂଖ୍ୟାରେ ୪ ମୌଳିକ ଗାଣିତିକ ପ୍ରକ୍ରିୟା ସଂପାଦନ କରିବ, ଯେଉଁଥିରେ ସ୍ଥାନୀୟମାନ ଧାରଣାର ବ୍ୟବହାର ହେଉଥିବ।
- ମାନକ କଳନ ବିଧି ବ୍ୟବହାର କରି ଗୋଟିଏ ସଂଖ୍ୟାରେ ଆଉ ଗୋଟିଏ ସଂଖ୍ୟାକୁ ଭାଗ କରିବ।

– ସଂଖ୍ୟା ଯୋଗ, ଫେଡ଼ାଣ, ଗୁଣନ ଓ ଭାଗଫଳକୁ ଆକଳନ (ଅନୁମାନ) କରିବ ଏବଂ ସାଧାରଣ କଳନା ବିଧି ବ୍ୟବହାର

Module
9

କରି ବା ସଂଖ୍ୟାକୁ ଭାଙ୍ଗି ଗାଣିତିକ ପ୍ରକ୍ରିୟା ଭଳି ବିଭିନ୍ନ ଉପାୟ ଅବଲମ୍ବନ କରି ପ୍ରକୃତ ଉତ୍ତର ନିର୍ଣ୍ଣୟ କରିବ। ଉଦାହରଣସ୍ୱରୂପ - 9450 ରେ 25 କୁ ଭାଗ କରିବା ପାଇଁ 9000କୁ 25 ରେ ଭାଗ କରାଯିବ, 400 କୁ 25 ଏବଂ ଶେଷରେ 50 କୁ 25 ରେ ଭାଗ କରି, ପ୍ରତ୍ୟେକ ଭାଗଫଳ ମିଶାଇ ଉତ୍ତର ନିର୍ଣ୍ଣୟ କରିବ।

- ଭଗ୍ନାଂଶ ଭଗ୍ନସଂଖ୍ୟା ସମ୍ବନ୍ଧରେ ଆହାରଣ କରିବ।
  - ଏକ ସମୂହର ଅଂଶକୁ ଭଗ୍ନ ସଂଖ୍ୟାରେ ପ୍ରକାଶ କରିବ।
  - ଏକ ଦତ୍ତ ଭଗ୍ନସଂଖ୍ୟାର ସମ ଭଗ୍ନସଂଖ୍ୟାଗୁଡ଼ିକୁ ନିର୍ଣ୍ଣୟ କରିବ।
  - ଦିଆଯାଇଥିବା ଭଗ୍ନ ସଂଖ୍ୟାକୁ 1/2, 1/4, 1/5 ଦଶମିକ ସଂଖ୍ୟା ରୂପରେ ଲେଖିବ ଉଦାହରଣ ସ୍ୱରୂପ – ଟଙ୍କାରେ ଏକକ ବ୍ୟବହାରରେ 10 ଟଙ୍କାର ଆଧାର ହେଉଛି 5।
  - ଭଗ୍ନସଂଖ୍ୟାକୁ ଦଶମିକ ସଂଖ୍ୟା ଓ ଦଶମିକ ସଂଖ୍ୟାକୁ ଭଗ୍ନ ସଂଖ୍ୟାରେ ପରିଣତ କରିବା।
- କୋଣ ଓ ଆକୃତିର ଧାରଣାକୁ ବୁଝିବ।
  - କୋଣଗୁଡ଼ିକୁ ସମକୋଣ, ସୂକ୍ଷ୍ମକୋଣ, ସ୍ଥୁଳକୋଣରେ ବର୍ଗୀକରଣ କରିବ ଓ କୋଣକୁ ଡ୍ରଇଁ ଓ କାଗଜରେ ଆଙ୍କି ଦର୍ଶାଇବ।
  - ନିକଟ ପରିବେଶରୁ ଦୁଇମାତ୍ରିକ ଆକୃତିଗୁଡ଼ିକ ଚିହ୍ନଟ କରିବ। ଯେଉଁଥିରେ ପ୍ରତିଫଳନ ପ୍ରତିସମତା ଓ ଘୂର୍ଣ୍ଣନ ପ୍ରତିସମତା ଥିବ। (ଯଥା – ଇଂରାଜୀ ଅକ୍ଷର ଓ ଆକୃତି) ତାଲିକା ନେଇ
  - ସମଘନ, ସିଲିଣ୍ଡର ଓ କୋନ ପ୍ରସ୍ତୁତ କରିବ।
- ଦୈର୍ଘ୍ୟ, ଓଜନ ଓ ଆୟତନକୁ ନେଇ ପ୍ରକାଶ କରିବା ପାଇଁ ଛୋଟ ଓ ବଡ଼ ଏକକଗୁଡ଼ିକୁ ସଂପର୍କିତ କରିବ, ବଡ଼ ଏକକରେ ଥିବା ମାପକୁ ଛୋଟ ଏକକରେ ପ୍ରକାଶ କରିବ। (ବିପରୀତ କ୍ରମେ ଏହି କାର୍ଯ୍ୟ କରାଯିବ)
- କଠିନ ଘନବସ୍ତୁର ଆୟତନକୁ ପରିଚିତ ଏକକରେ ପ୍ରକାଶ କରିବ (ଅନୁମାନ କରି)

  ଯେପରି ଗୋଟିଏ ବାଲ୍‌ଟିର ଆୟତନ ଗୋଟିଏ ମଗ ପାଣିର ଆୟତନର 20 ଗୁଣ ସହ ସମାନ।

Module
9

- 4 ଗାଣିତିକ ପ୍ରକ୍ରିୟା ବ୍ୟବହାର କରି ଟଙ୍କା ପଇସା, ଦୈର୍ଘ୍ୟ, ଓଜନ, ଧାରକତ୍ୱ, ସମୟ, ଅବଧିର ମାପ ସଂକ୍ରାନ୍ତିୟ ସମସ୍ୟାର ସମାଧାନ କରିବ ।
- ତ୍ରିଭୁଜାକର ସଂଖ୍ୟା ଓ ବର୍ଗାସଂଖ୍ୟାରେ ଥିବା ସଂରଚନାକୁ ଚିହ୍ନଟ କରିବ ।
- ଦୈନନ୍ଦିନ ଜୀବନର ଘଟଣାବଳୀରୁ ତଥ୍ୟ ସଂଗ୍ରହ କରିବ, ସେ ସବୁକୁ ସାରଣୀ ଓ ସ୍ତମ୍ଭ ଲେଖରେ ଉପସ୍ଥାପନ କରିବ ଓ ତାହାକୁ ବିଶ୍ଳେଷଣ କରିବ ।

**ଶିକ୍ଷାର୍ଥୀ:**

## ଷଷ୍ଠ ଶ୍ରେଣୀ

- ବଡ଼ବଡ଼ ସଂଖ୍ୟା ଥିବା ଗାଣିତିକ ସମସ୍ୟାକୁ (ଯୋଗ, ବିୟୋଗ, ଗୁଣନ ଓ ଭାଗ) ଉପଯୁକ୍ତ ଗାଣିତିକ ପ୍ରକ୍ରିୟା ବ୍ୟବହାର କରି ସମାଧାନ କରିବ ।
- ସଂଖ୍ୟାମାନଙ୍କୁ ମୌଳିକ, ଯୌଗିକ, ପରସ୍ପର ମୌଳିକ, ଯୁଗ୍ମ, ଅଯୁଗ୍ମ ଇତ୍ୟାଦି ଆଧାରରେ ବର୍ଗୀକରଣକୁ (ସଂରଚନା ସାହାଯ୍ୟରେ ) ଚିହ୍ନଟ କରିବ ଓ ପସନ୍ଦ କରିବ ।
- ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗ.ସା.ଗୁ ଓ ଲ.ସା.ଗୁ.ର ପ୍ରୟୋଗ କରିବ ।
- ପୂର୍ଣ୍ଣସଂଖ୍ୟାର ଯୋଗ ଓ ବିୟୋଗ ସମ୍ବନ୍ଧିତ ସମସ୍ୟାଗୁଡ଼ିକର ସମାଧାନ କରିବ ।
- ଟଙ୍କା ପଇସା, ତାପମାତ୍ରା, ଦୈର୍ଘ୍ୟ ମାପ ଧାରଣା ସମ୍ବଳିତ ପରିସ୍ଥିତିରେ ଭଗ୍ନସଂଖ୍ୟା ଓ ଦଶମିକ ସଂଖ୍ୟାକୁ ବ୍ୟବହାର କରିବ । ଉଦାହରଣ ସ୍ୱରୂପ 71 /2 ମିଟରର କପଡ଼ା, ଦୁଇଟି ସ୍ଥାନ ମଧ୍ୟରେ ଦୂରତା 112.5 ମିଟର ଇତ୍ୟାଦି ।
- ଭଗ୍ନ ସଂଖ୍ୟା / ଦଶମିକ ସଂଖ୍ୟା ଯୋଗ ଓ ଫେଡାଣ ସମ୍ବଳିତ ଦୈନନ୍ଦିନ ଜୀବନ ଘଟଣା ଆଧାରିତ ସରଳ ସମସ୍ୟାର ସମାଧାନ କରିବ ।
- ଦିଆଯାଇଥିବା ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ବ୍ୟାପକୀକରଣ କରିବା ପାଇଁ ଚଳରାଶି ଓ ଗାଣିତିକ ପ୍ରକ୍ରିୟାର ବ୍ୟବହାର କରିବ । ଉଦାହରଣ – x ଏକକ ଦୈର୍ଘ୍ୟ ଓ 3 ଏକକ ପ୍ରସ୍ଥ ବିଶିଷ୍ଟ ଆୟତକ୍ଷେତ୍ରରେ ପରିସୀମା 2(x+3)
- ବିଭିନ୍ନ ପରିସ୍ଥିତିରେ ପରିମାଣମାନଙ୍କର ତୁଳନା କରିବା ପାଇଁ ଅନୁପାତ ଧାରଣାର ବ୍ୟବହାର କରିବ, ଯେପରି – ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଝିଅ ଓ ପୁଅଙ୍କର ସଂଖ୍ୟା 3 : 2 ଅନୁପାତରେ ଅଛନ୍ତି ।

Module 9

- ଉକ୍ତିଗଣିତ ସମସ୍ୟା ସମାଧାନରେ ଐକିକ ପ୍ରଣାଳୀର ବ୍ୟବହାର କରିବ। ଉଦାହରଣ ସ୍ୱରୂପ – ଯଦି ଗୋଟିଏ ଡଜନ ଖାତାର ମୂଲ୍ୟ ଦିଆଯାଇଥାଏ, ସେହିଭଳି 7ଟି ଖାତାର ମୂଲ୍ୟ ଜାଣିବାକୁ ହେଲେ ପ୍ରଥମେ ଗୋଟିଏ ଖାତାର ମୂଲ୍ୟ ବାହାର କରିବାକୁ ହେବ।
- ଜ୍ୟାମିତିକ ଧାରଣା, ଯଥା – ରେଖାର, ରେଖାଖଣ୍ଡ, ଆବଦ୍ଧ ଚିତ୍ର, କୋଣ, ତ୍ରିଭୁଜ, ଚତୁର୍ଭୁଜ, ବୃତ୍ତ ଇତ୍ୟାଦିକୁ ନିଜ ପରିବେଶର ଉଦାହରଣ ନେଇ ବର୍ଣ୍ଣନା କରିବ।
- କୋଣ ସମ୍ବନ୍ଧୀୟ ଧାରଣାକୁ ପ୍ରଦର୍ଶନ କରିବ।

– ପରିବେଶରେ ଦେଖୁଥିବା କୋଣ ଆକୃତିକୁ ଚିହ୍ନଟ କରିବ।

– ମାପ ଅନୁଯାୟୀ କୋଣଗୁଡ଼ିକୁ ବର୍ଗୀକରଣ କରିବ।

– $45^0$, $90^0$, $180^0$ କୁ ଆଧାର କରି ବିଭିନ୍ନ କୋଣର ପରିମାଣକୁ ଅନୁମାନ କରି କହିବ।

- ରୈଖିକ ପ୍ରତିସମ ସଂପର୍କୀୟ ଧାରଣାକୁ ପ୍ରଦର୍ଶନ କରିବା ପାଇଁ

– ଏକ ବା ଏକାଧିକ ପ୍ରତିସମ ଅକ୍ଷ ଥିବା ଦ୍ୱି-ମାତ୍ରିକ ଆକୃତିକୁ ଚିହ୍ନଟ କରିବ।

– ଦ୍ୱି-ମାତ୍ରିକ ପ୍ରତିସମ ଚିତ୍ର ଅଙ୍କନ କରିବ।

- କୋଣ ଓ ବାହୁର ମାପ ଅନୁଯାୟୀ ତ୍ରିଭୁଜମାନଙ୍କୁ ବର୍ଗୀକରଣ କରିବ। ଉଦାହରଣସ୍ୱରୂପ – ବାହୁର ମାପ ଅନୁଯାୟୀ ସମବାହୁ, ସମଦ୍ୱିବାହୁ, ବିଷମ ବାହୁ ତ୍ରିଭୁଜ ଇତ୍ୟାଦି।
- ବାହୁ ଓ କୋଣର ପରିମାଣ ଆଧାରରେ ଚତୁର୍ଭୁଜକୁ ବିଭିନ୍ନ ସମୂହ / ପ୍ରକରରେ ବର୍ଗୀକରଣ କରିବ।
- ନିକଟ ପରିବେଶରୁ ତ୍ରି-ମାତ୍ରିକ ବସ୍ତୁଗୁଡ଼ିକୁ ଚିହ୍ନଟ କରିବ ଯେପରି – ଗୋଲକ, ସମଘନ, ଆୟତଘନ, ସିଲିଣ୍ଡର ଓ କୋନ୍।
- ତ୍ରି-ମାତ୍ରିକ ବସ୍ତୁର ଧାର, ଶୀର୍ଷ ଓ ପାର୍ଶ୍ୱକୁ ଉଦାହରଣ ଦେଇ ବର୍ଣ୍ଣନା କରିବ।
- ନିକଟ ପରିବେଶରେ ଦେଖୁଥିବା ଆୟତାକୃତି କ୍ଷେତ୍ରର ପରିସୀମା ଓ କ୍ଷେତ୍ରଫଳ ନିର୍ଣ୍ଣୟ କରିବ, (ଯେପରି – ଶ୍ରେଣୀ କକ୍ଷର ଚଟାଣ, ଚକ୍ ଡବାର ଉପର ପାର୍ଶ୍ୱ ଇତ୍ୟାଦି)

- ବିଭିନ୍ନ ତଥ୍ୟ ସଂଗ୍ରହ କରି ସେଗୁଡ଼ିକୁ ଉପଯୁକ୍ତ ପ୍ରଣାଳୀରେ ସଜାଡିବ । ଯେପରି ଗୋଟିଏ ପରିବାରର ଗତ ୬ ମାସର ଖର୍ଚ୍ଚ ପରିମାଣ । ଏହିଭଳି ତଥ୍ୟକୁ ଚିତ୍ରଲେଖ, ସ୍ତମ୍ଭଲେଖ, ସାରଣୀରେ ପ୍ରକାଶ କରି ତାହାକୁ ବ୍ୟାଖ୍ୟା କରିବ ।

Module 9

**ଶିକ୍ଷାର୍ଥୀ**

## ସପ୍ତମ ଶ୍ରେଣୀ

- ଦୁଇଟି ପୂର୍ଣ୍ଣସଂଖ୍ୟାର ଗୁଣନ ଓ ହରଣ କରିବ ।
- ଭଗ୍ନସଂଖ୍ୟାର ଗୁଣନ ଓ ହରଣକୁ ବ୍ୟାଖ୍ୟା କରିବ ।
- ଉଦାହରଣସ୍ୱରୂପ $\frac{2}{3}$ ର $\frac{4}{5}$ କୁ $\frac{2}{3}\times\frac{4}{5}$ ଭାବେ ପ୍ରକାଶ କରିବ ।

  ସେହିପରି, $\frac{1}{2}\div\frac{1}{4}$ କୁ $\frac{1}{2}$ ରେ କେତୋଟି $\frac{1}{4}$ ଅଛି ଭାବେ ବିଚାରା କରିବ ।
- ଭଗ୍ନ ସଂଖ୍ୟା / ଦଶମିକ ସଂଖ୍ୟାର ଗୁଣନ ଓ ହରଣ କରିବା ପାଇଁ କଳନବିଧିକୁ ବ୍ୟବହାର କରିବ ।
- ପରିମେୟ ସଂଖ୍ୟା ଆଧାରିତ ଦୈନନ୍ଦିନ ଜୀବନ ସମସ୍ୟାଗୁଡ଼ିକୁ ସମାଧାନ କରିବ ।
- ବଡ଼ବଡ଼ ସଂଖ୍ୟାର ହରଣ ଓ ଗୁଣନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ସରଳ କରିବାରେ ସଂଖ୍ୟାର ଘାତାଙ୍କୀୟ ରୂପକୁ ବ୍ୟବହାର କରିବ ।
- ଦୈନନ୍ଦିନ ଜୀବନର ଘଟଣାବଳୀକୁ ସରଳ ସମୀକରଣ ରୂପରେ ଲେଖିବ ଓ ତା'ର ସମାଧାନ କରିବ ।
- ବୀଜଗାଣିତିକ ପରିପ୍ରକାଶମାନଙ୍କର ଯୋଗ / ଫେଡ଼ାଣ କରିବ ।
- ସମାନପାତରେ ଥିବା ରାଶିଗୁଡ଼ିକୁ ଚିହ୍ନିବ । ଉଦାହରଣସ୍ୱରୂପ – 1. 45, 40, 120 ସମାନୁପାତିକ ଅଛନ୍ତି ବୋଲି କହିପାରିବ କାରଣ $\frac{15}{45}$ ହେଉଛି $\frac{40}{120}$ ସହିତ ସମାନ ।
- ଶତକଡ଼ାକୁ ଭଗ୍ନସଂଖ୍ୟା ଓ ଦଶମିକ ସଂଖ୍ୟାକୁ ପରିବର୍ତ୍ତନ ସମ୍ବଳିତ ସମସ୍ୟାର ସମାଧାନ କରିବ ।
- ସରଳ ସୁଧ ହିସାବ କରିବା ପ୍ରକ୍ରିୟାରେ ଶତକଡା ଲାଭ କ୍ଷତି ଓ ସୁଧର ହାର ନିର୍ଣ୍ଣୟ କରିବ ।
- ଧର୍ମ ଆଧାରରେ କୋଣ ଯୋଡାକୁ ବର୍ଗୀକରଣ କରିବ, ଯେପରି – ସନ୍ନିହିତ କୋଣ, ଅନୁପୁରକ କୋଣ, ପରିପୁରକ କୋଣ,

Module 9

ପ୍ରତୀପ କୋଣ ଏବଂ ଗୋଟିକର ପରିମାଣ ଦତ୍ତ ଥିଲେ ଅନ୍ୟଟିର ପରିମାଣ ନିର୍ଣ୍ଣୟ କରିବ।

- ଦୁଇଟି ରେଖାଖଣ୍ଡ ପରସ୍ପରକୁ ଛେଦକଲେ ଉତ୍ପନ୍ନ କୋଣମାନଙ୍କ ମଧ୍ୟରେ ଥିବା ସଂପର୍କକୁ ପରୀକ୍ଷା କରିବ।
- ଗୋଟିଏ ତ୍ରିଭୁଜରେ ଦୁଇଟି କୋଣର ପରିମାଣ ଦିଆଯାଇଥିଲେ ତୃତୀୟ କୋଣର ପରିମାଣ ସ୍ଥିର କରିବ।
- ବା – ବା – ବା, ବା – କୋ – ବା, କୋ–ବା–କୋ, ସ–କ–ବା, ସର୍ତ୍ତ ଅନୁଯାୟୀ ତ୍ରିଭୁଜର ସର୍ବସମତାକୁ ବୁଝିବ।
- ସ୍କେଲ ଓ କମ୍ପାସ ବ୍ୟବହାର କରି ରେଖାଖଣ୍ଡ ବହିସ୍ଥ ଏକ ବିନ୍ଦୁରୁ ରେଖାଖଣ୍ଡ ପ୍ରତି ଲମ୍ବ ଅଙ୍କନ କରିବ।
- ଗ୍ରାଫ କାଗଜ ବା ବର୍ଗଗ୍ରୀଡ ବ୍ୟବହାର କରି ଆବଦ୍ଧ କ୍ଷେତ୍ରର କ୍ଷେତ୍ରଫଳ ଆସନ୍ନମାନ ନିର୍ଣ୍ଣୟ କରିବ।
- ବର୍ଗକ୍ଷେତ୍ର ଓ ଆୟତକ୍ଷେତ୍ରର କ୍ଷେତ୍ରଫଳ ନିର୍ଣ୍ଣୟ କରିବ।
- ଦୈନନ୍ଦିନ ଜୀବନର ଘଟଣାବଳୀରେ ବ୍ୟବହୃତ ତଥ୍ୟରୁ ମାଧ୍ୟମାନ, ମଧ୍ୟମା ଓ ଗରିଷ୍ଠକ ନିର୍ଣ୍ଣୟ କରିବ।
- ଦୈନନ୍ଦିର ଜୀବନର ଅନୁଭୂତିରୁ ପରିବର୍ତ୍ତନ ହେଉଥିବା ଘଟଣାଗୁଡ଼ିକୁ ଚିହ୍ନଟ କରିବ ଯେପରି – ଶ୍ରେଣୀ ପିଲମାନଙ୍କର ଉଚ୍ଚତାରେ ପରିବର୍ତ୍ତନ, ମୁଦ୍ରା ଟସ୍ କରିବାରେ ଏକ ଘଟଣା ଘଟିବାରେ ଅନିଶ୍ଚିତତା ଇତ୍ୟାଦି।
- ସ୍ତମ୍ଭ ଲେଖର ତଥ୍ୟକୁ ବ୍ୟାଖ୍ୟା କରିବ। ଯେପରି – ଗ୍ରୀଷ୍ମ ଋତୁରେ ଶୀତଋତୁ ଅପେକ୍ଷା ଅଧିକ ବିଜୁଳି ଶକ୍ତି ବ୍ୟବହାର ହୋଇଥାଏ, ଗୋଟିଏ ଦଳ ପ୍ରଥମ 10 ଓଭରରେ ସଂଗ୍ରହ କରିଥିବା ରନ୍ ସଂଖ୍ୟା ଇତ୍ୟାଦି।

**ଶିକ୍ଷାର୍ଥୀ**

**ଅଷ୍ଟମ ଶ୍ରେଣୀ**

- ପରିମେୟ ସଂଖ୍ୟାରେ ମିଶାଣ, ଫେଡ଼ାଣ, ଗୁଣନ ଓ ହରଣର ଧର୍ମଗୁଡ଼ିକୁ ସାଧାରଣୀକରଣ କରିବ (ସଂରଚନା ବ୍ୟବହାର କରି)।
- ଦିଆଯାଇଥିବା ଦୁଇଟି ପରିମେୟ ସଂଖ୍ୟା ମଧ୍ୟରେ ଥିବା ଅସଂଖ୍ୟ ପରିମେୟ ସଂଖ୍ୟା ନିର୍ଣ୍ଣୟ କରିବ।
- 2, 3, 4, 5, 6, 9 ଓ 11 ର ବିଭାଜ୍ୟତା ନିୟମ ଅବଲମ୍ବନ କରି ଦିଆଯାଇଥିବା ସଂଖ୍ୟାମାନଙ୍କର ବର୍ଗ, ବର୍ଗମୂଳ, ଘନ ଓ ଘନମୂଳ ନିର୍ଣ୍ଣୟ କରିବ।

Module
9

- ପୂର୍ଣ୍ଣସଂଖ୍ୟା ଘାତାଙ୍କ ବିଶିଷ୍ଟ ସମସ୍ୟାର ସମାଧାନ କରିବ।
- ଗାଣିତିକ ଧନ୍ଦା ଓ ଦୈନନ୍ଦିନ ଜୀବନ ସମସ୍ୟାଗୁଡ଼ିକୁ ଚଳରାଶି ବ୍ୟବହାର କରି ସମାଧାନ କରିବ।
- ବୀଜଗାଣିତିକ ପରିପ୍ରକାଶଗୁଡ଼ିକୁ ଗୁଣନ କରିବ ଯେପରି, ବିସ୍ତାରିତ କର (2x-5) (3 × 2+ 7)
- ଦୈନନ୍ଦିନ ଜୀବନ ସମସ୍ୟା ସମାଧାନ କରିବାରେ ବୀଜଗାଣିତିକ ଅଭେଦଗୁଡ଼ିକର ବ୍ୟବହାର କରିବ। ଯେପରି ଲିଖିତ ମୂଲ୍ୟ ଏବଂ ପ୍ରକୃତ ମୂଲ୍ୟ ଦତ୍ତ ଥିଲେ ଶତକଡ଼ା ରିହାତି ନିର୍ଣ୍ଣୟ କିମ୍ବା କ୍ରୟମୂଲ୍ୟ ଓ ଲାଭ ଦତ୍ତ ଥିଲେ ଶତକଡ଼ା ଲାଭ ନିର୍ଣ୍ଣୟ।
- ସଳଖ ଓ ପ୍ରତିଲୋମୀ ଚଳନ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରିବ।
- କୋଣମାନଙ୍କର ମାପର ସମଷ୍ଟି ସୂତ୍ରକୁ ବ୍ୟବହାର କରି ସମସ୍ୟା ସମାଧାନ କରିବ।
- ସାମାନ୍ତରିକ ଚିତ୍ରର ଦର୍ଘ୍ୟଗୁଡ଼ିକୁ ପରୀକ୍ଷା କରିବ ଓ ଯୁକ୍ତି ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବ।
- ସଂରଚନା ମାଧ୍ୟମରେ ଅଏଲରଙ୍କ ସଂପର୍କକୁ ପରୀକ୍ଷା କରିବ।
- କଂପାସ ଓ ସ୍କେଲ ବ୍ୟବହାର କରି ବିଭିନ୍ନ ପ୍ରକାରର ଚତୁର୍ଭୁଜ ଅଙ୍କନ କରିବ।
- ଟ୍ରାପିଜିୟମ ଓ ଅନ୍ୟାନ୍ୟ ବହୁଭୁଜ ଭଳି ଆକୃତିର କ୍ଷେତ୍ରଫଳକୁ ବର୍ଗଗ୍ରୀଡ଼ / ଗ୍ରାଫକାଗଜ ବ୍ୟହାର କରି ଅନୁମାନ କରିବ ଓ ସୂତ୍ର ବ୍ୟବହାର କରି ଏହାର ସତ୍ୟତା ପରୀକ୍ଷା କରିବ।
- ବହୁଭୁଜର କ୍ଷେତ୍ରଫଳ ନିର୍ଣ୍ଣୟ କରିବ।
- ଆୟତଘନାକୃତି ଓ ସିଲିଣ୍ଡର ଆକୃତିର ଘନବସ୍ତୁମାନଙ୍କର ପୃଷ୍ଠ କ୍ଷେତ୍ରଫଳ ଓ ଆୟତନ ନିର୍ଣ୍ଣୟ କରିବ।
- ସ୍ତମ୍ଭଲେଖ ଓ ବୃତ୍ତଲେଖ ପ୍ରସ୍ତୁତ କରିବ ଓ ତାହାକୁ ବ୍ୟାଖ୍ୟା କରିବ।
- ପୂର୍ବ ଘଟଣାକୁ ଆଧାର କରି ପରବର୍ତ୍ତୀ ଘଟଣା କ'ଣ ହେବ (ସମ୍ଭାବନା କେତେ ?) ତାହା ଅନୁମାନ କରିବ, ଯେପରି – ଡାଇସ୍ ଓ ମୁଦ୍ରାକୁ ବାରମ୍ବାର ପକାଇବା ପରେ କଣ ପଡ଼ିବ ଅନୁମାନ କରିବ (ପୂର୍ବ ଅଭିଜ୍ଞତା ଆଧାରରେ)

Module 9

## ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷଣର ମାନନିର୍ଦ୍ଧାରଣ:

- ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷଣର ମାନନିର୍ଦ୍ଧାରଣର ମୁଖ୍ୟ କଥା ହେଉଛି । ପିଲାମାନେ ଗଣିତ କିପରି ଶିଖନ୍ତି ।

## ଏହି ମାନନିର୍ଦ୍ଧାରଣ ନିମ୍ନ ଦିଗ ଉପରେ ପର୍ଯ୍ୟବସିତ ହେବ:

- ପିଲାମାନେ କିପରି ଗଣିତ ଶିଖନ୍ତି ତାହା ବୁଝିବା ।
- ଗାଣିତିକ ପ୍ରତ୍ୟୟଗୁଡ଼ିକର ବିକାଶ ଓ ସେଗୁଡ଼ିକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ।
- ପିଲାମାନଙ୍କର ସାମାଜିକ- ବ୍ୟକ୍ତିଗତ ଗୁଣାବଳୀର ବିକାଶ କରିବା । ବିଶେଷ ଭାବେ ଗଣିତରେ କେଉଁସବୁ ଦିଗର ମାନ ନିର୍ଦ୍ଧାରଣ କରାଯିବ ସେ ସଂପର୍କରେ ଚିନ୍ତା କରିବା । ସେହି ଦିଗଗୁଡ଼ିକୁ ନିମ୍ନ ଚିତ୍ରରେ ଦର୍ଶାଯାଇଛି ।




ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷାଦାନ ସମୟରେ ପଚରାଯାଉଥିବା ସାଧାରଣ ପ୍ରଶ୍ନଟି ହେଲା – 'ଗଣିତ ଶିକ୍ଷଣ ମାନନିର୍ଦ୍ଧାରଣରେ କେଉଁ ସବୁ ଦିଗକୁ ବିଚାରକୁ ନିଆଯାଏ ?

ନିଜକୁ ନିଜେ ପଚାରନ୍ତୁ ଯେ, ଏହାପାଇଁ ଆପଣ କ'ଣ ଖୋଜୁଛନ୍ତି ? ବିଦ୍ୟାଳୟ ଗଣିତ ଶିକ୍ଷଣ ପରିସ୍ଥିତିକୁ ବିସ୍ତୃତ ଭାବେ ଲକ୍ଷ୍ୟ କଲେ ଜଣାଯାଏ ଯେ ଏହା ମୁଖ୍ୟତଃ ପିଲାମାନଙ୍କୁ 'ଗଣିତକୁ ଭାବ ବିନିମୟ ମାଧ୍ୟମ ଭାବେ ଓ ପରସ୍ପର ସହ ଆଲୋଚନା କରିବାର ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି । ଶିକ୍ଷାର୍ଥୀମାନଙ୍କର ନିମ୍ନଲିଖିତ ସାମର୍ଥ୍ୟକୁ ଦେଖି ସେମାନଙ୍କର ମାନନିର୍ଦ୍ଧାରଣ କରାଯିବା ଉଚିତ୍ ।

Module 9

## ସେମାନେ ସମର୍ଥ କି :

- ଗାଣିତିକ ନିୟମ, ଚିତ୍ର ଇତ୍ୟାଦିର କାରଣ ଓ ଖୋଜିବା ଓ ସଂକ୍ଷେପଣ କରିବା।
- ସଂପର୍କକୁ ବୁଝିବା, ଗଠନ ପ୍ରଣାଳୀକୁ ଲକ୍ଷ୍ୟ କରିବା ଓ କୌଣସି ଉକ୍ତିର ଏହାର ସତ୍ୟତା ଓ ମିଥ୍ୟାକୁ ଯୁକ୍ତିପୂର୍ଣ୍ଣ ଭାବରେ ଆଲୋଚନା କରିବାରେ ଅମୂର୍ତ୍ତୀକରଣର ବ୍ୟବହାର କରିବା।
- ଗଣିତର ବିଭିନ୍ନ ବିଭାଗର ମୌଳିକ ଗଠନ ପ୍ରଣାଳୀ ଯଥା ସଂଖ୍ୟାଶାସ୍ତ୍ର, ପାଟିଗଣିତ, ବୀଜଗଣିତ, ଜ୍ୟାମିତି, ତଥ୍ୟ ପରିଚାଳନା, ପରିମିତି ଇତ୍ୟାଦିକୁ ବୁଝିବା।
- ଅମୂର୍ତ୍ତିକରଣ ଓ ସିଦ୍ଧାନ୍ତୀକରଣକୁ ବ୍ୟବହାର କରିବା ପାଇଁ ବିଭିନ୍ନ ଉପାୟ ସହ ପିଲାଙ୍କୁ ପରିଚିତ କରାଇବା।
- ଏହି ସ୍ତରରେ ଶିଖିଥିବା ଗାଣିତିକ ବିଷୟବସ୍ତୁକୁ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନରେ ପ୍ରୟୋଗ  କରିବା।
- ଦଳଗତ କାର୍ଯ୍ୟ ସମୟରେ ପରସ୍ପର ମଧ୍ୟରେ ସାହାଯ୍ୟ ଓ ସହଯୋଗ ରଖିବା।
- ଏହି ପ୍ରଦର୍ଶିକାରେ ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣ ପାଇଁ ବର୍ଣ୍ଣନା କରାଯାଇଥିବା ବିଭିନ୍ନ ପ୍ରକାର ମାନନିର୍ଦ୍ଧାରଣ ସାଧନଗୁଡ଼ିକୁ ଏକତ୍ର କରି ଦୈନନ୍ଦିନ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ସହିତ ବ୍ୟବହାର କରାଯିବ। ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷଣ ଶିକ୍ଷାଦାନ ପାଇଁ ପ୍ରସ୍ତାବିତ ଶିକ୍ଷଣ ଫଳାଫଳକୁ ହାସଲ କରିବା ନିମନ୍ତେ ନିମ୍ନଲିଖିତ ଉଦାହରଣଗୁଡ଼ିକ ଦିଆଯାଇଛି।

## ଉଦାହରଣ-୧

ଏହି କାର୍ଯ୍ୟକୁ ପ୍ରାକ୍-ବିଦ୍ୟାଳୟର ଶେଷବର୍ଷ ବା ପ୍ରଥମ ଶ୍ରେଣୀର ଆରମ୍ଭରେ ବ୍ୟବହାର କରାଯାଇପାରିବ।

## ଶିକ୍ଷଣ ଫଳାଫଳ :

1 ରୁ 9 ସଂଖ୍ୟକ ବସ୍ତୁଗୁଡ଼ିକୁ ସଂଖ୍ୟା ନାମରେ ପ୍ରକାଶ କରିବା ଶିକ୍ଷଣ କାର୍ଯ୍ୟର ଉଦ୍ଦେଶ୍ୟ: ଆଶା କରାଯାଏ ଯେ ଶିକ୍ଷାର୍ଥୀମାନେ:

- ଦଳରେ ଦିଆଯାଇଥିବା ସାମଗ୍ରୀ ପାଇଁ ସଂଖ୍ୟାନାମ କହିବେ।
- 1 ରୁ 10 ପର୍ଯ୍ୟନ୍ତ ସଂଖ୍ୟାନାମକୁ କ୍ରମରେ ତିଆରି କରିବେ।

Module
9

## ଆବଶ୍ୟକ ସାମଗ୍ରୀ

କବିତା / ଗଳ୍ପ, ଶ୍ରାବ୍ୟ / ଦୃଶ୍ୟ ସାମଗ୍ରୀର ଅନୁରୂପ ଉପଯୁକ୍ତ ଉପକରଣ ପ୍ରସ୍ତୁତ କରାଯାଇପାରେ।

## କାର୍ଯ୍ୟପଦ୍ଧତି:

- ସାଧାରଣତଃ ପିଲାମାନେ ଶ୍ରେଣୀଗୃହକୁ ଆସିବା ପୂର୍ବରୁ ଗଣନ ସଂଖ୍ୟା ସହ ପରିଚିତ ଥାନ୍ତି। ଉଦାହରଣ, ଘରେ ବଡ଼ଲୋକମାନେ ଦୈନନ୍ଦିନ ଜୀବନରେ ସଂଖ୍ୟା ବ୍ୟବହାର କରୁଥିବାର ଶୁଣିଥାନ୍ତି। ଯେପରକି 'ମୋତେ ଆଉ ଗୋଟିଏ ଅଧିକ ବିସ୍କୁଟ୍ ଦରକାର, ମୋତେ 5 ଟଙ୍କା ଦିଅ। ଆମ୍ଭେମାନେ ବାପାଙ୍କ ଘରକୁ 2 ଦିନ ପରେ ବୁଲିବାକୁ ଯିବୁ' ଇତ୍ୟାଦି।
- କିଛି ପିଲା ଆଗରୁ ସଂଖ୍ୟାଗୁଡ଼କର ନାମ କ୍ରମାନ୍ୱୟରେ କିମ୍ବା ଏପଟ ସେପଟ ଭାବେ ଜାଣିଥାନ୍ତି। ଏହି ଶିକ୍ଷଣ କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି, ପିଲାମାନଙ୍କୁ ସଂଖ୍ୟାର ନାମଗୁଡ଼ିକୁ ପରିଚିତ କରାଇବା କିମ୍ବା ନିଜ ପରିଚିତ କାର୍ଯ୍ୟମାଧ୍ୟମରେ କ୍ରମାନ୍ୱୟରେ ସଂଖ୍ୟାନାମ କହିବା।
- କ୍ଷୁଦ୍ରକବିତା (ପ୍ରଥମ ଶ୍ରେଣୀ ପାଇଁ ଯୋଗ୍ୟ) ଆବୃତ୍ତି କରିବା। ଶିକ୍ଷାର୍ଥୀମାନେ କ୍ରମାନ୍ୱୟରେ ସଂଖ୍ୟାର ନାମକୁ ବୁଝିବା ପାଇଁ ଗୀତ, ଖେଳ ବା ଗପ ଯେଉଁଥିରେ ସଂଖ୍ୟାର ନାମ ଥିବ (କ୍ରମରେ ଥିବା ଓ ନଥିବା) ସେଗୁଡ଼ିକୁ ଶ୍ରେଣୀରେ ବ୍ୟବହାର କରିପାରିବେ।
- କବିତା ଗୁଡ଼ିକୁ ମଧ୍ୟରୁ ଗୋଟିଏ କବିତା ନିମ୍ନରେ ଦିଆଯାଇଛି। ଶିକ୍ଷକମାନେ ଏହିଭଳି ଅନେକ କବିତା ନିଜ ଆଂଚଳିକ ଭାଷାରେ ଖୋଜି ବାହାରେ କରିପାରିବେ।

ଏକ ଏକ ଏକ
ଗୋଟିଏ ଛୋଟ ଶିଶୁ
ପିଠାଟିଏ ଖାଉଛି ।

(1 ଟି ବା ଗୋଟିଏ ଦର୍ଶାଉଥିବା ବସ୍ତୁ ଦେଖାନ୍ତୁ ଯେପରି ନାକ ଆକାଶରେ ସୂର୍ଯ୍ୟ ଇତ୍ୟାଦି ଏବଂ ଶିଶୁମାନେ ତାଙ୍କ ଶରୀରରେ ଗୋଟିଏ ଗୋଟିଏ ଥିବା ଅଙ୍ଗ ଏବଂ ସେମାନେ ଦେଖୁଥିବା ବସ୍ତୁକୁ ସ୍ପର୍ଶ କରି କହିବେ ବା ଦେଖାଇବେ।)

Module 9

ଦୁଇ ଦୁଇ ଦୁଇ

ଛୋଟପିଲା ଦୁଇ

ଚିଡ଼ିଆଖାନାକୁ ଯାଉ ।

(2ଟି ବା ଯୋଡ଼ି ହୋଇ ରହୁଥିବା ବସ୍ତୁ ଦେଖାନ୍ତୁ - ଯେପରି ଦୁଇଟି ଆଖି, ସାଇକେଲ୍‌ର ଦୁଇଟି ଚକ ଇତ୍ୟାଦି ଏବଂ ପିଲାମାନଙ୍କୁ ସେମାନଙ୍କ ଶରୀରରେ ଯୋଡ଼ି ଦୁଇଟି ଲେଖାଏଁ ଥିବା ଅଙ୍ଗଗୁଡ଼ିକ ଏବଂ ଯୋଡ଼ିରେ ରହୁଥିବା ବିଭିନ୍ନ ବସ୍ତୁକୁ ସ୍ପର୍ଶ କରି ଦେଖାଇବେ) ।

ତିନି ତିନି ତିନି

ତିନି ସବୁଜ ଶୁଆ ଖୋଲା ଉଡ଼ି ବୁଲି

ଚାରି ଚାରି ଚାରି

ଚାରି ଭୋକିଲା କୁକୁର ଛୁଆ

ଅଧିକ ଖାଇବାକୁ ଚାହୁଁଛନ୍ତି ।

ପାଞ୍ଚ ପାଞ୍ଚ ପାଞ୍ଚ

ମହୁଫେଣାକୁ ଯାଉଛନ୍ତି ପାଞ୍ଚ ମହୁମାଛି

(ନଅ ନମ୍ବର ସଂଖ୍ୟକ ବିଭିନ୍ନ ବସ୍ତୁଗୁଡ଼ିକର ଉଦାହରଣ ନେଇ କବିତା ଆବୃତ୍ତି କର) ଶ୍ରେଣୀରେ ସମସ୍ତ ପିଲା ତଥା ଯେଉଁମାନେ ଶ୍ରେଣୀରେ ଅଂଶଗ୍ରହଣ କରିବାକୁ ଦ୍ୱିଧା ପ୍ରକାଶ କରୁଛନ୍ତି ପିଲାମାନଙ୍କୁ ସୁଯୋଗ ପ୍ରଦାନ କରିବେ । ଭିନ୍ନକ୍ଷମ ପିଲାମାନଙ୍କୁ ସେମାନଙ୍କ ପର୍ଯ୍ୟବେକ୍ଷଣ ଦ୍ୱାରା ଜାଣିଥିବା ଉଦାହରଣଗୁଡ଼ିକୁ କହିବାକୁ କହିବେ ।

**ଉଦାହରଣ-୨**

ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସାଧାରଣତଃ ଜ୍ୟାମିତିର କୋଣସମ୍ବନ୍ଧୀୟ ଧାରଣାକୁ ବୁଝିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସେମାନେ କାହିଁକି ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ? ଅଧିକାଂଶ ସମୟରେ ଏହି ଅସୁବିଧାଗୁଡ଼ିକ ଶିକ୍ଷକଙ୍କ ଦ୍ୱାରା ପିଲାମାନଙ୍କୁ ବୁଝାଇବାରେ କୌଶଳ କାରଣରୁ ହୋଇଥାଏ । ବହିରେ ଥିବା କୋଣ ସମ୍ବନ୍ଧୀୟ ଗାଣିତିକ ସଂଜ୍ଞା / ଶବ୍ଦ ବ୍ୟବହାର କରିବା ପରିବର୍ତ୍ତେ ଦୈନନ୍ଦିନ ଜୀବନରେ ଭିନ୍ନ ଭିନ୍ନ ତଥା ଦୃଶ୍ୟମାନ ଘଟଣାବଳୀକୁ ବ୍ୟବହାର କରିବା ଉଚିତ୍ ।

**ଯେପରି :**

- ବିଭିନ୍ନ ଦିଗକୁ ଛେଦ କରିଥିବା ରାସ୍ତା, ଖୋଲାଥିବା କଇଁଚି, ଘଣ୍ଟାର କଣ୍ଟାଗୁଡ଼ିକର ଅବସ୍ଥାନ ଇତ୍ୟାଦି ।

Module 9

- ଟେବୁଲ୍‌ର ଉପରଭାଗରେ ଥିବା କଣଗୁଡ଼ିକ, ଦିଆସିଲିର କଣଗୁଡ଼ିକ ଇତ୍ୟାଦି
- ହାତ କିମ୍ବା ଗୋଡ଼ ବଙ୍କାଇବା ମୋଡ଼ିବା ଦ୍ୱାରା ସୃଷ୍ଟ ଢ଼ାଲୁସ୍ଥାନ, ଗଡ଼ାଣି, (ର୍‌ୟାମ୍ପ) ଛାତ, ପାହାଡ଼ର ଗଡ଼ାଣିଆ ପାର୍ଶ୍ୱ, ରେଳସଙ୍କେତ, ପିଲାମାନଙ୍କ ପ୍ରମୋଦ ଉଦ୍ୟାନରେ ଥିବା ଖସଡ଼ା ସ୍ଥାନ।
- କବାଟ ଖୋଲିବା ଏବଂ ବନ୍ଦ କରିବା ଦ୍ୱାରା ହେଉଥିବା ଘୂର୍ଣ୍ଣନ, ଘରପୋଛା ବାଡି ଓ ଚଟାଣ ଛାତରେ ଲାଗିଥିବା ପଙ୍ଖା, ଚକର ଅର ଇତ୍ୟାଦି।

କୋଣ ସମ୍ବନ୍ଧୀୟ ତତ୍ତ୍ୱକୁ ଠିକ୍ ଭାବରେ ବୁଝିବା ପାଇଁ ଏହି ପରିସ୍ଥିତିଗୁଡ଼ିକ ଅନେକ ସୁଯୋଗ ପ୍ରଦାନ କରିଥାଏ। କୋଣ ସମ୍ବନ୍ଧୀୟ ଶିକ୍ଷା ଅତ୍ୟନ୍ତ ଜରୁରୀ ଅଟେ। କାରଣ ପ୍ରାରମ୍ଭିକ ସ୍ତରରେ ଥିବା ଜ୍ୟାମିତି ଏବଂ ଜ୍ୟାମିତି ସମ୍ବନ୍ଧୀୟ ଧାରଣାଗୁଡ଼ିକୁ ପଢ଼ିବା ବିଭିନ୍ନ ଆକୃତି ଶିକ୍ଷାର ଏହା ମୂଳତତ୍ତ୍ୱ ଅଟେ। ଏଣୁ ଏହି ଉଦାହରଣ ମାଧ୍ୟମରେ କିଛି ଶିକ୍ଷଣ କାର୍ଯ୍ୟର ସୂଚନା ଦିଆଯାଇପାରେ, ଯେପରି କୋଣର ଅର୍ଥ ଏବଂ କୋଣମାନଙ୍କର ପ୍ରକାରଭେଦ, ଯଥା- ସୂକ୍ଷ୍ମକୋଣ, ସମକୋଣ, ଏବଂ ସ୍ଥୁଳକୋଣ ଏବଂ ଶିକ୍ଷାର୍ଥୀର ଅଗ୍ରଗତିରେ ମାନନିର୍ଦ୍ଧାରଣ ପାଇଁ କିଛି କାର୍ଯ୍ୟ।

**ମୁଖ୍ୟ ଧାରଣା :**

କୋଣ, କୋଣର ମାପ, କୋଣର ପ୍ରକାରଭେଦ, କୋଣଗୁଡ଼ିକର ତୁଳନା

**ଶିକ୍ଷଣ ଫଳାଫଳ:**

- କୋଣ ସମ୍ବନ୍ଧୀୟ ଧାରଣାର ଅନୁସନ୍ଧାନ କରିବ।
- ସମକୋଣ, ସୁକ୍ଷ୍ମକୋଣ ଓ ସ୍ଥୁଳକୋଣରେ ବର୍ଗୀକରଣ କରିବ।

ଏହି ଶିକ୍ଷଣ ଫଳାଫଳଗୁଡ଼ିକ ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଦଳରେ ଭାଗ କରାଯାଇପାରିବ ଯେଉଁଥିରେ ବାଳକ ଓ ବାଳିକାମାନଙ୍କ ସଂଖ୍ୟା ପ୍ରାୟ ସମାନ ଥିବ।

ନିମ୍ନୋକ୍ତ ଶିକ୍ଷଣ କାର୍ଯ୍ୟରେ ଦଳଗୁଡ଼ିକୁ ନିୟୋଜିତ କରାଯାଇପାରିବ।

## ଶିକ୍ଷଣ କାର୍ଯ୍ୟ – ୧

Module 9

ବିଭିନ୍ନ ସମୟରେ ଘଣ୍ଟାର ସମୟ ଜାଣିବା ପାଇଁ କଣ୍ଟାଦ୍ୱୟର ଅବସ୍ଥାନକୁ ଏବଂ କଣ୍ଟାଦ୍ୱୟ ମଧ୍ୟରେ ଥିବା ସ୍ଥାନକୁ ବର୍ଣ୍ଣନା କରିବାକୁ ପିଲାମାନଙ୍କୁ ସୂଚନା ଦେବେ।






- ନିଶ୍ଚିତ ହୁଅନ୍ତୁ ଯେ, ଘଣ୍ଟାଗୁଡ଼ିକର କଣ୍ଟା ଓ ଲେଖାଯାଇଥିବା ସଂଖ୍ୟାକୁ ଛୁଇଁଲେ ଯେପରି ଅନୁଭବ କରିହେବ।
- ଶିକ୍ଷକ ପିଲାମାନଙ୍କୁ ଘଣ୍ଟାକୁ ପର୍ଯ୍ୟବେକ୍ଷଣ କରି ଘଣ୍ଟାର କଣ୍ଟାଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା କୋଣଗୁଡ଼ିକ ବିଷୟରେ ବର୍ଣ୍ଣନା କରିବାକୁ କହିବେ। ପିଲାମାନେ ଏପରି ଅଧିକ ବସ୍ତୁକୁ ଚିହ୍ନଟ କରିପାରିବେ ଯେଉଁଥିରେ କୋଣର ମାପ ଓ ସେମାନଙ୍କ ସଂପର୍କ ସମ୍ବନ୍ଧୀୟ ଧାରଣା ଥିବ।
- ପିଲାମାନଙ୍କୁ 1 ରୁ 12 ପର୍ଯ୍ୟନ୍ତ ଅଲଗା ଅଲଗା ସଂଖ୍ୟା ଦେଇ ବୃତ୍ତାକୃତି ସଜାଇ ଏହି ଶିକ୍ଷଣ କାର୍ଯ୍ୟ ମଧ କରାଯାଇପାରିବ। ସେମାନେ ସଂଖ୍ୟା ଲେଖାଥିବା କାର୍ଡ ଧରିବେ ଯାହାକି ନମ୍ବରକୁ ଚିହ୍ନିବା ପାଇଁ ଓ କୋଣକୁ ଆକଳନ କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବ।
- ସେହି ବୃତ୍ତର କେନ୍ଦ୍ର ସ୍ଥିର କରାଯିବ।
- ବୃତ୍ତର କେନ୍ଦ୍ରରୁ ଶିକ୍ଷାର୍ଥୀଙ୍କୁ ଦୁଇଟି ଧାଡ଼ିରେ ସଜାଇ ଘଣ୍ଟାର କଣ୍ଟା ତିଆରି କରିବେ। ସେହି ଦୁଇ ଧାଡ଼ିକୁ ବିଭିନ୍ନ ଦିଗରେ ଗତି କରାଇ କୋଣ ସୃଷ୍ଟି କରିବେ।
- ବୃତ୍ତର କେନ୍ଦ୍ରରେ ଥିବା ପିଲା ଓ ସୀମାରେ ଥିବା ପିଲାମାନେ ସବୁବେଳେ କାର୍ଡ଼ରେ ଥିବା ନିଜର ସଂଖ୍ୟାକୁ କହୁଥିବ।
- ଗୋଟିଏ କିମ୍ବା ଦୁଇଟି ଧାଡ଼ିର ପୁନଃ ସଜ୍ଜୀକରଣ ଦ୍ୱାରା କୋଣର ପରିବର୍ତ୍ତନ କରାଯାଇପାରିବ।
- ଭିନ୍ନକ୍ଷମ ଶିକ୍ଷାର୍ଥୀ ମଧ ବୃତ୍ତର ସୀମାରେ କିମ୍ବା ଘଣ୍ଟାକଣ୍ଟାର ଅଂଶବିଶେଷ ହୋଇପାରିବ।

Module
9

## ଶିକ୍ଷଣ କାର୍ଯ୍ୟ –୨

ଶିକ୍ଷକ ପିଲାମାନଙ୍କୁ କିଛି ଜିନିଷ ଯଥା – କଇଁଚି, ରାଉଣ୍ଡର, ଡିଭାଇଡ଼ରକୁ ଲକ୍ଷ୍ୟ କରିବାକୁ କହିବେ ଏବଂ ସେଥିରେ ଖୋଲା ଅଂଶରେ କୋଣ ଗଠନ କିପରି ହେଉଛି ତାହା ନିଜ ଭାଷାରେ ବର୍ଣ୍ଣନା କରିବେ।


(କବାଟ)


(କଇଁଚି)


(ଡିଭାଇଡର)


(କମ୍ପାସ)


(ବାକ୍ସ)

## ଶିକ୍ଷଣ କାର୍ଯ୍ୟ–୩

ଶିକ୍ଷକ ଗୋଟିଏ ଘରର କବାଟ ଖୋଲିବା ଓ ବନ୍ଦ କରିବା ସମୟରେ ପର୍ଯ୍ୟବେକ୍ଷଣ କରିବାକୁ ଶିକ୍ଷାର୍ଥୀମାନଙ୍କୁ କହିବେ ଏବଂ କବାଟର ଗତି ହେଉଥିବାବେଳେ ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଥିବା କୋଣଗୁଡ଼ିକ ବିଷୟରେ ନିଜ ଭାଷାରେ ବର୍ଣ୍ଣନା କରିବାକୁ କହିବେ। ଶିକ୍ଷାର୍ଥୀମାନଙ୍କୁ ମଧ ଏହି ସୁଯୋଗ ଦିଆଯିବ ଯେ, ସେମାନେ ବସ୍ତୁଟିକୁ ଛୁଇଁବେ ଏବଂ ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଥିବା କୋଣଗୁଡ଼ିକ ବିଷୟରେ ଧାରଣା ପାଇବେ।

## ଶିକ୍ଷଣ କାର୍ଯ୍ୟ –୪

ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ବାକ୍ସର ଉପର ଢ଼ାଙ୍କୁଣୀ ଖୋଲିବା ବା ବନ୍ଦ ହେବା ସମୟରେ ଲକ୍ଷ୍ୟ କରିବାକୁ କହିବେ ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା କୋଣଗୁଡ଼ିକୁ ନିଜ ଭାଷାରେ ବର୍ଣ୍ଣନା କରିବା ପାଇଁ କହିବେ। ଏହି ଶିକ୍ଷଣ କାର୍ଯ୍ୟ ଦ୍ୱାରା ଶିକ୍ଷକ ପ୍ରମାଣ କରି ପାରିବେ ଯେ କୋଣ ଏକ ଚିତ୍ର ଓ ଏହା ଦୁଇଟି ରଶ୍ମି ଓ ଗୋଟିଏ ସାଧାରଣ ପ୍ରାରମ୍ଭିକ ବିନ୍ଦୁ ଦ୍ୱାରା ଗଠିତ। ସେହି ଦୁଇଟି ରଶ୍ମିକୁ କୋଣର ବାହୁ କୁହାଯାଏ ଓ ଏହାର ସାଧାରଣ ପ୍ରାରମ୍ଭିକ ବିନ୍ଦୁକୁ ଶୀର୍ଷ କୁହାଯାଏ। ଏହାର ମଧ ଗୁରୁତ୍ୱ ରହିଛି ଯେ ଯେତେବେଳେ ଆମେ କୋଣର ନାମ କରଣ କରୁ ଶୀର୍ଷ ବିନ୍ଦୁ ସବୁବେଳେ ମଝିରେ ରହେ ଏବଂ ବାହୁଗୁଡ଼ିକ ଦୁଇପଟେ ରୁହନ୍ତି।

## ଶିକ୍ଷଣ କାର୍ଯ୍ୟ -୫

- କିଛି କାଠ / ପ୍ଲାଷ୍ଟିକ / ଝାଡୁରୁ କାଠି ଏବଂ ରବର ନଳୀର କିଛି କଟା ଅଂଶ ସଂଗ୍ରହ କରିବାକୁ ଶିକ୍ଷାର୍ଥୀମାନଙ୍କୁ କହିବେ।
- କୋଣର ମାପଗୁଡ଼ିକୁ ବୁଝାଇବା ପାଇଁ ରବର ନଳୀର କଟା ଅଂଶକୁ ବ୍ୟବହାର କରି ଦୁଇଟି ଲେଖାଏଁ କାଠିକୁ ଯୋଡ଼ିବା ପାଇଁ ପିଲାଙ୍କୁ କହିବେ। ଏହା ପରିବର୍ତ୍ତେ ପିଲାମାନେ ମଧ୍ୟ କଇଁଚି କିମ୍ବା ଡିଭାଇଡର ବ୍ୟବହାର କରି ପାରିବେ।
- ଉପରୋକ୍ତ କାଠିଗୁଡ଼ିକୁ ଖୋଲିଲା ବେଳେ ପର୍ଯ୍ୟବେକ୍ଷଣ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବେ (ଏକ ସମୟରେ ଯେ କୌଣସି ଦୁଇଟି କାଠିଯୋଡ଼ି ନେବେ)



(i) (ii) (iii) (iv) (v) (vi)

- ସେମାନେ ଏହା ଦେଖିବେ ଯେ (i) ଓ (ii) କିମ୍ବା (ii) ଓ (iii) କିମ୍ବା (iii) ଓ (iv) କିମ୍ବା (iv) ଓ (v) କିମ୍ବା (v) ଓ (vi) ମଧ୍ୟରୁ କେଉଁ କୋଣଟିର ଅଧିକ ଖୋଲାସ୍ଥାନ ରହିଛି ଓ କେଉଁ କୋଣଟିର ଖୋଲା ଅଂଶ କମ୍, ଯାହାକି ଜ୍ୟାମିତିକ ଭାଷାରେ କେଉଁ କୋଣଟି ବଡ଼ ଓ କେଉଁ କୋଣଟି ସାନ।
- ସେମାନଙ୍କୁ (i) ଓ (iii) କିମ୍ବା (ii) ଏବଂ (iv) କିମ୍ବା (v) ଓ (vi) କାଠି ଯୋଡ଼ିଗୁଡ଼ିକର ଖୋଲା ଅଂଶକୁ ପର୍ଯ୍ୟବେକ୍ଷଣ କରିବାକୁ କହିବେ। ଏହା ସ୍ଥିର କରିବା କଷ୍ଟ ଯେ କେଉଁଟିର ଖୋଲା ଅଂଶ ବେଶୀ ଓ କେଉଁଟିର ଖୋଲା ଅଂଶ କମ୍ ଅନ୍ୟ ଭାଷାରେ କେଉଁ କୋଣଟି ବଡ଼ ଓ କେଉଁ କୋଣଟି ସାନ।
- ବିଭିନ୍ନ ପ୍ରକାର କୋଣକୁ ମାପିବାର ଆବଶ୍ୟକତାକୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ସୃଷ୍ଟି କରାଯାଇପାରିବ।
- ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ମଧ୍ୟ ଏହି ଶିକ୍ଷଣକାର୍ଯ୍ୟ କରିପାରିବେ।

Module
9



(ପ୍ରୋଟ୍ରାକ୍ଟର)



(i)



(ii)

## ଶିକ୍ଷଣକାର୍ଯ୍ୟ -୬

- ଜ୍ୟାମିତି ବାକ୍ସରୁ ଗୋଟିଏ ପ୍ରୋଟ୍ରାକ୍ଟର କାଢ଼ି ଶିକ୍ଷାର୍ଥୀଙ୍କୁ ଦେଖାଅ। ସେଥିରେ ଥିବା ଗାର ଓ ସଂଖ୍ୟାଗୁଡ଼ିକୁ ଶିକ୍ଷାର୍ଥୀଙ୍କୁ ଦେଖାଇବେ, ଯାହା ଫଳରେ ସେମାନେ ସେଗୁଡ଼ିକୁ ଆଙ୍ଗୁଠି ପକାଇ ପଢ଼ିପାରିବେ। ପିଲାମାନେ ମଧ୍ୟ ଅନୁଭବ କରିପାରିବେ ଯେ ଗୋଟିଏ ସାଧାରଣ ପ୍ରୋଟ୍ରାକ୍ଟର ମଧ୍ୟ ଅର୍ଦ୍ଧବୃତ୍ତାକୃତି।
- ଶିକ୍ଷାର୍ଥୀମାନଙ୍କୁ ଦୁଇ ପ୍ରକାର ସ୍କେଲ ($0^0$ - $180^0$) ଏବଂ ($180^0$ - $0^0$)କୁ ପର୍ଯ୍ୟବେକ୍ଷଣ କରିବାକୁ କହିବେ।
- କୋଣର ମାପକୁ ଡିଗ୍ରୀରେ ପ୍ରକାଶ କରାଯାଏ ବୋଲି କହନ୍ତୁ, ଯାହାକୁ ସଂକେତରେ $^\circ$ ଭାବେ ସୂଚିତ କରାଯାଏ ଏବଂ କୋଣଗୁଡ଼ିକ ପ୍ରୋଟ୍ରାକ୍ଟର ସାହାଯ୍ୟରେ କିପରି ମାପ କରାଯାଏ ଦେଖାଇବେ।
- ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର କୋଣଗୁଡ଼ିକୁ ମାପିବା ପାଇଁ କୁହାଯିବ କିମ୍ବା କୋଣଗୁଡ଼ିକ ଅଙ୍କନ କରି ମାପ କରିପାରିବେ। କାଠି କିମ୍ବା ପ୍ଲାଷ୍ଟିକକୁ ଯୋଡ଼ି କୋଣ ଗଠିତ ହୋଇଥିବା କୋଣକୁ ପିଲାଙ୍କୁ ଦିଆଯାଇପାରେ ଓ ସେଗୁଡ଼ିକୁ ମାପିବାକୁ କୁହାଯାଇପାରେ।
- ଏହି ପ୍ରକାରର କୋଣଗୁଡ଼ିକୁ ମାପିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବେ, ଯେପରି ସେମାନେ ପ୍ରୋଟ୍ରାକ୍ଟରରେ ଦୁଇଟି ଦୁଇ ପ୍ରକାରର ସ୍କେଲର ବ୍ୟବହାର ଓ ଆବଶ୍ୟକତାକୁ ଅନୁଭବ କରିବେ।

## ଶିକ୍ଷଣ କାର୍ଯ୍ୟ-୭

- ବହି, ଖାତା, ଘର ଇତ୍ୟାଦିର ପ୍ରତ୍ୟେକ କଣରେ ସୃଷ୍ଟି ହେଉଥିବା କୋଣଗୁଡ଼ିକୁ ଲକ୍ଷ୍ୟ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ। କେଉଁକେଉଁ କୋଣ ପ୍ରୋଟ୍ରାକ୍ଟର ଦ୍ୱାରା ମାପି ହେବ ତାହା ସେମାନେ ସ୍ଥିର କରିବେ। ନିଜ ପରିବେଶରୁ ସେହିଭଳି ଅଧିକରୁ ଅଧିକ ବସ୍ତୁ ସଂଗ୍ରହ କରି ସେଗୁଡ଼ିକ ସଂପର୍କରେ ଆଲୋଚନା କରିବା ପାଇଁ ସୁଯୋଗ ଦେବେ।
- ପ୍ରୋଟ୍ରାକ୍ଟର ବ୍ୟବହାର କରି କୋଣଗୁଡ଼ିକର ମାପ କରି ତାହାକୁ ଖାତାରେ ଲେଖିବା ପାଇଁ କହିବେ। ସମକୋଣର ପରିମାଣ $90^\circ$ ବୋଲି ଶିକ୍ଷାର୍ଥୀଙ୍କ ସୂଚାଇବେ।



(iii)



(iv)

## ଶିକ୍ଷଣ କାର୍ଯ୍ୟ –୮

Module 9

- ଉଭୟ ପୁଅ ଓ ଝିଅମାନଙ୍କୁ ନେଇ ଚାରୋଟି କିମ୍ବା ପାଂଚଟି ଦଳ ଗଠନ କରନ୍ତୁ।
- ଏଠାରେ ଦିଆଯାଇଥିବା କୋଣ ପରି କିଛି କୋଣ ପ୍ରତ୍ୟେକ ଦଳକୁ ଦେବେ।
  (କାଗଜରେ ଚିତ୍ର କରି ବା କାଗଜ କାଟି)
- କୋଣଗୁଡ଼ିକୁ ପ୍ରୋଟ୍ରାକ୍ଟର ସାହାଯ୍ୟରେ ମାପି ସେଗୁଡ଼ିକ ପରିମାଣକୁ ଖାତାରେ ଲେଖିବା ପାଇଁ ପ୍ରତ୍ୟେକ ଦଳକୁ ଉତ୍ସାହିତ କରନ୍ତୁ।
- କୋଣର ମାପଗୁଡ଼ିକୁ ଲକ୍ଷ୍ୟ କରିବେ ଓ ଚିତ୍ର (i), (vii) ଓ (v) ଗୁଡ଼ିକ ସମକୋଣ ବୋଲି ଧାରଣା ଦେବ।
- NCERT ଷଷ୍ଠ ଶ୍ରେଣୀରୁ ଗଣିତ ପାଠ୍ୟପୁସ୍ତକରେ ଦିଆଯାଇଥିବା ଭଳି ଗୋଟିଏ ହାତ ତିଆରି ପ୍ରୋଟ୍ରାକ୍ଟର କାଗଜରେ ପ୍ରସ୍ତୁତ କରିବେ। ପିଲାମାନେ ପର୍ଯ୍ୟବେକ୍ଷଣ କରିବେ ଯେ ଚିତ୍ର (iii) ଓ (iv) ସମକୋଣ ଠାରୁ ସାନ ଓ ୦° ଠାରୁ ବଡ଼ ଓ ଚିତ୍ର (ii) ଓ (vi) ସମକୋଣ ଠାରୁ ବଡ଼ ଓ $180^0$ ଠାରୁ ସାନ।
- ଆଲୋଚନା କରିବେ – ଚିତ୍ର (iii) ଓ (iv)ରେ ଥିବା କୋଣର ସୁକ୍ଷ୍ମକୋଣ ଓ ଚିତ୍ର (ii) ଓ (iv) ରେ ଥିବା କୋଣକୁ ସ୍ଥୁଳକୋଣ କୁହାଯାଏ।



(i) (ii) (iii) (iv)



(v) (vi) (viii)

**Module 9**

- ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଗଣିତ ଉପକରଣ ଓ ପ୍ରୟୋଗ ଶାଳା ପ୍ରଦର୍ଶିକା (ଏନ୍.ସି.ଇ.ଆର.ଟି) ଦ୍ୱାରା ପ୍ରସ୍ତୁତ ଥିବା କାର୍ଯ୍ୟକୁ ଶିକ୍ଷାର୍ଥୀମାନେ ସଂପାଦନ କରିବେ ।

  ଏହି ଶିକ୍ଷଣ କାର୍ଯ୍ୟ କରିବା ପାଇଁ ଦୃଷ୍ଟିବାଧିତ ପିଲାଙ୍କ ଉଦ୍ଦେଶ୍ୟରେ କିଛି ସ୍ୱତନ୍ତ୍ର ପ୍ରୋଟ୍ରାକ୍ଟର ଓ କମ୍ପାସ ବ୍ୟବହାର କରିପାରିବେ ।

**ମାନନିର୍ଦ୍ଧାରଣ :** ଭ୍ରାନ୍ତଧାରଣା ଓ ସହାୟକ କୌଶଳ

## କୋଣମାନଙ୍କ ମଧ୍ୟରେ ତୁଳନା :

- ଶିକ୍ଷାର୍ଥୀମାନେ ନିମ୍ନ ପ୍ରଦର୍ଶିତ ଦୁଇ ପ୍ରକାର କୋଣକୁ ଦେଖି ତୁଳନା କରିବେ ।

- କେତେକ ଶିକ୍ଷାର୍ଥୀ କହିପାରନ୍ତି A କୋଣ B କୋଣ ଠାରୁ ବଡ, କାରଣ A କୋଣର ବାହୁ B କୋଣର ବାହୁ ଠାରୁ ବଡ । ଯଦି ଏହିପରି ହୋଇଥାଏ ତେବେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ କୁହାଯିବ ଯେ, କୋଣଗୁଡ଼ିକର ତୁଳନା ବାହୁର ଲମ୍ବ ଦ୍ୱାରା କରାଯାଏ ନାହିଁ, ବାହୁ ଦ୍ୱୟର ମଧ୍ୟବର୍ତ୍ତୀ ଅଂଶକୁ ନେଇ ତୁଳନା କରାଯାଏ ।
- ସେହିଭଳି, ନିମ୍ନ ପ୍ରଦର୍ଶିତ କୋଣ ଯୋଡ଼ିକୁ ତୁଳନା କରିବା ପାଇଁ ଶିକ୍ଷାର୍ଥୀଙ୍କୁ କହନ୍ତୁ-



(A) (B)

- କେତେକ ଶିକ୍ଷାର୍ଥୀ କହିପାରନ୍ତି Q କୋଣ P କୋଣ ଠାରୁ ବଡ଼ କାରଣ Q କୋଣ ର ଚାପ P କୋଣ ର ଚାପ ଠାରୁ ବଡ଼ । ଶିକ୍ଷାର୍ଥୀମାନଙ୍କୁ



P Q

Module 9

ଆଉଥରେ କୁହାଯିବ, କୋଣଗୁଡ଼ିକର ତୁଳନା ଚାପର ମାପକୁ ନେଇ ହୋଇନଥାଏ।

କୋଣଗୁଡ଼ିକର ତୁଳନା ବାହୁଦ୍ୱୟ ମଧ୍ୟରେ ଥିବା ଖୋଲା ସ୍ଥାନକୁ ନେଇ କରାଯାଏ।

## କୋଣକୁ ମାପିବା

- ତଳେ ଦିଆଯାଇଥିବା କୋଣଗୁଡ଼ିକୁ ମାପି ପାଇଁ କୁହନ୍ତୁ।




- କିଛି ଶିକ୍ଷାର୍ଥୀ କୋଣ (iii)ର ପରିମାଣକୁ 30° ପରିବର୍ତ୍ତେ 150° କହିପାରନ୍ତି। ଠିକ୍ ସେହିଭଳି କିଛି ଶିକ୍ଷାର୍ଥୀ କୋଣ (iv) ର ପରିମାଣକୁ 120° ପରିବର୍ତ୍ତେ 60° କହିପାରନ୍ତି। ଏହିପରି ହେଲେ ଶିକ୍ଷାର୍ଥୀମାନଙ୍କୁ ସ୍କେଲ ଓ ପ୍ରୋଟ୍ରାକ୍ଟରର ଧାରର ଠିକ୍ ବ୍ୟବହାରକୁ ଗୁରୁତ୍ୱ ଦେବାକୁ କୁହାଯିବ।
- କେତେକ ଶିକ୍ଷାର୍ଥୀ କୋଣର ମାପ ପାଇଁ ( 0 °- 180°) କିମ୍ବା (180° - 0°) ଉପରେ ସିଧା ଭାବରେ ନ ରଖି ବାହୁ ଉପରେ ପ୍ରୋଟ୍ରାକ୍ଟରର ଧାରକୁ ରଖି ପାରନ୍ତି। ତେଣୁ ପ୍ରୋଟ୍ରାକ୍ଟରକୁ ଠିକ୍ ପ୍ରଣାଳୀର ରଖବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦିଆଯିବ।

## ସମକୋଣ:

ତଳେ ଦିଆଯାଇଥିବା କୋଣଗୁଡ଼ିକ ମଧ୍ୟରୁ ସମକୋଣକୁ ଚିହ୍ନଟ କରିବା ପାଇଁ କହନ୍ତୁ।



Module 9

- କିଛି ଶିକ୍ଷାର୍ଥୀ କେବଳ A କୋଣକୁ ସମକୋଣ ରୂପେ ଚିହ୍ନାଇ ପାରନ୍ତି । ଏଠାରେ A, F ଓ C ହେଉଛି ସମକୋଣ ଏବଂ ଅନ୍ୟଗୁଡ଼ିକ ସମକୋଣ ନୁହଁନ୍ତି । ଏହାର ଅର୍ଥ, ଶିକ୍ଷାର୍ଥୀମାନେ କୋଣ F ଓ C କୁ ସମକୋଣ ରୂପେ ଚିହ୍ନଟ କରିନଥିଲେ । ଏହାର କାରଣ ହେଉଛି, ଶିକ୍ଷାର୍ଥୀମାନେ ଗୋଟଏ ପ୍ରକାରର ମୂଳ ସମକୋଣ ସହିତ ପରିଚିତ ଅଟନ୍ତି । ଫଳସ୍ୱରୂପ ଅନ୍ୟ ପ୍ରକାରର ସମକୋଣକୁ ଠିକ୍ ଭାବରେ ଚିହ୍ନି ପାରିଲେ ନାହିଁ । ତେଣୁ ଏହି ଅସୁବିଧାକୁ ଦୂର କରିବା ପାଇଁ ଶିକ୍ଷକ ବିଭିନ୍ନ ପ୍ରଣାଳୀରେ ଶିକ୍ଷାର୍ଥୀମାନଙ୍କୁ ସମକୋଣ ଓ ଅନ୍ୟ କୋଣ ବିଷୟରେ ଶିକ୍ଷଣ କରାଇବେ ।

## ଉଚ୍ଚ ପ୍ରାଥମିକ ସ୍ତର:

## ଉଦାହରଣ –୩

## ଶିକ୍ଷଣ ଫଳାଫଳ

- ଏହି ଉଦାହରଣରୁ ଆମେ ଗୋଟିଏ ଭଗ୍ନସଂଖ୍ୟାକୁ ଅନ୍ୟ ଏକ ପୂର୍ଣ୍ଣ ସଂଖ୍ୟା ବା ଅନ୍ୟ ଏକ ଭଗ୍ନସଂଖ୍ୟା ଦ୍ୱାରା ଭାଗ କରିବା ଧାରଣାକୁ ଆଲୋଚନା କରିବା ।

## ପୂର୍ଣ୍ଣ ସଂଖ୍ୟା ସହିତ ଭଗ୍ନସଂଖ୍ୟା ହରଣ:

ନିମ୍ନଲିଖିତ ପରିସ୍ଥିତିକୁ ଆମେ କିପରି ସମାଧାନ କରିପାରୁଛେ ଦେଖିବା ।

ଦୁଇଟି ଚକୋଲେଟ୍‌କୁ $\frac{1}{2}$ ଭାଗରେ ବିଭକ୍ତ କରାଯାଉ । ଗୋଟିଏ ପିଲାକୁ ଏକ ଖଣ୍ଡ ଲେଖାଏଁ ଦେଲେ ସମସ୍ତ ଖଣ୍ଡ ବାଣ୍ଟିବା ପାଇଁ କେତେଜଣ ପିଲା ଆବଶ୍ୟକ ?
ପ୍ରଯ୍ୟାପ୍ତ ଆଲୋଚନା ପରେ ଶିକ୍ଷାର୍ଥୀ ସିଦ୍ଧାନ୍ତରେ ଉପନୀତ ହେବେ ଯେ ଆମେ ୨ଟି ଯାକ ଚକୋଲେଟ୍‌କୁ $\frac{1}{2}$ ଭାଗ କରିବା ଦରକାର ।

ତେଣୁ $2 \div \frac{1}{2} = 4$ ପାଇବା ।

ତେବେ 4 ଜଣ ପିଲା ପ୍ରତ୍ୟେକ 1 ଖଣ୍ଡ ଲେଖାଏଁ ଚକୋଲେଟ୍ ପାଇବେ । ଯଦି $\frac{1}{3}$ ଭାଗ କରାଯାଇଥାନ୍ତା, ତେବେ କଣ ହୋଇଥାନ୍ତା ? $2 \div \frac{1}{3} = 6$

Module 9

ଚାରିଖଣ୍ଡ ହୋଇଥିଲେ $2 \div \frac{1}{4} = 8$ ଏହାପରି ଲେଖାଯାଇପାରିବ।

$2 \div \frac{1}{2} = 4, 2 \div \frac{1}{3} = 6, 2 \div \frac{1}{4} = 8$ ଇତ୍ୟାଦି

ଶିକ୍ଷାର୍ଥୀମାନେ ଯଦି କିଛି ସରଂଚନାକୁ ଲକ୍ଷ୍ୟ କରିଛନ୍ତି ତେବେ କହିପାରିବେ।

ସେମାନଙ୍କୁ ମଧ୍ୟ ପଚରାଯାଇପାରେ $3 \div \frac{1}{4} = ?$, $2\left(\frac{1}{2}\right) \div \frac{1}{3} = ?$

ଶିକ୍ଷାର୍ଥୀମାନଙ୍କୁ ସରଂଚନା ଓ ସୂତ୍ର ଅନୁଧ୍ୟାନ କରିବା ପାଇଁ ଅଭିପ୍ରେରିତ କରାଯିବ।

**ଧାରାଗଣିତ ସମସ୍ୟା :**

ଗୋଟିଏ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଂଚଟି (5) ବିଭାଗ ଅଛି। ଥରେ କ୍ଷେତ୍ର ପରିଭ୍ରମଣ ଯିବା ପାଇଁ ପ୍ରତି ବିଭାଗକୁ $\frac{5}{6}$ ଭାଗରେ ଭାଗ କରିବା ପାଇଁ ଶିକ୍ଷକ କହିଲେ। ଯଦି କ୍ଷେତ୍ର ପରିଭ୍ରମଣ ଯିବା ପାଇଁ ପ୍ରତ୍ୟେକ ଭାଗକୁ ଗୋଟିଏ ବସ ଆବଶ୍ୟକ ତେବେ ମୋଟରେ କେତୋଟି ବସ୍ ଆବଶ୍ୟକ ହେବ ?

**ସମାଧାନ :** ପାଞ୍ଚଟି ବିଭାଗକୁ ଯେତେ ଭାଗ କରାଯିବ ସେତିକିଟି ବସ୍ ଆବଶ୍ୟକ ହେବ।

ତେଣୁ $5 \div \frac{5}{6} = 5 \times \frac{6}{5} = 6$

ତେଣୁ କ୍ଷେତ୍ର ପରିଭ୍ରମଣ ପାଇଁ ମୋଟରେ 6 ଟି ବସ ଆବଶ୍ୟକ ପଡ଼ିବ



**ଉଦାହରଣ – ୪**



**ଶିକ୍ଷଣ ଫଳାଫଳ**

ଶିକ୍ଷାର୍ଥୀ ଦୁଇଟି ପୂର୍ଣ୍ଣ ସଂଖ୍ୟାକୁ ଗୁଣନ କରିବେ।
ଶିକ୍ଷାର୍ଥୀ ପୂର୍ଣ୍ଣ ସଂଖ୍ୟା, ସେମାନଙ୍କର ଯୋଗ ଓ ବିୟୋଗ ସଂପର୍କରେ ସଚେତନ ହେବେ।
ଏଥିସହିତ ଗୁଣନ ପ୍ରକ୍ରିୟା ଧାରଣା ମଧ୍ୟ ଦିଆଯାଇପାରିବ। ଏହି ଧାରଣା ପାଇବା ପାଇଁ ଶିକ୍ଷାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ଶିକ୍ଷଣ କାର୍ଯ୍ୟ ଦିଆଯିବ

Module 9

ଯାହାକି ସେମାନଙ୍କୁ ପୂର୍ଣ୍ଣସଂଖ୍ୟାଗୁଡ଼ିକର ଗୁଣନ ପ୍ରକ୍ରିୟା ବୁଝିବା ପାଇଁ ସାହାଯ୍ୟ କରିବ।

ଶିକ୍ଷାର୍ଥୀମାନେ ସଂରଚନା ବିଷୟରେ ସଂପୂର୍ଣ୍ଣ ଆବଗତ ଅଛନ୍ତି। ଆମେ ଏଭଳି କାର୍ଯ୍ୟ ସ୍ଥିର କରିବା ଯେଉଁଗୁଡ଼ିକ ସଂରଚନା ଉପରେ ପର୍ଯ୍ୟବେସିତ ହୋଇଥିବ ଏବଂ ସେଗୁଡ଼ିକୁ ପିଲାମାନେ ପୂର୍ବରୁ ଜାଣିଥିବ। ଏହା ସେମାନଙ୍କୁ ଦୁଇଟି ପୂର୍ଣ୍ଣସଂଖ୍ୟାର ଗୁଣନ କରିବାରେ ସହାୟକ ହେବ।

ଏଠାରେ ଗୁଣନର ଗୋଟିଏ ପ୍ରକାର ଧାରଣା ବିଷୟରେ ଆଲୋଚନା କରିବା,

ଯେପରି : ଧନାତ୍ମକ ପୂର୍ଣ୍ଣସଂଖ୍ୟା × ଋଣାତ୍ମକ ପୂର୍ଣ୍ଣସଂଖ୍ୟା = ଋଣାତ୍ମକ ପୂର୍ଣ୍ଣସଂଖ୍ୟା

## ଶିକ୍ଷଣ କାର୍ଯ୍ୟ – ୧

ଗୋଟିଏ ଉଦାହରଣ ନିଆଯାଉ $2\times(-3)$

ଶିକ୍ଷାର୍ଥୀମାନେ ପ୍ରାଥମିକ ଶ୍ରେଣୀରେ ସ୍ୱାଭାବିକ ସଂଖ୍ୟାମାନଙ୍କର ଗୁଣନ ଶିଖିଥିଲେ। ସଂଖ୍ୟାଗୁଡ଼ିକର କ୍ରମିକ ମିଶାଣ ଦ୍ୱାରା ଗୁଣନ ହେବାର ଧାରଣା ପାଇଛନ୍ତି।

**ଉଦାହରଣ :** $2\times3$ ର ଅର୍ଥ ୩ କୁ ଦୁଇଥର ମିଶାଣ କରିବା। ଯେମିତିକ $3+3=6$ । ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ମିଶାଣ ପ୍ରକ୍ରିୟା ମନେ ପକାଇବାକୁ କହିବେ। କିଛି ଅଧିକ ଉଦାହରଣ ଯେପରିକି $5\times4, 6\times8$ ଇତ୍ୟାଦି ଦେଇ ଆଲୋଚନା ମଧ୍ୟ କରାଯାଇପାରେ। ଏହି ଧାରଣାଟି ଶିକ୍ଷାର୍ଥୀମାନଙ୍କୁ କେବଳ ସଂଖ୍ୟାର ମିଶାଣ ଶିକ୍ଷା ଦିଆଯିବା ପରେ ଆରମ୍ଭ କରାଯିବ।

ବର୍ତ୍ତମାନ ଶିକ୍ଷାର୍ଥୀମାନଙ୍କୁ $2\times(-3)$ ର ଉତ୍ତର ପାଇବା ପାଇଁ, ସେହି ସମାନ ପ୍ରକ୍ରିୟାକୁ ଆଲୋଚନା କରିବାକୁ କୁହାଯାଇପାରିବ। ଶିକ୍ଷାର୍ଥୀମାନେ ପୂର୍ଣ୍ଣସଂଖ୍ୟା ଗୁଡ଼ିକର ଯୋଗ କ୍ରିୟା ବିଷୟରେ ସଂପୂର୍ଣ୍ଣ ଆଲୋଚନା କରିବେ।

ତେଣୁ $2\times(-3)=(-3)+(-3)=-6$

ଆଲୋଚନା ସମୟରେ ଏହା ଲକ୍ଷ୍ୟ କରାଯିବ କରାଯାଇପାରେ ଯେ, ପ୍ରାଥମିକ ଶ୍ରେଣୀରେ ପଢ଼ିଥିବା ସଂଖ୍ୟାର ଗୁଣନ ପ୍ରକ୍ରିୟାକୁ ଶିକ୍ଷାର୍ଥୀମାନେ ସଂଯୋଗ କରିବା ପାଇଁ ସମର୍ଥକି ? ଏହାକୁ କିପରି ସଂଯୋଗ କରାଯିବ ଆଲୋଚନା କରିବା।

ଧନାତ୍ମକ ପୂର୍ଣ୍ଣ ସଂଖ୍ୟା ଋଣାତ୍ମକ ପୂର୍ଣ୍ଣସଂଖ୍ୟା ଗୁଣନର ଧାରଣା ପାଇଁ ଏହିପରି ଅନ୍ୟ କେତେକ ଉଦାହରଣ ମଧ୍ୟ ଦିଆଯାଇପାରେ । ଗୁଣନ ପ୍ରକ୍ରିୟାକୁ ଅନ୍ୟ ଗୋଟିଏ ଉପାୟରେ ମଧ୍ୟ କରିବା ପାଇଁ ନିମ୍ନ ଶିକ୍ଷଣ କାର୍ଯ୍ୟରେ ଦର୍ଶାଯାଇଛି ।

## ଶିକ୍ଷଣ କାର୍ଯ୍ୟ-୨

-୩ କୁ ଦୁଇ ଥର ମିଶାଇବାର ଉପାୟ ସଂଖ୍ୟା ରେଖାରେ ଦର୍ଶାଯାଇପାରେ ।




ସଂଖ୍ୟାରେଖାର ଋଣାତ୍ମକ ଦିଗରେ ପ୍ରତି ୩ ଏକକ ବ୍ୟବଧାନରେ ଦୁଇଥର ଗଲେ ଅର୍ଥାତ $(-3)+(-3)$ ଏବଂ ଏହା $-6$ ରେ ପହଂଚିବ ।




(-3)+ (-3) + (-3) ଅର୍ଥ ଋଣାତ୍ମକ ଦିଗରେ ଥରକେ -3 ଏକକ ବ୍ୟବଧାନରେ ୩ ଥର ଗତିକରିବା । ଦେଖାଯିବ ଯେ ଏହା -9 ରେ ପହଂଚିବ ।

ସଂଖ୍ୟାଗୁଡ଼ିକର ଯୋଗର ଏହି ଚିତ୍ରିତ ଉପସ୍ଥାପନା ଶିକ୍ଷାର୍ଥୀମାନଙ୍କର ଦୃଷ୍ଟି ଆକର୍ଷଣ କରିବ ଏବଂ ସେମାନେ କେବଳ ଫଳାଫଳ ଖୋଜିବାରେ ନିୟୋଜିତ ହେବେ ନାହିଁ ବରଂ ଉତ୍ତର ମିଳିଥିବା ସଂଖ୍ୟାର ସଂକେତକୁ ବିଶ୍ଳେଷଣ କରିବେ ।

ଶିକ୍ଷାର୍ଥୀମାନେ ସେମାନଙ୍କର ଯୁକ୍ତିସିଦ୍ଧ ଫଳାଫଳ ଉପସ୍ଥାପନ କରିବା ପାଇଁ ଉତ୍ସାହ ହେବେ ।

ଏହିଭଳି ଅନ୍ୟ କେତେକ ଗୁଣନର ଉଦାହରଣ ନିଆଯାଉ ।

ଶିକ୍ଷାର୍ଥୀମାନେ ଅନ୍ୟ ଏକ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ହେବେ ଯଦ୍ୱାରା ସେମାନେ ସେହି ସମାନ ଧାରଣାାର ଶିକ୍ଷଣ ପାଇଁ ଅନ୍ୟ ଏକ ଉପାୟ ପାଇପାରିବେ ।

Module 9

## ଶିକ୍ଷଣ କାର୍ଯ୍ୟ-୩

ସମାନ ଉତ୍ତର ପାଇବା ପାଇଁ ସଂରଚନାଗୁଡ଼ିକୁ ବ୍ୟବହାର କରାଯାଇପାରେ।

-3 × 2 ର ଉତ୍ତର ପାଇବା ପାଇଁ ଆମେ 3×2 ଠାରୁ ଆରମ୍ଭ କରିବା ଶିକ୍ଷାର୍ଥୀମାନେ ଜାଣିଛନ୍ତି ଯେ

3 × 2 = 6..................(1)

2 × 2 = 4..................(2)

1 × 2 = 2 .................. (3)

0 × 2 = 0 ..................(4)

ଏହି ଆଲୋଚନାଟିରୁ ୬, ୪, ୨, ୦ ଭଳି ଗୁଣନ ଫଳରୁ ମିଳିଥିବା ସଂରଚନାକୁ ଆଧାର କରି ଆଲୋଚନା କରାଯାଇପାରେ।

ସୋପାନ (୨) ରେ ଲକ୍ଷ୍ୟ କରାଯିବ ଯେ, 4 = 6 - 2, ଲକ୍ଷ୍ୟ କରାଯିବ ଯେ, ସୋପାନ (୩) ରେ ୨ = ୪ – ୨ ଏବଂ ସେହିଭଳି

ସୋପାନ (୪) ରେ 0 = 2 - 2, ଏହା ସୂଚାଉଛି ଯେ, ପ୍ରତି ସୋପାନରେ ପୂର୍ବ ସୋପାନର ଗୁଣଫଳ 2 କମ୍ ହେଉଛି। ତେଣୁ ଏହି ଯୁକ୍ତିକୁ ବ୍ୟବହାର କରି ଆମେ ପାଇବା

- 1 × 2 = 0 - 2 = - 2

- 2 × 2 = (-2) - 2 = - 4

-3 × 2 = (-4) - 2 = - 6

ତେଣୁ ଶେଷରେ ଆମେ ପାଇବା (-3) × 2 = - 6

ଏହି ପଦ୍ଧତିକୁ ବ୍ୟବହାର କରି ଅଧିକ ସଂଖ୍ୟକ ଗୁଣନ ସଂପର୍କରେ ଆଲୋଚନା କରାଯାଇପାରେ।

ବର୍ତ୍ତମାନ, ଆମେ (ଋଣାତ୍ମକ ସଂଖ୍ୟା) × (ଋଣାତ୍ମକ ସଂଖ୍ୟା) ସଂପର୍କରେ ଆଲୋଚନା କରିବା। ପୂର୍ବରୁ ଦିଆଯାଇଥିବା କୌଶଳ ଏଠାରେ ବ୍ୟବହାର ହୋଇପାରିବ କି ? ସେ ସଂପର୍କରେ ଆଲୋଚନା କରାଯିବ। ଶେଷରେ ସଂରଚନାର ଉପାୟଗୁଡ଼ିକ ଚିନ୍ତା କରାଯାଇପାରିବ।

ଆମେ ଏହିପ୍ରକାର ଗୁଣନ ନେଇପାରିବ (-3) × (-2)

# ଶିକ୍ଷଣ କାର୍ଯ୍ୟ -୪

Module 9

ଆସ ଆରମ୍ଭ କରିବା : -3 × 3 = - 9..............(1)

ଶିକ୍ଷାର୍ଥୀମାନେ ଏହାକୁ ପୂର୍ବ ଶିକ୍ଷଣ କାର୍ଯ୍ୟରେ ଜାଣିଛନ୍ତି ।

(-3) × 2 = -6...............(2)

(-3) × 1 = - 3...............(3)

(-3) × 0 = 0 ................(4)

ଏଠାରେ ପାଇଥିବା ଗୁଣନର ସଂରଚନାକୁ ଶିକ୍ଷାର୍ଥୀମାନେ ଅନୁଧ୍ୟାନ କରିବେ । ଶିକ୍ଷାର୍ଥୀମାନେ ପୂର୍ବରୁ ଶିଖିଥିବା ଗୋଟଏ ଋଣାତ୍ମକ ସଂଖ୍ୟାର ଗୁଣନକୁ ସମାଧାନ କରିପାରୁଛନ୍ତି କି ନାହିଁ ଜାଣିପାରିବା । ଆହୁରି ମଧ୍ୟ ଶିକ୍ଷାର୍ଥୀମାନେ ଗୁଣନର ସଂରଚନାକୁ ସଜାଇବାର ଦକ୍ଷତା ଓ ଆଗକୁ ବଢ଼ାଇବାର ଦକ୍ଷତାକୁ ଶିକ୍ଷକ ଲକ୍ଷ୍ୟ କରିପାରିବେ ।

ଏହା ମଧ୍ୟ ଲକ୍ଷ୍ୟ କରାଯିବ ଯେ, ସୋପାନ (2) - 6 = (-9) + 3 ଓ ସୋପାନ (3) - 3 = (-6) + 3 ଓ ସୋପାନ (4) 0 = (-3)+3

ଏହି ସଂରଚନାକୁ ଅନୁଧ୍ୟାନ କରି ଆମେ ଏହାକୁ ଆଗକୁ ବଢ଼େଇବା ।

(-3) × (-1) = 0 + 3 = 3

(-3) × (-2) = 3 + 3 = 6

(-3) × (-2) = 6

ଶିକ୍ଷାର୍ଥୀମାନଙ୍କୁ ଏହି ପ୍ରକାର କାର୍ଯ୍ୟ ପାଇଁ ଅଧିକ କିଛି ଉଦାହରଣ ଦିଆଯାଇପାରେ ପ୍ରତ୍ୟେକ ପିଲା ନିଜେ କିଛି ଉଦାହରଣ ତିଆରି କରି ନିଜନିଜ ଭିତରେ ବାଣ୍ଟିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯିବ ।

ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାର ପୂର୍ଣ୍ଣସଂଖ୍ୟା (ଯଥା ଧନାତ୍ମକ ଓ ଋଣାତ୍ମକ) ର ଗୁଣନ ବିଷୟରେ ପଚାରି ପାରିବେ । ଶିକ୍ଷାର୍ଥୀମାନଙ୍କ ଦ୍ୱାରା ହୋଇଥିବା ପର୍ଯ୍ୟବେକ୍ଷଣର ମଧ୍ୟ ମାନନିର୍ଦ୍ଧାରଣ କରାଯାଇପାରିବ । ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ନିମ୍ନରେ ଦିଆଯାଇଥିବା କାର୍ଯ୍ୟ କରାଯାଇପାରିବ । ନିମ୍ନଲିଖିତ ଗୁଣଫଳଗୁଡ଼ିକର ଚିହ୍ନ ନିର୍ଣ୍ଣୟ କର ।

(-1) × (-1) ; (-1) × (-1) × (-1) ; (-1) × (-1) × (-1) × (-1);

(-1) × (-1) × (-1) × (-1) × (-1) , (-1) × (-1) × (-1) × (-1)×(-1) × (-1)

(-2) × (-3) × (-5) ......

Module
9

ଦୁଇଟି ସଂଖ୍ୟାର ଗୁଣନ ବ୍ୟବହାର କରି ଆମେ ବିଭିନ୍ନ ପ୍ରକାର ଗୁଣନ ପ୍ରକ୍ରିୟା ସମ୍ବନ୍ଧରେ ପରିଚିତ କରିପାରିବ। କେବଳ ଗୁଣନ ସମ୍ବନ୍ଧୀୟ ସାଧାରଣ ଅଭ୍ୟାସ କାର୍ଯ୍ୟ ନ ଦେଇ କିଛି ଖେଳ ଦେଇପାରିବା ଯେଉଁଥିରେ ଦୁଇଟି ପୂର୍ଣ୍ଣସଂଖ୍ୟାର ଗୁଣନ କାର୍ଯ୍ୟ ଥିବ।

**କ୍ରୀଡ଼ା:**

କ୍ରୀଡ଼ା ଆମକୁ ଅନିଶ୍ଚିତତା, ଖୁସି, ନୈରାଶ୍ୟ ଏବଂ କୌତୁକର ଅନୁଭୂତି ପ୍ରଦାନ କରିଥାଏ। କ୍ରୀଡ଼ାର ବିଭିନ୍ନ କୌଶଳ ଅବଲମ୍ବନ କରି ଆମେ ଗଣିତ ଶିକ୍ଷାର ଉନ୍ନତି କରିପାରିବା, ଗଣିତ ପ୍ରତି ମନୋଭାବ ବଢ଼ାଇପାରିବା, ପ୍ରେରଣା ଦେଇପାରିବା ଏବଂ ଶିକ୍ଷାର୍ଥୀର ସମସ୍ୟା ସମାଧାନର ଦକ୍ଷତା ବୃଦ୍ଧି କରି ପାରିବା। କ୍ରୀଡ଼ା ସମୟରେ ଗାଣିତିକ ଆଲୋଚନା ହେଲେ ତାହା ଶିକ୍ଷାର୍ଥୀର ଗାଣିତିକ ବୋଧଶକ୍ତିର ଅଭିବୃଦ୍ଧି କରାଇଥାଏ।

ଏନ.ସି.ଇ.ଆର.ଟି ସପ୍ତମ ଶ୍ରେଣୀ ଗଣିତ ବହିର ପୃଷ୍ଠା 12 ର ପ୍ରଥମ କ୍ରୀଡାକୁ ଲକ୍ଷ୍ୟ କରିବା।

ଗୋଟିଏ ବଡ କାଗଜ ଉପରେ କିଛି ଛୋଟିଆ ଛୋଟିଆ ବାକ୍ସ ଅଙ୍କନ କର (ସାପସିଡି କିମ୍ବା ପଶା ଖେଳ ସଦୃଶ) ଯେଉଁଥିରେ 19 ଧାଡି ଓ 11 ଟି ସ୍ତମ୍ଭ ଥିବ ଏବଂ ସେଥିରେ –104 ରୁ 104 ପର୍ଯ୍ୟନ୍ତ ସଂଖ୍ୟା ଲେଖା ହୋଇଥିବ।

- ଗୋଟିଏ ବ୍ୟାଗରେ ଦୁଇଟି ନୀଳ ଏବଂ ଦୁଇଟି ନାଲି ରଙ୍ଗର ଲୁଡୁଗୋଟି ନେବା। ଗୋଟିଏ ଲୁଡୁ ଗୋଟିର ବିନ୍ଦୁକୁ ଯୁକ୍ତାତ୍ମକ ସଂଖ୍ୟା ଏବଂ ଅନ୍ୟ ଲୁଡୁଗୋଟିର ବିନ୍ଦୁକୁ ଗୁଣାତ୍ମକ ସଂଖ୍ୟା ରୂପେ ଧରିନେବା। ଆମେ ଶିକ୍ଷାର୍ଥୀମାନଙ୍କୁ ଏହି ନିଷ୍ପତି ନେବା ପାଇଁ କହିପାରିବା। ଉଦାହରଣସ୍ୱରୂପ: ନାଲି ରଙ୍ଗର ପ୍ରତ୍ୟେକ ବିନ୍ଦୁକୁ ଯୁକ୍ତାତ୍ମକ ସଂଖ୍ୟା ଅନ୍ୟ ରଙ୍ଗକୁ ଋଣାତ୍ମକ ସଂଖ୍ୟା ରୂପରେ ଧରି ନେଇ ପାରିବା।
- ପ୍ରତ୍ୟେକ ଶ୍ରେଣୀକୁ ଭିନ୍ନଭିନ୍ନ ଦଳରେ ବିଭକ୍ତ କରିବା। ଦଳରେ କେତେଜଣ ରହିବେ ତାହା ଶିକ୍ଷାର୍ଥୀମାନେ ନିର୍ଦ୍ଧାରଣ କରିବେ।

Module
9

ପ୍ରତ୍ୟେକ ଦଳର ପିଲାମାନେ ଏହି ଖେଳଟିକୁ ଖେଳି ପାରିବେ। ମନେକର 4 ଜଣରେ ଗୋଟିଏ ଦଳ ଗଢ଼ିବା।

- ପ୍ରତ୍ୟେକ ଖେଳାଳୀ ନିଜ ନିଜର ଗୋଟିକୁ ୦ ଚିହ୍ନିତ ସ୍ଥାନରେ ରଖିବେ।
- ପ୍ରତ୍ୟେକ ଖେଳାଳୀ ବ୍ୟାଗକୁ ନ ଦେଖି ବ୍ୟାଗରୁ ଦୁଇଟି ଲେଖାଏଁ ଲୁଡୁଗୋଟି ଉଠାଇବେ। ଲୁଡୁଗୋଟି ଦୁଇଟି ସମାନ ରଙ୍ଗର କିମ୍ବା ଅଲଗା ରଙ୍ଗର ହୋଇପାରେ।
- ଯଦି ଲୁଡୁଗୋଟି ଦୁଇଟି ସମାନ ରଙ୍ଗର ହୋଇଥିବେ ତେବେ ଉତ୍ପନ୍ନ ସଂଖ୍ୟା ଧାନତ୍ମକ ନଚତେ୍ ଅନ୍ୟ ପରିସ୍ଥିତିରେ ଋଣାତ୍ମକ ହେବ।
- ଯଦି ଗୁଣଫଳ ସଂଖ୍ୟାଟି ଧନାତ୍ମକ ହୁଏ ତେବେ ଖେଳାଳୀ ଗୋଟିକୁ 104 ଧାଡିକୁ ଏବଂ ଯଦି ଗୁଣଫଳ ସଂଖ୍ୟାଟି ଋଣାତ୍ମକ ହୁଏ ତେବେ ଖୋଳାଳୀ – 104 ଆଡ଼କୁ ଗତି କରିବ।
- ଯଦି ଜଣେ 104 କିମ୍ବା – 104 ରେ ପ୍ରଥମେ ପହଂଚିଯିବ ତେବେ ସେ ବିଜେତା ହେବ।

ଏହି ଖେଳଟିକୁ ଖେଳିବା ସମୟରେ ଶିକ୍ଷାର୍ଥୀମାନେ ବାରମ୍ବାର ପୂର୍ଣ୍ଣସଂଖ୍ୟା ମାନଙ୍କୁ ଗୁଣନ କରିବେ ଏବଂ ନିଜ ଦଳର ଅନ୍ୟମାନଙ୍କ ଗୁଣନକୁ ଦେଖିବେ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ପୂର୍ଣ୍ଣସଂଖ୍ୟାମାନଙ୍କର ବିଭିନ୍ନ ପ୍ରକାର ଗୁଣନ ପ୍ରକ୍ରିୟା ସଂପର୍କରେ ପରିଚିତ ହୋଇପାରିବେ।

ଜଣେ ଶିକ୍ଷକ / ଶିକ୍ଷୟିତ୍ରୀ ଭାବରେ ଆପଣ ଗୋଟିଏ ସୁଯୋଗ ପାଇଲେ ଶିକ୍ଷାର୍ଥୀମାନଙ୍କ ଗୁଣନ ସମ୍ବନ୍ଧରେ ଥିବା କାର୍ଯ୍ୟଦକ୍ଷତାକୁ ପରଖିପାରିବେ।

Module 9

## ଉଦାହରଣ -୫

### ଶିକ୍ଷଣ ଫଳାଫଳ

ଘନବସ୍ତୁଗୁଡ଼ିକର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କରିବ।

ଘନବସ୍ତୁଗୁଡ଼ିକର ଆୟତନ ନିର୍ଣ୍ଣୟ କରିବ।

### ଶିକ୍ଷଣ ଉଦ୍ଦେଶ୍ୟ :

ଏହି କାର୍ଯ୍ୟ କରିବା ପରେ ଛାତ୍ରଛାତ୍ରୀମାନେ ସମର୍ଥ ହେବେ:

ସମଘନ ଓ ଆୟତଘନ ପ୍ରସ୍ତୁତ କରିବେ ଓ ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କରିପାରିବେ।

ଘନବସ୍ତୁର ଆୟତନ ପାଇ ସୂତ୍ର ନିର୍ଣ୍ଣୟ କରିବେ।

## ଶିକ୍ଷଣକାର୍ଯ୍ୟ-୧

### ଆବଶ୍ୟକୀୟ ଉପକରଣ :

ମୋଟା କାଗଜ, ରୁଲବାଡ଼ି, କଟର, ସେଲୋଟେପ୍, କଲରପେନ/ ପେନ୍ ସିଲ, ଧଳାକାଗଜ, ଚାର୍ଟକାଗଜ

### ପ୍ରକ୍ରିୟା :

ଚାରିଜଣିଆ ଦଳରେ ପିଲାମାନଙ୍କୁ ଭାଗ କରାଯିବ।

ଛାତ୍ରଛାତ୍ରୀମାନଙ୍କୁ ମୋଟା କାଗଜ, ରୁଲ୍‌ବାଡି, କଟର, ସେଲୋଟେପ, କଲରପେନ/ ପେନସିଲ୍, ଧଳା କାଗଜ ଇତ୍ୟାଦି ଦିଆଯିବ।

'a' ଏକକ ମାପର ବାହୁନେଇ ଛଅଟି ଏକ ଆକାରର ବର୍ଗଚିତ୍ର ତିଆରି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯିବ (ଚିତ୍ର-୧) ଚିତ୍ରରେ ଦେଖାଯାଇଥିବା ଭଳି ସବୁ ବର୍ଗଚିତ୍ରକୁ ନେଇ ଗୋଟିଏ ଘନବସ୍ତୁ ତିଆରି କରିବା ପାଇଁ କୁହାଯିବ (ଚିତ୍ର -୨)

### ଆଲୋଚନା / ପଦର୍ଶନ:

ଚିତ୍ର ୨ରେ କେଉଁ ପ୍ରକାର ଘନବସ୍ତୁ ଅଛି। ଆଲୋଚନା କରାଯିବ ? ଏହା କାହିଁକି ଏକ ସମଘନ ? ଛାତ୍ରଛାତ୍ରୀମାନେ ଆଲୋଚନା କରିବେ। ଏହି କାର୍ଯ୍ୟ ଶିକ୍ଷକଙ୍କ ପାଇଁ ଏକ ସୁଯୋଗ ଆଣିବ ସେମାନଙ୍କର ଛାତ୍ରଛାତ୍ରୀମାନେ ସମଘନର କେଉଁ କେଉଁ ବିଷୟରେ ଜାଣିଛନ୍ତି।

Module
9

ସମଘନର ପ୍ରତ୍ୟେକ ପାର୍ଶ୍ୱ 'a' ଏକକ ଦୈର୍ଘ୍ୟ ବିଶିଷ୍ଟ ଗୋଟିଏଗୋଟିଏ ବର୍ଗକ୍ଷେତ୍ର, ତେଣୁ ଏହାର ଏକ ପାର୍ଶ୍ୱର କ୍ଷେତ୍ରଫଳ '$a^2$' ବର୍ଗ ଏକକ ହେବ।

ମୋଟରେ ଗୋଟିଏ ସମଘନର ୬ଟି ପାର୍ଶ୍ୱ ଥାଏ।

ଛଅଟି ପାର୍ଶ୍ୱଥିବାରୁ ସମଘନର ମୋଟ କ୍ଷେତ୍ରଫଳ '$6a^2$' ବର୍ଗ ଏକକ

## ଶିକ୍ଷଣ କାର୍ଯ୍ୟ-୨

**ଆଲୋଚନା :**

ଆୟତଘନର କେତୋଟି ତଳ ଅଛି ?

ଛାତ୍ରଛାତ୍ରୀମାନେ ନିକଟ ପରିବେଶରେ ମିଳୁଥିବା ବସ୍ତୁ ଯଥା ରବର, ବାକ୍ସ, ଘର ଇତ୍ୟାଦି ପର୍ଯ୍ୟବେକ୍ଷଣ କରିବେ ଏବଂ ଆଲୋଚନା କରିବା ପରେ ଏହାର ଉତ୍ତର ଦେବେ। ଛାତ୍ରଛାତ୍ରୀମାନେ ଘନବସ୍ତୁ ବିଷୟରେ କେତେ ଜାଣିଛନ୍ତି ଶିକ୍ଷକ ଏଥିରୁ ଜାଣିପାରିବେ।

a, b ଓ c ଧାର ଥିବା ଘନବସ୍ତୁକୁ ପର୍ଯ୍ୟବେକ୍ଷଣ କରାଯିବ। ଛାତ୍ରଛାତ୍ରୀମାନେ ଦ୍ୱିମାତ୍ରିକ ଆକୃତି ବିଶିଷ୍ଟ ବସ୍ତୁର କ୍ଷେତ୍ରଫଳ ସଂପର୍କରେ ଆଗରୁ ଜାଣିଛନ୍ତି। ସେମାନଙ୍କୁ ପଚରାଯିବ ଯେ ଏହି ପାର୍ଶ୍ୱମାନଙ୍କର ଆକୃତି କିପରି ?

ପ୍ରତ୍ୟେକ ପାର୍ଶ୍ୱର ଆକାର ସମାନ କି ?

କେଉଁ ପାର୍ଶ୍ୱରେ ଆକାର ସମାନ ଓ କେଉଁ ପାର୍ଶ୍ୱର ଆକାର ଅସମାନ ?



(ଚିତ୍ର-୧)



(ଚିତ୍ର-୨)

Module 9

ଏହାପରେ ଛାତ୍ରଛାତ୍ରୀମାନେ ଏଠାରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦୈର୍ଘ୍ୟ ବିଶିଷ୍ଟ ତ୍ରି-ମାତ୍ରିକ ବସ୍ତୁ ଆକୃତିର ବସ୍ତୁ ବିଷୟରେ ଆଲୋଚନା କରିବେ।

ଘନବସ୍ତୁର ପାର୍ଶ୍ୱପୃଷ୍ଠତଳ ବିଷୟରେ ଆଲୋଚନା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଦରକାର। ଛାତ୍ରଛାତ୍ରୀମାନେ ଅନୁଭବ କରିବେ ଯେ ଘନବସ୍ତୁର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ ସେମାନଙ୍କ ସମସ୍ତ କ୍ଷେତ୍ରଫଳର ଯୋଗଫଳ ସହ ସମାନ ହେବ।

ଦୈର୍ଘ୍ୟ a ଏକକ ଓ ପ୍ରସ୍ଥ b ଏକକ ଥିବା ଗୋଟିଏ ଆୟତଘନର ସାମ୍ନାପଟ /

ପଛପଟ ପାର୍ଶ୍ୱର କ୍ଷେତ୍ରଫଳ = ab

ସାମ୍ନାପଟ / ପଛପଟ ପାର୍ଶ୍ୱର କ୍ଷେତ୍ରଫଳ = ab+ab = 2ab

ଦୈର୍ଘ୍ୟ a ଏକକ ଓ ଉଚ୍ଚତା c ଏକକ ଥିବା ପାର୍ଶ୍ୱଦ୍ୱୟର କ୍ଷେତ୍ରଫଳ = ac+ac=2ac

ଉପର ଓ ତଳ ପାର୍ଶ୍ୱ ମୋଟ କ୍ଷେତ୍ରଫଳ = bc+bc= 2bc

ପାର୍ଶ୍ୱପୃଷ୍ଠ ତଳର ମୋଟ କ୍ଷେତ୍ରଫଳ = 2ab+2bc+2ca

= 2 (ab+bc+ca)

ଯଦି a = b = c ହୁଏ ତା ହେଲେ ପାର୍ଶ୍ୱପୃଷ୍ଠତଳର ମୋଟ କ୍ଷେତ୍ରଫଳ = $2a^2 + 2a^2 + 2a^2 = 6a^2$

## ଶିକ୍ଷଣ କାର୍ଯ୍ୟ -୩

### ଆବଶ୍ୟକୀୟ ଉପକରଣ:

ଆୟତଘନାକୃତି ଜାଲି, ମାଟି, ଅର୍ଦ୍ଧ କଠିନ ଜିନିଷ, କଟର, ରୁଲବାଡି, ମୋଟା କାଗଜ



(ଚିତ୍ର-୩)

### ପ୍ରକ୍ରିୟା :

ଦୈର୍ଘ୍ୟ =*l*, ପ୍ରସ୍ଥ = *b* ଓ ଉଚ୍ଚତା=*h* ବିଶିଷ୍ଟ ଏକ ଆୟତଘନାକୃ ତାଲିକା ନିଆଯାଉ।

Module 9

ମନେକର $l=4$, $b=4$, $h=3$ ନିଆଯାଉ)

ଏହାକୁ ନେଇ ଖୋଲା ଆୟତଘନ ପ୍ରସ୍ତୁତ କରାଯାଉ (ଚିତ୍ର-3)

ଡବା ଭିତରେ ମାଟି ଭରିଦିଆଯାଉ ଏବଂ ତାଳିକାଟିକୁ ଅଲଗା କରିଦିଆଯାଉ।

ମୋଟା କାଗଜ ଉପରେ ରଖି ଏହାର ଦୈର୍ଘ୍ୟକୁ ଚାରି ସମାନ ଭାବରେ କାଟି ଦିଆଯାଉ (ଚିତ୍ର -୪)



**ଚିତ୍ର-୫ ଆୟତଘନକୁ ଏହାର ପ୍ରସ୍ଥପଟୁ ସମାନ ଖଣ୍ଡ କରି କଟାଯାଉ। ଉଚ୍ଚା 'h' ଆଡୁ ଆୟତଘନକୁ 3 ସମାନ ଖଣ୍ଡରେ ପରିଣତ କରାଯିବ।**

## ଆଲୋଚନା :

ଆୟତଘନଟି କେତେଗୋଟି ଏକ ଏକକ ଦୈର୍ଘ୍ୟ ବିଶିଷ୍ଟ ସମଘନରେ ବିଭକ୍ତ ହୋଇଗଲା।

ତେଣୁ ଏହା ଦ୍ୱାରା 48 ଟି ଏକ ଏକକ ଦୈର୍ଘ୍ୟ ବିଶିଷ୍ଟ ସମଘନ (1 × 1 × 1 )ସୃଷ୍ଟି ହେବ।

ଯାହାକୁ 4 × 4 × 3 ଭାବରେ ପ୍ରକାଶ କରାଯାଇପାରେ।

1 × 1× 1 ପରିମାଣ ବିଶିଷ୍ଟ ସମଘନର ଆୟତନ ବିଷୟରେ ପିଲାମାନେ କହି ପାରନ୍ତି।

ଆୟତଘନର ଘନଫଳ = 4 × 4 ×3 ଘନ ଏକକ ତାହା ହେଉଛି ଦୈର୍ଘ୍ୟ × ପ୍ରସ୍ଥ × ଉଚ୍ଚତା

ଏହିପରି ଭାବରେ, ପିଲାମାନଙ୍କୁ କୁହାଯାଇପାରିବ ଯେ ବିଭିନ୍ନ ପରିମାଣ ବିଶିଷ୍ଟ ଆୟତଘନ ଯଥା 2, 4, 4 ଏକକ; 3, 4, 5 ଏକକ ଇତ୍ୟାଦି ଘନବସ୍ତୁ ପ୍ରସ୍ତୁତ କରିବେ ଓ ଉପରୋକ୍ତ ପ୍ରଣାଳୀ ବ୍ୟବହାର କରି କେତୋଟି ସମଘନ ପାଉଛନ୍ତି ଲକ୍ଷ୍ୟ କରିବେ।

Module
9

ଏହି ଶିକ୍ଷଣ କାର୍ଯ୍ୟ ଦ୍ୱାରା ସେମାନେ ଆୟତଘନର ଘନଫଳର ସୂତ୍ର ଜାଣିପାରିବେ ଯାହା ହେଉଛି ଦୈର୍ଘ୍ୟ × ପ୍ରସ୍ଥ × ଉଚ୍ଚତା। ଏହି ସବୁ ଆଲୋଚନା କଲାବେଳେ ଶିକ୍ଷାର୍ଥୀମାନଙ୍କର ସୂତ୍ର ସାମାନ୍ୟୀକରଣ ପ୍ରକ୍ରିୟାକୁ ଶିକ୍ଷକ ଅନୁଧ୍ୟାନ କରିବେ।

# ପ୍ରଦର୍ଶିକା - ୧୦

# ଭାଷାର ଶୈକ୍ଷିକ ଶାସ୍ତ୍ର

Module 10

## ଭାଷାର ଶୈକ୍ଷିକ ଶାସ୍ତ୍ର (Pedagogy of Language)

## ସାମଗ୍ରିକ ଦୃଷ୍ଟିଭଙ୍ଗୀ

ଏହି ପ୍ରଦର୍ଶିକାଟି ରାଜ୍ୟ ସାଧନ କର୍ମୀ ଓ ମୁଖ୍ୟ ସାଧନ କର୍ମୀମାନଙ୍କୁ ଭାଷାର ଶୈକ୍ଷିକ ଶାସ୍ତ୍ର ବିଷୟରେ ପରିଚିତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ବିଶେଷ କରି ଭାରତରେ ଭାଷାର ବିଭିଧତା, ଭାଷା ଶିକ୍ଷଣର ପରିସ୍ଥିତି, ଭାଷା ଶିକ୍ଷଣ ଓ ମାନ ନିର୍ଦ୍ଧାରଣର ବିଭିନ୍ନ ଉପାୟ ବିଷୟରେ ଆଲୋକପାତ କରାଯାଇଛି। ଉକ୍ତ ପ୍ରଦର୍ଶିକାର ପ୍ରଥମ ଭାଗରେ ଉଦ୍ଦେଶ୍ୟ, ଧାରଣା। ଏବଂ ଭାଷା। ଶିକ୍ଷଣ ଶିକ୍ଷାଦାନର ଉପାୟ ସହିତ ଆଲୋଚନା ଓ ଶିକ୍ଷଣ ପ୍ରତିଫଳନ ବିଷୟରେ ଉପସ୍ଥାପନ କରାଯାଇଛି। ଏହା ମଧ୍ୟ ଶ୍ରେଣୀରେ ଭାଷା ଦକ୍ଷତା ତଥା ଭାଷା-ଶିକ୍ଷଣ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରୁଛି। ଏକ ଅନ୍ତର୍ନିବେଶୀ ପରିବେଶରେ ବିଭିନ୍ନ ଭାରତୀୟ ଭାଷା ପାଇଁ କିପରି ଶିକ୍ଷଣକାର୍ଯ୍ୟ କରାଯାଇପାରିବ, ସେ ବିଷୟରେ ଆଲୋଚନା କରାଯାଇଛି। ଶେଷ ଭାଗରେ ଭାଷା ଶିକ୍ଷଣର ମାନ ନିର୍ଦ୍ଧାରଣ ତଥା ପ୍ରତିପୁଷ୍ଟି ବିଷୟରେ ଆଲୋଚିତ ହୋଇଛି ଏହି ପ୍ରଦର୍ଶିକାର ବିଷୟବସ୍ତୁ ଗୁଡ଼ିକ ହେଲା -

- ଭାଷା ଶିକ୍ଷଣ ଓ ଶିକ୍ଷଣରେ ଭାଷାର ଗୁରୁତ୍ୱ, ଭାରତରେ ଭାଷା ଶିକ୍ଷଣ ଶିକ୍ଷାଦାନ ପରିସ୍ଥିତି ଓ ନୀତି, ତିନି-ଭାଷା ଶିକ୍ଷଣ ନୀତି ଏବଂ ବହୁଭାଷୀ ପରିସ୍ଥିତି।
- ଯେ କୌଣସି ଭାଷାକୁ ପ୍ରଥମ ଭାଷା, ଦ୍ୱିତୀୟ ଭାଷା ଏବଂ ତୃତୀୟ ଭାଷା ଭାବରେ ପଢ଼ାଇବା।
- ଭାଷା ଶିକ୍ଷାଦାନର ଉଦ୍ଦେଶ୍ୟ ତଥା ଶିକ୍ଷଣ ଫଳାଫଳ ସମୂହ
- ଭାଷାର ଦକ୍ଷତା-ଶ୍ରବଣ, କଥନ, ପଠନ, ଲିଖନ, ବ୍ୟାକରଣ, ଶବ୍ଦ ଭଣ୍ଡାର ଓ ସାହିତ୍ୟିକ ଲେଖାର ବର୍ଣ୍ଣନା (ଓଡ଼ିଆ ଓ ଇଂରାଜୀ)
- ଭାଷା ଶିକ୍ଷଣର ମାନନିର୍ଦ୍ଧାରଣ ଓ ତାର ପ୍ରକ୍ରିୟା - ଧାରାବାହିକ ଆକଳନ, ସହପାଠୀ ଆକଳନ, ସ୍ୱ-ଆକଳନ ଓ ଶିକ୍ଷଣ ଫଳାଫଳ ଆଲୋଚନା।
- ଭାଷା ଶିକ୍ଷଣ ମାଧ୍ୟମରେ ବିଭିନ୍ନ ଜାତୀୟ ତଥା ଶୈକ୍ଷିକ ବିଷୟ ପ୍ରତି ସମ୍ବେଦନଶୀଳତା ରଖିବା ଯଥା -

ଲିଙ୍ଗଗତ ପ୍ରଭେଦ, ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀ, ବହୁଭାଷୀ ପରିସ୍ଥିତି, ଭାଷାରେ ବିଭିଧତା ଓ ଅନ୍ତର୍ନିବେଶୀ ପରିସ୍ଥିତି ।

Module 10

## ଶିକ୍ଷଣ ଉଦ୍ଦେଶ୍ୟ

- ଏହି ପ୍ରଶିକ୍ଷଣ ପ୍ରଦର୍ଶିକା ମାଧ୍ୟମରେ ରାଜ୍ୟ ସାଧନକର୍ମୀ ତଥା ମୁଖ୍ୟ ସାଧନକର୍ମୀ ମାନେ...
- ଭାଷା ଶିକ୍ଷଣର ବିଭିନ୍ନ ମୌଳିକ ତତ୍ୱଗୁଡ଼ିକୁ ବୁଝିବେ, ଯଥା – ଭାଷାର ପ୍ରକୃତି, ଶିକ୍ଷଣରେ ଭାଷାର ଭୂମିକା, ଏକ ସମ୍ବଳ ତଥା ଉପାୟ ଭାବରେ ବହୁଭାଷୀ ପରିସ୍ଥିତି, ଭାଷା ଶିକ୍ଷଣ ପାଇଁ ନୀତି, ଭାରତୀୟ ପରିସ୍ଥିତିରେ ଭାଷା ଶିକ୍ଷଣ ଶିକ୍ଷାଦାନର ଉଦ୍ଦେଶ୍ୟ ଏବଂ ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୫ ର ଦର୍ଶନ ତଥା ଧାରଣା ।
- ସମନ୍ୱିତ ଭାବରେ ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତାର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ପଦ୍ଧତି ଓ ଉପାୟ ସହିତ ପରିଚିତ ହେବେ, ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଭାଷା ଶିକ୍ଷଣ ସଂପର୍କିତ ଉପଯୁକ୍ତ ଭାବ ବିନିମୟ ପାଇଁ ପ୍ରାସଙ୍ଗିକ ଶିକ୍ଷଣ କାର୍ଯ୍ୟ କରିବେ ଏବଂ ଭାଷା ଶିକ୍ଷଣର ଉପଯୁକ୍ତ ଆକଳନ ପାଇଁ ଉପାୟ ସ୍ଥିର କରିବେ ।
- ବିଭିନ୍ନ ସ୍ତରରେ ଭାଷା ଶିକ୍ଷଣ – ଶିକ୍ଷା ଦାନ ପାଇଁ ଶୈକ୍ଷିକ ପ୍ରକ୍ରିୟା ଓ ଫଳାଫଳ ପାଇଁ ଯୋଜନା କରିକରିବାରେ ସମର୍ଥ ହେବେ ।
- ଭାଷା ଶିକ୍ଷଣ ଶିକ୍ଷାଦାନର ବିଭିନ୍ନ କୌଶଳର ଯଥା ଶ୍ରବଣ, କଥନ, ପଠନ, ଲିଖନ, ବ୍ୟାକରଣ ଜ୍ଞାନ ଆଦିର ବ୍ୟବହାର ପାଇଁ ଶିକ୍ଷକମାନଙ୍କୁ ସମ୍ବେଦନଶୀଳ କରିବେ ।
- ଭାଷା ଶିକ୍ଷଣ ମାଧ୍ୟମରେ ବିଭିନ୍ନ ଜାତୀୟ ତଥା ଶୈକ୍ଷିକ ବିଷୟ ଯଥା – ଶିକ୍ଷାର୍ଥୀଙ୍କୁ ବୁଝିବା, ଲିଙ୍ଗଗତ ପ୍ରଭେଦ, ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଅନ୍ତର୍ନିବେଶୀ ଶ୍ରେଣୀ, ବିଦ୍ୟାଳୟ ଭିତ୍ତିକ ପ୍ରାକ୍ ବୈଷୟିକ ଶିକ୍ଷା ଓ ସେହିଭଳି ଅନ୍ୟାନ୍ୟ ପ୍ରାସଙ୍ଗିକ ଘଟଣାଗୁଡ଼ିକ ସଂପର୍କରେ ବୁଝାମଣା ହାସଲ କରିବେ ।

Module 10

- ଭାଷା ଶିକ୍ଷଣର ମାନନିର୍ଦ୍ଧାରଣ ଓ ତା'ର ପ୍ରକ୍ରିୟା ଯଥା – ଧାରାବାହିକ ଆକଳନ, ସହପାଠୀ ଆକଳନ, ସ୍ୱ-ଆକଳନ ଓ ଶିକ୍ଷଣ ଫଳାଫଳ ଆଲୋଚନାର ଗୁରୁତ୍ୱ ବୁଝିବେ ।
- ବିଭିନ୍ନ ବିଷୟରେ ପ୍ରତ୍ୟେକ ଶ୍ରେଣୀ ପାଇଁ ନିର୍ଦ୍ଧାରିତ ଶିକ୍ଷଣ ଫଳାଫଳ ଗୁଡ଼ିକୁ ହାସଲ କରିବା ନିମିତ୍ତ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧିରେ ସେମାନଙ୍କୁ ସମର୍ଥ କରିବେ ।

## ଭାଷା ଓ ଶିକ୍ଷଣ : ଭାରତରେ ଭାଷା ଶିକ୍ଷଣ ପରିସ୍ଥିତି

ଭାଷା ହେଉଛି ମଣିଷର ତଥା ସମାଜର ଏକ ଅତ୍ୟାବଶ୍ୟକ ଅଙ୍ଗ । ଜଣେ ଶିଶୁ ଅତି ସ୍ୱାଭାବିକ ଭାବରେ ତା'ର ଘର ଭାଷା / ମାତୃଭାଷା ଆହରଣ କରିଥାଏ । କାରଣ ମଣିଷ ପାଖରେ ଏହି ଅନ୍ତର୍ନିହିତ ଦକ୍ଷତା ସ୍ୱାଭାବିକ ଭାବରେ ରହିଛି । ଆମେ ଯେତେବେଳେ ବଡ଼ ହେଉ ଔପଚାରିକ ଓ ଅନୌପଚାରିକ ଭାବରେ ଆମେ ଅନେକ ଭାଷା ଶିଖିଥାଉ । ପ୍ରଶ୍ନ ଆସେ – ଆମେ ଏହା କିପରି ଶିଖିପାରୁ ? ଭାଷା ଶିକ୍ଷଣ ଏକ ପ୍ରକ୍ରିୟା ଯେଉଁଥିରେ ଶିଶୁ ଉଭୟ ଅନ୍ତର୍ନିହିତ ତଥା ବାହ୍ୟ କୌଶଳ ଯଥା – ପର୍ଯ୍ୟବେକ୍ଷଣ, ବିଭାଗୀକରଣ, ଚିନ୍ତନ ଓ ମନନ ତଥା ଏକୀକରଣ ଆଦି ମାଧ୍ୟମରେ ଭାଷା ଶିଖିଥାଏ । ଶିକ୍ଷଣରେ ଭାଷାର ଭୂମିକା ବିଷୟରେ ସମ୍ୟକ ଭାବରେ ବୁଝିବାକୁ ହେଲେ ଭାଷାର ପ୍ରକୃତି ବିଷୟରେ ଜୀବନ ସହିତ ଏହାର ସଂପର୍କ, ବିଷୟରେ, ଭାଷା ଶିକ୍ଷଣର ଆଧାର ତଥା ଶିକ୍ଷାଥୀର ଭାଷା ଆହରଣ ପ୍ରଯତ୍ନ ବିଷୟରେ ଏକ ସାମଗ୍ରିକ ଧାରଣା ହାସଲ କରିବାକୁ ହେବ । ଭାରତ ଭଳି ଦେଶରେ ବିଭିନ୍ନ ଭାଷା ଭାଷୀ ଲୋକ ରହିଛନ୍ତି । ବିଶେଷକରି ଆମ ଶ୍ରେଣୀରେ ବିଭିନ୍ନ ଭାଷାର ପିଲା ରହିଛନ୍ତି । ପିଲାମାନେ ତାଙ୍କ ମାତୃଭାଷା ସହିତ ବେସ ପରିଚିତ ହୋଇ ବିଦ୍ୟାଳୟକୁ ଆସିଥାନ୍ତି ଏବଂ ବିଦ୍ୟାଳୟରେ ରାଜ୍ୟର ଭାଷା (ଓଡ଼ିଆ) ଶିଖିଥାନ୍ତି ଏବଂ ସେମାନେ ଇଂରାଜୀ ଭଳି ବିଦେଶୀ ଭାଷାକୁ

ଦ୍ୱିତୀୟ ଭାଷା ଭାବରେ ପଢ଼ୀଥାନ୍ତି । ଜଣେ ଭାଷା ଶିକ୍ଷକ ଭାବରେ ଆମକୁ ଚିନ୍ତା କରିବାକୁ ପଡିବ ଯେ ପିଲାଏ ଭାଷା ଶିଖନ୍ତି କିପରି ଏବଂ ଭାଷା ଶିକ୍ଷଣର ଦିଗଗୁଡ଼ିକ କ'ଣ । ଏଥିପାଇଁ ନିଜକୁ କିଛି ପ୍ରଶ୍ନ ପଚାରନ୍ତୁ । ଆପଣମାନେ ଏହାକୁ ଦଳରେ ଆଲୋଚନା କରିପାରିବେ ।

## ଆଲୋଚନା ଓ ପ୍ରତିଫଳନ

- ଆପଣମାନେ ପକାଇ ପାରିବେ କି – ଆପଣ କିପରି ଆପଣଙ୍କର ମାତୃଭାଷା ଶିଖିଥିଲେ ? କେଉଁ ପରିସ୍ଥିତିରେ ଆପଣ ମାତୃଭାଷା ଶିଖିଥିଲେ ନିଜର ଅନୁଭୂତି ଲେଖିପାରିବେ କି ? ନିଜର ଦ୍ୱିତୀୟ ଭାଷା ଶିକ୍ଷଣର ଅଭିଜ୍ଞତା ଲେଖିପାରିବେ କି ?
- ପ୍ରଥମ ଭାଷା ଶିକ୍ଷଣ ଓ ଦ୍ୱିତୀୟ ଭାଷା ଶିକ୍ଷଣ ଅନୁଭୂତି ମଧ୍ୟରେ ପ୍ରଭେଦ କ'ଣ ? ଶିଖିବାର ସୋପାନଗୁଡ଼ିକ ସମାନ କି ?
- ଶ୍ରେଣୀରେ ପଢ଼ାଇବା ସମୟରେ ପିଲାମାନଙ୍କର ଏହି ଭାଷା ଶିକ୍ଷଣ ଅନୁଭୂତିକୁ ଉପଯୋଗ କରିପାରିବେ କି ?

ଯେତେବେଳେ ଆମ ପିଲାମାନେ ବିଦ୍ୟାଳୟକୁ ଆସନ୍ତି, ସେମାନେ ତାଙ୍କର ମାତୃଭାଷା ଶିଖି ଆସିଥାନ୍ତି ବୟସ ଓ ତାଙ୍କର ଜ୍ଞାନାତ୍ମକ ସ୍ତର ଅନୁସାରେ ସେମାନେ ତାଙ୍କ ମାତୃଭାଷାରେ ବେଶ ପାରଙ୍ଗମ ଥାନ୍ତି । ସେମାନେ ଅନ୍ୟମାନଙ୍କ ସହ ସହଜରେ କଥାବାର୍ତ୍ତା କରିପାରନ୍ତି । ଜଣେ ଭାଷା ଶିକ୍ଷକ ଭାବରେ ପିଲାର ଏହି ଭାଷା ଆଧାରିତ ଦକ୍ଷତା କିପରି ଉପଯୋଗ କରାଯାଇ ପାରିବ ଏବଂ ପିଲାର ଦ୍ୱିତୀୟ ଓ ତୃତୀୟ ଭାଷା ଦକ୍ଷତା ବୃଦ୍ଧି କରାଯାଇ ପାରିବ ତାହା ଆମକୁ ବୁଝିବା ପାଇଁ ପଡିବ । ପିଲାମାନଙ୍କ ଭିତରେ ଭାଷାଗତ ସଚେତନତା ଥାଏ ଯେପରି ବିଭିନ୍ନ ଉଚ୍ଚାରଣ ମିଶି ଶବ୍ଦ ସୃଷ୍ଟି ହୁଏ ଏବଂ ବିଭିନ୍ନ ଶବ୍ଦ ମିଶି ବାକ୍ୟ ସୃଷ୍ଟି ହୁଏ । ଏହା ପ୍ରତିଫଳିତ କରିଥାଏ ସେମାନେ ମଧ୍ୟ ବ୍ୟାକରଣ ବ୍ୟବହାର କରି କଥାବାର୍ତ୍ତା କରିଥାନ୍ତି । ଅବଶ୍ୟ ଆମେ କହିପାରିବା ନାହିଁ ଯେ ସେମାନେ ବ୍ୟାକରଣର ନିୟମ ଜାଣିଛନ୍ତି । ଆମକୁ ଏହା ବିଶ୍ୱାସ କରିବାକୁ ପଡ଼ିବ ଯେ ମାତୃଭାଷା ଶିଖିଥିବା ହେତୁ ସେମାନେ ଯେ କୌଣସି ନୂଆ ଭାଷା ସହଜରେ ଶିଖିପାରିବେ ।

Module 10

## ବହୁଭାଷୀ ପରିସ୍ଥିତି

- ବହୁଭାଷୀ ପରିସ୍ଥିତି ଭାରତର ଏକ ପରିଚୟ ।
- ବହୁଭାଷୀ ପରିସ୍ଥିତି ଏକ ସ୍ୱାଭାବିକ ଅବସ୍ଥା ଯାହା ସକାରାତ୍ମକ ଭାବରେ ପିଲାମାନଙ୍କର ଜ୍ଞାନାତ୍ମକ ନମନୀୟତା (Cognitive Flexibility) ଓ ଶିକ୍ଷଣ ଉପଲବ୍ଧି ସହିତ ଜଡ଼ିତ ।
- ସାଂପ୍ରତିକ ଗବେଷଣା ମଧ୍ୟ କହେ ଯେ ଦ୍ୱି-ଭାଷୀ / ବହୁଭାଷୀ ଶିକ୍ଷାଦାନ ପରିସ୍ଥିତି ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ଓ ଶିକ୍ଷଣ ଉପଲବ୍ଧି ହାସଲରେ ସହାୟକ ହୋଇଥାଏ ।
- ଦୁଇଟି ବା ଅଧିକ ଭାଷା ଜାଣିଥିବା ପିଲାମାନେ ଶିକ୍ଷଣ କ୍ଷେତ୍ରରେ ସୃଜନଶୀଳ ଏବଂ ସାମାଜିକ ଭାବରେ ବେଶ ସହିଷ୍ଣୁ ।
- ବିଭିନ୍ନ ଭାଷା ଦକ୍ଷତା ହାସଲ କରିବାର ସାମର୍ଥ୍ୟ ସମାଜରେ ବିଭିନ୍ନ ପରିସ୍ଥିତି ମୁକାବିଲା କରିବାରେ ସହାୟକ ହୋଇଥାଏ ।
- ଯେହେତୁ ଆମେ ଜାଣିଲୁ ଯେ ବହୁଭାଷୀ ଶିକ୍ଷାଦାନ ପରିସ୍ଥିତି ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ଓ ଶିକ୍ଷଣ ଉପଲବ୍ଧି ହାସଲରେ ସହାୟକ ହୋଇଥାଏ । ତେଣୁ ବିଦ୍ୟାଳୟ ମାନଙ୍କରେ ବହୁଭାଷୀ ଶିକ୍ଷାର ପ୍ରସାର ହେବା ବିଧେୟ ।

ବିଦ୍ୟାଳୟ ବହୁଭାଷୀ ଶିକ୍ଷାର ଅନ୍ତର୍ଭୁକ୍ତ ପାଇଁ ପିଲାମାନଙ୍କର ମାତୃଭାଷାର ଦକ୍ଷତାକୁ ଏକ ଆଧାର ଭାବରେ ନିଆଯାଇପାରିବ । ଏହା ଦ୍ୱାରା ପିଲାର ପ୍ରଥମ ଭାଷା ଓ ଦ୍ୱିତୀୟ ଭାଷା ଶିକ୍ଷଣରେ ସମନ୍ୱୟ ଆସିପାରିବ । ଶ୍ରେଣୀ ଗୃହରେ ବିଭିନ୍ନ ଭାଷା ଶିଖିବାର ଭୌତିକ ଓ ଶୈକ୍ଷିକ ପରିବେଶ ତିଆରି କରିବାକୁ ହେବ ।

**ଉତ୍କୃଷ୍ଟ ପରିବେଶ ରଚନାତ୍ମକଭାଷା**



Module 10

## ଭାଷାକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଷା ଭାବରେ ଶିଖିବା

ଶିଶୁର ପରିବେଶ ମଧ୍ୟରେ ମାତୃଭାଷାର ଯଥେଷ୍ଟ ବ୍ୟବହାର ଥାଏ ତେଣୁ ମାତୃଭାଷା ଶିଖିବା ସହଜ ଓ ସ୍ୱାଭାବିକ ହୋଇଥାଏ। କିନ୍ତୁ ଦ୍ୱିତୀୟ ଭାଷା ଓ ଏକ ବିଦେଶୀ ଭାଷା ଶିକ୍ଷଣରେ ଏହା ସମ୍ଭବ ହୋଇନଥାଏ କାରଣ ସେଭଳି ପରିସ୍ଥିତିରେ ସେହି ଭାଷାର ଯଥେଷ୍ଟ ବ୍ୟବହାର ନଥାଏ। ଏହି କ୍ଷେତ୍ରରେ ପିଲାମାନେ ଅନୌପଚାରିକ ଭାବରେ ଭାଷା ବ୍ୟବହାର ପାଇଁ ଖୁବ୍ କମ୍ ସୁଯୋଗ (Exposure) ପାଇଥାନ୍ତି। ଆମର ସରକାରୀ ବିଦ୍ୟାଳୟ ବା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ଏହି ଅବସ୍ଥା ଦେଖିବାକୁ ମିଳେ।

ତେଣୁ ଗୋଟିଏ ଭାଷାକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଷା ଭାବରେ ଶିଖିବା ପାଇଁ ଭିନ୍ନଭିନ୍ନ ଉପାୟ ଅବଲମ୍ବନ କରିବାକୁ ହେବ। ପ୍ରଥମ ଭାଷା ବା ମାତୃଭାଷା ଶିକ୍ଷଣ ପାଇଁ ପାଠ୍ୟକ୍ରମ ଓ ଶିକ୍ଷଣ ସାମଗ୍ରୀ ପିଲାମାନଙ୍କର ପରିଚିତ ଓ ପ୍ରାମାଣିକ (authentic) ହୋଇଥିବ, ପିଲାମାନଙ୍କ ଭିତରେ ଏହାର ବହୁଳ ବ୍ୟବହାର ଥିବ, ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଲେଖାଗୁଡ଼ିକ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ ହୋଇଥିବ। ଦ୍ୱିତୀୟ ଭାଷା ଶିକ୍ଷଣ ବେଳେ ପିଲାମାନଙ୍କୁ ପ୍ରଥମେ ଭାଷା ସହିତ ପରିଚିତ କରିବାକୁ ପଡ଼ିବ ଏବଂ ପରେ ଭାଷାର କ୍ଲିଷ୍ଟ ଦକ୍ଷତା ଆଡ଼କୁ ନେବାକୁ ପଡ଼ିବ। ଉଭୟ କ୍ଷେତ୍ରରେ ଗୋଟିଏ ଭାଷା ଅନ୍ୟ ଭାଷା ଆହରଣ/ ଶିକ୍ଷା କରିବାରେ ସହାୟକ ହୋଇଥାଏ। ଅନ୍ୟ ଭାଷାରେ କହିବାକୁ ଗଲେ ପିଲାମାନଙ୍କର ଭାଷାଗତ ସାମର୍ଥ୍ୟ ସାମଗ୍ରିକ ଭାବରେ ବୃଦ୍ଧି ହୋଇଥାଏ। ଭାରତରେ କିଛି ପରିସ୍ଥିତି ଅଛି ଯେଉଁଠି ଭାରତୀୟ ଭାଷାକୁ ପିଲା ଦ୍ୱିତୀୟ ଭାଷା ଭାବରେ ପଢ଼ିଥାଏ। ଏହି ବିଷୟରେ କେତୋଟି ଉଦାହରଣ ଦେଖିବା –

ଆମ ଓଡ଼ିଶା କଥା କହିବା। ଆମ ରାଜ୍ୟରେ ବହୁତ ଅଦିବାସୀ ଭାଷା ରହିଛି ଯେପରି – ସାନ୍ତାଳି, ମୁଣ୍ଡା, କୁଇ,..... ଇତ୍ୟାଦି। ଏହି ବର୍ଗର ପିଲାମାନେ ଓଡ଼ିଆକୁ ଦ୍ୱିତୀୟା ଭାଷା ଭାବରେ ପଢ଼ିଥାନ୍ତି। ଇଂରାଜୀକୁ ମଧ୍ୟ ଦ୍ୱିତୀୟ ଭାଷା ଭାବରେ ପଢ଼ିଥାନ୍ତି। ଦକ୍ଷିଣ ଭାରତରେ ଅଞ୍ଚଳରେ ହିନ୍ଦୀକୁ ତୃତୀୟ ଭାଷା

Module 10

ଭାବରେ ପଢ଼ିଥାନ୍ତି । ଉତ୍ତର ପ୍ରଦେଶରେ ହିନ୍ଦୀକୁ ମାତୃଭାଷା ଭାବରେ ପଢ଼ିଥାନ୍ତି । ତେଣୁ ପିଲାଟିର ଗୋଟିଏ ଭାଷା କେଉଁ ଭାଷା (ପ୍ରଥମ / ଦ୍ୱିତୀୟ / ତୃତୀୟ) ଭାବରେ ଶିଖୁଛି, ସେହି ଅନୁସାରେ ଭାଷା ପାଠ୍ୟକ୍ରମ ଓ ଭାଷା ଶିକ୍ଷାଦାନର ପଦ୍ଧତି ଓ ସାମଗ୍ରୀ ସେହି ଅନୁସାରେ ସ୍ଥିର ହେବ । କିନ୍ତୁ ସିକିମ୍ ରାଜ୍ୟରେ ପ୍ରଥମରୁ ପିଲାମାନେ ଇଂରାଜୀରେ ପଢ଼ିଥାନ୍ତି ଏବଂ ନିଜ ମାତୃଭାଷାକୁ ଦ୍ୱିତୀୟ ଭାଷା ଭାବରେ ପଢ଼ିଥାନ୍ତି । ଏହି ପରିସ୍ଥିତିରେ ଶିକ୍ଷକ କିଭଳି ଉପାୟ ଓ ପଦ୍ଧତି ଅବଲମ୍ବନ କରିବେ, କିଭଳି ପାଠ ଯୋଜନା ପ୍ରସ୍ତୁତ କରିବେ..... ସେ ବିଷୟରେ ଆଲୋଚନା କରିବା ।

## ଆଲୋଚନା ଓ ପ୍ରତିଫଳନ

- ଯେତେବେଳେ ପିଲାମାନେ ଦ୍ୱିତୀୟ ଓ ତୃତୀୟ ଭାଷା ଶିଖିବାକୁ ଯାନ୍ତି, ସେତେବେଳକୁ ସେମାନେ ସେମାନଙ୍କର ମାତୃଭାଷାରେ କଥାବାର୍ତ୍ତା କରିପାରିଥାନ୍ତି, ଅକ୍ଷର ପଢ଼ି ପାରିଥାନ୍ତି ଓ ଲେଖିପାରିଥାନ୍ତି । ତାହା ହେଲେ କ'ଣ ଶିକ୍ଷକ ତୃତୀୟ ଭାଷା ବଢ଼ାଇବା ଆରମ୍ଭ କଲାବେଳେ ଅକ୍ଷର ଲେଖା ବା ଶବ୍ଦ ଲେଖାରୁ ଆରମ୍ଭ କରିବେ । ?
- ଆମ ରାଜ୍ୟରେ କେତୋଟି ଭାଷା ଶିକ୍ଷା ଦିଆଯାଏ ? ଆମ ରାଜ୍ୟରେ ତିନି-ଭାଷା ନୀତି କ'ଣ ଠିକ୍ ଭାବରେ ପ୍ରଣିତ ହୋଇଛି ।

## ପାଠ୍ୟକ୍ରମ ଓ ଭାଷା : ଶିକ୍ଷଣ କ୍ଷେତ୍ରରେ ଭାଷା ଶିକ୍ଷଣର ପ୍ରାଥମିକତା

ପ୍ରତ୍ୟେକ ଶିକ୍ଷକ ଜଣେ ଭାଷା ଶିକ୍ଷକ କାରଣ ଯେ କୌଣସି ବିଷୟ ପଢ଼ାଇବା ପାଇଁ ଭାଷାର ଭୂମିକା ଯଥେଷ୍ଟ ରହିଛି । ଗଣିତ, ବିଜ୍ଞାନ, ସାମାଜିକ ପାଠ ପଢ଼ାଇବା ସମୟରେ ଭାଷା ଶିକ୍ଷଣ ହୋଇଥାଏ । ବିଷୟବସ୍ତୁ ଓ ତା'ର ଧାରଣା ଭାଷା ମାଧ୍ୟମରେ ହିଁ ବଢ଼ନ୍ତି । ଯେ କୌଣସି ବିଷୟରେ ଯୋଜନା କଲାବେଳେ ଶିକ୍ଷଣକାର୍ଯ୍ୟ ଗୁଡ଼ିକ ଉଭୟ ବିଷୟବସ୍ତୁ ଓ ଭାଷା ଆଧାରରେ ହେଲେ ଉଭୟ ଭାଷାଦକ୍ଷତା ଏବଂ ବିଷୟବସ୍ତୁ ଧାରଣାର ଅଭିବୃଦ୍ଧି ହେବ । ଏପରି ହେଲେ ହିଁ ପିଲାମାନଙ୍କର ଶିକ୍ଷଣ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ ହେବ । ନିମ୍ନଲିଖିତ ଦୁଇଟି କାର୍ଯ୍ୟକୁ ଲକ୍ଷ୍ୟ କରନ୍ତୁ.....

Module 10

## କାର୍ଯ୍ୟ – ୧

ପିଲାମାନଙ୍କୁ ୪ଟି ଦଳରେ ବିଭକ୍ତ କରାଗଲା। ପଡ଼ୋଶୀ ଲୋକମାନେ 'ଜଳ' କିପରି ବ୍ୟବହାର କରନ୍ତି ନିରୀକ୍ଷଣ କରିବାକୁ କୁହାଗଲା ଓ ସେ ବିଷୟରେ କିଛି ଶବ୍ଦ ଡ୍ରଇଁ ସିଟ୍‌ରେ ଲେଖି କାନ୍ଥରେ ଟାଙ୍ଗିବାକୁ କୁହାଗଲା। ପ୍ରତ୍ୟେକ ଦଳକୁ ସେହି ଶବ୍ଦ ବ୍ୟବହାର କରି ବିଜ୍ଞାନ / ପରିବେଶ / ସାମାଜିକ ପାଠ ବିଷୟରେ ଗୋଟିଏ ଗୋଟିଏ ଅନୁଚ୍ଛେଦ ଲେଖିବା ପାଇଁ କୁହାଗଲା।

## କାର୍ଯ୍ୟ– ୨

**ପ୍ରକଳ୍ପ କାର୍ଯ୍ୟ :**

ପ୍ରକଳ୍ପ କାର୍ଯ୍ୟ ଏପରି ଏକ ବ୍ୟବସ୍ଥା ଯେଉଁଥିରେ ପିଲାମାନେ ପ୍ରତ୍ୟେକ ବିଷୟରୁ କିଛି କିଛି ଶିଖିବାର ସୁଯୋଗ ପାଇଥାନ୍ତି।

**ପ୍ରକଳ୍ପର ନାମ** : ଏକ ଐତିହାସିକ ସ୍ଥାନ ପରିଭ୍ରମଣ

**ବିଷୟ** : ଭୂଗୋଳ, ଇତିହାସ, ଭାଷା.....

**ଭାଷା ଦକ୍ଷତା** : ଶ୍ରବଣ, କଥନ, ପଠନ, ଲିଖନ, ବିଶ୍ଳେଷଣ ଓ ସମାଲୋଚନା ମୂଳକ ଚିନ୍ତନ ଏହି ପ୍ରକଳ୍ପ ପାଇଁ ପିଲାମାନେ ନିକଟସ୍ଥ ଏକ ଐତିହାସିକ ସ୍ଥାନ ପରିଭ୍ରମଣ କରିବାକୁ ଯାଇପାରିବେ। ଶିକ୍ଷକ ସେମାନଙ୍କୁ ଏକ ଯଥାକ୍ରମ (Itinerary) ପ୍ରସ୍ତୁତ କରିବା ପାଇଁ କହିପାରିବେ। ଏଥିପାଇଁ ଶିକ୍ଷକ ଯିବା ପାଇଁ ଏବଂ ରହିବା ପାଇଁ ସାହାଯ୍ୟ କରିବେ।

## ପିଲାମାନେ କ'ଣ କରିବେ .....

- ଭୌଗୋଳିକ ଅବସ୍ଥିତି ଦେଖିବେ
- ସେଠାକାର ପାଣିପାଗ ଓ ଜଳବାୟୁ ଦେଖିବେ
- ଐତିହାସିକ ଗୁରୁତ୍ୱ
- ଜାଗାର ସ୍ଥାପତ୍ୟ, କାରକାର୍ଯ୍ୟ ଓ ସୌନ୍ଦର୍ଯ୍ୟ
- ସେଠାକାର ଭାଷା
- ବିଭିନ୍ନ ଲେଖା ଫଳକ ଓ ସେଠାରେ ଲେଖାଥିବା ବିଷୟବସ୍ତୁ

Module 10

- ପରିବେଶ ସଂପର୍କିତ ତଥ୍ୟ – ବର୍ଜ୍ୟବସ୍ତୁ ଡଷ୍ଟବିନ୍, ଜଳ ଓ ପରିମଳ ବ୍ୟବସ୍ଥା....

ପରିଭ୍ରମଣ ଶେଷ ହେବାପାରେ ପିଲାମାନେ ନିଜ ଅନୁଭୂତି ବିଷୟରେ ଏକ ବିବରଣୀ ପ୍ରସ୍ତୁତ କରିବେ।

ବର୍ତ୍ତମାନ ଦେଖିବା ପିଲାମାନଙ୍କୁ ଇଂରାଜୀ ସହିତ ପରିଚିତ କରିବା ପାଇଁ ଜଣେ ଶିକ୍ଷୟିତ୍ରୀ କ'ଣ କଲେ –

## ଶିକ୍ଷକଙ୍କ ପାଇଁ ଅଭ୍ୟାସ

ବରଗଡ଼ ଜିଲ୍ଲାର ଶିକ୍ଷୟିତ୍ରୀ ସୁଶ୍ରୀ ରେଖା ମିର୍ଦ୍ଧା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ପଢ଼ାନ୍ତି। ପିଲାମାନେ କିପରି ନିଜ ମାତୃଭାଷା କହିବା ସହିତ ଇଂରାଜୀରେ ମଧ କଥାବାର୍ତ୍ତା କରିବେ ସେଥିପାଇଁ ସହାୟତା ଦିଅନ୍ତି। ଉଭୟ ଇଂରାଜୀ ଏବଂ ନିଜ ମାତୃଭାଷାରେ ଶିଶୁ ସଙ୍ଗୀତ (Rhyme) ଗାଇବା ପାଇଁ ପିଲାମାନଙ୍କୁ ଅଭ୍ୟାସ କରାନ୍ତି। ସେ ବିଭିନ୍ନ ଜିନିଷର ନାମ ବଡ଼ବଡ଼ ଅକ୍ଷରରେ ଲେଖି କାନ୍ଥରେ ଝୁଲାଇ ଦିଅନ୍ତି ଯାହା ଦ୍ୱାରା ପିଲାମାନେ ସେଗୁଡ଼ିକୁ ଦେଖିବେ ଓ ପଢ଼ିବା ପାଇଁ ଚେଷ୍ଟା କରିବେ। ସେ ଇଂରାଜୀରେ ନିମ୍ନଲିଖିତ ନୀତିଦିନିଆ କଥାବାର୍ତ୍ତା ବାକ୍ୟ ଗୁଡ଼ିକୁ ଅଭ୍ୟାସ କରାନ୍ତି, ଯେପରି –

May I come in?

How are you?

Can I borrow your pen?

May I go to toilet?

What is the price of your bag?

Would you mind switching off the light?

I beg your pardon.

Keep quiet.

ସେ ତାଙ୍କର ପିଲାମାନେ କିପରି ଓଡ଼ିଆରେ ଓ ଇଂରାଜୀରେ ଜିନିଷର ନାମ ସବୁ ଲେଖିବେ ସେଥିପାଇଁ ଶ୍ରେଣୀ ଗୃହରେ ବ୍ୟବସ୍ଥା କରିଛନ୍ତି। ଇଂରାଜୀରେ କିଛି ବାକ୍ୟ (This is a door. These are windows........) କାନ୍ଥରେ ଲେଖିଛନ୍ତି। ତାଙ୍କର ଯୁକ୍ତି ହେଉଛି ଯେ ଏହି ଭଳି ଲେଖିବା ଦ୍ୱାରା ପିଲାମାନେ ଭାଷାର ସାମଗ୍ରିକ ଶୈଳୀ ବୁଝିବେ। ଏହା ଦ୍ୱାରା ଇଂରାଜୀ ଭାଷା ମଧ ସେମାନଙ୍କୁ ପରିଚିତ ଲାଗିବ।

## ଏକ ଭାଷା ସମୃଦ୍ଧ ପରିବେଶ

Module 10

ପିଲାମାନେ ଏକ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ ପରିସ୍ଥିତିରେ ଭଲ ଭାବରେ ଶିଖିଥାନ୍ତି। ଏହାକୁ କୁହାଯାଏ – ନିଜେ କରି ଶିଖିବା। କାରଣ ଜଣେ ପହଁରିବାର ସୂତ୍ର ଘୋଷି ପହଁରିବା ଶିଖିପାରିବ ନାହିଁ। ସେଥିପାଇଁ ତାକୁ ପହଁରିବା ପାଇଁ ପଡ଼ିବ। ଭାଷା ଶିକ୍ଷଣର ଉଦ୍ଦେଶ୍ୟ ହେଲା ପିଲାମାନଙ୍କୁ ଭାଷା ବ୍ୟବହାର ମାଧ୍ୟମରେ ଭାଷା ଶିଖାଇବା। ଶିକ୍ଷକ ଜାଣିଛନ୍ତି ଏବଂ ଜାଣିବା ଉଚିତ୍ ମଧ୍ୟ ପିଲାମାନେ ବାକ୍ୟରେ ଥିବା ପ୍ରତ୍ୟେକ ଶବ୍ଦର ବ୍ୟବହାରର ବ୍ୟାକରଣ ଜାଣି ଭାଷା ଶିଖନ୍ତି ନାହିଁ। ଭାବ ବିନିମୟ ଭିତରେ ଭାଷା ସଂଯୋଜନାର ନିୟମଗୁଡ଼ିକ ଶିଖି ଯାଇଥାନ୍ତି ଏବଂ ଅନ୍ୟ ପରିସ୍ଥିତିରେ ସେହି ନିୟମ ବ୍ୟବହାର କରି ଭାଷା ଶିଖିପାରନ୍ତି। ଶ୍ରେଣୀ ଗୃହରେ କେବଳ ଚିତ୍ର, ଶବ୍ଦ, ବାକ୍ୟ ଲେଖିଦେଲେ ହେବ ନାହିଁ, ଏଥିପାଇଁ ନିଜନିଜ ଭିତରେ କିପରି ଅନୌପଚାରିକ ଭାବରେ କଥାବାର୍ତ୍ତା କରିବେ ସେ ବିଷୟରେ ବ୍ୟବସ୍ଥା କରିବା ଦରକାର। ଏହା ସହିତ ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ପୁସ୍ତକରେ ଥିବା ଭାଷା ଏବଂ ଶିକ୍ଷକଙ୍କ ଭାଷା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ପିଲାପିଲା ମଧ୍ୟରେ କଥାବାର୍ତ୍ତା, ପିଲା ଶିକ୍ଷକଙ୍କ ମଧ୍ୟରେ କଥାବାର୍ତ୍ତା, ଅନ୍ୟମାନଙ୍କ ସହ କଥାବାର୍ତ୍ତା ପିଲାମାନଙ୍କୁ ଭାଷା ଶିଖିବାରେ ଉପଯୋଗୀ ହୋଇଥାଏ।

କମିନ୍ସ ଓ ସ୍ୱାଇଁଙ୍କ ମତରେ ପିଲାମାନେ ଉଭୟ ମୌଳିକ ପାରସ୍ପରିକ ଭାବ ବିନିମୟ ଦକ୍ଷତା (Basic Interpersonal Communicative Skill- BICS) ଏବଂ ଜ୍ଞାନାତ୍ମକ ଉଚସ୍ତରୀୟ ଭାଷା ପ୍ରବୀଣତା (Cognitively Advanced Language Proficiency- CALP) ରେ ପାରଦର୍ଶିତା ହାସଲ କରିବା ଉଚିତ୍। ଏଥିରୁ ମୌଳିକ ପାରସ୍ପରିକ ଭାବ ବିନିମୟ ଦକ୍ଷତା ପିଲାମାନଙ୍କର ଭାଷା ଶିକ୍ଷଣରେ ବେଶୀ ସହାୟକ ହୋଇଥାଏ କାରଣ ସହପାଠୀଙ୍କ ସହିତ କଥାବାର୍ତ୍ତା କଲାବେଳେ ଅନୌପଚାରିକ ଭାବରେ ଏହା ଘଟିଥାଏ। ଯେଉଁଠାରେ ପିଲାମାନଙ୍କ ପାଇଁ ଏଭିଭଳି ଅନୌପଚାରିକ ପରିବେଶ ମିଳେ ନାହିଁ, ସେଠାରେ ଶିକ୍ଷାଦାନ– ଶିକ୍ଷଣ ମାଧ୍ୟମରେ ଜ୍ଞାନାତ୍ମକ ଉଚ୍ଚସ୍ତରୀୟ ଭାଷା ପ୍ରବୀଣତା (CALP) ଉପାୟ ଅବଲମ୍ବନ କରାଯାଏ। ଏହା ସାଧାରଣତଃ ଶିକ୍ଷାଦାନ–ଶିକ୍ଷଣ ମାଧ୍ୟମରେ ହିଁ ସମ୍ଭବ ହୋଇଥାଏ।

Module 10

## ଭାଷା ଶିକ୍ଷଣର କୌଶଳ

- ଶ୍ରେଣୀରେ ଏକ ଶିକ୍ଷଣ ଅନୁକୂଳ ପରିବେଶ ସୃଷ୍ଟି କରନ୍ତୁ ଯେଉଁଠାରେ ପ୍ରତ୍ୟେକ ପିଲା ଅଂଶ ଗ୍ରହଣ କରିପାରିବେ।
- ଭାଷା ଶିକ୍ଷଣକୁ ପିଲାର ଦୈନନ୍ଦିନ ଜୀବନ, ସଂସ୍କୃତି ଏବଂ ସମାଜ ସହିତ ଯୋଡନ୍ତୁ।
- ଶ୍ରେଣୀରେ ଯୋଡିକାର୍ଯ୍ୟ, ଦଳଗତକାର୍ଯ୍ୟ, କଥାବାର୍ତ୍ତା ଓ ଆଲୋଚନା ଭଳି କୌଶଳ ବ୍ୟବହାର କରନ୍ତୁ।
- ଦଳରେ ଶିକ୍ଷଣ, ଆଲୋଚନା ମୂଳକ ପଠନ ଓ ପଠନ ଅଭ୍ୟାସ ବଢ଼ାଇବା ପାଇଁ ଶ୍ରେଣୀ ପାଠାଗାର ସୃଷ୍ଟି କରନ୍ତୁ।
- ୪ଟି ଭାଷା ଦକ୍ଷତା ବଢ଼ାଇବା ପାଇଁ ଗଳ୍ପ କଥନ ଓ ଏକକ ଅଭିନୟ ଭଳି କୌଶଳ ବ୍ୟବହାର କରନ୍ତୁ।
- ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା ଆଧାରରେ ଭାଷା ଶିକ୍ଷଣ କାର୍ଯ୍ୟ କରନ୍ତୁ।
- ମ୍ୟାଗାଜିନ୍, ଖବର କାଗଜ, ମୋବାଇଲ୍ .... ଆଦି ବ୍ୟବହାର କରି ଶିକ୍ଷଣ କାର୍ଯ୍ୟକୁ ଆଗ୍ରହୋଦ୍ଦୀପକ କରନ୍ତୁ।

## ଆଲୋଚନା ଓ ପ୍ରତିଫଳନ

- ଜଣେ ଶିକ୍ଷକ ବିଦ୍ୟାଳୟ ତଥା ଶ୍ରେଣୀଗୃହରେ କିପରି ଏକ ଭାଷା ସମୃଦ୍ଧ ପରିବେଶ ସୃଷ୍ଟି କରିପାରିବେ ?
- ଗୋଟିଏ ଶ୍ରେଣୀରେ ଶିକ୍ଷକ କିପରି ମୌଳିକ ପାରସ୍ପରିକ ଭାବ ବିନିମୟ ଦକ୍ଷତା (BICS) ଓ ଜ୍ଞାନାତ୍ମକ ଉଚ୍ଚସ୍ତରୀୟ ଭାଷା ପ୍ରବୀଣତା (CALP) କୌଶଳ ଉପଯୋଗ କରିପାରିବେ ?

ଏହି ପ୍ରଦର୍ଶିକାରେ ନିମ୍ନ ପ୍ରାଥମିକ ସ୍ତରଠାରୁ ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ କିଛି ଉଦାହରଣ ଦିଆଯାଇଛି। ଆପଣ ଶ୍ରେଣୀ ଓ ପରିସ୍ଥିତି ଅନୁସାରେ ଏହାର ପରିବର୍ତ୍ତନ କରିପାରିବେ।

## ପ୍ରାଥମିକ ସ୍ତରରେ ଭାଷା ଓ ସାହିତ୍ୟ (୧ମ ଓ ୨ୟ ଶ୍ରେଣୀ ପାଇଁ)

ପିଲାମାନେ ଯେତେବେଳେ ବିଦ୍ୟାଳୟକୁ ଆସନ୍ତି, ସେତେବେଳକୁ ଅତି କମ୍‌ରେ ଗୋଟିଏ ଭାଷା ଉପରେ

Module 10

ମୌଖିକ ଭାବରେ ପାରଙ୍ଗମତା ହାସଲ କରିଥାନ୍ତି । ବାଲି, ଧୂଳିରେ ଗାରେଇବା, କାନ୍ଥରେ ଗାରେଇବା ତଥା କାଗଜପତ୍ରରେ ଗାରେଇବା ଇତ୍ୟାଦି ଅଭ୍ୟାସ ଫଳରେ ସେମାନେ ଲିଖନର ପ୍ରାକ୍ ଅଭିଜ୍ଞତା ପାଇଥାନ୍ତି । ପିଲାମାନଙ୍କର ଏହି ଅଭିଜ୍ଞତା ଦର୍ଶାଇ ଦିଏ ଯେ ପଠନ ଓ ଲିଖନ ପରସ୍ପର ସଂପର୍କିତ ଏବଂ ଏହା ସମନ୍ୱିତ ଭାବରେ ବୃଦ୍ଧି ହୁଏ । କ୍ଲେ (CLAY ୧୯୯୧) ଙ୍କ ମତରେ ପିଲାମାନେ ପ୍ରଥମେ ପଢ଼ିବା ଶିଖନ୍ତି ଓ ପରେ ଲେଖିବା ଶିଖନ୍ତି – ଏହା ଭୁଲ୍ । ଲେଖିବା, ପଢ଼ିବା ଠାରୁ ବେଳେବେଳେ ସହଜ । ପିଲାମାନଙ୍କ ବ୍ୟବହାରରୁ ଅନୁମେୟ ହୁଏ ଯେ ପିଲାମାନେ ଭାଷା ଦକ୍ଷତାଗୁଡ଼ିକୁ ଅଲଗା ଅଲଗା ଭାବରେ ଶିଖୁନଥାନ୍ତି ବରଂ ସମନ୍ୱିତ ଭାବରେ ଶିଖିଥାନ୍ତି । କୋପର (Kopar ୨୦୦୦) ଙ୍କ ମତରେ ଭାଷାର ଦକ୍ଷତାଗୁଡ଼ିକ, ଯଥା- ପଢ଼ିବା, କହିବା, ଲେଖିବା, ଚିନ୍ତା କରିବା .... ଇତ୍ୟାଦି ସମନ୍ୱିତ ଭାବରେ ଅଭିବୃଦ୍ଧି ହୁଏ । ଆମର ଶ୍ରେଣୀ କାର୍ଯ୍ୟରେ ଏହା ପ୍ରତିଫଳିତ ହେବା ବିଧେୟ । ଯେ କୌଣସି ପରିବେଶରେ ପଠନର ଉଦ୍ଦେଶ୍ୟ ହେଲା ଗୋଟିଏ ଲେଖାର ଅର୍ଥ ବୁଝିବା । ଏହା ପ୍ରତ୍ୟେକ ଶବ୍ଦର ଅର୍ଥ ବାହାର କରିବା ନୁହେଁ ।  ବରଂ ସାମଗ୍ରିକ ଭାବରେ ଲେଖାଟିର ପ୍ରାସଙ୍ଗିକ ଅର୍ଥ ବାହାର କରିବା । ସିହ୍ନା (Sinha- ୨୦୦୦)ଙ୍କ ମତରେ ପଠନ କେବଳ ଧ୍ୱନି ଅନୁସାରେ ଉଚ୍ଚାରଣ କରିବା ନୁହେଁ, ବରଂ ଅର୍ଥ (Semantics) ବାକ୍ୟ ବିନ୍ୟାସ(Syntactic) ଓ ଲିପି ଅଧ୍ୟୟନ(Grampho-Phonic) ଉପରେ ପର୍ଯ୍ୟବେସିତ ।

ପଠନ ଓ ଲିଖନ ଉଭୟର ଉଦ୍ଦେଶ୍ୟ ହେଉଛି ଅର୍ଥ ଗ୍ରହଣ । ପିଲାମାନେ ସେମାନଙ୍କ ପୂର୍ବ ଅନୁଭୂତି ଓ ପ୍ରାସଙ୍ଗିକତାକୁ ଦେଖି ଅର୍ଥ ବାହାର କରିଥାନ୍ତି । ତେଣୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁରୁଣା ପଦ୍ଧତି ଅବଲମ୍ବନ ନ କରି ପିଲାମାନଙ୍କୁ ସୁଯୋଗ ଦେଇ ସୃଜନଶୀଳ ଉପାୟରେ ଭାଷା ଶିକ୍ଷଣ କାର୍ଯ୍ୟ କରିବା ବିଧେୟ ।

Module 10

## ଶିଶୁ ସାହିତ୍ୟ (Literature for teh Children)

ପିଲାମାନେ ସେହି ବହି ଗୁଡ଼ିକ ପଢ଼ିବା ଉଚିତ୍ ଯାହା ସେମାନଙ୍କର ସାକ୍ଷରତା ଦକ୍ଷତା ବୃଦ୍ଧି କରିବ। ପ୍ରାଥମିକ ସ୍ତରରେ ଶିଶୁ ସାହିତ୍ୟ ପିଲାମାନଙ୍କ ପଠନ ପାଇଁ ଏକ ଉତ୍ତମ ପଠନ ସାମଗ୍ରୀ। ଏହା ପିଲାମାନଙ୍କର ଭାଷା ଓ ସାକ୍ଷରତା ଦକ୍ଷତା ବୃଦ୍ଧିରେ ଖୁବ୍ ସହାୟକ ହୋଇଥାଏ। ଏହା ପିଲାମାନଙ୍କ ଭିତରେ ପଠନ ପ୍ରତି ଏକ ସ୍ୱତଃସ୍ଫୁର୍ତ୍ତ ଆଗ୍ରହ ସୃଷ୍ଟି କରିଥାଏ। ଗଳ୍ପ ପଠନ ପିଲାମାନଙ୍କ ପାଇଁ ଭାଷା ଶିକ୍ଷଣର ଏକ ଉତ୍ତମ ଉପାୟ ଭାବରେ କାମ କରେ। ଏହା ସେମାନଙ୍କ ଭିତରେ ଅଧିକରୁ ଅଧିକ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିଥାଏ। ତେଣୁ ପିଲାମାନଙ୍କ ବୟସ, ଭାଷା ଦକ୍ଷତା, ଅଭିଜ୍ଞତା ଓ ଆଗ୍ରହ ଆଧାରରେ ପଠନ ସାମଗ୍ରୀ ବାଛିବା ବାଞ୍ଛନୀୟ। ନିମ୍ନରେ କେତୋଟି ଉଦାହରଣ ଦିଆଗଲା-

- ଚିତ୍ର - ଗଳ୍ପ ବହି
- ପରୀ ଗଳ୍ପ
- ପଶୁ-ପକ୍ଷୀ ଗଳ୍ପ
- ଲୋକ କଥା ଓ ଗୀତ
- ପୌରାଣିକ ଓ କିମ୍ବଦନ୍ତୀ ମୂଳକ ଲେଖା
- ଭ୍ରମଣ ଓ ଦୁଃସାହାସିକ କାହାଣୀ
- ଇତିହାସର ବୀରମାନଙ୍କ କାହାଣୀ

## ନିମ୍ନରେ ଦିଆଯାଇଥିବା ଏହି ଗପ ଓ ଏହାକୁ କିପରି ପଢ଼ାଇବେ ସେ ବିଷ

**ଉଦାହରଣ - ୧**

ଗପ - ବାଘ ରାଜାର ପୁଅ ବାହାଘର

ଲେଖକ - ଶରତ କୁମାର ନାୟକ

ପ୍ରକାଶକ - ୟୁନିସେଫ୍ ଓଡ଼ିଶା

ଶ୍ରେଣୀ - ପ୍ରଥମେ ଓ ଦ୍ୱିତୀୟ

**ସଂକ୍ଷେପରେ ଗପ** - (ଝାଡ ଜଙ୍ଗଲର ବାଘ ରାଜାଙ୍କ ରାଜପୁତ୍ର ସହିତ ଚନ୍ଦକା ଜଙ୍ଗଲର ରାଜକନ୍ୟାର ବାହାଘର ଭାଙ୍ଗିଯିବାରୁ ରାଜା ଚିନ୍ତାରେ ପଡ଼ିଥାନ୍ତି। ଝାଡ ଜଙ୍ଗଲରେ ପାଇଖାନା ନଥିବାରୁ ବାହାଘର ଭାଙ୍ଗି ଥିଲା। ପାଇଖାନାର

ଗୁରୁତ୍ୱ ବିଷୟରେ ମାଙ୍କଡ ବଇଦ ରାଜାଙ୍କୁ ବୁଝାଇଛି ଏବଂ ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ମାଙ୍କଡ଼ ବଇଦ ସବୁ ପଶୁପକ୍ଷୀଙ୍କୁ ପାଇଖାନା ବିଷୟରେ ବୁଝାଇଛି । ମଣିଷମାନେ କିପରି ପାଇଖାନା ବ୍ୟବହାର କରୁଛନ୍ତି, ପାଇଖାନା ନ ଥିବାରୁ କିପରି ପଶୁପକ୍ଷୀମାନେ ଡାଇରିଆରେ ମରୁଛନ୍ତି .... ଇତ୍ୟାଦି । .... ଶେଷରେ ଝାଡ ଜଙ୍ଗଲରେ ପାଇଖାନା ହୋଇଛି ଏବଂ ରାଜପୁତ୍ରର ବାହାଘର ମଧ୍ୟ ହୋଇଛି ।

ଏହା ଏକ ଚିତ୍ର-ଥିବା ଗପ । ଏହି ଗପଟି ପରିମଳ ଆଧାରିତ । ଏଠାରେ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ସହିତ କିଛି ମଜା କଥା ମଧ୍ୟ ରହିଛି । ଯାହା ପିଲାମାନଙ୍କୁ ଆଗ୍ରହ ଦେବ ।

## ସୋପାନ-୧ (ଗଳ୍ପଟିକୁ କିପରି ଆଗେଇ ନେବେ)

- ପିଲାମାନଙ୍କ ମଧ୍ୟରେ ଚିନ୍ତନ, ନୂଆ ଶବ୍ଦ, ନୂଆ ଭାବନା .... ସୃଷ୍ଟି କରିବା ପାଇଁ ପ୍ରଥମେ ଶିକ୍ଷକ ଗପଟିର ମୁଖ୍ୟ ପୃଷ୍ଠା (Cover Page) ଦେଖାଇ କିଛି କହିବା ପାଇଁ ଉତ୍ସାହିତ କରିବେ ।
- ଗପଟିକୁ ଚିତ୍ରରୁ ଆରମ୍ଭ କରନ୍ତୁ । ପିଲାମାନଙ୍କୁ ଅନୁମାନ କରିବାକୁ କୁହନ୍ତୁ । ଏହାର ଯଥାଯଥ କାରଣ ବର୍ଣ୍ଣନା କରିବାକୁ କୁହନ୍ତୁ ।
- ଚିତ୍ର ଆଧାରିତ ଏକ ନିର୍ଦ୍ଦିଷ୍ଟ ଗପ ମନରେ ରଖି ଶ୍ରେଣୀକୁ ଯାଆନ୍ତୁ ନାହିଁ । ପିଲାମାନଙ୍କ କୌତୁହଳ ଓ କଳ୍ପନା ଆଧାରରେ ଗପଟିକୁ ଆଗେଇ ନିଅନ୍ତୁ ।
- ଗପରେ ଥିବା ଚରିତ୍ରଗୁଡ଼ିକର ନାମ ମଧ୍ୟ ପିଲାଙ୍କ ମାଧ୍ୟମରେ କରନ୍ତୁ । ଚିନ୍ତା ଓ ପ୍ରତ୍ୟାଶାମୂଳକ ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କର କଳ୍ପନା ଶକ୍ତିର ବିକାଶ କରନ୍ତୁ । ଯେପରି - ଏହାପରେ କ'ଣ ହେବ ? ରାଜପୁତ୍ର ଯଦି ବାହା ହେବା ପାଇଁ ମନା କରେ କ'ଣ ହେବ ? .... ଇତ୍ୟାଦି ।
- ଏହିଭଳି ଏକାଧିକ ଗପ ବହି ଶିକ୍ଷଣ କୋଣରେ ରଖନ୍ତୁ । କିଛି ବହିର ନାମ ପ୍ରଦର୍ଶନ ବୋର୍ଡ଼ରେ ଲେଖି ଦିଅନ୍ତୁ ।

Module 10

## ସୋପାନ -୨ (ଗପ ପଢ଼ିବା ଏବଂ ଲେଖିବା)

- ଏବେ ପିଲାମାନଙ୍କୁ ଗପଟିକୁ କହିବା ପାଇଁ କୁହନ୍ତୁ।
- ଗପର ଚାର୍ଟ ପ୍ରସ୍ତୁତ କରି ଟାଙ୍ଗନ୍ତୁ ଏବଂ ବାକ୍ୟ ତଳେ ଆଙ୍ଗୁଳି ରଖି ବଡ଼ ପାଟିରେ ପଢ଼ନ୍ତୁ।

## ସୋପାନ ୩ : ପର୍ଯ୍ୟବେକ୍ଷଣ

ଜଙ୍ଗଲରେ ରହୁଥିବା ଓ ଗାଁରେ ରହୁଥିବା ପଶୁ ପକ୍ଷୀଙ୍କ ବିଷୟରେ ବର୍ଣ୍ଣନା କରିବାକୁ କୁହନ୍ତୁ। ନିଜ ମାତୃଭାଷାରେ ମଧ୍ୟ କହିବାକୁ ଉତ୍ସାହିତ କରନ୍ତୁ। ଏହା ବହୁଭାଷୀ ଶ୍ରେଣୀ ପାଇଁ ବେଶ ଉପଯୋଗୀ ହୋଇଥାଏ।

## ସୋପାନ-୪ : ପର୍ଯ୍ୟବେକ୍ଷଣ ଚାର୍ଟ

ଏଥିରେ ଆପଣ କଳା ଶିକ୍ଷାକୁ ସମନ୍ୱିତ କରିପାରିବେ। ପିଲାମାନଙ୍କୁ ଗପ ଆଧାରିତ ଚିତ୍ର କରିବାକୁ କୁହନ୍ତୁ। ଚିତ୍ର ଯୋଡ଼ି ଛୋଟ ଗପ ବହି ତିଆରି କରିବାକୁ କୁହନ୍ତୁ। ସେଗୁଡ଼ିକୁ ମଧ୍ୟ ଶ୍ରେଣୀରେ ରଖନ୍ତୁ।

- ଏହାପରେ ପିଲାମାନଙ୍କୁ ପରିବେଶ ବିଷୟରେ କହିବାକୁ କୁହନ୍ତୁ।
- ରଙ୍ଗ, ସଂଖ୍ୟା, ଆକାର, ଆକୃତି, ପଶୁ ପକ୍ଷୀ ମାନଙ୍କ ରାବ ବିଷୟରେ କହିବାକୁ କୁହନ୍ତୁ।
- ଘର ବାହାରେ ପଶୁ ପକ୍ଷୀଙ୍କ ପାଇଁ ପାଣି ରଖିବା ପାଇଁ କୁହନ୍ତୁ।

ଏହି କାର୍ଯ୍ୟ ସମୟରେ ପିଲାମାନଙ୍କର ଭାଷା ଦକ୍ଷତା, ଭାବବିନିମୟ ଦକ୍ଷତା, ଅଂଶ ଗ୍ରହଣ ଏବଂ ସଂପୃକ୍ତ ତଥା ଅନୁଭୂତି ବ୍ୟକ୍ତ କରିବା ଇତ୍ୟାଦି ଆକଳନ କରନ୍ତୁ।

## ଛୋଟ ପିଲାମାନଙ୍କୁ ଗପ କହିବା କିପରି

ଗଳ୍ପ କଥନ ଭାଷା ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ। ଏହା ପିଲାମାନଙ୍କୁ ଭାଷା ଶିକ୍ଷଣ ପ୍ରତି ଆଗ୍ରହାନ୍ୱିତ କରାଏ ତଥା ଭାଷା ପ୍ରକାଶ କରିବାର ଦକ୍ଷତା ବଢ଼ାଏ। ଗଳ୍ପ ସବୁ ବୟସର ଲୋକଙ୍କ କଳ୍ପନା ଶକ୍ତିକୁ ଋଦ୍ଧିମନ୍ତ କରିଥାଏ। ବିଶେଷ କରି ପିଲାମାନଙ୍କୁ ବେଶୀ ସୃଜନଶୀଳ କରିଥାଏ। ଗପ ଶୁଣିବା ଦ୍ୱାରା ଭାଷାର ମୌଖିକ ଉଚ୍ଚାରଣ ସହିତ ପରିଚିତ ହୋଇଥାନ୍ତି।

Module 10

ବହୁତଗୁଡ଼ିଏ ଶିଶୁ ଗଳ୍ପରେ କିଛି ବାକ୍ୟ ବା ଖଣ୍ଡ ବାକ୍ୟ ବାରମ୍ବାର ବ୍ୟବହୃତ ହୋଇଥାଏ। ଶିକ୍ଷକ ସେହିଭଳି ଗଳ୍ପ ବାଛିବା ଦରକାର ଯେଉଁଥିରେ ଚିତ୍ର ଥିବ ଏବଂ କିଛି ବାକ୍ୟ ବାରମ୍ବାର ଲେଖା ହୋଇଥିବ। ଗପଟିକୁ ବାରମ୍ବାର କହିବା ଦ୍ୱାରା ଯଥେଷ୍ଟ ଶୁଣିବାର ସୁଯୋଗ ମିଳିଥାଏ। ଏହା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ଶବ୍ଦ ସଂସ୍ପର୍ଶରେ ଆସିଥାନ୍ତି। କହିବାର ଶୈଳୀ ମଧ୍ୟ ଶିଖିଥାନ୍ତି।

**ଉଦ୍ଦେଶ୍ୟ:**

- ଉଦ୍ଦିଷ୍ଟ ଭାଷା ଶିଖିବା ପାଇଁ ଏକ ପ୍ରାସଙ୍ଗିକ ପରିବେଶ ସୃଷ୍ଟି କରିବା।
- ସାମାଜିକ - ବ୍ୟକ୍ତିଗତ ଗୁଣାବଳୀର ବିକାଶ କରିବା।
- ସହାନୁଭୂତି, ସମାନୁଭୂତି ଓ ସଦ୍‌ଭାବ ଭଳି ଗୁଣର ବିକାଶ କରିବା।
- ପିଲାମାନଙ୍କୁ କଳାତ୍ମକ ଭାବରେ ପ୍ରକାଶ କରିବା ପାଇଁ ସାହାଯ୍ୟ କରିବା।
- ବୁଝିବା, ବିଶ୍ଳେଷଣାତ୍ମକ ଭାବେ ଚିନ୍ତା କରିବା ସହିତ ଶୁଣିବା, କହିବା, ପଢ଼ିବା, ଲେଖିବା ଦକ୍ଷତାର ବିକାଶ କରିବା।
- କଳ୍ପନା ଶକ୍ତି ଓ ସୃଜନୀ ଶକ୍ତିର ବିକାଶ କରିବା।
- ପିଲାମାନଙ୍କର ପୁନଗଳ୍ପକଥନ ସମୟରେ ସେମାନଙ୍କର କଳ୍ପନା ଶକ୍ତି ଏବଂ ସୃଜନୀ ଶକ୍ତି, ଶବ୍ଦ ସଂଯୋଜନା ଏବଂ ସ୍ୱର ଉତ୍ଥାନ ପତନ ଭଳି ଦକ୍ଷତାର ଆକଳନ କରିବା।

**ଉଦାହରଣ -୨**

## ଶିକ୍ଷଣ କାର୍ଯ୍ୟ-୧ (ନୂଆ ଶିକ୍ଷାର୍ଥୀଙ୍କ ପାଇଁ)

ନୂଆ କରି ବିଦ୍ୟାଳୟକୁ ବା ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କ ପାଇଁ ଚିତ୍ର ଥିବା ଗପ ବାଛିବା ଉଚିତ୍ ଯେଉଁଥିରେ କିଛି ବାକ୍ୟ ବା ଖଣ୍ଡ ବାକ୍ୟ ବାରମ୍ବାରା ଥିବ। ଗପଟିକୁ ବାରମ୍ବାର କହିବା ଉଚିତ୍। ଗପର ଅଧାରୁ ପିଲାମାନଙ୍କୁ ଗପଟିକୁ ଆଗେଇ ନେବା ପାଇଁ କୁହନ୍ତୁ। ଭାଷାକୁ ପ୍ରବାହ (Chunk) ସହିତ ବ୍ୟବହାର କରିବା ଏକ ପ୍ରକୃଷ୍ଟ ଉପାୟ।

Module 10

## ଶିକ୍ଷଣ କାର୍ଯ୍ୟ-୨ (ପ୍ରାଥମିକ ଶ୍ରେଣୀ ଶିକ୍ଷାର୍ଥୀ ପାଇଁ)

- ପିଲାମାନଙ୍କୁ ନିଜେନିଜେ ଗପ ତିଆରି କରିବାକୁ କୁହନ୍ତୁ । ଜଣେ (ଶିକ୍ଷକ / ପିଲା) ଗପଟିକୁ ଆରମ୍ଭ କରନ୍ତୁ ଓ ତା'ପରେ ପ୍ରତ୍ୟେକ ପିଲା ବିଭିନ୍ନ ଘଟଣା, ପରିସ୍ଥିତି, ନୂଆ ଚରିତ୍ର.... ଇତ୍ୟାଦି ଯୋଡ଼ି ଗପଟିକୁ ଆଗେଇ ନିଅନ୍ତୁ। ଗପ କିହବା ସମୟରେ ପିଲାମାନେ ନୂଆ ଶବ୍ଦ ସଂଯୋଜନା, ସ୍ୱର ଉତ୍ଥାନ ପତନ, କୌତୂହଳ ପୂର୍ଣ୍ଣ ପରିସ୍ଥିତି.... ଇତ୍ୟାଦି ବ୍ୟବହାର କରନ୍ତୁ। ଏହି ସମୟରେ ପିଲାମାନଙ୍କର ଭାଷାଗତ ହେଉ ବା ବ୍ୟାକରଣ ଗତ.... କୌଣସି ପ୍ରକାର ଭୁଲ୍ ଧରନ୍ତୁ ନାହିଁ।
- ଏହି ପ୍ରକାର କାର୍ଯ୍ୟ ପିଲାମାନଙ୍କୁ ନିର୍ଭୟ ଭାବରେ ଭାଷା ଶିଖିବାରେ ସାହାଯ୍ୟ କରିଥାଏ । ନିଜର କଳ୍ପନା ଓ ସୃଜନୀ ଶକ୍ତି ବ୍ୟବହାର କରି, କଳାତ୍ମକ ଭାବରେ ଭାଷା ଶିଖିଥାନ୍ତି । ପରବର୍ତ୍ତୀ ସମୟରେ ପିଲାମାନେ ତିଆରି / ସୃଷ୍ଟି କରିଥିବା ଗପ ଶିକ୍ଷକ ଉପସ୍ଥାପନ କରିପାରିବେ ।

## ଶିକ୍ଷଣ କାର୍ଯ୍ୟ -୩ (ଉଚ୍ଚ ପ୍ରାଥମିକ ଛାତ୍ର / ଛାତ୍ରୀଙ୍କ ପାଇଁ)

ଶିକ୍ଷକ ପିଲାମାନଙ୍କୁ ଗପଟିଏ ହୋଇପାରୁଥିବା ଭଳି କିଛି ଚିତ୍ର ଦିଅନ୍ତୁ । ସେହି ଚିତ୍ର ଆଧାରରେ ଗୋଟିଏ ଗପ ଲେଖିବାକୁ କୁହନ୍ତୁ। ସେମାନେ ନିଜ ଭିତରେ ଗପର ଚରିତ୍ର, ପରିସ୍ଥିତି, କୌତୂହଳ କିପରି ରଖିବେ ଆଲୋଚନା କରନ୍ତୁ। ପରେ ପ୍ରତ୍ୟେକ ଦଳରୁ ଜଣେ ଗପଟିକୁ ଉପସ୍ଥାପନ କରନ୍ତୁ। ପିଲାମାନେ ଗପଟିକୁ ଭୂମିକା ଅଭିନୟ ମାଧ୍ୟମରେ ଉପସ୍ଥାପନ କରିପାରିବେ । ଏଥିପାଇଁ ଶିକ୍ଷକ ସେମାନଙ୍କୁ ସଂଳାପ ଲେଖିବା, ଅଭିନୟ କରିବା ଭଳି କାର୍ଯ୍ୟରେ ସହାୟତା କରିପାରିବେ ।

## ଆଲୋଚନା ଓ ପ୍ରତିଫଳନ

- ଏହି ଶିକ୍ଷଣ କାର୍ଯ୍ୟଗୁଡ଼ିକ ପିଲାମାନଙ୍କ ଭିତରେ ଭାଷା ଶିଖିବା, ମୂଲ୍ୟବୋଧ ଶିଖିବା, କଳା ଓ ସୌନ୍ଦର୍ଯ୍ୟ ଗୁଣ କିପରି ବୃଦ୍ଧି କରିପାରିବ ?
- ଏହିପରି କାର୍ଯ୍ୟରେ ଆମେ କିପରି ସୂଚନା ଓ ପ୍ରଯୁକ୍ତି ବିଦ୍ୟାପକୁ ଉପଯୋଗ କରିପାରିବା ?

Module 10

## ଉଦାହରଣ -୩

ପ୍ରାରମ୍ଭିକ ଭାଷା ଶିକ୍ଷଣ - ଶିକ୍ଷାଦାନ (ଶ୍ରେଣୀ ୧ମ)

କବିତା - ଟୁନା ଟୁନୀ

ଟୁନା ଟୁନୀ ଏକ ମଜାଳିଆ କବିତା। ଏକ ପୁରୁଣାକାଳିଆ ସାଂସ୍କୃତିକ ଗପକୁ କବିତା ଆକାରରେ ଦିଆଯାଇଛି। ଏଥିରେ ଭାଇ ଭଉଣୀ ଓ ବାଘର ଚକୁଳି ଖିଆ ବିଷୟରେ ବର୍ଣ୍ଣନା କରାଯାଇଛି। ଏହିପରି ଅନେକ ଶିଶୁ କବିତା ରହିଛି। ଆପଣ ଯେତେ ଅଧିକ ଶିଶୁ କବିତା ପଢ଼ିବେ, ଆପଣଙ୍କର ଉପସ୍ଥାପନ ଶୈଳୀ ସେତେ ଉନ୍ନତ ହେବ।

ଟୁନା ଟୁନୀ କବିତା ଆଧାରରେ ଆପଣ କ'ଣ କ'ଣ କାର୍ଯ୍ୟ ସବୁ କରିପାରିବେ...




## ଯୋଜନା:

ଆମେ ଜାଣିଛୁ ଯେ କବିତାରେ ଭାବ ଓ ଶବ୍ଦର ଏକ ସୌଖୀନ ସଂପର୍କ ଥାଏ। କବିତାରେ ସଙ୍ଗୀତ କଳା ଓ କବିତାର ଭାବ ବାନ୍ଧି ହୋଇ ରହିଥାଏ। ଏହା ପାଠକକୁ ବେଶ ପ୍ରଭାବିତ କରିଥାଏ। ଆମେ ଏହାକୁ ଚିରାଚରିତ ଢ଼ଙ୍ଗରେ ନ ପଢ଼ାଇ ପିଲାଙ୍କର ସହିତ ଏମିତି ଏହି କବିତାକୁ ପଢ଼ାଇବା ଉଚିତ୍ ହେବ ଯେପରି ପିଲା ନିଜର ଅନୁଭବକୁ କବିତା ଭିତରେ ପାଇପାରିବ ଏବଂ ଆନନ୍ଦ ପାଇବ।

Module 10

## ପ୍ରଥମ ଦିନ

- ଉପଯୁକ୍ତ ଅଙ୍ଗଭଙ୍ଗୀ, ଲୟ ଓ ତାଳ ସହିତ ଗାଇବେ।
- ପିଲାମାନଙ୍କ ସହିତ ମିଶି ଅଙ୍ଗଭଙ୍ଗୀ, ଲୟ ଓ ତାଳ ସହିତ ଗାଇବେ।
- ଗାଇବା ସମୟରେ ପିଲାମାନଙ୍କର ଉଚ୍ଚାରଣ ଓ ଗାଇବା ଶୈଳୀ ପ୍ରତି ଧ୍ୟାନ ଦେବେ।
- କବିତାର ସ୍ୱର ଭାବକୁ ଅନୁଭବ କରିବା ପାଇଁ ସମୟ ଓ ସୁଯୋଗ ଦେବେ।

ଆପଣ ଜାଣିଛନ୍ତି କବିତାରେ ଧ୍ୱନି, ତାଳ ଓ ଲୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ପିଲାମାନଙ୍କରା ମନକୁ ମୋହି ନିଏ।

## ଦ୍ୱିତୀୟ ଦିନ

୨ୟ ଦିନର କାର୍ଯ୍ୟ ପ୍ରସ୍ତୁତ କଲାବେଳେ ସାବଧାନତା ସହ କରିବେ। ଯୋଜନା ସମୟରେ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦେବେ......

- ପିଲାମାନଙ୍କୁ ପଢ଼ିବା ଓ ଲେଖିବା ପାଇଁ ସୁଯୋଗ ଦେଉଛନ୍ତି।
- ପିଲାମାନଙ୍କୁ ନିଜ ମନର କଥା କହିବା ପାଇଁ ସୁଯୋଗ ଦେଉଛନ୍ତି।
- ଏହି କାମ କରିବା ବେଳେ ପିଲାମାନେ ଆନନ୍ଦ ପାଉଛନ୍ତି – ଏକଥା ଆପଣ ଅନୁଭବ କରୁଥିବେ।
- ଆପଣ ପିଲାମାନଙ୍କୁ ପଢ଼ିବାରେ ଆତ୍ମନିର୍ଭରଶୀଳ କରିବା ପାଇଁ ଚେଷ୍ଟା କରିବେ।
- କବିତା ଗାଇବା ସମୟରେ ପ୍ରଥମ ଦିନ ଅପେକ୍ଷା ଟିକିଏ ଅଧିକ ସତର୍କତା ରଖିବେ।
- ଘରେ ପିଠାପଣା ହେଲେ କିପରି ଲାଗେ, କିଏ କେଉଁ ପିଠା ପସନ୍ଦ କରନ୍ତି.... ଇତ୍ୟାଦି ବିଷୟରେ ଆଲୋଚନା କରିବେ।
- ପିଠାପଣା ଉପରେ ପିଲାମାନେ ଜାଣିଥିବା ଅନ୍ୟ ଗପ ବା କବିତା ଶୁଣାଇବା ପାଇଁ ଉତ୍ସାହିତ କରିବେ।

Module 10

## ତୃତୀୟ ଦିନ

- କବିତାଟିକୁ ପୁଣି ଗାଇବେ।
- ପୂର୍ବରୁ କରିଥିବା କିଛି ଶିକ୍ଷଣ କାର୍ଯ୍ୟ ଆଉ ଥରେ କରିବେ।
- ବାକ୍ୟରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନାଇବେ।
- ନୂଆ ଶବ୍ଦ ଗଢ଼ିବା ପାଇଁ କହିବେ। ଶବ୍ଦ ମାଳ ତିଆରି କରିବେ।

## ଚତୁର୍ଥ ଦିନ

- କଳାପଟାରେ କବିତାଟିକୁ ଲେଖି ଦେଇ ପଢ଼ିବା ପାଇଁ କହିବେ।
- ଅକ୍ଷର ଚିହ୍ନାଇବା ପାଇଁ କହିବେ।
- ଚିହ୍ନି ଥିବା ଅକ୍ଷରକୁ ଲେଖିବା ପାଇଁ କହିବେ।

*ବି.ଦ୍ର: ସମାଧାନ ଅନୁସାରେ 'ଟୁନା ଟୁନୀ' ପାଠ ପାଇଁ ଯେତିକି ନିର୍ଘଣ୍ଟ ବ୍ୟବସ୍ଥା କରାଯାଇଛି, ସେତିକି ନିର୍ଘଣ୍ଟର କାର୍ଯ୍ୟ କରନ୍ତୁ, ଦେଖିବେ ସବୁ ପିଲା ନିଶ୍ଚିତ ଶିଖିବେ।*

## ପଠନ କୋଣ

ଶ୍ରେଣୀରେ ପଠନ କୋଣ ଥିଲେ ଭାଷା ଆହରଣ ସହଜ ଓ ଅର୍ଥପୂର୍ଣ୍ଣ ହୋଇଥାଏ। ତେଣୁ ଅନେକଗୁଡ଼ିଏ ଶିଶୁ ଗପ ବହି କବିତା, ନାଟକ ବହି ରଖନ୍ତୁ। ଯେମିତି ପିଲାମାନେ ପଢ଼ିବାର ସୁଯୋଗ ପାଇବେ। ପଢ଼ିଥିବା ଗପ ଓ କବିତା ବିଷୟରେ ଆଲୋଚନା କରିବା ପାଇଁ ସୁଯୋଗ ଦିଅନ୍ତୁ। ପଠନ କୋଣ ବିଷୟରେ ଅଧିକ ଜାଣିବା ପାଇଁ www.ncert.nic.in ଦେଖନ୍ତୁ।

## ପଠନ ସମୃଦ୍ଧି ପରିବେଶ

ଭାଷା ଓ ସାକ୍ଷରତା ଶିକ୍ଷଣ ପାଇଁ ପଠନ ସମୃଦ୍ଧି ପରିବେଶ ଏକାନ୍ତ ଜରୁରୀ। ଏହା ଶିଶୁ ପ୍ରିୟ ଏବଂ ଶିଶୁ ଆବଶ୍ୟକତା ଅନୁସାରେ ହେବା ବିଧେୟ। ଉଭୟ ଶିକ୍ଷକ ଓ ପିଲାମାନେ ଏହି ସବୁ ପଠନ ସାମଗ୍ରୀ ବାଛିବା ଉଚିତ୍। ଏହା ସମୟ ଅନୁସାରେ ପରିବର୍ତ୍ତନ ହେବା ଆବଶ୍ୟକ। ଏଥିପାଇଁ କିଛି ସୂଚନା ନିମ୍ନରେ ଦିଆଯାଇଛି।

Module 10

- ପିଲାମାନଙ୍କୁ ଚିତ୍ର ଦେଖିବା ଓ ବୁଝିବା ପାଇଁ ଯଥେଷ୍ଟ ସମୟ ଦିଅନ୍ତୁ।
- ଏହା ପିଲାମାନଙ୍କୁ କଥାବାର୍ତ୍ତା କରିବା ପାଇଁ ସୁଯୋଗ ଦେଇଥାଏ।
- ପିଲାମାନଙ୍କର କଳ୍ପନା ଓ ସୃଜନୀ ଶକ୍ତି ବଢ଼ାଇବା ପାଇଁ ସେମାନଙ୍କୁ ଗପ ଓ କବିତା ଲେଖିବା ପାଇଁ ସୁଯୋଗ ଦିଅନ୍ତୁ।
- ଚିତ୍ର ଆଧାରରେ ଗପ ଓ କବିତା ଲେଖିବା ପାଇଁ ଉତ୍ସାହିତ କରନ୍ତୁ।

ଜାତୀୟ ଉପଲବ୍ଧି ସର୍ବେକ୍ଷଣ - ୨୦୧୭ ଅନୁସାରେ ଶ୍ରେଣୀ ଓ୍ୱାରୀ ପିଲାମାନଙ୍କର ***ଭାଷାର ହାରାହାରି ଉପଲବ୍ଧି ସୂଚକ*** ଦିଆଗଲା। ଏହା ବିଷୟରେ ଟିକିଏ ଚିନ୍ତା କରିବା ଆବଶ୍ୟକ।

| | |
|---|---|
| ୩ୟ ଶ୍ରେଣୀ | ୬୮% |
| ୫ମ ଶ୍ରେଣୀ | ୫୮% |
| ୮ମ ଶ୍ରେଣୀ | ୫୭% |

ଆପଣ ଆପଣଙ୍କ ରାଜ୍ୟର ଭାଷାରେ ପିଲାମାନଙ୍କର ଉପଲବ୍ଧି ହାର ଜାଣିଛନ୍ତି କି ? ଦେଖନ୍ତୁ

.... ww.ncert.nic.in/programme/NAS/SRC.html

ଓଡ଼ିଶାରେ ହୋଇଥିବା ଗରିମା ଆକଳନ - ୨୦୧୯ ରେ ମଧ୍ୟ ଏହି ଅବସ୍ଥା ଅଧିକ ଜିଲ୍ଲାରେ ଦେଖିବାକୁ ମିଳିଛି। ଆମକୁ ଏ ବିଷୟରେ ଟିକିଏ ଚିନ୍ତା କରିବାକୁ ପଡିବ - କିପରି ପିଲାମାନଙ୍କର ଭାଷା ଶିକ୍ଷଣରେ ଅଗ୍ରଗତି ହୋଇପାରିବ।

## ଭାଷା ଶିକ୍ଷାର ଉଦ୍ଦେଶ୍ୟ ଶିକ୍ଷଣ ଫଳାଫଳ

ଶିକ୍ଷଣ ଶିକ୍ଷାଦାନ ପାଇଁ ଉତ୍ତମ ପାଠ ଯୋଜନାର ଆବଶ୍ୟକତା ରହିଛି। ଏଥିପାଇଁ ଶିକ୍ଷକ ମାନଙ୍କୁ ଭାଷା ଶିକ୍ଷଣ ଉଦ୍ଦେଶ୍ୟ ଓ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିବାକୁ ପଡ଼ିବ। ଏହା ଦ୍ୱାରା ସେମାନେ ପିଲାମାନଙ୍କର ଆବଶ୍ୟକତାକୁ ବୁଝିପାରିବେ। କେଉଁ ପ୍ରକାର ପାଠ ପାଇଁ କି ପ୍ରକାର ଯୋଜନା କରାଗଲେ ଶିକ୍ଷାର୍ଥୀ ଭଲ ଭାବରେ ଶିଖିପାରିବ, ସେମାନେ ବୁଝିପାରିବେ ଏବଂ ସେହି ଅନୁସାରେ ଯୋଜନା କରିବେ। ସମସ୍ତଙ୍କ ପାଇଁ ଏହି ଶିକ୍ଷଣ

Module 10

ଫଳାଫଳ ହାସଲ କରିବା ଜରୁରୀ । ଆମର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ଭିତରେ ଭାଷା ଶିକ୍ଷଣର ଉଦ୍ଦେଶ୍ୟ ଅନୁସାରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ହାସଲ କରିବାକୁ ପଡ଼ିବ । ଏଥିପାଇଁ ଆପଣମାନେ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ରେ ଦିଆଯାଇଥିବା ସୂଚନା ଓ ସିଲାବସ୍ ଅନୁସରଣ କରନ୍ତୁ । ଏହି ଶିକ୍ଷଣ ଫଳାଫଳ ନିଆଯାଇଥିବା ଶିକ୍ଷଣ ଉଦ୍ଦେଶ୍ୟକୁ ପିଲାମାନଙ୍କର ଶିକ୍ଷଣ ଦକ୍ଷତାରେ ପରିଣତ କରିପାରିବ । ଆପଣମାନେ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଶିକ୍ଷଣ ଫଳାଫଳ ପୁସ୍ତିକା ପଢ଼ନ୍ତୁ (www.ncert.nic.in)

ବର୍ତ୍ତମାନ ଆମେ ୫ମ ଶ୍ରେଣୀର ଇଂରାଜୀ ବହିରେ ଥିବା ଗୋଟିଏ ପାଠର ଯୋଜନା ପ୍ରସ୍ତୁତ କରିବା ।

**Topic : The Frog and the Crow**

| | | |
|---|---|---|
| 1. | Pre-reading | * Children discuss about the life of frogs and crow and share with the whole class.<br>* The teacher may play the story (audio/video) prepared previously. |
| 2. | While reading | * The teacher may do a model reading aloud of the text with proper pronunciation.<br>* The children may read aloud one after another with their turn.<br>* The teacher supports the children for comprehension of the text.<br>* He may allow the children to use dictionary to find the meaning. |

Module 10

| | | |
|---|---|---|
| | * | The teacher may ask question after each SGP to know whether they understood |
| 3 | Post-reading comprehension * | The children may be asked to do the post reading questions in pairs/groups. This may be done orally first and then writing.· The teacher also provides some extra questions to answer. |
| 3.a | Working with language – vocabulary · * | This is vocabulary grammar activity based on the reading of the SGP.·They may do some language item work like- synonyms, antonyms, narration etc.·Children may be asked to find the words to fill in the blanks. |
| 3.b | Listening and speaking * * | The teacher may tell the story again and elicit answer from the children.· He may retell the story with help of multimedia. |
| 3.c | Speaking * * | The children may be asked to retell the story by themselves.· They may be asked to answer the questions orally.· They may tell the story in other language. |

Module 10

| | | |
|---|---|---|
| 3.d | Writing | * Children now write their feeling about the frog and the crow. Teacher may help them to gather the ideas, jot them out, write the first draft, edit and finalise the paragraph.· <br> * Children may also write in groups. |

## ମୁଖ୍ୟ ସାଧନକର୍ମୀଙ୍କ ପାଇଁ କାର୍ଯ୍ୟ

- ଶିକ୍ଷଣ ଫଳାଫଳ ପୁସ୍ତିକାଟିକୁ ପଢ଼ନ୍ତୁ ଏବଂ ନିମ୍ନଲିଖିତ ବିଷୟଗୁଡ଼ିକ ଆଲୋଚନା କରନ୍ତୁ ।
  - ଶିକ୍ଷଣ ଫଳାଫଳ ହାସଲ ପାଇଁ ଶୈକ୍ଷିକ ବିଜ୍ଞାନର କେଉଁ ପ୍ରକ୍ରିୟା ଆବଶ୍ୟକ ଆଲୋଚନା କର ।
  - ଆପଣ ଯେଉଁ ଶ୍ରେଣୀରେ ପଢ଼ାନ୍ତି, ସେହି ଶ୍ରେଣୀରୁ ଏକ ଭାଷା ଦକ୍ଷତା ପଢ଼ାଇବା ପାଇଁ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରନ୍ତୁ ।
- ପିଲାମାନେ କୌଣସି ଗୃହକର୍ମ ବା ଅନ୍ୟାନ୍ୟ ନ୍ୟସ୍ତ କାର୍ଯ୍ୟକୁ ବୋଝ ବୋଲି ଭାବନ୍ତି କି ? ଏପରି ସ୍ଥଳେ ଆପଣ ପଢ଼ାଇବାକୁ ଆନନ୍ଦଦାୟୀ କରିବା ପାଇଁ କଣ କରିବେ ?
- ଗୋଟିଏ ପାଠ ବାଛନ୍ତୁ । ଏଥିପାଇଁ ପୂର୍ବ ପଠନ ପର ପଠନ ଶବ୍ଦ, ଭଣ୍ଡାର, ବ୍ୟାକରଣ, ଲିଖନ ଦକ୍ଷତା ସହିତ କିପରି ଅନ୍ତର୍ନିବଶୀ ଶ୍ରେଣୀ ଗୃହରେ ପଢ଼ାଇବେ ସେହିପରି ଯୋଜନା ପ୍ରସ୍ତୁତ କରନ୍ତୁ ।

## ନିର୍ଦ୍ଦିଷ୍ଟ ଦକ୍ଷତା ଭିତ୍ତିକ କାର୍ଯ୍ୟ

ଆସନ୍ତୁ ଦେଖିବା ଭାଷା ଶିକ୍ଷଣର ବିଭିନ୍ନ ଦକ୍ଷତା ଯଥା ଶ୍ରବଣ, କଥନ, ପଠନ, ଲିଖନ, ଶବ୍ଦ ଭଣ୍ଡାର, ବ୍ୟାକରଣ ଜ୍ଞାନ ଅଭିବୃଦ୍ଧି ପାଇଁ କିପରି ଆବଶ୍ୟକ ତଥା ଉପଯୁକ୍ତ କୌଶଳ / ଉପାୟ ବ୍ୟବହାର କରିବା । ଇଂରାଜୀ ଭାଷାର ପାଠର ଚତୁର୍ଥ ଶ୍ରେଣୀର ଗୋଟିଏ ପାଠ ନେବା ।

## Module 10

**Competency : Listening and Speaking**

**Class: IV**

**Topic: The Cat and the Mouse**

### Pedagogical Process

**Children ……**

* Listen to English news (TV, Radio) as a resource to develop listening comprehension.
* Watch/listen to English movies, serials, educational channels, audi-video multimedia classes etc. and interact with it.
* Participate in individual talk like- introducing oneself and other persons, role play, speech and debate competition etc.

### Learning Outcome

Children …..

* Participate in activities in English like role play, group discussion, debate etc.
* Recite and share poems, songs, jokes, riddles, tongue twisters etc.
* Respond to oral messages, telephonic communications in English and communicates them in English and in home language.
* Respond to announcements and instructions made in class, school assembly, railway stations and in other public places.

### ଶ୍ରବଣ ଭିତ୍ତିକ କାର୍ଯ୍ୟ (ଦଳଗତ ଆଲୋଚନା)

ପିଲାମାନଙ୍କୁ ୪/୫ ଟି ଦଳରେ ବିଭକ୍ତ କରନ୍ତୁ। ଶିକ୍ଷକ ପାଠରୁ ଗୋଟିଏ ଅନୁଚ୍ଛେଦ ପଢ଼ନ୍ତୁ। ସୂଚନା ସ୍ପଷ୍ଟ ଭାବରେ ଦିଅନ୍ତୁ। କ'ଣ ପଢ଼ିଲେ ମନେ ପକାଇବାକୁ କୁହନ୍ତୁ ଓ ଲେଖିବାକୁ କୁହନ୍ତୁ। ଏଥିପାଇଁ ୫ ମିନିଟ୍ ସମୟ ଦିଅନ୍ତୁ। ଆଉ ଥରେ ପାଠଟିକୁ ପଢ଼ି ଶୁଣାନ୍ତୁ। ଏବେ ସେହି

Module 10

ଅନୁଛେଦଟିକୁ ବଡ ପାଟିରେ ପଢ଼ନ୍ତୁ ଓ ଲେଖିବାକୁ କୁହନ୍ତୁ । (ଶ୍ରୁତ ଲିଖନ)

## କଥନ ଭିତ୍ତିକ କାର୍ଯ୍ୟ (ଭୂମିକା ଅଭିନୟ)

ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଚରିତ୍ର ଓ ତା'ର ସଂଳାପ ଦେଇ ଅଭ୍ୟାସ କରିବା ପାଇଁ କହିବେ । (ଜଣେ ଶିକ୍ଷକ ଓ ୨ ଜଣ ଅଭିଭାବକ)

## ଭୂମିକା :

**ଅଭିଭାବକ-୧ :**

ପିଲାଙ୍କ ପାଇଁ ଗୃହକର୍ମ ନିହାତି ଦେବା ଦରକାର । ସେମାନେ ପ୍ରତିଦିନ କିଛି ଗୃହକର୍ମ କରିବା ଉଚିତ୍ ।

**ଅଭିଭାବକ-୨ :**

ଗୃହକର୍ମ ଜରୁରୀ କିନ୍ତୁ ଅଧିକ ହେବା ଉଚିତ୍ ନୁହେଁ । ପିଲାମାନେ କିଛି ସମୟ ଖେଳିବା ପାଇଁ ପାଇଁ ଉଚିତ୍ ।

**ଶିକ୍ଷକ :**

ଗୃହକର୍ମ ପିଲାମାନଙ୍କୁ ପାଠ ଅଭ୍ୟାସ କରିବାରେ, ମନେ ପକାଇବାରେ ଓ ବୁଝିବାରେ ସାହାଯ୍ୟ କରେ । ଏହା ପିଲାମାନଙ୍କର ଲେଖିବା ଦକ୍ଷତା ବୃଦ୍ଧି କରିଥାଏ ।

## ମୁଖ୍ୟ ସାଧନ କର୍ମୀଙ୍କ ପାଇଁ କାମ

- ଶ୍ରୁତ ଲିଖନ ଏକ ଭଲ ଶ୍ରବଣ ଭିତ୍ତିକ କାର୍ଯ୍ୟ । ଶିକ୍ଷକ ପଢ଼ନ୍ତି, ପିଲାମାନେ ଶୁଣନ୍ତି ଓ ଲେଖନ୍ତି । ସେମାନେ ପାଠଟି ଶୁଣି ନିଜ ଅନୁସାରେ ଲେଖିପାରନ୍ତି । ଏହା ଦ୍ୱାରା ଶ୍ରେଣୀରେ ଶ୍ରବଣ ଦକ୍ଷତା ଅଭିବୃଦ୍ଧି ହୋଇପାରିବ ବୋଲି ଭାବୁଛନ୍ତି କି ? କିପରି ?

- ଯେ କୌଣସି କାର୍ଯ୍ୟରେ ପିଲାମାନେ ନିଜନିଜ ଭିତରେ କାହିଁକି କଥାବାର୍ତ୍ତା ହେବା ଆବଶ୍ୟକ ?

Module 10

## ପଠନ ଭିତ୍ତିକ କାର୍ଯ୍ୟ

ପଠନ ହେଉଛି ଶିକ୍ଷାର୍ଥୀ ଓ ପାଠ (text) ଭିତରେ ଏକ ପ୍ରକ୍ରିୟା ଯାହାଦ୍ୱାରା ପିଲାମାନେ ପାଠଟିକୁ ବୁଝିବାରେ ସମର୍ଥ ହୁଅନ୍ତି। ଗୋଟିଏ ପାଠରେ ଥିବା ଅକ୍ଷର, ଶବ୍ଦ ଓ ବାକ୍ୟ ଅନୁଚ୍ଛେଦର ଅର୍ଥ ବାହାର କରିବାରେ ସହାୟକ ହୁଅନ୍ତି। ପାଠକ ନିଜର ପୂର୍ବଜ୍ଞାନ ଓ ଅନୁଭୂତି ମାଧ୍ୟମରେ ବିଭିନ୍ନ ଉପାୟରେ ଅର୍ଥ ବାହାର କରେ। ତେଣୁ ପଠନ ହେଉଛି ପାଠକ ଓ ପାଠ ମଧ୍ୟରେ ଏକ କ୍ରିୟା ପ୍ରତିକ୍ରିୟା ଭିତ୍ତିକ ପ୍ରକ୍ରିୟା। ଏହା ଦ୍ୱାରା ସେମାନେ ଏକ ଅନୁଚ୍ଛେଦକୁ ବୁଝନ୍ତି। ପିଲାମାନେ ନିଜର ପୂର୍ବାନୁଭୂତି ଆଧାରରେ ବୁଝନ୍ତି। ତେଣୁ ଗୋଟିଏ ଅନୁଚ୍ଛେଦକୁ ଭିନ୍ନ ଭିନ୍ନ ପିଲା ଭିନ୍ନ ଭାବରେ ବୁଝିବାରେ ସମ୍ଭାବନା ରହିଛି।

## ଶୈକ୍ଷିକ ପ୍ରକ୍ରିୟା

- ପିଲାମାନଙ୍କୁ ଯୋଡ଼ିରେ ଦଳରେ, ବ୍ୟକ୍ତିଗତ ଭାବରେ ବିଭିନ୍ନ ପ୍ରକାର ପାଠ (ଗପ, କବିତା, ନାଟକ) ପଢ଼ିବା ପାଇଁ ସୁଯୋଗ ଦିଆଯିବ।
- ପାଠ ବିଷୟରେ ପ୍ରଶ୍ନ ପଚରା ଯାଇପାରିବ।
- ପାଠକରେ ଥିବା ବିଷୟବସ୍ତୁ ଉପରେ ବିଶ୍ଳେଷଣାତ୍ମକ ଚିନ୍ତନ ପାଇଁ ସୁଯୋଗ ଦିଆଯିବା।

## ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ.....

- ବିଭିନ୍ନ ପ୍ରକାର ପାଠ (ଗପ, କବିତା, ନାଟକ) ପଢ଼ିବେ ଓ ତା'ର ମୁଖ୍ୟ ବିଷୟବସ୍ତୁ ବାଛିବେ, ଚରିତ୍ର ବାଛିବେ, ଲେଖାର କ୍ରମ ଓ ଶୈଳୀ ବାଛିବେ, ଲେଖାର କ୍ରମ ଓ ଶୈଳୀ ଜାଣିବେ।
- ଖବର କାଗଜ, ନୋଟିସ୍ ବୋର୍ଡ଼, ଚାର୍ଟ ଓ ସାରଣୀ ପଢ଼ି ଘଟଣା ବିଷୟରେ ଜାଣିବେ।

- ପରିଚିତ ବା ଅପରିଚିତ ପାଠ ପଢ଼ି ଉଭୟ ମୌଖିକ ଓ ଲିଖିତ ପ୍ରଶ୍ନୋତ୍ତର କରିବେ।



## ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଆପଣ ପଠନର ଆକଳନ କରିପାରିବେ ଯେପରି - ଭୁଲ୍/ ଠିକ୍ ପ୍ରଶ୍ନ, ବହୁ ବିକଳ୍ପ ପ୍ରଶ୍ନ, ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ.... ଇତ୍ୟାଦି। ଲେଖାର ମୁଖ୍ୟ ବିଷୟ ବିଭିନ୍ନ ଘଟଣା ଆଦି ପଢ଼ି ବୁଝିପାରିବେ।

ଭଲ ପ୍ରଶ୍ନ ତିଆରି କରିବା ଏକ କଳା। ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ସମୟ ଦେବା ଦରକାର।

## ମୁଖ୍ୟ ସାଧନ କର୍ମୀଙ୍କ ପାଇଁ କାର୍ଯ୍ୟ

- ପିଲାମାନେ ପଢ଼ି ବୁଝିବାରେ ଅସୁବିଧା ଅନୁଭବ କରନ୍ତି କାହିଁକି ? କାରଣଗୁଡ଼ିକ ତାଲିକା କରନ୍ତୁ ଓ ଲେଖନ୍ତୁ।

## ଲିଖନ ଭିତ୍ତିକ କାର୍ଯ୍ୟ

ଲିଖନ ଆମର ଭାବନା ଓ ଚିନ୍ତାଧାରା ପ୍ରକାଶ କରିବାରେ ସାହାଯ୍ୟ କରେ। ନିଜର ଭାବନା ଓ ଧାରଣାକୁ ଥରେ କାଗଜ କଲମରେ ଲେଖିଦେଲେ ତାହା ଲିଖନ ହୋଇଯାଏ ନାହିଁ। ଲିଖନର ସୋପାନ ଗୁଡ଼ିକ ହେଲା -ଲିଖନ ପାଇଁ ଯୋଜନା, (planning) ପ୍ରଥମ ଲିଖନ(drafting), ପୁନରୀକ୍ଷଣ(revising), ସମୀକ୍ଷା (editing) ଏବଂ ପୁନର୍ଲିଖନ(rewriting) ପିଲାମାନଙ୍କର ଲିଖନ ଦକ୍ଷତା ବଢ଼ାଇବା ପାଇଁ ଆମକୁ ଲିଖନ ପ୍ରକ୍ରିୟା ବିଷୟରେ ଜାଣିବାକୁ ପଡ଼ିବ। ଲିଖନର ଉଦ୍ଦେଶ୍ୟ ହେଲା ନିଜର ଭାବାନ ଓ ଧାରଣାକୁ ପାଠକ ବୁଝି ପାରିଲାଭଳି ଭାଷାରେ ପ୍ରକାଶ କରିବା। ଲେଖିବା ସମୟରେ ନିମ୍ନଲିଖିତ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ, ଯଥା - ସୁନ୍ଦର ହସ୍ତାକ୍ଷର, ଶୁଦ୍ଧ ବନାନ, ବିରାମ ଚିହ୍ନର ଉପଯୁକ୍ତ ବ୍ୟବହାର, ବ୍ୟବହାରିକ ବ୍ୟାକରଣ ଏବଂ ଉପଯୁକ୍ତ ସଂଯୋଜନା।

Module 10

## ଶୈକ୍ଷିକ ପ୍ରକ୍ରିୟା

### ଶିକ୍ଷାର୍ଥୀମାନେ .....

- ବିଭିନ୍ନ ପ୍ରକାର ଲେଖା ଯଥା – ବିଜ୍ଞପ୍ତି, ବିବରଣୀ, ବାର୍ତ୍ତା, ଦୈନନ୍ଦିନ ଘଟଣାବଳୀ (diary) ଇତ୍ୟାଦି ଲେଖିବା ପାଇଁ ସୁଯୋଗ ପାଇବେ।
- ଶିକ୍ଷାର୍ଥୀମାନେ ଲେଖିବେ, ତାକୁ ପଢ଼ି ଆଉଥରେ ଲେଖିବେ, ପୁଣି ତାକୁ ସମୀକ୍ଷା କରିବେ ଏବଂ ସଂପୂର୍ଣ୍ଣ ଭାବରେ ଲେଖିବେ।
- ପୁସ୍ତକ ସମୀକ୍ଷା କରିବେ।

### ଶିକ୍ଷାର୍ଥୀମାନେ ......

- ମୌଖିକ ଓ ଲିଖିତ ସୂଚନା ଆଧାରରେ ଛୋଟ ଅନୁଚ୍ଛେଦ ଲେଖିବେ।
- ଲେଖାର ବିଷୟବସ୍ତୁକୁ (ପ୍ରଥମରେ, ମଝିରେ ଓ ଶେଷରେ) କ୍ରମରେ ରଖି ଲେଖିବେ।
- ବିଜ୍ଞପ୍ତି ବିବରଣୀ, ବାର୍ତ୍ତା, ଦୈନନ୍ଦିନ ଘଟଣାବଳୀ ଇତ୍ୟାଦି ଲେଖିବେ।
- ପୁସ୍ତକ ସୀମାକ୍ଷା କରି ବିବରଣୀ ଲେଖିବେ।

## ଶ୍ରେଣୀରେ କିପରି ଲିଖନ କାର୍ଯ୍ୟ କରିବା

| | |
|---|---|
| ଲେଖିବା ପୂର୍ବରୁ | ଏହି ସମୟରେ ପିଲାମାନେ ଚିନ୍ତା କରିବେ ଏବଂ ବିଭିନ୍ନ ଧାରଣା ମଧ୍ୟରେ ମାନସିକ ଭାବରେ ସମନ୍ୱୟ ରଖିବେ। ଲେଖିବାର ଉପାୟ ସ୍ଥିର କରିବେ। |
| ପ୍ରଥମ ଲେଖା | ଏହି ସୋପାନରେ ପିଲାମାନେ ତଥ୍ୟ ସଂଗ୍ରହ କରି ଉପଯୁକ୍ତ ଭାଷା ବ୍ୟବହାର କରି ପ୍ରଥମ ଲେଖା ପ୍ରସ୍ତୁତ କରିବେ। ସାଧାରଣତଃ ଲେଖିବା ସମୟରେ କିଛି ଭୁଲ୍ ସଂଶୋଧନ କରିଥାନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। |
| ପୁନରୀକ୍ଷଣ | ଏହି ସମୟରେ ପିଲାମାନେ ବାରମ୍ବାର ପଢ଼ି ଭୁଲ୍ ଠିକ୍ ତର୍ଜମା କରନ୍ତି। କିଛି ବିଶ୍ଳେଷଣ ମଧ୍ୟ କରନ୍ତି ଯେପରି – କୌଣସି ବାକ୍ୟକୁ ଆଉ ଥରେ ଲେଖିବାକୁ ପଡିବ କି ? କିଛି କଥା ଛାଡିଗଲେ କି ? କୌଣସି ବାକ୍ୟ ଏକାଧିକ ବାର ଲେଖା ହେଲାକି ? ..... ଇତ୍ୟାଦି। |

| | |
|---|---|
| ସମୀକ୍ଷା | ଏହି ସୋପାନରେ ପିଲାମାନେ ଲେଖା ସବୁ ଦୃଷ୍ଟିରୁ ଠିକ୍ ଅଛି କି ଦେଖନ୍ତି । ବନାନ, ବ୍ୟାକରଣ ଓ ବିରାମ ଚିହ୍ନର ବ୍ୟବହାର ଠିକ୍ ଅଛି କି ନାହିଁ ଦେଖନ୍ତି । |
| ପୁନର୍ଲିଖନ | ଚୂଡାନ୍ତ ଭାବରେ ଲେଖନ୍ତି । |

**Module 10**

ଆପଣ ଏଥିପାଇଁ ପତ୍ର ଲିଖନ, ରଚନା, ଗପ, କବିତା ଇତ୍ୟାଦି ଲେଖିବାକୁ ଦେଇପାରିବେ । ଏହି ଲିଖନ କାର୍ଯ୍ୟ ସମୟରେ ପିଲାମାନଙ୍କର ଶବ୍ଦ ସଂଯୋଜନା, ବ୍ୟାକରଣ ଜ୍ଞାନ, ଉପସ୍ଥାପନ ଶୈଳୀ.....ଇତ୍ୟାଦି ଆକଳନ କରିବେ । ଏଥିପାଇଁ ବହି ବାହାରକୁ ଯିବେ । ଲିଖନ କାର୍ଯ୍ୟଗୁଡ଼ିକ ମୌଳିକ ତଥା ପ୍ରାସଙ୍ଗିକ ହେବା ଉଚିତ୍ । ଦେଖିବେ ଯେମିତି ପିଲାମାନେ ଘୋଷି ଥିବା ବିଷୟ ନ ଲେଖନ୍ତି ।

## ମୁଖ୍ୟସାଧନକର୍ମୀଙ୍କ ପାଇଁ କାମ

କୌଣସି ବିଷୟରେ ଲେଖିବା ସମୟରେ ଅନ୍ତର୍ନିବେଶୀ ପରିସ୍ଥିତି / ଲିଙ୍ଗଗତ ଭେଦଭାବ/ ବୌଜ୍ଞାନିକ ଚିନ୍ତାଧାରା / ପରିବେଶ ସଚେତନତା.... ଇତ୍ୟାଦି ଆଧାର କରି ଲିଖନ ପାଇଁ କାର୍ଯ୍ୟ ସ୍ଥିର କରନ୍ତୁ । ଏମିତି କାମଟିଏ ନିଶ୍ଚିତ ଦିଅନ୍ତୁ – 'ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ', 'ନାରୀ ସଶକ୍ତିକରଣ', 'ଜନନୀ ସର୍ବଂସହା'..... ଇତ୍ୟାଦି ।

## ବିଭିନ୍ନମୁଖୀ / ସର୍ଜନାତ୍ମକ (Divergent / Creative Question)

ସର୍ଜନାତ୍ମକ ପ୍ରଶ୍ନ ଏଭଳି ପ୍ରଶ୍ନ ଯାହାର କେବଳ ନିର୍ଦ୍ଦିଷ୍ଟ ଉତ୍ତର ନଥାଏ । ସର୍ଜନାତ୍ମକ ପ୍ରଶ୍ନ ପିଲାମାନଙ୍କୁ ଅଭିନବ ତଥା ସୃଜନାତ୍ମକ ଭାବରେ ଉତ୍ତର ଲେଖିବା ପାଇଁ ପ୍ରେରଣା ଦିଏ । ଏହିଭଳି ପ୍ରଶ୍ନର ଉତ୍ତର ଲେଖିବା ସମୟରେ ପିଲାମାନେ ସମାଜରେ ଥିବା ବିଭିନ୍ନ ସଂବେଦନଶୀଳ ବିଷୟବସ୍ତୁ (ଲିଙ୍ଗ, ଜାତି, ..... ଇତ୍ୟାଦି) ପ୍ରତି ସତର୍କ ରହି ଲେଖନ୍ତି । ଏହାଦ୍ୱାରା ପିଲାମାନଙ୍କ ଭିତରେ ବହୁମୁଖୀ ବା ସର୍ଜନାତ୍ମକ ଚିନ୍ତନ ସୃଷ୍ଟି ହୁଏ ।

**Module 10**

ନିମ୍ନରେ ଦିଆଯାଇଥିବା ରୁବ୍ରିକ୍ସ (Rubrics) ଟିକୁ ଦେଖନ୍ତୁ। ଭିନ୍ନ ଆବଶ୍ୟକତା ଥିବା ପିଲାମାନଙ୍କ ବିଷୟରେ କେତେକ କଥା ଏଥିରେ ଦିଆଯାଇଛି। ଏ ସବୁ ଦିଗକୁ ଦୃଷ୍ଟି ଦେଇ ଶିକ୍ଷଣ ଫଳାଫଳ ପୁସ୍ତିକା ପ୍ରସ୍ତୁତ କରାଯାଇଛି। ତେଣୁ ସର୍ଜନାତ୍ମକ ପ୍ରଶ୍ନ ତିଆରି କଲାବେଳେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

| କ୍ର.ନଂ | କାହାପାଇଁ | କ'ଣ ଉପାୟ ଅବଲମ୍ବନ କରିବେ |
|---|---|---|
| ୧ | ସ୍ୱଳ୍ପ ଦୃଷ୍ଟି ସଂପନ୍ନ ପିଲା | • ରଙ୍ଗୀନ ଚକ୍, ସ୍କେଚ ବ୍ୟବହାର କରନ୍ତୁ।<br>• ବଡ଼ବଡ଼ ଅକ୍ଷରରେ କଳାପଟାରେ ଲେଖନ୍ତୁ।<br>• ସେହିଭଳି ପିଲାମାନଙ୍କୁ ଆଗ ଧାଡ଼ିରେ ବସନ୍ତୁ। |
| ୨. | ସ୍ୱଳ୍ପ ଶ୍ରବଣ ଶକ୍ତି ସଂପନ୍ନ ପିଲା | • ଆପଣଙ୍କ ପାଖରେ ବସାନ୍ତୁ।<br>• ବଡ ପାଟିରେ କହି କଳାପଟାରେ ଲେଖନ୍ତୁ ।<br>• ଆବଶ୍ୟକ ବେଳେ ବାରମ୍ବାର କୁହନ୍ତୁ। |
| ୩. | ବୌଦ୍ଧିକ ଭିନ୍ନ କ୍ଷମପିଲା | • ଏହି ପିଲାମାନଙ୍କର ଭାଷା ବ୍ୟବହାର ଦକ୍ଷତା ଅପେକ୍ଷାକୃତ କମ୍‌ଥାଏ। ପଢ଼ିବା ସମୟରେ ଶବ୍ଦ ଛାଡ଼ିଯାନ୍ତି। ଏମାନଙ୍କ ପାଇଁ ଆପଣଙ୍କୁ ବିଶେଷ ଭାବରେ ଚିନ୍ତା କରିବାକୁ ପଡ଼ିବ। |

## ଶବ୍ଦ ଭଣ୍ଡାର (Vocabulary)

ଶବ୍ଦ ଭଣ୍ଡାର ବୃଦ୍ଧି ଭାଷା ଶିକ୍ଷଣର ପ୍ରଥମ ପାହାଚ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ମଧ୍ୟ। ଶବ୍ଦର ବ୍ୟବହାର କଥା ଆସିଲେ ଦୁଇଟି କଥା ଆସେ – ପ୍ରଥମଟି ହେଲା – ସଂପ୍ରସାରିତ (Extensive) ବ୍ୟବହାର (କେତେ ସଂଖ୍ୟକ ଶବ୍ଦ) ଓ ଦ୍ୱିତୀୟଟି ହେଲା ଗୋଟିଏ ଶବ୍ଦର କେତେ ପ୍ରକାର ବ୍ୟବହାର (Intensive/ usage)। ପଠନ ବୋଧ ସହିତ ଶବ୍ଦ ଭଣ୍ଡାର ଅଧିକ ତା'ର ବୋଧ ଶକ୍ତି ମଧ୍ୟ ଅଧିକ। ଯେଉଁମାନଙ୍କର ବୋଧ ଶକ୍ତି ଅଧିକ ସେମାନଙ୍କର ଶବ୍ଦ ଭଣ୍ଡାର ଶୀଘ୍ର ବୃଦ୍ଧି ପାଏ। ସେ ଯାହା ହେଉ ପିଲାମାନଙ୍କୁ ଉପଯୁକ୍ତ ପ୍ରସଙ୍ଗ ଦେଲେ ସେମାନେ

ଯେ କୌଣସି ଲେଖାକୁ ଭଲ ଭାବରେ ବୁଝିପାରିବେ। ଏଥିପାଇଁ କେତେକ କୌଶଳ ନିମ୍ନରେ ଦିଆଗଲା .....

- ଗୋଟିଏ ଶବ୍ଦକୁ ୫/୬ ଟି ବାକ୍ୟରେ ବ୍ୟବହାର କରନ୍ତୁ।
- ବାକ୍ୟକୁ ପୁନର୍ପଠନ କରନ୍ତୁ ଓ ଉପଯୁକ୍ତ ପ୍ରସଙ୍ଗ (context) ଦିଅନ୍ତୁ।
- ଅନୁମାନ କରିବା ପାଇଁ ସୂତ୍ର (clue) ଦିଅନ୍ତୁ।

ଏପରି କଲେ ପିଲାମାନେ ଠିକ୍ ଭାବରେ ବୁଝିପାରିବେ। ଛୋଟ ପିଲାମାନଙ୍କୁ ଏଥିପାଇଁ ଚିତ୍ର, ଅଙ୍ଗଭଙ୍ଗୀ ଓ ଗପ ମାଧ୍ୟମରେ ଅର୍ଥ ବାହାର କରିବାକୁ ସୁଯୋଗ ଦିଅନ୍ତୁ।

## ଶିକ୍ଷଣ ଫଳାଫଳ, ୪ର୍ଥ ଶ୍ରେଣୀ: ଶବ୍ଦ ଭଣ୍ଡାର ବୃଦ୍ଧି

### ଶୈକ୍ଷିକ ପ୍ରକ୍ରିୟା

**ପିଲାମାନେ....**

- ବିଭିନ୍ନ ପ୍ରକାର ଶବ୍ଦ ସଜ୍ଜା ନିରୀକ୍ଷଣ କରିବେ।
- ପ୍ରାସଙ୍ଗିକ ଭାବରେ ଶବ୍ଦର ଅର୍ଥ ବାହାର କରିବେ ଏବଂ ନିଜର ଶବ୍ଦ ଭଣ୍ଡାର ବୃଦ୍ଧି କରିବେ।
- ବନାନ ଓ ଅର୍ଥ ପାଇଁ ଅଭିଧାନ ବ୍ୟବହାର କରିବେ।
- ଅନୁମାନ କରି ଅପରିଚିତ ଶବ୍ଦର ଅର୍ଥ ନିର୍ଣ୍ଣୟ କରିବେ।
- ପରିଚିତ ତଥା ଅପରିଚିତ ଶବ୍ଦ, ଖଣ୍ଡ ବାକ୍ୟ ଓ କ୍ଷୁଦ୍ର ଅନୁଚ୍ଛେଦ ଶୁଣି ଲେଖିବେ।

### ଶିକ୍ଷଣ ଫଳାଫଳ

**ପିଲାମାନେ....**

- ଶବ୍ଦ ଧନ୍ଦା (Word Puzzle) ସମାଧାନ କରି ନୂଆ ଶବ୍ଦ ଶିଖିବେ।
- ପ୍ରାସଙ୍ଗିକ ଭାବରେ ପଢ଼ି ଅପରିଚିତ ଶବ୍ଦର ଅର୍ଥ ବାହାର କରିବେ।

Module
10

- ୭/୮ ବାକ୍ୟ ବିଶିଷ୍ଟ ଅନୁଚ୍ଛେଦ ଶୁଣି ଲେଖିବେ।
- ଠିକ୍ ବନାନ ଓ ଅର୍ଥ ପାଇଁ ଅଭିଧାନ ବ୍ୟବହାର କରିବେ।

## ଉଦାହରଣ-୪

- (ମାନ, ଘର, ବାର୍ଦ୍ଧକ୍ୟ, ଦଣ୍ଡ, ଭତ୍ତା, ଦ୍ୱାର, କନିଷ୍ଠ, ସର୍ବ)

ଏହି ଶବ୍ଦଗୁଡ଼ିକୁ ଖଣ୍ଡିଏଖଣ୍ଡିଏ କାଗଜରେ ଲେଖନ୍ତୁ। ଉପରେ ଦିଆଯାଇଥିବା ଯେ କୌଣସି ଦୁଇଟି ଶବ୍ଦ ନେଇ ନୂଆ ଶବ୍ଦ ତିଆରି କରିବାକୁ କୁହନ୍ତୁ। ଯେପରି – ବାର୍ଦ୍ଧକ୍ୟ ଭତ୍ତା।

- ଶବ୍ଦ ସାପ ତିଆରି କରିବାକୁ କୁହନ୍ତୁ। ବିଭିନ୍ନ ପ୍ରକାର ଶବ୍ଦ ଖେଳ କରନ୍ତୁ।
- ବିଭିନ୍ନ ଶବ୍ଦର ଭିନ୍ନଭିନ୍ନ ଅର୍ଥକୁ ନେଇ ଆଲୋଚନା କରନ୍ତୁ।
- ଗୁରୁତ୍ୱପୂର୍ଣ୍ଣ ଏବଂ ବହୁ ଉପଯୋଗୀ ଶବ୍ଦଗୁଡ଼ିକୁ ଭିନ୍ନଭିନ୍ନ ବାକ୍ୟରେ ବ୍ୟବହାର କରିବା ପାଇଁ ଶିକ୍ଷଣ କାର୍ଯ୍ୟ ଦିଅନ୍ତୁ।

## ବ୍ୟାକରଣ

ଯେତେବେଳେ ବ୍ୟାକରଣ କଥା କୁହାଯାଏ, ଏହା ଭାରି କଷ୍ଟଦାୟିକ, ବିରକ୍ତି କର.... ଇତ୍ୟାଦି। କେତେକଙ୍କ ମତରେ ଯେଉଁ ଭାଷାର ଲିପି ନାହିଁ, ତା'ର ବ୍ୟାକରଣ ମଧ୍ୟ ନାହିଁ। ପ୍ରକୃତରେ ଭାଷା ଭିତରେ ହିଁ ବ୍ୟାକରଣ ରହିଛି। ପ୍ରାସଙ୍ଗିକ ଭାବରେ ବ୍ୟାକରଣ ପଢ଼ାଇଲେ ବ୍ୟାକରଣ ଶିକ୍ଷା ସହଜ ଓ ସରଳ ହୋଇଥାଏ। ଯେପରି ଆମେ ଆମର ମାତୃଭାଷା ଶିଖିଥାଉ। ମାତୃଭାଷାରେ ଯେତେବେଳେ କିଛି ଭୁଲ୍ ହୋଇଥାଏ। ତାହା ଅନୌପଚାରିକ ଭାବରେ ସଂଶୋଧନ ହୋଇଯାଏ। ବ୍ୟାକରଣର ନିୟମ ଶିଖିବା ପିଲାମାନଙ୍କ ପାଇଁ

ଅନାଗହୀ ହୋଇଥାଏ କାରଣ ଏହାର ଏକ ପ୍ରକାର ଅମୂର୍ତ୍ତ ଚିନ୍ତନ ।



ବ୍ୟାକରଣ କିପରି ବଢ଼ାଇବା : ଏଥିପାଇଁ ଇଂରାଜୀରେ ଗୋଟିଏ ଉଦାହରଣ ନେବା ।

## ଉଦାହରଣ – ୫ (Example-5: Narration)

Generally it is observed that when children solve problem regarding narration/direct-indirect speech, they start to recall the rules of grammar. So while teaching Direct- Indirect speech, we must acquaint each child with its functional approach. A better approach would be to teach the concept through activity as the following…

Call three children and make them sit facing the class. Two children sit on one side. The third sits a little apart from them.

**Student 1** : Have you sold your bi-cycle?

**Student 2** : I am still thinking about it.

(student 1 goes over to student 3)

**Student 1 to student 3 :** I asked him if he had sold his bi-cycle, he said he was still thinking about it

Errors can be minimized by the teacher through the following strategies.

- Providing practice of the concept through a variety of short texts.
- Encouraging children to reflect.
- Asking the children “Does that sound right” ?

Module 10

The new grammar may be reinforced through the **following strategies…**

- Providing input-rich environment, using different grammatical patterns of the concepts.
- Choosing texts with high frequency items related to the children's environment.

Teaching grammar in context provides a meaningful framework that connects to reality, thus facilitating comprehension.

## Pedagogical Process

Learners ….. ·

- Understand the rules of grammar through a variety of situations and contexts focusing on noun, pronoun, verb, determiner, passivisation…. Etc.

## Learning Outcomes

**Learners ….·**

- Use appropriate grammatical forms in communication (noun, pronoun, verb, determiner, passivisation…. etc.)·
- Organizes sentences coherently in English/ brailie with help of verbal and visual clues and with the sense of audience.

## ଉଦାହରଣ – ୬

## ପ୍ରସଙ୍ଗ : ଆସରେ ଧରିବା ଜହ୍ନ (୩ୟ ଶ୍ରେଣୀ)

ଗପ କହିବା ଏକ କଳା। ଗପ କହୁଥିବା ଲୋକଙ୍କ ଉନ୍ନତ ଉପସ୍ଥାପନ ଶୈଳୀ ଗପକୁ ଆକର୍ଷଣୀୟ କରିଥାଏ। ଏହି ଗପଟି ୩ୟ ଶ୍ରେଣୀର ଭାଷା ବହିରେ ଅଛି। ଏଥିରେ ଗଛରେ ବସିଥିବା ମାଙ୍କଡ଼ ପାଣି ଭିତରେ ଜହ୍ନର ପ୍ରତିଛବି ଦେଖି କିପରି ତାକୁ ଧରିବାକୁ ଚାହାନ୍ତି, ଗଛର ଡାଳ ଭାଙ୍ଗି ଯାଏ, ସେମାନେ ପାଣିରେ ପଡନ୍ତି, ଜହ୍ନ ଉଭେଇ ଯାଏ... ଇତ୍ୟାଦି। ଏଠାରେ ଲେଖକ ଅତି ସହଜ ଓ ସରଳ ଭାଷାରେ ଏଇଟିକୁ

ଲେଖିଛନ୍ତି । ଲେଖକ କାହାଣୀ କହିଲାପରେ ଏଇଟିକୁ ଲେଖିଛନ୍ତି । ଶ୍ରେଣୀରେ କାହାଣୀ ଭାବରେ ଏହାକୁ କିପରି ଉପସ୍ଥାପନ କରାଯାଇପାରିବ । ସେଥିପ୍ରତି ଲେଖକ ଖୁବ୍ ଧ୍ୟାନ ଦେଇଛନ୍ତି ।

Module 10

## ଆଲୋଚନା ଓ ପ୍ରତିଫଳନ

- ଏ ପର୍ଯ୍ୟନ୍ତ ଆପଣ ଯେତେ ସବୁ ଗପ ଶୁଣିଛନ୍ତି ତା ଅପେକ୍ଷା ଏହି ଗପରେ କ'ଣ ବିଶେଷତା ରହିଛି ?
- ଗପରେ କେଉଁ ପ୍ରକାର ଭାଷା ଏବଂ କେଉଁ ସବୁ ସାମାଜିକ ସଂବେଦନଶୀଳ ବିଷୟ ରହିବା ଉଚିତ ?

ଆସନ୍ତୁ ଆମେ ଶିକ୍ଷୟିତ୍ରୀ ସ୍ନେହା ଦେବୀଙ୍କ ଗୋଟିଏ ଶ୍ରେଣୀର କାର୍ଯ୍ୟ ଦେଖିବା । ସବୁଦିନ ଭଳି ସ୍ନେହା ଦେବୀ ଶ୍ରେଣୀ ଗୃହକୁ ପ୍ରବେଶ କରି ପଚାରିଲେ – ପିଲାମାନେ କିପରି ଅଛ ? ଆଜି କ'ଣ ଖାଇଛ ? ଲୀନା, ତୁମର ଦେହ ଭଲ ଅଛି ତ ? ମୋହିତ, ତୁମର ବହି ମିଳିଲା ତ ? ପୁଣି ପଚାରିଲେ ଆଜି କେଉଁ ଗପ ବହି ପଢ଼ି ଆସିଛ ? ଏହିପରି ପିଲାମାନଙ୍କ ସହିତ ମିଶିଯିବା ପାଇଁ ଏବଂ ସମସ୍ତଙ୍କର ଧ୍ୟାନ ନିଜ ଉପରକୁ ଆଣିବା ପାଇଁ କିଛି ସମୟ ସେ କଥାବାର୍ତ୍ତା କଲେ । ପୁଣି କହିଲେ ଜାଣିଛ – 'ମୁଁ କାଲି ରାତିରେ ଆକାଶରୁ ତାରା ପଡ଼ିଯିବାର ଦେଖିଲି । ମୁଁ ତ ପୁରା ଆଶ୍ଚର୍ଯ୍ୟ ହୋଇଗଲି । ତୁମେମାନେ ଏପରି କେବେ ଦେଖିଛ କି ? ଏହା କହିବା କ୍ଷଣି ପିଲାମାନେ ନିଜ ନିଜର ଅନୁଭୂତି କହିବା ଆରମ୍ଭ କରିଦେଲେ । ମୁନି ତଳକୁ ମୁହଁ କରି କହିଲା 'ରାତିର ଅନ୍ଧାରରେ ମୋତେ ଭାରି ଡର ଲାଗେ । ଜହ୍ନ ଥିଲେ ଡର ଲାଗେନା । ତାରାଗୁଡ଼ିକ ବହୁତ ଛୋଟ ତେଣୁ ସେମାନଙ୍କର ଆଲୁଅ କମ୍ ।' ମୋହିତ ଆକାଶରେ ଦିନରେ ସୂର୍ଯ୍ୟ ତାରାମାନଙ୍କୁ ଲୁଚାଇ ଦିଅନ୍ତି ବୋଲି ନିଜ ମାତୃଭାଷା (ସାନ୍ତାଳୀ)ରେ କହିବାକୁ ଆରମ୍ଭ କଲା । ଲୀନା କହିଲା – ତାରା,ଚନ୍ଦ୍ର, ସୂର୍ଯ୍ୟ ପାଖରେ ଥିଲେ କେତେ ବଢ଼ିଆ ଲାଗନ୍ତା । "ମଝିରେମଝିରେ ସ୍ନେହା ଦିଦି ମଧ୍ୟ କିଛି କଥା କହୁଥାନ୍ତି ଏବଂ ପ୍ରାସଙ୍ଗିକ ପ୍ରଶ୍ନ ପଚାରୁଥାନ୍ତି । ପିଲାମାନେ ଆକାଶ,

Module 10

ଚନ୍ଦ୍ର, ତାରା.... ବିଷୟ ଏହିପରି ନୂଆନୂଆ କଥା କହୁଥାନ୍ତି। ଶ୍ରେଣୀରେ ଶିକ୍ଷୟିତ୍ରୀ ସ୍ନେହା ଦିଦିଙ୍କ ଅପେକ୍ଷା ପିଲାମାନଙ୍କର କଥା ବେଶୀ ଶୁଭୁଥାଏ ଏବଂ ପିଲାମାନେ ଯାହା ବି କହୁଥାନ୍ତି, ନିର୍ଭୟରେ ଆନନ୍ଦର ସହିତ କଥା ହେଉଥାନ୍ତି। ସ୍ନେହା ଦିଦି ମଧ୍ୟ ବେଶ୍ ଖୁସିରେ ପଢ଼ାଉଥାନ୍ତି।"

ଉପର ଅନୁଚ୍ଛେଦରୁ ଆପଣ କ'ଣ ଜାଣିଲେ ? ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ଗପ କହିବାର ଆବଶ୍ୟକତା ନାହିଁ। ପିଲାମାନେ ବହୁତ କଥା / କାହାଣୀ କହିପାରିବେ ଯଦି ଆପଣ ସ୍ନେହା ଦିଦିଙ୍କ ଭଳି ସୁଯୋଗ ଦେବେ ଏବଂ ପିଲାମାନଙ୍କ ସହିତ ମିଶି ଗପ କହିବେ।

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

- ଶ୍ରେଣୀରେ ସବୁ ପିଲା ମୁନିର ରାତିର ଡର କଥା ଉପରେ ବେଶୀ ଆଗ୍ରହ ରଖୁଥିଲେ ନା ନିଜ ରୁଚି ଅନୁସାରେ କହୁଥିଲେ ?
- ମୁନି ଆତ୍ମ ବିଶ୍ୱାସ ସହିତ କହୁଥିଲା କି ?
- ମୋହିତ କେଉଁ ଭାଷାରେ କହିଲା ? ସ୍ନେହା ଦିଦି ତାକୁ କିଛି କହିଲେ ନାହିଁ କାହିଁକି ?

## ଗଳ୍ପ କଥନ

ଲୀନାର କଥାରୁ ସ୍ନେହା ଦିଦି ଗପ କହିବା ଆରମ୍ଭ କଲେ- କେବେ ଜହ୍ନର ଛବି ପୋଖରୀ ଭିତରେ ଦେଖିଛ ? କେଉଁ ପିଲା କହିଲା 'ହଁ' କିଏ କହିଲା 'ନା'। ଦିଦି କହିଲେ - 'ଥରେ ପିଲାମାଙ୍କଡମାନେ ଗଛ ଡାଳରେ ବସି ତଳେ ଥିବା ପୋଖରୀରେ ଜହ୍ନର ଛବି ଦେଖିଲେ। ତାଙ୍କର ଇଚ୍ଛା ହେଲା ଜହ୍ନକୁ ଧରିବା ପାଇଁ। ସମସ୍ତେ ଉପାୟ ପାଞ୍ଚିବା ସମୟରେ ଗୋଟିଏ ପିଲାମାଙ୍କଡ ପୋଖରୀ ଭିତରକୁ କୁଦା ମାରିଦେଲା ଆଉ ତା' ପରେ.... ଡାଳ ଭାଙ୍ଗିଗଲା, ପରେ ମାଙ୍କଡ଼ ମାନେ ପୋଖରୀରେ ପଡ଼ିଗଲେ। ଏହିପରି ଗପଟିକୁ କହିଲେ। ହଠାତ୍ ସ୍ନେହା ଦିଦି ଗପଟିକୁ ଆଗେଇ ନେବା ପାଇଁ ପିଲାମାନଙ୍କୁ କହିଲେ'। ଲୀନା ଚଟ୍ କରି କହିଲା -

Module 10

'ପୋଖରୀରେ ଥିବା କୁମ୍ଭୀର ଆସିଲା । କୁମ୍ଭୀରକୁ ଦୂରରୁ ଦେଖି ମାଙ୍କଡ଼ମାନେ ଡରରେ ଉବୁଟୁବୁ ହେଲେ । ଆଉ......।' ମୋହିତ କହିଲା – 'ବୁଢ଼ା ମାଙ୍କଡ଼ ଆସି ସେମାନଙ୍କୁ ବଂଚାଇବା ପାଇଁ ଗୋଟିଏ ଦଉଡି ଆଣିଲା ଆଉ ..... ଏହିପରି ପିଲାମାନେ ଗପ କହୁଥାନ୍ତି ଓ ମଜା ବି କରୁଥାନ୍ତି । ଦିଦି ମଧ୍ୟ ତାଙ୍କ ସାଥିରେ ମିଶି କଉତୁକିଆ ପ୍ରଶ୍ନସବୁ ପଚାରୁଥାନ୍ତି ।

- ଗପ କହିବା ପରେ ସ୍ନେହା ଦିଦି ନିମ୍ନଲିଖିତ ପ୍ରଶ୍ନ ପଚାରିଲେ.....
- ପିଲାମାଙ୍କଡ ଆଗେ କାହିଁକି କୁଦା ମାରିଲା ?
- ଗଛର ଡାଳ କାହିଁକି ଭାଙ୍ଗି ଗଲା ?
- ଏହା ଦିନ ଥିଲା ନା ରାତି ?
- ମାଙ୍କଡମାନେ କ'ଣ କରିଥିଲେ ଜହ୍ନକୁ ଧରି ପାରିଥାନ୍ତେ ?
- ଗୋଟିଏ ମାଙ୍କଡକୁ ଯଦି କୁମ୍ଭୀର ଖାଇ ଦେଇଥାନ୍ତା, କ'ଣ ହୋଇଥାନ୍ତା ?
- ମାଙ୍କଡ଼ଗୁଡ଼ିକ ବୋକା ଥିଲେ କି ? କାହିଁକି ?
- ଗପର କେଉଁ ଭାଗରେ ତୁମକୁ ବେଶୀ ମଜା ଲାଗିଲା ? କାହିଁକି ?

ସ୍ନେହା ଦିଦି ଗପ କହିବା ପରେ ଏମିତି କିଛି ପ୍ରଶ୍ନ ପଚାରିଲେ ଯାହାଦ୍ୱାରା ପିଲାମାନଙ୍କର ଅନୁମାନ କରି କହିବା, ଚିନ୍ତା କରି କହିବା ଭଳି ଦକ୍ଷତା ବୃଦ୍ଧି କରୁଥିଲା । ସ୍ନେହା ଦିଦିଙ୍କ ପ୍ରଶ୍ନ ଦ୍ୱାରା ପିଲାମାନଙ୍କର କଳ୍ପନା ଓ ବିଶ୍ଳେଷଣାତ୍ମକ ଚିନ୍ତାର ଉଦ୍ରେକ ହେଉଥିଲା । ତେଣୁ ପିଲାମାନଙ୍କର ଭାଷା ଦକ୍ଷତାର ବିକାଶ ପାଇଁ ଆମକୁ କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ନଜର ଦେବାକୁ ପଡ଼ିବ । ଯେପରି –

- ପିଲାମାନେ କହୁଥିବା କଥା ଓ ବିଷୟକୁ ଗୁରୁତ୍ୱ ଦେବା ।
- ସେମାନେ ତାଙ୍କ ନିଜ ମାତୃଭାଷାରେ କହିପାରିବେ ।

Module 10

- ତାଙ୍କ କଥା ଆପଣଙ୍କୁ ଭଲ ଲାଗୁଛି ବୋଲି ସେମାନେ ଅନୁଭବ କରିବେ।
- ପିଲାମାନେ ନିଜ କଥାକୁ ନିଜ ତରିକାରେ କହିବା ପାଇଁ ପସନ୍ଦ କରନ୍ତି। ସେଥିପ୍ରତି ଧ୍ୟାନ ଦେବା।
- ସେମାନଙ୍କ କଥାକୁ ଶ୍ରେଣୀର ଅନ୍ୟ ପିଲାମାନେ ମଧ୍ୟ ଆଗ୍ରହ ସହିତ ଶୁଣୁଥିଲେ ବୋଲି ଅନୁଭବ କରିବେ।
- ପିଲାମାନଙ୍କର ଯୁକ୍ତି ଭିନ୍ନଭିନ୍ନ ହୋଇପାରେ। କେଉଁଟି ଠିକ୍ କେଉଁଟି ଭୁଲ୍, ଆପଣ ଦର୍ଶାଇବା ଉଚିତ୍ ନୁହେଁ।
- ଠିକ୍ ଭାବରେ କହ ବୋଲି ସେମାନଙ୍କୁ ବାରମ୍ବାର ତାଗିଦ୍ କରିବା ଉଚିତ୍ ନୁହେଁ।
- ସମସ୍ତଙ୍କୁ ସବୁ ପ୍ରଶ୍ନର ଉତ୍ତର ଆସିବା ଉଚିତ୍ – ଏହା ଜରୁରୀ ନୁହେଁ।
- ସେମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା।

## ଆଲୋଚନା ଓ ପ୍ରତିଫଳନ

- ଗପ କହିବା ଓ ଅନୌପଚାରିକ କଥାବାର୍ତ୍ତା କରିବା ଭାଷାର କେଉଁ ଦକ୍ଷତା ବଢ଼ାଇଥାଏ ?
- ସ୍ନେହା ଦିଦିଙ୍କର କେଉଁ କଥାଟି ଆପଣଙ୍କୁ ବହୁତ ଭଲ ଲାଗିଲା ?
- ପ୍ରଶ୍ନ ପଚାରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ପ୍ରକୃତରେ ପିଲାମାନଙ୍କ ସହିତ କଥାବାର୍ତ୍ତା କଲେ ହିଁ ସେମାନଙ୍କର ଶୁଣିବା ଓ କହିବା ଦକ୍ଷତା ଭଲ ଭାବରେ ବୃଦ୍ଧି ହୋଇଥାଏ। ଭାଷା ଦକ୍ଷତାଗୁଡ଼ିକ ପରସ୍ପର ସମନ୍ୱିତ ଭାବରେ ଅଭିବୃଦ୍ଧି ହୋଇଥାଏ। ଏହି ଦକ୍ଷତାଗୁଡ଼ିକ ଅଲଗା ଅଲଗା ବା ଗୋଟିଏ ନିର୍ଦ୍ଦିଷ୍ଟ କ୍ରମରେ ବୃଦ୍ଧି ହୋଇନଥାଏ। ଯଦି ପିଲାମାନେ ଶିକ୍ଷକ ବା ଅନ୍ୟ ପିଲାମାନେ କହୁଥିବା କଥାବାର୍ତ୍ତାକୁ ଧ୍ୟାନ ସହ ଶୁଣନ୍ତି, ତେବେ ସେମାନେ ଶବ୍ଦ

Module
10

ବାଛିବା, ସଂଯୋଜନା କରିବା, କହିବା ଶୈଳୀ, କହିବାରେ ଉତ୍ଥାନ ପତନ..... ଇତ୍ୟାଦି ଜ୍ଞାନ ଆହରଣ କରିଥାନ୍ତି । ଭଲ ଭାବରେ ଶୁଣିଲେ ଭଲ କହି ହୁଏ । ଏହା ପିଲାମାନଙ୍କୁ ଭଲ ବକ୍ତା ଭାବରେ ତିଆରି କରିଥାଏ । କାରଣ ଶୁଣିବା ସମୟରେ ଶ୍ରୋତର ମସ୍ତିଷ୍କରେ ନିରନ୍ତର ବିଚାର ବିମର୍ଶ ଚାଲିଥାଏ । ଆପଣ ସ୍ନେହା ଦିଦିଙ୍କ ଗପ କହିବା କଥା ମନେ ପକାନ୍ତୁ । ଗପ କହିବା ସମୟରେ ପିଲାମାନଙ୍କ ମନରେ କେତେ ପ୍ରଶ୍ନ ସବୁ ଆସୁଥିଲା, ଯେପରି – ସେଦିନ ରାତି ଥିଲା ନା ଦିନ ? ନଦୀର ସୁଅ ଥିଲା ତେବେ ଜହ୍ନର ଛବି କିପରି ଦିଶିଲା ? ଯଦି ପିଲାମାଙ୍କଡ ଥିଲେ, ଡାଳ ଭାଙ୍ଗିଲା କିପରି ଏହା ମଟକା ଗଛ ଥିଲା କି ? ..... ଏହିପରି କେତେ ପ୍ରଶ୍ନ । ଏହା ସୁଚେଇ ଦେଉଥିଲା ଯେ, ପିଲାମାନେ ମନ ଦେଇ ଗପ ଶୁଣୁଥିଲେ । ପିଲାମାନେ ନିଜ ମାତୃଭାଷାରେ ମଧ୍ୟ କହି ପାରୁଥିଲେ । ଯଦିଓ ଓଡ଼ିଆ ଭାଷା ଶିଖିବାର ଶ୍ରେଣୀ ଥିଲା ତଥାପି ମାତୃଭାଷାରେ କହିବା ଏଥିପାଇଁ ସମସ୍ୟା ନ ଥିଲା ବରଂ ସହାୟକ ଥିଲା – ଏକଥା ଆମକୁ ଗ୍ରହଣ କରିବାକୁ ହେବ ।

## ଗପର ଶୀର୍ଷକ

କୌଣସି ଗପର ଶୀର୍ଷକ / ନାମ ତା'ର ମୁଖ୍ୟ ଧାରଣା / ଭାବନା ଉପରେ ଆଧାରିତ ହୋଇଥାଏ । ସ୍ନେହା ଦିଦି 'ଆସରେ ଧରିବା ଜହ୍ନ' ଗପଟି କହିବା ସମୟରେ ପିଲାମାନଙ୍କୁ ପଚାରିଲେ–

- ଏହି ଗପର ନାମ ଆସରେ ଧରିବା ଜହ୍ନ କାହିଁକି ରଖାଯାଇଛି ?
- ଯଦି ଗଛର ଡାଳ ଭାଙ୍ଗି ନ ଥାନ୍ତା  କ'ଣ ହୋଇଥାନ୍ତା ?
- କୁମ୍ଭୀର ସବୁ ମାଙ୍କଡ଼କୁ ଖାଇଦେଇଥିଲେ କ'ଣ ହୋଇଥାନ୍ତା ?

Module 10

- ଏହାର ନାମ ଆଉ କ'ଣ ହୋଇ ପାରିବ ?

ପିଲାମାନେ ଯିଏ ଯାହାର ନାମ ରଖିଲେ ଯେପରି – ବୋକା ମାଙ୍କଡ ଦଳ ମାଙ୍କଡ ପାଇଲେ ପାନେ ଜହ୍ନ ଓ ମାଙ୍କଡ ..... ଇତ୍ୟାଦି ।

ଏଥିରୁ ଜଣାପଡୁଛି ପିଲାମାନେ ଗପର ମୁଖ୍ୟ ବିଷୟ ବସ୍ତୁ ଏବଂ ଚରିତ୍ରକୁ ଭଲ ଭାବରେ ବୁଝିଛନ୍ତି । ଗପର ନାମକରଣ କରିବା ପିଲାମାନଙ୍କର ସୃଜନାତ୍ମକ ତଥା ବିଶ୍ଳେଷଣାତ୍ମକ ଚିନ୍ତନ ଅଭିବୃଦ୍ଧିରେ ସହାୟକ ହୋଇଥାଏ ।

## ଆଲୋଚନା ଓ ପ୍ରତିଫଳନ

- ଗପର ନାମକରଣ କେଉଁକେଉଁ ଆଧାରରେ ହୋଇଥାଏ ?
- ଏହା ପିଲାମାନଙ୍କୁ ଶିଖାଇବା ପାଇଁ ଆପଣ କେଉଁ ସବୁ କୌଶଳ ଅବଲମ୍ବନ କରିବେ ?

## ଅଲଗା ଢଙ୍ଗରେ ଗଳ୍ପ କଥନ

ଗଳ୍ପକଥନ ପିଲାମାନଙ୍କର ବିଭିନ୍ନ ଧାରଣାକୁ ସଂଗଠିତ କରିଥାଏ ଏବଂ ଗୋଟିଏ କଥାକୁ ଅଲଗାଅଲଗା ଭାବରେ ପ୍ରକାଶ କରିବା କୌଶଳ ଶିଖାଇଥାଏ । ତେଣୁ ଗପର କିଛି ଘଟଣା ବଦଳାଇ, ଗପର ଶେଷ କଥା ବଦଳାଇ ଆମେ ଗପକୁ ବହୁତ ପ୍ରକାରେ ଆଗେଇ ନେଇପାରିବା । ଏଥିପାଇଁ ସ୍ନେହା ଦିଦି ଆସରେ ଧରିବା ଜହ୍ନ ଗପକୁ ଭିନ୍ନଭିନ୍ନ ଭାବରେ କହିବା ପାଇଁ ପିଲାମାନଙ୍କୁ କହିଲେ । ସେ ପଚାରିଲେ – 'ଯଦି କୁମ୍ଭୀର ମାଙ୍କଡମାନଙ୍କ ପାଖରେ ଆସି ପହଂଚି ଯାଇଥାନ୍ତା ?' ଲୀନା କହିଲା – ସେ ସମସ୍ତଙ୍କୁ ଖାଇ ଦେଇଥାନ୍ତା । ମୋହିତ କହିଲା – 'ସବୁ ମାଙ୍କଡ ମିଶି କୁମ୍ଭୀରକୁ ମାଟି ଉପରକୁ ଟାଣି ଆଣିଥାନ୍ତେ ।' ମୁନି କହିଲା – 'ସେ ଗୋଟିଏ ମାଙ୍କଡ଼କୁ ନେଇ ପଳାଇଥାନ୍ତା' । ପୁଣି ଦିଦି ପଚାରିଲେ – 'ତୁମେ ମାଙ୍କଡ ହୋଇଥିଲେ କ'ଣ କରିଥାନ୍ତ ?' ମୋହି କହିଲା – 'ଆମେ ଜହ୍ନ ଧରିବା ପାଇଁ ଯାଇନଥାନ୍ତୁ । .... ଏହିପରି ପିଲାମାନେ ଗପଟିକୁ ଭିନ୍ନ ଭିନ୍ନ ପ୍ରକାରେ କହିପାରିବେ । ପିଲାମାନେ

Module 10

ଗପ କହିବା ସମୟରେ ନିଜ ବିଚାର ଓ ଶୈଳୀରେ କହିବା ପାଇଁ ଉତ୍ସାହିତ କରିବା ଉଚିତ୍ । ଏହା ଦ୍ୱାରା ଶବ୍ଦ ସଂଯୋଜନା ପାଖରୁ ଆରମ୍ଭ କରି କହିବା ଢ଼ଙ୍ଗ – ସବୁଥିରେ ପିଲାମାନଙ୍କର ଦକ୍ଷତା ବୃଦ୍ଧି ହୋଇଥାଏ । ଆମେ ବହୁତ ସମୟରେ ଯାହା ଲେଖା ହୋଇଛି ସେହି ଗପଟିକୁ ହିଁ କହିଦେଉ । ଏହା ଦ୍ୱାରା ପିଲାମାନଙ୍କର ସୃଜନୀ ଓ କଳ୍ପନା ଶକ୍ତିର ବିକାଶ ହୋଇନଥାଏ ।

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

ଗପ କହିବା ସମୟରେ ସ୍ନେହା ଦିଦି ଦେଖିଲେ ଯେ, ମୋହନ ଭଲ କହେ କିନ୍ତୁ ଆଜି ସେ ସବୁ କଥା ଧୈର୍ଯ୍ୟର ସହ ଶୁଣୁଥିଲା । ମୁନି ଡରି ଡରି କହୁଥିଲା । ମୋହିତ ଠିକ୍ ଯୁକ୍ତି ଦେଇ କହୁଥିଲା । ରାଧିକା କହିବା ସମୟରେ ଟିକିଏ ଅଟକି ଯାଉଥିଲା । ସାନୁ ଗପର ନାମ ବୋକା ମାଙ୍କଡ ବୋଲି କହିଲା । ତା'ର ଯୁକ୍ତି ଶକ୍ତି ନିଶ୍ଚିତ ଭାବରେ ଅନ୍ୟ ଠାରୁ ଅଲଗା ।

## ଆଲୋଚନା ଓ ପ୍ରତିଫଳନ

- ପିଲାମାନେ ନିଜେ ନିଜ ଅନୁସାରେ ଗପ କହିବା ଓ ଗପ ଶେଷ ବଦଳାଇ ଦେବା ଭାଷା ଦକ୍ଷତା ବୃଦ୍ଧିରେ କିପରି ସହାୟକ ହୋଇଥାଏ ?
- ପିଲାମାନଙ୍କର ମୌଖିକ ଭାଷା ଦକ୍ଷତାର ବୃଦ୍ଧି କରିବା ପାଇଁ ଆପଣ କ'ଣ କରିବେ ? କାହିଁକି ?

ପିଲାମାନଙ୍କ ଦ୍ୱାରା ଅଲଗା ଅଲଗା ଗପ କହିବା ହିଁ ମୌଖିକ ଭାଷା ଦକ୍ଷତା ବୃଦ୍ଧିର ଏକ ବଳିଷ୍ଠ ଉପାୟ । ଗପ କହିବା ସମୟରେ ସ୍ନେହା ଦିଦି କିଭଳି ପ୍ରଶ୍ନ ସବୁ ପଚାରିଥିଲେ । ଦେଖିବା – ଯଦି କୁମ୍ଭୀର ମାଙ୍କଡମାନଙ୍କ ପାଖରେ ଆସି ପହଂଚି ଯାଇଥାନ୍ତା ? ଯଦି ଗଛର ଡାଳ ଭାଙ୍ଗି ନ ଥାନ୍ତା କ'ଣ ହୋଇଥାନ୍ତା ? ଏହିର ସବୁ ପ୍ରଶ୍ନ ଆଧାରରେ ପିଲାମାନେ ଗପକୁ ନିଜ ଅନୁସାରେ ଆଗେଇ ନେଉଥିଲେ । ଏହାପରେ ସ୍ନେହା ଦିଦି କହିଲେ ଠିକ୍ ଅଛି । ଏବେ ତୁମେ ସବୁ ଯେଉଁ ଭଳି ନିଜେନିଜେ ଗପ କହିଲ ଠିକ୍ ସେହିପରି ଲେଖ ଓ ତା'ର ଏକ ନାମ ଦିଅ ।

Module 10

ପ୍ରଶ୍ନ ଉଠୁଛି – ୩ ଶ୍ରେଣୀର ପିଲାମାନେ କ'ଣ ଲେଖିପାରିବେ ! କେତେ ପିଲା ଭଲ କହିପାରନ୍ତି କିନ୍ତୁ ଲେଖିପାରନ୍ତି ନାହିଁ। କେତେକ ପିଲା ଠିକ୍ ଭାବରେ ଶବ୍ଦ ସଂଯୋଜନା କରିପାରନ୍ତି ନାହିଁ। କିଛି ପିଲାଙ୍କୁ ଲେଖିବା ପାଇଁ ସଂଘର୍ଷ କରିବାକୁ ପଡେ। କେତେ ଜଣଙ୍କର ଅକ୍ଷର ଓ ଧାଡ଼ି ମଧ୍ୟ ଅଙ୍କା ବଙ୍କା ହୋଇଥାଏ। ଏସବୁ ସତ୍ତ୍ୱେ ଆମେ ମନେ ରଖିବା ଉଚିତ୍ ଯେ ଏହା ସର୍ଜନାତ୍ମକ ଲିଖନର ଏକ ଉତ୍ତମ ସମୟ। ଏବେଠାରୁ ଲେଖିବା ଆରମ୍ଭ କଲେ ଭବିଷ୍ୟତରେ ଭଲ ଭାବରେ ଲେଖିପାରିବେ। ଆମର ଅନୁଭବ ଏହା କହେ ଏବଂ ଭାଷାବିତ୍‌ମାନେ ମଧ୍ୟ ଏ କଥା ସବୁବେଳେ ଗ୍ରହଣ କରିଥାନ୍ତି।

## ଭାଷା ଶିକ୍ଷଣ-ଶିକ୍ଷାଦାନ ସମୟରେ ଆକଳନ

**ସ୍ନେହା ଦିଦି ଦେଖିଲେ ଯେ –**

- ମୁନି ଖଣ୍ଡିଏ କାଗଜ ନେଇ ଗପଟିକୁ ଆରମ୍ଭ କଲା କିନ୍ତୁ ଶୀଘ୍ର ତାକୁ ଲିଭେଇ ଦେଲା। ପୁଣି ଲେଖିଲା।
- ଲୀନା ଜହ୍ନ ଶବ୍ଦଟି ଲେଖି ପାରୁ ନଥାଏ। ବହି ଦେଖି ଲେଖିଲା।
- ସେହିପରି ମାଳତୀ 'ମାଙ୍କଡ଼' ଶବ୍ଦ ଜାଗାରେ ହନୁ ବୋଲି ଲେଖିଲା। ସ୍ନେହା ଦିଦି ପଚାରିବାକୁ ସେ କହିଲା ମୋତେ ମାଙ୍କଡ଼ ଲେଖି ଆସେ ନାହିଁ।
- ସାନୁ ଧୀରେଧୀରେ ଅକ୍ଷର ସବୁ ଲେଖୁଥାଏ।
- ମୋହିତ ନିଜ ମାତୃଭାଷା ସାନ୍ତାଳୀରେ ଲେଖିଲା। ସେ ଭାରି ଆତ୍ମ ବିଶ୍ୱାସ ସହ ଲେଖିଥାଏ।
- ମୁନି ଗପର ନାମ 'ବୋକା ମାଙ୍କଡ଼ ଦଳ' ବୋଲି କହିଲା ଏବଂ ଯୁକ୍ତି କଲା ଯେ ପାଣି ଭିତରେ କ'ଣ ଜହ୍ନ ଥିଲା ? ଏମାନେ ଜହ୍ନର ଛବିକୁ ଜହ୍ନ ବୋଲି ଭାବିଲେ। ଏକଥା କହି ଠୋ଼ଠୋ଼ ହୋଇ ହସିଲା।

- ସାନୁ ଗପଟିକୁ ଶୀଘ୍ର ଆଗେଇ ନେଇ କହିଲା – ପାଣିରେ କୁମ୍ଭୀର ଥିଲା । ସେ ମାଡ଼ି ଆସିଲା ମାଙ୍କଡ଼ମାନଙ୍କୁ ଖାଇବା ପାଇଁ । ଗଛ ଡାଳରେ ବସିଥିବା ବୁଢ଼ା ମାଙ୍କଡ଼ ଗୋଟିଏ ବଡ଼ ଡାଳ ଭାଙ୍ଗି କୁମ୍ଭୀର ଉପରକୁ ଫିଙ୍ଗିଲା ।

## ଆଲୋଚନା ଓ ପ୍ରତିଫଳନ

- ପିଲାମାନେ ନିଜନିଜ ଅନୁସାରେ ଗପ କହିବା ଓ ଗପ ଶେଷ ବଦଳାଇ ଦେବା ଭାଷା ଦକ୍ଷତା ବୃଦ୍ଧିରେ କିପରି ସହାୟକ ହୋଇଥାଏ ?
- ଏଠାରେ କହିବା ଓ ଲେଖିବା ଏକା ସାଙ୍ଗରେ ଚାଲିଥିଲା । ଗପକୁ ଆଗେଇ ନେବା ପାଇଁ ମୌଖିକ କାର୍ଯ୍ୟ ପିଲାର ଲିଖନରେ କିପରି ସାହାଯ୍ୟ କରିଥାଏ ?

## ଗପ ପଢ଼ିବା

ପଠନ ଏକ ଅର୍ଥପୂର୍ଣ୍ଣ ପ୍ରକ୍ରିୟା ଯେଉଁଥିରେ ପିଲାମାନେ ପାଠ୍ୟ ବିଷୟରୁ ଅର୍ଥ ନିର୍ମାଣ କରନ୍ତି । ଗୋଟିଏ ଲେଖାରୁ ଭିନ୍ନଭିନ୍ନ ପିଲା ଭିନ୍ନ ଅର୍ଥ ନିର୍ମାଣ କରିପାରନ୍ତି । ଯେ କୌଣସି ଲେଖାକୁ ଭାବର ସହ ପଢ଼ିଲେ, ତା'ର ଅର୍ଥ ପାଇବା ସହଜ ହୋଇଥାଏ । ସ୍ନେହା ଦିଦି 'ଆସ ଧରିବା ଜହ୍ନ' ଗପ କହିବା ପୂର୍ବରୁ ପିଲାମାନଙ୍କ ସହିତ ଅନୌପଚାରିକ ଭାବରେ କିଛି କଥା ହେଲେ – ଏହାର ୨ଟି କାରଣ ରହିଛି । ପ୍ରଥମଟି ହେଲା– ଗପଟିକୁ ଶୁଣି ସାରିଥିଲେ, ପଢ଼ିବା ପାଇଁ ସହଜ ହେବ ଏବଂ ଦ୍ୱିତୀୟ ହେଲା – ବହିରେ ଥିବା ଚିତ୍ର ଦେଖି ଅନେକ କଥା ଅନୁମାନ କରିପାରିବ ଯାହା ପରବର୍ତ୍ତୀ ସମୟରେ ତା'ର ପଢ଼ିବା ଏବଂ ଲେଖିବା କାର୍ଯ୍ୟରେ ସହାୟକ ହେବ । ତେଣୁ ଗପ କହିବା ସମୟରେ ସ୍ନେହା ଦିଦି ଗପର ଭିନ୍ନ ଭିନ୍ନ ପୃଷ୍ଠାରେ ଥିବା ଚିତ୍ର ପ୍ରତି ପିଲା ମାନଙ୍କର ଧ୍ୟାନ ଆକର୍ଷଣ ଓ ସେ ବିଷୟରେ କଥାବାର୍ତ୍ତା କରୁଥିଲେ ।

## ଯେପରି –

- ପ୍ରଥମ ଚିତ୍ରରେ ଗପର କେଉଁ ଘଟଣା ରହିଛି ?

Module 10

- ଦ୍ୱିତୀୟ ଚିତ୍ରରେ ଗୋଟିଏର ମାଙ୍କଡ଼ ଅନ୍ୟମାନଙ୍କୁ ଏପରି କାହିଁକି ଦେଖୁଛି ?
- ମାଙ୍କଡଗୁଡ଼ିକ ମଜାରେ ହାତ ଧରା ଧରି ହେଉଥିଲେ ନା ଡରରେ ?
- ଚିତ୍ରରେ କୁମ୍ଭୀର କେଉଁଟି ଅଛି ?

ବର୍ତ୍ତମାନ ସ୍ନେହା ଦିଦି 'ଆସ ଧରିବା ଜହ୍ନ' ଗପଟିକୁ ପଢ଼ି ଶୁଣାଇବା ପାଇଁ ଆରମ୍ଭ କଲେ... ତଳେ ପିଲାମାଙ୍କଡ଼ ପାଣି ଭିତରେ ଜହ୍ନକୁ ଦେଖିଲେ। ଆକାଶରେ ଥିବା ଜହ୍ନକୁ ପାଣି ଭିତରେ ଦେଖି ହନୁମାନଙ୍କର ଖୁସି କହିଲେ ନସରେ। ସେମାନଙ୍କ ଭିତରୁ ଜଣେ କହିଲା, 'ଆରେ ଦେଖରେ, ପୋଖରୀ ଭିତରେ ଜହ୍ନ ! ଚାଲ ତାକୁ ଧରିବା।'

ଜହ୍ନକୁ କେମିତି ଧରିବେ ସମସ୍ତେ ଉପାୟ ପାଞ୍ଚିଲେ। ସମସ୍ତେ ଉପାୟ ପାଞ୍ଚୁଥିବାବେଳେ ଜଣେ ଜହ୍ନକୁ ଆଗେ ଧରିବା ପାଇଁ ବ୍ୟସ୍ତ ହୋଇପଡ଼ିଲା। ତେଣୁ ସେ କିଛି ଚିନ୍ତା ନ କରି ପୋଖରୀ ଭିତରକୁ ମାରିଲା ଗୋଟାଏର କୁଦା...... ସ୍ନେହା ଦିଦି ଜାଣିଜାଣି କିଛି ଅଲଗା ଶବ୍ଦ ପଢୁଥିଲେ ଯେପରି ପୋଖରି ସ୍ଥାନରେ ପାଣି, ମାଙ୍କଡ ସ୍ଥାନରେ ହନୁ..... କାରଣ ସେ ପିଲାମାନଙ୍କୁ ଏହା ବୁଝାଇବା ପାଇଁ ଚାହୁଁ ଥିଲେ କି ନୂଆନୂଆ ଶବ୍ଦ କିପରି ବ୍ୟବହାର କରିବା। ତାଙ୍କର ଉଦ୍ଦେଶ୍ୟ ଥିଲା – ପିଲାମାନେ ନିଜ ଅନୁସାରେ ଗପ ଲେଖିବା ସମୟରେ ଏହି କୌଶଳ ଅବଲମ୍ବନ କରିବେ।

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

**ସ୍ନେହା ଦିଦି ଦେଖିଲେ –**

- ଲୀନା ଗପଟିକୁ ନିଜ ଗତିରେ ପଢୁଥାଏ।

ଆଲୋଚନା ଓ ପ୍ରତିଫଳନ

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

Module 10

ଗପ କହିବା ସମୟରେ ସ୍ନେହା ଦିଦି ଦେଖିଲେ ଯେ - ମୋହନ ଭଲ କହେ କିନ୍ତୁ ଆଜି ସେ ସବୁ କଥା ଧୈର୍ଯ୍ୟର ସହ ଶୁଣୁଥିଲା। ମୁନି ତରିତରି କହୁଥିଲା। ମୋହିତ ଠିକ୍ ଯୁକ୍ତି ଦେଇ କହୁଥିଲା। ରାଧିକା କହିବା ସମୟରେ ଟିକିଏ ଅଟକି ଯାଉଥିଲା। ସାନୁ ଗପର ନାମ 'ବୋକା ମାଙ୍କଡ଼' ବୋଲି କହିଲା। ତା'ର ଯୁକ୍ତି ଶକ୍ତି ନିଶ୍ଚିତ ଭାବରେ ଅନ୍ୟଠାରୁ ଅଲଗା।

## ଆଲୋଚନା ଓ ପ୍ରତିଫଳନ

- ପିଲାମାନେ ନିଜେନିଜ ଅନୁସାରେ ଗପ କହିବା ଓ ଗପ ଶେଷ ବଦଳାଇ ଦେବା ଭାଷା ଦକ୍ଷତା ବୃଦ୍ଧିରେ କିପରି ସହାୟକ ହୋଇଥାଏ ?
- ପିଲାମାନଙ୍କର ମୌଖିକ ଭାଷା ଦକ୍ଷତାର ବୃଦ୍ଧି କରିବା ପାଇଁ ଆପଣ କ'ଣ କରିବେ ? କାହିଁକି ?

ପିଲାମାନଙ୍କ ଦ୍ୱାରା ଅଲଗାଅଲଗା ଗପ କହିବା ହିଁ ମୌଖିକ ଭାଷା ଦକ୍ଷତା ବୃଦ୍ଧିର ଏକ ବଳିଷ୍ଠ ଉପାୟ। ଗପ କହିବା ସମୟରେ ସ୍ନେହା ଦିଦି କିଭଳି ପ୍ରଶ୍ନ ପଚାରିଥିଲେ ଦେଖିବା। ଯଦି କୁମ୍ଭୀର ମାଙ୍କଡ଼ମାନଙ୍କ ପାଖରେ ଆସି ପହଂଚି ଯାଇ ଥାନ୍ତା ? ଯଦି ଗଛର ଡାଳ ଭାଙ୍ଗି ନଥାନ୍ତା କଣ ହୋଇଥାନ୍ତା ? ଏହି ସବୁ ପ୍ରଶ୍ନ ଆଧାରରେ ପିଲାମାନେ ଗପକୁ ନିଜ ଅନୁସାରେ ଆଗେଇ ନେଉଥିଲେ। ଏହାପରେ ସ୍ନେହା ଦିଦି କହିଲେ ଠିକ୍ ଅଛି। ଏବେ ତୁମେ ସବୁ ଯେଉଁ ଭଳି ନିଜେନିଜେ ଗପ କହିଲ ଠିକ୍ ସେହିପରି ଲେଖ ଓ ତା'ର ଏକ ନାମ ଦିଅ।

**ପ୍ରଶ୍ନ ଉଠୁଛି** : ୩ୟ ଶ୍ରେଣୀର ପିଲାମାନେ କ'ଣ ଲେଖି ପାରିବେ ! କେତେ ପିଲା ଭଲ କହି ପାରନ୍ତି କିନ୍ତୁ ଲେଖି ପାରନ୍ତି ନାହିଁ। କେତେକ ପିଲା ଠିକ୍ ଭାବରେ ଶବ୍ଦ ସଂଯୋଜନା କରିପାରନ୍ତି ନାହିଁ। କିଛି ପିଲାଙ୍କୁ ଲେଖିବା ପାଇଁ ସଂଘର୍ଷ କରିବାକୁ ପଡ଼େ। କେତେ ଜଣକର ଅକ୍ଷର ଓ ଧାଡ଼ି ମଧ୍ୟ ଅଙ୍କା ବଙ୍କା ହୋଇଥାଏ। ଏସବୁ ସତ୍ତ୍ୱେ ଆମେ ମନେ ରଖିବା ଉଚିତ୍ ଯେ ଏହା ସର୍ଜନାତ୍ମକ ଲିଖନର ଏକ ଉତ୍ତମ ସମୟ। ଏବେଠାରୁ ଲେଖିବା ଆରମ୍ଭ କଲେ ଭବିଷ୍ୟତରେ ଭଲ ଭାବରେ ଲେଖିପାରିବେ। ଆମର ଅନୁଭବ ଏହା କହେ

Module 10

ଏବଂ ଭାଷାବିତ୍‌ମାନେ ମଧ୍ୟ ଏ କଥା ସବୁବେଳେ ଗ୍ରହଣ କରିଥାନ୍ତି ।

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

ସ୍ନେହା ଦିଦି ଦେଖିଲେ ଯେ –

- ମୁନି ଖଣ୍ଡିଏ କାଗଜ ନେଇ ଗପଟିକୁ ଆରମ୍ଭ କଲା କିନ୍ତୁ ଶୀଘ୍ର ତାକୁ ଲିଭେଇ ଦେଲା । ପୁଣି ଲେଖିଲା ।
- ଲୀନା ଜହ୍ନ ଶବ୍ଦଟି ଲେଖି ପାରୁ ନଥାଏ । ବହି ଦେଖି ଲେଖିଲା ।
- ସେହିପରି ମାଳନୀ 'ମାଙ୍କଡ଼' ଶବ୍ଦ ଜାଗାରେ ହନୁ ବୋଲି ଲେଖିଲା । ସ୍ନେହା ଦିଦି ପଚାରିବାରୁ ସେ କହିଲା ମୋତେ ମାଙ୍ଗଡ଼ ଲେଖି ଆସେ ନାହିଁ ।
- ସାନୁ ଧୀରେଧୀରେ ଅକ୍ଷର ସବୁ ଲେଖିଥାଏ ।
- ମୋହିତ ନିଜ ମାତୃଭାଷା ସାନ୍ତାଳୀରେ ଲେଖିଲା । ସେ ଭାରି ଆତ୍ମ ବିଶ୍ୱାସ ସହ ଲେଖିଥାଏ ।
- ମୁନି ଗପର ନାମ 'ବୋକା ମାଙ୍କଡ଼ ଦଳ' ବୋଲି କହିଲା ଏବଂ ଯୁକ୍ତି କଲା ଯେ ପାଣି ଭିତରେ କ'ଣ ଜହ୍ନ ଥିଲା ? ଏମାନେ ଜହ୍ନର ଛବିକୁ ଜହ୍ନ ବୋଲି ଭାବିଲେ । ଏକଥା କହି ଠୋ ଠୋ ହୋଇ ହସିଲା ।
- ସାନୁ ଗପଟିକୁ ଶୀଘ୍ର ଆଗେଇ ନେଇ କହିଲା – ପାଣିରେ କୁମ୍ଭୀର ଥିଲା । ସେ ମାଡ଼ି ଆସିଲା ମାଙ୍କଡ଼ ମାନଙ୍କୁ ଖାଇବା ପାଇଁ । ଗଛ ଡାଳରେ ବସିଥିବା ବୁଢ଼ା ମାଙ୍କଡ଼ ଗୋଟିଏ ବଡ଼ ଡାଳ ଭାଙ୍ଗି କୁମ୍ଭୀର ଉପରକୁ ଫିଙ୍ଗିଲା ।

## ଆଲୋଚନା ଓ ପ୍ରତିଫଳନ

- ପିଲାମାନେ ନିଜେନିଜ ଅନୁସାରେ ଗପ କହିବା ଓ ଗପ ଶେଷ ବଦଳାଇ ଦେବା ଭାଷା ଦକ୍ଷତା ବୃଦ୍ଧିରେ କିପରି ସହାୟକ ହୋଇଥାଏ ?
- ଏଠାରେ କହିବା ଓ ଲେଖିବା ଏକା ସାଙ୍ଗରେ ଚାଲିଥିଲା । ଗପକୁ ଆଗେଇ ନେବା ପାଇଁ ମୌଖିକ କାର୍ଯ୍ୟ ପିଲାର ଲିଖନରେ କିପରି ସାହାଯ୍ୟ କରିଥାଏ ।

Module 10

## ଭାଷା ଶିକ୍ଷଣ ଶିକ୍ଷାଦାନ ସମୟରେ ଆକଳନ

- ସ୍ନେହା ଦିଦି ଦେଖିଲେ –
- ଲୀନା ଗପଟିକୁ ନିଜ ଗତିରେ ପଢୁଥାଏ ।
- ଅଲି ଗୋଟିଏ ବାକ୍ୟର ଶବ୍ଦଗୁଡ଼ିକୁ ଅଲଗାଅଲଗା ଭାବରେ ପଢୁଛି ।
- ମୀନା ବ୍ୟାକଟିକୁ ପଢ଼ିବା ସମୟରେ ଗୋଟିଏଗୋଟିଏ ଶବ୍ଦକୁ ବାରମ୍ବାର ପଢୁଛି ।

## ଆଲୋଚନା ଓ ପ୍ରତିଫଳନ

- ଆପଣଙ୍କ ବିଚାରରେ ଲୀନା ଓ ଅଲିର ପଢ଼ିବା ଶୈଳୀ ମଧ୍ୟରେ ପାର୍ଥକ୍ୟ କ'ଣ ?
- ପଢ଼ିବା ଶବ୍ଦଗୁଡ଼ିକ ବାରମ୍ବାର କହି ପଢ଼ିବା ଓ ଛାପା ହୋଇଥିବା ଶବ୍ଦ ନ ପଢ଼ି ଅନ୍ୟ ଶବ୍ଦ ପଢ଼ିବା ଯୁକ୍ତି ଯୁକ୍ତ କି ?
- ପଢ଼ିବା ସମୟରେ ଶୀଘ୍ର ପଢ଼ିବା ଗୁରୁତ୍ୱପୂର୍ଣ୍ଣ ନ ଅର୍ଥ ବାହାର କରିବା ଗୁରୁତ୍ୱପୂର୍ଣ୍ଣ ?

## ଭାଷା ଓ ସାମାଜିକ ସଂସ୍କୃତି

ଆସ ଧରିବା ଜହ୍ନ ଗପ ମାଧ୍ୟମରେ ଆମ ମଣିଷ ଜୀବନରେ କିପରି ସଂଘବଦ୍ଧ ଭାବରେ ରହିବା କଥା, ମାଙ୍କଡ଼, ମାନଙ୍କର ସଂଘବଦ୍ଧ ଜୀବନ ବିଷୟରେ ଆଲୋଚନା କରାଯାଇପାରେ । ଯେପରି –

- ମାଙ୍କଡ଼ମାନେ ସବୁବେଳେ ଦଳରେ ରହନ୍ତି କାହିଁକି ?
- ଆମେମାନେ ଏକତ୍ରିତ ହୋଇ ରହିଲେ କ'ଣ ଲାଭ ହେବ ?
- ତୁମେ ଏକା ରହିବାକୁ ପସନ୍ଦ କର କି ? କାହିଁକି ?
- ଏକତ୍ରୀତ ଭାବରେ ରହିଲେ ମଧ୍ୟ ବିପଦ ଆସିପାରେ, କିନ୍ତୁ ଏହାର ଲାଭ କ'ଣ ରହିଛି ?

## ଆଲୋଚନା ଓ ପ୍ରତିଫଳନ

ଯେ କୌଣସି ପାଠ୍ୟ ପୁସ୍ତକରେ ଯେଉଁ ପ୍ରସଙ୍ଗଗୁଡ଼ିକ ଦିଆଯାଇଥାଏ, ସେଠାରେ କିଛି ସାମାଜିକ ସଂସ୍କୃତିର ଝଲକ ଥାଏ । ସେ ବିଷୟରେ ଆଲୋଚନାର ଆବଶ୍ୟକତା ରହିଛି କି ? କାହିଁକି ?

Module 10

## ଭାଷା ଶିକ୍ଷଣରେ ପ୍ରସଙ୍ଗ (Context in Language)

ଭାଷାରେ ପ୍ରସଙ୍ଗର (Context) ର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହା କୌଣସି ଲେଖାର ଠିକ୍ ଅର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଭାଷାର ପ୍ରାସଙ୍ଗିକତା ବଦଳିଗଲେ ଅର୍ଥ ବଦଳି ଯାଇଥାଏ । ଆସରେ ଧରିବା ଜହ୍ନ ଗପରେ ଅନେକ ସ୍ଥାନରେ ଏହିଭଳି ପ୍ରାସଙ୍ଗିକତା ରହିଛି ଯାହା ପିଲାମାନଙ୍କୁ ପ୍ରକୃତ ଅର୍ଥ ପାଇବାରେ ସାହାଯ୍ୟ କରୁଛି ।

## ଗପ ଭିତରେ ରୂଢ଼ି (Riddles in Story)

ଗପ କହିବା ସମୟରେ ସ୍ନେହା ଦିଦି ଏହିପରି କେତୋଟି କଥା କହିଥିଲେ - ଯେପରି ..... 'ପିଲାମାଙ୍କଡ଼ ଯେମିତି କୁଦା ମାରିଛି ଜହ୍ନ ଏକବାର ଛୁ..... ମାଙ୍କଡ଼ମାନେ ଯେତେବେଳେ ପାଣିରେ ପଡ଼ିଗଲେ ସେମାନଙ୍କର ବୁଦ୍ଧି ଗୁଡୁମ । ..... ଇତ୍ୟାଦି । ଏହି ବାକ୍ୟଗୁଡ଼ିକୁ ଅନ୍ୟ ଉପାୟରେ କୁହାଯାଇ ପାରିବ କି ? ଏଠାରେ ଏକବାର ଛୁ ଏବଂ ବୁଦ୍ଧି ଗୁଡୁମର ଅର୍ଥ କ'ଣ ? ଭାଷାକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ କିଛି ରୁଢ଼ିର ପ୍ରୟୋଗ ହୋଇଥାଏ । ପରୋକ୍ଷ ଭାବରେ ଅର୍ଥ ପ୍ରଦାନ କରୁଥିବା ଏହି ଶବ୍ଦ ବା ଖଣ୍ଡ ବାକ୍ୟ ଲେଖାର ମହତ୍ୱ ବଢ଼ାଇ ଦିଏ । ଉପର ଶ୍ରେଣୀରେ ଆଉ ଟିକିଏ କ୍ଲିଷ୍ଟ ଏବଂ ଅଧିକ ରୂଢ଼ି ପ୍ରୟୋଗ କରାଯାଇପାରିବ ।

## ଶବ୍ଦ ଭଣ୍ଡାର (vocabulary)

ଯେ କୌଣସି ଗପ ବା କବିତା ପଢ଼ାଇବା ସମୟରେ ସେଥିରେ ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକ ଅନ୍ୟ ବିଷୟରେ ଥିବା ବିଷୟ ବସ୍ତୁକୁ ଯୋଡ଼ି ଆଲୋଚନା କରାଯାଇପାରିବ । ଯେମିତି ଆସରେ ଧରିବା ଜହ୍ନ ଗପରେ ପାଣି ଭିତରେ ଛାଇ କଥା ନିଶ୍ଚିତ ଆସିବ । ପୋଖରୀରେ କେଉଁମାନେ ରହନ୍ତି, ଗଛରେ କିଏ ରହେ, ପୋଖରୀ ପରି ନଦୀ.... ଏହି ସଂପର୍କିତ ଯେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କଲେ ପିଲାମାନଙ୍କର ଶବ୍ଦ ଭଣ୍ଡାର ବୃଦ୍ଧି ହେବ ଏବଂ ଅନ୍ୟ ବିଷୟ ପଢ଼ାଇବା ସମୟରେ ସେମାନେ ତାହା ସହଜରେ ବୁଝିପାରିବେ ।

Module 10

## ଆଲୋଚନା ଓ ପ୍ରତିଫଳନ (Discussion and Relection)

- ଭାଷା ଶିଖିବା ସମୟରେ ଅନ୍ୟ ବିଷୟ ମଧ୍ୟ ଶିଖାଯାଇଥାଏ । ଆପଣ ଏହା ସ୍ୱୀକାର କରୁଛନ୍ତି କି ?
- ଆସରେ ଧରିବା ଜହ୍ନ ଗପରେ ଅନ୍ୟ କେଉଁ ବିଷୟରେ କ'ଣ ଶିଖିବାର ସମ୍ଭାବନା ରହିଛି ?

  ସ୍ନେହା ଦିଦି ଆସରେ ଧରିବା ଜହ୍ନ ଗପ ପଢ଼ାଇବା ସମୟରେ ଶ୍ରବଣ, କଥନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ପଠନ ଓ ଲିଖନ ଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଏହା ସହିତ ପଢ଼ାଇବା ସହିତ କିପରି ଭାଷା ଦକ୍ଷତାର ଆକଳନ କରାଯାଇ ପାରିବ ସେ ବିଷୟରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏହି ଆକଳନ ପ୍ରକ୍ରିୟା ଭିତରେ କେଉଁ ସବୁ ଦିଗ ଉପରେ ଧ୍ୟାନ ଦିଆଯାଇଛି, ନିମ୍ନ ସାରଣୀରେ ତାହା ପ୍ରଦାନ କରାଗଲା ।

### ଶ୍ରବଣ ଓ କଥନ

- ନିଜ ମାତୃଭାଷାରେ ଆତ୍ମ ବିଶ୍ୱାସରେ ସହିତ ନିଜ ମନକଥା କହିବା ।
- ଅନ୍ୟ ଭାଷାରେ ମଧ୍ୟ କହିବା ।
- ଯୁକ୍ତିର ସହିତ ନିଜ କଥା କହିବା ।
- ନିଜର ବିଚାରକୁ ସୃଜନାତ୍ମକ ଶୈଳୀରେ କହିବା ।
- ଉପଯୁକ୍ତ ପ୍ରବାହ, ଉତ୍ଥାନ ପତନ ଓ ସ୍ପଷ୍ଟତାର ସହିତ କହିବା ।

### ପଠନ

- ପଢ଼ିବାରେ ଆଗ୍ର ଓ ରୁଚି ରଖିବା
- ଅନୁମାନ କରି ପଢ଼ିବା ।
- ପଢ଼ିବା ସମୟରେ ବିଭିନ୍ନ ଯୁକ୍ତି ସହିତ ଅର୍ଥ ବାହାର କରିବା ।
- ଉପଯୁକ୍ତ ପ୍ରବାହ, ଉତ୍ଥାନ ପତନ ଓ ସ୍ପଷ୍ଟତାର ସହିତ ପଢ଼ିବା ।
- ପଢ଼ିଥିବା ବିଷୟ ବସ୍ତୁ ଉପରେ ନିଜର ମତାମତ ରଖିବା ।

Module 10

## ଲିଖନ

- ଲେଖିବାରେ ଆଗ୍ରହ ରଖିବା।
- ଲେଖାର ପ୍ରାସଙ୍ଗିକତା ଅନୁସାରେ ଶବ୍ଦ ପ୍ରୟୋଗ କରିବା।
- ନିଜର ଅଭିବ୍ୟକ୍ତିକୁ ସୁନ୍ଦର ଶବ୍ଦ ସଂଯୋଜନା ମାଧ୍ୟମରେ ନୂଆ ଢ଼ଙ୍ଗରେ ଲେଖିବା।
- ଘଟଣାର କ୍ରମିକତା ରଖିବା।
- ବିରାମ ଚିହ୍ନର ଉପଯୁକ୍ତ ବ୍ୟବହାର କରି ଲେଖିବା।
- ଭାଷାକୁ ସୃଜନାତ୍ମକ ଭାବରେ ବ୍ୟବହାର କରିବା।

ଉପର ସାରଣୀରେ ଭାଷାର ଆକଳନ ବା ମାନନିର୍ଦ୍ଧାରଣ ବିଷୟରେ ଯେତିକି କଥା କୁହାଗଲା, ତାହା ଯଥେଷ୍ଟ ନୁହେଁ। ଶ୍ରେଣୀ ଓ ପିଲାଙ୍କ ଶିକ୍ଷଣ ସ୍ତର ଅନୁସାରେ ଆହୁରି ଅନେକ ପ୍ରକାର କାର୍ଯ୍ୟ କରାଯାଇପାରିବ। ମୌଖିକ ହେଉ ବା ଲିଖିତ ହେଉ ଭାଷା ଦକ୍ଷତା ଆକଳନର ମୁଖ୍ୟ ବିଷୟ ହେଲା – ପିଲା କିପରି ସେହି ଭାଷାର ପ୍ରୟୋଗ କରିବେ। ପିଲାଙ୍କ ଭିତରେ ତୁଳନା କରିବା ଉଚିତ୍ ନୁହେଁ। କାରଣ ପିଲାମାନଙ୍କର ଶିକ୍ଷଣର ଢ଼ଙ୍ଗ ଅଲଗା ବରଂ ଆକଳନ ପରେ ପିଲାମାନଙ୍କର ଶୈକ୍ଷିକ ଆବଶ୍ୟକତା ଅନୁସାରେ ଶିକ୍ଷଣ କାର୍ଯ୍ୟ କରିବା ବିଧେୟ ଯାହା ଦ୍ୱାରା ସେମାନଙ୍କର ନିର୍ଦ୍ଦିଷ୍ଟ ଦୁର୍ବଳତା ଦୂର କରାଯାଇପାରିବ।

## ଶ୍ରେଣୀରେ କବିତା ଶିକ୍ଷଣ – ଶିକ୍ଷାଦାନ

କବିତା ହେଉଛି ମଣିଷର ଭାବନାର ଏକ ସରଳ ଅଭିବ୍ୟକ୍ତ। କବିତା ଆବୃତ୍ତି କରିବା, ସାଇରି କହିବା ଏବଂ ଏହା ଦ୍ୱାରା ଆନନ୍ଦିତ ଓ ରୋମାଞ୍ଚିତ ହେବା ଜୀବନର ଏକ ସଙ୍ଗୀତ ଭଳି। କେତେବେଳେ ଶିଶୁ ଗୀତ ବା ଗଜଲ, କେତେବେଳେ ଭକ୍ତି ବନ୍ଦନା ତ କେତେବେଳେ କବିତା ରୂପରେ ଏହା ଆମ ଜୀବନ ସହିତ ସବୁବେଳେ ଜଡିତ ଥାଏ। ତେଣୁ କବିତା କେବଳ ଭାଷା ଶିକ୍ଷଣର ଏକ ବିଭାଗ ନୁହେ ବରଂ ଏହା ଆମ ମଧ୍ୟରେ ଥିବା ସ୍ୱର, ଲୟ ଓ ତାଳର ଏକ ଅଭିନବ ଅନୁଭବ। ଶିକ୍ଷାର୍ଥୀ ଓ ଶିକ୍ଷକ ମଧ୍ୟରେ ଏକ ସଂପର୍କର ପ୍ରବାହ।

(ପ୍ରାଥମିକ ସ୍ତରରେ ଭାଷା ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟା ବୁଝିବା ପାଇଁ 'ଗପ.... ପଠନ ଓ ଲିଖନ ସମୟ' ଦେଖନ୍ତୁ। ଏହା ହିନ୍ଦୀରେ ଉପଲବ୍ଧ। ଏଥିପାଇଁ କ୍ଲିକ କରନ୍ତୁ। ncert.nic.in/html/primary html)

Module 10

## କବିତା ଶିକ୍ଷଣ – ଶିକ୍ଷାଦାନର ଉଦ୍ଦେଶ୍ୟ

- ସାହିତ୍ୟର ଅନ୍ୟ ବିଭାଗ ତୁଳନାରେ କବିତାର ସଂରଚନାକୁ ବୁଝିବା।
- କବିତାର ଶବ୍ଦ ତା'ର ଅର୍ଥ, ସ୍ୱର, ଲୟ ଓ ତାଳ ଆଦି ବୁଝିବା।
- ଉପଯୁକ୍ତ ଉତ୍ଥାନ ପତନ ସହିତ କବିତା ଗାଇବା / ଆବୃତ୍ତି କରିବା।
- ଶିକ୍ଷାର୍ଥୀ ମାନଙ୍କ ଭିତରେ ଥିବା ସ୍ୱର, ଲୟ ଓ ତାଳର ଅଭିବୃଦ୍ଧି କରିବା।
- କବିତା ଭିତରେ ଥିବା ଧ୍ୱନ୍ୟାତ୍ମକ ଓ ଇନ୍ଦ୍ରିୟାତ୍ମକ ସୌନ୍ଦର୍ଯ୍ୟ ସହିତ ପରିଚିତ କରାଇବା।
- କବିତା ପଢ଼ିବା ଓ ଲେଖିବା ପ୍ରତି ଆଗ୍ରହ ସୃଷ୍ଟି କରିବା।
- ଯେ କୌଣସି କବିତାର ଅର୍ଥ ବାହାର କରିବା ଏବଂ ଏହା ବିଶ୍ଳେଷଣ କରିବା ଦକ୍ଷତା ବୃଦ୍ଧି କରିବା।
- କବି ଓ ସେ ସମୟର ବିଭିନ୍ନ କବିଙ୍କର ଲେଖା ଭିତରେ ଥିବା ସମ୍ବନ୍ଧ ବୁଝିବା।
- ଭାଷା ଶିକ୍ଷାର ଏକ ବିଭାଗ ଭାବରେ କବିତା ପଠନର ପରମ୍ପରା ସହିତ ପରିଚିତ କରିବା।
- କବିତାର ବିଭିନ୍ନ ଶୈଳୀ ଓ ପ୍ରଥା ସହିତ ପରିଚିତ କରିବା।

## କବିତା ଶିକ୍ଷଣ ଶିକ୍ଷାଦାନ ପାଇଁ ପୂର୍ବ ପ୍ରସ୍ତୁତି

କୌଣସି ପାଠ ପଢ଼ାଇବା ପୂର୍ବରୁ ଜଣେ ଅଭିଜ୍ଞ ଶିକ୍ଷକ ମଧ୍ୟ ପୂର୍ବ ପ୍ରସ୍ତୁତି କରିଥାଏ। ପୂର୍ବ ପ୍ରସ୍ତୁତି ହେଉଛି କିପରି ଶିକ୍ଷାଦାନ କରିବା ତା'ର ଏକ ଯୋଜନା। ଏହାର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନ ସମୟରେ କ'ଣ ପଢ଼ାଇବା ଏବଂ କିପରି ପଢ଼ାଇବା ତା'ର ଏକ ପୂର୍ବ ଅନୁମାନ ପ୍ରସ୍ତୁତ କରିବା। ଏହା ଶିକ୍ଷକଙ୍କୁ କ'ଣ ସବୁ ସାମଗ୍ରୀ ଆବଶ୍ୟକ କିପରି ଉପସ୍ଥାପନ କରିବେ କିପରି ପ୍ରଶ୍ନ ପଚାରିବେ.... ଏସବୁର ଅଧ୍ୟୟନ ହେଉଛି

Module 10

ପୂର୍ବ ପ୍ରସ୍ତୁତି। ଏଠାରେ ୭ମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'ଛୋଟରୁ ବଡ଼' କବିତା ପଢ଼ାଇବା ପାଇଁ କିପରି ପୂର୍ବ ପ୍ରସ୍ତୁତି କରିବେ ସେ ବିଷୟରେ ଉଦାହରଣ ଦିଆଯାଇଛି। ଶିକ୍ଷକ ଏହାକୁ ବ୍ୟବହାର କରିପାରିବେ ବା ଏହାକୁ ପରିମାର୍ଜିତ ଓ ପରିବର୍ଦ୍ଧିତ କରି ବ୍ୟବହାର କରିପାରିବେ। ଏହି କବିତାଟି ପଢ଼ାଇବା ପୂର୍ବରୁ ଆପଣ କ'ଣ କରିବେ.....

- ଆଧୁନିକ ଶିଶୁ କବିତା ପଢ଼ନ୍ତୁ। ବିଶେଷ କରି ଡ. ଜାନକୀ ବଲ୍ଲଭ ମହାନ୍ତିଙ୍କର ଶିଶୁ ଲେଖା ସବୁ ପଢ଼ନ୍ତୁ। ଏହି କବିତାର ମର୍ମ ଜାଣିବା ପାଇଁ କବିଙ୍କ ଜୀବନୀ ଓ ଲେଖା ଶୈଳୀ ବିଷୟରେ ଜାଣନ୍ତୁ।
- ଏହି କବିତା ଉପରେ ଥିବା ଅଡ଼ିଓ ଓ ଭିଡ଼ିଓ ଉପସ୍ଥାପନ ଇଣ୍ଟେରନେଟ୍‌ରୁ ସଂଗ୍ରହ କରିପାରିବେ।
- ଏହି କବିତା ପଢ଼ାଇବା ପାଇଁ ଆଇ.ସି.ଟି.ର କିପରି ବ୍ୟବହାର କରିପାରିବେ ଯୋଜନା କରନ୍ତୁ।
- ପଢ଼ାଇବା ପାଇଁ କ'ଣକ'ଣ ଶିକ୍ଷଣ କାର୍ଯ୍ୟ କରିବେ ତା'ର ଯୋଜନା କରନ୍ତୁ।
- ଏଥିପାଇଁ ଆବଶ୍ୟକ ସାମଗ୍ରୀ – ଚିତ୍ର, ପୋଷ୍ଟର, ଚାର୍ଟ .... ଇତ୍ୟାଦି ସଂଗ୍ରହ କରନ୍ତୁ।
- କବିତାରେ ଥିବା ଭାଷାର ବିଶେଷ ବ୍ୟବହାର ଯାହା ରହିଛି, ତାହାକୁ କିପରି ଉପସ୍ଥାପନ କରିବେ ଚିନ୍ତା କରନ୍ତୁ।
- କବିତାର ପୃଷ୍ଠଭୂମିକୁ ଆଧାରି କରି ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରନ୍ତୁ।
- ଯଦି ଆପଣଙ୍କ ଶ୍ରେଣୀରେ ଅନ୍ୟ ଭାଷାଭାଷୀ ପିଲା ଅଛନ୍ତି, ସେମାନଙ୍କ ପାଇଁ ବିଶେଷ ଯୋଜନା କରନ୍ତୁ।

*ଆସନ୍ତୁ କବିତା 'ଛୋଟରୁ ବଡ଼' ଶିକ୍ଷଣ ଶିକ୍ଷାଦାନ ବିଷୟରେ ଆଲୋଚନା କରିବା....*

Module 10

**ଉଦାହରଣ - ୭ : 'ଛୋଟରୁ ବଡ଼'**




କାନନେ ଫୁଟି ଛୋଟ ଫୁଲଟି ବିତରି ଯାଏ ବାସ
ଛୋଟ କୂଅଟି ଯୋଗାଏ ଜଳ ଲୋକେ ବରଷ ମାସ
କ୍ଷୁଦ୍ର ଏକ ପ୍ରଦୀପ ଶିଖା ତମସା ପାରେ ଜିଣି
କ୍ଷୁଦ୍ର ବାରି ଧାରାଟି ହୁଏ ପ୍ରବଳ ସ୍ରୋତସ୍ୱିନୀ
ପୁଲକ ଆଣେ କ୍ଷୁଦ୍ର ଗୀତି ଲକ୍ଷଜନ ମନେ
ଅମିୟ ଢାଳେ ଲଳିତ ସ୍ୱର ବିଧୁର ବହୁ ପ୍ରାଣେ
କ୍ଷୁଦ୍ର ଏକ ତରଣୀ ................................
................................................

ଏହି କବିତାଟିକୁ ପଢ଼ାଇବା ପାଇଁ youtube ଭିଡ଼ିଓ ପାଇପାରିବେ। କ୍ଲିକ୍ କରନ୍ତୁ -vidyastu.com

## ଆଲୋଚନା ଓ ପ୍ରତିଫଳନ

- କବିତା ଛୋଟରୁ ବଡ଼ ଶୁଣିବା ସମୟରେ କେଉଁ ବିଷୟ ପ୍ରତି ଆପଣଙ୍କ ଧ୍ୟାନ ରହୁଥିଲା ?
- ଭାଷା ଶିକ୍ଷାର ଗୋଟିଏ ବିଭାଗ ଭାବରେ କବିତା ଶିକ୍ଷଣ କାହିଁକି ରହିଛି ?
- କବିତା ଶୁଣିବା ସମୟରେ ଆପଣ ଏହାର କିଛି ଅର୍ଥ ଅନୁମାନ କରିପାରୁଥିଲେ କି ?

କବିତା ଶିକ୍ଷଣ ଶିକ୍ଷାଦାନ ସମୟରେ କବିତା ଶିକ୍ଷଣର ଉଦ୍ଦେଶ୍ୟ ବିଷୟରେ ଚର୍ଚ୍ଚା କରିପାରିବେ। ତା' ସହିତ ଭାଷା ଓ ସାହିତ୍ୟ ପଢ଼ିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କର କେଉଁ ସବୁ ଭାଷା ଦକ୍ଷତାର ଅଭିବୃଦ୍ଧି ହୋଇଥାଏ। ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇପାରେ।

କୌଣସି କବିତା ପଢ଼ାଇବା ସମୟରେ ଶିକ୍ଷକ ଏକ ସୁନ୍ଦର ତଥା ଫଳପ୍ରଦ ଉପସ୍ଥାପନ କରିବେ ଯାହା ଶିକ୍ଷାର୍ଥୀମାନଙ୍କର ଆଗ୍ରହ ବୃଦ୍ଧି କରାଇବ। ଏହାକୁ ସୁନ୍ଦର ତଥା ଫଳପ୍ରଦ କରିବା ପାଇଁ ଆମକୁ ପ୍ରସ୍ତୁତ ହେବା ପାଇଁ ପଡ଼ିବ ଏବଂ ଶିକ୍ଷଣ ଫଳାଫଳ ହାସଲ ହେଉଛି କି ନାହିଁ ଆକଳନ କରିବା ପାଇଁ ପଡ଼ିବ। ଆପଣ ଏଥିପାଇଁ ଶିକ୍ଷଣ ଫଳାଫଳ ପୁସ୍ତିକା (ଶ୍ରେଣୀ ୧ମ ରୁ ୮ମ) ବ୍ୟବହାର କରିପାରିବେ। ଇଂରାଜୀ ବା ହିନ୍ଦୀରେ

Module 10

ଜାଣିବା ପାଇଁ କ୍ଲିକ୍ କରନ୍ତୁ http:/www.ncert.nic.in/publication

## ଶିକ୍ଷଣ ଫଳାଫଳ (Learning Outcome)

- ନିଜର ପରିବେଶରେ ଥିବା ଲୋକକଥା ଓ ଲୋକଗଳ୍ପ ବିଷୟରେ ଶୁଣାଇବା ।
- ବିଭିନ୍ନ ପ୍ରକାର ଲେଖା ଯଥା - ଗପ, କବିତା, ବିବରଣୀ, ପ୍ରବନ୍ଧ...... ଇତ୍ୟାଦି ପଢ଼ିବା ।
- କୌଣସି ଲେଖା ପଢ଼ି ତାର ବିଶ୍ଳେଷଣାତ୍ମକ ଅର୍ଥ ବାହାର କରିବା ।
- ବିଭିନ୍ନ ଲେଖା ପଢ଼ି ତାହାକୁ ଭଲ ଭାବରେ ବୁଝିବା ପାଇଁ ପ୍ରଶ୍ନ ପଚାରିବା ।
- କବିତା, ଗପ ଇତ୍ୟାଦି ପଢ଼ି ତା'ର ସାରମର୍ମ ନିଜ ଭାଷାରେ ଲେଖିବାର ବିଭିନ୍ନ ଶୈଳୀ ସହିତ ପରିଚିତ ହେବା ।
- ଗୋଟିଏ ଲେଖାର ଶବ୍ଦ ବାକ୍ୟ ବଦଳାଇ ଅନ୍ୟ ପ୍ରକାର ଲେଖିବା ।
- ନିଜ ଅନୁଭୂତି ଓ ଅଭିଜ୍ଞତାକୁ ନିଜ ଭାଷା ଓ ନିଜ ଶୈଳୀରେ ଲେଖିବା (ଗପ, କବିତା, ପ୍ରବନ୍ଧ .... ଇତ୍ୟାଦି)

ଉପରୋକ୍ତ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଶିକ୍ଷଣ - ଶିକ୍ଷାଦାନ ଶୈଳୀ ବିଷୟରେ ନିଜ ଭିତରେ ଆଲୋଚନା କରନ୍ତୁ ।

## ଶିକ୍ଷଣ କାର୍ଯ୍ୟ

କୌଣସି କବିତା ପଢ଼ାଇବା ସମୟରେ ଆପଣ ଏମିତି କେବେ ଅନୁଭବ କରିଛନ୍ତି ଯେ ଶ୍ରେଣୀର ସମସ୍ତ ପିଲା ସମସ୍ତେ ଏକ ଲୟରେ ଆପଣଙ୍କ କବିତା ଶୁଣୁଥିଲେ.... । ଶ୍ରେଣୀରେ କିପରି ପ୍ରତ୍ୟେକ ପିଲା ଶ୍ରେଣୀ କାର୍ଯ୍ୟରେ ମଜ୍ଜି ଯିବେ ସେ ବିଷୟରେ ଚିନ୍ତା କରନ୍ତୁ ଏବଂ ଏହାର ସମ୍ଭାବିତ କାରଣ ଉପରେ ବିଚାର କରନ୍ତୁ ।

***ବି.ଦ୍ର :*** *ଏହି କାର୍ଯ୍ୟ ଶୈକ୍ଷିକ ଅନୁସାରେ ସବୁ ପ୍ରକାର ସଫଳ ଓ ଅସଫଳ ଉପାୟର ପ୍ରୟୋଗ ବିଷୟରେ ଜଣାଇଦିଏ । ଆଲୋଚନା ସମୟରେ ଏହି ସବୁ କାରଣ ଉପରେ ଆଲୋଚନା କରନ୍ତୁ ଯାହା ଦ୍ୱାରା କବିତା ଶିକ୍ଷଣ ଫଳପ୍ରଦ ହୋଇପାରିବ ।*

Module 10

## କବିତା ଆବୃତ୍ତି - ଶବ୍ଦ ସଂଯୋଜନା ଓ କବିତା ଭାବ

କବିତା ଆବୃତ୍ତିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ସ୍ୱର, ତାଳ ଓ ଲୟ ସହିତ କବିତାକୁ ପାଠ କରିବା । ତେଣୁ ପ୍ରଥମେ ଆମେ କବିତାର ଅର୍ଥକୁ ଭଲ ଭାବରେ ବୁଝି ସୁନ୍ଦର ଭାବରେ ଆବୃତ୍ତି କରିବା ଯାହା ପିଲାମାନଙ୍କ ମନକୁ ଛୁଇଁବ । ଯେ କୌଣସି କବିତାରୁ ଆମେ ଦୁଇ ପ୍ରକାର ରସ ଆସ୍ୱାଦନ କରିଥାଉ – 'ଭାଷାଗତ ରସ' ଯାହା ଶବ୍ଦ ସଂଯୋଜନାରୁ ପାଇଥାଉ ଏବଂ ଦ୍ୱିତୀୟଟି ହେଲା 'ଭାବଗତ ରସ' ଯାହା କବିତାର ଭାବରୁ ମିଳିଥାଏ । ଏକ ଉତ୍ତମ ଆବୃତ୍ତି କବିତାର ଅର୍ଥ ପାଇବାରେ ସହାୟକ ହୋଇଥାଏ । ଏହି ଅର୍ଥ ପାଇବା ପୂର୍ବରୁ କବିତାରେ ଥିବା ଶବ୍ଦ ଧନ୍ୟାତ୍ମକ ସୁନ୍ଦରତା ଆବୃତ୍ତିରୁ ମିଳିଥାଏ । କବିତା ଆବୃତ୍ତି କଲାବେଳେ ଜତିପାତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କେଉଁ ସ୍ଥାନରେ ଯଦି ପାତ ହେଲେ କବିତା ସୁନ୍ଦର ଶୁଭିବ କେଉଁ ସ୍ୱରରେ ଆବୃତ୍ତି କଲେ ଭଲ ଲାଗିବ, ଏ ସବୁ ବିଷୟରେ ଶିକ୍ଷକଙ୍କୁ ପ୍ରଥମରୁ ପ୍ରସ୍ତୁତ ହେବାକୁ ପଡ଼ିବ । ପିଲାମାନଙ୍କୁ କବିତା ଶିକ୍ଷଣ ପ୍ରତି ଅଗ୍ରହାନ୍ୱିତ କରିବା ପାଇଁ ଏକ ଭାବଗର୍ଭକ ଆବୃତ୍ତି ନିହାତି ଆବଶ୍ୟକ । ଆବୃତ୍ତି କରିବା ପରେ କବିତା ପରିଚୟ ଓ କବିତା'ର ପୃଷ୍ଠଭୂମି ବିଷୟରେ ଆଲୋଚନା କରିବା ଉଚିତ୍ । ଛୋଟରୁ ବଡ଼ କବିତାଟି ଏକ ଆଧୁନିକ ଶିଶୁ କବିତା । ଏଥିରେ ସଙ୍ଗୀତାତ୍ମକ ତାଳ ଓ ଛନ୍ଦ ସରଳ ଭାବରେ ରହିଛି । ଡ. ଜାନକୀ ବଲ୍ଲଭ ମହାନ୍ତି ବିଶ୍ୱାସ କରନ୍ତି ଯେ ପିଲାମାନଙ୍କୁ ସଙ୍ଗୀତମୟୀ କବିତା ଭଲ ଲାଗେ । ତେଣୁ ସେ ପିଲାମାନଙ୍କୁ ପାଇଁ କବିତା ଲେଖିବା ସମୟରେ ଉପଯୁକ୍ତ ଲୟ ରଖି ଶବ୍ଦ ସଂଯୋଜନା କରିଥାନ୍ତି । ଏହି ଛନ୍ଦମୟ କବିତା ପିଲାମାନଙ୍କର କବିତା ଶିକ୍ଷଣ ପ୍ରତି ଆଗ୍ରହ ସୃଷ୍ଟି କରିଥାଏ । ଯଦିଓ ସେ ଆଧୁନିକ କବି ଥିଲେ କିନ୍ତୁ ତାଙ୍କ କବିତା ସବୁବେଳେ ରସମୟ ଓ ଛନ୍ଦମୟ । ଆଜିକାଲିର କବିତା ଭଳି ଆଧୁନିକତା ନଥିଲା ଯେଉଁଥିରେ ବିରାମ ଚିହ୍ନ ବ୍ୟବହାର ହୋଇନଥାଏ ।

Module 10

## କବିତା ଶିକ୍ଷଣରେ ଶିକ୍ଷାଶାସ୍ତ୍ରରେ ସଂକେତ

କବିତା ବୁଝିବା ପାଇଁ କବିତା ହିଁ ଶ୍ରେଷ୍ଠ ମାଧ୍ୟମ । ଏଥିପାଇଁ ଆମକୁ କବିତାର ପୃଷ୍ଠଭୂମି ଓ କବିଙ୍କର ଭାବନା ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ହେବ । ଗୋଟିଏ ଉଦାହରଣ ନିଆଯାଇପାରେ ଯେ କବିବର ରାଧାନାଥ ରାୟ, ପ୍ରକୃତି କବି ଗଙ୍ଗାଧର ମେହେରଙ୍କ କବିତାଗୁଡ଼ିକର ସବୁବେଳେ ପ୍ରକୃତି ବିଷୟରେ ବର୍ଣ୍ଣନା ହୋଇଥାଏ । ସେହିପରି ହିନ୍ଦୀ ସାହିତ୍ୟ ଜଗତରେ ତୁଳସୀ ଦାସ, ସୁର ଦାସଙ୍କ କବିତାରେ ମଧ୍ୟ ପ୍ରକୃତି ବର୍ଣ୍ଣନା ଦେଖାଯାଏ । ଶ୍ରେଣୀରେ କବିତା ପଢ଼ାଇବା ସମୟରେ ଏହିପରି ବିଭିନ୍ନ କବିଙ୍କର ଲେଖା ବିଷୟରେ ମଧ୍ୟ ଆଲୋଚନା କରିବା ଆବଶ୍ୟକ କାରଣ ଏହା ଦ୍ୱାରା ପିଲାମାନଙ୍କର ବିଭିନ୍ନ କବିତା ଓ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି ହୁଏ । ଏହା ପାଠକର ଭାଷା ବୁଝିବାର ଓ ବ୍ୟବହାର କରିବାର ପରିସର ମଧ୍ୟ ବଢ଼ାଇ ଦିଏ । ଆପଣଙ୍କୁ ଏହା ସମୟ ସାପେକ୍ଷ ହୋଇପାରେ । କିନ୍ତୁ ଶିକ୍ଷାର୍ଥୀର ବୁଝିବା ଶକ୍ତି ପରିସର ବଢ଼ାଇ ଦେଇଥାଏ । ପରବର୍ତ୍ତୀ ସମୟରେ ଅନ୍ୟ ପାଠ ବୁଝିବା ପାଇଁ ବହୁତ କମ୍ ସମୟର ନେଇଥାଏ । ପ୍ରକୃତରେ କବିତା ଶିକ୍ଷଣର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀର ବୋଧ ଶକ୍ତିର ଅଭିବୃଦ୍ଧି କରିବା ।

## କବିତା ପଠନ / ଆବୃତ୍ତି

ଏହା ସତ ଯେ ସବୁ ଶିକ୍ଷକ / ଶିକ୍ଷୟିତ୍ରୀ ଉପଯୁକ୍ତ ଉପାୟରେ କବିତା ଆବୃତ୍ତି କରିପାରିବେ ନାହିଁ । ଏହି ସମୟରେ ଆପଣ ଆଇ.ସି.ଟି ବ୍ୟବହାର କରିପାରିବେ । ଆପଣ ଅଡ଼ିଓ ଓ ଭିଡ଼ିଓ ବ୍ୟବହାର କରିପାରିବେ । ଏହା ବିଶେଷ କରି ଦ୍ୱିତୀୟ ଓ ତୃତୀୟ ଭାଷା ଶିକ୍ଷଣ କ୍ଷେତ୍ରରେ ବେଶୀ ଉପଯୋଗୀ ହୋଇଥାଏ କାରଣ ଏହା ମାଧ୍ୟମରେ କବିତାର ଦୃଶ୍ୟ, ଦୃଶ୍ୟ ଓ ଧ୍ୱନି ଆଦି ଦେଖାଇ ହେବ । ଏଥିପାଇଁ ଆପଣ ଏନ୍.ସି.ଇ.ଆର.ଟି ଓ ଏନ୍.ଆର.ଓ.ଇ.ଆର ଏବଂ ୟୁଟ୍ୟୁବରେ ହିନ୍ଦୀର ସି.ବି.ଏସ୍.ଇ ବହିର ଶିକ୍ଷାଦାନ ଭିଡ଼ିଓ ଦେଖିପାରିବେ । ସହି ଅନୁସାରେ ଆମ ଓଡ଼ିଆ ବହିର କବିତା ପଢ଼ାଇବା ପାଇଁ ଯୋଜନା କରିପାରିବେ । ଏବେ ଦିକ୍ଷା ପୋର୍ଟାଲରେ କିଛି ଓଡ଼ିଆ ଭିଡ଼ିଓ ମଧ୍ୟ ଦିଆଯାଇଛି । ଏହା ଆପଣ ବ୍ୟବହାର କରିପାରିବେ ।

ଏନ୍.ଆଇ.ଓ.ଏସ୍ / ଇଗ୍ନୋ ଏବଂ ଦୂରଦର୍ଶନରେ ଭାଷା ଶିକ୍ଷା ସଂପର୍କିତ ଅନେକ ଭିଡ଼ିଓ ରହିଛି ତାକୁ ମଧ ବ୍ୟବହାର କରିପାରିବେ।

## କବିତା, ଶବ୍ଦ ଓ ଅର୍ଥ: ଶିକ୍ଷା ଶାସ୍ତ୍ରୀୟ ସଂକେତ

କବିତାରେ ଶବ୍ଦର ମହତ୍ୱ ବିଷୟରେ ଆଲୋଚନା ହୋଇଛି। ଆପଣ ଦେଖିଥିବେ ଯେ ପ୍ରସଙ୍ଗ ଶେଷରେ ବା ପ୍ରସଙ୍ଗ ପୂର୍ବରୁ କିଛି ଶବ୍ଦର ଅର୍ଥ ଦିଆଯାଇଥାଏ। ଶିକ୍ଷକ ଏହି ଶବ୍ଦଗୁଡ଼ିକର ଅର୍ଥ କବିତା ପଠନ ପୂର୍ବରୁ କହିପାରିବେ, ପଠନ ସମୟରେ କହି ପାରିବେ ବା ପରେ କହିପାରିବେ। ଉପାୟ ଅଲଗା ହୋଇପାରେ କିନ୍ତୁ କବିତା ପଢ଼ାଇବା ପୂର୍ବରୁ ଶବ୍ଦଗୁଡ଼ିକର ଅର୍ଥ କହିଦେବା ଏତେ ଫଳପ୍ରଦ ହୋଇନଥାଏ।

ଏହା ପିଲାମାନଙ୍କର ଦକ୍ଷତା ଓ ରଚନାତ୍ମକତାକୁ ସୀମିତି କରି ଦେଇଥାଏ। କବିତାରେ ଶବ୍ଦର ଖେଳକୁ ବୁଝିବାକୁ ହେଲେ ପିଲାମନଙ୍କୁ ସୃଜନଶୀଳ ଭାବରେ ଚିନ୍ତା କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ। ତାଙ୍କ ମନରେ ଅର୍ଥ ବାହାର କରିବା ପାଇଁ ଏକ ପ୍ରୟାସ ସୃଷ୍ଟି କରିବା ଶିକ୍ଷକଙ୍କର କର୍ତ୍ତବ୍ୟ। ଆପଣ କେବଳ ଜଣେ ସହାୟକ ଭାବରେ କାର୍ଯ୍ୟ କରିବେ। ଏହା ଶିକ୍ଷାର୍ଥୀମାନଙ୍କର ଜାଣିବାର ଇଚ୍ଛା, କାଳ୍ପନିକ ଚିନ୍ତାଧାରା ଓ ରଚନାତ୍ମକ ଚିନ୍ତାଧାରାର ଅଭିବୃଦ୍ଧି କରିଥାଏ। ଏହା ସେମାନଙ୍କର ଶିକ୍ଷଣକୁ ସ୍ଥାୟୀ କରିଥାଏ।

କବିତା ଆବୃତ୍ତି ପରେ ପିଲାମାନଙ୍କର ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ, ଉତ୍ସୁକତା ଏବଂ ଜାଣିବାର ଇଚ୍ଛା ସୃଷ୍ଟି ହୋଇସାରିଥାଏ। ଆମର ଦାୟିତ୍ୱ ହେଉଛି ଏହି ସମୟରେ ସେମାନଙ୍କୁ ନିଜ ଅଭିବ୍ୟକ୍ତି ଓ ଅନୁଭୂତି ପ୍ରକାଶ କରିବାର ସୁଯୋଗ ଦେବା ଫଳରେ ସେମାନଙ୍କର ସୃଜନଶୀଳ ଚିନ୍ତାଧାରାର ବିକାଶ ହେବ। ଏହାଦ୍ୱାରା ଜାତୀୟ ପାଠ୍ୟକ୍ରମ ୨୦୦୫ ରେ ସୂଚନା ଦିଆଯାଇଥିବା 'କରି ଶିଖିବା' ସାର୍ଥକ ହୋଇପାରିବ।

## ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟ

କବିତା ଶୁଣିସାରିବା ପରେ ପିଲାମାନଙ୍କ ମନରେ କବିତାର ଭାବକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ, ଉତ୍ସୁକତା ଏବଂ ଜାଣିବାର ଇଚ୍ଛା ସୃଷ୍ଟି ହୋଇସାରିଥାଏ। ଏହାକୁ ପ୍ରକାଶ କରିବା

Module 10

ପାଇଁ ସେମାନଙ୍କୁ କହିବା ପାଇଁ ଓ ଲେଖିବା ପାଇଁ କୁହନ୍ତୁ। ଶିକ୍ଷାର୍ଥୀମାନଙ୍କର ଅଭିବ୍ୟକ୍ତିକୁ ଦୃଷ୍ଟିରେ ରଖି କବିତାର ଭାବାର୍ଥ ଦିଗକୁ ସେମାନଙ୍କୁ ଆଗେଇ ନିଅନ୍ତୁ। କବିତାରେ ଥିବା ଶବ୍ଦର ଅର୍ଥ କହିବା ବା ପ୍ରତ୍ୟେକ ପଦକୁ ବୁଝାଇବା ଉଚିତ୍ ନୁହେଁ। ଏହା ପିଲାମାନଙ୍କୁ ଘୋଷି ମନେ ରଖିବା ପାଇଁ ଉତ୍ସାହିତ କରିଥାଏ। ଏହାଦ୍ୱାରା ପିଲାମାନଙ୍କର ନିଜେ ପଢ଼ି ବୁଝିବାର ଦକ୍ଷତା ସୀମିତ ହୋଇଥାଏ । ସେମାନଙ୍କର ବୁଝିବା କେବଳ କିଛି ପଦ ଭିତରେ ସୀମିତ ହୋଇ ରହିଯାଏ। ଶିକ୍ଷକ କବିତାର ଅର୍ଥ ସିଧା ନ କହି ସଂକେତ ଦେଇ ପାରିବେ ଏବଂ ପିଲାମାନଙ୍କୁ ନିଜେ ଅନୁମାନ କରି ଅର୍ଥ ବାହାର କରିବା ପାଇଁ ସୁଯୋଗ ଦେବେ। ପିଲାମାନଙ୍କ ଦ୍ୱାରା କିପରି ଅର୍ଥ ନିର୍ମାଣ କରିହେବ ତଳେ ଗୋଟିଏ ଉଦାହରଣ ଦିଆଗଲା .....

**ଉପଯୁକ୍ତ ଅର୍ଥ ବାଛ**

◆ଛୋଟରୁ ବଡ଼ କବିତାରେ 'ବାସ' ଶବ୍ଦ ଅର୍ଥ କ'ଣ ?

(କ) ଘର

(ଖ) ସୁନ୍ଦର ବାସନା

(ଗ) ପ୍ରକୃତି

(ଘ) 'କ' ଓ 'ଗ' ଦୁଇଟିଯାକ

ଆଲୋଚନା ମାଧ୍ୟମରେ ପିଲାମାନଙ୍କୁ ଅର୍ଥ ବାହାର କରିବା ପାଇଁ ଉତ୍ସାହିତ କରନ୍ତୁ। ଯେପରି ପିଲାମାନେ ସେମାନଙ୍କର ଅନୁମାନ ଓ କଳ୍ପନା ମାଧ୍ୟମରେ ଶବ୍ଦର ଅର୍ଥ ନିର୍ମାଣ କରିପାରିବେ। ଏହିପରି ପ୍ରଶ୍ନ ଦେଇ ସାରିବା ପରେ ଶିକ୍ଷକ ଅର୍ଥ ନିର୍ମାଣ ପାଇଁ ସଂକେତ ଦେଇପାରିବେ।

## ଅର୍ଥ ସଂକେତ

'ଛୋଟରୁ ବଡ଼' ଏକ ଆଧୁନିକ ଶିଶୁ କବିତା। ଏହା ସ୍ୱର ଯୁକ୍ତ ଭାବରେ ରଚନା କରାଯାଇଛି। ସୃଷ୍ଟି ଓ ସମ୍ଭାବନା ତତ୍ତ୍ୱକୁ ମନରେ ନେଇ କବି ଏହାକୁ ରଚନା କରିଛନ୍ତି। ଛୋଟ ଭିତରେ ବଡ଼ର ସମ୍ଭାବନା ଏକ ପ୍ରକୃତିର ନିୟମ। ଏହା ଏକ ସୁନ୍ଦର ମୂଲ୍ୟବୋଧ ଭିତ୍ତିକ କବିତା, ଯେଉଁଠାରେ କବିତାର ଛନ୍ଦ ସହିତ ଜୀବନକୁ ଯୋଡ଼ିଛନ୍ତି। ପିଲାବେଳରୁ ଯଦି ଜଣେ ଏହି ଭାବନା ଉପରେ ବିଶ୍ୱାସ ରଖେ ତେବେ ବଡ଼ ହେଲେ ସେ ନିଶ୍ଚିତ ଭାବରେ ବଡ଼ ମଣିଷ ହୋଇପାରିବ.... ଏହା

କବିତାର ଅନ୍ତରାତ୍ମା ଏବଂ କବିଙ୍କର ସ୍ୱପ୍ନ। ଯଦି କବିତା ପଢ଼ିବା ସମୟରେ ପିଲାଙ୍କ ଭିତରେ ଏହି ଭାବନା ସୃଷ୍ଟି ହୋଇଯାଏ ତାହାହେଲେ କବିତାରେ ବ୍ୟବହୃତ ଶବ୍ଦଗୁଡ଼ିକର ପ୍ରାସଙ୍ଗିକତା ସେମାନେ ବୁଝିପାରିବେ ଓ ଅର୍ଥ ନିର୍ମାଣ କରିପାରିବେ। ସପ୍ତମ ଶ୍ରେଣୀ ପିଲାମାନଙ୍କୁ ଏପରି କବିତା ପଢ଼ାଇବାରେ ଉଦ୍ଦେଶ୍ୟ କ'ଣ ଆପଣ ପ୍ରଥମେ ବୁଝିବା ଦରକାର।

## ପଢାଇବା ସମୟରେ କିଛି ପ୍ରଶ୍ନ

ଆଲୋଚନା ସମୟରେ ଏକ ଅନୌପଚାରିକ ଢ଼ଙ୍ଗରେ ଆପଣ ନିମ୍ନ ପ୍ରଶ୍ନ ସବୁ ପଚାରିପାରିବେ....

- ଫୁଲଟିଏ ଛୋଟ ହେଲେ ବି ସମସ୍ତଙ୍କର ମନ ମୋହି ନିଏ କାହିଁକି ?
- ଛୋଟ କୁଅଟି ଯୋଗାଏ ଜଳ ଲୋକେ ବରଷ ମାସ। ଏଠାରେ ଲୋକେ ଶବ୍ଦର ଅର୍ଥ କ'ଣ ? ଲୋକମାନେ / ଲୋକମାନଙ୍କୁ / ଲୋକମାନଙ୍କର
- କବିତାରେ କେତେବେଳେ ଛୋଟ, କେତେବେଳେ କ୍ଷୁଦ୍ର, କେତେବେଳେ ସାନ ଶବ୍ଦ ବ୍ୟବହାର କରାଯାଇଛି। କେବଳ ଛୋଟ ବା କ୍ଷୁଦ୍ର ବା ସାନ ଶବ୍ଦ ବ୍ୟବହାର କରିଥିଲେ କ'ଣ ହୋଇଥାନ୍ତା ?
- କବିତାରେ କ୍ଷୁଦ୍ର ଗୀତ କାହାକୁ ବୁଝାଉଛି ? କବି ଏଠାରେ 'ଛୋଟ କବିତା' ଲେଖି ପାରିଥାନ୍ତେ ଏପରି ଶବ୍ଦ ବ୍ୟବହାର କରିବାର ତାତ୍ପର୍ଯ୍ୟ କ'ଣ ?
- କବି କବିତାର ଆରମ୍ଭ ଓ ଶେଷ କିପରି କରିଛନ୍ତି ?

ଏହା ସହିତ ପିଲାମାନଙ୍କୁ ମଧ୍ୟ ପ୍ରଶ୍ନ ପଚାରିବାରେ ସୁଯୋଗ ଦିଅନ୍ତୁ। ଏବେ ଆପଣ ପିଲାମାନଙ୍କୁ ସେମାନେ ବୁଝିପାରୁ ନଥିବା ଶବ୍ଦର ଏକ ସାରଣୀ ତିଆରି କରିବା ପାଇଁ କୁହନ୍ତୁ ଏବଂ ଆପଣ ମଧ୍ୟ ଏକ ସାରଣୀ ପ୍ରସ୍ତୁତ କରନ୍ତୁ।

Module 10

## ସମ୍ଭାବିତ ଶବ୍ଦ ଓ ତା'ର ଅର୍ଥ

ବାସ – ବାସନା, ସୁଗନ୍ଧ

ଲୋକେ – ଲୋକମାନଙ୍କୁ

ତମସା – ଅନ୍ଧକାର

ପୁଲକ – ଆନନ୍ଦ, ଶିହରଣ

ଅମିୟ – ଅମୃତ

ଲଳିତ – କୋମଳ, ମଧୁର

ବିଧୁର – କାତର, ବ୍ୟସ୍ତ

ଆପଣ ଯେଉଁ ସାରଣୀ ପ୍ରସ୍ତୁତ କରିଛନ୍ତି ତାହା ପିଲାମାନଙ୍କ ସହିତ ମିଶି ଯାଇପାରେ ବା ଭିନ୍ନ ବି ହୋଇପାରେ। ଏହାପରେ ଆପଣ କବିତାରେ ଶବ୍ଦଗୁଡ଼ିକ କେଉଁ ପ୍ରସଙ୍ଗରେ ବ୍ୟବହୃତ ହୋଇଛି ଅନୁମାନ କରିବା ପାଇଁ କୁହନ୍ତୁ। ଶବ୍ଦ ଓ ଅର୍ଥ ବିଶ୍ଳେଷଣ କରି କବିତାର ସଂପୂର୍ଣ୍ଣ ଅର୍ଥ ବାହାର କରିବା ପାଇଁ କୁହନ୍ତୁ। ଆପଣ ପ୍ରସ୍ତୁତ କରିଥିବା ସାରଣୀ ମଧ ଦିଅନ୍ତୁ ଦେଖିବେ ଅଧିକାଂଶ ଶବ୍ଦର ଅର୍ଥ ପିଲାମାନେ ଠିକ୍ ଅନୁମାନ କରିଛନ୍ତି। ଏହାର ଅର୍ଥ ପିଲାମାନେ ନିଜେନିଜେ ଗୋଟିଏ କବିତା ପଢ଼ି ତା'ର ଅର୍ଥ ବାହାର କରିପାରିବେ। ଏହି ଅର୍ଥ ନିର୍ମାଣ ଦକ୍ଷତା ଏକ ସ୍ଥାୟୀ ଶିକ୍ଷଣ ପ୍ରକ୍ରିୟା।

## ଶିକ୍ଷାର୍ଥୀଙ୍କ ସହ ଆଲୋଚନା

ଆପଣ ନିଶ୍ଚିତ ଭାବରେ ଜାଣିଛନ୍ତି ଯେ କବିତାରେ ବ୍ୟବହୃତ ଶବ୍ଦ ଗଦ୍ୟରେ ବ୍ୟବହୃତ ଶବ୍ଦ ଭଳି ନୁହେଁ। ଗଦ୍ୟରେ ବ୍ୟବହୃତ ଶବ୍ଦର ଅର୍ଥ ଭାଷାକୋଷରୁ ସିଧାସଳଖ ମିଳିଯିବାର ସମ୍ଭାବନା ରହିଛି। କିନ୍ତୁ କବିତାରେ ତା'ର ବ୍ୟବହାର ଟିକିଏ ଭିନ୍ନ ଭାବରେ ହୁଏ। କିଛି ଶବ୍ଦ ପଦ୍ୟ ରୂପରେ ଥାଏ। ସେଥିପାଇଁ କହନ୍ତି ଶ୍ରେଷ୍ଠ ଶବ୍ଦର ସଂଯୋଜନା ହେଉଛି କବିତା। ଯେତେବେଳେ ଗୋଟିଏ ଶବ୍ଦ ପଦ୍ୟ ରୂପରେ ଥାଏ। ସେଥିପାଇଁ କହନ୍ତି ଶ୍ରେଷ୍ଠ ସଂଯୋଜନା ହେଉଛି କବିତା। ଯେତେବେଳେ ଗୋଟିଏ ଶବ୍ଦ କବିତାରେ ବ୍ୟବହାର ହୁଏ କେତେବେଳେ ତା'ର ବ୍ୟଞ୍ଜାନତ୍ମକ ଅର୍ଥ, କେତେବେଳେ ପ୍ରାସଙ୍ଗିକତା, କେବେଳେ କବିତାର ମର୍ମ ଅନୁସାରେ ସ୍ଥିର ହୁଏ। ତେଳେ ଛୋଟରୁ ବଡ କବିତା ଗୋଟିଏ

Module 10

ପଦ ଓ ତାର ଗଦ୍ୟ ରୂପ ଦିଆଗଲ, ଆପଣ ବିଚାର କରନ୍ତୁ ଶବ୍ଦର ବ୍ୟବହାର କିପରି ହୋଇଛି....

## କବିତାର ପଦ

କାନନେ ଫୁଟି ଛୋଟ ଫୁଲଟି
ବିତରି ଯାଏ ବାସ
ଛୋଟ କୂଅଟି ଯୋଗାଏ ଜଳ
ଲୋକେ ବରଷ ମାସ

## ପଦର ଗଦ୍ୟରୂପ

ଜଙ୍ଗଲରେ ଛୋଟ ଫୁଲ ଫୁଟି ଚାରିଆଡେ ବାସୁଛି ।
ଛୋଟ କୂଅ ଲୋମାନଙ୍କୁ ବର୍ଷ ଯାକ ପାଣି ଯୋଗାଉଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଛୋଟ ଭିତରେ ସବୁବେଳେ ବଡ଼ର ସମ୍ଭାବନା ଥାଏ । ଛୋଟରୁ ବଡ଼ କବିତା ଆଧାରରେ ଶ୍ରେଣୀରେ ଆଲୋଚନା କରନ୍ତୁ ।
- କବିତାର ଶୀର୍ଷକ ଛୋଟରୁ ବଡ଼ କାହିଁକି ରଖାଯାଇଛି । ଏ ବିଷୟରେ ପ୍ରତ୍ୟେକ ପିଲାର ମତାମତ ନିଅନ୍ତୁ ଓ ଆଲୋଚନା କରନ୍ତୁ ।

## ଭାଷା ଓ ବ୍ୟାକରଣ

ଆମ ପାଠ୍ୟ ପୁସ୍ତକଗୁଡ଼ିକର କବିତାରେ ମଧ୍ୟ କିଛି ବ୍ୟାକରଣ ଶିକ୍ଷଣର ବ୍ୟବସ୍ଥା ଅଛି । ଗଦ୍ୟ ଶିକ୍ଷାରେ ଦିଆଯାଇଥିବା ବ୍ୟାକରଣ ଜ୍ଞାନ ପଦ୍ୟ ଠାରୁ ଭିନ୍ନ । ଏଠାରେ ଦିଆଯାଇଥିବା ବ୍ୟାକରଣ ଜ୍ଞାନ ବିଶେଷ କରି ଶବ୍ଦ ଭଣ୍ଡାର ବୃଦ୍ଧି ଓ ଶବ୍ଦ ସଂଯୋଜନା ସହ ସଂଶ୍ଳିଷ୍ଟ । ସେଥିପାଇଁ ଛୋଟରୁ ବଡ଼ କବିତାରେ କାନନ, ତରୁ, ସ୍ରୋତସ୍ୱିନୀ, ତରଣୀ, ନର, ବସୁନ୍ଧରା ଶବ୍ଦର ପ୍ରତିଶବ୍ଦ କରିବା ପାଇଁ କୁହାଯାଇଛି । ସେହିପରି କ୍ଷୁଦ୍ର, ଅନ୍ଧାର, ଦିବା, ଲଳିତ, ଶବ୍ଦର ବିପରୀତ ଅର୍ଥ ବୋଧକ ଶବ୍ଦ ଦିଆଯାଇଛି । ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖିବା ପାଇଁ କୁହାଯାଇଛି । ଅର୍ଥାତ କବିତା ଲିଖନ ଉଦ୍ଦେଶ୍ୟ ଦୃଷ୍ଟିରେ ରଖି ବ୍ୟାକରଣ ଜ୍ଞାନ ପାଇଁ ପ୍ରଚେଷ୍ଟା କରାଯାଇଛି ।

Module 10

## କବିତା ଓ ଭାବ ବିସ୍ତାର

- ଛୋଟରୁ ବଡ଼ କବିତାରେ କିଛି ପଦ ଏମିତି ଅଛି ଶିକ୍ଷାର୍ଥୀ ନିଜର ଅନୁଭବକୁ ନେଇ ତା'ର ଭାବ ବିସ୍ତାର କରିବାର ସମ୍ଭାବନା ଅଛି । ଶିକ୍ଷାର୍ଥୀମାନଙ୍କୁ ଏ ଦୃଷ୍ଟିରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବାହାର ନ କରିବାକୁ କହି ସେମାନଙ୍କର ଅଭିବ୍ୟକ୍ତକୁ ବ୍ୟକ୍ତ କରିବାକୁ କୁହନ୍ତୁ ।
- ଏହିପରି ଛୋଟ ଓ ବଡ଼ ପ୍ରସଙ୍ଗକୁ ନେଇ କବିତା ଲେଖିବାକୁ ଉତ୍ସାହିତ କରନ୍ତୁ ।

## ରଚନାତ୍ମକ ଅଭିବ୍ୟକ୍ତ

କବିତା ପାଠ ସାରିବା ପରେ ଶିକ୍ଷାର୍ଥୀମାନଙ୍କ ଭିତରେ ସୃଷ୍ଟି ହୋଇଥିବା ରଚନାତ୍ମକ ଭାବନାକୁ ପରିପ୍ରକାଶ କରିବା ପାଇଁ ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ । ସେମାନଙ୍କର କୃତୀ (କବିତା)କୁ ପ୍ରଦର୍ଶନ ବୋର୍ଡ଼ରେ ଲଗାଇ ଦିଅନ୍ତୁ । ଏହା ଦ୍ୱାରା ଅନେକ ପିଲା ଭିତରେ ଉତ୍ସୁକତା ସୃଷ୍ଟି ହେବେ ଏବଂ ସେମାନେ ମଧ ଲେଖିବା ଆରମ୍ଭ କରିବେ । ଏଥିପାଇଁ ଆପଣ ଏମିତି କିଛି କାର୍ଯ୍ୟ ମଧ କରିପାରିବେ....

- ମୁଁ ଦିନେ ବଡ଼ ହେବି, ମୁଁ ବଗିଚାରେ ଫୁଲଟିଏ ..... ଶୀର୍ଷକ ଦେଇ କବିତା ଲେଖିବା ପାଇଁ କହିପାରିବେ ।
- ଶିଶୁ ସଂସାର, ଜହ୍ନ ମାମୁଁ, ଇତ୍ୟାଦି ଶିଶୁ ପତ୍ରିକା ବା ଖବର କାଗଜ.... ଇତ୍ୟାଦିକୁ ଶିଶୁ କବିତା ସଂଗ୍ରହ କରିବାକୁ କହିପାରିବେ ।
- ଶିଶୁ କବିତା ଆସର ଆୟୋଜନ କରିପାରିବେ ।

*ଓଡ଼ିଆ ଭାଷାରେ ଆମେ କିଛି ପ୍ରସଙ୍ଗ ବିଷୟରେ ଆଲୋଚନା କଲେ । ଗଦ୍ୟ ଓ ପଦ୍ୟ ଶିକ୍ଷାଦାନ ବିଷୟରେ ଉଦାହରଣ ସହିତ ଆଲୋଚନା କଲେ । ଏବେ ଇଂରାଜୀ ବହିର ଗୋଟିଏ କବିତା କିପରି ପଢ଼ାଇବା ସେ ବିଷୟରେ ଆଲୋଚନା କରିବା । ଏହା ଇଂରାଜୀ ଭାଷାରେ ବର୍ଣ୍ଣନା କରିବା ହିଁ ବିଧେୟ*

## *Teaching Poetry*

**Module 10**

Teaching Poetry represents an unconventional use language. Therefore, it requires a different method of teaching. It is every body's experience that a poem can communicate without being fully understood. A poem is more implicit than explicit. The rhythm and flow of the poem enable us to memorise and recall couplets or lines without much effort. A poem, especially a short one, has an immediate impact on the listener and makes a direct appeal to the reader's emotions and feelings. We don't and should not teach a poem except in a very basic sense and enjoyment. Poetry, thus, is experiencing it holistically for example use of words, imagery,ideaetc.more than just word meanings. Here is a suggestion for how poetry teaching can be organized.

- Begin with a warm up which is thematically related to the poem such as encouraging children to talk about any experience that relates to the theme of the poem, using pictures, news paper articles etc. as prompts.
- Enable children talk about the background of the poem or poet.
- Read the poem aloud (children should keep their book shut) and briefly explain the ideas of the poem, if needed.
- Ask a simple question or two related to the theme of the poem to help children recall words, phrases and even lines from the poem.
- Read the poem aloud second time.
- Children now will listen as well as follow the poem in their books.

## Module 10

- Ask one or two questions from the poem, elicit meaning of the words and theme of the poem.
- Ask the children to read the poem silently.
- Help children appreciate the poem such as main ideas, use of language etc.

Writing tasks based on an open ended discussion will help the children go beyond the textbook and relate the text to their own experience. If possible, a poem/a stanza of a poem with a similar theme can be read aloud in the class. Choral reading makes the reading more interesting in the lower classes.

Here we will discuss on a poem from class V. Before that, please go through the Learning Outcomes of class V with relation to appreciation of a poem.

### Pedagogical Process:

**Children….**

- Read different kinds of texts such as prose, poetry,play for understanding and appreciation and write answers for comprehension and inferential questions.·
- Raise question based on their reading

**Children….**

- Read a variety of text in English/Braille and identify main ideas,characters, sequence of ideas, events and relates with his/her personal experiences.

### Example 8

**Good Morning (Class V, Lesson 3)**

Good morning, sky;
Good morning, sun;
Good morning, little winds that run!
Good morning, birds;
Good morning, trees;

Module 10

And creeping grass and brownie bees!

How did you out it was day?

Who told you night had gone away?

I'm wide awake;

I'm up now,too.

I'll be right out to play with you.

**Fannie R. Buchanan**

## Pre-Reading

This poem is child's narrative about wishing everybody of the nature. Normally we wish our elders, parents, friends and relatives but in this poem a child is wishing the nature.

To motivate the children towards the poem, we may ask the following questions and build up their interest in the poem.

## Activity 1

- What do we say in English when we wish others in the morning/ afternoon/evening?
- Why do we wish others ?
- How do you feel when you wish others?
- Do they feel excited in your wish?
- Whom do we wish everyday?
- Do we wish the sun, the moon, the trees and the sky? Why?

## While Reading

### Activity 2

Recite the poem with appropriate stress, intonation and pause 2/3 times. Ask the learners to listen without seing the book.

**Module 10**

## Activity 3

Hang the write-up of the poem (written on a drawing sheet) on the wall and read aloud with rhythm and appropriate pronunciation.

## Activity 4

Children can be asked to frame some questions from the line. They may sit in groups and frame the questions. During this activity they will grasp the meaning. So help them to comprehend the meaning.

## Activity 5

You may ask some questions from the poem…

- Who is the poet?
- Who is saying good morning in this poem?
- Whom does she say good morning in the first stanza?
- Why did he/she say 'little winds' ?
- Does wind run? Have you seen this?
- How can you say that wind runs?

.

# Post Reading

## Activity 6

Children may be asked to say few lines about morning. They may be encouraged to write some sentences.

## Activity 7

The children may answer some MCQs like-

**1. The girl does not say good morning to……**

(a) sun

(b) sky

(c) moon

(d) Winds

**2. The girl is ……………………..**

(a) angry

(b) sad

(c) worried

(d) happy

## Activity 8 (Speaking)

The children may be asked regarding the poem and their life to open their mouth. Like do you see sun everyday? Do you see trees everyday? How trees help us? How sun helps us? Should we greet them why? ….. etc.

Activities for the KRPs

- Pick up a poem from the textbook of VI, VII or VIII. Read it and review it. Plan the activities for the poem as discussed.
- Read "Child language and the teacher"
- Read 'Divaswapna' written by GijubhaiBadheka

## Self Evaluation

You have come across various concepts, ideas and strategies for teaching learning of languages in this module both in odia and in English. Based on your reading, try to answer the following questions……

- What is the role of tasks/activities in language learning?
- How does language cut across the curriculum?

Module 10

## ପ୍ରଦର୍ଶିକାରେ ଥିବା ଉଦ୍ଦେଶ୍ୟ ଓ ପ୍ରତ୍ୟାଶିତ ଫଳାଫଳ

୧. ଶ୍ରେଣୀରେ ବହୁଭାଷୀ ଉପାୟ ଉପଯୁକ୍ତ ଭାବରେ ବ୍ୟବହାର କରିବା ।

୨. ଲିଖନ ମାଧ୍ୟମରେ ଲିଙ୍ଗଭେଦ, ଜାତିଆଣ ଭାବ.... ଭଳି ସଂବେଦନଶୀଳ ବିଷୟ ପ୍ରତି ସଂଚେତନ କରିବା ।

୩. ଭାଷାର ବିଶେଷ ପ୍ରୟୋଗ କରିବା ଓ ରଚନାତ୍ମକ ଦିଗ ପ୍ରତି ଧ୍ୟାନ ଆକର୍ଷଣ କରିବା ।

୪. ଭାଷାର ବିଭିନ୍ନ ଲେଖା ପ୍ରତି ଆଗ୍ରହ ସୃଷ୍ଟି କରିବା ।

୫. ବିଭିନ୍ନ ପ୍ରକାର ଲେଖା ପ୍ରତି ଆଗ୍ରହ ସୃଷ୍ଟି କରିବା ।

୬. ଭାଷାର ବିଭିନ୍ନ ବିଭାଗ ଯଥା କବିତା, ଗପ, ଏକାଙ୍କିକା ଇତ୍ୟାଦିର ପ୍ରକୃତି ଆଧାରରେ ପିଲାମାନଙ୍କ ପାଇଁ ଆଗ୍ରହାତ୍ମକ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା ।

୭. ଯେ କୌଣସି ପ୍ରକାର ଲେଖା ପଢ଼ିବା ଓ ପଢ଼ାଇବା ବିଷୟରେ ସ୍ୱଷ୍ଟ ଭାବରେ ବୁଝିବା ।

୮. ଭାଷାର ବିଭିନ୍ନ ବିଭାଗ ମଧ୍ୟରେ ଥିବା ସଂପର୍କ ଏବଂ ସେସବୁକୁ ପଢ଼ାଇବାରେ ଉପାୟ ଓ କୌଶଳକୁ ବୁଝିବା ।

୯. ଶିକ୍ଷଣ – ଶିକ୍ଷାଦାନ ଆଇ.ସି.ଟିର ଉପଯୁକ୍ତ ବ୍ୟବହାର କରିବା ।

୧୦. କରି ଶିଖିବାର (Learning by doing) ଉପାୟକୁ ଉତ୍ସାହିତ କରିବା ।

୧୧. ଜଣେ ସହାୟକ ଭାବରେ ଶିକ୍ଷଣ କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ସୁନିଶ୍ଚିତ କରିବା ।

୧୨. ଶିକ୍ଷାଦାନ – ଶିକ୍ଷଣ ସମୟରେ ଶିକ୍ଷାର୍ଥୀର ଶିକ୍ଷଣ ଉପଲବ୍ଧିର ମୂଲ୍ୟାୟନ କରିବା ।

୧୩. ଯେକୌଣସି ଲେଖାକୁ ପିଲାମାନଙ୍କର ପରିବେଶ ଓ ଅନୁଭୂତି ସହିତ ଯୋଡ଼ି ସେମାନଙ୍କର ବୋଧ ଶକ୍ତି ବିସ୍ତାରିତ କରିବା ।

୧୪. ବିଭିନ୍ନ ସାହିତ୍ୟକ ଲେଖାର ଅର୍ଥକୁ ନେଇ ସନ୍ଦର୍ଭ ପ୍ରସ୍ତୁତ କରିବା ଓ ସେଥିରୁ ଶବ୍ଦ ଭଣ୍ଡାର ଏବଂ ବ୍ୟାକରଣ ଜ୍ଞାନ ବୃଦ୍ଧି କରିବା ।

୧୫. ପିଲାଙ୍କ ଭିତରେ ଲେଖିବାର ପ୍ରବୃତ୍ତି ସୃଷ୍ଟି କରିବା। ଏଥିପାଇଁ ପିଲାମାନଙ୍କୁ ଚିନ୍ତା କରିବା କଳ୍ପନା କରିବା ଅନୁମାନ କରିବା ପାଇଁ ସୁଯୋଗ ଦେବା।

୧୬. ଶିକ୍ଷାର୍ଥୀମାନଙ୍କ ଭିତରେ ଥିବା ବ୍ୟକ୍ତିଗତ ପ୍ରଭେଦକୁ ବୁଝି ସେମାନଙ୍କୁ ଶିଖିବାର ସୁଯୋଗ ପ୍ରଦାନ କରିବା।



## ANNEXURE-1

Objectives of language teaching-learning as delineated by National Curriculum Framework - 2005

**(a) To develop the competence of children to understand what they hear**

A learner must be able to use various non-verbal cues coming from the speaker for understanding what has been said. They should also be able to understand in a non-linear fashion by making connections and drawing inferences

**(b) To develop the ability to read with comprehension**

Children develop the habit of reading in a non-linear Pedagogy of Languages a They should be able to instruct meaning by drawing in services and relating the text with her previous knowledge. They must also develop the confidence of reading the text critically and ask questions while reading

**(C) To develop effortless expression-**

They should be able to use communicative skills in variety of situation. They must be able to engage in a discussion in a logical, analytical and creative manner

Module 10

### (D) To develop the skill of coherent writing

Writing is not mechanical skills: It involves a rich control of grammar, vocabulary, content and punctuation as well as the ability to organise thoughts coherently using appropriate linkers etc.

Children should develop the confidence to express thoughts effortlessly and in an organized manner. The children must be encouraged and trained to choose their own topic, organise their ideas and write in logical manner. This is possible only if their writings are seen as process and not as a product They should be able to use writing for a variety of purposes and in a variety of situations, ranging from informal to very formal.

### (e) To develop control over different registers-

Language is never used in a uniform fashion. It has innumerable varieties, shades and colours, which surface in different domains and in different situations. These variations Known as registers, should form a part of a student's repertoire. Besides the register of school subjects, a student must be able to understand and use the variety of language being used in other domains such as music, sports, films gardening, construction work, cookery, etc.

### (F) To develop children Creativity-

In a language classroom, children should get ample space to develop their imagination and creativity, Classroom ethos and the teacher student relationships build confidence in the latter to use their creativity in text transactions and activities uninhibitedly

## (g) To develop sensitivity

A language classroom can be an excellent reference point for familiarizing children with our rich culture and heritage as well as aspects of contemporary life. There lies a lot of scope to make children sensitive towards their surroundings. their neighbours and their nation. National Curriculum Framework - 2005.

(NCERT, 2005)

# Annexture-2

## Skills to be fostered (in the context of English as a second language)

The syllabus(NCERT 2005) states the following as skills to be fostered. It can be inferred that these are language abilities to be assessed continuously. The development of linguistics proficiency in the children is needed for the spontaneous and appropriate use of language in different situations.

- The learner should acquire the ability to listen and understand and should be able to employ non-verbal clues to make connections and draw inferences.
- The learner should develop the habit of reading for information and pleasure draw inferences and relate texts to previous knowledge read critically and develop the confidence to ask and answer questions
- The learner should be able to employ her communication skills, with range of style; and engage in a discussion in an analytical and creative manner.

## Module 10

- The children should be able to identify a topic, praise and structure thought and write with a sense of purpose and an awareness of audience.
- The learner should be able to understand and use a variety of registers associated with domains such as music, sports, films, gardening construction work, etc.
- The learner should be able to use a dictionary and other materials available in the library and elsewhere, access and collect information through making and taking down notes
- The learner should be able to use language creatively and imaginatively in text, transaction and performance of activities.
- The learner should be able to develop sensitivity towards their culture and heritage, aspects of contemporary life and languages in and around the classroom.
- The learner should be able to refine their literary sensibility and enrich their aesthetic life through different literary genres.
- The learner should be able to appreciate similarities and differences across languages in a multilingual classroom and society.
- It is important learner to notice the different languages and language varieties are Associated with different domains and communicative encounters.

Module 10

- The learner should become sensitive to the inherent variability that characterises language and notice that languages keep changing all the time.
- It is possible for a student to notice the differences between her own speech and the speech of her, say, grandparents.

***(Syllabus for Secondary and Higher Secondary Levels: skill to be fostered NCERT, 2005 152)***

# ପ୍ରଦର୍ଶିକା - ୧୧

# ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର

Module
11

# ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର
# (ଉଚ୍ଚ ପ୍ରାଥମିକ ସ୍ତର)

## ୧. ସାମଗ୍ରୀକ ଦୃଷ୍ଟୀ ଭଙ୍ଗୀ

ବିଜ୍ଞାନ ଶିକ୍ଷଣଶାସ୍ତ୍ରର ଏହି ପ୍ରଦର୍ଶିକା ଉଚ୍ଚ ପ୍ରାଥମିକ ସ୍ତରର ବିଜ୍ଞାନ ପାଇଁ ପ୍ରସ୍ତୁତ କରାଯାଇଛି । ଉଚ୍ଚ ପ୍ରାଥମିକ ସ୍ତରରେ ପିଲାମାନେ କିପରି ବିଜ୍ଞାନ ଶିଖନ୍ତି ତାହା ଏହି ପ୍ରଦର୍ଶିକାର ମୁଖ୍ୟ ଦିଗ । ଏହି ପ୍ରଦର୍ଶିକା ନିମ୍ନ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦେଇଛି ।

- ଶିକ୍ଷଣ ଉଦ୍ଦେଶ୍ୟ
- ବିଜ୍ଞାନ କ'ଣ ?
- ଉଚ୍ଚ ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ ପ୍ରତ୍ୟାଶା
- ଉଚ୍ଚ ପ୍ରାଥମିକ ସ୍ତର ( ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ)ରେ ବିଜ୍ଞାନର ଶିକ୍ଷଣ ଫଳାଫଳ
- ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟଧାରା
- ଉଚ୍ଚ ପ୍ରାଥମିକ ସ୍ତରରେ ଏନ.ସି.ଇ.ଆର.ଟି ପାଠ୍ୟପୁସ୍ତକରୁ ଉଦାହରଣ
- ପ୍ରଶିକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟ ସାଧନକର୍ମୀଙ୍କ ପାଇଁ ପ୍ରସ୍ତାବିତ କାର୍ଯ୍ୟ

## ୨. ଶିକ୍ଷଣ ଉଦ୍ଦେଶ୍ୟ

- ଏହି ପ୍ରଦର୍ଶିକା ପଢ଼ିସାରିବା ପରେ, ଶିକ୍ଷାର୍ଥୀମାନଙ୍କ ଠାରୁ ନିମ୍ନଲିଖିତ ଆଶା କରାଯାଏ ।

  ଉଚ୍ଚ ପ୍ରାଥମିକ ସ୍ତରରେ ଏକ ବିଷୟ ଭାବେ ବିଜ୍ଞାନ ସମ୍ବନ୍ଧରେ ମୌଳିକ ଧାରଣା ପାଇବେ ।

  ଉଚ୍ଚ ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ ପ୍ରତ୍ୟାଶା ଓ ଶିକ୍ଷଣ ଫଳାଫଳ ସଂପର୍କରେ ମୌଳିକ ଧାରଣା ପାଇବେ ।

  ବିଜ୍ଞାନକୁ ଅନୁସନ୍ଧାନ ଓ ଜ୍ଞାନ ସଂରଚନାର ପ୍ରକ୍ରିୟା ଭାବେ ବ୍ୟବହାର କରିବେ ।

  ଶିକ୍ଷକ କିପରି ଶିକ୍ଷଣର ସହାୟକ ହେବେ ତାହା ବର୍ଣ୍ଣନା କରିବେ ।

  ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟା ଚାଲିଥିବା ସମୟରେ ପାଠ ବିଷୟବସ୍ତୁ, ଶୈକ୍ଷିକ ଧାରା ଓ ମାନନିର୍ଦ୍ଧାରଣ କୁ ସମନ୍ୱିତ କରିବେ ।

- ବିଷୟଗତ ଧାରଣାଗୁଡ଼ିକର ଶିକ୍ଷାଦାନ ବେଳେ ଶିକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ପ୍ରକାରର ଶିକ୍ଷଣ ପରିସ୍ଥିତିର ପରିକଳ୍ପନା କରିବେ।

Module 11

## ୩. ବିଜ୍ଞାନ କ'ଣ

ମନୁଷ୍ୟ ସଦାସର୍ବଦା ତା'ର ଚତୁପାର୍ଶ୍ୱର ପରିବେଶ ସଂପର୍କରେ ଜାଣିବାକୁ ଅନିସନ୍ଧିସ୍ତ। ପ୍ରାଚୀନ କାଳରୁ ମନୁଷ୍ୟ ଉଭୟ ଭୌତିକ ଓ ଜୈବିକ ପରିବେଶକୁ ଅତି ନିକଟରୁ ପର୍ଯ୍ୟବେକ୍ଷଣ କରିଆସିଛି। ସେଥିରେ ଥିବା ଅର୍ଥପୂର୍ଣ୍ଣ ସଂରଚନା ଓ ସଂପର୍କକୁ ଲକ୍ଷ୍ୟ କରିଛି ଏବଂ ପର୍ଯ୍ୟବେକ୍ଷଣ ଆଧାରରେ ପୃଥିବୀକୁ ବୁଝିବା ପାଇଁ ଏକ ଧାରଣାଗତ ପ୍ରତିରୂପ ତିଆରି କରିଛି ଏବଂ ସେଥିରୁ ନୀତି, ନିୟମ, ତତ୍ତ୍ୱରେ ପହଂଚିପାରିଛି। ମନୁଷ୍ୟର ଏହି ପ୍ରଚେଷ୍ଟା ହିଁ ବିଜ୍ଞାନ।

ବିଜ୍ଞାନ ହେଉଛି ଗତିଶୀଳ ଏବଂ ଅଭିଜ୍ଞତାର ନୂତନ କାର୍ଯ୍ୟର ପରିସରକୁ ପ୍ରଭାବିତ କରୁଥିବା ଜ୍ଞାନର ପରିବର୍ଦ୍ଧିତ ରୂପ। ଏହା ହେଉଛି ଜ୍ଞାନର ସଂଗଠିତ ପ୍ରଣାଳୀ, ଯାହା ସ୍ୱାଭାବିକ ଅନିସନ୍ଧିସ୍ତୁ। ଯୁକ୍ତିଯୁକ୍ତ ଚିନ୍ତନ ଏବଂ ପରୀକ୍ଷଣରୁ ସ୍ପଷ୍ଟ ଅନୁସନ୍ଧାନ ଉପରେ ପର୍ଯ୍ୟବସିତ। ଏକ ପ୍ରଗତିଶୀଳ ସମାଜରେ ବିଜ୍ଞାନ ହିଁ କେବଳ ଦାରିଦ୍ର୍ୟ, ଅଜ୍ଞତା ଓ ଅନ୍ଧବିଶ୍ୱାସରୁ ମୁକ୍ତି ଦେଇଥାଏ। ଆଜିକାଲିର ଲୋକମାନେ ହୁଏତ ପରିବର୍ତ୍ତନଶୀଳ ସମାଜର ସମ୍ମୁଖୀନ ହେଉଛନ୍ତି ଯେଉଁଠି ନମନୀୟତା, ଅଭିନବ ଓ ସୃଜନଶୀଳତା ଭଳି କୌଶଳ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଶିକ୍ଷାକୁ ରୂପରେଖ ଦେବା ବେଳେ ଏସବୁକୁ ନିଶ୍ଚିତରୂପ ମନମଧ୍ୟରେ ରଖିବା ଆବଶ୍ୟକ।

## ଉଚ୍ଚପ୍ରାଥମିକ ସ୍ତରରେ ପାଠ୍ୟକ୍ରମ ପ୍ରତ୍ୟାଶା

ଉଚ୍ଚ ପ୍ରାଥମିକ ସ୍ତରରେ, ଶିକ୍ଷାର୍ଥୀମାନେ ପ୍ରଥମ କରି ଏକ ସ୍ୱତନ୍ତ୍ର ବିଷୟ ଭାବେ ବିଜ୍ଞାନ ସଂସ୍ପର୍ଶରେ ଆସିଥାନ୍ତି। ପ୍ରାଥମିକ ସ୍ତର ପରିବେଶ ଅଧ୍ୟୟନରୁ ବିଜ୍ଞାନ ଶିକ୍ଷା ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଓ କାରିଗରୀ ବିଦ୍ୟାକୁ ଅବସ୍ଥାନ୍ତର ହୋଇଥାଏ। ଏହି ସ୍ତରରେ ବିଜ୍ଞାନର ଧାରଣାଗୁଡ଼ିକର ଶିକ୍ଷଣ ପାଇଁ ଦୈନନ୍ଦିନ ଜୀବନର ଅଭିଜ୍ଞତାଗୁଡ଼ିକୁ ବାଛିବା / ଚୟନ କରିବା ଆବଶ୍ୟକ। ଶିକ୍ଷାଦାନ(୩) ଶିକ୍ଷଣ ପ୍ରକ୍ରିୟାର ଏକ ପ୍ରମୁଖ ଅଂଶଭାବେ ଶିକ୍ଷଣ କାର୍ଯ୍ୟ ଓ ପରୀକ୍ଷଣଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବା ଜରୁରୀ ।

Module
11

ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଧାରଣାଗୁଡ଼ିକ ନୀୟମାନନୁବର୍ତ୍ତିକା ଅଧ୍ୟୟନ ପନ୍ଥା ଦ୍ୱାରା ପରିଚାଳିତ ହେବା ଉଚିତ୍ ନୁହେଁ। ଏହି ସ୍ତରରେ ବିଜ୍ଞାନକୁ ଏକ ସମନ୍ୱିତ ବିଷୟ ଭାବେ ପଢ଼ାଯିବା ଆବଶ୍ୟକ ଏବଂ ଏହାକୁ ମାଧ୍ୟମିକ ସ୍ତରର ଧାରଣାର ଲଘୁକରଣ ଭାବେ ବିବେଚନା କରାଯିବା ଉଚିତ ନୁହେଁ। ବିଜ୍ଞାନର ମୌଳିକ ନିୟମର ଶିକ୍ଷଣରେ ପିଲାଙ୍କୁ ନିୟୋଜିତ କରିବା ପାଇଁ ପରିଚିତ ଅଭିଜ୍ଞତା, ପ୍ରଯୁକ୍ତି ବିଦ୍ୟା ଉପରେ ପର୍ଯ୍ୟବସିତ ସରଳ ପ୍ରତିରୂପ ଓ ଏକକୁ ନିଜେ ତିଆରି କରିବା କାର୍ଯ୍ୟ ଦିଆଯିବା ଆବଶ୍ୟକ। ପରିବେଶ ଓ ସ୍ୱାସ୍ଥ୍ୟ ବିଶେଷକରି ପ୍ରଜନନ ଓ ଯୌନସ୍ୱାସ୍ଥ୍ୟ ସଂପର୍କରେ ଅଧିକ ଶିଖିବା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ପର୍ଯ୍ୟବେକ୍ଷଣ, ଶିକ୍ଷଣ କାର୍ଯ୍ୟ, ପରୀକ୍ଷଣ ତଥା ସର୍ବେକ୍ଷଣ ଭଳି କାର୍ଯ୍ୟରୁ ବିଜ୍ଞାନ ଧାରଣାଗୁଡ଼ିକ ବ୍ୟୁତ୍ପତ୍ତି ହେବା ଉଚିତ୍। ବିଦ୍ୟାଳୟରେ ଓ ପ୍ରତିବେଶୀଙ୍କ ସହିତ ଦଳଗତି କାର୍ଯ୍ୟ, ସହପାଠୀ, ଶିକ୍ଷକ ଓ ଗୋଷ୍ଠୀର ସଦସ୍ୟଙ୍କ ସହ ଆଲୋଚନା, ସେର୍ବକ୍ଷଣ, ତଥ୍ୟ ସଂଗ୍ରହ ଓ ସେଗୁଡ଼ିକର ସଂଗଠନ କରିବା, ପ୍ରଦର୍ଶନୀରେ ସେଗୁଡ଼ିକୁ ଦେଖାଇବା ବିଜ୍ଞାନ ଶିକ୍ଷା ଶାସ୍ତ୍ରର ପ୍ରମୁଖ ଅଂଶ ଭାବେ ପରିଗଣିତ ହେବା ଆବଶ୍ୟକ। ପ୍ରଯୁକ୍ତି ବିଦ୍ୟାର ଅଂଶ ଭାବେ ଡିଜାଇନ ଓ ସରଳ ପ୍ରତିରୂପ ପ୍ରସ୍ତୁତ କରିବ। ସାଧାରଣ ଯାନ୍ତ୍ରିକ ଓ ବୈଦ୍ୟୁତିକ ଯନ୍ତ୍ରପାତି ସଂପର୍କରେ ବ୍ୟବହାରିକ ଜ୍ଞାନ ଓ ଆଂଚଳିକ ସ୍ୱତନ୍ତ୍ର ପ୍ରଯୁକ୍ତି ବିଦ୍ୟାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ସରଳ ପରୀକ୍ଷଣ ଓ ବ୍ୟବହାରିକ କାର୍ଯ୍ୟ ବ୍ୟତୀତ ଏହି ସ୍ତରରେ ପ୍ରମୁଖ ବିଜ୍ଞାନ ଶୈକ୍ଷିକ କାର୍ଯ୍ୟଧାରା ଭାବେ ପିଲାମାନଙ୍କୁ ଦଳରେ ଅର୍ଥପୂର୍ଣ୍ଣ ଅନୁସନ୍ଧାନ କାର୍ଯ୍ୟରେ ନିୟୋଜିତ କରାଯିବ। ଆବଶ୍ୟକ, ବିଶେଷକରି ଯେଉଁ ସମସ୍ୟା ଗୁଡ଼ିକୁ ସେମାନେ ଗୁରୁତ୍ୱପୂର୍ଣ୍ଣ ଓ ଅର୍ଥବୋଧକ ବୋଲି ବିବେଚନା କରିଥାନ୍ତି। ଏହା ଶ୍ରେଣୀଗୃହରେ ଶିକ୍ଷକଙ୍କ ସହ ଆଲୋଚନା ଦ୍ୱାରା, ସହପାଠୀମାନଙ୍କ ମଧ୍ୟରେ ଭାବ ବିନିମୟ, ଖବର କାଗଜରୁ ତଥ୍ୟ ସଂଗ୍ରହ, ପଡ଼ୋଶୀରେ ଥିବା ଜ୍ଞାନୀ ଲୋକଙ୍କ ସହିତ, ଆଲୋଚନା, ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ (ପତ୍ରିକା, ଗବେଷଣା ପତ୍ରିକା, ଟେଲିଭିଜନ, ଇଣ୍ଟରନେଟ ଇତ୍ୟାଦି)

Module
11

ଏବଂ ପିଲାମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସରଳ ଅନୁସନ୍ଧାନ, ପରୀକ୍ଷା ଦ୍ୱାରା ହୋଇପାରିବ।

ଉଚ୍ଚ ପ୍ରାଥମିକ ସ୍ତରର ବିଜ୍ଞାନ ପାଠ୍ୟକ୍ରମ ନିମ୍ନଲିଖିତ ଗୁଡ଼ିକର ବିକାଶ ପାଇଁ ଉଦ୍ଦିଷ୍ଟ।

- ବିଜ୍ଞାନ ଭିତ୍ତିକ ସ୍ୱଭାବ ଓ ବିଜ୍ଞାନଭିତ୍ତିକ ଚିନ୍ତନ
- ବିଜ୍ଞାନର ପ୍ରକ୍ରିୟାଗତ କୌଶଳ, ଯେଉଁଥିରେ ନିମ୍ନଲିଖିତ ଗୁଡ଼ିକ ଅନ୍ତର୍ଭୁକ୍ତ
- ପର୍ଯ୍ୟବେକ୍ଷଣ
- ପ୍ରଶ୍ନପଚାରିବା
- ଶିକ୍ଷଣର ବିଭିନ୍ନ ସମ୍ବଳକୁ ଖୋଜିବା
- ଅନୁସନ୍ଧାନ କରିବା ପାଇଁ ଯୋଜନା କରିବା
- ତଥ୍ୟ ଆଧାରିତ ପରିକଳ୍ପନା କରିବା ଓ ପରୀକ୍ଷା କରିବା
- ତଥ୍ୟ ସଂଗ୍ରହ କରିବା, ବିଶ୍ଳେଷଣ କରିବା ଓ ବ୍ୟାଖ୍ୟା କରିବା ପାଇଁ ବିଭିନ୍ନ ସାଧନୀର ବ୍ୟବହାର କରିବା।
- ପ୍ରମାଣ ଓ ଯଥାର୍ଥ କାରଣ / ସହ ସହାୟକ ବ୍ୟାଖ୍ୟା ଦେବା।
- ବିକଳ୍ପ ବ୍ୟାଖ୍ୟାକୁ ଅନୁଧ୍ୟାନ କରିବା, ତା'ର ଗୁରୁତ୍ୱ କଳନା କରିବା ଓ ତୁଳନା କରିବା ପାଇଁ ବିଶେଷ ଚିନ୍ତନ କରିବା।
- ନିଜର ଚିନ୍ତନ ଉପରେ ଆତ୍ମଅନୁଶୀଳନ କରିବା
- ବିଜ୍ଞାନର କ୍ରମ ବିକାଶର ଐତିହାସିକ ଦିଗକୁ ପ୍ରଶଂସା କରିବା।
- ପରିବେଶ ସମସ୍ୟା ସଂକ୍ରାନ୍ତୀୟ ଉଦ୍‌ବେଗ ପ୍ରତି ସ୍ପର୍ଶକାତର ହେବା।
- ମାନବୀୟ ସମ୍ମାନ ଓ ଅଧିକାର, ଲିଙ୍ଗଗତ ସମାନ ପ୍ରତି ସମ୍ମାନ।
- ସାଧୁତା, ସଚ୍ଚୋଟତା, ସହଯୋଗିତା, ସାଧାରଣ ସଂପତି ଓ ଜୀବନ ପ୍ରତି ଚିନ୍ତିତ ଓ ହେବାଭଳି ମୂଲ୍ୟ ମୂଲ୍ୟବୋଧର ବିକାଶ।

ଜାତୀୟ ପାଠ୍ୟକ୍ରଅମ ଆଧାର (NCF) ୨୦୦୫ ଅନୁଯାୟୀ ଉଚ୍ଚ ପ୍ରାଥମିକ ସ୍ତରର ବିଜ୍ଞାନ ପାଠ୍ୟକ୍ରମରେ

**Module 11**

**ନିମ୍ନଲିଖିତ ବିଷୟବସ୍ତୁ ପରିସରଗୁଡ଼ିକ ସ୍ଥାନ ଦିଆଯାଇଛି, ଯେଉଁଗୁଡ଼ିକ –**

- ଖାଦ୍ୟ
- ଉପକରଣ / ସାମଗ୍ରୀ
- ଆମେ ବସବାସ କରୁଥିବା ପୃଥିବୀ
- ବସ୍ତୁଗୁଡ଼ିକ କାର୍ଯ୍ୟକାରୀ କରନ୍ତି କିପରି
- ଗତିଶୀଳବସ୍ତୁ, ଲୋକ ଓ ଧାରଣା
- ପ୍ରାକୃତିକ ଘଟଣାବଳୀ
- ପ୍ରାକୃତିକ ସମ୍ବଳ

**୪. ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷଣ ଫଳାଫଳ**

ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ବା କୋର୍ସ ପରେ ପିଲା କ'ଣ ଶିଖିବ ଓ କରିବାକୁ ସମର୍ଥ ହେବ ତାହା ଶିକ୍ଷଣ ଫଳାଫଳ ସୂଚିତ କରିଥାଏ। ପରିବର୍ତ୍ତନ ପୃଷ୍ଠାରେ ଶ୍ରେଣୀଓ୍ୱାରୀ ଶିକ୍ଷଣ ଫଳାଫଳ ଗୁଡ଼ିକୁ ଉଦାହରଣ ସହ ଦିଆଯାଇଛି। ୨୦୧୭ ର ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଯାହା ଶିକ୍ଷଣ ଫଳାଫଳକୁ ଭିତ୍ତିକରି ହୋଇଥିଲା, ସେଥିରେ ଅଷ୍ଟମ ଶ୍ରେଣୀରେ ପିଲାମାନେ ଜାତୀୟ ସ୍ତରରେ ହାରାହାରି (ଠିକ୍ ଉତ୍ତରରେ ଶତକଡ଼ା) ନିମ୍ନରେ ଦିଆଗଲା।

**ଅଷ୍ଟମ ଶ୍ରେଣୀ – ୪୪%**

ଆପଣଙ୍କ ରାଜ୍ୟର ହାରାହାରି ଶିକ୍ଷଣ ଉପଲବ୍ଧି ଓ ଜିଲ୍ଲାର ହାରାହାରି ଶିକ୍ଷଣ ଉପଲବ୍ଧି ସଂପର୍କରେ ଆପଣ ଜାଣିଛନ୍ତି କି ? ଏହା ନିମ୍ନ ଓ୍ୱେବ ସାଇଟ୍‌ରେ ଉପଲବ୍ଧ।

ଆମ ପିଲାମାନଙ୍କର ବିଜ୍ଞାନ ବିଷୟରେ କିପରି ଶିକ୍ଷଣ ଫଳାଫଳରେ ଉନ୍ନତି ହେବ ସେ ସଂପର୍କରେ ଚିନ୍ତନ କରିବାର ଆବଶ୍ୟକତା ରହିଛି।

**୫. ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟଧାରା ।**

ଉପରେ ସୂଚୀତ ଶୈକ୍ଷିକ କାର୍ଯ୍ୟଧାରାଗୁଡ଼ିକ କେବଳ ପ୍ରସ୍ତାବନା ଓ ଶିକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ଶିକ୍ଷଣ ପରିସ୍ଥିତି ପ୍ରସ୍ତୁତି କରିବା / ସୃଷ୍ଟି କରିବାରେ ଶିକ୍ଷକଙ୍କୁ ଦିଗଦର୍ଶନ ଦେବା ପାଇଁ ଉଦ୍ଦିଷ୍ଟ। ଏହା ଆଶା କରାଯାଏ ଯେ, ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ବିଜ୍ଞାନର ଅଭ୍ୟାସ ଓ ଜ୍ଞାନ ସଂଗଠନରେ

Module
11

ନିୟୋଜିତ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ। ଶିକ୍ଷଣ ହେଉଛିର ଜ୍ଞାନ ସଂଗଠନ, ନିର୍ମାଣର ଏକ ପ୍ରକ୍ରିୟା, ଯେଉଁଥିରେ ଶିକ୍ଷାର୍ଥୀଠାରେ ଥିବା ପ୍ରଭାବଶାଳୀ ଧାରଣାଗୁଡ଼ିକ ସହ ନୂତନ ଧାରଣା ସଂପର୍କିତ କରାଯାଇଥାଏ। ଏଥିପାଇଁ ଶିକ୍ଷଣ କାର୍ଯ୍ୟ / ସମାଗ୍ରୀଗୁଡ଼ିକ ଆଧାର / ଭିତ୍ତିଭାବେ କାର୍ଯ୍ୟ କରିଥାଆନ୍ତି। ଅର୍ଥାତ୍, ଶିକ୍ଷାର୍ଥୀଙ୍କ ଅଭିଜ୍ଞତା ଓ ଧାରଣା ସଂପର୍କରେ ଶିକ୍ଷକ କେତେ ବୁଝୁଛନ୍ତି ତାହା ଶିକ୍ଷଣ – ଶିକ୍ଷାଦାନ ପରିସ୍ଥିତି ସୃଷ୍ଟି କରିବାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷଣ ପରିସ୍ଥିତି ପିଲାମାନଙ୍କର ଅଭିଜ୍ଞତା, ଉପଲବ୍ଧ ସମ୍ବଳ ଓ ଆଞ୍ଚଳିକ ପରିସ୍ଥିତିକୁ ଗୁରୁତ୍ୱ ଦେଇ ପ୍ରସ୍ତୁତ ହୋଇଥାଏ।

## ୬. ଏନ.ସି.ଇ.ଆର.ଟି ପାଠ୍ୟ ପୁସ୍ତକରୁ ଆନୀତ ଉଦାହରଣ – ଉଚ୍ଚ ପ୍ରାଥମିକ ସ୍ତର ( ୬ଷ୍ଠ ରୁ ୮ମ ଶ୍ରେଣୀ)

ଏନ.ସି.ଇ.ଆର.ଟି ପ୍ରସ୍ତୁତ ବିଜ୍ଞାନ ପାଠ୍ୟପୁସ୍ତକରେ ଥିବା ବିଭିନ୍ନ ଧାରଣାକୁ କିପରି ଶିକ୍ଷାଦାନ କରାଯିବ ତାହାର ଉପାୟଗୁଡ଼ିକ ଦିଆଯାଇଛି। ସେହି ଧାରଣାକୁ ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ଅନ୍ୟାନ୍ୟ ଉପାୟ ମଧ୍ୟ ଅବଲମ୍ବନ କରିପାରିବେ। ଏହା ଆଶା କରାଯାଏ ଯେ, ଶିକ୍ଷକମାନେ ନିଜ ଅଂଚଳରେ ଉପଲବ୍ଧ ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ଧାରଣାଗୁଡ଼ିକର ଶିକ୍ଷାଦାନ କରିବେ। ବିଜ୍ଞାନର ଶିକ୍ଷାଦାନ – ଶିକ୍ଷଣକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ, ଯଥା – ବିଜ୍ଞାନ କିଟ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ICT) କଳା ଶିକ୍ଷା ଇତ୍ୟାଦିକୁ ବ୍ୟବହାର କରିପାରିବେ।

### ୬.୧ ଉଦାହରଣ

**ଅଷ୍ଟମ ଶ୍ରେଣୀ**

**ଅଧ୍ୟାୟ – ଧାତୁ ଓ ଅଧାତୁ**

**ମୁଖ୍ୟ ଧାରଣା – ଧାତୁ ଓ ଅଧାତୁର ଭୌତିକ ଧର୍ମ (ପୃଷ୍ଠା – ୪୪, ସେକ୍ସନ – ୪.୧)**

Module
11

## ଶିକ୍ଷଣ ଫଳାଫଳ

### ଶିକ୍ଷାର୍ଥୀ

- ସରଳ ଅନୁସନ୍ଧାନ / ପରୀକ୍ଷା କରିବ
- ଧର୍ମ ଆଧାରରେ ବସ୍ତୁଗୁଡ଼ିକୁ ଧାତୁ ଓ ଅଧାତୁରେ ବର୍ଗୀକରଣ କରିବ ।
- ପ୍ରକ୍ରିୟାକୁ ବର୍ଣ୍ଣନା କରିବ ।
- ନାମାଙ୍କିତ ଚିତ୍ର ଅଙ୍କନ କରିବ ।
- ବିଜ୍ଞାନଗତ ଧାରାଗୁଡ଼ିକର ଶିକ୍ଷଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବ ।
- ସାଧୁତା, ସହଯୋଗିତା, ସୃଜନଶୀଳତାକୁ ପ୍ରଦର୍ଶନ କରିବ ।
- ନିଜର ପରିବେଶକୁ ସଫାସୁତରା ରଖିବା ପାଇଁ ପ୍ରୟାସ କରିବ ।

### ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଜାଣନ୍ତୁ –

ଶିକ୍ଷଣ କାର୍ଯ୍ୟଭିତ୍ତିକ ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟା ନିମନ୍ତେ ସମ୍ବଳର ଉପଲବ୍ଧତା ସର୍ବଦା ଏକ ଚିନ୍ତାର ବିଷୟ ହୋଇ ଆସିଛି । ଶିକ୍ଷାର୍ଥୀ ମାନଙ୍କର ସହାୟତା ନେଇ ଶିକ୍ଷକ ଏସବୁର ପରିଚାଳନା କାର୍ଯ୍ୟ ଆବଶ୍ୟକ । ଯେଉଁମାନେ ସର୍ବଦା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଭାବେ ବିବେଚିତ ହୋଇଥାନ୍ତି ।

ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି, ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସଂପର୍କରେ ଜାଣିବା ଉଚିତ୍ ଓ ସେମାନଙ୍କ ସହିତ ସୁ-ସଂପର୍କ ରଖିବା ଉଚିତ୍ । ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟାର ଶିକ୍ଷାର୍ଥୀମାନଙ୍କୁ ସଂପୃକ୍ତ କରାଇବା ପାଇଁ ଯୋଜନା କରିବାରେ ଏହା ସହାୟକ ହୋଇଥାଏ । କେତେକ ଶିକ୍ଷାର୍ଥୀ କଳା, ହସ୍ତଲିପି ସୃଜନାତ୍ମକ ଲିଖନରେ ଭଲ ହୋଇଥିବା ବେଳେ ଅନ୍ୟ କେତେକ ଜିନିଷ ସଂଗ୍ରହ କରିବା ଓ ଅନୁସନ୍ଧାନ କରିବାରେ ଭଲ ହୋଇଥାଆନ୍ତି । ଶିକ୍ଷାର୍ଥୀମାନେ ଯଦି ଏ ପ୍ରକାର ବ୍ୟବହାରର ଦେଖାଇଥାଆନ୍ତି । ଶିକ୍ଷାର୍ଥୀମାନେ ଯଦି ଏ ପ୍ରକାର ବ୍ୟବହାର ଦେଖାଇଥାନ୍ତି । ବୁଝିନେବାକୁ ହେବ ଯେ, ସେମାନେ ନିଜକୁ ବିଜ୍ଞାନ ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟାରେ ସଂପୃକ୍ତ କରିପାରିଛନ୍ତି ।

Module
11

ପ୍ରଦତ୍ତ ଉଦାହରଣ ଶିକ୍ଷଣଶାସ୍ତ୍ର, ବିଷୟବସ୍ତୁ ଓ ମାନନିର୍ଦ୍ଧାରଣକୁ ଅଙ୍ଗପୂର୍ଣ୍ଣ ଢ଼ଙ୍ଗରେ ସମନ୍ୱିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି ।

## କିପରି ଆରମ୍ଭ ହେବ

ଗୋଟିଏ ବିଜ୍ଞାନ ଶ୍ରେଣୀରେ, ଶିକ୍ଷକ ଏହା ଚିନ୍ତା କରିଥାନ୍ତି ଯେ, ପିଲାମାନଙ୍କର ଦୈନନ୍ଦିନ ଜୀବନର ଘଟଣାବଳୀରୁ ଧାତୁ ସଂପର୍କରେ କିଛି ଧାରଣା ଅଛି ଓ ସେମାନେ ମଧ୍ୟ ପୂର୍ବରୁ ଷଷ୍ଠ ଶ୍ରେଣୀରେ ସେ ସଂପର୍କରେ ପଢ଼ିଛନ୍ତି । ଧାତୁ ସଂପର୍କରେ ସେମାନଙ୍କର ପୂର୍ବଜ୍ଞାନ ଓ ମତାମତ ଜାଣିବା ପାଇଁ, ଶିକ୍ଷକ ଶ୍ରେଣୀରେ ପଚାରିବେ ତୁମେ କେତେକ ଧାତୁର ନାମ କରିପାରିବେ କି ? ପିଲାମାନେ ଏହି ପ୍ରଶ୍ନର ଉତ୍ତର ଏହି ଭଳି ଦେଇପାରିବେ – ଲୁହା, ରୂପା, ସୁନା, ଆଲୁମିନିୟମ, କପରି, ଷ୍ଟିଲ, ଇତ୍ୟାଦି ଏବେ ଶିକ୍ଷକ ପଚାରିବେ – କାହିଁକି ତୁମେ ଏ ସବୁ ଜିନିଷକୁ ଧାତୁ ବୋଲି କହୁଛ ? ଏହାର କାରଣ କ'ଣ ହୋଇପାରେ ?

ପିଲାମାନେ କହିପାରନ୍ତି – ସେଗୁଡ଼ିକ ଟାଣ, ସେମାନେ ଉଜ୍ଜଳ ଦେଖାଯାନ୍ତି । ସେଗୁଡ଼ିକୁ ପରସ୍ପର ସହ ବାଡ଼େଇଲେ ଶବ୍ଦ ସୃଷ୍ଟି ହୁଏ ।

ଶିକ୍ଷାର୍ଥୀ-୧ (ଦୃଷ୍ଟିବାଧିତ ଶିକ୍ଷାର୍ଥୀ), ଶିକ୍ଷକ ତାକୁ ଗୋଟିଏ ତାଲା ଓ ଚାବି ଇତ୍ୟାଦି ଦେବେ, ଯଦ୍ୱାରା ସେ ହାତମାରି ତାହାକୁ ଅନୁଭବ କରିପାରିବେ ଓ ପର୍ଯ୍ୟବେକ୍ଷଣ କରିପାରିବେ ଇତ୍ୟାଦି ଶିକ୍ଷକ ଅନ୍ୟଜଣେ ପିଲାକୁ ଅଭିପ୍ରେରିତ କରିବାକୁ ଯାଇ ଗୋଟିଏ କାଠ ଟେବୁଲକୁ କାଠ ସ୍କେଲ ଦ୍ୱାରା ବାଡ଼େଇବାକୁ କହିବେ ଓ ଅନ୍ୟ ପିଲାମାନଙ୍କୁ ଏହାକୁ ଲକ୍ଷ୍ୟ କରିବାକୁ ଉତ୍ସାହିତ କରିବେ । ସେମାନେ ଲକ୍ଷ୍ୟ କରି କହିବେ ଯେ, ଏହା ଧ୍ୱନି/ ଶବ୍ଦ ସୃଷ୍ଟି କରୁଛି । ଏହା ମଧ୍ୟ କଠିନ ଉଜ୍ଜଳ ପ୍ରଦାନ କରୁଛି । ଆମେ ଏହାକୁ ଧାତୁ କହିପାରିବା କି ?

ପିଲାମାନେ ସେମାନଙ୍କ ଉତ୍ତର ସଂପର୍କରେ ନିଶ୍ଚିତ ଥାଇପାରନ୍ତି ବା ନଥାଇ ପାରନ୍ତି ।

**Module 11**

*ଏହା ଶିକ୍ଷକଙ୍କୁ ମୂଲ୍ୟାୟନ କରିବାରେ ସାହାର୍ଯ୍ୟ କରିବ ଯେ, ଧାତୁ ସଂପର୍କରେ ସେମାନଙ୍କର ଧାରଣାଗୁଡ଼ିକ ଦୈନନ୍ଦିନ ଜୀବନର ଅଭିଜ୍ଞତା ଆଧାରିତ କିନ୍ତୁ ସେମାନଙ୍କ ଠାରୁ ଏହାର ସ୍ୱଷ୍ଟ ଧାରଣା ନାହିଁ। ତେଣୁ ସେ ସ୍ଥିର କଲେ ଯେ ପିଲାମାନଙ୍କୁ କିଛି ଶିକ୍ଷଣକାର୍ଯ୍ୟ କରିବାକୁ ଉତ୍ସାହିତ କରିବେ, ଯଦ୍ୱାରା ସେମାନେ ଧାତୁର ଲକ୍ଷଣ ସଂର୍କରେ ଜାଣିବେ।*



## ଶିକ୍ଷଣ କାର୍ଯ୍ୟ-୧

ଶିକ୍ଷକ ଜଣେ ପିଲାଙ୍କୁ ଗୋଟିଏ ଧାତବ ପ୍ଲେଟ ଆଣିବାକୁ କହିବେ ଓ ସେଥିରେ ଏକ କାଠ ବାଡ଼ି ପରେ, ସେଥିରେ ଏକ ଧାତ ଚାମଚ ବାଡ଼େଇବାକୁ କହିବେ। ଉତ୍ପନ୍ନ ହେଉଥିବା ଶବ୍ଦକୁ ଶୁଣିବାକୁ ଉତ୍ସାହିତ କରିବେ।

**ଶିକ୍ଷାର୍ଥୀ-୧ (ଦୃଷ୍ଟି ବାଧିତ)** : ଯେତେବେଳେ ତୁମେ ଧାତବ ପ୍ଲେଟରେ ଚାମଚକୁ ବାଡ଼େଇଲେ, ଏହା ଏକ ଅଧିକ ସମୟ ଧରି ଶବ୍ଦ  ସୃଷ୍ଟି କଲା କିନ୍ତୁ କାଠ ବାଡ଼ିକୁ ବାଡ଼େଇବା ଦ୍ୱାରା ଅସ୍ୱଷ୍ଟ ବା ଫିକା ଶବ୍ଦ ସୃଷ୍ଟି ହେଲା।

ଶିକ୍ଷକ – ଏହି କାର୍ଯ୍ୟରୁ ତୁମମାନଙ୍କ ମଧ୍ୟରୁ କେହି ଧାତୁର ଧର୍ମ ସଂପର୍କରେ କହିପାରିବ କି ?

**ଶିକ୍ଷାର୍ଥୀ-୨ :** ହଁ, ଯେତେବେଳେ ଦୁଇଟି ଧାତୁ ପରସ୍ପର ସହ ବାଡ଼େଇ ହୁଅନ୍ତି, ସେତେବେଳେ ସ୍ୱଷ୍ଟ ଶବ୍ଦ / ଧ୍ୱନି ସୃଷ୍ଟି ହୁଏ। କିନ୍ତୁ ଗୋଟିଏ ଧାତୁ ସହ ଗୋଟଏ ଅଧାତୁକୁ ବାଡ଼େଇଲେ, ଏତେ ସ୍ୱଷ୍ଟ ଶବ୍ଦ ସୃଷ୍ଟି ହୁଏ ନାହିଁ ଏବଂ ଯେତେବେଳେ ଧାତୁ ନଥାନ୍ତି ତେବେ କେବେ ହେଲେ ସ୍ୱଷ୍ଟ ଶବ୍ଦ ସୃଷ୍ଟି ହେବ ନାହିଁ।

**ଶିକ୍ଷକ** – ବହୁତ ଭଲ ଉତ୍ତର। ଆମେ ଏହାକୁ ଉଚ୍ଚ ଓ ଗମ୍ଭୀର ନାଦ ଶବ୍ଦ କହିଥାଉ। ଅର୍ଥାତ ଧାତୁଗୁଡ଼ିକ ହେଉଛନ୍ତି ସାଧାରଣତଃ ପଦାର୍ଥ।।

ଧାତୁର ଏହି ଧର୍ମର ବ୍ୟବହାରିକ ନେଇ ତୁମେମାନେ ଆଉ କ'ଣ ଚିନ୍ତା କରିପାରୁଛ କି ?

**ଶିକ୍ଷାର୍ଥୀ - ୩:** ସମସ୍ତ ଘଣ୍ଟାଗୁଡ଼ିକ ଧାତୁରେ ତିଆରି । ଉଦାହରଣସ୍ୱରୂପ ବିଦ୍ୟାଳୟ ଘଣ୍ଟା, ଘୁଙ୍ଗୁର, ପାଉଁଜି ପ୍ରଭୃତି ଧାତୁରେ ତିଆରି (ଚିତ୍ର-୧)



## ଶିକ୍ଷଣ ଫଳାଫଳ

ଧାତୁମାନେ ସାଧାରଣତଃ...., ଏ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ପାଇବା ପାଇଁ ସରଳ ଅନୁସନ୍ଧାନ କରିବେ; ବିଜ୍ଞାନଗତ ଧାରଣାର ଶିକ୍ଷଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବେ ।

ଶିକ୍ଷକ - ଆଲୁମିନିୟମ ତାର, ତମ୍ବା ତାର, ଲୁହା କଣ୍ଟା, କୋଇଲା (ଅଙ୍ଗାର), ସଲଫର ପାଉଡ଼ର ଆଦି ସାମଗ୍ରୀ ଦେବେ । ଏହି ସମାଗ୍ରୀଗୁଡ଼ିକ ମଧ୍ୟରୁ କେଉଁ ଗୁଡ଼ିକର ଉଜ୍ଜ୍ୱଳ ପୃଷ୍ଠ ଅଛି ସେଗୁଡ଼ିକୁ ପୃଥକ କରିପାରିବ କି ?

ପିଲାମାନଙ୍କୁ ୩ - ୪ ଜଣିଆ ଦଳରେ କାମ କରିବାକୁ ଉତ୍ସାହିତ କରାଯିବ (ଶିକ୍ଷକ ଏହା ନିଶ୍ଚିତ ହେବେ ଯେ, ପ୍ରତ୍ୟେକ ଦଳରେ ଭିନ୍ନ ସାମର୍ଥ୍ୟ ବିଶିଷ୍ଟ ଶୀକ୍ଷାର୍ଥୀ ଅଛନ୍ତି ଓ ସେମାନେ ଭିନ୍ନ ଭିନ୍ନ ପୃଷ୍ଠ ଭୂମିରୁ ଆସିଛନ୍ତି) ସେମାନେ ସାମଗ୍ରୀଗୁଡ଼ିକୁ ସମୂହ ଉଜ୍ଜଳ ପୃଷ୍ଠ ଓ ସମୂହ ଉଜ୍ଜଳ ନଥିବା ମଳିନ ଦୃଷ୍ଟିରୁ ପୃଥକପୃଥକ କରିଦେବେ ।

**ଶିକ୍ଷାର୍ଥୀ - ୪ :** ସମୁହ ୧ ରେ ଥିବା ସମାଗ୍ରୀଗୁଡ଼ିକ ମୁଖ୍ୟତଃ ଧାତୁ କାରଣ ସେଗୁଡ଼ିକ ଚକ୍‌ଚକ୍ କରୁଛନ୍ତି ଓ ଉଚ୍ଚ ଗମ୍ଭୀର ଶବ୍ଦ ସୃଷ୍ଟି କରିଛନ୍ତି କିନ୍ତୁ ସମୂହ ୨ ରେ ଅନ୍ୟ ସାମଗ୍ରୀ ଅଛି । ପଞ୍ଚମ ଶିକ୍ଷାର୍ଥୀ ବୌଦ୍ଧିକ ଦ୍ୱନ୍ଦରେ ଅଛି । ସେ ଗୋଟିଏ କଳଙ୍କି ଲାଗିଥିବା ଲୁହା କଣ୍ଟା ଆଣି ପଚାରିଲା । ଯଦି ଲୁହା ଧାତବ ପଦାର୍ଥ ତେବେ ଏହି ଲୁହାକଣ୍ଟାଟିର ପୃଷ୍ଠ କାହିଁକି ଚକ୍‌ଚକ୍ କରୁନାହିଁ ।

*ଶିକ୍ଷକ ତା'ର ପ୍ରଶ୍ନ ଓ ପର୍ଯ୍ୟବେକ୍ଷଣକୁ ନେଇ ଖୁବ୍ ଖୁସି ଥିଲେ । ଏହା ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ତଥା ସନ୍ଦେହକୁ ପରିପ୍ରକାଶ କରିବା ପାଇଁ ଉତ୍ସାହ ପ୍ରଦାନ କରିବ । ଏହା ହେଉଛି ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ।*

Module
11

ଶିକ୍ଷକ ପଂଚମ ଶିକ୍ଷାର୍ଥୀଙ୍କୁ ଖଣ୍ଡିଏର ବାଲି କାଗଜ ଦେଲେ ଓ ତାହାକୁ କଳଙ୍କି ଲାଗିଥିବା କଣ୍ଟା ଉପରେ ଘସିବାକୁ କହିଲେ।

ଶିକ୍ଷାର୍ଥୀ – ୫ (ବାଲିକାଗଜକୁ ଘସିବାରେ ଲାଗିଲା) ବାଃ, ଏବେ ତ ଏହା ଚକ୍ ଚକ୍ ଦେଖାଗଲା।

ଶିକ୍ଷକ – ଧାତବ ପଦାର୍ଥଗୁଡ଼ିକ ବେଳେବେଳେ ସେମାନଙ୍କରୀ ଐଜଲ୍ୟତା ହରାଇଥାନ୍ତି ଓ ମଳିନ ଦେଖାଯାନ୍ତି, କାରଣ ବାୟୁ ଓ ଜଳୀୟବାଷ୍ପ ସେମାନଙ୍କ ଉପରେ ପ୍ରତିକ୍ରିୟା ପକାଇଥାଏ। ଅଧିକାଂଶ ଧାତବପଦାର୍ଥ ଚକ୍‌ଚକ୍ କରିଥାନ୍ତି। କିନ୍ତୁ ଏହା ଧାତବ ପଦାର୍ଥର ଏକ ମାତ୍ର ଧର୍ମ/ ଲକ୍ଷଣ ନୁହେଁ। ଆମେ ଯେତେବେଳେ ଗୋଟିଏ ବସ୍ତୁଠାରେ ଏକାଧିକ ଲକ୍ଷଣ ଦେଖିଥାଉ ତେବେ ତାହା ଧାତୁ ବୋଲି ଆମେ ସିଦ୍ଧାନ୍ତରେ ପହଂଚିଥାଉ।

## ଶିକ୍ଷଣ କାର୍ଯ୍ୟ–୨

ଅନୁସନ୍ଧାନ ଆରମ୍ଭ କରିବା ପୂର୍ବରୁ, ଶିକ୍ଷକ ପିଲାମାନଙ୍କୁ ତଥ୍ୟ ଆଧାରିତ ପରିକଳ୍ପନା କରିବାକୁ ଉତ୍ସାହିତ କରିବେ – ଯଦି ଦିଆଯାଇଥିବା ସମାଗ୍ରୀକୁ ବାଡ଼େଇଲେ ତା'ର ଆକୃତିରେ ପରିବର୍ତ୍ତନ ଘଟେ। ପରିକଳ୍ପନା କରି ସାରିବା ପରେ, ସେ ପିଲାମାନଙ୍କୁ ଅନୁସନ୍ଧାନ କରିବାକୁ କହିବେ।

ପିଲାମାନେ ସାମଗ୍ରୀଗୁଡ଼ିକୁ ନେବେ ଓ ଗୋଟିଏ ପରେ ଗୋଟିକୁ ହାତୁଡ଼ି ସାହାଯ୍ୟରେ ବାଡ଼େଇବେ ଓ ଯାହା ପାଇଲେ ତାକୁ ଲିପିବଦ୍ଧ କରିବେ। ସେ ମଧ୍ୟ ପିଲାମାନଙ୍କୁ ପରାମର୍ଶ ଦେବେ ଯେ ଯତ୍ନଶୀଳ ହୋଇ କାର୍ଯ୍ୟ କରିବେ ଯେପରି କାର୍ଯ୍ୟ କରିବା ସମୟରେ କୌଣସି ଆଘାତ ନ ଲାଗେ।

*ଯେହେତୁ ସେଠାରେ ଗୋଟିଏ ହାତୁଡ଼ି ଥିଲା,*
*ଗୋଟିଏ ପିଲା ବାହାରକୁ ଯାଇ ବଡ଼ ପଥର ଆଣିଲା।*

**ଶିକ୍ଷାର୍ଥୀମାନେ :** ଲୁହାକଣ୍ଟା, ଆଲୁମିନିୟମ ତାର ଓ ତମ୍ବା ତାର ବାଡ଼େଇଲେ ସେମାନଙ୍କର ଆକୃତିରେ ପରିବର୍ତ୍ତନ ଘଟୁଛି। ଏବଂ ଅଙ୍ଗାର (କୋଇଲା) ଓ ଗନ୍ଧକ ଖଣ୍ଡକୁ ବାଡ଼େଇଲେ ସେଗୁଡ଼ିକ ଭାଙ୍ଗି ଛୋଟଛୋଟ ଖଣ୍ଡରେ ପରିଣତ ହେଉଛି।

Module 11

**ଶିକ୍ଷାର୍ଥୀ -୧ :** ଅନୁଭବ କଲା ଯେ, ଲୁହାକଣ୍ଟା, ଆଲୁମିନିୟମ ତାର ଏବଂ ତମ୍ବା ତାର ହେଉଛି ବହୁତ କଠିନ ଏବଂ କୋଇଲା (ଅଙ୍ଗାର) ଓ ଗନ୍ଧକକୁ ଚାପ ଦେଲେ ସେଗୁଡ଼ିକୁ ଖୁବ୍ ଶୀଘ୍ର ଭାଙ୍ଗି ଯାଆନ୍ତି । ପିଲାମାନେ ଯେଉଁ ବିକଳ୍ପ ଦେଇଥିଲେ ତାହାକୁ ଶିକ୍ଷକ ପ୍ରଶଂସା କଲେ ଯେପରିକି ହାତୁଡ଼ି ବଦଳରେ ପଥର ବ୍ୟବହାର କରିବା । ସେ ଲକ୍ଷ୍ୟ କଲେ ଯେ କିପରି ପିଲାମାନେ ଶିକ୍ଷାର୍ଥୀ- ୧ କୁ ସାମଗ୍ରୀଗୁଡ଼ିକୁ ଅନୁସନ୍ଧାନ ଆରମ୍ଭ ପୂର୍ବରୁ ପିଲାକୁ ଦେଇ ସେଗୁଡ଼ିକୁ ଅନୁଭବ କରିବା ପାଇଁ ସୁଯୋଗ ଦେଉଛନ୍ତି । ପରେ ସାମଗ୍ରୀଗୁଡ଼ିକୁ ହାତୁଡ଼ି ସାହାଯ୍ୟରେ ବାଡ଼େଇବାକୁ କହନ୍ତି । ଏଭଳି କରିବା ଦ୍ୱାରା ସେମାନେ ପରିବର୍ତ୍ତନକୁ ଲକ୍ଷ୍ୟ କରିପାରିବେ ।

**ଶିକ୍ଷକ :** ତୁମର ପର୍ଯ୍ୟବେକ୍ଷଣରୁ ସାମଗ୍ରୀଗୁଡ଼କ ବିଷୟରେ ସାଧାରଣଭାବେ କ'ଣ କହିପାରିବ କି ?

**ଶିକ୍ଷାର୍ଥୀ-୬:** ଧାତୁକୁ ସହଜରେ ଭାଙ୍ଗି ଛୋଟ ଖଣ୍ଡରେ ପରିଣତ କରିହେବ ନାହିଁ । କିନ୍ତୁ ଅନ୍ୟ ସାମଗ୍ରୀଗୁଡ଼ିକୁ ସହଜରେ ଭାଙ୍ଗି ହେବ ।

(ଶିକ୍ଷଣ ଫଳାଫଳ- ପ୍ରଶ୍ନର ଉତ୍ତର ପାଇବା ପାଇଁ ଛୋଟଛୋଟ ପରୀକ୍ଷା କରି ସିଦ୍ଧାନ୍ତରେ ଉପନୀତ ହେବେ ଯେ ଧାତୁଗୁଡ଼ିକ ସାଧାରଣତଃ କଠିନ ।

ଶିକ୍ଷକ - ତୁମେ ଚିନ୍ତା କରିପାରିବ କି ଯେ, ଧାତୁକ ବାଡ଼େଇ ଅତି ପତଳା ସିଟ୍‌ରେ ପରିଣତ କରାଯାଇ ପାରିବ । ସେ ମିଠାକୁ ଘୋଡ଼ାଯାଇଥିବା ସିଲଭର୍ ଫଏଲ ପିଲାମାନଙ୍କୁ ଦେଖାଇଲେ । ଧାତୁଗୁଡ଼ିକ କିପରି ନମନୀୟ ତାହା ଜାଣିବା ପାଇଁ ସେ ମଧ୍ୟ ଗୋଟିଏ ଭିଡ଼ିଓ ଫିଲ୍ମ ଦେଖାଇଥିଲେ ।

ଏହା ଧାତୁର ଏକ ସାଧାରଣ ଏକ ଧର୍ମ- ଯଦି ସେଗୁଡ଼ିକୁ ଜୋରରେ ବାଡ଼େଇ ସିଟ୍‌ରେ ପରିଣତ କରାଯାଇପାରିବ (ବାଡେଇ ଭାଙ୍ଗି ଦେବ ନାହିଁ) ଧାତୁର ଏଭଳି ଧର୍ମକୁ ନମନୀୟତା କୁହାଯାଏ ।

**ଶିକ୍ଷାର୍ଥୀ-୬:** ତାର ଚୁଟିଗୁଡ଼ିକୁ ଘୋଡ଼େଇ ରଖାଯାଇଥିବା ଆଲୁମିନିୟମ ଫଏଲ ବାହାର କରି ଆଣିଲା

**Module 11**

## ଗୋଷ୍ଠୀ / ପିତାମାତାଙ୍କୁ ସଂପୃକ୍ତ କରିବା –

- ପିଲାମାନଙ୍କୁ କୁହାଯାଇ ପାରିବ ଯେ, ସେମାନେ ନିଜ ପିତାମାତାଙ୍କ ସହିତ ନିକଟସ୍ଥ କମାର ବା ବଣିଆ ନିକଟକୁ ଯିବେ, ଯେଉଁଠି ଯନ୍ତ୍ରପାତି କିମ୍ବା ଗହଣା ତିଆରି ହେଉଛି କିମ୍ବା ବିଦ୍ୟାଳୟ ତରଫରୁ କମାର / ବଣିଆ ଦୋକାନକୁ ପରିଦର୍ଶନ କରିବା କାର୍ଯ୍ୟ ଆୟୋଜନ କରାଯାଇପାରିବ ।
- ଜଣେ କୁଶଳୀ କମାର ବା ବଣିକଆଙ୍କୁ ବିଦ୍ୟାଳୟକୁ ଆସି ପିଲାମାନଙ୍କ ସହ ଭାବ ବିନିମୟ କରିବାକୁ ଅନୁରୋଧ କରାଯାଇପାରିବ ।

## ଶିକ୍ଷଣକାର୍ଯ୍ୟ – ୩

ଶିକ୍ଷକ ଏବେ ପିଲାମାନଙ୍କୁ ପଚାରିବେ ଯେ, ସେମାନେ କିପରି ପୂର୍ବ ଶ୍ରେଣୀରେ ବ୍ୟାଟେରୀ, ତାର ଓ ଛୋଟ ବଲ୍‌ବ ନେଇ ବିଦ୍ୟୁତ ପରିପଥ ତିଆରି କରିଥିଲେ ତାହା ମନେପକାଇ କହିବେ । ସେ ପିଲାମାନଙ୍କୁ ଉତ୍ସାହିତ କରିବେ ଯେ – ଲୁହା କଣ୍ଟା, ତମ୍ବା ତାର, ଆଲୁମିନିୟମ ତାର, କୋଇଲା / ଅଙ୍ଗାର ଖଣ୍ଡ, ଗନ୍ଧକ, ପେନସିଲରେ ଥିବା ଶିସାରୁ ଗୋଟିକୁ ନେଇ ପରିପଥକୁ ସଂପୂର୍ଣ୍ଣ କରିବେ ଓ ଲକ୍ଷ୍ୟ କରିବେ ପରିପଥରେ ବିଦ୍ୟୁତ ପ୍ରବାହିତ ହେଉଛି କି ନାହିଁ । ସେ ପିଲାମାନଙ୍କୁ ସେମାନଙ୍କର ପର୍ଯ୍ୟବେକ୍ଷଣ ଫଳାଫଳକୁ ଲିପିବଦ୍ଧ କରିବାକୁ (ସାରଣୀ ୧ ରେ) ଏବଂ ପରେ ଚିତ୍ର ୨ରେ ଦିଆଯାଇଥିବା ଭଳି ଚିତ୍ର ଅଙ୍କନ କରିବାକୁ ଉତ୍ସାହିତ କରିବେ ।



*ପିଲାମାନେ ୩/୪ ଜଣିଆ ଦଳରେ ଏହି ଶିକ୍ଷଣକାର୍ଯ୍ୟ କରିବେ । ଶିକ୍ଷକ ଏହା ନିଶ୍ଚିତ ହେବେ ଯେ, ଦଳଗୁଡ଼ିକ ମିଶ୍ରିତ ଦକ୍ଷତା ସଂପନ୍ନ ପିଲାଙ୍କୁ ନେଇ ଗଠିତ ହୋଇଛି । କେତେକ ପିଲା ଧୈର୍ଯ୍ୟ ସହକାରେ କାର୍ଯ୍ୟ କରୁଥିବେ କେତେକ ଅନ୍ୟମାନଙ୍କ ସହାୟତା ହେଉଥିବାର ଶିକ୍ଷକ ଲକ୍ଷ୍ୟ କରିବେ । ପିଲାମାନେ ପରସ୍ପର ସହ ଆଲୋଚନା କରୁଥିବାର ମଧ୍ୟ ଲକ୍ଷ୍ୟ କରିବେ ।*

Module 11

ଏହି ତଥ୍ୟକୁ ଲିପିବଦ୍ଧ କରାଯାଇ ଥିବା ସାରଣୀକୁ ପରବର୍ତ୍ତନ ସମୟରେ ବ୍ୟବହାର କରିବା ପାଇଁ ପିଲାମାନଙ୍କ ପୋର୍ଟଫୋଲିଅରେ ରଖାଯାଇପାରେ।

**ସାରଣୀ -୧ ପଦାର୍ଥର ବିଦ୍ୟୁତ ପରିବାହୀତା**

| କ୍ରମିକ ସଂଖ୍ୟା | ପଦାର୍ଥର ନାମ | ବଲ୍‌ବ ଜଳୁଛି | ବଲ୍‌ବ ଜଳୁନାହିଁ |
|---|---|---|---|
| ୧. | ଲୁହା କଣ୍ଟା | | |
| ୨. | ତମ୍ବା ତାର | | |
| ୩. | ଆଲୁମିନିୟମ ତାର | | |
| ୪. | କୋଇଲା ଖଣ୍ଡ | | |
| ୫. | ଗନ୍ଧକ | | |
| ୬. | ପେନସିଲ୍ ଶିସା | | |

**ଶିକ୍ଷାର୍ଥୀମାନେ :** ଲୁହାକଣ୍ଟା, ଆଲୁମିନିୟମ ତାର, ତମ୍ବା ତାର ଓ ପେନସିଲ୍ ଶିସାକୁ ରଖିଲେ ବଲ୍ବ ଜଳୁଛି। କିନ୍ତୁ କୋଇଲା ଖଣ୍ଡ ଓ ଗନ୍ଧକକୁ ରଖିଲେ ବଲ୍‌ବ ଜଳୁନାହିଁ। ଶିକ୍ଷାର୍ଥୀ ଅନ୍ୟ ସହପାଠୀଙ୍କ ସହାୟତାରେ ସ୍ପର୍ଶକରି ବଲ୍‌ବ ଜଳୁଥିବାର ଅନୁଭବ କରିପାରିବ। କାରଣ ତାହା ପୂର୍ବାପେକ୍ଷା ସାମାନ୍ୟ ଉଷ୍ମ ଅନୁଭବ ହେବ। ଆଲୋଚନା ପରେ ସେମାନେ ସିଦ୍ଧାନ୍ତରେ ପହଂଚିପାରିବେ ଯେ, ଲୁହାକଣ୍ଟା, ଅନାଲୁମିନିୟମ ତାର, ତମ୍ବା ତାର ଓ ପେନ୍‌ସିଲ ଶିସା ହେଉଛି ବିଦ୍ୟୁତ ସୁପରିବାହୀ, ଅପରପକ୍ଷରେ, କୋଇଲା ଓ ଗନ୍ଧକ ହେଉଛନ୍ତି ବିଦ୍ୟୁତ କୁପରିବାହୀ।

**ଶିକ୍ଷକ ମଧ୍ୟ ବ୍ୟାଖ୍ୟା କରିପାରିବେ ଯେ, ଧାତୁମାନେ ହେଉଛନ୍ତି ବିଦ୍ୟୁତ ପରିବାହୀ, ଅଧାତୁମାନେ ବିଦ୍ୟୁତ କୁପରିବାହୀ, କିନ୍ତୁ ପେନସିଲ୍ ଶିସା (ଗ୍ରାଫାଇଟ), ଯାହା ଅଧାତୁ ହେଲେ ମଧ ଏହା ବିଦ୍ୟୁତ ପରିବାହୀ, ଏହାର ବିଦ୍ୟୁତ ପରିବାହୀର କାରଣ ହେଉଛି - ଉପଲବ୍ଧ ମୁକ୍ତ ଇଲେକଟ୍ରୋନ, ଅଙ୍ଗାରକର ମୂଳ ଉତ୍ପାଦନର ବିଭିନ୍ନ ପ୍ରକଟିତ ରୂପ (ଅପରୂପା),ଯାହା ସଂପର୍କରେ ଉଚ୍ଚ ଶ୍ରେଣୀରେ ବୁଝିପାରିବ।**

## ଅଧିକ ଅନୁସନ୍ଧାନ ପାଇଁ ଆଇ.ସି.ଟି ର ବ୍ୟବହାର

ଶିକ୍ଷକ ମଧ୍ୟ ପିଲାମାନଙ୍କୁ ପ୍ରତ୍ୟୟ ଧାରଣା ସଂପର୍କିତ ନିର୍ଦ୍ଦିଷ୍ଟ ପରିସ୍ଥିତି / ଭିଡିଓ / ଆନିମେସନ ଦେଖିବା, ଧାରଣା ଗୁଡ଼ିକ ଆଗକୁ ବଢ଼ାଇବାକୁ ସୁଯୋଗଦେବେ।

ବିଦ୍ୟୁତ ପରିପଥ ସଂପର୍କିତ ପରିସ୍ଥିତି ପାଇଁ ନିମ୍ନରେ ଏକ ଲିଙ୍କ୍ ଦିଆଯାଇଛି।

Module
11

http[://nroer.gov.in/ 55 as 34ff81fccb4fid page/ 5b 4d793e16&5 ic0ie4ec6609

## ମାନନିର୍ଦ୍ଧାରଣ

**ଶିକ୍ଷକ**

୧. ତୁମେମାନେ କେଉଁଠୁ ତମ୍ବା ଓ ଆଲୁମିନିୟମ ତାର ବ୍ୟବହାରକୁ ଲକ୍ଷ୍ୟ କରିପାରିବ ?

୨. କୋଇଲାରୁ ତାର ତିଆରି ହୋଇପାରିବ କି ?

*ଦଳରେ ଶିକ୍ଷାର୍ଥୀମାନଙ୍କର ଆଲୋଚନା ଚାଲିଥିବା ଦେଖି ଶିକ୍ଷକ ଉତ୍‌ଫୁଲିତ ହୋଇଥିବେ । ସେ ଲକ୍ଷ୍ୟ କରିବେ ଯେ, ପିଲାମାନେ ସାମଗ୍ରୀଗୁଡ଼ିକୁ ସେମାନଙ୍କର ମୂଳସ୍ଥାନ (ନିଜ ସ୍ଥାନରେ) ରଖିଛନ୍ତି ଓ ସେଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ନେଉଛନ୍ତି)*

*(ଶିକ୍ଷଣ ଫଳାଫଳ) - ସରଳ ଅନୁସନ୍ଧାନ କରିବେ - ବ୍ୟାଖ୍ୟା ପ୍ରଦାନ କରିବେ, ନାମାଙ୍କିତ ଚିତ୍ର ଆଙ୍କିବେ, ତଥ୍ୟ ଲିପିବଦ୍ଧ କରଣ ଓ ବ୍ୟାଖ୍ୟା କରିବେ, ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସହଭାଗିତା*



ଚିତ୍ର - ୩ : ଧାତବ ପାତ୍ରରେ ରୋଷେଇ ହେଉଛି ପ୍ରଦର୍ଶନ କରିବେ)

**ଶିକ୍ଷକ :**

୧. ଧାତବ ପାତ୍ର ଧରିବା ପାଇଁ ଥିବା ବେଣ୍ଟ ସାଧାରଣତଃ କାହିଁକି ପ୍ଲାଷ୍ଟିକ ବା କାଠରେ ତିଆରି ହୋଇଥାଏ ବୋଲି ଅନୁମାନ କରିବା ? (ଚିତ୍ର-୩)

୨. ଧାତବ ପାତ୍ର ଅପେକ୍ଷା କାଠ / ପ୍ଲାଷ୍ଟିକ ବେଣ୍ଟ କମ୍ ଗରମ ହୋଇଥିବାର ଲକ୍ଷ୍ୟ କରାଯାଏ କାହିଁକି ?

ପିଲାମାନେ ଏ ସଂପର୍କରେ ଆଲୋଚନା ଆରମ୍ଭ କରିବେ। ଶ୍ରେଣୀରେ କଣ ଆଲୋଚନା ଚାଲିଛି ତାହା ଶୁଣିବାକୁ ଶିକ୍ଷକ ଚେଷ୍ଟା କରିବେ। ଆଲୋଚନା ସରିବା ପରେ, ସେମାନେ ସିଦ୍ଧାନ୍ତରେ ପହଂଚିବେ ଯେ, ଧାତୁଗୁଡ଼ିକ ହେଉଛି ତାପ ସୁପରିବାହୀ। ଆଲୋଚନାର ସମାପ୍ତି ପରେ, ଶିକ୍ଷାର୍ଥୀ ଉଠି ଗୋଟିଏ କବିତା / ଧନ୍ଦା କହିଲା ।

Module
11

ମୁଁ ୧୬ ବର୍ଷ ବୟସରେ
ମୋର ଘର ଦିଲ୍ଲୀରେ
ଚନ୍ଦ୍ରଗୁପ୍ତ ।। ହେଉଛନ୍ତି ଅଭିଭାବକ ମୋର
ଉଚ୍ଚତା ମୋର ୭ ମିଟର
ଏବଂ ଓଜନ ମୋର ୬.୫ ଟନର
ମୋର ଦେହ ଧାତୁରେ ତିଆରି
ଏପର୍ଯ୍ୟନ୍ତ ବି ମୁଁ ସିଧା ହୋଇ/ ସଳଖ ଭାବେ ଠିଆ
ହୋଇଛି । ଏବେ ବି ମୋଠି କଳଙ୍କ ଲାଗିନାହିଁ ।
ମୁଁ କିଏ ?

***ଶିକ୍ଷାର୍ଥୀ-୫କୁ କିଏ ? ଏହି ଧନ୍ଦାଟି ଉଚ୍ଚ ସ୍ୱରରେ ପଢ଼ିବା ପାଇଁ ଶିକ୍ଷକ ଉତ୍ସାହିତ କରିବେ ଯେପରି ଶିକ୍ଷାର୍ଥୀ ୧ (ଦୃଷ୍ଟିବାଧିତ)। ଏଥିରେ ଅଂଶ ଗ୍ରହଣ କରିପାରିବ । ସେ ମଧ୍ୟ ଅନ୍ୟ ପିଲାମାନଙ୍କୁ କବିତା, ଗୀତ, ଧନ୍ଦା, ଘଟଣାବଳୀ ଲେଖିବାକୁ ଅଭିପ୍ରେରିତ କରିପାରିବ ।***

## ଶିକ୍ଷଣ ଫଳାଫଳ:

ବିଜ୍ଞାନର ଧାରଣା / ପ୍ରତ୍ୟୟଗୁଡ଼ିକର ଶିକ୍ଷଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିପାରିବ । ଧନ୍ଦା ଲେଖି ସୃଜନଶୀଳତା ପ୍ରଦର୍ଶନ କରିପାରିବ ।

ଶିକ୍ଷକ ସଂକ୍ଷେପରେ କରିବେ ଯେ ଧାତୁଗୁଡ଼ିକ ହେଉଛନ୍ତି ଟାଣ, ଉଜ୍ଜ୍ୱଳ ଶବ୍ଦ ସୃଷ୍ଟିକାରୀ, ନମନୀୟ, ଭଙ୍ଗୁରଶୀଳ, ତାପ ଓ ବିଦ୍ୟୁତ ସୁପରିବାହୀ । ଅପରପକ୍ଷରେ, ଅଧାତୁମାନଙ୍କଠାରେ ଏସବୁ ଲକ୍ଷଣ ନଥାଏ । ଶିକ୍ଷକ ମଧ୍ୟ ପିଲାଙ୍କୁ କହିବେ ଯେ, କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଥାଏ । ଯେପରିକି ସୋଡ଼ିୟମ ଓ ପଟାସିୟମ ଭଳି ଧାତୁଗୁଡ଼ିକ ନରମ ଏବଂ ଛୁରୀ ଦ୍ୱାରା କଟାଯାଇପାରେ । ଧାତୁଗୁଡ଼ିକ ସାଧାରଣତଃ ଟାଣ କିନ୍ତୁ ପାରଦ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଇଥାଏ । ଯାହାକି ସାଧାରଣ ତାପମାତ୍ରାରେ ତରଳ ଅବସ୍ଥାରେ ଥାଏ । ପିଲାମାନେ ଧାତୁ ଓ ଅଧାତୁର ଧର୍ମ ବିଷୟରେ ବୁଝିସାରିବା ପରେ ଏବଂ ସେମାନଙ୍କର ବ୍ୟତିକ୍ରମ ସଂପର୍କରେ ଜାଣିସାରିବା ପରେ, ଶିକ୍ଷକ ସେହି ଧାରଣାକୁ

Module
11

ଆନନ୍ଦଦାୟୀ ଉପାୟରେ ଦୃଢ଼ୀକରଣ କରିବା ପାଇଁ ଭୂମିକା ଅଭିନୟ କରିପାରିବେ । ଶିକ୍ଷକ ମଧ୍ୟ ସେମାନଙ୍କୁ କେତେକ ପ୍ରମୁଖ ଧାତୁ ସମ୍ବନ୍ଧରେ ଭିଡ଼ିଓ ଦେଖେଇ ପାରିବେ ଓ ଆମର ଦୈନନ୍ଦିନ ଜୀବନରେ ସେଗୁଡ଼ିକର ବ୍ୟବହାର ସଂପର୍କରେ ଆଲୋଚନା କରିପାରିବେ । ଏହିପରି ଭିଡ଼ିଓରେ ଲିଙ୍କ ନିମ୍ନରେ ଦିଆଯାଇଛି –

http://nroer.gov.in/55as34ff81fccb4fid806025/file/58871312472d4alfef810dbc

## ମାନନିର୍ଦ୍ଧାରଣ

- ଧାତୁ ଓ ଅଧାତୁର ଭୌତିକ ଧର୍ମ ମଧ୍ୟରେ ସଂପର୍କକୁ ଭେନ୍ ଚିତ୍ରରେ ଦର୍ଶାଇବା ପାଇଁ ଅଭିପ୍ରେରିତ କରିବେ ଓ ଶ୍ରେଣୀରେ ଆଲୋଚନା କରିବେ ।
- ଭାରତର କେଉଁଠାରେ ଲୁହା ଓ ଆଲୁମିନିୟମ ଅଧିକ ପରିମାଣରେ ଗଚ୍ଛିତ ଅଛି ତାହା ଦର୍ଶାଇବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବେ କେଉଁ ରୂପରେ ଏହା ସବୁ ଗଚ୍ଛିତ ଅଛି/ ଶ୍ରେଣୀରେ ଆଲୋଚନା କରିବେ ।

## ୬.୨ ଉଦାହରଣ – ୨

**ଶ୍ରେଣୀ – ୬**

**ଅଧ୍ୟାୟ ୭ – – ଉଦ୍ଭିଦମାନଙ୍କ ବିଷୟରେ ଜାଣିବା**

## ଉପକ୍ରମ

ପିଲାମାନେ ତାଙ୍କ ଚାରିପଟରେ ବଢୁଥିବା ଉଦ୍ଭିଦମାନଙ୍କ ସହ ପରିଚିତ । ସେମାନେ ମଧ୍ୟ ସଚେତନ ଯେ ସମସ୍ତ ଉଦ୍ଭିଦ ସମାନ ନୁହନ୍ତି ଏବଂ ଅନେକ ଉପାରେ ସମାନ ହୋଇନଥାନ୍ତି । ଯଥା – ଉଚ୍ଚତା, ଫୁଲ, ଫଳ, ଆକୃତି, ରଙ୍ଗ ପତ୍ରର ମସୃଣତା, କାଣ୍ଡ, ଗଣ୍ଡି ଇତ୍ୟାଦି । ତାହା ସତ୍ତ୍ୱେ, ସେମାନେ କେତେକ ଉଦ୍ଭିଦ ମଧ୍ୟରେ ଥିବା ସମାନତା କିମ୍ବା ଅନ୍ୟ ବର୍ଗର ଉଦ୍ଭିଦ ମାନଙ୍କ ମଧ୍ୟରେ ତୁଳନା କରି ଭିନ୍ନତାକୁ ନିର୍ଣ୍ଣୟ କରିବା ସଂପର୍କରେ ସଚେତନ ନଥାନ୍ତି । ଉଦ୍ଭିଦମାନଙ୍କର ରୂପ ଓ କାର୍ଯ୍ୟ ମଧ୍ୟରେ ଥିବା ଭିନ୍ନତାକୁ ଭଲ ବୋଲି ବିଚାର କରିବାରେ ସମର୍ଥ ହୋଇନଥାନ୍ତି । ପ୍ରଶିକ୍ଷଣ ପ୍ରଦର୍ଶିକାର ଏହି ବିଭାଗରେ

Module 11

ଉଭିଦ ଜଗତ ମଧ୍ୟରେ ଥିବା ଭିନ୍ନତାକୁ ଗୁରୁତ୍ୱ ଦିଆଯାଇଛି । ଏଥିରେ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟଗୁଡ଼ିକ ମାଧ୍ୟମରେ ଶିକ୍ଷାର୍ଥୀମାନେ ଉଭିଦମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ପସନ୍ଦ କରିପାରିବେ, ଚିହ୍ନଟ କରିପାରିବେ ଓ ସେମାନଙ୍କୁ ବୁଦାଳିଆ ଗଛ, ଛୋଟଗଛ ଓ ବଡ଼ଗଛ ଭାବେ ବର୍ଗୀକରଣ କରିପାରିବେ । ଏହା ମଧ୍ୟ ସେମାନଙ୍କୁ ଅନ୍ୟ ଦିଗରୁ ଦକ୍ଷତା ବିକାଶ କରିବାରେ ସୁଯୋଗ ସୃଷ୍ଟି କରିବ ।

## ମୁଖ୍ୟ ଧାରଣା – ଉଭିଦ ଜଗତରେ ଥିବା ଭିନ୍ନତା

### ଶିକ୍ଷଣ ଫଳାଫଳ

**ଶିକ୍ଷାର୍ଥୀ–**

- ନିଜ ଅଂଚଳରେ ଥିବା ଉଭିଦମାନଙ୍କ ମଧ୍ୟରେ ଭିନ୍ନତାକୁ ଚିହ୍ନଟ କରିବ ଓ ପସନ୍ଦ କରିବ ।
- ଉଭିଦମାନଙ୍କୁ ବୁଦାଳିଆ, ଛୋଟଗଛ ଓ ବଡ଼ଗଛ ଭାବେ ବର୍ଗୀକରଣ କରିବେ ।
- ଉଭିଦମାନଙ୍କର ଉଚ୍ଚତାକୁ ମାପିବ ।
- ଲକ୍ଷ୍ୟ କରିବା ଉଭିଦର ନାମାଙ୍କିତ ଚିତ୍ର ଅଙ୍କନ କରିବେ ।
- କାଗଜ ବ୍ୟବହାର କରି ଯୋଜନା, ଚିତ୍ରାଙ୍କନ ଓ କାର୍ଡ଼ ପ୍ରସ୍ତୁତ କରି ସୃଜନଶୀଳତାକୁ ପ୍ରଦର୍ଶନ କରିବେ ।
- ସାଧୁତା, ବସ୍ତୁନିଷ୍ଠତା ଓ ସହଯୋଗିତାର ମୂଲ୍ୟବୋଧକୁ ପ୍ରଦର୍ଶନ କରିବେ ।
- ପୃଥିବୀର ବିଭିନ୍ନ ଅଂଚଳରେ ଥିବା ଉଭିଦମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ଆଲୋଚନା କରିବେ ଓ ମତ ପ୍ରଦାନ କରିବେ ।

## ଶିକ୍ଷଣ କାର୍ଯ୍ୟ ପୂର୍ବରୁ–

ଶିକ୍ଷକ ଶ୍ରେଣୀରେ ଏହି ବିଷୟବସ୍ତୁ ଆରମ୍ଭ କରିବା ପାଇଁ କେତେକ ଅନୁସନ୍ଧାନ ମୂଳକ ପ୍ରଶ୍ନ ପଚାରିବେ । ନିଜ ଚତୁପାର୍ଶ୍ୱରେ ଥିବା ଉଭିଦଗୁଡ଼ିକୁ ଭଲ ଭାବରେ ଲକ୍ଷ୍ୟ କରିଛନ୍ତି ବୋଲି ଶିକ୍ଷକ ପିଲାମାନଙ୍କୁ ପଚାରିବେ । ଉଦାହରଣସ୍ୱରୂପ – କେତେକ ଉଭିଦ ତାଙ୍କ ସମଗ୍ର ଜୀବନ କାଳ ମଧ୍ୟରେ ଛୋଟ ହୋଇଥାଆନ୍ତି କିମ୍ୱା କେତେ ଉଭିଦରେ ବୃଦ୍ଧି

Module
11

ହୋଇଥାଏ କି ? ଉଦ୍ଭିଦଗୁଡ଼ିକ ସମାନ ବା ଭିନ୍ନ ? କେଉଁ ଉପାୟରେ ସେମାନେ ସମାନ ବା ଭିନ୍ନ ? ସେମାନେ ଉଦ୍ଭିଦମାନଙ୍କ ମଧ୍ୟରେ ଥିବା ସମାନତା ବା ଭିନ୍ନତାର କାରଣ ସଂପର୍କରେ ଚିନ୍ତା କରିଛନ୍ତି କି ?

***ଏହା ଆଶା କରାଯାଏ ଯେ ଶିକ୍ଷାର୍ଥୀମାନେ ଏସବୁର ଉତ୍ତର ଦେବେ ଓ ବିଭିନ୍ନ ଉପାୟରେ ନିଜର ମତାମତ ଦେବେ। ଉଦାହରଣ ସ୍ୱରୂପ, କେତେକ ଶିକ୍ଷାର୍ଥୀ କହିପାରନ୍ତି ଯେ କେତେକ ଉଦ୍ଭିଦ ଛୋଟ ହୋଇଥିବାବେଳେ କେତେକ ଉଦ୍ଭିଦ ଖୁବ୍ ବଡ଼। କେତେକ ବୃକ୍ଷକୁ ସେମାନଙ୍କର ଫୁଲକୁ ନେଇ ଚିହ୍ନି ହୁଏ କିମ୍ବା ପତ୍ରକୁ ନେଇ ଚିହ୍ନ ହୁଏ। କେତେକ ମଧ୍ୟ ବାଙ୍ଗରା ଗଛ ଭାବେ ପରିଚିତ।***

ଶିକ୍ଷାର୍ଥୀ ମଧ୍ୟ କେତେକ ଉତ୍ତରକୁ ପ୍ରଶଂସା କରିବେ ଓ ଲାଜୁଆ ତଥା ଚୁପ୍ ରହୁଥିବା ବା ଉତ୍ତର ଦେଉନଥିବା ପିଲାମାନଙ୍କୁ କହିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଯେହେତୁ ଏହା ଏକ ସାଧାରଣ ବିଷୟବସ୍ତୁ, ଏଠାରେ ଶିକ୍ଷାର୍ଥୀମାନେ ନିଜର ମତାମତକୁ ଅନ୍ୟମାନଙ୍କ ସାମ୍ନାରେ ଉପସ୍ଥାପନ କରିବାରେ କୌଣସି ସମସ୍ୟା ନାହିଁ। ଏହି ବିଷୟବସ୍ତୁ ଉପରେ ଆଲୋଚନ ହେବା ପରେ, ଶିକ୍ଷକ ପିଲାମାନଙ୍କୁ ନିମ୍ନ ଶିକ୍ଷଣ କାର୍ଯ୍ୟ କରିବାକୁ ଦେବେ।

**ଶିକ୍ଷଣକାର୍ଯ୍ୟ-୧ ଚତୁପାର୍ଶ୍ୱକୁ ଅନୁସନ୍ଧାନ କରିବା**

ଶିକ୍ଷକ ଶ୍ରେଣୀରେ ପିଲାମାନଙ୍କୁ କେତେକ ଦଳରେ ବିଭକ୍ତ କରିବେ। ଯେପରି ପ୍ରତ୍ୟେକ ଦଳରେ ପ୍ରାୟ ୫ ଜଣ ଲେଖାଏଁ ପିଲା ରହିବେ। ଶିକ୍ଷକ ସେମାନଙ୍କୁ ବିଦ୍ୟାଳୟ ହତା ମଧ୍ୟରେ ବଢୁଥିବା ବିଭିନ୍ନ ପ୍ରକାରର ଉଦ୍ଭିଦକୁ ଲକ୍ଷ୍ୟ କରିବାକୁ ସୂଚନା ଦେବେ।

ଶିକ୍ଷକ ମଧ୍ୟ ସେମାନଙ୍କୁ ସ୍ପଷ୍ଟ ସୂଚନା ଦେବେ ଯେ, ସେମାନେ ବୃକ୍ଷଗୁଡ଼ିକୁ ଯଥା ସମ୍ଭବ ଅବ୍ୟବସ୍ଥିତ ନକରି, ନଉପାଡ଼ି, ଡାଳ ନଭାଙ୍ଗି ବା ପତ୍ର ବା ଫୁଲ ନିଡ଼ାଇ ନିଜ ନିଜର କାର୍ଯ୍ୟ କରିବେ।

ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ବୃକ୍ଷକୁ ପର୍ଯ୍ୟବେକ୍ଷଣ କରି ସେମାନେ କେଉଁ ପ୍ରକାରର ଚିନ୍ତାକରି ଲିପିବଦ୍ଧ କରିବେ ଉଦାହରଣସ୍ୱରୂପ, ଉଚ୍ଚା, ସେଗୁଡ଼ିକ ଭୂମିକ ଉପରେ ସିଧାସିଧା

Module
11

ବଢୁଛନ୍ତି କିମ୍ବା ଅନ୍ୟ ବୃକ୍ଷ / କାନ୍ଥ / ନିର୍ମାଣଧୀନ ଜିନିଷ ଉପରେ ବଢୁଛନ୍ତି ଇତ୍ୟାଦି । ପତ୍ର ଓ କାଣ୍ଡର ମସୃଣତା, ଫୁଲର ବାସ୍ନା, ଫୁଲର ରଙ୍ଗ, କାଣ୍ଡ, ଯେଉଁଠାରୁ ଅନ୍ୟ ଡାଳ ବାହାରିଛି ଇତ୍ୟାଦି । ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦିଆଯିବ ଯେ ସେମାନେ ତଥ୍ୟ ସଂଗ୍ରହ କରି ଉଦ୍ଭିଦମାନଙ୍କୁ ଯେତେ ପ୍ରକାରରେ ସମ୍ଭବ ବର୍ଗୀକରଣ କରିପାରିବେ ।

*ପ୍ରତ୍ୟେକ ଦଳ ଲକ୍ଷ୍ୟ କରିଥିବା କଥାଗୁଡ଼ିକୁ ଲେଖି ରଖିବାକୁ କୁହାଯିବ । ଏହା ଆଶା କରାଯାଏ ଯେ, ପିଲାମାନେ ଯାହା ପର୍ଯ୍ୟବେକ୍ଷଣ କରିଛନ୍ତି ସେମାନଙ୍କ ମତାମତ ଅଲଗାଅଲଗା ହେବ । ଅର୍ଥାତ୍ ପ୍ରତ୍ୟେକ ଦଳରେ ଥିବା ପିଲାମାନଙ୍କୁ ସେମାନେ କ'ଣ ଲକ୍ଷ୍ୟ କଲେ ଓ ନିଜ ନିଜର ପର୍ଯ୍ୟବେକ୍ଷଣ ଆଧାରରେ କଣ ପାଇଲେ ତାହା ଆଲୋଚନା କରିବେ । ସେମାନେ ନିଜର ପର୍ଯ୍ୟବେକ୍ଷଣକୁ ପର୍ଯ୍ୟବେକ୍ଷଣ ଫର୍ଦ୍ଦରେ ଲେଖିବେ ।*

ବିଦ୍ୟାଳୟ ହତାରେ ବୁଲିବା ସମୟରେ ସେମାନେ ଉଦ୍ଭିଦମାନଙ୍କୁ ଯେପରି ଅବ୍ୟବସ୍ଥିତ ନକରିନ୍ତି ସେଥିପ୍ରତି ଯତ୍ନଶୀଳ ହେବାକୁ କୁହାଯିବ ।

ନିଜ ବିଦ୍ୟାଳୟ ହତାକୁ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଅନୁସନ୍ଧାନ କରିବାକୁ ୨୦ ମିନିଟ୍ ସମୟ ଦିଆଯିବ ।

## ମାନନିର୍ଦ୍ଧାରଣ

ପ୍ରତ୍ୟେକ ଦଳକୁ ନିଜ ନିଜର ପର୍ଯ୍ୟବେକ୍ଷଣକୁ ଶ୍ରେଣୀକୁ ଉପସ୍ଥାପନ କରିବାକୁ କୁହାଯିବ ।

ଶିକ୍ଷକ ପିଲାମାନଙ୍କୁ ସାରଣୀ ପ୍ରସ୍ତୁତ କରି (ସାରଣୀ – ୨) ତାହାକୁ ପୂରଣ କରିବାକୁ କହିବେ । ସେମାନେ ନିଜର ପର୍ଯ୍ୟବେକ୍ଷଣ ଆଧାରରେ ସାରଣୀରେ ଅଧିକ ସ୍ତମ୍ଭ ଯୋଡ଼ି ପାରନ୍ତି । ପିଲାମାନେ ନିଜର ସାରଣୀକୁ ଅନ୍ୟ ଦଳରେ ସହପାଠୀକ ସାରଣୀ ସହିତ ତୁଳନା କରି ପାରନ୍ତି ଓ ସେ ସଂପର୍କରେ ଆଲୋଚନା କରିପାରନ୍ତି । ଉଦ୍ଭିଦମାନଙ୍କର ବର୍ଗୀକରଣକୁ ବୁଝିବାର ମାନନିର୍ଦ୍ଧାରଣର ଏହା ଏକ ଅଂଶ ଭାବେ ବିବେଚନା ହେବ । ଶିକ୍ଷକ ମଧ୍ୟ ଏହା ଲକ୍ଷ୍ୟ କରିବେ । ଉଦ୍ଭିଦମାନଙ୍କୁ ବୃକ୍ଷ, ଗୁଳ୍ମ ଭାବେ ବର୍ଗୀକରଣ କରିବାରେ

Module 11

ଶିକ୍ଷାର୍ଥୀଙ୍କ ମଧ୍ୟରେ କେତେକ ଦ୍ୱନ୍ଦ ଉପୁଜିପାରେ। ଏ କ୍ଷେତ୍ରରେ ଶିକ୍ଷକ ସ୍ୱଷ୍ଟ ଧାରଣା ଦେଇ ଶିକ୍ଷାର୍ଥୀଙ୍କ ସନ୍ଦେହ ଦୂର କରିବେ। ଏହା ମଧ୍ୟ ଲକ୍ଷ୍ୟ କରାଯିବ ଯେ, ଏହି ବର୍ଗୀକରଣ ମୁଖ୍ୟତଃ ଉଚ୍ଚତା, କାଣ୍ଡର ମସୃଣତା ଓ କେଉଁ ସ୍ଥାନରୁ ଡାଳ ସବୁ ବାହାରିଛି ତାହା ଉପରେ ନିର୍ଭର କରେ (ଚିତ୍ର - ୪) ଏହା ମଧ୍ୟ ସ୍ମରଣ କରାଯାଇପାରେ ଯେ, ଉଦ୍ଭିଦଗୁଡ଼ିକୁ ଅତିଛୋଟ (ଯେପରି - ବନ ସାଇ) ହୋଇପାରନ୍ତି।

କେତେକ ଦଳ ମଧ୍ୟ ଯେପରି ମନି ପ୍ଲାଂଟ, ତରଭୂଜଗଛ, ଲାଉଗଛ ଇତ୍ୟାଦି ସଂପର୍କରେ ଲେଖିଥାଇ ପାରନ୍ତି କିନ୍ତୁ ସେମାନେ ନିଶ୍ଚିତ ନୁହଁନ୍ତି ଯେ ସେଗୁଡ଼ିକୁ କେଉଁ ଗୋଷ୍ଠୀର ଅନ୍ତର୍ଭୁକ୍ତ କରାଯିବ। ଶିକ୍ଷକ ସେଗୁଡ଼ିକୁ ଲତା ଓ ଭାବେ ବର୍ଗୀକରଣ କରିବେ।

## ସାରଣୀ - ୨ ( ଉଦ୍ଭିଦର ପ୍ରକାର ଭେଦ)

| ଉଦ୍ଭିଦର | ସ୍ତମ୍ଭ-୧ | ସ୍ତମ୍ଭ-୨ | | | | ସ୍ତମ୍ଭ-୩ | | ସ୍ତମ୍ଭ-୪ |
|---|---|---|---|---|---|---|---|---|
| ନାମ | ସଂପୃକ୍ତ ବିକଶିତ ବୃକ୍ଷର | ସବୁଜ | କାଣ୍ଡ ନରମ | ସରୁ | ଟାଣ | କେଉଁଠାରୁ ଡାଳ ବାହାରିଛି କାଣ୍ଡର ତଳୁ | କାଣ୍ଡର ଉପରୁ | ଉଦ୍ଭିଦର ପ୍ରକାର ଉଚ୍ଚତା |
| ଆମ୍ବ | ଅତି ଲମ୍ବା | ନା | ନା | ହଁ | ହଁ | ନା | ହଁ | ବୃକ୍ଷ |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |

Module 11

**(ସୂଚନା – ଶ୍ରେଣୀ ପାଠଦାନ ପୂର୍ବରୁ ଶିକ୍ଷକ ଏହାକୁ ପ୍ରକଳ୍ପ କାର୍ଯ୍ୟ ହିସାବରେ ଘରେ କରିବାକୁ ଦେଇପାରନ୍ତି। ବିଶେଷକରି ଯଦି ବିଦ୍ୟାଳୟ ହତା ମଧ୍ୟରେ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ନଥିବେ, ସେପରି କ୍ଷେତ୍ରରେ ଏହା ବ୍ୟକ୍ତିଗତ କାର୍ଯ୍ୟ ହେବ)**



**ଚିତ୍ର – ୪ – ବିଭିନ୍ନ ପ୍ରକାରର ଉଦ୍ଭିଦ**

(ଶିକ୍ଷକ ଫଳାଫଳ– ନିଜ ଅଂଚଳର ଉଦ୍ଭିଦମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ଚିହ୍ନଟ କରିବେ ଓ ତା ସଂପର୍କରେ ମତ ଦେବେ। ଉଦ୍ଭିଦମାନଙ୍କୁ ବୁଦାଳିଆ ଗଛ, ଛୋଟ ଗଛ, ବଡ଼ ଗଛରେ ବର୍ଗୀକରଣ କରିବେ। ଉଦ୍ଭିଦମାନଙ୍କର ଉଚ୍ଚତା ମାପିବେ। ଉଦ୍ଭିଦମାନଙ୍କ ପ୍ରତି ଯତ୍ନବାନ ହେବେ ଓ ଉଦବେଗ ପ୍ରକାଶ କରିବେ, ଯୋଜନା କରିବାରେ ଚିତ୍ର ଆଙ୍କି ଗରେ, କାଗଜରୁ କାର୍ଡ଼ ପ୍ରସ୍ତୁତ କରିବାରେ, ସୃଜନଶୀଳତା ପ୍ରକାଶ କରିବେ; ସାଧୁତା, ବସ୍ତୁନିଷ୍ଠତା ଓ ସହଯୋଗିତାର ମୂଲ୍ୟବୋଧକୁ ପ୍ରଦର୍ଶନ କରିବେ।

## ଶିକ୍ଷଣ କାର୍ଯ୍ୟ–୨ ଉଦ୍ଭିଦର ଚିତ୍ର ଆଙ୍କିବା

ଶିକ୍ଷାର୍ଥୀମାନଙ୍କୁ ନିଜ ପସନ୍ଦର ଉଦ୍ଭିଦର ରଙ୍ଗୀନ ଚିତ୍ର ଅଙ୍କନ କରି ନାମାଙ୍କିତ କରିବାକୁ କୁହାଯିବ ଏବଂ ସେହି ଉଦ୍ଭିଦର ନାମକୁ ସେମାନେ ଜାଣିଥିବା ଭାଷାରେ ଲେଖିବେ। ସେହି ଉଦ୍ଭିଦ ତାକୁ କାହିଁକି ଭଲଲାଗେ ତାହା ସଂପର୍କରେ କିଛି ଧାଡିରେ ଲେଖିବାକୁ କୁହାଯିବ।

## ମାନନିର୍ଦ୍ଧାରଣ

କଳାତ୍ମକ କୌଶଳରୁ ବାହାରକୁ ଯାଇ, ଶିକ୍ଷକ ପର୍ଯ୍ୟବେକ୍ଷଣ କୌଶଳକୁ ମଧ୍ୟ ଧ୍ୟାନ ଦେବେ। ଏତଦ୍‌ବ୍ୟତୀତ ଚିତ୍ରରେ ପତ୍ର, କାଣ୍ଡ, ଗଣ୍ଡିରେ ପତ୍ରର ଅବସ୍ଥିତ, ଫୁଲ ଇତ୍ୟାଦିର ସବିଶେଷ ବର୍ଣ୍ଣନା ଏବଂ କେତେ ସମାନୁପାତିର ଚିତ୍ର ଅଙ୍କନ ହୋଇଛି ତାହା ଲକ୍ଷ୍ୟ କରିବେ।

Module
11

ଯଦି ବିଦ୍ୟାଳୟ ଚାର୍ଟକାଗଜ ଯୋଗାଇବାକୁ ସମର୍ଥ ଥିବେ ତେବେ ଶିକ୍ଷକ ତାହା ପିଲାଙ୍କୁ ଯୋଗାଇ ଦେବେ। ଶିକ୍ଷାର୍ଥୀମାନେ ସେଗୁଡ଼ିକୁ ବ୍ୟବହାର କରି ପର୍ବପର୍ବାଣି, ଜନ୍ମଦିନ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିନମାନଙ୍କର ବନ୍ଧୁ ସଂପର୍କୀୟମାନଙ୍କୁ କାର୍ଡ଼ ଦେବେ, ଯଦ୍ୱାରା ସେମାନଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ।

**ଶିକ୍ଷଣ ଫଳାଫଳ :**

ଯୋଜନା କରିବାରେ, ଚିତ୍ର ଆଙ୍କିବାରେ ଓ କାଜରୁ କାର୍ଡ଼ ପ୍ରସ୍ତୁତ କରିବାରେ ସୃଜନଶୀଳତା ପ୍ରକାଶ କରିବ

**ଶିକ୍ଷକ କାର୍ଯ୍ୟ – ୩ଃ**

ପୃଥିବୀରେ ଦେଖାଯାଉଥିବା ଉଦ୍ଭିଦ ଦେଶର ବିଭିନ୍ନ ପ୍ରାନ୍ତରେ ବା ପୃଥିବୀର ବିଭିନ୍ନ ସ୍ଥାନରେ ଦେଖାଯାଉଥିବା ଉଦ୍ଭିଦମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ଶିକ୍ଷକ ଫଟୋଚିତ୍ର ବା ଭିଡ଼ିଓ ସୋ-ମାଧ୍ୟମରେ ଦେଖାଇବେ। ଉଦ୍ଭିଦମାନଙ୍କ ମଧ୍ୟରେ ଏହି ଭିନ୍ନତା ବିଭିନ୍ନ କାରଣରୁ ଦେଖାଯାଇପାରେ, ଯେପରି ଜଳବାୟୁ, ଭୌଗଳିକ ଅବସ୍ଥିତି ଇତ୍ୟାଦି। ଉଦାହରଣସ୍ୱରୂପ, ମରୁଭୂମି, ଉପକୂଳବର୍ତୀ ଅଂଚଳ ପର୍ବତ୍ୟାଂଚଳ, ମେରୁ ଅଂଚଳରେ ଥିବା ଉଦ୍ଭିଦମାନଙ୍କ ମଧ୍ୟରେ ଭିନ୍ନତା ଦେଖାଯାଏ। ଯଦି ଦୃଶ୍ୟଶ୍ରବ୍ୟ ସୁବିଧା ଶ୍ରେଣୀରେ ଉପଲବ୍ଧ ନଥାଏ, ତେବେ ଶିକ୍ଷକ ଉଦ୍ଭିଦମାନଙ୍କର ଚିତ୍ରକାର୍ଡ଼ ପ୍ରସ୍ତୁତ କରିପାରିବେ, ଯେଉଁ ଚିତ୍ରାକର୍ଡ଼ରେ ଉଦ୍ଭିଦର ନାମ, କେଉଁଠାରେ ଦେଖାଯାଆନ୍ତି ଲେଖାଥିବ। ଶିକ୍ଷକ ଏହି ଚିତ୍ରକାର୍ଡ଼କୁ ଲାମିନେଟ୍ (ପ୍ଲାଷ୍ଟିକ୍ ଲାମିନେସନ) କରି ଏହାକୁ ସ୍ଥାୟୀ ସମ୍ବଳ ଭାବେ ବ୍ୟବହାର କରିପାରିବେ। ଏହାଦ୍ୱାରା କାଗଜର ନଷ୍ଟ ହେବାକୁ ରୋକାଯାଇପାରିବ। ଏଭଳି ପଦକ୍ଷେପ ଦ୍ୱାରା ଉଦ୍ଭିଦର ଭିନ୍ନତା ସଂପର୍କରେ ପିଲାମାନଙ୍କର କଳ୍ପନା ଶକ୍ତିର ପରିସରକୁ ବ୍ୟାପକ କରାଯାଇପାରିବ। ଯେହେତୁ ଏହି କାର୍ଯ୍ୟରେ ପିଲାମାନେ ପୃଥିବୀର ବିଭିନ୍ନ ଅଂଚଳରେ ଦେଖାଯାଉଥିବା ଉଦ୍ଭିଦମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ପସନ୍ଦ କରିବେ, ତାହା ସେମାନଙ୍କୁ ବିଶ୍ୱବ୍ୟାପୀ ନାଗରିକ ଭାବେ ଗଢ଼ିତୋଳିବ।

**ମାନନିର୍ଦ୍ଧାରଣ**

ନିଜ ଚତୁପାର୍ଶ୍ୱରେ ଦେଖୁଥିବା ବା ଚିତ୍ର ଓ ଭିଡ଼ିଓରେ ଦେଖୁଥିବା ଉଦ୍ଭିଦମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ଭିନ୍ନତା ସଂପର୍କରେ ଲେଖିବାକୁ ପିଲାମାନଙ୍କୁ କୁହାଯିବ। ବିକଳ୍ପ ଭାବେ, ଚିତ୍ର ବା ଭିଡ଼ିଓରେ ଦେଖୁଥିବା ଉଦ୍ଭିଦମାନଙ୍କ ସମ୍ବନ୍ଧରେ ଶ୍ରେଣୀରେ ଅନ୍ୟ ପିଲାମାନଙ୍କ ସହ ମତ ବିନିମୟ

କରି ଆଲୋଚନା କରିବେ । ଶିକ୍ଷକ ଆବଶ୍ୟକ ସ୍ଥଳେ ଅତିରିକ୍ତ ସୂଚନା ପ୍ରଦାନା କରିବେ ।



**ଚିତ୍ର – ୫: କେତେକ ଦେଶର ଉଦ୍ଭିଦ**

ଅନ୍ୟ ଦେଶରେ ଦେଖାଯାଉଥିବା ଉଦ୍ଭିଦମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏକୁ ପିଲାମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଦିଆଯାଇ ସେ ସଂପର୍କରେ ତଥ୍ୟ ସଂଗ୍ରହ କରିବାକୁ କୁହାଯିବ । ପ୍ରତ୍ୟେକ ପିଲାକୁ ଗୋଟିଏ ଦେଶର ଦାୟିତ୍ୱ ଦିଆଯିବ । ପିଲାମାନେ ନିମ୍ନ ତଥ୍ୟ ସଂଗ୍ରହ କରିବେ – ଉଦ୍ଭିଦର ନାମ, କେଉଁ ସ୍ଥାନରେ ଦେଖାଯାଏ, ଏହା ବୁଦାଳିଆ ଗଛ ନା ଛୋଟ ଗଛ ନା ବଡ଼ ବୃକ୍ଷ, ସେମାନଙ୍କର ଗୁରୁତ୍ୱ ଇତ୍ୟାଦି । ଏହି ତଥ୍ୟ ସବୁକୁ ଖାତାରେ ଲେଖିବାକୁ ଓ ଉଦ୍ଭିଦର ଚିତ୍ର ଆଙ୍କିବାକୁ ପିଲାମାନଙ୍କୁ କୁହାଯିବ । ପିଲାମାନେ ସେ ସବୁକୁ ଶ୍ରେଣୀର ବୋର୍ଡରେ ଲଗାଇବେ ।

ଶିକ୍ଷକ ମଧ୍ୟ ପିଲାମାନଙ୍କୁ କେତେ ଅତିରିକ୍ତ ଓ ଗରୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ । ଉଦାହରଣ ସ୍ୱରୂପ, କେତେକ ଉଦ୍ଭିଦକୁ ବିଭିନ୍ନ କାରଣରୁ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଅଣାଯାଏ । ଏହା ଜାଣିଲେ ପିଲାମାନେ ଆନନ୍ଦ ଅନୁଭବ କରିବେ ।

କେତେକ ଉଦ୍ଭିଦକୁ ଅନ୍ୟ ଦେଶରୁ ଭାରତକୁ ଖାଦ୍ୟ ଓ ଅର୍ଥନୈତିକ ଦୃଷ୍ଟିରୁ ଅଣାଯାଇଥାଏ । ଉଦାହରଣସ୍ୱରୂପ – କାଜୁ, ବିଲାତି, ଲଙ୍କା, ଆଳୁ ଇତ୍ୟାଦି । କିନ୍ତୁ ଲଣ୍ଟନ କ୍ୟାମେରା (Lantana Camera) ଭଳି କେତେକ ମାଡ଼ିଯାଉଥିବା ପ୍ରଜାତିର ଉଦ୍ଭିଦ ଆମ ପାଇଁ କ୍ଷତିକାରକ । ସେମାନେ ଦେଶୀୟ

Module
11

ଛୋଟଗଛ ବା ଅନ୍ୟ ଜାତୀୟ ପ୍ରାଣୀମାନଙ୍କୁ ବଂଚିବାକୁ ଦେଇନଥାନ୍ତି। ପ୍ରାୟ ୨୦୮ ବର୍ଷ ପୂର୍ବେ Lantana ଏକ ଆଳଙ୍କାରିକ ଉଦ୍ଭିଦ ଭାବେ ଇଂରେଜମାନେ ଭାରତକୁ ଆଣିଥିଲେ।

## ଶିକ୍ଷଣ ଫଳାଫଳ

ପୃଥିବୀରେ ଦେଖାଯାଉଥିବା ଉଦ୍ଭିଦମାନଙ୍କୁ ଚିହ୍ନିବେ ଓ ସେଗୁଡ଼ିକ ସଂପର୍କରେ ମତାମତ ଦେବେ।

**୬.୩ ଉଦାହରଣ – ୩**

**ଅଷ୍ଟମ ଶ୍ରେଣୀ**

**ଅଧ୍ୟାୟ ୧୩ – ଧ୍ୱନି**

**ମୁଖ୍ୟ ଧାରଣା – ଧ୍ୱନି କିପରି ସୃଷ୍ଟି ହୁଏ।**



Fig. 6—Various musical instruments

ବିଭିନ୍ନ ବାଦ୍ୟଯନ୍ତ୍ର

## ଶିକ୍ଷଣ ଫଳାଫଳ

**ଶିକ୍ଷାର୍ଥୀ**

- ଧ୍ୱନି ସୃଷ୍ଟି ହେବାର ଉପାୟଗୁଡ଼ିକୁ ଜାଣିବା ପାଇଁ ସରଳ ପରୀକ୍ଷା କରିବ।
- ପ୍ରକ୍ରିୟା ଓ ସତ୍ୟାସତ୍ୟ ଫଳାଫଳର କାରଣକୁ ସଂପର୍କିତ କରିବ।
- ଦୈନନ୍ଦିନ ଜୀବନରେ ବିଜ୍ଞାନ ଧାରଣାର ଶିକ୍ଷଣକୁ ପ୍ରୟୋଗ କରିବେ।
- ଉପଲବ୍ଧ ସମ୍ବଳର ବ୍ୟବହାରରେ ସୃଜନଶୀଳତାକୁ ପ୍ରଦର୍ଶିତ କରିବ।

ଶିକ୍ଷାର୍ଥୀମାନେ ନିଜ ଚତୁପାର୍ଶ୍ୱରେ ଶୁଣୁଥିବା ଶବ୍ଦ ଶହ **ପରିଚିତ ଯେପରି** – ପଶୁମାନଙ୍କର ଶବ୍ଦ, ବାଦ୍ୟଯନ୍ତ୍ରର ଶବ୍ଦ ଶିକ୍ଷକ ପିଲାମାନଙ୍କ ସହ ଶ୍ରେଣୀ ଗୃହର ଆଲୋଚନାକୁ ନିମ୍ନରେ ଇତ୍ୟାଦି ଦିଆଯାଇଥିବା ଭଳି ଆଗେଇ ନେବେ –

ଏପରି ଏକ ବସ୍ତୁ ସଂପର୍କରେ ଚିନ୍ତାକର ଯାହା ଶବ୍ଦ ସୃଷ୍ଟି କରେ। ତୁମର ଦୈନନ୍ଦିନ ଜୀବନରେ ମଟରଗାଡ଼ି, ଯନ୍ତ୍ରାପତି
ଦ୍ୱାରା ସୃଷ୍ଟି ହେଉଥିବ ଶବ୍ଦ ସଂପର୍କରେ ଅଭିଜ୍ଞତା ଥିବ।

Module 11

**ଏହି ପ୍ରକ୍ରିୟାରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପଚାରିବେ –**

- ନିଜ ପରିବେଶରେ ଶୁଣିଥିବା ଶବ୍ଦର ଅଭିଜ୍ଞତାକୁ ବର୍ଣ୍ଣନା କରିବେ
- ସେମାନଙ୍କର ପରିବେଶରେ ଶୁଣୁଥିବା ଶବ୍ଦମାନଙ୍କର ତାଲିକା ପ୍ରସ୍ତୁତ କରିବେ (ଯେପରି – ଲୋକ, ପଶୁ, ପକ୍ଷୀ, ମୃଦପବନ, ନଦୀ, ମୋବାଇଲ ଫୋନ, ବିଦ୍ୟାଳୟ ଘଂଟି, ଯାନବାହନ, ଯନ୍ତ୍ରପାତି ଇତ୍ୟାଦି)
- ବିଦ୍ୟାଳୟର ସଂଗୀତ କକ୍ଷ ବା ଅନ୍ୟସ୍ଥାନରେ ଦେଖିଥିବା ଯନ୍ତ୍ରାପତି ମାନଙ୍କର ନାମ ।

## ଶିକ୍ଷଣକାର୍ଯ୍ୟ – ୧

ଶବ୍ଦ ସୃଷ୍ଟି ହେଉଥିବାର ବିଭିନ୍ନ ଉପାୟ

ଏହି କାର୍ଯ୍ୟ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଦଳରେ ଭାଗ କରାଯାଇପାରେ

ଶିକ୍ଷଣ ଫଳାଫଳ – ପରିବେଶକୁ ଅନୁସନ୍ଧାନ କରିବେ, ଉପଯୁକ୍ତ କାର୍ଯ୍ୟ ସଂପାଦନ କରିବେ ।

ସମସ୍ତ ଦଳକୁ କୁହାଯିବ ଯେ, ସେମାନେ ଶବ୍ଦ ସୃଷ୍ଟି ହେଉଥିବାର ବିଭିନ୍ନ ଉପାୟଗୁଡ଼ିକ ଖୋଜି ବାହାର କରିବେ ।

*ଶିକ୍ଷକ ଦଳଗତ କାର୍ଯ୍ୟକୁ ତଦାରଖ କରିବେ କିନ୍ତୁ ସାଧାରଣ ଭାବେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ହେଉଥିବା ଆଲୋଚନାରେ ହସ୍ତକ୍ଷେପ କରିବେ ନାହିଁ । ବରଂ ଆଲୋଚନାରେ ପିଲାମାନଙ୍କ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ସେ ଚେଷ୍ଟା କରିବେ ।*

*ଶିକ୍ଷାର୍ଥୀମାନଙ୍କୁ ଦଳରେ କିଛି ମିନିଟ୍ ପାଇଁ ଆଲୋଚନା କରିବା ପାଇଁ ସୁଯୋଗ ଦେବାପରେ ସେମାନେ କଣ ପାଇଲେ ତାହା ସଂକ୍ଷେପଣ କରିବା ପାଇଁ ଶିକ୍ଷକ କହିବେ ।*

ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ ଶବ୍ଦ ସୃଷ୍ଟି ହେଉଥିବାକୁ କହିବେ, ଯେପରି – ଟେବୁଲକୁ ବାଡେଇବ, ରବର ବ୍ୟାଣ୍ଡ (ତାର)କୁ ଆଙ୍ଗୁଳିରେ ଟାଣି ଶବ୍ଦ କରାଇବା, ବନ୍ଧୁର ପୃଷ୍ଠତଳକୁ ରାମ୍ପିବା, ଫୁଙ୍କିବା ଇତ୍ୟାଦି ।

Module
11

ପିଲାମାନଙ୍କର ଉତରକୁ ସଂକ୍ଷେପଣ କରିବା ପାଇଁ ଶିକ୍ଷକ ପ୍ରତ୍ୟେକ ଦଳକୁ ଉପସ୍ଥାପନ କରିବାକୁ କହିବେ। ସମସ୍ତ ଶିକ୍ଷାର୍ଥୀ ସକ୍ରିୟ ଅଂଶ ଗ୍ରହଣ କରିବାକୁ ନିଶ୍ଚିତ କରିବା ପାଇଁ ଶିକ୍ଷକ ଯତ୍ନବାନ ହେବେ।

ଶିକ୍ଷକ ପ୍ରତ୍ୟେକ ଦଳଗୁଡ଼ିକୁ ବଡ଼ ଦଳରେ ପରିଣତ କରି ସେମାନଙ୍କୁ ସାହାଯ୍ୟ କରିପାରିବେ। ଯେପରି, ବାଡେଇ ଶବ୍ଦ ସୃଷ୍ଟି କରିବା, ତାହାକୁ ଟାଣି ଶବ୍ଦ କରିବା, ବନ୍ଧୁର ପୃଷ୍ଠ ଦେଶକୁ ରାମ୍ପିବା, ଫୁଙ୍କିବା ଇତ୍ୟାଦି ଶିକ୍ଷକ ମଧ୍ୟ ସାରଣୀ ୩ କୁ ପୂରଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସଂପୃକ୍ତ କରାଇବେ।

## ସାରଣୀ – ୩

| କ୍ରମିକ ସଂଖ୍ୟା | ଶବ୍ଦ ସୃଷ୍ଟି ହେବାର ଉପାୟ | ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରଦ ଉଦାହରଣ |
|---|---|---|
| ୧. | ବାଡେଇବା | ଟେବୁଲକୁ ଡଷ୍ଟରରେ ବାଡେଇବା |
| ୨. | ତାରକୁ ଟାଣିବା | ସୂତାରର ତାରକୁ ଟାଣିବା |
| ୩. | ଫୁଙ୍କିବା | |
| ୪. | ରାମ୍ପିବା | |

ଏହି ଧାରଣାକୁ ଭଲଭାବରେ ବୁଝିବା ପାଇଁ, ଅର୍ଥାତ, ଶବ୍ଦ ସୃଷ୍ଟି ହେଉଥିବା ସାଧାରଣ ବସ୍ତୁଗୁଡ଼ିକ ଜାଣିବା ପାଇଁ, ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ କାର୍ଯ୍ୟର ସଂପାଦନ କରିବାରେ ନିୟୋଜିତ କରିବେ।

## ଶିକ୍ଷଣକାର୍ଯ୍ୟ – ୨

କମ୍ପନ ସୃଷ୍ଟିକାରୀ ବସ୍ତୁର ଶବ୍ଦ ସୃଷ୍ଟି ହେବାକୁ ପ୍ରଦର୍ଶନ କରିବେ। ଶିକ୍ଷାର୍ଥୀମାନଙ୍କୁ ସଂପୃକ୍ତ କରି ଏହି କାର୍ଯ୍ୟଟି କରାଯିବ)

### ଶିକ୍ଷଣ ଫଳାଫଳ

ସରଳ ପରୀକ୍ଷା ସଂପାଦନ କରିବେ, ପ୍ରକ୍ରିୟା ଓ ଫଳାଫଳର କାରଣକୁ ସଂପର୍କିତ କରିବେ।

ଏହି କାର୍ଯ୍ୟରେ ବ୍ୟବହୃତ ବସ୍ତୁଗୁଡ଼ିକୁ ସଂଗ୍ରହ କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ସଂପୃକ୍ତ କରିବେ। ଶବ୍ଦ ସୃଷ୍ଟିକାରୀ ବସ୍ତୁଗୁଡ଼ିକୁ ଆଣିବା ପାଇଁ ପିଲାମାନଙ୍କୁ କୁହାଯିବ। ନିମ୍ନରେ

Module
11

ଦିଆଯାଇଥିବା କାର୍ଯ୍ୟଟି ଶିକ୍ଷକ କରିବାକୁ ଥିବା ଅନେକ କାର୍ଯ୍ୟ ମଧ୍ୟରୁ ଗୋଟିଏ –

**ଆବଶ୍ୟକୀୟ ସାମଗ୍ରୀ:**

**ଧାତବ ପ୍ଲେଟ, ଷ୍ଟିଲ, ଚାମଚ**



- ଗୋଟିଏ ଧାତବ ପ୍ଲେଟ ନିଅ ଓ ଚିତ୍ର–୭ରେ ଦେଖାଯାଉଥିବା ଭଳି ଏହାକୁ ରଖ।
- ଏକ ଧାତବ ପ୍ଲେଟ–୭ରେ ଫଳ / ପ୍ରାନ୍ତକୁ ଗୋଟିଏ ଷ୍ଟିଲ ଚାମଚିରେ ବାଡାଅ।
- ତୁମେ କଣ ଲକ୍ଷ୍ୟ କରୁଛ ? କୌଣସି ଶବ୍ଦକୁ ଶୁଣିପାରୁଛ କି ?

**ଚିତ୍ର –୭ ଧାତବ ପ୍ଲେଟରେ କମ୍ପନ ଦ୍ୱାରା ଶବ୍ଦ ସୃଷ୍ଟି**

***ଶିକ୍ଷକ ଏହି ଧାରଣାକୁ ଅନ୍ୱି ଧାରଣା / ବିଷୟବସ୍ତୁ ସହ ସଂପର୍କିତ କରିବେ, ଯେପରି – ପୂର୍ବରୁ ପଢ଼ିଥିବା ଧାତୁ ଓ ଅଧାତୁ ଅଧ୍ୟାୟର ଧାତୁର ଉଚ୍ଚ ଗମ୍ଭୀର ନାଦ ସମ୍ବନ୍ଧୀୟ ଧର୍ମ। ଏହି ଉପାୟରେ ବିଭିନ୍ନ ପ୍ରତ୍ୟୟ ବା ଧାରଣାଗୁଡ଼ିକୁ ସମନ୍ୱିତ କରାଯାଇପାରେ। ସେ ମଧ ଦୃଷ୍ଟି ବଧିତ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମତାମତ ଦେବାକୁ ଉତ୍ସାହିତ କରିପାରିବେ।***

- ଏବେ, ପୁଣିଥରେ ଷ୍ଟିଲ ଚାମଚ ସାହାଯ୍ୟରେ ଧାତବ ପ୍ଲେଟରେ ଫନ୍ଦ / ପାନ୍ତକୁ ପୁଣିଥରେ ବାଡ଼ାଅ। ବାଡ଼େଇ ସାରିବା ପରେ, ତତ୍କ୍ଷଣାତ୍ ଧାତବ ପ୍ଲେଟର ଫଳକୁ ଆଙ୍ଗୁଳିରେ ଛୁଅ। ତୁମେ କ'ଣ ଅନୁଭବ କରୁଛ ?
- ଧାତମ ପ୍ଲେଟକୁ ଛୁଇଁଲେ କୌଣସି କଂପନ ଅନୁଭବ କରୁଛ କି ?
- ଏହି ପର୍ଯ୍ୟବେକ୍ଷଣରୁ ତୁମେ କୌଣସି ସିଦ୍ଧାନ୍ତ/ ଫଳାଫଳ ପାଉଛ କି ?
- ଧାତବ ପ୍ଲେଟର ଫଳକୁ ପୁଣିଥରେ ବାଡାଅ। ଏହା ଶବ୍ଦ ସୃଷ୍ଟି କରି ସାରିବା ପରେ ଏହାକୁ ଛୁଅଁ। ଏବେ ତୁମେ କମ୍ପନ ଅନୁଭବ କରୁଛ କି ?

ଧାତବ ପ୍ଲେଟର କେଉଁ ଅଂଶଟିରେ କଂପନ ସୃଷ୍ଟି ହେଉଛି – ଶିକ୍ଷକ ପିଲାଙ୍କୁ ପଚାରିବେ। ଧାତବ ପ୍ଲେଟରେ କଂପନ

Module
11

ହେବାରୁ ଧ୍ୱନି / ଶବ୍ଦ ସୃଷ୍ଟି ହେଉଛି । ଏହି ସିଦ୍ଧାନ୍ତରେ ପହଂଚିବାକୁ ଶିକ୍ଷକ ପିଲାମାନଙ୍କୁ ସାହାଯ୍ୟ କରିବେ ।

ଏହି ଧାରଣାକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ, ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନ ଶିକ୍ଷଣ କାର୍ଯ୍ୟକୁ ଦଳରେ ସଂପାଦନ କରିବାକୁ କହିବେ ଓ ଶିକ୍ଷଣ କାର୍ଯ୍ୟ – ୩ କରି ସାରିବା ପରେ ସମାଧାନରେ ପହଂଚିବା ପାଇଁ ଶିକ୍ଷକ ସାହାଯ୍ୟ କରିବେ ।

## ଶିକ୍ଷଣକାର୍ଯ୍ୟ – ୩

### ଶିକ୍ଷଣ ଫଳାଫଳ

ପ୍ରକ୍ରିୟା ଓ ଫଳାଫଳର କାରଣକୁ ସଂପର୍କିତ କରିବେ, ସରଳ ପରୀକ୍ଷା ସଂପାଦନ କରିବେ ।

ଆବଶ୍ୟକୀୟ ସାମଗ୍ରୀ : ରବର ତାର, ଦୁଇଟି ପେନସିଲ ଓ ଗୋଟିଏ କଲମ ପେନସିଲ୍ ଓ ପେନସିଲ୍ ବାକ୍ସ

ଦୁଇଟି ରବର ବ୍ୟାଣ୍ଡ, ସହାୟତାରେ ଶିକ୍ଷକ ଏହି କାର୍ଯ୍ୟ କରାଇବେ ।

- ପେନସିଲ୍ ବାକ୍ସଟିଏ ନିଅ ଏହା ଉପରେ ରବର ବ୍ୟାଣ୍ଡକୁ ଲମ୍ବାଇ ରଖ ।
- ବାକ୍ସ ମଧ୍ୟରେ ଦୁଇଟି ପେନସିଲ୍‌କୁ ରଖ ଓ ରବର ବ୍ୟାଣ୍ଡକୁ ଚିତ୍ରରେ ଦେଖାଯାଇଥିବା ଭଳି ଟାଣି ରଖ ।
- ରବର ବ୍ୟାଣ୍ଡକୁ ମଝିରୁ ଟାଣି ଛାଡ଼ି ଦିଅ ।
- ତୁମେ ଶବ୍ଦ ଶୁଣିପାରିଲ କି ?
- ରବର ବ୍ୟାଣ୍ଡର କଂପନ ସୃଷ୍ଟି ହେଲା କି ?

ଟାଣିରଖାଯାଇଥିବା ରବର ବ୍ୟାଣ୍ଡରେ କଂପନ ହେଲେ ଶବ୍ଦ ସୃଷ୍ଟି ହୁଏ । ଏହା ଜାଣିବା ପାଇଁ ଶିକ୍ଷକ ପିଲାମାନଙ୍କୁ ସାହାଯ୍ୟ କରିବେ ।

### ମୁକ୍ତ ଉତରମୂଳକ ପ୍ରଶ୍ନ

ଏହି କାର୍ଯ୍ୟପରେ ଶିକ୍ଷକ ପଚାରିବେ । କଂପନ ଦ୍ୱାରା ସମସ୍ତ ଶବ୍ଦ ସୃଷ୍ଟି ହୋଇଥାଏ କି ? ଏବଂ ଆଲୋଚନାରେ ଶିକ୍ଷାର୍ଥୀମାନଙ୍କୁ ସଂପୃକ୍ତ କରାଇବେ ।

Module 11

ଶିକ୍ଷାର୍ଥୀମାନେ ମଧ୍ୟ କେତେକ ଉଦାହରଣ ଦେବେ, ଯେଉଁଥିରେ କଂପନ ଦ୍ୱାରା ଶବ୍ଦ ସୃଷ୍ଟି ହେବା ସହଜରେ ଜାଣିହେଉନଥିବ। ଆଲୋଚନାରେ ଶିକ୍ଷାର୍ଥୀମାନଙ୍କ ଭାଗିଦାରୀ ପାଇଁ ଶିକ୍ଷକ ଅନୁମତି ଦେବେ।



ସେ ଆଲୋଚନାକୁ ତଦାରଖ କରିବେ, ଏହା ଶିକ୍ଷକଙ୍କୁ ଚିନ୍ତନ ପ୍ରକ୍ରିୟା ସଂପର୍କରେ ଧାରଣା ପାଇବା ପାଇଁ ବା ପିଲାମାନଙ୍କର ବିକଳ୍ପ ଚିନ୍ତନର ବିକାଶକୁ ପରୀକ୍ଷା କରିବାରେ ସହାୟତ ହେବ।

ଶିକ୍ଷକ ପିଲାମାନଙ୍କୁ ନିମ୍ନଲିଖିତ ଫଳାଫଳ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିବେ, ଯେପରି ଟେବୁଲ୍‌କୁ ସ୍କେଲ ବା ଉଷ୍ଟରରେ, ବାଡ଼େଇଲେ କୌଣସି କଂପନ ହେବାର ଆମେ ଦେଖିପାରୁନାହୁଁ। ତଥାପି ଏଥିରେ କଂପନ ସୃଷ୍ଟି ହୋଇଥାଏ। ଟେବୁଲ ଉପରେ ଚକ୍‌ଗୁଣ୍ଡ ଥୋଇ ବା କଂଚା ଗୋଟା ମୁଗ ଥୋଇ / ବା ଅନ୍ୟ କୌଣସି ଶସ୍ୟ ରଖି ଏହାକୁ କୌଣସି ସ୍କେଲ ବା ଉଷ୍ଟରରେ ବାଡ଼େଇଲେ ଏହି କଂପନକୁ ଲକ୍ଷ୍ୟ କରିହେବ। ଟେବୁଲକୁ ବାଡ଼େଇଲେ ତୁମେମାନେ ଭଲ ଭାବରେ ଚକ୍ ଗୁଣ୍ଡ / ଶସ୍ୟଗୁଡ଼ିକ ଡେଉଁଥିବାର ଲକ୍ଷ୍ୟ କରିପାରିବ। ଟେବୁଲ୍କୁ ବାଡ଼େଇଲେ ଶସ୍ୟମାନଙ୍କର ଡେଇଁବାକୁ ଦୃଷ୍ଟିବାଧିତ ପିଲାମାନେ ମଧ୍ୟ ଲକ୍ଷ୍ୟ କରିପାରିବେ।

ସେହିପରି ବାୟୁ ସ୍ତମ୍ଭମାନଙ୍କର କଂପନର ଉଦାହରଣକୁ ଚଳନଶୀଳ(animation) ଚିତ୍ର ମାଧ୍ୟମରେ ଦେଖାଯାଇପାରିବ।

ଆଲୋଚନା ପରେ ଓ ଆଇ.ସି.ଟି ସାଧନ ବ୍ୟବହାର କରି କେତେକ ଉଦାହରଣର ପ୍ରଦର୍ଶନ ପରେ, ଶିକ୍ଷାର୍ଥୀମାନେ ଏହି ସିଦ୍ଧାନ୍ତରେ ଉପନୀତ ଯେ ବସ୍ତୁରେ କମ୍ପନ ହେଲେ ଧ୍ୱନି ସୃଷ୍ଟି ହୋଇଥାଏ। ଶିକ୍ଷକ ମଧ୍ୟ ଶବ୍ଦ ବର୍ଦ୍ଧକ ତୁଙ୍ଗା। (loud speaker) ଏବଂ ଥର୍ମୋକୁଲ ବଲ୍ ବ୍ୟବହାର କରି କଂପନକୁ ଦେଖାଇପାରିବ।

Module
11

*ସେହିପରି ଆଲୋଚନା ମଧ୍ୟରେ ଆସୁଥିବା ଭ୍ରାନ୍ତଧାରଣା ନିମ୍ନମତେ ହୋଇପାରେ ।*

*ସମସ୍ତ କଂପନ ଶବ୍ଦ ସୃଷ୍ଟି କରେ, ଯେଉଁ ଶବ୍ଦଗୁଡ଼ିକ ମଣିଷକୁ ଶୁଭିଥାଏ । ଏହି ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଶିକ୍ଷକ ସଂପ୍ରସାରିତ ଶିକ୍ଷଣ କାର୍ଯ୍ୟର ବ୍ୟବସ୍ଥା କରିପାରିବେ ।*

## ମାନନିର୍ଦ୍ଧାରଣ

ଶିକ୍ଷକ ପିଲାମାନଙ୍କୁ ନିଜନିଜ ମଧ୍ୟରେ ଆଲୋଚନା କରିବାକୁ ଉତ୍ସାହିତ କରିବେ ଓ ବିଭିନ୍ନ ବାଦ୍ୟଯନ୍ତ୍ରମାନଙ୍କର କଂପନ ସୃଷ୍ଟି ହେଉଥିବା ଅଂଶଗୁଡ଼ିକୁ ସାରଣୀ ୪ ରେ ଲିପିବଦ୍ଧ କରିବାକୁ କହିବେ । ବାଦ୍ୟଯନ୍ତ୍ର ତାଲିକାରେ ଅଧିକ ଯୋଡ଼ାଯାଇପାରେ ବା ବାଦ୍ ଦିଆଯାଇପାରେ ।

ଶିକ୍ଷକ ଫଳାଫଳ – ଧ୍ୱନି ସୃଷ୍ଟିକାରୀ ବସ୍ତୁଗୁଡ଼ିକୁ ଚିହ୍ନଟ କରିବା ଓ ବର୍ଗୀକରଣ କରିବା ।

### ସାରଣୀ – ୪

| କ୍ରମିକ ସଂଖ୍ୟା | ବାଦ୍ୟ ଯନ୍ତ୍ର | ଶବ୍ଦ / ଧ୍ୱନି ସୃଷ୍ଟି ନିମନ୍ତେ କଂପନ ହେଉଥିବା ଅଂଶ |
|---|---|---|
| ୧. | ବୀଣା | ଲମ୍ବିଥିବା ତାର |
| ୨. | ତବଲା | ତବଲାର ପରଦା |
| ୩. | ବଂଶୀ | ବାୟୁ ଯିବା ପାଇଁ ଥିବା କଣା |
| ୪. | ଗିର୍ଜାର | |
| ୫. | ଏକତାରା | |

Module 11

ସ୍ଥାନୀୟ ଅଂଚଳରେ ମିଳୁଥିବା ସମ୍ବଳକୁ ବ୍ୟବହାର କରି ସରଳ ବାଦ୍ୟଯନ୍ତ୍ର ପ୍ରସ୍ତୁତ କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ଅଭିପ୍ରେରିତ କରିବେ।

**ଶିକ୍ଷଣ ଫଳାଫଳ** : ଉପଲବ୍ଧ ସମ୍ବଳ ବ୍ୟବହାର କରି ସୃଜନଶୀଳତା ପ୍ରଦର୍ଶନ କରିବେ; ଦୈନନ୍ଦିନ ଜୀବନରେ ବିଜ୍ଞାନର ଧାରଣାର ଶିକ୍ଷଣକୁ ପ୍ରୟୋଗ କରିବେ।

## ଆସନ୍ତୁ ସାରାଂଶକୁ ଜାଣିବା



ଆପଣଙ୍କ ଶିକ୍ଷାର୍ଥୀଙ୍କୁ ଜାଣନ୍ତୁ

↓

ପ୍ରଶ୍ନ ପଚାରନ୍ତୁ / ପିଲାଙ୍କୁ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରନ୍ତୁ

↓



ପ୍ରକ୍ରିୟାଗତ କୌଶଳ

↓

ଶିକ୍ଷଣ ସମ୍ବଳ

↓

ବ୍ୟବହାର ହେବାକୁ ଥିବା ଶିକ୍ଷାଦାନ – ଶିକ୍ଷଣ କୌଶଳ

↓

ମାନ ନିର୍ଦ୍ଧାରଣ / ଶିକ୍ଷାର୍ଥୀଙ୍କ ମନରେ ହେଉଥିବା ଧାରଣା

↓

ଶିକ୍ଷଣ ଫଳାଫଳ ହାସଲ

- ହଁ → ଶିକ୍ଷକଙ୍କ ହଁ ଚିନ୍ତନ
- ନାହିଁ → ଶିକ୍ଷକଙ୍କ ଚିନ୍ତନ
  - ପରିମାପକ
  - ଅତିରିକ୍ତ କାର୍ଯ୍ୟକ୍ରମ

Module
11

## ୭. ମୁଖ୍ୟ ସାଧନକର୍ମୀ / ଶିକ୍ଷକଙ୍କ ପାଇଁ ପ୍ରସ୍ତାବିତ ଓ କାର୍ଯ୍ୟ

(କ) ଶିକ୍ଷକ ନିଜ ଆଗ୍ରହ ମୁତାବକ ଗୋଟଏ / ଦୁଇଟି ଧାରଣା ଉଚ୍ଚ ପ୍ରାଥମିକ ସ୍ତରର ବିଜ୍ଞାନକୁ ନେଇ ଶ୍ରେଣୀରେ ଶିକ୍ଷାଦାନ - ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବେ, ଯାହା ନିମ୍ନଲିଖିତ ଦିଗକୁ ଗୁରୁତ୍ୱ ଦେବ।

- ଶିକ୍ଷାର୍ଥୀ କୈନ୍ଦ୍ରିକ
- ଶିକ୍ଷଣ ଫଳାଫଳ ସହ ସଂପର୍କିତ କରିବା।
- ମୂଳରୁ ସଂପୃକ୍ତ ଥିବା ମାନ ନିର୍ଦ୍ଧାରଣ
- ଲିଙ୍ଗଗତ ବୈଷମ୍ୟତା, ଅନ୍ତର୍ନିବେଶୀ ଓ ପରିବେଶ ପ୍ରତି ସ୍ପର୍ଶ କାତରକୁ ଗୁରୁତ୍ୱପୂର୍ଣ୍ଣ।

## ଶ୍ରେଣୀ ଶିକ୍ଷାଦାନ :

ଶିକ୍ଷଣ ପ୍ରକ୍ରିୟା ପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ନିମ୍ନଲିଖିତ ଦିଗୁଡ଼ିକୁ ମନେ ରଖିବାକୁ ହେବ।-

ଶ୍ରେଣୀରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉପଯୁକ୍ତ ପରିବେଶ ଯୋଗାଇ ଦିଆଯିବ। ଯଦ୍ୱାରା ଅର୍ଥପୂର୍ଣ୍ଣ ଶିକ୍ଷଣ ସମ୍ଭ ହୋଇପାରିବ।

- ଶ୍ରେଣୀ କାର୍ଯ୍ୟର ଫଳପ୍ରଦତା ଶିକ୍ଷକଙ୍କ ଦ୍ୱାରା ବ୍ୟବହାର ହେଉଥିବା ପଦ୍ଧତି, ଆଲୋଚନର ମାତ୍ରା ଅଧିକ ପାଇଁ ଶିକ୍ଷକଙ୍କ ଯୋଜନା ଉପରେ ନିର୍ଭର କରିଥାଏ।
- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଚିହ୍ନବା ଓ ତାକୁ ଗୁରୁତ୍ୱ ଦେବା ହେଉଛି ସବୁଠାରୁ ମହତ୍ୱପୂର୍ଣ୍ଣ କଥା ଏବଂ ଶିକ୍ଷାର୍ଥୀର ବହୁମୁଖୀ ବୁଦ୍ଧିର ବିକାଶ ପାଇଁ ସୁଯୋଗ ଦେବା ଅତି ଗୁରୁତ୍ୱପୂର୍ଣ୍ଣ।
- ଶିକ୍ଷାର୍ଥୀ ଉତ୍ସୁକତାକୁ ବଜାୟ ରଖିବା ପାଇଁ ଓ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ପାଇଁ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ମଧ୍ୟରେ ବିଭିନ୍ନ ପ୍ରକାରର ପଦ୍ଧତି ବ୍ୟବହାର କରାଯାଇପାରିବ। ଯେଉଁ ଗୁଡ଼ିକ ଶିକ୍ଷାର୍ଥୀର ସମାର୍ଥ୍ୟକୁ ଚିହ୍ନଟ କରିବାରେ ସହାୟକ ହେବ।

- ଶିକ୍ଷଣ ଫଳାଫଳଗୁଡ଼ିକୁ ଭଲ ଭାବରେ ହାସଲ କରିବା ପାଇଁ ଶିକ୍ଷକଙ୍କୁ ନିଜ ଶିକ୍ଷାଦାନ ପ୍ରକ୍ରିୟା ଉପରେ ଚିନ୍ତା କରିବାକୁ ପଡିବ। ଧାରଣାଗୁଡ଼ିକୁ କିପରି ପଢ଼ାଯାଇଛି, ତାହା ବିଶ୍ଳେଷଣ କରିବାକୁ ହେବ ଓ କିପରି ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଉନ୍ନତ କରାଯାଇପାରିବ ବା ପରିବର୍ତ୍ତନ କରାଯାଇପାରିବ ତାହା ଚିନ୍ତା କରିବାକୁ ହେବ।

  (ଖ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟ ମଧ୍ୟରୁ ଯେ କୌଣସି ଗୋଟିକର ଯୋଜନା କରିବାକୁ ହେବ।

**କାର୍ଯ୍ୟ କରିବା / ପ୍ରଦର୍ଶନ କରିବା :**

ଶିକ୍ଷାର୍ଥୀମାନଙ୍କର ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣ କୌଶଳକୁ ପରିପୋଷଣ କରିବା ଓ ଅଭିପ୍ରେରିତ କରିବା ପାଇଁ କାର୍ଯ୍ୟ। ଏହି କାର୍ଯ୍ୟର ପ୍ରକ୍ରିୟା ଓ ଫଳାଫଳ ସଂପର୍କରେ ସାଧାରଣ ଆଲୋଚନା କରାଯାଇପାରେ/ ପ୍ରଦର୍ଶନ ଦ୍ଵାରା ଶିକ୍ଷାର୍ଥୀମାନଙ୍କର ବ୍ୟାଖ୍ୟା କରିବା ଓ ଭାବ ବିନିମୟ କରିବା ଦକ୍ଷତାର ବିକାଶ ହେବ। ଯଦି ଶିକ୍ଷାର୍ଥୀମାନଙ୍କୁ ସେମାନେ ପାଇଥିବା ଫଳାଫଳକୁ କହିବାକୁ ସୁଯୋଗ ଦିଆଯାଏ। ତେବେ ଏହା ସେମାନଙ୍କର ଉତମ ଯୋଗଯୋଗ / ଭାବ ବିନିମୟ କୌଶଳରେ ବିକାଶ କରିବ।

- **ପ୍ରକଳ୍ପ କାର୍ଯ୍ୟ :** ବିଜ୍ଞାନରେ ପ୍ରକଳ୍ପ କାର୍ଯ୍ୟ ସାଧାରଣତଃ ଏକଂ ସଂଗଠିତ ଖୋଜିବା ପ୍ରକ୍ରିୟା, ଯାହା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଆଡକୁ କାର୍ଯ୍ୟକୁ ନେଇଯାଇଥାଏ। ଏହା ଶିକ୍ଷାର୍ଥୀମାନଙ୍କୁ ସମସ୍ୟା ଚିହ୍ନଟ, ସମାଧାନ ପାଇଁ କାର୍ଯ୍ୟକୁ ନେଇଯାଇଥାଏ। ଏହା ଶିକ୍ଷାର୍ଥୀମାନଙ୍କୁ ସମସ୍ୟା ଚିହ୍ନଟ, ସମାଧାନ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ, ସମସ୍ୟା ସମାଧାନର ପନ୍ଥାଗୁଡ଼ିକୁ ଆପଣେଇବା, ଉପଯୁକ୍ତ ସମ୍ବଳ ଚୟନ କରିବା, ନିଜର ଯୋଜନାକୁ କାର୍ଯ୍ୟକାରୀ କରିବା ଓ ତଥ୍ୟ ସୁଚନାକୁ ଆଧାର କରି ସିଦ୍ଧାନ୍ତରେ ପହଂଚିବାରେ ସାହାଟ୍ୟ କରେ। ପ୍ରକ୍ରିୟାରେ, ଶିକ୍ଷାର୍ଥୀମାନେ ବିଜ୍ଞାନର ମୂଳନିୟମକୁ / ପଦ୍ଧତି ଓ ପ୍ରକ୍ରିୟାକୁ ଶଖିବା ସହିତ ବୈଜ୍ଞାନକ ଅନୁସନ୍ଧାନର ସୋପାନଗୁଡ଼ିକୁ ଶିଖିଥାନ୍ତି।

Module
11

## ଶବ୍ଦ ଧନ୍ଦା:

ଶବ୍ଦ ଧନ୍ଦା ଶିକ୍ଷାର୍ଥୀମାନଙ୍କୁ କୌତୁକ ଛଳରେ ଓ ସହଭାଗୀମୂଳକ ଶିକ୍ଷକ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଇଥାଏ, କାରଣ ଶବ୍ଦଧନ୍ଦା ପୂରଣ କରିବା ସମୟରେ ସେମାନେ ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି।

## କ୍ଷେତ୍ରପରିଭ୍ରମଣ:

କ୍ଷେତ୍ର ପରିଭ୍ରମଣ ଏକ ଶୈକ୍ଷଣିକ କାର୍ଯ୍ୟ ଯାହା ଶିକ୍ଷାର୍ଥୀମାନଙ୍କୁ ବାହ୍ୟ ଅଭିଜ୍ଞତା ଦେଇଥାଏ। ଯାହା ଶ୍ରେଣୀ କୋଠରି ମଧ୍ୟରେ ପାଇବା ଶିକ୍ଷାର୍ଥୀମାନଙ୍କ ପାଇଁ ସମ୍ଭବ ହୋଇନଥାଏ। ଶ୍ରେଣୀ ଗୃହରେ ଶିଖିଥିବା ଧାରଣାଗୁଡ଼ିକୁ ଦୈନନ୍ଦିନ ଜୀବନ ଓ ପରିବେଶ ସହ ସଂପର୍କିତ କରିବାରେ ଏହା ସହାୟକ ହୋଇଥାଏ। ଏହା ସେମାନଙ୍କର ପର୍ଯ୍ୟବେକ୍ଷଣ ଓ ତଥ୍ୟ ଲିପିବଦ୍ଧ କରିବାର କୌଶଳର ବିକାଶ କରିଥାଏ। ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ସକ୍ରିୟତା ଓ ଉତ୍ସୁକତା ବୃଦ୍ଧି ହେବା ସହ ସେମାନଙ୍କର ବିଶ୍ଳେଷଣକୁ ଚିନ୍ତନକୁ ବିକାଶିତ କରିଥାଏ। ଏହା ଆବଶ୍ୟକ ନୁହେଁ ଯେ, କ୍ଷେତ୍ରପରିଭ୍ରମଣ ସର୍ବଦା ଦୂରସ୍ଥାନମାନଙ୍କରେ କରାଯିବ। ଏପରିକି ବିଦ୍ୟାଳୟର ବଗିଚାରେ ମଧ କ୍ଷେତ୍ର ପରିଭ୍ରମଣ ହୋଇପାରିବ। ବିଦ୍ୟାଳୟ ନିକଟବର୍ତ୍ତୀ ଅଂଚଳରେ ଅନେକ ମଜାଳିଆ ସ୍ଥାନ ଅଛି ଯେଉଁଠିକୁ ଶିକ୍ଷାର୍ଥୀମାନଙ୍କୁ ନିଆଯାଇ ସଫଳଭାବେ କ୍ଷେତ୍ର ପରିଭ୍ରମଣ କରାଯାଇପାରିବ।

Module 11

## ବିଜ୍ଞାନ ଗବେଷଣାତ୍ମକ ପ୍ରତ୍ରିକା :

ଶିକ୍ଷକ ପିଲାମାନଙ୍କୁ ଗବେଷଣାଭିତ୍ତିକ ପ୍ରତ୍ରିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇପାରିବେ। ପିଲାମାନଙ୍କୁ ସେମାନଙ୍କର ପ୍ରତିଦିନର ଅଭିଜ୍ଞତାଗୁଡ଼ିକୁ ଲେଖି ରଖିବାକୁ ଶିକ୍ଷକ ଉତ୍ସାହିତ କରିପାରିବେ, ଯେଉଁଗୁଡ଼ିକୁ ସେମାନେ ଉପଲବ୍ଧ ସମ୍ବଳ ବ୍ୟବହାର କରି ତଥ୍ୟ ପାଇପାରିବେ। ଶ୍ରେଣୀରେ ପଢ଼ାଯାଉଥିବା ପ୍ରତ୍ୟୟ ଗୁଡ଼ିକ ସହ ସଂପର୍କିତ କରାଯାଇ ପାରିଲେ ଏହି ବିଜ୍ଞାନ ଗବେଷଣାତ୍ମକ ପତ୍ରିକାଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଜ୍ଞାନୀଭିତ୍ତିକ ସନ୍ଧାନର ବିକାଶ ହେବାରେ ସହାୟକ ହୋଇଥାଏ।

## ଭୂମିକା ଅଭିନୟ:

ଭୂମିକା ଅଭିନୟ ଶିକ୍ଷାର୍ଥୀମାନଙ୍କଠାରେ ସାମାଜିକ ଓ ବିଜ୍ଞାନ ଭିତ୍ତିକ ଆଲୋଚନାକୁ ପରିଚାଳନା କରିବାର କୌଶଳର ବିକାଶ କରିଥାଏ। ଏହା ଶିକ୍ଷାର୍ଥୀମାନଙ୍କର ମନୋବଳ ଓ ଯୋଗାଯୋଗା ଦକ୍ଷତାର ବିକାଶ କରିଥାଏ। ଏକ ମଜାଳିଆ / କୌତୁକିଆ କାର୍ଯ୍ୟ ହୋଇଥିବାରୁ ଶିକ୍ଷାର୍ଥୀମାନେ ନିଜର ଭୂମିକା ଭିତରେ ନିଜରେ ହଜାଇ ଦେଇଥାନତି ଓ ପ୍ରକୃତ ଜୀବନର ଭୂମିକା ନିଭାଇଥାନ୍ତି। ଭୂମିକା ଅଭିନୟରେ ସଂପୃକ୍ତ ହେବା ଯୋଗୁ ସେମାନଙ୍କର ଚିନ୍ତନ ପ୍ରକ୍ରିୟା ପ୍ରଭାବିତ୍ ହୋଇଥାଏ।

## ସୃଜାତ୍ମକ ଲିଖନ:

ସୃଜନାତ୍ମକା ଲିଖନର ଉଦ୍ଦେଶ୍ୟ ହେଉଛି ମାନବୀୟ କଳ୍ପନା, ଅଭିଜ୍ଞତାକୁ ଅନ୍ୟମାନଙ୍କ ସହ ଭାବ ବିନିମୟ କରିବା ଯଦ୍ୱାରା ସେମାନେ ନିଜର ଅନେକକୁ ପ୍ରୟୋଗ କରି ଗଳ୍ପ, କବିତା ଗୀତ ପ୍ରଭୃତିକୁ ଲେଖି ନୂତନ ଅଭିନବ ସୃଷ୍ଟି ପ୍ରସ୍ତୁତ କରିବେ।

Module
11

## କୃତୀ (Portfolio ):

ଶିକ୍ଷାର୍ଥୀମାନଙ୍କର କୃତୀ ହେଉଛି ସେମାନଙ୍କର ଜ୍ଞାନ, କୌଶଳ ଓ ମନୋବୃତ୍ତିର ପ୍ରମାଣ। ଏହା ଶିକ୍ଷାର୍ଥୀମାନଙ୍କର ବିକାଶର ଲିଖିତ ପ୍ରମାଣ। ନିର୍ଦ୍ଦିଷ୍ଟ ସମୟ ବା ବର୍ଷ ସାରା ଶିକ୍ଷାର୍ଥୀ ଦ୍ୱାରା ପ୍ରସ୍ତୁତ ହୋଇଥିବା କୃତି ହେଉଛି ତାହାର ପ୍ରକୃତି ବା ଲିଖିତ ବର୍ଣ୍ଣନା। ଶିକ୍ଷାର୍ଥୀକୁ ଦିଆଯାଇଥିବା ପ୍ରତ୍ୟେକ କାର୍ଯ୍ୟ ସଂପାଦନ କରିସାରିବା ପରେ ତାହାର ମାନ ନିର୍ଦ୍ଧାରଣ ସମୟ ବା ବର୍ଷ ସାରା ଶିକ୍ଷାର୍ଥୀଦ୍ୱାରା ପ୍ରସ୍ତୁତ ହୋଇଥିବା କୃତି ହେଉଛି ତାହାର ପ୍ରକୃତି ବା ଲିଖିତ ବର୍ଣ୍ଣନା। ଶିକ୍ଷାର୍ଥୀକୁ ଦିଆଯାଇଥିବା ପ୍ରତ୍ୟେକ କାର୍ଯ୍ୟ ସଂପାଦନ କରିସାରିବା ପରେ ତାହାର ମାନ ନିର୍ଦ୍ଧାରଣ କରିବା ପରେ ତାହା ଶିକ୍ଷାର୍ଥୀର କୃତି ଭାବେ ନିବେଚିତ ହୋଇ ସଂଗୃହୀତ ହୋଇଥାଏ।

## ଘଟଣାବଳୀ ବିବରଣୀ:

ଶିକ୍ଷକଙ୍କ ଦ୍ୱାରା ଦୈନନ୍ଦିନ ଭିତ୍ତିରେ ଶିକ୍ଷାର୍ଥୀର ଅଗ୍ରଗତିର ଲିଖିତ ନିରନ୍ତର ବିବରଣୀ ହେଉଛି ତାହାର ଘଟଣାବଳୀ ବିବରଣୀ। ଏହା ଶିକ୍ଷାର୍ଥୀ ଜୀବନର ପ୍ରମୁଖ ଘଟଣାବଳୀର ବିସ୍ତୃତ ବିବରଣୀକୁ ବର୍ଣ୍ଣନା କରିଥାଏ। ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ମଧ୍ୟରେ ଶିକ୍ଷକ ବେଳେବେଳେ ଅନୁସନ୍ଧିତ୍ସୁ ମୂଳକ ପ୍ରଶ୍ନ ପଚାରିଥାନ୍ତି। ଯେଉଁଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କର ଶ୍ରେଣୀଗୃହ ବାହାରେ ଲକ୍ଷ୍ୟ କରିଥିବା ଉପରେ ପର୍ଯ୍ୟବେସିତ ହୋଇଥାଏ। ସେହି ଘଟଣାବଳୀ ଗୁଡ଼ଇକୁ ଓ ପିଲାମାନଙ୍କର ଉତ୍ତରଗୁଡ଼ିକ ଲିପିବଦ୍ଧ କରି ରଖିଲେ। ତାହା ମାନନିର୍ଦ୍ଧାରଣ ପାଇଁ ଏକ ପ୍ରମୁଖ ସାଧନ ଭାବେ ପରିଗଣିତ ହେବ ଓ ସେମାନଙ୍କୁ ଉପଯୁକ୍ତ ମାନ ଦର୍ଶନ କରାଇବ।

Module
11

## ମୂଲ୍ୟାୟନ

ନିମ୍ନୋକ୍ତ ଆଧାରରେ ମୂଲ୍ୟାୟନ କରାଯାଇପାରେ -

- ଶିକ୍ଷକମାନଙ୍କର ସ୍ୱ-ମୂଲ୍ୟାୟନ ନିମନ୍ତେ ଗୋଟିଏ ସ୍ତରୀକୃତ ପ୍ରୋଫର୍ମା ଦିଆଯାଇପାରେ ।
- କୌଣସି ଏକ ଧାରଣା / ପ୍ରତ୍ୟୟ ଦିଆଯାଇ ତାହାକୁ ପଢ଼ାଇବା ପାଇଁ କୁହାଯାଇପାରେ ଓ ପର୍ଯ୍ୟବେକ୍ଷଣ କରାଯାଇ ପାରେ ।
- କୌଣସି ପ୍ରତ୍ୟୟର ବୋଧଗମ୍ୟତା ପରୀକ୍ଷା କରିବା ପାଇଁ କାର୍ଯ୍ୟ ଦିଆଯାଇପାରେ ।
- ପ୍ରଶ୍ନପତ୍ର ପ୍ରସ୍ତୁତ କରିବା କାର୍ଯ୍ୟ ମଧ୍ୟ ଦିଆଯାଇପାରେ

## ପ୍ରସ୍ତାବିତ ପଠନ


National Council of Education Research and Training National Focus Group Position Paper or Teaching of Science New Delhi.

- 2012, Source Book of assessment in Science classes, VI-VIII, New Delhi
- 2006, Text book of Science, Class VI, New Delhi.
- 2008, Text book of Science, Class VII, New Delhi.
- 2008, Text book of Science, Class VIII, New Delhi.
- 2015, Continues & Comprehensive Education exchange package in Science for the Upper Primary Stage, New Delhi.
- 2017, Learning outcomes of the Elementary stage, New Delhi.


୧୦. ୱେବ - ଭିତ୍ତିକ ସମ୍ବଳ

# ପ୍ରଦର୍ଶିକା - ୧୨

# ସାମାଜିକ ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର

## (ଉଚ୍ଚ ପ୍ରାଥମିକ ସ୍ତର)

Module 12

# ସାମାଜିକ ବିଜ୍ଞାନର ଶୈକ୍ଷିକ ଶାସ୍ତ୍ର (ଉଚ୍ଚ ପ୍ରାଥମିକ ସ୍ତର)

## ସାମଗ୍ରିକ ଦୃଷ୍ଟିଭଙ୍ଗୀ :

ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନର ପରିସର ସାଧାରଣ ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ସାମାଜିକ ବିଜ୍ଞାନର ବିଷୟବସ୍ତୁ ମୁଖ୍ୟତଃ ସ୍ଥାନ ଓ ସମୟ ଭିତ୍ତିରେ ମନୁଷ୍ୟ ଓ ତାହାର ସାମାଜିକ ଓ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଗଠିତ। ପ୍ରାକୃତିକ ଏବଂ ଭୌତିକ ବିଜ୍ଞାନ ଶିକ୍ଷଣରେ ଯେପରି ବୈଜ୍ଞାନିକ ଅନ୍ୱେଷଣ ପଦ୍ଧତି ଅବଲମ୍ବନ କରାଯାଏ, ସାମାଜିକ ବିଜ୍ଞାନରେ ସେପରି ବୈଜ୍ଞାନିକ ଅନ୍ୱେଷଣ ପଦ୍ଧତି ଅବଲମ୍ବନ କରଯାଏ। ସାମାଜିକ ବିଜ୍ଞାନର ପଦ୍ଧତିଗୁଡ଼ିକ କୌଣସି ଗୁଣରେ ଭୌତିକ ବିଜ୍ଞାନର ପଦ୍ଧତିରୁ ଊଣା ନୁହନ୍ତି। ସାମାଜିକ ବିଜ୍ଞାନରେ ଦୃଢ଼ ମାନବୀୟ ମୂଲ୍ୟବୋଧ ଯଥା ସ୍ୱାଧୀନତା, ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନ ଏବଂ ବିବିଧତା ପ୍ରତି ସମ୍ମାନ ଆଦି ସୃଷ୍ଟି କରିବା ପାଇଁ ଏକ ଆଦର୍ଶଗତ ଦାୟିତ୍ୱ ଥାଏ। ସାମାଜିକ ବିଜ୍ଞାନ ଶିକ୍ଷାରେ ମୂଳ ଲକ୍ଷ୍ୟ ହେବା ଉଚିତ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉପଯୁକ୍ତ ନୈତିକ ବୋଧ ଏବଂ ମାନସିକ ଶକ୍ତି ଉଦ୍ରେକ କରିବା ଏବଂ ଏହି ମୂଲ୍ୟବୋଧ ଗୁଡ଼ିକୁ ବିପଦ ସଂକୁଳ କରି ରଖିଥିବା ସାମାଜିକ ଶକ୍ତିଗୁଡ଼ିକ ବିଷୟରେ ସେମାନଙ୍କୁ ସତର୍କ କରାଇବା। (National Focus Group paper on Teaching of Social Sciences NFGTSS, 2005. ଏହି ବିଷୟ ଦ୍ୱାରା ଶିକ୍ଷାର୍ଥୀଙ୍କ ମନରେ ସମ୍ବେଦନଶୀଳତା, ସମାନତା, ସ୍ୱତନ୍ତ୍ରତା, ନ୍ୟାୟ, ଭାତୃତ୍ୱଭାବ, ମର୍ଯ୍ୟାଦା, ବୁହତ୍ୱବାଦ ଓ ଐକତା ଭଳି ମୂଲ୍ୟବୋଧ ସୃଷ୍ଟି ହୋଇଥାଏ। ସାମାଜିକ ବିଜ୍ଞାନ ଅନ୍ତର୍ଗତ ସମସ୍ତ ବିଷୟବସ୍ତୁ ବିଭିନ୍ନ ପ୍ରକାର ଅନୁସନ୍ଧାନମୂଳକ ପଦ୍ଧତି ଉପରେ ପର୍ଯ୍ୟବସିତ ଏହା ମନୁଷ୍ୟର ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାଗୁଡ଼ିକର କାରଣ ଓ ଫଳାଫଳର ବର୍ଣ୍ଣନା, ବିଶ୍ଳେଷଣ, ମୂଲ୍ୟାୟନ ଓ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବକୁ ଏକ ଯୁକ୍ତିସଙ୍ଗତ ଢ଼ଙ୍ଗରେ ଦର୍ଶାଇଥାଏ।

ସାମାଜିକ ବିଜ୍ଞାନ ଶିକ୍ଷଣ ଓ ଶିକ୍ଷାଦାନର ବିଭିନ୍ନ ବିଭାଗରେ ଏହା ପରିବେଶ ସଂକ୍ରାନ୍ତୀୟ ସଚେତନତା, ଶାନ୍ତିଭିତ୍ତିକ ମୂଲ୍ୟବୋଧ, ଲିଙ୍ଗ, ହରିଜନ, ଆଦିବାସୀ ଏବଂ ସଂଖ୍ୟାଲଘୁଙ୍କୁ ଅନୁପ୍ରାଣିତ କରିବାକୁ ପ୍ରଚେଷ୍ଟା କରାଯାଇଛି। ଜାତୀୟ ପାଠ୍ୟକ୍ରମ **ଆଧାର** – ୨୦୦୫ ଏବଂ NFGTSS – ୨୦୦୫ ଅନୁସାରେ ସାମାଜିକ ବିଜ୍ଞାନ ଶୈକ୍ଷିକ ପ୍ରକ୍ରିୟାରେ ଏକ ଜ୍ଞାନ ମିମାଂଶାବାଦୀ ପରିବର୍ତ୍ତନ ଆବଶ୍ୟକ।

**Module 12**

| କ୍ରମିକ ସଂଖ୍ୟା | ଠାରୁ (From) | କୁ (To) |
|---|---|---|
| ୧ | ପାଠ୍ୟପୁସ୍ତକ କେବଳ ତଥ୍ୟର ଉତ୍ସ | ପାଠ୍ୟପୁସ୍ତକ ହେଉଛି ଏକ ପ୍ରସ୍ତାବନ, ଯାହାଦ୍ୱାରା ସମସ୍ୟା ବୁଝିବାକୁ ସହଜ ହୋଇଥାଏ |
| ୨ | ପାଠ୍ୟପୁସ୍ତକ ଏକ ସୀମିତ ସାମଗ୍ରୀ | ପାଠ୍ୟପୁସ୍ତକ ଏକ ପରିବର୍ତ୍ତନଶୀଳ ଦସ୍ତାବିଜ୍ |
| ୩ | ଅତୀତ ଆଧାରରେ ମୁଖ୍ୟସ୍ରୋତ | ଅଧିକ ଦଳ ଓ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । |

ଏହା ପରିକଳ୍ପନା କରାଯାଉଛି ଯେ, ସାମାଜିକ ବିଜ୍ଞାନର ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଦ୍ୱାରା ଶିଶୁ ମନରେ ନିଜ ବିଚାରଧାରା ବାଣ୍ଟିବା ତଥା ଅନ୍ୟମାନଙ୍କର ଚିନ୍ତାଧାରାକୁ ଧୈର୍ଯ୍ୟ ସହକାରେ ଶୁଣି ତାହା ଉପରେ ଗଭୀର ଚିନ୍ତନ କରିବା ସହିତ ନିଜର ଅନୁଭୂତି ଆଧାରରେ ତଥ୍ୟଗୁଡ଼ିକୁ ଗଭୀର ଭାବରେ ବିଶ୍ଳେଷଣ କରି ନିଜ ଭାଷାରେ ପରିପ୍ରକାଶ କରିବା ପାଇଁ ଉତ୍କଣ୍ଠା ଓ ଉତ୍ସାହ ଜାଗ୍ରତ ହେବ । ଏହି ବିଭାଗ ପିଲାମାନଙ୍କୁ ବିଭିନ୍ନ ଧାରଣା ସହିତ ପରିଚିତ କରାଉଛି ଏବଂ ସେମାନେ ନିଜର ଅନୁଭୂତ ଆଧାରରେ ଏହି ଧାରଣାଗୁଡ଼ିକୁ ଅଞ୍ଚଳଭିତ୍ତିରେ ବୁଝିବାକୁ ସୁଯୋଗ ପାଉଛନ୍ତି । ଜଣେ ସହାୟକ ହିସାବରେ ଆମେ ପିଲାମାନଙ୍କ ମଧ୍ୟରେ ଆଲୋଚନା ତର୍କ, ବିଭିନ୍ନ ପୁସ୍ତିକା ପଠନ, ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଶିକ୍ଷାର୍ଥୀକୁ ସାମାଜିକ ବିଜ୍ଞାନ, ପଢ଼ିବା ପାଇଁ ଉତ୍ସାହିତ କରିପାରିବା । ବିଭିନ୍ନ ପ୍ରସଙ୍ଗରେ ଶିକ୍ଷାଦାନ ସମୟରେ ତତ୍‌ସଂପର୍କିତ ଧାରଣାଗୁଡ଼ିକ ପିଲାମାନଙ୍କ ଭାଷାରେ ବୁଝାଇବାରେ ସମସ୍ୟା ସୃଷ୍ଟି ହୋଇପାରେ ଶିକ୍ଷକ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ, ଦ୍ୱିଭାଷୀ ବା ବହୁଭାଷୀ ଶିକ୍ଷଣ ପନ୍ଥା ବ୍ୟବହାର କରି ଧାରଣାଗୁଡ଼ିକ ବୁଝାଇପାରିବେ ।

## ଶିକ୍ଷଣ ଉଦ୍ଦେଶ୍ୟ :

* ବିଭିନ୍ନ ଘଟଣା ସମ୍ବନ୍ଧୀୟ ଧାରାବାହିକତା ଏବଂ ପରିବର୍ତ୍ତନକୁ ପ୍ରଶଂସା କରିବା ପାଇଁ ସାମାଜିକ ବିଜ୍ଞାନର ପ୍ରାସଙ୍ଗିକତାକୁ ବୁଝିବେ ।
* ଏହି ବିଷୟ ପଢ଼ିବା ଦ୍ୱାରା ପ୍ରାକୃତିକ ଓ ସାମାଜିକ ପରିବେଶ ମଧ୍ୟରେ ସମ୍ପର୍କ ସ୍ଥାପନ କରିବେ ।
* ଭାରତୀୟ ସମ୍ବିଧାନରେ ଥିବା ବିଭିନ୍ନ ମୂଲ୍ୟବୋଧ ଯଥା, ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱଭାବ, ଦେଶର ଐକ୍ୟ ଓ ଅଖଣ୍ଡତାକୁ ପ୍ରଶଂସା କରିବା ସହିତ ସାମାଜିକ, ଧର୍ମନିପେକ୍ଷ ଓ ଗଣତାନ୍ତ୍ରିକ ସମାଜ ପ୍ରତିଷ୍ଠା କରିବେ ।
* ବିଭିନ୍ନ ପ୍ରସଙ୍ଗର ଘଟଣାବଳୀ, ପ୍ରାକୃତିକ ଓ ସାମାଜିକ ପ୍ରକ୍ରିୟା ଏବଂ ସମାଜର ବିଭିନ୍ନ ବିଭାଗ ଉପରେ ସେମାନଙ୍କର ପ୍ରଭାବ ତାହାର କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କକୁ ତୁଳନା ଓ ଶ୍ରେଣୀ ବିଭାଗ କରିବେ ।

Module 12

* ବିଭିନ୍ନ ଧାରଣା ଯଥା ବିବିଧତା ମଧ୍ୟରେ ଏକତା, ଗଣତନ୍ତ୍ର, ବିକାଶ, ବିଭିନ୍ନ ପ୍ରକାର କାରକ ଓ ଶକ୍ତି ଯାହା ଆମ କଳା ଓ ସ୍ଥାପତ୍ୟକୁ ସମୃଦ୍ଧି କରୁଛି, ସେହି ବିଷୟରେ ବୁଝାଇବେ।
* ପ୍ରାକୃତିକ ଓ ସାମାଜିକ ଘଟଣାଗୁଡ଼ିକୁ ବୁଝିବା ପାଇଁ ଆବଶ୍ୟକ ହେଉଥିବା ବହୁତ୍ୱବାଦ ପନ୍ଥାଗୁଡ଼ିକ ବୁଝିବେ ଓ ଆଲୋଚନା କରିବେ।
* ବିଭିନ୍ନତା, ଲିଙ୍ଗଗତ ବୈଷମ୍ୟ, ସ୍ୱତନ୍ତ୍ର ଆବଶ୍ୟକ ଥିବା ଶିକ୍ଷାର୍ଥୀ ଓ ସଂଖ୍ୟାଲଘୁ ଗୋଷ୍ଠୀ ପ୍ରତି ସଚେତନତା ଓ ସମ୍ବେଦନଶୀଳତା ଭାବ ପ୍ରଦର୍ଶନ କରିବେ।

## ବିଷୟବସ୍ତୁ ସମ୍ବନ୍ଧୀୟ ସଂକ୍ଷିପ୍ତ ଧାରଣା :

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନର ପରିସର ବିଭିନ୍ନ ବିଷୟବସ୍ତୁ ଯଥା : ଭୂଗୋଳ, ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥନୀତିକୁ ନେଇ ଗଠିତ।

## ଭୂଗୋଳ :

ଭୂଗୋଳ ଶିକ୍ଷା ବିଭିନ୍ନ ଅଞ୍ଚଳ ଓ ଦେଶର ପରସ୍ପର ସହ ନିର୍ଭରଶୀଳତା ଓ ସହ ସଂପୃକ୍ତିକୁ ବୁଝିବା ପାଇଁ ପ୍ରୋତ୍ସାହନ ଦିଏ। ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀମାନେ ମୁଖ୍ୟତଃ ପୃଥିବୀ ହେଉଛି ମନୁଷ୍ୟ ଓ ଅନ୍ୟଜୀବମାନଙ୍କର ବାସସ୍ଥଳୀ, ଏହି ଧାରଣା ସହିତ ପରିଚିତ ହେବେ। ଶିକ୍ଷାର୍ଥୀମାନେ ନିଜ  ଅଞ୍ଚଳ, ରାଜ୍ୟ ଓ ଦେଶକୁ ପୃଥିବୀ ସମ୍ବନ୍ଧୀୟ ପରିସ୍ଥିତି ଆଧାରରେ ଅଧ୍ୟୟନ କରିବେ। ସମକାଳୀନ ଧାରଣା - ଅର୍ଥନୈତିକ ସମ୍ବଳର ବଣ୍ଟନ, ସଂଖ୍ୟାଲଘୁ ଗୋଷ୍ଠୀ ଓ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନେ ସାଂପ୍ରତିକ ବିଶ୍ୱ ସମ୍ବନ୍ଧୀୟ ପ୍ରକ୍ରିୟା ବିଷୟରେ ପରିଚିତ ହେବେ।

## ଇତିହାସ :

ଉଚ୍ଚ ପ୍ରାଥମିକ ସ୍ତରରେ ଇତିହାସ ଶିକ୍ଷଣରେ ମୁଖ୍ୟତଃ ପ୍ରାକ୍ ଇତିହାସ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି।

ଷଷ୍ଠଶ୍ରେଣୀ ଇତିହାସ ପାଠ୍ୟପୁସ୍ତକରେ ପୁରାତନ ପ୍ରସ୍ତର ଯୁଗ ଠାରୁ ଆରମ୍ଭ କରି ଭିନ୍ନ ସାମ୍ରାଜ୍ୟ ବିସ୍ତାର, ତାହାର କଳା, ସ୍ଥାପତ୍ୟ, ସାମାଜିକ ଚଳଣୀ ଇତ୍ୟାଦି ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତରେ ମଧ୍ୟଯୁଗୀୟ ଘଟଣାବଳୀ ଓ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ସ୍ୱାଧୀନତା ପରବର୍ତ୍ତୀ ସମୟରୁ ସାମାଜିକ - ଅର୍ଥନୈତିକ ତଥା ସାଂସ୍କୃତିକ ପରିପ୍ରେକ୍ଷୀ ଗୁଡ଼ିକୁ ଉଲ୍ଲେଖ କରାଯାଇଛି। ଇତିହାସ ପଠନର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀ ପ୍ରତ୍ୟେକ ଯୁଗର ଘଟଣାବଳୀ ଓ ବିକାଶକୁ ଉପଯୁକ୍ତ ଉତ୍ସ ଆଧାରରେ ବୁଝିବେ। ଐତିହାସିକ ତଥ୍ୟ ଓ ଘଟଣାଗୁଡ଼ିକୁ ଭଲ ଭାବରେ ଶିକ୍ଷାର୍ଥୀକୁ ବୁଝେଇବା ପାଇଁ ଶିକ୍ଷକ ଐତିହାସିକ ମାନଚିତ୍ର, ସମୟରେଖା, ପରିସ୍ଥିତି ଅଧ୍ୟୟନ (Case studies) ଇତ୍ୟାଦି ବ୍ୟବହାର କରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ଘଟଣାବଳୀକୁ ସୃଜନାତ୍ମକ ଢ଼ଙ୍ଗରେ ଉପସ୍ଥାପନ କରିବାକୁ ଉତ୍ସାହିତ କରିବେ।

## ସାମାଜିକ ଓ ରାଜନୈତିକ ଜୀବନ :

ଏହି ବିଷୟରେ  ଭାରତୀୟ ଗଣତନ୍ତ୍ର ଓ ଅର୍ଥବ୍ୟବସ୍ଥା ସମ୍ପର୍କିତ ମୁଖ୍ୟଧାରଣା ଓ ଜ୍ଞାନକୁ ବୁଝିବା ଉପରେ ଗୁରୁତ୍ୱ ଦିଏ। ଏଥିରେ ଅନୁଷ୍ଠାନର ପ୍ରକୃତ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି

Module 12

ଯେପରିକି ଜନସାଧାରଣଙ୍କୁ ଦିଆଯିବା ସୁଯୋଗ ଯଥା ପାନୀୟ, ପରିମଳ, ରାସ୍ତା ବିଜୁଳି ଅଦି ଯୋଗାଇବାରେ ସରକାରଙ୍କ ଭୂମିକା ଚିହ୍ନଟ କରିବା ଓ ସେମାନଙ୍କର ଉପଲବ୍ଧତାକୁ ବିଚାର କରିବ । ସମାଜରେ ବିଭିନ୍ନ ବିଭାଗକୁ ପ୍ରଭାବିତ କରୁଥିବା ରାଜନୈତିକ, ଆର୍ଥିକ ଓ ସାମାଜିକ କାରଣକୁ  ପରସ୍ପର ସହ ସଂଯୋଗ କରିବା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ଭାରତୀୟ ସମ୍ବିଧାନର ଆଦର୍ଶ, ଗଣତନ୍ତ୍ର ଓ ଏଥି ସହିତ ଜଡ଼ିତ ଅନୁଷ୍ଠାନର କାର୍ଯ୍ୟକାରିତାକୁ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ।

## ବିଷୟବସ୍ତୁର ଶ୍ରେଣୀଭି ିକ ଶିକ୍ଷଣ ଫଳାଫଳ  - ଏକ ଦୃଷ୍ଟିଭଙ୍ଗୀ

ଉଚ୍ଚ ପ୍ରାଥମିକ ଶ୍ରେଣୀ ସମାପନ ପରେ ଶିକ୍ଷାର୍ଥୀ ସାମାଜିକ ବିଜ୍ଞାନରେ ବିଭିନ୍ନ ପ୍ରସଙ୍ଗରେ ଜ୍ଞାନ, ବୋଧ ଓ କୌଶଳ ହାସଲ କରିବେ ଯାହା ସେମାନଙ୍କୁ ନିମ୍ନ ପାଠ୍ୟକ୍ରମ ପ୍ରତ୍ୟାଶା ହାସଲ କରିବାରେ ସହାୟକ ହେବ ।

ବିଭିନ୍ନ ସମୟ ଓ ସ୍ଥାନ ଆଧାରରେ ରାଜନୈତିକ, ସାମାଜିକ ଓ ଆର୍ଥିକ ସମସ୍ୟା ଯାହା ବ୍ୟକ୍ତିର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଥାଏ ସେଗୁଡ଼ିକ ଚିହ୍ନଟ କରିବ ।

ପୃଥିବୀ ହେଉଛି ମନୁଷ୍ୟ ଓ ଅନ୍ୟ ଜୀବମାନଙ୍କର ବାସସ୍ଥାନ ଅଟେ, ତାହା ବୁଝିବ ।

ଶିକ୍ଷାର୍ଥୀ ନିଜ ଅଞ୍ଚଳ ସହ ପରିଚିତ ହେବ ଏବଂ ଅଞ୍ଚଳ ମଧ୍ୟରେ ଥିବା ପରସ୍ପର ନିର୍ଭରଶୀଳତା ସମ୍ପର୍କରେ ହୃଦୟଙ୍ଗମ କରିବ । (ଅଞ୍ଚଳରୁ ବିଶ୍ୱ)

ଭାରତର ଇତିହାସର ବିଭିନ୍ନ ଯୁଗରେ ହୋଇଥିବା ଐତିହାସିକ ବିକାଶ ଗୁଡ଼ିକୁ ବୁଝିବ ।

ଅଞ୍ଚଳଭିତ୍ତିକ ସମ୍ବଳର ବଣ୍ଟନ ଓ ଏହାର ସଂରକ୍ଷଣକୁ ବୁଝିବ ।

ବିଭିନ୍ନ ଉତ୍ସକୁ ଆଧାର କରି ଐତିହାସିକମାନେ କିପରି ଅତୀତକୁ ଅଧ୍ୟୟନ  କରନ୍ତି ତାହାକୁ ବୁଝିବ ।

ବିଭିନ୍ନ ସ୍ଥାନ / ଅଞ୍ଚଳର ବିକାଶକୁ ସେହି ଅଞ୍ଚଳ କିମ୍ବା ଅନ୍ୟ ଅଞ୍ଚଳ ସହିତ ସମ୍ପର୍କିତ କରି ଐତିହାସିକ ବିବିଧତାକୁ ବୁଝିବ ।

ଦୈନନ୍ଦିନ ଜୀବନରେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ ଓ ଏହାର  ଗୁରୁତ୍ୱକୁ ଉପଲବ୍ଧି କରିବ ।

ଭାରତୀୟ ଇତିହାସର ବିଭିନ୍ନ ସମୟର ଐତିହାସିକ ବିକାଶକୁ ବୁଝିବ ।

ଭାରତୀୟ ଗଣତନ୍ତ୍ରର କାର୍ଯ୍ୟକାରିତା, ଏହାର ବିଭିନ୍ନ ଅନୁଷ୍ଠାନ ଏବଂ ଆଂଚଳିକ, ରାଜ୍ୟ ଓ କେନ୍ଦ୍ର ସ୍ତରରେ ଏହାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରିବ ।

ବିଭିନ୍ନ ସାମାଜିକ ତଥା ଆର୍ଥିକ ଅନୁଷ୍ଠାନ ଯଥା : ପରିବାର, ହାଟ, ବଜାର, ଓ ସରକାରଙ୍କ ଭୂମିକା ସହିତ ପରିଚିତ ହେବ ।

ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ପରିବେଶ କାର୍ଯ୍ୟକ୍ରମ ପ୍ରତି ସମାଜର ବିଭିନ୍ନ ବିଭାଗର ଅବଦାନ ଗୁଡ଼ିକ ଚିହ୍ନଟ କରିବ ।

ଶିକ୍ଷାର୍ଥୀ ଇତିହାସ, ଭୂଗୋଳ, ଅର୍ଥନୈତିକ ଓ ରାଜନୀତି ବିଜ୍ଞାନ ଦୃଷ୍ଟିକୋଣରୁ ବିଭିନ୍ନ ଘଟଣାବଳୀ-ପ୍ରାକୃତିକ ବିପର୍ଯ୍ୟୟ, କୃଷି ଏବଂ ଜୀବିକାକୁ ବିଶ୍ଳେଷଣ କରିବ ।

## ଶ୍ରେଣୀ ଭିତ୍ତିକ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ ଶୈକ୍ଷିକ କାର୍ଯ୍ୟଧାରା :

ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟଧାରା, ଶିକ୍ଷାର୍ଥୀଙ୍କୁ ଯୋଡ଼ିରେ, ଦଳରେ ଓ ବ୍ୟକ୍ତିଗତ ଭାବେ

Module 12

| ଶ୍ରେଣୀ | ପ୍ରସ୍ତାବିକ ଶୈକ୍ଷିକ କାର୍ଯ୍ୟଧାରା | ଶିକ୍ଷଣ ଫଳାଫଳ |
| --- | --- | --- |
| ଷଷ୍ଠ | * ପୃଥିବୀର ଗତିକୁ ବୁଝିବା ନିମନ୍ତେ ରେଖାଚିତ୍ର, ନମୁନା ଓ ଦୃଶ୍ୟଶ୍ରାବ୍ୟ ସାମଗ୍ରୀର ବ୍ୟବହାର କରିବ।<br><br>* ଜ୍ୟୋର୍ତିବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଘଟଣାବଳୀକୁ ବୁଝିବା ପାଇଁ ବାପା, ମା', ଶିକ୍ଷକ ଓ ଗୁରୁଜନଙ୍କ ତତ୍ତ୍ୱାବଧାନରେ, ଗ୍ରହ, ଉପଗ୍ରହ (ଚନ୍ଦ୍ର), ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣକୁ ଅନୁଧ୍ୟାନ କରିବ।<br><br>* ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନକୁ ବୁଝିବା ନିମନ୍ତେ ଐତିହାସିକ ମାନେ କିପରି ବିଭିନ୍ନ ଉତ୍ସ ବା ଆଧାରରୁ ପ୍ରାପ୍ତ ଚିତ୍ର ଓ ଅଙ୍କିତ ଛବିକୁ ବ୍ୟବହାର କରିଥିଲେ ତାହାକୁ ପଢ଼ି ବର୍ଣ୍ଣନା ଓ ଆଲୋଚନା କରିବ।<br><br>* ମାନଚିତ୍ରରେ ପ୍ରସିଦ୍ଧ ସ୍ଥାନ ଚିହ୍ନଟ କରିବେ, ଯଥା : ଶିକାର ଓ ଖାଦ୍ୟଦ୍ରବ୍ୟ ଉତ୍ପାଦନ କରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ଥାନ, ହରପ୍ପା ସଭ୍ୟତା ଜନପଦ, ମହାଜନପଦ, ବିଭିନ୍ନ ସାମ୍ରାଜ୍ୟ, ବୁଦ୍ଧ ଓ ମହାବୀରଙ୍କ ଜୀବନ ସହ ସଂପୃକ୍ତ ଥିବା ସ୍ଥାନ, କଳା ଓ ସ୍ଥାପତ୍ୟ ଭାରତ | * ଗ୍ଲୋବ ଓ ପୃଥିବୀ ମାନଚିତ୍ରରେ ମୁଖ୍ୟ ଅକ୍ଷାଂଶ ଓ ଦ୍ରାଘିମା ଗୁଡ଼ିକୁ ଯଥା - ମେରୁ, ବିଷୁବ ରେଖା, କ୍ରାନ୍ତିରେଖା, ଭାରତର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତର ଅନ୍ୟାନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ଚିହ୍ନଟ କରିବ।<br><br>* ପାରିପ୍ରେକ୍ଷିକ ଅଞ୍ଚଳର ମାନଚିତ୍ର ଅଙ୍କନ କରି ସେଥିରେ ମାନଚିତ୍ରର ମାନ, ଦିଗ ଓ ବିଭିନ୍ନ ଭୂମିରୂପ ପାଇଁ ପ୍ରଚଳିତ ସଙ୍କେତଗୁଡ଼ିକୁ ବ୍ୟବହାର କରି ଦର୍ଶାଇବ।<br><br>* ବିଭିନ୍ନ ଉତ୍ସ ( ଯଥା : ପ୍ରତ୍ନତାତ୍ତ୍ୱିକ, ସାହିତ୍ୟ ଇତ୍ୟାଦି) କୁ ଚିହ୍ନଟ କରି ଏବଂ ସାମ୍ପ୍ରତିକ ଇତିହାସର ପୁନର୍ଗଠନ ନିମନ୍ତେ ସେମାନଙ୍କର ବ୍ୟବହାରକୁ ବର୍ଣ୍ଣନା କରିବ।<br>* ଭାରତର ରେଖାଙ୍କିତ ମାନଚିତ୍ରରେ ପ୍ରସିଦ୍ଧ ଐତିହାସିକ ସ୍ଥଳଗୁଡ଼ିକୁ |

Module 12

| ଶ୍ରେଣୀ | ପ୍ରସ୍ତାବିକ ଶୈକ୍ଷିକ କାର୍ଯ୍ୟଧାରା | ଶିକ୍ଷଣ ଫଳାଫଳ |
|---|---|---|
| ସପ୍ତମ | ବାହାରରେ ବିଭିନ୍ନ ସ୍ଥାନ ଯାହା ଭାରତର ଯୋଗାଯୋଗ ଥିଲା ।<br><br>* ବିବିଧତା, ପକ୍ଷପାତିତା, ସରକାର ଓ ଜୀବିକା ସମ୍ପର୍କୀତ ଧାରଣାଗୁଡ଼ିକର ଆଲୋଚନାରେ ଅଂଶଗ୍ରହଣ କରିବ । | ଚିହ୍ନଟ କରିବ ।<br>* ବିଭିନ୍ନ ପ୍ରକାରର ପକ୍ଷପାତିତା (ଭେଦଭାବ) କୁ ଚିହ୍ନଟ କରିବ ଏବଂ ପକ୍ଷପାତିତାର ପ୍ରକୃତି ଓ ଉତ୍ସକ ବୁଝିବ । |
| | * ପରିବାର ବିଦ୍ୟାଳୟ, ସମାଜ ଇତ୍ୟାଦିରେ ଲୋକମାନଙ୍କୁ ମିଳୁଥିବା ଉପଯୁକ୍ତ କିମ୍ୱା ଅନୁପଯୁକ୍ତ ବ୍ୟବହାର ଗୁଡ଼ିକୁ ଅନୁଧ୍ୟାନ କରି ସେଗୁଡ଼ିକର ଉଦାହରଣ ଦେବ । | * ଅନ୍ୟମାନଙ୍କୁ ସୁସ୍ଥ ଭଲ ଭାବେ ଆଚରଣ ପ୍ରଦର୍ଶନ ନିମେନ୍ତ ବିଭିନ୍ନ ପ୍ରକାରର ସମସ୍ତ ଅସମତା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ । |
| | * ଐତିହାସିକ ସ୍ଥାନ ? ସାମ୍ରାଜ୍ୟ, ଜଳବାୟୁ ପ୍ରଭାବିତ ଭିନ୍ନ ଅଂଚଳ ଓ ସମ୍ୱଳର ଉତ୍ସ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗ୍ଲୋବ ଓ ମାନଚିତ୍ରକୁ ଅନୁଧ୍ୟାନ କରିବ । | * ପରିବେଶର ବିଭିନ୍ନ ଉପାଦାନ ଓ ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କକୁ ବର୍ଣ୍ଣନା କରି । |
| | * ପୃଥିବୀର ଭୂଆଭ୍ୟନ୍ତର, ବିଭିନ୍ନ ପ୍ରକାର ଭୂମିରୂପ ଗଠନ, ସମୁଦ୍ର ଜଳର ସଂଚାଳନ ଇତ୍ୟାଦିକୁ ବୁଝିବା ପାଇଁ ଚିତ୍ର, ମଡ଼େଲ, ଦୃଶ୍ୟ, ଦୃଶ୍ୟ-ଶ୍ରାବ୍ୟ ସମ୍ୱଳ ବ୍ୟବହାର କରିବ । | * ସେମାନଙ୍କ ଚତୁଃପାର୍ଶ୍ୱରେ ହେଉଥିବା ପ୍ରଦୂଷଣର କାରଣଗୁଡ଼ିକୁ ବିଶ୍ଳେଷଣ କରିବେ ଓ ତାହାର ନିରାକରଣ ପାଇଁ ଉପାୟ ଗୁଡ଼ିକର ତାଲିକା ପ୍ରସ୍ତୁତ କରିବ । |
| | * ବିଭିନ୍ନ ଐତିହାସିକ ଉତ୍ସ ଯଥା : ପୁସ୍ତକ, ସ୍ଥାନୀୟ ଅ ଳର ପାଣ୍ଡୁଲିପି / ମାନଚିତ୍ର - ଶ୍ରେଣୀ ଦୃଷ୍ଟାନ୍ତ / ଚିତ୍ରକଳା, ଆତ୍ମଜୀବନୀ ନାଟକ, | * ବିଭିନ୍ନ ଐତିହାସିକ ଯୁଗର ଅଧ୍ୟୟନ ପାଇଁ |

Module 12

| ଶ୍ରେଣୀ | ପ୍ରସ୍ତାବିକ ଶୈକ୍ଷିକ କାର୍ଯ୍ୟଧାରା | ଶିକ୍ଷଣ ଫଳାଫଳ |
|---|---|---|
| ଅଷ୍ଟମ | * ଧାରାବାହିକ, ଲୋକନାଟକ ଇତ୍ୟାଦିକୁ ଚିହ୍ନଟ କରିବ ଓ ଐତିହାସିକ ସମୟକୁ ବୁଝିବା ପାଇଁ ଉତ୍ସଗୁଡ଼ିକୁ ବର୍ଣ୍ଣନା କରିବ। | * ବ୍ୟବହୃତ ହେଉଥିବ ଉତ୍ସ ଗୁଡ଼ିକର ଉଦାହରଣ ଦେବେ। |
| | * ନୂତନ ବଂଶର ଅଭ୍ୟୁଦୟ ସହିତ ପରିଚିତ ଓ ସେହି ସମୟର ଗୁରୁତ୍ୱପୂର୍ଣ୍ଣ ବିକାଶକୁ ବୁଝିବା ପାଇଁ ସମୟରେଖାର ପ୍ରସ୍ତୁତି | * ମଧ୍ୟଯୁଗୀୟ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ବିକାଶଗୁଡ଼ିକୁ ଏକ ସ୍ଥାନ ସହ ଅନ୍ୟସ୍ଥାନରେ ସମ୍ପର୍କିତ କରିବ। |
| | * ଗ୍ରାମାଞ୍ଚଳ ଓ ସହରା ଳରେ ଥିବା ଝିଅ ଓ ନାରୀମାନଙ୍କ ଜୀବନ ଶୈଳୀ ଉପରେ ଥିବା ନିଜର ମତାମତକୁ ବର୍ଣ୍ଣନାତ୍ମକ ଓ ବିଶ୍ଳେଷଣାତ୍ମକ ଲେଖନୀ ଦ୍ୱାରା ପ୍ରକାଶ କରିବ। | * ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ନାରୀମାନଙ୍କୁ ଚିହ୍ନଟ କରିବେ। * ଉପଯୁକ୍ତ ଉଦାହରଣ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ନାରୀମାନଙ୍କର ଅବଦାନକୁ ବର୍ଣ୍ଣନା କରିବେ। |
| | * ଉନ୍ନତ ସମାଜ ପାଇଁ କାର୍ଯ୍ୟ କରୁଥିବା ନାରୀମାନଙ୍କ ସମ୍ପର୍କରେ ମୌଖିକ ଓ ଲିଖିତ କାର୍ଯ୍ୟମାଧ୍ୟମରେ ଉପସ୍ଥାପନ କରିବ। | * ଜଙ୍ଗଲର ନିଆଁ ଲାଗିବା, ଭୂସ୍ଖଳନ, ଶିଳ୍ପ ଜନିତ ବିପର୍ଯ୍ୟୟର କାରଣ ଓ ବିପର୍ଯ୍ୟୟ ହ୍ରାସର ଉପାୟ ବର୍ଣ୍ଣନା କରିବ। |
| | * ନିଜର ଆଖପାଖ ଅଞ୍ଚଳ, ଜିଲ୍ଲା କିମ୍ୱା ରାଜ୍ୟରେ ହେଉଥିବା ବିଭିନ୍ନ ପ୍ରକାର କୃଷି କାର୍ଯ୍ୟର ଅନୁସନ୍ଧାନ କରିବେ ଓ କୃଷକମାନଙ୍କ ସହ ଆଲୋଚନା କରିବେ। | * ପୃଥିବୀ ମାନଚିତ୍ରରେ ମୁଖ୍ୟ ଖଣିଜ ଯଥା : କୋଇଲା |
| | * ବିଭିନ୍ନ ଚିତ୍ର/ ଖବର କାଗଜ / ଭିଡ଼ିଓ (Video) ର ବ୍ୟବହାର କରି | |

Module 12

| ଶ୍ରେଣୀ | ପ୍ରସ୍ତାବିକ ଶୈକ୍ଷିକ କାର୍ଯ୍ୟଧାରା | ଶିକ୍ଷଣ ଫଳାଫଳ |
|---|---|---|
| | * ଉପଲବ୍ଧ ପ୍ରାକୃତିକ ସମ୍ବଳ ସହ ପରିଚିତ ହେବ ଓ ତାହାର ସୁରକ୍ଷା କରିବ। ଅନ୍ୟ ରାଜ୍ୟ / ଦେଶର କୃଷି କାର୍ଯ୍ୟ ସମ୍ବନ୍ଧରେ ପରିଚିତ ହେବ। | * ଓ ଖଣିଜ ତୈଳ ବ ନର ସ୍ଥାନ ଚିହ୍ନଟ କରିବ। |
| | * ବିଭନ୍ନ ସମସ୍ୟା ଓ ଘଟଣା ଆଧାରିତ ପ୍ରଶ୍ନ ଉତ୍ଥାପନ କରିବ, ଯଥା :- ଇଂରେଜର ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତର ଶାସକମାନଙ୍କ ମଧ୍ୟରେ ଥିବା କଳହରେ ନିଜେ ସାମିଲ ହେବାକୁ କାହିଁକି ଅନୁଭବ କଲା ?<br>* ବିଭିନ୍ନ ପ୍ରସିଦ୍ଧ ଐତିହାସିକ ସ୍ଥଳ, ଯାହା ବିଶେଷ ଭାବରେ ଉପନିବେଶ ପ୍ରଶାସିତ ଓ ଭାରତର ଜାତୀୟ ଆନ୍ଦୋଳନ ସହ ସଂପୃକ୍ତ ଅଟେ, ତାହାକୁ ପରିଦର୍ଶନ କରିବ।<br>* ପ୍ରଥମ ଅଭିଯୋଗ ଦାଖଲ ଫର୍ଦ୍ଦ (FIR) ର ବିଷୟବସ୍ତୁକୁ ଅନୁଧ୍ୟାନ କରିବ।<br>* ମକଦ୍ଦମାରେ ସଂପୃକ୍ତ ପକ୍ଷକୁ ଯଥୋଚିତ ନ୍ୟାୟ ପ୍ରଦନ କରିବାରେ ବିଚାରପତିଙ୍କ ଭୂମିକାକୁ ବର୍ଣ୍ଣନାତ୍ମକ ଓ ସମାଲୋଚକ ଢ଼ଙ୍ଗରେ ପ୍ରକାଶ କରିବ। | * ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ କିପରି ସବୁଠାରୁ ଶକ୍ତିଶାଳୀ ହୋଇ ଉଠିଲା ତାହା ବର୍ଣ୍ଣନା କରିବ।<br>* ଦେଶର ବିଭିନ୍ନ ଅଞ୍ଚଳରେ ଔପନିବେଶିକ କୃଷିର ସମ୍ବନ୍ଧୀୟ ନିୟମ ଓ ତାହାର ପ୍ରଭାବର ଭିନ୍ନତାକୁ ବର୍ଣ୍ଣନା କରିବ। ଉଦାହରଣ - ନୀଳ ଆନ୍ଦୋଳନ (ଇଣ୍ଡିଗୋ ରିବେଲିଅନ୍)<br>* ଆଇନ୍ ପ୍ରସ୍ତୁତିର ପ୍ରକ୍ରିୟାକୁ ବର୍ଣ୍ଣନା କରିବ। (ଉଦାହରଣ ସ୍ୱରୂପ : ପାରିବାରିକ ହିଂସା ଅଧୀନିୟମ, ସୂଚନା ଅଧିକାର ଅଧୀନିୟମ, ଶିକ୍ଷା ଅଧିକାର ଅଧୀନିୟମ)<br>* କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମାର ଉଦାହରଣ ଦେଇ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କାର୍ଯ୍ୟଧାରା ବର୍ଣ୍ଣନା କରିବ। |
| | | |

Module
12

বিভিন্ন কার্য্য করিবাকু সুযোগ সৃষ্টি করিবা সহ উত্সাহিত করিব।



## ସାମାଜିକ ବିଜ୍ଞାନ ଶିକ୍ଷାଦାନ ଶିକ୍ଷଣର ଉଦାହରଣ : ୧

ପ୍ରସଙ୍ଗ – ଗ୍ଲୋବ : **ଅକ୍ଷାଂଶ ଓ ଦ୍ରାଘିମା**

### ପ୍ରଦର୍ଶିକାରେ ପ୍ରସଙ୍ଗର ରୂପରେଖ :

ଏହି ପ୍ରଦର୍ଶିକାଟି ଷଷ୍ଠ ଶ୍ରେଣୀରେ ଆଲୋଚନା କରାଯାଇଥିବା ଶିକ୍ଷଣ ଫଳାଫଳ ଉପରେ ପର୍ଯ୍ୟବସିତ। ଏଠାରେ ପାରସ୍ପରିକ ଆଦାନପ୍ରଦାନ ଓ ସହଭାଗୀ ଶିକ୍ଷାର୍ଥୀ କେନ୍ଦ୍ରିକ ପ୍ରକ୍ରିୟା ମାଧ୍ୟମରେ ଅକ୍ଷାଂଶ ଓ ଦ୍ରାଘିମା ଧାରଣାକୁ ବୁଝିବା ପାଇଁ ଗୁରୁତ୍ୱ ଦିଆଯାଇଛି। ପ୍ରଦର୍ଶିକାରେ ନିରନ୍ତର ମାନନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଛି।

### ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଧାରଣାଟି ଉପସ୍ଥାପନ ପରେ ଶିକ୍ଷାର୍ଥୀ ନିମ୍ନ ଉଦ୍ଦେଶ୍ୟଗୁଡ଼ିକ ଚିହ୍ନଟ କରିବାରେ ସମର୍ଥନ ହେବ :-

* ଅକ୍ଷାଂଶ
* ଦ୍ରାଘିମା
* ଅକ୍ଷାଂଶ ଓ ଦ୍ରାଘିମା ମଧ୍ୟରେ ପାର୍ଥକ୍ୟ
* ଉତ୍ତର ମେରୁ ଓ ଦକ୍ଷିଣମେରୁ
* ବିଷୁବ ବୃତ୍ତ
* କର୍କଟ କ୍ରାନ୍ତି
* ମକର କ୍ରାନ୍ତି
* ମୂଳ ମଧ୍ୟାହ୍ନ (୦ ଡ଼ିଗ୍ରୀ ଦ୍ରାଘିମା)
* ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ଗ୍ଲୋବରେ ସ୍ଥାନ ନିରୂପଣ
* ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ମାନଚିତ୍ର ଓ ଆଟଲାସର ସ୍ଥାନ ନିରୂପଣ ।

### ଶ୍ରେଣୀଭିତ୍ତିକ ଶିକ୍ଷଣ ଫଳାଫଳ :

ଗ୍ଲୋବ ହେଉଛି ପୃଥିବୀର ଅବିକଳ କ୍ଷୁଦ୍ର ପ୍ରତିରୂପ। ଅକ୍ଷାଂଶ ଓ ଦ୍ରାଘିମା ଗ୍ଲୋବର ମୁଖ୍ୟ ଅଂଶ ଅଟେ। ଯାହା ପୃଥିବୀ ପୃଷ୍ଠରେ କୌଣସି ଏକ ସ୍ଥାନ ନିରୂପଣ କରିବା ପାଇଁ ସହାୟକ ହୋଇଥାଏ। ପୃଥିବୀ ପୃଷ୍ଠରେ ବିଭିନ୍ନ ସ୍ଥାନ ନିରୂପଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କର ସ୍ଥାନ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି କରିବା ଆବଶ୍ୟକ ରହିଛି।

ଶିକ୍ଷଣ ଫଳାଫଳ ହାସଲକରିବା ନିମନ୍ତେ କାର୍ଯ୍ୟଧାରା ସମ୍ବନ୍ଧୀୟ ସୂଚନା :

ଶିକ୍ଷାର୍ଥୀ ଯେପରି ଗ୍ଲୋବ ଓ ପୃଥିବୀ ମାନଚିତ୍ରରେ ଅକ୍ଷାଂଶ ଓ ଦ୍ରାଘିମା ଚିହ୍ନଟ କରିବେ, ସେଥିପାଇଁ ବିଭିନ୍ନ ପ୍ରକାର ଶୈକ୍ଷିକ ପ୍ରକ୍ରିୟାର ଗ୍ରହଣ କରାଯାଇପାରିବ। ଶିକ୍ଷାର୍ଥୀ ଗ୍ଲୋବ ଓ

Module 12

ମାନଚିତ୍ରର ବ୍ୟବହାର ବାରମ୍ବାର କରିବା ପାଇଁ ଶିକ୍ଷକ ସୁଯୋଗ ସୃଷ୍ଟି କରିବା ଉଚିତ୍ ।

ଶ୍ରେଣୀଗୃହ ପରିଚାଳନାରେ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବା ପାଇଁ ବିଭିନ୍ନ ନମୁନା (ମଡ଼େଲ) ଯଥା : ସ୍ପର୍ଶାନୁଭୂତି ଗ୍ଲୋବ, ସ୍ପର୍ଶାନୁଭୂତି ମାନଚିତ୍ର, ଅକ୍ଷାଂଶ ଓ ଦ୍ରାଘିମା ଥିବା 3 D ମଡ଼େଲ ଓ କଳାପଟା କିମ୍ବା କାଗଜରେ ଗ୍ରୀଡ଼ର ଚିତ୍ର ଇତ୍ୟାଦିକୁ ବ୍ୟବହାର କରାଯାଇପାରିବ । ଶିକ୍ଷାର୍ଥୀଙ୍କୁ ଧାରଣାଗୁଡ଼ିକୁ ବୁଝିବା ସମୟରେ ଶିକ୍ଷକ ସ୍ଥାନୀୟ ଭାଷାର ପ୍ରୟୋଗ ପାଇଁ ପ୍ରଚେଷ୍ଟା କରିବ ଉଚିତ୍ । ଶିକ୍ଷକ ଶିକ୍ଷାର୍ଥୀଙ୍କର । ମାନ ନିର୍ଦ୍ଧାରଣ କରିବା ସମୟରେ ଶିକ୍ଷାର୍ଥୀ ପଚାରୁଥିବା ପ୍ରଶ୍ନର ଉପଯୁକ୍ତତା ଓ ଅନ୍ୟ ସମ୍ପର୍କିତ ଧାରଣା ସହ ସଂଯୋଗ ସ୍ଥାପନ, ଶିକ୍ଷାର୍ଥୀର ଜିଜ୍ଞାସା ଓ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ଶିକ୍ଷାର୍ଥୀର ସକ୍ରିୟ ଅଂଶଗ୍ରହଣ ତଥା ସମସ୍ୟା ସମାଧାନ କୌଶଳ ଆଦିକୁ ଗୁରୁତ୍ୱ ଦେବେ ।

### ଶିକ୍ଷଣ କାର୍ଯ୍ୟ – ୧ :

ଶିକ୍ଷକ ପ୍ରଥମେ ପୃଥିବୀର ଚିତ୍ର ଦେଖାଇ ପ୍ରସଙ୍ଗଟିକୁ ଆରମ୍ଭ କରିବେ । ଶିକ୍ଷକ, ଶିକ୍ଷାର୍ଥୀଙ୍କୁ କେବେ ଟି.ଭି. କିମ୍ବା **ବହିରେ ମହାକାଶରୁ** ଉଠାଯାଇଥିବା ପୃଥିବୀର ଚିତ୍ର ଦେଖିଛନ୍ତି କି ପଚାରିବେ । ଚିତ୍ରରେ ଦେଖାଯାଉଥିବା ରଙ୍ଗ ଓ ପୃଥିବୀର ଆକୃତି ବିଷୟରେ ମଧ୍ୟ ଅନୁସନ୍ଧାନ କରିବାକୁ କହିବେ ।

ଶିକ୍ଷାର୍ଥୀ କରୁଥିବା ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବେ ।



Fig : 1.1 **: ଶିକ୍ଷାର୍ଥୀମାନେ ଶ୍ରେଣୀଗୃହରେ ଗ୍ଲୋବକୁ ପର୍ଯ୍ୟବେକ୍ଷଣ କରୁଛନ୍ତି ।**

ଗ୍ଲୋବ ପୃଥିବୀର ଏକ କ୍ଷୁଦ୍ର ପ୍ରତିରୂପ ଅଟେ । ଏହାକୁ ପ୍ରଥମେ ଶ୍ରେଣୀ ଗୃହରେ ଶିକ୍ଷକ ପରିଚିତ କରାଇବେ । ଛୋଟ ଛୋଟ ମିଶ୍ରଦକ୍ଷତା ଭିତ୍ତିକ ଦଳ ଗଠନ କରିବେ ଓ ପ୍ରତ୍ୟେକ ଦଳକୁ ଗ୍ଲୋବଟିକୁ ସ୍ପର୍ଶ କରି ଅନଧ୍ୟାନ କରିବା ପାଇଁ ଉତ୍ସାହିତ କରିବେ । ଶିକ୍ଷାର୍ଥୀଙ୍କର ଚିନ୍ତନକୁ ଜାଗ୍ରତ କରିବା ପାଇଁ ଗ୍ଲୋବର ବିଭିନ୍ନ ସ୍ଥାନ, ରେଖା ଓ ରଙ୍ଗକୁ ସ୍ପର୍ଶ କରିବାକୁ କହିବେ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜର ଅନୁଭୂତିକୁ ଉପସ୍ଥାପନା କରିବାକୁ କହିବେ ।

**କୁଇଜ୍** – ଶିକ୍ଷକ ଗୋଟିଏ ସେଟ୍ କାର୍ଡ ଚିଟ୍ ପ୍ରସ୍ତୁତ କରିବେ । ପ୍ରତ୍ୟେକ ଚିଟରେ / କାର୍ଡ଼ରେ ପୃଥିବୀ କିମ୍ବା ଭାରତର ଯେ କୌଣସି ଗୋଟିଏ ସ୍ଥାନର ନାମ ଲେଖାଯିବ । ପ୍ରତ୍ୟେକ ଶିକ୍ଷାର୍ଥୀ ଗୋଟିଏ ଲେଖାଏଁ ଚିଟ୍ ଉଠାଇବେ ଓ ସେଥିରେ ଲେଖାଥିବା ସ୍ଥାନକୁ ଗ୍ଲୋବ କିମ୍ବା ପୃଥିବୀ ମାନଚିତ୍ରରେ ଦର୍ଶାଇବେ ।

Module
12

ସେମାନଙ୍କର ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରାଯିବ।

**ଶିକ୍ଷାର୍ଥୀଙ୍କ ମାନନିର୍ଦ୍ଧାରଣ ପାଇଁ ସୂଚକ :**

* ଶିକ୍ଷାର୍ଥୀ ଗ୍ଲୋବର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକୁ ଚିହ୍ନଟ ପାଇଁ କରୁଥିବା ପ୍ରଚେଷ୍ଟାକୁ ଗୁରୁତ୍ୱ ଦିଆଯିବ।
* ଶିକ୍ଷାର୍ଥୀମାନେ ସେମାନଙ୍କ ମଧ୍ୟରେ ସହଯୋଗୀତା, ସମାନୁଭୂତି ଓ ସୂଚନାର ଆଦାନ ପ୍ରଦାନ କରୁଥିବେ।

**ଉତ୍ତରମେରୁ**



**ଦକ୍ଷିଣମେରୁ** **ସ୍ପର୍ଶାନୁଭୂତି ଗ୍ଲୋବ**

**Fig : 1.2 ଗ୍ଲୋବ**

ଅର୍ନ୍ତନିବେଶୀ ଶ୍ରେଣୀକକ୍ଷରେ ଥିବା ସ୍ୱତନ୍ତ୍ର ଆବଶ୍ୟକତା ପିଲାଙ୍କ ପାଇଁ ସ୍ପର୍ଶାନୁଭୂତି ଗ୍ଲୋବ ଓ ଅନ୍ୟାନ୍ୟ ସମ୍ପର୍କିତ ସାମଗ୍ରୀ ଯୋଗାଇ ଦେବା ଆବଶ୍ୟକ; ଯାହା ଫଳରେ ଶିକ୍ଷାର୍ଥୀମାନେ ସହଜରେ ପୃଥିବୀର ଆକୃତି, ଅକ୍ଷାଂଶ ଓ ଦ୍ରାଘିମା ଆଦି ଧାରଣାକୁ ବୁଝିପାରିବେ।

ଶିକ୍ଷାର୍ଥୀମାନେ ନିଜ ମଧ୍ୟରେ ନିମ୍ନଉକ୍ତିଗୁଡ଼ିକୁ ଆଲୋଚନା କରିବେ –

* ଯଦି ଗ୍ଲୋବ ପୃଥିବୀର ଏକ ପ୍ରତିରୂପ ଅଟେ, ତେବେ ଆମେ ଗ୍ଲୋବର କେଉଁଠାରେ ବାସ କରୁଛେ ? (ଅଧିକାଂଶ ଶିକ୍ଷାର୍ଥୀ ଗ୍ଲୋବର ଭିତରେ ରହୁଛୁ ବୋଲି କହିବେ) କିଛି ଶିକ୍ଷାର୍ଥୀ ଆମେ ଗ୍ଲୋବର ଉପରସ୍ଥ ଭାଗରେ ରହୁଛୁ ବୋଲି କହିବେ )।
* ପୃଥିବୀ କ'ଣ ଗ୍ଲୋବ ଭଳି ଗୋଟିଏ ଦଣ୍ଡରେ ଦଣ୍ଡାୟମାନ ରହି ଉଭୟ ପାର୍ଶ୍ୱକୁ ଘୂରୁଛୁ କି ?
* ଗ୍ଲୋବର ଅଧିକାଂଶ ଭାଗ କାହିଁକି ନୀଳ ରଙ୍ଗ ଅଟେ ?
* ଏଠାରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ପ୍ରଶ୍ନଗୁଡ଼ିକୁ ଉତ୍ତର ଦେବାରେ ସହାୟକ ହେବେ।

ଆମେ ପୃଥିବୀ ମଧ୍ୟରେ ନ ରହି ପୃଥିବୀର ଉପରିସ୍ଥ ଭାଗରେ ରହିଥାଉ, ବୋଲି ଶିକ୍ଷକ ସ୍ପଷ୍ଟ କରିବେ । ଗ୍ଲୋବର ଦୁଇଟି ବିନ୍ଦୁ ଯଥା : ଉତ୍ତରରେ ଥିବା ଶୀର୍ଷବିନ୍ଦୁ ଓ ଦକ୍ଷିଣରେ ଥିବା ଶୀର୍ଷବିନ୍ଦୁକୁ ନିରୀକ୍ଷଣ କର । ତୁମେମାନେ ଲକ୍ଷ୍ୟ କରିବ : ଗ୍ଲୋବର ଦର୍ଶାଯିବା ଉତ୍ତରମେରୁ ଏବଂ ଦକ୍ଷିଣମେରୁ ଏକ ସାମାନ୍ୟବଙ୍କା ଦଣ୍ଡ ଦ୍ୱାରା ସଂଯୋଗ ହୋଇଛି । ଏହି ଦଣ୍ଡକୁ ଅକ୍ଷଦଣ୍ଡ କୁହାଯାଏ ବାସ୍ତବରେ ପୃଥିବୀର ଏହିପରି ଦଣ୍ଡ ବା ଅକ୍ଷ ନାହିଁ ଗ୍ଲୋବଟି ଯେପରି ତା'ର ଅକ୍ଷ ଚତୁଃପାର୍ଶ୍ୱରେ ଘୂରିପାରେ, କିନ୍ତୁ ପୃଥିବୀ କେବଳ ପଶ୍ଚିମରୁ ପୂର୍ବକୁ ଘୁରୁଛି । ଭୂମିରୂପ ଓ ଜଳଭାଗକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ରଙ୍ଗର ବ୍ୟବହାର କରାଯାଇଛି, ତାହାକୁ ପର୍ଯ୍ୟବେକ୍ଷଣ କର ।

ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶ୍ନ ପଚାରିବେ, ଯେପରି ଗ୍ଲୋବରେ ଆମେ କେଉଁଠି ରହୁଛେ ?

ଶିକ୍ଷାର୍ଥୀ ନିଜ ମଧ୍ୟରେ ଆଲୋଚନା କରିବେ ।

* ଗ୍ଲୋବରେ ଆମ ଦେଶ କେଉଁଠାରେ ଅବସ୍ଥିତ ଚିହ୍ନଟ କର ?

* ଗ୍ଲୋବରେ କାହିଁକି ବହୁତ ଆନୁଭୂମିକ (Horizental) ଓ ଭୂଲମ୍ବ (Vertical) ରେଖା ଟଣାଯାଇଛି ?

* ବାସ୍ତବରେ ଏହି ଆନୁଭୂମିକ ଓ ଭୂଲମ୍ବ ରେଖା ପୃଥିବୀ ପୃଷ୍ଠରେ ଅଙ୍କାଯାଇଛି କି ?

* ଗ୍ଲୋବରେ କିପରି ଦିଗ ନିର୍ଣ୍ଣୟ କରାଯାଏ ?

* ଗ୍ଲୋବରେ କାହିଁକି ଅକ୍ଷାଂଶ ଓ ଦ୍ରାଘିମା ରେଖାଗୁଡ଼ିକୁ ଅଙ୍କନ କରାଯାଇଛି ?

* ଗ୍ଲୋବରେ ଦ୍ରାଘିମା ରେଖାର ସଂଖ୍ୟା ଅକ୍ଷାଂଶଠାରୁ ଅଧିକା କାହିଁକି ?

ଗ୍ଲୋବକୁ ଅନୁଧ୍ୟାନ କରିବା ପାଇଁ ଶିକ୍ଷକ ବିଭିନ୍ନ ସମ୍ବଳ ଓ ସୁଯୋଗ ସୃଷ୍ଟି କରିବେ । ସୂତା ଓ ମାପ ଫିତା ଓ କୌଣସି ସ୍ଥାନୀୟ ସମ୍ବଳର ବ୍ୟବହାର କରି ଶିକ୍ଷାର୍ଥୀ ଗ୍ଲୋବର ବିଭିନ୍ନ ରେଖାକୁ ମାପିବେ ଓ ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା କରିବେ ।

ପୃଥିବୀ ଭଳି ଗୋଲାକାର ସଦୃଶ ବସ୍ତୁ ଉପରେ କୌଣସି ଏକ ସ୍ଥାନ ନିରୂପଣ କରିବା କଷ୍ଟସାଧ୍ୟ ଅଟେ । କୌଣସି ଏକ ସ୍ଥାନ ନିରୂପଣ କରିବା ପାଇଁ ଅନ୍ୟ ଏକ ସ୍ଥାନକୁ ଆଧାର ରୂପେ ନିଆଯାଇଥାଏ । ଦକ୍ଷିଣ ମେରୁ ଓ ଉତ୍ତର ମେରୁ ଦୁଇଟିକୁ ଆଧାର ବିନ୍ଦୁ ହିସାବରେ ନିଆଯାଇପାରିବ । ମାନଚିତ୍ର ଓ ଗ୍ଲୋବରେ ଅଙ୍କନ କରାଯାଇଥିବା ଅକ୍ଷାଂଶ ଓ ଦ୍ରାଘିମା ରେଖା କାଳ୍ପନିକ ରେଖା ଅଟେ । କିନ୍ତୁ ବାସ୍ତବରେ ଭୂପୃଷ୍ଠରେ ଏପରି କିଛି ରେଖା ଟଣାଯାଇନାହିଁ ।

## ଅକ୍ଷାଂଶ :

ବର୍ତ୍ତମାନ ତୁମେ ଉତ୍ତର ମେରୁରୁ ଦକ୍ଷିଣ ମେରୁକୁ ସଂଯୋଗ କରୁଥିବା ଯେ କୌଣସି ଏକ ରେଖାରେ ଉତ୍ତର ମେରୁରୁ ଦକ୍ଷିଣ ମେରୁ ଆଡ଼କୁ ନଜର ଆଙ୍ଗୁଳି ଚାଳନା କର । ଯେତେବେଳେ ତୁମର ଆଙ୍ଗୁଳି ଗ୍ଲୋବର ମଧ୍ୟଭାଗରେ ପହଞ୍ଚିବ, ତୁମେ ଲକ୍ଷ୍ୟ କରିବ,

Module
12

ସେଠାରେ ଆନୁଭୂମିକ ରେଖା ସଂପୂର୍ଣ୍ଣ ଗ୍ଲୋବକୁ ଘେରି ରହିଛି। ଏହାକୁ ବିଷୁବ୍ବୃ  କୁହାଯାଏ। ବିଷୁବବୃ  ଗ୍ଲୋବକୁ ଦୁଇ ସମାନ ଭାଗରେ ଯଥା ଉତ୍ତର ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରୁଛି। ବିଷୁବ ବୃତ୍ତକୁ ୯୦ (ଶୂନ୍) ଡ଼ିଗ୍ରୀ ଅକ୍ଷାଂଶ ମଧ୍ୟ କୁହାଯାଏ। ତୁମେ ଗ୍ଲୋବରେ ଅନ୍ୟ ଅକ୍ଷାଂଶ ଗୁଡ଼ିକୁ ଅନୁଧ୍ୟାନ କରିପାରୁଛ କି ? ଏହି ଅକ୍ଷାଂଶ ଗୁଡ଼ିକ ବିଷୁବ ରେଖାଠାରୁ ତୁମେ ଉତ୍ତର ବା ଦକ୍ଷତାର କେତେ ଦୂରତାରେ ଅଛ ସୂଚାଇଥାଏ। ତୁମେ ବିଷୁବରେଖାର ଉତ୍ତର ଓ ଦକ୍ଷିଣରେ ଥିବା ଅକ୍ଷାଂଶ ଗୁଡ଼ିକର ଦୈର୍ଘ୍ୟ ମଧ୍ୟରେ କିଛି ଭିନ୍ନତା ଲକ୍ଷ୍ୟ କରୁଛ କି ? ଶିକ୍ଷାର୍ଥୀମାନେ ଗ୍ଲୋବକୁ ସତର୍କତାର ସହ ଅନୁଧ୍ୟାନ କରି ନିଜର ମତାମତ ଦେବେ। ସମସ୍ତ ଅକ୍ଷାଂଶ ରେଖାଗୁଡ଼ିକ ବିଷୁବ ରେଖା ଠାରୁ କ୍ଷୁଦ୍ରତର ଅଟନ୍ତି। ଉଭୟ ମେରୁରେ ୯୦ ଡ୍ରିଗୀ ଉତ୍ତର ଓ ୯୦ ଡ଼ିଗ୍ରୀ ଦକ୍ଷିଣ ଗୋଟିଏ ଲେଖାଏଁ ବିନ୍ଦୁକୁ ସୂଚାଇଥାଏ। ଅକ୍ଷାଂଶ ରେଖାଗୁଡ଼ିକୁ ସମାକ୍ଷ ରେଖା କୁହାଯାଏ। କାରଣ ଏଗୁଡ଼ିକ ପରସ୍ପର ସହିତ ସମାନ୍ତରାଳ ଭାବେ ଅଙ୍କନ କରାଯାଇଛି, ଯାହାଦ୍ୱାରା ସେମାନେ ପରସ୍ପରକୁ ସ୍ପର୍ଶ କରନ୍ତି ନାହିଁ। ସମସ୍ତ ସମାକ୍ଷରେଖା ଗୁଡ଼ିକ ବିଷୁବ ରେଖା ସହ ସମାନ୍ତର ଅଟନ୍ତି। ତୁମେ ବିଷୁବ ରେଖାର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ବିନ୍ଦୁ ଚିହ୍ନିତ ରେଖାଗୁଡ଼ିକୁ ଲକ୍ଷ୍ୟ କରିଛ କି ? ବିନ୍ଦୁ ଚିହ୍ନିତ ରେଖାଗୁଡ଼ିକ ପାର୍ଶ୍ୱରେ ଲେଖାଥିବା ଡ଼ିଗ୍ରୀକୁ ପଢ଼ ତୁମେ ଲକ୍ଷ୍ୟ କରିବ ଯେ ୨୩.୫ ଡ୍ରିଗୀ ଉତ୍ତର ହେଉଛି କର୍କଟ କ୍ରାନ୍ତି ଓ ୨୩.୫ ଡ଼ିଗ୍ରୀ ଦକ୍ଷିଣ ହେଉଛି ମକର କ୍ରାନ୍ତି। ଶିକ୍ଷାର୍ଥୀ କର୍କଟ କ୍ରାନ୍ତି ଓ ମକର କ୍ରାନ୍ତି ମଧ୍ୟ ଦେଇ ନିଜର ଆଙ୍ଗୁଠି ଚାଳନା କରିବେ ଓ ଶିକ୍ଷକ ଏହି ରେଖା ଉପରିସ୍ଥ ଦେଶଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କରିବେ।

**ଶିକ୍ଷଣ କାର୍ଯ୍ୟ - ୨ :**

୧. ବିଷୁବ ରେଖାର ଉତ୍ତର  ଓ ଦକ୍ଷିଣରେ ଥିବା ସ୍ଥାନଗୁଡ଼ିକର ନାମ ଲେଖ।

୨. ଅକ୍ଷାଂଶ ସାହାଯ୍ୟରେ ଆଟଲାସରୁ ବିଭିନ୍ନ ସ୍ଥାନ ଗୁଡ଼ିକୁ ଖୋଜି ବାହାର କର।

**ଦ୍ରାଘିମା :**

ଶିକ୍ଷାର୍ଥୀଙ୍କୁ  ଉତ୍ତର ମେରୁରୁ ଦକ୍ଷିଣ ମେରୁକୁ ଅଙ୍କିତ ରେଖାଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଶିକ୍ଷକ, ଉତ୍ସାହିତ କରିବେ। ଏହି ଭୂଲମ୍ବ ରେଖା ଯାହା ଉତ୍ତର ମେରୁରୁ ଦକ୍ଷିଣ ମେରୁ ସହ ସଂଯୁକ୍ତ ହୋଇଛି, ତାହାକୁ ଦ୍ରାଘିମା କୁହାଯାଏ।

* ଦ୍ରାଘିମା ରେଖାକୁ ସୂତା ସାହାଯ୍ୟରେ ମାପ ।

* ଅକ୍ଷାଂଶ ଓ ଦ୍ରାଘିମା ରେଖାଗୁଡ଼ିକର ଦୈର୍ଘ୍ୟକୁ ତୁଳନା କର। କେଉଁଟି ଦୀର୍ଘତମ ଅଟେ ?

ଅକ୍ଷାଂଶ ରେଖାର ଦୈର୍ଘ୍ୟ ଅସମାନ ଥିବାବେଳେ ଦ୍ରାଘିମା ରେଖା ଗୁଡ଼ିକର ଦୈର୍ଘ୍ୟ ସମାନ ରହିଥାଏ। ଦ୍ରାଘିମାକୁ ମଧ୍ୟନ୍ଦିନ ରେଖା କୁହାଯାଏ ଏବଂ ଏହାଦ୍ୱାରା ଏକ ସ୍ଥାନ ୦ ଡ଼ିଗ୍ରୀ ଦ୍ରାଘିମା ରେଖା (ମୂଳ ମଧ୍ୟନ୍ଦିନ ରେଖା) ଠାରୁ ପୂର୍ବ ଓ ପଶ୍ଚିମରେ କେତେ ଦୂରତାରେ ଅବସ୍ଥାତ ତାହା ନିରୂପଣ କରାଯାଇପାରେ । ମୂଳ ମଧ୍ୟନ୍ଦିନ ରେଖାର ଠିକ୍ ବିପରୀତରେ ୧୮୦ ଡ଼ିଗ୍ରୀ ଦ୍ରାଘିମା ରେଖା ରହିଛି। ସମସ୍ତ ଦ୍ରାଘିମା ରେଖାର କୌଣିକ ମୂଲ୍ୟ ମୂଳ ମଧ୍ୟନ୍ଦିନ ରେଖା ଆଧାରରେ କରାଯାଇଅଛି, ଯାହା ଗ୍ରୀନ୍‌ୱିଚ୍ ସହର ମଧ୍ୟଦେଇ ଯାଇଅଛି। ମୋଟ ୩୬୦ ଟି ଦ୍ରାଘିମାରେ ରେଖା ରହିଅଛି।



## ଶିକ୍ଷଣକାର୍ଯ୍ୟ – ୩

୧. ଗ୍ଲୋବର ମୂଳ ମଧ୍ୟନ୍ଦିନ ରେଖାକୁ ଚିହ୍ନଟ କର ଓ ଏହି ରେଖାରେ ଥିବା ସ୍ଥାନ ଗୁଡ଼ିକର ନାମ ଲେଖ।

୨. ୧୮୦ ଡ଼ିଗ୍ରୀ ଦ୍ରାଘିମା ରେଖାରେ ଥିବା ଯେ କୌଣସି ଗୋଟିଏ ସ୍ଥାନର ନାମ କୁହ।

ଗ୍ଲୋବର କୌଣସି ଏକ ସ୍ଥାନ ବା ଦେଶ କିପରି ଚିହ୍ନଟ କରାଯିବ ବୋଲି ପ୍ରଶ୍ନ ଶିକ୍ଷାର୍ଥୀ ପଚାରିପାରନ୍ତି। ଜାଲକ ବା ଗ୍ରୀଡ୍ ହେଉଛି ଏକ ସରଳ ଉପାୟ ଯାହାଦ୍ୱାରା ଗ୍ଲୋବ କିମ୍ବା ସମତଳ ପୃଷ୍ଠର କୌଣସି ଏକ ସ୍ଥାନ ନିରୂପଣ କରାଯାଇଥାଏ। ଗ୍ଲୋବକୁ ଲକ୍ଷ୍ୟ କଲେ ତୁମେ ଦେଖିବ ଯେ, ଅକ୍ଷାଂଶ (ଅନୁଭୂମିକ ରେଖା) ଓ ଦ୍ରାଘିମା (ଭୂଲମ୍ବ ରେଖା) ପରସ୍ପରକୁ ସମକୋଣରେ ଛେଦ କରୁଛନ୍ତି : ଯାହା ଫଳରେ ଜାଲକ ସୃଷ୍ଟି ହୋଇଥାଏ। ଉପଗ୍ରହ ପ୍ରତିଛବିରେ ବିଭିନ୍ନ ସ୍ଥାନ ନିରୂପଣ ଓ ଚିହ୍ନଟ କରିବା ପାଇଁ ସ୍କୁଲ ଭୂବନ – ଏନସିଆରଟି ଜିଓପୋର୍ଟାଲ (School Bhuban - NCERT Geoportal) କୁ ବ୍ୟବହାର କର।

Module 12

## ଶିକ୍ଷଣକାର୍ଯ୍ୟ – ୪

ନିମ୍ନରେ ଦିଆଯାଇଥିବା ଅକ୍ଷାଂଶ ଓ ଦ୍ରାଘିମା ରେଖା କିମ୍ବା ତାହାର ପାଖରେ ଥିବା ସ୍ଥାନଗୁଡ଼ିକୁ ଗ୍ଲୋବରେ ଦର୍ଶାଅ ।

୩୦° ଉତ୍ତର ଅକ୍ଷାଂଶ , ୯୦° ପଶ୍ଚିମ ଦ୍ରାଘିମା ---------------

୬୦° ଉତ୍ତର ଅକ୍ଷାଂଶ, ୧୫° ପୂର୍ବ ଦ୍ରାଘିମା ----------------

ନିମ୍ନ ଶିକ୍ଷଣ କାର୍ଯ୍ୟଟି ସହପାଠୀଙ୍କ ଦ୍ୱାରା ସମୀକ୍ଷା କରାଯାଇପାରିବ ।

## ଶିକ୍ଷଣକାର୍ଯ୍ୟ – ୫

**ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ଭାରତର ରେଖାଙ୍କିତ ମାନଚିତ୍ରରେ ରାଜ୍ୟଗୁଡ଼ିକୁ ଚିହ୍ନଟ କର ।**




ନିମ୍ନ ଅକ୍ଷାଂଶ ଓ ଦ୍ରାଘିମା ରେଖାରେ ଥିବା ରାଜ୍ୟଗୁଡ଼ିକୁ ଚିହ୍ନଟ କର ।

୧୫° ଉତ୍ତର ଅକ୍ଷାଂଶ, ୮୦ ଡ଼ିଗ୍ରୀ ପୂର୍ବ ଦ୍ରାଘିମା --------------

୨୪° ଉତ୍ତର ଅକ୍ଷାଂଶ, ୭୨ ଡ଼ିଗ୍ରୀ ପୂର୍ବ ଦ୍ରାଘିମା ---------------

ଶିକ୍ଷାର୍ଥୀ ନିଜ ନିଜ ମଧ୍ୟରେ କାର୍ଯ୍ୟପର୍ଦ୍ଧକୁ ଅଦଳବଦଳ କରି ମୂଲ୍ୟାୟନ କରିବେ ।

Module 12

| | |
|---|---|
| ଡ଼ିଗ୍ରୀକୁ ପଢ଼ | ସ୍ତର(Rank)<br>୧. ଅକ୍ଷାଂଶ<br>୨. ଦ୍ରାଘିମା<br>୩. ଉଭୟ ଅକ୍ଷାଂଶ ଓ ଦ୍ରାଘିମା |
| ଗ୍ଲୋବର ଅକ୍ଷାଂଶ ଓ ଦ୍ରାଘିମାକୁ ଚିହ୍ନଟ କର | ୧/. କର୍କଟ କ୍ରାନ୍ତି<br>୨. କର୍କଟ କ୍ରାନ୍ତି, ୮୦ ଡ଼ିଗ୍ରୀ ଉତ୍ତର ଦ୍ରାଘିମା<br>୩. କର୍କଟ କ୍ରାନ୍ତି, ୮୦ଡ଼ିଗ୍ରୀ ଉତ୍ତର ଦ୍ରାଘିମା, କର୍କଟ କ୍ରାନ୍ତି ମଧ୍ୟରେ ଥିବା ରାଜ୍ୟ<br>୧୫ ଡ଼ିଗ୍ରୀ ଉ. ଅକ୍ଷାଂଶ , ୮୦ ଡ଼ିଗ୍ରୀ ପୂର୍ବ ଦ୍ରାଘିମା<br>-----------<br>୨୪ ଡ଼ିଗ୍ରୀ ଉ. ଅକ୍ଷାଂଶ , ୭୨ ଡ଼ିଗ୍ରୀ ପୂର୍ବ ଦ୍ରାଘିମା<br>---------------- |
| ସ୍ଥାନ ନିରୂପଣ କର | |

* ଠିକ୍ ଉତ୍ତର ପାଇଁ ୧ ମାର୍କ

ଶିକ୍ଷକ ଶିକ୍ଷାର୍ଥୀଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନଗୁଡ଼ିକୁ କୃତି ମୂଲ୍ୟାୟନ ଫର୍ଦ୍ଦ (Portfolio) ରେ ଲିପିବଦ୍ଧ କରିବେ ।

Module 12

# ମାନ ନିର୍ଦ୍ଧାରଣ ପାଇଁ ରୁବ୍ରିକ୍ସ (Rubrics)

| ମାନ ନିର୍ଦ୍ଧାରଣ | ସହାୟତାର ଆବଶ୍ୟକ | ଭଲ କରିବାର କ୍ଷମତା ଅଛି | ଅନ୍ୟକୁ ସହାୟତା କରିପାରୁଛି । |
|---|---|---|---|
| ଚିହ୍ନଟ କରିବା ଓ ମନେ ପକାଇବା ଗ୍ଲୋବ, ଅକ୍ଷାଂଶ ଦ୍ରାଘିମା ଏବଂ ଏହା ସମ୍ପର୍କିତ ଶବ୍ଦ ଗୁଡ଼ିକୁ ଚିହ୍ନଟ କରିବ ଓ ମନେ ପକାଇବ<br><br>ବୋଧଗମ୍ୟତା ଅକ୍ଷାଂଶ ଓ ଦ୍ରାଘିମାର ବ୍ୟବହାରକୁ ବର୍ଣ୍ଣନା କରିବ | ନାମ ମନେ ପକାଇବାକୁ ଅସମର୍ଥ | ସହଜରେ ନାମ କହିପାରୁଛି | ନାମ କହିପାରୁଛି ଓ ସମାନ ପ୍ରକାର ଚିତ୍ର ସହ ସମ୍ପର୍କିତ କରିପାରୁଛି |
| ପ୍ରୟୋଗ ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ଗ୍ଲୋବରେ ସ୍ଥାନ ନିରୂପଣ କରିବ । | ଅକ୍ଷାଂଶ ଓ ଦ୍ରାଘିମାର ଡ଼ିଗ୍ରୀ ପଢ଼ିବାକୁ ଅସମର୍ଥ | ଅକ୍ଷାଂଶ ଓ ଦ୍ରାଘିମାର ଡ଼ିଗ୍ରୀକୁ ପଢ଼ିପାରୁଛି କିନ୍ତୁ ଦିଗ ସହ ଯୋଡ଼ିବାକୁ ଅସମର୍ଥ | ଅକ୍ଷାଂଶ ଦ୍ରାଘିମା, ଦିଗ, ମୁଖ୍ୟ ଅକ୍ଷାଂଶ ଓ ଦ୍ରାଘିମା ରେଖା; ମଧ୍ୟନ୍ଦିନ ରେଖା ଇତ୍ୟାଦିକୁ ପଢ଼ି ପାରୁଛି । |
| | ଅକ୍ଷାଂଶ ଓ ଦ୍ରାଘିମା ଆଧାରରେ ସ୍ଥାନ ନିରୂପଣ କରିବାକୁ ଅସମର୍ଥ | ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ସ୍ଥାନ ନିରୂପଣ କରିପାରୁଛି କିନ୍ତୁ କଷ୍ଟକର । | ଅକ୍ଷାଂଶ ଓ ଦ୍ରାଘିମା ସାହାଯ୍ୟରେ ସ୍ଥାନ ନିରୂପଣ କରିପାରୁଛି । ମୁଖ୍ୟ ଅକ୍ଷାଂଶ ଓ ଦ୍ରାଘିମା ରେଖା ମଧ୍ୟରେ ଥିବା ସ୍ଥାନ ମାନଙ୍କୁ ମଧ୍ୟ ଚିହ୍ନଟ କରିପାରୁଛି । |
| ସହଯୋଗ, ସକ୍ରିୟ ଅଂଶ<br><br>ଗ୍ରହଣ ଦଳର ଅନ୍ୟ ସଦସ୍ୟଙ୍କ ପ୍ରତି ସମାନୁଭୂତି | ଅଂଶଗ୍ରହଣ କରୁନାହିଁ । | କେବଳ ନିଜ ପସନ୍ଦର ସାଙ୍ଗ ସହ କଥା ହେଉଛି । | ସମସ୍ତଙ୍କ ସହ ମିଶୁଛି । ଅଂଶ ଗ୍ରହଣ କରିବା ସହିତ ଅନ୍ୟକୁ କାର୍ଯ୍ୟରେ ସହଯୋଗ କରୁଛି । |

## ଉଦାହରଣ - ୨ - ଇତିହାସ :

## ପ୍ରସଙ୍ଗ : ଉତ୍ସ (Sources)

Module 12

ସାମାଜିକ ବିଜ୍ଞାନର ପରିସର ଏକ ଉତ୍ସର ଗନ୍ତାଘର ଅଟେ। ଏହା ବିଭିନ୍ନ ବିଷୟବସ୍ତୁକୁ ଗଭୀର ଭାବେ ବୁଝିବା ପାଇଁ ସହାୟକ ହୋଇଥାଏ। ଉତ୍ସ ମୁଖ୍ୟତଃ ଦୁଇ ପ୍ରକାର : ପ୍ରାଥମିକ ଉତ୍ସ ଓ ଦ୍ୱିତୀୟକ ଉତ୍ସ। ଏହି ଉତ୍ସ ଶିକ୍ଷାର୍ଥୀ କୁ ବିଭିନ୍ନ ସମୟରେ ମନୁଷ୍ୟ ଓ ପ୍ରକୃତି; ମନୁଷ୍ୟ ଓ ମନୁଷ୍ୟ, ମନୁଷ୍ୟ ଓ ସମାଜ  ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରେ। ଐତିହାସିକ ତଥ୍ୟ ଗୁଡ଼ିକ ଜାଣିବା ପାଇଁ ବହୁତ ଉତ୍ସ ରହିଛି। କିନ୍ତୁ ସେଥିମଧ୍ୟରୁ ଶିକ୍ଷକ ପ୍ରସଙ୍ଗ ଭି ିକ ଉପଯୁକ୍ତ ଉତ୍ସ ଚୟନ କରିବା ଆବଶ୍ୟକ, ଯାହାଫଳରେ ଶିକ୍ଷାର୍ଥୀ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସାମଗ୍ରିକ ଧାରଣା ପାଇପାରିବ।

ଶିକ୍ଷାର୍ଥୀଙ୍କୁ ପ୍ରତ୍ୟେକ ଉତ୍ସକୁ ବିଶ୍ଳେଷଣାତ୍ମକ ଭାବେ ଅନ୍ୱେଷଣ କରି ନିଜର ମତାମତ ଦେବା ପାଇଁ ଶିକ୍ଷକ ଉତ୍ସାହିତ କରିବେ। ଶିକ୍ଷକଙ୍କ ସହାୟତାରେ ଶିକ୍ଷାର୍ଥୀମାନେ ଅତୀତର ବହୁତ ଘଟଣାବଳୀକୁ ଅନ୍ୱେଷଣ କରିବେ ଏବଂ ବିଭିନ୍ନ ଘଟଣାବଳୀ କାରଣ, ପରିଣାମ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବେ। ସେମାନେ ସମୟ, ସ୍ଥାନ ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ଅନୁସନ୍ଧାନ କରିବେ, ଶିକ୍ଷାର୍ଥୀମାନେ ଧାରାବାହିକ ଓ ପରିବ ର୍ନଶୀଳ ଘଟଣା ଗୁଡ଼ିକୁ ବୁଝିବା ପାଇଁ  ଉତ୍ସାହିତ ହେବେ।

**ନିମ୍ନ ରେଖାଙ୍କିତ ଚିତ୍ରରେ ସେ ଉତ୍ସର ପ୍ରକାର  ଭେଦକୁ ଦର୍ଶାଯାଇଛି।**

| | | |
|---|---|---|
| ଉତ୍ସ | ପ୍ରାଥମିକ ଉତ୍ସ | ସାହିତ୍ୟିକ, ପ୍ରତ୍ନତାତ୍ତ୍ୱିକ, ମୁଦ୍ରାତ ୍ୱ, ଶିଳାଲିପି / ଅଭିଲେଖ, ଲୋକଗୀତ, ଲୋକକଥା, ଆନ୍ଦୋଳନକାରୀଙ୍କ ମୌଖିକ ପତ୍ରିକା। |
| | ଦ୍ୱିତୀୟକ ଉତ୍ସ | ପାଠ୍ୟପୁସ୍ତକ, ପ୍ରାଥମିକ ଉତ୍ସରୁ ସଂଗୃହୀତ ତଥ୍ୟର ସମୀକ୍ଷା ପତ୍ରିକା, ସାମୟିକ ପତ୍ରିକା |

## ଶୈକ୍ଷିକ କାର୍ଯ୍ୟଧାରା :

ଉତ୍ସ ପ୍ରସଙ୍ଗକୁ ଶ୍ରେଣୀଗୃହରେ ଆଲୋଚନା କରିବା ସମୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବେ ଏବଂ ଶିକ୍ଷାର୍ଥୀର  ଦୈନନ୍ଦିନ ଜୀବନ ସହ ଯୋଡ଼ି ଶିକ୍ଷଣ ପ୍ରକ୍ରିୟାକୁ ଆନନ୍ଦଦାୟୀ କରିବେ ଶିକ୍ଷକ କ୍ରମାଗତ ଭାବେ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିପାରିବେ। ଦଳରେ ଓ ଯୋଡ଼ିରେ କାର୍ଯ୍ୟକୁ ଆରମ୍ଭ କରିବେ ଯାହା ଫଳରେ ଉତ୍ସ ସମ୍ବନ୍ଧରେ ଅଧିକ ପଢ଼ିବାକୁ ଶିକ୍ଷାର୍ଥୀ ଆଗ୍ରହୀ ହେବେ, ଗଭୀର ଭାବରେ ଉତ୍ସ ପ୍ରସଙ୍ଗରେ ଆଲୋଚନା କରିବେ, ନିଜର ମତକୁ ବର୍ଣ୍ଣନା କରିବେ, ପ୍ରଶ୍ନ ପଚାରିବେ ଓ କିଛି ଅଧିକ

Module 12

ତଥ୍ୟ ଯୋଡ଼ିବେ । ଶିକ୍ଷାର୍ଥୀଙ୍କୁ ସଂଗ୍ରହାଳୟ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳକୁ ପରିଦର୍ଶନରେ ନେଇପାରିବେ କିମ୍ବା ସେମାନଙ୍କ ପରିବାର, ପଡ଼ୋଶୀ ବା ଗୋଷ୍ଠୀରେ ଥିବା କୌଣସି ଜୀବନ୍ତ ମହାପୁରୁଷଙ୍କ ସହ ସାକ୍ଷାତକାର କରାଇ ଭାରତର ସ୍ୱାଧୀନତା ସଂଗ୍ରାମ ଓ ଦେଶ ବିଭାଜନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିପାରିବେ । ଶିକ୍ଷଣ କାର୍ଯ୍ୟ କରୁଥିବା ସମୟରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା (CWSN) ମଧ୍ୟ ଅନ୍ତର୍ଭୂକ୍ତ କରିବେ । ସେଥିପାଇଁ ଶିକ୍ଷକ ସ୍ପର୍ଶାନୁଭୂତି ମାନଚିତ୍ର, ରେଖାଚିତ୍ର, talking books, ଦୃଶ୍ୟଶ୍ରାବ୍ୟ ସାମଗ୍ରୀ, ବ୍ରେଲି ଇତ୍ୟାଦି ବ୍ୟବହାର କରିପାରିବେ ।

## ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ :

### ଶିକ୍ଷାର୍ଥୀ :

୧. ବିଭିନ୍ନ ପ୍ରକାର ଐତିହାସିକ ଓ ପ୍ରତ୍ନତାତ୍ତ୍ୱି କ ଉତ୍ସ ଗୁଡ଼ିକୁ ଚିହ୍ନଟ କରିବେ ।

୨. ଉତ୍ସଗୁଡ଼ିକୁ ନିଜ ଭାଷାରେ ବର୍ଣ୍ଣନା କରିବେ ।

୩. ବ୍ୟବହାର ହୋଇଥିବା ଉତ୍ସଗୁଡ଼ିକୁ ପରୀକ୍ଷା କରିବେ ।

୪. ସାମଗ୍ରିକ ଛବି ପାଇବା ପାଇଁ ବ୍ୟବହାର କରାଯାଇଥିବା ଉତ୍ସଗୁଡ଼ିକର ଭୂମିକାକୁ ପ୍ରତିପାଦନ କରିବେ ।

## ଉତ୍ସର ପ୍ରକାରଭେଦ :

**ସାହିତ୍ୟିକ ଉତ୍ସ :** ସାହିତ୍ୟିକ ଉତ୍ସର ବିଭିନ୍ନ ତଥ୍ୟଗୁଡ଼ିକୁ ଆଲୋଚନା କରି ଶିକ୍ଷକ ଶ୍ରେଣୀକାର୍ଯ୍ୟ ଆରମ୍ଭ କରିପାରିବେ । ମନୁଷ୍ୟ କାଗଜର ବ୍ୟବହାର ପୂର୍ବରୁ ନିଜର ଚିନ୍ତାଧାରା ଓ ଭାବନା ଗୁଡ଼ିକୁ ପ୍ରକାଶ କରିବା ପାଇଁ ମାଟିର ଟାଇଲ, ଇଟା, ପଥର , ଗଛର ଛାଲ ଓ ତାଳପତ୍ରରେ ଇତ୍ୟାଦିରେ ଲେଖୁଥିଲେ । ବହୁତ ପାଣ୍ଡୁଲିପିରେ ଅତୀତରେ ଘଟିଥିବା ବହୁତ ଘଟଣାବଳୀ ଗୁଡ଼ିକ ଲିଖିତ ଆକାରରେ ଥାଏ । ସେଗୁଡ଼ିକ ମୁଖ୍ୟତଃ ମଠ, ମନ୍ଦିର, ସଂଗ୍ରହାଳୟ ଆଦିରୁ ପ୍ରାପ୍ତ କରଯାଇଥାଏ କିମ୍ବା କୌଣସି ପରିବାର ଦ୍ୱାରା କରାଯାଇଥିବା ବ୍ୟକ୍ତିଗତ ସଂଗ୍ରହରୁ ମଧ୍ୟ ମିଳିଥାଏ । ଏଥିରେ ମୁଖ୍ୟତଃ ଧାର୍ମିକ ବିଶ୍ୱାସ, ରାଜାଙ୍କ ଜୀବନୀ, ଶାସନ ପ୍ରଣାଳୀ, ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା, ସାମାଜିକ ପ୍ରଥା, ପରମ୍ପରା ଓ ଚଳଣୀ ଇତ୍ୟାଦି ଉପରେ ଉଲ୍ଲେଖ ହୋଇଥାଏ । ସେଗୁଡ଼ିକ ସଂସ୍କୃତ, ପ୍ରାକୃତ, ତାମିଲ ଓ ଅନ୍ୟ ଉପଭାଷା (ଦେଶୀ ଭାଷା) ରେ ଲେଖାଯାଇଅଛି ।



ଚିତ୍ର : ତାଳପତ୍ର ଲିପି

Module 12

**ଶିକ୍ଷଣ କାର୍ଯ୍ୟ : ବ୍ୟକ୍ତିଗତ କାର୍ଯ୍ୟ / ଯୋଡ଼ି କାର୍ଯ୍ୟ / ଦଳଗତ କାର୍ଯ୍ୟରେ କରାଯାଇପାରିବ**

୧. ତୁମେ କେବେ ପାଣ୍ଡୁଲିପି ଦେଖିଛ କି ?

୨. ତୁମେ ଏହାକୁ କେଉଁଠାରେ ଦେଖିଲ ?

୩. ଏଥିରେ କେଉଁ ସାମଗ୍ରୀ ବ୍ୟବହାର କରାଯାଇଛି ?

୪. ଲେଖିବା ପାଇଁ ବ୍ୟବହାର କରାଯାଇଥିବା ଅନ୍ୟ ସାମଗ୍ରୀ ଗୁଡ଼ିକୁ ଉଲ୍ଲେଖ କର।

୫. ତୁମେ ନିଜର ଭାବନା / ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ କେଉଁ ସାମଗ୍ରୀ ବ୍ୟବହାର କରୁଛ ?

୬. ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲିଖନ ପାଇଁ ବ୍ୟବହାର କରାଯାଇଥିବା ସାମଗ୍ରୀର ପରିବର୍ତ୍ତନକୁ ସମୟ ରେଖାରେ ଦର୍ଶାଅ।

ଯେହେତୁ ମନୁଷ୍ୟର ଧାତୁ ସମ୍ପର୍କରେ ଧାରଣା ଅଛି, ତେଣୁ ଲିଖନ କାର୍ଯ୍ୟ ପାଇଁ , କ୍ରମଶଃ ତମ୍ବା, ବୋଞ୍ଚି, ଓ କାଗଜକୁ ବ୍ୟବହାର କଲ। ସାହିତ୍ୟିକ ଉତ୍ସ ବିଭିନ୍ନ ପ୍ରକାର ଅଟେ। ଯେପରି ଧାର୍ମିକ ସାହିତ୍ୟ, ଶାସନ ପ୍ରଣାଳୀ ସମ୍ବନ୍ଧୀୟ, ଶିକ୍ଷା ଓ ଅନ୍ୟାନ୍ୟ ବିଷୟ ବସ୍ତୁ ଇତ୍ୟାଦି। ଏବଂ ଏଗୁଡ଼ିକ ଭିନ୍ନ ଭିନ୍ନ ଯୁଗରେ ଲେଖାଯାଇଛି, ଲିପିଗୁଡ଼ିକ ବିଭିନ୍ନ ଭାଷା ଓ ଶୈଳୀରେ ଲେଖାଯାଇଛି। ସେଥିମଧ୍ୟରୁ କିଛି ପଦ୍ୟ, ଗଦ୍ୟ, ଗଳ୍ପ ଓ ସଂଳାପ ଶୈଳୀରେ ଲେଖାଯାଇଛି, ଆପଣ ସେଥିମଧ୍ୟରୁ କେତେକକୁ ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିବେ। ଧର୍ମଶାସ୍ତ୍ର ଓ ସ୍ମୃତି ଶାସ୍ତ୍ର ହେଉଛି ଆଇନ୍ ସମ୍ବନ୍ଧୀୟ ପ୍ରସିଦ୍ଧ ଗ୍ରନ୍ଥାବଳୀ। ଏହି ଗ୍ରନ୍ଥାବଳୀରେ ରାଜାଙ୍କ , ପ୍ରଶାସକ ଓ ପ୍ରଜାମାନଙ୍କ କର୍ତ୍ତବ୍ୟ ବିଷୟରେ ଉଲ୍ଲେଖ କରାଯାଇଛି। ଏଥିରେ ସଂପତ୍ତି ବିଷୟରେ ଏବଂ ବେସାମରିକ ଓ ପ୍ରଶାସନିକ ଅପରାଧ ଗୁଡ଼ିକୁ ମଧ୍ୟ ବର୍ଣ୍ଣନା କରାଯାଇଛି। କୌଟିଲ୍ୟଙ୍କ ଦ୍ୱାରା ରଚିତ ଅର୍ଥଶାସ୍ତ୍ର ଏକ ପ୍ରସିଦ୍ଧ ଗ୍ରନ୍ଥ ଅଟେ। ସେହିଭଳି ଡ଼ାକ୍ତରୀ କ୍ଷେତ୍ରରେ ଚରକଙ୍କ ଦ୍ୱାରା ରଚିତ ଚରକ ସଂହିତା ଓ ସୁଶ୍ରୁତ ସଂହିତା ପ୍ରାଞ୍ଜଳ ଭାବରେ ଶଲ୍ୟ ଚିକିତ୍ସା ବିଷୟରେ ଆଲୋକପାତ କରିଛି। ପ୍ରସଙ୍ଗର ଆବଶ୍ୟକତାକୁ ଭିତ୍ତି କରି ଏହି ଉଦାହରଣକୁ ମଧ୍ୟ ଯୋଡ଼ାଯାଇପାରିବ। ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ପାଠ୍ୟପୁସ୍ତକ ମଧ୍ୟରୁ ଯେ କୌଣସି ବିଷୟବସ୍ତୁକୁ ଆଲୋଚନା କରାଯାଇପାରିବ। ପୁରୁଷ କିମ୍ବା ନାରୀଙ୍କ ଦ୍ୱାରା ଲେଖାଯାଇଥିବା ଯେକୌଣସି ସାହିତ୍ୟିକ ଉତ୍ସକୁ ମଧ୍ୟ ଶିକ୍ଷକ ଉଦାହରଣ ରୂପେ ଦେଇପାରିବେ। ଭକ୍ତି ଆନ୍ଦୋଳନ ପ୍ରସଙ୍ଗ ପଢ଼ାଇବା ସମୟରେ ନାରୀମାନଙ୍କ ଦ୍ୱାରା ଲେଖାଯାଇଥିବା ସାହିତ୍ୟିକ କୃତିଗୁଡ଼ିକୁ ସମାଲୋଚନା କରିବ। ଭକ୍ତି ଆନ୍ଦୋଳନ ସମୟରେ ଅନ୍ଦଲଙ୍କ ଦ୍ୱାରା ଲେଖାଯାଇଥିବା ଯଥା :

Module 12

ଥିରୁବାପାଇ ଓ ନାଚିଆର ଥିରୁମୋଜିହିକୁ ଉଦାହରଣ ରୂପେ ନେଇପାରିବ । ଏହି ଦୁଇ ପୁସ୍ତକକୁ ସେ ତାମିଲ ଭାଷାରେ ଲେଖିଥିଲେ । ଭକ୍ତି ମୋକ୍ଷ ପ୍ରାପ୍ତ କରିବା ପାଇଁ ଏକ ମାଧ୍ୟମ ଅଟେ, ଏହା ସେ ଉଲ୍ଲେଖ କରିଥିଲେ ମୀରାବାଇଙ୍କ 'ପଦାବଳୀ' ଭକ୍ତି ଉପରେ ଆଲୋକପାତ କରୁଛି । ଦୁଇ ତତ୍କାଳୀନ ସାମାଜିକ ପରିସ୍ଥିତିକୁ ସୂଚାଉଛି । ଏହି ସାହିତ୍ୟିକ କୃତିଗୁଡ଼ିକ ବିଭିନ୍ନ ଭାଷାରେ ଲେଖାଯାଇଅଛି । ସାଧୁସନ୍ଥଙ୍କ ଦ୍ୱାରା ଲେଖାଯାଇଥିବା କୃତି ବିଭିନ୍ନ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଆମ କଳା ଓ ସ୍ଥାପତ୍ୟର ସମୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଉତ୍ତର ଓ ଦକ୍ଷିଣ ଭାରତର ଅନେକ ମନ୍ଦିର ଗୁଡ଼ିକରେ ନାରୀ ସନ୍ଥମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରଯାଇଛି । ନାରୀ ଓ ପୁରୁଷ ସନ୍ଥମାନଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ବାଦ୍ୟଯନ୍ତ୍ର ବର୍ତ୍ତମାନ ମଧ୍ୟ ବିଭିନନ୍ନ ଗୋଷ୍ଠୀ ସଙ୍ଗୀତରେ ଆଦୃତ ।

ନାରୀମାନଙ୍କୁ ମଧ୍ୟ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି । **ଉଦାହରଣ ସ୍ୱରୂପ :** ତାମିଲର ମହାକାବ୍ୟ "ସିଲାପଦିକରମ" । ଉପନିଷେଦ ଭଳି ଦର୍ଶନଶାସ୍ତ୍ରରେ ମଧ୍ୟ ମହିଳା ବିଚାରକମାନଙ୍କ ବିଷୟରେ ଉଲ୍ଲେଖ କରାଯାଇଛି । ଉଦାହରଣ : ଗାର୍ଗୀ, ସେ ଜଣେ ପ୍ରସିଦ୍ଧ ବିଦ୍ୱାନ ଥିଲେ ଓ ରାଜଦରବାରରେ ହେଉଥିବା ଆଲୋଚନା ଚକ୍ରରେ ଅଂଶଗ୍ରହଣ କରୁଥିଲେ । ଶାସକମାନଙ୍କ ଜୀବନ ଚରିତ ମଧ୍ୟ ଐତିହ୍ୟ ସାହିତ୍ୟ ମଧ୍ୟରେ ଅନ୍ତର୍ଭୂକ୍ତ ଅଟେ । ଏହା ରାଜଦରବାରରେ ଥିବା ଘଟଣା ପଞ୍ଜିକାରଙ୍କ ଦ୍ୱାରା ଲେଖା ହୋଇଥାଏ । ଏହିଭଳି ସାହିତ୍ୟ ମଧ୍ୟରେ , ବଣଭଟ୍ଟଙ୍କ "ହର୍ଷଚରିତ, ବିଲାହଣଙ୍କ, "ବିକ୍ରମାଦିତ୍ୟ ଜୀବନୀ', କଲହଙ୍କ "ରାଜରତ୍ନଗିରି" ଯାହା କାଶ୍ମୀର ଇତିହାସ ଉପରେ ପର୍ଯ୍ୟବସିତ, ଚାନ୍ଦବର୍ଦ୍ଦିଙ୍କ "ପୃଥ୍ୱୀରାଜ ଚରିତ୍ର' ଇତ୍ୟାଦି ମୁଖ୍ୟ ଅଟେ । ଭାରତର ପୁରାତନ ସାମ୍ରାଜ୍ୟ ବିଷୟରେ ଆଲୋଚନା କରିବା ସମୟରେ ଶିକ୍ଷକ ଏହିଭଳି ଅନେକ ଉଦାହରଣ ଦେଇପାରିବେ । ପୁରାତନ ଭାରତର ଏକ ସାମଗ୍ରିକ ଛବି ପାଇବା ପାଇଁ ସାହିତ୍ୟିକ ଉତ୍ସ ସହ, ପ୍ରତ୍ନତାତ୍ତ୍ୱିକ ଉତ୍ସକୁ ମଧ୍ୟ ବ୍ୟବହାର କରାଯାଇପାରିବ ।

**ମିଶ୍ରିତ ଦଳରେ ଶିକ୍ଷଣ କାର୍ଯ୍ୟ କରାଯିବ**

| କ୍ରମିକ ସଂଖ୍ୟା | ଲେଖକ | ସାହିତ୍ୟ / କୃତି | କେଉଁ ଯୁଗ / ସମୟର |
|---|---|---|---|
| | | | |
| | | | |

Module 12

## ଭାରତକୁ ପରିଦର୍ଶନରେ ଆସିଥିବା ପରିବ୍ରାଜକଙ୍କ ବିବରଣୀ :

ପ୍ରାଚୀନ କାଳରେ ଅନେକ ପରିବ୍ରାଜକ ଭାରତ ଭ୍ରମଣରେ ଆସିଥିଲେ । ସେମାନଙ୍କ ପରିଦର୍ଶନର ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ଥିଲା । କିଛି ପରିବ୍ରାଜକ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିଲେ ଓ କିଛି ପରିବ୍ରାଜକ ଦକ୍ଷଶିଳା , ନାଳନ୍ଦା ଭଳି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟମାନଙ୍କର ନିଜର ନାମ ପଂଜିକୃତ କରି ପାଠ ପଢ଼ିବାକୁ ଆସିଥିଲେ । ବୌଦ୍ଧଧର୍ମ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ପାଇଁ ଆସିଥିବା ବୌଦ୍ଧାଧର୍ମାବଲମ୍ବୀମାନେ ଉଚ୍ଚକୋଟୀର ବିବରଣୀ ଲେଖିଯାଇଛନ୍ତି । ଆମ ଦେଶକୁ ଭ୍ରମଣରେ ଆସିଥିବା ପରିବ୍ରାଜକମାନେ ସେ ସମୟର ସାମାଜିକ, ଅବସ୍ଥା, ଧର୍ମ, ଶାସନ, ରାଜ୍ୟ ଶାସନ ପ୍ରଣାଳୀ, ସାହିତ୍ୟ, ଶିକ୍ଷା, କଳା ସ୍ଥାପତ୍ୟ, ଅର୍ଥନୀତି ଆଜି ବିଷୟରେ ଅନେକ କଥା ସେମାନଙ୍କର ଭ୍ରମଣ ବିବରଣୀରେ ଲେଖିଯାଇଛନ୍ତି । ଏହିସବୁ ବିବରଣୀରୁ ଆମ ଇତିହାସ ସମ୍ବନ୍ଧୀୟ ବହୁତ ତଥ୍ୟ ଜାଣିବକୁ ପାଇଥାଉ । ଇତିହାସର ଅନ୍ୟଉତ୍ସଗୁଡ଼ିକୁ ଆଲୋଚନା କରିବା ସମୟରେ ଶିକ୍ଷକ ପରିବ୍ରାଜକଙ୍କ ଭ୍ରମଣ ବିବରଣୀକୁ ମଧ୍ୟ ବ୍ୟବହାର କରିପାରିବେ । ଭାରତରେ ରହଣି କାଳରେ ସେମାନେ ସାମାଜିକ ଅବସ୍ଥା, ଘଟଣାବଳୀ ଗୁଡ଼ିକୁ ସ୍ୱଚକ୍ଷୁରେ ଦେଖି ଯାହ ବର୍ଣ୍ଣନା କରିଛନ୍ତି ସେଗୁଡ଼ିକର ସତ୍ୟାସତ ବିଦ୍ୟମାନ । କିନ୍ତୁ ଏହି ବିବରଣୀଗୁଡ଼ିକୁ ସବୁବେଳେ ଭରସା କରିହୁଏ ନାହିଁ । ଏଠାରେ ଶିକ୍ଷକ ବୈଦେଶିକ ବିବରଣୀର ଉଦାହରଣ ଦେଇପାରିବେ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜସଭାକୁ ଗ୍ରୀକ୍ ରାଷ୍ଟ୍ରଦୂତ ମେଘାସ୍ଥିନନ୍ ଆସିଥିଲେ । ସେ ତାଙ୍କର ବିବରଣୀକୁ 'ଇଣ୍ଡିକା' ନାମକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଯଦିଓ ମୂଳ ପୁସ୍ତକଟି ହଜିଯାଇଥିଲା କିନ୍ତୁ ଏହାର କିଛି ଅଂଶ ଅନ୍ୟ ଗ୍ରୀକ୍ ଲେଖକମାନଙ୍କ ଲେଖାରେ ଅଂଶ ପାଇଛି । ଏହି ପୁସ୍ତକରେ ମୌର୍ଯ୍ୟଶାସନର ସାମାଜିକ ଅବସ୍ଥା, ରାଜନୈତିକ ଅବସ୍ଥା ଏବଂ ଅର୍ଥନୈତିକ ଅବସ୍ଥା ଓ ଆଲୋକଜାଣ୍ଡରଙ୍କ ଅଭିଯାନ ବିଷୟରେ ଉଲ୍ଲେଖ କରାଯାଇଛି । ପାହିଆନ୍, ୧୬୦୦ ବର୍ଷ ପୂର୍ବେ, ଗୁପ୍ତ ଯୁଗରେ ଭାରତ ପରିଦର୍ଶନରେ ଆସିଥିଲେ । ହୁଏନସାଂ, ହର୍ଷବର୍ଦ୍ଧନଙ୍କ ରାଜଦରବାରରେ ଅଧିକ ଦିନ ରହିଥିଲେ । ସେ ବହୁତ ସଂସ୍କୃତ ପୁସ୍ତକକୁ ଚୀନ ଭାଷାରେ ଅନୁବାଦ କରିଥିଲେ । ସେ ନାଳନ୍ଦାରେ ପଢ଼ିଥିଲେ ଓ ନାଳନ୍ଦା ବିଶ୍ୱବିଦ୍ୟାଳୟର ମହାନୀୟତା ଉପରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ପରବର୍ତ୍ତୀ ସମୟରେ ଆଇନ ଆଲବରୁଣୀ ନାମକ ପରିବ୍ରାଜକ ଭାରତ ପରିଦର୍ଶନରେ ଆସିଥିଲେ ସେ 'କିତାବ-ଉଲ-ହିନ୍ଦ୍' ପୁସ୍ତକରେ ଲୋକମାନଙ୍କ ବିଷୟରେ ସେମାନଙ୍କ ସାମାଜିକ ଅବସ୍ଥାକୁ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି । ଶିକ୍ଷକ ବିଷୟବସ୍ତୁର ଆବଶ୍ୟକତା ଅନୁସାରେ ବହୁତ ଉଦାହରଣ ଦେଇପାରିବେ । ଆପଣ ମାନଚିତ୍ର ଦେଖାଇ ସେମାନେକେଉଁ ରାସ୍ତାରେ ଆସିଥିଲେ ଓ କେଉଁସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭ୍ରମଣ କରିଥିଲେ ସେହି ବିଷୟରେ ଆଲୋଚନା କରିବେ । ସାଧାରଣ ଲୋକମାନେ ମଧ୍ୟ ବିଭିନ୍ନ ରୂପରେ ସାହିତ୍ୟ ରଚନା କରିଥିଲେ । ସେ ସମ୍ବନ୍ଧରେ ବହୁତ ତଥ୍ୟ ଜାତକ ଓ ପଞ୍ଚତନ୍ତ୍ରର ମିଳିପାରିବ । ବିଭିନ୍ନ ସ୍ତୁପର କାନ୍ଥମାନଙ୍କରେ ଜାତକ ସମ୍ବନ୍ଧୀୟ ଗଳ୍ପଗୁଡ଼ିକ ଦେଖିବାକୁ ମିଳେ । ଅଜନ୍ତା କାନ୍ଥ ଓ ଛାତରେ ଅଙ୍କିତ ଛବିଗୁଡ଼ିକ ବର୍ତ୍ତମାନ ସମୟର କଳା ଓ **ସ୍ଥାପତ୍ୟ**

Module 12

ପାଇଁ ଏକ ଅବଦାନ ଅଟେ। ଏହି ଗଳ୍ପ ଗୁଡ଼ିକ ପଶୁ, ନାରୀ, ପୁରୁଷ ଇତ୍ୟାଦି ଚରିତ୍ରକୁ ଆଧାର କରି ଲେଖାଯାଇଛି।

**ଶିକ୍ଷଣ କାର୍ଯ୍ୟ ଦଳରେ ବା ଯୋଡ଼ିରେ କରାଯାଇପାରିବ**

| ଭାରତ ଭ୍ରମଣରେ ଆସିଥିବା ପରିବ୍ରାଜକ | କେଉଁ ସମୟରେ ଆସିଥିଲେ | ଭ୍ରମଣ ବିବରଣୀ | ବିବରଣୀରେ ଉଲ୍ଲେଖ ହୋଇଥିବା ବିଷୟବସ୍ତୁ |
|---|---|---|---|
| | | | |
| | | | |
| | | | |

## ମୁଦ୍ରାତ୍ତ୍ୱ :

ମୁଦ୍ରା ଅଧ୍ୟନ ବିଦ୍ୟାକୁ ମୁଦ୍ରାତତ୍ତ୍ୱ (Numismatic) କୁହାଯାଏ। ଏହା ରାଷ୍ଟ୍ରର ଅର୍ଥନୀତିକ ଅବସ୍ଥା ଓ ଲୋକମାନଙ୍କର କୁଶଳତାକୁ ସୂଚାଇଥାଏ। ଅଧିକ ମାତ୍ରାରେ ପ୍ରତିଫଳିତ ହୋଇଥିବା ମୂଲ୍ୟବାନ ମୁଦ୍ରା ସୁଦୃଢ଼ ଅର୍ଥନୈତିକ ଅବସ୍ଥାକୁ ପ୍ରତିବିଦିତ କରିଥାଏ। ପୁରାତନ ଯୁଗରେ ବ୍ୟବହାର କରାଯାଉଥିବା ମୁଦ୍ରାଗୁଡ଼ିକ ମୂଲ୍ୟବାନ ଧାତୁ ଯଥା : ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଓ ସୀସାରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହ କାଗଜରେ ତିଆରି କରାଗଲା। ଅତୀତରେ ଛାପାଯୁକ୍ତ (Punch manked) ମୁଦ୍ରା ବ୍ୟବହାର କରାଯାଉଥିଲା। ଏହା ସାଧାରଣତଃ ଆୟତକାର, ବର୍ଗାକାର କିମ୍ବା ଗୋଲାକାର ଆକୃତିର ଥିଲା। ପରବର୍ତ୍ତୀ ସମୟରେ ଅଧିକାଂଶ ମୁଦ୍ରା ଗୁଡ଼ିକ ଶାସକ ବଂଶ ଦ୍ୱାରା ପ୍ରଚଳିତ କରାଯାଇଥିଲା। ଯେଉଁଥିରେ ଶାସକ ମାନଙ୍କର ନାମ ଓ ପ୍ରତିଛବି ଖୋଦିତ ହୋଇଥିଲା। ସଂଗ୍ରାହାଳୟ ମାନଙ୍କରେ ତମେ ଗୁପ୍ତ ଓ କୁଶାଳ ସାମ୍ରାଜ୍ୟର କିମ୍ବା ତାହାର ପରବର୍ତ୍ତୀ ସମୟର ମୁଦ୍ରା ଦେଖିଥିବ। ଏହାଛଡ଼ା ଆଉକିଛି ରୋମା କର ତଥ୍ୟ ମଧ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିପାରିବେ।

Module
12



An Indo-Greek coin    A Kushana coin

Punch-marked Coin

A Satavahana coin    A Shaka coin

Silver Coin bearing the name of Queen Nur Jahan

ଶିକ୍ଷକ ମୁଦ୍ରା ସଂପର୍କରେ ଜାହାଙ୍ଗୀରଙ୍କ ଉଦାହରଣ ଦେଇପାରିବେ କିପରି ଜାହାଙ୍ଗୀର ରୌପ୍ୟ ମୁଦ୍ରାରେ ନିଜର ଶିରୋନାମାକୁ ଗୋଟିଏ ପାର୍ଶ୍ୱରେ ଓ ରାଣୀ ନୁରଜାହଙ୍କ ନାମ ଅନ୍ୟପଟେ ଖୋଦିତ କରାଇଥିଲେ ।

କିଛି ମୁଦ୍ରାରେ ଧର୍ମ ଓ କିମ୍ବଦନ୍ତୀର ସଙ୍କେତ ଦେଖିବାକୁ ମିଳେ । ପ୍ରସଙ୍ଗଟିକୁ ଚାଲୁ ରଖିବା ପାଇଁ ନିମ୍ନ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ।

## ଦଳରେ ବା ଯୋଡ଼ିରେ ଶିକ୍ଷଣ କାର୍ଯ୍ୟ କରାଯିବ

**ବ ´ମାନ ବ୍ୟବହୃତ ହେଉଥିବା କିଛି ମୁଦ୍ରାକୁ ଦେଖାଇ, ଶିକ୍ଷକ ନିମ୍ନ ପ୍ରଶ୍ନଗୁଡ଼ିକ ପଚାରିବେ ।**

୧. ମୁଦ୍ରାରେ କ'ଣ ଲେଖା ହୋଇଛି ପଢ଼ ।

୨. ମୁଦ୍ରାରେ କେଉଁ ସଙ୍କେତ ବ୍ୟବହାର କରାଯାଇଛି ?

୩. ମୁଦ୍ରାରେ କେଉଁ ଦୃଶ୍ୟ ସ୍ପଷ୍ଟ ଦିଶୁଛି ?

୪. କେଉଁ ଧାତୁରେ ବ୍ୟବହାର କରାଯାଇଛି ?

୫. କେଉଁଗୁଡ଼ିକ ସ୍ମୃତି ମୁଦ୍ରା (Commenoratue coin) ଅଟେ ?

୬. ସ୍ମୃତିମୁଦ୍ରାରେ ଥିବା ବ୍ୟକ୍ତି / ଶାସକରୁ ଶିକ୍ଷାର୍ଥୀ ମନେ ପକାଇ ପାରୁଛନ୍ତି କି ?

Module
12

## ଶିଳାଲେଖ :

ଖୋଦିତ ଲିପିର ଅଧ୍ୟୟନକୁ ଏପିଗ୍ରାଫି (Epigraphy) କୁହାଯାଏ। ପୂର୍ବକାଳରେ ଶିଳାଲେଖଗୁଡ଼ିକ ମୁଖ୍ୟତଃ ପ୍ରସ୍ତର ସ୍ତମ୍ଭ, ଶିଳାଖଣ୍ଡ, ପ୍ରସାଦର କାନ୍ଥ, କୀର୍ତ୍ତିସ୍ତମ୍ଭ ଓ ମନ୍ଦିର ମାନଙ୍କର ଖୋଦିତ କରାଯାଇଥିଲା। ଶିଳାଲିପିରୁ ବହୁତ ତଥ୍ୟସଂଗ୍ରହ କରାଯାଇପାରିବ। ଭାରତର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିବା ଅଶୋକଙ୍କ ଶିଳାଲିପିର ଉଦାହରଣ ଦେଇପାରିବେ। ମୌର୍ଯ୍ୟସମ୍ରାଟ ଅଶୋକ ସର୍ବପ୍ରଥମେ ଶିଳାଲିପିର ଆରମ୍ଭ କରିଥିଲେ। ତାଙ୍କର ଅଧିକାଂଶ ଶିଳାଲିପି ପ୍ରାକୃତ ଭାଷା ଓ ବ୍ରାହ୍ମିଲିପିରେ ଲେଖାଯାଇଥିଲା। ଆଫଗାନିସ୍ତାନର କାନ୍ଦାହାରରେ ଥିବା ଅଶୋକଙ୍କ ଶିଳାଲେଖ ଖରୋଷ୍ଠିଲିପିରେ ଲେଖାଯାଇଥିଲା। ଏହା ମଧ୍ୟ ଗ୍ରୀକ୍ ଓ ଆରମାଇକ୍ ଲିପିରେ ଲେଖାଯାଇଥିଲା। ଶିକ୍ଷକ ପାଠ୍ୟପୁସ୍ତକରେ ଥିବା ଚିତ୍ର, ଅନ୍ୟ ଫଟୋଚିତ୍ର, ଇ-ସମ୍ବଳ ଇତ୍ୟାଦି ଶିକ୍ଷାର୍ଥୀଙ୍କୁ ଦେଖାଇପାରିବେ।

ଏହିପରି ଅତୀତର ଇତିହାସ ଜାଣିବା ପାଇଁ ଉତ୍ସ ଆଧାର ଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ପ୍ରାକ୍ ଐତିହାସିକ ଘଟଣା, ବିଭିନ୍ନତା, ଐକ୍ୟକତା, ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ଜାଣିବା ପାଇଁ ଉତ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରନ୍ତତତ୍ତ୍ୱ ସାହାଯ୍ୟରେ ଅତୀତର ଭଗ୍ନାବଶେଷକୁ ଆମେ ଅଧ୍ୟୟନ କରି ଅଧିକ ତଥ୍ୟ ସଂଗ୍ରହ କରିପାରିବା। ଶିକ୍ଷକ ବିଭିନ୍ନ ସ୍ତୁପ, ଚିତ୍ରକଳା, ଭଗ୍ନାବଶେଷର ଫଟୋ ଚିତ୍ର ଆଦି ଦେଖାଇପାରିବେ।

ଶିକ୍ଷାର୍ଥୀମାନଙ୍କୁ ନିମ୍ନ ଶିକ୍ଷଣ କାର୍ଯ୍ୟ ଦିଆଯିବ। ନିଜର ଭାବନାକୁ ଦ୍ୱିଭାଷାରେ ଲେଖିବା ପାଇଁ ଶିକ୍ଷକ ପ୍ରୋତ୍ସାହିତ କରିବେ।

* ପ୍ରକଳ୍ପ କାର୍ଯ୍ୟ ପାଇଁ ଗୋଟିଏ ବିଷୟବସ୍ତୁ ଚିହ୍ନଟ କର
* ଉତ୍ସଗୁଡ଼ିକୁ ଅନୁସନ୍ଧାନ କର, ଏହା ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ କି ନାହିଁ ଖୋଜି ବାହାର କର।
* ଉତ୍ସଗୁଡ଼ିକୁ ଶ୍ରେଣୀ ବିଭାଗ କରି - ଏଗୁଡ଼ିକ କେଉଁ ସମୟର ଉଲ୍ଲେଖ କର।
* ଗୋଷ୍ଠୀ, ପରିବାର କିମ୍ବା ପଡ଼ୋଶୀ ଭାବରେ ଯଦି କୌଣସି ବ୍ୟକ୍ତି ଅସହଯୋଗ ଆନ୍ଦୋଳନ କିମ୍ବା ଦେଶ ବିଭାଜନରେ ସାମିଲ ହୋଇଥିବେ, ତାଙ୍କଠାରୁ ମୌଖିକ ଭାବରେ ତଥ୍ୟ ସଂଗ୍ରହ କରିବେ।

ଉତ୍ସ ପ୍ରସଙ୍ଗଟି ପଢ଼ାଇବା ସମୟରେ ଶିକ୍ଷାର୍ଥୀଙ୍କ ସ୍ୱତଃସ୍ଫୁର୍ତ୍ତ ଅଂଶଗ୍ରହଣ ଓ ଆଗ୍ରହକୁ ଧ୍ୟାନ ଦେବେ। ଶିକ୍ଷକ ପ୍ରତ୍ୟେକ କାର୍ଯ୍ୟର ଶେଷରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବାକୁ ପ୍ରୋତ୍ସାହିତ କରିବେ। ଶ୍ରେଣୀରେ ଆଗ୍ରହୀ ହେଉନଥିବା, କଥା ନ ଶୁଣିବା ଓ ଅନ୍ୟମନସ୍କ ରହୁଥିବା ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବେ। ମିଶ୍ରିତ ଦଳରେ ସହଭାଗୀ ଶିକ୍ଷଣ ପାଇଁ ପ୍ରୋତ୍ସାହନ କରିବେ। ମାନଚିତ୍ର, ଦୃଶ୍ୟଶ୍ରାବ୍ୟ ସାମଗ୍ରୀ, ନମୂନା (ମଡ଼େଲ) ଇତ୍ୟାଦିକୁ ବ୍ୟବହାର କରିବେ। ଶିକ୍ଷାର୍ଥୀଙ୍କୁ ଆମ ଅତୀତର ଘଟଣା ଜାଣିବା ପାଇଁ ଉତ୍ସର ଆବଶ୍ୟକତା ଓ ପ୍ରାସଙ୍ଗିକତାକୁ ବୁଝିବାକୁ ସାମଗ୍ରୀ ଗୁଡ଼ିକ ସହାୟକ ହେବ।

Module 12

ଶିକ୍ଷାର୍ଥୀମାନଙ୍କୁ ପ୍ରକଳ୍ପକାର୍ଯ୍ୟ, ଦୀର୍ଘ ଉ ରମୂଳକ ଓ ସଂକ୍ଷିପ୍ତ ଉ ରମୂଳକ ପ୍ରଶ୍ନ ଦ୍ୱାରା ମାନନିର୍ଦ୍ଧାରଣ କରାଯାଇପାରିବ। ନିଜ ଭାଷାରେ ପ୍ରଶ୍ନର ଉତ୍ତର ଲେଖିବା ପାଇଁ ଉତ୍ସାହିତ କରିବେ।

ଉଦାହରଣ - ୩ (ଜୀବିକା)

**ଉପକ୍ରମ :**

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକମାନେ ବିଭିନ୍ନ ପ୍ରକାରର ଜୀବିକା ଦ୍ୱାରା ଜୀବନ ନିର୍ବାହ କରନ୍ତି। ନିଜର ଜୀବିକା ନିର୍ବାହ କରିବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ମିଳିନଥାଏ। ସେଥିପାଇଁ ସମସ୍ତେ ଭିନ୍ନ ଭିନ୍ନ ଜୀବିକା ନିର୍ବାହ କରନ୍ତି। ଜୀବିକାର ଭିନ୍ନତା କେତେକ କାରକ ଉପରେ ନିର୍ଭରଶୀଳ ଯଥା : ବସବାସ କରୁଥିବା ସ୍ଥାନ, ଅଞ୍ଚଳର ଅଧିବାସୀ ନିର୍ଦ୍ଦିଷ୍ଟ ସ୍ଥାନର ସଂସ୍କୃତି ଇତ୍ୟାଦି କିଛି ଲୋକ ନିଜର ଜୀବିକା ଯଥା :କ୍ଷୁଦ୍ରଶିଳ୍ପ, କୁଟୀର ଶିଳ୍ପ ଓ ସେବା କ୍ଷେତ୍ରରେ ନିୟୋଜିତ ହୋଇ ବର୍ଷସାରା ରୋଜଗାର କ୍ଷମ ହୋଇଥାନ୍ତି। ଆଉ କିଛି ଲୋକମାନେ ବର୍ଷରେ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ଉଦାହରଣ ସ୍ୱରୂପ କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ବୁଣିବା, ବଛାବଛି କରିବା, ଅମଳ କରିବା ଓ ରୋପଣ କରିବା। ଜୀବିକା ଭିନ୍ନ ହେବା ସହିତ ତାହାର ସମସ୍ୟା ମଧ୍ୟ ଭିନ୍ନ ହୋଇଥାଏ। ସେହିପରି ବ୍ୟକ୍ତି, ଗୋଷ୍ଠୀ ମଧ୍ୟରେ ଜୀବିକାକୁ ନେଇ ଭିନ୍ନ ଭିନ୍ନ ସମସ୍ୟା ପରିଲକ୍ଷିତ ହୋଇଥାଏ।

**ଶିକ୍ଷଣ ଉଦ୍ଦେଶ୍ୟ :**

* ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକମାନଙ୍କର ଜୀବନ ଜୀବିକାକୁ ଚିହ୍ନଟ କରିବେ।
* ନିଜର ଜୀବିକା ନିର୍ବାହ ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ମିଳୁଛି କି ନାହିଁ ତାହା ଅନୁଧ୍ୟାନ କରିବେ।
* ବିଭିନ୍ନ ଅଞ୍ଚଳରେ ଥିବା ଲୋକମାନଙ୍କର ଜୀବନ ନିର୍ବାହ ଓ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ବୁଝାଇବେ।

**ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟଧାରା :**

'ଜୀବିକା' ପ୍ରସଙ୍ଗ ପଢ଼ିବା ଦ୍ୱାରା ଶିକ୍ଷାର୍ଥୀ ଗ୍ରାମାଞ୍ଚଳ ଓ ସହରା ଳର ପୁରୁଷ ଓ ନାରୀମାନଙ୍କର ବିଭିନ୍ନ ଜୀବିକା ନିର୍ବାହର କାରକଗୁଡ଼ିକୁ ବୁଝିବା ଓ ବିଶ୍ଳେଷଣ କରିବାରେ ସକ୍ଷମ ହେବେ। ଶିକ୍ଷାର୍ଥୀଙ୍କୁ ଦଳଗତ ଭାବେ ନିୟୋଜିତ କରି ନିଜ ଗ୍ରାମ ଓ ସହରରେ ହେଉଥିବା ବିଭିନ୍ନ ପ୍ରକାରର ଜୀବିକା ବିଷୟରେ ଆଲୋଚନା କରିବେ। ଭିନ୍ନ ଭିନ୍ନ ଜୀବିକାରେ ଭିନ୍ନ ଭିନ୍ନ ସମସ୍ୟା ପରିଲକ୍ଷିତ ହୋଇଥାଏ, ତାହା ବୁଝିବା ପାଇଁ ଶିକ୍ଷକ

Module 12

ପ୍ରୋତ୍ସାହନ କରିବେ, ଭିନ୍ନ ଭିନ୍ନ ସାମାଜିକ ଓ ଅର୍ଥନୈତିକ ପୃଷ୍ଠଭୂମିରୁ ନାରୀ ଓ ପୁରୁଷଙ୍କ ଜୀବିକା ସମ୍ବନ୍ଧୀୟ ପରିସ୍ଥିତି ଅଧ୍ୟୟନ (Case study) ଓ ଦୃଶ୍ୟଶ୍ରାବ୍ୟ ସମ୍ବଳ ଦେଖାଇ ଶିକ୍ଷାର୍ଥୀ ମାନଙ୍କରେ ମତାମତ ନେବେ। ନିକଟରେ ଥିବା ଏକ କୃଷିକ୍ଷେତ୍ରକୁ ଶିକ୍ଷାର୍ଥୀମାନଙ୍କୁ ପରିଦର୍ଶନରେ ନିଆଯିବ। କୃଷି କ୍ଷେତ୍ରରେ ପୁରୁଷ ଓ ନାରୀମାନେ କରୁଥିବା ବିଭିନ୍ନ କାର୍ଯ୍ୟକୁ ଅନୁଧ୍ୟାନ କରିବେ। ଯଦି ବିଦ୍ୟାଳୟଟି ସହରା ଲରେ ଅବସ୍ଥିତ ଶିକ୍ଷାର୍ଥୀମାନଙ୍କୁ ନିର୍ମାଣାଧୀନ ସ୍ଥାନ, ଶିଳ୍ପାଞ୍ଚଳ, କାର୍ଯ୍ୟାଳୟ କିମ୍ବା ବଜାରକୁ ପରିଦର୍ଶନରେ ନେଇପାରିବେ।

ଶ୍ରେଣୀଗୃହରେ ପିଲାଙ୍କୁ ଆଲୋଚନାରେ ଅଂଶଗ୍ରହଣ କରାଇ ଏହି ଧାରଣା ପଢ଼ାଯିବ ସହିତ, ଏକକ ଅଭିନୟ, ସର୍ବେକ୍ଷଣ ପଦ୍ଧତି ଦ୍ୱାରା ବି ପଢ଼ାଯାଇପାରିବ। ବିଦ୍ୟାଳୟରେ ମେଳା ଆୟୋଜନ କରାଯାଇପାରିବ । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉତ୍ପାଦନ ହେଉଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶନ କରାଇ ଏହି ପ୍ରସଙ୍ଗଟିକୁ ପଢ଼ାଇପାରିବେ।

## ମିଶ୍ରିତ ଦଳରେ ଶିକ୍ଷଣ କାର୍ଯ୍ୟ କରାଯିବ :

ଆଲୋଚନା ଆଧାରିତ ବିଭିନ୍ନ ଶିକ୍ଷଣ କାର୍ଯ୍ୟକୁ ଶୈକ୍ଷିକ ଶାସ୍ତ୍ର ଭାବରେ ବ୍ୟବହାର କରାଯାଇପାରେ। ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ଜୀବିକା ପ୍ରସଙ୍ଗଟିକୁ ପ୍ରାରମ୍ଭ କରାଯାଇପାରିବ। ଏହି ଆଲୋଚନା ମୁଖ୍ୟତଃ ଅଭିଭାବକଙ୍କ ବୃତ୍ତିକାର୍ଯ୍ୟର ପ୍ରକୃତି, ବୃତ୍ତି ସହ ଜଡ଼ିତ ଥିବା କାର୍ଯ୍ୟ, ନିଜର ରୋଜଗାରରେ ସେମାନେ କ'ଣ କରନ୍ତି, ଏହାକୁ କିପରି ଖର୍ଚ୍ଚ କରନ୍ତି ଇତ୍ୟାଦିକୁ ନେଇ କରିପାରିବେ। ପୂର୍ବ ଆଲୋଚନାକୁ ଭି ି କରି ଶିକ୍ଷକ ବୃତ୍ତି ସଂଜ୍ଞାକୁ ବର୍ଣ୍ଣନା କରିବେ। ଜୀବିକା ମାଧ୍ୟମରେ ଲୋକମାନେ ପଇସା ରୋଜଗାର କରିଥାନ୍ତି, ଯାହାକୁ ନିଜର ଖାଦ୍ୟ, ବାସସ୍ଥାନ ଓ ପୋଷାକ ପରିଚ୍ଛନ୍ନ ପାଇଁ ଖର୍ଚ୍ଚ କରିଥାନ୍ତି। ଏହାର ଅର୍ଥ ହେଉଛି ମନୁଷ୍ୟ ନିଜର ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ଜୀବିକାରେ ନିୟୋଜିତ ହେଉଛି। ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଜୀବିକାକୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ତିନୋଟି କାର୍ଯ୍ୟର ପ୍ରସ୍ତାବନ ଦିଆଯାଇଛି।

୧. ଶିକ୍ଷକ ପାଠ୍ୟପୁସ୍ତକରେ ଥିବା ଚିତ୍ରଗୁଡ଼ିକୁ ପ୍ରିଣ୍ଟ କରି କିମ୍ବା ହାତରେ ତିଆରି କରି ଯୋଗାଇ ଦେବେ।

୨. ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଜୀବିକାରେ କାର୍ଯ୍ୟକରୁଥିବା ଚିତ୍ର କରିବା ପାଇଁ ଶିକ୍ଷକ ପ୍ରୋତ୍ସାହନ କରିବେ।

୩. ଏହି ସମ୍ପର୍କରେ ଏକ ସର୍ବେକ୍ଷଣ କରିବା ପାଇଁ ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରଶ୍ନ ପ୍ରସ୍ତୁତି କରିବେ।

## ଶିକ୍ଷଣକାର୍ଯ୍ୟ : ୧

Module 12

ଶିକ୍ଷକ ପୁସ୍ତକରେ ଥିବା ଚିତ୍ର ସହିତ ବିଭିନ୍ନ ଲୋକମାନଙ୍କର ଭିନ୍ନ ଭିନ୍ନ ଜୀବିକା ନିର୍ବାହ କରୁଥିବାର ଏକ କୋଲାଜ(collage) ଯୋଗାଇଦେବେ ଓ ଏହାକୁ କାନ୍ଥରେ ଟାଙ୍ଗିବେ ଯାହା ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ସହାୟକ ହେବ । ଶିକ୍ଷକ ଖବରକାଗଜରେ ଦିଆଯାଇଥିବା ବିଭିନ୍ନ ଜୀବିକା ସମ୍ପର୍କିତ ଚିତ୍ର ଓ ଲେଖାର ସାହଯ୍ୟ ମଧ୍ୟ ନେଇପାରିବେ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ପ୍ରସଙ୍ଗ ସମ୍ପର୍କିତ ଦୃଶ୍ୟଶ୍ରାବ୍ୟ ଉପରକରଣର ବ୍ୟବହାର କରିପାରିବେ । ଉପରୋକ୍ତ କାର୍ଯ୍ୟଗୁଡ଼ିକୁ ଆଧାର କରି ଶିକ୍ଷକଙ୍କ ସହାୟତାରେ ଶିକ୍ଷାର୍ଥୀମାନେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବେ ।

୧. ଚିତ୍ର ବା ଭିଡ଼ିଓରେ ଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରି ଲେଖ ।

୨. କେଉଁ କାର୍ଯ୍ୟଟି କୃଷି ସହିତ ସମ୍ପୃକ୍ତ ଓ କେଉଁଗୁଡ଼ିକ ନୁହେଁ ତାହା ଚିହ୍ନଟ କର ।

୩. ତୁମେ ବିଦ୍ୟାଳୟ / ଘର ପାଖରେ ଦେଖୁଥିବା ବିଭିନ୍ନ ଜୀବିକାକୁ ବିଭିନ୍ନ ଭାଷାରେ କ'ଣ କୁହନ୍ତି ଖୋଜି ବାହାର କର ।

| କୃଷି ସହ ସଂପୃକ୍ତ କାର୍ଯ୍ୟ | କୃଷି ସହ ଅସଂପକୃତ କାର୍ଯ୍ୟ | ପୁରୁଷ / ନାରୀ କିମ୍ବା ଉଭୟ ଦ୍ୱାରା କରାଯାଉଥିବା କାର୍ଯ୍ୟ | ଗ୍ରାମାଞ୍ଚଳ / ସହରାଞ୍ଚଳ | ବେତନକାରୀ ବା ବିନା ବେତନକାରୀ |
|---|---|---|---|---|
| | | | | |
| | | | | |
| | | | | |

ଦୃଶ୍ୟ, ଶ୍ରାବ୍ୟ ଓ ଦୃଶ୍ୟଶ୍ରାବ୍ୟ ଉପକରଣ ଦ୍ୱାରା ଶିକ୍ଷାର୍ଥୀଙ୍କର ବିଭିନ୍ନ ଦକ୍ଷତା, ଯଥା : ଚିହ୍ନଟକରଣ, ବିଭାଗୀକରଣ, ଲିଖନ ଓ ଭାବ ପ୍ରକାଶର ଦକ୍ଷତା ବିକାଶ ହୋଇଥାଏ । ଏହା ଶିକ୍ଷାର୍ଥୀଙ୍କୁ କୃଷି ସମ୍ବନ୍ଧୀୟ ଭାଷାଗତ ଭିନ୍ନତାକୁ ଚିହ୍ନଟ କରିବା ଏବଂ ବିଭିନ୍ନ ତଥ୍ୟ ଅନୁସନ୍ଧାନ କ୍ରିୟାରେ ସାହାଯ୍ୟ କରିବ । ଏକ ନିର୍ଦ୍ଦିଷ୍ଟ ଜୀବିକାର ନାମକରଣ ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ: ଠିକାଦାର, ମିସ୍ତ୍ରୀ, ରାଜମିସ୍ତ୍ରୀ, କୁଲି , ମଜଦୂର ଇତ୍ୟାଦି । ଶିକ୍ଷକ ବିଭିନ୍ନ ଭାଷାକୁ ନେଇ ପ୍ରସ୍ତୁତ କରିଥିବା ଜୀବିକାର ନାମକରଣ ଚାର୍ଟକୁ ଶ୍ରେଣୀଗୃହରେ ଉପସ୍ଥାପନ କରିବେ । ଶିକ୍ଷାର୍ଥୀଙ୍କ ମାତୃଭାଷାରେ ଭିନ୍ନତା ଥାଏ, ସେମାନେ ନିଜର ସ୍ଥାନୀୟ

Module 12

ଭାଷାକୁ ଆଧାର କରି ଚାର୍ଟ ପ୍ରସ୍ତୁତ କରିବେ। ଏହି କାର୍ଯ୍ୟଟି ଭାଷାଗତ ବୈଷମ୍ୟତାକୁ ସମ୍ମାନ ଦେବା କ୍ଷେତ୍ରରେ ସହାୟକ ହେବ ।

ଏହାଲକ୍ଷ୍ୟ କରାଯାଏ, ଯେ, ଜୀବିକା ନିର୍ବାହ ପନ୍ଥାକୁ ବିସ୍ତୃତ ଭାବରେ ବିଭାଗୀକରଣ କରାଯାଇଛି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ ଯେ ଲୋକମାନେ କେବଳ ଏହିସବୁ ଜୀବିକାରେ ନିୟୋଜିତ ହୋଇପାରିବେ। ଆମେ ପ୍ରଥମଥର ପାଇଁ ପିଲାମାନଙ୍କୁ ବିଭିନ୍ନ ଅଞ୍ଚଳର ଜୀବିକା ବିଷରେ ବିସ୍ତୃତ ଭାବରେ ପରିଚିତ କରିଛେ।ସରଳ ଭାବରେ ଉପସ୍ଥାପନା କରିବାର ଆବଶ୍ୟକତା ରହିଛି। ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବିକା ବିଷୟରେ ମଧ୍ୟ ଆଲୋଚନା କରାଯିବ।

ସହରାଞ୍ଚଳର ଲୋକମାନେ ସାଧାରଣତଃ ଅଣକୃଷିଭିତ୍ତିକ କାର୍ଯ୍ୟ ଯଥା ଶିଳ୍ପ / କଳକାରଖାନା / ଏବଂ ସେବାକ୍ଷେତ୍ର ଆଦିରେ ନିୟୋଜିତ ଥାଆନ୍ତି। ସେମାନଙ୍କୁ ବ୍ୟାପକ ରୂପେ ବିଭକ୍ତ କରଯାଇାପରେ।

Social and Political life 1 ପାଠ୍ୟପୁସ୍ତକରେ ଦୁଇଟି ଅଧ୍ୟାୟରେ ଆମ ଦେଶର ଜୀବିକା ବିଷୟରେ ଆଲୋଚନା କରାଯାଇଛି। ସେହି ଅଧ୍ୟାୟଗୁଡ଼ିକ ଟିକେ ପଢ଼।

## ଶିକ୍ଷଣ କାର୍ଯ୍ୟ –୨

ଶିକ୍ଷାର୍ଥୀମାନେ ଯୋଡ଼ିରେ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳକୁ ପରିଦର୍ଶନରେ ଯିବେ। (ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ମଧ୍ୟରେ ଏଥିରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବ)। ସେଠାରେ ଲୋକମାନେ କରୁଥିବା ଜୀବିକା ପର୍ଯ୍ୟବେକ୍ଷଣ କରି ତାହାକୁ ଚିତ୍ର ଆଙ୍କିବେ ଓ ଏକ ବିବରଣୀ ପ୍ରସ୍ତୁତ କରିବେ। ଶିକ୍ଷାର୍ଥୀଙ୍କର ଏହି କାର୍ଯ୍ୟଗୁଡ଼ିକୁ ଶ୍ରେଣୀର ସୂଚନା ଫଳକ (Notice Board) ରେ ବିଭିନ୍ନ ବର୍ଗରେ ବିଭକ୍ତ କରି ପ୍ରଦର୍ଶନ କରିବେ। ଏହି ଶିକ୍ଷଣ କାର୍ଯ୍ୟଦ୍ୱାରା ଶିକ୍ଷାର୍ଥୀର ଚିହ୍ନଟକରଣ, ବର୍ଗୀକରଣ ତଥା ପର୍ଯ୍ୟବେକ୍ଷଣ ଦକ୍ଷତାର ବିକାଶ ସାଧନ ହେବ।

ସହରା ଳ ଶିକ୍ଷାର୍ଥୀମାନେ ଗ୍ରାମାଞ୍ଚଳ ଜୀବନ ବିଷୟରେ ସମ୍ପୂର୍ଣ୍ଣ ବୁଝି ନ ପାରିବାର ସମ୍ଭାବନା ଅଛି। ଗ୍ରାମା ଳର ଶିକ୍ଷାର୍ଥୀମାନେ ମଧ୍ୟ ସହରାଞ୍ଚଳ ଜୀବନକୁ କଳ୍ପନା କରିବାରେ ଅସୁବିଧା ହୋଇପାରେ। 'ଲୁଗାକଳ, ବଡ଼ ବଡ଼ ଦୋକାନ, କଳ କାରଖାନା – ଏସବୁ ବୁଝିବାରେ ଅସୁବିଧା ହୋଇପାରେ। ଉଭୟ ପରିସ୍ଥିତିରେ ଶିକ୍ଷକ ପିଲାମାନଙ୍କୁ ବୁଝିବାରେ ସାହାଯ୍ୟ କରିବେ। ଏହି ସମସ୍ୟାର ସମାଧାନ ପାଇଁ ପିଲାମାନଙ୍କୁ ଭିଡ଼ିଓ ଦେଖାଯାଇପାରେ – ଚାଷ କରିବାର, ମାଛ ଦୋକାନ, ବଡ଼ ବଡ଼ ଦୋକାନର କିଣଶ ବିକା, ଲୁଗାକଳ ଆଦି।

## ଶିକ୍ଷଣ କାର୍ଯ୍ୟ -୩

Module 12

ପାଠ୍ୟପୁସ୍ତକରେ ବର୍ଣ୍ଣିତ ପ୍ରସଙ୍ଗ ଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଅନ୍ୟ ଏକ ଶିକ୍ଷଣ ପଦ୍ଧତି ଯଥା ସର୍ବେକ୍ଷଣ ପଦ୍ଧତି ଅବଲମ୍ବନ କରିପାରିବେ ।

ଶିକ୍ଷାର୍ଥୀମାନେ ବିଭିନ୍ନ ଜୀବିକାନିର୍ବାହ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଭେଟିପାରିବେ । ଅନେକ ଶିକ୍ଷାର୍ଥୀଙ୍କ ପିତାମାତା ମଧ୍ୟ ଏସବୁ ଜୀବିକ ନିର୍ବାହ କରୁଥାଇପାରନ୍ତି । ଶିକ୍ଷାର୍ଥୀ ନିଜ ପିତାମାତାଙ୍କ ଠାରୁ ତାଙ୍କର ଜୀବିକା ସମ୍ବନ୍ଧିତ ତଥ୍ୟ ପାଇପାରିବେ । ଅଥବା ଶିକ୍ଷକ ନିମ୍ନଲିଖିତ ତଥ୍ୟ ସଂଗ୍ରହରେ ସାହାଯ୍ୟ କରିବେ ।

୧. ଲିଙ୍ଗ

୨. ବୃତ୍ତି

୩. ବୃତ୍ତି ଅନ୍ତର୍ଗତ କାର୍ଯ୍ୟଗୁଡ଼ିକ କ'ଣ ?

୪. କେଉଁ ସମୟରେ ସେମାନେ ଗୃହରୁ ଆସନ୍ତି ଏବଂ ଗୃହକୁ ଫେରିଥାଆନ୍ତି ।

୫. ସେମାନେ କିପରି ନିଜର କର୍ମକ୍ଷେତ୍ରରେ ପହଞ୍ଚନ୍ତି ?

୬. ସେମାନଙ୍କୁ ଦୈନିକ, ମାସିକ/ ସାପ୍ତାହିକ କେତେ ବେତନ / ପାରିଶ୍ରମିକ ଦିଆଯାଏ ?

୭. ଦୈନିକ କାମ ପାଆନ୍ତି କି ? କେଉଁ ମାସରେ ସେମାନଙ୍କୁ ପୂରା କାମ ମିଳେ ? କାହିଁକି ସବୁଦିନ କାମ ମିଳେ ନାହିଁ ?

୮. ରୋଜଗାର କରୁଥିବା ଅର୍ଥ ପରିବାର ଭରଣପୋଷଣ ନିମନ୍ତେ ଯଥେଷ୍ଟ କି ନୁହେଁ ? ଯଦି ନୁହେଁ, ତେବେ ରୋଜଗାର ପାଇଁ ଅନ୍ୟ କେଉଁ ବିକଳ୍ପ ପନ୍ଥା ଅବଲମ୍ବନ କରାଯାଇପାରିବ ?

(ଏହି ପ୍ରଶ୍ନ ସହ ଅଧିକ ମଧ୍ୟ ଯୋଡ଼ି ପାରିବ)

ଏହି ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ବିଭିନ୍ନ ଜୀବିକା ସମ୍ପର୍କିତ ଅନେକ ସମସ୍ୟା ଓ ପ୍ରତିବନ୍ଧକ ଲୋକଲୋଚନକୁ ଆସିପାରିବ । ଏହି ସର୍ବେକ୍ଷଣକୁ ଭିତ୍ତି କରି ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବେ । ଶିକ୍ଷକ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିପାରିବେ ।

* କୌଣସି ଏକ ଜୀବିକାର ଆବଶ୍ୟକତା ଓ ଉଦ୍ଦେଶ୍ୟକୁ ଜାଣି ଶିକ୍ଷାର୍ଥୀର ଶ୍ରମ ପ୍ରତି ସମ୍ମାନ ବୋଧ ଜାଗ୍ରତ କରାଇବ ।
* ଜୀବିକା ନିର୍ବାହରେ ଲିଙ୍ଗଗତ ପାର୍ଥକ୍ୟ ନାହିଁ ବୋଲି ବୁଝିବେ ।
* ବୃତ୍ତିରେ ବିବିଧତା ।

## Module 12

* ବିଭିନ୍ନ ବୃତ୍ତି ଗୁଡ଼ିକ ମଧ୍ୟରେ ସମାନତା ଓ ପାର୍ଥକ୍ୟତାକୁ ଲକ୍ଷ୍ୟ କରିବେ ।
* ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ବେତନଗତ ତାରତମ୍ୟ ।

ଉପରୋକ୍ତ ତିନୋଟି ଶିକ୍ଷଣକାର୍ଯ୍ୟ ସମାପ୍ତ କରିବା ପରେ ଶିକ୍ଷାର୍ଥୀଙ୍କ ଦ୍ୱାରା ସଂଗୃହିତ ଜୀବିକାର ବିବରଣୀକୁ ପ୍ରଦତ୍ତ ଟେବୁଲ୍ ରେ ପ୍ରକାଶ କରିବେ ।

| ବିଭାଗ | ବୃତ୍ତିର ନାମ (ଚିତ୍ର/ହାତ ତିଆର ଫର୍ଦ୍ଦ/ ସର୍ବେକ୍ଷଣରୁ ସଂଗୃହୀତ) |
|---|---|
| ଶିଳ୍ପର ବିଭାଗୀକରଣ | |
| ୧. କୃଷି ଓ ଅନ୍ୟ ସମ୍ପର୍କିତ କାର୍ଯ୍ୟ | |
| ୨. ଶିଳ୍ପ | |
| ୩. ସେବା କ୍ଷେତ୍ର | |
| ବୃତ୍ତିର ବିଭାଗୀକରଣ<br>ଗ୍ରାମାଞ୍ଚଳ | |
| ୧. କୃଷିର ଶ୍ରମିକ | |
| ୨. କୃଷକ | |
| ୩. ଅଣ-କୃଷି କାର୍ଯ୍ୟ | |
| ୪. ସ୍ୱ-ନିଯୁକ୍ତ ଅଣକୃଷି ବୃତ୍ତି | |
| ୫. ଭଡ଼ାରେ ଆଣିଥିବା ଶ୍ରମିକ | |
| ସହରାଞ୍ଚଳ | |
| ୧. ସ୍ୱ-ନିଯୁକ୍ତ | |
| ୨. ନିୟମିତ ଦରମା ବୃତ୍ତି | |
| ୩. ଦୈନିକ ଶ୍ରମିକ | |

ଏତତ୍ ବ୍ୟତୀତ ଶିକ୍ଷକ ମଧ୍ୟ ଅନ୍ୟ ସମସ୍ୟାଗୁଡ଼ିକୁ ଆଲୋଚନା କରିପାରିବେ।

* ଯଦି ଆଖପାଖରେ କେହି ପିଲା ଶିଶୁ ଶ୍ରମିକ ଭାବରେ ନିୟୋଜିତ ହୋଇଛନ୍ତି, ତେବେ ସେ ବିଷୟରେ ପିଲାମାନଙ୍କର ମତାମତକୁ ଶ୍ରେଣୀଗୃହରେ ଉପସ୍ଥାପନ କରିପାରିବେ। ଶିଶୁ ଶ୍ରମିକ ଦୂରୀକରଣ କରିବା ପାଇଁ ଥିବା ସରକାରୀ ନିୟମାବଳୀଗୁଡ଼ିକ ମଧ୍ୟ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବେ।

* ସାଧାରଣତଃ କେଉଁ କାମରେ ପୁରୁଷ ଓ କେଉଁ କାମରେ ନାରୀମାନେ ନିୟୋଜିତ ହେଉଛନ୍ତି ତାହା ଉପରେ ଆଲୋଚନା କରିବେ।

* ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କେତେକ ପ୍ରଶ୍ନ ପଚାରିବେ, ଯଥା : କାହିଁକି କେତେକ ଚାଷୀଙ୍କ ପାଖରେ ବହୁତ ଜମି ଥିବାବେଳେ କିଛି ଚାଷୀଙ୍କ ପାଖରେ ଅଳ୍ପ ଚାଷଜମି ରହିଛି ? ସହରା ଳରେ ଲୋକଙ୍କର ନିଜର ଘର ଥିବା ବେଳେ ଅନ୍ୟାମନେ ଭଡ଼ାଘରେ ରହନ୍ତି କାହିଁକି ? କେତେକ ଲୋକମାନଙ୍କ ପାଖରେ ସ୍ଥାବର, ଅସ୍ଥାବର ସମ୍ପତ୍ତି ଥିଲାବେଳେ କିଛି ଲୋକଙ୍କ ପାଖରେ ଖୁବ୍ ଥାଏ କାହିଁକି ? ଏହିସବୁକୁ ବିସ୍ତାର ଭାବରେ ବୁଝାଇବା ଆବଶ୍ୟକ ନାହିଁ, କେବଳ ଏହି ଧାରଣାଗୁଡ଼ିକ ଶିକ୍ଷାର୍ଥୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ।

* ଶିକ୍ଷକ କେତେ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ଦୋକାନକୁ ଯାଇ ଉକ୍ତ ଦୋକାନର ଆକାର, ବିକ୍ରି ହେଉଥିବା ସାମଗ୍ରୀ, ଏକ ଉକ୍ତ ସାମଗ୍ରୀର ମୂଲ୍ୟ, ଅନ୍ୟ ଦୋକାନରେ ଉକ୍ତ ଜିନିଷର ମୂଲ୍ୟ କେତେ, ଆଦି ତଥ୍ୟକୁ ସଂଗ୍ରହ କରିବାକୁ କରିବେ। ଶିକ୍ଷକ କିଛି ପ୍ରଶ୍ନ ଯଥା : କିଛି ଲୋକ ରାସ୍ତା କଡ଼ରେ ଜିନିଷପତ୍ର ବିକ୍ରି କରୁଥିବାବେଳେ ଅନ୍ୟ କେତେଜଣ ଦୋକାନରେ କାହିଁକି ବିକ୍ରି କରୁଛନ୍ତି ? ପଚାରିବେ । ଶିକ୍ଷାର୍ଥୀଙ୍କ ନିଜ ପିତାମାତା ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନ ପରିବର୍ତ୍ତନା କରିଛନ୍ତି କି ? ଯଦି କରିଛନ୍ତି ତେବେ କାହିଁକି ? ତାଙ୍କ ଜେଜେ ବାପା ଜେଜେ ମାଆ କ'ଣ ବୃତ୍ତି କରୁଥିଲେ ? ପୂର୍ବସ୍ଥଳରୁ ବର୍ତ୍ତମାନ ସ୍ଥାନକୁ ଆସିବାପରେ କିଛି ଲାଭ ହେଲା କି ? ଇତ୍ୟାଦି ପ୍ରଶ୍ନ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବେ।

## ଅନୁଶୀଳନୀରେ ଦିଆଯାଇଥିବା ପ୍ରଶ୍ନ ଓ ଏହାର ଉଦ୍ଦେଶ୍ୟ :

ଜୀବିକା ନିର୍ବାହ ପ୍ରସଙ୍ଗ ପଢ଼ାଇସାରିବା ପରେ ଶିକ୍ଷକ ଗଠନମୂଳକ ମାନ ନିର୍ଦ୍ଧାରଣ କରିବେ। ଶିକ୍ଷାର୍ଥୀ ଜୀବିକା ନିର୍ବାହ ସମ୍ପର୍କିତ ଉପଧାରଣା ଗୁଡ଼ିକ ଯଥା : ବୃତ୍ତି, ମଜୁରୀ, ଲାଭ, ଚାଷ, ବଜାର ଦ୍ରବ୍ୟ ଉତ୍ପାଦନ, ଜଳବାୟୁ , ଧାର, କୃଷି, ଶିଳ୍ପ, ଗମନାଗମନ ଏବଂ ସ୍ଥାନାନ୍ତରଣ ଇତ୍ୟାଦିକୁ କେତେଦୂର ବୁଝିଛନ୍ତି ତାହା ଜାଣିବା ପାଇଁ ଗଠନମୂଳକ ମାନନିର୍ଦ୍ଧାରଣ କରିବେ।

Module 12

ଆପଣ ଲକ୍ଷ୍ୟ କରିବେ ଯେ ଅନେକ ଶିକ୍ଷଣ ଫଳାଫଳ ଯାହା ନିର୍ଦ୍ଦିଷ୍ଟ ଭାବରେ ଏହି ପ୍ରସଙ୍ଗ ପାଇଁ ନୁହେଁ କିନ୍ତୁ ଅଂଶ ଗ୍ରହଣାତ୍ମକ ପନ୍ଥାରେ ପଢ଼ାଇବା ଫଳରେ ତାହା ଉପଲବ୍ଧି ହୋଇପାରିଛି । ଶିକ୍ଷାର୍ଥୀମାନେ ମୌଖିକ, ଲିଖିତ ବା ଚିତ୍ର ମାଧ୍ୟମରେ ନିଜର ମତାମତ ଦେଇପାରୁଛନ୍ତି । ବିଦ୍ୟାଳୟ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନେ ସହପାଠୀ, ପଡ଼ୋଶୀ ଓ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ସହିତ କଥାବାର୍ତ୍ତା କରିବା ଫଳରେ ସେମାନଙ୍କ ଭାବ ଆଦାନପ୍ରଦାନ କୌଶଳର ବିକାଶ ହୋଇଛି ।

## ସ୍ୱ-ମାନନିର୍ଦ୍ଧାରଣର ଆଧାର

| ମୁଁ ସମର୍ଥ ହେବି | କିଛି ମାତ୍ରାରେ (Some what) | ଉତ୍ତମ (Good) | ଅତି ଉତ୍ତମ (Very good) | ସର୍ବୋତ୍ତମ (Excellent) |
|---|---|---|---|---|
| ପ୍ରଦର୍ଶିକା ଓ ଉଦାହରଣକୁ ବ୍ୟବହାର କରିବା ସହ ଆହୁରି ଉଦାହରଣ ଦେଇ ପାରିବି | | | | |
| ସାମାଜିକ ବିଜ୍ଞାନର ପରିସର ମଧ୍ୟରେ ସମ୍ପର୍କ ସ୍ଥାପନ | | | | |
| ପ୍ରସ୍ତାବିତ କାର୍ଯ୍ୟକ୍ରମ କରିବି | | | | |
| ଏହାକୁ ଅନ୍ୟଭାଷାକୁ ଅନୁବାଦ କରିବି | | | | |
| ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ - ଶ୍ରାବ୍ୟ ଉପକରଣ ପ୍ରସ୍ତୁତି | | | | |

Module 12

ସମନ୍ୱିତ ଉଦାହରଣ - ଛାୟା ସଂସଦ / ବିଧାନସଭା ଶିକ୍ଷଣ କାର୍ଯ୍ୟ

* ବାଚସ୍ପତିଙ୍କ ଡ଼ାହାଣ ପାର୍ଶ୍ୱ - ଶାସକ ଦଳ

* ବାଚସ୍ପତିଙ୍କ ବାମ ପାର୍ଶ୍ୱ - ବିରୋଧୀ ଦଳ






* ଆଗ ଧାଡ଼ିର ଆସନ ପ୍ରମୁଖ ନେତାମାନଙ୍କ ପାଇଁ, (ସଦସ୍ୟଙ୍କ ସଂଖ୍ୟା ଅନୁଯାୟୀ)

* ଆଗ ଧାଡ଼ିର ବାମ ଆସନ - ଉପ ବାଚସ୍ପତିଙ୍କ ପାଇଁ

## ଉପକ୍ରମ :

ଛାୟ ସଂସଦ କିମ୍ବା ବିଧାନ ସଭାର ମଞ୍ଚ ସାମାଜିକ ବିଜ୍ଞାନ ଶିକ୍ଷଣରେ ସବୁବେଳେ ସହାୟକ ହୋଇଥାଏ। ଏହା ସାମାଜିକ ବିଜ୍ଞାନ ପଠନ ପାଇଁ ଏକ ବାସ୍ତବ ପରିସ୍ଥିତି ସୃଷ୍ଟି କରିଥାଏ। ଏଥିରେ ଶିକ୍ଷାର୍ଥୀ ସାଂସଦ, ବିଧାନସଭାର ସଦସ୍ୟଙ୍କ ଭୂମିକାରେ ଅଭିନୟ କରିଥାନ୍ତି। ବେଶଭୂଷା ପ୍ରତି ଗୁରୁତ୍ୱ ଦିଆ ନଯାଇ ବସିବା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଛାୟା ସଂସଦର ପ୍ରସ୍ତୁତି ପାଇଁ ଦଳଗୁଡ଼ିକୁ ବିଭିନ୍ନ ଦାୟିତ୍ୱ ଦିଆଯିବ, ଯଥା : ଛାୟା ସଂସଦର ଅଂଶଗ୍ରହଣକାରୀଙ୍କ ପାଇଁ ଉକ୍ତି /ସଂଳାପ / ବକ୍ତବ୍ୟ ଲିଖନ। ଗୋଟିଏ ପିରିୟଡ଼ରେ ପୁରା ଶିକ୍ଷାର୍ଥୀମାନଙ୍କୁ ଦଳରେ ଭାଗ କରି ବିଭିନ୍ନ ଚରିତ୍ର ବଣ୍ଟନ କରାଯିବ। ଛାୟା ସଂସଦର ରୂପାୟନ ପାଇଁ ଆଉ ଗୋଟିଏ ପିରିୟଡ଼ ଦେବେ, ଅଧିବେଶନ ରୂପାୟନ ପରେ ଅନ୍ୟ ଏକ ପିରିୟଡ଼ରେ ଏହି ସମ୍ବନ୍ଧୀୟ କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକୁ ଶିକ୍ଷଣ ଫଳାଫଳ ଆଧାରରେ ଆଲୋଚନା କରାଯିବ।

ଶିକ୍ଷକ ଶ୍ରେଣୀଗୃହରେ ଛାୟା ସଂସଦ ଆୟୋଜନ କରିବେ। ଏଥିରେ ଶିକ୍ଷାର୍ଥୀମାନଙ୍କୁ ସମସାମୟିକର ବିଭିନ୍ନ ସମସ୍ୟା ଓ ସୁଯୋଗ ସମ୍ବନ୍ଧରେ ନିଜର ମତାମତ ଦେବାକୁ ଶିକ୍ଷକ ସୁଯୋଗ ସୃଷ୍ଟି କରିବେ। ଶିକ୍ଷାର୍ଥୀ ଯେ କୌଣସି ଏକ ସମସ୍ୟା ମିଳିମିଶି ଆଲୋଚନା ଓ ମାନସ ମନ୍ଥନ କରି ସମସ୍ୟାର ସାମଧାନ କରିବେ ଏବଂ ବିଭିନ୍ନ ସାମଗ୍ରୀ ପାଇଁ ଯୋଜନା ପ୍ରସ୍ତୁତି କରିବେ। ଏହି ଅଭ୍ୟାସ କାର୍ଯ୍ୟ ଶିକ୍ଷାର୍ଥୀକୁ ନିଜର ମତାମତ ପ୍ରକାଶ କରିବା, ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା, ସହଯୋଗୀ ଭାବନା ଓ ଅନ୍ୟର ମତାମତକୁ ସମ୍ମାନ ଦେବା ସହ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ।

Module 12

## ଛାୟ ସଂସଦ କ'ଣ ?

ଛାୟ ସଂସଦ ହେଉଛି ସଂସଦ, କିମ୍ବା ବିଧାନସଭାର ଏକ ପ୍ରତିରୂପ। ଭାରତୀୟ ସଂସଦ, ଇଂଲଣ୍ଡର ଓ୍ୱେଷ୍ଟମିନଷ୍ଟରେ ସାଂସଦୀୟ ମଡ଼େଲ (Westminister modal) ଉପରେ ଆଧାରିତ।

ଇତିହାସ, ଭୂଗୋଳ, ଅର୍ଥନୀତି ଓ ସାମାଜିକ ବିଜ୍ଞାନ ଶିକ୍ଷଣ ଶିକ୍ଷାଦାନ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ବୁଝିବା ଓ ବର୍ଣ୍ଣନା କରିବା ପାଇଁ ଏହା ଏକ ଉଦାହରଣ ଭିତ୍ତିକ ଶୈକ୍ଷିକ ସାମଗ୍ରୀ , ଏହି ସାମଗ୍ରୀ ସାମାଜିକ ଉନ୍ନତି କରିବା ପାଇଁ ପ୍ରୋତ୍ସାହିତ କରିଥାଏ।

## ଲୋକସଭା ସମ୍ପର୍କିତ ସାଧାରଣ ତଥ୍ୟ :

ଲୋକସଭା ସଦନରେ ୫୫୦ ସଦସ୍ୟ ବସିବା ପାଇଁ ବ୍ୟବସ୍ଥା ରହିଛି। ସଦନର ଆସନଗୁଡ଼ିକ ଛଅଟି ବ୍ଲକ (Block) ରେ ବିଭକ୍ତ ଓ ପ୍ରତ୍ୟେକ ବ୍ଲକରେ ଏଗାରଟି ଧାଡ଼ି ରହିଛି। ବାଚସ୍ପତିଙ୍କ ଚେୟାରରେ ଡ଼ାହାଣ ପାର୍ଶ୍ୱରେ ବ୍ଲକ - ୧ ଓ ବାମପଟେ ବ୍ଲକ - ୬ ରହିଛି। ପ୍ରତ୍ୟେକ ବ୍ଲକରେ ୯୭ ଜଣ ବସିବା ପାଇଁ ଆସନ ରହିଛି, ବାକିଥିବା ୪ଟି ବ୍ଲକରେ ୮୯ ଲେଖାଏଁ ବସିବାର ବ୍ୟବସ୍ଥା ରହିଛି। ବାଚସ୍ପତିଙ୍କ ଡ଼ାହାଣପାର୍ଶ୍ୱରେ ଶାସକ ଦଳ ସଦସ୍ୟମାନେ ଆସନ ଅଧିଗ୍ରହଣ କରିଥାନ୍ତି ଓ ବାମପାର୍ଶ୍ୱରେ ବିରୋଧୀ ଦଳ ବସିଥାନ୍ତି। ଉପ ବାଚସ୍ପତି ବାମପାର୍ଶ୍ୱରେ ଆଗଧାଡ଼ିର ପ୍ରଥମ ଆସନ ଅଧିକାର କରିଥାନ୍ତି। ସଂସଦର ସଦସ୍ୟ ସଂଖ୍ୟା ଅନୁସାରେ ଆସନ ଗୁଡ଼ିକର ଆବଣ୍ଟନ କରାଯାଇଥାଏ। ବରିଷ୍ଠ କିମ୍ବା ଅଭିଜ୍ଞ ସଦସ୍ୟଙ୍କୁ ମଧ୍ୟ ଅଗ୍ରାଧି ଭିତରେ ଆସନ ବଣ୍ଟନ କରାଯାଇଥାଏ।

## ପ୍ରମୁଖ ଶବ୍ଦର ଚିନ୍ତନ :

ଲୋକସଭା : ଲୋକସଭାକୁ ଜନସାଧାରଣ କକ୍ଷ ବା ସାଂସଦର ନିମ୍ନ ସଦନ ବୋଲି କୁହାଯାଏ, ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କ ଦ୍ୱାରା ସାର୍ବଜୀନନ ସାବାଳକ ଭୋଟ ପ୍ରଥା ଅନୁସାରେ ନିର୍ବାଚିତ ହୁଅନ୍ତି। ସାଧାରଣ ନିର୍ବଚାନ ପରେ ଲୋକସଭା ଗଠିତ ହୋଇଥାଏ। ସାଧାରଣତଃ ଲୋକସଭାର କାର୍ଯ୍ୟକାଳ ପାଞ୍ଚ ବର୍ଷ; କିନ୍ତୁ ମନ୍ତ୍ରୀପରିଷଦର ପରାମର୍ଶ ଅନୁସାରେ ରାଷ୍ଟ୍ରପତି ଲୋକସଭାକୁ ପାଞ୍ଚ ବର୍ଷ ପୂର୍ବରୁ ଭାଙ୍ଗି ପାରିବେ।

**ବାଚସ୍ପତି** : ଲୋକସଭାର ଅଧକ୍ଷଙ୍କୁ ବାଚସ୍ପତି କୁହାଯାଏ। ବାଚସ୍ପତି ଲୋକସଭା ବୈଠକର ଅଧକ୍ଷତା କରନ୍ତି।

Module 12

**ଲୋକସଭାର ନେତା :** ପ୍ରଧାନମନ୍ତ୍ରୀ ହେଉଛନ୍ତି ଲୋକସଭାର ନେତା । ଯଦି ସେ ନିମ୍ନକକ୍ଷର ସଦସ୍ୟ ହେଇନଥିବେ ସେ ଅନ୍ୟ ଯେ କୌଣସି ମନ୍ତ୍ରୀଙ୍କୁ ନିମ୍ନକକ୍ଷର ନେତା ହିସାବରେ ମନୋନୀତ କରିପାରିବେ ।

**ବିରୋଧୀ ନେତା :** ବିରୋଧୀ ଦଳର ସଦସ୍ୟମାନଙ୍କ ମଧ୍ୟରୁ ଜଣେ ସଂସଦ ବିରୋଧୀ ନେତା ହୋଇଥାନ୍ତି । ଯେଉଁ ଦଳ ଲୋକସଭାରେ ୫୫ଟି ଆସନ ବା ୧୦ ପ୍ରତିଶତ ଆସନ ପାଇଥିବେ, ସେହି ଦଳର ନେତାଙ୍କୁ ବିରୋଧୀ ନେତାର ମାନ୍ୟତା ଦିଆଯିବ ।

**ପ୍ରଶ୍ନକାଳ :** ଲୋକସଭାର ପ୍ରତ୍ୟେକ କାର୍ଯ୍ୟ ଦିବସର ପ୍ରଥମ ଘଟଣାକୁ ପ୍ରଶ୍ନୋତ୍ତର ସମୟ କୁହାଯାଏ । ପ୍ରଶ୍ନ କାଳ ସମୟରେ ସଦସ୍ୟମାନେ ମନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରଶାସନିକ ଓ ସରକାରୀ ଯୋଜନା ସମ୍ବନ୍ଧରେ ପ୍ରଶ୍ନ ପଚାରିଥାନ୍ତି, ପ୍ରତ୍ୟେକ ମନ୍ତ୍ରୀ ନିଜର ନିର୍ଦ୍ଧାରିତ ସମୟରେ ଠିଆ ହୋଇ ପ୍ରଶ୍ନର ଉ ର ଦେଇଥାନ୍ତି ।

**ଶୂନ୍ୟକାଳ :** ପ୍ରଶ୍ନକାଳର ତତ୍କ୍ଷଣାତ୍ ପରବର୍ତ୍ତୀ ସମୟକୁ ଶୂନ୍ୟକାଳ କୁହାଯାଏ, କାରଣ ଏହା ମଧ୍ୟାହ୍ନ ୧୨ଟାର ଆରମ୍ଭ ହୁଏ । ଏହି ସମୟରେ ସଦସ୍ୟମାନେ ବାଚସ୍ପତିଙ୍କ ପୂର୍ବ ସୂଚନା ପୂର୍ବକ ମୁଖ୍ୟ ସମସ୍ୟା ସମ୍ପର୍କିତ ପ୍ରଶ୍ନ ପଚାରିବେ ।

**ସମସ୍ୟା – ୧ :**

**ବିଷୟ :** ସାଂସ୍କୃତିକ ଐତିହ୍ୟର ସଚେତନତା

**ବିରୋଧୀ ଦଳ :** ପ୍ରଶ୍ନ

ଐତିହାସିକ କୀର୍ତ୍ତି ଓ ପ୍ରାସାଦ ଧ୍ୱଂସ ହୋଇଯାଉଛି, ସରକାର ଏଥିପ୍ରତି ସଚେତନ ଅଛନ୍ତି କି ?

ଜଣାତରେ କିମ୍ବା ଅଜାଣତରେ ହେଉଥିବା ଧ୍ୱଂସ ପାଇଁ ସରକାର କିଛି କଠୋର ନିୟମ ଧାର୍ଯ୍ୟ କରିଛନ୍ତି ନା ଏହି ସମସ୍ୟାକୁ ଅବହେଳା କରାଯାଇଛି ? ଆମ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହକୁ ସୁରକ୍ଷିତ କରିବା ପାଇ ଲୋକମାନଙ୍କୁ ସଚେତନ କରାଯାଉଛି କି ?

**ମନ୍ତ୍ରୀ :** ଉତ୍ତର

ବର୍ତ୍ତମାନ ଆମ ଐତିହାସିକ ସମ୍ବଳ ବିଲୁପ୍ତପ୍ରାୟ ଏଥିପାଇଁ ଆମ ସରକାର ସଚେତନ, ଐତିହାସିକ ସ୍ଥଳ ଓ କୀର୍ତ୍ତି ପ୍ରାସାଦଗୁଡ଼ିକୁ ବହୁତ ଗୁଡ଼ିଏ କାରଣରୁ କ୍ଷୟ ହେବାକୁ ଲାଗିଛି ଯଥା : ଜାଣିଶୁଣି କିର୍ତ୍ତିଗୁଡ଼ିକର କାନ୍ଥରେ ଏଣୁତେଣୁ ଲେଖିବା । ବହୁତ ଲୋକ କୀର୍ତ୍ତିଗୁଡ଼ିକର ପ୍ରକୃତ ମୂଲ୍ୟ ପ୍ରତି ସଚେତନ ନୁହଁନ୍ତି । ଏହି ସମ୍ବନ୍ଧରେ ଆମେ ବହୁତ ନିୟମ ଧାର୍ଯ୍ୟ କରିଛୁ । ଜଣେ ଗବେଷକଙ୍କ ମତରେ ଅପବ୍ୟବହାର ଓ ବ୍ୟବହାରକୁ କୌଣସି ନିୟମ କାନୁନ୍ ବନ୍ଦ

Module 12

କରିପାରିବ ନାହିଁ । କେବଳ ଉପଯୁକ୍ତ ଶିକ୍ଷା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିପାରିଲେ । ଏହା ସମ୍ଭବ ହୋଇପାରିବ । ବର୍ତ୍ତମାନ ଶିଶୁ ଭବିଷ୍ୟତର ସାଧାରଣ ନାଗରିକ ଅଟେ । ପିଲାମାନଙ୍କୁ ଶିକ୍ଷା ମାଧ୍ୟମରେ ସ୍ମାରକ ଗୁଡ଼ିକ ସୁରକ୍ଷା ଓ ସଂରକ୍ଷଣ ପାଇଁ ସଚେତନ କରାଇପାରିଲେ ସେମାନେ ନିଜେ ଏହାର ମୂଲ୍ୟ ବୁଝିବା ସହିତ, ପିତାମାତାଙ୍କୁ ସଚେତନ କରିପାରିବେ । ଆମର ପିଲାମାନଙ୍କୁ ପାଠ୍ୟପୁସ୍ତକ ମାଧ୍ୟମରେ ଭିନ୍ନ ଐତିହାସିକ କିର୍ତ୍ତୀ ସମ୍ବନ୍ଧରେ ପଢ଼ାଯିବା ସହିତ, ବିଭିନ୍ନ କୀର୍ତ୍ତି ପରିଦର୍ଶନରେ ନିଆଯାଉଛି, ଆମେ ଏହି ପ୍ରସଙ୍ଗରେ ଐତିହ୍ୟ ସପ୍ତାହ ପାଳନ କରିବା ପାଇଁ କାମ କରୁଛୁ, ଏହା ଶିକ୍ଷା ବ୍ୟତିରେକେ ଆମେ ଅନ୍ୟ କୌଣସି ଯୋଜନାରେ ସଫଳ ପାଇପାରୁନାହୁଁ । ଶିକ୍ଷା ଯୋଗୁଁ ପିଲାମାନେ ଓ ଯୁବପୀଢ଼ି ଆମର ଐତିହ୍ୟ ସମ୍ବନ୍ଧରେ ସଚେତନ ହୋଇପାରିଛନ୍ତି । ବିଭିନ୍ନ ସଂଗ୍ରହାଳୟ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ASU) ତରଫରୁ ପିଲାମାନଙ୍କ ମନରେ ଐତିହ ସମ୍ପର୍କରେ ସଚେତନତା, ସମ୍ବେଦନଶୀଳତା, ଆଣିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ସରକାର, ସଂଗ୍ରହାଳୟ, ଶିକ୍ଷା ଅନୁଷ୍ଠାନ ଓ ଜନସାଧାରଣ ସକ୍ରିୟଦଳ ଏକାଠି ହୋଇ ସାଧାରଣରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।

ସମସ୍ତ ପଦାଧିକାରୀମାନେ ସହଭାଗୀତାରେ ଐତିହ ଶିକ୍ଷା ପାଇଁ ପ୍ରୋତ୍ସାହନ କରିବା ଆବଶ୍ୟକ । ପିଲାଙ୍କ ଶିକ୍ଷାରେ ଐତିହ ପ୍ରସଙ୍ଗ ସମନ୍ୱିତ ହେବା ଆବଶ୍ୟକ । ଏହା ଶିକ୍ଷାର୍ଥୀଙ୍କୁ ଇତିହାସ ଓ ସମାଜ ବ୍ୟବସ୍ଥାକୁ ବୁଝିବା ପାଇଁ ସାହାଯ୍ୟ କରିବା ସହିତ ଆମର ପରବର୍ତ୍ତୀ ପିଢ଼ୀ ପାଇଁ ଐତିହ ସଂରକ୍ଷିତ କରିବେ ।

ସମସ୍ୟା – ୨

ବିଷୟ : ଜଙ୍ଗଲ କ୍ଷୟ ପାଇଁ ଚିନ୍ତନ

ବିରୋଧୀଦଳ ମୁଖ୍ୟ :

ପ୍ରଶ୍ନ : ଭାରତ ସରକାର ଜଙ୍ଗଲ ବୃଦ୍ଧି କରିବା ନିମନ୍ତେ କିଛି କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି କି ?

ଯଦି ହଁ , ସରକାର ଜଙ୍ଗଲ ବୃଦ୍ଧି ପାଇଁ କ'ଣ ଉଦ୍ୟମ କରିଛନ୍ତି ?

ମନ୍ତ୍ରୀ : ଉତ୍ତର ( ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରାଳୟ)

ଭାରତରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି କରିବା ପାଇଁ କେନ୍ଦ୍ର ପ୍ରଯୋଜିତ ଯୋଜନା ମାଧ୍ୟମରେ ବନୀକରଣ କାର୍ଯ୍ୟକ୍ରମ କରାଯାଉଛି ଯଥା : ଜାତୀୟ ବନୀକରଣ କାର୍ଯ୍ୟକ୍ରମ (National Afforestetion programme NAP) ଗ୍ରୀନ୍ ଇଣ୍ଡିଆ ମିସନ (Green

India Mission - GIM) I ଏହି ଯୋଜନାଗୁଡ଼ିକ ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ କାର୍ଯ୍ୟକାରୀ କରାଯାଉଛି I GIM ର ଲକ୍ଷ୍ୟ ହେଉଛି ଜଙ୍ଗଲ ସୁରକ୍ଷା କରିବା, ସଂରକ୍ଷଣ କରିବା ଓ ଜଙ୍ଗଲ ଅ ଳ ବୃଦ୍ଧି କିରବା ସହିତ ପାଣିପାଗ ପରିବର୍ତ୍ତନକୁ ସନ୍ତୁଳନ କରିବା I ଜାତୀୟ ବନୀକରଣ କାର୍ଯ୍ରକ୍ରମ (NAP) ହେଉଛି ଏକ ଯୋଜନା ଯାହା ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ବନୀକରଣ କରାଯାଏ I ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମ ଦ୍ୱାରା ଆମ ଦେଶର ଜଙ୍ଗଲ ଅଞ୍ଚଳ ବୃଦ୍ଧି ହେବାରେ ଲାଗିଛି I

ସମସ୍ୟା – ୩

ବିଷୟ – କୃଷି

ପ୍ରଶ୍ନ : ଅନ୍ୟ ଦେଶମାନଙ୍କ ତୁଳନାରେ ଆମ ଦେଶର କୃଷି ଉତ୍ପାଦନ କାମ କି ? ଯଦି ହଁ ବର୍ଣ୍ଣନା କର

ଉତ୍ତର : କୃଷିକ୍ଷେତ୍ରରେ ଭାରତ ବିଭିନ୍ନ ଫସଲ ଉତ୍ପାଦନରେ ଅନ୍ୟ ଦେଶଠାରୁ ଆଗରେ ଅଛି, ଭାରତ ଶେଷ ପାଞ୍ଚ ଦଶନ୍ଧିରେ ବିଭିନ୍ନ ଫସଲ ଉତ୍ପାଦନରେ ତିନିଗୁଣ ବୃଦ୍ଧି କରି ଉଲ୍ଲେଖନୀୟ ପ୍ରଗତି କରିଛି I କୃଷି ଉତ୍ପାଦନରେ ବୃଦ୍ଧି ହେତୁ ସମୁଦାୟ ୨୭୫.୬୮ ନିୟୁତ ଟନ୍ ହାସଲ କରିପାରିଛି I ଏହା କୃଷକମାନଙ୍କ ଉନ୍ନତି କରିବା ସହ ଆମ ଦେଶର ଖାଦ୍ୟ ଓ ପୋଷାକ ସୁରକ୍ଷାକୁ ନିଶ୍ଚିତ କରିଛ I

ପ୍ରଶ : ମହିଳା କୃଷକ ମାନଙ୍କୁ ଆତ୍ମନିର୍ଭରଶୀଳ କୃଷକ ଭାବେ ବିବେଚିତ କରିବା ପାଇଁ, ପରିଚୟ ପତ୍ର ପ୍ରଦାନର ବ୍ୟବସ୍ଥା ଅଛି କି ?

ଉ ର : ପୂର୍ବରୁ ୨୦୧୧ ଜନଗଣନାରେ ମହିଳା କୃଷକମାନଙ୍କୁ ଚାଷୀ ଭାବେ ବିବେଚିତ କରାଯାଇଛି, ସେମାନେ ସମୁଦାୟ ଚାଷୀ ମଧ୍ୟରେ ଅନ୍ତର୍ଭୁକ୍ତ ଦେବା ସହ ଉଚିତ୍ ଭାବେ ପ୍ରତିଫଳିତ ମଧ ହୋଇଛନ୍ତି, କିନ୍ତୁ ସରକାରଙ୍କ ତରଫରୁ କୌଣସି ସ୍ୱତନ୍ତ୍ର ପରିଚୟ ପତ୍ର ଦେବାର / ଯୋଗାଇବାର ପ୍ରସ୍ତାବ ନାହିଁ, ଶିକ୍ଷାର୍ଥୀମାନେ ଦୁଇଟି ଦଳ କରିବେ ଯଥା : ଶାସକ ଦଳ ଓ ବିରୋଧୀ ଦଳ I

ବିରୋଧୀ ଦଳ ମଧ୍ୟରୁ ଜଣେ ଏହି ପ୍ରକାର ପ୍ରଶ୍ନ ପଚାରିବ, ଶାସକ ଦଳ ସଦସ୍ୟମାନେ ଉତ୍ତର ଦେବେ I ଏହିପରି ସମସ୍ତେ ଆଲୋଚନାରେ ଅଂଶଗ୍ରହଣ କରିବେ I ଶିକ୍ଷକ ସମସ୍ୟା ସମ୍ପର୍କିତ ଜ୍ଞାନ ଓ ବୋଧଗମ୍ୟତା, ମତାମତ ଦେବା ଓ ସହଯୋଗିତା ମନୋଭାବକୁ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ କରିବେ I

## References and Other Suggested Readings (Module 1)


### A. Recent NCERT Publications

*Barkhaa:* A Reading Series for All: Digital Version

*Barkhaa:* A Reading Series for All: Print Version

*Education of Minorities - Policies, Programmes and Schemes* - Frequently Asked Questions (Hindi, English and Urdu)

*Educational Rights of Children with Special Needs* - Frequently Asked Questions (under publication)

*Including Children with Autism in Primary Classrooms:* Teacher's Handbook

*Including Children with Special Needs:* Primary Stage (Hindi and English)

*Including Children with Special Needs:* Upper Primary Stage(Hindi and English)

*Inclusion in Education:* A Manual for School Management Committees (under publication )

*Modules for Enhancement of Quality of Education*– A Training Package

*Tactile Map Book:* Upper Primary Stage

### B. Other interesting resources

http://www.unescobkk.org/education/inclusive-education/resources/ilfe-toolkit/ilfe-toolkit-in-bangla/ Toolkit UNESCO: getting all children in school and learning

nclusive classroom observation checklist— https://www.bristol.gov.uk/documents/20182/239176/Inclusive+teaching+checklist.pdf/c6e3124e-bb02-4979-8de4-6d31c66dfd53

Inclusive Education - Loreto School, Kolkata— https://www.youtube.com/watch?v=iyKm_QiNlHo

Inclusive Education and Children with Disabilities | UNICEF— https://www.youtube.com/watch?v=rfWhQUz2J70

IInclusive Learning: Everyone's In - Overview— https://www.youtube.com/watch?v=aTXtT05782Y

Summary of the evidence on inclusive education— https://alana.org.br/wp-content/uploads/2016/12 Summary_of_the_evidence_on_inclusive_education.pdf

Video-clip (animation) about the concept of inclusion and inclusive education—https://www.youtube.com/watch?v=MGPDqzhjtj0&t=6s

Video clip about listening to children with disabilities— https://www.youtube.com/watch?v=R-IQaN04PF4

Understanding and responding to children in inclusive classrooms—http://unesdoc.unesco.org/images/0012/001243/124394e.pdf

**Hello Children!**

**If you feel uneasy about someone touching you inappropriately, you should not keep quiet. You must**

1. Not blame yourself
2. Tell someone whom you trust
3. You can also inform National Commission for Protection of Child Rights through the POCSO e-box.

**When you get an unsafe touch, you may feel bad, confused and helpless**
**You need not feel "bad" because it's not your fault**




**POCSO e-box available at NCPCR@gov.in**

**If you are below 18 years of age, and are troubled or confused or abused or in distress or know some other child who is...**

*Call 1098...because some numbers are good!*
*They change lives!!!*




CHILDLINE 1098 - a national 24 hours toll free emergency phone service for children in distress is an initiative of CHILDLINE India Foundation supported by Ministry of Women & Child Development

Swachh Bharat
Ek Kadam Swachchhta ki or

ଏନ୍.ସି.ଇ.ଆର.ଟୀ

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ

राष्ट्रीय शैक्षिक अनुसंधान और प्रशिक्षण परिषद्

NATIONAL COUNCIL OF EDUCATIONAL RESEARCH AND TRAINING

ISBN 978-93-5292-158-4

ଏନ୍.ସି.ଇ.ଆର.ଟୀ - ପ୍ରଶିକ୍ଷଣ ପେଟିକା NCERT